ओ३म्



ସତ୍ୟାର୍ଥପ୍ରକାଶ

(ପୂର୍ବାର୍ଦ୍ଧ)

ମୂଳଲେଖା

ସ୍ୱାମୀ ଦୟାନନ୍ଦ ସରସ୍ୱତୀ

ଭାଷାନ୍ତର

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

ବୈଦିକ ପ୍ରକାଶନ

ସି-୭୩, ସେକ୍ଟର-୧୫, ରାଉରକେଲା-୩

■ ■ ■ ■ **ସତ୍ୟାର୍ଥପ୍ରକାଶ**
ମହର୍ଷି ଦୟାନନ୍ଦ ସରସ୍ୱତୀ

ଭାଷାନ୍ତର:
ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

ପ୍ରକାଶକ : **ବୈଦିକ ପ୍ରକାଶନ**
ଶ୍ରୁତିସଦନ, ସି-୭୩, ସେକ୍ଟର-୧୫, ରାଉରକେଲା, ସୁନ୍ଦରଗଡ଼-୭୬୯୦୦୩
ଚଳଭାଷ : ୮୯୦୮୦୦୫୧୦୫, ୯୮୬୧୩୩୫୩୨୧
E-mail : shrutinyas@gmail.com
Website : www.shrutinyasa.org

ମୁଦ୍ରଣ: **ଗ୍ଲୋବାଲ୍ ପ୍ରିଣ୍ଟର୍ସ,**
ଏ-୧୯, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦
ପ୍ରଥମ ପ୍ରକାଶ : ବିଜୟା ଦଶମୀ, ୨୦୧୭

ମୂଲ୍ୟ: ₹ ୨୦୦/-

■ ■ ■ ■ **SATYARTHA PRAKASHA**
By **Maharshi Dayananda Saraswati**

Translated by
Swami Sudhananda Saraswati

Published by
Vaidik Prakashan
C-73, Sector-15, Rourkela-3
1st. Edition : **2017**
Printed at: **Global Printers,**
A-19, Rasulgarh Indl. Estate, Bhubaneswar-10

Price : ₹ 200/-

स्थापित : १९०८
रजिस्टर्ड : १९१४

।। ओ३म् ।।

Email : aryasabha@yahoo.com

सार्वदेशिक आर्य प्रतिनिधि सभा

Sarvadeshik Arya Pratinidhi Sabha

(International Arya League)

पंजीकृत कार्यालय :- महर्षि दयानन्द भवन, 3/5, रामलीला मैदान, नई दिल्ली-110002

पत्र व्यवहार कार्यालय :- 15, हनुमान रोड, नई दिल्ली-110001 टैलिफैक्स : 011-23360150, 23365959

संख्या 2017-18/065/सार्व. सभा

दिनांक 3 अगस्त 2017

शुभकामना सन्देश



वेदोद्धारक, नवजागरण के अग्रदूत, आर्यसमाज के संस्थापक, युग प्रवर्तक, सामाजिक क्रान्ति के प्रणेता, दलितोद्धारक, नारी-सम्मान उन्नायक, गौरक्षक, परतन्त्रता के युग में भारतीयों की सुप्त अस्मिता को जागृत करने वाले, स्वराज्य के मन्त्रदाता महर्षि दयानन्द सरस्वती की कालजयी कृति है सत्यार्थ प्रकाश। यह सर्वाङ्गपूर्ण धर्मशास्त्र है। इसमें ईश्वर, वेद, धर्म, मुक्ति व पुनर्जन्म आदि आध्यात्मिक विषयों के साथ मनुष्य का व्यक्तिगत विकास, पारिवारिक मर्यादाएं, सामाजिक संरचना, राजनीति विज्ञान एवं अन्य मत-मतान्तरों के विषय, अन्तर्राष्ट्रीय सद्भाव, पाखण्ड एवं अन्धविश्वास निवारण, सामाजिक कुरीतियों का निराकरण, सामाजिक न्याय आदि पर विस्तृत व गहन प्रकाश डाला गया है। सत्यान्वेषण पर आधारित इस ग्रन्थ को वैचारिक क्रान्ति का संवाहक एक महानतम धार्मिक विश्वकोष कहा जा सकता है।

महर्षि दयानन्द सरस्वती के इस ग्रंथ की लोकप्रियता इस बात से सिद्ध है कि आर्य भाषा हिन्दी में लिखा गया यह ग्रंथ देश की प्रायः सभी भाषाओं में अनुवादित व प्रकाशित किया जा चुका है। विदेश की अनेक भाषाओं- अंग्रेजी, चीनी, बर्मी, फ्रैंच, जर्मन, डच, स्वाहिली, थाई आदि भाषाओं में इसका अनुवाद अनेक देशों के विभिन्न विद्वानों ने किया है। किसी भी अन्य आधुनिक ग्रंथ को इतनी लोकप्रियता अर्जित करने का सुअवसर प्राप्त नहीं हुआ।

अति आनन्द का विषय है कि ओड़िशा में वैदिक धर्म के प्रचार में नई ऊर्जा का संचार करने वाली संस्था 'श्रुतिन्यास' का प्रकाशन विभाग 'वैदिक प्रकाशन' इसके ओड़िआ अनुवाद का प्रकाशन कर रहा है। हालांकि ओड़िशा के कई ऋषिभक्त अनुवादक व प्रकाशकों की लगन से पहले से ही सत्यार्थ प्रकाश ओड़िआ भाषा में ओड़िशा के लोगों तक पहुंच चुका है व इससे आर्य समाज का काफी प्रचार हुआ है। फिर भी वैदिक सिद्धान्त के तलस्पर्शी विद्वान पूज्य स्वामी सुधानन्द जी सरस्वती का यह अनुवाद सत्यार्थ प्रकाश के सिद्धान्तों को जन-जन तक प्रसारित करने व ओड़िशा में वैदिक धर्म के प्रचार में एक मील का पत्थर सिद्ध होगा, प्रचार को नई ऊंचाई तक पहुंचाएगा ऐसी आशा ही नहीं बल्कि पूर्ण विश्वास है।

सार्वदेशिक आर्य प्रतिनिधि सभा की ओर से श्रुतिन्यास के इस प्रयास का मैं सर्वान्तःकरण से स्वागत व अभिनन्दन करता हूँ। ओड़िशा के हर घर का आंगन व हर व्यक्ति का जीवन सत्यार्थ प्रकाश से प्रकाशित हो, ऐसी सार्वदेशिक सभा की व मेरी शुभकामना है।

सुरेशचन्द्र

(सुरेशचन्द्र आर्य)

ଅନୁବାଦକୀୟ

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ କାଳଜୟୀ ଗ୍ରନ୍ଥ 'ସତ୍ୟାର୍ଥପ୍ରକାଶ'ର ବିଶ୍ୱସାହିତ୍ୟରେ ସ୍ମରଣୀୟ ଓ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଏହି ଗ୍ରନ୍ଥ ସଂସାରକୁ ଏପରି ସତ୍ୟ ଦୃଷ୍ଟି, ବିଚାର-ଚିନ୍ତନ ଦେଇଛି ଯଦ୍ୱାରାକି ଏହାର ଅଦ୍‌ଭୁତ, ବିଲକ୍ଷଣ ତଥା ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି। ସତ୍ୟାର୍ଥପ୍ରକାଶ ସତ୍ୟଜ୍ଞାନଯୁକ୍ତ, କ୍ରାନ୍ତିକାରୀ, ପ୍ରେରକ ବିଚାରସମୂହର ଅମୂଲ୍ୟ ଭଣ୍ଡାର ଓ ସୂର୍ଯ୍ୟ ସମ ପ୍ରକାଶକ। ଏହା ବୈଦିକ ଧର୍ମର ସମସ୍ତ ଗ୍ରନ୍ଥର ସଂକ୍ଷିପ୍ତ ସାର ପ୍ରସ୍ତୁତ କରେ। ମାତ୍ର ପ୍ରାୟ ତିନି ମାସର ସ୍ୱଳ୍ପ ଅବଧି ମଧ୍ୟରେ ରଚିତ ଚଉଦ ସମୁଲ୍ଲାସ ବିଶିଷ୍ଟ ଏହି ଗ୍ରନ୍ଥରେ ୩୭୭ ଗ୍ରନ୍ଥର ପ୍ରମାଣ ଦିଆଯାଇଛି। ଏ ଗ୍ରନ୍ଥରେ ବେଦମନ୍ତ୍ର ଓ ଶ୍ଳୋକର ପ୍ରାୟ ୧୫୫୦ ଉଦ୍ଧରଣ ଦିଆଯାଇଛି। ଚାରି ବେଦ, ସବୁ ଉପଲବ୍ଧ ବ୍ରାହ୍ମଣ ଗ୍ରନ୍ଥ, ସବୁ ଉପନିଷଦ, ଛଅ ଦର୍ଶନ, ସ୍ମୃତିଗ୍ରନ୍ଥ, ପୁରାଣ, ସୂତ୍ରଗ୍ରନ୍ଥ, ଜୈନ-ବୌଦ୍ଧ ଗ୍ରନ୍ଥ, ବାଇବେଲ୍ ଓ କୋରାନ୍‌ର ଉଦ୍ଧରଣ ଏଥିରେ ବିଦ୍ୟମାନ। ବୈଦିକ ସିଦ୍ଧାନ୍ତ ଓ ଆଦର୍ଶକୁ ଜାଣିବା-ବୁଝିବା ପାଇଁ ଏହି କୃତି ଚାବିକାଠିର କାମ କରେ।

ସତ୍ୟାର୍ଥପ୍ରକାଶ ଏପରି ଅପୂର୍ବ ଓ ଚମତ୍କାରୀ ଗ୍ରନ୍ଥ ଅଟେ, ଯାହାକୁ ପଢ଼ିବା, ଶୁଣିବା ଓ ବୁଝିବା ପରେ ବ୍ୟକ୍ତି ଅନ୍ଧବିଶ୍ୱାସ, ଅନ୍ଧଶ୍ରଦ୍ଧା ଏବଂ ଗୁରୁ, ମହନ୍ତ, ମହାରାଜ, ତଥାକଥିତ ଭଗବାନ ଆଦିଙ୍କ ଭଣ୍ଡାମି, ପୋପଲୀଳା ଓ ମାୟାଜାଲରେ ପଡ଼େ ନାହିଁ। ଏହି ଗ୍ରନ୍ଥ ପ୍ରକାଶିତ ହେବା ଦ୍ୱାରା ସଂସାରକୁ ସତ୍ୟ ଓ ଯଥାର୍ଥ ପ୍ରକାଶ ମିଳିଛି। ସତ୍ୟାର୍ଥପ୍ରକାଶର ଆଧାର ହେଲା ବେଦ, ସତ୍ୟ, ସୃଷ୍ଟିନିୟମ, ବିଜ୍ଞାନ, ତର୍କ, ପ୍ରମାଣ ଆଦି। ସମ୍ଭବତଃ ଜୀବନ-ଜଗତ, ଧର୍ମ-ଅଧ୍ୟାତ୍ମ ସମ୍ବନ୍ଧିତ ଏପରି କୌଣସି ପ୍ରଶ୍ନ ଓ ସିଦ୍ଧାନ୍ତ ନାହିଁ ଯାହା ବିଷୟରେ କି ଏଥିରେ ଆଲୋକପାତ କରାଯାଇନାହିଁ; ଏପରି କୌଣସି ଅନ୍ଧବିଶ୍ୱାସ ଓ ପାଖଣ୍ଡ ନାହିଁ ଯାହାର କି ଏଥିରେ ତଥ୍ୟ ଓ ତର୍କପୂର୍ବକ ନିରାକରଣ କରାଯାଇନାହିଁ। ଅଜ୍ଞାନ, ଅନ୍ଧବିଶ୍ୱାସ, ଗୁରୁବାଦ ଆଦିରୁ ଉତ୍ପନ୍ନ ଅନେକ ରୋଗର ଅବ୍ୟର୍ଥ ଔଷଧ — 'ସତ୍ୟାର୍ଥପ୍ରକାଶ'। ଏହା ବୈଚାରିକ କ୍ରାନ୍ତି, ସୁଧାରବାଦୀ ଚିନ୍ତନ ଓ ଜୀବନ-ଜଗତର ଯଥାର୍ଥ ପଥପ୍ରଦର୍ଶକ ଐତିହାସିକ ଗ୍ରନ୍ଥ। ଏଥିରେ ଈଶ୍ୱରଭକ୍ତି, ପୂଜା, ପ୍ରାର୍ଥନା, ସାଧନା ଆଦିର ସିଧା, ସରଳ ଓ ବ୍ୟାବହାରିକ ରାସ୍ତା ବତାଇ ଦିଆଯାଇଛି। ଏଥିରେ ଜୀବନ-ଜଗତର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ ସମସ୍ୟା, ଦ୍ୱନ୍ଦ୍ୱ, ଅଡୁଆ, ବିବାଦ ଓ ଅବସାଦର ସତ୍ୟାଧାରିତ ସମାଧାନ ଅଛି। ଏହି ଗ୍ରନ୍ଥ ସଂସ୍ପର୍ଶରେ ଆସିବା ପରେ ବ୍ୟକ୍ତି ଅନ୍ଧକାରରୁ ବାହାରି ଆଲୋକ ଆଡ଼କୁ ଆସିବାକୁ ଲାଗେ। ଏହାକୁ ପଢ଼ିବା ପରେ ମନୁଷ୍ୟର ସତ୍ୟ-ଜ୍ଞାନର ଚକ୍ଷୁ ଉନ୍ମୀଳିତ ହୋଇଯାଏ। ତାକୁ ପାପ-ପୁଣ୍ୟ, ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟ, ଜଡ଼-ଚେତନ ଆଦିର ବାସ୍ତବତା ସ୍ପଷ୍ଟ ଦେଖାଯାଏ। ଆର୍ଯ୍ୟସମାଜର ସର୍ବାଧିକ ପ୍ରଚାର-ପ୍ରସାର ସତ୍ୟାର୍ଥପ୍ରକାଶ ଦ୍ୱାରା ହୋଇଛି। ଯିଏ ଏହାକୁ ଥରେ ଶ୍ରଦ୍ଧାରେ ପଢ଼ିଲା-ଶୁଣିଲା ତା'ର ବିଚାର, ଦୃଷ୍ଟି ଓ ଚିନ୍ତନ ପରିବର୍ତ୍ତିତ ହୋଇଗଲା। ଏହାଦ୍ୱାରା କେତେ ଯେ ପତିତ ଜୀବନ ସୁଧୁରି ଯାଇ ସୁନ୍ଦର ଓ ପବିତ୍ର ହୋଇଯାଇଛି, ନାସ୍ତିକ ଆସ୍ତିକ ପାଲଟି ଯାଇଛନ୍ତି, ମାଂସାହାରୀ ଶାକାହାରୀ ହୋଇଯାଇଛନ୍ତି। ଅସଂଖ୍ୟ

ଲୋକ ନକଲି ଦେବୀ-ଦେବତା, ଭଣ୍ଡ-ପ୍ରତାରକ-କପଟାଚାରୀ ଗୁରୁ-ମହନ୍ତ-ମହାରାଜ-ଭଗବାନଙ୍କ ମାୟାଜାଲରୁ ମୁକ୍ତ ହୋଇଯାଇଛନ୍ତି।

ଏହି କ୍ରାନ୍ତିକାରୀ ଗ୍ରନ୍ଥର ବହୁ ଭାରତୀୟ ଭାଷା ଓ ବିଦେଶୀ ଭାଷାରେ ଅନୁବାଦ ହୋଇଛି। ଓଡ଼ିଶାରେ ବୈଦିକ ବିଚାର-ମନ୍ଦାକିନୀ ପ୍ରବାହର ଭଗୀରଥ ସଂସ୍କାରକ ଶ୍ରୀବସ୍ତ ପଣ୍ଡା ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ଏହାର ଓଡ଼ିଆ ଅନୁବାଦ କରି ୧୯୨୭ ମସିହାରେ ପୂର୍ବାର୍ଦ୍ଧ (ପ୍ରଥମ ୧୦ଟି ସମୁଲ୍ଲାସ) ଓ ୧୯୩୭ରେ ଉତ୍ତରାର୍ଦ୍ଧ (୧୧ରୁ୧୪ ସମୁଲ୍ଲାସ) ପ୍ରକାଶିତ କଲେ। ଲାହୋର ଆର୍ଯ୍ୟ ପ୍ରତିନିଧି ସଭା ଆନୁକୂଲ୍ୟରେ ଏହା ସତ୍ୟବାଦୀ ପ୍ରେସ୍, କଟକରେ ମୁଦ୍ରିତ ହୋଇ ପ୍ରକାଶିତ ହୋଇଥିଲା। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ସେତେବେଳେ ଓଡ଼ିଶାରେ ହିନ୍ଦୀର ପ୍ରସାର ବି ପ୍ରାୟ ନ ଥିଲା କି ମହର୍ଷିଙ୍କ ଦ୍ୱାରା ପ୍ରତିପାଦିତ ବୈଦିକ ସିଦ୍ଧାନ୍ତକୁ ସ୍ପଷ୍ଟ କରିବା ପାଇଁ ଆଜିର ଭଳି ଏତେ ସାହିତ୍ୟ ଉପଲବ୍ଧ ନ ଥିଲା। ଏଭଳି ପ୍ରତିକୂଳ ପରିସ୍ଥିତିରେ ସତ୍ୟାର୍ଥପ୍ରକାଶ ଭଳି ଦୁରୂହ ଗ୍ରନ୍ଥର ଅନୁବାଦ ପାଇଁ ଶ୍ରୀବସ୍ତ ପଣ୍ଡାଙ୍କ ଶ୍ରମ ଓ ପୁରୁଷାର୍ଥ ସ୍ତୁତ୍ୟ, ପ୍ରଶଂସନୀୟ।

ପରବର୍ତ୍ତୀ ସମୟରେ ଅନ୍ୟ ଅନେକ ବ୍ୟକ୍ତି ସତ୍ୟାର୍ଥପ୍ରକାଶର ଓଡ଼ିଆରେ ଅନୁବାଦ ପାଇଁ ଯଥାଶକ୍ତି ପ୍ରଯତ୍ନ କରିଛନ୍ତି। ଗୁରୁକୁଳ ଆଶ୍ରମ, ଆମସେନାର ପୁସ୍ତକ ପ୍ରକାଶନ ବିଭାଗ 'ଉତ୍କଳ ସାହିତ୍ୟ ସଂସ୍ଥାନ' ପକ୍ଷରୁ ଏହାର ଅଧ୍ୟକ୍ଷ ଧର୍ମଦେବ ସ୍ନାତକ(ପୂଜ୍ୟ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ)ଙ୍କ ସଦୁଦ୍ୟମରେ ପଣ୍ଡିତ ଲକ୍ଷ୍ମୀ ନାରାୟଣ ଶାସ୍ତ୍ରୀ କୃତ ଓଡ଼ିଆ ଅନୁବାଦ ୧୯୭୩ରେ ପ୍ରକାଶିତ ହେଲା। ପୁସ୍ତକର ଆରମ୍ଭରେ 'ଆତ୍ମନିବେଦନ'ରେ ପୂଜ୍ୟ ସ୍ୱାମୀଜୀ ଲେଖିଛନ୍ତି— 'ସତ୍ୟାର୍ଥପ୍ରକାଶ ମୁଦ୍ରଣ କରିବା ପାଇଁ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା, ଦିଲ୍ଲୀ ଓଡ଼ିଆରେ ଅନୂଦିତ ପାଣ୍ଡୁଲିପି ଯୋଗାଇ ଦେବା ସଂଗେ-ସଂଗେ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିବାରୁ ଏହାର ପ୍ରକାଶନ ସୁଗମ ହୋଇପାରିଛି।' ୧୯୮୭ ଦୀପାବଳୀରେ ଏହାର ଦ୍ୱିତୀୟ ସଂସ୍କରଣ 'ଉତ୍କଳ ସାହିତ୍ୟ ସଂସ୍ଥାନ' ପକ୍ଷରୁ ପ୍ରକାଶିତ ହେଲା। ଏ ସଂସ୍କରଣର ସମ୍ପାଦକ ମଣ୍ଡଳୀ ହେଲେ ଲମ୍ବୋଦର ଅଜେୟ, ପଣ୍ଡିତ ବିଶିକେଶନ ଶାସ୍ତ୍ରୀ ଓ ଅଖିଳେଶ ଆଚାର୍ଯ୍ୟ। ଏଥିରେ 'ନମ୍ର ନିବେଦନ' ଶୀର୍ଷକରେ ପୂଜ୍ୟ ସ୍ୱାମୀଜୀ ଲେଖିଛନ୍ତି— 'ଏହି ଅନୁବାଦରେ ସ୍ୱର୍ଗୀୟ ଶ୍ରୀବସ୍ତ ପଣ୍ଡା ଏବଂ ଲକ୍ଷ୍ମୀନାରାୟଣ ଶାସ୍ତ୍ରୀଙ୍କ ଅନୁବାଦର ଅଧିକାଂଶ ଭାଗ ବିଦ୍ୟମାନ।' ୧୯୮୫ରେ ଧର୍ମଗ୍ରନ୍ଥ ଷ୍ଟୋର, କଟକ ପକ୍ଷରୁ ପୁରୁଷୋତ୍ତମ କରଶର୍ମା କୃତ ଓଡ଼ିଆ ଅନୁବାଦ ପ୍ରକାଶିତ ହେଲା।

ତଥାପି ସତ୍ୟାର୍ଥପ୍ରକାଶର ଓଡ଼ିଆ ଅନୁବାଦ ଆହୁରି ବହୁତ ସ୍ପଷ୍ଟତାର ଅପେକ୍ଷା ରଖିଥିବା ବିଷୟ ଓଡ଼ିଶାର ପ୍ରବୁଦ୍ଧ, ସ୍ୱାଧ୍ୟାୟଶୀଳ ଆର୍ଯ୍ୟଜନତା ଅନୁଭବ କରିଛନ୍ତି। ବୈଦିକ ପ୍ରକାଶନ ତା'ର ସ୍ୱଳ୍ପକାଳର ସମୟ ମଧ୍ୟରେ ଅନେକ ଉଚ୍ଚକୋଟିର ବୈଦିକ ସାହିତ୍ୟ ପ୍ରକାଶନ କରି ଓଡ଼ିଶାର ଆର୍ଯ୍ୟଜନତାଙ୍କ ଶ୍ରଦ୍ଧା ଓ ଆସ୍ଥାଭାଜନ ହୋଇପାରିଛି। ବିଷୟ ଉପସ୍ଥାପନା ଓ ସାଜସଜ୍ଜା ଆଦି ଦୃଷ୍ଟିରୁ ଏହାଦ୍ୱାରା ପ୍ରକାଶିତ ସାହିତ୍ୟଗୁଡ଼ିକ ସମସ୍ତଙ୍କୁ ରୁଚିକର ହୋଇଛି। ବୈଦିକ ପ୍ରକାଶନ ପକ୍ଷରୁ ସତ୍ୟାର୍ଥପ୍ରକାଶର ଏକ ସର୍ବାଙ୍ଗସୁନ୍ଦର ସଂସ୍କରଣ ପ୍ରକାଶନ ପାଇଁ ଶ୍ରୁତିନ୍ୟାସର କୋଷାଧ୍ୟକ୍ଷ ଦଣ୍ଡପାଣି ମିଶ୍ର ଓ ସମ୍ପାଦକ ପଦ୍ମନାଭ ସ୍ୱାଇଁ ବାରମ୍ବାର ମୋତେ ଅନୁରୋଧ କଲେ। ମୁଁ ହିନ୍ଦୀରେ ହିଁ ସତ୍ୟାର୍ଥପ୍ରକାଶ ପଢ଼ିଥିଲି। ତେଣୁ ଉପଲବ୍ଧ ଓଡ଼ିଆ ଅନୁବାଦଗୁଡ଼ିକ ମଧ୍ୟରୁ କେଉଁଟି ମହର୍ଷିଙ୍କ ଆଶୟକୁ ଅଧିକ ସ୍ପଷ୍ଟ ରୂପେ ଅଭିବ୍ୟକ୍ତ କରୁଛି ଓ କେତେ ସ୍ପଷ୍ଟ କରୁଛି ସେ ବିଷୟରେ ମୋର ଆଦୌ ଧାରଣା ନଥିଲା। ତେଣୁ ଉପଲବ୍ଧ ଅନୁବାଦଗୁଡ଼ିକ ମଧ୍ୟରୁ କେଉଁଟି ବୈଦିକ ପ୍ରକାଶନ ପକ୍ଷରୁ ପ୍ରକାଶନ କରିବା ଉଚିତ

ତାକୁ ନେଇ ମୁଁ ସମସ୍ୟାରେ ପଡ଼ିଲି । ଦ୍ୱିତୀୟରେ, ସତ୍ୟାର୍ଥପ୍ରକାଶ ଏକ ଦାର୍ଶନିକ ବିବେଚନାତ୍ମକ ଗ୍ରନ୍ଥ । ଏହାର ଅନୁବାଦରେ ମହର୍ଷିଙ୍କ ଭାବ ଯଥାର୍ଥତଃ ପ୍ରକାଶ କରିପାରିବା ମୋ ପକ୍ଷେ ଅତୀବ ଦୁଷ୍କର ବୋଲି ମୁଁ ବିଚାର କଲି । ଏଣୁ ଏହାକୁ ନିଜେ ଅନୁବାଦ କରିବା ସପକ୍ଷରେ ମୁଁ ନଥିଲି । ତୃତୀୟରେ, ସତ୍ୟାର୍ଥପ୍ରକାଶରେ ଗୋଟିଏ-ଗୋଟିଏ ବାକ୍ୟରେ ମହର୍ଷି ବହୁ ଗୂଢ଼ ରହସ୍ୟ କଥା ଲେଖିଯାଇଛନ୍ତି । ସାଧାରଣ ସ୍ତରର ପାଠକଙ୍କ ପାଇଁ ସେସବୁର ବ୍ୟାଖ୍ୟା ଅତ୍ୟାବଶ୍ୟକ ତ ବିଦ୍ୱାନଙ୍କ ପାଇଁ ବି ଉପଯୋଗୀ । ସେସବୁକୁ ପାଠକଙ୍କ ଆଗରେ ସ୍ପଷ୍ଟ କରିବା ପାଇଁ ସେଭଳି ସ୍ଥଳର କିଛି-କିଛି ବ୍ୟାଖ୍ୟା ଲେଖିବା ମୋର ଅଭିରୁଚି ଥିଲା । କାରଣ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀଙ୍କ ରଚିତ 'ସତ୍ୟାର୍ଥଭାସ୍କର', ଯାହାକି ସତ୍ୟାର୍ଥପ୍ରକାଶର ଏକ ବ୍ୟାଖ୍ୟା ଗ୍ରନ୍ଥ, ସେଥିରେ ଏଭଳି କରାଯାଇଥିବାରୁ ତାହା ଅତି ଉପଯୋଗୀ ହୋଇପାରିଥିବା ମୁଁ ଅନୁଭବ କରିଥିଲି ଓ ବହୁ ବିଦ୍ୱାନଙ୍କଠାରୁ ମଧ୍ୟ ଶୁଣିଥିଲି । ତେଣୁ କ'ଣ କରିବି, କ'ଣ ନାହିଁ ଏଭଳି ବିଚାରରେ ୨-୩ ବର୍ଷ ଧରି ଅମୀମାଂସିତ ସ୍ଥିତିରେ ଥିବା ବେଳେ ସୂଚନା ପାଇଲି ଯେ, ଶ୍ରୀବସ୍ତ ପଣ୍ଡାଙ୍କ ଅନୂଦିତ ସତ୍ୟାର୍ଥପ୍ରକାଶର ଦ୍ୱିତୀୟ ସଂସ୍କରଣ ଶ୍ରୀବସ୍ତ ଗୋରକ୍ଷାଶ୍ରମ ପକ୍ଷରୁ ପ୍ରକାଶିତ ହେବାକୁ ଯାଉଛି । ଏ ପୁସ୍ତକ ପ୍ରକାଶ ପାଇଲେ ହୁଏତ ସମସ୍ୟାର ସମାଧାନ ହୋଇଯିବ ବିଚାରି ସତ୍ୟାର୍ଥପ୍ରକାଶର ପ୍ରକାଶନ ପାଇଁ ମୋତେ ଅନୁରୋଧ କରୁଥିବା ଲୋକଙ୍କୁ ଏକଥା ସୂଚିତ କରି ସବୁ ଅଡୁଆ ତୁଟିଗଲା ଭାବି ମୁଁ ନିଶ୍ଚିନ୍ତ ହୋଇଗଲି ।

୨୦୦୮ରେ ଶ୍ରୀବସ୍ତ ପଣ୍ଡାଙ୍କ ଅନୂଦିତ ସତ୍ୟାର୍ଥପ୍ରକାଶର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେଲା । କିନ୍ତୁ ଋଷିଭକ୍ତ ସ୍ୱାଧ୍ୟାୟଶୀଳ ଆର୍ଯ୍ୟଜନତାଙ୍କୁ ଏହା ସନ୍ତୁଷ୍ଟ କରିପାରିଲା ନାହିଁ । କିଛି କାରଣବଶତଃ ଶ୍ରୀବସ୍ତ ପଣ୍ଡାଙ୍କ ଅନୁବାଦରେ ଅନେକ ପ୍ରକାର ନ୍ୟୂନତା ଥିବା ପାଠକ ଅନୁଭବ କଲେ । ଅନୁବାଦର ଦ୍ୱିତୀୟ ସଂସ୍କରଣର ସମ୍ପାଦକୀୟରେ ସମ୍ପାଦକ ଆଚାର୍ଯ୍ୟ ଡକ୍ଟର ଦେବବ୍ରତ ଏ ବିଷୟରେ କେତେକ ସ୍ପଷ୍ଟୀକରଣ ଦେଇଛନ୍ତି— 'ହିନ୍ଦୀ ସତ୍ୟାର୍ଥପ୍ରକାଶର ଆକ୍ଷରିକ ଅନୁବାଦ ନକରି ପଣ୍ଡାଜୀ ଭାବାନୁବାଦ କରିଛନ୍ତି । ସେ ତତ୍‌କାଳୀନ ପରିସ୍ଥିତିକୁ ଲକ୍ଷ୍ୟରେ ରଖି ସମସ୍ତଙ୍କର ବୋଧଗମ୍ୟ ହେବା ପାଇଁ ଅନେକ ସଂସ୍କୃତ ଉଦ୍ଧରଣକୁ ଛାଡ଼ିଦେଇଛନ୍ତି । ଆବଶ୍ୟକ ସ୍ଥଳେ ଭାବାର୍ଥକୁ ସ୍ଥିର ରଖି କ୍ରମ ପରିବର୍ତ୍ତନ କରିଛନ୍ତି । ତୃତୀୟ ସମୁଲ୍ଲାସର ପଠନ-ପାଠନ ବିଧିର ସଂସ୍କୃତ ବ୍ୟାକରଣ ପଠନ ପ୍ରକ୍ରିୟାକୁ ଜନସାମାନ୍ୟଙ୍କର ଦୁର୍ବୋଧ ବୋଲି ବିଚାର କରି ସଂକ୍ଷିପ୍ତ କରିଦେଇଛନ୍ତି ।'

ଯେଉଁ ଚିନ୍ତାରୁ ମୁଁ ରକ୍ଷା ପାଇଯାଇଥିଲି ବୋଲି ଭାବୁଥିଲି ତାହା ଭୁଲ୍ ପ୍ରମାଣିତ ହେଲା । ପୂର୍ବ ସହଯୋଗୀଙ୍କ ସାଙ୍ଗକୁ ବର୍ତ୍ତମାନ ଆନନ୍ଦ ସାମନ୍ତରାୟ, ପଙ୍କଜ ମେହେର ପ୍ରମୁଖ ନ୍ୟାସର ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟାର୍ଥପ୍ରକାଶର ଅନୁବାଦ ଓ ପ୍ରକାଶନ କାମ ପାଇଁ ମୋତେ ବାରମ୍ବାର ପ୍ରେରିତ କଲେ । ମୋତେ ତର୍କ ଦିଆଗଲା ଯେ — 'ଯେହେତୁ ଶ୍ରୁତିନ୍ୟାସ ଗଠନ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଓଡ଼ିଶାର ଘରେ-ଘରେ ପୁରେ-ପୁରେ ବୈଦିକ ବିଚାର ପହଞ୍ଚାଇବା ଏବଂ ସତ୍ୟାର୍ଥପ୍ରକାଶ ତର୍କ-ପ୍ରମାଣ ଓ ତୁଳନାତ୍ମକ ଅଧ୍ୟୟନ ଆଧାରରେ ବୈଦିକ ସିଦ୍ଧାନ୍ତକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବାର ବଳିଷ୍ଠ ମାଧ୍ୟମ, ତେଣୁ ଏହାର ଅଧିକାଧିକ ସରଳ ଓ ସ୍ୱଚ୍ଛ ଅନୁବାଦ ଓଡ଼ିଆରେ ପ୍ରକାଶନ ପାଇଁ ଶ୍ରୁତିନ୍ୟାସ ପକ୍ଷରୁ ପ୍ରୟାସ ହେବା ଏକାନ୍ତ ଆବଶ୍ୟକ ତଥା ଶ୍ରୁତିନ୍ୟାସର ମୁଖ୍ୟ ହୋଇଥିବା ହେତୁ ଏହା ଆପଣଙ୍କର ପ୍ରମୁଖ କର୍ତ୍ତବ୍ୟ ହେବା ବିଧେୟ ।' ଏ ଅନୁବାଦ କାମ ମୁଁ ନିଜେ କରିବା ନିମନ୍ତେ ରାଉରକେଲା, ଭୁବନେଶ୍ୱର, ଟିଟିଲାଗଡ଼, ସୋନପୁର, ବରଗଡ଼, ପଦ୍ମପୁର, ବ୍ରହ୍ମପୁର ଆଦି ଅଞ୍ଚଳରୁ

ଆମ ସହଯୋଗୀ ଓ ଶ୍ରଦ୍ଧାଳୁ ଆର୍ଯ୍ୟଜନତାଙ୍କ ଦାବି ମଧ୍ୟ ତୀବ୍ର ହେବାକୁ ଲାଗିଲା। କିନ୍ତୁ ଅନ୍ୟାନ୍ୟ ପୁସ୍ତକ ପ୍ରକାଶନ ପାଇଁ କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ଏହି କାର୍ଯ୍ୟ ପ୍ରଭୂତ ପରିଶ୍ରମସାଧ୍ୟ ଓ ବ୍ୟୟସାପେକ୍ଷ ହୋଇଥିବାରୁ ଏ ଦିଗରେ ଅଗ୍ରସର ହେବାକୁ ମୁଁ ଇଚ୍ଛୁକ ନଥିଲି। ଯେତେ ପ୍ରକାରେ ଟାଳିବାର ପ୍ରଯତ୍ନ କରାଯାଇପାରେ, ତାହା କଲି। କିନ୍ତୁ ପରିଶେଷରେ ଆର୍ଯ୍ୟଜନତାଙ୍କ ବାରମ୍ବାର ଅନୁରୋଧ ଆଗରେ ମୋତେ ନତମସ୍ତକ ହେବାକୁ ପଡ଼ିଲା। ସମ୍ଭବତଃ ଏହା ହିଁ ଦୈବେଚ୍ଛା ଥିଲା।

'ଏକ ସର୍ବାଙ୍ଗସୁନ୍ଦର ସଂସ୍କରଣ ବହୁ ବ୍ୟୟସାଧ୍ୟ'—ଏକଥା ଯେତେବେଳେ ମୁଁ ମୋ ସହଯୋଗୀଙ୍କ ଆଗରେ ଉତ୍ଥାପନ କଲି ଏଥିନିମନ୍ତେ ଦଣ୍ଡପାଣି ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବାସନ୍ତୀ ଦେବୀ ଏକ ଲକ୍ଷ ଟଙ୍କା ଦାନର ପ୍ରତିଶ୍ରୁତି ଦେଲେ। ନ୍ୟାସର ଅନ୍ୟ ଜଣେ ପ୍ରମୁଖ ସହଯୋଗୀ ଡାକ୍ତର ସୁକାନ୍ତି ଦାସ ମଧ୍ୟ ଏକ ଲକ୍ଷ ଟଙ୍କା ସହଯୋଗ ଦେବାର ପ୍ରତିଶ୍ରୁତି ଦେଲେ। ବାକି ଅର୍ଥ ଶ୍ରଦ୍ଧାଳୁ ବୈଦିକ ଧର୍ମପ୍ରେମୀ ଜନତାଙ୍କଠାରୁ ସଂଗୃହୀତ ହୋଇଯିବାର ନିର୍ଭର ପ୍ରତିଶ୍ରୁତି ପଦ୍ମନାଭ ସ୍ୱାଇଁଙ୍କଠାରୁ ମିଳିଲା। ଏହି କାର୍ଯ୍ୟର ସୁଚାରୁ ସମ୍ପାଦନ ନିମନ୍ତେ ଶୁଭାକାଂକ୍ଷୀ, ସହୃଦୟ, ଉଦାର ଆର୍ଯ୍ୟଜନତା ଆର୍ଥିକ ସହଯୋଗର ପ୍ରସ୍ତାବ ଦେଲେ ଓ ଏଥି ନିମନ୍ତେ ଏକ ଯୋଜନାର ପରାମର୍ଶ ଦେଲେ। ଏଣୁ ବିଚାର-ବିମର୍ଶ ପରେ ଏକ **'ସତ୍ୟାର୍ଥପ୍ରକାଶ ନିଧି'** ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଏଥିପାଇଁ ବିବିଧ ଶ୍ରେଣୀର ସହଯୋଗୀ ଗ୍ରହଣ କରାଯିବାକୁ ସ୍ଥିରୀକୃତ ହେଲା।

ସବୁଆଡ଼ରୁ ଏଭଳି ଆଗ୍ରହ, ଉତ୍ସାହ ଓ ସହଯୋଗର ପ୍ରତିଶ୍ରୁତି କାରଣରୁ ଅନନ୍ୟୋପାୟ ହୋଇ ମୁଁ ଏହି କାର୍ଯ୍ୟ କରିବାକୁ ୨୦୧୦ରେ ମନସ୍ଥ କଲି। କିନ୍ତୁ କାର୍ଯ୍ୟାରମ୍ଭ କରିବାକୁ ଯିବା ବେଳକୁ ମୋ ପାଖରେ ଆର୍ଷ ସାହିତ୍ୟ ପ୍ରଚାର ଟ୍ରଷ୍ଟ, ଦିଲ୍ଲୀରୁ ପ୍ରକାଶିତ ସତ୍ୟାର୍ଥପ୍ରକାଶ ଓ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀଙ୍କ ରଚିତ ସତ୍ୟାର୍ଥଭାସ୍କର ହିଁ ଥିଲା। ସେତେବେଳେ ଅଜମେରସ୍ଥିତ ପରୋକାରିଣୀ ସଭା ପକ୍ଷରୁ ପ୍ରକାଶିତ ସତ୍ୟାର୍ଥପ୍ରକାଶର ୩୯ତମ ସଂସ୍କରଣ ଆର୍ଯ୍ୟ ପତ୍ର-ପତ୍ରିକାରେ ଉଷ୍ମ-ଚର୍ଚ୍ଚାର ବିଷୟ ହୋଇଥାଏ। ଆହୁରି ମଧ୍ୟ ସୂଚନା ପାଇଲି ଯେ ଉଦୟପୁରସ୍ଥିତ ଶ୍ରୀମଦ୍ ଦୟାନନ୍ଦ ସତ୍ୟାର୍ଥପ୍ରକାଶ ନ୍ୟାସ ପକ୍ଷରୁ ଆର୍ଯ୍ୟଜଗତର ୧୦ ଜଣ ମୂର୍ଦ୍ଧନ୍ୟ ବିଦ୍ୱାନଙ୍କ ସମ୍ପାଦନାରେ ସତ୍ୟାର୍ଥପ୍ରକାଶର ଏକ 'ମାନକ ସଂସ୍କରଣ' ନିକଟରେ ପ୍ରକାଶିତ ହେବାକୁ ଯାଉଛି। ଏ ଦୁଇ ସଂସ୍କରଣ ପ୍ରାପ୍ତ ହେଲେ ସତ୍ୟାର୍ଥପ୍ରକାଶର ଏକ ଶୁଦ୍ଧ ଓ ସ୍ୱଷ୍ଟ ଅନୁବାଦର କାମ କରିବା ମୋ ପାଇଁ ଆହୁରି ସୁଗମ ହୋଇପାରିବ ବୋଲି ଭାବି ସେ ଉଭୟ ସଂସ୍କରଣ ପ୍ରାପ୍ତ ହେବା ଯାଏଁ ଅନୁବାଦ କାର୍ଯ୍ୟ ଆରମ୍ଭ କଲିନାହିଁ। ୨୦୧୦ ଶେଷ ସୁଦ୍ଧା ଏ ଦୁଇଟି ପୁସ୍ତକ ମୋର ହସ୍ତଗତ ହେଲା। ତଦନନ୍ତର ପଣ୍ଡିତ ଯୁଧିଷ୍ଠିର ମୀମାଂସକ ସମ୍ପାଦିତ ସହସ୍ର-ସଂଖ୍ୟକ ଟିପ୍ପଣୀଯୁକ୍ତ ସତ୍ୟାର୍ଥପ୍ରକାଶ (ଆର୍ଯ୍ୟସମାଜ ଶତାବ୍ଦୀ ସଂସ୍କରଣ)ର ମହତ୍ତ୍ୱ ଓ ଆବଶ୍ୟକତା ବିଷୟରେ ବିଦ୍ୱାନଙ୍କଠାରୁ ଅବଗତ ହୋଇ ତାହା ସଂଗ୍ରହ କଲି। ୨୦୧୧ର ପ୍ରଥମାର୍ଦ୍ଧରେ ଅନୁବାଦ କାର୍ଯ୍ୟ ଆରମ୍ଭ ହେଲା।

ସେତେବେଳେ ବୈଦିକ ପ୍ରକାଶନର ସମସ୍ତ ପୁସ୍ତକର ଅକ୍ଷର-ସଜ୍ଜା (ଡି.ଟି.ପି.) କାର୍ଯ୍ୟ ଭୁବନେଶ୍ୱରରେ କରାଯାଉଥିବାରୁ ରାଉରକେଲାରୁ ଭୁବନେଶ୍ୱର ଦୌଡ଼ିବାକୁ ପଡୁଥାଏ। ସତ୍ୟାର୍ଥପ୍ରକାଶ ଏକ ବୃହଦାକାର ଗ୍ରନ୍ଥ ହୋଇଥିବା ସାଙ୍ଗକୁ ସଂସ୍କୃତ ଉଦ୍ଧରଣର ପ୍ରାବଲ୍ୟ ଥିବା ପୁସ୍ତକ। ତେଣୁ ଏହାର ଅକ୍ଷରସଜ୍ଜା ରାଉରକେଲାରେ ଯୋଗ୍ୟ ଲୋକଙ୍କ ଦ୍ୱାରା ହୋଇପାରିଲେ ସଂଶୋଧନ କରିବା ଅପେକ୍ଷାକୃତ ସହଜ ହେବ ବୋଲି ମୋର ବିଚାର

ଥିଲା। କିନ୍ତୁ ରାଉରକେଲାରେ ଏ କ୍ଷେତ୍ରରେ ଥିବା ଦକ୍ଷ ଲୋକଙ୍କ ସହ ମୋର ପରିଚୟ ନଥିବାରୁ ଏ କାର୍ଯ୍ୟ କେଉଁଠି କରାଯିବ ବୋଲି ଚିନ୍ତିତ ଥାଇ ଅନୁସନ୍ଧାନ କରୁଥିବା ବେଳେ ଶ୍ରୁତିନ୍ୟାସର ଜଣେ ପ୍ରମୁଖ କାର୍ଯ୍ୟକର୍ତ୍ତା ରଞ୍ଜିତ କୁମାର ନାୟକ ପ୍ରସ୍ତାବ ଦେଲେ ଯେ— 'ଯଦିଓ ମୁଁ ଓଡ଼ିଆରେ ଟାଇପ୍ କରିବା ଆଦୌ ଜାଣି ନାହିଁ, ତଥାପି ଯଦି ଧୀର-ମନ୍ଥର ଗତିରେ ଏ କାର୍ଯ୍ୟ କଲେ ଅସୁବିଧା ନାହିଁ ତେବେ ଓଡ଼ିଆରେ ଟାଇପ୍ କରିବା ଶିଖି ମୁଁ ଏ ପୁଣ୍ୟ କାର୍ଯ୍ୟ ପାଇଁ ପ୍ରୟାସ କରିବି।' ଗ୍ରନ୍ଥ ଦୁରୂହ ହୋଇଥିବା ଆଦି ଅନେକ କାରଣରୁ ଯେହେତୁ କି ଅନୁବାଦ କାର୍ଯ୍ୟ ମଧ୍ୟ ମନ୍ଥର ଗତିରେ ଚାଲିବ ବୋଲି ମୁଁ ଜାଣିଥିଲି ତଥା ତାଙ୍କ ଭିତରେ ଋଷିମିଶନ୍‌ର ଏ କାର୍ଯ୍ୟ ପ୍ରତି ଏଭଳି ଶ୍ରଦ୍ଧା ଦେଖିଲି, ତେଣୁ ଏହାକୁ ମୋ ପାଇଁ ଈଶ୍ୱରୀୟ ଆଶୀର୍ବାଦ ଅନୁଭବ କରି ମୁଁ ସହର୍ଷେ ସମ୍ମତ ହୋଇଗଲି। ସେ ଟାଇପ୍ କରିବା ସାଙ୍ଗକୁ ମୁଁ ନିଜ ସ୍ଥାନରେ ରହି ମଧ୍ୟ ଯେତେବେଳେ ଚାହିଁଲେ ବି କମ୍ପ୍ୟୁଟରରୁ ସିଧା ସଂଶୋଧନ କରିପାରିବା ଉଦ୍ଦେଶ୍ୟରେ ଓଡ଼ିଆ ଅକ୍ଷର ଆଣି ତାଙ୍କର ଓ ମୋର ଉଭୟଙ୍କ କମ୍ପ୍ୟୁଟରରେ ଭରିଲି। ମୁଁ ଗୋଟିଏ-ଗୋଟିଏ ସମୁଲ୍ଲାସ ଅନୁବାଦ କରୁଥାଏ। ପଦ୍ମନାଭ ସ୍ୱାଇଁ ସେଥିରୁ ସୁନ୍ଦର ଅକ୍ଷରରେ ଅକ୍ଷରସଜ୍ଜା ପାଇଁ ପ୍ରତିଲିପି ପ୍ରସ୍ତୁତ କରୁଥାନ୍ତି। ତା' ଆଧାରରେ ରଞ୍ଜିତ ଭାଇ ଧୀରେ-ଧୀରେ ଟାଇପ୍ କରୁଥାନ୍ତି। ଏଭଳି ଭାବେ ଚତୁର୍ଥ ସମୁଲ୍ଲାସ ପର୍ଯ୍ୟନ୍ତ ଚାଲିଲା। ତା' ପରେ ରଞ୍ଜିତ ଭାଇ ସିଧା-ସଳଖ ମୋ ଅନୁବାଦରୁ ଟାଇପ୍ କରିଚାଲିଲେ।

ସତ୍ୟାର୍ଥପ୍ରକାଶର ଅନୁବାଦ କାର୍ଯ୍ୟ ଶିଥିଳ ଗତିରେ ଚାଲିବାର ଅନେକ କାରଣ ଥିଲା। ସମ୍ପାଦକମାନଙ୍କ ଅତ୍ୟନ୍ତ ସତର୍କତା ସତ୍ତ୍ୱେ ସତ୍ୟାର୍ଥପ୍ରକାଶରେ କିଛି ମୁଦ୍ରଣଜନିତ ଦୋଷ ଥିବା; ଯଥା- କେଉଁଠି କମା-ପୂର୍ଣ୍ଣଚ୍ଛେଦ ଛାଡ଼ି ହୋଇଯାଇଥିବା ତ କେଉଁଠି ଭୁଲ୍ ସ୍ଥାନରେ ଦିଆଯାଇଥିବା, କେଉଁ ଶବ୍ଦ ଭୁଲ୍ ମୁଦ୍ରିତ ହୋଇଥିବା ଆଦି ମୋର ଅନୁଭବ ହେଲା। ଅବଶ୍ୟ ଏସବୁର ସଂଖ୍ୟା ନଗଣ୍ୟ। ତଥାପି ଏସବୁ କାରଣରୁ କେତେକ କ୍ଷେତ୍ରରେ ଠିକ୍ ଅର୍ଥ ବୁଝିବାରେ ଅସୁବିଧା ହେଉଥାଏ। ସତ୍ୟାର୍ଥପ୍ରକାଶ ଏକ ଦାର୍ଶନିକ ଗ୍ରନ୍ଥ ହୋଇଥିବା ହେତୁ ଏଇଠି ଟିକିଏ-ଟିକିଏ ଭୁଲ୍ ବିରାଟ ସୈଦ୍ଧାନ୍ତିକ ଅର୍ଥ-ବୈପରୀତ୍ୟକୁ ଜନ୍ମ ଦେବାର ପୂର୍ଣ୍ଣ ସମ୍ଭାବନା ରହିଛି। ଯେହେତୁ ପୂର୍ବରୁ ଓଡ଼ିଆରେ ସତ୍ୟାର୍ଥପ୍ରକାଶ ଉପଲବ୍ଧ, ତେଣୁ ତରତର ହୋଇ ଯେନତେନ-ପ୍ରକାରେ ଅନୁବାଦଟିଏ କରିଦେବା ବିଚାରରେ ମୁଁ ନଥିଲି। ଦ୍ୱିତୀୟତଃ, ବହୁ ଆଶା-ଭରସା-ବିଶ୍ୱାସରେ ଋଷିଭକ୍ତ ଜନତା ମୋ ଉପରେ ଏ ଦାୟିତ୍ୱ ଅର୍ପଣ କରିଛନ୍ତି। ତେଣୁ ଯଥାସମ୍ଭବ ଶୁଦ୍ଧ, ନିର୍ଭୁଲ, ସ୍ୱଷ୍ଟ ଅନୁବାଦ କରିବା ଲକ୍ଷ୍ୟ ନିର୍ଦ୍ଧାରଣ କରି ମୁଁ କାମ ଆରମ୍ଭ କରିଥିଲି। ଅତଃ ଯଥାସମ୍ଭବ ଭଲ ଭାବେ ବୁଝି-ବୁଝି ହିଁ ଅନୁବାଦ କାର୍ଯ୍ୟ ଆଗକୁ ବଢ଼ାଉଥାଏ। ପ୍ରତ୍ୟେକ ପଂକ୍ତିର ଅନୁବାଦ ପାଇଁ ପାଠ ନିର୍ଦ୍ଧାରଣ ସକାଶେ ପଣ୍ଡିତ ଯୁଧିଷ୍ଠିର ମୀମାଂସକ ସମ୍ପାଦିତ ଶତାବ୍ଦୀ ସଂସ୍କରଣ, ପରୋପକାରିଣୀ ସଭାର ସଂସ୍କରଣ, ସତ୍ୟାର୍ଥପ୍ରକାଶ ନ୍ୟାସର ସଂସ୍କରଣ ଓ ଆର୍ଷ ସାହିତ୍ୟ ପ୍ରଚାର ଟ୍ରଷ୍ଟର ସଂସ୍କରଣର ପାଠକୁ ମିଳାଉଥାଏ ଓ ତା' ପରେ ନିଶ୍ଚିତ ହେଲେ ଅନୁବାଦ କରୁଥାଏ। ସଂପାଦକମାନଙ୍କ ପ୍ରଦତ୍ତ ପ୍ରତ୍ୟେକ ଟିପ୍ପଣୀକୁ ପଢୁଥାଏ। ଉଦ୍ଧରଣଗୁଡ଼ିକୁ ମିଳାଉଥାଏ। କେଉଁଠି ଅର୍ଥ ବୁଝିବାରେ ଅସୁବିଧା ହେଲେ ସତ୍ୟାର୍ଥଭାସ୍କରରୁ ତତ୍ ସମ୍ବନ୍ଧୀୟ ଉପଲବ୍ଧ ବ୍ୟାଖ୍ୟା ପଢୁଥାଏ। ମନୁସ୍ମୃତିର ଶ୍ଳୋକର ଅର୍ଥ ସ୍ୱଷ୍ଟ ନ ହେଲେ ଡଃ. ସୁରେନ୍ଦ୍ରକୁମାରଙ୍କ ସମ୍ପାଦିତ ମନୁସ୍ମୃତିର ସହଯୋଗ ନେଉଥାଏ। ଦର୍ଶନ ସମ୍ବନ୍ଧୀୟ ଅର୍ଥର ସ୍ୱଷ୍ଟୀକରଣ ଆବଶ୍ୟକ ପଡ଼ିଲେ ତତ୍ ସମ୍ବନ୍ଧୀୟ ପୁସ୍ତକର ସହାୟତା ନେଉଥାଏ। ତଥାପି କେଉଁଠି ବୁଝିବାରେ ଅସୁବିଧା ହେଲେ ପୂଜ୍ୟ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ(ରୋଜଡ଼)ଙ୍କ ସହ ଚଳଭାଷରେ ଯୋଗାଯୋଗ କରି ସମାଧାନ ନେଉଥାଏ।

ଗୋଟିଏ-ଗୋଟିଏ ବିଷୟରେ ଅନେକ ବିଦ୍ୱାନଙ୍କ ସହ ବି ବିଚାର-ବିମର୍ଶ କରୁଥାଏ। ଶ୍ରୀବତ୍ସ ପଣ୍ଡାଙ୍କ ଓଡ଼ିଆ ଅନୁବାଦରୁ ମଧ୍ୟ ଯଥାଯୋଗ୍ୟ ସହଯୋଗ ନେଉଥାଏ। ମୋ ପାଖରେ ଥିବା ବିଭିନ୍ନ ପତ୍ର-ପତ୍ରିକା ଓ ପୁସ୍ତକରେ ସତ୍ୟାର୍ଥପ୍ରକାଶର ଗମ୍ଭୀର ବିବେଚନାତ୍ମକ ସ୍ଥଳଗୁଡ଼ିକର ଯେଉଁ ବ୍ୟାଖ୍ୟା, ସ୍ପଷ୍ଟୀକରଣ ଥିଲା ଆବଶ୍ୟକତାନୁସାରେ ସେ ସବୁର ଅଧ୍ୟୟନ ବି କରୁଥାଏ। ଏତେ ସବୁ କାରଣରୁ ମୁଁ ରାଉରକେଲାରେ ଅବସ୍ଥାନ କରୁଥିବା ସମୟରେ ହିଁ ଅନୁବାଦ ଚାଲୁଥାଏ। ପ୍ରଚାର ପାଇଁ ବାହାରକୁ ଗଲେ ଏତେ ସବୁ ବହି-ପତ୍ର ସଙ୍ଗରେ ନେଇ ଯିବା ଓ ଅନ୍ୟ ସ୍ଥାନରେ ଅନୁବାଦ ପାଇଁ ଆବଶ୍ୟକ ବ୍ୟବସ୍ଥା ଆଦିର ଅସୁବିଧା କାରଣରୁ ଅନୁବାଦ କାମ ବନ୍ଦ ହୋଇଯାଉଥାଏ। ଶ୍ରୁତିନ୍ୟାସ ପକ୍ଷରୁ ବେଦପ୍ରଚାର କାର୍ଯ୍ୟ ଯେହେତୁ ମୁଖ୍ୟତଃ ମୋ ଉପରେ ନ୍ୟସ୍ତ କରାଯାଇଥିଲା, ତେଣୁ ଅନୁବାଦ କାର୍ଯ୍ୟ ଥିବା ସତ୍ତ୍ୱେ ପ୍ରଚାର କାର୍ଯ୍ୟ ନିମନ୍ତେ ସଂଗଠନର ଆଦେଶ ଓ କାର୍ଯ୍ୟକର୍ତ୍ତାଙ୍କ ଆଗ୍ରହ ପୂର୍ଣ୍ଣରୂପେ ଟାଳିପାରିବା ମଧ୍ୟ ଅସମ୍ଭବ ଥିଲା। ତା' ଛଡ଼ା ମୋର ଏ ବିଚାର ମଧ୍ୟ ଥିଲା ଯେ, ସତ୍ୟାର୍ଥପ୍ରକାଶର ଅନୁବାଦ ଯେତିକି ଗୁରୁତ୍ୱପୂର୍ଣ୍ଣ ତା'ର ପାଠକ ସୃଷ୍ଟି କରିବା ମଧ୍ୟ ସେତିକି ଆବଶ୍ୟକ। ନଚେତ୍ ପୁସ୍ତକ ତ ଛପା ହୋଇଯିବ; କିନ୍ତୁ ପାଠକୀୟ ରୁଚି ଅଭାବରେ ତାହା ଆମ ପାଖରେ ପଡ଼ିରହିବ ଅଥବା କିଣିନେବା ଲୋକଙ୍କ ଘରେ ପଡ଼ିରହିବ। ବେଦ ପ୍ରଚାର କାର୍ଯ୍ୟ ଗମ୍ଭୀରତାର ସହ ନ କଲେ ସତ୍ୟାର୍ଥପ୍ରକାଶ ଭଳି ଦାର୍ଶନିକ ବଡ଼ ପୁସ୍ତକର ନବୀନ ଆଗ୍ରହୀ ପାଠକ ସୃଷ୍ଟି ହେବା ମଧ୍ୟ ଅସମ୍ଭବ। ଏଣୁ ପ୍ରଚାର ପାଇଁ ମଧ୍ୟ ସମୟ ଦେବାକୁ ପଡୁଥାଏ। ଅତଏବ ଏଭଳି ମନ୍ଥର ଗତିରେ କାର୍ଯ୍ୟ ଚାଲିବାରୁ ସମ୍ଭବତଃ ୨୦୧୧ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ; ୨୦୧୨ରେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଏବଂ ୨୦୧୩ ଜୁଲାଇ ସୁଦ୍ଧା ସପ୍ତମ, ଅଷ୍ଟମ, ନବମ ଓ ଦଶମ ସମୁଲ୍ଲାସର ଅନୁବାଦ ଓ ଅକ୍ଷରସଜ୍ଜା କାର୍ଯ୍ୟ ସମ୍ପନ୍ନ ହେଲା। ପଣ୍ଡିତ ଯୁଧିଷ୍ଠିର ମୀମାଂସକଙ୍କ ସଂସ୍କରଣରେ ସ୍ୱାମୀ ବେଦାନନ୍ଦଙ୍କ ସମ୍ପାଦିତ ସଂସ୍କରଣର ଟିପ୍‌ପଣୀ ବିଷୟରେ ଉଚ୍ଛ୍ୱସିତ ପ୍ରଶଂସା ଦୃଷ୍ଟିଗୋଚର ହେଲା। ତେଣୁ ଅନୁବାଦରେ ସେ ପୁସ୍ତକର ମଧ୍ୟ ସହଯୋଗ ନେବା ଇଚ୍ଛା ବଳବତୀ ହେଲା। ୨୦୧୨ ଅକ୍ଟୋବରରେ ଦିଲ୍ଲୀରେ ଅନୁଷ୍ଠିତ ଅନ୍ତର୍ରାଷ୍ଟ୍ରୀୟ ଆର୍ଯ୍ୟ ମହାସମ୍ମିଳନୀରୁ ତାହା ସଂଗ୍ରହ କଲି। ସେଥିରେ ପ୍ରଦତ୍ତ ଟିପ୍ପଣୀଗୁଡ଼ିକୁ ପଢ଼ି ଆବଶ୍ୟକତା ଅନୁସାରେ ତା'ର ସହଯୋଗ ନେଲି। ୨୦୧୪ ମାର୍ଚ୍ଚ ସୁଦ୍ଧା ଏକାଦଶ ସମୁଲ୍ଲାସର ଅନୁବାଦ ଓ ଅକ୍ଷରସଜ୍ଜା କାର୍ଯ୍ୟ ମଧ୍ୟ ସରିଲା।

୨୦୦୯ଠାରୁ ପ୍ରତିବର୍ଷ ଦଶହରା ପୂଜା ଅବକାଶରେ ଶ୍ରୁତିନ୍ୟାସ ପକ୍ଷରୁ ରାଉରକେଲାରେ 'ଜୀବନ ନିର୍ମାଣ ଶିବିର' ଅନୁଷ୍ଠିତ ହେଉଥାଏ। ୨୦୧୩ ପର୍ଯ୍ୟନ୍ତ ଏହି କ୍ରମ ଚାଲିଲା। ଇତିମଧ୍ୟରେ ଓ.ଟି.ଭି.ର 'ସର୍ବେ ଭବନ୍ତୁ ସୁଖିନଃ' କାର୍ଯ୍ୟକ୍ରମରେ ମୋର ବୈଦିକ ଆଲୋଚନା ଲୋକପ୍ରିୟ ହୋଇଥିବାରୁ ୨୦୧୪ରେ ଏହି ଶିବିର ରାଉରକେଲାରେ ନକରି ଆଉ ଟିକିଏ ବଡ଼ ଆକାରରେ ଭୁବନେଶ୍ୱରରେ କରାଯିବାକୁ ସ୍ଥିର ହେଲା। ତେଣୁ ବ୍ୟବସ୍ଥା ଆଦି ସକାଶେ ଭୁବନେଶ୍ୱରରେ ସଂଗଠନ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୋତେ ସେଠାରେ ଅଧିକ ସମୟ ଦେବାକୁ ପଡ଼ିଲା। ତେଣୁ ଅନୁବାଦ କାର୍ଯ୍ୟ ବ୍ୟାହତ ହେଲା। ଶିବିର ପରେ-ପରେ ନଭେମ୍ବର ମାସରେ ଭୁବନେଶ୍ୱରରେ ମୋର ପିତ୍ତକୋଷର ଅସ୍ତ୍ରୋପଚାର ପାଇଁ ନ୍ୟାସର ଜଣେ ପ୍ରମୁଖ କର୍ମକର୍ତ୍ତା ଇ. କୁମାର ସ୍ୱାମୀଙ୍କ ଗୃହରେ ଅବସ୍ଥାନ କରିବାକୁ ପଡ଼ିଲା। ଅସ୍ତ୍ରୋପଚାର ପରେ-ପରେ ରାଉରକେଲା ଫେରିଯାଇ ପୁନଃ ଅନୁବାଦ କାର୍ଯ୍ୟରେ ମନୋନିବେଶ କରିବା ମୋର ଯୋଜନା ଥିଲା। କିନ୍ତୁ ଅସ୍ତ୍ରୋପଚାର ପରେ କୁମାର ସ୍ୱାମୀ ଓ ତାଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ଦେବୀ ସ୍ୱାସ୍ଥ୍ୟଲାଭ ନିମନ୍ତେ ଆଉ କିଛି ଦିନ ତାଙ୍କ ଘରେ ବିଶ୍ରାମ ନେବାକୁ ଆଗ୍ରହ କଲେ।

ଅନ୍ୟ ସହଯୋଗୀମାନଙ୍କ ମତ ମଧ୍ୟ ଏହା ସପକ୍ଷରେ ରହିଲା । ଅଗତ୍ୟା ସତ୍ୟାର୍ଥପ୍ରକାଶ ସହ ସମ୍ବନ୍ଧିତ ମୋର ସମସ୍ତ ପୁସ୍ତକ ମୁଁ ଭୁବନେଶ୍ୱର ମଗାଇଲି । ସେହି ବିଶ୍ରାମ ସମୟ ମଧ୍ୟରେ ଦ୍ୱାଦଶ ସମୁଲ୍ଲାସର ଅନୁବାଦ ସମ୍ପନ୍ନ ହେଲା ଏବଂ ପାଣ୍ଡୁଲିପି ରାଉରକେଲା ପଠାଇ ଦେବାରୁ ରଞ୍ଜିତ ଭାଇଙ୍କ ଦ୍ୱାରା ତା'ର ଡି.ଟି.ପି. କାର୍ଯ୍ୟ ୨୦୧୪ ଡିସେମ୍ବରରେ ସମ୍ପନ୍ନ ହୋଇଗଲା ।

ଭୁବନେଶ୍ୱରର ଜୀବନ ନିର୍ମାଣ ଶିବିରରେ ପୂର୍ବାପେକ୍ଷା ଅଧିକ ଅଞ୍ଚଳରୁ ଶିବିରାର୍ଥୀ ଭାଗ ନେଇଥିବାରୁ ଶିବିର ପରେ କାର୍ଯ୍ୟକ୍ଷେତ୍ର ପୂର୍ବଠାରୁ ବ୍ୟାପକ ହେଲା । ନୂଆ-ନୂଆ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଆରମ୍ଭ ହେଲା । ତେଣୁ ମୋର ପ୍ରଚାରଜନିତ ବ୍ୟସ୍ତତା ବଢ଼ିଗଲା । କୁମାର ସ୍ୱାମୀ ଓ ପୁଷ୍ପାଞ୍ଜଳି ଦେବୀ ପ୍ରସ୍ତାବ ଦେଲେ ଯେ, 'ସମଗ୍ର ଓଡ଼ିଶାରେ ପ୍ରଚାର କାର୍ଯ୍ୟ ସଞ୍ଚାଳନ ନିମନ୍ତେ ଯୋଗାଯୋଗ ଆଦି ଦୃଷ୍ଟିରୁ ରାଉରକେଲା ଅପେକ୍ଷା ଭୁବନେଶ୍ୱର ସୁବିଧାଜନକ ସ୍ଥାନ ହୋଇଥିବାରୁ ଆପଣ ଭୁବନେଶ୍ୱରକୁ କେନ୍ଦ୍ର କରି ଏଣିକି ପ୍ରଚାର ଗତିବିଧି ସଂଚାଳନ କରନ୍ତୁ ଓ ପରବର୍ତ୍ତୀ କୌଣସି ସ୍ଥାୟୀ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଆମେ ଏଠାରେ ଏକ ଅସ୍ଥାୟୀ କେନ୍ଦ୍ରର ବ୍ୟବସ୍ଥା କରୁଛୁ ।' ସେତେବେଳେ ପୁଣେ ନିବାସୀ ସେମାନଙ୍କ ଜ୍ୟେଷ୍ଠ ପୁତ୍ର ହରିବନ୍ଧୁ ପାତ୍ର କୁମାର ସ୍ୱାମୀଙ୍କ ପଡ଼ିଶାରେ ଥିବା ଘର (ଶୈଳଶ୍ରୀ ବିହାରସ୍ଥ ଏଚ୍.ଆଇ.ଜି - ୧୫୨) କ୍ରୟ କରିଥାନ୍ତି । ସେହି ଘରର ଉପର ମହଲା ବିନା ଶୁଳ୍କରେ ଶ୍ରୁତିନ୍ୟାସର କାର୍ଯ୍ୟାଳୟ ପାଇଁ ପ୍ରଦାନ କରିବାକୁ ଉଭୟେ ସ୍ୱାମୀ-ସ୍ତ୍ରୀ ସ୍ୱ ପୁତ୍ରକୁ ପ୍ରେରିତ କରିବାରୁ ମାତା-ପିତାଙ୍କ କଥାରେ ଆନନ୍ଦରେ ସମ୍ମତ ହୋଇ ହରିବନ୍ଧୁ ପାତ୍ର ତାହା ଆମକୁ ପ୍ରଦାନ କଲେ । ସମସ୍ତ ସହଯୋଗୀଙ୍କ ଆଗ୍ରହକ୍ରମେ ୧ ଜାନୁଆରୀ ୨୦୧୫ରୁ ଶ୍ରୁତିନ୍ୟାସର ଏହି ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରୁ କାର୍ଯ୍ୟ ଆରମ୍ଭ ହେଲା ।

ପ୍ରଚାରର ବ୍ୟସ୍ତତା ତ ଅନୁବାଦ କାର୍ଯ୍ୟ ବ୍ୟାହତ ହେବାର ଏକ କାରଣ । ତା' ସାଙ୍ଗକୁ ଆଉ କିଛି ବି ଥିଲା । ତ୍ରୟୋଦଶ ସମୁଲ୍ଲାସର ଅନୁବାଦ ଆରମ୍ଭ କରି ମୁଁ ସତ୍ୟାର୍ଥପ୍ରକାଶରେ ପ୍ରଦତ୍ତ ବାଇବେଲ୍‌ର ଉଦ୍ଧରଣ ସହ ମୋ ପାଖରେ ଥିବା ୧୯୯୨-୯୩ର ଓଡ଼ିଆ ବାଇବେଲ୍ ମିଳାଇ କାମ କରିବାକୁ ଚାହିଁଲି । କିନ୍ତୁ ଏହା ଅକ୍ଷରଶଃ ମିଳିଲା ନାହିଁ, ଅନେକ ପାର୍ଥକ୍ୟ ଦେଖିଲି । ପରେ ବିଦ୍ୱାନ୍‌ମାନଙ୍କ ଲେଖାରୁ ଜାଣିବାକୁ ପାଇଲି ଯେ, ବାଇବେଲ୍‌ରେ ନିରନ୍ତର ପରିବର୍ତ୍ତନ ଘଟିଚାଲିଛି । ତେଣୁ ଯେତେ ସମ୍ଭବ ପୁରୁଣା ଓଡ଼ିଆ ଅନୁବାଦଟିଏ ସଂଗ୍ରହ କରିବାକୁ ଚେଷ୍ଟା କଲି । ବହୁ ବନ୍ଧୁ ଓ ପରିଚିତ ଖ୍ରୀଷ୍ଟ ମତାବଲମ୍ବୀଙ୍କୁ ବାଇବେଲ୍‌ର ପୁରୁଣା ଓଡ଼ିଆ ଅନୁବାଦଟିଏ ଯୋଗାଡ଼ କରିଦେବାକୁ ଅନୁରୋଧ କଲି । ଏ ଭିତରେ ଅନେକ ଦିନ ବିତିଗଲା । ପରିଶେଷରେ କୋରାପୁଟର ଲକ୍ଷ୍ମଣ ମହାନ୍ତି (କାହ୍ନୁ ଭାଇ) ୧୯୬୦ର ଓଡ଼ିଆ ବାଇବେଲ୍‌ଟିଏ ଯୋଗାଡ଼ କରିଦେଲେ । ସେ ଦେବା ବାଇବେଲ୍ ଓ ମୋ ପାଖରେ ଥିବା ବାଇବେଲ୍ ମଧ୍ୟରେ ପାଠଗତ ଅନେକ ପ୍ରଭେଦ ମୋର ଦୃଷ୍ଟିଗୋଚର ହେଲା । ଇତିମଧ୍ୟରେ ସତ୍ୟାର୍ଥପ୍ରକାଶର ଅନୁବାଦ ହୋଇସାରିଥିବା ସମୁଲ୍ଲାସଗୁଡ଼ିକର ପ୍ରୁଫ୍ ସଂଶୋଧନ କରିବାକୁ ମୁଁ ମନସ୍ଥ କଲି । କିନ୍ତୁ କାର୍ଯ୍ୟାରମ୍ଭ ବେଳକୁ ସୂଚନା ପାଇଲି ଯେ, ମୂଳ-ହସ୍ତଲେଖ, ମୁଦ୍ରଣ-ହସ୍ତଲେଖ, ପ୍ରଥମ ସଂସ୍କରଣ (୧୮୭୫), ଦ୍ୱିତୀୟ ସଂସ୍କରଣ (୧୮୮୪) ଓ ପରବର୍ତ୍ତୀ ସମସ୍ତ ପ୍ରମୁଖ ସମ୍ପାଦକଙ୍କ ସମ୍ପାଦିତ ସଂସ୍କରଣର ତୁଳନାତ୍ମକ ପାଠାଲୋଚନା ପୂର୍ବକ ସପ୍ରମାଣ ସମୀକ୍ଷା ଓ ଭାଷ୍ୟ-ଯୁକ୍ତ ବର୍ତ୍ତମାନ ସୁଦ୍ଧା ସର୍ବାପେକ୍ଷା ଶୁଦ୍ଧ, ଶୋଧ-ସଂସ୍କରଣ ଡଃ. ସୁରେନ୍ଦ୍ର କୁମାରଙ୍କ ଦ୍ୱାରା ସମ୍ପାଦିତ ହୋଇ ପ୍ରକାଶିତ ହୋଇଛି । ଯେହେତୁ ସେହି ପୁସ୍ତକରେ ଅନେକ

ସଂସ୍କରଣର ପାଠ ଅନୁଧ୍ୟାନ କରାଯାଇଛି ଓ ମୂଳ ହସ୍ତଲେଖ ସହ ମିଳାଯାଇଛି, ତେଣୁ ତା' ଆଧାରରେ ଆମୂଳଚୂଳ ପ୍ରୁଫ୍ ସଂଶୋଧନ କଲେ ଉତ୍ତମ ହେବ ଭାବି ସଂଶୋଧନ କାର୍ଯ୍ୟ ସ୍ଥଗିତ ରଖିଲି। ଏ ପୁସ୍ତକ ଡାକଯୋଗେ ମିଳିପାରିଲା ନାହିଁ। ୨୦୧୫ ମଇରେ ଏହି ପୁସ୍ତକ ଦିଲ୍ଲୀ ପ୍ରବାସରେ ସଂଗ୍ରହ କରିପାରିଲି। ସତ୍ୟାର୍ଥପ୍ରକାଶର ଇତିବୃତ୍ତ ଓ ବିଭିନ୍ନ ସଂସ୍କରଣ ଆଦି ସମ୍ବନ୍ଧରେ ଏ ପୁସ୍ତକର ସମ୍ପାଦକୀୟ ଓ ସଂଲଗ୍ନ 'ସତ୍ୟାର୍ଥପ୍ରକାଶ-ମୀମାଂସା'ର ୫ଟି ଅଧ୍ୟାୟର ପ୍ରାୟ୧୫୦ ପୃଷ୍ଠାର ଲେଖା ପଢ଼ିବା ଓ ବୁଝିବାରେ ସମୟ ବିତିଗଲା। କିନ୍ତୁ ଏହା ଆବଶ୍ୟକ ଥିଲା। ଜୁଲାଇ ୨୦୧୫ରେ ଶ୍ରୁତିନ୍ୟାସର ବାର୍ଷିକ ବେଦ ପ୍ରଚାର ବୈଠକରେ ପ୍ରଚାର କାର୍ଯ୍ୟକୁ ବ୍ୟାପକ କରିବା ପାଇଁ 'ଶ୍ରୁତିସୌରଭ' ନାମକ ଦ୍ୱିମାସିକ ବୈଦିକ ପତ୍ରିକା ପ୍ରକାଶ ପାଇଁ ନିର୍ଣ୍ଣୟ ନିଆଗଲା। ଯେହେତୁ ସତ୍ୟାର୍ଥପ୍ରକାଶର ଶୀଘ୍ର ପ୍ରକାଶନ ପାଇଁ ଚାପ ବଢୁଥାଏ ଓ ଏଣେ ପୁସ୍ତକର ଅନୁବାଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥାଏ, ତେଣୁ ସତ୍ୟାର୍ଥପ୍ରକାଶ ପୁସ୍ତକାକାରରେ ପ୍ରକାଶିତ ହେବା ପର୍ଯ୍ୟନ୍ତ ଏହି ପତ୍ରିକାରେ ଧାରାବାହିକ ରୂପେ ତାହା ପ୍ରକାଶିତ କରିବାକୁ ସ୍ଥିର କରି ଡଃ. ସୁରେନ୍ଦ୍ର କୁମାରଙ୍କ ସମ୍ପାଦିତ ସଂସ୍କରଣ ସହ ମିଳାଇ ପ୍ରୁଫ୍ ସଂଶୋଧନ ଆରମ୍ଭ କରିଦେଲି। ଏହା କେବଳ ପ୍ରୁଫ୍ ସଂଶୋଧନ ତ ନଥିଲା, ବରଂ ସତ୍ୟାର୍ଥପ୍ରକାଶର ଏକରକମ ଅନୁବାଦ କାମ ଥିଲା। କାରଣ ମୋତେ ସତ୍ୟାର୍ଥପ୍ରକାଶର ମୂଳରୁ ଆରମ୍ଭ କରି ପ୍ରତ୍ୟେକ ପଂକ୍ତି ସହ ଅନୂଦିତ ପାଠକୁ ମିଳାଇବାକୁ ପଡୁଥାଏ। ଏହି ସଂସ୍କରଣ ଟିପ୍‌ପଣୀରେ ପରିପୂର୍ଣ୍ଣ। ପ୍ରତିଟି ଟିପ୍‌ପଣୀକୁ ବିବେଚନାପୂର୍ବକ ପଢ଼ିବାକୁ ପଡୁଥାଏ। ତଦନୁସାରେ ଆବଶ୍ୟକ ସଂଶୋଧନ କରିବାକୁ ପଡୁଥାଏ। ଏହି ସଂସ୍କରଣଟି ପାଠ ନିର୍ଦ୍ଧାରଣ କରିବାରେ ଅତ୍ୟୁପଯୋଗୀ ହୋଇଥିବା ମୋର ଅନୁଭବ ହେଲା। ମୂଳରୁ ପୁଣି ପାଠ ମିଳାଇବା କାମ କରିବାରୁ ପ୍ରକାଶନରେ ବିଳମ୍ବ ତ ନିଶ୍ଚିତ ଘଟିଲା; କିନ୍ତୁ ଏ କଥା ବି ସତ୍ୟ ଯେ, ଡଃ. ସୁରେନ୍ଦ୍ର କୁମାରଙ୍କ ସମ୍ପାଦିତ ସଂସ୍କରଣ ସହ ମିଳାଇବା ପୂର୍ବରୁ ମୁଁ ଯଦି ସତ୍ୟାର୍ଥପ୍ରକାଶର ପ୍ରକାଶନ କରିଥାନ୍ତି ତେବେ ଏହା ଆଜି ଯେଭଳି ଶୁଦ୍ଧ ଓ ସ୍ପଷ୍ଟ ହୋଇଛି ସେପରି କଦାପି ହୋଇପାରିନଥାନ୍ତା। କେବେ ନା କେବେ ମୋତେ ପୁଣିଥରେ ଏ କାମ କରିବାକୁ ପଡ଼ିଥାନ୍ତା। ଏ ଦୃଷ୍ଟିରୁ ପ୍ରକାଶନଜନିତ ବିଳମ୍ବକୁ ମୁଁ ଈଶ୍ୱରୀୟ ଆଶୀର୍ବାଦ ହିଁ ମନେକରୁଛି।

୨୦୧୫ ରାମନବମୀରେ କଟକରେ ବେଦ ପ୍ରଚାର ସମିତି ଗଠିତ ହେଲା। ନ୍ୟାସର ଜଣେ ପ୍ରମୁଖ କାର୍ଯ୍ୟକର୍ତ୍ତା ଦୁଷ୍ମନ୍ତ କିଶୋର ସ୍ୱାଇଁ ତାଙ୍କ ମର୍କତନଗରସ୍ଥିତ ଗୃହ(ବେଦଭବନ)ର ତଳ ମହଲା ସମିତିର କାର୍ଯ୍ୟାଳୟ ପାଇଁ ନିଃଶୁଳ୍କରେ ପ୍ରଦାନ କଲେ। କେବେ ଭୁବନେଶ୍ୱରରେ ତ କେବେ କଟକରେ ଅବସ୍ଥାନ କାଳରେ ପ୍ରୁଫ୍ ସଂଶୋଧନ କାର୍ଯ୍ୟ ଚାଲି ୨୦୧୬ ଡିସେମ୍ବର ସୁଦ୍ଧା ଚତୁର୍ଥ ସମୁଲ୍ଲାସ ପର୍ଯ୍ୟନ୍ତ କାମ ସରିଲା। ଏହା ଧାରାବାହିକ ରୂପେ ପତ୍ରିକାରେ ବି ପ୍ରକାଶିତ ହେଉଥାଏ। ପ୍ରଚାର କାର୍ଯ୍ୟ ସାଙ୍ଗକୁ ପୁସ୍ତକ ଅନୁବାଦ ଓ ପ୍ରୁଫ୍ ସଂଶୋଧନରେ ବିଳମ୍ବର ଅନ୍ୟ କାରଣ ହେଲା ପତ୍ରିକା ପ୍ରକାଶନ। ପତ୍ରିକା ପାଇଁ ଲେଖା ଲେଖିବାଠାରୁ ଆରମ୍ଭ କରି ପ୍ରକାଶନ ସମ୍ବନ୍ଧୀୟ ପ୍ରାୟ ସମସ୍ତ କାର୍ଯ୍ୟ ମୋତେ ଏଇଥିପାଇଁ କରିବାକୁ ପଡୁଥାଏ, ଯେହେତୁ କି ମୁଁ ଏଇ ପତ୍ରିକାଟିକୁ ସର୍ବାଙ୍ଗସୁନ୍ଦର କରିବାକୁ ଚାହୁଁଥାଏ। କାରଣ ଓଡ଼ିଶାରେ କାଲି ଗଢ଼ି ଉଠିଥିବା ଆଧ୍ୟାତ୍ମିକ ସଂଗଠନମାନଙ୍କ ପକ୍ଷରୁ ସୁନ୍ଦର-ଆକର୍ଷକ ପତ୍ରିକା ପ୍ରକାଶିତ ହେଉଥିବା ସ୍ଥଳେ ଓଡ଼ିଶାରେ ଆର୍ଯ୍ୟସମାଜର ଏତେ ବର୍ଷର କାର୍ଯ୍ୟ ଭିତରେ ଆର୍ଯ୍ୟଜନତା ଏକ ସୁନ୍ଦର ବୈଦିକ ପତ୍ରିକାର ଅଭାବ ଅନୁଭବ କରୁଥାନ୍ତି। ପତ୍ରିକାର ବିଷୟବସ୍ତୁ ଓ କଳେବର ଆକର୍ଷଣୀୟ ନ ହେଲେ ଗ୍ରାହକ ସଂଖ୍ୟା ଆଖିଦୃଶିଆ ହେବା ତଥା ପତ୍ରିକା ତିଷ୍ଠିରହିବା କଷ୍ଟକର। ଏଣୁ ତା' ପାଇଁ

ବିଶେଷ ସମୟ ଦେଉଥାଏ। ତା'ର ସୁପରିଣାମ ମଧ୍ୟ ଦୃଷ୍ଟିଗୋଚର ହେଉଥାଏ। ଏଣେ ସତ୍ୟାର୍ଥପ୍ରକାଶର ପ୍ରକାଶନ ପାଇଁ ଆଗ୍ରହୀ ଜନତା ଓ ସହଯୋଗୀଙ୍କ ଘନ-ଘନ ଚାପ ପଡୁଥାଏ। ତେଣେ ବାକିଥିବା ଶେଷ ୨ଟି ସମୁଲ୍ଲାସର ଅନୁବାଦ ପାଇଁ ମୁଁ ସମୟ ବାହାର କରିପାରୁନଥାଏ। 'ସତ୍ୟାର୍ଥପ୍ରକାଶ ନିଧି'ରେ ସହଯୋଗ ଦେଇଥିବା ଅନେକ ଶୁଭେଚ୍ଛୁ ଅଭିମାନଭରା ଶବ୍ଦରେ ମୋତେ ପ୍ରଶ୍ନ କଲେ — 'ଆମ ଜୀବଦ୍ଦଶାରେ ଆମେ ଏ ପୁସ୍ତକ ଦେଖିପାରିବୁ ତ ?' ସେମାନଙ୍କ ପ୍ରଶ୍ନର ଔଚିତ୍ୟ ବି ଥିଲା। କାରଣ ଦୁଃଖର ବିଷୟ ଯେ ପୁସ୍ତକ ପ୍ରକାଶନରେ ଏତେ ବର୍ଷର ବିଳମ୍ବ ଭିତରେ ଏଥିପାଇଁ ଉତ୍ସାହୀ, ଆଗ୍ରହୀ ଓ ସହଯୋଗ ଦେଇଥିବା ଅନେକ ସଜ୍ଜନ ଇହଧାମ ତ୍ୟାଗ କରିସାରିଥିଲେ। ଆଉ କେତେକ ମୋତେ ଓ ଆମ କର୍ମକର୍ତ୍ତାଙ୍କୁ ପ୍ରଶ୍ନ କଲେ ଯେ— 'ସତରେ ଏ ପୁସ୍ତକ ପ୍ରକାଶିତ ହେବ ତ ?'ଏ ସବୁ ଯୋଗୁଁ କଟକରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ଜୀବନ ନିର୍ମାଣ ଶିବିର ଅବସରରେ ଏହା ଯେମିତି ବି ହେଉ ପ୍ରକାଶ କରାଯାଉ ବୋଲି ପ୍ରାୟ ସମସ୍ତ କର୍ମକର୍ତ୍ତା କହିଲେ। ମୁଁ ଭଲ ଭାବେ ଜାଣିଥିଲି ଯେ, ଏ କଥା ମୋ ପକ୍ଷେ ଆଦୌ ସମ୍ଭବ ନୁହେଁ; ଯେହେତୁ କି ପଞ୍ଚମରୁ ଦ୍ୱାଦଶ ପର୍ଯ୍ୟନ୍ତ ଅନୂଦିତ ସମୁଲ୍ଲାସର ପ୍ରୁଫ୍ ସଂଶୋଧନ ସାଙ୍ଗକୁ ଶେଷ ୨ଟି ସମୁଲ୍ଲାସର ଅନୁବାଦ ମଧ୍ୟ ବାକି ଅଛି। ସତ୍ୟାର୍ଥପ୍ରକାଶ ସମ୍ପୂର୍ଣ୍ଣ (ପୂର୍ବାର୍ଦ୍ଧ ଓ ଉତ୍ତରାର୍ଦ୍ଧ) ଏକତ୍ର ପ୍ରକାଶିତ କରିବା ହିଁ ମୋର ବିଚାର ଥିଲା। କିନ୍ତୁ କାର୍ଯ୍ୟକର୍ତ୍ତା ଓ ଜନତାଙ୍କ ଆବେଗ ସାଙ୍ଗକୁ ସ୍ୱଳ୍ପ ସମୟରେ କାର୍ଯ୍ୟର ଅଧିକତାକୁ ଲକ୍ଷ୍ୟ କରି ଅନନ୍ୟୋପାୟ ହୋଇ ଅନ୍ୟୂନ ପକ୍ଷେ ପୂର୍ବାର୍ଦ୍ଧ (୧ରୁ୧୦ ସମୁଲ୍ଲାସ) ଯେ କୌଣସି ପ୍ରକାରେ ଚଳିତ ବର୍ଷର ଶିବିରରେ ପ୍ରକାଶିତ ହୋଇଯାଉ ବିଚାରି ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ହେଲି। ଦୁଷ୍ମନ୍ତ ଭାଇ ଚରମ ବାଣୀ ଶୁଣାଇ ଦେଲେ ଯେ, 'ମଇ, ଜୁନ୍, ଜୁଲାଇ ଏ ତିନି ମାସ ଆପଣ ସବୁ ପ୍ରଚାର କାର୍ଯ୍ୟ ବନ୍ଦ କରି କଟକ କାର୍ଯ୍ୟାଳୟରେ ରହିବେ ଓ ସତ୍ୟାର୍ଥପ୍ରକାଶର ପୂର୍ବାର୍ଦ୍ଧ ସମ୍ବନ୍ଧୀୟ ସବୁ କାମ ସରିଲେ ଯୁଆଡ଼େ ଯିବେ।' ତାଙ୍କ ଧର୍ମପତ୍ନୀ ସୁକାନ୍ତି ଭଉଣୀ ବି ସ୍ୱାମୀଙ୍କ ପାଳି ଧରିଲେ, 'ଆପଣ ଏ ଖରାରେ ଏଣେ-ତେଣ ପ୍ରଚାରରେ ନ ବୁଲି ଏଇଠି ରହି ଏ କାମରେ ଲାଗନ୍ତୁ, କୌଣସି ବ୍ୟବସ୍ଥା ପାଇଁ କାହାକୁ କିଛି କଷ୍ଟ ହେବ ନାହିଁ।' ଅଗତ୍ୟା ବାଧ୍ୟ ଛାତ୍ରଟିଏ ଭଳି ମୁଁ ପ୍ରାୟ ସବୁ ପ୍ରଚାର କାମ ଛାଡ଼ି କଟକ କାର୍ଯ୍ୟାଳୟରେ ବସିଲି ଓ ଜୁନ୍ ୩୦ ସୁଦ୍ଧା ପଞ୍ଚମରୁ ଦଶମ ପର୍ଯ୍ୟନ୍ତ ୬ଟି ସମୁଲ୍ଲାସର ପ୍ରୁଫ୍ ସଂଶୋଧନ ସରିଗଲା। ତା' ପରେ ଏହାର ଆନୁଷଙ୍ଗିକ କାର୍ଯ୍ୟ ଓ ପତ୍ରିକାର କାର୍ଯ୍ୟ ପାଇଁ ଭୁବନେଶ୍ୱର ଗଲି।

ପ୍ରସଙ୍ଗବଶତଃ ସ୍ପଷ୍ଟୀକରଣ

ସତ୍ୟାର୍ଥପ୍ରକାଶରେ ବିବିଧ ବିଷୟର ସୈଦ୍ଧାନ୍ତିକ ସମୀକ୍ଷା ଦୁଇ ପକ୍ଷଙ୍କ କଥୋପକଥନ ଶୈଳୀରେ ବି କରାଯାଇଛି। ଜଣେ ପୂର୍ବପକ୍ଷୀ ବା ପ୍ରଶ୍ନକର୍ତ୍ତା ଓ ଅନ୍ୟ ଜଣକ ଉତ୍ତରପକ୍ଷୀ ବା ଉତ୍ତରଦାତା। ଗ୍ରନ୍ଥରେ 'ପ୍ରଶ୍ନକର୍ତ୍ତା' ବୋଲି ଲେଖାନଯାଇ **'ପ୍ରଶ୍ନ'** ଓ 'ଉତ୍ତରଦାତା' ବୋଲି ଲେଖାନଯାଇ **'ଉତ୍ତର'** ବୋଲି ଲେଖାଯାଇଛି। ଏଠାରେ **'ପ୍ରଶ୍ନ'**ରେ ଯାହା ଲେଖାଯାଇଛି ତାହା ପ୍ରଶ୍ନକର୍ତ୍ତା ବା ପୂର୍ବପକ୍ଷଙ୍କ ବକ୍ତବ୍ୟ। ଏଥିରେ ପ୍ରଶ୍ନ ବି ଅଛି, ପ୍ରତିପକ୍ଷଙ୍କ ପ୍ରଶ୍ନର ଉତ୍ତର ବି ଅଛି, ତର୍କ ବି ଅଛି ଏବଂ ପ୍ରଶ୍ନକର୍ତ୍ତା ପକ୍ଷରୁ ପ୍ରତିପକ୍ଷ ଉପରେ ଆକ୍ଷେପ ବି ଅଛି। ସେହିଭଳି **'ଉତ୍ତର'**ର ଅର୍ଥ ଉତ୍ତରଦାତା ବା ଉତ୍ତରପକ୍ଷଙ୍କ ବକ୍ତବ୍ୟ। ସେଥିରେ ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନର ଉତ୍ତର, ତର୍କ, ପ୍ରଶ୍ନକର୍ତ୍ତାଙ୍କୁ ପ୍ରତିପ୍ରଶ୍ନ ଓ ପ୍ରତିପକ୍ଷ ଉପରେ ଆକ୍ଷେପ ଏ ଚାରୋଟି ଯାକ ଅନ୍ତର୍ଭୁକ୍ତ। ବହୁ ସାଧାରଣ ପାଠକ ଅନେକ ସ୍ଥଳରେ ଏକଥା ବୁଝି ନପାରି ପ୍ରଶ୍ନକର୍ତ୍ତାଙ୍କ ବକ୍ତବ୍ୟକୁ ଉତ୍ତରଦାତାଙ୍କ କଥନ ମନେକରି ଗ୍ରନ୍ଥକର୍ତ୍ତାଙ୍କ ଆଶୟର ଓଲଟା

ବୁଝିଥାଆନ୍ତି, ଯାହାକି ବହୁ ପାଠକ ମୋ ଆଗରେ ଏଭଳି ଉପସ୍ଥାପନ କରିବାରୁ ମୋର ହୃଦ୍‌ବୋଧ ହୋଇଛି। ଅନେକ ଅନୁବାଦକ ମଧ୍ୟ ସମ୍ଭବତଃ ଏକଥା ବୁଝି ନପାରିବା କାରଣରୁ କେତେକ ସ୍ଥଳରେ ପ୍ରଶ୍ନକର୍ତ୍ତାଙ୍କ ଆସ୍ତିବାଚକ ବାକ୍ୟକୁ ପ୍ରଶ୍ନବାଚକ ବାକ୍ୟରେ ରୂପାନ୍ତରିତ କରିଛନ୍ତି। ଏତଦ୍ଦ୍ୱାରା କଥୋପକଥନର ସ୍ୱାଭାବିକତା ବ୍ୟାହତ ହେଉଥିବା ଅନୁଭୂତ ହେଉଛି।

ମନେକର ୨ ଜଣ ଅପରିଚିତ ବ୍ୟକ୍ତି କୌଣସି କାର୍ଯ୍ୟକ୍ରମରେ ପାଖାପାଖି ବସିଥିବା ବେଳେ ନିମ୍ନମତେ କଥୋପକଥନ ହେଲା—

ପ୍ର.କ. — ଆପଣ କ'ଣ କରନ୍ତି ?

ଉ.ଦା. — ଆପଣଙ୍କର ଜାଣିବା କ'ଣ ଜରୁରୀ ?

ପ୍ର.କ. — ସାମାନ୍ୟ ଶିଷ୍ଟାଚାର ଦୃଷ୍ଟିରୁ ପଚାରିଲି।

ଉ.ଦା. — ଆଚ୍ଛା ! ତା' ମାନେ ଅନ୍ୟ ବିଷୟରେ ଅଯଥା ମୁଣ୍ଡ ଖେଳାଇବାକୁ ଆପଣ ଶିଷ୍ଟାଚାର ବୋଲି ବୁଝନ୍ତି।

ପ୍ର.କ. — ଓହୋ ! ମୁଁ ଜାଣିନଥିଲି ଯେ ଆପଣ ସର୍ବଦା କେବଳ ପୂର୍ବ ପରିଚିତଙ୍କ ସହ କଥାବାର୍ତ୍ତା କରନ୍ତି। ବସ୍-ଟ୍ରେନ୍ ଆଦିରେ ଦୀର୍ଘଯାତ୍ରାରେ ଗଲାବେଳେ, ରାସ୍ତାଘାଟରେ ଅଥବା ଅନ୍ୟ କାର୍ଯ୍ୟକ୍ରମରେ ଆପଣ ଯେତେବେଳେ ବି ଯାହା-ଯାହା ସହ କଥା ହେଉଥିବେ ସେମାନେ ସମସ୍ତେ ନିଶ୍ଚିତ ଆପଣଙ୍କ ପୂର୍ବ ପରିଚିତ ହିଁ ଥିବେ। ଅଥବା ଆପଣ ସଦା ମୌନବ୍ରତ ଅବଲମ୍ବନ କରୁଥିବେ। ଜନ୍ମରୁ ତ ସମସ୍ତେ ପରିଚିତ ନଥାନ୍ତି। କଥାବାର୍ତ୍ତା, ବ୍ୟବହାର ଆଦି ଦ୍ୱାରା ପରିଚୟ ସୃଷ୍ଟି ହୁଏ।

ଉ.ଦା. — ସବୁ ଜାଗାରେ ସବୁବେଳେ ତ ପରିଚିତ ବ୍ୟକ୍ତି ନଥାନ୍ତି।...

ଏ କଥୋପକଥନରେ ଆମେ ଦେଖିଲେ ଯେ, ପ୍ରଶ୍ନକର୍ତ୍ତା ପ୍ରଥମରେ ପ୍ରଶ୍ନ କରିଛନ୍ତି, ଦ୍ୱିତୀୟରେ ପ୍ରତିପ୍ରଶ୍ନର ଉତ୍ତର ଦେଇଛନ୍ତି ଓ ତୃତୀୟରେ ଆକ୍ଷେପ କରିଛନ୍ତି। ସେହିପରି ଉତ୍ତରଦାତା ପ୍ରଥମରେ ପ୍ରଶ୍ନବାଚକ ବାକ୍ୟ କହିଛନ୍ତି, ଦ୍ୱିତୀୟରେ ଆକ୍ଷେପ କରିଛନ୍ତି, ତୃତୀୟରେ ଆସ୍ତିବାଚକ ବାକ୍ୟ କହିଛନ୍ତି ଓ ତର୍କ ଦେଇଛନ୍ତି। ଉଭୟଙ୍କ କଥନରେ ପ୍ରଶ୍ନ, ଉତ୍ତର ଓ ଆକ୍ଷେପ ୩ଟି ଯାକ ଅଛି। ଉପରେ ପ୍ର.କ. ଓ ଉ.ଦା. ଲେଖାଥିବା ଦେଖି ଆମେ ବୁଝିଲେ ଯେ ଏ ସବୁ ତତ୍-ତତ୍ ବ୍ୟକ୍ତିଙ୍କ ବକ୍ତବ୍ୟ। କିନ୍ତୁ ସତ୍ୟାର୍ଥପ୍ରକାଶରେ ପ୍ରଶ୍ନକର୍ତ୍ତା ବଦଳରେ ସଂକ୍ଷେପରେ **'ପ୍ରଶ୍ନ'** ଓ ଉତ୍ତରଦାତା ବଦଳରେ ସଂକ୍ଷେପରେ **'ଉତ୍ତର'** ଲେଖାଥିବା ଦେଖି ଦାର୍ଶନିକ ଶୈଳୀର ସାହିତ୍ୟ ବିଷୟରେ ଅନଭିଜ୍ଞ ଅନେକ ସାମାନ୍ୟସ୍ତରର ପାଠକ ସଂଶୟରେ ପଡ଼ନ୍ତି ଯେ **'ପ୍ରଶ୍ନ'** ଲେଖାଯାଇଛି ଅଥଚ ପ୍ରଶ୍ନବାଚକ ବାକ୍ୟ କେମିତି ନାହିଁ ଏବଂ **'ଉତ୍ତର'** ଲେଖାଯାଇ ପ୍ରଶ୍ନ କେମିତି ପଚରାଯାଇଛି ? ଆମକୁ ବହୁ ପାଠକ ଏକଥା ପଚାରିଛନ୍ତି। ଅତଃ ସମାଧାନ ହେଲା ଯେ **'ପ୍ରଶ୍ନ'**କୁ ପୂର୍ବପକ୍ଷ ବା ପ୍ରଶ୍ନକର୍ତ୍ତାଙ୍କ ବକ୍ତବ୍ୟ ଓ **'ଉତ୍ତର'**କୁ ଉତ୍ତରପକ୍ଷ ବା ଉତ୍ତରଦାତାଙ୍କ କଥନ ବୋଲି ବୁଝିଲେ ଆଉ ସମସ୍ୟା ରହିବ ନାହିଁ।

ଆର୍ଥିକ ସହଯୋଗ

୨୦୧୧ରେ ଅନୁବାଦ କାର୍ଯ୍ୟ ଆରମ୍ଭ ହେବା ସାଙ୍ଗକୁ ଏହାର ପ୍ରକାଶନ ପାଇଁ ସହଯୋଗାକାଂକ୍ଷୀ ସଜ୍ଜନଙ୍କଠାରୁ ଆର୍ଥିକ ସହଯୋଗ ଗ୍ରହଣ ନିମନ୍ତେ 'ସତ୍ୟାର୍ଥପ୍ରକାଶ ନିଧି' ସ୍ଥାପନ କରାଯିବାରୁ ସେବେଠାରୁ

ସହଯୋଗ ମିଳିବା ମଧ୍ୟ ଆରମ୍ଭ ହୋଇଗଲା। ପଦ୍ମନାଭ ସ୍ୱାଇଁ, ପଙ୍କଜ ମେହେର ଓ ଆନନ୍ଦ ସାମନ୍ତରାୟ ମୁଖ୍ୟତଃ ଅର୍ଥ ସଂଗ୍ରହ ପାଇଁ ଚେଷ୍ଟା କଲେ ଓ ଅନ୍ୟ ଶ୍ରଦ୍ଧାଳୁ-ଶୁଭେଚ୍ଛୁବୃନ୍ଦ ମଧ୍ୟ ଏଥିପାଇଁ ଯଥାସମ୍ଭବ ପ୍ରଯତ୍ନ କଲେ। ଓଡ଼ିଶାର ପ୍ରତିଟି କୋଣରୁ ସହଯୋଗର ହାତ ଲମ୍ବିଆସିଲା। ୨୦୧୪ରେ ଦ୍ୱାଦଶ ସମୁଲ୍ଲାସର ଅନୁବାଦ ସମ୍ପୂର୍ଣ୍ଣ ହେବା ବେଳକୁ ଅର୍ଦ୍ଧାଧିକ ରାଶି ସଂଗୃହୀତ ହୋଇ ସାରିଥିଲା। ୨୦୧୫ରେ ଇଂ. ପ୍ରିୟଦର୍ଶୀ ଦାସ ଏଥିପାଇଁ ସଦୁଦ୍ୟମ କଲେ। ୨୦୧୭ରେ ମୋତେ ସତ୍ୟାର୍ଥପ୍ରକାଶ(ପୂର୍ବାର୍ଦ୍ଧ)ର ବାକି କାମରେ ନିୟୋଜିତ କରି ଦୁଷ୍ମନ୍ତ ସ୍ୱାଇଁ ଅର୍ଥସଂଗ୍ରହ ଦିଗରେ ପ୍ରଶଂସନୀୟ ପ୍ରୟାସ କଲେ, ଯଦ୍ଦ୍ୱାରାକି ଅଧିକ ଲୋକଙ୍କ ସହଯୋଗ ମିଳିପାରିଲା।

ଏ ସଂସ୍କରଣର ବୈଶିଷ୍ଟ୍ୟ

୧. ୧୮୮୪ରେ ପ୍ରକାଶିତ ସତ୍ୟାର୍ଥପ୍ରକାଶ (ଦ୍ୱିତୀୟ ସଂସ୍କରଣ) ସଂପର୍କରେ ଏକ ସାମାନ୍ୟ ଅବଧାରଣା ପାଇଁ ତା'ର ମୁଖପୃଷ୍ଠର ପ୍ରତିକୃତି ସନ୍ନିବେଶ କରାଯାଇଛି।

୨. ଗୁରୁତ୍ୱ ଦୃଷ୍ଟିରୁ ବୈଦିକ ଯନ୍ତ୍ରାଳୟର ତତ୍‌କାଳୀନ ପ୍ରବନ୍ଧକ ମୁନ୍‌ସି ସମର୍ଥଦାନଙ୍କ ନିବେଦନ ପ୍ରକାଶ କରାଯାଇଛି।

୩. ମହର୍ଷିଙ୍କ ରଚନାର ମୌଳିକତା ରକ୍ଷା କରିବା ଉଦ୍ଦେଶ୍ୟରେ ଋଷି ସଂସ୍କୃତରେ ଲେଖିଥିବା ପ୍ରକରଣଗୁଡ଼ିକୁ (ଯଥା-ସୂଚୀପତ୍ର ଆଦି) ସଂସ୍କୃତରେ ହିଁ ଲେଖାଯାଇଛି। ଋଷି ହିନ୍ଦୀରେ ଲେଖିଥିବା ଅଂଶଗୁଡ଼ିକୁ ହିଁ ଓଡ଼ିଆରେ ଅନୁବାଦ କରାଯାଇଛି।

୪. ଆରମ୍ଭରେ 'ସତ୍ୟାର୍ଥପ୍ରକାଶ କ'ଣ ଓ କାହିଁକି?' ଶୀର୍ଷକରେ ଏକ ଲେଖା ସନ୍ନିବେଶିତ ହୋଇଛି, ଯେଉଁଥିରେ କି ସତ୍ୟାର୍ଥପ୍ରକାଶର ପୃଷ୍ଠଭୂମି, ଏକ ସଂକ୍ଷିପ୍ତ ଇତିବୃତ୍ତ, ତା'ର ମହତ୍ତ୍ୱ, ପ୍ରଭାବ, ପ୍ରତିକ୍ରିୟା ଆଦି ବିଷୟରେ ବିବରଣୀ ପ୍ରଦାନ କରାଯାଇଛି, ଯଦ୍ଦ୍ୱାରା କି ପାଠକ ସତ୍ୟାର୍ଥପ୍ରକାଶର ଐତିହାସିକ ଗୁରୁତ୍ୱକୁ କିଞ୍ଚିତ୍ ହୃଦୟଙ୍ଗମ କରିପାରିବେ।

୫. ସାମାନ୍ୟ ପାଠକଙ୍କ ବୁଝିବାରେ ସୁବିଧା ଦୃଷ୍ଟିରୁ ପ୍ରତ୍ୟେକ ମନ୍ତ୍ର ଓ ଶ୍ଲୋକାଦି ଉଦ୍ଧରଣର ଅର୍ଥ ପୃଥକ୍-ପୃଥକ୍ ପରିଚ୍ଛେଦରେ ଦିଆଯାଇଛି ତଥା ଅନ୍ୟ କଥନରୁ ଏସବୁକୁ ଅଲଗା ରଖିବାର ପ୍ରୟାସ କରାଯାଇଛି।

୬. ଋଷି ସତ୍ୟାର୍ଥପ୍ରକାଶରେ ସିଧା-ସଳଖ ଓ ସ୍ପଷ୍ଟ ଶବ୍ଦରେ ପ୍ରତିପକ୍ଷର ଖଣ୍ଡନ କରି ସିଦ୍ଧାନ୍ତ ପ୍ରତିପାଦନ କରିଥିବା ବେଳେ ଓଡ଼ିଆ ଅନୁବାଦରେ ଅନେକତ୍ର ଅଯଥା ବାକ୍ୟାଡମ୍ବର କାରଣରୁ ଋଷିଙ୍କ ସ୍ପଷ୍ଟୋକ୍ତି, ବ୍ୟଙ୍ଗୋକ୍ତି-ବକ୍ରୋକ୍ତିର ସ୍ୱାଦ ବାରି ହେଉନଥିବା, ଋଷିଙ୍କ ଶାଣିତ ତର୍କାସ୍ତ୍ରର ଧାର ଅନାବଶ୍ୟକ ଶବ୍ଦାଡମ୍ବରର ହାତୁଡ଼ି ପ୍ରହାରରେ ମୁଣ୍ଡା ହୋଇଯାଇଥିବାର ଯେଉଁ ଅଭିଯୋଗ ପ୍ରବୁଦ୍ଧ ପାଠକଙ୍କ ପକ୍ଷରୁ ଉତ୍‌ଥାପନ କରାଯାଉଥିଲା ତା'ର ନିରାକରଣ ନିମନ୍ତେ ସେସବୁ କ୍ଷେତ୍ରରେ ଅତ୍ୟନ୍ତ ସତର୍କତା ପୂର୍ବକ ମହର୍ଷିଙ୍କ ଶବ୍ଦ ଓ ଶୈଳୀକୁ ଯଥାସମ୍ଭବ ଅକ୍ଷୂର୍ଣ୍ଣ ରଖିବାର ପ୍ରଯତ୍ନ କରାଯାଇଛି।

୭. ଏହା ଅନୁବାଦ କାର୍ଯ୍ୟ ହୋଇଥିବାରୁ ଏଥିରେ ଋଷିଙ୍କ ଶବ୍ଦ ଅପେକ୍ଷା ତାଙ୍କ ଆଶୟକୁ ଅଧିକ ଗୁରୁତ୍ୱ ଦିଆଯାଇ ପାଠକଙ୍କୁ ସଂଶୟରହିତ କରିବା ସକାଶେ ଆବଶ୍ୟକ ସ୍ଥଳରେ ସ୍ପଷ୍ଟୀକରଣର ପ୍ରଚେଷ୍ଟା କରାଯାଇଛି।

କୃତଜ୍ଞତା

ପରମପିତା ପରମାତ୍ମାଙ୍କ ମହତୀ ଅନୁକମ୍ପାରୁ ସତ୍ୟାର୍ଥପ୍ରକାଶର କାର୍ଯ୍ୟ ଆଜି ଏ ସ୍ଥିତି ପର୍ଯ୍ୟନ୍ତ ପହଞ୍ଚିପାରିଛି। ମୁଁ କାର୍ଯ୍ୟ ଆରମ୍ଭ କରିବାକୁ ଯିବା ବେଳକୁ ଆବଶ୍ୟକ ସାଧନର ଅଭାବ ଥିଲା। କାର୍ଯ୍ୟର କାଠିନ୍ୟ କାରଣରୁ ଯେତେବେଳେ ବି ମୋର ପ୍ରଗତିର ପଥ ଅବରୁଦ୍ଧ ହେବାକୁ ଯାଇଛି ସେତେବେଳେ ଅନ୍ଧକାରରେ ଆଲୋକବର୍ତ୍ତିକା ସମ ଅପ୍ରତ୍ୟାଶିତ ରୂପେ ଆବଶ୍ୟକ ପୁସ୍ତକ, ପତ୍ରିକା ଓ ଯୋଗ୍ୟ ବିଦ୍ୱାନଙ୍କ ମାର୍ଗଦର୍ଶନ ଉପଲବ୍ଧ କରାଇବା ମାଧ୍ୟମରେ ପରମାତ୍ମା ମୋ ଆଙ୍ଗୁଠି ଧରି ଆଗକୁ ବାଟ କଢ଼ାଇ ନେବା ଭଳି ଅନୁଭୂତ ହୋଇଛି। ଜ୍ଞାନ, ପ୍ରେରଣା, ସାମର୍ଥ୍ୟ, ସାଧନ ପ୍ରଦାନ ପୂର୍ବକ ମୋ ଭଳି ଏକ ଅକିଞ୍ଚନ ମାଧ୍ୟମରେ ମହର୍ଷିଙ୍କ ଅମର କୃତିର ପ୍ରକାଶନ କାର୍ଯ୍ୟ କରାଇବା ଈଶ୍ୱରଙ୍କ କରୁଣାର ହିଁ ନିଦର୍ଶନ। ସେହି ପରମାକାରୁଣିକ ପରମାତ୍ମାଙ୍କୁ କୃତାଞ୍ଜଳି ପୁଟରେ ଅନ୍ତରର ଅନ୍ତରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି। ଯେଉଁ ପୂର୍ବବର୍ତ୍ତୀ ବିଦ୍ୱଦ୍‌ବୃନ୍ଦ ବହୁ ଶ୍ରମ ସ୍ୱୀକାର କରି ସତ୍ୟାର୍ଥପ୍ରକାଶର ଶୁଦ୍ଧତା ଓ ସ୍ପଷ୍ଟତା ଦିଗରେ ମହାନ୍ ପ୍ରୟାସ କରିବା ସହ ପ୍ରତିପାଦିତ ସିଦ୍ଧାନ୍ତର ପୁଷ୍ଟି ନିମିତ୍ତ ପ୍ରଭୂତ ପ୍ରମାଣ ଏକତ୍ରିତ କରିଛନ୍ତି, ସତ୍ୟାର୍ଥପ୍ରକାଶ ବିଷୟକ ବହୁ ପୁସ୍ତକ ସୃଜନ କରି ଏହାର ବହୁ ଗହନ ସ୍ଥଳର ତର୍କପୂର୍ଣ୍ଣ ବ୍ୟାଖ୍ୟା ପ୍ରସ୍ତୁତ କରିଛନ୍ତି, ଯଦ୍ୱାରା କି ମୋର ଏ କାର୍ଯ୍ୟ ସୁଗମ ହୋଇପାରିଛି, ସେ ସମସ୍ତଙ୍କ ଋଷିଭକ୍ତି, ନିଷ୍ଠା, ଅଧ୍ୟବସାୟକୁ ମୁଁ ନମନ, ବନ୍ଦନ କରୁଛି। ଯେଉଁ ଗୁରୁଜନ, ବିଦ୍ୱାନମାନଙ୍କ ସତ୍‌ସଙ୍ଗରୁ ଲବ୍ଧ ଜ୍ଞାନ, ମୀମାଂସା ଏ କାମରେ ସହାୟକ ହୋଇଛି ସମସ୍ତଙ୍କୁ କୃତଜ୍ଞତାପୂର୍ଣ୍ଣ ପ୍ରଣାମ। ଏ କାର୍ଯ୍ୟ ମୋର ଜଣକର କାମ ଭଳି ମୋତେ କେବେ ଅନୁଭୂତ ହୋଇନାହିଁ। ଅର୍ଥସଂଗ୍ରହ, ବିବିଧ ବ୍ୟବସ୍ଥା ଆଦି ଆନୁଷଙ୍ଗିକ କାର୍ଯ୍ୟରେ ବହୁ ବ୍ୟକ୍ତିଙ୍କର ଅବଦାନ ନିହିତ। ଏହା ଏକ ସମ୍ମିଳିତ ପ୍ରୟାସ ରୂପେ ସମ୍ପନ୍ନ ହୋଇଚାଲିଛି। ଅତଃ ଏହି ଗ୍ରନ୍ଥର ପ୍ରକାଶନରେ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପେ ସାହାଯ୍ୟ, ସହଯୋଗ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ ପୂର୍ବକ କାମନା କରୁଛି ଯେ, ଏ ସମସ୍ତଙ୍କ ହୃଦୟରେ ବୈଦିକ ଧର୍ମର ପ୍ରଚାର-ପ୍ରସାର ପାଇଁ ଶ୍ରଦ୍ଧା ଓ ନିଷ୍ଠା ସଦା ବଳବତୀ ହୋଇ ରହୁ ତଥା ସମସ୍ତଙ୍କ ଐହିକ ଓ ପାରଲୌକିକ ଉନ୍ନତି ସାଧିତ ହେଉ।

ଋଷି ଆତ୍ମାଙ୍କ ପ୍ରାଣର ଉଦ୍‌ଗାର 'ସତ୍ୟାର୍ଥପ୍ରକାଶ'କୁ ଅବିକଳ ଭାଷାନ୍ତରିତ କରିପାରିବା ନିଶ୍ଚିତ ରୂପେ କଷ୍ଟସାଧ୍ୟ। ଏଣୁ ଏ ଦିଗରେ ଏହି ଅନୁବାଦଟି କେତେ ସଫଳ-ଅସଫଳ ହୋଇଛି ପାଠକ ହିଁ ତା'ର ଶ୍ରେଷ୍ଠ ବିଚାରକ। ମୋ ଉପରେ ଏ ଗୁରୁଦାୟିତ୍ୱ ନ୍ୟସ୍ତ କରିଥିବା ଋଷିଭକ୍ତ ଜନତାଙ୍କ ଆଶା-ଆକାଂକ୍ଷା ପୂରଣରେ ଏହା କେତେ ସମର୍ଥ ହୋଇଛି ସେ କଥା ସେହିମାନେ ହିଁ କହିପାରିବେ। ଆଗକୁ ସତ୍ୟାର୍ଥପ୍ରକାଶ ସମ୍ବନ୍ଧୀୟ ଆହୁରି ଯୋଗ୍ୟତାପୂର୍ଣ୍ଣ ପ୍ରୟାସ ହେବା ବାଞ୍ଛନୀୟ। ସତ୍ୟାର୍ଥପ୍ରକାଶର ପ୍ରକାଶରେ ପ୍ରତ୍ୟେକ ବ୍ୟକ୍ତିର ଅନ୍ତରର ଅନ୍ଧକାର ଦୂରୀଭୂତ ହେଉ, କୁରୀତି-ନୀତି ଓ ଅନ୍ଧବିଶ୍ୱାସ-ପାଖଣ୍ଡ-ଅବିଦ୍ୟାର ତମିସ୍ରା ଛିନ୍ନ-ଭିନ୍ନ କରି ଏହା ଆତ୍ମାର ମୁକ୍ତି-ମଶାଲ ଜାଳୁ, ଏହା ହିଁ ଅଭିଳାଷ।

ଯେଉଁ ପରମାତ୍ମାଙ୍କ କରୁଣାରେ ସତ୍ୟାର୍ଥପ୍ରକାଶର ଏହି ଶ୍ରମସାଧ୍ୟ ଯାତ୍ରା ଏତିକି ଦୂର ପହଂଚିପାରିଛି, ତାଙ୍କରି ଅନୁକମ୍ପାରେ ବାକି ପଥ ଅତିକ୍ରମ କରି ଏହା ଗନ୍ତବ୍ୟ ସ୍ଥଳରେ ପହଞ୍ଚୁ, ପ୍ରକାଶନ ପୂର୍ଣ୍ଣାଙ୍ଗ ହେଉ ପରିଶେଷରେ ଈଶ୍ୱରଙ୍କ ନିକଟରେ ଏତିକି ମିନତି। ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ —

ପ୍ରଭୁ ପରାତ୍ପର ପରମ ଈଶ୍ୱର
ଆଶ୍ରା ଦିଅ ଶ୍ରୀପୟରେ,
ପୁରୁ ତବ ଇଚ୍ଛା ଏ ନର ପରାଣେ
ଜୟ ଜଗଦୀଶ ହରେ।
ପ୍ରକାଶି କରୁଣା ଯେ ପୁଣ୍ୟ ପ୍ରେରଣା
ଦେଇଅଛ ମୋ ଅନ୍ତରେ,
କର ତାହା ସିଦ୍ଧି କରୁଣା-ବାରିଧି
ଜୟ ଜଗଦୀଶ ହରେ।

ଶ୍ରୁତିସଦନ, ରାଉରକେଲା-୩
ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ସ୍ୱାଧୀନତା ଦିବସ, ୨୦୧୭

ସୁଧାନନ୍ଦ ସରସ୍ୱତୀ

ସତ୍ୟାର୍ଥପ୍ରକାଶ କ'ଣ ଓ କାହିଁକି ?

ଆଜିକୁ ପ୍ରାୟ ୧୫୦ ବର୍ଷ ପୂର୍ବରୁ ବୈଦିକ ସଂସ୍କୃତି ଉପରେ ଚତୁର୍ଦ୍ଦିଗରୁ ଆକ୍ରମଣ ହେଉଥିଲା। ଲର୍ଡ ମ୍ୟାକଲେ ବୈଦିକ ଧର୍ମ ଓ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଆମ ଶିକ୍ଷା ପ୍ରଣାଳୀରେ ଆମୂଳଚୂଳ ପରିବର୍ତ୍ତନ କରିଦେଇଥିଲେ। ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ବେଦାନୁସନ୍ଧାନ ବିଭାଗ ଖୋଲି ପ୍ରଫେସର୍ ମ୍ୟାକ୍ସମୁଲରଙ୍କ ଦ୍ୱାରା ବେଦର ଇଂରାଜୀରେ ଏପରି ବ୍ୟାଖ୍ୟା କରାଗଲା ଯାହାକୁ ପଢ଼ି ବ୍ୟକ୍ତି ବେଦ ଓ ବୈଦିକ ସଂସ୍କୃତି ଠାରୁ ଦୂରେଇ ଯାଇ ଖ୍ରୀଷ୍ଟମତ ସ୍ୱୀକାର କରିନେବ। କାରଣ ସାୟଣ-ମହୀଧର-ଉବ୍‌ବଟ ଆଦି ବେଦ-ଭାଷ୍ୟକାର ବେଦମନ୍ତ୍ରର ପଶୁବଳି, ନରବଳି, ମାଂସଭକ୍ଷଣ, ମଦିରାପାନ, ଅନ୍ୟ ଅଶାଳୀନ ଅର୍ଥପରକ, ବୁଦ୍ଧିବିରୁଦ୍ଧ ଅର୍ଥ କରିଥିଲେ। ଯାହାର ଅନୁବାଦ ଇଂରାଜୀରେ କରି ପାଶ୍ଚାତ୍ୟ ବିଦ୍ୱାନ୍‌ଗଣ ବେଦକୁ ଉପହାସର ସାମଗ୍ରୀ କଲେ ତଥା ଇଂରାଜୀ ପଠିତ ବ୍ୟକ୍ତିମାନଙ୍କୁ ବେଦର ସନ୍ମାର୍ଗରୁ ଦୂରେଇ ଦେଲେ।

ମୁସଲମାନମାନଙ୍କ ପକ୍ଷରୁ 'ତୋହଫତୁଲହିନ୍ଦ୍' ଭଳି ପୁସ୍ତକ ପ୍ରକାଶିତ ହେଉଥିଲା, ଯେଉଁଥିରେ କି ହିନ୍ଦୁ ଦେବାଦେବୀଙ୍କ ଉପରେ ଆକ୍ଷେପ କରାଯାଉଥିଲା। ତା'ର ଉତ୍ତର ତ ମୁନ୍‌ସି ଇନ୍ଦ୍ରମଣି ଭଳି ବ୍ୟକ୍ତି ଦେଉଥିଲେ। ଅନ୍ୟର ଆକ୍ରମଣରୁ ନିଜ ରକ୍ଷାର କିଛି ପ୍ରଯତ୍ନ ତ ହେଉଥିଲା; କିନ୍ତୁ ନିଜ ରକ୍ଷା ସାଙ୍ଗକୁ ହିନ୍ଦୁଙ୍କ ପକ୍ଷରୁ ଦୃଢ଼ତାପୂର୍ବକ କୌଣସି ପ୍ରତ୍ୟାକ୍ରମଣ ବିରୋଧୀଙ୍କ ଉପରେ ହେଉନଥିଲା ଯାହାଦ୍ୱାରା କି ହିନ୍ଦୁମାନଙ୍କୁ ବୈଦିକ ଧର୍ମ ଓ ଅନ୍ୟ ମତ-ମତାନ୍ତରର ଯଥାର୍ଥ ସ୍ୱରୂପ ହୃଦୟଙ୍ଗମ କରାଇ ଖ୍ରୀଷ୍ଟମତ ଓ ଇସ୍‌ଲାମ୍ ଆଡ଼କୁ ପ୍ରେରିତ ହେବାରୁ ରୋକାଯାଇପାରିବ।

ହିନ୍ଦୁସମାଜର ଦୟନୀୟ ସ୍ଥିତି

ହିନ୍ଦୁସମାଜର ସ୍ଥିତି ଥିଲା ଅତ୍ୟନ୍ତ ଦୟନୀୟ। ଏଥିରେ କୌଣସି ଏକରୂପତା ନ ଥିଲା। ଈଶ୍ୱରଙ୍କ ସ୍ୱରୂପ ଓ ତାଙ୍କ ପୂଜାବିଧି ଆଦିରେ ବି କୌଣସି ସମାନତା ନଥିଲା। ଅଶ୍ୱତ୍ଥ ଗଛରେ ନାଲିକନା ବାନ୍ଧିବାକୁ କେହି ପୂଜା ବୋଲି ମନେକରୁଥିଲା ତ କେହି ଗଙ୍ଗାରେ ବୁଡ଼ ମାରିବାକୁ, ଶିବଙ୍କୁ ଭାଙ୍ଗପଣା ଦେଇ କେହି ପୂଜା କରୁଥିଲା ତ ଭୈରବଙ୍କୁ ମଦ ଦେଇ କେହି ସନ୍ତୁଷ୍ଟ କରିବାର ପ୍ରୟାସ କରୁଥିଲା, ଆଉ କେହି ଠାକୁରାଣୀଙ୍କୁ ରକ୍ତରେ ତୃପ୍ତ କରିବାକୁ ଯତ୍ନ କରୁଥିଲା। ମଦ-ମାଂସ, ଭାଙ୍ଗ-ଗଞ୍ଜେଇ ଭୋଗ ଲଗାଉଥିବା ଲୋକେ ତଥା 'ଅହିଂସା ପରମୋ ଧର୍ମଃ' ଜପ କରୁଥିବା ଲୋକେ ସମସ୍ତେ ହିନ୍ଦୁ ଧର୍ମର ଅନୁଯାୟୀ ରୂପେ ପରିଚୟ ଦେଉଥିଲେ। ଶୈବ, ଶାକ୍ତ, ବୈଷ୍ଣବ ଆଦି କେତେ ଯେ ଭାଗରେ ବିଭକ୍ତ ସମସ୍ତେ ନିଜ-ନିଜ ଦେବତାଙ୍କ ମୁଖ୍ୟତାକୁ ନେଇ କଳି-ତକରାଳରେ ଲିପ୍ତ ଥିଲେ। ନା ଦେବୀ-ଦେବତାଙ୍କୁ ନେଇ ଏକରୂପତା, ନା ରୀତି-ନୀତିକୁ ନେଇ ସମାନତା, ନା ମଠ-ମନ୍ଦିର ଏକା ଭଳି, ନା ମୂର୍ତ୍ତି-ପ୍ରତିକୃତି ଏକା ପରି, ନା ଧର୍ମଗ୍ରନ୍ଥରେ ବି ଏକରୂପତା ଥିଲା। କେବଳ ଏତିକି ନୁହେଁ, ବିରାଡ଼ି ଚୁଲିମୁଣ୍ଡରେ ଶୋଇଲେ ରୋଷେଇ ଘର ମାରା ହେଉନଥିଲା; କିନ୍ତୁ ଅନେକ ବର୍ଗର ମଣିଷଙ୍କ ଛାଇ

ପଡ଼ିଗଲେ ତାହା ମାରା ହେଲା ବୋଲି ମାନିନିଆଯାଉଥିଲା। ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ। କିନ୍ତୁ କେବଳ ଜନ୍ମଗତ କାରଣରୁ ସମାଜର ଏକ ବଡ଼ ବର୍ଗକୁ ଅସ୍ପୃଶ୍ୟ କହି ପଶୁଠୁ ବି ତଳ ସ୍ତରରେ ବିବେଚନା କରାଯାଉଥିଲା।

ଈଶ୍ୱରଙ୍କ ନାମରେ କାଠ-ପଥର ହିଁ ନୁହେଁ, ଅପିତୁ ମୁସଲମାନଙ୍କ ଦେଖାଦେଖି କବରର ପୂଜା ମଧ୍ୟ ହିନ୍ଦୁଙ୍କ ଦ୍ୱାରା ହେବାକୁ ଲାଗିଥିଲା, ଜୀବିତ ମାତା-ପିତାଙ୍କ ଶ୍ରଦ୍ଧାପୂର୍ବକ ସେବା ପରିବର୍ତ୍ତେ ମୃତକ-ଶ୍ରାଦ୍ଧର ପ୍ରଚଳନ ଥିଲା। ମାତା-ପିତା ବଞ୍ଚିଥିବା ବେଳେ ବରଂ ଠେଙ୍ଗା ଦିଆଯାଉ; କିନ୍ତୁ ସେମାନେ ମଲାପରେ ହାଡ଼ ଗଙ୍ଗାରେ ପହଞ୍ଚାଇବା ଅନିବାର୍ଯ୍ୟ ଥିଲା। ସକଳ ପ୍ରାଚୀନ ଗ୍ରନ୍ଥରେ ବର୍ଣ୍ଣିତ ସମ୍ବୋଧନବାଚକ, ସଦ୍‌ଗୁଣଦ୍ୟୋତକ, ଗୌରବଶାଳୀ 'ଆର୍ଯ୍ୟ' ଶବ୍ଦକୁ ଭୁଲି ଭାରତବାସୀ ହିନ୍ଦୁ ଶବ୍ଦ ନିଜ ନିମନ୍ତେ ପ୍ରୟୋଗ କରିବାକୁ ଲାଗିଥିଲେ। ଗାର୍ଗୀ ଓ ମୈତ୍ରେୟୀଙ୍କ ଭଳି ବିଦୂଷୀ ମହିଳାଙ୍କ ଯଶୋଗାଥା ତୁଣ୍ଡେ-ତୁଣ୍ଡେ ଶୁଣାଯାଉଥିବା ସତ୍ତ୍ୱେ ନାରୀକୁ ଶିକ୍ଷାରୁ ବଞ୍ଚିତ ତଥା ଗୃହର ଚାରିକାନ୍ଥ ଭିତରେ ବନ୍ଦିନୀ କରି ତାକୁ ନରକର ଦ୍ୱାର ବୋଲି ବିବେଚନା କରାଯାଉଥିଲା। ସତୀପ୍ରଥା, ବାଲ୍ୟବିବାହ, ବୃଦ୍ଧବିବାହ ଆଦି ଅନେକ କୁରୀତି-ନୀତି ପ୍ରାରମ୍ଭ ହୋଇଯାଇଥିଲା। ଏପରି ଭୟଙ୍କର ସମୟରେ ମହର୍ଷି ଦୟାନନ୍ଦ ସରସ୍ୱତୀ ସ୍ୱ ତୀବ୍ର ମେଧା ବୁଦ୍ଧି, ତର୍କ ଓ ପ୍ରମାଣ ଦ୍ୱାରା ସଂସ୍କୃତିର ଯେଉଁ ସୁରକ୍ଷା କବଚ ଓ ଏସବୁ କୁରୀତି-ନୀତିର ସମୂଳ ବିଧ୍ୱଂସର ବ୍ରହ୍ମାସ୍ତ୍ର ସୃଜନ କଲେ ତଥା ମନୁଷ୍ୟକୁ ମଣିଷ ହେବାର ମାର୍ଗ ଦେଖାଇଲେ ତାହା ହେଲା – **'ସତ୍ୟାର୍ଥପ୍ରକାଶ'**।

ଉନବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ପ୍ରଣୀତ ସତ୍ୟାର୍ଥପ୍ରକାଶ ଧାର୍ମିକ, ଦାର୍ଶନିକ ଓ ହିନ୍ଦୀ ସାହିତ୍ୟିକ ଜଗତର ଏକ ଅଦ୍‌ଭୁତ ରଚନା। ଏହି ବିଶ୍ୱ-ଧର୍ମକୋଷରେ ବୈଦିକ ସିଦ୍ଧାନ୍ତ ଓ ଦାର୍ଶନିକ ପ୍ରଶ୍ନର ସୂକ୍ଷ୍ମ ମୀମାଂସା ହିନ୍ଦୀ ଗଦ୍ୟରେ ପ୍ରଥମ ଥର ସେ ସମୟରେ ପ୍ରସ୍ତୁତ କରାଯାଇଥିଲା, ଯେତେବେଳେ କି ହିନ୍ଦୀକୁ ଏକ ମାମୁଲି ଭାଷା ରୂପେ ବିବେଚନା କରାଯାଉଥିଲା। ସେ ସମୟରେ ହିନ୍ଦୀ ଭାଷା କେବଳ କଥା ତଥା ନାଟକ ପର୍ଯ୍ୟନ୍ତ ହିଁ ସୀମିତ ଥିଲା। ରୀତିଯୁଗୀୟ ଶୃଙ୍ଗାର ରସ ଏହାର ମୁଖ୍ୟ ଅଳଙ୍କାର ଥିଲା। 'ସତ୍ୟାର୍ଥପ୍ରକାଶ' ଏହି ଗଡ଼ଡ଼ାଳିକା ପ୍ରବାହର ଏକ ସୁଦୃଢ଼ ମୋଡ଼ ଥିଲା। ହିନ୍ଦୀ ଗଦ୍ୟରେ ଶାସ୍ତ୍ରୀୟ ଆଧାରରେ ଖଣ୍ଡନ-ମଣ୍ଡନ, ଆଲୋଚନା-ପ୍ରତ୍ୟାଲୋଚନା ଓ ଉତ୍ତର-ପ୍ରତ୍ୟୁତ୍ତରର ଏହା ଏକ ପ୍ରମୁଖ ଗ୍ରନ୍ଥ।

ବହୁ ସମୀକ୍ଷକଙ୍କ ମତ ଯେ, ହିନ୍ଦୀକୁ ଲୋକପ୍ରିୟ ଜନଭାଷା କରିବାରେ ସତ୍ୟାର୍ଥପ୍ରକାଶର ଏକ ପ୍ରମୁଖ ଯୋଗଦାନ ରହିଛି। ଅସଂଖ୍ୟ ଧାର୍ମିକ ନର-ନାରୀ କେବଳ ଏ ଗ୍ରନ୍ଥର ସ୍ୱାଧ୍ୟାୟ ପାଇଁ ଦେବନାଗରୀ ଲିପି ଶିଖିଥିଲେ। ଲୋକପ୍ରିୟତା ଦୃଷ୍ଟିରୁ ହିନ୍ଦୀ ଗଦ୍ୟର ଅନ୍ୟ କୌଣସି ଗ୍ରନ୍ଥ ସତ୍ୟାର୍ଥପ୍ରକାଶର ସମସ୍କନ୍ଧ ହୋଇପାରି ନାହିଁ। ଏହା ଏକମାତ୍ର ଏପରି ଗ୍ରନ୍ଥ ଯାହାର ପ୍ରଥମ ଓ ଦ୍ୱିତୀୟ ସଂସ୍କରଣର ଅର୍ଦ୍ଧମୁଦ୍ରିତ ଅବସ୍ଥାରେ ହିଁ ବିକ୍ରି ଆରମ୍ଭ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା କେବଳ ଦେବନାଗରୀ ଲିପିରେ ସତ୍ୟାର୍ଥପ୍ରକାଶ ଲକ୍ଷ-ଲକ୍ଷ ସଂଖ୍ୟାରେ ମୁଦ୍ରିତ ହୋଇସାରିଛି। ତନ୍ମଧ୍ୟରୁ କେବଳ ପରୋପକାରିଣୀ ସଭା, ଅଜମେର ପକ୍ଷରୁ ୨୦୦୬ର ୩୯ତମ ସଂସ୍କରଣ ସୁଦ୍ଧା ୪ ଲକ୍ଷ ପୁସ୍ତକ ପ୍ରକାଶିତ ହୋଇଛି। ହିନ୍ଦୀ ତଥା ଅନ୍ୟ ଭାଷାରେ ସତ୍ୟାର୍ଥପ୍ରକାଶର ୨୨ ଲକ୍ଷରୁ ଅଧିକ ସଂଖ୍ୟକ ପୁସ୍ତକ ଛପା ହୋଇସାରିଛି। ଏହାର ବିଭିନ୍ନ ସଂସ୍କରଣ, ଅନୁବାଦ ତଥା ପକ୍ଷ-ବିପକ୍ଷରେ ଲିଖିତ ପୁସ୍ତକର ସୂଚୀ ଡଃ. ଭବାନୀଲାଲ୍ ଭାରତୀୟଙ୍କ 'ବିଶ୍ୱଧର୍ମ କୋଷ : ସତ୍ୟାର୍ଥପ୍ରକାଶ' ତଥା ଉମାକାନ୍ତ ଉପାଧ୍ୟାୟଙ୍କ 'ଯୁଗନିର୍ମାତା ସତ୍ୟାର୍ଥପ୍ରକାଶ : ସନ୍ଦର୍ଭ ଦର୍ପଣ'ରେ ପ୍ରଦତ୍ତ।

ଏହା ହିଁ ଏକମାତ୍ର ପୁସ୍ତକ ଯାହାର ପକ୍ଷ-ବିପକ୍ଷରେ ସେ ସମୟରେ ସର୍ବାଧିକ ପୁସ୍ତକ ଲେଖାଯାଇଥିଲା। ଏହା ଦ୍ୱାରା ହିନ୍ଦୀ-ପ୍ରଚାରକୁ ମଧ୍ୟ ବହୁ ସହଯୋଗ ମିଳିଲା ଏବଂ ଜନମାନସରେ ଏହି ଗ୍ରନ୍ଥର ପ୍ରଭାବ ପଡ଼ିଲା। ଏକଥା ନିଃସନ୍ଦେହ ଯେ ଆଚାର୍ଯ୍ୟ ଶଙ୍କରଙ୍କ ବେଦାନ୍ତ ଦର୍ଶନର ଭାଷ୍ୟ ପରେ ଯଦି କୌଣସି ଗ୍ରନ୍ଥ ଭାରତର ଦାର୍ଶନିକ ଜଗତରେ ଭୂମିକମ୍ପ ଭଳି ଆଲୋଡ଼ନ ସୃଷ୍ଟି କରିଥିଲା, ତେବେ ତାହା ଥିଲା ମହର୍ଷି ଦୟାନନ୍ଦଙ୍କ ଏହି କାଳଜୟୀ ଗ୍ରନ୍ଥ। ପରବର୍ତ୍ତୀ କାଳରେ ସତ୍ୟାର୍ଥପ୍ରକାଶ ଦେଶ-ବିଦେଶର ଅନେକ ଧାର୍ମିକ, ସାମାଜିକ ଓ ରାଜନୈତିକ ଆନ୍ଦୋଳନର ମୂଳସ୍ରୋତ ସିଦ୍ଧ ହେଲା।

ନାମକରଣ

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନୁସାରେ ସତ୍ୟର ପ୍ରକାଶକ ତ ପରମେଶ୍ୱର ଅଟନ୍ତି, ଯିଏ କି ଏଇଥି ପାଇଁ ସୃଷ୍ଟିର ପ୍ରାରମ୍ଭରେ ବେଦଜ୍ଞାନ ପ୍ରଦାନ କରନ୍ତି। ମହର୍ଷି ତ କେବଳ ସେ ଆବରଣକୁ ଉଠାଉଛନ୍ତି ଯାହାକି ସମୟାନୁକ୍ରମେ ବେଦର ସତ୍ୟ-ଅର୍ଥ ଉପରେ ପଡ଼ିଯାଇଥିଲା। ଏଣୁ ଦୟାନନ୍ଦ ଏହି ଗ୍ରନ୍ଥର ନାମ 'ସତ୍ୟପ୍ରକାଶ' ନ ରଖି 'ସତ୍ୟାର୍ଥପ୍ରକାଶ' ରଖିଲେ। **'ସତ୍ୟାର୍ଥପ୍ରକାଶ'**ର ଅର୍ଥ ବେଦର ଶବ୍ଦ ଓ ସିଦ୍ଧାନ୍ତର ସତ୍ୟ ଅର୍ଥର ପ୍ରକାଶକ। ଏହା ଈଶ୍ୱର ଓ ବେଦ ପ୍ରତି ମହର୍ଷିଙ୍କର ଗଭୀର ଶ୍ରଦ୍ଧାର ଅଭିବ୍ୟକ୍ତି।

ଭିନ୍ନ ସଂସ୍କରଣ

ସତ୍ୟାର୍ଥପ୍ରକାଶ ବିଭିନ୍ନ ବିଷୟ ବିଷୟରେ ମହର୍ଷି ଦୟାନନ୍ଦଙ୍କ ଚିନ୍ତନର ସାର। ଏହାର ଦୁଇଟି ଭିନ୍ନ-ଭିନ୍ନ ସଂସ୍କରଣ। ପ୍ରଥମ ସଂସ୍କରଣ ୧୮୭୫ ଖ୍ରୀଷ୍ଟାବ୍ଦ (ବିକ୍ରମାବ୍ଦ ୧୯୩୨)ର। ଏହା କେବଳ ଥରେ ପ୍ରକାଶିତ ହୋଇଥିଲା। ସତ୍ୟାର୍ଥପ୍ରକାଶର ଦ୍ୱିତୀୟ ସଂଶୋଧିତ ସଂସ୍କରଣ ବୈଦିକ ଯନ୍ତ୍ରାଳୟ, ପ୍ରୟାଗରୁ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ପରେ ୧୮୮୪ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ସତ୍ୟାର୍ଥପ୍ରକାଶ କହିଲେ ଏହି ଦ୍ୱିତୀୟ ସଂସ୍କରଣକୁ ହିଁ ବୁଝାଯାଉଛି ଏବଂ ବିଭିନ୍ନ ସଂସ୍ଥାନ ଓ ପ୍ରକାଶକଙ୍କ ଦ୍ୱାରା ଏହି ସଂସ୍କରଣ ଓ ଏହାର ଅନୁବାଦ ହିଁ ପ୍ରକାଶିତ ହୋଇଆସୁଛି। ଦ୍ୱିତୀୟ ସଂସ୍କରଣରେ ପୂର୍ବାପେକ୍ଷା କିଛି ଯୋଡ଼ାଯାଇଛି ତ କିଛି ଛଡ଼ା ବି ଯାଇଛି। ଦ୍ୱିତୀୟ ସଂସ୍କରଣରେ ବେଦାଦି ଗ୍ରନ୍ଥର ଉଦ୍ଧରଣ ବି ଅଧିକ ଦିଆଯାଇଛି। ଭାଷାରେ ମଧ୍ୟ ସୁଧାର କରାଯାଇଛି।

ଗ୍ରନ୍ଥ ରଚନାର ଇତିହାସ

ବୈଦିକ ଧର୍ମର ପ୍ରଚାର-ପ୍ରସାର କରିବା ଉଦ୍ଦେଶ୍ୟରେ ମହର୍ଷି ଦୟାନନ୍ଦ ୧୮୭୪ ଖ୍ରୀଷ୍ଟାବ୍ଦ ମଇ ମାସ (ବିକ୍ରମାବ୍ଦ ୧୯୩୧, ଜ୍ୟେଷ୍ଠ ମାସ)ରେ କାଶୀରେ ପହଞ୍ଚିଲେ। ସେତେବେଳେ ସେଠାକାର ଡେପୁଟି କଲେକ୍ଟର ଥିଲେ ରାଜା ଜୟକୃଷ୍ଣଦାସ, ସି.ଏସ୍.ଆଇ। ରାଜା ଜୟକୃଷ୍ଣଦାସ ମୁରାଦାବାଦର ନିବାସୀ ଏବଂ ସାମବେଦୀୟ ବ୍ରାହ୍ମଣ ଥିଲେ। ମହର୍ଷିଙ୍କ ସହ ତାଙ୍କର ପୂର୍ବ ପରିଚୟ ଥିଲା। ମହର୍ଷିଙ୍କ ଜନ-କଲ୍ୟାଣକାରୀ ଉପଦେଶ ଶୁଣି ତାଙ୍କ ପ୍ରତି ଜୟକୃଷ୍ଣ ଦାସଙ୍କ ଶ୍ରଦ୍ଧା ଭାବନା ଥିଲା। ସେ ଋଷିବରଙ୍କୁ ନିବେଦନ କଲେ—"ଭଗବନ୍! ଆପଣଙ୍କ ଉପଦେଶାମୃତରେ କେବଳ ଉପଦେଶ ଶୁଣିବାକୁ ଆସୁଥିବା ଶ୍ରୋତାମାନେ ହିଁ ଉପକୃତ ହେଉଛନ୍ତି। ଯେଉଁମାନଙ୍କୁ

ଆପଣଙ୍କ ମୁଖାରବିନ୍ଦରୁ ଉପଦେଶ ଶ୍ରବଣ କରିବାର ସୌଭାଗ୍ୟ ମିଳିପାରୁନାହିଁ ସେମାନେ ସେ ଲାଭରୁ ବଞ୍ଚିତ ରହୁଛନ୍ତି। ଏଣୁ ଯଦି ଉପଦେଶଗୁଡ଼ିକୁ ସଂକଳନ କରି ଗ୍ରନ୍ଥ ଆକାରରେ ପ୍ରକାଶନ କରିଦିଆଯାଆନ୍ତା, ତେବେ ସେମାନେ ବି ଉପକୃତ ହୋଇପାରନ୍ତେ ଯେଉଁମାନଙ୍କୁ ଆପଣଙ୍କ ପ୍ରବଚନ ଶୁଣିବାର ସୌଭାଗ୍ୟ ମିଳୁନାହିଁ। ତା' ସହ ଏ ଉପଦେଶ ସବୁ ଚିରସ୍ଥାୟୀ ହୋଇଯାଆନ୍ତା ଏବଂ ଭବିଷ୍ୟତ ପିଢ଼ି ବି ଏତଦ୍ଦ୍ୱାରା ଲାଭାନ୍ୱିତ ହୋଇପାରନ୍ତେ। ଏହି ଗ୍ରନ୍ଥ ଲିପିବଦ୍ଧ କରିବା ବ୍ୟବସ୍ଥା ଏବଂ ଛପାଇବାର ସମସ୍ତ ବ୍ୟୟ ମୁଁ ବହନ କରିବି।"

ମହର୍ଷିଙ୍କୁ ଏହି ପ୍ରସ୍ତାବ ଉପଯୋଗୀ ଅନୁଭୂତ ହେଲା ଏବଂ ସେ ଏଥିପାଇଁ ତୁରନ୍ତ ସ୍ୱୀକୃତି ପ୍ରଦାନ କଲେ। ମହର୍ଷିଙ୍କ ବିଚାରକୁ ଲିପିବଦ୍ଧ କରିବା ପାଇଁ ରାଜା ଜୟକୃଷ୍ଣଦାସ ଜଣେ ମହାରାଷ୍ଟ୍ରୀୟ ପଣ୍ଡିତ ଚନ୍ଦ୍ରଶେଖରଙ୍କୁ ନିଯୁକ୍ତ କଲେ। ମହର୍ଷି କହିଚାଲୁଥାନ୍ତି ଏବଂ ପଣ୍ଡିତ ଚନ୍ଦ୍ରଶେଖର ତାକୁ ଲେଖୁଥାନ୍ତି। ମାତୃଭାଷା ଗୁଜରାଟୀ ଥିବାରୁ ଓ ବହୁ ବର୍ଷ ଧରି କେବଳ ସଂସ୍କୃତରେ କହୁଥିବାରୁ ତଥା ହିନ୍ଦୀ କହିବାର ଅନଭ୍ୟାସ କାରଣରୁ ଋଷିଙ୍କ ମୁଖରୁ ଯେଉଁ ଭାବ ଅନାୟାସରେ ସଂସ୍କୃତରେ ବ୍ୟକ୍ତ ହୋଇଯାଉଥିଲା, ତା'ର ହିନ୍ଦୀ ଅନୁବାଦ ମଧ୍ୟ ଚନ୍ଦ୍ରଶେଖର କରୁଥିଲେ। ଏହିପରି ଭାବେ ଏହି ଗ୍ରନ୍ଥ ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଡାକି ଲେଖାଯାଇଥିବା ଗ୍ରନ୍ଥ, ଶ୍ରୁତଲିଖନ ପଦ୍ଧତିରେ ରଚିତ ପୁସ୍ତକ, ଋଷିଙ୍କ ହସ୍ତଲିଖିତ ନୁହେଁ। ଏହି ଗ୍ରନ୍ଥ ପ୍ରବଚନ ଶୈଳୀରେ ଲିଖିତ। ହିନ୍ଦୀ ଗଦ୍ୟ ସାହିତ୍ୟରେ ପ୍ରବଚନ ଶୈଳୀରେ ଲେଖାଯାଇଥିବା ଏହା ସର୍ବପ୍ରଥମ ପୁସ୍ତକ।

ଗ୍ରନ୍ଥ ହିନ୍ଦୀରେ କାହିଁକି ?

ମହର୍ଷିଙ୍କ ମାତୃଭାଷା ଗୁଜରାଟୀ ଥିଲା। କିନ୍ତୁ ମାର୍ଚ୍ଚ ୧୮୬୭ରେ ହରିଦ୍ୱାରର କୁମ୍ଭମେଳାରେ ପାଖଣ୍ଡ-ଖଣ୍ଡନୀ ପତାକା ଉଡ଼ାଇ ବୈଦିକ ଧର୍ମର ପ୍ରଚାର କରିବା ପରଠାରୁ ଋଷି ଅନେକ ବର୍ଷ ପର୍ଯ୍ୟନ୍ତ କେବଳ ସଂସ୍କୃତରେ କଥାବାର୍ତ୍ତା କରୁଥିଲେ। ପ୍ରବଚନ ବି ଅତି ସରଳ ସଂସ୍କୃତରେ ଦେଉଥିଲେ, ଯାହାକି ଅଳ୍ପ ପରିଶ୍ରମରେ ଶ୍ରୋତା ସହଜରେ ବୁଝିପାରିବେ। ସେ ୧୬ ଡିସେମ୍ବର ୧୮୭୨ ରୁ ୧ ଅପ୍ରେଲ ୧୮୭୩ ପର୍ଯ୍ୟନ୍ତ କଲିକତାରେ ରହିଲେ। ସେତେବେଳେ ତାଙ୍କୁ ଅନୁଭବ ହେଲା ଯେ ସେ ସଂସ୍କୃତ-ଭାଷୀ ହେବାର ଅନୁଚିତ ଲାଭ ପୌରାଣିକ ପଣ୍ଡିତ ଉଠାଉଛନ୍ତି। ତାଙ୍କର ପ୍ରବଚନରେ ଯେଉଁ ସ୍ଥଳରେ ପୌରାଣିକ ସିଦ୍ଧାନ୍ତର ଖଣ୍ଡନ ହେଉଛି, ସେମାନଙ୍କ ସ୍ୱାର୍ଥ ହାନି ହେବାର ଦେଖାଯାଉଛି ସେ ସ୍ଥାନରେ ସେ ପୌରାଣିକ ପଣ୍ଡିତମାନେ ପ୍ରବଚନର ଓଲଟା ଅର୍ଥ ଲୋକଙ୍କୁ ବୁଝାଇ ଦେଉଛନ୍ତି। କାହିଁକି ନା ୨୩ ଫେବୃଆରୀ ୧୮୭୩ ରେ ଗୋରାଚାନ୍ଦ ଦତ୍ତଙ୍କ ନିବାସରେ 'ଈଶ୍ୱର ଓ ଧର୍ମ' ବିଷୟରେ ଋଷିଙ୍କ ଭାଷଣରେ ମୂର୍ତ୍ତିପୂଜାର ସ୍ପଷ୍ଟ ଖଣ୍ଡନ ଥିଲା। କିନ୍ତୁ ବଙ୍ଗାଳୀ ଭାଷାରେ ତା'ର ଅନୁବାଦ କରି ଶ୍ରୋତାଙ୍କୁ ବୁଝାଉଥିବା ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ତା'ର ଅନ୍ୟଥା ଅର୍ଥ କରି ବୁଝାଇଥିଲେ। ଶ୍ରୋତାଙ୍କୁ ବଙ୍ଗଳା ଭାଷାରେ କ'ଣ କୁହାଗଲା ଋଷି ତ ବୁଝିପାରିଲେନି। କିନ୍ତୁ ସଭାରେ ଉପସ୍ଥିତ ଥିବା ସେଠାକାର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରମାନେ ମହେଶଚନ୍ଦ୍ରଙ୍କ ଏ ଅନର୍ଥ ଅନୁବାଦର ପ୍ରତିବାଦ କଲେ। ତା' ପରେ ବ୍ରାହ୍ମସମାଜର ନେତା କେଶବଚନ୍ଦ୍ର ସେନ୍ ଏଣିକି ହିନ୍ଦୀ ଭାଷାରେ ବ୍ୟାଖ୍ୟାନ କରିବା ପାଇଁ ସ୍ୱାମୀଜୀଙ୍କୁ ନିବେଦନ କଲେ। ସ୍ୱାମୀଜୀ ଏ ଉଚିତ ପ୍ରସ୍ତାବ ସ୍ୱୀକାର କଲେ। ସେ ଏଣିକି ହିନ୍ଦୀରେ କହିବାକୁ ମନ ବଳାଇଲେ ଏବଂ ତାହା ବି ୪୮ ବର୍ଷ ବୟସରେ। ୧୮୭୪ରେ ସ୍ୱାମୀଜୀ ବୈଦିକ ଧର୍ମ ପ୍ରଚାର ପାଇଁ ପଞ୍ଚମ ଥର କାଶୀ ଆସିବା ବେଳକୁ ଅଳ୍ପ-ଅଳ୍ପ ହିନ୍ଦୀ କହିବା ଆରମ୍ଭ କରିସାରିଥିଲେ, ତଥାପି ଦୀର୍ଘକାଳର ଅଭ୍ୟାସ କାରଣରୁ ଅନେକ ଶବ୍ଦ ତଥା

ବାକ୍ୟ ସ୍ୱାଭାବିକ ରୂପେ ସଂସ୍କୃତରେ ହିଁ ବାହାରି ଯାଉଥିଲା । ସେ ସମୟରେ ପ୍ରାଚୀନ ଧର୍ମଶାସ୍ତ୍ର ଓ ଭାଷ୍ୟଗୁଡ଼ିକ ମୁଖ୍ୟତଃ ସଂସ୍କୃତ ଭାଷାରେ ଥିବା ସତ୍ତ୍ୱେ ସ୍ୱାର୍ଥୀ ପଣ୍ଡିତମାନେ ଜନସାଧାରଣଙ୍କୁ ଦୟାନନ୍ଦଙ୍କ କଥନର ଓଲଟା ଅଭିପ୍ରାୟ ନ ବୁଝାଇ ଦିଅନ୍ତୁ, ଜନସାଧାରଣ ସିଧା-ସଳଖ ନିଜେ ପଢ଼ି ମଧ୍ୟ ଋଷିଙ୍କ ଆଶୟକୁ ଠିକ୍-ଠିକ୍ ଅବଗତ ହୁଅନ୍ତୁ, ଏହି ଉଦ୍ଦେଶ୍ୟରେ ମହର୍ଷି ଏହି କାଳଜୟୀ କୃତିକୁ ଆର୍ଯ୍ୟ(ହିନ୍ଦୀ) ଭାଷାରେ ରଚନା କଲେ । ସମଗ୍ର ଆର୍ଯ୍ୟାବର୍ତ୍ତକୁ ଏକ ସୂତ୍ରରେ ବାନ୍ଧିବାକୁ ହେଲେ ଆକୁମାରୀହିମାଚଳ ଏକ ସଂଯୋଗକାରୀ ଭାଷା ଆବଶ୍ୟକ ବୋଲି ଋଷି ହୃଦୟଙ୍ଗମ କରିଥିଲେ । ସମୟର ଆବଶ୍ୟକତା ଦୃଷ୍ଟିରୁ ହିନ୍ଦୀକୁ ଆର୍ଯ୍ୟମାନଙ୍କ ସଂଯୋଗକାରୀ ଭାଷା କରିବା ପାଇଁ ଋଷି ହିନ୍ଦୀକୁ ଆର୍ଯ୍ୟଭାଷା ବୋଲି କହୁଥିଲେ ।

ଗ୍ରନ୍ଥ ରଚନା କାଳ

ରାଜା ଜୟକୃଷ୍ଣଦାସଙ୍କ ଉଚିତ ପ୍ରସ୍ତାବକୁ ସ୍ୱୀକାର କରି ମହର୍ଷି ୧୨ ଜୁନ୍ ୧୮୭୪ (ଆଷାଢ଼ କୃଷ୍ଣ ତ୍ରୟୋଦଶୀ, ୧୯୩୧ ବିକ୍ରମାବ୍ଦ) ଶୁକ୍ରବାର ଦିନ କାଶୀରେ ସତ୍ୟାର୍ଥପ୍ରକାଶ ଲେଖାଇବା କାର୍ଯ୍ୟ ଆରମ୍ଭ କଲେ । ଋଷି ଦୟାନନ୍ଦ ୧ ଜୁଲାଇରେ କାଶୀରୁ ପ୍ରୟାଗ ଚାଲିଗଲେ ଏବଂ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କଲେ । ପ୍ରୟାଗରେ ହିଁ ସତ୍ୟାର୍ଥପ୍ରକାଶ ଲେଖାଇବା କାର୍ଯ୍ୟ ସମ୍ପନ୍ନ ହେଲା । ମହର୍ଷିଙ୍କ ଜୀବନଚରିତ ଲେଖକଙ୍କ ମତାନୁସାରେ ପ୍ରାୟ ଅଢ଼େଇ-ତିନି ମାସ ମଧ୍ୟରେ ୧ରୁ ୧୪ ସମୁଲ୍ଲାସ ପର୍ଯ୍ୟନ୍ତ ୧୪ଟି ସମୁଲ୍ଲାସ ବିଶିଷ୍ଟ ଏହି ବୃହତ୍‌କାୟ ଗ୍ରନ୍ଥର ଲେଖନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପୁସ୍ତକ ପ୍ରକାଶନ ନିମନ୍ତେ ରାଜା ଜୟକୃଷ୍ଣଦାସଙ୍କୁ ପାଣ୍ଡୁଲିପି ଅର୍ପଣ କରି ଋଷି ସେପ୍ଟେମ୍ବର ୧୮୭୪ ପରେ ଧର୍ମପ୍ରଚାରରେ ବାହାରିଗଲେ ।

ଋଷି ସ୍ୱ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିବା ସତ୍ତ୍ୱେ ଏତେ ଅଳ୍ପ ସମୟ ମଧ୍ୟରେ ଏହି ଗ୍ରନ୍ଥରେ ୩୭୭ ଗ୍ରନ୍ଥର ପ୍ରାୟ ୧୫୫୦ ପ୍ରମାଣ ଉଦ୍ଧୃତ କରିଛନ୍ତି । ଏହି ପ୍ରମାଣ ମଧ୍ୟରେ ବେଦ, ବ୍ରାହ୍ମଣଗ୍ରନ୍ଥ, ଉପନିଷଦ, ଦର୍ଶନଶାସ୍ତ୍ର, ସ୍ମୃତିଗ୍ରନ୍ଥ, ପୁରାଣ, ଗୃହ୍ୟସୂତ୍ର ହିଁ ନୁହେଁ ଅପିତୁ ବୌଦ୍ଧ ଓ ଜୈନଗ୍ରନ୍ଥର ପ୍ରମାଣ ସାଙ୍ଗକୁ ବାଇବେଲ୍ ଓ କୋରାନ୍‌ର ସନ୍ଦର୍ଭ ବି ଅନ୍ତର୍ଭୁକ୍ତ । ଯଦି କୌଣସି ଗବେଷକଙ୍କୁ ସମସ୍ତ ସୁବିଧା ପ୍ରଦାନ କରି କୌଣସି ବିଶାଳ ପୁସ୍ତକାଳୟରେ ବସାଇ ଦିଆଯାଏ ତେବେ ମଧ୍ୟ ତାଙ୍କୁ ଏତେ ସଂଖ୍ୟକ ଉଦ୍ଧରଣ ସଂକଳନ କରିବାରେ ହିଁ ଅନେକ ବର୍ଷ ଲାଗିଯିବ, ମୌଳିକ ଗ୍ରନ୍ଥ ସୃଜନ କରିବା ତ ଦୂରର କଥା । ଏହି ଗ୍ରନ୍ଥକୁ ଲେଖାଇବା ସମୟରେ ଋଷି ଦୟାନନ୍ଦଙ୍କ ପାଖରେ କୌଣସି ପୁସ୍ତକାଳୟ ନ ଥିଲା କି ତଥ୍ୟ ଯୋଗାଇବା ପାଇଁ କୌଣସି ସହାୟକ ମଧ୍ୟ ନ ଥିଲେ । ଏଭଳି ଗ୍ରନ୍ଥ, ଯେଉଁଥିରେ କି ସମସ୍ତ ପ୍ରମୁଖ ଶାସ୍ତ୍ର ଓ ମତର ସାର ସଂଗ୍ରହ ହୋଇଥିବ, ସତ୍ୟାର୍ଥପ୍ରକାଶ ପୂର୍ବରୁ ବିଦ୍ୟମାନ ବି ନ ଥିଲା । ଅତଃ ଏହାକୁ ଏତେ ଅଳ୍ପ ସମୟର ଅବଧି ମଧ୍ୟରେ ସ୍ମୃତିଶକ୍ତି ଆଧାରରେ ଲେଖାଇବା ମାନବ ମସ୍ତିଷ୍କର ଅଦ୍‌ଭୁତ ଚମତ୍କାରିତା ବ୍ୟତୀତ ଆଉ କ'ଣ ହୋଇପାରେ ? ପ୍ରାୟତଃ ତଥ୍ୟ-ପ୍ରମାଣ ସମ୍ବଳିତ ସାଧାରଣ ପୁସ୍ତକ ଖଣ୍ଡେ ଲେଖିବା ପାଇଁ ବି ଭଲ ପୁସ୍ତକାଳୟ ଓ ବର୍ଷ-ବର୍ଷ ସମୟ ଲାଗେ । ଆର୍ଥିକ ଦୃଷ୍ଟିକୋଣରୁ ବିଶ୍ୱରେ କ୍ରାନ୍ତି ସୃଷ୍ଟି କରିଥିବା 'ଦାସ୍ କ୍ୟାପିଟାଲ୍' ଲେଖିବା ପାଇଁ କାର୍ଲ ମାର୍କସ୍‌ଙ୍କୁ ଇଂଲଣ୍ଡରେ ବସି ୩୪ ବର୍ଷର ପରିଶ୍ରମ ଲାଗିଥିଲା । ଅଥଚ କର୍ମ ଆଧାରରେ ସାମାଜିକ ବ୍ୟବସ୍ଥା (ବର୍ଣ୍ଣାଶ୍ରମ ବ୍ୟବସ୍ଥା) ନିର୍ଦ୍ଧାରଣ କରୁଥିବା କ୍ରାନ୍ତିକାରୀ ଗ୍ରନ୍ଥ ଦେବ ଦୟାନନ୍ଦ ମାତ୍ର ୩ ମାସ ମଧ୍ୟରେ ଲେଖିଦେଲେ । କାର୍ଲ ମାର୍କସ୍‌ଙ୍କ ଗ୍ରନ୍ଥ ୟୁରୋପର ଆର୍ଥିକ ଢାଞ୍ଚା ଦୋହଲାଇ ଦେଇଥିଲା ତ ଋଷି ଦୟାନନ୍ଦଙ୍କ ଏହି ଗ୍ରନ୍ଥ ଭାରତର ତତ୍‌କାଳିକ ସାମାଜିକ ଓ ସାଂସ୍କୃତିକ ଢାଞ୍ଚାର

ଭିତ୍ତି ଦୋହଲାଇଦେଲା। ଜନ୍ମରୁ କେହି ଛୋଟ-ବଡ଼, ଉଚ୍ଚ-ନୀଚ ଆଦି ନୁହନ୍ତି, ଅପିତୁ କର୍ମ ଆଧାରରେ ହିଁ ବ୍ୟକ୍ତି ଛୋଟ-ବଡ଼ ହୋଇଥାଏ; ବୈଦିକ ସମାଜବାଦର ଏହି ଦୃଷ୍ଟିକୋଣ ଏ ଗ୍ରନ୍ଥ ଦ୍ୱାରା ପ୍ରତିପାଦିତ ହୋଇଛି।

ପ୍ରଥମ ସଂସ୍କରଣ

ରାଜା ଜୟକୃଷ୍ଣଦାସ ଏହି ସତ୍ୟାର୍ଥପ୍ରକାଶକୁ ୧୮୭୫ ଖ୍ରୀଷ୍ଟାବ୍ଦରେ ବନାରସର ଷ୍ଟାର୍ ପ୍ରେସ୍‌ରେ ହରିବଂଶଲାଲଙ୍କ ତତ୍ତ୍ୱାବଧାନରେ ଛପାଇଥିଲେ। ୧୦୦୦ ସଂଖ୍ୟକ ପୁସ୍ତକ ମୁଦ୍ରଣ କରାଯାଇଥିଲା। ପୁସ୍ତକର ମୂଲ୍ୟ ୩ ଟଙ୍କା ଥିଲା; କିନ୍ତୁ ଋଷି ଦୟାନନ୍ଦ ଏହାକୁ ଅଢ଼େଇ ଟଙ୍କାରେ ଦେଉଥିଲେ। ପୁସ୍ତକର ଭିତରର ଦ୍ୱିତୀୟ ପୃଷ୍ଠାରେ ପ୍ରଥମ ନିବେଦନରେ ରାଜା ଜୟକୃଷ୍ଣଦାସ ଛାପିଥିଲେ — "ଏହି ପୁସ୍ତକ ଶ୍ରୀ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମୋର ବ୍ୟୟରେ ରଚନା କରିଛନ୍ତି ଓ ମୋର ବ୍ୟୟରେ ହିଁ ଏହା ମୁଦ୍ରିତ ହୋଇଛି। ସ୍ୱାମୀଜୀ ଏହାର ରଚନାଧିକାର ମୋତେ ଦେଇଛନ୍ତି ଏବଂ ମୁଁ ଏହାର ଅଧିଷ୍ଠାତା ଅଟେ। ମୋ ଦ୍ୱାରା ଏହି ପୁସ୍ତକର ପଞ୍ଜିକରଣ ଆଇନ ୨୦ ସନ୍ ୧୮୪୭ ଖ୍ରୀ. ଅନୁସାରେ ହୋଇଛି। ମୋର ଅଥବା ମୋର ଅନୁମତି ବ୍ୟତୀତ ଅନ୍ୟ କାହାର ଏହି ପୁସ୍ତକ ମୁଦ୍ରଣ କରିବାର ଅଧିକାର ନାହିଁ।"

ସତ୍ୟାର୍ଥପ୍ରକାଶର ପ୍ରଥମ ସଂସ୍କରଣରେ ରାଜା ଜୟକୃଷ୍ଣଦାସ କେବଳ ପ୍ରଥମ ୧୨ଟି ସମୁଲ୍ଲାସ ହିଁ ପ୍ରକାଶିତ କରିଥିଲେ। ୧୩ ଓ ୧୪ ସମୁଲ୍ଲାସ ପ୍ରକାଶିତ କରିନଥିଲେ। ଏ ଦୁଇ ସମୁଲ୍ଲାସରେ ଇସଲାମ୍ ଓ ଖ୍ରୀଷ୍ଟମତର ସମୀକ୍ଷା ଥିଲା। ରାଜା ଜୟକୃଷ୍ଣଦାସ ଇଂରେଜ ସରକାରଙ୍କ ଅଧୀନରେ ଡେପୁଟୀ କଲେକ୍ଟର ଥିବାରୁ ତଥା ସାର୍ ସୈୟଦ ଅହମ୍ମଦ ଖାଁ ପ୍ରଭୃତି ପ୍ରତିଷ୍ଠିତ ମୁସଲମାନ ତାଙ୍କ ମିତ୍ର ଥିବାରୁ ସମ୍ଭବତଃ ଇଂରେଜ ସରକାରଙ୍କ ରୋଷ ଦୃଷ୍ଟି ତାଙ୍କ ଉପରେ ନ ପଡୁ କି ମୁସଲମାନ ବନ୍ଧୁମାନେ ନ ବିଗିଡ଼ିଯାଆନ୍ତୁ ଭାବି ସେ ଏ ଦୁଇଟି ସମୁଲ୍ଲାସ ଛପାଇ ନ ଥିଲେ। ସତ୍ୟାର୍ଥପ୍ରକାଶର ପ୍ରଥମ ସଂସ୍କରଣର ହସ୍ତଲିଖିତ ପାଣ୍ଡୁଲିପି, ଯାହାକି ପରୋପକାରିଣୀ ସଭା, ଅଜମେରର ସଂଗ୍ରହାଳୟରେ ସୁରକ୍ଷିତ ଅଛି, ସେଥିରେ ଏ ଉଭୟ ସମୁଲ୍ଲାସ ବିଦ୍ୟମାନ।

ଋଷି ଦୟାନନ୍ଦ ସତ୍ୟାର୍ଥପ୍ରକାଶର ପାଣ୍ଡୁଲିପି ତ ପଢ଼ିଥିଲେ ଏବଂ ମୂଳପ୍ରତିର ୧୨ ସମୁଲ୍ଲାସ ପର୍ଯ୍ୟନ୍ତ ସ୍ୱୟଂ ଅନେକ ସଂଶୋଧନ ବି କରିଥିଲେ। କିନ୍ତୁ ତା' ପରେ ସ୍ୱାମୀଜୀ ୧୮୭୪ ସେପ୍ଟେମ୍ବରରୁ ୧୮୭୫ର ଶେଷ ପର୍ଯ୍ୟନ୍ତ ଜବଲପୁର, ନାସିକ, ମୁମ୍ବାଇ (୩ଥର), ସୁରତ, ଭଡୌଚ, ଅହମ୍ମଦାବାଦ (୨ଥର), ନାନ୍ଦେଡ଼, ରାଜକୋଟ, ବଡ଼ୋଯାନ, ପୁଣେ (୨ଥର), ସତାରା, ବଡ଼ୌଦା ଆଦି ସ୍ଥାନରେ ବୈଦିକ ଧର୍ମ ପ୍ରଚାରରେ ବ୍ୟସ୍ତ ରହିଲେ। ତେଣୁ ସେ ସତ୍ୟାର୍ଥପ୍ରକାଶର ମୁଦ୍ରିତ ପ୍ରୁଫ୍ ଦେଖି ପାରିଲେ ନାହିଁ। ପରିଣାମତଃ ଏହି ପ୍ରକାଶନ କାର୍ଯ୍ୟ ସହ ସମ୍ବନ୍ଧିତ ପଣ୍ଡିତ ତଥା ରାଜା ଜୟକୃଷ୍ଣଦାସ ପାରମ୍ପରିକ ସଂସ୍କାରବଶତଃ ଏଥିରେ ମହର୍ଷିଙ୍କ ବୈଦିକ ମାନ୍ୟତାର ବିରୁଦ୍ଧ (ଯଥା— ମୃତକ-ଶ୍ରାଦ୍ଧ, ଶ୍ରାଦ୍ଧରେ ମାଂସପ୍ରଦାନ, ମାଂସଭକ୍ଷଣ, ଯଜ୍ଞରେ ପଶୁହିଂସା ଆଦି) ବିଚାରର ଅପମିଶ୍ରଣ କରିଦେଲେ; ଯାହାକି ସେ ସମୟରେ ସାମାଜିକ ମାନ୍ୟତା ରୂପେ ସମାଜରେ ବଦ୍ଧମୂଳ ଥିଲା ଏବଂ ଯେଉଁସବୁକୁ ନ ମାନିବା ଧର୍ମବିରୋଧୀ ବୋଲି ବିବେଚନା କରାଯାଉଥିଲା। ସରଳ-ନିଷ୍କପଟ ସାଧୁ ସ୍ୱପ୍ନରେ ବି ଭାବିନଥିବେ ଯେ ତାଙ୍କ ସହ ଏଭଳି ପ୍ରତାରଣା-ପ୍ରବଞ୍ଚନା ବି କରାଯାଇପାରେ।

ଋଷି ଦୟାନନ୍ଦ ସତ୍ୟାର୍ଥପ୍ରକାଶର ପ୍ରଥମ ସଂସ୍କରଣର ପ୍ରୁଫ୍ ତ ପଢ଼ି ନଥିଲେ। ମୁଦ୍ରିତ ପୁସ୍ତକ ବି ପଢ଼ି ନଥିଲେ। ସତ୍ୟାର୍ଥପ୍ରକାଶ ମୁଦ୍ରିତ ହେବା ପରେ ବିକ୍ରି ହୋଇଚାଲିଥିଲା ଏବଂ ମହର୍ଷି ନିଶ୍ଚିନ୍ତ ହୋଇ ସ୍ୱ ପ୍ରଚାର-

ଅଭିଯାନରେ ବ୍ୟସ୍ତ ଥିଲେ। ବିକ୍ରମାବ୍ଦ ୧୯୩୪ରେ ଯେତେବେଳେ ସେ ଏକ ପ୍ରବଚନରେ ମୃତକ-ଶ୍ରାଦ୍ଧର ଖଣ୍ଡନ କରୁଥିଲେ ସେତେବେଳେ ଜଣେ ବ୍ରାହ୍ମଣ କୁଳୋତ୍ପନ୍ନ ବ୍ୟକ୍ତି ସତ୍ୟାର୍ଥପ୍ରକାଶ ଦେଖାଇ ତାଙ୍କୁ କହିଲେ— 'ଆପଣ ତ ପ୍ରବଚନରେ ଅଲଗା କହୁଛନ୍ତି, ଏଣେ ସତ୍ୟାର୍ଥପ୍ରକାଶରେ ଅନ୍ୟଥା ଲେଖିଛନ୍ତି।' ସେତେବେଳେ ଋଷି ତାଙ୍କଠୁ ପୁସ୍ତକ ନେଇ ଦେଖିଲେ ଏବଂ କହିଲେ, 'ଆପଣ ଠିକ୍ କହୁଛନ୍ତି। ଲିପିକାର ଓ ମୁଦ୍ରକ ମୋର କଥନର ବିରୁଦ୍ଧ କଥା ଲେଖି ଛାପି ଦେଇଛନ୍ତି।' ସ୍ୱାମୀଜୀ ସେତେବେଳେ ଏକ ବିଜ୍ଞାପନ ଲେଖି ପଠାଇଲେ ଯାହା କି ଋଗ୍‌ବେଦ ଓ ଯଜୁର୍ବେଦ ଭାଷ୍ୟର ପ୍ରଥମ ଓ ଦ୍ୱିତୀୟ ଅଙ୍କର ମୁଖପୃଷ୍ଠର ପଛରେ ବିକ୍ରମାବ୍ଦ ୧୯୩୫ (୧୮୭୮ ଖ୍ରୀଷ୍ଟାବ୍ଦ)ରେ ଛପିଥିଲା। ସେଥିରେ ଲେଖାଥିଲା— "ସତ୍ୟାର୍ଥପ୍ରକାଶର ୪୨ ପୃଷ୍ଠାର ୨୫ ପଂକ୍ତିରେ – 'ପିତର ଆଦିଙ୍କ ମଧ୍ୟରୁ ଯିଏ ବଞ୍ଚିଛନ୍ତି ସେମାନଙ୍କ ତର୍ପଣ କରିବେ ନାହିଁ; ଆଉ ଯେଉଁମାନେ ମରିଯାଇଛନ୍ତି ସେମାନଙ୍କର ତ ଅବଶ୍ୟ କରିବେ' ତଥା ୪୭ ପୃଷ୍ଠାର ୨୧ ପଂକ୍ତିରେ – 'ମୃତ ପିତ୍ରାଦିଙ୍କ ତର୍ପଣ ଓ ଶ୍ରାଦ୍ଧ କରିବା ବିଧେୟ' ଇତ୍ୟାଦି ତର୍ପଣ ଓ ଶ୍ରାଦ୍ଧ ବିଷୟକ ଯାହା କିଛି ଛପିଯାଇଛି ତାହା ଲିପିକାର ଓ ସଂଶୋଧକଙ୍କ ତ୍ରୁଟି ଯୋଗୁଁ ଛାପିହୋଇଯାଇଛି। ଏହା ପରିବର୍ତ୍ତେ ଏପରି ବୁଝିବା ଆବଶ୍ୟକ ଯେ— "ଜୀବିତଙ୍କୁ ଶ୍ରଦ୍ଧାରେ ସେବା କରି ନିତ୍ୟ ତୃପ୍ତ କରିବା ସନ୍ତାନ ଆଦିଙ୍କର ପରମ ଧର୍ମ। ଆଉ ଯେଉଁମାନେ ମରିଯାଇଛନ୍ତି ସେମାନଙ୍କ ଶ୍ରାଦ୍ଧ-ତର୍ପଣ ଅନୁଚିତ। କାରଣ କୌଣସି ବ୍ୟକ୍ତି ମୃତ ଜୀବଙ୍କ ପାଖରେ କୌଣସି ପଦାର୍ଥ ପହୁଞ୍ଚାଇ ପାରିବ ନାହିଁ କି ମୃତ ଜୀବ ସନ୍ତାନାଦିଙ୍କ ଦ୍ୱାରା ପ୍ରଦତ୍ତ କୌଣସି ପଦାର୍ଥ ଗ୍ରହଣ କରିପାରିବ ନାହିଁ। ଏଥିରୁ ଏହି ନିଷ୍କର୍ଷ ବାହାରୁଛି ଯେ ଜୀବିତ ପିତା ଆଦିଙ୍କ ସେବା ପ୍ରୀତିପୂର୍ବକ କରିବାର ନାମ ତର୍ପଣ ଓ ଶ୍ରାଦ୍ଧ, ମୃତକଙ୍କର ନୁହେଁ।"

ସେହିପରି ଅନ୍ୟ ଏକ ଘଟଣା। ଦିନେ ଠାକୁର ମୁକୁନ୍ଦ ସିଂହ, ରଇସ, ଗ୍ରାମ-ଛଲେସର, ଜି-ଆଲିଗଡ଼ଙ୍କ ପତ୍ର ମହର୍ଷିଙ୍କ ପାଖକୁ ଆସିଲା। ଯେଉଁଥିରେ ଋଷିଙ୍କୁ ନିବେଦନ କରାଯାଇଥିଲା ଯେ— "ମୁଁ ପାର୍ବଣ ଶ୍ରାଦ୍ଧ କରିବାକୁ ଚାହୁଁଛି। ତା' ପାଇଁ ଛେଳିଟିଏ ବି ଯୋଗାଡ଼ କରି ରଖିଛି। ଆପଣ କୃପା କରି ପଦାର୍ପଣ କରି ବିଧିପୂର୍ବକ ଏ କାର୍ଯ୍ୟ ସମ୍ପନ୍ନ କରିଦିଅନ୍ତୁ।" ଏ ପତ୍ର ପଢ଼ି ମହର୍ଷିଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ଏହାର କାରଣ ଅନୁସନ୍ଧାନରୁ ଜଣାଗଲା ଯେ ସତ୍ୟାର୍ଥପ୍ରକାଶ ପଢ଼ି ହିଁ ଠାକୁର ମୁକୁନ୍ଦ ସିଂହଙ୍କୁ ମାଂସ ପ୍ରଦାନ ପୂର୍ବକ ଶ୍ରାଦ୍ଧ କରିବାର ପ୍ରେରଣା ପ୍ରାପ୍ତ ହୋଇଥିଲା।

କାଶୀରୁ ମହର୍ଷି ଏହି ପତ୍ରର ଲେଖିଥିବା ଉତ୍ତର ମହତ୍ତ୍ୱପୂର୍ଣ୍ଣ। ଋଷି ଲେଖିଲେ— "ସତ୍ୟାର୍ଥପ୍ରକାଶର ଏହି ସଂସ୍କରଣ ରାଜା ଜୟକୃଷ୍ଣଦାସଙ୍କ ଦ୍ୱାରା ମୁଦ୍ରିତ ହୋଇଛି। ଏଥିରେ ବହୁତ ଅଶୁଦ୍ଧି ରହିଯାଇଛି। ଅନେକ ସ୍ଥଳରେ ବେଦବିରୁଦ୍ଧ ଲେଖା ଛପା ହୋଇଯାଇଛି। ଏଣୁ ମୃତକ-ଶ୍ରାଦ୍ଧ ଓ ଶ୍ରାଦ୍ଧରେ ମାଂସର ବିଧାନ ଆଦି ବିଷୟକ ଯାହା ଛପିଯାଇଛି ସେସବୁ ମଧ୍ୟ ବେଦବିରୁଦ୍ଧ। ଶକାବ୍ଦ ୧୭୯୬ (୧୮୭୬ ବିକ୍ରମାବ୍ଦ)ରେ ମୁଁ ଯେଉଁ 'ପଞ୍ଚମହାଯଜ୍ଞବିଧି' ଆର୍ଯ୍ୟପ୍ରକାଶ ଯନ୍ତ୍ରାଳୟ, ମୁମ୍ବାଇରୁ ପ୍ରକାଶିତ କରାଇଥିଲି, ଯାହାକି ଜୟକୃଷ୍ଣଦାସଙ୍କ ପ୍ରକାଶିତ ସତ୍ୟାର୍ଥପ୍ରକାଶର ଏକ ବର୍ଷ ପୂର୍ବରୁ ମୁଦ୍ରିତ ହୋଇଥିଲା, ସେଥିରେ ମୁଁ ଯେତେବେଳେ ମୃତକ ଶ୍ରାଦ୍ଧ ଆଦିର ଖଣ୍ଡନ କରିଛି, ସେ ସ୍ଥିତିରେ ସତ୍ୟାର୍ଥପ୍ରକାଶରେ ଏହାର ମଣ୍ଡନ କରିବା କେମିତି ସମ୍ଭବ? ଅତଃ ଶ୍ରାଦ୍ଧ ବିଷୟରେ ଯେଉଁ ମୃତକ-ଶ୍ରାଦ୍ଧ ଓ ମାଂସ-ବିଧାନର ବର୍ଣ୍ଣନା ଅଛି ବେଦବିରୁଦ୍ଧ ହୋଇଥିବାରୁ ତାହା ତ୍ୟାଜ୍ୟ। ଅତଏବ ଏହି ବେଦବିରୁଦ୍ଧ କାର୍ଯ୍ୟକୁ ଆପଣ କଦାପି କରନ୍ତୁ ନାହିଁ।" (ଭଗବଦ୍ଦତ୍ତ ସମ୍ପାଦିତ 'ଋଷି ଦୟାନନ୍ଦ ସରସ୍ୱତୀଙ୍କ ପତ୍ର ଓ ବିଜ୍ଞାପନ, ଭାଗ-୧, ପୃ-୩୨୬)

ଏହିପରି ଭାବେ ମହର୍ଷିଙ୍କୁ ସତ୍ୟାର୍ଥପ୍ରକାଶର ପ୍ରଥମ ସଂସ୍କରଣରେ ହିଁ ସ୍ୱ ଅଭିପ୍ରାୟ-ବିରୁଦ୍ଧ ପ୍ରକ୍ଷେପ କରାଯାଇଥିବାର ତିକ୍ତ ଅନୁଭବ ହୋଇଯାଇଥିଲା। ଏକଥାର ବି ଆଭାସ ହୋଇଯାଇଥିଲା ଯେ ସମାଜ-ସୁଧାରର ପ୍ରତ୍ୟେକ ପଦକ୍ଷେପରେ କେତେ ପ୍ରକାର ବାଧା-ବିଘ୍ନ ଆସେ। ଏହିଭଳି ଭାବେ ସତ୍ୟାର୍ଥପ୍ରକାଶ (ପ୍ରଥମ ସଂସ୍କରଣ ୧୮୭୫)ର ରଚନାର ପ୍ରେରକ ରାଜା ଜୟକୃଷ୍ଣଦାସ ହୋଇଥିଲେ ଏବଂ ଏଥିରେ ଅପମିଶ୍ରଣର ପାପଭାଗୀ ମଧ୍ୟ ସେ ହୋଇଥିଲେ। ଏଭଳି ରୂଢ଼ିବାଦୀ ପୌରାଣିକ ବାତାବରଣରେ ଓ ବିରୋଧୀ ବିଚାରଧାରାର ଲୋକଙ୍କ ସାଥିରେ ମହର୍ଷିଙ୍କୁ କାମ କରିବାକୁ ପଡ଼ିଥିଲା। ସ୍ୱ ବିଚାର ବିରୁଦ୍ଧ ଏଭଳି କଥାଗୁଡ଼ିକର ପ୍ରଥମ ସଂସ୍କରଣରେ ଅପମିଶ୍ରଣ କରିଦିଆଯାଇଥିବାରୁ ମହର୍ଷି ବିଜ୍ଞାପନ ଆଦି ଦ୍ୱାରା ନିଜସ୍ୱ ବିଚାର ସର୍ବ ସମକ୍ଷରେ ସ୍ପଷ୍ଟ କଲେ ଏବଂ ସତ୍ୟାର୍ଥପ୍ରକାଶକୁ ଶୁଦ୍ଧ କରି ପୁନଃ ଛାପିବାକୁ ମନସ୍ଥ କଲେ।

ସତ୍ୟାର୍ଥପ୍ରକାଶର ଦ୍ୱିତୀୟ ସଂସ୍କରଣ ବା ସଂଶୋଧିତ ସତ୍ୟାର୍ଥପ୍ରକାଶ

ସତ୍ୟାର୍ଥପ୍ରକାଶ (ପ୍ରଥମ ସଂସ୍କରଣ) ଅଳ୍ପ ସମୟ ମଧ୍ୟରେ ହିଁ ସର୍ବାଧିକ ଚର୍ଚ୍ଚିତ ପୁସ୍ତକ ହୋଇଗଲା। ଶ୍ରଦ୍ଧାଳୁଙ୍କ ପାଇଁ ଏହା ଅମୃତ-ବର୍ଷା ଥିଲା ତ ବିପକ୍ଷୀଙ୍କ ପାଇଁ ବଜ୍ରପାତ। ସବୁ ବର୍ଗରୁ ନିଜ-ନିଜ ଦୃଷ୍ଟିକୋଣ ଆଧାରରେ ପ୍ରତିକ୍ରିୟା ଆସିଲା। ଲିପିକାର ଆଦିଙ୍କ ଦ୍ୱାରା ଅପମିଶ୍ରିତ ଅଂଶକୁ ବିରୋଧୀମାନେ ଯୋଜନାବଦ୍ଧ ରୂପେ ପ୍ରଚାର କଲେ। ୧୮୮୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ପ୍ରଥମ ସଂସ୍କରଣ ବିକ୍ରି ବି ହୋଇଗଲା। ଏହାକୁ ସଂଶୋଧନ କରି ପ୍ରକ୍ଷିପ୍ତାଂଶ ବାହାର କରିବା ଅତି ଆବଶ୍ୟକ ଥିଲା ତଥା ବହୁ ନବୀନ ସାମଗ୍ରୀ ମଧ୍ୟ ପରିବର୍ଦ୍ଧନ କରିବାର ଥିଲା। ଏଣୁ ଏହାର ପରିଷ୍କୃତ, ପରିବର୍ଦ୍ଧିତ ଓ ସଂଶୋଧିତ ଦ୍ୱିତୀୟ ସଂସ୍କରଣ ରଚନା କରିବାକୁ ଋଷି ମନସ୍ଥ କଲେ। କିନ୍ତୁ ଋଷିବର ବେଦଭାଷ୍ୟାଦି କାର୍ଯ୍ୟରେ ବହୁତ ବ୍ୟସ୍ତ ଥିଲେ। ଏଣୁ ସତ୍ୟାର୍ଥପ୍ରକାଶର ସଂଶୋଧିତ ସଂସ୍କରଣ ପ୍ରସ୍ତୁତ କରିବାରେ ବିଳମ୍ବ ହେଲା।

ଦ୍ୱିତୀୟ ସଂସ୍କରଣ ରଚନା ସମୟରେ ମହର୍ଷି ଦୟାନନ୍ଦ ପୂର୍ଣ୍ଣ ସାବଧାନତା ଅବଲମ୍ବନ କଲେ। ଏକ ସଙ୍ଗରେ ଅନେକ ଗ୍ରନ୍ଥ ପ୍ରଣୟନ ସାଙ୍ଗକୁ ସମାଜ-ସୁଧାରର ଅନ୍ୟ କାର୍ଯ୍ୟରେ ବ୍ୟସ୍ତତା କାରଣରୁ ସତ୍ୟାର୍ଥପ୍ରକାଶ ସ୍ୱହସ୍ତରେ ଲେଖିବା ସମ୍ଭବପର ନଥିଲା। ଲେଖନ କାର୍ଯ୍ୟ ପାଇଁ ମହର୍ଷି ୨ ପ୍ରକାରର ବୈତନିକ କର୍ମଚାରୀ ରଖିଥିଲେ। ତନ୍ମଧ୍ୟରୁ ଗୋଟିଏ ବର୍ଗରେ 'ଲିପିକାର ବା ଲେଖକ' ଥିଲେ ଯିଏ କି ମହର୍ଷି କହୁଥିବା ବିଷୟକୁ ଲିପିବଦ୍ଧ କରୁଥିଲେ ଏବଂ ସେଥିରୁ ପ୍ରେସ୍‌କୁ ପଠାଯିବା ପାଇଁ 'ମୁଦ୍ରଣ ପ୍ରତି' ତିଆରି କରୁଥିଲେ। ଅନ୍ୟ ବର୍ଗର ବ୍ୟକ୍ତି 'ସଂଶୋଧନକର୍ତ୍ତା' ଥିଲେ ଯିଏ କି ଲିଖିତ ବିଷୟକୁ ଭାଷା ଓ ବନାନ ଦୃଷ୍ଟିରୁ ସଂଶୋଧନ କରୁଥିଲେ। ଏ ଲୋକମାନେ ପରିବର୍ତ୍ତିତ ବି ହେଉଥିଲେ। ଏ କର୍ମଚାରୀମାନଙ୍କ ମଧ୍ୟରେ ଦିନେଶରାମ, ବଖ୍‌ତାବର ସିଂହ, ଭୀମସେନ ତଥା ଜ୍ୱାଳାଦତ୍ତ ଥିଲେ। ମହର୍ଷି ସ୍ୱ ମୁଖାରବିନ୍ଦରୁ ଡାକି ସତ୍ୟାର୍ଥପ୍ରକାଶର ଦ୍ୱିତୀୟ ସଂସ୍କରଣର ଯେଉଁ ପାଣ୍ଡୁଲିପି ଲେଖାଇଥିଲେ ତାକୁ 'ମୂଳ ପାଣ୍ଡୁଲିପି' କୁହାଯାଉଛି। ତାହା ଅଜମେରସ୍ଥ ପରୋପକାରିଣୀ ସଭାର ପୁସ୍ତକାଳୟରେ ସୁରକ୍ଷିତ ଅଛି। ମହର୍ଷି ଏହି 'ମୂଳପ୍ରତି'କୁ ଡାକି ଲେଖାଇଥିଲେ ଏବଂ ଦୁଇ ଥର (ଥରେ ନୀଳ କାଳିରେ ଓ ଥରେ ଲାଲ କାଳିରେ) ସ୍ୱହସ୍ତରେ ସଂଶୋଧନ କରିଛନ୍ତି। ସଂଶୋଧନ ପରେ ପ୍ରକାଶନ ନିମିତ୍ତ ପ୍ରେସ୍‌କୁ ପଠାଇବା ପାଇଁ ମହର୍ଷି ଏହାର ଅନ୍ୟ ଏକ ହସ୍ତଲିଖିତ ନକଲ କରାଇଥିଲେ। ତାକୁ ଦ୍ୱିତୀୟ ହସ୍ତଲେଖ ବା 'ପ୍ରେସ୍‌ପ୍ରତି' କୁହାଯାଉଛି।

ସତ୍ୟାର୍ଥପ୍ରକାଶ (ଦ୍ୱିତୀୟ ସଂସ୍କରଣ)ର ଭୂମିକାର ଶେଷରେ ସ୍ଥାନ ଓ କାଳ ବିଷୟରେ କ୍ରମଶଃ 'ସ୍ଥାନ-ମହାରାଣାଙ୍କ ଉଦୟପୁର', 'ଭାଦ୍ରପଦ ଶୁକ୍ଳପକ୍ଷ, ସମ୍ବତ୍ ୧୯୩୯' ଅଙ୍କିତ ଅଛି। ଅର୍ଥାତ୍ ୧୮୮୨ ଖ୍ରୀଷ୍ଟାବ୍ଦରେ ସତ୍ୟାର୍ଥପ୍ରକାଶର ଏହି ସଂସ୍କରଣ ପ୍ରସ୍ତୁତ ହୋଇଯାଇଥିଲା। ମହର୍ଷି ଦୟାନନ୍ଦ ୧୧ ଅଗଷ୍ଟ ୧୮୮୨ ରେ ଉଦୟପୁର ପହଞ୍ଚିଲେ ଏବଂ ମହାରାଣାଙ୍କ ଗୁଲାବ ବାଗ ସ୍ଥିତ ନବଲଖା ମହଲରେ ନିବାସ କଲେ। ସଂଶୋଧିତ ସତ୍ୟାର୍ଥପ୍ରକାଶ ମହର୍ଷି ଦୟାନନ୍ଦ ସ୍ୱ ସ୍ଥାପିତ ବୈଦିକ ଯନ୍ତ୍ରାଳୟ, ପ୍ରୟାଗରେ ମୁଦ୍ରଣ ନିମନ୍ତେ ମୁନ୍‌ସୀ ସମର୍ଥଦାନଙ୍କ ନିକଟକୁ ୨୯ ଅଗଷ୍ଟ, ୧୮୮୨ରେ ପଠାଇବା ଆରମ୍ଭ କଲେ। ଏ ବିଷୟ ଋଷିଙ୍କ ଏହି ତାରିଖରେ ସମର୍ଥଦାନଙ୍କ ନିକଟକୁ ଲିଖିତ ପତ୍ରରୁ ଜଣାଯାଏ— 'ଆଜି ସତ୍ୟାର୍ଥପ୍ରକାଶର ୫ ପୃଷ୍ଠା ଭୂମିକା ତଥା ପ୍ରଥମ ସମୁଲ୍ଲାସର ୩୨ ପୃଷ୍ଠା ପଠାଇଲି।' ସ୍ୱାମୀଜୀ ସମୟ-ସମୟରେ ସଂଶୋଧନ କରି କିଛି-କିଛି ପୃଷ୍ଠା ପଠାଉଥାନ୍ତି। ୧୪ଟି ଯାକ ସମୁଲ୍ଲାସ ଓ ସ୍ୱମନ୍ତବ୍ୟାମନ୍ତବ୍ୟପ୍ରକାଶ ଋଷି ପ୍ରକାଶନ ପାଇଁ ପ୍ରସ୍ତୁତ କରିଦେଇଥିଲେ। ମୁଦ୍ରିତ ପ୍ରୁଫ୍ ବି ସଂଶୋଧନ କରୁଥାନ୍ତି। ଛପାକାର୍ଯ୍ୟ ୧୮୮୨ ଡିସେମ୍ବର ଆଡ଼କୁ ତ ଆରମ୍ଭ ହୋଇଗଲା। ସେପ୍ଟେମ୍ବର ୧୮୮୩ ସୁଦ୍ଧା ୧୧ଟି ସମୁଲ୍ଲାସ ଛପି ସାରିଥିଲା ଓ ଦ୍ୱାଦଶ ସମୁଲ୍ଲାସ ସମ୍ଭବତଃ ଛପା ଚାଲିଥିଲା। ଇତିମଧ୍ୟରେ ୨୯ ସେପ୍ଟେମ୍ବର ୧୮୮୩ରେ ଋଷିଙ୍କୁ ବିଷ ଦିଆଯିବା କାରଣରୁ ସେ ପରବର୍ତ୍ତୀ ସମୁଲ୍ଲାସର ପ୍ରୁଫ୍ ସଂଶୋଧନ କରିପାରିଲେ ନାହିଁ। ୩୦ ଅକ୍ଟୋବର ୧୮୮୩ରେ ମହର୍ଷିଙ୍କ ମହାପ୍ରୟାଣ ହୋଇଗଲା। ତା' ପରେ ବହୁ ଦିନ ଧରି ବୈଦିକ ଯନ୍ତ୍ରାଳୟ ବନ୍ଦ ରହିଲା। ମୁଦ୍ରଣାଳୟ ପୁନଃ ଚାଲୁ ହେବା ପରେ ଡିସେମ୍ବର ୧୮୮୪ରେ ସତ୍ୟାର୍ଥପ୍ରକାଶର ପ୍ରକାଶନ କାମ ସମ୍ପୂର୍ଣ୍ଣ ହେଲା।

ସତ୍ୟାର୍ଥପ୍ରକାଶ ବ୍ରହ୍ମାଙ୍କଠାରୁ ଆରମ୍ଭ କରି ଜୈମିନି ପର୍ଯ୍ୟନ୍ତ ଋଷିଙ୍କ ସାରଭୂତ ବିଚାରର ଏକ ସଂଗ୍ରହ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିର ଯୁଗରେ ସମସ୍ତ ପ୍ରାଚୀନ ଆର୍ଷ ବାଙ୍ମୟର ଏହାକୁ ଏକ ପରିପୂରକ ଗ୍ରନ୍ଥ ବୋଲି ବି କୁହାଯାଇପାରେ। ଗ୍ରନ୍ଥକାର ଋଷିଙ୍କ ଅଧ୍ୟୟନ ବହୁତ ବିଶାଳ ଓ ଗହନ, ଏକଥା ଏଥିରେ ଉଦ୍ଧୃତ ହୋଇଥିବା ଏତେ ସଂଖ୍ୟକ ଗ୍ରନ୍ଥଗୁଡ଼ିକର ପ୍ରମାଣରୁ ଅନୁମେୟ। ଏତେ ଗ୍ରନ୍ଥର ପ୍ରମାଣ ଦେବା ପାଇଁ ଋଷିଙ୍କୁ କେତେ ଯେ ଗ୍ରନ୍ଥ ପଢ଼ିବାକୁ ପଡ଼ିଥିବ ଏହାର ଅନୁମାନ କରିପାରିବା କଷ୍ଟକର। ଏଣୁ ସତ୍ୟାର୍ଥପ୍ରକାଶରେ ତାଙ୍କର ବ୍ୟାପକ ଅଧ୍ୟୟନ, ଅଖଣ୍ଡ ସ୍ମୃତି, ଶବ୍ଦାର୍ଥ ବୁଝିବାର କ୍ଷମତା, ନିଶ୍ଚିତ ଦୃଷ୍ଟି, ବିରୋଧର କୋଳାହଳ ମଧ୍ୟରେ ମଧ୍ୟ ନିଜ ବକ୍ତବ୍ୟ ଉପସ୍ଥାପନର ଅଦମ୍ୟ ସାହସ ତଥା ବିପରୀତ ପରିସ୍ଥିତି ଓ ପରିଣାମରୁ ଅଲଗା ରହିପାରିବାର ସିଦ୍ଧି ବିସ୍ମୟୋତ୍ପାଦକ। ସେ ଅନ୍ୟ ଗ୍ରନ୍ଥ ଅତିରିକ୍ତ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ, ଉପନିଷଦ ଓ ମନୁସ୍ମୃତିର କ୍ରମଶଃ ୪୨, ୫୬, ୩, ୧୫, ୫୯ ଓ ୪୪୨ ଉଦ୍ଧରଣ ଦେଇଛନ୍ତି। ରାଜଧର୍ମ ସମ୍ବନ୍ଧୀୟ କେବଳ ଷଷ୍ଠ ସମୁଲ୍ଲାସରେ ମନୁସ୍ମୃତିର ୧୮୭ଟି ଶ୍ଳୋକର ପ୍ରମାଣ ଦେଇଛନ୍ତି। **ଉଦ୍ଧରଣ ବାହୁଲ୍ୟରୁ ସ୍ପଷ୍ଟ ଯେ ଋଷି ଦୟାନନ୍ଦଙ୍କର ନିଜସ୍ୱ କୌଣସି ନବୀନ ମତ ପ୍ରବର୍ତ୍ତନ କରିବାର ଲେଶମାତ୍ର ଅଭିପ୍ରାୟ ନଥିଲା।** ଏଣୁ ସତ୍ୟାର୍ଥପ୍ରକାଶର ମୁଖପୃଷ୍ଠ ଉପରେ ସେ ଲେଖିଲେ ଯେ ଏ ଗ୍ରନ୍ଥ **'ବେଦାଦିବିବିଧସଚ୍ଛାସ୍ତ୍ରପ୍ରମାଣୈଃ ସମନ୍ୱିତଃ'।** କୌଣସି ଋଷିଙ୍କ ଦ୍ୱାରା ହିନ୍ଦୀରେ ଲିଖିତ ଏହା ଏକମାତ୍ର ଆର୍ଷଗ୍ରନ୍ଥ।

ସମୁଲ୍ଲାସ

ସତ୍ୟାର୍ଥପ୍ରକାଶକୁ ୧୪ଟି ବିଭାଗରେ ବିଭକ୍ତ କରାଯାଇଛି। ଏସବୁ ବିଭାଗର ନାମ ଅଧ୍ୟାୟ, ଖଣ୍ଡ, କାଣ୍ଡ, ଅନୁଚ୍ଛେଦ, ପାଦ ଆଦି ରଖାନଯାଇ ସମୁଲ୍ଲାସ ନାମ ଦିଆଯାଇଛି। ଏ ଶବ୍ଦର ଚୟନ ସ୍ୱତନ୍ତ୍ର ଓ ଅର୍ଥପୂର୍ଣ୍ଣ। ସମୁଲ୍ଲାସ = ସମ୍ + ଉଲ୍ଲାସ ଅର୍ଥାତ୍ ଯାହାକି ସମ୍ୟକ୍ ବା ସାମଗ୍ରିକ ରୂପେ ଉଲ୍ଲାସ-ପ୍ରସନ୍ନତା ଓ ଉନ୍ନତିର କାରଣ।

ବିଷୟବସ୍ତୁ

ସତ୍ୟାର୍ଥପ୍ରକାଶର ଲୋକପ୍ରିୟତାର ଏକ ବଡ଼ କାରଣ ହେଲା ଏହାର ବିଷୟବସ୍ତୁ। ବିଷୟବସ୍ତୁ ଦୃଷ୍ଟିରୁ ଗୋଟିଏ ବାକ୍ୟରେ କହିଲେ ଏହା ଅଖିଳ ମାନବ-ଜାତିର ଆଚାର-ସଂହିତା। ଏହି ପୁସ୍ତକର ପ୍ରତିଟି ଶବ୍ଦ ଏ କଥାର ସାକ୍ଷୀ ଯେ ଋଷିବର ଦୟାନନ୍ଦ ଆଧ୍ୟାତ୍ମିକତାର ଗଭୀର ଧରାତଳକୁ ଯାଇ ମାନବ ମାତ୍ରକେ ପ୍ରତ୍ୟେକଙ୍କର ଉପକାର ଉଦ୍ଦେଶ୍ୟରେ ଏହାର ରଚନା କରିଛନ୍ତି। ଅଶାସ୍ତ୍ରୀୟ ଗୁରୁବାଦ ଓ ପାଖଣ୍ଡକୁ ପୋଷଣ କରୁଥିବା ଧର୍ମଗୁରୁ, ଧର୍ମଭୀରୁ ଜନତାଙ୍କ ଧାର୍ମିକ ଓ ସାମାଜିକ ଶୋଷଣରେ ସଂଲିପ୍ତ ଠିକାଦାର, ଅନ୍ଧବିଶ୍ୱାସ, ଚମତ୍କାର ଓ କଳ୍ପିତ ସ୍ୱର୍ଗର ମୋହରେ ସରଳ-ନିରୀହ ଜନତାଙ୍କୁ ଫସାଇ ରଖିଥିବା ପ୍ରବଞ୍ଚକ ଦଳ ସତ୍ୟାର୍ଥପ୍ରକାଶକୁ ନେଇ ଯେତେ ନାକଟେକନ୍ତୁ ପଛକେ ଧାର୍ମିକ କ୍ଷେତ୍ରରେ ଖଣ୍ଡନ-ମଣ୍ଡନ, ତର୍କ, ତୁଳନାତ୍ମକ ଅଧ୍ୟୟନ, ବୈଜ୍ଞାନିକ ଚିନ୍ତନ, ଶାସ୍ତ୍ରାର୍ଥ ପରମ୍ପରା, ଶୁଦ୍ଧି ଆନ୍ଦୋଳନ, ସତ୍ୟନିଷ୍ଠା ଓ ପରୋପକାର ଭାବନାକୁ ଏଥିରେ ଯେଉଁ ଉଚ୍ଚସ୍ତରକୁ ନେଇଯାଇ ସାହସପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ କରାଯାଇଛି ତାହା ନିଶ୍ଚିତ ରୂପେ ବିରଳ, ଅନୁପମ।

ପ୍ରଥମ ସମୁଲ୍ଲାସରେ ଈଶ୍ୱରଙ୍କ ମୁଖ୍ୟ ନାମ **'ଓ୩ମ୍'** ତଥା ଅନ୍ୟ ନାମର ବ୍ୟାଖ୍ୟା ବିଦ୍ୟମାନ। ପରମେଶ୍ୱରଙ୍କର କେବଳ ଏତିକି ହିଁ ନାମ ନାହିଁ। ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ଅସଂଖ୍ୟ। ତେଣୁ ତାଙ୍କ ନାମ ବି ଅସଂଖ୍ୟ। କିନ୍ତୁ ଈଶ୍ୱର ଅସଂଖ୍ୟ ନୁହଁନ୍ତି। ଈଶ୍ୱର ଏକ। ସଂଜ୍ଞାବାଚକ ଅନେକ ଶବ୍ଦ ଯେ ଯୌଗିକ ରୀତିରେ ସେହି ଏକ ଈଶ୍ୱରଙ୍କ ନାମ - ଏହି ସମୁଲ୍ଲାସରେ ୭୪ଟି ଧାତୁରୁ ଶବ୍ଦାର୍ଥ ସିଦ୍ଧ କରି ଏହା ପ୍ରଦର୍ଶିତ କରାଯାଇଛି। ଏହି ସମୁଲ୍ଲାସ ବେଦରେ ଏକେଶ୍ୱରବାଦର ପୁଷ୍ଟି କରେ। ଈଶ୍ୱର ଏକ ହୋଇଥିବାରୁ ତାଙ୍କର ବିବିଧ ନାମକୁ ନେଇ ଅଲଗା-ଅଲଗା ସମ୍ପ୍ରଦାୟ ସୃଷ୍ଟି କରି ଏକ ମାନବ-ଜାତିକୁ ଖଣ୍ଡ-ଖଣ୍ଡ କରି ବିଭାଜିତ କରିବା ଈଶ୍ୱର-ବିରୁଦ୍ଧ ଓ ବେଦ-ବିରୁଦ୍ଧ କାର୍ଯ୍ୟ। ଏହାର ଦୁଷ୍ପରିଣାମସ୍ୱରୂପ ପରବର୍ତ୍ତୀ କାଳରେ ଏ ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଭୀଷଣ ବିନାଶ ହୋଇଛି, ମାନବତା ଲହୁଲୁହାଣ ହୋଇଛି, କେତେ ଯେ ଦେଶର ସର୍ବନାଶ ଘଟିଛି ଓ ଦେଶ ପରାଧୀନ ହୋଇଛି। ବଡ଼ ଦୁଃଖର ବିଷୟ ଯେ ଏସବୁ କାମ ଈଶ୍ୱରଙ୍କ ନାମରେ ସଂଘଟିତ ହୋଇଛି। ଏକେଶ୍ୱରବାଦ ହିଁ ଯେ ଏ ସମସ୍ତ ସମସ୍ୟାର ଏକମାତ୍ର ସମାଧାନ ତାହା ପ୍ରଥମ ସମୁଲ୍ଲାସର ପ୍ରତିପାଦ୍ୟ ଓ ନିହିତାର୍ଥ ଅଟେ। ଈଶ୍ୱରଙ୍କ ନାମରେ ମାନବ ଇତିହାସରେ ଯେତେ ଭ୍ରଷ୍ଟ କଳ୍ପନା କରାଯାଇଛି ସେ ସବୁର ନିରାକରଣ ଏହି ପ୍ରଥମ ସମୁଲ୍ଲାସରେ ହୋଇଯାଏ। ଈଶ୍ୱରଙ୍କ ନାମକୁ ନେଇ ବିଭିନ୍ନ ସଂପ୍ରଦାୟରେ ବିଭକ୍ତ ମାନବ-ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ଆଧାର ପ୍ରଦାନ କରେ। ନାମ ଆଧାରରେ ଈଶ୍ୱରଙ୍କ ବିଶଦ ସ୍ୱରୂପ ଓ ତାଙ୍କ ମହତ୍ତ୍ୱକୁ ଯେଭଳି ଅଦ୍‌ଭୁତ ଶୈଳୀରେ ଏହି ସମୁଲ୍ଲାସରେ ବର୍ଣ୍ଣନା କରାଯାଇଛି ତାହା ଅତ୍ୟନ୍ତ ମାର୍ମିକ ଓ ପ୍ରଭାବଶାଳୀ। କିନ୍ତୁ ବିଷୟର ଗମ୍ଭୀରତା ତଥା ସଂସ୍କୃତର ବହୁଳତା କାରଣରୁ ପ୍ରାୟତଃ ନବୀନ ପାଠକ ପ୍ରଥମ ସମୁଲ୍ଲାସରୁ ଘାବରେଇଯାଆନ୍ତି

ଏବଂ ସତ୍ୟାର୍ଥପ୍ରକାଶକୁ ନ ପଢ଼ି ଥୋଇଦିଅନ୍ତି। ଏହି କାରଣରୁ ଏହି ଜ୍ଞାନ-ମଞ୍ଜୁଷାରୁ ବଞ୍ଚିତ ହୋଇ ସ୍ୱଜୀବନକୁ ନିଃସାର କରିଥିବାର ଘଟଣା ଅନେକ ଲୋକଙ୍କ ଜୀବନରେ ଘଟିଥାଏ। ଏହା ଏଭଳି ଏକ ଭୁଲ୍ କାର୍ଯ୍ୟ ଯାହାକି ପହଁରା ଶିଖିବାକୁ ଚାହୁଁଥିବା ଅଥଚ ପାଣିକୁ ଓହ୍ଲାଇବାକୁ ଭୟ କରି କୂଳରେ ଠିଆ ହୋଇ ରହିଥିବା ଲୋକେ କରିଥାନ୍ତି। କିନ୍ତୁ ଯେଉଁ ପାଠକ ଧୈର୍ଯ୍ୟପୂର୍ବକ ଏହି ପ୍ରଥମ ସମୁଲ୍ଲାସ ରୂପକ ଜ୍ଞାନଧାରାରେ ଅବଗାହନ କରନ୍ତି ସେମାନେ ତା'ର ଦିବ୍ୟ ଆନନ୍ଦକୁ ଶନୈଃ-ଶନୈଃ ଅନୁଭବ କରନ୍ତି।

ଦ୍ୱିତୀୟ ସମୁଲ୍ଲାସରେ ସନ୍ତାନର ଯୋଗ୍ୟ ପାଳନ-ପୋଷଣ ଓ ଶିକ୍ଷା ବିଷୟରେ ଲେଖାଯାଇଛି। କୌଣସି ବି ପରିବାର, ସମାଜ ଓ ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ସନ୍ତାନ ଉପରେ ନିର୍ଭର କରେ। ଅତଃ ଉତ୍ତମ ସନ୍ତାନ କିପରି ନିର୍ମାଣ କରାଯିବ ସେ ଦାୟିତ୍ୱ ଋଷିବର ତା'ର ତିନୋଟି ଗୁରୁ(ମାତା, ପିତା ଓ ଆଚାର୍ଯ୍ୟ)ଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଗର୍ଭାଧାନ ପୂର୍ବ, ମଧ୍ୟ ଓ ପଶ୍ଚାତ୍ ମାତା-ପିତାଙ୍କ ଆହାର-ବିହାର, ଆଚାର-ବିଚାର କିଭଳି ସାତ୍ତ୍ୱିକ, ଶ୍ରେଷ୍ଠ, ଦୋଷରହିତ, ଆରୋଗ୍ୟବର୍ଦ୍ଧକ ହେବା ଉଚିତ ତା'ର ଶାସ୍ତ୍ରାନୁମୋଦିତ ନିର୍ଦ୍ଦେଶ ଦେଇଛନ୍ତି। ମାତାକୁ ସନ୍ତାନର ପ୍ରଥମ ଗୁରୁ ବୋଲି ଅଭିହିତ କରି ସେ ଲେଖିଛନ୍ତି ଯେ, ବିଦ୍ୟାଳୟକୁ ପଠାଇବା ପୂର୍ବରୁ ସନ୍ତାନକୁ ଶିକ୍ଷିତ କରିବାର ମୁଖ୍ୟ ଦାୟିତ୍ୱ ମାଆର। ଏଣୁ ମାଆ ଶିକ୍ଷିତା, ସୁସଂସ୍କୃତା, ଚରିତ୍ରବତୀ, ସୁଶୀଳା ହେବା ଆବଶ୍ୟକ। ପିତା ମଧ୍ୟ ସନ୍ତାନର ଶିକ୍ଷା ଓ ସଂସ୍କାର କାର୍ଯ୍ୟରେ ସହଯୋଗ କରିବା ବାଞ୍ଛନୀୟ। ଆଚାର୍ଯ୍ୟଙ୍କ ନିକଟକୁ ପଠାଇବା ପୂର୍ବରୁ ଯେଉଁ ମାତାପିତା ସ୍ୱ ସନ୍ତାନଙ୍କୁ ସଭ୍ୟତା, ଶିଷ୍ଟତା, ସଦ୍‌ଗୁଣ ଅର୍ଥାତ୍ ସତ୍ୟଭାଷଣ, ଧୈର୍ଯ୍ୟ, ଶୌର୍ଯ୍ୟ, ଜିତେନ୍ଦ୍ରିୟତା ଆଦି, ଅକ୍ଷରଜ୍ଞାନ, ଉତ୍ତମ ମନ୍ତ୍ର, ଶ୍ଳୋକ ଆଦିର ଶିକ୍ଷା ନ ଦିଅନ୍ତି, ସନ୍ତାନଙ୍କୁ ସଂସ୍କାରବାନ୍ କରାଇବା ଦିଗରେ ସ୍ୱ ଦାୟିତ୍ୱକୁ ଉଚିତ ରୂପେ ନିର୍ବାହ ନ କରନ୍ତି ସେମାନେ ବାସ୍ତବରେ ସନ୍ତାନର ହିତାକାଂକ୍ଷୀ ନୁହନ୍ତି, ଶତ୍ରୁ ଅଟନ୍ତି। ଏଭଳି ମାତା-ପିତାଙ୍କୁ ପ୍ରକାରାନ୍ତରେ ସମାଜଦ୍ରୋହୀ ବା ରାଷ୍ଟ୍ରଦ୍ରୋହୀ ବୋଲି ଯଦି ମାନି ନିଆଯାଏ ତେବେ ସମ୍ଭବତଃ ଅତିଶୟୋକ୍ତି ହେବ ନାହିଁ। ଋଷିବର ଏକଥା ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି ଯେ, ସନ୍ତାନଙ୍କୁ ଉତ୍ତମ ବିଦ୍ୟା-ଶିକ୍ଷା, ଗୁଣ ଓ ସ୍ୱଭାବରେ ଅଲଙ୍କୃତ କରିବା ଅଭିଭାବକଙ୍କ କର୍ତ୍ତବ୍ୟ, ସେମାନଙ୍କୁ ଦେହାଭିମାନ ଓ ବିଷୟାସକ୍ତିର ଦାସ କରାଇବା ପୂର୍ଣ୍ଣତଃ ଅନୁଚିତ। ସନ୍ତାନଙ୍କୁ ଭୂତପ୍ରେତ, ଗ୍ରହଶାନ୍ତି, ଜାତକ, ଶୀତଳା ମନ୍ତ୍ର ଆଦି ପାଖଣ୍ଡ ବିଷୟରେ ସଚେତନ କରାଇବା ଅଭିଭାବକଙ୍କ ଦାୟିତ୍ୱ ବୋଲି ଦର୍ଶାଯାଇଛି। ତା' ସହ ବୀର୍ଯ୍ୟରକ୍ଷାର ଲାଭ ଓ ରୀତିର ବର୍ଣ୍ଣନା ଅଛି।

ତୃତୀୟ ସମୁଲ୍ଲାସରେ ପଠନ-ପାଠନ ବିଧି, ଉପନୟନ ସଂସ୍କାର, କନ୍ୟାଙ୍କ ଯଜ୍ଞୋପବୀତ, ନାରୀ ଓ ଶୂଦ୍ରଙ୍କ ବେଦପଠନାଧିକାର, ବ୍ରହ୍ମଚର୍ଯ୍ୟ, ସନ୍ଧ୍ୟା, ଅଗ୍ନିହୋତ୍ର, ପ୍ରାଣାୟାମ, ଯୋଗାଭ୍ୟାସ, ଷଡ଼ ଦର୍ଶନରେ ପାରସ୍ପରିକ ଅବିରୋଧ, ଅର୍ଥ ସହିତ ବେଦାଧ୍ୟୟନ, ଆର୍ଷଗ୍ରନ୍ଥର ମହତ୍ତ୍ୱ ଆଦି ମୁଖ୍ୟ ପ୍ରତିପାଦ୍ୟ ବିଷୟ। ଅକ୍ଷରଜ୍ଞାନ ସାଙ୍ଗକୁ ଚରିତ୍ର-ନିର୍ମାଣ ଦାୟିତ୍ୱ ବିଦ୍ୟାଳୟ ଉପରେ ନ୍ୟସ୍ତ କରାଯାଇଛି। ଋଷି ପ୍ରତ୍ୟେକ ଶିଶୁର ଅନିବାର୍ଯ୍ୟ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତଙ୍କ ପାଇଁ ଶିକ୍ଷା ଓ ସମସ୍ତଙ୍କୁ ପ୍ରଗତିର ପୂର୍ଣ୍ଣ ଅବସର ପ୍ରଦାନ ଏ ସମୁଲ୍ଲାସରେ ଋଷିଙ୍କ ଅନ୍ତର୍ନିହିତ ଉଦ୍‌ଘୋଷ। ଏହି ସମୁଲ୍ଲାସରେ ବୈଶେଷିକ ଦର୍ଶନର ୪୭ ଉଦ୍ଧରଣ ଦିଆଯାଇଛି।

ଚତୁର୍ଥ ସମୁଲ୍ଲାସରେ ବିବାହ, ଗୃହସ୍ଥାଶ୍ରମ, ନିୟୋଗ, ପୁନର୍ବିବାହ, ବର୍ଣ୍ଣ-ବ୍ୟବସ୍ଥା, ପଞ୍ଚମହାଯଜ୍ଞ ବିଧାନ ଆଦି ବିଷୟର ପ୍ରତିପାଦନ କରାଯାଇଛି। ବିବାହର ଆଧାର ବର ଓ କନ୍ୟାର କୁଣ୍ଡଳୀ କି ଜାତକର ଅନୁକୂଳତା

ନୁହେଁ, ବରଂ ଉଭୟଙ୍କ ଗୁଣ-କର୍ମ-ସ୍ୱଭାବରେ ସମାନତା ବୋଲି ଦର୍ଶାଯାଇଛି । ଧନର ସଦୁପଯୋଗ ଅର୍ଥାତ୍ ବଦଖର୍ଚ୍ଚୀ ନ ହୋଇ ମିତବ୍ୟୟୀ ହେବା ସୁଖୀ-ଗୃହସ୍ଥର ଆଧାର ବୋଲି କୁହାଯାଇଛି ।

ପଞ୍ଚମ ସମୁଲ୍ଲାସରେ ବାନପ୍ରସ୍ଥ ଓ ସନ୍ନ୍ୟାସର ଆବଶ୍ୟକତା ଓ ମହତ୍ତ୍ୱ ବିଷୟରେ ଶାସ୍ତ୍ରୀୟ ବିବେଚନା କରାଯାଇଛି । ମାନବ ଜୀବନରେ ଅନୁଶାସନ ଓ ମର୍ଯ୍ୟାଦାର ସ୍ଥାପନା ନିମନ୍ତେ ଏ ଦୁଇ ଆଶ୍ରମ କେତେ ମହତ୍ତ୍ୱପୂର୍ଣ୍ଣ ତାହା ଋଷି ଦର୍ଶାଇଛନ୍ତି । ଗୃହସ୍ଥାଶ୍ରମରେ ବହୁଳାଂଶରେ ବ୍ୟକ୍ତି ଇଚ୍ଛା ଥାଇ ମଧ୍ୟ ଆଧ୍ୟାତ୍ମିକ ସାଧନା, ସଦ୍‌ଗ୍ରନ୍ଥର ସ୍ୱାଧ୍ୟାୟ ଆଦି ପୂର୍ଣ୍ଣ ମନୋଯୋଗ ସହକାରେ କରିପାରିନଥାଏ । ଏହାର ପରିଣାମସ୍ୱରୂପ ଜୀବନରେ ଯେଉଁ ଅନିୟମିତତା, ଅନାଚାର, ଭ୍ରଷ୍ଟାଚାର, ଉଚ୍ଛୃଙ୍ଖଳତା ଆସିଯାଏ ତାକୁ ବାନପ୍ରସ୍ଥୀ-ସନ୍ନ୍ୟାସୀ ହିଁ ଦୂର କରିବାରେ ସହାୟକ ହୋଇଥାନ୍ତି । ଜୀବନରୁ ଦୁଷ୍ଟ କର୍ମ ପରିତ୍ୟାଗ କରି ଈଶ୍ୱର-ଆରାଧନା, ଯୋଗସାଧନା, ଶାସ୍ତ୍ରମନ୍ଥନ, ସତ୍ୟୋପଦେଶ, ପରୋପକାର ଆଦି ଉତ୍ତମ କର୍ମରେ ଅବସ୍ଥିତ ହୋଇଯିବା ହିଁ ସନ୍ନ୍ୟାସ । ସ୍ୱୟଂ ଧର୍ମ ମାର୍ଗରେ ଗତି କରି ସମାଜକୁ ଧର୍ମମାର୍ଗରେ ଚଲାଇବା ପାଇଁ ପ୍ରୟାସରତ ବ୍ୟକ୍ତି ହିଁ ଯଥାର୍ଥରେ ସନ୍ନ୍ୟାସୀ ଅଟେ, କେବଳ ବିବିଧ ପ୍ରକାର ଭେକ ଧରି ବୁଲିବା ସନ୍ନ୍ୟାସ ନୁହେଁ । ସମାଜସେବା ଓ ପରୋପକାରର କ୍ଷେତ୍ର ବ୍ୟାପକ ହୋଇଥିବା ତଥା ଏଥିରେ ପୂର୍ଣ୍ଣକାଳିକ କାର୍ଯ୍ୟକର୍ତ୍ତା ହେବା ଗୃହସ୍ଥୀ ପକ୍ଷରେ କଷ୍ଟକର ହୋଇଥିବାରୁ ସମାଜରେ ବାନପ୍ରସ୍ଥୀ ଓ ସନ୍ନ୍ୟାସୀଙ୍କ ଆବଶ୍ୟକତା ସଦା ରହିଛି ।

ଷଷ୍ଠ ସମୁଲ୍ଲାସରେ ରାଜଧର୍ମ ବିଷୟ ବର୍ଣ୍ଣିତ ହୋଇଛି । ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବାର ବିଧାନ କରାଯାଇଛି । ରାଜପଦ ପୈତୃକ ନୁହେଁ; ବରଂ ରାଜା ନିର୍ବାଚିତ ସଭାପତି ଓ ଅଧ୍ୟକ୍ଷ ବୋଲି ଦର୍ଶାଯାଇଛି । ଜଣକ ହାତରେ ସବୁ କ୍ଷମତା କେନ୍ଦ୍ରୀଭୂତ ନ କରିବାର ପରାମର୍ଶ ଦିଆଯାଇଛି । ବିଦେଶୀ ମୂଳର ବ୍ୟକ୍ତିଙ୍କୁ କେବେ ମଧ୍ୟ ରାଷ୍ଟ୍ରର ପ୍ରମୁଖ ପଦାଧିକାରୀ କରାଯିବା ଅନୁଚିତ ବୋଲି ଦର୍ଶାଯାଇଛି । ଏହି ସମୁଲ୍ଲାସରେ କୃଷକକୁ ରାଜାଙ୍କର ବି ରାଜା ବୋଲି କୁହାଯାଇଛି, ଯେଉଁ ସମୟରେ କି କୃଷକକୁ ତୁଚ୍ଛ ବୋଲି ବିଚାର କରାଯାଉଥିଲା ।

ସପ୍ତମ ସମୁଲ୍ଲାସର ବିଷୟ ହେଲା ଈଶ୍ୱର ଓ ବେଦ । ବେଦକୁ ପରମେଶ୍ୱରୋକ୍ତ ତଥା ସ୍ୱତଃପ୍ରମାଣ ବୋଲି ଦର୍ଶାଯାଇଛି । ଋଷିମାନେ ବେଦ ମନ୍ତ୍ରର ଦ୍ରଷ୍ଟା ଅଟନ୍ତି, ମନ୍ତ୍ରର କର୍ତ୍ତା ନୁହଁନ୍ତି । ଈଶ୍ୱରଙ୍କ ଅସ୍ତିତ୍ୱ, ସ୍ୱରୂପ, ସ୍ତୁତି-ପ୍ରାର୍ଥନା-ଉପାସନା, ଅବତାରବାଦ, ସଗୁଣ-ନିର୍ଗୁଣ ଆଦି ବିଷୟରେ ବିଶଦ ଚର୍ଚ୍ଚା କରାଯାଇଛି ।

ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ବିଷୟକ ଚର୍ଚ୍ଚା ଅଷ୍ଟମ ସମୁଲ୍ଲାସରେ ଅଛି । ଈଶ୍ୱର, ଜୀବ ଓ ପ୍ରକୃତି ଏ ତିନୋଟି ନିତ୍ୟ ତତ୍ତ୍ୱ ଅର୍ଥାତ୍ ଏ ତିନୋଟି ସର୍ବଦା ଥିଲେ, ଅଛନ୍ତି ଓ ରହିବେ । ପ୍ରକୃତି କେବଳ ସତ୍, ଜୀବ ସତ୍ ଓ ଚିତ୍ ଏବଂ ଈଶ୍ୱର ସତ୍-ଚିତ୍-ଆନନ୍ଦସ୍ୱରୂପ ଅଟନ୍ତି । ପରମାତ୍ମା ହିଁ ଏ ସୃଷ୍ଟିର ଉତ୍ପତ୍ତିକର୍ତ୍ତା, ପାଳନକର୍ତ୍ତା ଓ ପ୍ରଳୟକର୍ତ୍ତା । ସୃଷ୍ଟି ବିଷୟକୁ ନେଇ ନାସ୍ତିକମାନେ ସ୍ୱ-ସ୍ୱ ଦର୍ଶନ ଉପସ୍ଥାପନ କରିଛନ୍ତି ଏବଂ ସୃଷ୍ଟିର ଉତ୍ପତ୍ତି-ସ୍ଥିତି-ପ୍ରଳୟ ତଥା ଭୋଗକୁ ଆଧାର କରି ଈଶ୍ୱର ଓ ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର କରିବାର ପ୍ରୟାସ କରିଛନ୍ତି । ଏହି ନାସ୍ତିକବାଦର ଦୃଢ଼ ଉତ୍ତର ଏହି ସମୁଲ୍ଲାସରେ ଋଷି ଦେଇଛନ୍ତି । ଋଷି ତର୍କ, ଶାସ୍ତ୍ରୀୟବଚନ ଓ ବିଜ୍ଞାନ-ସଂଗତ ତଥ୍ୟ ପ୍ରଦାନପୂର୍ବକ ଆସ୍ତିକତାର ପ୍ରତିପାଦନ ସାଙ୍ଗକୁ ଆସ୍ତିକବାଦ ଉପରେ ଜମିଥିବା ଧୂଳି-ମାଟିକୁ ସଫା କରିଦେଇଛନ୍ତି । ପ୍ରସଙ୍ଗବଶତଃ ଦେଶର ଦଶାର ଚର୍ଚ୍ଚା କରି ଋଷି ଲେଖିଛନ୍ତି **— 'କିଏ କେତେ କରୁ ନା କାହିଁକି, ତଥାପି ସ୍ୱଦେଶୀୟ ରାଜ୍ୟ ହିଁ ସର୍ବୋତ୍ତମ । ମତମତାନ୍ତର ପ୍ରତି ଆଗ୍ରହରହିତ, ଆପଣା-ପର ପକ୍ଷପାତଶୂନ୍ୟ,**

ପ୍ରଜାମାନଙ୍କ ଉପରେ ପିତା-ମାତା ସମ କୃପା, ନ୍ୟାୟ ଓ ଦୟା କରୁଥିବା ବିଦେଶୀ ଶାସନ ମଧ କଦାପି ପୂର୍ଣ୍ଣ ସୁଖଦାୟକ ନୁହେଁ।' ଇଂରେଜ ଶାସନରେ ସେ ସମୟରେ ଏପରି ଲେଖିବା ଭୟଙ୍କର ଦୁଃଖକୁ ଆମନ୍ତ୍ରଣ କରିବା ଥିଲା। ନିଃସନ୍ଦେହ ଭାରତୀୟ ସ୍ୱାଧୀନତାର ପ୍ରଥମ ମନ୍ତ୍ରଦାତା ଋଷି ଦୟାନନ୍ଦ ଥିଲେ।

ନବମ ସମୁଲ୍ଲାସର ପ୍ରତିପାଦ୍ୟ ବିଷୟ ହେଲା ବିଦ୍ୟା-ଅବିଦ୍ୟା, ବନ୍ଧ-ମୋକ୍ଷ। ଋଷିଙ୍କ ଦୃଷ୍ଟିରେ ବିଦ୍ୟା ତାହା, ଯାହା ମନୁଷ୍ୟକୁ ମୁକ୍ତି ପଥର ପଥିକ କରେ ଓ ଅବିଦ୍ୟା ତାହା, ଯାହା ତାକୁ ଏ ସଂସାରର ଭୋଗରେ ଫସାଇରଖେ। ଏଥିରେ ମୁକ୍ତିର ସାଧନ, ମୁକ୍ତିରୁ ପୁନରାବୃତ୍ତି, ମୁକ୍ତିର ଅବଧି ଆଦିର ବ୍ୟାଖ୍ୟାନ ଅନ୍ତର୍ଭୁକ୍ତ।

ଦଶମ ସମୁଲ୍ଲାସରେ ଆଚାର-ଅନାଚାର, ଭକ୍ଷ୍ୟ-ଅଭକ୍ଷ୍ୟ, ଗୋ-ଆଦି ପଶୁଙ୍କ ହତ୍ୟା ନିଷେଧ ଆଦି ବିଷୟରେ ଲେଖାଯାଇଛି।

ଋଷି ଦୟାନନ୍ଦ ପୂର୍ବାର୍ଦ୍ଧର ଏସବୁ ସମୁଲ୍ଲାସରେ ବିଶେଷ ଖଣ୍ଡନ-ମଣ୍ଡନ କରିନାହାନ୍ତି। କାରଣ ଯେତେବେଳ ଯାଏ ମନୁଷ୍ୟ ସତ୍ୟାସତ୍ୟର ବିଚାରର ବିଶେଷ ସାମର୍ଥ୍ୟ ଅର୍ଜନ କରିପାରିନି ସେ ପର୍ଯ୍ୟନ୍ତ ସ୍ଥୂଳ ଓ ସୂକ୍ଷ୍ମ ଖଣ୍ଡନର ବାସ୍ତବିକ ଅଭିପ୍ରାୟକୁ ବୁଝିପାରିବ ନାହିଁ। ଅତଃ ପ୍ରଥମରେ ସ୍ୱ ସଂସ୍କୃତି ବିଷୟକ ଯଥାର୍ଥ ଜ୍ଞାନ ଦ୍ୱାରା ସତ୍ୟ ପରୀକ୍ଷାର ଯୋଗ୍ୟତା ହାସଲ କରାଇ ଅନ୍ତିମ ୪ ସମୁଲ୍ଲାସରେ ସେ ବିଭିନ୍ନ ଦେଶୀ-ବିଦେଶୀ ମତମତାନ୍ତରର ଖଣ୍ଡନ-ମଣ୍ଡନ କରିଛନ୍ତି।

ଏକାଦଶ ସମୁଲ୍ଲାସରେ ବାମମାର୍ଗ, ଶାଙ୍କରମତ(ଅଦ୍ୱୈତବାଦ), ଶୈବମତ, ବୈଷ୍ଣବମତ, ମାଧ୍ୱମତ, କବୀରପନ୍ଥ, ଦାଦୁପନ୍ଥ, ନାନକପନ୍ଥ, ରାମସ୍ନେହୀ ମତ, ଗୋକୁଳ ଗୋସାଇଁଙ୍କ ମତ, ସ୍ୱାମୀନାରାୟଣ ମତ, ଚୋଲୀମାର୍ଗ, ବୀଜମାର୍ଗ, ଲିଙ୍ଗାଙ୍କିତ ମତ, ବ୍ରାହ୍ମସମାଜ ଓ ପ୍ରାର୍ଥନାସମାଜ ଆଦିର ସମୀକ୍ଷା କରାଯାଇଛି। ପୁରାଣ ଓ ମୂର୍ତ୍ତିପୂଜାର ବିଶେଷ ସମୀକ୍ଷା ଅଛି। ପ୍ରାଚୀନ ଭାରତୀୟ ଇତିହାସ ଉପରେ ଆଲୋକପାତ କରାଯାଇଛି। ମହର୍ଷି ଦୟାନନ୍ଦ ଯୋଗେଶ୍ୱର କୃଷ୍ଣଙ୍କୁ ଆପ୍ତପୁରୁଷ ବୋଲି କହିଛନ୍ତି। ଋଷି ଦୟାନନ୍ଦ ପୁରାଣକୁ ବ୍ୟାସଙ୍କ ରଚନା ନୁହେଁ ବୋଲି ପ୍ରତିପାଦନ କରିଛନ୍ତି। ଋଷିଙ୍କର ମତ ହେଲା - ' ଯଦି ଅଷ୍ଟାଦଶ ପୁରାଣ ବ୍ୟାସକୃତ ହୋଇଥାନ୍ତା, ତେବେ ଏସବୁରେ ଏଭଳି ଗାଲୁ-ଗପ ପରିପୂର୍ଣ୍ଣ ହୋଇନଥାନ୍ତା।'

ଦ୍ୱାଦଶ ସମୁଲ୍ଲାସରେ ଚାର୍ବାକ, ବୌଦ୍ଧ ଓ ଜୈନ ମତର ସମୀକ୍ଷା ଅଛି। ସେ ସମୟରେ ଜୈନଗ୍ରନ୍ଥାଦି ପ୍ରାପ୍ତ କରିବା ଦୁରୁହ ଥିଲା। ସେସବୁ ଗ୍ରନ୍ଥ ପ୍ରାପ୍ତି ପାଇଁ ଋଷି ଦୟାନନ୍ଦଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା। ତ୍ରୟୋଦଶ ଓ ଚତୁର୍ଦ୍ଦଶ ସମୁଲ୍ଲାସରେ ବାଇବେଲ୍ ଓ କୋରାନ୍‌ର ସମୀକ୍ଷା କରାଯାଇଛି। ଏସବୁ ଖଣ୍ଡନ-ମଣ୍ଡନ ପଛରେ ସେହି ଦୂରଦର୍ଶୀ ତତ୍ତ୍ୱବେତ୍ତା ଋଷି ଦୟାନନ୍ଦଙ୍କର ଉଦ୍ଦେଶ୍ୟ କେବଳ ସତ୍ୟ-ଅସତ୍ୟର ନିର୍ଣ୍ଣୟ ଥିଲା। ସତ୍ୟାର୍ଥପ୍ରକାଶର ଅନୁଭୂମିକାରେ ଋଷି ବାରମ୍ବାର ଏହା ଦୋହରାଇଛନ୍ତି। ଅତଃ ସତ୍ୟାର୍ଥପ୍ରକାଶ ରଚନା ପଶ୍ଚାତ୍‌ରେ ମହର୍ଷିଙ୍କ ମୌଳିକ ଉଦ୍ଦେଶ୍ୟ ଥିଲା ଧାର୍ମିକ ବିଷୟ ଉପରେ ବିନା ପୂର୍ବାଗ୍ରହରେ ପାରସ୍ପରିକ ବିଚାର-ବିମର୍ଶ।

ଉପସଂହାର

ମହର୍ଷି ଦୟାନନ୍ଦ ସତ୍ୟାର୍ଥପ୍ରକାଶର ଆରମ୍ଭରେ — **'ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି'** (ତୈ.ଆ. ୭:୧) ଲେଖିଛନ୍ତି। ଗ୍ରନ୍ଥ ରଚନା ସମୟରେ ଏହି ବଚନ-ପ୍ରତିବଦ୍ଧତାକୁ ଧ୍ୟାନରେ ରଖାଯାଇଛି ଏବଂ ଗ୍ରନ୍ଥର ପରିସମାପ୍ତିରେ ଋଷି ଘୋଷଣା କରନ୍ତି — **'ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମାବାଦିଷମ୍।**

ରତମବାଦିଷମ୍। ସତ୍ୟମବାଦିଷମ୍।' (ତୈ.ଆ. ୭:୧୨)— ମୁଁ ରତ କହିଲି, ସତ୍ୟ କହିଲି। ଗ୍ରନ୍ଥର ସମାପ୍ତିରେ ନିଜକୁ କେବଳ ସ୍ୱାମୀ ବିରଜାନନ୍ଦଙ୍କ ଶିଷ୍ୟ ବୋଲି କହିନାହାନ୍ତି, ଅପିତୁ ଯେଉଁ ଗୁରୁଙ୍କ କୃପାରୁ ତାଙ୍କୁ ଆର୍ଷ-ଅନାର୍ଷ ଜ୍ଞାନ ଚିହ୍ନିବାର ଜ୍ଞାନଚକ୍ଷୁ ପ୍ରାପ୍ତ ହେଲା ସେହି ସ୍ୱ-ଗୁରୁଙ୍କୁ ପରମହଂସ, ପରିବ୍ରାଜକାଚାର୍ଯ୍ୟ ତଥା ପରମ-ବିଦ୍ୱାନ୍ ଲେଖି ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧା ଅଭିବ୍ୟକ୍ତ କରିଛନ୍ତି।

ସତ୍ୟାର୍ଥପ୍ରକାଶର ପ୍ରକାଶନ

ସତ୍ୟାର୍ଥପ୍ରକାଶ (ଦ୍ୱିତୀୟ ସଂସ୍କରଣ) ୧୮୮୪ରେ ପ୍ରକାଶିତ ହୋଇ ପରୋପକାରିଣୀ ସଭା ନାମରେ ପଞ୍ଜିକୃତ ହେଲା। ତେଣୁ ପ୍ରଥମେ କେବଳ ପରୋପକାରିଣୀ ସଭା ଦ୍ୱାରା ହିଁ ଏହା ପ୍ରକାଶିତ ହେଉଥିଲା। ପରବର୍ତ୍ତୀ କାଳରେ ଗୋବିନ୍ଦରାମ ହାସାନନ୍ଦ, ଦିଲ୍ଲୀ; ଆର୍ଯ୍ୟ ସାହିତ୍ୟ ମଣ୍ଡଳ, ଅଜମେର; ଆର୍ଷ ସାହିତ୍ୟ ପ୍ରଚାର ଟ୍ରଷ୍ଟ, ଦିଲ୍ଲୀ; ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା, ଦିଲ୍ଲୀ; ବିରଜାନନ୍ଦ ବୈଦିକ ସଂସ୍ଥାନ, ଗାଜିୟାବାଦ; ହରିଆଣା ସାହିତ୍ୟ ସଂସ୍ଥାନ, ଝଜ୍ଜର ; ରାମଲାଲ କପୂର ଟ୍ରଷ୍ଟ; ଦୟାନନ୍ଦ ସଂସ୍ଥାନ, ଦିଲ୍ଲୀ; ଜନଜ୍ଞାନ ପ୍ରକାଶନ, ଦିଲ୍ଲୀ; ଆର୍ଯ୍ୟ ପ୍ରକାଶନ, ଦିଲ୍ଲୀ; ମଧୁର ପ୍ରକାଶନ, ଦିଲ୍ଲୀ; ସତ୍ୟାର୍ଥପ୍ରକାଶ ନ୍ୟାସ, ଉଦୟପୁର; ସତ୍ୟଧର୍ମ ପ୍ରକାଶନ, ହରିଆଣା ଆଦି ଆର୍ଯ୍ୟଜଗତ ସହ ସମ୍ବନ୍ଧିତ ସଂସ୍ଥା ସାଙ୍ଗକୁ ଏହାର ଲୋକପ୍ରିୟତା କାରଣରୁ ଆର୍ଯ୍ୟଜଗତ ସହ ସମ୍ବନ୍ଧିତ ନଥିବା ଅନେକ ପୁସ୍ତକ ପ୍ରକାଶକ ମଧ୍ୟ ଏହାକୁ ପ୍ରକାଶିତ କଲେ। ବୈଦିକ ସତ୍ୟଜ୍ଞାନର ପ୍ରସାର ପାଇଁ ଆକାଂକ୍ଷୀ ବହୁ ବ୍ୟକ୍ତି ମଧ୍ୟ ନିଜ ପ୍ରିୟଜନଙ୍କ ସ୍ମୃତିରେ ହଜାର-ହଜାର ସଂଖ୍ୟାରେ ଏହାକୁ ଛାପି ବିତରଣ କରିଛନ୍ତି।

ପଦ୍ୟରେ ସତ୍ୟାର୍ଥପ୍ରକାଶ

୧୯୪୩ରେ ସିନ୍ଧ ପ୍ରଦେଶରେ ଗଠିତ ମୁସଲିମ୍ ଲିଗ୍ ସରକାର ଯେତେବେଳେ ସତ୍ୟାର୍ଥପ୍ରକାଶର ଚତୁର୍ଦ୍ଦଶ ସମୁଲ୍ଲାସ ଉପରେ ନିଷେଧାଦେଶ ଜାରି କଲେ, ସେତେବେଳେ ଏହି ନିଷେଧାଜ୍ଞା ବିରୁଦ୍ଧରେ ଚତୁର୍ଦ୍ଦିଗରୁ ଦୃଢ଼ ସ୍ୱରୋତ୍ତୋଳିତ ହେଲା, ସ୍ଥାନେ-ସ୍ଥାନେ ସଭା-ସମ୍ମିଳନୀ ହେଲା, ଆନ୍ଦୋଳନ କରାଗଲା। ସିନ୍ଧ ପ୍ରଦେଶର ଗାଁ-ଗାଁରେ ସତ୍ୟାର୍ଥପ୍ରକାଶର ପ୍ରଚାର କରାଗଲା। ଆବାଳବୃଦ୍ଧବନିତା ଏହାକୁ କଣ୍ଠସ୍ଥ କରିନିଅନ୍ତୁ - ଏହି ଭାବନାରେ ପ୍ରେରିତ ହୋଇ ଗଦ୍ୟରେ କଣ୍ଠସ୍ଥ କରିବା ଯେହେତୁ ସ୍ୱାଭାବିକ ରୂପେ କଷ୍ଟକର, ଏଣୁ ଆର୍ଯ୍ୟ ମହାକବି ପଣ୍ଡିତ ଜୟଗୋପାଳ ଶାସ୍ତ୍ରୀ ସତ୍ୟାର୍ଥପ୍ରକାଶକୁ ପଦ୍ୟରେ ରଚନା କଲେ। ବିକ୍ରମାବ୍ଦ ୨୦୦୩ (୧୯୪୬ ଖ୍ରୀ)ରେ ପଣ୍ଡିତ ରାମଗୋପାଳ ଶାସ୍ତ୍ରୀଙ୍କ ସମ୍ପାଦନାରେ ୩ ସମୁଲ୍ଲାସ ପର୍ଯ୍ୟନ୍ତ ଏହା ପ୍ରକାଶିତ ହେଲା। ଏହାର ଦ୍ୱିତୀୟ ସଂସ୍କରଣ ସତ୍ୟାର୍ଥପ୍ରକାଶ ନ୍ୟାସ, ଉଦୟପୁର ଦ୍ୱାରା ୧୯୯୯ ଖ୍ରୀ. ରେ ପ୍ରକାଶିତ ହେଲା।

ପ୍ରାଦେଶିକ ଭାଷାରେ ଅନୁବାଦ

କେବଳ ହିନ୍ଦୀ ନୁହେଁ ସମସ୍ତ ପ୍ରମୁଖ ଭାରତୀୟ ଭାଷା ଏବଂ ଅନେକ ବିଦେଶୀ ଭାଷାରେ ଏହାର ଅନୁବାଦ ହୋଇସାରିଛି। ସତ୍ୟାର୍ଥପ୍ରକାଶ ଉପଲବ୍ଧ ହେଉଥିବା ଭାରତୀୟ ଭାଷାଗୁଡ଼ିକ ହେଲା — ୧. ହିନ୍ଦୀ, ୨. ସଂସ୍କୃତ, ୩. ପଞ୍ଜାବୀ, ୪. ସିନ୍ଧୀ, ୫. ଗୁଜରାଟୀ, ୬. ମରାଠୀ, ୭. ଓଡ଼ିଆ, ୮. ବଙ୍ଗାଳୀ, ୯. ତାମିଲ, ୧୦. ତେଲୁଗୁ, ୧୧. କନ୍ନଡ଼, ୧୨. ମଲାୟାଲମ୍, ୧୩. ଅସମିୟା, ୧୪. ଉର୍ଦ୍ଦୁ, ୧୫. ନେପାଳୀ। ଖ୍ରୀଷ୍ଟାବ୍ଦ ୧୮୯୯ରେ ଅମୃତସରରୁ ପଣ୍ଡିତ ଆତ୍ମାରାମ ଅମୃତସରୀ କୃତ ପଞ୍ଜାବୀ ଅନୁବାଦ (ଗୁରୁମୁଖୀ ଲିପିରେ) ପ୍ରକାଶିତ

ହେଲା। ୧୮୯୮ରେ ପଞ୍ଜାବ ଆର୍ଯ୍ୟ ପ୍ରତିନିଧି ସଭା, ଲାହୋର ଦ୍ୱାରା ପଣ୍ଡିତ ରୈମଲଦାସ ଓ ଆତ୍ମାରାମ ଅମୃତସରୀ କୃତ ଉର୍ଦ୍ଦୁ ଅନୁବାଦ ପ୍ରକାଶିତ ହେଲା। ୧୮୯୯ରେ ଜୀବନଦାସ ପେନ୍‌ସନ୍‌ର୍ ଅନୂଦିତ ଉର୍ଦ୍ଦୁ ଅନୁବାଦ (ଏକାଦଶ ସମୁଲ୍ଲାସ ପର୍ଯ୍ୟନ୍ତ) ଲାହୋରରୁ ପ୍ରକାଶିତ ହେଲା। ୧୯୩୯ରେ ପଣ୍ଡିତ ଚମୁପତି କୃତ ଉର୍ଦ୍ଦୁ ଅନୁବାଦ 'ଅନ୍‌ବାରେ ହକୀକତ୍' ନାମରେ ପ୍ରକାଶିତ ହେଲା। ୧୯୦୫ରେ ମେହେତା ରାଧାକୃଷ୍ଣଙ୍କ ଅନୂଦିତ ଉର୍ଦ୍ଦୁ ଅନୁବାଦ ଲାହୋରର ସର୍ବହିତକାରୀ ପ୍ରେସ୍‌ରୁ ପ୍ରକାଶିତ ହେଲା। ୧୯୦୧ରେ ବୈଦିକ ଯନ୍ତ୍ରାଳୟ, ଅଜମେର ଦ୍ୱାରା ମୋତିଲାଲ ଭଟ୍ଟାଚାର୍ଯ୍ୟ କୃତ ବଙ୍ଗାଳୀ ଅନୁବାଦ ପ୍ରକାଶିତ ହେଲା। ତା' ପରେ ୧୯୧୧ରେ ଶଙ୍କରନାଥ କୃତ ବଙ୍ଗାଳୀ ଅନୁବାଦ ବି ପ୍ରକାଶିତ ହେଲା। ୧୯୦୫ରେ ମଂଚ୍ଛାଶଙ୍କର ଜୟଶଙ୍କର ଦ୍ୱିବେଦୀ କୃତ ଗୁଜରାଟୀ ଅନୁବାଦ ମୁମ୍ବାଇରୁ ପ୍ରକାଶିତ ହେଲା। ପରବର୍ତ୍ତୀ ସମୟରେ ୧୯୨୬ରେ ପଣ୍ଡିତ ମୟାଶଙ୍କର ଶର୍ମା, ଦର୍ଶନାଚାର୍ଯ୍ୟ କୃତ ଓ ୧୯୯୪ରେ ବଡ଼ୋଦରାର ଦିଲ୍ଲୀପ ସିଂହ ବେଦାଳଙ୍କାର କୃତ ଗୁଜରାଟୀ ଅନୁବାଦ ବି ପ୍ରକାଶିତ ହେଲା। ୧୯୦୭ରେ ବମ୍ବେରୁ ଶ୍ରୀଦାସ ବିଦ୍ୟାର୍ଥୀ କୃତ ମରାଠୀ ଅନୁବାଦ ପ୍ରକାଶିତ ହେଲା। ଏହାର ସଂଶୋଧକ ଥିଲେ 'ମରୁତ୍‌ସଖା' ନାମକ ଉଡ଼ାଜାହାଜର ପ୍ରଥମ ଉଦ୍‌ଭାବକ ଶିବକର ବାପୁଜୀ ତଳପଦେ। ପରେ ୧୯୨୬ରେ ଶ୍ରୀପାଦ ଦାମୋଦର ସାତବଲେକର, ୧୯୩୨ରେ ସତ୍ୟବ୍ରତ ସ୍ନାତକ ଓ ୧୯୯୦ରେ ଶ୍ରୀପାଦ ଯୋଶୀ କୃତ ମରାଠୀ ଅନୁବାଦ ମଧ୍ୟ ପ୍ରକାଶିତ ହେଲା। ୧୯୧୨ରେ ଗୋବିନ୍ଦରାମ ହାସାନନ୍ଦ ଦ୍ୱାରା ଜୀବନଲାଲ ଆର୍ଯ୍ୟ କୃତ ସିନ୍ଧୀ ଭାଷାରେ ଅନୁବାଦ ପ୍ରକାଶିତ ହେଲା। ପରବର୍ତ୍ତୀ ସମୟରେ ସିନ୍ଧ ପ୍ରାନ୍ତୀୟ ଆର୍ଯ୍ୟ ପ୍ରତିନିଧି ସଭା, ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ତଥା ଅଜମେର ନିବାସୀ ହକିମ୍ ବୀରୁମଲ ଆର୍ଯ୍ୟ ମଧ୍ୟ ସିନ୍ଧୀ ଭାଷାରେ ଅନୁବାଦ ପ୍ରକାଶିତ କଲେ। ଦୟାନନ୍ଦ ଜନ୍ମଶତାବ୍ଦୀ ଅବସରରେ ୧୯୨୪ରେ ପଣ୍ଡିତ ଶଙ୍କରଦେବ ପାଠକ କୃତ ସଂସ୍କୃତ ଅନୁବାଦ ପ୍ରକାଶିତ ହେଲା। ଶ୍ରୀବତ୍ସ ପଣ୍ଡା ଓଡ଼ିଆ ଭାଷାରେ ଅନୁବାଦ କରି ୧୯୨୭ରେ ପୂର୍ବାର୍ଦ୍ଧ ଓ ୧୯୩୭ରେ ଉତ୍ତରାର୍ଦ୍ଧ ଶ୍ରୀବତ୍ସ ଗୋରକ୍ଷାଶ୍ରମ, ତନରଡ଼ା ପକ୍ଷରୁ ପ୍ରକାଶିତ କଲେ। ୧୯୭୩ରେ ଉତ୍କଳ ସାହିତ୍ୟ ସଂସ୍ଥାନ, ଗୁରୁକୁଳ ଆଶ୍ରମ, ଆମସେନା ପକ୍ଷରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ଶାସ୍ତ୍ରୀ କୃତ ଓଡ଼ିଆ ଅନୁବାଦ ପ୍ରକାଶିତ ହେଲା। ୧୯୮୫ରେ ଧର୍ମଗ୍ରନ୍ଥ ଷ୍ଟୋର, କଟକ ପକ୍ଷରୁ ପୁରୁଷୋତ୍ତମ କରଶର୍ମା କୃତ ଓଡ଼ିଆ ଅନୁବାଦ ପ୍ରକାଶିତ ହେଲା। ୧୯୨୩ରେ ଆର୍ଯ୍ୟସମାଜ ହାଇଦ୍ରାବାଦ ଓ ଆର୍ଯ୍ୟ ପ୍ରତିନିଧି ସଭା ହାଇଦ୍ରାବାଦ ପକ୍ଷରୁ ସଭାର ନିଜାମ ଷ୍ଟେଟ୍‌ର ଉପଦେଶକ ଆଦିପୁଡ଼ି ସୋମନାଥ ରାଓ କୃତ ତେଲୁଗୁ ଅନୁବାଦ ପ୍ରକାଶିତ ହେଲା। ପରବର୍ତ୍ତୀ ସମୟରେ ପଣ୍ଡିତ ଗୋପାଳ ରାଓ, ପଣ୍ଡିତ ରାଜରତ୍ନାଚାର୍ଯ୍ୟ ଏବଂ ପଣ୍ଡିତ ଗୋପଦେବ ଶାସ୍ତ୍ରୀ କୃତ ତେଲୁଗୁ ଅନୁବାଦ ମଧ୍ୟ ପ୍ରକାଶିତ ହେଲା। ୧୯୨୬ରେ ଆର୍ଯ୍ୟସମାଜ ମାଡ୍ରାସ ପକ୍ଷରୁ ମନବବଲ୍ ରାମସ୍ୱାମୀ ଜମ୍ବୁନାଥନ୍ କୃତ ତାମିଲ ଅନୁବାଦ ପ୍ରକାଶିତ ହେଲା। ପରେ ୧୯୩୫ରେ କାନୈୟା ଓ ୧୯୭୪ରେ ଶୁଦ୍ଧାନନ୍ଦ ଭାରତୀ କୃତ ତାମିଲ ଅନୁବାଦ ପ୍ରକାଶିତ ହେଲା। ୧୯୩୨ରେ ଭାସ୍କର ପନ୍ତ କୃତ କନ୍ନଡ଼ ଅନୁବାଦ ଆର୍ଯ୍ୟସମାଜ ବାଙ୍ଗାଲୋର ପକ୍ଷରୁ ପ୍ରକାଶିତ ହେଲା। ୧୯୫୫ରେ ପଣ୍ଡିତ ସତ୍ୟପାଲ ସ୍ନାତକ ଓ ୧୯୭୪ରେ ପଣ୍ଡିତ ସୁଧାକର ଚତୁର୍ବେଦୀ କୃତ କନ୍ନଡ଼ ଅନୁବାଦ ମଧ୍ୟ ପ୍ରକାଶିତ ହେଲା। ୧୯୩୩ରେ ବ୍ରହ୍ମଚାରୀ ଲକ୍ଷ୍ମଣ କୃତ ମାଲାୟାଲାମ ଅନୁବାଦ ପ୍ରକାଶିତ ହେଲା। ୧୯୭୮ରେ ପଣ୍ଡିତ ନରେନ୍ଦ୍ର ଭୂଷଣ କୃତ ମାଲାୟାଲାମ ଅନୁବାଦ ମଧ୍ୟ ପ୍ରକାଶିତ ହେଲା। ୧୯୩୧, ୧୯୩୬ ଓ ୧୯୬୩ରେ ଆର୍ଯ୍ୟସମାଜ ଦାର୍ଜିଲିଂ ଦ୍ୱାରା ଦିଲୁସିଂ ରାଇ କୃତ ନେପାଳୀ ଅନୁବାଦ ପ୍ରକାଶିତ

ହେଲା। ୧୯୭୫ରେ ଆର୍ଯ୍ୟସମାଜ ଗୌହାଟୀ ପକ୍ଷରୁ ପଣ୍ଡିତ ପରମେଶ୍ୱର କୋଟୀ କୃତ ଅସମିୟା ଅନୁବାଦ ପ୍ରକାଶିତ ହେଲା।

ବିଦେଶୀ ଭାଷାରେ ଅନୁବାଦ

ସତ୍ୟାର୍ଥପ୍ରକାଶ ଅନୂଦିତ ହୋଇଥିବା ବିଦେଶୀ ଭାଷାଗୁଡ଼ିକ ହେଲା — ୧. ଇଂରାଜୀ, ୨. ଜର୍ମାନ, ୩. ଫ୍ରେଞ୍ଚ, ୪. ଚୀନୀ, ୫. ବର୍ମି, ୬. ସ୍ୱାହିଲୀ, ୭. ଡଚ୍, ୮. ଥାଇ। ୧୯୦୬ରେ ଡାକ୍ତର ଚିରଞ୍ଜୀବ ଭାରଦ୍ୱାଜ କୃତ ଇଂରାଜୀ ଅନୁବାଦ ଲାହୋରରୁ ପ୍ରକାଶିତ ହେଲା। ତଦନନ୍ତର ୧୯୦୮ରେ ମାଷ୍ଟର ଦୁର୍ଗାଦାସ କୃତ ଇଂରାଜୀ ଅନୁବାଦ ଲାହୋରରୁ ପ୍ରକାଶିତ ହେଲା। ଆର୍ଯ୍ୟଜଗତର ଇଂରାଜୀ ଭାଷାରେ ଲେଖକଙ୍କ ମଧ୍ୟରେ ଶୀର୍ଷସ୍ଥ ବିଦ୍ୱାନ୍ ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ କୃତ ଇଂରାଜୀ ଅନୁବାଦ ୧୯୪୬ରେ ତାଙ୍କ ନିଜସ୍ୱ ପ୍ରକାଶନ ସଂସ୍ଥା ଆଲାହାବାଦର କଳା ପ୍ରେସ୍‌ରୁ ପ୍ରକାଶିତ ହେଲା। ଏହାକୁ ଇଂରାଜୀ ଭାଷାରେ ସତ୍ୟାର୍ଥପ୍ରକାଶର ସର୍ବଶ୍ରେଷ୍ଠ ଅନୁବାଦ କୁହାଯାଇପାରେ। ୧୯୮୮ରେ ବନ୍ଦେମାତରମ୍ ରାମଚନ୍ଦ୍ର ରାଓ କୃତ ଇଂରାଜୀ ଅନୁବାଦ ପ୍ରକାଶିତ ହେଲା। ୧୯୩୦ରେ ଆର୍ଯ୍ୟ ପ୍ରତିନିଧି ସଭା ପଞ୍ଜାବ ପକ୍ଷରୁ ଡଃ. ଦୌଲତରାମ ଦେବଗ୍ରାମ କୃତ ଜର୍ମାନ୍ ଅନୁବାଦ ପ୍ରକାଶିତ ହେଲା। ୧୯୪୦ରେ ବେଲଜିୟମ୍‌ରୁ ତଥା ୧୯୭୫ରେ ଆର୍ଯ୍ୟସଭା ମରିସସ୍ ପକ୍ଷରୁ ଲୁଇ ମୋରିନ୍ ନାମକ ମହିଳାଙ୍କ କୃତ ଫ୍ରେଞ୍ଚ ଅନୁବାଦ ପ୍ରକାଶିତ ହେଲା। ୧୯୫୮ରେ ହଂକଂରୁ ଡଃ. ଚାଓ କୃତ ଚୀନୀ ଭାଷାର ଅନୁବାଦ ପ୍ରକାଶିତ ହେଲା। ୧୯୫୯ରେ ଆର୍ଯ୍ୟସମାଜ ରେଙ୍ଗୁନ ପକ୍ଷରୁ ବୌଦ୍ଧ ଭିକ୍ଷୁ ଉ କିତ୍ତିମା କୃତ ବର୍ମି ଭାଷାର ଅନୁବାଦ ପ୍ରକାଶିତ ହେଲା। ପଣ୍ଡିତ କାଳୀଚରଣ ଶର୍ମା ଆରବୀ ଭାଷାରେ ସତ୍ୟାର୍ଥପ୍ରକାଶର କିଛି ଅଂଶ ଅନୁବାଦ କରିଥିଲେ। ଆଫ୍ରିକାର ସ୍ୱାହିଲୀ ଭାଷାରେ (ରୋମାନ୍ ଲିପିରେ) ମଧ୍ୟ ସତ୍ୟାର୍ଥପ୍ରକାଶର ଅନୁବାଦ ଦକ୍ଷିଣ ଆଫ୍ରିକାର ଆର୍ଯ୍ୟସମାଜ ପକ୍ଷରୁ ହୋଇଛି। ହଲାଣ୍ଡର ଡଚ୍ ଭାଷାରେ ମଧ୍ୟ ସତ୍ୟାର୍ଥପ୍ରକାଶର ଅନୁବାଦ ପ୍ରକାଶିତ ହୋଇଛି। ଏହାର ଅନୁବାଦକ ହେଲେ ପଂ.ଏସ୍. ବୀରେ। ସତ୍ୟାର୍ଥପ୍ରକାଶର ଥାଇ ଭାଷାର ଅନୁବାଦ ବ୍ୟାଙ୍କକ୍‌ରୁ ପ୍ରକାଶିତ ହୋଇଛି।

ବ୍ରେଲ ଲିପି

ଚକ୍ଷୁହୀନ ବ୍ୟକ୍ତିଙ୍କ ପାଇଁ ସତ୍ୟାର୍ଥପ୍ରକାଶ ବ୍ରେଲ ଲିପିରେ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ପକ୍ଷରୁ ମୁଦ୍ରିତ ହୋଇଛି। ଏହା ଅନେକ ଖଣ୍ଡରେ ବିଦ୍ୟମାନ।

ତାମ୍ରପତ୍ର

ହରିଆଣାର ଗୁରୁକୁଳ ଆଶ୍ରମ, ଝଜ୍ଜର, ରୋହତକର ସ୍ୱାମୀ ଓମାନନ୍ଦ ସରସ୍ୱତୀ ସତ୍ୟାର୍ଥପ୍ରକାଶକୁ ତାମ୍ରପତ୍ରରେ ଉତ୍କୀର୍ଣ୍ଣ କରି ଏହି ଗ୍ରନ୍ଥରତ୍ନକୁ ଚିରସ୍ଥାୟୀ କରିବାର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି।

ବିବିଧ ଭାଷାରେ ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ଏହି ଗ୍ରନ୍ଥ ୨୦୦୬ ସୁଦ୍ଧା ୨୨ ଲକ୍ଷରୁ ବି ଅଧିକ ସଂଖ୍ୟାରେ ପ୍ରକାଶିତ ହୋଇସାରିଛି। ଆଉ ୧୧ ବର୍ଷରେ ହୋଇଥିବା ସଂଖ୍ୟାକୁ ଯୋଡ଼ିଲେ ଆହୁରି ଅଧିକ ହେବ। କାରଣ ଇତିମଧ୍ୟରେ ସତ୍ୟାର୍ଥପ୍ରକାଶକୁ ପ୍ରତି ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚାଇବାର ଲକ୍ଷ୍ୟ ରଖି ଋଷିମିଶନ୍ ପ୍ରତି ସମର୍ପିତ

ବିବିଧ ସଭା ଓ ସଂଗଠନ ପକ୍ଷରୁ ସୁଲଭ ମୂଲ୍ୟରେ ଏହା ଉପଲବ୍ଧ କରାଇବା ପାଇଁ ଅନେକ ଯୋଜନା କ୍ରିୟାନ୍ୱିତ ହେଉଛି।

ଆକ୍ଷେପ ଓ ଉତ୍ତର

ସତ୍ୟାର୍ଥପ୍ରକାଶ ସେ ସମୟର ସର୍ବାଧିକ ଚର୍ଚ୍ଚିତ ପୁସ୍ତକ ଥିଲା। 'ସତ୍ୟାର୍ଥପ୍ରକାଶ'ର ପ୍ରକାଶରେ ସ୍ୱ-ସ୍ୱ ମତର ଦୋଷ-ତ୍ରୁଟି ଦୃଷ୍ଟିଗୋଚର ହେବାରୁ ସେସବୁର ସୁରକ୍ଷିତ ଆଚ୍ଛାଦନ ତଥା ସେସବୁକୁ ଯେନ-ତେନ ପ୍ରକାରେଣ ହେଉ ଯଥାର୍ଥ ବୋଲି ପ୍ରତିପାଦନ କରିବା ସେ ସବୁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକ ହୋଇପଡ଼ିଲା। 'ସତ୍ୟାର୍ଥପ୍ରକାଶ'ର ପ୍ରକାଶକୁ ନିର୍ବାପିତ କରିବା ପାଇଁ ଅନେକ ସମ୍ପ୍ରଦାୟର ବ୍ୟକ୍ତିମାନେ ଏହା ବିରୋଧରେ ଖଣ୍ଡନାତ୍ମକ ସାହିତ୍ୟ-ସୃଜନର ଝଞ୍ଜାବାତ ସୃଷ୍ଟି କଲେ। ଏତଦ୍ଦ୍ୱାରା 'ସତ୍ୟାର୍ଥପ୍ରକାଶ'ର ପ୍ରକାଶ ନିର୍ବାପିତ ହେବା ବଦଳରେ ଅଧିକ ଦୀପ୍ତିମାନ୍ ହେଲା, ସତ୍ୟାର୍ଥପ୍ରକାଶର ବହୁଳ ପ୍ରସାର ହେଲା। କାରଣ ଏହି ବିରୋଧୀମାନଙ୍କ ଗ୍ରନ୍ଥ ପଢ଼ି ଯେଉଁମାନେ ସତ୍ୟାର୍ଥପ୍ରକାଶ ବିଷୟରେ ଜାଣିନଥିଲେ ସେମାନେ ବି ସତ୍ୟାର୍ଥପ୍ରକାଶର ବାସ୍ତବିକତା ଜାଣିବା ପାଇଁ ସତ୍ୟାର୍ଥପ୍ରକାଶ ପଢ଼ିଲେ। ଏହା ଦ୍ୱାରା ବହୁତଙ୍କ ବିଚାର ବି ବୈଦିକ ଧର୍ମର ସିଦ୍ଧାନ୍ତ ଆଡ଼କୁ ପରିବର୍ତ୍ତିତ ହୋଇଗଲା। ଏହିଭଳି ଭାବେ ବିରୋଧୀମାନଙ୍କ ବିରୋଧ ଦ୍ୱାରା ବି ବହୁ ବ୍ୟକ୍ତି ବୈଦିକ ଧର୍ମର ଅନୁଯାୟୀ ହେଲେ।

ମୁରାଦାବାଦର ପଂ. ଜ୍ୱାଳାପ୍ରସାଦ ମିଶ୍ର 'ଦୟାନନ୍ଦତିମିର-ଭାସ୍କର' ଲେଖି ସତ୍ୟାର୍ଥପ୍ରକାଶର ଖଣ୍ଡନ କଲେ। ଏଥିରେ ପ୍ରଥମ ୧୧ଟି ସମୁଲ୍ଲାସ ବିରୋଧରେ ଅନର୍ଗଳ ଆକ୍ଷେପ ଥିଲା। ଏହାର ବଳିଷ୍ଠ ଉତ୍ତର ମେରଠରେ ପଣ୍ଡିତ ତୁଳସୀରାମ ସ୍ୱାମୀ 'ଭାସ୍କରପ୍ରକାଶ' ନାମକ ଗ୍ରନ୍ଥ ଲେଖି ଦେଲେ ଯାହାକି ୧୯୦୫ରେ ପ୍ରକାଶିତ ହୋଇଥିଲା। ଉଭୟ ପୁସ୍ତକ ମଧ୍ୟରେ ମୌଳିକ ପ୍ରଭେଦ ହେଲା ଯେ, 'ଦୟାନନ୍ଦ ତିମିର ଭାସ୍କର'ରେ ପ୍ରକରଣ ଓ ଆଶୟ ବହିର୍ଭୂତ ଆକ୍ଷେପ ସାଙ୍ଗକୁ ଅଶିଷ୍ଟ ଭାଷା-ଶୈଳୀ, ତର୍କହୀନ ବିଶ୍ଳେଷଣ ଚିନ୍ତନୀୟ ସ୍ତରର ଥିବା ବେଳେ ଏହାର ବିପରୀତରେ 'ଭାସ୍କର ପ୍ରକାଶ'ରେ ସର୍ବତ୍ର ଶିଷ୍ଟତା, ବିଦ୍ୱତ୍ତା, ତର୍କଶକ୍ତି, ଶାସ୍ତ୍ରୀୟ ପ୍ରମାଣ, କଟାକ୍ଷନୈପୁଣ୍ୟ ଦର୍ଶନୀୟ। ପଂ. ଜ୍ୱାଳାପ୍ରସାଦଙ୍କର ପୁନଃ ଆକ୍ଷେପ କରିବାର ସାହସ ହେଲା ନାହିଁ। ତା' ପରେ ତାଙ୍କ ଭାଇ ପଂ. ବଳଦେବ ପ୍ରସାଦ ମିଶ୍ର କେବଳ ୩ଟି ସମୁଲ୍ଲାସ ଉପରେ 'ଧର୍ମ ଦିବାକର' ଲେଖି 'ଭାସ୍କରପ୍ରକାଶ'ର ସମାଲୋଚନା କଲେ। ପଣ୍ଡିତ ତୁଳସୀରାମ ସ୍ୱାମୀ 'ଦିବାକର ପ୍ରକାଶ' ଲେଖି ତା'ର ମଧ୍ୟ ତାର୍କିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଉତ୍ତର ଦେଲେ। ପଣ୍ଡିତ ତୁଳସୀରାମ ସ୍ୱାମୀଙ୍କ ତର୍କ ଓ ପ୍ରମାଣ ସମ୍ବଳିତ ଲେଖନ ଶୈଳୀ ଦେଖି ବେନି ଭାଇ (ପଂ. ଜ୍ୱାଳାପ୍ରସାଦ ଓ ପଂ. ବଳଦେବପ୍ରସାଦ) ମୌନବ୍ରତ ଅବଲମ୍ବନ କରିବା ଶ୍ରେୟସ୍କର ମନେକଲେ। ଆଉ କୌଣସି ଆକ୍ଷେପର ଦୁଃସାହସ କଲେ ନାହିଁ।

ପରବର୍ତ୍ତୀ ସମୟରେ ଅମରୌଧା(କାନପୁର)ର ପଂ. କାଳୁରାମ ଶାସ୍ତ୍ରୀ 'ସତ୍ୟାର୍ଥପ୍ରକାଶ କୀ ଛିଛାଲେଦର' ନାମକ ପୁସ୍ତକ ଲେଖିଲେ। ପଣ୍ଡିତ ରାମଦୁଲାରେଲାଲ ଆର୍ଯ୍ୟ 'ସତ୍ୟାର୍ଥପ୍ରକାଶର ଚମତ୍କାର' ନାମକ ପୁସ୍ତକ ଲେଖି ଏହାର ଉତ୍ତର ଦେଲେ, ଯାହାକି ଆର୍ଯ୍ୟସମାଜ ଚାବଡୀ ବଜାର, ଦିଲ୍ଲୀରୁ ୧୯୩୦ରେ ପ୍ରକାଶିତ ହୋଇଛି। ପରେ ପଂ. ମାଧବାଚାର୍ଯ୍ୟ ମଧ୍ୟ 'ସତ୍ୟାର୍ଥପ୍ରକାଶ କୀ ଛିଛାଲେଦଡ଼' ନାମକ ଆଉ ଏକ ପୁସ୍ତକ ଲେଖିଲେ। ଏହାର ଉତ୍ତର କାସଗଞ୍ଜ (ଉ.ପ୍ର)ର ଡଃ. ଶ୍ରୀରାମ ଆର୍ଯ୍ୟ 'ସତ୍ୟାର୍ଥପ୍ରକାଶ କୀ ଛିଛାଲେଦଡ଼ କା

ଉତ୍ତର' ନାମକ ପୁସ୍ତକ ରୂପେ ଦେଲେ; ଯାହାକି ବୈଦିକ ସାହିତ୍ୟ ପ୍ରକାଶନ, କାସଗଞ୍ଜରୁ ୧୯୬୭ରେ ପ୍ରକାଶିତ ହେଲା।

୧୯୩୯ରେ ପଂ.କାଲୁରାମ ଶାସ୍ତ୍ରୀ 'ଆର୍ଯ୍ୟସମାଜ କୀ ମୌତ୍' ପୁସ୍ତକ ଲେଖିଲେ ଯାହାର କି ତର୍କପୂର୍ଣ୍ଣ ଉତ୍ତର ଶାସ୍ତ୍ରାର୍ଥ ମହାରଥୀ ପଂ. ମନସାରାମ ବୈଦିକ ତୋପ 'ପୌରାଣିକ ପୋଲପ୍ରକାଶ' ପୁସ୍ତକ ମାଧ୍ୟମରେ ଦେଲେ। ଏହି ଗ୍ରନ୍ଥ ୨ ଭାଗରେ ଆର୍ଯ୍ୟ ସାହିତ୍ୟ ଭବନ, ଲାହୋର ଦ୍ୱାରା ପ୍ରକାଶିତ ହୋଇଥିଲା। ପଂ. କାଲୁରାମ ଶାସ୍ତ୍ରୀ ଆଉ ଗୋଟିଏ ପୁସ୍ତକ 'ବୈଦିକ ସତ୍ୟାର୍ଥପ୍ରକାଶ ଉର୍ଫ ଆର୍ଯ୍ୟସମାଜ କୀ ଅନ୍ତ୍ୟେଷ୍ଟି' ଲେଖିଲେ। ଏହାର ଉତ୍ତରରେ ଶାସ୍ତ୍ରାର୍ଥ ମହାରଥୀ ପଂ. ଜେ.ପି. ଚୌଧୁରୀ, କାବ୍ୟତୀର୍ଥ 'କାଲୁରାମ କା ଜନାଜା' ନାମକ ପୁସ୍ତକ ଲେଖିଲେ। ବାରାଣସୀରୁ ପ୍ରକାଶିତ ମାସିକ ପତ୍ରିକା 'ପାଖଣ୍ଡ ଖଣ୍ଡନୀ ପତାକା'ରେ ଏହା ଧାରାବାହିକ ରୂପେ ପ୍ରକାଶିତ ହେବାକୁ ଲାଗିଲା। ପୁସ୍ତକ ଲେଖନ ତ ସମ୍ପୂର୍ଣ୍ଣ ହୋଇଗଲା; କିନ୍ତୁ ଇତି ମଧ୍ୟରେ ପଂ. ଜେ.ପି. ଚୌଧୁରୀଙ୍କର ଦେହାନ୍ତ ହୋଇଯିବାରୁ ଏହା ପ୍ରକାଶିତ ହୋଇପାରିଲା ନାହିଁ।

ସତ୍ୟାର୍ଥପ୍ରକାଶର ସମାଲୋଚନାରେ ଆହୁରି ଅନେକ ପୁସ୍ତକ ବି ଲେଖାଯାଇଛି। ମୌଲବୀ ସନାଉଲ୍ଲା 'ହକ୍‌ପ୍ରକାଶ' ନାମକ ପୁସ୍ତକ ଲେଖି ଚତୁର୍ଦ୍ଦଶ ସମୁଲ୍ଲାସର ସମାଲୋଚନା କଲେ। ଶାସ୍ତ୍ରାର୍ଥ ମହାରଥୀ ସ୍ୱାମୀ ଦର୍ଶନାନନ୍ଦ 'ତକ୍‌ଜୀବେ ହକ୍‌ପ୍ରକାଶ' ଲେଖି ଏହାର ପ୍ରତ୍ୟୁତ୍ତର ଦେଲେ। ପଂ. ଚମୁପତିଙ୍କ ପ୍ରସିଦ୍ଧ ପୁସ୍ତକ 'ଚୌଦହବୀଁ କା ଚାନ୍ଦ୍'ର ବିଷୟ ମଧ୍ୟ ଏହା। ରାଧାସ୍ୱାମୀ ମତର ଜଣେ ଗୁରୁ ଆନନ୍ଦ ସ୍ୱରୂପ ଓରଫ୍ ସାହେବ ଜୀ ମହାରାଜ ମଧ୍ୟ ସତ୍ୟାର୍ଥପ୍ରକାଶର ସମାଲୋଚନାରେ 'ଯଥାର୍ଥପ୍ରକାଶ' ନାମକ ପୁସ୍ତକ ୩ ଭାଗରେ ଲେଖିଲେ। ଏହାର ଉତ୍ତର ଆର୍ଯ୍ୟ ପ୍ରାଦେଶିକ ସଭା, ଲାହୋରରୁ 'ଯଥାର୍ଥପ୍ରକାଶ କୀ ହକୀକତ୍' ପୁସ୍ତକ ମାଧ୍ୟମରେ ଦିଆଗଲା। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମହେଶ ପ୍ରସାଦ ମୌଲବୀ, ଆଲିମ୍ ଫାଜିଲ୍ ସତ୍ୟାର୍ଥପ୍ରକାଶ ସମ୍ବନ୍ଧରେ ଅନେକ ମହତ୍ତ୍ୱପୂର୍ଣ୍ଣ ତଥ୍ୟାତ୍ମକ ପୁସ୍ତକ ଲେଖିଛନ୍ତି।

ଏହିଭଳି ଭାବେ ସତ୍ୟାର୍ଥପ୍ରକାଶ ଉପରେ ବେଳେ-ବେଳେ ହେଉଥିବା ଆକ୍ଷେପର ତର୍କ-ପ୍ରମାଣଯୁକ୍ତ ଉତ୍ତର ବୈଦିକ ବିଦ୍ୱାନ୍‌ମାନେ ଦେଇ ଆସୁଛନ୍ତି। ଏସବୁ ସାହିତ୍ୟର ବିସ୍ତୃତ ବିବରଣୀ ସତ୍ୟକେତୁ ବିଦ୍ୟାଳଙ୍କାର କୃତ 'ଆର୍ଯ୍ୟସମାଜର ଇତିହାସ', ଭାଗ ୨ରେ ପ୍ରଦତ୍ତ ହୋଇଛି।

ମହତ୍ତ୍ୱ ଓ ପ୍ରଭାବ

ବିଗତ ଶହେ ପଚିଶ ବର୍ଷର କାଳଖଣ୍ଡ ମଧ୍ୟରେ ସତ୍ୟାର୍ଥପ୍ରକାଶର ପକ୍ଷ-ବିପକ୍ଷରେ ଶତାଧିକ ପୁସ୍ତକ ଲେଖାଯାଇଛି। (ଦ୍ର: ବିଶ୍ୱଧର୍ମକୋଷ : ସତ୍ୟାର୍ଥପ୍ରକାଶ, ପୃଷ୍ଠା.୧୧୧-୧୧୯)। ଏହି ଗ୍ରନ୍ଥ ଉପରେ ବହୁ ଶାସ୍ତ୍ରାର୍ଥ ବି ହୋଇଛି ଏବଂ ମକଦ୍ଦମା ମଧ୍ୟ ଚାଲିଛି (ଦ୍ର : ଉମାକାନ୍ତ ଉପାଧ୍ୟାୟଙ୍କ 'ଯୁଗନିର୍ମାତା ସତ୍ୟାର୍ଥପ୍ରକାଶ: ସନ୍ଦର୍ଭ ଦର୍ପଣ' ପୃଷ୍ଠା ୨୦୯-୨୭୨)। ଏହାକୁ ରାଜଦ୍ରୋହୀ ପୁସ୍ତକ ବୋଲି ଦର୍ଶାଇ ଇଂରେଜ ସରକାରଙ୍କୁ ଆର୍ଯ୍ୟସମାଜ ବିରୋଧରେ ନିରନ୍ତର ଉସୁକାଯାଇଛି। ଏହି ଗ୍ରନ୍ଥକୁ ନିଷିଦ୍ଧ କରିବା ପାଇଁ ମଧ୍ୟ ବହୁ ଆନ୍ଦୋଳନ ହୋଇଛି। ଯଥା — ସତ୍ୟାର୍ଥପ୍ରକାଶ ବିରୋଧରେ ପେଶାବର, ଆଲାହାବାଦ ଓ ପଟିଆଲାରେ କ୍ରମଶଃ ୧୮୯୨, ନଭେମ୍ବର ୧୯୦୨ ତଥା ଅକ୍ଟୋବର ୧୯୦୯ରେ ଅଦାଲତରେ ଅଭିଯୋଗ ଚଲାଯାଇଛି। ସଂଯୁକ୍ତ-ପ୍ରାନ୍ତ, ସିନ୍ଧ, ଭୋପାଳ ତଥା ଜାମ୍ମୁ-କାଶ୍ମୀର ପ୍ରଶାସନ ଏହାକୁ କ୍ରମଶଃ ୧୯୧୦, ୧୯୪୩ (ତଥା ୧୯୪୫-୧୯୪୬),

ଜୁନ୍ ୧୯୪୮ ତଥା ମଇ ୧୯୮୦ରେ ନିଷିଦ୍ଧ କରିବାକୁ ଚାହିଁଛନ୍ତି। (ଦ୍ର : ସତ୍ୟକେତୁ ବିଦ୍ୟାଲଙ୍କାର କୃତ 'ଆର୍ଯ୍ୟସମାଜ କା ଇତିହାସ', ଭାଗ ୨ ଓ ୪)। ଏହିଭଳି ଭାବେ ଏହି ଗ୍ରନ୍ଥର ଜୀବନ-ଯାତ୍ରା ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ। କିନ୍ତୁ 'ସତ୍ୟାର୍ଥପ୍ରକାଶ' ରୂପୀ ସୁନାକୁ ପ୍ରତିଦ୍ୱନ୍ଦ୍ୱୀରୂପୀ ଅଗ୍ନିରେ ଯେତେ ଥର ଦଗ୍ଧ କରାଯାଇଛି, ତା'ର ଆଭା-ବିଭା-ପ୍ରଭା ସେତିକି ତେଜୀୟାନ୍ ହୋଇଛି। ସମସ୍ତ ଘାତ-ପ୍ରତିଘାତ ଭିତରେ ଗତି କରି ଶତାଧିକ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ଏହାର ଯୋଗଦାନ କ୍ରାନ୍ତିକାରୀ ସିଦ୍ଧ ହୋଇଛି। ଏହି ଗ୍ରନ୍ଥ ଦେଶ-ବିଦେଶର ଅଗଣିତ ପାଠକ-ଚିନ୍ତକଙ୍କ ଚିନ୍ତନ-ଶୈଳୀ ଓ ଜୀବନ-ପଦ୍ଧତିକୁ ପ୍ରଭାବିତ କରିଛି।

ମନରେ ପ୍ରଶ୍ନ ଉଠେ, 'ସତ୍ୟାର୍ଥପ୍ରକାଶରେ ବାସ୍ତବରେ ଏମିତି କ'ଣ ଅଛି ଯେ ତାକୁ ଥରେ ସଚ୍ଚା ହୃଦୟରେ ଓ ଖୋଲା ମସ୍ତିଷ୍କରେ ପଢ଼ିଲେ ବ୍ୟକ୍ତି ସବୁଦିନ ପାଇଁ ତା'ର ହୋଇ ରହିଯାଏ, ତା' ଭିତରେ ଏକ ଜୋଶ୍, ଉତ୍ସାହ, ଉନ୍ମାଦନା ଉତ୍ପନ୍ନ ହୋଇଯାଏ ଏବଂ ସେ ସତ୍ୟାର୍ଥପ୍ରକାଶ ପାଇଁ ଜୀବନକୁ ବାଜି ଲଗାଇଦେବାକୁ ପ୍ରସ୍ତୁତ ହୋଇଯାଏ?' ଉତ୍ତର ହେଉଛି ଯେ ତାହା ହେଲା ସତ୍ୟାର୍ଥପ୍ରକାଶର ଖାଣ୍ଟିପଣ, ନିର୍ଭେଜାଲତ୍ୱ, ସିଧା-ସଳଖ କଥା, ତର୍କ ଓ ବିଜ୍ଞାନର କଷଟିରେ ସତ୍ୟ ପ୍ରମାଣିତ ତଥ୍ୟ, ଅନୁଭବ-ସଂସିକ୍ତ ଓ ପ୍ରାଚୀନ ପରମ୍ପରାର ନିର୍ବାହକ ବଚନ, ଲୋକୋପକାର ଓ ଅଧ୍ୟାତ୍ମରେ ଓତଃପ୍ରୋତ କଥନ, ନିର୍ଲିପ୍ତ ଓ ନିରପେକ୍ଷ ଚିନ୍ତନର ଗଭୀରତାରୁ ଉଦ୍‌ଭୂତ କଥା, ଏକ ଋଷି ଆତ୍ମାଙ୍କ ଲେଖନୀନିଃସୃତ ଅମୃତ ଯାହାକି ପାଠକର ମନ, ମସ୍ତିଷ୍କ, ଆତ୍ମା ଅର୍ଥାତ୍ ସମଗ୍ର ଚେତନାକୁ ଅଭିଭୂତ କରିଦିଏ, ଅମୃତ ସଂଜୀବନୀ ଶକ୍ତିରେ ଶକ୍ତିମନ୍ତ କରିଦିଏ। ଏଠାରେ ଆବଶ୍ୟକତା କେବଳ ଏତିକି ଯେ, ଯେଉଁ ସଚ୍ଚୋଟତା ପୂର୍ବକ ସତ୍ୟାର୍ଥପ୍ରକାଶ ରଚନା କରାଯାଇଛି, ଯେଉଁ ପବିତ୍ର ଓ ଉଦାତ୍ତ ଭାବନାରେ ଏହାକୁ ଲେଖାଯାଇଛି, ଯେଉଁ ମହାନ୍ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଏହାକୁ ଶବ୍ଦରେ ନିବଦ୍ଧ କରାଯାଇଛି ତାହାକୁ ହୃଦୟଙ୍ଗମ କରି ଏହାର ସ୍ୱାଧ୍ୟାୟ, ଚିନ୍ତନ ଓ ମନ୍ଥନ କରିବା। ଯେଉଁ କ୍ଷେତ୍ରରେ ଏପରି ହୋଇଛି ତା'ର ଅବଶ୍ୟମ୍ଭାବୀ ଚମତ୍କାର ପରିଣାମ ସାମ୍ନାକୁ ଆସିଛି।

ଲାଲା ଲଜପତ ରାୟ ସତ୍ୟାର୍ଥପ୍ରକାଶକୁ ଜୀବନ-ପ୍ରକାଶକ ସୂର୍ଯ୍ୟ ଆଖ୍ୟା ଦେଇଛନ୍ତି। ପାଦ୍ରୀ ସି.ଏଫ୍. ଆଣ୍ଡ୍ରୁଜ୍ ଏହାକୁ ପଥଚ୍ୟୁତ ହୋଇଯାଇଥିବା ବ୍ୟକ୍ତିଙ୍କ ପଥ-ପ୍ରଦର୍ଶକ ବୋଲି କହିଛନ୍ତି। ବିନାୟକ ଦାମୋଦର ସାବରକର ଏହି ଗ୍ରନ୍ଥକୁ ହିନ୍ଦୁ ଜାତିର ଧମନୀରେ ଉଷ୍ଣ ରକ୍ତର ସଞ୍ଚାରକ ବୋଲି ମତ ଦେଇଛନ୍ତି। ଡଃ. ରାଧା କୁମୁଦ ମୁଖାର୍ଜି ଏହାକୁ ବୈଦିକ ତତ୍ତ୍ୱର ପ୍ରକାଶକ ବୋଲି କହିଛନ୍ତି ତ ସି.ଏସ୍. ରଙ୍ଗା ଆୟର ଏହାକୁ ସ୍ୱ କାରାବାସ ଜୀବନର ସଚ୍ଚା ମିତ୍ର ଓ ପ୍ରକାଶଦାତା ରୂପେ ଦେଖିଛନ୍ତି। ମାଡ୍ରାସ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ସାର୍ ଟି.ଭି. ଶେଷଗିରି ଆୟର ଏହି ଗ୍ରନ୍ଥକୁ ସଭ୍ୟତାର ଚାବିକାଠି ନାମ ଦେଇଛନ୍ତି। ସାଧୁ ଟି.ଏଲ୍. ଭାସ୍ୱାନୀ ଏହାକୁ ଆତ୍ମାର ଦର୍ଶନ କରାଉଥିବା ଦର୍ପଣ ବୋଲି ମାନିଛନ୍ତି। ପ୍ରୋ. ରମେଶଚନ୍ଦ୍ର ବାନାର୍ଜି ଏହାକୁ ସଂସାରର ଦିଗବାରେଣୀ ଯନ୍ତ୍ର ଅଭିହିତ କରିଛନ୍ତି। 'ହିନ୍ଦୁ'ର ସମ୍ପାଦକ ଏ. ରଙ୍ଗାସ୍ୱାମୀ ଆୟଙ୍ଗର ଏହାକୁ ଜ୍ଞାନକୋଷର ସଂଜ୍ଞା ଦେଇଛନ୍ତି। ଡଃ. ଶ୍ୟାମାପ୍ରସାଦ ମୁଖାର୍ଜି ଏହାକୁ ଯୁଗ-ନିର୍ମାତା ତଥା ଚତୁର୍ମୁଖୀ ପ୍ରଗତି ଭାବନାରେ ପ୍ରଣୀତ ଦିବ୍ୟ ଗ୍ରନ୍ଥ ବୋଲି ଅଭିହିତ କରିଛନ୍ତି। ଅମର ଶହୀଦ୍ ରାମପ୍ରସାଦ ବିସ୍ମିଲ୍ ଏହାକୁ ସ୍ୱ ଜୀବନର ଲକ୍ଷ୍ୟ ନିର୍ଦ୍ଧାରକ ଓ ସ୍ୱ ଜୀବନର ଗତିପଥ ପରିବର୍ତ୍ତକ ଗ୍ରନ୍ଥ ବୋଲି କୃତଜ୍ଞତା ବ୍ୟକ୍ତ କରିଛନ୍ତି। ଏହିପରି ଭାବେ ଜଣେ-ଦୁଇଜଣ ନୁହଁନ୍ତି ଶତ-ଶତ ରାଷ୍ଟ୍ରଭକ୍ତ, ବିଦ୍ୱାନ, ବୁଦ୍ଧିଜୀବୀ, ସାହିତ୍ୟିକ, ଲେଖକ, ସମାଲୋଚକ ସତ୍ୟାର୍ଥପ୍ରକାଶର ପ୍ରଶଂସାରେ ଶତମୁଖ

ହୋଇଛନ୍ତି। ସତ୍ୟାର୍ଥପ୍ରକାଶର ସ୍ୱାଧାୟ ଦ୍ୱାରା କୋଟି-କୋଟି ଲୋକ ପାଖଣ୍ଡ, ଅନ୍ଧବିଶ୍ୱାସ, କୁରୀତି-ନୀତି, ମାନସିକ ସନ୍ତାପରୁ ମୁକ୍ତ ହୋଇ ଯଥାର୍ଥ ଆଧାତ୍ମିକ ପଥର ପଥିକ ହୋଇଛନ୍ତି।

ସତ୍ୟାର୍ଥପ୍ରକାଶରେ ବର୍ଣ୍ଣିତ ବିଷୟ ଅସଂଖ୍ୟ ନ ହେଲେ ବି ବହୁ ସଂଖ୍ୟକ। ଅତଃ ଏହାର ପ୍ରଭାବ ମଧ ବହୁ କ୍ଷେତ୍ରରେ ବ୍ୟାପକ। ଏଣୁ ଜୀବନର ମାର୍ଗଦର୍ଶକ ଗ୍ରନ୍ଥ ରୂପେ ଏହାର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ ହୋଇ ରହିଛି ଓ ସର୍ବଦା ରହିବ। ସେ ସମୟରେ ସମାଜରେ ଦୀର୍ଘକାଳରୁ ବଦ୍ଧମୂଳ ବିଚାରଧାରାକୁ ବିବେଚନାକୁ ନେଲେ ଦାର୍ଶନିକ କ୍ଷେତ୍ରରେ ସତ୍ୟାର୍ଥ ପ୍ରକାଶର ବହୁ ମୌଳିକ ସିଦ୍ଧାନ୍ତର ଯୋଗଦାନ ଅଛି। ଯଥା — ଜଗତ ମିଥ୍ୟା ନୁହେଁ। ଈଶ୍ୱର, ଜୀବ ଓ ପ୍ରକୃତି ଅନାଦି ଓ ଅନନ୍ତ। ଜୀବ ବ୍ରହ୍ମଙ୍କ ଅଂଶ ନୁହେଁ କି ବ୍ରହ୍ମରେ ଲୀନ ହୁଏ ନାହିଁ। ବହୁଚର୍ଚ୍ଚିତ ଅଦ୍ୱୈତବାଦର ଶାସ୍ତ୍ରୀୟ ଆଧାର ସୁଦୃଢ଼ ନୁହେଁ। ଈଶ୍ୱର ଜୀବ ଦ୍ୱାରା କିଛି କରାନ୍ତି ନାହିଁ; ଅପିତୁ ଜୀବ ସ୍ୱୟଂ କର୍ମ କରିବାରେ ସ୍ୱତନ୍ତ୍ର। ସ୍ୱକୃତ ଶୁଭ-ଅଶୁଭ କର୍ମର ଫଳ ତାକୁ ଅବଶ୍ୟ ଭୋଗ କରିବାକୁ ପଡ଼େ। କୌଣସି ନଈ-ପୋଖରୀ ଆଦିରେ ସ୍ନାନ କଲେ, ବ୍ୟକ୍ତି ବିଶେଷ କି ଗୁରୁ-ମାର୍ଗଦର୍ଶକଙ୍କ ଉପରେ ଆସ୍ଥା ସ୍ଥାପନ କଲେ, ସ୍ୱ ପାପର ସ୍ୱୀକାରୋକ୍ତି କି ପ୍ରାୟଶ୍ଚିତ୍ତ କରିଦେଲେ କୌଣସି କର୍ମର ଫଳରୁ କେହି ରକ୍ଷା ପାଇଯିବ ନାହିଁ। ଈଶ୍ୱର କର୍ମଫଳପ୍ରଦାତା ଅଟନ୍ତି। ସେ ନ୍ୟାୟକାରୀ ଓ ପାପକୁ କ୍ଷମା କରନ୍ତି ନାହିଁ। ଏପରି ଅନେକ ମାନ୍ୟତା ସାଙ୍ଗକୁ ସମାଜରେ ଭୁଲ୍ ରୂପେ ପ୍ରସ୍ଥାପିତ ଷଡ଼ଦର୍ଶନର କୃତ୍ରିମ ବିରୋଧର ସମାଧାନ ତଥା ଷଡ଼ଦର୍ଶନର ସମନ୍ୱୟର ପ୍ରବଳ ସମର୍ଥନ ସତ୍ୟାର୍ଥପ୍ରକାଶରେ କରାଯାଇଛି।

ଧାର୍ମିକ କ୍ଷେତ୍ରରେ ସତ୍ୟାର୍ଥପ୍ରକାଶର ମହତ୍ତ୍ୱପୂର୍ଣ୍ଣ ସୈଦ୍ଧାନ୍ତିକ ଯୋଗଦାନ ହେଲା ଯେ, ଈଶ୍ୱରଙ୍କର କୌଣସି ବିକଳ୍ପ ନାହିଁ। ବିଭିନ୍ନ କଳ୍ପିତ ଦେବାଦେବୀ, ଅବତାର, ପୀର, ପୈଗମ୍ବର, ଗୁରୁ ଆଦି ଈଶ୍ୱରଙ୍କ ସମକକ୍ଷ ନୁହଁନ୍ତି। କେବଳ ଈଶ୍ୱର ହିଁ ଉପାସ୍ୟ ଦେବ। ସେ ସର୍ବଶକ୍ତିମାନ୍, ସର୍ବବ୍ୟାପକ ଓ ସର୍ବଜ୍ଞ। ଦୁଷ୍ଟ ସଂହାର ନିମିତ୍ତ ତାଙ୍କୁ ଅବତାର ନେବାର ଆବଶ୍ୟକତା ପଡ଼େ ନାହିଁ। ଜଳାଶୟକୁ ତୀର୍ଥ ମାନିବା, ମୃତକ-ଶ୍ରାଦ୍ଧ, ମୂର୍ତ୍ତିପୂଜା, ଫଳିତ ଜ୍ୟୋତିଷ, ଝଡ଼ା-ଫୁଙ୍କା, ଗୁଣୀ-ଗାରେଡ଼ି ଆଦି ସବୁ ଅବୈଦିକ ମାନ୍ୟତା ମିଥ୍ୟା ହୋଇଥିବା ହେତୁ ସର୍ବଥା ତ୍ୟାଜ୍ୟ। ସତ୍ୟାର୍ଥପ୍ରକାଶ ପ୍ରତ୍ୟେକ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସେମାନଙ୍କ ସିଦ୍ଧାନ୍ତଗୁଡ଼ିକୁ ତର୍କ, ପ୍ରମାଣ, ବୁଦ୍ଧି ଓ ବିଜ୍ଞାନ ଆଧାରରେ ପରୀକ୍ଷା କରିବାକୁ ଏକରକମ ବାଧ କରିଛି। ବିଭିନ୍ନ ମତ-ସମ୍ପ୍ରଦାୟ ଉପରେ ସତ୍ୟାର୍ଥପ୍ରକାଶର କ'ଣ ପ୍ରଭାବ ପଡ଼ିଛି ସେ ବିଷୟରେ ସ୍ୱାମୀ ବେଦାନନ୍ଦ (ଦୟାନନ୍ଦ ତୀର୍ଥ) ସ୍ୱ ରଚିତ ପୁସ୍ତକ 'ସତ୍ୟାର୍ଥପ୍ରକାଶର ପ୍ରଭାବ'ରେ ବିସ୍ତୃତ ବିବେଚନା କରିଛନ୍ତି।

ସାମାଜିକ କ୍ଷେତ୍ରରେ ସତ୍ୟାର୍ଥପ୍ରକାଶର ଯୋଗଦାନ ହେଲା ଯେ ବର୍ଣ୍ଣବ୍ୟବସ୍ଥା ଗୁଣ-କର୍ମ ଆଧାରିତ, ଜନ୍ମ-ଆଧାରିତ ନୁହେଁ। ସତ୍ୟାର୍ଥପ୍ରକାଶରେ ବ୍ରହ୍ମଚର୍ଯ୍ୟ ଓ ବୈବାହିକ ସମ୍ବନ୍ଧର ପବିତ୍ରତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଆଜି ବିଶ୍ୱରେ ପ୍ରତିବର୍ଷ କୋଟି-କୋଟି ଲୋକ ଏଡ୍‌ସରେ ମୃତ୍ୟୁବରଣ କରୁଛନ୍ତି। ସତ୍ୟାର୍ଥପ୍ରକାଶର ଶିକ୍ଷା ସେଥିରୁ ରକ୍ଷା ପାଇବାର ଏକ ବଳିଷ୍ଠ ସାଧନ। ଋଷିବର ବାଲ୍ୟ-ବିବାହ, ବୃଦ୍ଧ-ବିବାହ, ବହୁ-ବିବାହ, ସତୀପ୍ରଥା ଆଦିର ଖଣ୍ଡନ ଏବଂ ବିଧବା-ବିବାହର ମଣ୍ଡନ କରିଛନ୍ତି। ବିବାହ ନିମନ୍ତେ ବର-କନ୍ୟାଙ୍କ ନ୍ୟୂନତମ ବୟସ ନିର୍ଦ୍ଧାରିତ କରିଛନ୍ତି। ପରିଣାମସ୍ୱରୂପ ସମାଜରେ ଧୀରେ-ଧୀରେ ପରିବର୍ତ୍ତନ ଦେଖାଦେଇଛି। ଆର୍ଯ୍ୟସମାଜର ପ୍ରସିଦ୍ଧ ନେତା ଦିୱାନ୍ ବାହାଦୁର ହରବିଳାସ ଶାରଦାଙ୍କ ବଳିଷ୍ଠ ଉଦ୍ୟମରେ ୧୯୨୯ରେ 'ବାଲ୍ୟବିବାହ ନିରୋଧ

ଆଇନ୍' ବା 'ଶାରଦା ଆକ୍ଟ' ପ୍ରଣୀତ ହେଲା। ପରବର୍ତ୍ତୀ କାଳରେ ତାକୁ ସଂଶୋଧିତ କରାଯାଇ କନ୍ୟାର ବିବାହ ବୟସ ଅନ୍ୟୂନ ଅଠର ବର୍ଷ କରାଯାଇଛି। ଦଳିତଙ୍କୁ ଶିକ୍ଷା, ସାମାଜିକ ସମ୍ମାନ ଆଦି ପ୍ରଦାନ କ୍ଷେତ୍ରରେ ସତ୍ୟାର୍ଥପ୍ରକାଶର ଅବିସ୍ମରଣୀୟ ଯୋଗଦାନ ରହିଛି। ଯଦି ଏହା ହୋଇନଥାନ୍ତା, ତେବେ ଦେଶର ଆଉ ଏକ ବିଭାଜନ ଅବଶ୍ୟମ୍ଭାବୀ ଥିଲା।

ଆର୍ଷଗ୍ରନ୍ଥର ଅଧ୍ୟୟନ-ଅଧ୍ୟାପନାର ପୁନଃ ପ୍ରଚଳନ, ଗୁରୁକୁଳ ଶିକ୍ଷା-ପ୍ରଣାଳୀର ପୁନଃ ପ୍ରବର୍ତ୍ତନର କାରଣ ମଧ୍ୟ ସତ୍ୟାର୍ଥପ୍ରକାଶ ହୋଇଛି। ଏହାର ଆଧାରରେ ଉତ୍ତର ଭାରତରେ ତ ଗୁରୁକୁଳଗୁଡ଼ିକ ଜାଲ ଭଳି ବିଛେଇ ହୋଇଗଲା। ଅଷ୍ଟାଧ୍ୟାୟୀର ପଠନ-ପାଠନ ଆଦି ମଧ୍ୟ ବ୍ୟକ୍ତି ଆର୍ଯ୍ୟସମାଜୀ ହୋଇଥିବାର ଲକ୍ଷଣ ବୋଲି ଧରି ନିଆଯାଉଛି। ସ୍ୱାଧୀନତା ଆନ୍ଦୋଳନ, ତାହା ଭାରତର ହେଉ କି ମରିଶସ୍ ଭଳି ଅନ୍ୟ ଦେଶର ହେଉ, ତା'ର ପ୍ରଥମ ପ୍ରେରଣା ସ୍ରୋତ ହୋଇ ରହିଛି ସତ୍ୟାର୍ଥପ୍ରକାଶ। ଏଣୁ ମରିଶସ୍‌ରେ ୧୯୯୮ରେ ସେ ଦେଶକୁ ସତ୍ୟାର୍ଥପ୍ରକାଶ ଆଗମନର ଶତାବ୍ଦୀ ପାଳିତ ହୋଇଛି। ନାରୀ ଜାଗରଣର ସନ୍ଦେଶ-ବାହକ ମଧ୍ୟ ଏହି ଗ୍ରନ୍ଥ ହୋଇଛି। ଆଜି ସମାଜର ପ୍ରତି ପଦକ୍ଷେପରେ ସତ୍ୟାର୍ଥପ୍ରକାଶର ପ୍ରଭାବ ପରିଲକ୍ଷିତ ହେଉଛି। ଏହି ରୂପେ ଏହି ଗ୍ରନ୍ଥ ଅନେକ ସାହିତ୍ୟିକ, ଦାର୍ଶନିକ, ସାମାଜିକ, ଧାର୍ମିକ ଏବଂ ରାଜନୈତିକ ପରିବର୍ତ୍ତନର ସୂତ୍ରଧାର ହୋଇଛି। ସତ୍ୟାର୍ଥପ୍ରକାଶର ମହତ୍ତ୍ୱ ଓ ପ୍ରଭାବ ଏତେ ଅଧିକ ଯେ, ଏହାକୁ ଏହି କ୍ଷୁଦ୍ର ଲେଖାରେ ସୀମିତ କରିବା ସମ୍ଭବପର ନୁହେଁ। ଏହା ଏକ ପୃଥକ୍ ଆଲୋଚନାର ଆବଶ୍ୟକତା ରଖେ।

ସତ୍ୟାର୍ଥପ୍ରକାଶ (୧୮୮୪)ର ମୁଖପୃଷ୍ଠ

ओ३म्

॥ अथ सत्यार्थप्रकाश: ॥

—— +++ ——

वेदादिविविधसच्छास्त्रप्रमाणै: समन्वित:

श्रीमत्परमहंसपरिव्राजकाचार्य्यश्रीमद्दयानन्दसरस्वतीस्वामिविरचित:

पण्डितज्वालादत्तभीमसेनशर्म्मभ्यां संशोधित:

सर्वथा राजनियमे नियोजित:

-: प्रयागनगरे :-

मनीषिसमर्थदानस्य प्रबन्धेन वैदिकयंत्रालये मुद्रित:

सन् १८८४

द्वितीयवारम् २००० मूल्यम् २।)

उत्तमता यह है कि डाकव्यय किसी से नही लिया जाता

ସଙ୍କେତ ସୂଚୀ

ଅଥର୍ବ.	-	ଅଥର୍ବବେଦ
ଅଷ୍ଟା.	-	ଅଷ୍ଟାଧ୍ୟାୟୀ
ଆପସ୍ତମ୍ବ.	-	ଆପସ୍ତମ୍ବ ଧର୍ମସୂତ୍ର
ଆଶ୍ୱ.	-	ଆଶ୍ୱଳାୟନ ଗୃହ୍ୟସୂତ୍ର
ଉଣାଦି.	-	ଉଣାଦିକୋଶ
ଋକ୍.	-	ଋଗ୍‌ବେଦ
କଠ.	-	କଠ ଉପନିଷଦ
କୈବଲ୍ୟ.	-	କୈବଲ୍ୟ ଉପନିଷଦ
ଗୋପଥ.	-	ଗୋପଥ ବ୍ରାହ୍ମଣ
ଚାଣକ୍ୟ.	-	ଚାଣକ୍ୟ ନୀତି
ଛାନ୍ଦୋଗ୍ୟ.	-	ଛାନ୍ଦୋଗ୍ୟ ଉପନିଷଦ
ତୈ.ଆ.	-	ତୈତ୍ତିରୀୟ ଆରଣ୍ୟକ
ତୈତ୍ତି.	-	ତୈତ୍ତିରୀୟ ଉପନିଷଦ
ତୈତ୍ତିରୀୟ.	-	ତୈତ୍ତିରୀୟ ଉପନିଷଦ
ତୈ.ସଂ.	-	ତୈତ୍ତିରୀୟ ସଂହିତା
ନ୍ୟାୟ.	-	ନ୍ୟାୟଦର୍ଶନ
ବୃହଦା.	-	ବୃହଦାରଣ୍ୟକ ଉପନିଷଦ
ବେଦାନ୍ତ.	-	ବେଦାନ୍ତ ଦର୍ଶନ
ବୈଶେ.	-	ବୈଶେଷିକ ଦର୍ଶନ
ମନୁ.	-	ମନୁସ୍ମୃତି
ମହା. ଶାନ୍ତି.	-	ମହାଭାରତ ଶାନ୍ତିପର୍ବ
ମାଣ୍ଡୂକ୍ୟ.	-	ମାଣ୍ଡୂକ୍ୟ ଉପନିଷଦ
ମୁଣ୍ଡକ.	-	ମୁଣ୍ଡକ ଉପନିଷଦ
ଯଜୁଃ.	-	ଯଜୁର୍ବେଦ
ଯୋଗ.	-	ଯୋଗଦର୍ଶନ
ଶତ.	-	ଶତପଥ ବ୍ରାହ୍ମଣ
ଶତପଥ.	-	ଶତପଥ ବ୍ରାହ୍ମଣ
ଶାଂଖ୍ୟା. ଶ୍ରୌତ.	-	ଶାଂଖ୍ୟାୟନ ଶ୍ରୌତସୂତ୍ର
ଶାରୀରକ.	-	ଶାରୀରକ ସୂତ୍ର
ଶାର୍ଙ୍ଗଧର.	-	ଶାର୍ଙ୍ଗଧର ସଂହିତା
ଶ୍ୱେତା.	-	ଶ୍ୱେତାଶ୍ୱତର ଉପନିଷଦ
ଷଡ଼ବିଂଶ.ବ୍ରା	-	ଷଡ଼ବିଂଶ ବ୍ରାହ୍ମଣ
ସାଂଖ୍ୟ.	-	ସାଂଖ୍ୟଦର୍ଶନ
ସାମ.	-	ସାମବେଦ
ସୁଶ୍ରୁତ.	-	ସୁଶ୍ରୁତ ସଂହିତା

ଅଥ ସତ୍ୟାର୍ଥପ୍ରକାଶସ୍ୟ ସୂଚୀପତ୍ରମ୍

ଅଥ ପୂର୍ବାର୍ଦ୍ଧଃ

ବିଷୟାଃ	ପୃଷ୍ଠମ୍

ସପ୍ତମଃ ସମୁଲ୍ଲାସଃ

ଅଷ୍ଟମଃ ସମୁଲ୍ଲାସଃ

ନବମଃ ସମୁଲ୍ଲାସଃ

ଦଶମଃ ସମୁଲ୍ଲାସଃ

॥ ଇତି ପୂର୍ବାର୍ଦ୍ଧଃ ॥

ନିବେଦନ

ପରମପୂଜ୍ୟ ଶ୍ରୀ ସ୍ୱାମୀଜୀ ମହାରାଜ ଏହି 'ସତ୍ୟାର୍ଥପ୍ରକାଶ' ଗ୍ରନ୍ଥ ଦ୍ୱିତୀୟ ଥର ଶୁଦ୍ଧ କରି ପ୍ରକାଶିତ କରିଛନ୍ତି। ପ୍ରଥମ ସଂସ୍କରଣରେ ଅନ୍ତିମର କେତେକ ପ୍ରକରଣ କୌଣସି କାରଣରୁ ଛପା ଯାଇପାରିନଥିଲା। ସେସବୁକୁ ମଧ୍ୟ ଏହି ସଂସ୍କରଣରେ ସଂଯୁକ୍ତ କରିଦିଆଯାଇଛି। ଏହି ଗ୍ରନ୍ଥରେ ଆଦିରୁ ଅନ୍ତ ପର୍ଯ୍ୟନ୍ତ ବେଦାଦିଶାସ୍ତ୍ରାନୁକୂଳ ଶ୍ରେଷ୍ଠ କଥା ଗ୍ରହଣ ଓ ନିକୃଷ୍ଟ କଥା ପରିତ୍ୟାଗ କରିବା ପାଇଁ ମଣିଷମାତ୍ରକେ ପ୍ରତ୍ୟେକଙ୍କୁ ଉପଦେଶ ଦିଆଯାଇଛି।

ମତମତାନ୍ତର ବିଷୟରେ ଯାହା ଲେଖାଯାଇଛି, ତାହା ପ୍ରୀତିପୂର୍ବକ ସତ୍ୟର ପ୍ରକାଶ ଓ ସଂସାରର ସୁଧାରର ଅଭିପ୍ରାୟରେ ଲେଖାଯାଇଛି; କାହାକୁ ନିନ୍ଦା କରିବା ଉଦ୍ଦେଶ୍ୟରେ ନୁହେଁ। ଏହି ଗ୍ରନ୍ଥର ମୁଖ୍ୟ ଉଦ୍ଦେଶ୍ୟ ହେଲା ଅବିଦ୍ୟା ଯୋଗୁଁ ନାନା ମତର ପ୍ରସାର ହୋଇ ସଂସାରରେ ଯେଉଁ ଦ୍ୱେଷ ବୃଦ୍ଧି ପାଇଛି, ଯଦ୍ଦ୍ୱାରା କି ଏକ ମତାବଲମ୍ବୀ ଅନ୍ୟ ମତାନୁଯାୟୀଙ୍କୁ ଦ୍ୱେଷଦୃଷ୍ଟିରେ ଦେଖୁଛି, ତାହା ଦୂର ହୋଇ ସଂସାରରେ ପ୍ରେମ ଓ ଶାନ୍ତି ସ୍ଥିର ହେଉ।

ଯେଉଁ ପ୍ରେମ-ପ୍ରୀତିରେ ଶ୍ରୀ ସ୍ୱାମୀଜୀ ମହାରାଜ ଏହି ଗ୍ରନ୍ଥ ରଚନା କରିଛନ୍ତି, ସେହି ପ୍ରୀତିରେ ପାଠକ ଏହାକୁ ପଢ଼ିବା ଉଚିତ। ପାଠକଙ୍କ ପକ୍ଷେ ଏହା ଉଚିତ ହେବ ଯେ ଏହି ଗ୍ରନ୍ଥକୁ ଆଦିରୁ ଅନ୍ତ ପର୍ଯ୍ୟନ୍ତ ଅଧ୍ୟୟନ କରିବା ପରେ ପ୍ରୀତିପୂର୍ବକ ବିଚାର କରିବା। କାରଣ ଯେଉଁ ବ୍ୟକ୍ତି ଏହାର କୌଣସି ଏକ ଅଂଶକୁ କେବଳ ପଢ଼ିବ, ତାକୁ ଏହି ଗ୍ରନ୍ଥର ଅଭିପ୍ରାୟ ପୂର୍ଣ୍ଣତଃ ସ୍ପଷ୍ଟ ହେବ ନାହିଁ।

ଯେଉଁ ଅଭିପ୍ରାୟରେ ଏହି ଗ୍ରନ୍ଥ ରଚନା କରାଯାଇଛି, ସେହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ପାଠକଗଣ ଏହା ଦ୍ୱାରା ଲାଭାନ୍ୱିତ ହେବେ ଓ ଗ୍ରନ୍ଥକର୍ତ୍ତାଙ୍କ ମହାନ୍ ପରିଶ୍ରମକୁ ସଫଳ କରିବେ ବୋଲି ଆଶା।

ଏହି ଗ୍ରନ୍ଥରେ କେତେକ ସ୍ଥଳରେ ଟିପ୍ପଣୀର ଆବଶ୍ୟକତା ଥିଲା। ଏଣୁ ଯେଉଁଠି-ଯେଉଁଠି ମୁଁ ଆବଶ୍ୟକ ମନେକରିଛି ସେ ସ୍ଥାନରେ ଟିପ୍ପଣୀ ଦେଇଛି।

ଏହି ଗ୍ରନ୍ଥର ପ୍ରଥମ ସଂସ୍କରଣ ପୂର୍ବରୁ ପ୍ରକାଶ ପାଇଥିଲା। ବହୁତ ଦିନରୁ ସେସବୁ ବିକ୍ରି ହୋଇସାରିଲାଣି। ଏହି କାରଣରୁ ଶୀଘ୍ର ଦ୍ୱିତୀୟ ସଂସ୍କରଣ ଛାପିବା ପାଇଁ ଶତଶଃ ଲୋକ ଅନୁରୋଧ ଜଣାଇଛନ୍ତି। ଏଥିପାଇଁ ଏହି ଦ୍ୱିତୀୟ ସଂସ୍କରଣ ଅତ୍ୟନ୍ତ ଶୀଘ୍ରତା ପୂର୍ବକ ପ୍ରକାଶ କରାଯାଇଛି। ମୁଦ୍ରଣ ସମୟରେ ଗ୍ରନ୍ଥକୁ ସଂଶୋଧନ କରିବା ଓ ବିରାମ ଆଦି ଚିହ୍ନ ଦେବାରେ ଯେତେଦୂର ସମ୍ଭବ ବହୁତ ଧ୍ୟାନ ଦିଆଯାଇଛି। ତଥାପି, ଶୀଘ୍ରତା କାରଣରୁ ଯଦି କେଉଁଠି ତ୍ରୁଟି ରହିଯାଇଥିବ, ତେବେ ସହୃଦୟ ପାଠକଗଣ ତାହା ସଂଶୋଧନ କରିନେବେ।

ଆଶ୍ୱିନ କୃଷ୍ଣପକ୍ଷ
ସମ୍ବତ୍ ୧୯୩୯

(ମୁନ୍‌ସି) ସମର୍ଥଦାନ
ପ୍ରବନ୍ଧକର୍ତ୍ତା, ବୈଦିକଯନ୍ତ୍ରାଳୟ
ପ୍ରୟାଗ

ଓଂମ୍

ଅଥ ସତ୍ୟାର୍ଥପ୍ରକାଶଃ

ଶ୍ରୀଯୁକ୍ତଦୟାନନ୍ଦସରସ୍ୱତୀସ୍ୱାମିବିରଚିତଃ

ଦୟାୟା ଆନନ୍ଦୋ ବିଲସତି ପରସ୍ସ୍ୱାତ୍ମବିଦିତଃ,
ସରସ୍ୱତ୍ୟସ୍ୟାନ୍ତେ ନିବସତି ମୁଦା ସତ୍ୟଶରଣା।
ତଦାଖ୍ୟାତିର୍ଯ୍ୟସ୍ୟ ପ୍ରକଟିତଗୁଣା ରାଷ୍ଟ୍ରିପରମା,
ସକୋ ଦାନ୍ତଃ ଶାନ୍ତୋ ବିଦିତବିଦିତୋ ବେଦ୍ୟବିଦିତଃ ॥ ୧ ॥

ସତ୍ୟାର୍ଥସ୍ୟ ପ୍ରକାଶାୟ ଗ୍ରନ୍ଥସ୍ତେନୈବ ନିର୍ମିତଃ।
ବେଦାଦିସତ୍ୟଶାସ୍ତ୍ରାଣାଂ ପ୍ରମାଣୈର୍ଗୁଣସଂଯୁତଃ ॥ ୨ ॥

ବିଶେଷଭାଗୀହ ବୃଣୋତି ଯୋ ହିତଂ,
ପ୍ରିୟୋଽତ୍ର ବିଦ୍ୟାଂ ସୁକରୋତି ତାତ୍ତ୍ୱିକୀମ୍।
ଅଶେଷଦୁଃଖାତ୍ତୁ ବିମୁଚ୍ୟ ବିଦ୍ୟୟା,
ସ ମୋକ୍ଷମାପ୍ନୋତି ନ କାମକାମୁକଃ ॥ ୩ ॥

ନ ତତଃ ଫଲମସ୍ତି ହିତଂ ବିଦୁଷୋ,
ହ୍ୟଧିକଂ ପରମଂ ସୁଲଭନ୍ନୁ ପଦମ୍।
ଲଭତେ ସୁୟତୋ ଭବତୀହ ସୁଖୀ,
କପଟୀ ସୁସୁଖୀ ଭବିତା ନ ସଦା ॥ ୪ ॥

ଧର୍ମାତ୍ମା ବିଜୟୀ ସ ଶାସ୍ତ୍ରଶରଣୋ ବିଜ୍ଞାନବିଦ୍ୟା ବରୋଽ-
ଧର୍ମେଣୈବ ହତୋ ବିକାରସହିତୋଽଧର୍ମସ୍ସୁଦୁଃଖପ୍ରଦଃ।
ୟେନାଽସୌ ବିଧିବାକ୍ୟମାନମନନାତ୍ ପାଖଣ୍ଡଖଣ୍ଡଃ କୃତଃ,
ସତ୍ୟଂ ଯୋ ବିଦଧାତି ଶାସ୍ତ୍ରବିହିତଂ ଧନ୍ୟୋଽସ୍ତୁ ତାଦୃଗ୍ଘି ସଃ ॥ ୫ ॥

ଓଂମ୍ ସଚ୍ଚିଦାନନ୍ଦାୟେଶ୍ୱରାୟ ନମୋ ନମଃ

ଭୂମିକା

'ସତ୍ୟାର୍ଥପ୍ରକାଶ'କୁ ଦ୍ୱିତୀୟ ଥର ଶୁଦ୍ଧ ରୂପେ ପ୍ରକାଶନ କରାଯାଇଛି। କାରଣ ଯେଉଁ ସମୟରେ ମୁଁ ଏହି ଗ୍ରନ୍ଥ ରଚନା କରିଥିଲି, ସେହି ସମୟରେ ଏବଂ ତା' ପୂର୍ବରୁ ସଂସ୍କୃତରେ ଭାଷଣାଦି କରିବା, ପଠନ-ପାଠନରେ ସଂସ୍କୃତ ହିଁ କହିବାର ଅଭ୍ୟାସ ଥିବା ତଥା ମାତୃଭାଷା 'ଗୁଜରାଟୀ' ହୋଇଥିବା - ଇତ୍ୟାଦି କାରଣରୁ ଏହି (ହିନ୍ଦୀ) ଭାଷା ବିଷୟରେ ମୋର ବିଶେଷ ଜ୍ଞାନ ନଥିଲା। ବର୍ତ୍ତମାନ ଏହି ଭାଷାକୁ ବ୍ୟାକରଣ ଅନୁସାରେ ଉତ୍ତମ ରୂପେ ଜାଣି ଅଭ୍ୟାସ ବି କରିନେଇଛି। ତେଣୁ ଏହି ସଂଶୋଧିତ ସଂସ୍କରଣର ଭାଷା ପୂର୍ବାପେକ୍ଷା ଉତ୍ତମ ହୋଇଛି। କେଉଁଠି-କେଉଁଠି ଶବ୍ଦ, ବାକ୍ୟରଚନା ପୂର୍ବଠାରୁ ଅଲଗା ହୋଇଛି। କାରଣ ସେପରି କରିବା ଆବଶ୍ୟକ ଥିଲା, ସେଇ ପରିବର୍ତ୍ତନ ନ କଲେ ଭାଷାର ପରିପାଟୀ ସୁଧାରିବା କଠିନ ଥିଲା। ଭାଷାର ପରିପାଟୀ ଦୃଷ୍ଟିରୁ ବାକ୍ୟରଚନାରେ ପାର୍ଥକ୍ୟ ହୋଇଥିଲେ ହେଁ ଅର୍ଥରେ ଭେଦ କରାଯାଇନାହିଁ। ଅଧିକନ୍ତୁ କିଛି ବିଶେଷ ବି ଲେଖାଯାଇଛି। ପ୍ରଥମ ସଂସ୍କରଣରେ ଯେଉଁ-ଯେଉଁ ଭୁଲ୍ ରହିଯାଇଥିଲା, ସେ ସବୁକୁ ସଂଶୋଧନ କରି ଠିକ୍ କରି ଦିଆଯାଇଛି।

ଏହି ଗ୍ରନ୍ଥ ଚଉଦ(୧୪)ଟି ସମୁଲ୍ଲାସରେ ଅର୍ଥାତ୍ ଚଉଦଟି ଅଧ୍ୟାୟରେ ବିଭକ୍ତ ହୋଇଛି। ତନ୍ମଧ୍ୟରୁ ପ୍ରଥମ ଦଶ (୧୦)ଟି ସମୁଲ୍ଲାସକୁ ନେଇ **'ପୂର୍ବାର୍ଦ୍ଧ'** ଏବଂ ବଳକା ୪ଟି ସମୁଲ୍ଲାସକୁ ନେଇ **'ଉତ୍ତରାର୍ଦ୍ଧ'** ନିର୍ମିତ। ଶେଷ ଦୁଇଟି ସମୁଲ୍ଲାସ (୧୩ ଓ ୧୪) ଓ ତା' ପରେ ଥିବା 'ସ୍ୱମନ୍ତବ୍ୟାମନ୍ତବ୍ୟପ୍ରକାଶ' କୌଣସି କାରଣବଶତଃ ପ୍ରଥମ ସଂସ୍କରଣରେ ଛପା ହୋଇପାରିନଥିଲା। ବର୍ତ୍ତମାନ ତାହାକୁ ମଧ୍ୟ ଛପାଇ ଦିଆଯାଇଛି।

୧. ପ୍ରଥମ ସମୁଲ୍ଲାସରେ ଈଶ୍ୱରଙ୍କ 'ଓଙ୍କାର'- ଆଦି ନାମର ବ୍ୟାଖ୍ୟା।

୨. ଦ୍ୱିତୀୟ ସମୁଲ୍ଲାସରେ ସନ୍ତାନମାନଙ୍କ ଶିକ୍ଷା।

୩. ତୃତୀୟ ସମୁଲ୍ଲାସରେ ବ୍ରହ୍ମଚର୍ଯ୍ୟ, ପଠନ-ପାଠନ ବ୍ୟବସ୍ଥା, ସତ୍ୟାସତ୍ୟ ଗ୍ରନ୍ଥଗୁଡ଼ିକର ନାମ ଓ ପଠନ-ପାଠନ ରୀତି।

୪. ଚତୁର୍ଥ ସମୁଲ୍ଲାସରେ ସମାବର୍ତ୍ତନ, ବିବାହ ଓ ଗୃହସ୍ଥାଶ୍ରମ ବିଧି।

୫. ପଞ୍ଚମ ସମୁଲ୍ଲାସରେ ବାନପ୍ରସ୍ଥ ଓ ସନ୍ନ୍ୟାସାଶ୍ରମ ବିଧି।

୬. ଷଷ୍ଠ ସମୁଲ୍ଲାସରେ ରାଜଧର୍ମ।

୭. ସପ୍ତମ ସମୁଲ୍ଲାସରେ ବେଦ ଓ ଈଶ୍ୱର ବିଷୟ।

୮. ଅଷ୍ଟମ ସମୁଲ୍ଲାସରେ ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ।

୯. ନବମ ସମୁଲ୍ଲାସରେ ବିଦ୍ୟା-ଅବିଦ୍ୟା, ବନ୍ଧ ଓ ମୋକ୍ଷର ବ୍ୟାଖ୍ୟା।

୧୦. ଦଶମ ସମୁଲ୍ଲାସରେ ଆଚାର-ଅନାଚାର, ଭକ୍ଷ୍ୟ-ଅଭକ୍ଷ୍ୟ ବିଷୟ।

୧୧. ଏକାଦଶ ସମୁଲ୍ଲାସରେ ଆର୍ଯ୍ୟାବର୍ତ୍ତୀୟ ମତ-ମତାନ୍ତରର ଖଣ୍ଡନ-ମଣ୍ଡନ ବିଷୟ।

୧୨. ଦ୍ୱାଦଶ ସମୁଲ୍ଲାସରେ ଚାର୍ବାକ୍, ବୌଦ୍ଧ ଓ ଜୈନ ମତ ବିଷୟ।

୧୩. ତ୍ରୟୋଦଶ ସମୁଲ୍ଲାସରେ ଖ୍ରୀଷ୍ଟମତ ବିଷୟ।

୧୪. ଚତୁର୍ଦ୍ଦଶ ସମୁଲ୍ଲାସରେ ଇସ୍‌ଲାମ୍ ମତ ବିଷୟ।

ଏବଂ ଚତୁର୍ଦ୍ଦଶ ସମୁଲ୍ଲାସର ଶେଷରେ ଆର୍ଯ୍ୟମାନଙ୍କ ସନାତନ ବେଦବିହିତ-ମତର ବିଶେଷ କଥନ 'ସ୍ୱମନ୍ତବ୍ୟାମନ୍ତବ୍ୟ'ରେ ଲେଖାଯାଇଛି, ଯାହାକୁ ମୁଁ ମଧ୍ୟ ଯଥାବତ୍ ସ୍ୱୀକାର କରେ।

ଏହି ଗ୍ରନ୍ଥ ରଚନା କରିବାର ମୋର ମୁଖ୍ୟ ଉଦ୍ଦେଶ୍ୟ ହେଲା ସତ୍ୟ-ଅର୍ଥର ପ୍ରକାଶ କରିବା। ଅର୍ଥାତ୍ ଯାହା ସତ୍ୟ ତାକୁ ସତ୍ୟ ରୂପେ ଓ ଯାହା ମିଥ୍ୟା ତାକୁ ମିଥ୍ୟା ଭାବେ ହିଁ ପ୍ରତିପାଦନ କରିବା 'ସତ୍ୟ ଅର୍ଥର ପ୍ରକାଶ' ବୋଲି ମୁଁ ବୁଝିଛି। ସତ୍ୟ ସ୍ଥାନରେ ଅସତ୍ୟ ଏବଂ ଅସତ୍ୟକୁ ସତ୍ୟ ରୂପେ ପ୍ରକାଶ କରିବାକୁ ସତ୍ୟ ବୋଲି କୁହାଯାଏ ନାହିଁ। ବରଞ୍ଚ ଯେଉଁ ପଦାର୍ଥ ଯେପରି ତାହାକୁ ସେହି ରୂପରେ ହିଁ କହିବା, ଲେଖିବା ଓ ମାନିବାକୁ ସତ୍ୟ ବୋଲି କୁହାଯାଏ। ଯେଉଁ ବ୍ୟକ୍ତି ପକ୍ଷପାତୀ, ସେ ନିଜର ଅସତ୍ୟକୁ ମଧ୍ୟ ସତ୍ୟ ଏବଂ ନିଜ ବିରୋଧୀ ମତବାଦୀର ସତ୍ୟକୁ ବି ଅସତ୍ୟ ସିଦ୍ଧ କରିବାରେ ପ୍ରବୃତ୍ତ ହୋଇଥାଏ। ଏଣୁ ସେ ସତ୍ୟ ସିଦ୍ଧାନ୍ତକୁ ପ୍ରାପ୍ତ କରିପାରେ ନାହିଁ। ଅତଃ **ବିଦ୍ୱାନ୍ ଓ ଆପ୍ତପୁରଷଙ୍କ ପ୍ରମୁଖ କାର୍ଯ୍ୟ ହେଲା ସ୍ୱ ଉପଦେଶ ଓ ଲେଖା ମାଧ୍ୟମରେ ସମଗ୍ର ମନୁଷ୍ୟ ସମାଜ ସମ୍ମୁଖରେ ସତ୍ୟାସତ୍ୟର ସ୍ୱରୂପ ଉପସ୍ଥାପନ କରିବା।** ତଦନନ୍ତର ପ୍ରତ୍ୟେକ ବ୍ୟକ୍ତି ସ୍ୱୟଂ ସ୍ୱ ହିତାହିତ ବିବେଚନା କରି ସତ୍ୟାର୍ଥ ଗ୍ରହଣ ଓ ମିଥ୍ୟାର୍ଥ ପରିତ୍ୟାଗ କରି ସଦା ଆନନ୍ଦରେ ରହିବା ଉଚିତ।

ଯଦ୍ୟପି ମନୁଷ୍ୟର ଆତ୍ମା ସତ୍ୟ-ଅସତ୍ୟକୁ ଜାଣିପାରେ, ତଥାପି ସ୍ୱ ପ୍ରୟୋଜନ ସିଦ୍ଧି, ହଠ, ଦୁରାଗ୍ରହ ଓ ଅବିଦ୍ୟାଦି ଦୋଷ କାରଣରୁ ସତ୍ୟକୁ ତ୍ୟାଗ କରି, ଅସତ୍ୟ ଆଡ଼କୁ ଢଳି ପଡ଼ିଥାଏ। କିନ୍ତୁ ଏହି ଗ୍ରନ୍ଥରେ ଏଭଳି କାର୍ଯ୍ୟ କରାଯାଇନାହିଁ କି କାହା ମନରେ ଦୁଃଖ ଦେବା ବା କାହାରି ହାନି କରିବା ଏ ଗ୍ରନ୍ଥ ରଚନାର ଉଦ୍ଦେଶ୍ୟ ନୁହେଁ। ବରଂ ମନୁଷ୍ୟମାନେ ସତ୍ୟାସତ୍ୟକୁ ଜାଣି ସତ୍ୟର ଗ୍ରହଣ ଓ ଅସତ୍ୟର ପରିତ୍ୟାଗ କରନ୍ତୁ, ଯଦ୍ଦ୍ୱାରା କି ସମଗ୍ର ମାନବଜାତିର ଉନ୍ନତି ଓ ଉପକାର ସାଧିତ ହେବ, ଏହା ହିଁ ମୋର ଉଦ୍ଦେଶ୍ୟ। କାରଣ **ସତ୍ୟୋପଦେଶ ବ୍ୟତୀତ ମାନବଜାତିର ଉନ୍ନତିର ଅନ୍ୟ କୌଣସି ଉପାୟ ନାହିଁ।**

ଏହି ଗ୍ରନ୍ଥରେ ଯଦି କେଉଁଠି ଭୁଲ୍‌ବଶତଃ କୌଣସି ତ୍ରୁଟି କିମ୍ବା ଶୋଧନ ଓ ମୁଦ୍ରଣ ଜନିତ ଦୋଷ-ତ୍ରୁଟି ରହିଯାଇଥାଏ, ତେବେ ତାହା ବିଷୟରେ ସୂଚନା ମିଳିଲେ, ଯାହା ସତ୍ୟ ବିବେଚିତ ହେବ ତଦନୁସାରେ ସଂଶୋଧନ କରି ଦିଆଯିବ। କିନ୍ତୁ ଯଦି କେହି ପକ୍ଷପାତର ବଶବର୍ତ୍ତୀ ହୋଇ ଅନ୍ୟଥା ଶଙ୍କା ବା ଖଣ୍ଡନ-ମଣ୍ଡନ କରନ୍ତି, ସେଥିପ୍ରତି ଧ୍ୟାନ ଦିଆଯିବ ନାହିଁ। ହଁ, **ମନୁଷ୍ୟମାତ୍ରଙ୍କ ହିତୈଷୀ ହୋଇ ଯଦି କେହି କିଛି ଅବଗତ କରାନ୍ତି, ତାହା ସତ୍ୟ ବୋଲି ହୃଦୟଙ୍ଗମ ହେଲେ, ତାଙ୍କ ମତ ଅବଶ୍ୟ ସ୍ୱୀକାର କରାଯିବ।**

ଯଦିଓ ବର୍ତ୍ତମାନ ସମୟରେ ପ୍ରତ୍ୟେକ ମତରେ ବହୁ ବିଦ୍ୱାନ୍ ଅଛନ୍ତି; କିନ୍ତୁ ସେମାନେ ଯଦି ପକ୍ଷପାତରହିତ ହୋଇ ସର୍ବତନ୍ତ୍ର-ସିଦ୍ଧାନ୍ତ ଅର୍ଥାତ୍ ଯେଉଁ-ଯେଉଁ ବିଷୟ ସମସ୍ତଙ୍କ ଅନୁକୂଳ, ସବୁ ମତରେ ସତ୍ୟ ରୂପେ ବିଦ୍ୟମାନ, ସେସବୁକୁ ଗ୍ରହଣ ଏବଂ ଯାହା ପରସ୍ପର ମତର ବିରୁଦ୍ଧ କଥା ସେସବୁକୁ ପରିତ୍ୟାଗ କରି ପରସ୍ପର ପ୍ରୀତିପୂର୍ବକ ବ୍ୟବହାର କରନ୍ତେ ଓ କରାନ୍ତେ, ତେବେ ଜଗତର ପୂର୍ଣ୍ଣ ହିତ

ସାଧିତ ହୋଇପାରନ୍ତା। କାରଣ ବିଦ୍ୱାନ୍‌ମାନଙ୍କ ମଧ୍ୟରେ ପାରସ୍ପରିକ ବିରୋଧ ଯୋଗୁଁ ଅବିଦ୍ୱାନ୍‌ମାନଙ୍କ ମଧ୍ୟରେ ବିରୋଧ ବୃଦ୍ଧି ପାଇ ସଂସାରରେ ଅନେକ ପ୍ରକାର ଦୁଃଖର ବୃଦ୍ଧି ଓ ସୁଖର ହ୍ରାସ ହୋଇଥାଏ। ସ୍ୱାର୍ଥୀ ମନୁଷ୍ୟଙ୍କର ପ୍ରିୟ ଏହି ହାନିକାରକ କର୍ମ ସମଗ୍ର ମନୁଷ୍ୟ ସମାଜକୁ ଦୁଃଖ-ଦରିଆରେ ବୁଡ଼ାଇ ଦେଇଛି। ଏଭଳି ସ୍ଥିତିରେ ଯଦି କେହି ସାର୍ବଜନିକ ହିତକୁ ଲକ୍ଷ୍ୟରେ ରଖି କାର୍ଯ୍ୟରେ ପ୍ରବୃତ୍ତ ହୁଏ, ତେବେ ସ୍ୱାର୍ଥୀ ଲୋକମାନେ ତାଙ୍କୁ ବିରୋଧ କରିବାକୁ ଅଣ୍ଟାଭିଡ଼ି ବାହାରିଯାନ୍ତି ଓ ତାଙ୍କ କାର୍ଯ୍ୟରେ ଅନେକ ପ୍ରକାର ବାଧା-ବିଘ୍ନ ସୃଷ୍ଟି କରନ୍ତି। ପରନ୍ତୁ —

ସତ୍ୟମେବ ଜୟତେ ନାନୃତଂ ସତ୍ୟେନ ପନ୍ଥା ବିତତୋ ଦେବୟାନଃ। (ମୁଣ୍ଡକ. ୩:୧:୬)

ସର୍ବଦା ସତ୍ୟର ଜୟ ଓ ଅସତ୍ୟର ପରାଜୟ ହୁଏ ଏବଂ ସତ୍ୟଦ୍ୱାରା ହିଁ ବିଦ୍ୱାନଙ୍କ ମାର୍ଗ ବିସ୍ତୃତ ହୁଏ। ଏହି ଦୃଢ଼ନିଶ୍ଚୟ ଆଧାରରେ ଆପ୍ତଜନ ପରୋପକାର କର୍ମରୁ କେବେ ଉଦାସୀନ ହୋଇ ସତ୍ୟାର୍ଥ-ପ୍ରକାଶ କରିବାରୁ ବିରତ ହୁଅନ୍ତି ନାହିଁ। ଏକଥା ଦୃଢ଼ନିଶ୍ଚିତ ଯେ —

ଯତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍। (ଗୀତା. ୧୮:୩୭)

ବିଦ୍ୟା ଓ ଧର୍ମପ୍ରାପ୍ତି ସମ୍ବନ୍ଧୀୟ ଯାହା-ଯାହା କର୍ମ ଅଛି, ସେସବୁ କରିବାକୁ ପ୍ରଥମେ ବିଷ ଭଳି ଲାଗୁଥିଲେ ମଧ୍ୟ ପରିଣାମରେ ଅମୃତତୁଲ୍ୟ ହୋଇଥାଏ- ଏହି କଥାକୁ ହୃଦୟରେ ଧାରଣ କରି ମୁଁ ଏହି ଗ୍ରନ୍ଥ ରଚନା କରିଛି। ପାଠକଗଣ ବି ପ୍ରଥମେ ଶ୍ରଦ୍ଧା, ସହୃଦୟତା ପୂର୍ବକ ଏହାକୁ ଅଧ୍ୟୟନ କରି, ଏହି ଗ୍ରନ୍ଥର ସତ୍ୟ-ସତ୍ୟ ତାତ୍ପର୍ଯ୍ୟକୁ ହୃଦୟଙ୍ଗମ କରି ଯେପରି ଉଚିତ ମନେକରିବେ ତାହା କରିବେ।

ଏହି ଗ୍ରନ୍ଥରେ ଏ ଅଭିପ୍ରାୟ ରଖାଯାଇଛି ଯେ ସବୁ ମତରେ ଯାହା-ଯାହା ସତ୍ୟ କଥା ରହିଛି, ସେସବୁ ସମସ୍ତ ମତରେ ଅବିରୁଦ୍ଧ ହୋଇଥିବା ହେତୁ ସେସବୁକୁ ସ୍ୱୀକାର କରି, ସମସ୍ତ ମତମତାନ୍ତରରେ ଯାହା-ଯାହା ମିଥ୍ୟା କଥା ଅଛି ସେସବୁକୁ ଖଣ୍ଡନ କରିବା। ଏଥିରେ ଏ ଉଦ୍ଦେଶ୍ୟ ମଧ୍ୟ ରଖାଯାଇଛି ଯେ ପ୍ରତ୍ୟେକ ମତମତାନ୍ତରର ଗୁପ୍ତ ବା ପ୍ରକଟ ଅନୁଚିତ କଥାକୁ ପ୍ରକାଶ କରି ବିଦ୍ୱାନ୍-ଅବିଦ୍ୱାନ୍ ନିର୍ବିଶେଷରେ ସର୍ବସାଧାରଣଙ୍କ ସମ୍ମୁଖରେ ରଖିବା, ଯଦ୍ଦ୍ୱାରା ସମସ୍ତେ ସମସ୍ତଙ୍କର କଥା ନିରପେକ୍ଷ ରୂପେ ବିଚାର କରି ପରସ୍ପର ପ୍ରେମୀ ହୋଇ ଏକ ସତ୍ୟ ମତର ପଥିକ ହେବେ।

ଯଦିଓ ମୁଁ ଆର୍ଯ୍ୟାବର୍ତ୍ତ ଦେଶରେ ଜନ୍ମଗ୍ରହଣ କରିଛି ଓ ନିବାସ କରୁଛି; ତଥାପି ଏହି ଦେଶର ମତମତାନ୍ତରର ମିଥ୍ୟା କଥାଗୁଡ଼ିକୁ ନିଷ୍ପକ୍ଷପାତରେ ଯେପରି ଯଥାତଥ୍ୟତଃ ପ୍ରକାଶ କରୁଛି, ଅନ୍ୟ ଦେଶର ମତ-ମତାନ୍ତରର ମିଥ୍ୟା ମାନ୍ୟତା ପ୍ରତି ମଧ୍ୟ ସେହିପରି ବ୍ୟବହାର କରୁଛି। ମାନବ-ସମାଜର ଉନ୍ନତି ବିଷୟରେ ସ୍ୱ ଦେଶବାସୀଙ୍କ ସହ ଯେପରି ବ୍ୟବହାର କରୁଛି, ବିଦେଶୀମାନଙ୍କ ସହ ମଧ୍ୟ ସେପରି ଆଚରଣ କରୁଛି; ତଥା ଏପରି କରିବା ସମସ୍ତ ସଜ୍ଜନଙ୍କ କର୍ତ୍ତବ୍ୟ ବୋଲି ମୋର ଅଭିମତ। ଆଜିକାଲି ଯେପରି ବହୁ ମତାବଲମ୍ବୀଗଣ ସ୍ୱ-ମତର ସ୍ତୁତି, ମଣ୍ଡନ ଓ ପ୍ରଚାର କରନ୍ତି ଏବଂ ଅନ୍ୟ ମତର ନିନ୍ଦା, ହାନି ଓ ଲୋପ କରିବା ପାଇଁ ତତ୍ପର ରହିଥାନ୍ତି, ମୁଁ ଯଦି କୌଣସି ଏକମତର ପକ୍ଷପାତୀ ହୋଇଥାନ୍ତି, ତେବେ ମୁଁ ମଧ୍ୟ ଏପରି କରିବାରେ ତତ୍ପର ରହିଥାନ୍ତି। କିନ୍ତୁ ଏପରି କାର୍ଯ୍ୟ ମନୁଷ୍ୟସ୍ୱଭାବର ବହିର୍ଭୂତ। କାରଣ ପଶୁ ଜଗତରେ ଯେପରି ବଳବାନ୍ ଦୁର୍ବଳକୁ ଦୁଃଖ ଦେଇଥାନ୍ତି ଓ ମାରି ବି ଦେଇଥାନ୍ତି, ମନୁଷ୍ୟ-ଶରୀର ପ୍ରାପ୍ତ କରି ମଧ୍ୟ ଯେଉଁମାନେ ସେହିପରି କର୍ମ କରନ୍ତି, ସେମାନେ ମନୁଷ୍ୟ-ସ୍ୱଭାବଧାରୀ ନୁହନ୍ତି, ବରଂ ପଶୁତୁଲ୍ୟ ଅଟନ୍ତି। ଆଉ

ଯିଏ ବଳବାନ୍ ହୋଇ ସୁଦ୍ଧା ନିର୍ବଳକୁ ରକ୍ଷା କରେ, ସେ ହିଁ ବାସ୍ତବରେ 'ମନୁଷ୍ୟ' ପଦବାଚ୍ୟ । ଯିଏ ସ୍ୱାର୍ଥର ବଶବର୍ତ୍ତୀ ହୋଇ କେବଳ ପରର ହାନି କରିବାରେ ଲାଗିରହେ, ସେ 'ପଶୁର ବଡ଼ ଭାଇ' ବୋଲି ଜାଣିବା ଉଚିତ ।

ଆର୍ଯ୍ୟାବର୍ତ୍ତୀୟ ମତ-ମତାନ୍ତର ବିଷୟରେ ବିଶେଷତଃ ଏକାଦଶ ସମୁଲ୍ଲାସ ପର୍ଯ୍ୟନ୍ତ ଲେଖାଯାଇଛି । ଏସବୁ ସମୁଲ୍ଲାସରେ ଯାହା ସତ୍ୟମତ ପ୍ରକାଶିତ କରାଯାଇଛି, ସେସବୁ ବେଦୋକ୍ତ ହୋଇଥିବାରୁ ମୋର ସର୍ବଥା ମନ୍ତବ୍ୟ, ଏବଂ ଯେଉଁ ନବୀନ ପୁରାଣ, ତନ୍ତ୍ରାଦି ଗ୍ରନ୍ଥୋକ୍ତ କଥା ଖଣ୍ଡନ କରାଯାଇଛି, ସେସବୁ ତ୍ୟକ୍ତବ୍ୟ ।

ଦ୍ୱାଦଶ ସମୁଲ୍ଲାସରେ ଯେଉଁ ଚାର୍ବାକ୍ ମତ ବିଷୟରେ ଲେଖାଯାଇଛି ତାହା ବର୍ତ୍ତମାନ କ୍ଷୀଣପ୍ରାୟ । ଏହି ଚାର୍ବାକ୍ ମତର ବୌଦ୍ଧ-ଜୈନ ମତ ସହ 'ନିରୀଶ୍ୱରବାଦ'- ଆଦି ବିଷୟରେ ବହୁତ ସାମଞ୍ଜସ୍ୟ ଅଛି । ଏହି ଚାର୍ବାକ୍ ସବୁଠୁ ବଡ଼ ନାସ୍ତିକ ଶିରୋମଣି । ଏହାର ଅପଚେଷ୍ଟାକୁ ରୋକିବା ଆବଶ୍ୟକ । କାରଣ **ଯଦି ମିଥ୍ୟାବାଦର ପ୍ରଚାରକୁ ନ ରୋକାଯାଏ, ତେବେ ସଂସାରରେ ବହୁ ଅନର୍ଥ ସୃଷ୍ଟି ହୁଏ ।**

ଚାର୍ବାକଙ୍କର ମତ ଯାହା, ବୌଦ୍ଧ ଓ ଜୈନଙ୍କ ମତ ମଧ୍ୟ ପ୍ରାୟ ସେଇଆ, ସେକଥା ମଧ୍ୟ ଦ୍ୱାଦଶ ସମୁଲ୍ଲାସରେ ସଂକ୍ଷେପରେ ଲେଖାଯାଇଛି । ପୁଣି ବୌଦ୍ଧଙ୍କ ମତର ମଧ୍ୟ ଜୈନ ଓ ଚାର୍ବାକଙ୍କ ମତ ସହ ସାମଞ୍ଜସ୍ୟ ରହିଛି, ଅଳ୍ପ କିଛି ବିରୋଧ ବି ଅଛି । ସେହିଭଳି ଜୈନମତ ମଧ୍ୟ ବହୁଳାଂଶରେ ଚାର୍ବାକ୍ ଓ ବୌଦ୍ଧମତ ସହ ସାଦୃଶ୍ୟ ରଖେ, ଅଳ୍ପ କେତେକ କଥାରେ ଫରକ ବି ଅଛି । ଏଣୁ ଜୈନଙ୍କର ଭିନ୍ନ-ଭିନ୍ନ ଶାଖା ପରିଗଣନ କରାଯାଏ । ଏହି ପ୍ରଭେଦ ୧୨ଶ ସମୁଲ୍ଲାସରେ ଲେଖିଦିଆଯାଇଛି । ଯଥାଯୋଗ୍ୟ ସେଇଠି ବୁଝିନେବେ । ଏମାନଙ୍କ ମଧ୍ୟରେ ଯେଉଁ ଭିନ୍ନତା ଅଛି, ତାହା ମଧ୍ୟ ୧୨ଶ ସମୁଲ୍ଲାସରେ ଦର୍ଶାଇ ଦିଆଯାଇଛି । ବୌଦ୍ଧମତ ଓ ଜୈନମତ ବିଷୟରେ ବି ଲେଖାଯାଇଛି ।

ବୌଦ୍ଧଙ୍କ 'ଦୀପବଂଶ' ଆଦି ପ୍ରାଚୀନ ଗ୍ରନ୍ଥରୁ ବୌଦ୍ଧମତର ସଂଗ୍ରହ 'ସର୍ବଦର୍ଶନସଂଗ୍ରହ' ପୁସ୍ତକରେ ପ୍ରଦତ୍ତ ହୋଇଛି । ସେହି 'ସର୍ବଦର୍ଶନସଂଗ୍ରହ' ଗ୍ରନ୍ଥରୁ ଏହି ପୁସ୍ତକରେ ଆଲୋଚନା କରାଯାଇଛି । ଜୈନମାନଙ୍କ ସିଦ୍ଧାନ୍ତ ନିମ୍ନଲିଖିତ ଗ୍ରନ୍ଥମାନଙ୍କରେ ଅଛି —

୪(ଚାରି) ମୂଳସୂତ୍ର — ୧. ଆବଶ୍ୟକ ସୂତ୍ର, ୨. ବିଶେଷ ଆବଶ୍ୟକ ସୂତ୍ର, ୩. ଦଶବୈକାଳିକ ସୂତ୍ର ଓ ୪. ପାକ୍ଷିକ ସୂତ୍ର ।

୧୧(ଏଗାର) ଅଙ୍ଗ — ୧. ଆଚାରାଂଗ ସୂତ୍ର, ୨. ସୁଗଡାଂଗ ସୂତ୍ର, ୩. ଥାଣାଂଗ ସୂତ୍ର, ୪. ସମବାୟାଂଗ ସୂତ୍ର, ୫. ଭଗବତୀ ସୂତ୍ର, ୬. ଜ୍ଞାତାଧର୍ମକଥା ସୂତ୍ର, ୭. ଉପାସକଦଶା ସୂତ୍ର, ୮. ଅନ୍ତଗଡ଼ଦଶା ସୂତ୍ର, ୯. ଅନୁତ୍ତରୋବବାଈ ସୂତ୍ର, ୧୦. ବିପାକ ସୂତ୍ର ଓ ୧୧. ପ୍ରଶ୍ନବ୍ୟାକରଣ ସୂତ୍ର ।

୧୨(ଦ୍ୱାଦଶ) ଉପାଙ୍ଗ — ୧. ଉପବାଈ ସୂତ୍ର, ୨. ରାବପ୍ସେନୀ ସୂତ୍ର, ୩. ଜୀବାଭିଗମ ସୂତ୍ର, ୪. ପନ୍ନଗଣା ସୂତ୍ର, ୫. ଜମ୍ବୂଦ୍ୱୀପପନ୍ନତି ସୂତ୍ର, ୬. ଚନ୍ଦପନ୍ନତି ସୂତ୍ର, ୭. ସୂରପନ୍ନତି ସୂତ୍ର, ୮. ନିରିୟାବଲୀ ସୂତ୍ର, ୯. କପ୍ପିୟା ସୂତ୍ର, ୧୦. କପବଡ଼ୀସୟା ସୂତ୍ର, ୧୧. ପୁପ୍ପିୟା ସୂତ୍ର ଓ ୧୨. ପୁପ୍ପଚୂଲିୟା ସୂତ୍ର ।

୫(ପାଞ୍ଚ) କଳ୍ପସୂତ୍ର — ୧. ଉତ୍ତରାଧ୍ୟୟନ ସୂତ୍ର, ୨. ନିଶୀଥ ସୂତ୍ର, ୩. କଳ୍ପସୂତ୍ର, ୪. ବ୍ୟବହାରସୂତ୍ର ଓ ୫. ଜୀତକଳ୍ପ ସୂତ୍ର ।

୬(ଛଅ) ଛେଦ — ୧. ମହାନିଶୀଥବୃହଦ୍‌ବାଚନା ସୂତ୍ର, ୨. ମହାନିଶୀଥଲଘୁବାଚନା ସୂତ୍ର, ୩. ମଧ୍ୟମବାଚନା ସୂତ୍ର, ୪. ପିଣ୍ଡନିରୁକ୍ତି ସୂତ୍ର, ୫. ଔଘନିରୁକ୍ତି ସୂତ୍ର, ୬. ପର୍ଯ୍ୟୁଷଣା ସୂତ୍ର ।

୧୦ (ଦଶ) ପୟନ୍ନ-ସୂତ୍ର — ୧. ଚତୁସ୍ସରଣ ସୂତ୍ର, ୨. ପଞ୍ଚଖାଣ ସୂତ୍ର, ୩. ତଦୁଲବୈୟାଲିକ ସୂତ୍ର, ୪. ଭକ୍ତିପରିଜ୍ଞାନ ସୂତ୍ର, ୫. ମହାପ୍ରତ୍ୟାଖ୍ୟାନ ସୂତ୍ର, ୬. ଚନ୍ଦାବିଜୟ ସୂତ୍ର, ୭. ଗଣୀବିଜୟ ସୂତ୍ର, ୮. ମରଣସମାଧି ସୂତ୍ର, ୯. ଦେବେନ୍ଦ୍ରସ୍ତବନ ସୂତ୍ର, ୧୦. ସଂସାର ସୂତ୍ର । ଏତଦ୍‌ବ୍ୟତୀତ ନନ୍ଦୀସୂତ୍ର ଓ ଅନୁଯୋଗୋଦ୍ଧାର ସୂତ୍ର ମଧ୍ୟ ପ୍ରାମାଣିକ ବୋଲି ମାନନ୍ତି ।

୫ ପଞ୍ଚାଙ୍ଗ — ୧. ପୂର୍ବ ସମସ୍ତ ଗ୍ରନ୍ଥର ଟୀକା, ୨. ନିରୁକ୍ତି, ୩. ଚରଣୀ, ୪. ଭାଷ୍ୟ- ଏ ଚାରି ଅବୟବ ଓ ସମସ୍ତ 'ମୂଳ' ଗ୍ରନ୍ଥକୁ ମିଶାଇ 'ପଞ୍ଚାଙ୍ଗ' କୁହାଯାଏ ।

ଏମାନଙ୍କ ମଧ୍ୟରୁ 'ଢୁଂଢ଼ିୟା' ଅବୟବକୁ ମାନନ୍ତି ନାହିଁ । ଏସବୁ ବ୍ୟତୀତ ବି ଅନେକ ଗ୍ରନ୍ଥ ଅଛି ଯାହାକୁ ଜୈନମାନେ ମାନନ୍ତି । ଏମାନଙ୍କ ମତ ସମ୍ବନ୍ଧରେ ବିଶେଷ ବିଚାର ଦ୍ୱାଦଶ ସମୁଲ୍ଲାସରେ ଦ୍ରଷ୍ଟବ୍ୟ ।

ଜୈନମାନଙ୍କ ଗ୍ରନ୍ଥରେ ଲକ୍ଷେ ପୁନରୁକ୍ତ ଦୋଷ ଅଛି । ପୁଣି ଏମାନଙ୍କ ଏହା ବି ସ୍ୱଭାବ ଯେ ନିଜ ମତର ଗ୍ରନ୍ଥ ଅନ୍ୟ ମତାବଲମ୍ବୀଙ୍କ ହାତରେ ପଡ଼ିଲେ, ଅନ୍ୟ ଦ୍ୱାରା ଛପା ହୋଇଥିବାର ଜାଣିଲେ, କେହି-କେହି ସେ ଗ୍ରନ୍ଥକୁ ଅପ୍ରାମାଣିକ ବୋଲି କହନ୍ତି । ଏହା ସେମାନଙ୍କ ମିଥ୍ୟା କଥନ । କାରଣ ଜୈନମତର କୌଣସି ଗ୍ରନ୍ଥକୁ କେହି-କେହି ମାନନ୍ତି ଓ ଆଉ କେହି-କେହି ମାନନ୍ତି ନାହିଁ ବୋଲି ସେ ଗ୍ରନ୍ଥ ଜୈନମତର ବହିର୍ଭୂତ ବୋଲି ସ୍ୱୀକାର କରାଯାଇପାରିବ ନାହିଁ । ହଁ, ଯଦି କୌଣସି ଗ୍ରନ୍ଥକୁ କୌଣସି ବି ଜୈନ ମାନୁନାହାନ୍ତି କି କେବେ କୌଣସି ଜୈନ ମାନିନାହାନ୍ତି, ତେବେ ତ ସେ ଗ୍ରନ୍ଥ ଅଗ୍ରାହ୍ୟ ହୋଇପାରିବ । କିନ୍ତୁ ଜୈନମତର ଏପରି କୌଣସି ଗ୍ରନ୍ଥ ନାହିଁ ଯାହାକୁ କି କୌଣସି ବି ଜୈନ ମାନନ୍ତି ନାହିଁ । ଅତଏବ ଯେଉଁ ଜୈନ ଯେଉଁ ଗ୍ରନ୍ଥକୁ ମାନୁଛନ୍ତି, ସେହି ଗ୍ରନ୍ଥସ୍ଥ ବିଷୟକ ଖଣ୍ଡନ-ମଣ୍ଡନ ମଧ୍ୟ ତାଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ବୁଝିବା ଉଚିତ । କିନ୍ତୁ ବହୁତ ଏମିତି ବି ଜୈନ ଅଛନ୍ତି ଯେଉଁମାନେ କି ସେ ଗ୍ରନ୍ଥକୁ ମାନନ୍ତି-ଜାଣନ୍ତି, ତଥାପି ସଭା ବା ଆଲୋଚନାରେ ଅସ୍ୱୀକାର କରିଦିଅନ୍ତି । ଏଇଥି ପାଇଁ ଜୈନମାନେ ନିଜ ଗ୍ରନ୍ଥକୁ ଲୁଚାଇ ରଖିଥାନ୍ତି, ଅନ୍ୟ ମତାବଲମ୍ବୀଙ୍କୁ ଦିଅନ୍ତି ନାହିଁ, ସେ ବିଷୟ ଅନ୍ୟକୁ ପଢ଼ାନ୍ତି ନାହିଁ କି ଶୁଣାନ୍ତି ନାହିଁ । କାରଣ ସେସବୁ ପୁସ୍ତକରେ ଏଭଳି ଅସମ୍ଭବ କଥା ସବୁ ଭରି ରହିଛି ଯାହାର କୌଣସି ଉତ୍ତର ଜୈନମାନେ ଦେଇପାରିବେ ନାହିଁ । ମିଥ୍ୟା କଥାକୁ ପରିତ୍ୟାଗ କରିବା ହିଁ ଉତ୍ତର ।

ତ୍ରୟୋଦଶ ସମୁଲ୍ଲାସରେ ଖ୍ରୀଷ୍ଟିଆନ୍‌ମାନଙ୍କ ମତ ବିଷୟରେ ଲେଖାଯାଇଛି । ଏମାନେ 'ବାଇବେଲ୍'କୁ ନିଜର ଧର୍ମପୁସ୍ତକ ବୋଲି ମାନନ୍ତି । ଏ ମତର ବିଶେଷ ସମୀକ୍ଷା ଏହି ତ୍ରୟୋଦଶ ସମୁଲ୍ଲାସରେ ଦେଖନ୍ତୁ ।

ଚତୁର୍ଦ୍ଦଶ ସମୁଲ୍ଲାସରେ ମୁସଲମାନଙ୍କ ମତ ବିଷୟରେ ଲେଖାଯାଇଛି । ଏମାନେ 'କୋରାନ୍'କୁ ନିଜ ମତର ମୂଳ ପୁସ୍ତକ ମାନନ୍ତି । ଏମାନଙ୍କ ବିସ୍ତୃତ ସମୀକ୍ଷା ଏହି ଚତୁର୍ଦ୍ଦଶ ସମୁଲ୍ଲାସରେ ଦ୍ରଷ୍ଟବ୍ୟ । ଏହା ପରେ ସ୍ୱମନ୍ତବ୍ୟାନ୍ତବ୍ୟ ପ୍ରକାଶରେ ବୈଦିକ ମତ ବିଷୟରେ ଲେଖାଯାଇଛି ।

ଯେ କେହି ଏହି ଗ୍ରନ୍ଥକୁ ଗ୍ରନ୍ଥକର୍ତ୍ତାଙ୍କ ତାତ୍ପର୍ଯ୍ୟର ବିରୁଦ୍ଧ-ବିଚାରରେ ଦେଖିବ, ତାକୁ ଏହାର ଯଥାର୍ଥ ଅଭିପ୍ରାୟ କେବେ ବି ହୃଦୟଙ୍ଗମ ହେବ ନାହିଁ । କାରଣ କୌଣସି ବାକ୍ୟର ଅର୍ଥ ବୁଝିବା ପାଇଁ ୪ଟି ସହାୟକ କାରଣ ଥାଆନ୍ତି — ଅକାଂକ୍ଷା, ଯୋଗ୍ୟତା, ଆସତ୍ତି ଓ ତାତ୍‌ପର୍ଯ୍ୟ । ଯେତେବେଳେ ଏହି ଚାରୋଟି ବିଷୟକୁ ଧ୍ୟାନ ଦେଇ କୌଣସି ବ୍ୟକ୍ତି କୌଣସି ଗ୍ରନ୍ଥକୁ ଅଧ୍ୟୟନ କରେ ସେତେବେଳେ ତାକୁ ସେ ଗ୍ରନ୍ଥର ଅଭିପ୍ରାୟ ଯଥାଯଥ ରୂପେ ଜଣାପଡ଼େ —

୧. ଆକାଂକ୍ଷା — କୌଣସି ବିଷୟରେ ବାକ୍ୟସ୍ଥ ପଦମାନଙ୍କ ଦ୍ୱାରା ବକ୍ତା ଯାହା ପ୍ରକାଶ କରିବାକୁ ଚାହେଁ ତାକୁ ଆକାଂକ୍ଷା କହନ୍ତି ।

୨. ଯୋଗ୍ୟତା — ବାକ୍ୟରେ ପ୍ରଯୁକ୍ତ ପଦରେ କୌଣସି କାର୍ଯ୍ୟ କରିବାର ଥିବା କ୍ଷମତାକୁ 'ଯୋଗ୍ୟତା' କହନ୍ତି । ଯଥା- 'ଜଳ' ଦ୍ୱାରା ଗଛକୁ ସିଞ୍ଚନ କରୁଛି । ଏହା ଠିକ୍ । କିନ୍ତୁ ଯଦି କୁହାଯାଏ 'ଅଗ୍ନି' ଦ୍ୱାରା ସିଞ୍ଚନ କରୁଛି । ତେବେ ତାହା ଭୁଲ୍ । କାରଣ ଅଗ୍ନିରେ ସେ କ୍ଷମତା ନାହିଁ ।

୩. ଆସତ୍ତି — ବାକ୍ୟରେ ପ୍ରଯୁକ୍ତ ପଦଗୁଡ଼ିକ ମଧ୍ୟରୁ ଯେଉଁ ପଦ ସହ ଯେଉଁ ପଦର ନିକଟ ସମ୍ବନ୍ଧ ଅଛି, ସେହି ପଦକୁ ସେ ପଦର ସମୀପରେ କହିବା ବା ଲେଖିବା ।

୪. ତାତ୍ପର୍ଯ୍ୟ — ଯେଉଁ ଅଭୀଷ୍ଟ ଉଦ୍ଦେଶ୍ୟରେ ବକ୍ତା କୌଣସି ଶବ୍ଦ ଉଚ୍ଚାରଣ କରେ ଅଥବା ଲେଖେ, ଶ୍ରୋତା ବା ପାଠକ ସେ ଶବ୍ଦର ସେହି ପ୍ରସଙ୍ଗାନୁକୂଳ, ଆଶୟଯୁକ୍ତ ଅର୍ଥ ଗ୍ରହଣ କରିବା ।

ବହୁ ହଠୀ-ଦୁରାଗ୍ରହୀ ଲୋକ ଅଛନ୍ତି ଯେଉଁମାନେ କି ବକ୍ତାର ଅଭିପ୍ରାୟର ବିରୁଦ୍ଧ କଳ୍ପନା କରନ୍ତି, ବିଶେଷତଃ ସାଂପ୍ରଦାୟିକ ଲୋକମାନେ । କାରଣ ସେ ସଂପ୍ରଦାୟର ପୂର୍ବାଗ୍ରହ ଜନିତ ଅଜ୍ଞାନାନ୍ଧକାରରେ ଫସି ସେମାନଙ୍କ ବୁଦ୍ଧି ନଷ୍ଟ ହୋଇଯାଇଥାଏ । ଏଣୁ ମୁଁ ଯେପରି ପୁରାଣ, ଜୈନ ଗ୍ରନ୍ଥ, ବାଇବେଲ୍ ଓ କୋରାନ୍‌କୁ ପ୍ରଥମରୁ ହିଁ ଖରାପ ଦୃଷ୍ଟିରେ ନ ଦେଖି ସେ ସବୁର ଗୁଣଗ୍ରହଣ ଓ ଦୋଷତ୍ୟାଗ ତଥା ଅନ୍ୟ ମନୁଷ୍ୟଜାତିର ଉନ୍ନତି ନିମନ୍ତେ ପ୍ରଯତ୍ନ କରିଛି, ସେହିପରି ସମସ୍ତଙ୍କ ପକ୍ଷେ କରଣୀୟ ।

ଏସବୁ ମତର ଅଳ୍ପ ଦୋଷ ହିଁ ପ୍ରକାଶିତ କରାଯାଇଛି, ଯାହାକୁ ଦେଖି ଲୋକମାନେ ସତ୍ୟ-ଅସତ୍ୟର ନିର୍ଣ୍ଣୟ କରିପାରିବେ ଏବଂ ସତ୍ୟର ଗ୍ରହଣ ଓ ଅସତ୍ୟର ପରିତ୍ୟାଗ କରିବା-କରାଇବାକୁ ସମର୍ଥ ହେବେ । **କାରଣ ଗୋଟିଏ ମନୁଷ୍ୟ-ଜାତି ମଧ୍ୟରେ ଜଣକୁ ଅନ୍ୟ ବିରୁଦ୍ଧରେ ପ୍ରବର୍ତ୍ତାଇ, ବିରୁଦ୍ଧ-ବୁଦ୍ଧି କରାଇ, ଜଣକୁ ଅନ୍ୟର ଶତ୍ରୁ କରାଇ, ଝଗଡ଼ାଝାଟି କରାଇବା ବିଦ୍ୱାନଙ୍କ ସ୍ୱଭାବର ପରିପନ୍ଥୀ ।**

ଯଦ୍ୟପି ଏହି ଗ୍ରନ୍ଥକୁ ଦେଖି ଅବିଦ୍ୱାନ୍ ଲୋକେ ଅନ୍ୟଥା ହିଁ ବିଚାରିବେ, ତଥାପି ବୁଦ୍ଧିମାନ୍ ବ୍ୟକ୍ତିମାନେ ଏହାର ଅଭିପ୍ରାୟକୁ ଯଥାଯଥ ରୂପେ ବୁଝିପାରିବେ । ଏଣୁ ମୁଁ ମୋର ଅଭିପ୍ରାୟ ସମସ୍ତ ସଜ୍ଜନଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି ଓ ଶ୍ରମକୁ ସଫଳ ମନେକରୁଛି । ଏହାକୁ ପଢ଼ି-ପଢ଼ାଇ ମୋର ଶ୍ରମ ସାର୍ଥକ କରିବା ହେବେ । ଏହିଭଳି ଭାବେ ପକ୍ଷପାତରହିତ ହୋଇ ସତ୍ୟାର୍ଥର ପ୍ରକାଶ କରିବା ମୋର ତଥା ସମସ୍ତ ମହାଶୟଙ୍କର ମୁଖ୍ୟ କରଣୀୟ କର୍ମ ।

ସର୍ବାତ୍ମା, ସର୍ବାନ୍ତର୍ଯ୍ୟାମୀ, ସଚ୍ଚିଦାନନ୍ଦ ପରମାତ୍ମା ସ୍ୱ କୃପାକଟାକ୍ଷରେ ଏହି ଆଶୟକୁ ବିସ୍ତୃତ ଓ ଚିରସ୍ଥାୟୀ କରନ୍ତୁ ।

॥ ଅଲମତିବିସ୍ତରେଣ ବୁଦ୍ଧିମଦ୍‌ବିଦ୍ୱଦ୍‌ବରଶିରୋମଣିଷୁ ॥
॥ ଇତି ଭୂମିକା ॥

दयानन्दसरस्वती

ସ୍ଥାନ - ମହାରାଣାଙ୍କ ଉଦୟପୁର
ଭାଦ୍ରପଦ, ଶୁକ୍ଳପକ୍ଷ, ସମ୍ବତ୍ ୧୯୩୯

(ସ୍ୱାମୀ) ଦୟାନନ୍ଦ ସରସ୍ୱତୀ

ଅଥ ସତ୍ୟାର୍ଥପ୍ରକାଶଃ

ଅଥ ପ୍ରଥମସମୁଲ୍ଲାସାରମ୍ଭଃ

ଓ୩ମ୍ ଶନ୍ନୋ ମିତ୍ରଃ ଶଂ ବରୁଣଃ ଶନ୍ନୋ ଭବତ୍ୱର୍ଯ୍ୟମା ।
ଶନ୍ନଂଇନ୍ଦ୍ରୋ ବୃହସ୍ପତିଃ ଶନ୍ନୋ ବିଷ୍ଣୁରୁରୁକ୍ରମଃ ॥
ନମୋ ବ୍ରହ୍ମଣେ ନମସ୍ତେ ବାୟୋ ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ତନ୍ମାମବତୁ ତଦ୍‌ବକ୍ତାରମବତୁ । ଅବତୁ ମାମ୍ । ଅବତୁ ବକ୍ତାରମ୍ । ଓ୩ମ୍ ଶାନ୍ତିଶ୍ଶାନ୍ତିଶ୍ଶାନ୍ତିଃ ॥

(ତୈ. ଆ. ପ୍ରପା.୭ : ଅନୁ.୧)

ଅର୍ଥ — (ଓ୩ମ୍) ଏହି **'ଓ୩ମ୍'** ଶବ୍ଦ ପରମେଶ୍ୱରଙ୍କ ସର୍ବଶ୍ରେଷ୍ଠ ନାମ । କାରଣ **'ଅ', 'ଉ'** ଓ **'ମ୍'** ଏ ତିନୋଟି ଅକ୍ଷରର ମିଶ୍ରଣରେ **'ଓ୩ମ୍'** ଶବ୍ଦର ସୃଷ୍ଟି ତଥା ଏହି ଗୋଟିଏ ନାମରେ ପରମେଶ୍ୱରଙ୍କ ବହୁତ ନାମ ନିହିତ । ଯଥା— 'ଅ'କାରରେ ବିରାଟ୍, ଅଗ୍ନି ଓ ବିଶ୍ୱ ଆଦି; 'ଉ'କାରରେ ହିରଣ୍ୟଗର୍ଭ, ବାୟୁ ଓ ତୈଜସ ଆଦି; 'ମ'କାରରେ ଈଶ୍ୱର, ଆଦିତ୍ୟ ଓ ପ୍ରାଜ୍ଞ ଆଦି । ବେଦାଦି ସତ୍ୟଶାସ୍ତ୍ରମାନଙ୍କରେ ଏହାର ଏପରି ହିଁ ସ୍ପଷ୍ଟ ରୂପେ ବ୍ୟାଖ୍ୟାନ କରାଯାଇଛି । **ପ୍ରକରଣାନୁସାରେ** ଏ ସମସ୍ତ ନାମ କେବଳ ପରମେଶ୍ୱରଙ୍କୁ ହିଁ ବୁଝାଏ ।

ପ୍ରଶ୍ନ — ଉକ୍ତ 'ବିରାଟ୍' ଆଦି ନାମ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ ପଦାର୍ଥର ବାଚକ କାହିଁକି ନ ହେବ ? କାରଣ ବ୍ରହ୍ମାଣ୍ଡ, ପୃଥିବୀ ଆଦି ଭୂତ, ମନୁଷ୍ୟ, ବିଦ୍ୱାନ୍ ଇନ୍ଦ୍ରାଦି ଦେବତା ଏବଂ ଆୟୁର୍ବେଦରେ ଶୁଣ୍ଠି ଆଦି ଔଷଧର ବି ଏ ନାମ ଉଲ୍ଲେଖ ଅଛି ।

ଉତ୍ତର — ହଁ, ଏସବୁ ନାମ ଅନ୍ୟ ପଦାର୍ଥର ବି ଅଟେ । କିନ୍ତୁ ପରମାତ୍ମାଙ୍କର ବି ଅଟେ ।

ପ୍ରଶ୍ନ — ଏସବୁ ନାମରେ ଆମେ କେବଳ ଦେବତାଙ୍କୁ ବୁଝୁ ।

ଉତ୍ତର — 'ଏସବୁ ନାମରେ କେବଳ ଦେବତାଙ୍କୁ ଗ୍ରହଣ କରାଯିବ' ବୋଲି ଆପଣଙ୍କ ଏ ବିଚାର ସପକ୍ଷରେ କ'ଣ ପ୍ରମାଣ ଅଛି ?

ପ୍ରଶ୍ନ — ଦେବତାମାନେ ପ୍ରସିଦ୍ଧ ଏବଂ ଉତ୍ତମ ବି ଅଟନ୍ତି । ଏଣୁ ଏସବୁ ନାମରେ ମୁଁ ସେମାନଙ୍କୁ ଗ୍ରହଣ କରୁଛି ।

ଉତ୍ତର — କ'ଣ ପରମେଶ୍ୱର ଅପ୍ରସିଦ୍ଧ ? ଏବଂ ତାଙ୍କଠୁ ଉତ୍ତମ କ'ଣ ଆଉ କିଏ ଅଛି ? ଫେରେ ଏସବୁ ନାମ ପରମେଶ୍ୱରଙ୍କର ବି ବୋଲି କାହିଁକି ମାନୁନାହାନ୍ତି ? ଯେହେତୁ ପରମେଶ୍ୱର ଅପ୍ରସିଦ୍ଧ ନୁହନ୍ତି ଏବଂ ତାଙ୍କ ସମକକ୍ଷ ବି ଆଉ କେହି ନାହିଁ, ତେଣୁ ତାଙ୍କଠୁ ଉତ୍ତମ ଆଉ କେହି ହେବାର ପ୍ରଶ୍ନ ଉଠୁଛି କୁଆଡୁ ? ଏଣୁ ଆପଣଙ୍କ ଏ କଥନ, "ଦେବତାମାନେ ପ୍ରସିଦ୍ଧ ଓ ଉତ୍ତମ ହୋଇଥିବାରୁ 'ବିରାଟ୍' ଆଦି ନାମରେ ସେମାନଙ୍କୁ ହିଁ

ବୁଝାଯିବ", ସତ୍ୟ ନୁହେଁ । କାରଣ ଆପଣଙ୍କ ଏ କଥନରେ ଅନେକ ଦୋଷ ବି ଅଛି । ଯଥା— **'ଉପସ୍ଥିତଂ ପରିତ୍ୟଜ୍ୟାଽନୁପସ୍ଥିତଂ ଯାଚତ ଇତି ବାଧିତନ୍ୟାୟଃ' ।** ଜଣେ ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତି ଆଗରେ ଖାଦ୍ୟ ପଦାର୍ଥ ରଖିଦେଇ କହିଲେ— 'ଭୋଜନ କରନ୍ତୁ ।' ଖାଦ୍ୟ ପ୍ରାପ୍ତ କରିଥିବା ସେହି ବ୍ୟକ୍ତିଜଣକ ଯଦି ସମ୍ମୁଖରେ ପ୍ରାପ୍ତ ଭୋଜନ ଛାଡ଼ି ଅପ୍ରାପ୍ତ ଖାଦ୍ୟ ଆଶାରେ ଏଣେ-ତେଣେ ଖୋଜି ବୁଲନ୍ତି, ତେବେ ତାଙ୍କୁ ବୁଦ୍ଧିମାନ୍ କୁହାଯାଇପାରିବ ନାହିଁ । କାରଣ ସେ ଉପସ୍ଥିତ ଅର୍ଥାତ୍ ସମୀପରେ ପ୍ରାପ୍ତ ପଦାର୍ଥକୁ ଛାଡ଼ି ଅନୁପସ୍ଥିତ ଅର୍ଥାତ୍ ଅପ୍ରାପ୍ତ ପଦାର୍ଥର ପ୍ରାପ୍ତି ପାଇଁ ବୃଥା ପରିଶ୍ରମ କରୁଛନ୍ତି । ଅତଃ ସେହି ବ୍ୟକ୍ତି ଯେପରି ବୁଦ୍ଧିମାନ୍ ନୁହନ୍ତି, ଆପଣଙ୍କ ବକ୍ତବ୍ୟ ମଧ୍ୟ ସେପରି ବୁଦ୍ଧିମତ୍ତାର ପରିଚାୟକ ନୁହେଁ । କାରଣ ଆପଣ ସେ 'ବିରାଟ୍' ଆଦି ନାମର ପ୍ରସିଦ୍ଧ, ପ୍ରମାଣସିଦ୍ଧ 'ପରମେଶ୍ୱର' ଓ 'ବ୍ରହ୍ମାଣ୍ଡ' ଆଦି ଉପସ୍ଥିତ ଅର୍ଥ ପରିତ୍ୟାଗ କରି ଅସମ୍ଭବ ଓ ଅନୁପସ୍ଥିତ 'ଦେବତା' ଅର୍ଥ ଗ୍ରହଣ କରିବା ପାଇଁ ଅଯଥା ପରିଶ୍ରମ କରୁଛନ୍ତି, ଯେଉଁଥିରେ କି କୌଣସି ପ୍ରମାଣ କି ଯୁକ୍ତି ନାହିଁ ।

ଆପଣ ଏହା କହିପାରନ୍ତି କି — "ଯେଉଁଠି ଯେଉଁ ପ୍ରକରଣ ଥିବ, ସେଠାରେ ସେ ଅର୍ଥ ଗ୍ରହଣ କରିବା ଉଚିତ । ଯେପରିକି ଜଣେ ବ୍ୟକ୍ତି ସ୍ୱ ଭୃତ୍ୟକୁ କହିଲେ, **'ହେ ଭୃତ୍ୟ ! ତ୍ୱଂ ସୈନ୍ଧବମାନୟ'—** ତୁମେ ସୈନ୍ଧବ ଆଣ । ସେତେବେଳେ ସେ ଭୃତ୍ୟଜଣକ ସମୟ ଅର୍ଥାତ୍ ପ୍ରକରଣର ବିଚାର କରିବା ଆବଶ୍ୟକ । କାରଣ 'ସୈନ୍ଧବ'ର ଦୁଇଟି ଅର୍ଥ— ଘୋଡ଼ା ଓ ଲୁଣ । ଯଦି ମୁନିବଙ୍କ ଅନ୍ୟତ୍ର ଗମନ ସମୟ ତେବେ ଘୋଡ଼ା ଏବଂ ଯଦି ଭୋଜନର ସମୟ ତେବେ ଲୁଣ ଆଣିବା ଉଚିତ । ତା' ପରିବର୍ତ୍ତେ ଯଦି ଭୃତ୍ୟଟି ଯିବା ସମୟରେ ଲୁଣ ଓ ଭୋଜନ ସମୟରେ ଘୋଡ଼ା ଆଣି ଦିଏ ତେବେ ତା' ମୁନିବ ତା' ଉପରେ ବିରକ୍ତ ହୋଇ କହିବେ, 'ତୁ ଟା' ବୁଦ୍ଧିହୀନ । ଯାତ୍ରା କାଳରେ ଲବଣ ଓ ଭୋଜନ ସମୟରେ ଘୋଡ଼ା ଆଣିବାର ଆବଶ୍ୟକତା କ'ଣ ? ତୋର **ପ୍ରକରଣ ଜ୍ଞାନ** ନାହିଁ । ନଚେତ୍ ଯେଉଁ ସମୟରେ ଯାହା ଆଣିବା ଉଚିତ, ତାହା ଆଣିଥାନ୍ତୁ । ତୋର **ପ୍ରକରଣ** ବିଷୟରେ ବିଚାର କରିବାର ଥିଲା । ତାହା ତୁ କଲୁନାହିଁ । ଏଣୁ ତୁ ମହାମୂର୍ଖ । ଯା' ବାହାରି ଯା' ମୋ ପାଖରୁ ।' ଏଥିରୁ କ'ଣ ନିଷ୍କର୍ଷ ବାହାରିଲା ? ଏଇଆ ଯେ, **ଯେଉଁଠି ଯେଉଁ ଅର୍ଥ ପ୍ରଯୁଜ୍ୟ, ସେଠାରେ ସେହି ଅର୍ଥ ଗ୍ରହଣ କରିବା ବିଧେୟ ।"** ଅତଃ ଆମେ ଓ ଆପଣ ସମସ୍ତେ ଏପରି ହିଁ ମାନିବା ଓ କରିବା ଉଚିତ ।

ଅଥ ମନ୍ତ୍ରାର୍ଥଃ

ଓ୩ମ୍ ଖଂ ବ୍ରହ୍ମ ॥ ୧ ॥ (ଯଜୁଃ. ୪୦:୧୭)

ଦେଖନ୍ତୁ, ବେଦରେ ଏଭଳି ପ୍ରକରଣରେ 'ଓମ୍' ଆଦି ପରମେଶ୍ୱରଙ୍କ ନାମ ।

ଓମିତ୍ୟେତଦକ୍ଷରମୁଦ୍‌ଗୀଥମୁପାସୀତ ॥ ୨ ॥ (ଛାନ୍ଦୋଗ୍ୟ. ୧:୧:୧)

ଓମିତ୍ୟେତଦକ୍ଷରମିଦଂ ସର୍ବଂ ତସ୍ୟୋପବ୍ୟାଖ୍ୟାନମ୍ ॥ ୩ ॥ (ମାଣ୍ଡୂକ୍ୟ. ୧)

ସର୍ବେ ବେଦା ୟତ୍‌ପଦମାମନନ୍ତି ତପାଂସି ସର୍ବାଣି ଚ ୟଦ୍‌ବଦନ୍ତି ।
ୟଦିଚ୍ଛନ୍ତୋ ବ୍ରହ୍ମଚର୍ୟଂ ଚରନ୍ତି ତତ୍ତେ ପଦଂ ସଂଗ୍ରହେଣ ବ୍ରବୀମ୍ୟୋମିତ୍ୟେତତ୍ ॥ ୪ ॥

(କଠ. ୨:୧୫)

ପ୍ରଶାସିତାରଂ ସର୍ବେଷାମଣୀୟାଂସମଣୋରପି ।
ରୁକ୍ମାଭଂ ସ୍ୱପ୍ନଧୀଗମ୍ୟଂ ବିଦ୍ୟାତ୍ତଂ ପୁରୁଷଂ ପରମ୍ ॥ ୫ ॥

ଏତମେକେ ବଦନ୍ତ୍ୟଗ୍ନିଂ ମନୁମନ୍ୟେ ପ୍ରଜାପତିମ୍ ।

ଇନ୍ଦ୍ରମେକେ ପରେ ପ୍ରାଣମପରେ ବ୍ରହ୍ମ ଶାଶ୍ୱତମ୍ ॥୬॥ (ମନୁ. ୧୨:୧୨୨,୧୨୩)

ସ ବ୍ରହ୍ମା ସ ବିଷ୍ଣୁଃ ସ ରୁଦ୍ରସ୍ସ ଶିବସ୍ସୋଽକ୍ଷରସ୍ସ ପରମଃ ସ୍ୱରାଟ୍ ।

ସ ଇନ୍ଦ୍ରସ୍ସ କାଲାଗ୍ନିସ୍ସ ଚନ୍ଦ୍ରମାଃ ॥୭॥ (କୈବଲ୍ୟ. ୧:୮)

ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍ ।

ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ଯମଂ ମାତରିଶ୍ୱାନମାହୁଃ ॥୮॥

(ଋକ୍. ୧:୧୬୪:୪୬)

ଭୂରସି ଭୂମିରସ୍ୟଦିତିରସି ବିଶ୍ୱଧାୟା ବିଶ୍ୱସ୍ୟ ଭୁବନସ୍ୟ ଧର୍ତ୍ତ୍ରୀ ।

ପୃଥିବୀଂ ଯଚ୍ଛ ପୃଥିବୀଂ ଦୃଂହ ପୃଥିବୀଂ ମା ହିଂସୀଃ ॥୯॥ (ଯଜୁଃ. ୧୩:୧୮)

ଇନ୍ଦ୍ରୋ ମହ୍ନା ରୋଦସୀ ପପ୍ରଥଚ୍ଛବ ଇନ୍ଦ୍ରଃ ସୂର୍ଯ୍ୟମରୋଚୟତ୍ ।

ଇନ୍ଦ୍ରେ ହ ବିଶ୍ୱା ଭୁବନାନି ଯେମିର ଇନ୍ଦ୍ରେ ସ୍ୱାନାସ ଇନ୍ଦବଃ ॥୧୦॥

(ସାମ. ପ୍ରପା. ୬: ତ୍ରିକ ୮:ମନ୍ତ୍ର ୨)

ପ୍ରାଣାୟ ନମୋ ଯସ୍ୟ ସର୍ବମିଦଂ ବଶେ ।

ଯୋ ଭୂତଃ ସର୍ବସ୍ୟେଶ୍ୱରୋ ଯସ୍ମିନ୍ତ୍ସର୍ବଂ ପ୍ରତିଷ୍ଠିତମ୍ ॥୧୧॥ (ଅଥର୍ବ. ୧୧:୪:୧)

ଏଠାରେ ଏସବୁ ପ୍ରମାଣ ଲେଖିବାର ଉଦ୍ଦେଶ୍ୟ ଏଇଆ ଯେ ଏଭଳି ପ୍ରକରଣରେ 'ଓ୩ମ୍' ଆଦି ନାମରେ ପରମାତ୍ମାଙ୍କ ଗ୍ରହଣ ହୁଏ, ଯାହାକି ପୂର୍ବରୁ କୁହାଯାଇଛି । ଦ୍ୱିତୀୟତଃ, ପରମେଶ୍ୱରଙ୍କ କୌଣସି ବି ନାମ ସେଭଳି ନିରର୍ଥକ ନୁହେଁ, ଯେଉଁଭଳି ସଂସାରରେ ନିରର୍ଥକ ନାମ ଦିଆଯାଇଥାଏ; ଯଥା- 'ଦରିଦ୍ର' ଆଦିଙ୍କ ନାମ 'ଧନପତି' ଆଦି । ଏଥିରୁ ଏହା ସିଦ୍ଧ ହେଲା ଯେ ପରମେଶ୍ୱରଙ୍କ ନାମ କେଉଁଠି ଗୌଣିକ, କେଉଁଠି କାର୍ମିକ ଏବଂ କେଉଁଠି ସ୍ୱାଭାବିକ ଅର୍ଥର ବାଚକ ।

'ଓମ୍' ଆଦି ନାମ ସାର୍ଥକ । ଯଥା—**(ଓଂ ଖଂ.) 'ଅବତୀତ୍ୟୋମ୍, ଆକାଶମିବ ବ୍ୟାପକତ୍ୱାତ୍ ଖମ୍, ସର୍ବେଭ୍ୟୋ ବୃହତ୍ତ୍ୱାଦ୍ ବ୍ରହ୍ମ'—** ରକ୍ଷା କରୁଥିବାରୁ ଈଶ୍ୱରଙ୍କ ନାମ **'ଓମ୍'**, ଆକାଶ ଭଳି ବ୍ୟାପକ ହୋଇଥିବା ହେତୁ **'ଖମ୍'** ଏବଂ ସବୁଠୁ ବଡ଼ ହୋଇଥିବା ଯୋଗୁଁ ତାଙ୍କ ନାମ **'ବ୍ରହ୍ମ'** ॥ ୧ ॥

(ଓମିତ୍ୟେତ.) ଯାହାଙ୍କ ନାମ **'ଓ୩ମ୍'** ଏବଂ ଯାହାଙ୍କର କେବେ ବିନାଶ ନାହିଁ, କେବଳ ତାଙ୍କରି ଉପାସନା କରିବା ବିଧେୟ, ଅନ୍ୟ କାହାରି ନୁହେଁ । ॥ ୨ ॥

(ଓମିତ୍ୟେତ.) ବେଦାଦି ସକଳ ଶାସ୍ତ୍ରରେ ପରମେଶ୍ୱରଙ୍କ ମୁଖ୍ୟ ଓ ନିଜ ନାମ **'ଓ୩ମ୍'** ବୋଲି କୁହାଯାଇଛି । ଈଶ୍ୱରଙ୍କ ଅନ୍ୟ ସମସ୍ତ ନାମ ଗୌଣ ନାମ ॥୩॥

(ସର୍ବେ ବେଦା.) ସକଳ ବେଦ, ସମସ୍ତ ଧର୍ମାନୁଷ୍ଠାନ ରୂପକ ତପଶ୍ଚରଣ ଯାହାଙ୍କ ବିଷୟରେ କହନ୍ତି ଓ ଯାହାଙ୍କୁ ସମ୍ମାନ ଦିଅନ୍ତି, ଯାହାଙ୍କ ପ୍ରାପ୍ତିର ଆକାଂକ୍ଷାରେ ବ୍ରହ୍ମଚର୍ଯ୍ୟାଦି ବ୍ରତ ପାଳନ କରାଯାଏ, ତାହାଙ୍କ ନାମ 'ଓମ୍' ॥ ୪ ॥

(ପ୍ରଶାସିତା.) ଯିଏ ସମସ୍ତଙ୍କ ଶିକ୍ଷାଦାତା, ସୂକ୍ଷ୍ମାତିସୂକ୍ଷ୍ମ, ସ୍ୱପ୍ରକାଶସ୍ୱରୂପ, ସମାଧିସ୍ଥ ବୁଦ୍ଧିରେ ଜାଣିବା ଯୋଗ୍ୟ, ସେ ପରମ ପୁରୁଷ ଅଟନ୍ତି ।। ୫ ।।

(ଏତମେକେ) ପରମେଶ୍ୱର ପ୍ରକାଶସ୍ୱରୂପ ହୋଇଥିବାରୁ ତାଙ୍କ ନାମ **'ଅଗ୍ନି'**, ବିଜ୍ଞାନସ୍ୱରୂପ ହେବା ହେତୁ **'ମନୁ'**, ସମସ୍ତଙ୍କୁ ପାଳନ କରୁଥିବାରୁ **'ପ୍ରଜାପତି'**, ପରମ ଐଶ୍ୱର୍ଯ୍ୟବାନ୍ ହୋଇଥିବା ଯୋଗୁଁ **'ଇନ୍ଦ୍ର'**, ସମସ୍ତଙ୍କ ଜୀବନର ମୂଳ ଆଧାର ହୋଇଥିବାରୁ **'ପ୍ରାଣ'** ଏବଂ ସର୍ବତ୍ର ବ୍ୟାପକ ହୋଇ ରହିଥିବା କାରଣରୁ ତାଙ୍କ ନାମ **'ବ୍ରହ୍ମ'** ।। ୬ ।।

(ସ ବ୍ରହ୍ମା ସ ବିଷ୍ଣୁଃ.) ପରମେଶ୍ୱର ସକଳ ଜଗତର ନିର୍ମାତା ହୋଇଥିବାରୁ **'ବ୍ରହ୍ମା'**, ସର୍ବତ୍ର ବ୍ୟାପକ ହୋଇ ରହିଥିବାରୁ **'ବିଷ୍ଣୁ'**, ଦୁଷ୍ଟଙ୍କୁ ଦଣ୍ଡ ଦେଇ ରୋଦନ କରାଉଥିବା ହେତୁ **'ରୁଦ୍ର'**, ମଙ୍ଗଳମୟ ଓ ସମସ୍ତଙ୍କ କଲ୍ୟାଣକାରୀ ହୋଇଥିବା ହେତୁ **'ଶିବ'** ନାମରେ ନାମିତ । **'ଯଃ ସର୍ବମଶ୍ନୁତେ ନ କ୍ଷରତି ନ ବିନଶ୍ୟତି ସ ଅକ୍ଷରଃ' ।।୧ ।।'ଯଃ ସ୍ୱୟଂ ରାଜତେ ସ ସ୍ୱରାଟ୍' ।।୨ ।।'ଯୋଽଗ୍ନିରିବ କାଲଃ କଲୟିତା ପ୍ରଲୟକର୍ତ୍ତା ସ କାଲାଗ୍ନିରୀଶ୍ୱରଃ' ।।୩ ।। (ଅକ୍ଷରଃ)** ସର୍ବତ୍ର ବ୍ୟାପକ ଓ ଅବିନାଶୀ ହୋଇଥିବାରୁ ତାଙ୍କ ନାମ **'ଅକ୍ଷର'**, **(ସ୍ୱରାଟ୍)** ସ୍ୱୟଂ ପ୍ରକାଶସ୍ୱରୂପ ହୋଇଥିବା ହେତୁ ତାଙ୍କ ନାମ **'ସ୍ୱରାଟ୍'** ଓ **(କାଲାଗ୍ନିଃ)** ପ୍ରଳୟ ସମୟରେ ଅଗ୍ନି ସମ ସମସ୍ତଙ୍କ କାଳ ଏପରିକି କାଳର ବି କାଳ ହୋଇଥିବା ଯୋଗୁଁ ତାଙ୍କ ନାମ **'କାଲାଗ୍ନି'** ।। ୭ ।।

(ଇନ୍ଦ୍ରଂ ମିତ୍ରଂ.) ଇନ୍ଦ୍ରାଦି ଯେତେ ସବୁ ନାମ ଅଛି, ସବୁ ସେହି ଏକ, ଅଦ୍ୱିତୀୟ ସତ୍ୟ ବ୍ରହ୍ମଙ୍କର ହିଁ ଅଟେ । **'ଦ୍ୟୁଷୁ ଶୁଦ୍ଧେଷୁ ପଦାର୍ଥେଷୁ ଭବୋ ଦିବ୍ୟଃ'**, **'ଶୋଭନାନି ପର୍ଣ୍ଣାନି ପାଲନାନି ପୂର୍ଣ୍ଣାନି କର୍ମାଣି ବା ଯସ୍ୟ ସଃ ସୁପର୍ଣ୍ଣଃ'**, **'ଯୋ ଗୁର୍ବାତ୍ମା ସ ଗରୁତ୍ମାନ୍'** , **'ଯୋ ମାତରିଶ୍ୱା ବାୟୁରିବ ବଲବାନ୍ ସ ମାତରିଶ୍ୱା'** । **(ଦିବ୍ୟଃ)** ପ୍ରକୃତି ଆଦି ଦିବ୍ୟ ପଦାର୍ଥରେ ବ୍ୟାପକ ହୋଇଥିବା କାରଣରୁ ପରମାତ୍ମାଙ୍କ ନାମ **'ଦିବ୍ୟ'**, **(ସୁପର୍ଣ୍ଣଃ)** ଉତ୍ତମ ପାଳକ ଓ ପୂର୍ଣ୍ଣକର୍ମା ହେତୁ ତାଙ୍କ ନାମ **'ସୁପର୍ଣ୍ଣ'**, **(ଗରୁତ୍ମାନ୍)** ତାଙ୍କର ଆତ୍ମା ବା ସ୍ୱରୂପ ମହାନ୍ ହୋଇଥିବାରୁ ସେ **'ଗରୁତ୍ମାନ୍'** ଏବଂ **(ମାତରିଶ୍ୱା)** ବାୟୁ ଭଳି ଅମିତ ବଳଶାଳୀ ହୋଇଥିବା ଯୋଗୁଁ ତାଙ୍କ ନାମ **'ମାତରିଶ୍ୱା'** । ଏ ମନ୍ତ୍ରରେ ଥିବା ଅନ୍ୟ ନାମଗୁଡ଼ିକର ଅର୍ଥ ଆଗକୁ ଲେଖାଯିବ ।। ୮ ।।

(ଭୂରସି ଭୂମିରସି.) 'ଭବନ୍ତି ଭୂତାନି ଯସ୍ୟାଂ ସା ଭୂଃ ବା ଭୂମିଃ'— ସକଳ ଭୂତ ଅର୍ଥାତ୍ ପ୍ରାଣୀ ଈଶ୍ୱରଙ୍କ ଆଶ୍ରୟରେ ଥିବାରୁ ତାଙ୍କ ନାମ **'ଭୂ'** ବା **'ଭୂମି'** । ଏ ମନ୍ତ୍ରରେ ଥିବା ଅନ୍ୟ ନାମଗୁଡ଼ିକର ଅର୍ଥ ଆଗକୁ ଲେଖାଯାଉଛି ।। ୯ ।।

(ଇନ୍ଦ୍ରୋ ମହ୍ନା.) ଏ ମନ୍ତ୍ରରେ **'ଇନ୍ଦ୍ର'** ପରମେଶ୍ୱରଙ୍କ ହିଁ ନାମ । ଏଣୁ ଏ ପ୍ରମାଣ ଦିଆଯାଇଛି ।। ୧୦ ।।

(ପ୍ରାଣାୟ.) ଯେପରି ସମଗ୍ର ଶରୀର, ସମସ୍ତ ଇନ୍ଦ୍ରିୟ ପ୍ରାଣବାୟୁର ବଶୀଭୂତ, ସେହିପରି ସକଳ ଜଗତ ପରମେଶ୍ୱରଙ୍କ ବଶରେ ଅଛି । ତେଣୁ ତାଙ୍କର ନାମ **'ପ୍ରାଣ'** ।। ୧୧ ।।

ଉପରୋକ୍ତ ପ୍ରମାଣରୁ ନାମଗୁଡ଼ିକର ଯଥାର୍ଥ ଅର୍ଥ ପ୍ରକାଶିତ ହେବା ଦ୍ୱାରା ଏ କଥା ସ୍ପଷ୍ଟ ହେଉଛି ଯେ ଏସବୁ ନାମରେ ମୁଖ୍ୟତଃ ପରମେଶ୍ୱରଙ୍କୁ ଗ୍ରହଣ କରାଯାଏ । କାରଣ **'ଓ୩ମ୍'** ଓ **'ଅଗ୍ନି'** ଆଦି ନାମ ମୁଖ୍ୟ ଅର୍ଥରେ ପରମେଶ୍ୱରଙ୍କୁ ହିଁ ବୁଝାଏ, ଯାହାକି ଋଷି-ମୁନି କୃତ ବ୍ୟାକରଣ, ନିରୁକ୍ତ, ବ୍ରାହ୍ମଣ, ସୂତ୍ର ଆଦି ଗ୍ରନ୍ଥମାନଙ୍କରେ

ଦେଖିବାକୁ ମିଳେ । ସମସ୍ତେ ଏହି ଭଳି ହିଁ ଗ୍ରହଣ କରିବା ଉଚିତ । **'ଓ୩ମ୍' ଅନ୍ୟ କୌଣସି ପଦାର୍ଥର ନାମ ନ ହୋଇ କେବଳ ପରମାତ୍ମାଙ୍କ ନାମ ହିଁ ହୋଇଥିବା ବେଳେ 'ଅଗ୍ନି' ଆଦି ନାମରେ ପରମେଶ୍ୱରଙ୍କୁ ଗ୍ରହଣ କରିବାରେ ପ୍ରକରଣ ଓ ବିଶେଷଣ ନିୟାମକ ହୋଇଥାନ୍ତି ।** ଅର୍ଥାତ୍ **ଯେଉଁଠି-ଯେଉଁଠି ସ୍ତୁତି, ପ୍ରାର୍ଥନା, ଉପାସନା ଆଦି ପ୍ରକରଣ ଥାଏ ତଥା ସର୍ବଜ୍ଞ, ବ୍ୟାପକ, ଶୁଦ୍ଧ, ସନାତନ ଓ ସୃଷ୍ଟିକର୍ତ୍ତା ଆଦି ବିଶେଷଣ ଥାଏ, ସେହିସବୁ ସ୍ଥଳରେ ଏସବୁ 'ଅଗ୍ନି' ଆଦି ନାମରେ ପରମେଶ୍ୱରଙ୍କ ଗ୍ରହଣ ହୋଇଥାଏ ।** ଆଉ ଯେଉଁ କ୍ଷେତ୍ରରେ ନିମ୍ନମତେ ପ୍ରକରଣ ଥାଏ —

ତତୋ ବିରାଡ଼ଜାୟତ ବିରାଜୋଽଅଧିପୂରୁଷଃ । (ଯଜୁଃ. ୩୧:୫)

ଶ୍ରୋତ୍ରାଦ୍ୱାୟୁଶ୍ଚ ପ୍ରାଣଶ୍ଚ ମୁଖାଦଗ୍ନିରଜାୟତ । (ଯଜୁଃ. ୩୧:୧୨)

ତେନ ଦେବାଃ ଅୟଜନ୍ତ । (ଯଜୁଃ. ୩୧:୯)

ପଶ୍ଚାଦ୍ ଭୂମିମଥୋ ପୁରଃ । (ଯଜୁଃ. ୩୧:୫)

ତସ୍ମାଦ୍ୱା ଏତସ୍ମାଦାତ୍ମନ ଆକାଶଃ ସମ୍ଭୂତଃ । ଆକାଶାଦ୍‌ବାୟୁଃ । ବାୟୋରଗ୍ନିଃ । ଅଗ୍ନେରାପଃ । ଅଦ୍‌ଭ୍ୟଃ ପୃଥିବୀ । ପୃଥିବ୍ୟା ଓଷଧୟଃ । ଓଷଧିଭ୍ୟୋଽନ୍ନମ୍ । ଅନ୍ନାଦ୍‌ରେତଃ । ରେତସଃ ପୁରୁଷଃ । ସ ବା ଏଷ ପୁରୁଷୋଽନ୍ନରସମୟଃ ।। (ତୈତ୍ତି. ୨:୧)

ଏପରି ପ୍ରକରଣରେ ବିରାଟ୍, ପୁରୁଷ, ଦେବ, ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଆଦି ନାମ ଲୌକିକ ପଦାର୍ଥର ହୋଇଥାଏ । କାରଣ **ଯେଉଁ କ୍ଷେତ୍ରରେ ଉତ୍ପତ୍ତି, ସ୍ଥିତି, ପ୍ରଳୟ ଆଦି ବ୍ୟବହାର ତଥା ଅଳ୍ପଜ୍ଞ, ଜଡ଼, ଦୃଶ୍ୟ ଆଦି ବିଶେଷଣ ଉଲ୍ଲେଖ ଥାଏ ସେହି ସ୍ଥାନରେ ଥିବା ନାମ ପରମେଶ୍ୱରଙ୍କୁ ବୁଝାଏ ନାହିଁ, ଯେହେତୁକି ସେ ଉତ୍ପତ୍ତି ଆଦି ବ୍ୟବହାରରୁ ରହିତ ଅର୍ଥାତ୍ ତାଙ୍କର ଉତ୍ପତ୍ତି ଆଦି ହୁଏ ନାହିଁ ।** ଉପରୋକ୍ତ ମନ୍ତ୍ରରେ ସେ ବସ୍ତୁ ସବୁର ଉତ୍ପତ୍ତି ଆଦି ବିଷୟ ବର୍ଣ୍ଣିତ ଥିବାରୁ ଏଠାରେ 'ବିରାଟ୍', 'ଅଗ୍ନି' ଆଦି ନାମ ଈଶ୍ୱରଙ୍କର ନୁହେଁ, ସାଂସାରିକ ପଦାର୍ଥଗୁଡ଼ିକର । ଅତଏବ **ଯେଉଁ-ଯେଉଁ ସ୍ଥଳରେ ସର୍ବଜ୍ଞ ଆଦି ବିଶେଷଣ ଥାଏ, ସେହି-ସେହି ସ୍ଥାନରେ ପରମାତ୍ମା ଏବଂ ଯେଉଁ ସ୍ଥାନରେ ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ ଆଦି ବ୍ୟବହାର ଓ ଅଳ୍ପଜ୍ଞ ଇତ୍ୟାଦି ବିଶେଷଣ ଥାଏ, ସେଠାରେ ଜୀବର ଗ୍ରହଣ କରାଯାଏ** ଏହା ସର୍ବଦା ଧ୍ୟାନ ଦେବା ଉଚିତ । ଯେହେତୁ ପରମେଶ୍ୱରଙ୍କର ଜନ୍ମ-ମରଣ ଆଦି ନାହିଁ, ଏଣୁ 'ବିରାଟ୍', 'ଅଗ୍ନି' ଆଦି ନାମ ଜନ୍ମାଦି ବିଶେଷଣଯୁକ୍ତ ଥିଲେ ସେଥିରୁ ଜଗତର ଜଡ଼ ପଦାର୍ଥ ଓ ଜୀବ ଅର୍ଥ ଗ୍ରହଣୀୟ, ପରମେଶ୍ୱର ଅର୍ଥ ଗ୍ରହଣୀୟ ନୁହେଁ ।

'ବିରାଟ୍', 'ଅଗ୍ନି' ଆଦି ନାମର ଅର୍ଥ କେଉଁଭଳି ଭାବେ ପରମେଶ୍ୱର ଅଟେ, ତାହା ନିମ୍ନରେ ଉଲ୍ଲେଖ କରାଯାଇଛି—

ଅଥ ଓଙ୍କାରାର୍ଥଃ

'ଅ' କାରରେ ଗୃହୀତ ନାମର ଅର୍ଥ —

ବିରାଟ୍ — 'ବି' ଉପସର୍ଗ ପୂର୍ବକ **'ରାଜୃ ଦୀପ୍ତୌ'** ଧାତୁରେ **'କ୍ୱିପ୍'** ପ୍ରତ୍ୟୟ ଯୋଗରେ **'ବିରାଟ୍'** ଶବ୍ଦ ଉତ୍ପନ୍ନ ହୁଏ । **'ୟୋ ବିବିଧଂ ନାମ ଚରାଽଚରଂ ଜଗଦ୍-ରାଜୟତି ପ୍ରକାଶୟତି ସ ବିରାଟ୍' —** ବିବିଧ ଅର୍ଥାତ୍ ବହୁ ପ୍ରକାର ଚରାଚର ଜଗତର ପ୍ରକାଶକ ହୋଇଥିବାରୁ ପରମେଶ୍ୱରଙ୍କ ନାମ **'ବିରାଟ୍'** ।

ଅଗ୍ନି — 'ଅଞ୍ଚୁ ଗତିପୂଜନୟୋଃ' ତଥା **'ଅଗ'**, **'ଅଗି'**, **'ଇଣ୍'** ଗତ୍ୟର୍ଥକ ଧାତୁ ଅଟନ୍ତି । ଏସବୁ ଧାତୁରୁ **'ଅଗ୍ନି'** ଶବ୍ଦ ଉତ୍ପନ୍ନ ହୁଏ । **'ଗତେସ୍ତ୍ରୟୋଽର୍ଥାଃ - ଜ୍ଞାନଂ ଗମନଂ ପ୍ରାପ୍ତିଶ୍ଚେତି । ପୂଜନଂ ନାମ ସତ୍କାରଃ'** । ଗତିର ତିନୋଟି ଅର୍ଥ - ଜ୍ଞାନ, ଗମନ ଓ ପ୍ରାପ୍ତି । ପୂଜନର ଅର୍ଥ ସତ୍କାର । ଅତଃ **'ୟୋଽଞ୍ଚତି, ଅଚ୍ୟତେଽଗତି-ଅଙ୍ଗତ୍ୟେତି ବା ସୋଽୟମଗ୍ନିଃ'** — ଯିଏ ଜ୍ଞାନସ୍ୱରୂପ, ସର୍ବଜ୍ଞ ତଥା ଜାଣିବା, ପ୍ରାପ୍ତ କରିବା ଓ ପୂଜା କରିବା ଯୋଗ୍ୟ, ସେ ହିଁ ଅଗ୍ନି । ଏସବୁ ଲକ୍ଷଣରେ ସମ୍ପନ୍ନ ହୋଇଥିବାରୁ ପରମେଶ୍ୱରଙ୍କ ନାମ **'ଅଗ୍ନି'** ।

ବିଶ୍ୱ — 'ବିଶ ପ୍ରବେଶନେ' ଧାତୁରୁ **'ବିଶ୍ୱ'** ଶବ୍ଦ ନିଷ୍ପନ୍ନ । **'ବିଶନ୍ତି ପ୍ରବିଷ୍ଟାନି ସନ୍ତି ସର୍ବାଣି- ଆକାଶାଦୀନି ଭୂତାନି ୟସ୍ମିନ୍, ୟୋ ବାଽଽକାଶାଦିଷୁ ସର୍ବେଷୁ ଭୂତେଷୁ ପ୍ରବିଷ୍ଟଃ ସ ବିଶ୍ୱ ଈଶ୍ୱରଃ'** — ଆକାଶାଦି ସମସ୍ତ ଭୂତ ଯାହାଙ୍କଠାରେ ପ୍ରବେଶ କରିଅଛନ୍ତି, ଅଥବା ଯିଏ ବ୍ୟାପକ ହୋଇଥିବା ହେତୁ ଏସବୁରେ ପ୍ରବିଷ୍ଟ ହୋଇ ରହିଛନ୍ତି, ସେହି ପରମେଶ୍ୱରଙ୍କ ନାମ **'ବିଶ୍ୱ'** ।

'ଉ' କାରରେ ଗୃହୀତ ନାମର ଅର୍ଥ —

ହିରଣ୍ୟଗର୍ଭ — 'ଜ୍ୟୋତିର୍ବୈ ହିରଣ୍ୟମ୍, ତେଜୋ ବୈ ହିରଣ୍ୟମ୍' — ଇତ୍ୟୈତରେୟଶତପଥବ୍ରାହ୍ମଣେ । **'ହିରଣ୍ୟାନି ସୂର୍ୟାଦୀନି ତେଜାଂସି ଗର୍ଭେ ୟସ୍ୟ ସ ହିରଣ୍ୟଗର୍ଭଃ'** ଅଥବା **'ୟୋ ହିରଣ୍ୟାନାଂ ସୂର୍ୟାଦୀନାଂ ତେଜସାଂ ଗର୍ଭ ଉତ୍ପତ୍ତିନିମିତ୍ତମଧିକରଣଂ ସ ହିରଣ୍ୟଗର୍ଭଃ'** — ସୂର୍ଯ୍ୟାଦି ତେଜୋମୟ ଲୋକ ଯାହାଙ୍କଠାରେ ଉତ୍ପନ୍ନ ହୋଇ, ଯାହାଙ୍କ ଆଧାରରେ ରହନ୍ତି ଅଥବା ଯିଏ ସୂର୍ଯ୍ୟାଦି ତେଜଃସ୍ୱରୂପ ପଦାର୍ଥମାନଙ୍କର ଗର୍ଭ ଅର୍ଥାତ୍ ଉତ୍ପତ୍ତି ଓ ନିବାସ ସ୍ଥାନ, ସେହି ପରମେଶ୍ୱରଙ୍କ ନାମ **'ହିରଣ୍ୟଗର୍ଭ'** । ଏ ସମ୍ବନ୍ଧରେ ଯଜୁର୍ବେଦର ମନ୍ତ୍ରର ପ୍ରମାଣ ଅଛି —

ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକ ଆସୀତ୍ ।
ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ।। (ଯଜୁଃ. ୧୩:୪)

ଏପରି ସ୍ଥଳରେ **'ହିରଣ୍ୟଗର୍ଭ'** ଶବ୍ଦରେ ପରମେଶ୍ୱରଙ୍କୁ ଗ୍ରହଣ କରାଯାଏ ।

ବାୟୁ — 'ବା ଗତିଗନ୍ଧନୟୋଃ' ଧାତୁରୁ **'ବାୟୁ'** ଶବ୍ଦର ଉତ୍ପତ୍ତି । **ଗନ୍ଧନଂ ହିଂସନମ୍ । 'ୟୋ ବାତି ଚରାଽଚରଂ ଜଗଦ୍ଧରତି ଜୀବୟତି ପ୍ରଲୟତି ବା ବଲିନାଂ ବଲିଷ୍ଠଃ ସ ବାୟୁଃ'** — ଯିଏ ଚରାଚର ଜଗତକୁ ଧାରଣ, ପାଳନ ଓ ପ୍ରଳୟ କରନ୍ତି ଏବଂ ସମସ୍ତ ବଳବାନଙ୍କଠାରୁ ବଳବାନ୍, ସେହି ଈଶ୍ୱରଙ୍କ ନାମ **'ବାୟୁ'** ।

ତୈଜସ — 'ତିଜ ନିଶାନେ' ଧାତୁରୁ **'ତେଜଃ'** ଏବଂ ତହିଁରେ ତଦ୍ଧିତ ପ୍ରତ୍ୟୟ କଲେ **'ତୈଜସ'** ଶବ୍ଦ ଉତ୍ପନ୍ନ ହୁଏ । ଯେହେତୁ ଈଶ୍ୱର ସ୍ୱୟଂପ୍ରକାଶ ଓ ସୂର୍ଯ୍ୟାଦି ତେଜସ୍ୱୀ ଲୋକର ପ୍ରକାଶକ, ଏଣୁ ଈଶ୍ୱରଙ୍କ ନାମ **'ତୈଜସ'** ।

'ମ'କାରରେ ଗୃହୀତ ନାମର ଅର୍ଥ—

ଈଶ୍ୱର — 'ଈଶ ଐଶ୍ୱର୍ଯ୍ୟେ' ଧାତୁରୁ **'ଈଶ୍ୱର'** ଶବ୍ଦ ସିଦ୍ଧ ହୁଏ । **'ୟ ଈଷ୍ଟେ ସର୍ବୈଶ୍ୱର୍ୟବାନ୍ ବର୍ତ୍ତତେ ସ ଈଶ୍ୱରଃ'** — ଯାହାଙ୍କର ସତ୍ୟ ବିଚାର-ଶୀଳ-ଜ୍ଞାନ ଓ ଅନନ୍ତ ଐଶ୍ୱର୍ଯ୍ୟ ଅଛି, ଏଣୁ ସେହି ପରମାତ୍ମାଙ୍କ ନାମ **'ଈଶ୍ୱର'** ।

ଆଦିତ୍ୟ —'ଦୋ ଅବଖଣ୍ଡନେ' ଧାତୁରୁ **'ଅଦିତି'** ଏବଂ ଏଥିରେ ତଦ୍ଧିତ ପ୍ରତ୍ୟୟ ଯୋଗରେ **'ଆଦିତ୍ୟ'** ଶବ୍ଦ ନିଷ୍ପନ୍ନ । **'ଅବଖଣ୍ଡନଂ ନାମ ବିନାଶଃ'। 'ନ ବିଦ୍ୟତେ ବିନାଶୋ ଯସ୍ୟ ସୋଽୟମଦିତିଃ, ଅଦିତିରେବ ଆଦିତ୍ୟଃ' —** ଯାହାଙ୍କର କେବେ ବିନାଶ ନାହିଁ, ତାହାକୁ ଅଦିତି କୁହାଯାଏ । ଅଦିତି ହିଁ ଆଦିତ୍ୟ । ଅତଃ ବିନାଶ ରହିତ ସେହି ଈଶ୍ୱରଙ୍କ ନାମ **'ଆଦିତ୍ୟ'** ।

ପ୍ରାଜ୍ଞ — 'ପ୍ର' ଉପସର୍ଗ ପୂର୍ବକ **'ଜ୍ଞା ଅବବୋଧନେ'** ଧାତୁରୁ **'ପ୍ରଜ୍ଞ'** ଏବଂ ଏଥିରେ ତଦ୍ଧିତ ପ୍ରତ୍ୟୟ କଲେ **'ପ୍ରାଜ୍ଞ'** ଶବ୍ଦ ସିଦ୍ଧ ହୁଏ। **'ଯଃ ପ୍ରକୃଷ୍ଟତୟା ଚରାଽଚରସ୍ୟ ଜଗତୋ ବ୍ୟବହାରଂ ଜାନାତି ସ ପ୍ରଜ୍ଞଃ, ପ୍ରଜ୍ଞ ଏବ ପ୍ରାଜ୍ଞଃ' —** ଯିଏ ଅଭ୍ରାନ୍ତ ଜ୍ଞାନଯୁକ୍ତ, ସକଳ ଚରାଚର ଜଗତର ବ୍ୟବହାରକୁ ଯଥାଯଥ ଭାବେ ଜାଣନ୍ତି, ସେହି ଈଶ୍ୱର ପ୍ରଜ୍ଞ ଅଟନ୍ତି । ପ୍ରଜ୍ଞଙ୍କୁ ହିଁ ପ୍ରାଜ୍ଞ କୁହାଯାଏ। ସେହି ଈଶ୍ୱରଙ୍କ ନାମ **'ପ୍ରାଜ୍ଞ'** ।

ଯେପରି 'ଅ' ଆଦି ଏକ-ଏକ ଅକ୍ଷରର ତିନୋଟି ଲେଖାଏଁ ଅର୍ଥ ଏଠାରେ ବ୍ୟାଖ୍ୟାନ କରାଗଲା, ସେପରି ହିଁ ଅନ୍ୟ ନାମର ଅର୍ଥ ବି ଓଂକାରରୁ ଜଣାଯାଏ।

(ଶନ୍ନୋ ମିତ୍ରଃ ଶଂ ବରୁଣଃ..) ଏହି ମନ୍ତ୍ରରେ ଯେଉଁ ମିତ୍ରାଦି ନାମ ରହିଛି, ସେସବୁ ବି ପରମେଶ୍ୱରଙ୍କ ନାମ ବିଶେଷ। କାରଣ ସ୍ତୁତି, ପ୍ରାର୍ଥନା, ଉପାସନା ଶ୍ରେଷ୍ଠଙ୍କର ହିଁ କରାଯାଏ। ଶ୍ରେଷ୍ଠ ତାଙ୍କୁ କୁହାଯାଏ, ଯିଏକି ଗୁଣ, କର୍ମ, ସ୍ୱଭାବ ଓ ସତ୍ୟ ବ୍ୟବହାରରେ ସମସ୍ତଙ୍କଠୁଁ ଅଧିକ। ସେ ସକଳ ଶ୍ରେଷ୍ଠଙ୍କ ମଧ୍ୟରେ ଯିଏ ସର୍ବଶ୍ରେଷ୍ଠ ତାଙ୍କୁ ପରମେଶ୍ୱର କୁହାଯାଏ; ଯାହାଙ୍କ ତୁଲ୍ୟ କି ଅତୀତରେ କେହି ନଥିଲେ, ବର୍ତ୍ତମାନ କେହି ନାହାନ୍ତି ଓ ଭବିଷ୍ୟତରେ ବି କେହି ହୋଇପାରିବେ ନାହିଁ। ଯେତେବେଳେ ତାଙ୍କ ସମକକ୍ଷ ହିଁ କେହି ନାହାନ୍ତି, ସେତେବେଳେ ତାଙ୍କଠୁ ଅଧିକ କେମିତି କିଏ ହୋଇପାରିବ ? ପରମେଶ୍ୱରଙ୍କ ଯେପରି ସତ୍ୟ, ନ୍ୟାୟ, ଦୟା, ସର୍ବଶକ୍ତିମତ୍ତା ଓ ସର୍ବଜ୍ଞତା ଆଦି ଅନନ୍ତ ଗୁଣ ଅଛି, ଅନ୍ୟ କୌଣସି ଜଡ଼ ପଦାର୍ଥ କି ଜୀବର ସେପରି ନାହିଁ। ଯେଉଁ ପଦାର୍ଥ ସତ୍ୟ, ତା'ର ଗୁଣ-କର୍ମ-ସ୍ୱଭାବ ବି ସତ୍ୟ ହୋଇଥାଏ। ଏଣୁ ପରମେଶ୍ୱରଙ୍କ ହିଁ ସ୍ତୁତି, ପ୍ରାର୍ଥନା ଓ ଉପାସନା କରିବା ସମସ୍ତଙ୍କ କର୍ତ୍ତବ୍ୟ, ଅନ୍ୟ କାହାରି ନୁହେଁ। ଯେହେତୁ ବ୍ରହ୍ମା, ବିଷ୍ଣୁ, ମହାଦେବ ଆଦି ପୂର୍ବଜ ମହାତ୍ମା ବିଦ୍ୱାନ୍‌ଗଣ, ଦୈତ୍ୟ-ଦାନବାଦି ନିକୃଷ୍ଟ ବ୍ୟକ୍ତି ଏବଂ ଅନ୍ୟ ସାଧାରଣ ମନୁଷ୍ୟଗଣ ବି ପରମେଶ୍ୱରଙ୍କୁ ହିଁ ବିଶ୍ୱାସ କରି ତାଙ୍କରି ସ୍ତୁତି, ପ୍ରାର୍ଥନା ଓ ଉପାସନା କରିଛନ୍ତି, ତାଙ୍କଠୁ ଭିନ୍ନଙ୍କର କରିନାହାନ୍ତି; ତେଣୁ ଆମେ ମଧ୍ୟ ସେହି ଏକ ଈଶ୍ୱରଙ୍କୁ ହିଁ ଉପାସନାଦି କରିବା ଉଚିତ। ଏହାର ବିସ୍ତୃତ ବିବେଚନା 'ଉପାସନା' ଓ 'ମୁକ୍ତି' ବିଷୟରେ କରାଯିବ ।

ପ୍ରଶ୍ନ — 'ମିତ୍ର' ଶବ୍ଦ ସଖା ନିମନ୍ତେ ଏବଂ 'ଇନ୍ଦ୍ର' ଆଦି ଶବ୍ଦ ଦେବତାମାନଙ୍କ ପାଇଁ ମୁଖ୍ୟତଃ ବ୍ୟବହାର ହେଉଥିବା ସଂସାରରେ ଦେଖାଯାଏ। ଏଣୁ ଏସବୁ ଶବ୍ଦରେ ସେହି ବହୁଳ ଭାବେ ଗୃହୀତ ଅର୍ଥକୁ ଗ୍ରହଣ କରାଯିବା ଉଚିତ।

ଉତ୍ତର — ଏଠାରେ ଏସବୁ ଶବ୍ଦରେ ସେମାନଙ୍କୁ ଗ୍ରହଣ କରିବା ଯୁକ୍ତିଯୁକ୍ତ ନୁହେଁ। କାରଣ ଜଣେ ବ୍ୟକ୍ତି କାହାର ମିତ୍ର ତ ଆଉ କାହାର ଶତ୍ରୁ ଏବଂ ଅନ୍ୟ କାହା ପ୍ରତି ଉଦାସୀନ ଅର୍ଥାତ୍ ନା ମିତ୍ର ନା ଶତ୍ରୁ ହୋଇଥିବା ଦେଖିବାକୁ ମିଳେ। ଏଣୁ 'ମିତ୍ର' ଶବ୍ଦରେ ମୁଖ୍ୟ ଅର୍ଥରେ ସାଂସାରିକ ସଖା ଆଦିଙ୍କୁ ଗ୍ରହଣ କରାଯାଇପାରିବ ନାହିଁ। **କେବଳ ପରମେଶ୍ୱର ହିଁ ସକଳ ଜଗତର ନିଶ୍ଚିତ ମିତ୍ର, ସେ କାହାରି ଶତ୍ରୁ ନୁହନ୍ତି କି କାହା ପ୍ରତି ଉଦାସୀନ ନୁହନ୍ତି।** ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ବି ଏଭଳି କଦାପି ହୋଇପାରିବ ନାହିଁ। ଏଣୁ ଏଠାରେ 'ମିତ୍ର' ଶବ୍ଦରେ

ମୁଖ୍ୟ ରୂପେ ପରମାତ୍ମାଙ୍କୁ ହିଁ ଗ୍ରହଣ କରାଯାଏ । ହଁ, ଗୌଣ ଅର୍ଥରେ ମିତ୍ରାଦି ଶବ୍ଦ ସାଂସାରିକ ସଖା ଆଦିଙ୍କୁ ବୁଝାଇଥାଏ ।

'ଞିମିଦା ସ୍ନେହନେ' ଧାତୁରେ ଔଣାଦିକ **'କ୍ତ୍ର'** ପ୍ରତ୍ୟୟ ଯୋଗରେ ମିତ୍ର ଶବ୍ଦ ସିଦ୍ଧ ହୁଏ । **'ମେଦ୍ୟତି ମେଦତେ, ସ୍ନିହ୍ୟତି ସ୍ନିହ୍ୟତେ ବା ସ ମିତ୍ରଃ'** — ଯିଏ ସମସ୍ତଙ୍କୁ ସ୍ନେହ କରନ୍ତି ଏବଂ ସମସ୍ତଙ୍କ ସ୍ନେହର ଯୋଗ୍ୟ, ସେହି ପରମେଶ୍ୱର ସମସ୍ତଙ୍କ ସଚ୍ଚା 'ମିତ୍ର' ଅଟନ୍ତି । ଏଣୁ ସେ ପରମେଶ୍ୱରଙ୍କ ନାମ **'ମିତ୍ର'** ।

'ବୃଞ୍ ବରଣେ' ଓ **'ବର ଈପ୍‌ସାୟାମ୍'** ଏ ଦୁଇ ଧାତୁରେ ଉଣାଦି **'ଉନନ୍'** ପ୍ରତ୍ୟୟ କଲେ **'ବରୁଣ'** ଶବ୍ଦ ତିଆରି ହୁଏ । **'ୟଃ ସର୍ବାନ୍ ଶିଷ୍ଟାନ୍ ମୁମୁକ୍ଷୂନ୍ ଧର୍ମାତ୍ମନୋ ବୃଣୋତି, ଅଥବା ୟଃ ଶିଷ୍ଟୈର୍ମୁମୁକ୍ଷୁଭିର୍ଧର୍ମାତ୍ମଭି-ର୍ବ୍ରିୟତେ ବର୍ୟ୍ୟତେ ବା ସ ବରୁଣଃ ପରମେଶ୍ୱରଃ'** — ଯିଏ ଆପ୍ତ, ଯୋଗୀ, ବିଦ୍ୱାନ୍, ମୁକ୍ତିକାମୀ, ମୁକ୍ତ ଓ ଧର୍ମାତ୍ମାଙ୍କୁ ବରଣ ଅର୍ଥାତ୍ ସ୍ୱୀକାର କରନ୍ତି; ଅଥବା ଯିଏ ଶିଷ୍ଟ, ମୁମୁକ୍ଷୁ, ମୁକ୍ତ ଓ ଧର୍ମାତ୍ମାଙ୍କ ଦ୍ୱାରା ବରଣୀୟ ଅଟନ୍ତି, ସେ **'ବରୁଣ'** ନାମଧାରୀ ଈଶ୍ୱର । ଅଥବା **'ବରୁଣୋ ନାମ ବରଃ ଶ୍ରେଷ୍ଠଃ'**— ଯେହେତୁ ପରମେଶ୍ୱର ସର୍ବଶ୍ରେଷ୍ଠ, ତେଣୁ ତାଙ୍କ ନାମ **'ବରୁଣ'** ।

'ଋ ଗତିପ୍ରାପଣୟୋଃ' ଧାତୁରେ **'ୟତ୍'** ପ୍ରତ୍ୟୟ ଯୋଗ କଲେ **'ଅର୍ଯ୍ୟ'** ଶବ୍ଦ ସିଦ୍ଧ ହୁଏ । **'ଅର୍ଯ୍ୟ'** ପୂର୍ବକ **'ମାଙ୍ ମାନେ'** ଧାତୁରେ **'କନିନ୍'** ପ୍ରତ୍ୟୟ ଯୋଗ ହୋଇ **'ଅର୍ଯ୍ୟମା'** ଶବ୍ଦ ଗଠିତ ହୋଇଛି । **'ୟୋଽର୍ଯ୍ୟାନ୍ ସ୍ୱାମିନୋ ନ୍ୟାୟାଧୀଶାନ୍ ମିମୀତେ ମାନ୍ୟାନ୍ କରୋତି ସୋଽର୍ଯ୍ୟମା'** — ଯିଏ ସତ୍ୟ-ନ୍ୟାୟ ଆଚରଣକାରୀ ମନୁଷ୍ୟମାନଙ୍କୁ ମାନ-ସମ୍ମାନ ପ୍ରଦାନ କରନ୍ତି ଏବଂ ପାପ ଓ ପୁଣ୍ୟ କର୍ତ୍ତାଙ୍କୁ ନିୟମପୂର୍ବକ ଯଥାଯଥ ଭାବେ ପାପ ଓ ପୁଣ୍ୟର ଫଳ ପ୍ରଦାନ କରନ୍ତି, ସେ ଈଶ୍ୱରଙ୍କ ନାମ **'ଅର୍ଯ୍ୟମା'** ।

'ଇଦି ପରମୈଶ୍ୱର୍ୟେ' ଧାତୁରେ **'ରନ୍'** ପ୍ରତ୍ୟୟ ଯୋଗ କଲେ **'ଇନ୍ଦ୍ର'** ଶବ୍ଦ ଉତ୍ପନ୍ନ ହୁଏ । **'ୟ ଇନ୍ଦତି ପରମୈଶ୍ୱର୍ୟବାନ୍ ଭବତି ସ ଇନ୍ଦ୍ରଃ ପରମେଶ୍ୱରଃ'** — ଯିଏ ଅଖିଳ ଐଶ୍ୱର୍ଯ୍ୟସମ୍ପନ୍ନ, ସେ **'ଇନ୍ଦ୍ର'** । ଈଶ୍ୱର ସକଳ ଐଶ୍ୱର୍ଯ୍ୟବାନ୍ ହୋଇଥିବାରୁ ତାଙ୍କ ନାମ **'ଇନ୍ଦ୍ର'** ।

'ବୃହତ୍' ଶବ୍ଦ ପୂର୍ବକ **'ପା ରକ୍ଷଣେ'** ଧାତୁରେ **'ଡତି'** ପ୍ରତ୍ୟୟ କଲେ, 'ବୃହତ୍'ର 'ତ'କାର ଲୋପ ଓ 'ସୁଟ୍' ଆଗମ ହୋଇ **'ବୃହସ୍ପତି'** ଶବ୍ଦ ସିଦ୍ଧ ହୁଏ । **'ୟୋ ବୃହତାମାକାଶାଦୀନାଂ ପତିଃ ସ୍ୱାମୀ ପାଲୟିତା ସ ବୃହସ୍ପତିଃ'**— ଯିଏ ବୃହତ୍‌ରୁ ବି ବୃହତ୍, ସର୍ବବୃହତ୍ ଏବଂ ବିରାଟ ଆକାଶାଦି ବ୍ରହ୍ମାଣ୍ଡଗୁଡ଼ିକର ସ୍ୱାମୀ, ସେ ଈଶ୍ୱରଙ୍କ ନାମ **'ବୃହସ୍ପତି'** ।

'ବିଷ୍ଲୃ ବ୍ୟାପ୍ତୌ' ଧାତୁରେ **'ନୁ'** ପ୍ରତ୍ୟୟ ଯୁକ୍ତ ହୋଇ **'ବିଷ୍ଣୁ'** ଶବ୍ଦ ନିଷ୍ପନ୍ନ । **'ବେବେଷ୍ଟି ବ୍ୟାପ୍ନୋତି ଚରାଽଚରଂ ଜଗତ୍ ସ ବିଷ୍ଣୁଃ ପରମାତ୍ମା'** — ଚର ଓ ଅଚର ରୂପକ ଜଗତରେ ବ୍ୟାପକ ହୋଇଥିବାରୁ ପରମାତ୍ମାଙ୍କ ନାମ **'ବିଷ୍ଣୁ'** ।

'ଉରୁର୍ମହାନ୍ କ୍ରମଃ ପରାକ୍ରମୋ ୟସ୍ୟ ସ ଉରୁକ୍ରମଃ'— ଅନନ୍ତ ପରାକ୍ରମଯୁକ୍ତ ହୋଇଥିବା ହେତୁ ପରମାତ୍ମାଙ୍କ ନାମ **'ଉରୁକ୍ରମ'** ।

ଯେଉଁ ପରମାତ୍ମା **(ଉରୁକ୍ରମଃ)** ମହାପରାକ୍ରମଯୁକ୍ତ, **(ମିତ୍ରଃ)** ସମସ୍ତଙ୍କ ସୁହୃଦ୍, ଅବିରୋଧୀ ଅଟନ୍ତି, ସେ **(ଶମ୍)** ସୁଖକାରକ, ସେ **(ବରୁଣଃ)** ସର୍ବୋତ୍ତମ, ସେ **(ଶମ୍)** ସୁଖସ୍ୱରୂପ, ସେ **(ଅର୍ଯ୍ୟମା ଶମ୍)**

ସୁଖପ୍ରଚାରକ, ସେ **(ଇନ୍ଦ୍ରଃ ଶମ୍)** ସକଳ ଐଶ୍ୱର୍ଯ୍ୟଦାୟକ, ସେ **(ବୃହସ୍ପତିଃ)** ସମସ୍ତଙ୍କ ଅଧିଷ୍ଠାତା, ବିଦ୍ୟାପ୍ରଦ ଏବଂ ଯିଏ **(ବିଷ୍ଣୁଃ)** ସବୁରେ ବ୍ୟାପକ ପରମେଶ୍ୱର, ସେ **(ନଃ)** ଆମର **(ଶମ୍)** କଲ୍ୟାଣକାରୀ **(ଭବତୁ)** ହୁଅନ୍ତୁ ।

(ବାୟୋ ତେ ବ୍ରହ୍ମଣେ ନମୋଽସ୍ତୁ) **'ବୃହ ବୃହି ବୃଦ୍ଧୌ'** ଏ ଧାତୁରୁ **'ବ୍ରହ୍ମ'** ଶବ୍ଦ ନିଷ୍ପନ୍ନ । ଯିଏ ସର୍ବୋପରି ବିରାଜମାନ, ସର୍ବବୃହତ୍, ଅନନ୍ତ ବଳଯୁକ୍ତ ପରମାତ୍ମା, ସେହି ବ୍ରହ୍ମଙ୍କୁ ଆମେ ନମସ୍କାର କରୁଅଛୁ । ହେ ପରମେଶ୍ୱର ! **(ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି)** ଆପଣ ହିଁ ଅନ୍ତର୍ଯ୍ୟାମୀରୂପରେ ପ୍ରତ୍ୟକ୍ଷ ବ୍ରହ୍ମ ଅଟନ୍ତି । **(ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି)** ମୁଁ ଆପଣଙ୍କୁ ହିଁ ପ୍ରତ୍ୟକ୍ଷ ବ୍ରହ୍ମ ବୋଲି କହିବି, କାରଣ ଆପଣ ସବୁ ସ୍ଥାନରେ ବ୍ୟାପ୍ତ ହୋଇ ସମସ୍ତଙ୍କୁ ସଦା-ସର୍ବଦା ପ୍ରାପ୍ତ ହୋଇଅଛନ୍ତି, **(ଋତଂ ବଦିଷ୍ୟାମି)** ଆପଣଙ୍କ ଯେଉଁ ବେଦୋକ୍ତ ଯଥାର୍ଥ ଆଜ୍ଞା ଅଛି, ତାକୁ ମୁଁ ସମସ୍ତଙ୍କୁ ଉପଦେଶ ଦେବି ଓ ଆଚରଣ ବି କରିବି, **(ସତ୍ୟଂ ବଦିଷ୍ୟାମି)** ସତ୍ୟ କହିବି, ସତ୍ୟ ମାନିବି ଓ ସତ୍ୟ ଆଚରଣ ହିଁ କରିବି । **(ତନ୍ମାମବତୁ)** ସେହି ଆପଣ ମୋତେ ରକ୍ଷା କରନ୍ତୁ । **(ତଦ୍‌ବକ୍ତାରମବତୁ)** ସେହି ଆପଣ ମୋତେ, ଆପ୍ତ ସତ୍ୟବକ୍ତାଙ୍କୁ, ରକ୍ଷା କରନ୍ତୁ ଯଦ୍ୱାରାକି ମୋ ବୁଦ୍ଧି ଆପଣଙ୍କ ଆଜ୍ଞାରେ ସ୍ଥିର ହୋଇ ରହୁ, କେବେ ବି ବିରୁଦ୍ଧ ନ ହେଉ । କାରଣ **ଯାହା ଆପଣଙ୍କ ଆଜ୍ଞା, ତାହା ହିଁ ଧର୍ମ ଓ ଯାହା ଆପଣଙ୍କ ଆଜ୍ଞାର ବିରୁଦ୍ଧ ତାହା ଅଧର୍ମ । (ଅବତୁ ମାମବତୁ ବକ୍ତାରମ୍)** ଏହି ଦ୍ୱିତୀୟ ଥର ପାଠ ପ୍ରୟୋଜନର ଆଧିକ୍ୟ ଓ ଦୃଢ଼ତା ନିମନ୍ତେ । ଯଥା— **'କଶ୍ଚିତ୍ କଞ୍ଚିତ୍ ପ୍ରତି ବଦତି ତ୍ୱଂ ଗ୍ରାମଂ ଗଚ୍ଛ, ଗଚ୍ଛ'** । ଏଠାରେ କ୍ରିୟାର ଦୁଇ ଥର ଉଚ୍ଚାରଣ 'ଗଚ୍ଛ ଗଚ୍ଛ' ଦ୍ୱାରା ତୁମେ 'ଅତି ଶୀଘ୍ର' ଗ୍ରାମକୁ ଯାଅ, ଏପରି ଭାବନା ପ୍ରକଟିତ ହୁଏ । ଏପରି ହିଁ ଏହି ମନ୍ତ୍ରାଂଶରେ ଯେ 'ଆପଣ ମୋତେ ନିଶ୍ଚିତ ରକ୍ଷା କରନ୍ତୁ' ଅର୍ଥାତ୍ 'ମୁଁ ଧର୍ମରେ ଅବିଚଳିତ, ସୁଦୃଢ଼ ହୋଇ ରହେ ଓ ଅଧର୍ମକୁ ସଦା ଘୃଣା କରେ, ଏପରି କୃପା ମୋ ଉପରେ କରନ୍ତୁ ।' ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି ।

(ଓ୩ମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ) ଏଠାରେ ତିନି ଥର ଶାନ୍ତିପାଠ କରିବାର ଅଭିପ୍ରାୟ ହେଲା ଯେ ଏ ସଂସାରରେ ତ୍ରିବିଧ ତାପ ଅର୍ଥାତ୍ ତିନି ପ୍ରକାର ଦୁଃଖ ଅଛି— ଏକ **'ଆଧ୍ୟାତ୍ମିକ'**, ଯାହାକି ଆତ୍ମାରେ ଅବିଦ୍ୟା, ରାଗ, ଦ୍ୱେଷ, ମୂର୍ଖତା ଆଦି ଏବଂ ଶରୀରରେ ଜ୍ୱର, ପୀଡ଼ା ଆଦି ଯୋଗୁଁ ହୋଇଥାଏ । ଦ୍ୱିତୀୟଟି **'ଆଧିଭୌତିକ'** ଯାହାକି ଶତ୍ରୁ, ବ୍ୟାଘ୍ର ଓ ସର୍ପ ଆଦିଙ୍କଠାରୁ ପ୍ରାପ୍ତ ହୁଏ । ତୃତୀୟଟି **'ଆଧିଦୈବିକ'** ଅର୍ଥାତ୍ ଅତିବୃଷ୍ଟି, ଅନାବୃଷ୍ଟି, ଅତିଶୀତ, ଅତିଉଷ୍ଣ ଏବଂ ମନ ଓ ଇନ୍ଦ୍ରିୟାଦିର ଅଶାନ୍ତି ଯୋଗୁଁ ଯେଉଁ ଦୁଃଖ ପ୍ରାପ୍ତ ହୋଇଥାଏ । ଏ ତିନି ପ୍ରକାର କ୍ଲେଶରୁ ଆପଣ ଆମକୁ ଦୂରେଇ ରଖି କଲ୍ୟାଣକାରକ କର୍ମରେ ସର୍ବଦା ପ୍ରବୃତ୍ତ ରଖନ୍ତୁ । କାରଣ ଆପଣ ହିଁ କଲ୍ୟାଣସ୍ୱରୂପ, ସମଗ୍ର ସଂସାରର କଲ୍ୟାଣକାରୀ ଓ ଧାର୍ମିକ ମୁମୁକ୍ଷୁଙ୍କୁ କଲ୍ୟାଣଦାତା ଅଟନ୍ତି । ଅତଏବ ଆପଣ ସ୍ୱକୀୟ କରୁଣାରେ ସମସ୍ତ ଜୀବଙ୍କ ହୃଦୟରେ ସ୍ୱୟଂ ପ୍ରକାଶିତ ହୁଅନ୍ତୁ ଯଦ୍ୱାରା କି ସକଳ ଜୀବ ଅଧର୍ମ ତ୍ୟାଗ ଓ ଧର୍ମର ଆଚରଣ କରି ପରମାନନ୍ଦ ପ୍ରାପ୍ତ କରନ୍ତୁ ଓ ଦୁଃଖରୁ ଦୂରରେ ରହନ୍ତୁ ।

'ସୂର୍ଯ୍ୟ ଆତ୍ମା ଜଗତସ୍ତସ୍ଥୁଷଶ୍ଚ' । (ଯଜୁଃ. ୭:୪୨) — ଯଜୁର୍ବେଦର ଏହି ମନ୍ତ୍ରାଂଶ ଅନୁସାରେ ଯେଉଁ **'ଜଗତ୍'** ଅର୍ଥାତ୍ ପ୍ରାଣୀ, ଚେତନ ଓ ଜଂଗମ ଅର୍ଥାତ୍ ଚର, ଗତି କରୁଥିବା ସତ୍ତା ଏବଂ **'ତସ୍ଥୁଷଃ'** ଅର୍ଥାତ୍ ଅପ୍ରାଣୀ, ସ୍ଥାବର, ଜଡ଼ ଅର୍ଥାତ୍ ପୃଥିବୀ ଆଦି ରହିଛି, ସେସବୁର ଆତ୍ମା ହୋଇଥିବାରୁ ତଥା ସ୍ୱପ୍ରକାଶରୂପ ହୋଇ ସମସ୍ତଙ୍କୁ ପ୍ରକାଶିତ କରୁଥିବାରୁ ପରମେଶ୍ୱରଙ୍କ ନାମ **'ସୂର୍ଯ୍ୟ'** ।

'ଅତ ସାତତ୍ୟଗମନେ' ଧାତୁରୁ **'ଆତ୍ମା'** ଶବ୍ଦ ନିଷ୍ପନ୍ନ । **'ଯୋଽତତି ବ୍ୟାପ୍ନୋତି ସ ଆତ୍ମା'** — ଯିଏ ଜୀବାଦି ସକଳ ଚରାଚର ଜଗତରେ ନିରନ୍ତର ବ୍ୟାପକ ହୋଇ ଅଛନ୍ତି, ସେ **'ଆତ୍ମା'** । **'ପରଶ୍ଚାସାବାତ୍ମା ଚ, ୟ ଆତ୍ମଭ୍ୟୋ ଜୀବେଭ୍ୟଃ ସୂକ୍ଷ୍ମେଭ୍ୟଃ ପରୋଽତିସୂକ୍ଷ୍ମଃ ସ ପରମାତ୍ମା'** — ଯିଏ ସମସ୍ତ ଜୀବ ଆଦିଙ୍କଠାରୁ ଉତ୍କୃଷ୍ଟ ଏବଂ ଜୀବ, ପ୍ରକୃତି ଓ ଆକାଶ ଠାରୁ ବି ସୂକ୍ଷ୍ମତମ ତଥା ସକଳ ଜୀବଙ୍କ ଅନ୍ତର୍ଯ୍ୟାମୀ ଆତ୍ମା, ଅତଏବ ସେହି ପରମେଶ୍ୱରଙ୍କ ନାମ **'ପରମାତ୍ମା'** ।

ସାମର୍ଥ୍ୟବାନଙ୍କ ନାମ 'ଈଶ୍ୱର' । **'ୟ ଈଶ୍ୱରେଷୁ ସମର୍ଥେଷୁ ପରମଃ ଶ୍ରେଷ୍ଠଃ ସ ପରମେଶ୍ୱରଃ'** — ଯିଏ ଈଶ୍ୱରଙ୍କ ଅର୍ଥାତ୍ ସାମର୍ଥ୍ୟବାନଙ୍କ ମଧ୍ୟରେ ପରମ ସମର୍ଥ, ଯାହାଙ୍କ ତୁଲ୍ୟ ଅନ୍ୟ କେହି ବି ନାହିଁ, ତାଙ୍କ ନାମ **'ପରମେଶ୍ୱର'** ।

'ଷୁଞ୍ ଅଭିଷବେ', 'ଷୂଙ୍ ପ୍ରାଣିଗର୍ଭବିମୋଚନେ' ଏ ଦୁଇ ଧାତୁରୁ **'ସବିତା'** ଶବ୍ଦ ସିଦ୍ଧ ହୁଏ । **'ଅଭିଷବଃ ପ୍ରାଣିଗର୍ଭବିମୋଚନଂ ଚୋତ୍ପାଦନମ୍ । ୟଶ୍ଚରାଚରଂ ଜଗତ୍ ସୁନୋତି ସୂତେ ବା- ଉତ୍ପାଦୟତି ସ ସବିତା ପରମେଶ୍ୱରଃ'** — ସକଳ ଚରାଚର ଜଗତକୁ ଉତ୍ପନ୍ନ କରୁଥିବାରୁ ପରମେଶ୍ୱରଙ୍କ ନାମ **'ସବିତା'** ।

'ଦିବୁ କ୍ରୀଡ଼ା-ବିଜିଗୀଷା-ବ୍ୟବହାର-ଦ୍ୟୁତି-ସ୍ତୁତି-ମୋଦ-ମଦ-ସ୍ୱପ୍ନ-କାନ୍ତି-ଗତିଷୁ' ଧାତୁରୁ **'ଦେବ'** ଶବ୍ଦ ଉତ୍ପନ୍ନ ହୁଏ । ଯିଏ **(କ୍ରୀଡ଼ା)** ସ୍ୱୟଂ ଶୁଦ୍ଧ ଜଗତ(ପ୍ରକୃତି)କୁ କ୍ରୀଡ଼ା କରାନ୍ତି, **(ବିଜିଗୀଷା)** ଧାର୍ମିକଙ୍କୁ ଜୟଯୁକ୍ତ କରିବା ଇଚ୍ଛାଯୁକ୍ତ, **(ବ୍ୟବହାର)** ସମସ୍ତଙ୍କୁ କର୍ମର ସାଧନ-ଉପସାଧନର ଦାତା, **(ଦ୍ୟୁତି)** ସ୍ୱୟଂ ପ୍ରକାଶସ୍ୱରୂପ, ସର୍ବପ୍ରକାଶକ, **(ସ୍ତୁତି)** ପ୍ରଶଂସନୀୟ, **(ମୋଦ)** ସ୍ୱୟଂ ଆନନ୍ଦସ୍ୱରୂପ ଓ ଅନ୍ୟମାନଙ୍କୁ ଆନନ୍ଦଦାତା, **(ମଦ)**ମଦୋନ୍ମତ୍ତଙ୍କୁ ତାଡ଼ନକାରୀ, **(ସ୍ୱପ୍ନ)** ସମସ୍ତଙ୍କ ଶୟନ ନିମିତ୍ତ ରାତ୍ରି ଓ ପ୍ରଳୟ ସମ୍ପାଦନକାରୀ, **(କାନ୍ତି)** କାମନା ଯୋଗ୍ୟ ଏବଂ **(ଗତି)** ଜ୍ଞାନସ୍ୱରୂପ, ସେହି ପରମେଶ୍ୱରଙ୍କ ନାମ **'ଦେବ'** ।

ଅଥବା **'ୟୋ ଦୀବ୍ୟତି କ୍ରୀଡ଼ତି ସ ଦେବଃ'** — ଯିଏ ସ୍ୱ ସ୍ୱରୂପରେ ସ୍ୱୟଂ ଆନନ୍ଦରେ କ୍ରୀଡ଼ା କରନ୍ତି ବା ଅନ୍ୟର ବିନା ସହାୟତାରେ କ୍ରୀଡ଼ାବତ୍ ସହଜ ସ୍ୱଭାବରେ ସକଳ ଜଗତକୁ ନିର୍ମାଣ କରନ୍ତି କିମ୍ବା ଯିଏ ସମସ୍ତ କ୍ରୀଡ଼ାର ଆଧାର, ସେ ଈଶ୍ୱର **'ଦେବ'** ଅଟନ୍ତି । **'ୟୋ ବିଜିଗୀଷତେ ସ ଦେବଃ'**— ଯିଏ ସମସ୍ତଙ୍କୁ ଜୟ କରନ୍ତି, କିନ୍ତୁ ସ୍ୱୟଂ ଅଜେୟ ଅଟନ୍ତି ଅର୍ଥାତ୍ ତାଙ୍କୁ କେହି ବି ଜିତି ପାରନ୍ତି ନାହିଁ ସେ ଈଶ୍ୱର **'ଦେବ'** ଅଟନ୍ତି । **'ୟୋ ବ୍ୟବହାରୟତି ସ ଦେବଃ'** — ଯିଏ ନ୍ୟାୟ ଓ ଅନ୍ୟାୟ ରୂପକ ବ୍ୟବହାରର ଜ୍ଞାତା ଓ ଉପଦେଷ୍ଟା, ସେ ଈଶ୍ୱର **'ଦେବ'** । **'ୟଶ୍ଚରାଚରଂ ଜଗତ୍ ଦ୍ୟୋତୟତି ସ ଦେବଃ'** — ଯିଏ ସମଗ୍ର ଚରାଚର ଜଗତକୁ ପ୍ରକାଶିତ କରନ୍ତି, ସେ **'ଦେବ'** । **'ୟଃ ସ୍ତୂୟତେ ସ ଦେବଃ'** — ଯିଏ ସମସ୍ତ ମନୁଷ୍ୟଙ୍କ ପ୍ରଶଂସାର ଯୋଗ୍ୟ, ନିନ୍ଦାର ଯୋଗ୍ୟ ନୁହନ୍ତି, ସେ **'ଦେବ'** । **'ୟୋ ମୋଦୟତି ସ ଦେବଃ'** — ଯିଏ ସ୍ୱୟଂ ଅନନ୍ଦସ୍ୱରୂପ ଓ ଅନ୍ୟଙ୍କୁ ଆନନ୍ଦିତ କରନ୍ତି, ଯାହାଙ୍କ ଠାରେ ଦୁଃଖର ଲବଲେଶ ନାହିଁ, ସେ **'ଦେବ'** । **'ୟୋ ମାଦ୍ୟତି ସ ଦେବଃ'** — ଯିଏ ସଦା ହର୍ଷିତ, ଶୋକରହିତ ଏବଂ ଅନ୍ୟମାନଙ୍କୁ ହର୍ଷିତ କରନ୍ତି ଓ ଦୁଃଖରୁ ଦୂରରେ ରଖନ୍ତି, ସେ ପରମେଶ୍ୱର **'ଦେବ'** ଅଟନ୍ତି । **'ୟଃ ସ୍ୱାପୟତି ସ ଦେବଃ'** — ଯିଏ ପ୍ରଳୟ ସମୟରେ ଅବ୍ୟକ୍ତରେ ସକଳ ଜୀବଙ୍କୁ ଶୁଆନ୍ତି, ସେ **'ଦେବ'** । **'ୟଃ କାମୟତେ କାମ୍ୟତେ ବା ସ ଦେବଃ'** — ଯାହାଙ୍କ ସକଳ

କାମନା ସତ୍ୟ ଏବଂ ସମସ୍ତ ସଜ୍ଜନ ଯାହାଙ୍କୁ ପାଇବାର କାମନା କରନ୍ତି, ସେ ଈଶ୍ୱର **'ଦେବ'** । **'ଯୋ ଗଚ୍ଛତି ଗମ୍ୟତେ ବା ସ ଦେବଃ'** — ଯିଏ ସର୍ବବ୍ୟାପକ ଓ ଜାଣିବାର ଯୋଗ୍ୟ, ଅତଏବ ସେହି ପରମେଶ୍ୱରଙ୍କ ନାମ **'ଦେବ'** ଅଟେ ।

'କୁବି ଆଚ୍ଛାଦନେ' ଧାତୁରୁ **'କୁବେର'** ଶବ୍ଦ ସିଦ୍ଧ ହୁଏ । **'ଯଃ ସର୍ବଂ କୁୟତି ସ୍ୱବ୍ୟାପ୍ତ୍ୟାଚ୍ଛାଦୟତି ସ କୁବେରୋ ଜଗଦୀଶ୍ୱରଃ'** — ଯିଏ ନିଜ ବିସ୍ତୃତିରେ ସମସ୍ତଙ୍କୁ ଆଚ୍ଛାଦିତ କରନ୍ତି, ତେଣୁ ସେ ପରମେଶ୍ୱରଙ୍କ ନାମ **'କୁବେର'** ।

'ପୃଥୁ ବିସ୍ତାରେ' ଧାତୁରୁ **'ପୃଥିବୀ'** ଶବ୍ଦ ସିଦ୍ଧ ହୁଏ । **'ଯଃ ପର୍ଥତି ସର୍ବଂ ଜଗଦ୍‌ବିସ୍ତୃଣାତି ତସ୍ମାତ୍ ସ ପୃଥିବୀ'** — ଯିଏ ସମଗ୍ର ବିସ୍ତୃତ ଜଗତକୁ ବିସ୍ତାର କରିଛନ୍ତି, ସେହି ଈଶ୍ୱରଙ୍କ ନାମ **'ପୃଥିବୀ'** ।

'ଜଲ ଘାତନେ' ଧାତୁରୁ **'ଜଳ'** ଶବ୍ଦ ସିଦ୍ଧ ହୁଏ । **'ଜଲତି ଘାତୟତି ଦୁଷ୍ଟାନ୍, ସଂଘାତୟତି-ଅବ୍ୟକ୍ତ-ପରମାଣ୍ୱାଦୀନ୍ ତଦ୍ ବ୍ରହ୍ମ ଜଲମ୍'** — ଯିଏ ଦୁଷ୍ଟଙ୍କୁ ତାଡ଼ନ କରନ୍ତି ଏବଂ ଅବ୍ୟକ୍ତ ତଥା ପରମାଣୁଗୁଡ଼ିକୁ ଅନ୍ୟୋଽନ୍ୟ ସଂଯୋଗ ଓ ବିଯୋଗ କରନ୍ତି, ସେହି ପରମାତ୍ମା **'ଜଳ'** ନାମଧାରୀ ଅଟନ୍ତି । **'ଯଦ୍ୱା ଯଜ୍ଜନୟତି ଲାତି ସକଲଂ ଜଗତ୍ ସୁଖଂ ବା ତଦ୍ ବ୍ରହ୍ମ ଜଲମ୍'** — ଅଥବା ଯିଏ ସକଳ ଜଗତର ଜନକ ଓ ସମସ୍ତ ସୁଖ ପ୍ରଦାତା, ସେହି ପରମେଶ୍ୱରଙ୍କ ନାମ **'ଜଳ'** ।

'କାଶୃ ଦୀପ୍ତୌ' ଧାତୁରୁ **'ଆକାଶ'** ଶବ୍ଦ ଉତ୍ପନ୍ନ ହୁଏ ।' **ଯଃ ସର୍ବତଃ ସର୍ବଂ ଜଗତ୍ ପ୍ରକାଶୟତି ସ ଆକାଶଃ'** — ଯିଏ ସବୁ ଦିଗରୁ ସକଳ ଜଗତକୁ ପ୍ରକାଶିତ କରନ୍ତି, ଏଣୁ ସେ ପରମାତ୍ମାଙ୍କ ନାମ **'ଆକାଶ'** ।

'ଅଦ୍ ଭକ୍ଷଣେ' ଧାତୁରୁ **'ଅନ୍ନ'** ଶବ୍ଦ ଗଠିତ ହୁଏ —

ଅଦ୍ୟତେଽତ୍ତି ଚ ଭୂତାନି ତସ୍ମାଦନ୍ନଂ ତଦୁଚ୍ୟତେ । (ତୈତ୍ତି. ୨:୨)

ଅହମନ୍ନମହମନ୍ନମହମନ୍ନମ୍ । ଅହମନ୍ନାଦୋଽହମନ୍ନଦୋଽହମନ୍ନାଦଃ ॥ (ତୈତ୍ତି. ୩:୧୦)

ଅତ୍ତା ଚରାଽଚରଗ୍ରହଣାତ୍ । (ବେଦାନ୍ତ. ୧:୨:୯)

ସମସ୍ତଙ୍କୁ ଭିତରେ ରଖିବା, ସମସ୍ତଙ୍କୁ ଗ୍ରହଣ କରିବା ଯୋଗ୍ୟ, ଚରାଚର ଜଗତର ଗ୍ରହଣକର୍ତ୍ତା ହୋଇଥିବା ହେତୁ ଈଶ୍ୱରଙ୍କ ନାମ **'ଅନ୍ନ'**, **'ଅନ୍ନାଦ'** ଓ **'ଅତ୍ତା'** । ଉପନିଷଦ ବାକ୍ୟରେ 'ଅନ୍ନ' ଓ 'ଅନ୍ନାଦ' ଯେଉଁ ତିନିଥର ଅଛି, ତାହା ଆଦର-ସମ୍ମାନ ଦୃଷ୍ଟିରୁ ଅଛି । ଡିମିରି ଫଳରେ ଯେପରି କୃମି ଉତ୍ପନ୍ନ ହୋଇ, ସେହିଥିରେ ରହନ୍ତି ଓ ଶେଷରେ ସେହିଠାରେ ନଷ୍ଟ ହୋଇଯାନ୍ତି, ସେହିପରି ପରମେଶ୍ୱରଙ୍କ ଭିତରେ ସମଗ୍ର ଜଗତ ଉତ୍ପନ୍ନ ହୋଇ ଅବସ୍ଥାନ କରେ ଓ ପ୍ରଳୟ ସମୟରେ ପୁଣି ନଷ୍ଟ ହୋଇଯାଏ ।

'ବସ ନିବାସେ' ଧାତୁରୁ **'ବସୁ'** ଶବ୍ଦ ସିଦ୍ଧ ହୋଇଛି । **'ବସନ୍ତି ଭୂତାନି ଯସ୍ମିନ୍, ଅଥବା ଯଃ ସର୍ବେଷୁ ଭୂତେଷୁ ବସତି ସ ବସୁରୀଶ୍ୱରଃ'** — ଆକାଶାଦି ସମସ୍ତ ଭୂତ ଯାହାଙ୍କ ମଧ୍ୟରେ ବାସ କରନ୍ତି ଏବଂ ଯିଏ ସମସ୍ତଙ୍କ ଭିତରେ ବାସ କରୁଛନ୍ତି, ସେହି ଈଶ୍ୱରଙ୍କ ନାମ **'ବସୁ'** ।

'ରୁଦିର୍ ଅଶ୍ରୁବିମୋଚନେ' ଧାତୁରେ **'ରୋଦେର୍ଣ୍ଣିଲୁକ୍ ଚ'** (ଉଣାଦି. ୨:୨୨) ସୂତ୍ର ଅନୁସାରେ **'ଣିଚ୍'** ଓ **'ରକ୍'** ପ୍ରତ୍ୟୟ ଯୋଗରେ **'ରୁଦ୍ର'** ଶବ୍ଦ ସିଦ୍ଧ ହୁଏ । **'ଯୋ ରୋଦୟତ୍ୟନ୍ୟାୟକାରିଣୋ ଜନାନ୍ ସ ରୁଦ୍ରଃ'** — ଯିଏ ଅନ୍ୟାୟକାରୀ, ପାପାଚରଣକାରୀଙ୍କୁ ରୋଦନ କରାନ୍ତି, ଅତଃ ସେହି ପରମେଶ୍ୱରଙ୍କ ନାମ **'ରୁଦ୍ର'** ।

ଯନ୍ମନସା ଧ୍ୟାୟତି ତଦ୍ୱାଚା ବଦତି, ଯଦ୍ୱାଚା ବଦତି ତତ୍ କର୍ମଣା କରୋତି, ଯତ୍ କର୍ମଣା କରୋତି ତଦଭିସମ୍ପଦ୍ୟତେ ॥ ତୁଳନା (ଶତପଥ. ୧୪:୬:୭:୭)

ମନୁଷ୍ୟ ମନରେ ଯାହା ଚିନ୍ତା କରେ, ତାହା ବାଣୀରେ କହେ; ବାଣୀରେ ଯାହା ପ୍ରକାଶ କରେ, ତାହା କାମରେ କରେ; କାର୍ଯ୍ୟରେ ଯାହା କରେ, ତାହା ହିଁ ପ୍ରାପ୍ତ କରେ । ଏଥିରୁ ନିଷ୍କର୍ଷ ବାହାରୁଛି ଯେ **ଜୀବ ଯେପରି କର୍ମ କରେ, ସେପରି ହିଁ ଫଳ ପାଏ ।** ପାପକର୍ମ କରିଥିବା ଜୀବମାନେ ଯେତେବେଳେ ଈଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ଦୁଃଖ ରୂପକ ଫଳ ପାଇଥାନ୍ତି, ସେତେବେଳେ କାନ୍ଦିଥାନ୍ତି । ଏହିଭଳି ଭାବେ ଈଶ୍ୱର ସେମାନଙ୍କୁ ରୋଦନ କରାଇଥାନ୍ତି । ଏଣୁ ଈଶ୍ୱରଙ୍କ ନାମ **'ରୁଦ୍ର'** ।

ଆପୋ ନାରା ଇତି ପ୍ରୋକ୍ତା ଆପୋ ବୈ ନରସୂନବଃ ।
ତା ଯଦସ୍ୟାୟନଂ ପୂର୍ବଂ ତେନ ନାରାୟଣଃ ସ୍ମୃତଃ ॥ (ମନୁ. ୧:୧୦)

'ଜଳ' ଓ 'ଜୀବ'ର ନାମ 'ନାରା' । ଏମାନେ ଅୟନ ଅର୍ଥାତ୍ ନିବାସସ୍ଥାନ ଅଟନ୍ତି ଯାହାର, ସେ 'ନାରାୟଣ' । ଅତଃ ଜୀବଗଣ ସେ ଈଶ୍ୱରଙ୍କ ନିବାସ ସ୍ଥାନ ହୋଇଥିବାରୁ ଅର୍ଥାତ୍ ସମସ୍ତ ଜୀବଙ୍କ ଭିତରେ ବ୍ୟାପକ ହୋଇଥିବାରୁ ପରମାତ୍ମାଙ୍କ ନାମ **'ନାରାୟଣ'** ।

'ଚଦି ଆହ୍ଲାଦେ' ଧାତୁରୁ **'ଚନ୍ଦ୍ର'** ଶବ୍ଦ ନିଷ୍ପନ୍ନ । **'ଯଶ୍ଚନ୍ଦତି ଚନ୍ଦୟତି ବା ସ ଚନ୍ଦ୍ରଃ'** — ଈଶ୍ୱର ଆନନ୍ଦସ୍ୱରୂପ ହୋଇଥିବାରୁ ଓ ସମସ୍ତଙ୍କୁ ଆନନ୍ଦ ଦେଉଥିବାରୁ ତାଙ୍କ ନାମ **'ଚନ୍ଦ୍ର'** ।

'ମଗି ଗତ୍ୟର୍ଥକ' ଧାତୁରୁ **'ମଙ୍ଗେରଲଚ୍'** (ଉଣାଦି. ୫:୭୦) ଏ ଉଣାଦି ସୂତ୍ର ଅନୁସାରେ **'ମଙ୍ଗଳ'** ଶବ୍ଦ ସିଦ୍ଧ ହୁଏ । **'ଯୋ ମଙ୍ଗତି ମଙ୍ଗୟତି ବା ସ ମଙ୍ଗଲଃ'** — ଯିଏ ନିଜେ ମଙ୍ଗଳସ୍ୱରୂପ ଓ ସକଳ ଜୀବଙ୍କ ମଙ୍ଗଳକର୍ତ୍ତା, ସେହି ପରମେଶ୍ୱରଙ୍କ ନାମ **'ମଙ୍ଗଳ'** ।

'ବୁଧ ଅବଗମନେ' ଧାତୁରୁ **'ବୁଧ'** ଶବ୍ଦ ସିଦ୍ଧ ହୁଏ । **'ଯୋ ବୁଧ୍ୟତେ ବୋଧୟତି ବା ସ ବୁଧଃ'** — ଯିଏ ନିଜେ ବୋଧ ବା ଜ୍ଞାନସ୍ୱରୂପ ଏବଂ ଜୀବଙ୍କ ବୋଧ ବା ଜ୍ଞାନପ୍ରାପ୍ତିର କାରଣ, ସେହି ପରମେଶ୍ୱରଙ୍କ ନାମ **'ବୁଧ'** । **'ବୃହସ୍ପତି'** ଶବ୍ଦର ଅର୍ଥ ପୂର୍ବରୁ କରିଦିଆଯାଇଛି ।

'ଈଶୁଚିର୍ ପୂତୀଭାବେ' ଧାତୁରୁ **'ଶୁକ୍ର'** ଶବ୍ଦ ସିଦ୍ଧ ହୋଇଛି । **'ଯଃ ଶୁଚ୍ୟତି ଶୋଚୟତି ବା ସ ଶୁକ୍ରଃ'** — ଯିଏ ଅତ୍ୟନ୍ତ ପବିତ୍ର ତଥା ଯାହାଙ୍କ ସଙ୍ଗ ଲାଭ କରି ଜୀବ ବି ପବିତ୍ର ହୋଇଯାଏ, ସେହି ଈଶ୍ୱରଙ୍କ ନାମ **'ଶୁକ୍ର'** ।

'ଚର ଗତିଭକ୍ଷଣୟୋଃ' ଧାତୁରେ **'ଶନୈସ୍'** ଅବ୍ୟୟ ଉପପଦ ଯୁକ୍ତ ହୋଇ **'ଶନୈଶ୍ଚର'** ଶବ୍ଦ ସିଦ୍ଧ ହୋଇଛି । **'ଯଃ ଶନୈଶ୍ଚରତି ସ ଶନୈଶ୍ଚରଃ'** — ଯିଏ ସକଳ ବସ୍ତୁରେ ସହଜରେ ପ୍ରାପ୍ତ ଏବଂ ଧୈର୍ଯ୍ୟଶାଳୀ ଅଟନ୍ତି, ସେହି ପରମେଶ୍ୱରଙ୍କ ନାମ **'ଶନୈଶ୍ଚର'** ।

'ରହ ତ୍ୟାଗେ' ଧାତୁରୁ **'ରାହୁ'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ରହତି ପରିତ୍ୟଜତି ଦୁଷ୍ଟାନ୍, ରାହୟତି ତ୍ୟାଜୟତି ବା ସ ରାହୁରୀଶ୍ୱରଃ'** — ଯିଏ ଏକାନ୍ତସ୍ୱରୂପ, ଯାହାଙ୍କ ସ୍ୱରୂପରେ ଅନ୍ୟ କୌଣସି ପଦାର୍ଥ ସଂଯୁକ୍ତ ବା ମିଶ୍ରିତ ନୁହେଁ, ଯିଏ ଦୁଷ୍ଟଙ୍କୁ ତ୍ୟାଗ କରନ୍ତି ଏବଂ ଅନ୍ୟକୁ ଦୁଷ୍ଟଙ୍କ ଦାଉରୁ ରକ୍ଷା କରନ୍ତି, ସେ ପରମେଶ୍ୱରଙ୍କ ନାମ **'ରାହୁ'** ।

'କିତ ନିବାସେ ରୋଗାପନୟନେ ଚ' ଧାତୁରୁ **'କେତୁ'** ଶବ୍ଦ ସିଦ୍ଧ ହୁଏ । **'ୟଃ କେତୟତି ଚିକତ୍ସତି ବା ସ କେତୁରୀଶ୍ୱରଃ'** — ଯିଏ ସକଳ ଜଗତର ନିବାସ ସ୍ଥାନ, ସମସ୍ତ ରୋଗରୁ ରହିତ ଏବଂ ମୁମୁକ୍ଷୁଙ୍କୁ ମୁକ୍ତି ସମୟରେ ସକଳ ରୋଗରୁ ମୁକ୍ତ ରଖନ୍ତି, ସେହି ପରମାତ୍ମାଙ୍କ ନାମ **'କେତୁ'** ।

'ୟଜ ଦେବପୂଜାସଙ୍ଗତିକରଣଦାନେଷୁ' ଧାତୁରୁ **'ଯଜ୍ଞ'** ଶବ୍ଦ ସିଦ୍ଧ ହୁଏ । **'ୟଜ୍ଞୋ ବୈ ବିଷ୍ଣୁଃ'** (ଶତ. ୧:୧:୨:୧୩, ଗୋପଥ. ଉତ୍ତର. ୪:୬) । **'ୟୋ ୟଜତି ବିଦ୍ୱଦ୍‌ଭିରିଜ୍ୟତେ ବା ସ ୟଜ୍ଞଃ'** — ଯିଏ ସକଳ ଜଗତର ପଦାର୍ଥସମୂହକୁ ସଂଯୁକ୍ତ କରନ୍ତି ଏବଂ ସମସ୍ତ ବିଦ୍ୱାନଙ୍କ ପୂଜ୍ୟ, ବ୍ରହ୍ମାଙ୍କଠାରୁ ଆରମ୍ଭ କରି ପରବର୍ତ୍ତୀ ସର୍ବ ଋଷି-ମୁନିଙ୍କ ପୂଜ୍ୟ ଥିଲେ, ଅଛନ୍ତି ଓ ରହିବେ, ସେହି ପରମାତ୍ମାଙ୍କ ନାମ **'ଯଜ୍ଞ'** । ପରମାତ୍ମାଙ୍କ ନାମ **'ଯଜ୍ଞ'**, ଯେହେତୁକି ସେ ସର୍ବତ୍ର ବ୍ୟାପକ ।

'ହୁ ଦାନାଽଦନୟୋଃ, ଆଦାନେ ଚେତ୍ୟେକେ' ଧାତୁରୁ **'ହୋତା'** ଶବ୍ଦ ନିଷ୍ପନ୍ନ । **'ୟୋ ଜୁହୋତି ସ ହୋତା'** — ଯିଏ ସକଳ ଜୀବଙ୍କୁ ଦାନଯୋଗ୍ୟ ପଦାର୍ଥଗୁଡ଼ିକ ଦିଅନ୍ତି ଏବଂ ଗ୍ରହଣଯୋଗ୍ୟ ପଦାର୍ଥ ଜୀବଙ୍କଠାରୁ ଗ୍ରହଣ କରନ୍ତି, ସେହି ଈଶ୍ୱରଙ୍କ ନାମ **'ହୋତା'** ।

'ବନ୍ଧ ବନ୍ଧନେ' ଧାତୁରୁ **'ବନ୍ଧୁ'** ଶବ୍ଦ ଉତ୍ପନ୍ନ ହୋଇଛି । **'ୟଃ ସ୍ୱସ୍ମିନ୍ ଚରାଚରଂ ଜଗଦ୍ ବଧ୍ନାତି, ବନ୍ଧୁବଦ୍ ଧର୍ମାତ୍ମନାଂ ସୁଖାୟ ସହାୟ ବା ବର୍ତ୍ତତେ ସ ବନ୍ଧୁଃ'** — ଯିଏ ନିଜ ଭିତରେ ସକଳ ଲୋକଲୋକାନ୍ତରକୁ ନିୟମରେ ବାନ୍ଧି ରଖିଛନ୍ତି, ଯେପରିକି କୌଣସି ଲୋକ-ଲୋକାନ୍ତର ନିଜର ପରିଧି ବା ନିୟମକୁ ଲଂଘନ କରିପାରିବେ ନାହିଁ; ଏବଂ ଭାଇ ଭାଇର ସହାୟକ ହେଲା ଭଳି ଯିଏ ସହୋଦର ସମ ସମସ୍ତଙ୍କ ସହାୟକ, ପୃଥିବୀ ଆଦି ଲୋକକୁ ଧାରଣ, ରକ୍ଷଣ କରୁଥିବା ଓ ସୁଖ ପ୍ରଦାନ କରୁଥିବା ସେ ଈଶ୍ୱର **'ବନ୍ଧୁ'** ସଂଜ୍ଞକ ଅଟନ୍ତି ।

'ପା ରକ୍ଷଣେ' ଧାତୁରୁ **'ପିତା'** ଶବ୍ଦର ଉତ୍ପତ୍ତି । **'ୟଃ ପାତି ସର୍ବାନ୍ ସ ପିତା'** — ସମସ୍ତଙ୍କ ରକ୍ଷକ ହୋଇଥିବାରୁ ତଥା ପିତା ଯେପରି ସନ୍ତାନଙ୍କ ଉପରେ ସଦା ଦୟାଳୁ ହୋଇ ସେମାନଙ୍କ ଉନ୍ନତି କାମନା କରନ୍ତି, ପରମେଶ୍ୱର ସେହିପରି ସର୍ବ ଜୀବଙ୍କ ଉନ୍ନତି ଚାହୁଁଥିବାରୁ ଈଶ୍ୱରଙ୍କ ନାମ **'ପିତା'** ଅଟେ ।

'ୟଃ ପିତୃଣାଂ ପିତା ସ ପିତାମହଃ' — ପରମେଶ୍ୱର ଆମ ପିତାଙ୍କର ବି ପିତା ହୋଇଥିବାରୁ ତାଙ୍କ ନାମ **'ପିତାମହ'** ।

'ୟଃ ପିତାମହାନାଂ ପିତା ସ ପ୍ରପିତାମହଃ' — ଯିଏ ପିତାଙ୍କ ପିତୃଗଣଙ୍କର ବି ପିତା, ସେହି ଈଶ୍ୱରଙ୍କ ନାମ **'ପ୍ରପିତାମହ'** ।

'ମାଙ୍ ମାନେ ଶବ୍ଦେ ଚ' ଧାତୁରୁ **'ମାତା'** ଶବ୍ଦ ନିର୍ମାଣ ହୁଏ । **'ୟୋ ମିମୀତେ ମାନୟତି ସର୍ବାଞ୍ଜୀବାନ୍ ସ ମାତା'** — ଜନନୀ ଯେପରି କୃପାମୟୀ ହୋଇ ସନ୍ତାନଙ୍କ ସୁଖ ଓ ଉନ୍ନତି ନିମନ୍ତେ ପ୍ରଯତ୍ନ କରେ, ପରମେଶ୍ୱର ମଧ୍ୟ ସେହିପରି ସକଳ ଜୀବଙ୍କ ଉନ୍ନତିରେ ସତତ ସଂଲଗ୍ନ ଥିବାରୁ ତାଙ୍କ ନାମ **'ମାତା'** ।

'ଆଙ୍' ପୂର୍ବକ **'ଚର ଗତିଭକ୍ଷଣୟୋଃ'** ଧାତୁରୁ **'ଆଚାର୍ଯ୍ୟ'** ଶବ୍ଦ ସିଦ୍ଧ ହୁଏ । **'ୟ ଆଚାରଂ ଗ୍ରାହୟତି, ସର୍ବା ବିଦ୍ୟା ବୋଧୟତି ସ ଆଚାର୍ୟ ଈଶ୍ୱରଃ'** — ଯିଏ ସତ୍ୟ ଆଚାର ଗ୍ରହଣ କରାନ୍ତି ଏବଂ ସକଳ ବିଦ୍ୟା ପ୍ରାପ୍ତିର କାରଣ ହୋଇ ସମସ୍ତ ବିଦ୍ୟା ପ୍ରାପ୍ତ କରାନ୍ତି, ସେହି ଈଶ୍ୱରଙ୍କ ନାମ **'ଆଚାର୍ଯ୍ୟ'** ।

'ଗୃ ଶବ୍ଦେ' ଧାତୁରୁ **'ଗୁରୁ'** ଶବ୍ଦର ଉତ୍ପତ୍ତି । **'ଯୋ ଧର୍ମ୍ୟାନ୍ ଶବ୍ଦାନ୍ ଗୃଣାତ୍ୟୁପଦିଶତି ସ ଗୁରୁଃ'** ।

ସ ଏଷ ପୂର୍ବେଷାମପି ଗୁରୁଃ କାଲେନାନବଚ୍ଛେଦାତ୍ । (ଯୋଗ. ୧:୨୬)

ଯିଏ ସତ୍ୟଧର୍ମ ପ୍ରତିପାଦକ, ସକଳ ବିଦ୍ୟାଯୁକ୍ତ ବେଦର ଉପଦେଶ କରନ୍ତି; ଯିଏକି ସୃଷ୍ଟି ପ୍ରାରମ୍ଭରେ ଅଗ୍ନି, ବାୟୁ, ଆଦିତ୍ୟ, ଅଙ୍ଗିରା ତଥା ବ୍ରହ୍ମା ଆଦି ଗୁରୁଙ୍କର ବି ଗୁରୁ ଏବଂ ଯାହାଙ୍କ ବିନାଶ କେବେ ବି ହୁଏ ନାହିଁ, ସେହି ଈଶ୍ୱରଙ୍କ ନାମ **'ଗୁରୁ'** ।

'ଅଜ ଗତିକ୍ଷେପଣୟୋଃ' ଓ **'ଜନୀ ପ୍ରାଦୁର୍ଭାବେ'** ଧାତୁରୁ **'ଅଜ'** ଶବ୍ଦ ତିଆରି ହୁଏ । **'ଯୋଽଜତି ସୃଷ୍ଟିଂ ପ୍ରତି ସର୍ବାନ୍ ପ୍ରକୃତ୍ୟାଦୀନ୍ ପଦାର୍ଥାନ୍ ପ୍ରକ୍ଷିପତି, ଜନୟତି, କଦାଚିନ୍ନ ଜାୟତେ ସୋଽଜଃ'** — ଯିଏ ପ୍ରକୃତିର ସକଳ ଅବୟବ ଆକାଶାଦି ଭୂତର ପରମାଣୁଗୁଡ଼ିକୁ ଯଥାଯଥ ଭାବେ ମିଶାନ୍ତି, ଶରୀର ସହ ଜୀବାତ୍ମାର ସଂଯୋଗ କରି ପ୍ରାଣୀମାନଙ୍କୁ ଜନ୍ମ ଦିଅନ୍ତି, କିନ୍ତୁ ନିଜେ କେବେ ବି ଜନ୍ମଗ୍ରହଣ କରନ୍ତି ନାହିଁ, ତେଣୁ ସେ ଈଶ୍ୱରଙ୍କ ନାମ **'ଅଜ'** ।

'ବୃହ ବୃହି ବୃଦ୍ଧୌ' ଏ ଧାତୁରୁ **'ବ୍ରହ୍ମା'** ଶବ୍ଦ ସିଦ୍ଧ ହୁଏ । **'ଯୋଽଖିଲଂ ଜଗନ୍ନିର୍ମାଣେନ ବର୍ହତି ବୃହଂତି ବର୍ଦ୍ଧୟତି ସ ବ୍ରହ୍ମା'** — ଯିଏ ସମଗ୍ର ଜଗତକୁ ନିର୍ମାଣ କରି ବଢ଼ାନ୍ତି, ସେହି ଈଶ୍ୱରଙ୍କ ନାମ **'ବ୍ରହ୍ମା'** ।

ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ । (ତୈତ୍ତି. ୨:୧)

'ସନ୍ତୀତି ସନ୍ତଃ, ତେଷୁ ସତ୍ସୁ ସାଧୁ ତତ୍ସତ୍ୟମ୍ । ଯଜ୍ଜାନାତି ଚରାଽଚରଂ ଜଗତ୍ ତଜ୍ଜ୍ଞାନମ୍ । ନ ବିଦ୍ୟତେଽନ୍ତୋଽବଧିର୍ମର୍ୟାଦା ଯସ୍ୟ ତଦନନ୍ତମ୍ । ସର୍ବେଭ୍ୟୋ ବୃହତ୍ତ୍ୱାଦ୍ ବ୍ରହ୍ମ' — ଯେଉଁ ପଦାର୍ଥ ବିଦ୍ୟମାନ ଥାଏ, ତାକୁ 'ସତ୍' କହନ୍ତି । ଏସବୁ ବିଦ୍ୟମାନ ସତ୍ତା ଭିତରେ ଶ୍ରେଷ୍ଠ ହୋଇଥିବାରୁ ପରମେଶ୍ୱରଙ୍କ ନାମ **'ସତ୍ୟ'** । ଯେହେତୁ ଈଶ୍ୱର ସମଗ୍ର ଚରାଚର ଜଗତକୁ ଜାଣନ୍ତି, ଏଣୁ ପରମେଶ୍ୱରଙ୍କ ନାମ **'ଜ୍ଞାନ'** । ଯାହାର ଅନ୍ତ, ଅବଧି, ମର୍ଯ୍ୟାଦା ଅର୍ଥାତ୍ ଏତିକି ଲମ୍ବା, ଏତିକି ଚଉଡ଼ା, ଛୋଟ-ବଡ଼ ଏପରି ପରିମାଣ ନାହିଁ, ତାହା ଅନନ୍ତ । ଈଶ୍ୱରଙ୍କର ଅନ୍ତ ନାହିଁ, ଏଣୁ ପରମେଶ୍ୱରଙ୍କ ନାମ **'ଅନନ୍ତ'** । ସବୁଠୁ ବଡ଼ ହୋଇଥିବାରୁ ଈଶ୍ୱରଙ୍କ ନାମ **'ବ୍ରହ୍ମ'** । ଅତଏବ ଏହିପରି ଭାବେ ଈଶ୍ୱରଙ୍କ ନାମ **'ସତ୍ୟ, ଜ୍ଞାନ, ଅନନ୍ତ ଓ ବ୍ରହ୍ମ'** ଅଟେ ।

'ଆଙ୍' ପୂର୍ବକ **'ଡୁଦାଞ୍ ଦାନେ'** ଧାତୁରୁ **'ଆଦି'** ଶବ୍ଦ ଉତ୍ପନ୍ନ ହୁଏ । **'ଆଦି'** ଶବ୍ଦ ପୂର୍ବରୁ **'ନଞ୍'** ଯୋଗ ହେଲେ **'ଅନାଦି'** ଶବ୍ଦ ସିଦ୍ଧ ହୁଏ । **'ଯସ୍ମାତ୍ ପୂର୍ବଂ ନାସ୍ତି ପରଂ ଚାସ୍ତି ସ ଆଦିରିତ୍ୟୁଚ୍ୟତେ । ନ ବିଦ୍ୟତେ ଆଦିଃ କାରଣଂ ଯସ୍ୟ ସୋଽନାଦିରୀଶ୍ୱରଃ'** — ଯାହା ପୂର୍ବରୁ କିଛି ନ ଥାଏ ଓ ପରେ ଥାଏ, ତାହାକୁ 'ଆଦି' କହନ୍ତି । ଯାହାଙ୍କ ଆଦି କାରଣ କେହି ନାହିଁ, ଏଣୁ ସେ ଈଶ୍ୱରଙ୍କ ନାମ **'ଅନାଦି'** ।

'ଅସ ଭୁବି' ଧାତୁରୁ **'ସତ୍'** ଶବ୍ଦ ସିଦ୍ଧ ହୁଏ । **'ଯଦସ୍ତି, ତ୍ରିଷୁ କାଲେଷୁ ନ ବାଧ୍ୟତେ ତତ୍ ସଦ୍ ବ୍ରହ୍ମ'** — ଯିଏ ସର୍ବଦା ବିଦ୍ୟମାନ; ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏ ତ୍ରିକାଳରେ ଯିଏ ବାଧିତ ନୁହନ୍ତି, ସେହି ପରମେଶ୍ୱରଙ୍କୁ **'ସତ୍'** କୁହାଯାଏ ।

'ଚିତୀ ସଂଜ୍ଞାନେ' ଧାତୁରୁ **'ଚିତ୍'** ଶବ୍ଦ ସିଦ୍ଧ ହୁଏ । **'ଯଶ୍ଚେତତି ଚେତୟତି ସଂଜ୍ଞାପୟତି ସର୍ବାନ୍ ସଜ୍ଜନାନ୍ ଯୋଗିନସ୍ତଚ୍ଚିତ୍ ପରଂ ବ୍ରହ୍ମ'** — ଯିଏ ଚେତନସ୍ୱରୂପ ଅଟନ୍ତି ଏବଂ ସକଳ ସଜ୍ଜନ ଓ ଯୋଗୀଙ୍କୁ ଚେତାନ୍ତି, ସତ୍ୟ-ଅସତ୍ୟର ବୋଧ କରାନ୍ତି, ସେହି ପରମାତ୍ମାଙ୍କ ନାମ **'ଚିତ୍'** ।

'ଆଙ୍' ପୂର୍ବକ **'ଟୁନଦି ସମୃଦ୍ଧୌ'** ଧାତୁରୁ **'ଆନନ୍ଦ'** ଶବ୍ଦ ସିଦ୍ଧ ହୁଏ । **'ଆନନ୍ଦନ୍ତି ସର୍ବେ ମୁକ୍ତା ଯସ୍ମିନ୍, ଯଦ୍ୱା ୟଃ ସର୍ବାନ୍ ଜୀବାନାନନ୍ଦୟତି ସ ଆନନ୍ଦଃ'** — ଯିଏ ସ୍ୱୟଂ ଆନନ୍ଦସ୍ୱରୂପ ଅଟନ୍ତି, ଯାହାଙ୍କଠାରେ ସମସ୍ତ ମୁକ୍ତ ଜୀବ ଆନନ୍ଦ ପ୍ରାପ୍ତ କରନ୍ତି ଏବଂ ଯିଏ ସକଳ ଧର୍ମାତ୍ମାଙ୍କୁ ଆନନ୍ଦିତ କରନ୍ତି , ସେ ଈଶ୍ୱରଙ୍କ ନାମ **'ଆନନ୍ଦ'** ।

'ସତ୍', 'ଚିତ୍' ଓ 'ଆନନ୍ଦ' ଏ ତିନୋଟି ଶବ୍ଦର ବିଶେଷଣ ହୋଇଥିବାରୁ ପରମେଶ୍ୱରଙ୍କୁ **'ସଚ୍ଚିଦାନନ୍ଦସ୍ୱରୂପ'** କୁହାଯାଏ ।

'ୟୋ ଧ୍ରୁବୋଽଚଲୋଽବିନାଶୀ ସ ନିତ୍ୟଃ' — ନିଶ୍ଚଳ, ଅବିନାଶୀ ହୋଇଥିବାରୁ ଈଶ୍ୱରଙ୍କ ନାମ **'ନିତ୍ୟ'** ।

'ଶୁନ୍ଧ ଶୁଦ୍ଧୌ' ଧାତୁରୁ **'ଶୁଦ୍ଧ'** ଶବ୍ଦ ନିଷ୍ପନ୍ନ । **'ୟଃ ଶୁନ୍ଧତି ସର୍ବାନ୍ ଶୋଧୟତି ବା ସ ଶୁଦ୍ଧ ଈଶ୍ୱରଃ'** — ଯିଏ ନିଜେ ପବିତ୍ର, ସବୁ ଅଶୁଦ୍ଧିରୁ ରହିତ ଏବଂ ସବୁ ପଦାର୍ଥକୁ ଶୁଦ୍ଧ କରନ୍ତି, ସେହି ଈଶ୍ୱରଙ୍କ ନାମ **'ଶୁଦ୍ଧ'** ।

'ବୁଧ ଅବଗମନେ' ଧାତୁରେ **'କ୍ତ'** ପ୍ରତ୍ୟୟ ଯୋଗ ହେଲେ **'ବୁଦ୍ଧ'** ଶବ୍ଦ ଉତ୍ପନ୍ନ ହୁଏ । **'ୟୋ ବୁଦ୍ଧବାନ୍ ସଦୈବ ଜ୍ଞାତାଽସ୍ତି ସ ବୁଦ୍ଧୋ ଜଗଦୀଶ୍ୱରଃ'** — ଯିଏ ସର୍ବଦା ସମସ୍ତଙ୍କୁ ଜାଣନ୍ତି, ସେହି ଈଶ୍ୱରଙ୍କ ନାମ **'ବୁଦ୍ଧ'** ।

'ମୁଚ୍ଲୃ ମୋଚନେ' ଧାତୁରୁ **'ମୁକ୍ତ'** ଶବ୍ଦ ନିଷ୍ପନ୍ନ । **'ୟୋ ମୁଞ୍ଚତି ମୋଚୟତି ବା ମୁମୁକ୍ଷୂନ୍ ସ ମୁକ୍ତୋ ଜଗଦୀଶ୍ୱରଃ'** — ଯିଏ ସର୍ବଦା ସକଳ ଅପବିତ୍ରତାରୁ ରହିତ ଅଟନ୍ତି ଏବଂ ସକଳ ମୁମୁକ୍ଷୁଙ୍କୁ କ୍ଳେଶରୁ ମୁକ୍ତ କରିଦିଅନ୍ତି, ସେହି ପରମାତ୍ମାଙ୍କ ନାମ **'ମୁକ୍ତ'** ।

'ଅତ ଏବ ନିତ୍ୟଶୁଦ୍ଧବୁଦ୍ଧମୁକ୍ତସ୍ୱଭାବୋ ଜଗଦୀଶ୍ୱରଃ' — ଅତଏବ ପରମେଶ୍ୱରଙ୍କ ସ୍ୱଭାବ ନିତ୍ୟ, ଶୁଦ୍ଧ, ବୁଦ୍ଧ ଓ ମୁକ୍ତ ।

'ନିର୍' ଓ **'ଆଙ୍'** ପୂର୍ବକ **'ଡୁକୃଞ୍ କରଣେ'** ଧାତୁରୁ **'ନିରାକାର'** ଶବ୍ଦ ସିଦ୍ଧ ହୁଏ । **'ନିର୍ଗତ ଆକାରାତ୍ ସ ନିରାକାରଃ'** — ଯାହାଙ୍କର କୌଣସି ଆକାର ନାହିଁ କି ଯିଏ କଦାପି ଶରୀର ଧାରଣ କରନ୍ତି ନାହିଁ, ସେହି ପରମେଶ୍ୱରଙ୍କ ନାମ **'ନିରାକାର'** ।

'ଅଂଜୂ ବ୍ୟକ୍ତିମ୍ରକ୍ଷଣକାନ୍ତିଗତିଷୁ'ଧାତୁରୁ **'ଅଞ୍ଜନ'** ଶବ୍ଦ ଗଠିତ । ତା' ପୂର୍ବରୁ **'ନିର୍'** ଉପସର୍ଗ ଯୁକ୍ତ ହେଲେ **'ନିରଞ୍ଜନ'** ଶବ୍ଦ ସିଦ୍ଧ ହୁଏ । **'ଅଞ୍ଜନଂ ବ୍ୟକ୍ତିର୍ମ୍ରକ୍ଷଣଂ କୁକାମନାଭିଃ-ଇନ୍ଦ୍ରିୟୈଃ ପ୍ରାପ୍ତିଶ୍ଚେତ୍ୟସ୍ମାଦ୍ ୟୋ ନିର୍ଗତଃ ପୃଥଗ୍ଭୂତଃ ସ ନିରଞ୍ଜନଃ'** — ଯିଏ ବ୍ୟକ୍ତି ଅର୍ଥାତ୍ ଆକୃତି, ମ୍ରକ୍ଷାଚାର(ପାଖଣ୍ଡ ବା ଛଳ-କପଟଯୁକ୍ତ ଆଚରଣ), ଦୁଷ୍ଟକାମନା ଏବଂ ଇନ୍ଦ୍ରିୟଗୁଡ଼ିକର ବିଷୟସମୂହ(ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ)ରୁ ପୃଥକ୍, ସେହି ଈଶ୍ୱରଙ୍କ ନାମ **'ନିରଞ୍ଜନ'** ।

'ଗଣ ସଂଖ୍ୟାନେ' ଧାତୁରୁ **'ଗଣ'** ଶବ୍ଦ ସିଦ୍ଧ ହୁଏ । ଏହା ସହ **'ଈଶ'** ଓ **'ପତି'** ଶବ୍ଦ ଯୋଡ଼ିଲେ ଯଥାକ୍ରମେ **'ଗଣେଶ'** ଏବଂ **'ଗଣପତି'** ଶବ୍ଦ ଉତ୍ପନ୍ନ ହୁଏ । **'ୟେ ପ୍ରକୃତ୍ୟାଦୟୋ ଜଡ଼ା ଜୀବାଶ୍ଚ ଗଣ୍ୟନ୍ତେ ସଂଖ୍ୟାୟନ୍ତେ, ତେଷାମୀଶଃ ସ୍ୱାମୀ ପତିଃ ପାଲକୋ ବା ସ ଗଣେଶୋ ଗଣପତିର୍ବା'** —

ପ୍ରକୃତି ଆଦି ଜଡ଼ ପଦାର୍ଥ ଓ ସକଳ ଜୀବଗଣଙ୍କର ଯିଏ ସ୍ୱାମୀ ବା ପାଳନକର୍ତ୍ତା ଅଟନ୍ତି, ସେହି ଈଶ୍ୱରଙ୍କ ନାମ **'ଗଣେଶ'** ବା **'ଗଣପତି'** ଅଟେ ।

'ୟୋ ବିଶ୍ୱମୀଷ୍ଟେ ସ ବିଶ୍ୱେଶ୍ୱରଃ' — ଯିଏ ବିଶ୍ୱବ୍ରହ୍ମାଣ୍ଡର ଅଧିଷ୍ଠାତା, ସେ ଈଶ୍ୱରଙ୍କ ନାମ **'ବିଶ୍ୱେଶ୍ୱର'** ।

'ୟଃ କୂଟେଽନେକବିଧବ୍ୟବହାରେ ସ୍ୱସ୍ୱରୂପେଣୈବ ତିଷ୍ଠତି ସ କୂଟସ୍ଥଃ ପରମେଶ୍ୱରଃ'— ଯିଏ ସକଳ ବ୍ୟବହାରରେ ପରିବ୍ୟାପ୍ତ ଏବଂ ସମସ୍ତ ବ୍ୟବହାରର ଆଧାର ହୋଇ ସୁଦ୍ଧା କେଉଁଥିରେ ବି ସ୍ୱ ସ୍ୱରୂପକୁ ପରିବର୍ତ୍ତନ କରନ୍ତି ନାହିଁ, ଅତଃ ସେହି ଈଶ୍ୱରଙ୍କ ନାମ **'କୂଟସ୍ଥ'** ।

'ଦେବ' ଶବ୍ଦର ଯାହା-ଯାହା ଅର୍ଥ ଲେଖାଯାଇଛି, **'ଦେବୀ'** ଶବ୍ଦର ଅର୍ଥ ବି ତାହା । ପୁଂଲିଙ୍ଗରେ 'ଦେବ' ଶବ୍ଦ ହେଉଥିବା ବେଳେ ସ୍ତ୍ରୀଲିଙ୍ଗରେ 'ଦେବୀ' ଶବ୍ଦ ହୁଏ । ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଲୀବଲିଙ୍ଗ ଏ ତିନୋଟି ଯାକ ଲିଙ୍ଗରେ ପରମେଶ୍ୱରଙ୍କ ନାମ ବିଦ୍ୟମାନ । ଯଥା— **'ବ୍ରହ୍ମ ଚିତିରୀଶ୍ୱରଶ୍ଚେତି'** । 'ଈଶ୍ୱର' ଶବ୍ଦର ବିଶେଷଣ ରୂପେ ପ୍ରଯୁକ୍ତ ହେଲେ 'ଦେବ' ଶବ୍ଦ ପ୍ରଯୁକ୍ତ ହୁଏ, 'ଚିତି' ଶବ୍ଦର ବିଶେଷଣ ରୂପେ ପ୍ରଯୁକ୍ତ ହେଲେ 'ଦେବୀ' ଶବ୍ଦ ବ୍ୟବହୃତ ହୁଏ । ଏଣୁ ଈଶ୍ୱରଙ୍କ ନାମ **'ଦେବୀ'** ।

'ଶକ୍‌ଲୃ ଶକ୍ତୌ' ଧାତୁରୁ **'ଶକ୍ତି'** ଶବ୍ଦର ଉତ୍ପତ୍ତି । **'ୟଃ ସର୍ବଂ ଜଗତ୍ କର୍ତ୍ତୁଂ ଶକ୍ନୋତି ସ ଶକ୍ତିଃ'** — ଯିଏ ସକଳ ଜଗତକୁ ନିର୍ମାଣ କରିବାରେ ସମର୍ଥ, ସେହି ପରମେଶ୍ୱରଙ୍କ ନାମ **'ଶକ୍ତି'** ।

'ଶ୍ରିଞ୍ ସେବାୟାମ୍' ଧାତୁରୁ **'ଶ୍ରୀ'** ଶବ୍ଦ ତିଆରି । **'ୟଃ ଶ୍ରୀୟତେ ସେବ୍ୟତେ ସର୍ବେଣ ଜଗତା ବିଦ୍ୱଦ୍‌ଭିର୍ୟୋଗିଭିଶ୍ଚ ସ ଶ୍ରୀରୀଶ୍ୱରଃ'** — ଯିଏ ସକଳ ଜଗତ, ବିଦ୍ୱାନ୍ ଓ ଯୋଗୀଜନଙ୍କ ସେବ୍ୟ ସେହି ପରମାତ୍ମାଙ୍କ ନାମ **'ଶ୍ରୀଃ'** ।

'ଲକ୍ଷ ଦର୍ଶନାଙ୍କନୟୋଃ' ଧାତୁରୁ **'ଲକ୍ଷ୍ମୀ'** ଶବ୍ଦ ସିଦ୍ଧ ହୁଏ । **'ୟୋ ଲକ୍ଷୟତି ପଶ୍ୟତ୍ୟଙ୍କତେ ଚିହ୍ନୟତି ଚରାଽଚରଂ ଜଗତ୍, ଅଥବା ବେଦୈରାପ୍ତୈର୍ୟୋଗିଭିଶ୍ଚ ୟୋ ଲକ୍ଷ୍ୟତେ ସ ଲକ୍ଷ୍ମୀଃ ସର୍ବପ୍ରିୟେଶ୍ୱରଃ'** — ଯିଏ ସକଳ ଚରାଚର ଜଗତକୁ ଦେଖନ୍ତି, ବିବିଧ ଚିହ୍ନ ଦ୍ୱାରା ଚିହ୍ନିତ କରନ୍ତି, ଯଥା— ଶରୀରରେ ଚକ୍ଷୁ, ନାସିକା ଆଦି ଅଙ୍ଗପ୍ରତ୍ୟଙ୍ଗ; ବୃକ୍ଷରେ ପତ୍ର, ପୁଷ୍ପ, ଫଳ, ମୂଳ; ପୃଥିବୀ, ଜଳରେ କୃଷ୍ଣ, ରକ୍ତ, ଶ୍ୱେତ ମୃତ୍ତିକା, ପାଷାଣ ଆଦି; ଚନ୍ଦ୍ର-ସୂର୍ଯ୍ୟାଦି ଚିହ୍ନ ତିଆରି କରନ୍ତି, ସମସ୍ତଙ୍କୁ ଦେଖାନ୍ତି ତଥା ସର୍ବ ଶୋଭାର ଶୋଭା ଏବଂ ଯିଏ ବେଦାଦି ଶାସ୍ତ୍ର, ଧାର୍ମିକ ବିଦ୍ୱାନ୍ ଓ ଯୋଗୀଜନଙ୍କ ଲକ୍ଷ୍ୟ ଅର୍ଥାତ୍ ଦର୍ଶନ ଯୋଗ୍ୟ ଅଟନ୍ତି, ସେହି ପରମେଶ୍ୱରଙ୍କ ନାମ **'ଲକ୍ଷ୍ମୀ'** ।

'ସୃ ଗତୌ' ଧାତୁରୁ **'ସରସ୍'** ଶବ୍ଦ ଏବଂ ଏଥିରେ **'ମତୁପ୍'** ଓ **'ଙୀପ୍'** ପ୍ରତ୍ୟୟ ଯୋଗ ହୋଇ **'ସରସ୍ୱତୀ'** ଶବ୍ଦ ଉତ୍ପନ୍ନ ହୁଏ । **'ସରୋ ବିବିଧଂ ଜ୍ଞାନଂ ବିଦ୍ୟତେ ୟସ୍ୟାଂ ଚିତୌ ସା ସରସ୍ୱତୀ'** — ଯାହାଙ୍କଠାରେ ବିବିଧ ବିଜ୍ଞାନ ଅର୍ଥାତ୍ ଶବ୍ଦ-ଅର୍ଥ-ସମ୍ବନ୍ଧ ଓ ପ୍ରୟୋଗର ଜ୍ଞାନ ଯଥାଯଥ ରୂପେ ବିଦ୍ୟମାନ, ସେ ଈଶ୍ୱରଙ୍କ ନାମ **'ସରସ୍ୱତୀ'** ।

'ସର୍ବାଃ ଶକ୍ତୟୋ ବିଦ୍ୟନ୍ତେ ୟସ୍ମିନ୍ ସ ସର୍ବଶକ୍ତିମାନୀଶ୍ୱରଃ'— ଯିଏ ନିଜର କାର୍ଯ୍ୟ କରିବାରେ ଲେଶମାତ୍ର ବି ଅନ୍ୟର ସହାୟତାର ଇଚ୍ଛା ରଖନ୍ତି ନାହିଁ, ନିଜ ସାମର୍ଥ୍ୟ ବଳରେ ହିଁ ନିଜର ସକଳ କାର୍ଯ୍ୟ ସମ୍ପାଦନ କରନ୍ତି, ସେହି ପରମାତ୍ମାଙ୍କ ନାମ **'ସର୍ବଶକ୍ତିମାନ୍'** ।

'ଣୀଞ୍ ପ୍ରାପଣେ' ଧାତୁରୁ **'ନ୍ୟାୟ'** ଶବ୍ଦ ସିଦ୍ଧ ହୁଏ । **'ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ'** (ନ୍ୟାୟ. ବାତ୍ସାୟନ. ୧:୧:୧) ଓ **'ପକ୍ଷପାତରାହିତ୍ୟାଚରଣଂ ନ୍ୟାୟଃ'** — ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ପରୀକ୍ଷା କରିବା ପରେ ଯାହା ସତ୍ୟ ପ୍ରମାଣିତ ହୁଏ ଏବଂ ଯାହା ପକ୍ଷପାତରହିତ ଧର୍ମରୂପକ ଆଚରଣ, ତାହା 'ନ୍ୟାୟ' । **'ନ୍ୟାୟଂ କର୍ତ୍ତୁଂ ଶୀଲମସ୍ୟ ସ ନ୍ୟାୟକାରୀଶ୍ୱରଃ'** — ନ୍ୟାୟ ଅର୍ଥାତ୍ ପକ୍ଷପାତରହିତ ଧର୍ମ ଆଚରଣ ହିଁ ଯାହାଙ୍କ ସ୍ୱଭାବ, ସେ ଈଶ୍ୱରଙ୍କ ନାମ **'ନ୍ୟାୟକାରୀ'** ।

'ଦୟ ଦାନଗତିରକ୍ଷଣହିଂସାଦାନେଷୁ' ଧାତୁରୁ **'ଦୟା'** ଶବ୍ଦ ସିଦ୍ଧ ହୁଏ । **'ଦୟତେ ଦଦାତି ଜାନାତି ଗଚ୍ଛତି ରକ୍ଷତି ହିନସ୍ତି ଯୟା ସା ଦୟା, ବହ୍ୱୀ ଦୟା ବିଦ୍ୟତେ ଯସ୍ୟ ସ ଦୟାଳୁଃ ପରମେଶ୍ୱରଃ'** —ଯିଏ ଅଭୟ-ପ୍ରଦାତା, ସତ୍ୟ-ଅସତ୍ୟ ସକଳ ବିଦ୍ୟାର ଜ୍ଞାତା, ସଜ୍ଜନମାନଙ୍କ ରକ୍ଷାକର୍ତ୍ତା ଏବଂ ଦୁଷ୍ଟମାନଙ୍କୁ ଯଥାଯଥ ଦଣ୍ଡ ଦାତା, ସେହି ଈଶ୍ୱରଙ୍କ ନାମ **'ଦୟାଳୁ'** ।

'ଦ୍ୱୟୋର୍ଭାବୋ ଦ୍ୱାଭ୍ୟାମିତଂ ସା ଦ୍ୱିତା ଦ୍ୱୀତଂ ବା, ସୈବ ତଦେବ ବା ଦ୍ୱୈତମ୍ । ନ ବିଦ୍ୟତେ ଦ୍ୱୈତଂ ଦ୍ୱିତୀୟେଶ୍ୱରଭାବୋ ଯସ୍ମିଂସ୍ତଦଦ୍ୱୈତମ୍ ।' ଅର୍ଥାତ୍ **'ସଜାତୀୟବିଜାତୀୟସ୍ୱଗତଭେଦଶୂନ୍ୟଂ ବ୍ରହ୍ମ'** — ଦୁଇର ବିଦ୍ୟମାନତା ବା କୌଣସି ବସ୍ତୁ ସହ 'ଦୁଇ' ସଂଖ୍ୟା ଯୋଡ଼ି ହେବା ସ୍ଥିତି ଦ୍ୱିତା ବା ଦ୍ୱୀତ କିମ୍ବା ଦ୍ୱୈତ ଅଟେ । ଯାହା ଦ୍ୱୈତରୁ ରହିତ ତାହା 'ଅଦ୍ୱୈତ' । ଗୋଟିଏ ଜାତିର ଦୁଇଟି ପଦାର୍ଥ ମଧ୍ୟରେ ଥିବା ପ୍ରଭେଦ, ଯଥା— ମଣିଷ ଜାତି ଭିତରେ ମଣିଷ-ମଣିଷ ମଧ୍ୟରେ ଥିବା ପାର୍ଥକ୍ୟ, **ସଜାତୀୟ** ଭେଦ ଅଟେ । ଦୁଇଟି ଅଲଗା ଜାତି ମଧ୍ୟରେ ଥିବା ପ୍ରଭେଦ, ଯଥା — ମନୁଷ୍ୟ ଏବଂ ବୃକ୍ଷ, ପାଷାଣ ଆଦି ଭିତରେ ଥିବା ପାରସ୍ପରିକ ପାର୍ଥକ୍ୟ, **ବିଜାତୀୟ** ଭେଦ । ଏକ ପଦାର୍ଥର ଭିନ୍ନ-ଭିନ୍ନ ଅବୟବ ମଧ୍ୟରେ ଥିବା ପ୍ରଭେଦ, ଯଥା — ମଣିଷ ଶରୀରରେ ଥିବା ଆଖି, ନାକ, କାନ ମଧ୍ୟରେ ଥିବା ପ୍ରଭେଦ, **ସ୍ୱଗତ** ଭେଦ ଅଟେ । ପରମେଶ୍ୱର ଅନ୍ୟ ସଜାତୀୟ ଈଶ୍ୱର, ବିଜାତୀୟ ଈଶ୍ୱର ଏବଂ ନିଜ ସ୍ୱରୂପରେ ଅନ୍ୟ ତତ୍ତ୍ୱର ଉପସ୍ଥିତିରୁ ରହିତ, ଏକରସ ହୋଇଥିବାରୁ, ସେହି ପରମାତ୍ମାଙ୍କ ନାମ **'ଅଦ୍ୱୈତ'** ।

'ଗୁଣ୍ୟନ୍ତେ ଯେ ତେ ଗୁଣା ବା ଯୈର୍ଗୁଣୟନ୍ତି ତେ ଗୁଣାଃ, ଯୋ ଗୁଣେଭ୍ୟୋ ନିର୍ଗତଃ ସ ନିର୍ଗୁଣ ଈଶ୍ୱରଃ'— ସତ୍ତ୍ୱ, ରଜ, ତମ, ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଅଦି ଯେତେସବୁ ଜଡ଼ ପଦାର୍ଥର ଗୁଣ ଅଛି ଏବଂ ଅବିଦ୍ୟା, ଅଳ୍ପଜ୍ଞତା, ରାଗ, ଦ୍ୱେଷ ତଥା ଅସ୍ମିତା କ୍ଳେଶ ପ୍ରଭୃତି ଜୀବାତ୍ମାର ଗୁଣ ରହିଛି, ଏସବୁଥିରୁ ଯିଏ ପୃଥକ୍ ସେ ଈଶ୍ୱର ଅଟନ୍ତି । ଏ ସମ୍ବନ୍ଧରେ ଉପନିଷଦରେ ପ୍ରମାଣ ଅଛି — **'ଅଶବ୍ଦମସ୍ପର୍ଶମରୂପମବ୍ୟୟମ୍'** (କଠ. ୩:୧୫) । ଯେହେତୁ ଈଶ୍ୱର ଶବ୍ଦ, ସ୍ପର୍ଶ, ରୂପ ଆଦି ଗୁଣରୁ ରହିତ, ଏଣୁ ପରମାତ୍ମାଙ୍କ ନାମ **'ନିର୍ଗୁଣ'** ।

'ଯୋ ଗୁଣୈଃ ସହ ବର୍ତ୍ତତେ ସ ସଗୁଣଃ' — ସର୍ବଜ୍ଞତା, ସକଳ ସୁଖ, ପବିତ୍ରତା, ଅନନ୍ତ ବଳ ଆଦି ଗୁଣରେ ଯୁକ୍ତ ହୋଇଥିବାରୁ ଈଶ୍ୱରଙ୍କ ନାମ **'ସଗୁଣ'** । ଗନ୍ଧାଦି ଗୁଣଯୁକ୍ତ ହୋଇଥିବାରୁ ଯେପରି ପୃଥିବୀ 'ସଗୁଣ' ଏବଂ ଇଚ୍ଛା ଆଦି ଗୁଣରୁ ରହିତ ହୋଇଥିବାରୁ 'ନିର୍ଗୁଣ', ସେହିପରି ଜଗତ ଓ ଜୀବର ଗୁଣରୁ ରହିତ ହୋଇଥିବାରୁ ଈଶ୍ୱର 'ନିର୍ଗୁଣ' ଏବଂ ସର୍ବଜ୍ଞତା ଆଦି ଗୁଣଯୁକ୍ତ ହୋଇଥିବାରୁ 'ସଗୁଣ' ଅଟନ୍ତି । ଅର୍ଥାତ୍ ନିଷ୍କର୍ଷ ହେଲା ଯେ ଏପରି କୌଣସି ପଦାର୍ଥ ନାହିଁ ଯାହା ସଗୁଣତା ଓ ନିର୍ଗୁଣତାରୁ ଅଲଗା ରହିପାରିବ । ଯେପରି ଚେତନ ପଦାର୍ଥର ଗୁଣରୁ ରହିତ ହୋଇଥିବା ହେତୁ ଜଡ଼ ପଦାର୍ଥ 'ନିର୍ଗୁଣ', କିନ୍ତୁ ନିଜ ଗୁଣ ସହିତ ଯୁକ୍ତ ରହିଥିବାରୁ

'ସଗୁଣ', ସେପରି ହିଁ ଜଡ଼ର ଗୁଣସମୂହରୁ ପୃଥକ୍ ହୋଇଥିବାରୁ ଜୀବ 'ନିର୍ଗୁଣ' ଓ ଇଚ୍ଛାଦି ସ୍ୱ ଗୁଣ ସହ ସଂଯୁକ୍ତ ଥିବାରୁ 'ସଗୁଣ' । ପରମେଶ୍ୱରଙ୍କ କ୍ଷେତ୍ରରେ ମଧ୍ୟ ଏପରି ହିଁ ବୁଝିବା ଉଚିତ ।

'ଅନ୍ତର୍ୟନ୍ତୁଂ ନିୟନ୍ତୁଂ ଶୀଲଂ ଯସ୍ୟ ସୋଽୟମନ୍ତର୍ଯ୍ୟାମୀ' — ଯିଏ ପ୍ରାଣୀ-ଅପ୍ରାଣୀ ସମସ୍ତ ଜଗତରେ ବ୍ୟାପକ ହୋଇ ସମସ୍ତଙ୍କୁ ନିୟମନ କରନ୍ତି, ସେ ପରମେଶ୍ୱରଙ୍କ ନାମ **'ଅନ୍ତର୍ଯ୍ୟାମୀ'** ।

'ଯୋ ଧର୍ମେ ରାଜତେ ସ ଧର୍ମରାଜଃ' — ଯିଏ ଅଧର୍ମରୁ ରହିତ ଓ ଧର୍ମରେ ହିଁ ପ୍ରକାଶମାନ, ଧର୍ମର ହିଁ ପ୍ରକାଶ କରନ୍ତି, ସେହି ଈଶ୍ୱରଙ୍କ ନାମ **'ଧର୍ମରାଜ'** ।

'ଯମୁ ଉପରମେ' ଧାତୁରୁ **'ଯମ'** ଶବ୍ଦର ଉତ୍ପତ୍ତି । **'ଯଃ ସର୍ବାନ୍ ପ୍ରାଣୀନୋ ନିୟଚ୍ଛତି ସ ଯମଃ'** — ଯିଏ ସମସ୍ତ ପ୍ରାଣୀଙ୍କୁ ସେମାନଙ୍କ କର୍ମ ଅନୁସାରେ ଫଳ ଦିଅନ୍ତି, କୌଣସି ଅନ୍ୟାୟ କରନ୍ତି ନାହିଁ, ସଦା ନ୍ୟାୟ ଅନୁସାରେ କର୍ମ କରନ୍ତି, ସେହି ଈଶ୍ୱରଙ୍କ ନାମ **'ଯମ'** ।

'ଭଜ ସେବାୟାମ୍' ଧାତୁରୁ **'ଭଗ'** ଶବ୍ଦ ଉତ୍ପନ୍ନ ହୁଏ । ଏଥିରେ **'ମତୁପ୍'** ପ୍ରତ୍ୟୟ ଯୋଗ ହେଲେ **'ଭଗବାନ୍'** ଶବ୍ଦ ସିଦ୍ଧ ହୁଏ । **'ଭଗଃ ସକଲୈଶ୍ୱର୍ଯ୍ୟଂ ସେବନଂ ବା ବିଦ୍ୟତେ ଯସ୍ୟ ସ ଭଗବାନ୍'** — ଯିଏ ସକଳ ଐଶ୍ୱର୍ଯ୍ୟ ସଂପନ୍ନ, ଯିଏ ଭଜନ ଯୋଗ୍ୟ, ସେ ଈଶ୍ୱରଙ୍କ ନାମ **'ଭଗବାନ'** ।

'ମନ ଜ୍ଞାନେ' ଧାତୁରୁ **'ମନୁ'** ଶବ୍ଦ ତିଆରି ହୁଏ । **'ଯୋ ମନ୍ୟତେ ସ ମନୁଃ'** — ଯିଏ ଜ୍ଞାନସ୍ୱରୂପ ଓ ମାନନୀୟ, ସେହି ଈଶ୍ୱରଙ୍କ ନାମ **'ମନୁ'** ।

'ପୃ ପାଲନପୂରଣୟୋଃ' ଧାତୁରୁ **'ପୁରୁଷ'** ଶବ୍ଦ ସିଦ୍ଧ ହୁଏ । **'ଯଃ ସ୍ୱବ୍ୟାପ୍ତ୍ୟା ଚରାଽଚରଂ ଜଗତ୍ ପୃଣାତି ପୂରୟତି ବା ସଃ ପୁରୁଷଃ'** — ଯିଏ ସ୍ୱ ବ୍ୟାପ୍ତିରେ ସକଳ ଚରାଚର ଜଗତରେ ପୂରି ରହିଛନ୍ତି, ସେହି ଈଶ୍ୱରଙ୍କ ନାମ **'ପୁରୁଷ'** ।

'ବିଶ୍ୱ' ପୂର୍ବକ **'ଡୁଭୃଞ୍ ଧାରଣପୋଷଣୟୋଃ'** ଧାତୁରୁ **'ବିଶ୍ୱମ୍ଭର'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ବିଶ୍ୱଂ ବିଭର୍ତ୍ତି ଧରତି ପୁଷ୍ଣାତି ବା ସ ବିଶ୍ୱମ୍ଭରୋ ଜଗଦୀଶ୍ୱରଃ'** — ଜଗତର ଧାରଣ ଓ ପୋଷଣ କରୁଥିବାରୁ ସେହି ଈଶ୍ୱରଙ୍କ ନାମ **'ବିଶ୍ୱମ୍ଭର'** ।

'କଲ ସଂଖ୍ୟାନେ' ଧାତୁରୁ **'କାଳ'** ଶବ୍ଦ ନିଷ୍ପନ୍ନ । **'କଲୟତି ସଂଖ୍ୟାତି ସର୍ବାନ୍ ପଦାର୍ଥାନ୍ ସ କାଲଃ'** — ଜଗତର ସମସ୍ତ ପଦାର୍ଥ ଓ ଜୀବାତ୍ମାଙ୍କ ସଂଖ୍ୟା ବା କଳନା କରିପରୁଥିବାରୁ ସେହି ଈଶ୍ୱରଙ୍କ ନାମ **'କାଳ'** ।

'ଶିଷ୍ଲୃ ବିଶେଷଣେ' ଧାତୁରୁ **'ଶେଷ'** ଶବ୍ଦ ସିଦ୍ଧ ହୁଏ । **'ଯଃ ଶିଷ୍ୟତେ ସ ଶେଷଃ'** — ଉତ୍ପତ୍ତି ଓ ପ୍ରଳୟରେ ଯିଏ ଶେଷ, ଅବଶିଷ୍ଟ ବା ବଳକା ରହିଯାନ୍ତି ଅର୍ଥାତ୍ ଯିଏ ଉତ୍ପତ୍ତି-ପ୍ରଳୟ ପ୍ରକ୍ରିୟାର ଅନ୍ତର୍ଗତ ନୁହନ୍ତି, ଯାହା ଉପରେ ଉତ୍ପତ୍ତି-ପ୍ରଳୟର କୌଣସି ପ୍ରଭାବ, ବିକାର ପଡ଼େ ନାହିଁ, ସେହି ନିର୍ବିକାର ପରମାତ୍ମାଙ୍କ ନାମ **'ଶେଷ'** ।

'ଆପ୍ଲୃ ବ୍ୟାପ୍ତୌ' ଧାତୁରୁ **'ଆପ୍ତ'** ଶବ୍ଦ ସିଦ୍ଧ ହୁଏ । **'ଯଃ ସର୍ବାନ୍ ଧର୍ମାତ୍ମନ ଆପ୍ନୋତି ବା ସର୍ବୈ-ର୍ଧର୍ମାତ୍ମଭିରାପ୍ୟତେ ଛଲାଦିରହିତଃ ସ ଆପ୍ତଃ'** — ଯିଏ ସତ୍ୟୋପଦେଶକ, ସକଳ ବିଦ୍ୟାଯୁକ୍ତ, ସର୍ବ ଧର୍ମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ଏବଂ ସମସ୍ତ ଧର୍ମାତ୍ମାଙ୍କ ଦ୍ୱାରା ପ୍ରାପ୍ତଯୋଗ୍ୟ ତଥା ଛଳ-କପଟ ଆଦି ବ୍ୟବହାରରୁ ରହିତ, ତେଣୁ ସେହି ପରମାତ୍ମାଙ୍କ ନାମ **'ଆପ୍ତ'** ।

'ଶମ୍' ପୂର୍ବକ **'ଡୁକୃଞ୍ କରଣେ'** ଧାତୁରୁ **'ଶଙ୍କର'** ଶବ୍ଦ ସିଦ୍ଧ ହୁଏ । **'ଯଃ ଶଂ କଲ୍ୟାଣଂ ସୁଖଂ କରୋତି ସ ଶଙ୍କରଃ'**— କଲ୍ୟାଣକାରୀ ବା ସୁଖଦାତା ହୋଇଥିବାରୁ ସେହି ଈଶ୍ୱରଙ୍କ ନାମ **'ଶଙ୍କର'** ।

'ମହତ୍' ଶବ୍ଦ ପୂର୍ବକ **'ଦେବ'** ଶବ୍ଦରୁ **'ମହାଦେବ'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ମହତାଂ ଦେବଃ ସ ମହାଦେବଃ'** — ଯିଏ ମହାନ୍ ଦେବଙ୍କର ବି ଦେବ ଅର୍ଥାତ୍ ବିଦ୍ୱାନ୍‌ଙ୍କର ବି ବିଦ୍ୱାନ୍, ସୂର୍ଯ୍ୟାଦି ପଦାର୍ଥଗୁଡ଼ିକର ପ୍ରକାଶକ, ସେହି ପରମାତ୍ମାଙ୍କ ନାମ **'ମହାଦେବ'** ।

'ପ୍ରୀଞ୍ ତର୍ପଣେ କାନ୍ତୌ ଚ' ଧାତୁରୁ **'ପ୍ରିୟ'** ଶବ୍ଦ ସିଦ୍ଧ ହୁଏ । **'ଯଃ ପ୍ରୀଣାତି ପ୍ରୀୟତେ ବା ସ ପ୍ରିୟଃ'** — ଯିଏ ସମସ୍ତ ଧର୍ମାତ୍ମା, ମୁମୁକ୍ଷୁ ଓ ସଜ୍ଜନଙ୍କୁ ପ୍ରସନ୍ନ କରନ୍ତି ଏବଂ ସମସ୍ତଙ୍କର କାମ୍ୟ, ସେହି ଈଶ୍ୱରଙ୍କ ନାମ **'ପ୍ରିୟ'** ।

'ସ୍ୱୟଂ' ପୂର୍ବକ **'ଭୂ ସତ୍ତାୟାମ୍'** ଧାତୁରୁ **'ସ୍ୱୟମ୍ଭୂ'** ଶବ୍ଦ ସିଦ୍ଧ ହୁଏ । **'ଯଃ ସ୍ୱୟଂ ଭବତି ସ ସ୍ୱୟମ୍ଭୂରୀଶ୍ୱରଃ'** — ଯିଏ ସ୍ୱ ସତ୍ତାରେ ସ୍ୱୟଂ ସଦା ବିଦ୍ୟମାନ ଅଛନ୍ତି, କାହାଠାରୁ କେବେ ଉତ୍ପନ୍ନ ହୋଇନାହାନ୍ତି, ସେହି ପରମାତ୍ମାଙ୍କ ନାମ **'ସ୍ୱୟମ୍ଭୂ'** ।

'କୁ ଶବ୍ଦେ' ଧାତୁରୁ **'କବି'** ଶବ୍ଦ ଉତ୍ପନ୍ନ ହୁଏ । **'ଯଃ କୌତି ଶବ୍ଦୟତି ସର୍ବା ବିଦ୍ୟାଃ ସ କବିରୀଶ୍ୱରଃ'** — ଯିଏ ସର୍ବ ବିଦ୍ୟାର ବେତ୍ତା ଓ ବେଦ ଦ୍ୱାରା ସକଳ ବିଦ୍ୟାର ଉପଦେଶ ଦିଅନ୍ତି, ସେହି ପରମେଶ୍ୱରଙ୍କ ନାମ **'କବି'** ।

'ଶିବୁ କଲ୍ୟାଣେ' ଧାତୁରୁ **'ଶିବ'** ଶବ୍ଦ ନିଷ୍ପନ୍ନ । **'ବହୁଲମେତନ୍ନିଦର୍ଶନମ୍'** ଅନୁସାରେ **'ଶିବୁ'** ଧାତୁ ସ୍ୱୀକାର କରାଯାଏ । **'ଯଃ ମଙ୍ଗଲମୟୋ ଜୀବାନାଂ ମଙ୍ଗଲକାରୀ ଚ ସଃ ଶିବଃ'**— ସ୍ୱୟଂ କଲ୍ୟାଣସ୍ୱରୂପ ଓ ସମସ୍ତଙ୍କ କଲ୍ୟାଣକାରୀ ହୋଇଥିବାରୁ ଈଶ୍ୱରଙ୍କ ନାମ **'ଶିବ'** ।

ଏଠାରେ ପରମେଶ୍ୱରଙ୍କ ଏ ଶହେଟି ନାମ ଲେଖାଗଲା । କିନ୍ତୁ ପରମେଶ୍ୱରଙ୍କ ଏତିକି ମାତ୍ର ନାମ ନାହିଁ । ଏତଦ୍ ବ୍ୟତୀତ ତାଙ୍କର ଆହୁରି ଅସଂଖ୍ୟ ନାମ ଅଛି । **କାରଣ ପରମେଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବ ଅନନ୍ତ । ପ୍ରତ୍ୟେକ ଗୁଣ, କର୍ମ ଓ ସ୍ୱଭାବ ଆଧାରରେ ତାଙ୍କର ଗୋଟିଏ-ଗୋଟିଏ ନାମ ଥିବାରୁ ତାଙ୍କର ନାମ ଅସଂଖ୍ୟ ।** ଏଠାରେ ଲେଖାଯାଇଥିବା ନାମଗୁଡ଼ିକ ସିନ୍ଧୁ ସମ୍ମୁଖରେ ଏକ ବିନ୍ଦୁ ମାତ୍ର । ବେଦାଦି ଶାସ୍ତ୍ରରେ ପରମାତ୍ମାଙ୍କର ଅସଂଖ୍ୟ ଗୁଣ-କର୍ମ-ସ୍ୱଭାବ ବର୍ଣ୍ଣିତ ହୋଇଛି । ସେସବୁ ଗ୍ରନ୍ଥର ଅଧ୍ୟୟନ-ଅଧ୍ୟାପନା ଦ୍ୱାରା ଏସବୁର ଜ୍ଞାନ ହୋଇଥାଏ । ତା' ସହ ଅନ୍ୟାନ୍ୟ ପଦାର୍ଥର ଜ୍ଞାନ ବି ସେମାନଙ୍କୁ ଉତ୍ତମ ରୂପେ ହୋଇଥାଏ, ଯେଉଁମାନେ ବେଦାଦି ଶାସ୍ତ୍ର ପଢ଼ନ୍ତି ।

ମଙ୍ଗଳାଚରଣ ସମୀକ୍ଷା

ପ୍ରଶ୍ନ — ଅନ୍ୟ ଗ୍ରନ୍ଥକାରମାନେ ପୁସ୍ତକ ରଚନା କରିବା ସମୟରେ ଗ୍ରନ୍ଥର ଆରମ୍ଭରେ, ମଝିରେ ଓ ଶେଷରେ ମଙ୍ଗଳାଚରଣ କରିଥାନ୍ତି; କିନ୍ତୁ ଆପଣ କାହିଁକି ସେପରି କିଛି ବି କରିନାହାନ୍ତି, ଲେଖିନାହାନ୍ତି ?

ଉତ୍ତର — ଏପରି କରିବା ଉଚିତ ନୁହେଁ । କାରଣ ଯିଏ ପୁସ୍ତକର ଆରମ୍ଭରେ, ମଝିରେ ଓ ଶେଷରେ ମଙ୍ଗଳ କରିବେ, ତାଙ୍କ ଗ୍ରନ୍ଥର ଆରମ୍ଭ ଓ ମଝି ଭିତରେ ଏବଂ ମଝି ଓ ଶେଷ ଭିତରେ ଯାହା କିଛି ଲେଖା ହୋଇଥିବ, ସେ ସବୁ ଅମଙ୍ଗଳ ହିଁ ରହିବ । ଏଣୁ **'ମଙ୍ଗଲାଚରଣଂ ଶିଷ୍ଟାଚାରତ୍ ଫଲଦର୍ଶନାଚ୍ଛ୍ରୁତିତଶ୍ଚେତି'**

(ସାଂଖ୍ୟ. ୫:୧) — ଅର୍ଥାତ୍ ଯାହା ନ୍ୟାୟ, ପକ୍ଷପାତରହିତ, ସତ୍ୟ, ବେଦୋକ୍ତ ଈଶ୍ୱରଙ୍କ ଆଦେଶ, ତାହାକୁ ଯଥାଯଥ ଭାବେ ସର୍ବତ୍ର ଓ ସର୍ବଦା ଆଚରଣ କରିବାକୁ ମଙ୍ଗଳାଚରଣ କୁହାଯାଏ । ଗ୍ରନ୍ଥର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସତ୍ୟାଚାର କରିବା ହିଁ ମଙ୍ଗଳାଚରଣ, କେଉଁ ସ୍ଥାନରେ ମଙ୍ଗଳ ତ ଆଉ କେଉଁ ସ୍ଥାନରେ ଅମଙ୍ଗଳ ଲେଖିବା ମଙ୍ଗଳାଚରଣ ନୁହେଁ । ଦେଖନ୍ତୁ ମହଦାଶୟସମ୍ପନ୍ନ ମହର୍ଷିଗଣ ଲେଖିଛନ୍ତି—

ଯାନ୍ୟନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି, ନୋ ଇତରାଣି । (ତୈତ୍ତି. ୧:୧୧)

ହେ ସନ୍ତାନଗଣ ! ଯାହାସବୁ 'ଅନବଦ୍ୟ' ଅନିନ୍ଦନୀୟ ଅର୍ଥାତ୍ ଧର୍ମଯୁକ୍ତ କର୍ମ, ସେସବୁ ହିଁ ତୁମ ପକ୍ଷେ କରଣୀୟ, ଅଧର୍ମଯୁକ୍ତ କର୍ମ କରଣୀୟ ନୁହେଁ ।

ଏଣୁ ଆଧୁନିକ ଗ୍ରନ୍ଥମାନଙ୍କରେ ଯେଉଁ **'ଶ୍ରୀଗଣେଶାୟ ନମଃ', 'ସୀତାରାମାଭ୍ୟାଂ ନମଃ', 'ରାଧାକୃଷ୍ଣାଭ୍ୟାଂ ନମଃ', 'ଶ୍ରୀଗୁରୁଚରଣାରବିନ୍ଦାଭ୍ୟାଂ ନମଃ', 'ହନୁମତେ ନମଃ', 'ଦୁର୍ଗାୟୈ ନମଃ', 'ବଟୁକାୟ ନମଃ', 'ଭୈରବାୟ ନମଃ', 'ଶିବାୟ ନମଃ', 'ସରସ୍ୱତୈ ନମଃ', 'ନାରାୟଣାୟ ନମଃ'** ଇତ୍ୟାଦି ଲେଖା ଦେଖିବାକୁ ମିଳେ, ସେସବୁ ବେଦ ଓ ଶାସ୍ତ୍ରର ବିରୁଦ୍ଧ ହୋଇଥିବାରୁ ବୁଦ୍ଧିମାନ୍ ବ୍ୟକ୍ତିମାନେ ଏସବୁକୁ ମିଥ୍ୟା ବିବେଚନା କରିଥାନ୍ତି । **କାରଣ ବେଦ ଓ ଋଷି-ମୁନିକୃତ ଗ୍ରନ୍ଥମାନଙ୍କରେ କୁତ୍ରାପି ଏପରି ମଙ୍ଗଳାଚରଣ ଦେଖାଯାଇନଥାଏ । ଆର୍ଷ ଗ୍ରନ୍ଥରେ 'ଓ୩ମ୍' ତଥା 'ଅଥ' ଶବ୍ଦ ତ ଦେଖିବାକୁ ମିଳେ । ଯଥା —**

'ଅଥ ଶବ୍ଦାନୁଶାସନମ୍' । ଅଥେତ୍ୟୟଂ ଶବ୍ଦୋଽଧିକାରାର୍ଥଃ ପ୍ରଯୁଜ୍ୟତେ ।

(ବ୍ୟାକରଣ ମହାଭାଷ୍ୟ. ପସ୍ପଶାହ୍ନିକ)

'ଅଥାତୋ ଧର୍ମଜିଜ୍ଞାସା' । ଅଥେତ୍ୟାନନ୍ତର୍ୟେ ବେଦାଧ୍ୟୟନାନନ୍ତରମ୍ । (ପୂର୍ବ ମୀମାଂସା. ୧:୧:୧)

'ଅଥାତୋ ଧର୍ମଂ ବ୍ୟାଖ୍ୟାସ୍ୟାମଃ' ।

ଅଥେତି ଧର୍ମକଥନାନନ୍ତରଂ ଧର୍ମଲକ୍ଷଣଂ ବିଶେଷେଣ ବ୍ୟାଖ୍ୟାସ୍ୟାମଃ । (ବୈଶେଷିକ. ୧:୧:୧)

'ଅଥ ଯୋଗାନୁଶାସନମ୍' । ଅଥେତ୍ୟୟମଧିକାରାର୍ଥଃ । (ଯୋଗ. ୧:୧)

'ଅଥ ତ୍ରିବିଧଦୁଃଖାତ୍ୟନ୍ତନିବୃତ୍ତିରତ୍ୟନ୍ତପୁରୁଷାର୍ଥଃ' । ସାଂସାରିକବିଷୟଭୋଗାନନ୍ତରଂ ତ୍ରିବିଧଦୁଃଖାତ୍ୟନ୍ତନିବୃତ୍ତ୍ୟର୍ଥଃ ପ୍ରୟତ୍ନଃ କର୍ତ୍ତବ୍ୟଃ । (ସାଂଖ୍ୟ. ୧:୧)

'ଅଥାତୋ ବ୍ରହ୍ମଜିଜ୍ଞାସା' ।ଚତୁଷ୍ଟୟସାଧନସମ୍ପତ୍ତ୍ୟନନ୍ତରଂ ବ୍ରହ୍ମ ଜିଜ୍ଞାସ୍ୟମ୍ । (ବେଦାନ୍ତ. ୧:୧:୧)

'ଓମିତ୍ୟେତଦକ୍ଷରମୁଦ୍‌ଗୀଥମୁପାସୀତ' । (ଛାନ୍ଦୋଗ୍ୟ. ୧:୧:୧)

'ଓମିତ୍ୟେତଦକ୍ଷରମିଦଂ ସର୍ବଂ ତସ୍ୟୋପବ୍ୟାଖ୍ୟାନମ୍' । (ମାଣ୍ଡୂକ୍ୟ. ୧)

ଏପରି ହିଁ ଅନ୍ୟ ଋଷି-ମୁନିକୃତ ଗ୍ରନ୍ଥମାନଙ୍କରେ **'ଓମ୍'** ଓ **'ଅଥ'** ଶବ୍ଦ ଲେଖାଯାଇଛି । ସେହିପରି ହିଁ ଏ ଶବ୍ଦଗୁଡ଼ିକ **(ଅଗ୍ନି, ଇଟ୍, ଅଗ୍ନି, ଯେ ତ୍ରିଷପ୍ତାଃ ପରିୟନ୍ତି)** ଚାରି ବେଦର ଆରମ୍ଭରେ ଲେଖାଯାଇଛି । **'ଶ୍ରୀଗଣେଶାୟ ନମଃ'** ଇତ୍ୟାଦି ଲେଖା ଆର୍ଷ ଗ୍ରନ୍ଥରେ ଆରମ୍ଭରେ କେଉଁଠି ବି ନାହିଁ । ଆଉ ଗୋଟିଏ କଥା ଯେ ଯେଉଁମାନେ ବେଦର ଆରମ୍ଭରେ **'ହରିଃ ଓମ୍'** ଲେଖନ୍ତି ବା ପଢ଼ନ୍ତି, ସେମାନେ ତାହା ପୌରାଣିକ ଓ ତାନ୍ତ୍ରିକ

ମାନଙ୍କ ମିଥ୍ୟା କଳ୍ପନାରୁ ଶିଖିଛନ୍ତି । ବେଦାଦି ଶାସ୍ତ୍ରରେ **'ହରି'** ଶବ୍ଦ ଆରମ୍ଭରେ କେଉଁଠି ବି ନାହିଁ । ଏଣୁ କେବଳ **'ଓ୩ମ୍'** ବା **'ଅଥ'** ଶବ୍ଦ ହିଁ ଗ୍ରନ୍ଥର ଆରମ୍ଭରେ ଲେଖିବା ଉଚିତ ।

ଏଠାରେ ଈଶ୍ୱରଙ୍କ ନାମ ବିଷୟରେ ଅଳ୍ପକିଛି ଲେଖାଗଲା । ଏହାପରେ ଆଗକୁ ଶିକ୍ଷା ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍‌ଦୟାନନ୍ଦ ସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତ ଈଶ୍ୱରନାମବିଷୟେ
ପ୍ରଥମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୧ ॥

ଅଥ ଦ୍ୱିତୀୟସମୁଲ୍ଲାସାରମ୍ଭଃ

ଅଥ ଶିକ୍ଷାଂ ପ୍ରବକ୍ଷ୍ୟାମଃ

ମାତୃମାନ୍ ପିତୃମାନାଚାର୍ୟ୍ୟବାନ୍ ପୁରୁଷୋ ବେଦ। (ଶତପଥ ବ୍ରାହ୍ମଣ)

ଯେତେବେଳେ ତିନି ଜଣ ଯାକ ଶିକ୍ଷକ - ପ୍ରଥମଟି ମାତା, ଦ୍ୱିତୀୟରେ ପିତା ଓ ତୃତୀୟଟି ଆଚାର୍ଯ୍ୟ, ଉତ୍ତମ ହୋଇଥାନ୍ତି, ବସ୍ତୁତଃ ସେତେବେଳେ ବ୍ୟକ୍ତି ଜ୍ଞାନବାନ୍ ହୋଇଥାଏ। **ସେ ପରିବାର ଧନ୍ୟ! ସେହି ସନ୍ତାନ ଅତ୍ୟନ୍ତ ଭାଗ୍ୟବାନ୍! ଯାହାରକି ମାତା-ପିତା ଧାର୍ମିକ ଓ ବିଦ୍ୱାନ୍ ଅଟନ୍ତି।** ସନ୍ତାନକୁ ମାଆଠାରୁ ଯେତିକି ଉପଦେଶ ଓ ଉପକାର ମିଳିଥାଏ, ସେତିକି ଅନ୍ୟ କାହାଠାରୁ ମିଳି ନ ଥାଏ। ମାଆ ସନ୍ତାନକୁ ଯେତେ ସ୍ନେହ କରେ ଏବଂ ତା'ର ଯେଭଳି ହିତ କାମନା କରିଥାଏ, ଅନ୍ୟ କେହି ସେପରି କରିପାରନ୍ତି ନାହିଁ। ଅତଃ **(ମାତୃମାନ୍) 'ପ୍ରଶସ୍ତା ଧାର୍ମିକୀ ବିଦୁଷୀ ମାତା ବିଦ୍ୟତେ ଯସ୍ୟ ସ ମାତୃମାନ୍।'** ସେହି ମାତା ଧନ୍ୟା, ଯିଏ କି ଗର୍ଭାଧାନଠାରୁ ଆରମ୍ଭ କରି ପୂର୍ଣ୍ଣ ବିଦ୍ୟା ପ୍ରାପ୍ତି ପର୍ଯ୍ୟନ୍ତ ସନ୍ତାନକୁ ସୁଶୀଳତା ଅର୍ଥାତ୍ ଉତ୍ତମ ଗୁଣ, କର୍ମ, ଆଚରଣର ଶିକ୍ଷା ଦିଏ।

ମାତା-ପିତାଙ୍କର ଏହା ଅତ୍ୟାବଶ୍ୟକ କର୍ତ୍ତବ୍ୟ ଯେ ଗର୍ଭାଧାନ ପୂର୍ବରୁ, ମଧ୍ୟରେ ଓ ପରେ ସେମାନେ ମାଦକ ଦ୍ରବ୍ୟ ତଥା ଦୁର୍ଗନ୍ଧ, ରୁକ୍ଷ, ବୁଦ୍ଧିନାଶକ ପଦାର୍ଥ ସେବନ କରିବେ ନାହିଁ। ଯେଉଁ ପଦାର୍ଥ ସେବନ ଦ୍ୱାରା ଶାନ୍ତି, ଆରୋଗ୍ୟ, ବଳ, ବୁଦ୍ଧି, ପରାକ୍ରମ ଓ ସୁଶୀଳତା ପ୍ରାପ୍ତି ପୂର୍ବକ ସଭ୍ୟତା ପ୍ରାପ୍ତ ହୁଏ ସେପରି ପଦାର୍ଥ; ଯଥା–ଘୃତ, ଦୁଗ୍ଧ, ମିଷ୍ଟାନ୍ନ, ଅନ୍ନ-ପାନୀୟ ଆଦି ଉତ୍ତମ ପଦାର୍ଥ ସେବନ କରିବେ ଯଦ୍ୱାରା ରଜ-ବୀର୍ଯ୍ୟ ବି ଦୋଷରହିତ ହୋଇ ଅତ୍ୟୁତ୍ତମ ଗୁଣଯୁକ୍ତ ହେବ। ଋତୁଗମନର ବିଧି ହେଲା ଯେ ମହିଳାମାନଙ୍କର ସ୍ୱାଭାବିକ ଋତୁକାଳର ସମୟ ୧୬ ଦିନ। ତନ୍ମଧ୍ୟରୁ ପ୍ରଥମ ୪ ଦିନ ତ୍ୟାଜ୍ୟ। ଅବଶିଷ୍ଟ ୧୨ ଦିନ ଅର୍ଥାତ୍ ରଜୋଦର୍ଶନର ପଞ୍ଚମ ଦିନଠାରୁ ଷୋଡ଼ଶ ଦିବସ ପର୍ଯ୍ୟନ୍ତ ଋତୁଦାନର ସମୟ। ଏହି ୧୨ ଦିନ ମଧ୍ୟରୁ ରଜୋଦର୍ଶନର ଏକାଦଶ ଓ ତ୍ରୟୋଦଶ ରାତ୍ରିକୁ ଛାଡ଼ି ଅନ୍ୟ ୧୦ରାତ୍ରି ଗର୍ଭାଧାନର ପ୍ରକୃଷ୍ଟ ସମୟ। ରଜୋଦର୍ଶନର ୧୬ଶ ରାତ୍ରି ପରଠାରୁ ପୁନଃ ଋତୁଦାନର ସମୟ ଆସିବା ପର୍ଯ୍ୟନ୍ତ ସ୍ତ୍ରୀ-ସଙ୍ଗ ନିଷିଦ୍ଧ। ଯଦି ଗର୍ଭଧାରଣ ହୁଏ, ତେବେ ଗର୍ଭଧାରଣ ଦିନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ସହବାସ କରିବେ ନାହିଁ। ପୁନଃ ପତି-ପତ୍ନୀ ଉଭୟଙ୍କ ଶରୀର ନୀରୋଗ ଓ ପାରସ୍ପରିକ ପ୍ରସନ୍ନତା ନ ଥାଇ, ଏବଂ କୌଣସି ପ୍ରକାର ଶୋକଗ୍ରସ୍ତ ଥାଇ ଗର୍ଭାଧାନ କରିବେ ନାହିଁ। ପତି-ପତ୍ନୀ ଉଭୟଙ୍କ ଶରୀର ଯେପରି ନୀରୋଗ ରହିବ, ପାରସ୍ପରିକ ପ୍ରସନ୍ନତା ରହିବ ଏବଂ କୌଣସି ପ୍ରକାର ଶୋକ ଉତ୍ପନ୍ନ ନ ହେବ ସେଥିପ୍ରତି ଯତ୍ନବାନ୍ ହେବେ। ଚରକ, ସୁଶ୍ରୁତ ଆଦି ଆୟୁର୍ବେଦ ଶାସ୍ତ୍ରରେ ଆହାର-ବିହାର ଆଦି ସ୍ୱାସ୍ଥ୍ୟରକ୍ଷା ବିଷୟକ ଯେଉଁ ବିଧି-ବିଧାନ ଅଛି ଏବଂ ମନୁସ୍ମୃତିରେ ପତି-ପତ୍ନୀଙ୍କ ପାରସ୍ପରିକ ପ୍ରସନ୍ନତା ନିମନ୍ତେ ଯେଉଁ ନୀତି-ନିୟମ ଉଲ୍ଲେଖ ରହିଛି ସେସବୁ ପାଳନ କରିବେ, ତଦନୁସାରେ ଚଳିବେ। ଗର୍ଭାଧାନ ପରଠାରୁ

ସନ୍ତାନ ଜନ୍ମ ହେବା ପର୍ଯ୍ୟନ୍ତ ଗର୍ଭବତୀ ସ୍ତ୍ରୀ ନିଜର ଭୋଜନ-ଆଚ୍ଛାଦନ ବିଷୟରେ ବହୁତ ସାବଧାନ ରହିବା ଆବଶ୍ୟକ। ଗର୍ଭାଧାନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ ସ୍ୱାମୀଙ୍କ ସହ ଶାରୀରିକ ସମ୍ବନ୍ଧ ସ୍ଥାପନ କରିବେ ନାହିଁ। ବୁଦ୍ଧି, ବଳ, ରୂପ, ଆରୋଗ୍ୟ, ପରାକ୍ରମ, ଶାନ୍ତି ଆଦି ଗୁଣକାରକ ଦ୍ରବ୍ୟ ହିଁ ସେବନ କରିବେ।

ସନ୍ତାନ ଜନ୍ମ ହେବା ପରେ ତା'ର ନାଡ଼ୀଛେଦନ କରି, ଉତ୍ତମ ସୁଗନ୍ଧିତ ଜଳରେ ଶିଶୁକୁ ସ୍ନାନ କରାଇ, ସୁଗନ୍ଧଯୁକ୍ତ ଘୃତାଦି ପଦାର୍ଥରେ ହୋମ କରିବେ। ମାଆର ବି ସ୍ନାନ, ଭୋଜନ ଆଦିର ଯଥାଯୋଗ୍ୟ ବ୍ୟବସ୍ଥା କରିବେ, ଯେପରିକି ଶିଶୁ ଓ ମାଆ ଉଭୟଙ୍କ ଶରୀର କ୍ରମଶଃ ସୁସ୍ଥ ଓ ପୁଷ୍ଟ ହୋଇଚାଲିବ। ଶିଶୁର ମାଆ ବା ଧାଇ ଏପରି ପଦାର୍ଥ ଖାଇବା ଉଚିତ ଯଦ୍ୱାରା ତାଙ୍କ କ୍ଷୀର ବି ଉତ୍ତମ ଗୁଣଯୁକ୍ତ ହେବ। ଛଅ ଦିନ ପର୍ଯ୍ୟନ୍ତ ଶିଶୁକୁ ପ୍ରସୂତିର କ୍ଷୀର ପିଆଇବେ। ତା' ପରେ ଯଦି ମାଆର ସ୍ତନ୍ୟପାନରେ ଅସୁବିଧା ହୁଏ ତେବେ ଧାଇ ସ୍ତନ୍ୟପାନ କରାଇବେ। ସେପରି ସ୍ଥଳରେ ଶିଶୁର ପିତା-ମାତା ଧାଇ ପାଇଁ ଉତ୍ତମ ଖାଦ୍ୟ-ପେୟର ବ୍ୟବସ୍ଥା କରିବେ। ଆଉ ଯେଉଁମାନେ ନିର୍ଦ୍ଧନ, ଧାଇ ରଖିବାରେ ଅସମର୍ଥ, ସେମାନେ ବୁଦ୍ଧି, ପରାକ୍ରମ, ଆରୋଗ୍ୟଦାୟକ ଉତ୍ତମ ଔଷଧିକୁ ଶୁଦ୍ଧ ଜଳରେ ଭିଜାଇ, ଫୁଟାଇ, ଛାଣି ସେହି ଜଳକୁ ଗାଈ ବା ଛେଳି କ୍ଷୀରରେ ସମପରିମାଣରେ ମିଶାଇ ଶିଶୁକୁ ପିଆଇବେ। ସନ୍ତାନ ଜନ୍ମ ହେବା ପରେ ଶିଶୁ ଓ ମାଆକୁ ଶୁଦ୍ଧ ବାୟୁ ଚଳାଚଳ କରୁଥିବା ସ୍ଥାନରେ ରଖିବେ। ସେଠାରେ ସୁଗନ୍ଧିତ ଓ ଦର୍ଶନୀୟ ପଦାର୍ଥ ବି ରଖିବେ। ଶିଶୁକୁ ଶୁଦ୍ଧ ବାୟୁ ଚଳାଚଳ କରୁଥିବା ସ୍ଥାନରେ ଭ୍ରମଣ କରାଇବା ଉଚିତ। ଯେଉଁଠାରେ ଧାଇ, ଗାଈ କି ଛେଳି କ୍ଷୀର ନ ମିଳିବ, ସେଠାରେ ଯେପରି ଉଚିତ ମନେକରିବେ ସେପରି ବ୍ୟବସ୍ଥା କରିବେ। ପ୍ରସୂତା ସ୍ତ୍ରୀର ଶରୀରାଂଶରୁ ସନ୍ତାନର ଶରୀର ତିଆରି ହୋଇଥାଏ। ତେଣୁ ପ୍ରସବ ପରେ ସ୍ତ୍ରୀ ଦୁର୍ବଳ ହୋଇଯାଏ। କେତେକ କ୍ଷେତ୍ରରେ ପ୍ରସୂତା ଅତ୍ୟନ୍ତ ଦୁର୍ବଳ ବି ହୋଇଯାଏ। ସେ କ୍ଷେତ୍ରରେ ତା' କ୍ଷୀରରେ ଶକ୍ତି ବି କମ୍ ହୋଇଯାଏ। କେତେକ କ୍ଷେତ୍ରରେ ଦୁଗ୍ଧାଭାବ ଓ ରୁଗ୍ଣତା ବି ଥାଏ। ଏଣୁ ଏପରି ସ୍ଥଳେ ପ୍ରସୂତା ସ୍ତ୍ରୀ ଶିଶୁକୁ ସ୍ତନ୍ୟପାନ ନ କରାଇବା ଉଚିତ। ଦୁଗ୍ଧସ୍ରାବ ବନ୍ଦ କରିବାକୁ ଚାହିଁଲେ ସ୍ତନର ଛିଦ୍ର ଉପରେ ସେଭଳି ଔଷଧ ଲେପନ କରିବେ, ଯାହାଦ୍ୱାରା ଦୁଗ୍ଧ ସ୍ରବିତ ହେବ ନାହିଁ। ଏପରି କରିବା ଦ୍ୱାରା ପ୍ରସବର ଦ୍ୱିତୀୟ ମାସ ଆଡ଼କୁ ପ୍ରସୂତା ସ୍ତ୍ରୀ ଶନୈଃ-ଶନୈଃ ସ୍ୱାସ୍ଥ୍ୟବତୀ ହେବାକୁ ଲାଗେ। ସେତେବେଳ ପର୍ଯ୍ୟନ୍ତ ପୁରୁଷ ଇନ୍ଦ୍ରିୟ-ସଂଯମ ପୂର୍ବକ ବୀର୍ଯ୍ୟସ୍ତମ୍ଭନ କରିବେ। ସ୍ତ୍ରୀ ଯୋନିସଂକୋଚନ ଓ ଶୋଧନ କରିବେ। ସ୍ତ୍ରୀର ଶାରୀରିକ ଉନ୍ନତି ପରେ ଦ୍ୱିତୀୟ ସନ୍ତାନ ପାଇଁ ଉପକ୍ରମ କରାଯାଇପାରେ। ଯେଉଁ ପତି-ପତ୍ନୀ ଏପରି ସଂଯମପୂର୍ଣ୍ଣ ଆଚରଣ କରିବେ ସେମାନଙ୍କର ଆୟୁ ଦୀର୍ଘ, ବଳ-ପରାକ୍ରମର ବୃଦ୍ଧି ହେବା ସାଙ୍ଗକୁ ସେମାନଙ୍କ ସମସ୍ତ ସନ୍ତାନ ଉତ୍ତମ, ବଳବାନ୍, ବୁଦ୍ଧିମାନ୍, ଦୀର୍ଘାୟୁ ଓ ଧାର୍ମିକ ହେବେ।

ସନ୍ତାନଙ୍କୁ ମାଆ ସର୍ବଦା ଉତ୍ତମ ଶିକ୍ଷା ଦେବେ, ଯେପରିକି ସେମାନେ ସଭ୍ୟ ହେବେ ଓ କୌଣସି ଅଙ୍ଗଦ୍ୱାରା କୌଣସି ଅପଚେଷ୍ଟା କରିବେ ନାହିଁ। ଶିଶୁ କଥା କହିବାକୁ ଆରମ୍ଭ କଲେ ସେ ଯେପରି ସ୍ୱଷ୍ଟ ଉଚ୍ଚାରଣ କରିପାରିବ, ମାଆ ସେପରି ଉପାୟ କରିବେ। ଯେଉଁ ବର୍ଣ୍ଣର ସ୍ଥାନ, ପ୍ରଯତ୍ନ ଯାହା ଅର୍ଥାତ୍ କେଉଁ ଅକ୍ଷର କେଉଁ ସ୍ଥାନରୁ କିପରି ସ୍ୱଷ୍ଟ ଉଚ୍ଚାରିତ ହୋଇପାରେ ତାହା ଶିଖାଇବେ। ଯଥା – 'ପ' ର ଓଷ୍ଠ ସ୍ଥାନ ଓ ସ୍ପୃଷ୍ଟ ପ୍ରଯତ୍ନ ଅର୍ଥାତ୍ ଦୁଇ ଓଠକୁ ମିଶାଇ ଏହି ଅକ୍ଷର ବୋଲିବାକୁ ହୁଏ। ସେହିପରି ହ୍ରସ୍ୱ, ଦୀର୍ଘ ଓ ପ୍ଳୁତ ଅକ୍ଷରମାନଙ୍କୁ ଯଥା ନିୟମରେ ଉଚ୍ଚାରଣ କରିବାକୁ ଶିକ୍ଷା ଦେବେ। ମଧୁର, ଗମ୍ଭୀର, ସୁସ୍ୱର ସାଙ୍ଗକୁ ଅକ୍ଷର, ମାତ୍ରା, ପଦ, ବାକ୍ୟ, ସନ୍ଧି, ବିରାମ

ଯେପରି ସ୍ପଷ୍ଟ ଶୁଣାଯିବ ସେପରି ଶିକ୍ଷା ଦେବେ। ଶିଶୁ କିଛି-କିଛି କହିବାକୁ ଓ ବୁଝିବାକୁ ସମର୍ଥ ହେଲେ ସେମାନଙ୍କୁ ସୁନ୍ଦର ବଚନ ଶିଖାଇବେ ଏବଂ ବଡ଼, ସାନ, ମାତା, ପିତା, ଗୁରୁଜନ, ରାଜା ଓ ବିଦ୍ୱାନ୍ ଆଦିଙ୍କ ସହ କିପରି କଥାବାର୍ତ୍ତା ଓ ବ୍ୟବହାର କରିବା ଉଚିତ, ସେମାନଙ୍କ ନିକଟରେ କିଭଳି ବସାଉଠା ଆଦି କରିବା ବିଧେୟ ସେ ବିଷୟରେ ବି ଶିକ୍ଷା ଦେବେ, ଯଦ୍ୱାରାକି କେଉଁଠି ବି ସେମାନେ ଅନୁଚିତ ବ୍ୟବହାର କରିବେ ନାହିଁ ଏବଂ ସର୍ବତ୍ର ଗୌରବ ଓ ପ୍ରତିଷ୍ଠା ପାଇବେ। ସନ୍ତାନ ଯେପରି ଜିତେନ୍ଦ୍ରିୟ, ବିଦ୍ୟାପ୍ରିୟ ହେବ ଓ ଉତ୍ତମ ସଙ୍ଗ ପ୍ରତି ରୁଚି ରଖିବ, ସେପରି ପ୍ରଯତ୍ନ ସତତ କରିବେ। ବ୍ୟର୍ଥ କ୍ରୀଡ଼ା, ରୋଦନ, ହାସ୍ୟ, କଳହ, ହର୍ଷ, ଶୋକ, ଲୋଭ, ଈର୍ଷ୍ୟା, ଦ୍ୱେଷାଦି ନ କରିବ ସେଥିପ୍ରତି ଧ୍ୟାନ ଦେବେ। ଉପସ୍ଥେନ୍ଦ୍ରିୟର ସ୍ପର୍ଶ ଓ ମର୍ଦ୍ଦନରେ ବୀର୍ଯ୍ୟର କ୍ଷୀଣତା ଓ ନଂପୁସକତା ହୁଏ। ହାତ ବି ଦୁର୍ଗନ୍ଧ ହୁଏ। ଏଣୁ ବିନା କାରଣରେ ଯେପରି ତାକୁ ସ୍ପର୍ଶ ନ କରନ୍ତି, ତାହା ଶିକ୍ଷା ଦେବେ। ସେମାନେ ଯେପରି ସତ୍ୟବାଦିତା, ଶୌର୍ଯ୍ୟ, ଧୈର୍ଯ୍ୟ, ପ୍ରସନ୍ନତା ଆଦି ସଦ୍‌ଗୁଣରେ ସଦା ବିଭୂଷିତ ହେବେ, ସେଥିପ୍ରତି ଯତ୍ନବାନ୍ ହେବେ।

ପୁତ୍ର-କନ୍ୟା ପାଞ୍ଚ ବର୍ଷ ବୟସର ହେଲେ ତାଙ୍କୁ ଦେବନାଗରୀ ଓ ମାତୃଭାଷାର ଅକ୍ଷର ଶିଖାଇବେ। ଅନ୍ୟ ଭାଷା ବି ଯଥାଯୋଗ୍ୟ ଶିଖାଇ ପାରନ୍ତି। ତା' ପରେ ଉତ୍ତମ ଶିକ୍ଷା, ବିଦ୍ୟା, ଧର୍ମ, ପରମେଶ୍ୱର, ମାତା, ପିତା, ଆଚାର୍ଯ୍ୟ, ବିଦ୍ୱାନ୍, ଅତିଥି, ରାଜା, ପ୍ରଜା, କୁଟୁମ୍ବ, ବନ୍ଧୁ, ଭ୍ରାତା, ଭଗିନୀ, ଭୃତ୍ୟ ଆଦିଙ୍କ ପ୍ରତି କର୍ତ୍ତବ୍ୟ ଓ ବ୍ୟବହାର ସମ୍ବନ୍ଧୀୟ ମନ୍ତ୍ର, ଶ୍ଳୋକ, ସୂତ୍ର, ଗଦ୍ୟ ଓ ପଦ୍ୟ ଆଦି ବି ଅର୍ଥ ସହିତ ମୁଖସ୍ଥ କରାଇବେ। ଫଳରେ ସନ୍ତାନମାନେ କୌଣସି ଧୂର୍ତ୍ତର ପ୍ରରୋଚନାରେ ପଡ଼ିବେ ନାହିଁ। ଯାହା-ଯାହା ବିଦ୍ୟା ଓ ଧର୍ମର ବିରୁଦ୍ଧ ତଥା ଭ୍ରାନ୍ତି, ଅଜ୍ଞାନ, ଅନ୍ଧବିଶ୍ୱାସପୂର୍ଣ୍ଣ କାର୍ଯ୍ୟ ସେସବୁ ବି ଉତ୍ତମ ରୂପେ ବୁଝାଇ ଦେବେ ଯଦ୍ୱାରା ସନ୍ତାନମାନେ ଭୂତ-ପ୍ରେତ ଆଦି ମିଥ୍ୟା କଥାରେ ବିଶ୍ୱାସ କରିବେ ନାହିଁ। 'ପ୍ରେତ' କାହାକୁ କହନ୍ତି ତାହା ଶାସ୍ତ୍ରରେ ଦର୍ଶାଯାଇଛି —

ଭୂତ-ପ୍ରେତାଦିଙ୍କ କାଳ୍ପନିକ ସ୍ୱରୂପର ନିରାକରଣ

ଗୁରୋଃ ପ୍ରେତସ୍ୟ ଶିଷ୍ୟସ୍ତୁ ପିତୃମେଧଂ ସମାଚରନ୍।
ପ୍ରେତହାରୈଃ ସମଂ ତତ୍ର ଦଶରାତ୍ରେଣ ଶୁଦ୍ଧ୍ୟତି ॥ (ମନୁ. ୫:୬୫)

ଗୁରୁଙ୍କର ମୃତ୍ୟୁ ପରେ ତାଙ୍କ **'ପ୍ରେତ'** ଅର୍ଥାତ୍ 'ମୃତଦେହ'ର ଦାହକାରୀ ଶିଷ୍ୟ **'ପ୍ରେତହାର'** ଅର୍ଥାତ୍ 'ଶବବାହକ'ମାନଙ୍କ ସହ ଦଶମ ଦିବସରେ ଶୁଦ୍ଧ ହୁଏ। ଶବ ଦାହ ପରେ ମୃତ ବ୍ୟକ୍ତିକୁ **'ଭୂତ'** କୁହାଯାଏ ଅର୍ଥାତ୍ ଅମୁକ ନାମରେ ବ୍ୟକ୍ତି ଅତୀତରେ ଥିଲେ। ଯାହାସବୁ ଉତ୍ପନ୍ନ ହୋଇଥିଲା, ଦିନେ ବିଦ୍ୟମାନ ଥିଲା ଓ ବର୍ତ୍ତମାନ ନାହିଁ, ସେସବୁର ନାମ **'ଭୂତ'**। ବ୍ରହ୍ମାଙ୍କଠାରୁ ଆରମ୍ଭ କରି ଆଜିର ବିଦ୍ୱାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏହା ହିଁ ସିଦ୍ଧାନ୍ତ। କିନ୍ତୁ **ଯେଉଁ ବ୍ୟକ୍ତି ଶଙ୍କା, କୁସଙ୍ଗ ଓ କୁସଂସ୍କାର ଗ୍ରସ୍ତ, ତାକୁ ଭୟ ଓ ଶଙ୍କା ରୂପକ ଭୂତ-ପ୍ରେତ, ଡାକିନୀ-ଶାକିନୀ ଆଦି ଅନେକ ଭ୍ରମଜାଲ ଦୁଃଖ ଦେଇଥାନ୍ତି।**

କୌଣସି ପ୍ରାଣୀ ମରିଗଲେ ତା'ର ଆତ୍ମା ନିଜର ପାପ-ପୁଣ୍ୟ ଆଧାରରେ ପରମେଶ୍ୱରଙ୍କ ବ୍ୟବସ୍ଥା ଅନୁସାରେ ଦୁଃଖ-ସୁଖ ରୂପକ ଫଳ ଭୋଗ କରିବା ନିମନ୍ତେ ଅନ୍ୟ ଜନ୍ମ ଗ୍ରହଣ କରେ। ଏହି ଅବିନାଶୀ ଈଶ୍ୱରୀୟ କର୍ମଫଳ ବ୍ୟବସ୍ଥାକୁ କ'ଣ କେହି ଅନ୍ୟଥା କରିପାରେ ? ଅଜ୍ଞାନୀ ଲୋକମାନେ ଆୟୁର୍ବେଦ ଶାସ୍ତ୍ର ବା ପଦାର୍ଥ ବିଦ୍ୟା ନ ପଢ଼ି, ନ ଶୁଣି ଓ ସେ ସମ୍ପର୍କୀୟ ଜ୍ଞାନରୁ ରହିତ ହୋଇ ସନ୍ନିପାତ ଜ୍ୱର ଆଦି ଶାରୀରିକ ରୋଗ ଓ ଉନ୍ମାଦ ଆଦି

ମାନସିକ ରୋଗକୁ ଭୂତ-ପ୍ରେତ ଆଦି ବୋଲି କହିଥାନ୍ତି। ସେସବୁ ରୋଗର ଔଷଧ ଓ ପଥ୍ୟ ସେବନ ଆଦି ଉଚିତ ପ୍ରତିକାର କରିବା ପରିବର୍ତ୍ତେ ଧୂର୍ତ୍ତ, ପାଖଣ୍ଡୀ, ମହାମୂର୍ଖ, ଦୁରାଚାରୀ, ସ୍ୱାର୍ଥପର, ପାପିଷ୍ଠ, ପାମର, ନୀଚ, ମ୍ଲେଚ୍ଛ ଆଦିଙ୍କ ନାନାପ୍ରକାର ଛଳ-କପଟ ପୂର୍ଣ୍ଣ କୌଶଳ ଉପରେ ଦୃଢ଼ବିଶ୍ୱାସ ସ୍ଥାପନ କରି ଉଚ୍ଛିଷ୍ଟ ଭୋଜନ କରନ୍ତି ଓ ଡେଉଁରିଆ, ତାବିଜ, ସୂତା ଆଦି ମିଥ୍ୟା ମନ୍ତ୍ର-ଯନ୍ତ୍ର ଧାରଣ କରି ଓ କରାଇ ଚାଲିଥାନ୍ତି। ଏପରି ଭାବେ ନିଜର ଅର୍ଥନାଶ କରିବା ସାଙ୍ଗକୁ ସନ୍ତାନ ଆଦିଙ୍କ ଦୁର୍ଦ୍ଦଶା କରି ଓ ରୋଗ ବୃଦ୍ଧି କରି ଦୁଃଖ ଦେଇଥାନ୍ତି।

ଯେତେବେଳେ ବୁଦ୍ଧିହୀନ ଲୋକମାନେ କୌଣସି ବ୍ୟକ୍ତିକୁ ନେଇ ସେହି ଦୁର୍ବୁଦ୍ଧି, ପାପୀ, ସ୍ୱାର୍ଥୀମାନଙ୍କ ନିକଟକୁ ଯାଇ ପଚାରନ୍ତି – 'ମହାରାଜ! ୟାକୁ (ଏ ବାଳକ, ବାଳିକା, ସ୍ତ୍ରୀ ବା ପୁରୁଷକୁ) କ'ଣ ହୋଇଛି, କିଛି ଜାଣିହେଉନି।' ସେତେବେଳେ ସେ ଧୂର୍ତ୍ତମାନେ କହନ୍ତି – 'ୟା' ଦେହରେ ବଡ଼ ଭୂତ-ପ୍ରେତ, ଭୈରବ ବା ଶୀତଳା ଆଦି ଦେବୀ ପ୍ରବେଶ କରିଛନ୍ତି। ଏହାର ପ୍ରତିକାର ନ କଲେ ଏମାନେ ଛାଡ଼ିକି ଯିବେନି, ୟା'ର ପ୍ରାଣ ବି ନେଇଯିବେ। ଯଦି ତୁମେ ପୂଜା ପାଇଁ ଅମୁକ-ଅମୁକ ଭୋଗରାଗ ବା ଏତିକି ପୂଜାଖର୍ଚ୍ଚ ଦେବ, ତେବେ ଆମେ ମନ୍ତ୍ର, ଜପ ଓ ପୁରଶ୍ଚରଣ ଦ୍ୱାରା ଝାଡ଼ି-ଫୁଙ୍କି ଏମାନଙ୍କୁ ବାହାର କରିଦେବୁ।' ସେତେବେଳେ ସେ ଅଜ୍ଞାନାନ୍ଧ ଲୋକେ ଓ ତାଙ୍କ ମୂର୍ଖ ସମ୍ପର୍କୀୟମାନେ କହନ୍ତି –'ମହାରାଜ! ଆମର ସର୍ବସ୍ୱ ସରିଯାଉ ପଛକେ, ଏହାକୁ ଭଲ କରିଦିଅନ୍ତୁ।' ସେତେବେଳେ ତ ଏ ପରସ୍ୱହରଣକାରୀଙ୍କ କଚେ ପୁଅ ବା'ର। ସେ ଧୂର୍ତ୍ତମାନେ କହନ୍ତି – 'ଆଚ୍ଛା! ପୂଜା ପାଇଁ ଏତିକି ସାମଗ୍ରୀ, ଏତିକି ଦକ୍ଷିଣା ଓ ଦେବତାଙ୍କ ପାଇଁ ଭେଟି ଆଣ । ଗ୍ରହଦାନ କରାଅ।' ତା'ପରେ ଝାଞ୍ଜି, ମୃଦଙ୍ଗ, ଢୋଲ, ଘଣ୍ଟ ଆଦି ନେଇ ରୋଗୀ ଆଗରେ ଜୋର୍‌ରେ ବଜାନ୍ତି, ନିରର୍ଥକ ଗୀତ ଗାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ପାଖଣ୍ଡି ଉନ୍ମତ୍ତ ହୋଇ ନାଚି-କୁଦି କହେ – 'ମୁଁ ୟାକୁ ଛାଡ଼ିବିନି, ୟା' ପ୍ରାଣ ନେଇଯିବି।' ସେତେବେଳେ ସେ ଅଜ୍ଞାନାନ୍ଧମାନେ ସେ ନୀଚ, ନରାଧମର ଗୋଡ଼ତଳେ ପଡ଼ି କାକୁତି-ମିନତି କରି କହନ୍ତି – 'ଆପଣ ଯାହା ଇଚ୍ଛା ତାହା ନିଅନ୍ତୁ ପଛକେ, ୟାକୁ ବଞ୍ଚାଇ ଦିଅନ୍ତୁ।' ସେତେବେଳେ ସେ ଧୂର୍ତ୍ତ କହେ – 'ମୁଁ ହନୁମାନ୍! ଆଣ ମୋ ପାଇଁ ମିଠେଇ, ତେଲ, ସିନ୍ଦୁର, ସଉଆ ମହଣର ରୁଟି ଓ ଲାଲ ଲେଙ୍ଗୋଟି। ମୁଁ ଦେବୀ! ମୁଁ ଭୈରବ! ଆଣ ମୋ ପାଇଁ ପାଣି-ପଣା, ଧୂପ-ଝୁଣା, ଲିଆ-ମୁଆଁ, ମଣ୍ଡା-କାକରା, କଳାକନା, ନାଲି ବାନା, ପାଞ୍ଚ ବୋତଲ ମଦ, କୋଡ଼ିଏଟି କୁକୁଡ଼ା, ପାଞ୍ଚଟା ଛେଳି' ଇତ୍ୟାଦି। ଯେତେବେଳେ ଏ ଅନ୍ଧବିଶ୍ୱାସୀମାନେ କହନ୍ତି, –'ଯାହା ଚାହୁଁଛନ୍ତି, ନିଅନ୍ତୁ।' ସେତେବେଳେ ତ ସେ ପାଗଳ ଖୁବ୍ ଜୋର୍‌ରେ ନାଚିବାକୁ-ଡେଇଁବାକୁ ଲାଗେ। କିନ୍ତୁ ଏ ସମୟରେ ଯଦି କୌଣସି ବୁଦ୍ଧିମାନ୍ ବ୍ୟକ୍ତି ସେ ଦେବତାଙ୍କୁ ଭୋଗ-ରାଗ-ନୈବେଦ୍ୟ ସ୍ୱରୂପ ଜୋତା କି ଠେଙ୍ଗାରେ ୫-୧୦ ପାହାର କିମ୍ବା ଭଲକରି ଚାପୁଡ଼ା, ବିଧା, ଗୋଇଠା ଗଣ୍ଡାଏ ଦିଏ ତେବେ ତା'ର ହନୁମାନ୍, ଦେବୀ ଓ ଭୈରବ ତତ୍‌କ୍ଷଣାତ୍ ପସନ୍ନ ହୋଇ ପ୍ରସ୍ଥାନ କରନ୍ତି। କାରଣ, ଏ ସବୁ ତ କେବଳ ପରସ୍ୱ ହରଣ ନିମିତ୍ତ ସେ ଧୂର୍ତ୍ତମାନଙ୍କର ଫନ୍ଦି-ଫିକର।

ଜାତକ ଓ ଗ୍ରହଶାନ୍ତି ସମୀକ୍ଷା

ସେହିପରି ଯେତେବେଳେ କୌଣସି ଗ୍ରହଗ୍ରସ୍ତ ବ୍ୟକ୍ତି, ଗ୍ରହରୂପୀ ଜ୍ୟୋତିଷୀଙ୍କ ନିକଟକୁ ଯାଇ ପଚାରେ– 'ମହାରାଜ! ୟା'ର କ'ଣ ହୋଇଛି?' ସେତେବେଳେ ସେ କହନ୍ତି – 'ୟା' ଉପରେ ସୂର୍ଯ୍ୟାଦି ଗ୍ରହଙ୍କର କ୍ରୂର ଦୃଷ୍ଟି ପଡ଼ିଛି। ଯଦି ତୁମେ ଗ୍ରହଶାନ୍ତି ପାଇଁ ପୂଜା-ପାଠ, ତିଳ-କାଞ୍ଚନ ଆଦି ଦାନ କରିବ ତେବେ ଇଏ ଭଲ ହୋଇଯିବ। ନଚେତ୍ ବହୁତ କଷ୍ଟ ଭୋଗିବ, ମରିଯିବା ବି କିଛି ଅସମ୍ଭବ ନୁହେଁ।

ଉତ୍ତର — କହନ୍ତୁ ଜ୍ୟୋତିଷପ୍ରବର ! ଏ ପୃଥିବୀ ଯେମିତି ଜଡ଼ ପଦାର୍ଥ, ସୂର୍ଯ୍ୟାଦି ପିଣ୍ଡ ବି ସେମିତି ଜଡ଼। ସେମାନେ ଉତ୍ତାପ ଓ ଆଲୋକ ଦେବା ବ୍ୟତୀତ ଆଉ କିଛି କରିପାରନ୍ତି ନାହିଁ। ସେମାନେ କ'ଣ ଚେତନ ଯେ କ୍ରୁଦ୍ଧ ହୋଇ ଦୁଃଖ ଓ ପ୍ରସନ୍ନ ହୋଇ ସୁଖ ପ୍ରଦାନ କରିପାରିବେ ?

ପ୍ରଶ୍ନ — ଏ ସଂସାରରେ ଲୋକେ ଯେଉଁ ଧନୀ-ଗରିବ, ରାଜା-ପ୍ରଜା, ସୁଖୀ-ଦୁଃଖୀ ହେଉଛନ୍ତି, କ'ଣ ଏସବୁ ଗ୍ରହମାନଙ୍କ ଫଳ ନୁହେଁ ?

ଉତ୍ତର — ନା, ଏସବୁ ପାପ-ପୁଣ୍ୟର ଫଳ।

ପ୍ରଶ୍ନ — ତେବେ କ'ଣ ଜ୍ୟୋତିଷ ଶାସ୍ତ୍ର ମିଥ୍ୟା ?

ଉତ୍ତର — ନା, ସେଥିରେ ଯେଉଁ ଅଙ୍କଗଣିତ, ବୀଜଗଣିତ ଓ ରେଖାଗଣିତ ବିଦ୍ୟା ଅଛି, ସେସବୁ ସତ୍ୟ; କିନ୍ତୁ ଫଳାଫଳର ଯେଉଁ ଲୀଳା ଅଛି, ସେସବୁ ମିଥ୍ୟା।

ପ୍ରଶ୍ନ — ତା'ହେଲେ ଏ ଯେଉଁ ଜାତକ ବା ଜନ୍ମପତ୍ର, ସେସବୁ କଣ ନିଷ୍ଫଳ ?

ଉତ୍ତର — ହଁ। ତାହା 'ଜନ୍ମପତ୍ର' ତ ନୁହେଁ, ବରଂ ତା' ନାମ **'ଶୋକପତ୍ର'** ରଖାଯିବା ଉଚିତ। କାରଣ ସନ୍ତାନଟିଏ ଜନ୍ମ ହେଲେ ପରିବାରରେ ସମସ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଏ। କିନ୍ତୁ ସେ ଆନନ୍ଦ ସେତେବେଳ ପର୍ଯ୍ୟନ୍ତ ରହେ, ଯେତେବେଳ ଯାଏ ଜନ୍ମପତ୍ରିକା ତିଆରି ହୋଇ ଗ୍ରହଙ୍କ ଫଳାଫଳ ଶୁଣାଯାଇନି। ଯେତେବେଳେ ପୁରୋହିତ ନବଜାତ ଶିଶୁର ଜାତକ ତିଆରି କରିବା କଥା କହନ୍ତି ସେତେବେଳେ ମାତା-ପିତା ପୁରୋହିତଙ୍କୁ କହନ୍ତି - 'ଗୋସେଇଁ ! ଆମ ପିଲା ପାଇଁ ଭଲ ଭାବେ ଜାତକଟିଏ କରିଦେବେ।' ଧନୀଲୋକଙ୍କ ଛୁଆ ହୋଇଥିଲେ ତା' ପାଇଁ ଲାଲ-ହଳଦିଆ ନାନାରଙ୍ଗର ରେଖାରେ ଚିତ୍ର-ବିଚିତ୍ର ହୋଇଥିବା ଲମ୍ବା-ଚଉଡ଼ା ଜାତକ ଓ ଗରିବ ଲୋକର ଛୁଆ ହୋଇଥିଲେ ତା' ପାଇଁ ସାଧାରଣ ଭାବେ ତିଆରି ଚାରି ଧାଡ଼ି ଲେଖାବିଶିଷ୍ଟ ଜାତକ ଧରି ଜ୍ୟୋତିଷୀ ପହଞ୍ଚନ୍ତି ଫଳ ଶୁଣାଇବାକୁ। ଛୁଆର ବାପା-ମାଆ ଜ୍ୟୋତିଷୀଙ୍କୁ ବଡ଼ ଆଗ୍ରହର ସହ ପଚାରନ୍ତି – 'ଆମ ଛୁଆର କୋଷ୍ଠୀଟା ଭଲ ଅଛି ତ ?' ଜ୍ୟୋତିଷୀ ଉତ୍ତର ଦିଅନ୍ତି – 'ଯା' ଅଛି ତା' ଶୁଣାଇ ଦଉଛି। ଏହାର ଜନ୍ମଗ୍ରହ ବହୁତ ଭଲ ଓ ମିତ୍ର ଗ୍ରହ ବି ଭଲ। ତା' ଫଳରେ ଇଏ ଧନଶାଳୀ ଓ ପ୍ରତିଷ୍ଠାବାନ୍ ହେବ। ଯେଉଁ ସଭା-ସମିତିରେ ବସିବ, ସମସ୍ତଙ୍କ ଉପରେ ପ୍ରଭାବ ବିସ୍ତାର କରିବ। ଶରୀର ଆରୋଗ୍ୟ ରହିବ ଓ ରାଜମାନ୍ୟପ୍ରାପ୍ତି ବି ହେବ' ଇତ୍ୟାଦି। ଏ ସବୁ କଥା ଶୁଣି ପିତାମାତା ପ୍ରଭୃତି ବଡ଼ ଖୁସି ହୋଇ ଜ୍ୟୋତିଷୀଙ୍କ ବହୁତ ପ୍ରଂଶସା କରନ୍ତି – 'ଗୋସେଇଁ! ଆପଣ ଦିବ୍ୟଦ୍ରଷ୍ଟା'। କିନ୍ତୁ ଜ୍ୟୋତିଷୀ ଜାଣନ୍ତି ଯେ ଏ ପ୍ରଶଂସାରେ ତାଙ୍କର ଅସଲ ଉଦ୍ଦେଶ୍ୟ ସାଧିତ ହେବାର ଅର୍ଥାତ୍ ପକେଟ ବିଶେଷ ଗରମ ହେବାର ସମ୍ଭାବନା ନାହିଁ। ତା'ପାଇଁ ଅନ୍ୟ ଉପାୟ ଅବଲମ୍ବନ ଆବଶ୍ୟକ। ତା' ପରେ ସେ କହନ୍ତି - 'ଏ ଗ୍ରହମାନେ ତ ଅତି ଉତ୍ତମ, କିନ୍ତୁ ଏମାନେ କ୍ରୂର ଅର୍ଥାତ୍ ଅମୁକ-ଅମୁକ ଗ୍ରହ ଯୋଗରେ ୮ ବର୍ଷ ବୟସରେ ଏହାର ମୃତ୍ୟୁ-ଯୋଗ ଅଛି।' ଏ କଥା ଶୁଣି ମାତା-ପିତା ଆଦିଙ୍କ ସନ୍ତାନ ଜନ୍ମର ଆନନ୍ଦ ନିମିଷେକରେ ଉଭେଇଯାଏ। ଦଃଖସାଗରରେ ମଗ୍ନ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ବାପା-ମା ଜ୍ୟୋତିଷୀଙ୍କୁ ପଚାରନ୍ତି - 'ଆଜ୍ଞା ! ବର୍ତ୍ତମାନ କ'ଣ କରାଯାଇପାରିବ ?' ସେତେବେଳେ ଜ୍ୟୋତିଷୀ କହନ୍ତି - 'ପ୍ରତିକାର ପାଇଁ ବ୍ୟବସ୍ଥା କର।' ଯେତେବେଳେ ପ୍ରତିକାର ପାଇଁ ଉପାୟ କ'ଣ ବୋଲି ଜ୍ୟୋତିଷୀଙ୍କୁ ପ୍ରଶ୍ନ କରନ୍ତି, ସେତେବେଳେ ଥୋପ ଠିକ୍ ଲାଗିଥିବା ଅନୁମାନ କରି ଜ୍ୟୋତିଷୀ କହନ୍ତି – 'ଏୟା-

ଏୟା ଦାନ କର, ଗ୍ରହର ମନ୍ତ୍ର ଜପ କରାଅ, ଗ୍ରହଶାନ୍ତି ହୋମ କର, ପ୍ରତିଦିନ ବ୍ରାହ୍ମଣ ଭୋଜନ କରାଅ, ତେବେ ହୁଏତ ଇଏ ଗ୍ରହପୀଡ଼ାରୁ ମୁକ୍ତ ହୋଇପାରେ।' ଜ୍ୟୋତିଷୀ 'ହୋଇପାରେ' ଶବ୍ଦ ପ୍ରୟୋଗ କରିବାର କାରଣ ଏଇଆ ଯେ, ଯଦି ଦୈବାତ୍ ସନ୍ତାନଟି ମରିଯାଏ ତେବେ ସେ କହିବେ ଯେ, "ମୁଁ କ'ଣ କରିପାରିବି, ଈଶ୍ୱରଙ୍କଠୁ ବଡ଼ କେହି ନାହିଁ। ମୁଁ ବହୁତ ଚେଷ୍ଟା କଲି, ଆଉ ତୁମେ ବି କରେଇଲ, ହେଲେ 'ବିଧିର ବିଧାନ କେ କରିବ ଆନ'? ତା' କର୍ମ ଏତିକି ହିଁ ଥିଲା।" ଆଉ ଯଦି ପିଲାଟି ବଞ୍ଚିଯାଏ, ତେବେ ସେ କହନ୍ତି – 'ଦେଖ, ଆମ ମନ୍ତ୍ରର କରାମତି ଏବଂ ଦେବତା-ବ୍ରାହ୍ମଣଙ୍କ କେମିତି ଶକ୍ତି! ତୁମ ସନ୍ତାନ ମରଣ ଦୁଆରୁ ଫେରିଆସିଲା।'

ଏ ସ୍ଥଳରେ ଏପରି ହେବା ଉଚିତ ଯେ ଏମାନଙ୍କ ଗ୍ରହହୋମ, ମନ୍ତ୍ରଜପ, ପୂଜାପାଠ ଦ୍ୱାରା ଯଦି କିଛି ଫଳ ନ ହୁଏ ତେବେ ଏ ଧୂର୍ତ୍ତମାନଙ୍କଠାରୁ ଦୁଇ-ତିନି ଗୁଣ ଅର୍ଥ ଆଦାୟ କରିବା ଉଚିତ। ଆଉ ଯଦି ସନ୍ତାନଟି ବଞ୍ଚିଯାଏ, ତେବେ ବି ଏପରି ଟଙ୍କା ଅସୁଲ କରିବା ଉଚିତ। କାରଣ ଜ୍ୟୋତିଷୀମାନେ ତ କହିଥିଲେ ଯେ – 'ବ୍ୟକ୍ତିର କର୍ମ ଓ ପରମେଶ୍ୱରଙ୍କ ବ୍ୟବସ୍ଥାକୁ ଅନ୍ୟଥା କରିବାର ସାମର୍ଥ୍ୟ କାହାର ନାହିଁ।' ତେଣୁ ସନ୍ତାନର ମାଆ-ବାପା ବି ତାଙ୍କୁ ସେମିତି କହିବା ଉଚିତ– 'ଆମ ସନ୍ତାନ ନିଜ କର୍ମ ଓ ପରମେଶ୍ୱରଙ୍କ ନିୟମ ଅନୁସାରେ ବଞ୍ଚିରହିଛି, ତୁମ କର୍ମ ଯୋଗୁଁ ନୁହେଁ।' ତୃତୀୟରେ, ସେହିପରି କାନଫୁଙ୍କା ଗୁରୁ ଆଦି ବି ସ୍ୱାର୍ଥବଶତଃ ଗୃହସ୍ଥମାନଙ୍କୁ ଅନେକ ପ୍ରକାର ଦାନ-ପୁଣ୍ୟ କରିବାର ଉପଦେଶ ଦେଇ ନିଜେ ସେ ଦାନ ଗ୍ରହଣ କରି ମାଲାମାଲ୍ ହୋଇଥାନ୍ତି। ତେଣୁ ସେମାନଙ୍କୁ ବି ସେଭଳି ଉତ୍ତର ଦେବା ଉଚିତ, ଯେପରି ଜ୍ୟୋତିଷୀଙ୍କୁ ଦେଇଥିଲେ।

ବର୍ତ୍ତମାନ ବିଚାର କରିବା ଶୀତଳା ଏବଂ ମନ୍ତ୍ର-ଯନ୍ତ୍ର-ତନ୍ତ୍ର ଆଦି କଥା। ଏସବୁ ବି ଏମିତି ହିଁ ପାଖଣ୍ଡର ପସରା। କେହି କହିଥାନ୍ତି – 'ଆମେ ମନ୍ତ୍ରରେ ସିଦ୍ଧ କରି ଯେଉଁ ଡେଉଁରିଆ, କବଚ, ଯନ୍ତ୍ର, ତାବିଜ ଆଦି ତିଆରି କରିଥାଉ, ତାକୁ ଧାରଣ କଲେ ସେ ମନ୍ତ୍ର-ଯନ୍ତ୍ରର ପ୍ରଭାବ ବଳରେ ତା'ର ଅଧିଷ୍ଠାତା ଦେବତା, ପୀର ଆଦି ସେ ଧାରଣକାରୀ ଉପରେ କୌଣସି ବାଧା-ବିଘ୍ନ, ଆପଦ-ବିପଦ ପଡ଼ିବାକୁ ଦିଅନ୍ତି ନାହିଁ।' ସେମାନଙ୍କୁ ପଚାରିବା ଉଚିତ – "କ'ଣ ତୁମେ ପରମେଶ୍ୱରଙ୍କ ନିୟମ, ମୃତ୍ୟୁ ଓ କର୍ମଫଳରୁ ବି କାହାକୁ ରକ୍ଷା କରିପାରିବ? ତୁମର ଏ ମନ୍ତ୍ର-ଯନ୍ତ୍ର, ଡେଉଁରିଆ-କବଚ ଧାରଣ କରି ବି ତ କେତେ ପିଲା ମରିଯାଇଛନ୍ତି। ଅନ୍ୟ ଘର କଥା ଛାଡ଼, ତୁମ ପରିବାରରେ କ'ଣ କୌଣସି ଛୁଆ କେବେ ମରିନାହାନ୍ତି? ତୁମ ଛୁଆକୁ ତୁମେ କେମିତି ରକ୍ଷା କରିପାରିଲନି? ଆଚ୍ଛା, ପିଲା କଥା ତେଣିକି ଥାଉ, ତୁମେ ନିଜେ କ'ଣ ମୃତ୍ୟୁ ମୁଖରୁ ରକ୍ଷା ପାଇଯାଇପାରିବ?" ସେତେବେଳେ ସେମାନଙ୍କ ପାଖରେ ଆଉ କିଛି ନ ଥାଏ ଉତ୍ତର ଦେବାକୁ ଏବଂ ସେ ଧୂର୍ତ୍ତଦଳ ଜାଣିପାରନ୍ତି ଯେ ଏଇଠି ଆମ ଚାଲବାଜି ଚଳିବ ନାହିଁ। ତେଣୁ ଚୁପ୍‌ଚାପ୍ ପୃଷ୍ଠଭଙ୍ଗ ଦେବା ହିଁ ଶ୍ରେୟଷ୍କର ପନ୍ଥା ମନେକରି ତାକୁଇ ଅବଲମ୍ବନ କରନ୍ତି।

ଅତଏବ ଏସବୁ ମିଥ୍ୟା ବ୍ୟବହାର ପରିତ୍ୟାଗ କରି ଧାର୍ମିକ, ସର୍ବୋପକାରୀ, ନିଷ୍କପଟ ଭାବେ ସମସ୍ତଙ୍କୁ ବିଦ୍ୟାଦାତା, ଉତ୍ତମ ବିଦ୍ୱାନଙ୍କ ପ୍ରତ୍ୟୁପକାର କରିବା ଉଚିତ, ଯେପରିକି ସେମାନେ ଜଗତର ଉପକାର କରନ୍ତି । ତଥା ଏପରି କାର୍ଯ୍ୟ କେବେ ବି ଛାଡ଼ିବା ଅନୁଚିତ। ଆଉ ଯେଉଁମାନେ ରସାୟନ, ମାରଣ, ମୋହନ, ଉଚ୍ଚାଟନ,ବଶୀକରଣ ଆଦି ବିଷୟରେ ବିଚିତ୍ର ଲୀଳାସବୁ ବର୍ଣ୍ଣନା କରନ୍ତି ସେମାନଙ୍କୁ ମହାପାମର ବୋଲି ବୁଝିବା ଉଚିତ। ଏ ସବୁ ମିଥ୍ୟା କଥାର ବାସ୍ତବିକତା ବିଷୟରେ ବାଲ୍ୟାବସ୍ଥାରୁ ହିଁ ସନ୍ତାନମାନଙ୍କୁ ବୁଝାଇ

ସେମାନଙ୍କ ହୃଦୟରେ ଦୃଢ଼ ସଂସ୍କାର ପକାଇ ଦେବା ଦରକାର, ଯଦ୍ଦ୍ୱାରା ସେମାନେ କାହାର ବି ମାୟାଜାଲରେ ପଡ଼ି ଦୁଃଖ ନ ପାଇବେ।

ପୁନଶ୍ଚ ବୀର୍ଯ୍ୟର ସୁରକ୍ଷା ଦ୍ୱାରା ଆନନ୍ଦ ଲାଭ ହୁଏ ଏବଂ ବୀର୍ଯ୍ୟନାଶ କଲେ ଦୁଃଖ ମିଳେ, ଏ କଥା ବି ସନ୍ତାନଙ୍କୁ ଜଣାଇ ଦେବେ। କହିବେ– "ଦେଖ! ଯାହାର ଶରୀରରେ ବୀର୍ଯ୍ୟ ସୁରକ୍ଷିତ ରହେ, ତା'ର ଆରୋଗ୍ୟ, ବୁଦ୍ଧି, ବଳ, ପରାକ୍ରମ ଇତ୍ୟାଦି ବୃଦ୍ଧି ପାଇ ତାକୁ ବହୁତ ସୁଖ ପ୍ରାପ୍ତ ହୁଏ। ବୀର୍ଯ୍ୟ ରକ୍ଷାର ଉପାୟ ହେଲା – ଅଶାଳୀନ ପୁସ୍ତକ ପଠନ, ବିଷୟ-ଭୋଗ ଆଲୋଚନା, ଅସଂଯମୀ-ଦୁଶ୍ଚରିତ୍ରଙ୍କ ସଙ୍ଗ, ବିଷୟ-ବାସନାର ଚିନ୍ତନ ତଥା ସ୍ତ୍ରୀଲୋକ ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ଓ ଏକାନ୍ତ ସେବନ ଆଦି କର୍ମରୁ ବ୍ରହ୍ମଚାରୀମାନେ ଦୂରରେ ରହି ଉତ୍ତମ ଶିକ୍ଷା ଓ ପୂର୍ଣ୍ଣ ବିଦ୍ୟା ପ୍ରାପ୍ତି ପାଇଁ ସଦା ଯତ୍ନବାନ୍ ହେବା। ବ୍ରହ୍ମଚାରୀମାନେ ଏପରି କରିଥାନ୍ତି, ତୁମେ ବି ସେପରି ରହି ଉତ୍ତମ ଶିକ୍ଷା ଓ ପୂର୍ଣ୍ଣ ବିଦ୍ୟା ପ୍ରାପ୍ତ କର। ଯାହାର ଶରୀର ବୀର୍ଯ୍ୟହୀନ ସେ ନପୁଂସକ ଓ ମହା କୁଲକ୍ଷଣ ଯୁକ୍ତ ହୁଏ, ଏବଂ ତାହାକୁ ପ୍ରମେହ ରୋଗ ବି ହୁଏ। ସେ ଦୁର୍ବଳ, ନିସ୍ତେଜ, ବୁଦ୍ଧିହୀନ ତଥା ଉତ୍ସାହ, ସାହସ, ଧୈର୍ଯ୍ୟ, ବଳ, ପରାକ୍ରମ ଆଦି ଗୁଣରୁ ରହିତ ହୋଇ ମହାନ୍ ବିନାଶକୁ ପ୍ରାପ୍ତ ହୋଇଯାଏ। ବିଦ୍ୟା ଅର୍ଜନ ଓ ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ଜୀବନର ପ୍ରଥମ ଭାଗ ହିଁ ଅତ୍ୟନ୍ତ ଉପଯୁକ୍ତ ସମୟ। ଯଦି ତୁମେ ସୁ-ଶିକ୍ଷା ଓ ବିଦ୍ୟା ଅର୍ଜନ ଏବଂ ବୀର୍ଯ୍ୟ ରକ୍ଷା କରିବାରେ ଏ ସମୟରେ ଯତ୍ନବାନ୍ ନ ହେବ, ତେବେ ଏ ଜନ୍ମରେ ତୁମକୁ ଏହି ଅମୂଲ୍ୟ ସମୟ ଆଉ ମିଳିବ ନାହିଁ। ଯେତେଦିନ ଯାଏ ଆମେ ଘର-ସଂସାର ଦାୟିତ୍ୱ ବୁଝୁଥିବା ଲୋକ ବଞ୍ଚିଛୁ ସେତେଦିନ ପର୍ଯ୍ୟନ୍ତ ବିଦ୍ୟା ଅର୍ଜନ ଓ ଶାରୀରିକ ବଳ ବୃଦ୍ଧି କରିବା ନିମନ୍ତେ ତତ୍ପର ରହିବା ତୁମ କର୍ତ୍ତବ୍ୟ।"

ଏହିପରି ଅନ୍ୟାନ୍ୟ ଶିକ୍ଷା ବି ମାତା-ପିତା ସନ୍ତାନମାନଙ୍କୁ ଦେବେ। ଏଇଥି ପାଇଁ **'ମାତୃମାନ୍ ପିତୃମାନ୍'** ଶବ୍ଦ ଶାସ୍ତ୍ରରେ ଉଲ୍ଲେଖ ଅଛି। ଅର୍ଥାତ୍ ଜନ୍ମଠାରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ମାତା ଓ ୬ ରୁ ୮ବର୍ଷ ବୟସ ପର୍ଯ୍ୟନ୍ତ ପିତା ସନ୍ତାନଙ୍କୁ ଶିକ୍ଷା ଦେବେ। ୯ମ ବର୍ଷ ଆରମ୍ଭରେ ଦ୍ୱିଜମାନେ ନିଜ ସନ୍ତାନଙ୍କ ଉପନୟନ କରି ଆଚାର୍ଯ୍ୟକୁଳକୁ ଅର୍ଥାତ୍ ଯେଉଁଠାରେ ପୂର୍ଣ୍ଣ ବିଦ୍ୱାନ୍ ପୁରୁଷ ଓ ପୂର୍ଣ୍ଣ ବିଦୁଷୀ ସ୍ତ୍ରୀମାନେ ଶିକ୍ଷା ଓ ବିଦ୍ୟା ଦାନ କରୁଥିବେ ସେଠାକୁ ପୁତ୍ର-କନ୍ୟାଙ୍କୁ ପଠାଇଦେବେ। ଶୂଦ୍ରାଦି ବର୍ଣ୍ଣ ସନ୍ତାନଙ୍କ ଉପନୟନ ନ କରି ବିଦ୍ୟାଭ୍ୟାସ ପାଇଁ ଗୁରୁକୁଳକୁ ପଠାଇବେ।

ଅଧ୍ୟାପନା ସମୟରେ ଯେଉଁମାନେ ସନ୍ତାନମାନଙ୍କୁ ଲାଳନ ନ କରି ତାଡ଼ନ କରନ୍ତି, ସେମାନଙ୍କ ସନ୍ତାନଗଣ ସଭ୍ୟ, ଶିକ୍ଷିତ ଓ ବିଦ୍ୱାନ୍ ହୋଇଥାନ୍ତି। ଏ ସମ୍ବନ୍ଧରେ ବ୍ୟାକରଣ 'ମହାଭାଷ୍ୟ'ରେ କୁହାଯାଇଛି —

ସାମୃତୈଃ ପାଣିଭିର୍ଘ୍ନନ୍ତି ଗୁରବୋ ନ ବିଷୋକ୍ଷିତୈଃ ।
ଲାଳନାଶ୍ରୟିଣୋ ଦୋଷାସ୍ତାଡ଼ନାଶ୍ରୟିଣୋ ଗୁଣାଃ ॥ (ମହାଭାଷ୍ୟ. ୮:୧:୮)

ଯେଉଁ ମାତା-ପିତା ଓ ଆଚାର୍ଯ୍ୟ ନିଜର ସନ୍ତାନ ଓ ଶିଷ୍ୟମାନଙ୍କୁ ତାଡ଼ନ କରନ୍ତି, ବୁଝିବାକୁ ହେବ ଯେ ସେମାନେ ସ୍ୱୀୟ ସନ୍ତାନ ଓ ଶିଷ୍ୟଙ୍କୁ ସ୍ୱହସ୍ତରେ ଅମୃତ ପାନ କରାଉଛନ୍ତି। ଆଉ ଯେଉଁମାନେ ସନ୍ତାନ ବା ଶିଷ୍ୟମାନଙ୍କୁ ଲାଳନ କରନ୍ତି, ସେମାନେ ନିଜ ସନ୍ତାନ ଓ ଶିଷ୍ୟଙ୍କୁ ବିଷ ପିଆଇ ନାଶ କରିଦିଅନ୍ତି। କାରଣ ଲାଳନ ଦ୍ୱାରା ସନ୍ତାନ ଓ ଶିଷ୍ୟ ଦୋଷଯୁକ୍ତ ଏବଂ ତାଡ଼ନ ଦ୍ୱାରା ଗୁଣଯୁକ୍ତ ହୁଅନ୍ତି। ତା' ସହ ସନ୍ତାନ ଓ ଶିଷ୍ୟଗଣଙ୍କ କର୍ତ୍ତବ୍ୟ ଯେ ସେମାନେ ସର୍ବଦା ତାଡ଼ନାରେ ପ୍ରସନ୍ନ ଓ ଲାଳନରେ ଅପ୍ରସନ୍ନ ରହିବେ। କିନ୍ତୁ **ଏଠାରେ ଧ୍ୟାନରଖିବା**

ଉଚିତ ଯେ ମାତା-ପିତା ଓ ଶିକ୍ଷକମାନେ କଦାପି ଈର୍ଷ୍ୟା-ଦ୍ୱେଷ ବଶତଃ ତାଡ଼ନା କରିବେ ନାହିଁ। ବାହାରେ ଯଦିଓ ଭୟ ପ୍ରଦର୍ଶନ କରୁଥିବେ, ଅନ୍ତରରେ କିନ୍ତୁ ସର୍ବଦା କୃପାଦୃଷ୍ଟି ରଖିଥିବେ।

ମାତା, ପିତା ଓ ଆଚାର୍ଯ୍ୟ ଅନ୍ୟାନ୍ୟ ଶିକ୍ଷା ଦେଲା ପରି ଚୋରି, ବ୍ୟଭିଚାର, ଆଳସ୍ୟ, ପ୍ରମାଦ, ମାଦକ ଦ୍ରବ୍ୟ ସେବନ, ମିଥ୍ୟାଭାଷଣ, ହିଂସା, କ୍ରୂରତା, ଈର୍ଷ୍ୟା, ଦ୍ୱେଷ, ମୋହ ଇତ୍ୟାଦି ଦୋଷ ଛାଡ଼ିବା ଓ ସଦାଚାର ଗ୍ରହଣ କରିବା ବିଷୟକ ଶିକ୍ଷା ବି ଦେବେ। କାରଣ ଯେଉଁ ବ୍ୟକ୍ତି କାହା ଆଗରେ ଜୀବନରେ ଥରେ ବି ଚୋରି, ଅସଦାଚରଣ ଓ ମିଥ୍ୟାଭାଷଣ ଆଦି କର୍ମ କରେ, ସେହି ବ୍ୟକ୍ତି ତା' ନିକଟରେ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଷ୍ଠା ଲାଭ କରିପାରେ ନାହିଁ। **କଥା ଦେଇ ରଖୁ ନଥିବା ବ୍ୟକ୍ତିର ଯେପରି ହାନି ହୋଇଥାଏ, ସେପରି ଅନ୍ୟର ହୁଏ ନାହିଁ। ଏଣୁ ଯାହାକୁ ଯାହା ପ୍ରତିଶ୍ରୁତି ଦେବ ତାକୁ ସେଭଳି ନିଶ୍ଚୟ ପୂର୍ଣ୍ଣ କରିବା ଆବଶ୍ୟକ।** ଅର୍ଥାତ୍ ଯଦି କେହି କାହାକୁ କହେ – 'ମୁଁ ତୁମକୁ ଏତେଟା ସମୟରେ ସାକ୍ଷାତ କରିବି ବା ତୁମେ ମୋତେ ଏତେଟା ସମୟରେ ଦେଖାକର କିମ୍ବା ଅମୁକ ବସ୍ତୁ ଅମୁକ ସମୟରେ ମୁଁ ତୁମକୁ ଦେବି' ଇତ୍ୟାଦି, ତେବେ ଏସବୁକୁ କହିବା ଅନୁସାରେ ହିଁ ପୂର୍ଣ୍ଣ କରିବା ଉଚିତ। ନଚେତ୍ କେହି ତାକୁ ବିଶ୍ୱାସ କରିବେ ନାହିଁ। ଏଣୁ ସମସ୍ତେ ସଦା ସତ୍ୟଭାଷଣ କରିବା ଉଚିତ ଏବଂ ସତ୍ୟପ୍ରତିଜ୍ଞାଯୁକ୍ତ ହେବା ଅର୍ଥାତ୍ ପ୍ରତିଶ୍ରୁତିକୁ ଠିକ୍-ଠିକ୍ ପାଳନ କରିବା ଆବଶ୍ୟକ।

ଅଭିମାନ କରିବା ଉଚିତ ନୁହେଁ। କାରଣ **'ଅଭିମାନଃ ଶ୍ରିୟଂ ହନ୍ତି'** (ବିଦୁର ନୀତି) — ଅଭିମାନ ବା ଅହଂକାର ସମସ୍ତ ଶୋଭା ଓ ଲକ୍ଷ୍ମୀକୁ ନାଶ କରିଦିଏ। ଛଳ-କପଟ ଓ କୃତଘ୍ନତାଠୁ ସଦା ଦୂରରେ ରହିବା ଆବଶ୍ୟକ। କେହି ଆମ ସହ ଛଳ-କପଟ ବା କୃତଘ୍ନତା କଲେ ଆମ ହୃଦୟ ଯେତେବେଳେ ଦୁଃଖୀ ହୋଇଯାଏ, ସେତେବେଳେ ଆମେ ଏପରି କଲେ ଅନ୍ୟକୁ କେତେ ଦୁଃଖ ହେଉ ନ ଥିବ ? **'ଛଳ'** ଓ **'କପଟ'**ର ଅର୍ଥ ହେଲା ଭିତରେ ଗୋଟିଏ ପ୍ରକାର ଭାବନା ଓ ବାହାରେ ଆଉ ଗୋଟିଏ ପ୍ରକାର ଆଚରଣ କରି ଅନ୍ୟକୁ ଭ୍ରମରେ ପକାଇ ଓ ଅନ୍ୟର ହାନିକୁ ଚିନ୍ତା ନ କରି ନିଜ ସ୍ୱାର୍ଥ ସିଦ୍ଧ କରିବା। କେହି ଆମ ପ୍ରତି କରିଥିବା ଉପକାରକୁ ନ ମାନିବାକୁ **'କୃତଘ୍ନତା'** କୁହାଯାଏ। କ୍ରୋଧାଦି ଦୋଷ ଛାଡ଼ି ଶାନ୍ତ ରହିବ ଓ କଟୁ ବଚନ ତ୍ୟାଗ କରି ମଧୁର ବଚନ କହିବ। ଅନାବଶ୍ୟକ ଅଧିକ କଥା କହିବ ନାହିଁ। ଯେତିକି କହିବା ଦରକାର ତା'ଠୁ କମ୍ କହିବ ନାହିଁ କି ବେଶି କହିବ ନାହିଁ। ଗୁରୁଜନଙ୍କୁ ସମ୍ମାନ ଦେବ। ସେମାନେ ଆସିବା ସମୟରେ ବସିଥିଲେ ଉଠିଯାଇ ପ୍ରଥମେ 'ନମସ୍ତେ' କହିବ। ସେମାନଙ୍କୁ ଉଚ୍ଚ ଆସନରେ ବସାଇବ। ସେମାନଙ୍କ ଆଗରେ ତାଙ୍କଠୁ ଉତ୍ତମ ଆସନରେ ବସିବ ନାହିଁ। ସଭାରେ ସେପରି ଆସନ ଗ୍ରହଣ କରିବ, ଯେଉଁଥି ପାଇଁ ନିଜ ଯୋଗ୍ୟତା ଥିବ ଓ କେହି ଉଠାଇ ଦେବାର ଭୟ ନ ଥିବ। କାହାକୁ ଦ୍ୱେଷ-ବିରୋଧ କରିବ ନାହିଁ। **ପ୍ରସନ୍ନ ରହି ଗୁଣ ଗ୍ରହଣ ଓ ଦୋଷ ତ୍ୟାଗ ପାଇଁ ଯତ୍ନବାନ୍ ହେବ। ସଜ୍ଜନଙ୍କ ସଙ୍ଗ କରିବ ଓ କୁସଙ୍ଗରୁ ଦୂରେଇ ରହିବ। କାୟ-ମନୋ-ବାକ୍ୟରେ ପ୍ରୀତିପୂର୍ବକ ମାତା, ପିତା ଓ ଆଚାର୍ଯ୍ୟଙ୍କ ସେବା କରିବ।**

ଯାନ୍ୟସ୍ମାକଂ ସୁଚରିତାନି ତାନି ତ୍ୱୟୋପାସ୍ୟାନି ନୋ ଇତରାଣି। (ତୈତ୍ତି. ୧:୧୧)

ଏହାର ଅଭିପ୍ରାୟ ହେଲା ଯେ ମାତା, ପିତା ଓ ଆଚାର୍ଯ୍ୟ ନିଜ ସନ୍ତାନ ଓ ଶିଷ୍ୟମାନଙ୍କୁ ସଦା ସତ୍ୟ ଉପଦେଶ ଦେବେ ଏବଂ ଏକଥା ବି କହିବେ ଯେ 'ଆମର ଯାହା-ଯାହା ଧର୍ମାନୁକୂଳ କର୍ମ, ସେସବୁକୁ ଗ୍ରହଣ

କର ଏବଂ ଯାହା-ଯାହା ଖରାପ କର୍ମ ସେସବୁକୁ ତ୍ୟାଗ କରିଦିଅ। ଯାହା-ଯାହା ସତ୍ୟ ବୋଲି ଜାଣିବ ସେସବୁକୁ ପ୍ରକାଶ ଓ ପ୍ରଚାର କରିବ। କୌଣସି ପାଖଣ୍ଡି, ଦୁରାଚାରୀକୁ ବିଶ୍ୱାସ କରିବ ନାହିଁ। ଯେଉଁ-ଯେଉଁ ଉତ୍ତମ କର୍ମ କରିବାକୁ ମାତା, ପିତା ଓ ଆଚାର୍ଯ୍ୟ ଆଜ୍ଞା ଦେବେ ସେସବୁକୁ ପାଳନ କରିବ। ମାତା-ପିତା ଧର୍ମ, ବିଦ୍ୟା, ସଦାଚାର ସମ୍ବନ୍ଧୀୟ ଯେଉଁସବୁ ଶ୍ଳୋକ, 'ନିଘଣ୍ଟୁ', 'ନିରୁକ୍ତ', 'ଅଷ୍ଟାଧ୍ୟାୟୀ' କିମ୍ବା ଅନ୍ୟ ଗ୍ରନ୍ଥର ସୂତ୍ର ଅଥବା ବେଦମନ୍ତ୍ର କଣ୍ଠସ୍ଥ କରାଇଥାନ୍ତି, ଆଚାର୍ଯ୍ୟ ସେସବୁର ଅର୍ଥ ବିଦ୍ୟାର୍ଥୀଙ୍କୁ ପୁନଃ-ପୁନଃ ଜଣାଇବେ। ପ୍ରଥମ ସମୁଲ୍ଲାସରେ ପରମେଶ୍ୱରଙ୍କ ନାମ ମାଧ୍ୟମରେ ତାଙ୍କ ସ୍ୱରୂପର ଯେପରି ବର୍ଣ୍ଣନା କରାଯାଇଛି, ଈଶ୍ୱରଙ୍କୁ ସେପରି ମାନି ତାଙ୍କ ଉପାସନା କରିବେ। ଯେପରି କରିବା ଦ୍ୱାରା ଆରୋଗ୍ୟ, ବିଦ୍ୟା ଓ ବଳ ପ୍ରାପ୍ତ ହେବ, ସେପରି ଭୋଜନ, ଆଚ୍ଛାଦନ ଓ ବ୍ୟବହାର କରିବ ଓ କରାଇବ। ଅର୍ଥାତ୍ ଯେତିକି ଭୋକ ଥିବ ତା'ଠୁ କିଛି କମ୍ ଖାଇବ। ମଦ୍ୟ, ମାଂସାଦି ପଦାର୍ଥ ସେବନ କରିବ ନାହିଁ। ଅଜ୍ଞାତ ଗଭୀର ଜଳରେ ପ୍ରବେଶ କରିବ ନାହିଁ। କାରଣ ଜଳଜନ୍ତୁ ବା ଅନ୍ୟ କୌଣସି ପଦାର୍ଥଠାରୁ ଦୁଃଖ ମିଳିପାରେ ଅଥବା ପହଁରା ଜାଣିନଥିଲେ ବୁଡ଼ିଯିବାର ସମ୍ଭାବନା ଥାଏ। ଏଣୁ ମହର୍ଷି ମନୁ କହନ୍ତି — **'ନାବିଜ୍ଞାତେ ଜଲାଶୟେ'** (ମନୁ. ୪:୧୨୯) — ଅଜ୍ଞାତ ଜଳାଶୟରେ ପଶି ସ୍ନାନାଦି କରିବ ନାହିଁ।

ଦୃଷ୍ଟିପୂତଂ ନ୍ୟସେତ୍ପାଦଂ ବସ୍ତ୍ରପୂତଂ ଜଲଂ ପିବେତ୍।
ସତ୍ୟପୂତାଂ ବଦେଦ୍ବାଚଂ ମନଃପୂତଂ ସମାଚରେତ୍॥ (ମନୁ. ୬:୪୬)

ତଳକୁ ଦୃଷ୍ଟି ପକାଇ ଉଚ୍ଚ-ନୀଚ ସ୍ଥାନ ଦେଖି ଚାଲିବ, ବସ୍ତ୍ରରେ ଛାଣି ପାଣି ପିଇବ, ସତ୍ୟରେ ପବିତ୍ର କରି କଥା କହିବ, ମନରେ ପ୍ରଥମେ ବିଚାର କରିବା ପରେ କାର୍ଯ୍ୟ କରିବ।

ମାତା ଶତ୍ରୁଃ ପିତା ବୈରୀ ୟେନ ବାଲୋ ନ ପାଠିତଃ।
ନ ଶୋଭତେ ସଭାମଧ୍ୟେ ହଂସମଧ୍ୟେ ବକୋ ୟଥା॥ (ଚାଣକ୍ୟ. ୨:୧୧)

ଯେଉଁ ମାତା-ପିତା ସ୍ୱ ସନ୍ତାନମାନଙ୍କୁ ବିଦ୍ୟା ପ୍ରାପ୍ତି କରାନ୍ତି ନାହିଁ, ସେମାନେ ନିଜ ସନ୍ତାନଙ୍କ ପରମ ଶତ୍ରୁ। ସେ ବିଦ୍ୟାହୀନ ସନ୍ତାନଗଣ ବିଦ୍ୱାନଙ୍କ ସଭାରେ ହଂସଙ୍କ ମଧ୍ୟରେ ବଗ ଭଳି ଅଶୋଭିତ ଓ ତିରସ୍କୃତ ହୋଇଥାନ୍ତି।

ଅତଏବ ତନୁ, ମନ, ଧନର ଉପଯୋଗ କରି ନିଜ ସନ୍ତାନମାନଙ୍କୁ ବିଦ୍ୱାନ୍, ଧାର୍ମିକ, ସଭ୍ୟ ଓ ସୁଶିକ୍ଷିତ କରିବା ପିତାମାତାଙ୍କର କର୍ତ୍ତବ୍ୟ କର୍ମ, ପରମଧର୍ମ ଓ ଯଶସ୍କର କାର୍ଯ୍ୟ। ସନ୍ତାନମାନଙ୍କ ଶିକ୍ଷା ବିଷୟରେ ଏଠାରେ ସାମାନ୍ୟ କିଛି ଲେଖାଗଲା। ବୁଦ୍ଧିମାନ୍ ଲୋକେ ଏତିକିରୁ ବି ବହୁତ କିଛି ବୁଝିପାରିବେ।

ଇତି ଶ୍ରୀମଦ୍ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତେ ବାଲଶିକ୍ଷାବିଷୟେ
ଦ୍ୱିତୀୟଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥୨॥

ଅଥ ତୃତୀୟସମୁଲ୍ଲାସାରମ୍ଭଃ

ଅଥାଽଧ୍ୟୟନାଽଧ୍ୟାପନବିଧିଂ ବ୍ୟାଖ୍ୟାସ୍ୟାମଃ

ବର୍ତ୍ତମାନ ତୃତୀୟ ସମୁଲ୍ଲାସରେ ଅଧ୍ୟୟନ-ଅଧ୍ୟାପନା ପଦ୍ଧତି ବିଷୟରେ ଲେଖାଯାଉଛି । **ସନ୍ତାନମାନଙ୍କୁ ଉତ୍ତମ ବିଦ୍ୟା, ଶିକ୍ଷା, ଗୁଣ, କର୍ମ ଓ ସ୍ୱଭାବ ରୂପକ ଭୂଷଣରେ ଭୂଷିତ କରିବା ମାତା, ପିତା, ଆଚାର୍ଯ୍ୟ ଓ ଆତ୍ମୀୟ-ସ୍ୱଜନଙ୍କ ମୁଖ୍ୟ କର୍ତ୍ତବ୍ୟ ।** ସୁନା, ରୁପା, ମୋତି, ମାଣିକ୍ୟ ଆଦି ରତ୍ନ ଖଚିତ ଅଳଙ୍କାର ଧାରଣ କରିବା ଦ୍ୱାରା ମନୁଷ୍ୟର ଆତ୍ମା କଦାପି ସୁଶୋଭିତ ହୁଏ ନାହିଁ । କାରଣ ଅଳଙ୍କାର ଧାରଣ କଲେ କେବଳ ଦେହାଭିମାନ, ବିଷୟାସକ୍ତି ଓ ଚୋରି ଆଦି ଭୟ ବଢ଼େ ତଥା ସ୍ଥଳ ବିଶେଷରେ ଏସବୁ ମୃତ୍ୟୁର କାରଣ ବି ହୋଇଥାନ୍ତି । ଅଳଙ୍କାର ଯୋଗୁଁ ଅନେକ ପିଲା ଅପରାଧୀଙ୍କ ହାତରେ ମୃତ୍ୟୁବରଣ କରୁଥିବା ବିଷୟ ସଂସାରରେ ଦେଖିବାକୁ ମିଳିଥାଏ ।

ବିଦ୍ୟାବିଲାସମନସୋ ଧୃତଶୀଲଶିକ୍ଷାଃ, ସତ୍ୟବ୍ରତା ରହିତମାନମଲାପହାରାଃ ।
ସଂସାରଦୁଃଖଦଲନେନ ସୁଭୂଷିତା ୟେ, ଧନ୍ୟା ନରା ବିହିତକର୍ମପରୋପକାରାଃ ॥

ଯେଉଁମାନଙ୍କ ମନ ବିଦ୍ୟା-ବିଳାସରେ ତତ୍ପର; ଯେଉଁମାନେ ସୁନ୍ଦର ଶୀଳ-ସ୍ୱଭାବଯୁକ୍ତ; ସତ୍ୟଭାଷଣାଦି ନିୟମ ପାଳନକାରୀ; ଯେଉଁମାନେ ଅଭିମାନ, ଅପବିତ୍ରତାରୁ ରହିତ, ଅନ୍ୟର ମଳିନତା ନାଶକ; ସତ୍ୟୋପଦେଶ, ବିଦ୍ୟାଦାନ ଦ୍ୱାରା ସଂସାରୀ-ଲୋକଙ୍କ ଦୁଃଖ ଦୂରୀକରଣ କର୍ମରେ ବିଭୂଷିତ; ବେଦବିହିତ କର୍ମ ଦ୍ୱାରା ପରୋପକାର କରିବାରେ ରତ ରହିଥାନ୍ତି, ସେ ନର-ନାରୀ ଧନ୍ୟ ଅଟନ୍ତି । ଏସବୁ ବିନା କେହି ଶୋଭା ପ୍ରାପ୍ତ ହୁଏ ନାହିଁ ।

ଏଣୁ ଆଠ ବର୍ଷ ବୟସ ହେଲେ ବାଳକମାନଙ୍କୁ ବାଳକଙ୍କ ବିଦ୍ୟାଳୟ ଓ ବାଳିକାମାନଙ୍କୁ ବାଳିକା ବିଦ୍ୟାଳୟକୁ ପଠାଇବା ଉଚିତ । ଅସଦାଚାରୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ କରାଇବା ଉଚିତ ନୁହେଁ । ପୂର୍ଣ୍ଣ ବିଦ୍ୱାନ୍, ଧାର୍ମିକ, ସଦାଚାରୀ ବ୍ୟକ୍ତିମାନେ ହିଁ ବିଦ୍ୟା ଓ ଶିକ୍ଷା ଦାନ କରିବାକୁ ଯୋଗ୍ୟ । ଦ୍ୱିଜମାନେ ସ୍ୱ ଗୃହରେ ପୁତ୍ର-କନ୍ୟାଙ୍କର ଯଥାଯୋଗ୍ୟ ଯଜ୍ଞୋପବୀତ ସଂସ୍କାର କରି ପୂର୍ବୋକ୍ତ ଆଚାର୍ଯ୍ୟକୁଳ ଅର୍ଥାତ୍ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପାଠଶାଳାକୁ ପଠାଇଦେବେ ।

ବିଦ୍ୟାଳୟ ଏକାନ୍ତ ସ୍ଥାନରେ ହେବା ଉଚିତ । ବାଳକ ଓ ବାଳିକାଙ୍କ ବିଦ୍ୟାଳୟ ଗୋଟିଏ ଅନ୍ୟଟିଠାରୁ ଅନ୍ୟୂନ ଦୁଇ କୋଶ ଦୂରରେ ରହିବା ଆବଶ୍ୟକ । **ବାଳକ ବିଦ୍ୟାଳୟରେ ଶିକ୍ଷକ, କର୍ମଚାରୀ, ସେବକ ଆଦି ସମସ୍ତେ ପୁରୁଷ ଏବଂ ବାଳିକା ବିଦ୍ୟାଳୟରେ ଶିକ୍ଷକାଦି ସମସ୍ତେ ମହିଳା ହେବେ ।** ବାଳିକା ବିଦ୍ୟାଳୟକୁ ପାଞ୍ଚ ବର୍ଷର ବାଳକ ଓ ବାଳକ ବିଦ୍ୟାଳୟକୁ ପାଞ୍ଚ ବର୍ଷର ବାଳିକାର ବି ପ୍ରବେଶ ନିଷେଧ ଅର୍ଥାତ୍ ସେମାନେ ବ୍ରହ୍ମଚାରୀ ବା ବ୍ରହ୍ମଚାରିଣୀ ଥିବା ପର୍ଯ୍ୟନ୍ତ ଯଥାକ୍ରମେ ସ୍ତ୍ରୀ ବା ପୁରୁଷର ଦର୍ଶନ, ସ୍ପର୍ଶନ, ଏକାନ୍ତସେବନ, ସମ୍ଭାଷଣ, ବିଷୟ ସମ୍ପର୍କୀୟ ଆଲୋଚନା, ପାରସ୍ପରିକ କ୍ରୀଡ଼ା, ବିଷୟ ଚିନ୍ତନ ଓ ବିଷୟ ସଙ୍ଗ –ଏ ଆଠ ପ୍ରକାର

ମୈଥୁନରୁ ଦୂରେଇ ରହିବେ । ଶିକ୍ଷକମାନେ ବି ସେମାନଙ୍କୁ ଏସବୁରୁ ଦୂରେଇ ରଖିବା ଦିଗରେ ଦୃଷ୍ଟି ଦେବେ, ଯଦ୍ଦ୍ୱାରା ସେମାନେ ଉତ୍ତମ ବିଦ୍ୟା, ଶିକ୍ଷା, ଶୀଳ-ସ୍ୱଭାବ ଯୁକ୍ତ ତଥା ଶାରୀରିକ ଓ ଆଧ୍ୟାତ୍ମିକ ଶକ୍ତି ସମ୍ପନ୍ନ ହୋଇ ଜୀବନରେ ଯଥାର୍ଥ ଆନନ୍ଦ ଲାଭ କରିପାରିବେ ।

ବିଦ୍ୟାଳୟ ଗ୍ରାମ ବା ସହରଠାରୁ ଏକ ଯୋଜନ ଅର୍ଥାତ୍ ଚାରି କୋଶ ଦୂରରେ ରହିବା ଉଚିତ । **ସିଏ ରାଜକୁମାର ବା ରାଜକୁମାରୀ ହେଉ କି ଦରିଦ୍ରର ସନ୍ତାନ ହେଉ ସମସ୍ତଙ୍କୁ ସମାନ ପ୍ରକାର ଭୋଜନ, ବସନ, ଆସନ ଦିଆଯିବା ଉଚିତ । ସମସ୍ତଙ୍କୁ ତପସ୍ୱୀ ହେବାକୁ ପଡ଼ିବ ।** ମାତା-ପିତା ଓ ସନ୍ତାନ ପରସ୍ପର ସହିତ ସାକ୍ଷାତ କରିପାରିବେ ନାହିଁ କି ପତ୍ର-ବିନିମୟ କରିପାରିବେ ନାହିଁ, ଯଦ୍ଦ୍ୱାରା ସନ୍ତାନମାନେ ସାଂସାରିକ ଚିନ୍ତାରୁ ମୁକ୍ତ ହୋଇ କେବଳ ବିଦ୍ୟା ଆହରଣରେ ସତତ ସଂଲଗ୍ନ ରହିବେ । ବିଦ୍ୟାର୍ଥୀମାନେ ଭ୍ରମଣ କରିବା ସମୟରେ ବି ଶିକ୍ଷକମାନେ ସାଙ୍ଗରେ ରହିବେ, ଯାହା ଫଳରେ କି ସେମାନେ କୌଣସି ଅନୁଚିତ କାର୍ଯ୍ୟ କରିପାରିବେ ନାହିଁ କି ଆଳସ୍ୟ-ପ୍ରମାଦ କରିବାର ଅବକାଶ ପାଇବେ ନାହିଁ ।

କନ୍ୟାନାଂ ସମ୍ପ୍ରଦାନଂ ଚ କୁମାରାଣାଂ ଚ ରକ୍ଷଣମ୍ । (ମନୁ. ୭:୧୫୨)

ଏପରି ରାଜନିୟମ ଓ ସାମାଜିକ ନିୟମ ରହିବା ଉଚିତ ଯେ ପାଞ୍ଚ ବା ଆଠ ବର୍ଷ ବୟସ ପରେ କେହି ନିଜ ପୁତ୍ର-କନ୍ୟାଙ୍କୁ ଘରେ ରଖିପାରିବେ ନାହିଁ, ବିଦ୍ୟାଳୟକୁ ଅବଶ୍ୟ ପଠାଇବେ । ଯିଏ ଏ ନିୟମ ଉଲ୍ଲଙ୍ଘନ କରିବ, ସେ ଦଣ୍ଡ ପାଇବ । ସନ୍ତାନର ଉପନୟନର ପ୍ରଥମ ସ୍ଥଳ ସ୍ୱ ଗୃହ ଏବଂ ଦ୍ୱିତୀୟ ସ୍ଥଳ ବିଦ୍ୟାଳୟ ବା ଆଚାର୍ଯ୍ୟକୁଳ । ଗୃହରେ ଉପନୟନ ହୋଇପାରିନଥିଲେ ଗୁରୁକୁଳରେ ହୁଏ । ପିତା, ମାତା ବା ଶିକ୍ଷକ ନିଜ ପୁଅ-ଝିଅଙ୍କୁ ବା ଶିଷ୍ୟଙ୍କୁ ଅର୍ଥ ସହିତ ଗାୟତ୍ରୀମନ୍ତ୍ରର ଉପଦେଶ ଦେବେ । ଗାୟତ୍ରୀମନ୍ତ୍ର ହେଲା -

ଓ୩ମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ।
ଧିୟୋ ୟୋ ନଃ ପ୍ରଚୋଦୟାତ୍ ।। (ଯଜୁଃ. ୩୬:୩)

ଏହି ମନ୍ତ୍ରର ଆରମ୍ଭରେ ଥିବା **'ଓ୩ମ୍'**ର ଅର୍ଥ ପ୍ରଥମ ସମୁଲ୍ଲାସରେ ଲେଖାଯାଇଛି । ସେଠାରୁ ଜାଣିନେବେ । ବର୍ତ୍ତମାନ ତିନି ମହାବ୍ୟାହୃତିର ଅର୍ଥ ସଂକ୍ଷେପରେ ଲେଖାଯାଉଛି — **'ଭୂରିତି ବୈ ପ୍ରାଣଃ'— 'ୟଃ ପ୍ରାଣୟତି ଚରାଽଚରଂ ଜଗତ୍ ସ ଭୂଃ ସ୍ୱୟମ୍ଭୂରୀଶ୍ୱରଃ'** — ଯିଏ ସକଳ ଜଗତର ଜୀବନର ଆଧାର, ପ୍ରାଣଠାରୁ ବଳି ପ୍ରିୟ ଓ ସ୍ୱୟମ୍ଭୂ, ସେ ପରମେଶ୍ୱର ପ୍ରାଣବାଚକ ହୋଇଥିବାରୁ ତାଙ୍କ ନାମ **'ଭୂଃ'** । **'ଭୁବରିତ୍ୟପାନଃ' — 'ୟଃ ସର୍ବଂ ଦୁଃଖମପାନୟତି ସୋଽପାନଃ'** — ଯିଏ ସମସ୍ତ ଦୁଃଖରୁ ରହିତ, ଯାହାଙ୍କ ସଙ୍ଗ ଦ୍ୱାରା ଜୀବ ସବୁ ଦୁଃଖରୁ ଉଦ୍ଧାର ପାଇଯାଏ, ସେହି ପରମେଶ୍ୱରଙ୍କ ନାମ **'ଭୁବଃ'** । **'ସ୍ୱରିତି ବ୍ୟାନଃ' — 'ୟୋ ବିବିଧଂ ଜଗଦ୍ ବ୍ୟାନୟତି ବ୍ୟାପ୍ନୋତି ସ ବ୍ୟାନଃ'** — ଯିଏ ନାନାବିଧ ଜଗତରେ ବ୍ୟାପକ ହୋଇ ସମସ୍ତଙ୍କୁ ଧାରଣ କରନ୍ତି ସେହି ପରମେଶ୍ୱରଙ୍କ ନାମ **'ସ୍ୱଃ'** । ଉପରୋକ୍ତ ତିନିଟି ତୈତ୍ତିରୀୟ ଆରଣ୍ୟକ (୭:୫)ର ଉଦ୍ଧୃତାଂଶ ।

(ସବିତଃ) 'ୟଃ ସୁନୋତ୍ୟୁତ୍ପାଦୟତି ସର୍ବଂ ଜଗତ୍ ସ ସବିତା ତସ୍ୟ' — ଯିଏ ସକଳ ଜଗତର ଉତ୍ପାଦକ ଓ ସମସ୍ତ ଐଶ୍ୱର୍ଯ୍ୟର ଦାତା, **(ଦେବସ୍ୟ) 'ୟୋ ଦୀବ୍ୟତି ଦୀବ୍ୟତେ ବା ସ ଦେବଃ'** — ଯିଏ ସର୍ବସୁଖ ପ୍ରଦାୟକ ଏବଂ ଯାହାଙ୍କୁ ପାଇବାକୁ ସମସ୍ତେ ଚାହାନ୍ତି, ସେହି ପରମାତ୍ମାଙ୍କର ଯେଉଁ **(ବରେଣ୍ୟମ୍) 'ବର୍ତ୍ତୁମର୍ହମ୍'** — ସ୍ୱୀକାର କରିବା ଯୋଗ୍ୟ, ଅତିଶ୍ରେଷ୍ଠ **(ଭର୍ଗଃ) 'ଶୁଦ୍ଧସ୍ୱରୂପମ୍'** —ଶୁଦ୍ଧସ୍ୱରୂପ ଓ ପବିତ୍ରକାରୀ,

ଚେତନ, ବ୍ରହ୍ମସ୍ୱରୂପ ରହିଛି **(ତତ୍)** ସେହି ପରମାତ୍ମାଙ୍କ ସ୍ୱରୂପକୁ ଆମେ **(ଧୀମହି) 'ଧରେମହି'** — ଧାରଣ କରୁଁ । କାହିଁକି ? ଏଥିପାଇଁ ଯେ **(ୟଃ) 'ଜଗଦୀଶ୍ୱରଃ'** — ସବିତା ଦେବ ପରମାତ୍ମା **(ନଃ) 'ଅସ୍ମାକମ୍'** — ଆମର **(ଧିୟଃ) 'ବୁଦ୍ଧୀଃ'** — ବୁଦ୍ଧିକୁ **(ପ୍ରଚୋଦୟାତ୍) 'ପ୍ରେରୟେତ୍'** — ପ୍ରେରିତ କରନ୍ତୁ ଅର୍ଥାତ୍ କୁକର୍ମରୁ ନିବୃତ୍ତ କରି ସୁକର୍ମରେ ପ୍ରବୃତ୍ତ କରନ୍ତୁ ।

'ହେ ପରମେଶ୍ୱର ! ହେ ସଚ୍ଚିଦାନନ୍ଦାନନ୍ତସ୍ୱରୂପ ! ହେ ନିତ୍ୟଶୁଦ୍ଧବୁଦ୍ଧମୁକ୍ତସ୍ୱଭାବ ! ହେ କୃପାନିଧେ ! ହେ ନ୍ୟାୟକାରିନ୍ ! ହେ ଅଜ ନିରଞ୍ଜନ ନିର୍ବିକାର ! ହେ ସର୍ବାନ୍ତର୍ୟାମିନ୍ ! ହେ ସର୍ବାଧାର-ସର୍ବଜଗତ୍ପିତଃ ସକଳଜଗଦୁତ୍ପାଦକ ! ହେ ଅନାଦେ ବିଶ୍ୱମ୍ଭର ସର୍ବବ୍ୟାପିନ୍ ! ହେ କରୁଣାମୃତବାରିଧେ ! ସବିତୁର୍ଦେବସ୍ୟ ତବ ୟଦ୍ ଓଂ ଭୂର୍ଭୁବଃ ସ୍ୱର୍ବରେଣ୍ୟଂ ଭର୍ଗୋଽସ୍ତି, ତଦ୍ୱୟଂ ଧୀମହି ଦଧୀମହି ଧରେମହି ଧ୍ୟାୟେମ ବା । କସ୍ମୈ ପ୍ରୟୋଜନାୟେତ୍ୟତ୍ରାହ — ହେ ଭଗବନ୍ ! ୟଃ ସବିତା ଦେବଃ ପରମେଶ୍ୱରୋ ଭବାନସ୍ମାକଂ ଧିୟଃ ପ୍ରଚୋଦୟାତ୍, ସ ଏବାସ୍ମାକଂ ପୂଜ୍ୟ ଉପାସନୀୟ ଇଷ୍ଟଦେବୋ ଭବତୁ । ନାତୋଽନ୍ୟଦ୍ୱସ୍ତୁ ଭବତ୍ତୁଲ୍ୟଂ ଭବତୋଽଧିକଂ ଚ କଞ୍ଚିତ୍ କଦାଚିନ୍ ମନ୍ୟାମହେ ।'

ହେ ମନୁଷ୍ୟଗଣ ! ସମସ୍ତ ସମର୍ଥମାନଙ୍କ ମଧ୍ୟରେ ଯିଏ ସର୍ବସମର୍ଥ; ସଚ୍ଚିଦାନନ୍ଦାନନ୍ତସ୍ୱରୂପ; ନିତ୍ୟଶୁଦ୍ଧ-ନିତ୍ୟବୁଦ୍ଧ-ନିତ୍ୟମୁକ୍ତ ସ୍ୱଭାବସମ୍ପନ୍ନ; କୃପାସାଗର; ଯଥାର୍ଥ ନ୍ୟାୟକାରୀ; ଜନ୍ମମରଣାଦି କ୍ଲେଶ ରହିତ, ଆକାର-ବିକାର ରହିତ; ସର୍ବଘଟଜ୍ଞାତା; ସମସ୍ତଙ୍କ ଧର୍ତ୍ତା, ପିତା, ଉତ୍ପାଦକ; ଅନାଦି, ବିଶ୍ୱର ପୋଷଣକର୍ତ୍ତା, ସର୍ବବ୍ୟାପକ; କରୁଣାରୂପ, ଅମୃତର ସାଗର; ସକଳ ଐଶ୍ୱର୍ଯ୍ୟଯୁକ୍ତ, ଜଗତର ନିର୍ମାତା, ଶୁଦ୍ଧସ୍ୱରୂପ ଓ ଯିଏ ସମସ୍ତଙ୍କ ପ୍ରାପ୍ତିକାମନାର ଯୋଗ୍ୟ, ସେହି ପରମାତ୍ମାଙ୍କର ଶୁଦ୍ଧ ଚେତନସ୍ୱରୂପକୁ ଆମେ ଧାରଣ କରୁଁ । କେଉଁଥିପାଇଁ ? ଏଇଥି ପାଇଁ ଯେ ସେହି ପରମେଶ୍ୱର ଆମ ଆତ୍ମା ଓ ବୁଦ୍ଧି-ବୃତ୍ତିର ଅନ୍ତର୍ଯ୍ୟାମୀ, ଆମକୁ ଦୁରାଚାର, ଅଧର୍ମ ମାର୍ଗରୁ ହଟେଇ ଶ୍ରେଷ୍ଠାଚାର, ସନ୍ମାର୍ଗରେ ପରିଚାଳିତ କରନ୍ତୁ । ତାଙ୍କ ବ୍ୟତୀତ ଅନ୍ୟ କାହାର ଧ୍ୟାନ ଆମେ କରିବା ଅନୁଚିତ, କାରଣ ତାଙ୍କ ସମକକ୍ଷ ବା ତାଙ୍କଠାରୁ ଶ୍ରେଷ୍ଠ ଅନ୍ୟ କିଛି ନାହିଁ । ସେ ହିଁ ଆମର ପିତା, ରାଜା, ନ୍ୟାୟକର୍ତ୍ତା ଓ ସର୍ବ ସୁଖଦାତା ଅଟନ୍ତି ।

ସନ୍ତାନ ବା ଶିଷ୍ୟଙ୍କୁ ଏହିଭଳି ଭାବେ ଗାୟତ୍ରୀ ମନ୍ତ୍ରର ଉପଦେଶ ଦେବା ସହ ସ୍ନାନ ଏବଂ ସନ୍ଧ୍ୟୋପାସନା ଅନ୍ତର୍ଗତ ଆଚମନ, ପ୍ରାଣାୟାମ ଆଦି ବିଷୟକ ଶିକ୍ଷା ବି ଦେବେ । ପ୍ରଥମେ ସ୍ନାନ କରଣୀୟ । କାରଣ ତଦ୍ଦ୍ୱାରା ଶରୀରର ବାହ୍ୟ ଅବୟବଗୁଡ଼ିକ ଶୁଦ୍ଧ ହୁଏ ଓ ଆରୋଗ୍ୟ ଆଦି ବି ଲାଭ ହୁଏ । ଏ ବିଷୟରେ ମହର୍ଷି ମନୁ କହନ୍ତି -

ଅଦ୍ଭିର୍ଗାତ୍ରାଣି ଶୁଧ୍ୟନ୍ତି ମନଃ ସତ୍ୟେନ ଶୁଧ୍ୟତି ।
ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧିର୍ଜ୍ଞାନେନ ଶୁଧ୍ୟତି ॥ (ମନୁ. ୫:୧୦୯)

ଜଳ ଦ୍ୱାରା ଶରୀରର ବାହ୍ୟ ଅବୟବ ଶୁଦ୍ଧ ହୁଏ, ସତ୍ୟାଚରଣ ଦ୍ୱାରା ମନ ନିର୍ମଳ ହୁଏ, ବିଦ୍ୟା ଏବଂ ତପସ୍ୟା ଦ୍ୱାରା ଅର୍ଥାତ୍ ସବୁ ପ୍ରକାର କଷ୍ଟ ସହି ମଧ୍ୟ ଧର୍ମର ହିଁ ଆଚରଣ କରିବା ଦ୍ୱାରା ଜୀବାତ୍ମା ପବିତ୍ର ହୁଏ, ଜ୍ଞାନ ଅର୍ଥାତ୍ ପୃଥିବୀଠାରୁ ଆରମ୍ଭ କରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ପଦାର୍ଥଗୁଡ଼ିକର ବିବେକ ଦ୍ୱାରା ବୁଦ୍ଧି ପବିତ୍ର ହୁଏ । ଏଣୁ ସନ୍ଧ୍ୟୋପାସନା ପୂର୍ବରୁ ଅବଶ୍ୟ ସ୍ନାନ କରିବା ଉଚିତ ।

ଦ୍ୱିତୀୟ ବିଷୟ ହେଲା ପ୍ରାଣାୟାମ । ଏ ସମ୍ପର୍କରେ ଯୋଗଦର୍ଶନକାର ମହର୍ଷି ପତଞ୍ଜଳି କହନ୍ତି —

ଯୋଗାଙ୍ଗାନୁଷ୍ଠାନାଦଶୁଦ୍ଧିକ୍ଷୟେ ଜ୍ଞାନଦୀପ୍ତିରାବିବେକଖ୍ୟାତେଃ । (ଯୋଗ. ୨:୨୮)

ଚତୁର୍ଥ ଯୋଗାଙ୍ଗ ପ୍ରାଣାୟାମ କରିବା ଦ୍ୱାରା ପ୍ରତିକ୍ଷଣ ଅଶୁଦ୍ଧି ନାଶ ହୋଇଥାଏ ଓ ଜ୍ଞାନର ପ୍ରକାଶ ଉତ୍ତରୋତ୍ତର ବୃଦ୍ଧି ପାଇଥାଏ । ମୁକ୍ତି ହେବା ଯାଏଁ ଆତ୍ମାର ଜ୍ଞାନ ନିରନ୍ତର ବଢ଼ି ଚାଲେ ।

ଦହ୍ୟନ୍ତେ ଧ୍ମାୟମାନାନାଂ ଧାତୂନାଂ ହି ଯଥା ମଲାଃ ।
ତଥେନ୍ଦ୍ରିୟାଣାଂ ଦହ୍ୟନ୍ତେ ଦୋଷାଃ ପ୍ରାଣସ୍ୟ ନିଗ୍ରହାତ୍ ।। (ମନୁ. ୬:୭୧)

ଅଗ୍ନିରେ ଉତ୍ତପ୍ତ କଲେ ସୁବର୍ଣ୍ଣାଦି ଧାତୁର ମଳ ନଷ୍ଟ ହୋଇ ସେସବୁ ଯେପରି ଶୁଦ୍ଧ ହୋଇଥାଏ, ସେହିପରି ପ୍ରାଣାୟାମ କରିବା ଦ୍ୱାରା ମନ ଆଦି ଇନ୍ଦ୍ରିୟଗୁଡ଼ିକ ଦୋଷରହିତ ହୋଇ ସେସବୁ ନିର୍ମଳ ହୋଇଥାନ୍ତି ।

ପ୍ରାଣାୟାମ ବିଧି —

ପ୍ରଚ୍ଛର୍ଦନବିଧାରଣାଭ୍ୟାଂ ବା ପ୍ରାଣସ୍ୟ । (ଯୋଗ. ୧:୩୪)

ବାନ୍ତି ହେଲେ ଅନ୍ନ-ଜଳ ଯେପରି ଜୋର୍‌ରେ(ବେଗପୂର୍ବକ) ବାହାରକୁ ବାହାରିଯାଏ, ଠିକ୍ ସେହିପରି ପ୍ରାଣବାୟୁକୁ ବଳପୂର୍ବକ ବାହାର କରି ବାହାରେ ହିଁ ଯଥାଶକ୍ତି ରୋକି ଦେବେ । ପ୍ରାଣବାୟୁକୁ ବାହାର କରିବା ପାଇଁ ପ୍ରଥମେ ମୂଳେନ୍ଦ୍ରିୟକୁ ଉପରକୁ ଟାଣି ତା'ପରେ ବାୟୁକୁ ବାହାରକୁ ଛାଡ଼ିବେ । ଯେତେବେଳ ଯାଏ ମୂଳେନ୍ଦ୍ରିୟକୁ ଉପରକୁ ଟାଣି ରଖାଯାଏ ସେତେବେଳ ପର୍ଯ୍ୟନ୍ତ ପ୍ରାଣ ବାହାରେ ସୁବିଧାରେ ରହିଥାଏ । ଯେତେବେଳେ ଛଟପଟ ଲାଗିବ ସେତେବେଳେ ଧୀରେ-ଧୀରେ ବାୟୁ ଭିତରକୁ ନେବେ । ଭିତରେ ଅଳ୍ପସମୟ ବାୟୁ ରଖି ପୁଣି ପୂର୍ବ ଭଳି ବାହାର କରି ବାହାରେ ଅଟକାଇବେ । ନିଜର ସାମର୍ଥ୍ୟ ଓ ଇଚ୍ଛା ଅନୁସାରେ ଏଭଳି ବାରମ୍ବାର କରିବେ । ପ୍ରାଣାୟାମ କରିବା ସମୟରେ ମନେ-ମନେ 'ଓ୩ମ୍' ଜପ କରୁଥିବେ । ଏପରି କରିବା ଦ୍ୱାରା ଆତ୍ମା ଓ ମନ ପବିତ୍ର ତଥା ସ୍ଥିର ହୁଏ ।

ପ୍ରାଣାୟାମ ଚାରି ପ୍ରକାର । ଯଥା— **୧. ବାହ୍ୟବିଷୟ —** ପ୍ରାଣକୁ ବାହାରେ ହିଁ ଅଧିକ ସମୟ ଅଟକାଇବା । **୨. ଆଭ୍ୟନ୍ତର —** ବାହାରୁ ବାୟୁ ଗ୍ରହଣ କରି ଭିତରେ ଯେତେ ଅଧିକ ସମୟ ସୁବିଧାରେ ରଖିହେବ, ସେତିକି ସମୟ ରଖିବା । **୩. ସ୍ତମ୍ଭବୃତ୍ତି —** ଶ୍ୱାସ-ପ୍ରଶ୍ୱାସ ଚାଲିଥିବା ବେଳେ ଯେକୌଣସି ଅବସ୍ଥାରେ ଥିବ ସେହି ସ୍ଥିତିରେ ହଠାତ୍ ତା'ର ଗତି ଯେତେ ସମୟ ସମ୍ଭବ ରୁଦ୍ଧ କରିବା । **୪. ବାହ୍ୟାଭ୍ୟନ୍ତରାକ୍ଷେପୀ —** ପ୍ରାଣବାୟୁ ଭିତରୁ ବାହାରକୁ ବାହାରିବାକୁ ଲାଗିବା ସମୟରେ ତା'ର ବିପରୀତ କ୍ରିୟା କରିବା ଅର୍ଥାତ୍ ତାକୁ ବାହାରିବାକୁ ନ ଦେବା ପାଇଁ ବାହାରୁ ଭିତରକୁ ବାୟୁ ନେବା ଏବଂ ସେହିପରି ବାୟୁ ବାହାରୁ ଭିତରକୁ ଆସିବାକୁ ଆରମ୍ଭ କରିବା ସମୟରେ ଭିତରୁ ବାହାର ଆଡ଼କୁ ପ୍ରାଣକୁ ଧକ୍କା ଦେଇ ଅଟକେଇବା । ଏପରି ଭାବେ ସ୍ୱାଭାବିକ ରୂପେ ଗୋଟିଏ କ୍ରିୟା ଆରମ୍ଭ ହେବା ବେଳକୁ ତା'ର ବିପରୀତ କ୍ରିୟା କରିବା । ଏପରି କରିବା ଦ୍ୱାରା ଶ୍ୱାସ-ପ୍ରଶ୍ୱାସର ଗତି ରୁଦ୍ଧ ହୋଇ ପ୍ରାଣ ବଶୀଭୂତ ହୁଏ । ଫଳସ୍ୱରୂପ ମନ ଓ ଇନ୍ଦ୍ରିୟଗୁଡ଼ିକ ବି ସ୍ୱ-ଅଧୀନ ହୁଅନ୍ତି । ବଳ-ପୁରୁଷାର୍ଥ ବୃଦ୍ଧି ପାଏ, ତଥା ବୁଦ୍ଧି ତୀବ୍ର ଓ ସୂକ୍ଷ୍ମ ହୋଇଯାଏ, ଯଦ୍ଦ୍ୱାରାକି ବହୁତ କଠିନ ଓ ସୂକ୍ଷ୍ମ ବିଷୟକୁ ବି ଶୀଘ୍ର ବୁଝିହୁଏ । ପ୍ରାଣାୟାମ ଦ୍ୱାରା ଶରୀରରେ ବୀର୍ଯ୍ୟ ବୃଦ୍ଧି ପାଇ ଦୃଢ଼ ବଳ, ପରାକ୍ରମ, ଜିତେନ୍ଦ୍ରିୟତା ଲାଭ ଦ୍ୱାରା ଅଳ୍ପକାଳ ମଧ୍ୟରେ ସମସ୍ତ ଶାସ୍ତ୍ରକୁ ବୁଝି ଆୟତ୍ତ କରିବାର ସାମର୍ଥ୍ୟ ଲାଭ ହୁଏ । ପୁରୁଷଙ୍କ ଭଳି ମହିଳାମାନେ ବି ଯୋଗାଭ୍ୟାସ କରିବା ଉଚିତ । ସନ୍ତାନ ଓ ଶିଷ୍ୟଙ୍କୁ ଖାଇବା-ପିନ୍ଧିବା, ବସିବା-ଉଠିବା, କହିବା-ଶୁଣିବା, ବଡ଼-ସାନଙ୍କ ସହ ବ୍ୟବହାର କରିବା ବିଷୟରେ ଉପଦେଶ ଦେବେ ।

ସନ୍ଧ୍ୟା ଓ ଅଗ୍ନିହୋତ୍ର ବିଧି

ସନ୍ଧ୍ୟୋପାସନା — ଏହାକୁ ବ୍ରହ୍ମଯଜ୍ଞ ବୋଲି ମଧ୍ୟ କୁହାଯାଏ । ଏଥିରେ ଅନେକ କ୍ରିୟା ଅନ୍ତର୍ଭୁକ୍ତ । **'ଆଚମନ'—** ଯେତିକି ଜଳ ପିଇଲେ ତାହା କଣ୍ଠର ତଳକୁ ହୃଦୟ ପର୍ଯ୍ୟନ୍ତ ପହଞ୍ଚିବ ସେତିକି ଜଳ ହାତ ପାପୁଲିରେ ନେଇ, ପାପୁଲିର ମୂଳ ଓ ମଧ୍ୟ ଭାଗରେ ଓଠ ଲଗାଇ ଆଚମନ କରିବେ । ଏହାଦ୍ୱାରା କଣ୍ଠସ୍ଥ କଫ ଓ ପିତ୍ତର କିଞ୍ଚିତ୍ ଉପଶମ ହୋଇଥାଏ । ତା'ପରେ **'ମାର୍ଜନ'** କରିବେ ଅର୍ଥାତ୍ ମଧ୍ୟମା ଓ ଅନାମିକା ଅଙ୍ଗୁଳିର ଅଗ୍ରଭାଗରେ ଜଳ ସ୍ପର୍ଶ କରି ଚକ୍ଷୁ ଆଦି ଇନ୍ଦ୍ରିୟ ଉପରେ ଜଳ ସିଞ୍ଚନ କରିବେ । ତଦ୍ଦ୍ୱାରା ଆଳସ୍ୟ ଦୂର ହୁଏ । ଯଦି ଆଳସ୍ୟ ନଥାଏ ବା ଜଳ ଉପଲବ୍ଧ ନଥାଏ ତେବେ ନ କରିପାରନ୍ତି । ତା'ପରେ ମନ୍ତ୍ରୋଚ୍ଚାରଣ ପୂର୍ବକ **ପ୍ରାଣାୟମ, ଅଘମର୍ଷଣ, ମନସା ପରିକ୍ରମଣ, ଉପସ୍ଥାନ** ତଦନନ୍ତର ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନାର ରୀତି ଶିଖାଇବେ । ସନ୍ଧ୍ୟୋପାସନାରେ **'ଅଘମର୍ଷଣ'** କରିବେ ଅର୍ଥାତ୍ ପାପ କରିବାର ଇଚ୍ଛା ବି କେବେ କରିବେ ନାହିଁ । ସନ୍ଧ୍ୟୋପାସନା ଏକାନ୍ତ ସ୍ଥାନରେ ଏକାଗ୍ର ଚିତ୍ତରେ କରିବା ଉଚିତ ।

ଅପାଂ ସମୀପେ ନିୟତୋ ନୈତ୍ୟକଂ ବିଧିମାସ୍ଥିତଃ ।
ସାବିତ୍ରୀମପ୍ୟଧୀୟୀତ ଗତ୍ୱାରଣ୍ୟଂ ସମାହିତଃ ।। (ମନୁ. ୨:୧୦୪)

ଅରଣ୍ୟ ଅର୍ଥାତ୍ ନିରୋଳା ସ୍ଥାନକୁ ଯାଇ, ସମାହିତ ଚିତ୍ତରେ, ଜଳ ନିକଟରେ ରହି, ନିତ୍ୟକର୍ମ ବା ସନ୍ଧ୍ୟୋପାସନା କରିବା ଉଚିତ । ସେ ସମୟରେ ସାବିତ୍ରୀ ଅର୍ଥାତ୍ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ସହ ଅର୍ଥ ଚିନ୍ତନ କରିବା ବିଧେୟ । ନିଜର ଆଚରଣ ମଧ୍ୟ ତଦନୁସାରେ କରିବା ଆବଶ୍ୟକ । କିନ୍ତୁ, ଏ ଜପ ମନେ-ମନେ କରିବା ଉତ୍ତମ ।

ସନ୍ଧ୍ୟା ଓ ଅଗ୍ନିହୋତ୍ର ସାୟଂ ଓ ପ୍ରାତଃ ଏ ଦୁଇ କାଳରେ ହିଁ କରିବା ଉଚିତ । କାରଣ ରାତି ଓ ଦିନ ଏ ଦୁଇଟିର ସନ୍ଧି ବେଳା ଦୁଇଟି ହିଁ ଅଛି, ଅଧିକ ନାହିଁ । ଅନ୍ୟୂନ ପକ୍ଷେ ଏକ ଘଣ୍ଟା ପର୍ଯ୍ୟନ୍ତ ଧ୍ୟାନ ଅବଶ୍ୟ କରିବା ଉଚିତ । ଯୋଗୀମାନେ ଯେପରି ସମାଧିସ୍ଥ ହୋଇ ପରମାତ୍ମାଙ୍କ ଧ୍ୟାନ କରନ୍ତି, ସନ୍ଧ୍ୟୋପାସନା ମଧ୍ୟ ସେହିପରି କରିବା ଉଚିତ ।

ଦେବଯଜ୍ଞ — ଅଗ୍ନିହୋତ୍ର, ବିଦ୍ୱାନଙ୍କ ସଙ୍ଗ ଓ ସେବାକୁ ଦେବଯଜ୍ଞ କୁହାଯାଏ । ଉଭୟ ସନ୍ଧି ସମୟ ଅର୍ଥାତ୍ ସୂର୍ଯ୍ୟୋଦୟ ପରେ ଓ ସୂର୍ଯ୍ୟାସ୍ତ ପୂର୍ବରୁ ଅଗ୍ନିହୋତ୍ର କରିବାର ଉତ୍କୃଷ୍ଟ ସମୟ ।

ଅଗ୍ନିହୋତ୍ର ପାଇଁ କୌଣସି ଧାତୁ ବା ମାଟିର ଏକ **ବେଦୀ ବା ହୋମକୁଣ୍ଡ**  ତିଆରି କରିବେ । କୁଣ୍ଡର ଉପର ଭାଗ ବର୍ଗାକାର ହେବ ଓ ଉପରଭାଗର ଏକ ପାର୍ଶ୍ୱର ଚଉଡ଼ା ଯେତିକି ହେବ କୁଣ୍ଡର ଗଭୀରତା ବି ସେତିକି ହେବ । କୁଣ୍ଡର ତଳ ଭାଗ ବି ବର୍ଗାକୃତି ହେବା ସାଙ୍ଗକୁ ପ୍ରତି ପାର୍ଶ୍ୱର ଚଉଡ଼ା ଉପରସ୍ଥ ପ୍ରତି ପାର୍ଶ୍ୱର ଏକ ଚତୁର୍ଥାଂଶ ହେବ । ଉପର ଭାଗ ୧୨ ବା ୧୬ ଅଙ୍ଗୁଳ ଦୈର୍ଘ୍ୟବିଶିଷ୍ଟ ବର୍ଗାକୃତି ହେଲେ ତଳ ଭାଗ ତଦନୁସାରେ ୩ ବା ୪ ଅଙ୍ଗୁଳ ବିଶିଷ୍ଟ ବର୍ଗାକୃତିର କୁଣ୍ଡ ତିଆରି କରିବେ । ଘିଅ ରଖିବା ପାଇଁ ଗୋଟିଏ **ଆଜ୍ୟସ୍ଥାଳୀ** ବା ଘୃତପାତ୍ର  ରଖିବେ । ଆଜ୍ୟସ୍ଥାଳୀରୁ ଘିଅ ନେଇ କୁଣ୍ଡସ୍ଥ ଅଗ୍ନିରେ ଆହୁତି ଦେବା ପାଇଁ ଏକ **ସ୍ରୁବ** ବା **ଚାମଚ**  ବ୍ୟବସ୍ଥା କରିବେ । ଜଳ ରଖିବା ପାଇଁ ଏକ ପ୍ରଣୀତାପାତ୍ର  ଓ ପ୍ରଣୀତାରୁ ଜଳ ନେଇ ହସ୍ତ ପ୍ରକ୍ଷାଳନାଦି କରିବା ପାଇଁ ଏକ **ପ୍ରୋକ୍ଷଣୀ**  ରଖିବେ । ନିଜ ଶକ୍ତି-ସାମର୍ଥ୍ୟକୁ ଦେଖି ଏହି

ପାତ୍ରଗୁଡ଼ିକ ସୁନା, ରୁପା, ତମ୍ବା ବା କାଠରେ ତିଆରି କରିବେ ।

ଚନ୍ଦନ, ପଳାଶ ବା ଆମ୍ବ ପ୍ରଭୃତି ହୋମ ପାଇଁ ଉତ୍ତମ ଥିବା କାଠକୁ କୁଣ୍ଡର ଆକାରର ଆବଶ୍ୟକତାନୁସାରେ ଖଣ୍ଡ-ଖଣ୍ଡ କରି ଛୋଟ-ବଡ଼ କରି କୁଣ୍ଡରେ ସଜାଇ ରଖିବେ । ତା' ମଧ୍ୟରେ ଅଗ୍ନି ସ୍ଥାପନ କରି ଅଗ୍ନି ଉପରେ ସମିଧ ଅର୍ଥାତ୍ ପୂର୍ବୋକ୍ତ କାଠ ଖଣ୍ଡମାନ ରଖିବେ । ପୂର୍ବରୁ ପ୍ରଣୀତା ଓ ପ୍ରୋକ୍ଷଣୀରେ ଜଳ ରଖିଥିବେ ତଥା ଘୃତକୁ ଗରମ କରି ଘୃତପାତ୍ରରେ ରଖିଥିବେ । ତା' ପରେ ନିମ୍ନୋକ୍ତ ଗୋଟିଏ-ଗୋଟିଏ ମନ୍ତ୍ର ପଢ଼ି ଆଜ୍ୟସ୍ଥାଳୀରୁ ଘୃତ ନେଇ ସେହି ପ୍ରଜ୍ୱଳିତ ଅଗ୍ନିରେ ଗୋଟିଏ ଲେଖାଁଏ ଆହୁତି ଦେବେ ।

ଓଂ ଭୂରଗ୍ନୟେ ପ୍ରାଣାୟ ସ୍ୱାହା । ଭୁବର୍ବାୟବେଽପାନାୟ ସ୍ୱାହା । ସ୍ୱରାଦିତ୍ୟାୟ ବ୍ୟାନାୟ ସ୍ୱାହା । ଭୂର୍ଭୁବଃ ସ୍ୱରଗ୍ନିବାୟ୍ୱାଦିତ୍ୟେଭ୍ୟଃ ପ୍ରାଣାପାନବ୍ୟାନେଭ୍ୟଃ ସ୍ୱାହା ।।

ଅଧିକ ଆହୁତି ଦେବାକୁ ଚାହିଁଲେ—

ବିଶ୍ୱାନି ଦେବ ସବିତର୍ଦୁରିତାନି ପରା ସୁବ । ଯଦ୍ଭଦ୍ରଂ ତନ୍ନ ଆ ସୁବ ।। (ଯଜୁଃ. ୩୦: ୩)

ଏହି ମନ୍ତ୍ର ତଥା ପୂର୍ବୋକ୍ତ **'ଗାୟତ୍ରୀ ମନ୍ତ୍ର'**ରେ ଆହୁତି ଦେବେ ।

'ଓ୩ମ୍', 'ଭୂଃ' ଓ **'ପ୍ରାଣ'** ଆଦି ଏସବୁ ପରମେଶ୍ୱରଙ୍କ ନାମ । ଏସବୁର ଅର୍ଥ ପୂର୍ବରୁ ଲେଖାଯାଇଛି । **'ସ୍ୱାହା'** ଶବ୍ଦର ଅର୍ଥ ହେଲା— ଆତ୍ମାରେ ଯେପରି ଜ୍ଞାନ ବିଦ୍ୟମାନ ବାଣୀରେ ବି ସେପରି ହିଁ କହିବା ଉଚିତ, ଅନ୍ୟଥା ନୁହେଁ । **ପରମେଶ୍ୱର ଯେପରି ସକଳ ପ୍ରାଣୀଙ୍କ ସୁଖ ପାଇଁ ସଂସାରର ଏ ସମସ୍ତ ପଦାର୍ଥ ତିଆରି କରିଛନ୍ତି, ସେହିପରି ମନୁଷ୍ୟ ବି ପରୋପକାର କରିବା ଉଚିତ ।**

ପ୍ରଶ୍ନ — ହୋମ ଦ୍ୱାରା କ'ଣ ଉପକାର ହୁଏ ?

ଉତ୍ତର — ସମସ୍ତେ ଜାଣନ୍ତି ଯେ, ଦୁର୍ଗନ୍ଧଯୁକ୍ତ ବାୟୁ ଓ ଦୂଷିତ ଜଳ ଦ୍ୱାରା ରୋଗ ଉତ୍ପନ୍ନ ହୁଏ ଏବଂ ରୋଗରୁ ପ୍ରାଣୀଙ୍କୁ ଦୁଃଖ ମିଳେ ତଥା ସୁଗନ୍ଧିତ ବାୟୁ ଓ ଜଳ ଦ୍ୱାରା ଆରୋଗ୍ୟ ଲାଭ ହୁଏ, ତା' ଫଳରେ ସୁଖ ମିଳେ । ହୋମ ଦ୍ୱାରା ଜଳ ଓ ବାୟୁ ଶୁଦ୍ଧ ଓ ସୁଗନ୍ଧିତ ହୁଏ ।

ପ୍ରଶ୍ନ — ଚନ୍ଦନ ଆଦି ଦେହରେ ଲଗାଇଲେ ଏବଂ ଘୃତାଦି ଖାଇଲେ ବହୁତ ଲାଭ ହୁଏ । ତା' ନ କରି ଏସବୁ ନିଆଁରେ ପକାଇ ଅଯଥା ନଷ୍ଟ କରିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ ।

ଉତ୍ତର — ଯଦି ତୁମେ 'ପଦାର୍ଥବିଦ୍ୟା' ଜାଣିଥାନ୍ତ, ତେବେ ଏପରି କଥା କେବେ ବି କହିନଥାନ୍ତ । କାରଣ କୌଣସି ପଦାର୍ଥର ଅସ୍ତିତ୍ୱ କେବେ ପୂର୍ଣ୍ଣତଃ ଲୋପ ହୁଏ ନାହିଁ । ଦେଖ, ଯେଉଁଠି ହୋମ ହୁଏ ସେଠାରୁ ଦୂରରେ ଥିବା ବ୍ୟକ୍ତିର ନାକକୁ ମଧ୍ୟ ହୋମର ସୁଗନ୍ଧ ଜଣାପଡ଼ିଥାଏ । ଦୁର୍ଗନ୍ଧ କ୍ଷେତ୍ରରେ ବି ସେହି ଏକା କଥା । ଏଥିରୁ ବୁଝିନିଅ ଯେ ଅଗ୍ନିରେ ପକାଯାଇଥିବା ପଦାର୍ଥ ଅତି ସୂକ୍ଷ୍ମ ହୋଇ ବ୍ୟାପକ ହୋଇ ବାୟୁ ସହ ଦୂରକୁ ଯାଏ ଓ ଦୁର୍ଗନ୍ଧକୁ ନାଶ କରେ ।

ପ୍ରଶ୍ନ — ଯଦି ଏମିତି କଥା, ତେବେ ସୁବାସିତ ପୁଷ୍ପ, ଅତର, କେଶର, କସ୍ତୁରୀ ଆଦି ଘରେ ରଖିଲେ ତ ବାୟୁ ସୁଗନ୍ଧିତ ହୋଇ ସୁଖକାରକ ହୋଇଯିବ । ପୁଣି ହୋମ କରିବା କ'ଣ ଆବଶ୍ୟକ ?

ଉତ୍ତର — ପୁଷ୍ପ, ଅତର ଆଦି ସୁଗନ୍ଧିତ ପଦାର୍ଥର ସେ ସାମର୍ଥ୍ୟ ନାହିଁ ଯେ ଗୃହସ୍ଥିତ ଦୂଷିତ ବାୟୁକୁ ବାହାରକୁ ବାହାର କରି ବାହାରୁ ଶୁଦ୍ଧ ବାୟୁ ଘରେ ପ୍ରବେଶ କରାଇପାରିବ । କାରଣ ଏସବୁରେ ଭେଦକ ଶକ୍ତି

ନାହିଁ । କିନ୍ତୁ ଅଗ୍ନିରେ ଭେଦକ ଶକ୍ତି ଅଛି । ଏଣୁ ଅଗ୍ନି ହିଁ ସେହି ଦୂଷିତ ବାୟୁ ଓ ଦୁର୍ଗନ୍ଧଯୁକ୍ତ ପଦାର୍ଥକୁ ଛିନ୍ନ-ଭିନ୍ନ ଓ ହାଲୁକା କରି ବାହାରକୁ ବାହାର କରିଦିଏ । ଫଳରେ ବାହାରୁ ଶୁଦ୍ଧ ବାୟୁ ଗୃହରେ ପ୍ରବେଶ କରେ ।

ପ୍ରଶ୍ନ — ତେବେ ମନ୍ତ୍ର ପଢ଼ି ହୋମ କରିବାର ଆବଶ୍ୟକତା କ'ଣ ?

ଉତ୍ତର — ମନ୍ତ୍ରରେ ହୋମର ଲାଭ, ପରିଣାମ ଆଦି ବିଷୟ ନିହିତ ଅଛି । ମନ୍ତ୍ର ପଢ଼ିବା ଦ୍ୱାରା ସେସବୁ ଜଣାଯାଏ, ମନରେ ରହେ । ତା' ସାଙ୍ଗକୁ ଆବୃତ୍ତି ଦ୍ୱାରା ମନ୍ତ୍ର ମୁଖସ୍ଥ ହୁଏ, ବେଦର ପଠନ-ପାଠନ ଓ ରକ୍ଷା ହୁଏ ।

ପ୍ରଶ୍ନ — କ'ଣ ହୋମ ନ କଲେ ପାପ ହୁଏ ?

ଉତ୍ତର — ହଁ, ପାପ ହୁଏ । **କାରଣ ମଣିଷ ଦେହରୁ ମଳ, ମୂତ୍ର, ସ୍ୱେଦାଦି ଦୂଷିତ ପଦାର୍ଥ ନିରନ୍ତର ନିର୍ଗତ ହୋଇ ବାୟୁ ଓ ଜଳକୁ ଅଶୁଦ୍ଧ କରିଥାଏ । ଏସବୁ ରୋଗୋତ୍ପତ୍ତିର କାରଣ ହୋଇ ପ୍ରାଣୀମାନଙ୍କୁ ଦୁଃଖ ଦେଇଥାଏ । ଯେଉଁ ବ୍ୟକ୍ତି ଦ୍ୱାରା ଏହିଭଳି ଭାବେ ଯେତିକି ଦୁଃଖ ପ୍ରାଣୀଙ୍କୁ ମିଳେ, ସେହି ବ୍ୟକ୍ତିର ସେତିକି ପାପ ହୁଏ । ଏଣୁ ସେହି ପାପର ନିରାକରଣ ନିମନ୍ତେ ସେତିକି ବା ତତୋଧିକ ଜଳ-ବାୟୁକୁ ହୋମ ଦ୍ୱାରା ଶୁଦ୍ଧ, ସୁଗନ୍ଧିତ କରିବା ଉଚିତ ।** ଦ୍ୱିତୀୟ କଥା ହେଲା ଯେ ଖାଇବା-ପିଇବା ଦ୍ୱାରା ଯିଏ ଖାଏ ସେହି ଜଣେ ବ୍ୟକ୍ତିର ଉପକାର ହୁଏ । ଯେତିକି ଘିଅ ଓ ସୁଗନ୍ଧିତ ପଦାର୍ଥ ଜଣେ ଲୋକ ଖାଏ, ସେତିକି ବସ୍ତୁରେ ହୋମ କଲେ ଲକ୍ଷ-ଲକ୍ଷ ଲୋକଙ୍କର ଉପକାର ହୁଏ । ଅବଶ୍ୟ ଘୃତାଦି ଉତ୍ତମ ପଦାର୍ଥ ଖାଇବା ବି ଦରକାର । କାରଣ ଯଦି ମନୁଷ୍ୟ ଘୃତାଦି ପଦାର୍ଥ ନ ଖାଏ ତେବେ ତା'ର ଶରୀର ଓ ଆତ୍ମାର ବଳ ବୃଦ୍ଧି ହୋଇପାରିବ ନାହିଁ । କିନ୍ତୁ ଖାଇବା ଅପେକ୍ଷା ଅଧିକ ପରିମାଣରେ ହୋମ କରିବା ଉଚିତ । **ଅତଏବ ହୋମ କରିବା ଅତ୍ୟାବଶ୍ୟକ ।**

ପ୍ରଶ୍ନ — ପ୍ରତ୍ୟେକ ବ୍ୟକ୍ତି କେତୋଟି ଆହୁତି ଦେବା ଦରକାର ଏବଂ ପ୍ରତ୍ୟେକ ଆହୁତିରେ କେତେ ପରିମାଣରେ ଘିଅ ଦେବା ଉଚିତ ?

ଉତ୍ତର — ପ୍ରତ୍ୟେକ ବ୍ୟକ୍ତି ଷୋହଳ-ଷୋହଳ ଆହୁତି ଦେବା ଦରକାର । ପ୍ରତ୍ୟେକ ଆହୁତିରେ କମ୍ ସେ କମ୍ ୬ ମାସାର ଘୃତ ଦେବା ଉଚିତ । ତା'ଠାରୁ ବେଶୀ ଦେଇପାରିଲେ ଆହୁରି ଭଲ । ଏଣୁ ଆର୍ଯ୍ୟବର ଶିରୋମଣି ମହାମନା, ଉଦାରଚେତା, ଋଷି-ମହର୍ଷି, ରାଜା-ମହାରାଜା ଆଦି ବହୁତ ହୋମ କରୁଥିଲେ ଓ କରାଉଥିଲେ । ଯେତେ ଦିନ ଯାଏଁ ଏ ହୋମ ପ୍ରଥା ପ୍ରଚଳିତ ଥିଲା ସେତେଦିନ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତ ଦେଶ ରୋଗରହିତ ଓ ସୁଖରେ ପୂର୍ଣ୍ଣ ଥିଲା । ବର୍ତ୍ତମାନ ମଧ୍ୟ ଯଦି ହୋମର ସେଭଳି ପୁନଃ ପ୍ରଚଳନ ହୁଏ, ତେବେ ଦେଶ ସେପରି ହିଁ ହୋଇଯିବ ।

ଅତଃ ଦୁଇଟି ଯଜ୍ଞ ହେଲା - ୧. ବ୍ରହ୍ମଯଜ୍ଞ ଓ ୨. ଦେବଯଜ୍ଞ । **ବ୍ରହ୍ମଯଜ୍ଞ** ହେଲା ଅଧ୍ୟୟନ-ଅଧ୍ୟାପନା, ସନ୍ଧ୍ୟୋପାସନା ଏବଂ ଈଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା । **ଦେବଯଜ୍ଞ** ହେଉଛି ଅଗ୍ନିହୋତ୍ର ଠାରୁ ଆରମ୍ଭ କରି ଅଶ୍ୱମେଧ ପର୍ଯ୍ୟନ୍ତ ଯଜ୍ଞ, ବିଦ୍ୱାନଙ୍କ ସଙ୍ଗ ଓ ସେବା । ବ୍ରହ୍ମଚର୍ଯ୍ୟ ଆଶ୍ରମରେ କେବଳ ବ୍ରହ୍ମଯଜ୍ଞ ଓ ଅଗ୍ନିହୋତ୍ର କରିବା ପାଇଁ ବିଧାନ କରାଯାଇଛି ।

ବ୍ରାହ୍ମଣସ୍ତ୍ରୟାଣାଂ ବର୍ଣ୍ଣାନାମୁପନୟନଂ କର୍ତ୍ତୁମର୍ହତି । ରାଜନ୍ୟୋ ଦ୍ୱୟସ୍ୟ । ବୈଶ୍ୟୋ ବୈଶ୍ୟସ୍ୟୈବେତି । ଶୂଦ୍ରମପି କୁଲଗୁଣସମ୍ପନ୍ନଂ ମନ୍ତ୍ରବର୍ଜମନୁପନୀତମଧ୍ୟାପୟେଦିତ୍ୟେକେ ॥

(ସୁଶ୍ରୁତ ସୂତ୍ରସ୍ଥାନ. ୨:୫)

ବ୍ରାହ୍ମଣ ବ୍ୟକ୍ତି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଏ ତିନି ବର୍ଣ୍ଣର; କ୍ଷତ୍ରିୟ ବ୍ୟକ୍ତି କ୍ଷତ୍ରିୟ ଓ ବୈଶ୍ୟ ଦୁଇ ବର୍ଣ୍ଣର ଏବଂ ବୈଶ୍ୟ କେବଳ ବୈଶ୍ୟର ଉପନୟନ କରି ବିଦ୍ୟା ପଢ଼ାଇ ପାରିବ । କୁଳୀନ ଓ ଶୁଭଲକ୍ଷଣଯୁକ୍ତ ଶୂଦ୍ର ହେଲେ ତାଙ୍କୁ ମନ୍ତ୍ର ସଂହିତା ବ୍ୟତୀତ ଅନ୍ୟ ସମସ୍ତ ଶାସ୍ତ୍ର ପଢ଼ାଯାଇପାରିବ । ଶୂଦ୍ର ବିଦ୍ୟା ଶିକ୍ଷା କରୁ; କିନ୍ତୁ ତା'ର ଉପନୟନ କରା ନ ଯାଉ ଏଭଳି ମତ ବି କେତେକ ଆଚାର୍ଯ୍ୟ ଦେଇଥାନ୍ତି ।

ବ୍ରହ୍ମଚର୍ଯ୍ୟକୃତ୍ୟ

ପାଞ୍ଚ ବା ଆଠ ବର୍ଷ ବୟସ ହେଲେ ବାଳକମାନେ ବାଳକଙ୍କ ବିଦ୍ୟାଳୟ ଓ ବାଳିକାମାନେ ବାଳିକାଙ୍କ ପାଠଶାଳାକୁ ଯିବେ ଓ ନିମ୍ନଲିଖିତ ନିୟମ ଅନୁଯାୟୀ ଅଧ୍ୟୟନ କରିବେ ।

ଷଟ୍‌ତ୍ରିଂଶଦାବ୍ଦିକଂ ଚର୍ଯ୍ୟଂ ଗୁରୌ ତ୍ରୈବୈଦିକଂ ବ୍ରତମ୍ ।
ତଦର୍ଦ୍ଧିକଂ ପାଦିକଂ ବା ଗ୍ରହଣାନ୍ତିକମେବ ବା ॥ (ମନୁ. ୩:୧)

ଆଠ ବର୍ଷ ବୟସରୁ ଅଧ୍ୟୟନ ଆରମ୍ଭ କରି ପରବର୍ତ୍ତୀ ୩୬ ବର୍ଷ ପର୍ଯ୍ୟନ୍ତ (ଗୋଟିଏ ବେଦ (ଜ୍ଞାନ-କର୍ମ-ଉପାସନା ରୂପୀ ତ୍ରୟୀ ବିଦ୍ୟା)ର ସାଙ୍ଗୋପାଙ୍ଗ ପଢ଼ିବାରେ ୧୨-୧୨ ବର୍ଷ ଏହିଭଳି ଭାବେ ୩୬ବର୍ଷ) ଅର୍ଥାତ୍ ୪୪ ବର୍ଷ ବୟସ ପର୍ଯ୍ୟନ୍ତ, ଅଥବା ଆଠ ବର୍ଷରେ ଅଧ୍ୟୟନ ଆରମ୍ଭ କରି ପର ୧୮ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୨୬ ବର୍ଷ ବୟସ ପର୍ଯ୍ୟନ୍ତ କିମ୍ବା ଆଠ ବର୍ଷ ବୟସରେ ଅଧୟନ ଆରମ୍ଭ କରି ପର ୯ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ନତୁବା ଯେତେଦିନ ଯାଏ ବିଦ୍ୟା ଶିକ୍ଷା ପୂର୍ଣ୍ଣ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଗୁରୁକୁଳରେ ରହି ବିଦ୍ୟାଧ୍ୟୟନ କରିବେ ।

ପୁରୁଷୋ ବାବ ୟଜ୍ଞସ୍ତସ୍ୟ ୟାନି ଚତୁର୍ବିଂଶତି ବର୍ଷାଣି ତତ୍‌ପ୍ରାତଃସବନଂ ଚତୁର୍ବିଂଶତ୍ୟକ୍ଷରା ଗାୟତ୍ରୀ ଗାୟତ୍ରଂ ପ୍ରାତଃସବନଂ ତଦସ୍ୟ ବସବୋଽନ୍ୱାୟତ୍ତାଃ ପ୍ରାଣା ବାବ ବସବ ଏତେ ହୀଦଂ ସର୍ବଂ ବାସୟନ୍ତି ॥୧ ॥

ତଞ୍ଚେଦେତସ୍ମିନ୍ ବୟସି କିଞ୍ଚିଦୁପତପେତ୍‌ସ ବ୍ରୂୟାତ୍‌ପ୍ରାଣା ବସବ ଇଦଂ ମେ ପ୍ରାତଃସବନଂ ମାଧ୍ୟନ୍ଦିନଂ ସବନମନୁସଂତନୁତେତି ମାହଂ ପ୍ରାଣାନାଂ ବସୂନାଂ ମଧ୍ୟେ ୟଜ୍ଞୋ ବିଲୋପ୍‌ସୀୟେତ୍ୟୁଦ୍ଧୈବ ତତ ଏତ୍ୟଗଦୋ ହ ଭବତି ॥ ୨ ॥

ଅଥ ୟାନି ଚତୁଶ୍ଚତ୍ୱାରିଂଶଦ୍‌ବର୍ଷାଣି ତନ୍‌ମାଧ୍ୟନ୍ଦିନଂ ସବନଂ ଚତୁଶ୍ଚତ୍ୱାରିଂଶଦକ୍ଷରା ତ୍ରିଷ୍ଟୁପ୍ ତ୍ରୈଷ୍ଟୁଭଂ ମାଧ୍ୟନ୍ଦିନଂ ସବନଂ ତଦସ୍ୟ ରୁଦ୍ରା ଅନ୍ୱାୟତ୍ତାଃ ପ୍ରାଣା ବାବ ରୁଦ୍ରା ଏତେ ହୀଦଂ ସର୍ବଂ ରୋଦୟନ୍ତି ॥ ୩ ॥

ତଂ ଚେଦେତସ୍ମିନ୍‌ବୟସି କିଞ୍ଚିଦୁପତପେତ୍‌ସ ବ୍ରୂୟାତ୍‌ପ୍ରାଣା ରୁଦ୍ରା ଇଦଂ ମେ ମାଧ୍ୟନ୍ଦିନଂ ସବନଂ ତୃତୀୟସବନମନୁସନ୍ତନୁତେତି ମାହଂ ପ୍ରାଣାନାଂ ରୁଦ୍ରାଣାଂ ମଧ୍ୟେ ୟଜ୍ଞୋ ବିଲୋପ୍‌ସୀୟେତ୍ୟୁଦ୍ଧୈବ ତତ ଏତ୍ୟଗଦୋ ହ ଭବତି ॥୪ ॥

ଅଥ ୟାନ୍ୟଷ୍ଟାଚତ୍ୱାରିଂଶଦ୍‌ବର୍ଷାଣି ତତ୍ ତୃତୀୟସବନମଷ୍ଟାଚତ୍ୱାରିଂଶଦକ୍ଷରା ଜଗତୀ ଜାଗତଂ ତୃତୀୟସବନଂ ତଦସ୍ୟାଦିତ୍ୟା ଅନ୍ୱାୟତ୍ତାଃ ପ୍ରାଣା ବାବାଦିତ୍ୟା ଏତେ ହୀଦଂ ସର୍ବମାଦଦତେ ॥୫ ॥

ତଂ ଚେଦେତସ୍ମିନ୍ ବୟସି କିଞ୍ଚିଦୁପତପେତ୍ସ ବ୍ରୂୟାତ୍ ପ୍ରାଣା ଆଦିତ୍ୟା ଇଦଂ ମେ ତୃତୀୟସବନମାୟୁରନୁସଂତନୁତେତି ମାହଂ ପ୍ରାଣାନାମାଦିତ୍ୟାନାଂ ମଧ୍ୟେ ଯଜ୍ଞୋ ବିଲୋପ୍ସୀୟେତ୍ୟୁଦ୍ଧୈବ ତତ ଏତ୍ୟଗଦୋ ହୈବ ଭବତି ॥ ୬ ॥ (ଛାନ୍ଦୋଗ୍ୟ. ୩:୧୬:୧-୬)

ବ୍ରହ୍ମଚର୍ଯ୍ୟ ତିନି ପ୍ରକାର - କନିଷ୍ଠ, ମଧ୍ୟମ ଓ ଉତ୍ତମ ।

କନିଷ୍ଠ ବ୍ରହ୍ମଚର୍ଯ୍ୟ — ମନୁଷ୍ୟ ଅନ୍ନରସମୟ ଦେହ ଏବଂ ପୁରି ବା ଦେହରେ ଶୟନକାରୀ ଜୀବାତ୍ମାର ସମାହାର ଅଟେ । ସେ ଯଜ୍ଞ ଅର୍ଥାତ୍ ଅତ୍ୟନ୍ତ ଶୁଭଗୁଣସମ୍ପନ୍ନ ଓ ସତ୍‌କର୍ତ୍ତବ୍ୟ ପରାୟଣ ହେବା ଉଚିତ । ଏଥିପାଇଁ ସେ ଅନିବାର୍ଯ୍ୟ ରୂପେ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ଜିତେନ୍ଦ୍ରିୟ ଅର୍ଥାତ୍ ବ୍ରହ୍ମଚାରୀ ରହି ବେଦାଦି ବିଦ୍ୟା ଓ ସୁଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ତା' ପରେ ବିବାହ କରି ମଧ୍ୟ ସେ ଲମ୍ପଟତା ନ କରିବା ଉଚିତ । ସେତେବେଳେ ତା' ଶରୀରରେ ପ୍ରାଣ ବଳବାନ୍ ହୋଇ ସକଳ ଶୁଭ ଗୁଣର ଆଧାର ହୁଏ ॥ ୧ ॥

ଏହି ପ୍ରଥମ ବୟସରେ ସେ ନିଜକୁ ବିଦ୍ୟାଭ୍ୟାସ ରୂପକ ତପସ୍ୟାରେ ସନ୍ତପ୍ତ କରିବା ଉଚିତ ତଥା ତା'ର ଆଚାର୍ଯ୍ୟ ସେପରି କରିବାକୁ ଉପଦେଶ ଦେବା ଉଚିତ । ସେ ବ୍ରହ୍ମଚାରୀ ଏପରି ଦୃଢ଼ସଂକଳ୍ପ କରିବା ଆବଶ୍ୟକ ଯେ ମୁଁ ପ୍ରଥମ ଅବସ୍ଥାରେ ଠିକ୍-ଠିକ୍ ଭାବେ ବ୍ରହ୍ମଚର୍ଯ୍ୟ ପାଳନ କଲେ ମୋ ଶରୀର ଓ ଆତ୍ମା ନିରୋଗ, ବଳବାନ୍ ହୋଇ ମୋର ପ୍ରାଣ ଶୁଭଗୁଣର ଭଣ୍ଡାର ହେବ । ହେ ମନୁଷ୍ୟଗଣ ! ତୁମେମାନେ ଏପରି ସୁଖର ବିସ୍ତାର କର । ଯେମିତିକି ମୁଁ ମୋର ବ୍ରହ୍ମଚର୍ଯ୍ୟ ବ୍ରତକୁ ଭଙ୍ଗ ନ କରେ । ୨୪ ବର୍ଷ ବୟସ ପରେ ଯଦି ଗୃହସ୍ଥାଶ୍ରମରେ ପ୍ରବେଶ କରେ ତେବେ ନିଶ୍ଚିତ ରୂପେ ନିରୋଗ ରହିବି ଓ ମୋର ଆୟୁଷ ମଧ୍ୟ ୭୦-୮୦ ବର୍ଷ ହେବ ॥ ୨ ॥

ମଧ୍ୟମ ବ୍ରହ୍ମଚର୍ଯ୍ୟ — ଯେଉଁ ବ୍ୟକ୍ତି ୪୪ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚାରୀ ରହି ବେଦାଧ୍ୟୟନ କରନ୍ତି, ତାଙ୍କର ପ୍ରାଣ, ଇନ୍ଦ୍ରିୟ, ଅନ୍ତଃକରଣ ଓ ଆତ୍ମା ବଳବାନ୍ ହୋଇ ସକଳ ଦୁଷ୍ଟଙ୍କ ରୋଦନ କାରକ ଓ ଶ୍ରେଷ୍ଠଙ୍କ ପାଳକ ହୋଇଯାଏ ॥ ୩ ॥

ଆପଣଙ୍କ ଉପଦେଶ ଅନୁସାରେ ଯଦି ମୁଁ ଏହି ପ୍ରଥମ ବୟସରେ କିଛି ତପଶ୍ଚର୍ଯ୍ୟା କରେ ତବେ ମୋର ରୁଦ୍ରରୂପୀ ପ୍ରାଣବିଶିଷ୍ଟ ଏହି ମଧ୍ୟମ ବ୍ରହ୍ମଚର୍ଯ୍ୟ ସିଦ୍ଧ ହେବ । ହେ ବ୍ରହ୍ମଚାରୀଗଣ ! ତୁମେମାନେ ଏ ବ୍ରହ୍ମଚର୍ଯ୍ୟକୁ ବଢ଼ାଅ, ଏ ମାର୍ଗରେ ଆଗେଇ ଚାଲ । ମୁଁ ଯେପରି ଏହି ବ୍ରହ୍ମଚର୍ଯ୍ୟକୁ ଲୋପ ନ କରି ଯଜ୍ଞସ୍ୱରୂପ ହୋଇଛି ଏବଂ ସେହି ଆଚାର୍ଯ୍ୟକୁଳରୁ ପ୍ରତ୍ୟାବର୍ତ୍ତନ କରି ନିରୋଗ ହୋଇ ରହିଛି, ଯେପରି ଏହି ବ୍ରହ୍ମଚର୍ଯ୍ୟ ଦ୍ୱାରା ଉତ୍ତମ କାମ କରେ, ତୁମେ ବି ସେପରି କର ॥ ୪ ॥

ଉତ୍ତମ ବ୍ରହ୍ମଚର୍ଯ୍ୟ — ୪୮ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କଲେ ତାକୁ ଉତ୍ତମ ବ୍ରହ୍ମଚର୍ଯ୍ୟ କୁହାଯାଏ । ଜଗତୀ ଛନ୍ଦ ୪୮ ଅକ୍ଷର ବିଶିଷ୍ଟ । ସେହିପରି ଉତ୍ତମ ବ୍ରହ୍ମଚର୍ଯ୍ୟ ମଧ୍ୟ ୪୮ ବର୍ଷର ଇନ୍ଦ୍ରିୟ ସଂଯମ ରୂପକ ବ୍ରତ । ଯିଏ ୪୮ ବର୍ଷ ପର୍ଯ୍ୟନ୍ତ ଯଥାବିଧି ବ୍ରହ୍ମଚର୍ଯ୍ୟ ପାଳନ କରେ, ତା'ର ପ୍ରାଣ ଅନୁକୂଳ ହୋଇ ସକଳ ବିଦ୍ୟାର ଗ୍ରହୀତା ହୋଇଯାଏ ॥ ୫ ॥

ଆଚାର୍ଯ୍ୟ ଓ ମାତାପିତା ନିଜ ସନ୍ତାନଙ୍କୁ ପ୍ରଥମ ବୟସରେ ବିଦ୍ୟା ଓ ଗୁଣ ଗ୍ରହଣ ନିମନ୍ତେ ତପସ୍ୱୀ କରିବେ ଓ ସେ ସମ୍ବନ୍ଧୀୟ ଉପଦେଶ ଦେବେ ତଥା ସେ ସନ୍ତାନଗଣ ନିଜେ-ନିଜେ ଅଖଣ୍ଡିତ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ତୃତୀୟ ପ୍ରକାରର ଏ ଉତ୍ତମ ବ୍ରହ୍ମଚର୍ଯ୍ୟର ସେବନ ଦ୍ୱାରା ପୂର୍ଣ୍ଣ ଅର୍ଥାତ୍ ଚାରିଶହ ବର୍ଷ ପର୍ଯ୍ୟନ୍ତ ଆୟୁକୁ ବଢ଼ାଇବେ ।

ତୁମେମାନେ ବି ସେପରି ପରମାୟୁ ବୃଦ୍ଧି କର । ଯେଉଁମାନେ ଏ ବ୍ରହ୍ମଚର୍ଯ୍ୟକୁ ପ୍ରାପ୍ତ କରି ଲୋପ କରନ୍ତି ନାହିଁ ସେମାନେ ସବୁ ପ୍ରକାର ରୋଗରୁ ରହିତ ହୋଇ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତ କରନ୍ତି ।

ଚତସ୍ରୋଽବସ୍ଥାଃ ଶରୀରସ୍ୟ ବୃଦ୍ଧିର୍ୟୌବନଂ ସମ୍ପୂର୍ଣ୍ଣତା କିଞ୍ଚିତ୍ ପରିହାଣିଶ୍ଚେତି । ଆଷୋଡ଼ଶାଦ୍‌ବୃଦ୍ଧିଃ । ଆପଞ୍ଚବିଂଶତେର୍ୟୌବନମ୍ । ଆଚତ୍ୱାରିଂଶତଃ ସମ୍ପୂର୍ଣ୍ଣତା । ତତଃ କିଞ୍ଚିତ୍ ପରିହାଣିଶ୍ଚେତି ।। (ସୁଶ୍ରୁତ. ୧:୩୫:୨୯)

ପଞ୍ଚବିଂଶେ ତତୋ ବର୍ଷେ ପୁମାନ୍ ନାରୀ ତୁ ଷୋଡ଼ଶେ ।
ସମତ୍ୱାଗତବୀର୍ୟୌ ତୌ ଜନୀୟାତ୍‌କୁଶଲୋ ଭିଷକ୍ ।। (ସୁଶ୍ରୁତ.୧:୩୫:୧୩)

ମଣିଷ ଶରୀରର ଚାରୋଟି ଅବସ୍ଥା — **୧. ବୃଦ୍ଧି—** ୧୬ ବର୍ଷ ଠାରୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଶରୀରରେ ସମସ୍ତ ଧାତୁ ବୃଦ୍ଧି ପ୍ରାପ୍ତ ହୁଏ । **୨. ଯୌବନ —** ୨୬ ବର୍ଷରୁ ଯୌବନାବସ୍ଥା ୪୦ ବର୍ଷ ବୟସ ଯାଏ । **୩. ସମ୍ପୂର୍ଣ୍ଣତା —** ୨୬ ବର୍ଷ ଠାରୁ ୪୦ ବର୍ଷ ପର୍ଯ୍ୟନ୍ତ ସମସ୍ତ ଧାତୁ ପରିପୁଷ୍ଟ ହୋଇଥାନ୍ତି । **୪. କିଞ୍ଚିତ୍ ପରିହାଣି —** ଅଙ୍ଗ-ପ୍ରତ୍ୟଙ୍ଗ ସହ ଶରୀରର ସମସ୍ତ ଧାତୁ ପୁଷ୍ଟ ହୋଇ ପୂର୍ଣ୍ଣତା ଲାଭ କରିବା ପରେ ଯେଉଁ ଧାତୁ ବଢ଼େ ତାହା ଆଉ ଶରୀରରେ ରହିପାରେ ନାହିଁ, ସ୍ୱପ୍ନ ଓ ସ୍ୱେଦ ଆଦି ଦ୍ୱାରା ବାହାରିଯାଏ । ଅତଃ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ବିବାହ ପାଇଁ ଉତ୍ତମ ସମୟ ଏବଂ ଉତ୍ତମ ବ୍ରହ୍ମଚର୍ଯ୍ୟ ପାଳନରେ ୪୮ ବର୍ଷ ବୟସରେ ବିବାହ କରିବା ସର୍ବୋତ୍କୃଷ୍ଟ ।

ପ୍ରଶ୍ନ — ବ୍ରହ୍ମଚର୍ଯ୍ୟର ଏହି ନିୟମ ମହିଳା ଓ ପୁରୁଷ ଉଭୟଙ୍କ ପାଇଁ କ'ଣ ସମାନ ?

ଉତ୍ତର — ନା । ପୁରୁଷ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କଲେ ସେ କ୍ଷେତ୍ରରେ କନ୍ୟା ୧୬ ବର୍ଷ ବୟସ ପର୍ଯ୍ୟନ୍ତ ପାଳନ କରିବା ଉଚିତ । ସେହିପରି ଯଦି ପୁରୁଷ ୩୦ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚାରୀ ରହେ ତେବେ ମହିଳା ୧୭ ବର୍ଷ ପର୍ଯ୍ୟନ୍ତ; ଯଦି ପୁରୁଷ ୩୬ ବର୍ଷ ଯାଏଁ ବ୍ରହ୍ମଚାରୀ ରହେ ତେବେ ମହିଳା ୧୮ ବର୍ଷ ପର୍ଯ୍ୟନ୍ତ; ଯଦି ପୁରୁଷ ୪୦ ବର୍ଷ ଯାଏଁ ବ୍ରହ୍ମଚର୍ଯ୍ୟ ପାଳନ କରେ ତେବେ ନାରୀ ୨୦ ବର୍ଷ ପର୍ଯ୍ୟନ୍ତ; ଯଦି ପୁରୁଷ ୪୪ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚାରୀ ରହେ ତେବେ ସ୍ତ୍ରୀ ୨୨ ବର୍ଷ ପର୍ଯ୍ୟନ୍ତ; ଆଉ ଯଦି ପରୁଷ ୪୮ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରେ ତେବେ ସେ କ୍ଷେତ୍ରରେ ନାରୀ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ଅର୍ଥାତ୍ ୪୮ ବର୍ଷ ପରେ ପୁରୁଷ ଓ ୨୪ ବର୍ଷ ବୟସ ପରେ ମହିଳା ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବା ଆବଶ୍ୟକ ନୁହେଁ । କିନ୍ତୁ ପ୍ରଣିଧାନ ଯୋଗ୍ୟ ଯେ **ଏହି ନିୟମ ବିବାହ କରିବାକୁ ଚାହୁଁଥିବା ପୁରୁଷ ଓ ନାରୀଙ୍କ ପାଇଁ କରାଯାଇଛି । ଯେଉଁମାନେ ବିବାହ କରିବାକୁ ହିଁ ଚାହାଁନ୍ତି ନାହିଁ, ସେମାନେ ଆଜୀବନ ବ୍ରହ୍ମଚାରୀ ରହିପରିବେ ।** କିନ୍ତୁ ଏହା ପୂର୍ଣ୍ଣ ବିଦ୍ୱାନ୍, ଜିତେନ୍ଦ୍ରିୟ ଓ ନିର୍ଦୋଷ ଯୋଗୀ ପୁରୁଷ ଓ ମହିଳାଙ୍କ ପାଇଁ ପ୍ରଯୁଜ୍ୟ । କାରଣ କାମର ବେଗକୁ ପ୍ରତିରୋଧ କରି ଇନ୍ଦ୍ରିୟଗୁଡ଼ିକୁ ନିଜ ବଶରେ ରଖିବା ଅତ୍ୟନ୍ତ କଠିନ କାର୍ଯ୍ୟ ।

ଋତଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ସତ୍ୟଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ତପଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଦମଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଶମଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅଗ୍ନୟଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅଗ୍ନିହୋତ୍ରଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ଅତିଥୟଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ମାନୁଷଂ ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜା ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜନଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ । ପ୍ରଜାତିଶ୍ଚ ସ୍ୱାଧ୍ୟାୟପ୍ରବଚନେ ଚ ।। (ତୈତ୍ତି. ୧:୯)

ଏହା ପଢ଼ିବା-ପଢ଼ାଇବା ଲୋକଙ୍କ ପାଇଁ ନିୟମ । **(ଋତଂ..)** ଯଥାର୍ଥ ଆଚରଣ ପୂର୍ବକ ପଢ଼ିବେ ଓ ପଢ଼ାଇବେ । **(ସତ୍ୟଂ..)** ସତ୍ୟାଚରଣ ପୂର୍ବକ ସତ୍ୟ ବିଦ୍ୟାର ଅଧ୍ୟୟନ ଓ ଅଧ୍ୟାପନା କରିବେ । **(ତପଃ..)** ତପସ୍ୟା ଅର୍ଥାତ୍ ଧର୍ମାନୁଷ୍ଠାନ ପୂର୍ବକ ବେଦାଦି ଶାସ୍ତ୍ର ପଠନ ଓ ପାଠନ କରିବେ । **(ଦମଃ..)** ବାହ୍ୟ ଇନ୍ଦ୍ରିୟଗୁଡ଼ିକୁ ଅସତ୍ ଆଚରଣରୁ ନିରୋଧ କରି ପଢ଼ିବେ ଓ ପଢ଼ାଇ ଚାଲିବେ । **(ଶମଃ..)** ମନର ବୃତ୍ତିଗୁଡ଼ିକୁ ସବୁ ପ୍ରକାର ଦୋଷରୁ ନିବୃତ୍ତ କରି ଅଧ୍ୟୟନ-ଅଧ୍ୟାପନା କରିଚାଲିବେ । **(ଅଗ୍ନୟଃ..)** ଆହବନୀୟାଦି ଅଗ୍ନି ଓ ବିଦ୍ୟୁତ୍ ପ୍ରଭୃତିର ତତ୍ତ୍ୱ ଅବଗତ ହୋଇ ପଠନ-ପାଠନ କରିବେ । **(ଅଗ୍ନିହୋତ୍ରଂ..)** ଅଗ୍ନିହୋତ୍ର ଅନୁଷ୍ଠାନ ପୂର୍ବକ ପଠନ-ପାଠନ କରିବେ । **(ଅତିଥୟଃ..)** ଅତିଥିମାନଙ୍କ ସେବା କରି-କରି ପଢ଼ିବେ ଓ ପଢ଼ାଇବେ । **(ମାନୁଷଂ..)** ମନୁଷ୍ୟମାନଙ୍କ ପ୍ରତି ଯଥାଯୋଗ୍ୟ କର୍ତ୍ତବ୍ୟ ପାଳନ ପୂର୍ବକ ଅଧ୍ୟୟନ-ଅଧ୍ୟାପନା କରିବେ । **(ପ୍ରଜା..)** ସନ୍ତାନ ଓ ରାଜ୍ୟ ପାଳନ ପୂର୍ବକ ଅଧ୍ୟୟନ-ଅଧ୍ୟାପନା କରିବେ । **(ପ୍ରଜନଃ..)** ବୀର୍ଯ୍ୟର ରକ୍ଷା ଓ ବୃଦ୍ଧି କରି ପଢ଼ିବେ-ପଢ଼ାଇବେ । **(ପ୍ରଜାତିଃ..)** ନିଜର ସନ୍ତାନ ଓ ଶିଷ୍ୟଙ୍କ ପାଳନ ପୂର୍ବକ ଅଧ୍ୟୟନ-ଅଧ୍ୟାପନା କରିବେ ।

ସମସ୍ତେ ଯମ-ନିୟମ ପାଳନ କରିବା ଉଚିତ । ଯମ ପାଞ୍ଚୋଟି ଅଟେ—

ଅହିଂସାସତ୍ୟାସ୍ତେୟବ୍ରହ୍ମଚର୍ଯ୍ୟାପରିଗ୍ରହା ଯମାଃ । (ଯୋଗ.୨:୩୦)

(ଅହିଂସା) ବୈରଭାବ ତ୍ୟାଗ, **(ସତ୍ୟ)** ସତ୍ୟ ମାନିବା, ସତ୍ୟ କହିବା ଓ ସତ୍ୟାଚରଣ ହିଁ କରିବା, **(ଅସ୍ତେୟ)** ମନ, ବଚନ ଓ କର୍ମରେ ଚୋରି ନ କରିବା, **(ବ୍ରହ୍ମଚର୍ଯ୍ୟ)** ଉପସ୍ଥେନ୍ଦ୍ରିୟର ସଂଯମ ଓ **(ଅପରିଗ୍ରହ)** ନିର୍ଲୋଭତା ଓ ମମତ୍ୱଶୂନ୍ୟତା **-** ଏ ପାଞ୍ଚୋଟିକୁ ଯମ କୁହାଯାଏ । ଏ ପାଞ୍ଚୋଟି ଯମ ସର୍ବଦା ପାଳନ କରିବା ଉଚିତ ।

ନିୟମ ବି ପାଞ୍ଚୋଟି ଅଟେ **-**

ଶୌଚସନ୍ତୋଷତପଃସ୍ୱାଧ୍ୟାୟେଶ୍ୱରପ୍ରଣିଧାନାନି ନିୟମାଃ । (ଯୋଗ. ୨:୩୨)

(ଶୌଚ) ସ୍ନାନ ଆଦି ଦ୍ୱାରା ଶୁଦ୍ଧ-ପବିତ୍ର ହେବା, **(ସନ୍ତୋଷ)** କୌଣସି ପରିଶ୍ରମ ନ କରି ପ୍ରସନ୍ନ ଚିତ୍ତରେ ରହିବା ସନ୍ତୋଷ ନୁହେଁ, ସ୍ୱ ସାମର୍ଥ୍ୟ ଅନୁସାରେ ପୂର୍ଣ୍ଣ ପୁରୁଷାର୍ଥ କରିବା ପରେ ଯେଉଁ ହାନି-ଲାଭ ଫଳ ମିଳିବ ସେଥିରେ ଦୁଃଖିତ କି ଆନନ୍ଦ-ଉଲ୍ଲସିତ ନ ହେବା, **(ତପଃ)** କଷ୍ଟ ସହି ମଧ୍ୟ ଧର୍ମ ଆଚରଣ କରିବା, **(ସ୍ୱାଧ୍ୟାୟ)** ବେଦାଦି ସତ୍‌ଶାସ୍ତ୍ରର ଅଧ୍ୟୟନ-ଅଧ୍ୟାପନା, **(ଈଶ୍ୱରପ୍ରଣିଧାନ)** ଈଶ୍ୱରଙ୍କଠାରେ ଏକାନ୍ତ ଭକ୍ତିଯୁକ୍ତ ହୋଇ ଆତ୍ମସମର୍ପଣ କରିବା **-** ଏ ପାଞ୍ଚଟିକୁ ନିୟମ କହନ୍ତି ।

ଯମାନ୍ ସେବେତ ସତତଂ ନ ନିୟମାନ୍ କେବଲାନ୍ ବୁଧଃ ।
ଯମାନ୍‌ପତତ୍ୟକୁର୍ବାଣୋ ନିୟମାନ୍ କେବଲାନ୍ ଭଜନ୍ ।। (ମନୁ. ୪:୨୦୪)

ଯମକୁ ଛାଡ଼ି କେବଳ ନିୟମର ପାଳନ କରିବା ଅନୁଚିତ । ଯମ ଓ ନିୟମ ଏ ଉଭୟ ପାଳନ କରିବା ବିଧେୟ । ଯିଏ ଯମର ଆଚରଣ ଛାଡ଼ି, କେବଳ ନିୟମର ପାଳନ କରେ, ସେ କଦାପି ଉନ୍ନତି ଲାଭ କରିପାରେ ନାହିଁ, ବରଂ ଅଧୋଗତି ପ୍ରାପ୍ତ କରେ ଅର୍ଥାତ୍ ସାଂସାରିକ ଦୁଃଖ-ଯନ୍ତ୍ରଣା, ସମସ୍ୟା-ଜଞ୍ଜାଳରେ ଘାଣ୍ଟି ହେଉଥାଏ ।

କାମାତ୍ମତା ନ ପ୍ରଶସ୍ତା ନ ଚୈବେହାସ୍ତ୍ୟକାମତା ।
କାମ୍ୟୋ ହି ବେଦାଧିଗମଃ କର୍ମଯୋଗଶ୍ଚ ବୈଦିକଃ ।। (ମନୁ. ୨:୨)

ଅତ୍ୟନ୍ତ ସକାମତା କି ଏକାନ୍ତ ନିଷ୍କାମତା କୌଣସିଟି ପ୍ରଶଂସନୀୟ, ଅନୁକରଣୀୟ ନୁହେଁ; କାରଣ କାମନା ନ କଲେ ବେଦ ଜ୍ଞାନ ପ୍ରାପ୍ତି ଓ ବେଦବିହିତ କର୍ମର ଅନୁଷ୍ଠାନ ରୂପକ ଉତ୍ତମ କର୍ମ ବି ହୋଇପାରିବ ନାହିଁ । ଏଣୁ–

ସ୍ୱାଧ୍ୟାୟେନ ବ୍ରତୈର୍ହୋମୈସ୍ତ୍ରୈବିଦ୍ୟେନେଜ୍ୟୟା ସୁତୈଃ ।
ମହାୟଜ୍ଞୈଶ୍ଚ ୟଜ୍ଞୈଶ୍ଚ ବ୍ରାହ୍ମୀୟଂ କ୍ରିୟତେ ତନୁଃ ॥ (ମନୁ. ୨:୮)

(ସ୍ୱାଧ୍ୟାୟେନ) ସକଳ ବିଦ୍ୟାର ଅଧ୍ୟୟନ-ଅଧ୍ୟାପନା, **(ବ୍ରତୈଃ)** ବ୍ରହ୍ମଚର୍ଯ୍ୟ, ସତ୍ୟଭାଷଣ ଆଦି ନିୟମ ପାଳନ, **(ହୋମୈଃ)** ଅଗ୍ନିହୋତ୍ରାଦି ହୋମ, ସତ୍ୟ ଗ୍ରହଣ, ଅସତ୍ୟ ତ୍ୟାଗ ଓ ସତ୍ୟ ବିଦ୍ୟାଦାନ, **(ତ୍ରୈବିଦ୍ୟେନ)** ବେଦ ସ୍ଥିତ ଜ୍ଞାନ-କର୍ମ-ଉପାସନା ବିଦ୍ୟାର ଗ୍ରହଣ, **(ଇଜ୍ୟୟା)** ପକ୍ଷେଷ୍ଟି ଆଦିର ଅନୁଷ୍ଠାନ, **(ସୁତୈଃ)** ସୁସନ୍ତାନୋତ୍ପତ୍ତି, **(ମହାୟଜ୍ଞୈଃ)** ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ବଳିବୈଶ୍ୱଦେବଯଜ୍ଞ ଓ ଅତିଥିଯଜ୍ଞ ରୂପକ ପଞ୍ଚମହାଯଜ୍ଞ ଏବଂ **(ୟଜ୍ଞୈଃ)** ଅଗ୍ନିଷ୍ଟୋମାଦି ଓ ଶିଳ୍ପବିଦ୍ୟା-ବିଜ୍ଞାନାଦି ଯଜ୍ଞର ଅନୁଷ୍ଠାନ ଦ୍ୱାରା **(ଇୟଂ ତନୁଃ ବ୍ରାହ୍ମୀ କ୍ରିୟତେ)** ଏହି ଶରୀରକୁ 'ବ୍ରାହ୍ମୀ' ଅର୍ଥାତ୍ ବେଦ ଓ ଈଶ୍ୱରଙ୍କ ଭକ୍ତିର ଆଧାର ରୂପକ 'ବ୍ରାହ୍ମଣ ଶରୀର' କରାଯାଇଥାଏ । ଏସବୁ ସାଧନ ବ୍ୟତୀତ 'ବ୍ରାହ୍ମଣ ଶରୀର' ହୋଇପାରେ ନାହିଁ ।

ଇନ୍ଦ୍ରିୟାଣାଂ ବିଚରତାଂ ବିଷୟେଷ୍ୱପହାରିଷୁ ।
ସଂୟମେ ୟତ୍ନମାତିଷ୍ଠେଦ୍ ବିଦ୍ୱାନ୍ ୟନ୍ତେବ ବାଜିନାମ୍ ॥ (ମନୁ. ୨:୮୮)

ବୁଦ୍ଧିମାନ୍ ସାରଥି ଘୋଡ଼ାମାନଙ୍କୁ ନିୟମରେ ରଖିଲା ଭଳି ବିଦ୍ୱାନ୍ ବ୍ୟକ୍ତି ମନ ଓ ଆତ୍ମାକୁ ଦୁଷ୍କର୍ମକୁ ଆକର୍ଷିତ କରୁଥିବା ବିଷୟରେ ବିଚରଣକାରୀ ଇନ୍ଦ୍ରିୟଗୁଡ଼ିକୁ ସଂଯମ କରିବା ପାଇଁ ସବୁ ମତେ ପ୍ରଯତ୍ନ କରିବେ । କାରଣ –

ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ୍ ।
ସନ୍ନିୟମ୍ୟ ତୁ ତାନ୍ୟେବ ତତଃ ସିଦ୍ଧିଂ ନିୟଚ୍ଛତି ॥ (ମନୁ. ୨:୯୩)

ଜୀବାତ୍ମା ଇନ୍ଦ୍ରିୟମାନଙ୍କ ବଶୀଭୂତ ହୋଇ ନିଃସନ୍ଦେହ ଗର୍ହିତ ଦୋଷମାନ କରିଥାଏ; କିନ୍ତୁ ଯେତେବେଳେ ଇନ୍ଦ୍ରିୟଗୁଡ଼ିକୁ ନିଜ ବଶରେ ରଖେ ସେତେବେଳେ ସେ ସିଦ୍ଧି ପ୍ରାପ୍ତ ହୋଇଥାଏ ।

ବେଦାସ୍ତ୍ୟାଗଶ୍ଚ ୟଜ୍ଞାଶ୍ଚ ନିୟମାଶ୍ଚ ତପାଂସି ଚ ।
ନ ବିପ୍ରଦୁଷ୍ଟଭାବସ୍ୟ ସିଦ୍ଧିଂ ଗଚ୍ଛନ୍ତି କର୍ହିଚିତ୍ ॥ (ମନୁ. ୨:୯୭)

ଦୁରାଚାରୀ, ଅଜିତେନ୍ଦ୍ରିୟ ବ୍ୟକ୍ତିର ବେଦାଧ୍ୟୟନ, ତ୍ୟାଗ, ଯଜ୍ଞ, ନିୟମ, ତପ ଓ ଅନ୍ୟାନ୍ୟ ସତ୍କର୍ମ କେବେ ବି ସଫଳ ହୁଏ ନାହିଁ ।

ବେଦୋପକରଣେ ଚୈବ ସ୍ୱାଧ୍ୟାୟେ ଚୈବ ନୈତ୍ୟକେ ।
ନାନୁରୋଧୋଽସ୍ତ୍ୟନଧ୍ୟାୟେ ହୋମମନ୍ତ୍ରେଷୁ ଚୈବ ହି ॥୧॥
ନୈତ୍ୟକେ ନାସ୍ତ୍ୟନଧ୍ୟାୟୋ ବ୍ରହ୍ମସତ୍ରଂ ହି ତତ୍ସ୍ମୃତମ୍ ।
ବ୍ରହ୍ମାହୁତିହୁତଂ ପୁଣ୍ୟମନଧ୍ୟାୟବଷଟ୍କୃତମ୍ ॥୨॥ (ମନୁ. ୨:୧୦୫,୧୦୬)

ବେଦର ପଠନ-ପାଠନ, ସନ୍ଧ୍ୟୋପାସନାଦି ପଞ୍ଚମହାଯଜ୍ଞର ଅନୁଷ୍ଠାନ ଓ ହୋମମନ୍ତ୍ରରେ ଅନଧ୍ୟାୟ ଓ ନିରୋଧ ଅର୍ଥାତ୍ ଅନନୁଷ୍ଠାନ(ଅବକାଶ) ହୁଏ ନାହିଁ । କାରଣ ନିତ୍ୟକର୍ମରେ ଅନଧ୍ୟାୟ ବା ଅବକାଶ ହୁଏ ନାହିଁ ॥ ୧ ॥

ଶ୍ୱାସ-ପ୍ରଶ୍ୱାସ ଯେପରି ନିରନ୍ତର ଚାଲିଥାଏ, ବନ୍ଦ କରାଯାଏ ନାହିଁ, ସେହିପରି ନିତ୍ୟକର୍ମ ପ୍ରତିଦିନ କରିବା ଉଚିତ, କୌଣସି ଦିନ ବି ବନ୍ଦ କରିବା ଉଚିତ ନୁହେଁ । କାରଣ ଅନଧ୍ୟାୟରେ କରାଯାଉଥିବା ଅଗ୍ନିହୋତ୍ରାଦି ଉତ୍ତମ କର୍ମ ବି ପୁଣ୍ୟ ରୂପ ହୋଇଥାଏ । ଯେଉଁଭଳି ମିଛ କହିଲେ ସବୁବେଳେ ପାପ ଓ ସତ କହିଲେ ସର୍ବଦା ପୁଣ୍ୟ ହୋଇଥାଏ, ସେହିଭଳି ଖରାପ କାମ କରିବାରେ ସର୍ବଦା ଅନଧ୍ୟାୟ ଓ ଭଲ କାମ କରିବାରେ ସଦା ସ୍ୱାଧ୍ୟାୟ ହିଁ ହୋଇଥାଏ ବା ହେବା ଉଚିତ ।। ୨ ।।

ଅଭିବାଦନଶୀଲସ୍ୟ ନିତ୍ୟଂ ବୃଦ୍ଧୋପସେବିନଃ ।
ଚତ୍ୱାରି ତସ୍ୟ ବର୍ଦ୍ଧନ୍ତେ, ଆୟୁର୍ବିଦ୍ୟା ଯଶୋ ବଲମ୍ ।। (ମନୁ. ୨:୧୨୧)

ଯିଏ ସଦା ନମ୍ର ଓ ସୁଶୀଳ ଅଟେ ତଥା ବିଦ୍ୱାନ୍ ଓ ବୃଦ୍ଧଙ୍କ ସେବା କରେ, ତା'ର ଆୟୁ, ବିଦ୍ୟା, କୀର୍ତ୍ତି ଓ ବଳ – ଏ ଚାରୋଟି ସର୍ବଦା ବୃଦ୍ଧି ପାଇଥାଏ । ଆଉ ଯିଏ ଏପରି କରେ ନାହିଁ, ତାର ଆୟୁ ଆଦି ଏ ଚାରୋଟି ବୃଦ୍ଧି ପାଏ ନାହିଁ ।

ଅହିଂସୟୈବ ଭୂତାନାଂ କାର୍ଯ୍ୟଂ ଶ୍ରେୟୋଽନୁଶାସନମ୍ ।
ବାକ୍ ଚୈବ ମଧୁରା ଶ୍ଲକ୍ଷ୍ଣ୍ୟା ପ୍ରୟୋଜ୍ୟା ଧର୍ମମିଚ୍ଛତା ।। ୧ ।।
ୟସ୍ୟ ବାଙ୍ମନସୀ ଶୁଦ୍ଧେ ସମ୍ୟଗ୍ଗୁପ୍ତେ ଚ ସର୍ବଦା ।
ସ ବୈ ସର୍ବମବାପ୍ନୋତି ବେଦାନ୍ତୋପଗତଂ ଫଲମ୍ ।। ୨ ।। (ମନୁ. ୨:୧୫୯,୧୬୦)

ବିଦ୍ୱାନ୍ ଓ ବିଦ୍ୟାର୍ଥୀମାନଙ୍କ କର୍ତ୍ତବ୍ୟ ଯେ ସେମାନେ ବୈର ଭାବନାରୁ ରହିତ ହୋଇ ସମସ୍ତ ମନୁଷ୍ୟଙ୍କ କଲ୍ୟାଣର ମାର୍ଗ ଉପଦେଶ ଦେବେ । ଉପଦେଷ୍ଟା ସଦା ମଧୁର ଓ ସୁଶୀଳ ଭାଷା କହିବେ । ଯିଏ ନିଜ ଧର୍ମ ଦିଗରେ ଉନ୍ନତି ଚାହେଁ, ସେ ସଦା ସତ୍ୟରେ ଚାଲିବା ଓ ସତ୍ୟୋପଦେଶ ହିଁ କରିବା ଉଚିତ ।। ୧ ।।

ଯେଉଁ ବ୍ୟକ୍ତିର ମନ ଓ ବଚନ ସଦା ଶୁଦ୍ଧ ଓ ସୁରକ୍ଷିତ ରହେ, ସେ ହିଁ ସର୍ବ 'ବେଦାନ୍ତ' ଅର୍ଥାତ୍ 'ସକଳ ବେଦର ସିଦ୍ଧାନ୍ତ' ରୂପକ ଫଳ ପ୍ରାପ୍ତ କରେ ।। ୨ ।।

ସମ୍ମାନାଦ୍ ବ୍ରାହ୍ମଣୋ ନିତ୍ୟମୁଦ୍ୱିଜେତ ବିଷାଦିବ ।
ଅମୃତସ୍ୟେବ ଚାକାଂକ୍ଷେଦବମାନସ୍ୟ ସର୍ବଦା ।। (ମନୁ. ୨:୧୬୨)

ଯେଉଁ ବ୍ରାହ୍ମଣ ସମ୍ମାନକୁ ବିଷ ପରି ସଦା ଭୟ କରେ ଓ ଅପମାନକୁ ଅମୃତ ତୁଲ୍ୟ କାମନା କରେ, ସେ ହିଁ ସମଗ୍ର ବେଦ ଓ ପରମେଶ୍ୱରଙ୍କୁ ଜାଣିପାରେ ।

ଅନେନ କ୍ରମୟୋଗେନ ସଂସ୍କୃତାତ୍ମା ଦ୍ୱିଜଃ ଶନୈଃ ।
ଗୁରୌ ବସନ୍ ସଞ୍ଚିନୁୟାଦ୍ ବ୍ରହ୍ମାଧିଗମିକଂ ତପଃ ।। (ମନୁ. ୨:୧୬୪)

ଏହି ଭଳି ଭାବେ କୃତୋପନୟନ ଦ୍ୱିଜସନ୍ତାନମାନେ ଅର୍ଥାତ୍ ବ୍ରହ୍ମଚାରୀ ବାଳକ ଓ ବ୍ରହ୍ମଚାରିଣୀ କନ୍ୟା ଧୀରେ-ଧୀରେ ବେଦାର୍ଥ ଜ୍ଞାନ ରୂପକ ଉତ୍ତମ ତପକୁ ବଢ଼ାଇ ଚାଲିବେ ।

ୟୋଽନଧୀତ୍ୟ ଦ୍ୱିଜୋ ବେଦମନ୍ୟତ୍ର କୁରୁତେ ଶ୍ରମମ୍ ।
ସ ଜୀବନ୍ନେବ ଶୂଦ୍ରତ୍ୱମାଶୁ ଗଚ୍ଛତି ସାନ୍ୱୟଃ ।। (ମନୁ. ୨:୧୬୮)

ଯେଉଁ ଦ୍ୱିଜ ବେଦ ଅଧ୍ୟୟନ ନକରି ଅନ୍ୟ କାର୍ଯ୍ୟ ନିମନ୍ତେ ପରିଶ୍ରମ କରେ ସେ ଇହ ଜୀବନରେ ଶୀଘ୍ର ହିଁ ପୁତ୍ର-ପୌତ୍ରାଦି ସହିତ ଶୂଦ୍ରତ୍ୱକୁ ପ୍ରାପ୍ତ ହୁଏ ।

ବର୍ଜୟେନ୍ମଧୁମାଂସଞ୍ଚ ଗନ୍ଧଂ ମାଲ୍ୟଂ ରସାନ୍ ସ୍ତ୍ରିୟଃ ।
ଶୁକ୍ତାନି ୟାନି ସର୍ବାଣି ପ୍ରାଣିନାଂ ଚୈବ ହିଂସନମ୍ ॥୧ ॥
ଅଭ୍ୟଙ୍ଗମଞ୍ଜନଂ ଚାକ୍ଷ୍ଣୋରୁପାନଚ୍ଛତ୍ରଧାରଣମ୍ ।
କାମଂ କ୍ରୋଧଂ ଚ ଲୋଭଂ ଚ ନର୍ତ୍ତନଂ ଗୀତବାଦନମ୍ ॥୨ ॥
ଦ୍ୟୂତଂ ଚ ଜନବାଦଂ ଚ ପରିବାଦଂ ତଥାନୃତମ୍ ।
ସ୍ତ୍ରୀଣାଂ ଚ ପ୍ରେକ୍ଷଣାଲମ୍ଭମୁପଘାତଂ ପରସ୍ୟ ଚ ॥୩ ॥
ଏକଃ ଶୟୀତ ସର୍ବତ୍ର ନ ରେତଃ ସ୍କନ୍ଦୟେତ୍ କ୍ୱଚିତ୍ ।
କାମାଦ୍ଧି ସ୍କନ୍ଦୟନ୍ ରେତୋ ହିନସ୍ତି ବ୍ରତମାତ୍ମନଃ ॥୪ ॥ (ମନୁ. ୨:୧୭୭-୧୮୦)

ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ମଦ୍ୟ, ମାଂସ, ଗନ୍ଧ, ମାଳା, ରସ, ସ୍ତ୍ରୀ ବା ପୁରୁଷଙ୍କ ପାରସ୍ପରିକ ସଙ୍ଗ, ଖଟା ଜିନିଷ, ପ୍ରାଣିହିଂସା ॥୧ ॥ ଅଙ୍ଗମର୍ଦ୍ଦନ, ଅନାବଶ୍ୟକ ଭାବେ ଉପସ୍ଥେନ୍ଦ୍ରିୟ ସ୍ପର୍ଶ, ଆଖିରେ ଅଞ୍ଜନ, ଜୋତା-ଛତା ଧାରଣ, କାମ, କ୍ରୋଧ, ଲୋଭ, ଭୟ, ଶୋକ, ଈର୍ଷ୍ୟା, ଦ୍ୱେଷ, ନାଚ, ଗୀତ, ବାଦ୍ୟ ॥୨ ॥ ଦ୍ୟୂତକ୍ରୀଡ଼ା, ପରଚର୍ଚ୍ଚା, ପରନିନ୍ଦା, ମିଥ୍ୟାଭାଷଣ, ସ୍ତ୍ରୀ-ପୁରୁଷ ଦର୍ଶନ ଓ ଆଶ୍ରୟ, ଅନ୍ୟର ଅନିଷ୍ଟ ଆଦି କୁକର୍ମ ସର୍ବଦା ପରିତ୍ୟାଗ କରିବେ ॥୩ ॥

ସର୍ବତ୍ର ବିଛଣାରେ ଏକୁଟିଆ ଶୋଇବେ, ବୀର୍ଯ୍ୟସ୍ଖଳନ କରିବେ ନାହିଁ । ଯଦି କାମନାବଶତଃ ବୀର୍ଯ୍ୟସ୍ଖଳନ ହେଲା, ତେବେ ନିଜ ବ୍ରହ୍ମଚର୍ଯ୍ୟ-ବ୍ରତ ନାଶ କରିଦେଲେ ବୋଲି ଜାଣିବେ ॥୪ ॥

ବେଦମନୂଚ୍ୟାଚାର୍ୟୋଽନ୍ତେବାସିନମନୁଶାସ୍ତି । ସତ୍ୟଂ ବଦ । ଧର୍ମଂ ଚର । ସ୍ୱାଧ୍ୟାୟାନ୍ମା ପ୍ରମଦଃ । ଆଚାର୍ୟ୍ୟାୟ ପ୍ରିୟଂ ଧନମାହୃତ୍ୟ ପ୍ରଜାତନ୍ତୁଂ ମା ବ୍ୟବଚ୍ଛେତ୍ସୀଃ । ସତ୍ୟାନ୍ନ ପ୍ରମଦିତବ୍ୟମ୍ । ଧର୍ମାନ୍ନ ପ୍ରମଦିତବ୍ୟମ୍ । କୁଶଲାନ୍ନ ପ୍ରମଦିତବ୍ୟମ୍ । ଭୂତ୍ୟୈ ନ ପ୍ରମଦିତବ୍ୟମ୍ । ସ୍ୱାଧ୍ୟାୟପ୍ରବଚନାଭ୍ୟାଂ ନ ପ୍ରମଦିତବ୍ୟମ୍ ॥୧ ॥

ଦେବପିତୃକାର୍ୟ୍ୟାଭ୍ୟାଂ ନ ପ୍ରମଦିତବ୍ୟମ୍ । ମାତୃଦେବୋ ଭବ । ପିତୃଦେବୋ ଭବ । ଆଚାର୍ୟ୍ୟଦେବୋ ଭବ । ଅତିଥିଦେବୋ ଭବ । ୟାନ୍ୟନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି ନୋ ଇତରାଣି । ୟାନ୍ୟସ୍ମାକଂ ସୁଚରିତାନି ତାନି ତ୍ୱୟୋପାସ୍ୟାନି ନୋ ଇତରାଣି ॥୨ ॥

ୟେ କେ ଚାସ୍ମଚ୍ଛ୍ରେୟାଂସୋ ବ୍ରାହ୍ମଣାସ୍ତେଷାଂ ତ୍ୱୟାସନେନ ପ୍ରଶ୍ୱସିତବ୍ୟମ୍ । ଶ୍ରଦ୍ଧୟା ଦେୟମ୍ । ଅଶ୍ରଦ୍ଧୟା ଦେୟମ୍ । ଶ୍ରିୟା ଦେୟମ୍ । ହ୍ରିୟା ଦେୟମ୍ । ଭିୟା ଦେୟମ୍ । ସଂବିଦା ଦେୟମ୍ ॥୩ ॥

ଅଥ ୟଦି ତେ କର୍ମବିଚିକିତ୍ସା ବା ବୃତ୍ତବିଚିକିତ୍ସା ବା ସ୍ୟାତ୍, ୟେ ତତ୍ର ବ୍ରାହ୍ମଣାଃ ସମଦର୍ଶିନୋ ୟୁକ୍ତା, ଅୟୁକ୍ତା ଅଲୁକ୍ଷା ଧର୍ମକାମାଃ ସ୍ୟୁର୍ୟଥା ତେ ତତ୍ର ବର୍ତ୍ତେରନ୍, ତଥା ତତ୍ର

ବର୍ତ୍ତେଥାଃ । ଏଷ ଆଦେଶଃ, ଏଷ ଉପଦେଶଃ, ଏଷା ବେଦୋପନିଷତ୍ । ଏତଦନୁଶାସନମ୍ । ଏବମୁପାସିତବ୍ୟମ୍ । ଏବମୁ ଚୈତଦୁପାସ୍ୟମ୍ ॥ ୪ ॥ (ତୈତ୍ତି. ୧:୧୧)

ଆଚାର୍ଯ୍ୟ ଅନ୍ତେବାସୀ ଅର୍ଥାତ୍ ନିଜ ଶିଷ୍ୟ ଓ ଆଚାର୍ଯ୍ୟା ନିଜ ଶିଷ୍ୟାଙ୍କୁ ଏଭଳି ଉପଦେଶ ଦେବେ–ତୁମେ ସର୍ବଦା ସତ୍ୟ କୁହ । ଧର୍ମାଚରଣ କର । ପ୍ରମାଦ ଛାଡ଼ି ଅଧ୍ୟୟନ କର । ପୂର୍ଣ୍ଣ ରୂପେ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ସମସ୍ତ ବିଦ୍ୟା ଗ୍ରହଣ ଓ ଆଚାର୍ଯ୍ୟଙ୍କୁ ତାଙ୍କ ପ୍ରିୟ ଧନ ପ୍ରଦାନ କରି, ବିବାହ ପୂର୍ବକ ସନ୍ତାନ ଉତ୍ପନ୍ନ କର । ସତ୍ୟ ପାଳନରେ ପ୍ରମାଦ କରନାହିଁ । ଧର୍ମାଚରଣରେ ହେଳା କର ନାହିଁ । ଆରୋଗ୍ୟ ଓ ନିପୁଣତା ଅର୍ଜନରେ ଅବହେଳା କରନାହିଁ । ଉତ୍ତମ ଐଶ୍ୱର୍ଯ୍ୟ ବୃଦ୍ଧିରେ ହେଳା କର ନାହିଁ । ଅଧ୍ୟୟନ-ଅଧ୍ୟାପନାରେ କେବେ ବି ହେଳା କର ନାହିଁ ।। ୧ ।।

ଦେବ ଅର୍ଥାତ୍ ବିଦ୍ୱାନ୍ ଓ ମାତା-ପିତା ଆଦିଙ୍କ ସେବାରେ ଅବହେଳା କର ନାହିଁ । ବିଦ୍ୱାନଙ୍କ ସତ୍କାର କରିବା ସାଙ୍ଗକୁ ସେହିପରି ମାତା, ପିତା, ଆଚାର୍ଯ୍ୟ ଓ ଅତିଥିଙ୍କ ସେବା ସର୍ବଦା କର । ସତ୍ୟଭାଷଣାଦି ଯେଉଁସବୁ ଅନିନ୍ଦିତ ଧର୍ମାନୁକୂଳ କର୍ମ ଅଛି ସେସବୁ କର; ଅନ୍ୟ ଯେଉଁସବୁ ମିଥ୍ୟାଭାଷଣାଦି ନିନ୍ଦନୀୟ କର୍ମ ଅଛି, ସେ ସବୁ କେବେ ବି କର ନାହିଁ । ଆମର ଯାହା ସୁଚରିତ୍ର ଅର୍ଥାତ୍ ଧର୍ମାନୁକୂଳ ଆଚରଣ ଅଛି, ସେସବୁ ଗ୍ରହଣ କର ଏବଂ ଆମର ଯାହା ସବୁ ଅଧର୍ମ ଗୁଣ-କର୍ମ, ସେସବୁ କେବେ ବି ଗ୍ରହଣ କର ନାହିଁ ॥ ୨ ॥

ଆମ ଭିତରେ ଯେଉଁମାନେ ଉତ୍ତମ ବିଦ୍ୱାନ୍, ଧର୍ମାତ୍ମା ବ୍ରାହ୍ମଣ ଅଛନ୍ତି ସେମାନଙ୍କ ସଙ୍ଗ କର ଓ ସେମାନଙ୍କୁ ବିଶ୍ୱାସ କର । ଦାନଶୀଳ ହୁଅ । ଶ୍ରଦ୍ଧାରେ ଦିଅ, ନଚେତ୍ ଅଶ୍ରଦ୍ଧାରେ ଦିଅ, ଶୋଭା-ଆଡ଼ମ୍ବରରେ ଦିଅ କି ଲଜ୍ଜାରେ ଦିଅ, ଭୟରେ ଦିଅ ଅଥବା ପ୍ରତିଜ୍ଞାବଶତଃ ଦିଅ, ଯେ କୌଣସି ଭାବେ ଦିଅ ପଛକେ ନିଶ୍ଚିତ ଦେବା ଉଚିତ ॥୩ ॥

ଯେତେବେଳେ ବି ତୁମର କର୍ମ, ଶୀଳ ବା ଉପାସନା-ଜ୍ଞାନ ବିଷୟରେ କୌଣସି ପ୍ରକାର ସନ୍ଦେହ ଉତ୍ପନ୍ନ ହେବ, ସେତେବେଳେ ଯେଉଁମାନେ ସମଦର୍ଶୀ, ପକ୍ଷପାତରହିତ, ଯୋଗୀ, ଅଯୋଗୀ, କୋମଳଚିତ୍ତ, ଧର୍ମକାମୀ ଧର୍ମାତ୍ମା ବ୍ୟକ୍ତି ଥିବେ, ସେମାନେ ଯେପରି ଧର୍ମାନୁକୂଳ ଆଚରଣ କରନ୍ତି, ତୁମେ ବି ସେପରି ଆଚରଣ କର । ଏହା ହିଁ ଆଦେଶ, ଏହା ହିଁ ଉପଦେଶ, ଏହା ହିଁ ବେଦର ରହସ୍ୟ ଓ ଏହା ହିଁ ଶିକ୍ଷା । ଏପରି ଆଚରଣ କରିବା ଓ ନିଜ ଆଚରଣ-ବ୍ୟବହାରକୁ ସୁଧାରିବା ଉଚିତ ॥ ୪ ॥

ଅକାମସ୍ୟ କ୍ରିୟା କାଚିଦ୍ ଦୃଶ୍ୟତେ ନେହ କର୍ହିଚିତ୍ ।
ଯଦ୍ୟଦ୍ଧି କୁରୁତେ କିଞ୍ଚିତ୍ ତତ୍ତତ୍କାମସ୍ୟ ଚେଷ୍ଟିତମ୍ ॥ (ମନୁ. ୨:୪)

ମନୁଷ୍ୟ ଭଲ ଭାବେ ବୁଝିରଖିବା ଉଚିତ ଯେ କାମନା ନ କଲେ କୌଣସି କାର୍ଯ୍ୟ କରାଯାଇପାରେ ନାହିଁ । ଏପରିକି ନେତ୍ରର ସଂକୋଚନ-ପ୍ରସାରଣ ବି ସମ୍ଭବ ନୁହେଁ । ଏଥିରୁ ସିଦ୍ଧ ହେଉଛି ଯେ ଯିଏ ଯାହା କିଛି ବି କରେ, ସେସବୁ ଚେଷ୍ଟା, ଇଚ୍ଛାପୂର୍ବକ ହିଁ କରେ ।

ଆଚାରଃ ପରମୋ ଧର୍ମଃ ଶ୍ରୁତ୍ୟୁକ୍ତଃ ସ୍ମାର୍ତ୍ତ ଏବ ଚ ।
ତସ୍ମାଦସ୍ମିନ୍ତ୍ସଦା ଯୁକ୍ତୋ ନିତ୍ୟଂ ସ୍ୟାଦାତ୍ମବାନ୍ ଦ୍ୱିଜଃ ॥୧ ॥
ଆଚାରାଦ୍ବିଚ୍ୟୁତୋ ବିପ୍ରୋ ନ ବେଦଫଲମଶ୍ନୁତେ ।
ଆଚାରେଣ ତୁ ସଂଯୁକ୍ତଃ ସଂପୂର୍ଣ୍ଣଫଲଭାଗ୍ଭବେତ୍ ॥୨ ॥ (ମନୁ. ୧:୧୦୮,୧୦୯)

ବେଦ ଓ ବେଦାନୁକୂଳ ସ୍ମୃତି ଶାସ୍ତ୍ର ପଢ଼ିବା-ପଢ଼ାଇବା ଓ ଶୁଣିବା-ଶୁଣେଇବାର ପରିଣାମ ହେଲା ଏସବୁରେ ପ୍ରତିପାଦିତ ଧର୍ମର ଆଚରଣ କରିବା । ଏଣୁ ଧର୍ମାଚରଣରେ ସର୍ବଦା ସଂଯୁକ୍ତ ରହିବା ଉଚିତ ।। ୧ ।।କାରଣ ଯିଏ ଧର୍ମାଚରଣ ରହିତ, ସେ ବେଦପ୍ରତିପାଦିତ ଧର୍ମଜନିତ ସୁଖରୂପକ ଫଳ ପ୍ରାପ୍ତ କରିପାରେ ନାହିଁ ଏବଂ ଯିଏ ବିଦ୍ୟା ଅଧ୍ୟୟନ କରି ଧର୍ମାଚରଣ କରେ, ସେ ହିଁ ସମସ୍ତ ସୁଖ ଲାଭ କରେ ।। ୨ ।।

ଯୋଽବମନ୍ୟେତ ତେ ମୂଲେ ହେତୁଶାସ୍ତ୍ରାଶ୍ରୟାଦ୍ ଦ୍ୱିଜଃ ।
ସ ସାଧୁଭିର୍ବହିଷ୍କାର୍ୟୋ ନାସ୍ତିକୋ ବେଦନିନ୍ଦକଃ ।। (ମନୁ. ୨:୧୧)

ଯିଏ ବେଦ ଓ ବେଦାନୁକୂଳ ଆପ୍ତକୃତ-ଶାସ୍ତ୍ରଗୁଡ଼ିକୁ ଅପମାନ କରେ, ସେହି ବେଦନିନ୍ଦକ ନାସ୍ତିକକୁ ଜାତି, ସମାଜ ଓ ଦେଶରୁ ବହିଷ୍କାର କରିଦେବା ଉଚିତ । କାରଣ—

ବେଦଃ ସ୍ମୃତିଃ ସଦାଚାରଃ ସ୍ୱସ୍ୟ ଚ ପ୍ରିୟମାତ୍ମନଃ ।
ଏତଚ୍ଚତୁର୍ବିଧଂ ପ୍ରାହୁଃ ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣମ୍ ।। (ମନୁ. ୨:୧୨)

ବେଦ; ସ୍ମୃତି ଅର୍ଥାତ୍ ବେଦାନୁକୂଳ ଆପ୍ତୋକ୍ତ ମନୁସ୍ମୃତି ଆଦି ଶାସ୍ତ୍ର; ସତ୍ପୁରୁଷଙ୍କ ଆଚାର ଯାହା ସନାତନ ଅର୍ଥାତ୍ ବେଦ ଦ୍ୱାରା ପରମେଶ୍ୱର ପ୍ରତିପାଦିତ କର୍ମ; ଏବଂ ନିଜ ଆତ୍ମାର ପ୍ରିୟ ଅର୍ଥାତ୍ ଯାହାକୁ ଆତ୍ମା ଚାହେଁ, ଯଥା–ସତ୍ୟଭାଷଣ – ଏ ଚାରୋଟି ଧର୍ମର ଲକ୍ଷଣ ଅଟନ୍ତି ଅର୍ଥାତ୍ ଏ ଚାରୋଟି ଦ୍ୱାରା ଧର୍ମ-ଅଧର୍ମର ନିର୍ଣ୍ଣୟ ହୁଏ । **ପକ୍ଷପାତରହିତ ନ୍ୟାୟ, ସତ୍ୟର ଗ୍ରହଣ ଏବଂ ଅସତ୍ୟର ସର୍ବଥା ପରିତ୍ୟାଗ ରୂପକ ଯେଉଁ ଆଚରଣ, ତାହାର ନାମ 'ଧର୍ମ' । ଏହାର ବିପରୀତରେ ପକ୍ଷପାତଯୁକ୍ତ ଅନ୍ୟାୟାଚରଣ, ସତ୍ୟର ତ୍ୟାଗ ଓ ଅସତ୍ୟ ଗ୍ରହଣ ରୂପକ ଯେଉଁ କର୍ମ, ତାହାକୁ ଅଧର୍ମ କହନ୍ତି ।**

ଅର୍ଥକାମେଷ୍ୱସକ୍ତାନାଂ ଧର୍ମଜ୍ଞାନଂ ବିଧୀୟତେ ।
ଧର୍ମଂ ଜିଜ୍ଞାସମାନାନାଂ ପ୍ରମାଣଂ ପରମଂ ଶ୍ରୁତିଃ ।। (ମନୁ. ୨:୧୩)

ଯେଉଁମାନେ **(ଅର୍ଥ)** ସୁବର୍ଣ୍ଣାଦି ଧନ-ସମ୍ପଦ ଓ **(କାମ)** ସ୍ତ୍ରୀ-ଭୋଗ ଆଦିରେ ଆସକ୍ତ ନୁହନ୍ତି, ସେମାନଙ୍କୁ ହିଁ ଧର୍ମର ଜ୍ଞାନ ପ୍ରାପ୍ତ ହୁଏ । ଯେଉଁମାନେ ଧର୍ମ ଲାଭ କରିବାକୁ ଚାହାଁନ୍ତି, ସେମାନେ ବେଦଦ୍ୱାରା ଧର୍ମର ନିଶ୍ଚୟ କରିବା ଉଚିତ । କାରଣ **ବେଦ ବିନା ଧର୍ମ-ଅଧର୍ମର ନିର୍ଣ୍ଣୟ ଯଥାର୍ଥ ଭାବେ କରିହୁଏ ନାହିଁ ।**

ଆଚାର୍ଯ୍ୟ ନିଜ ଶିଷ୍ୟଙ୍କୁ ଏହିଭଳି ଭାବେ ଉପଦେଶ ଦେବେ । **ବିଶେଷତଃ ରାଜା, ଅନ୍ୟ କ୍ଷତ୍ରିୟ, ବୈଶ୍ୟ ଓ ଉତ୍ତମ ଶୂଦ୍ରଙ୍କୁ ବି ବିଦ୍ୟା ଶିକ୍ଷା ଅବଶ୍ୟ ଦେବେ । କାରଣ ଯଦି କେବଳ ବ୍ରାହ୍ମଣମାନେ ହିଁ ବିଦ୍ୟା ଶିକ୍ଷା କରନ୍ତି ଓ କ୍ଷତ୍ରିୟାଦି ନ କରନ୍ତି, ତେବେ ବିଦ୍ୟା, ଧର୍ମ, ରାଜ୍ୟ ଓ ଧନ ଆଦିର ବୃଦ୍ଧି କେବେ ବି ହୋଇପାରିବ ନାହିଁ ।** କାରଣ ବ୍ରାହ୍ମଣମାନେ ତ କେବଳ ଅଧ୍ୟୟନ-ଅଧ୍ୟାପନା ଓ କ୍ଷତ୍ରିୟାଦିଙ୍କଠାରୁ ଜୀବିକା ଅର୍ଜନ କରି ଜୀବନ ଧାରଣ କରନ୍ତି । ବ୍ରାହ୍ମଣମାନେ ଜୀବିକାର ଅଧୀନ ହୋଇଥିବାରୁ, କ୍ଷତ୍ରିୟାଦି ଆଜ୍ଞାଦାତା ଅଥଚ ଯଥାଯଥ ପରୀକ୍ଷକ ଦଣ୍ଡଦାତା ହୋଇ ନ ଥିଲେ, ବ୍ରାହ୍ମଣାଦି ସବୁ ବର୍ଣ୍ଣ ଛଳ-କପଟରେ ମାତି, ବିଦ୍ୟାଭ୍ୟାସ, ଧର୍ମ ପରିତ୍ୟାଗ କରି ପାଖଣ୍ଡରେ ହିଁ ମଜି ଯାଆନ୍ତି । ଯେତେବେଳେ କ୍ଷତ୍ରିୟାଦି ବିଦ୍ୱାନ୍ ହୁଅନ୍ତି, ସେତେବେଳେ ବ୍ରାହ୍ମଣମାନେ ବି ଅଧିକ ବିଦ୍ୟାଭ୍ୟାସ କରନ୍ତି ଓ ଧର୍ମ ପଥରେ ଚାଲନ୍ତି ଏବଂ ସେହି ବିଦ୍ୱାନ୍ କ୍ଷତ୍ରିୟାଦିଙ୍କ ନିକଟରେ ପାଖଣ୍ଡ ଓ ମିଥ୍ୟା ବ୍ୟବହାର ବି କରିପାରନ୍ତି ନାହିଁ । ଆଉ ଯେତେବେଳେ କ୍ଷତ୍ରିୟାଦି ବିଦ୍ୟାବିହୀନ ରହନ୍ତି

ସେତେବେଳେ ବ୍ରାହ୍ମଣମାନେ ସ୍ୱେଚ୍ଛାଚାରୀ ହୁଅନ୍ତି, ଯାହା ମନକୁ ଆସିଲା ତାହା କରିଯାନ୍ତି ଓ କରାଇଥାନ୍ତି । ଅତଏବ ବ୍ରାହ୍ମଣମାନେ ଯଦି ନିଜର କଲ୍ୟାଣ କାମନା କରୁଥାନ୍ତି, ତେବେ ଅଧିକ ପ୍ରଯତ୍ନ ପୂର୍ବକ କ୍ଷତ୍ରିୟାଦିଙ୍କୁ ବେଦାଦି ସତ୍ୟ ଶାସ୍ତ୍ରର ଶିକ୍ଷା ଦେବେ । କାରଣ କ୍ଷତ୍ରିୟାଦି ହିଁ ବିଦ୍ୟା, ଧର୍ମ, ରାଜ୍ୟ ଓ ଲକ୍ଷ୍ମୀର ବୃଦ୍ଧି କରିଥାନ୍ତି । ସେମାନେ କେବେ ବି ଭିକ୍ଷାବୃତ୍ତି କରନ୍ତି ନାହିଁ । ତେଣୁ ସେମାନେ ବିଦ୍ୟା-ବ୍ୟବହାରରେ ପକ୍ଷପାତୀ ବି ହୁଅନ୍ତି ନାହିଁ । ତା' ଛଡ଼ା ଯେତେବେଳେ **ସବୁ ବର୍ଣ୍ଣ ଭିତରେ ବିଦ୍ୟା ଓ ସୁଶିକ୍ଷା ଥାଏ, ସେତେବେଳେ କେହି ବି ପାଖଣ୍ଡରୂପକ ଅଧର୍ମଯୁକ୍ତ ମିଥ୍ୟା ବ୍ୟବହାର କରିପାରନ୍ତି ନାହିଁ । ଏଥିରୁ ନିଷ୍କର୍ଷ ବାହାରୁଛି ଯେ କ୍ଷତ୍ରିୟ ଆଦିଙ୍କୁ ବ୍ରାହ୍ମଣ ଓ ସନ୍ନ୍ୟାସୀମାନେ ନିୟମାନୁସାରେ ଚଳାନ୍ତି ତଥା ବ୍ରାହ୍ମଣ ଓ ସନ୍ନ୍ୟାସୀଙ୍କୁ କ୍ଷତ୍ରିୟାଦି ସୁନିୟମରେ ପରିଚାଳିତ କରନ୍ତି । ଏଥିପାଇଁ ପ୍ରତ୍ୟେକ ବର୍ଣ୍ଣର ନର-ନାରୀଙ୍କ ଭିତରେ ବିଦ୍ୟା ଓ ଧର୍ମର ପ୍ରସାର ହେବା ଏକାନ୍ତ ଆବଶ୍ୟକ ।**

ସତ୍ୟ-ଅସତ୍ୟର ପାଞ୍ଚ ପ୍ରକାରେ ପରୀକ୍ଷା

ଯାହା ପଢ଼ିବେ-ପଢ଼ାଇବେ ତାହା ସତ୍ୟ ନା ମିଥ୍ୟା ଉତ୍ତମ ରୂପେ ପରୀକ୍ଷା କରିବା ଉଚିତ । କୌଣସି ବିଷୟ ସତ୍ୟ ନା ମିଥ୍ୟା ଜାଣିବା ପାଇଁ ନିମ୍ନ ପାଞ୍ଚୋଟି ଉପାୟରେ ପରୀକ୍ଷା କରାଯାଇଥାଏ –

୧. ଯାହାସବୁ ଈଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବ ଓ ବେଦର ଅନୁକୂଳ ସେସବୁ ସତ୍ୟ । ଯେଉଁଗୁଡ଼ିକ ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ଓ ବେଦର ବିରୁଦ୍ଧ ସେସବୁ ଅସତ୍ୟ ।

୨. ଯାହା-ଯାହା ସୃଷ୍ଟିନିୟମର ଅନୁକୂଳ ସେ ସମସ୍ତ ସତ୍ୟ, ଏବଂ ଯାହା-ଯାହା ସୃଷ୍ଟିକ୍ରମର ବିରୁଦ୍ଧ ସେସବୁ ଅସତ୍ୟ । ଯଥା – ଯଦି କେହି କହେ ଯେ, 'ମାତା-ପିତାଙ୍କ ସଂଯୋଗ ବିନା ସନ୍ତାନ ଉତ୍ପନ୍ନ ହେଲା', ତେବେ ସୃଷ୍ଟି-ନିୟମର ବିରୁଦ୍ଧ ହୋଇଥିବାରୁ ଏହା ମିଥ୍ୟା ।

୩. ଯାହା 'ଆପ୍ତ' ଅର୍ଥାତ୍ ଧାର୍ମିକ, ବିଦ୍ୱାନ୍, ସତ୍ୟବାଦୀ, ନିଷ୍କପଟ ବ୍ୟକ୍ତିଙ୍କ ଉପଦେଶ ଓ ଆଚରଣର ଅନୁକୂଳ ସେସବୁ ସତ୍ୟ ଓ ଗ୍ରାହ୍ୟ । ଯେଉଁସବୁ ଏହାର ବିରୁଦ୍ଧ ସେସବୁ ମିଥ୍ୟା ଓ ଅଗ୍ରାହ୍ୟ ।

୪. ଯାହା ନିଜ ଆତ୍ମାର ପବିତ୍ରତା ଓ ବିଦ୍ୟାର ଅନୁକୂଳ ତାହା ସତ୍ୟ ଓ ଗ୍ରାହ୍ୟ । ଯଥା – ଯେପରି ନିଜକୁ ସୁଖ ପ୍ରିୟ ଓ ଦୁଃଖ ଅପ୍ରିୟ, ସେହିପରି ସର୍ବତ୍ର ବୁଝିବା ଉଚିତ ଯେ ଯଦି ମୁଁ ବି କାହାକୁ ଦୁଃଖ ବା ସୁଖ ଦିଏ ତେବେ ସେ ମଧ୍ୟ ଅପ୍ରସନ୍ନ ବା ପ୍ରସନ୍ନ ହେବ ।

୫. ନ୍ୟାୟ ଶାସ୍ତ୍ରୋକ୍ତ ଆଠ ପ୍ରମାଣ – ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ, ଐତିହ୍ୟ, ଅର୍ଥାପତ୍ତି, ସମ୍ଭବ ଓ ଅଭାବ ।

୧. ପ୍ରତ୍ୟକ୍ଷ ପ୍ରମାଣ —

ଇନ୍ଦ୍ରିୟାର୍ଥସନ୍ନିକର୍ଷୋତ୍ପନ୍ନଂ ଜ୍ଞାନମବ୍ୟପଦେଶ୍ୟମବ୍ୟଭିଚାରି ବ୍ୟବସାୟାତ୍ମକଂ ପ୍ରତ୍ୟକ୍ଷମ୍ ।

(ନ୍ୟାୟ. ୧:୧:୪)

କର୍ଣ୍ଣ, ତ୍ୱକ୍, ଚକ୍ଷୁ, ଜିହ୍ୱା ଓ ନାସିକା – ଏ ପାଞ୍ଚୋଟି ଇନ୍ଦ୍ରିୟର ଯଥାକ୍ରମେ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ସହିତ ଅବ୍ୟବହିତ ଅର୍ଥାତ୍ ଆବରଣରହିତ ସମ୍ବନ୍ଧ ହୋଇ, ଇନ୍ଦ୍ରିୟ ସହ ମନର ଓ ମନ ସହ ଆତ୍ମାର ସଂଯୋଗ ଦ୍ୱାରା ଯେଉଁ ଜ୍ଞାନ ଉତ୍ପନ୍ନ ହୁଏ, ତାହାକୁ **'ପ୍ରତ୍ୟକ୍ଷ'** କହନ୍ତି । କିନ୍ତୁ ପ୍ରଥମତଃ ଏ ଜ୍ଞାନ **(ଅବ୍ୟପଦେଶ୍ୟ)**

ଅବ୍ୟପଦେଶ୍ୟ ହୋଇଥିବା ଆବଶ୍ୟକ । ବ୍ୟପଦେଶ୍ୟ ଅର୍ଥାତ୍ ସଂଜ୍ଞା-ସଜ୍ଞୀ ସମ୍ବନ୍ଧରୁ ଉତ୍ପନ୍ନ ଜ୍ଞାନ ବା କୌଣସି ବସ୍ତୁର ନାମ ଓ ଗୁଣର କଥନରୁ ଜଣାଯାଉଥିବା ଜ୍ଞାନ । କିନ୍ତୁ 'ପ୍ରତ୍ୟକ୍ଷ' ଏପରି ନୁହେଁ । ଯଥା– ଜଣେ ବ୍ୟକ୍ତି ଅନ୍ୟ ଜଣକୁ କହିଲା, 'ପାଣି ଆଣ' । ସେ ବ୍ୟକ୍ତିଟି ପାଣି ଆଣି, କହିଥିବା ଲୋକକୁ କହିଲା, 'ପାଣି ନିଅ' । ସେଠାରେ ପାଣି ଆଣିବା ଲୋକ କି ମଗାଇଥିବା ଲୋକ କେହି ବି 'ପାଣି' ଏହି ଦୁଇ ଅକ୍ଷର ବିଶିଷ୍ଟ ନାମକୁ ଦେଖିନଥାନ୍ତି । ବରଂ ଯେଉଁ ପଦାର୍ଥର ନାମ 'ପାଣି' ସେ ପଦାର୍ଥଟିକୁ ଦେଖିଥାନ୍ତି । 'ପାଣି' ପଦାର୍ଥକୁ ଦେଖି ହେବା ଜ୍ଞାନ 'ପ୍ରତ୍ୟକ୍ଷ ପ୍ରମାଣ' ଏବଂ 'ପାଣି' ଏ ଶବ୍ଦ ଶୁଣି ଯେଉଁ ଜ୍ଞାନ ହୁଏ ତାହା 'ଶବ୍ଦ ପ୍ରମାଣ'ର ଅନ୍ତର୍ଗତ । **(ଅବ୍ୟଭିଚାରୀ)** ପ୍ରତ୍ୟକ୍ଷ ପ୍ରମାଣ କୁହାଯିବା ପାଇଁ ଦ୍ୱିତୀୟ ଆବଶ୍ୟକତା ହେଲା ଯେ ସେ ଜ୍ଞାନ 'ଅବ୍ୟଭିଚାରୀ' ହୋଇଥିବ । ଅର୍ଥାତ୍ ଓଲଟା ହୋଇନଥିବ, ଯଥାଯଥ ହୋଇଥିବ । ଉଦାହରଣ – ମନେକରନ୍ତୁ ଅନ୍ଧକାର ରାତିରେ କୌଣସି ବ୍ୟକ୍ତି କୌଣସି ଖୁଣ୍ଟକୁ ଦେଖି ତାହାକୁ ମଣିଷ ବୋଲି ଭାବିଲା । ତା' ପରେ ଯେତେବେଳେ ଦିନର ଆଲୁଅରେ ତାକୁ ପୁଣି ଦେଖିଲା, ସେତେବେଳେ ରାତିରେ ମଣିଷ ବୋଲି ବିଚାରି ଥିବା ତା'ର ଜ୍ଞାନ ସମାପ୍ତ ହୋଇଗଲା ଓ ଏଇଟା ଗୋଟିଏ ଖମ୍ବ ବୋଲି ଜ୍ଞାନ ହେଲା । ଏଭଳି ଭାବେ ବିନାଶ ହେଉଥିବା, ସମାପ୍ତ ହୋଇଯାଉଥିବା ବା ପରିବର୍ତ୍ତିତ ହେଉଥିବା ଜ୍ଞାନକୁ ବ୍ୟଭିଚାରୀ ଜ୍ଞାନ କୁହାଯାଏ । ଏପରି ଜ୍ଞାନକୁ ପ୍ରତ୍ୟକ୍ଷ ପ୍ରମାଣ କୁହାଯାଏ ନାହିଁ । ରାତିରେ ହେଉ କି ଦିନରେ ହେଉ ଖମ୍ବକୁ ଦେଖି ଖମ୍ବ ବୋଲି ହିଁ ସର୍ବଦା ବୁଝିଥିବା ଜ୍ଞାନ ଅପରିବର୍ତ୍ତିତ ରହେ । ଏହା ଅବ୍ୟଭିଚାରୀ ଜ୍ଞାନ । **(ବ୍ୟବସାୟାତ୍ମକ)** ପ୍ରତ୍ୟକ୍ଷ ପ୍ରମାଣ କୁହାଯିବା ପାଇଁ ତୃତୀୟ ଆବଶ୍ୟକତା ହେଲା ସେ ଜ୍ଞାନ 'ବ୍ୟବସାୟାତ୍ମକ' ହୋଇଥିବ । ବ୍ୟବସାୟାତ୍ମକର ଅର୍ଥ ନିଶ୍ଚୟାତ୍ମକ । ଜଣେ ବ୍ୟକ୍ତି ଦୂରରୁ ନଦୀବାଲିକୁ ଦେଖିଲା । ଭାବିଲା, 'ସେଇଠି ଲୁଗା ଶୁଖୁଛି, ନା ପାଣି ଅଛି ନା ଆଉ କିଛି ?' ସେହିପରି କୌଣସି ବ୍ୟକ୍ତିକୁ ଦେଖି କେହି ଠିକ୍ ରୂପେ ଚିହ୍ନି ନପାରି ସନ୍ଦେହରେ ପଡ଼ିଲା, 'ଇଏ ଦେବଦତ୍ତ ନା ଯଜ୍ଞଦତ୍ତ ?' ଯେ ପର୍ଯ୍ୟନ୍ତ କୌଣସି ନିର୍ଣ୍ଣୟ ହୋଇପାରିନି, ସେତେବେଳ ଯାଏଁ ତାହା ପ୍ରତ୍ୟକ୍ଷ ଜ୍ଞାନ ନୁହେଁ । ଅତଏବ ଇନ୍ଦ୍ରିୟ-ବସ୍ତୁର ସନ୍ନିକର୍ଷରୁ ଉତ୍ପନ୍ନ ଯେଉଁ ଜ୍ଞାନ **ଅବ୍ୟପଦେଶ୍ୟ, ଅବ୍ୟଭିଚାରୀ ଓ ନିଶ୍ଚୟାତ୍ମକ ଅଟେ ତାହାକୁ 'ପ୍ରତ୍ୟକ୍ଷ' କହନ୍ତି ।**

୨. ଅନୁମାନ ପ୍ରମାଣ —

ଅଥ ତତ୍ପୂର୍ବକଂ ତ୍ରିବିଧମନୁମାନଂ ପୂର୍ବବଚ୍ଛେଷବତ୍ସାମାନ୍ୟତୋଦୃଷ୍ଟଂ ଚ । (ନ୍ୟାୟ. ୧:୧:୫)

ଯାହା ପ୍ରତ୍ୟକ୍ଷପୂର୍ବକ ହୁଏ ଅର୍ଥାତ୍ କୌଣସି ବସ୍ତୁର କୌଣସି ଏକ ଭାଗକୁ ବା ସଂପୂର୍ଣ୍ଣ ବସ୍ତୁକୁ କୌଣସି ସ୍ଥାନରେ ପୂର୍ବରୁ ପ୍ରତ୍ୟକ୍ଷ କରିଥିଲେ, ପରବର୍ତ୍ତୀ ସମୟରେ ଦୂର ସ୍ଥାନରୁ ସେ ବସ୍ତୁର ସହଚାରୀ ବା ଏକ ଭାଗର ପ୍ରତ୍ୟକ୍ଷ ହେଲେ ଦେଖାଯାଉ ନଥିବା ଅବୟବୀର ଜ୍ଞାନ ହେବାକୁ **'ଅନୁମାନ'** କହନ୍ତି । ଯଥା– ପୁତ୍ରକୁ ଦେଖି ପିତାର, ପର୍ବତାଦିରେ ଧୂଆଁକୁ ଦେଖି ନିଆଁର, ସଂସାରରେ ସୁଖ-ଦୁଃଖର ତାରତମ୍ୟ ଦେଖି ପୂର୍ବଜନ୍ମର ଜ୍ଞାନ ହେବା । ଅନୁମାନ ତିନି ପ୍ରକାର – ପୂର୍ବବତ୍, ଶେଷବତ୍ ଓ ସାମାନ୍ୟତୋଦୃଷ୍ଟ ।

କ. ପୂର୍ବବତ୍ — ଯେଉଁ କ୍ଷେତ୍ରରେ କାରଣକୁ ଦେଖି କାର୍ଯ୍ୟର ଜ୍ଞାନ ହୁଏ, ତାହକୁ 'ପୂର୍ବବତ୍ ଅନୁମାନ' କୁହାଯାଏ । ଯଥା – ମେଘକୁ ଦେଖି ବର୍ଷାର, ବିବାହ ଦେଖି ସନ୍ତାନୋତ୍ପତ୍ତିର, ଅଧ୍ୟୟନରତ ବିଦ୍ୟାର୍ଥୀକୁ ଦେଖି ବିଦ୍ୟାଳାଭର ନିଶ୍ଚୟ ହୋଇଥାଏ ଇତ୍ୟାଦି ।

ଖ. ଶେଷବତ୍ — ଯେଉଁଠାରେ କାର୍ଯ୍ୟକୁ ଦେଖି କାରଣକୁ ଜାଣିହୁଏ, ତାହାକୁ 'ଶେଷବତ୍ ଅନୁମାନ' କୁହାଯାଏ । ଯଥା – ନଦୀରେ ପାଣି ବଢ଼ିଥିବା ଦେଖି ଉପର ମୁଣ୍ଡରେ ବର୍ଷା ହୋଇଥିବାର, ପୁତ୍ରକୁ ଦେଖି ପିତାର, ସୃଷ୍ଟିକୁ ଦେଖି 'ଅନାଦି କାରଣ'ର, ସୃଷ୍ଟିରେ 'ବୁଦ୍ଧିପୂର୍ବକ ପଦାର୍ଥଗୁଡ଼ିକର ରଚନା' ଦେଖି ସୃଷ୍ଟିର କର୍ତ୍ତା ଈଶ୍ୱରଙ୍କର, ଦୁଃଖ-ସୁଖ ଦେଖି ପାପ-ପୁଣ୍ୟ ଆଚରଣର ଜ୍ଞାନ ହୋଇଥାଏ ।

ଗ. ସାମାନ୍ୟତୋଦୃଷ୍ଟ — ଯେତେବେଳେ ଦୁଇଟି ଭିତରେ କାର୍ଯ୍ୟ-କାରଣ ସମ୍ବନ୍ଧ ନଥାଏ ଅର୍ଥାତ୍ କୌଣସିଟି ଅନ୍ୟଟିର କାର୍ଯ୍ୟ କି କାରଣ ହୋଇନଥାନ୍ତି, କିନ୍ତୁ ଦୁଇଟି ମଧ୍ୟରେ କୌଣସି ପ୍ରକାର ସାଧର୍ମ୍ୟ ଥାଏ ସେତେବେଳେ ସେ ସାଧର୍ମ୍ୟ ଆଧାରରେ ଯେଉଁ ଜ୍ଞାନ ହୁଏ, ତାହାକୁ 'ସାମାନ୍ୟତୋଦୃଷ୍ଟ ଅନୁମାନ' କୁହାଯାଏ । ଯଥା – କୌଣସି ବ୍ୟକ୍ତି ଗତି କରି ହିଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଥାଏ, ଗତି ନକଲେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚିପାରେ ନାହିଁ । ସେହିପରି ଜଣେ ବ୍ୟକ୍ତିକୁ ପୂର୍ବରୁ ଏକ ସ୍ଥାନରେ ଦେଖିଥିଲେ ଓ ପରେ ଅନ୍ୟ ସ୍ଥାନରେ ଦେଖିଲେ ସେହି ବ୍ୟକ୍ତି ମଧ୍ୟ ଗତି କରି ହିଁ ପୂର୍ବସ୍ଥାନରୁ ଏଇ ସ୍ଥାନକୁ ଆସଛି ବୋଲି ଜାଣିହୁଏ ।

'ଅନୁମାନ' ଶବ୍ଦର ଅର୍ଥ ହିଁ ଏହା ଯେ **'ଅନୁ'** ଅର୍ଥାତ୍ ପଛରେ ହେବା ଜ୍ଞାନ — **'ପ୍ରତ୍ୟକ୍ଷସ୍ୟ ପଶ୍ଚାନ୍ମୀୟତେ ଜ୍ଞାୟତେ ଯେନ ତଦନୁମାନମ୍'** — ପ୍ରତ୍ୟକ୍ଷ ପରେ ଉତ୍ପନ୍ନ ହେବା ଜ୍ଞାନ । ଯଥା – ଧୂଆଁକୁ ପ୍ରତ୍ୟକ୍ଷ ଦେଖିବା ପରେ ହିଁ ଅଦୃଷ୍ଟ ଅଗ୍ନିର ଜ୍ଞାନ ହେବା ।

୩. ଉପମାନ —

ପ୍ରସିଦ୍ଧସାଧର୍ମ୍ୟାତ୍ ସାଧ୍ୟସାଧନମୁପମାନମ୍ । (ନ୍ୟାୟ. ୧:୧:୬)

ପ୍ରସିଦ୍ଧ ବା ଜ୍ଞାତ ସାଧର୍ମ୍ୟ-ସାଦୃଶ୍ୟରେ ସାଧ୍ୟ ଅର୍ଥାତ୍ ସିଦ୍ଧି ଯୋଗ୍ୟ ବସ୍ତୁର ସିଦ୍ଧି କରିବାର ସାଧନକୁ **'ଉପମାନ'** କହନ୍ତି । **'ଉପମୀୟତେ ଯେନ ତଦୁପମାନମ୍'** । ଉଦାହରଣ – ଜଣେ ବ୍ୟକ୍ତି ନିଜ ଭୃତ୍ୟକୁ କହିଲେ, 'ଅମୁକ ଜାଗାରେ ଯେଉଁ ଲୋକମାନେ ଅଛନ୍ତି, ସେଇଠି ଦେବଦତ୍ତର ସାଥୀ ବିଷ୍ଣୁମିତ୍ର ଅଛି । ତାକୁ ଡାକି ଆଣ ।' ସେ ଭୃତ୍ୟ ଜଣକ ଉତ୍ତର ଦେଲା, 'ମୁଁ ତାକୁ କେବେ ଦେଖି ନାହିଁ । ଜାଣିବି କେମିତି ଯେ ବିଷ୍ଣୁମିତ୍ର କିଏ ?' ମାଲିକ ତାକୁ କହିଲେ, 'ଦେବଦତ୍ତ ଦେଖିବାକୁ ଯେମିତି, ବିଷ୍ଣୁମିତ୍ର ବି ସେମିତି ହିଁ ଦେଖାଯାଏ ।' ଭୃତ୍ୟ ଜଣକ ସେଠାକୁ ଗଲା ଓ ଦେବଦତ୍ତ ଭଳି ଦେଖାଯାଉଥିବା ଲୋକକୁ ଦେଖି ନିଶ୍ଚିତ ହେଲା ଯେ ଇଏ ହିଁ ବିଷ୍ଣୁମିତ୍ର ଏବଂ ତାକୁ ନେଇ ଆସିଲା । ସେହିପରି ଜଣେ କହିଲା, 'ଜଙ୍ଗଲରେ ନୀଳଗାଇ ଥାଏ ।' ଶ୍ରୋତା ପଚାରିଲା, 'ନୀଳଗାଇକୁ କେମିତି ଜାଣିହେବ ?' ବକ୍ତା କହିଲା, 'ଗାଇ ଦେଖିବାକୁ ଯେମିତି, ନୀଳଗାଇ ବି ସେମିତି ।' ଶ୍ରୋତା କୌଣସି ଜଙ୍ଗଲରେ ଯେଉଁ ପଶୁକୁ ଗାଈ ଭଳି ଦେଖିଲା, ତାକୁ ନୀଳଗାଇ ବୋଲି ଜାଣି ପାରିଲା ।

୪. ଶବ୍ଦ ପ୍ରମାଣ —

ଆପ୍ତୋପଦେଶଃ ଶବ୍ଦଃ । (ନ୍ୟାୟ. ୧:୧:୭)

ଆପ୍ତ ଅର୍ଥାତ୍ ପୂର୍ଣ୍ଣ ବିଦ୍ୱାନ୍, ଧର୍ମାତ୍ମା, ପରୋପକାରୀ, ସତ୍ୟବାଦୀ, ପୁରୁଷାର୍ଥୀ, ଜିତେନ୍ଦ୍ରିୟ ବ୍ୟକ୍ତି କୌଣସି ବିଷୟରେ ନିଜେ ଯେପରି ଜାଣିଥାନ୍ତି ଓ ଯଦ୍ଦ୍ୱାରା ନିଜେ ସୁଖ ପାଇଥାନ୍ତି, ସମସ୍ତଙ୍କ କଲ୍ୟାଣ ନିମିତ୍ତ ତାହା ଅନ୍ୟମାନଙ୍କୁ ଉପଦେଶ ଦେଇଥାନ୍ତି । ପୃଥିବୀଠୁ ଆରମ୍ଭ କରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ଯେତେ ପଦାର୍ଥ ଅଛି ସେ ବିଷୟରେ ଯଥାର୍ଥ ଜ୍ଞାନ ଲାଭ କରି ଯେଉଁମାନେ ଅନ୍ୟକୁ ଉପଦେଶ ଦେଇଥାନ୍ତି ସେମାନଙ୍କୁ ଆପ୍ତ କୁହାଯାଏ ।

ଏପରି ବ୍ୟକ୍ତିଙ୍କ ଉପଦେଶକୁ **'ଶବ୍ଦପ୍ରମାଣ'** କୁହାଯାଏ । ଋଷିଗଣ ଆପ୍ତ ପୁରୁଷ ଅଟନ୍ତି । ଏଣୁ ସେମାନଙ୍କ ଗ୍ରନ୍ଥଗୁଡ଼ିକ ଶବ୍ଦପ୍ରମାଣର ଅନ୍ତର୍ଗତ । ଈଶ୍ୱର ପ୍ରତ୍ୟେକ ବିଷୟକୁ ଯଥାର୍ଥ, ଅଭ୍ରାନ୍ତ ରୂପେ ଜାଣିଥିବାରୁ ସେ ପୂର୍ଣ୍ଣ ଆପ୍ତ । ଏଣୁ ତାଙ୍କ ଉପଦେଶ ବେଦ ହେଉଛି ସର୍ବଶ୍ରେଷ୍ଠ **'ଶବ୍ଦପ୍ରମାଣ'** ।

ନ ଚତୁଷ୍ଟ୍ୱମୈତିହ୍ୟାର୍ଥାପତ୍ତିସମ୍ଭବାଭାବପ୍ରାମାଣ୍ୟାତ୍ । (ନ୍ୟାୟ. ୨:୨:୧)

ପ୍ରମାଣ କେବଳ ଚାରୋଟି ନୁହେଁ ; କାରଣ ଐତିହ୍ୟ, ଅର୍ଥାପତ୍ତି, ସମ୍ଭବ ଓ ଅଭାବ - ଏଗୁଡ଼ିକୁ ମଧ୍ୟ ପ୍ରମାଣ ବୋଲି ସ୍ୱୀକାର କରାଯାଇଛି । ଅତଃ ପ୍ରମାଣ ୮ଟି ଅଟେ ।

୫. ଐତିହ୍ୟ —

'ଇତି ହ'ର ଅର୍ଥ 'ଏପରି ଥିଲା', ସେ ଏହିଭଳି କରିଛନ୍ତି । ଅତଃ କୌଣସି ବ୍ୟକ୍ତିର ଜୀବନଚରିତର ନାମ **'ଐତିହ୍ୟ'** ।

୬. ଅର୍ଥାପତ୍ତି —

'ଅର୍ଥାଦାପଦ୍ୟତେ ସା ଅର୍ଥାପତ୍ତିଃ ।'— ଜଣେ କୌଣସି କଥା କହିଲେ ତା'ର ବିପରୀତ ଥିବା ଅନ୍ୟ କଥାଟିକୁ ସ୍ୱତଃ ଜଣାଯିବାକୁ 'ଅର୍ଥାପତ୍ତି' କୁହାଯାଏ । କେନଚିଦୁଚ୍ୟତେ — **'ସତ୍ସୁ ଘନେଷୁ ବୃଷ୍ଟିଃ, ସତି କାରଣେ କାର୍ଯ୍ୟଂ ଭବତୀତି'** । କିମତ୍ର ପ୍ରସଜ୍ୟତେ — **'ଅସତ୍ସୁ ଘନେଷୁ ବୃଷ୍ଟିଃ, ଅସତି କାରଣେ ଚ କାର୍ଯ୍ୟଂ ନ ଭବତୀତି'** । କେହି ଜଣେ ଅନ୍ୟ ଜଣକୁ କହିଲା- 'ମେଘ ହେଲେ ବର୍ଷା ହୁଏ ଓ କାରଣ ଥିଲେ କାର୍ଯ୍ୟ ଉତ୍ପନ୍ନ ହୁଏ ।' ଏଥିରୁ ନ କହି ମଧ୍ୟ ଅନ୍ୟ ଏକ କଥା ପ୍ରତିପାଦିତ ହେଉଛି ଯେ- 'ବିନା ମେଘରେ ବର୍ଷା ହୁଏ ନାହିଁ କି କାରଣ ନଥିଲେ କାର୍ଯ୍ୟ ହୋଇପାରେ ନାହିଁ ।'

୭. ସମ୍ଭବ —

'ସମ୍ଭବତି ଯସ୍ମିନ୍ ସ ସମ୍ଭବଃ ।' ଯାହା ସୃଷ୍ଟି-ନିୟମର ଅନୁକୂଳ, ତାହା ହିଁ **'ସମ୍ଭବ'** । ଯେଉଁସବୁ କଥା ସୃଷ୍ଟି-ନିୟମର ବିରୁଦ୍ଧ, ସେସବୁ ଅସମ୍ଭବ । ଯଦି କେହି କହେ ଯେ-'ମାତା-ପିତା ନଥାଇ ସନ୍ତାନ ଉତ୍ପନ୍ନ ହେଲା, କୌଣସି ଲୋକ ମୃତ ବ୍ୟକ୍ତିକୁ ଜୀଆଁଇ ଦେଲା, କେହି ପାହାଡ଼ ଉଠାଇ ଦେଲା, ସମୁଦ୍ରରେ ପଥର ଭସାଇଦେଲା, ଚନ୍ଦ୍ରକୁ ଦୁଇ ଖଣ୍ଡ କରିଦେଲା, ପରମେଶ୍ୱର ଅବତାର ଗ୍ରହଣ କଲେ, ମନୁଷ୍ୟର ଶିଙ୍ଗ ଦେଖିଲା ଓ ବନ୍ଧ୍ୟା ନାରୀର ପୁତ୍ର-କନ୍ୟାଙ୍କ ବିବାହ ହେଲା', ଇତ୍ୟାଦି ତେବେ ସୃଷ୍ଟି-ନିୟମର ବିରୁଦ୍ଧ ହୋଇଥିବାରୁ ଏ ସବୁ ଅସମ୍ଭବ ।

୮. ଅଭାବ —

'ନ ଭବତି ଯସ୍ମିନ୍ ସୋଽଭାବଃ ।' ଯେଉଁ ସ୍ଥାନରେ ଯାହା ଉପଲବ୍ଧ ନଥାଏ ତାହାକୁ ସେହି ସ୍ଥାନରେ ଅଭାବ କୁହାଯାଏ । ଜଣେ ଅନ୍ୟ ଜଣକୁ କହିଲା, 'ହାତୀଟିଏ ଆଣ' । ସେ ବ୍ୟକ୍ତି ସେହି ସ୍ଥାନରେ ହାତୀର ଅଭାବ-ଥିବା ବା ହାତୀ ନ ଥିବା ଦେଖି ହାତୀ ଥିବା ସ୍ଥାନରୁ ହାତୀଟିଏ ଆଣିଲା ।

ଏଗୁଡ଼ିକ ହେଲା ନ୍ୟାୟ ଶାସ୍ତ୍ରୋକ୍ତ ଆଠ(୮) ପ୍ରମାଣ । ଏ ଆଠଟି ମଧ୍ୟରୁ ଐତିହ୍ୟକୁ ଶବ୍ଦ ପ୍ରମାଣର ଅନ୍ତର୍ଗତ ମାନିଲେ ଏବଂ ଅର୍ଥାପତ୍ତି, ସମ୍ଭବ ଓ ଅଭାବ- ଏ ତିନୋଟିକୁ ଅନୁମାନ ପ୍ରମାଣରେ ଅନ୍ତର୍ଭୁକ୍ତ କଲେ, ପ୍ରମାଣ କେବଳ ଚାରୋଟି ହିଁ ରହେ । ଉପରୋକ୍ତ ପାଞ୍ଚ ପ୍ରକାର ପରୀକ୍ଷା ଦ୍ୱାରା ବ୍ୟକ୍ତି ସତ୍ୟ-ଅସତ୍ୟର ନିର୍ଣ୍ଣୟ କରିପାରେ, ଅନ୍ୟଥା ନୁହେଁ ।

ଧର୍ମବିଶେଷପ୍ରସୂତାଦ୍ ଦ୍ରବ୍ୟ-ଗୁଣ-କର୍ମ-ସାମାନ୍ୟ-ବିଶେଷ-ସମବାୟାନାଂ ପଦାର୍ଥାନାଂ ସାଧର୍ମ୍ୟବୈଧର୍ମ୍ୟାଭ୍ୟାଂ ତତ୍ତ୍ୱଜ୍ଞାନାନ୍ନିଃଶ୍ରେୟସମ୍ । (ବୈଶେ. ୧:୧:୪)

ମନୁଷ୍ୟ ଧର୍ମର ଯଥାଯୋଗ୍ୟ ଅନୁଷ୍ଠାନ ଦ୍ୱାରା ପବିତ୍ର ହୋଇ **'ସାଧର୍ମ୍ୟ'** ଅର୍ଥାତ୍ ସମାନ ଧର୍ମ (ଯଥା– ପୃଥିବୀ ଜଡ଼ ଓ ଜଳ ବି ଜଡ଼) ଓ **'ବୈଧର୍ମ୍ୟ'** ଅର୍ଥାତ୍ ବିପରୀତ ଧର୍ମ(ଯଥା–ପୃଥିବୀ କଠିନ; କିନ୍ତୁ ଜଳ କୋମଳ) ଏହିଭଳି ଭାବେ ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟ- ଏ ଛଅଟି ପଦାର୍ଥର ତତ୍ତ୍ୱଜ୍ଞାନ ଅର୍ଥାତ୍ ସ୍ୱରୂପ-ଜ୍ଞାନ ଦ୍ୱାରା **'ନିଃଶ୍ରେୟସମ୍'** ଅର୍ଥାତ୍ ମୋକ୍ଷ ପ୍ରାପ୍ତ ହୁଏ ।

ପୃଥିବ୍ୟାପସ୍ତେଜୋ ବାୟୁରାକାଶଂ କାଲୋ ଦିଗାତ୍ମା ମନ ଇତି ଦ୍ରବ୍ୟାଣି ।

(ବୈଶେ. ୧:୧:୫)

ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, କାଳ, ଦିଗ, ଆତ୍ମା ଓ ମନ – ଏ ନଅଟି ହେଉଛି **'ଦ୍ରବ୍ୟ'** ।

କ୍ରିୟାଗୁଣବତ୍ ସମବାୟିକାରଣମିତି ଦ୍ରବ୍ୟଲକ୍ଷଣମ୍ । (ବୈଶେ. ୧:୧:୧୫)

'କ୍ରିୟାଶ୍ଚ ଗୁଣାଶ୍ଚ ବିଦ୍ୟନ୍ତେ ଯସ୍ମିଁସ୍ତତ୍ କ୍ରିୟାଗୁଣବତ୍'— ଯେଉଁଥିରେ କ୍ରିୟା ଓ ଗୁଣ ଅଥବା କେବଳ ଗୁଣ ଥାଏ ତାକୁ **'ଦ୍ରବ୍ୟ'** କହନ୍ତି । ଉପରୋକ୍ତ ନଅଟି ଦ୍ରବ୍ୟ ମଧ୍ୟରୁ ପୃଥିବୀ, ଜଳ, ଅଗ୍ନି, ବାୟୁ, ମନ ଓ ଆତ୍ମା– ଏ ଛଅଟି ଦ୍ରବ୍ୟ କ୍ରିୟା ଓ ଗୁଣ ବିଶିଷ୍ଟ । ଆକାଶ, କାଳ ଓ ଦିଗ– ଏ ତିନୋଟି ଦ୍ରବ୍ୟ ଗୁଣ ବିଶିଷ୍ଟ ତ ଅଟନ୍ତି, କିନ୍ତୁ କ୍ରିୟାବାନ୍ ନୁହନ୍ତି, କ୍ରିୟାରହିତ । **(ସମବାୟି.) 'ସମବେତୁଂ ଶୀଲଂ ଯସ୍ୟ ତତ୍ ସମବାୟି, ପ୍ରାଗ୍‌ବୃତ୍ତିତ୍ୱଂ କାରଣଂ, ସମବାୟି ଚ ତତ୍‌କାରଣଂ ଚ ସମବାୟିକାରଣମ୍' । 'ଲକ୍ଷ୍ୟତେ ଯେନ ତଲ୍ଲକ୍ଷଣମ୍' ।** ଯାହା ମିଶି ରହିବା ବା ଧାରଣ କରିବା ସ୍ୱଭାବ ବିଶିଷ୍ଟ, କାର୍ଯ୍ୟ ପୂର୍ବରୁ ବିଦ୍ୟମାନ ସତ୍ତା ତାହାକୁ **'ସମବାୟିକାରଣ'** କହନ୍ତି । ଯାହାଦ୍ୱାରା ଲକ୍ଷ୍ୟ ଜଣାଯାଏ ତାକୁ **'ଲକ୍ଷଣ'** କହନ୍ତି, ଯେପରିକି ଆଖି ଦ୍ୱାରା ରୂପ ଜଣାଯାଏ ।

ରୂପରସଗନ୍ଧସ୍ପର୍ଶବତୀ ପୃଥିବୀ । (ବୈଶେ. ୨:୧:୧)

ରୂପ, ରସ, ଗନ୍ଧ, ସ୍ପର୍ଶ ଗୁଣବିଶିଷ୍ଟ ତତ୍ତ୍ୱକୁ **'ପୃଥିବୀ'** କୁହାଯାଏ ।

ବ୍ୟବସ୍ଥିତଃ ପୃଥିବ୍ୟାଂ ଗନ୍ଧଃ । (ବୈଶେ. ୨:୨:୩)

'ଗନ୍ଧ' ପୃଥିବୀର ସ୍ୱାଭାବିକ ଗୁଣ । ସେହିପରି ରସ ଜଳର, ରୂପ ଅଗ୍ନିର, ସ୍ପର୍ଶ ବାୟୁର ଓ ଶବ୍ଦ ଆକାଶର ସ୍ୱାଭାବିକ ଗୁଣ । ପୃଥିବୀରେ ରସ, ରୂପ, ସ୍ପର୍ଶ ଯଥାକ୍ରମେ ଜଳ, ଅଗ୍ନି ଓ ବାୟୁ ତତ୍ତ୍ୱର ସଂଯୋଗରୁ ଦେଖାଯାଏ ।

ରୂପରସସ୍ପର୍ଶବତ୍ୟ ଆପୋ ଦ୍ରବାଃ ସ୍ନିଗ୍ଧାଃ । (ବୈଶେ. ୨:୧:୨)

ରୂପ, ରସ ଓ ସ୍ପର୍ଶ ଗୁଣବିଶିଷ୍ଟ, ଦ୍ରବୀଭୂତ ଓ କୋମଳ ତତ୍ତ୍ୱକୁ **'ଜଳ'** କହନ୍ତି । କିନ୍ତୁ **'ରସ'** ହିଁ ଜଳର ସ୍ୱାଭାବିକ ଗୁଣ । ଜଳରେ ରୂପ ଓ ସ୍ପର୍ଶ ଗୁଣ କ୍ରମଶଃ ଅଗ୍ନି ଓ ବାୟୁର ସଂଯୋଗ ଯୋଗୁଁ ଅଛି ।

ଅପ୍ସୁ ଶୀତତା । (ବୈଶେ. ୨:୨:୫)

'ଶୀତଳତା' ବି ଜଳର ସ୍ୱାଭାବିକ ଗୁଣ ।

ତେଜୋ ରୂପସ୍ପର୍ଶବତ୍ । (ବୈଶେ. ୨:୧: ୩)

ଯାହା ରୂପ ଓ ସ୍ପର୍ଶ ଗୁଣ ବିଶିଷ୍ଟ, ତାହାକୁ **'ଅଗ୍ନି'** କହନ୍ତି । କିନ୍ତୁ **'ରୂପ'** ହିଁ ଅଗ୍ନିର ସ୍ୱାଭାବିକ ଗୁଣ ଏବଂ ବାୟୁର ସଂଯୋଗ କାରଣରୁ ଏଥିରେ ସ୍ପର୍ଶ ଗୁଣ ବିଦ୍ୟମାନ ।

ସ୍ପର୍ଶବାନ୍ ବାୟୁଃ । (ବୈଶେ. ୨:୧:୪)

ସ୍ପର୍ଶ ଗୁଣବିଶିଷ୍ଟ ତତ୍ତ୍ୱ **'ବାୟୁ'** ଅଟେ । କିନ୍ତୁ ଏଥିରେ ମଧ୍ୟ ଉଷ୍ଣତା ଓ ଶୀତଳତା ଯଥାକ୍ରମେ ଅଗ୍ନି ଓ ଜଳର ସଂଯୋଗ ବଶତଃ ବିଦ୍ୟମାନ ରହେ ।

ତ ଆକାଶେ ନ ବିଦ୍ୟନ୍ତେ । (ବୈଶେ. ୨:୧:୫)

ରୂପ, ରସ, ଗନ୍ଧ ଓ ସ୍ପର୍ଶ ଗୁଣ ଆକାଶର ନାହିଁ । କେବଳ **'ଶବ୍ଦ'** ହିଁ ଆକାଶର ଗୁଣ ।

ନିଷ୍କ୍ରମଣଂ ପ୍ରବେଶନମିତ୍ୟାକାଶସ୍ୟ ଲିଙ୍ଗମ୍ । (ବୈଶେ. ୨:୧:୨୦)

ଯେଉଁଥିରେ ପ୍ରବେଶ କରିବା ଓ ବାହାରିବା କାର୍ଯ୍ୟ ହୁଏ, ତାହା **'ଆକାଶ'** ବା ଏହା ଆକାଶକୁ ଜାଣିବାର ଚିହ୍ନ ।

କାର୍ଯ୍ୟାନ୍ତରାପ୍ରାଦୁର୍ଭାବାଚ୍ଚ ଶବ୍ଦଃ ସ୍ପର୍ଶବତାମଗୁଣଃ । (ବୈଶେ. ୨:୧:୨୫)

'ଶବ୍ଦ' ଗୁଣ ପୃଥିବୀ ଆଦି ଅନ୍ୟ କାର୍ଯ୍ୟ ଦ୍ରବ୍ୟରୁ ପ୍ରକାଶିତ ହେଉ ନ ଥିବାରୁ, ଏହା ସ୍ପର୍ଶଗୁଣବିଶିଷ୍ଟ ପୃଥିବୀ ଆଦିର ଗୁଣ ନୁହେଁ । ଶବ୍ଦ ଆକାଶର ହିଁ ଗୁଣ ।

ଅପରସ୍ମିନ୍ନପରଂ ଯୁଗପଚ୍ଚିରଂ କ୍ଷିପ୍ରମିତି କାଲଲିଙ୍ଗାନି । (ବୈଶେ. ୨:୨:୬)

ଯେଉଁଥିରେ **(ଅପରସ୍ମିନ୍-ପରମ୍)** ଅପର, ପର, **(ଯୁଗପତ୍)** ଏକା ସାଥିରେ, **(ଚିରମ୍)** ବିଳମ୍ବ, **(କ୍ଷିପ୍ରମ୍)** ଶୀଘ୍ର ଇତ୍ୟାଦି ପ୍ରୟୋଗ ହୁଏ, **(କାଲ.)** ତାହାକୁ **'କାଲ'** କହନ୍ତି ।

ନିତ୍ୟେଷ୍ୱଭାବାଦନିତ୍ୟେଷୁ ଭାବାତ୍ କାରଣେ କାଲାଖ୍ୟାତି । (ବୈଶେ. ୨:୨:୯)

ନିତ୍ୟ ପଦାର୍ଥରେ ପ୍ରୟୋଗ ହେଉ ନ ଥିବାରୁ ଓ ଅନିତ୍ୟ ପଦାର୍ଥ ବିଷୟରେ ବ୍ୟବହୃତ ହେଉଥିବାରୁ **'କାଲ'**କୁ ମଧ୍ୟ କାରଣ ରୂପେ ଗଣନା କରାଯାଇଛି ।

ଇତ ଇଦମିତି ଯତସ୍ତଦ୍ଦିଶ୍ୟଂ ଲିଙ୍ଗମ୍ । (ବୈଶେ. ୨:୨:୧୦)

ଏଠାରୁ ଏ ପଟେ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ତଳ, ଉପର – ଯାହା ବିଷୟରେ ଏହା ବ୍ୟବହୃତ ହୁଏ ତାହାକୁ **'ଦିଗ'** କହନ୍ତି ।

ଆଦିତ୍ୟସଂଯୋଗାଦ୍ ଭୂତପୂର୍ବାଦ୍ ଭବିଷ୍ୟତୋ ଭୂତାଚ୍ଚ ପ୍ରାଚୀ । (ବୈଶେ. ୨:୨:୧୪)

ଯେଉଁ ଦିଗରେ ସୂର୍ଯ୍ୟ ଉଦୟ ହୋଇଛି, ହେଉଛି ଓ ଭବିଷ୍ୟତରେ ବି ହେବ ତାକୁ **'ପୂର୍ବ'** ଦିଗ କହନ୍ତି । ଯେଉଁ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ ତାହାକୁ **'ପଶ୍ଚିମ'** ଦିଗ କୁହାଯାଏ । ପୂର୍ବଦିଗକୁ ମୁହଁ କଲେ ଡାହାଣ ପଟକୁ ଥିବା ଦିଗକୁ **'ଦକ୍ଷିଣ'** ଦିଗ ଓ ବାମ ଆଡ଼କୁ ଥିବା ଭାଗକୁ **'ଉତ୍ତର'** ଦିଗ କୁହାଯାଏ ।

ଏତେନ ଦିଗନ୍ତରାଲାନି ବ୍ୟାଖ୍ୟାତାନି । (ବୈଶେ. ୨:୨:୧୬)

ପୂର୍ବ ଓ ଦକ୍ଷିଣ ଦିଗର ମଧ୍ୟବର୍ତ୍ତୀ ଦିଗକୁ **'ଆଗ୍ନେୟ', ଦକ୍ଷିଣ** ଓ **ପଶ୍ଚିମ**ର ମଧ୍ୟବର୍ତ୍ତୀକୁ **'ନୈର୍ଋତ'**, ପଶ୍ଚିମ ଓ ଉତ୍ତରର ମଧ୍ୟବର୍ତ୍ତୀକୁ **'ବାୟବ୍ୟ'** ଏବଂ ଉତ୍ତର-ପୂର୍ବର ମଧ୍ୟବର୍ତ୍ତୀକୁ **'ଐଶାନ୍ୟ'** ଦିଗ କୁହାଯାଏ ।

ଇଚ୍ଛାଦ୍ୱେଷପ୍ରୟତ୍ନସୁଖଦୁଃଖଜ୍ଞାନାନ୍ୟାତ୍ମନୋ ଲିଙ୍ଗମିତି । (ନ୍ୟାୟ. ୧:୧:୧୦)

ଯାହାର **(ଇଚ୍ଛା)** ରାଗ, **(ଦ୍ୱେଷ)** ବୈର, **(ପ୍ରୟତ୍ନ)** ପୁରୁଷାର୍ଥ, **(ସୁଖଦୁଃଖ)** ସୁଖ, ଦୁଃଖ ଓ **(ଜ୍ଞାନ)** ଜାଣିବା – ଏ ଛଅଟି ଲକ୍ଷଣ ଅଛି, ତାକୁ ଜୀବାତ୍ମା କହନ୍ତି । ବୈଶେଷିକ ଦର୍ଶନରେ ଆହୁରି ମଧ୍ୟ କୁହାଯାଇଛି –

ପ୍ରାଣାଽପାନନିମେଷୋନ୍ମେଷଜୀବନମନୋଗତୀନ୍ଦ୍ରିୟାନ୍ତରବିକାରାଃ ସୁଖଦୁଃଖେଚ୍ଛାଦ୍ୱେଷ-ପ୍ରୟତ୍ନାଶ୍ଚାତ୍ମନୋ ଲିଙ୍ଗାନି । (ବୈଶେ. ୩:୨:୪)

(ପ୍ରାଣ) ଭିତରୁ ବାୟୁ ବାହାରକୁ ବାହାର କରିବା, **(ଅପାନ)** ବାହାରୁ ବାୟୁ ଭିତରକୁ ନେବା, **(ନିମେଷ)** ଅଖିର ପଲକ ପକାଇବା, **(ଉନ୍ମେଷ)** ଆଖି ଖୋଲିବା, **(ଜୀବନ)** ପ୍ରାଣ ଧାରଣ କରିବା, **(ମନଃ)** ମନନ, ବିଚାର ବା ଜ୍ଞାନ, **(ଗତି)** ଇଚ୍ଛା ଅନୁସାରେ ଗମନ କରିବା, **(ଇନ୍ଦ୍ରିୟ)** ଇନ୍ଦ୍ରିୟଗୁଡ଼ିକୁ ବିଷୟରେ ଚାଳିତ କରିବା, ସେମାନଙ୍କ ଦ୍ୱାରା ବିଷୟଗୁଡ଼ିକୁ ଗ୍ରହଣ କରିବା, **(ଆନ୍ତରବିକାର)** କ୍ଷୁଧା, ତୃଷା, ଜ୍ୱର, ପୀଡ଼ା ଆଦି ବିକାର ହେବା, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ ଓ ପ୍ରଯତ୍ନ – ଏସବୁ **ଆତ୍ମାର ଲିଙ୍ଗ** ଅର୍ଥାତ୍ କର୍ମ ଓ ଗୁଣ ।

ଯୁଗପଜ୍ଜ୍ଞାନାନୁତ୍ପତ୍ତିର୍ମନସୋ ଲିଙ୍ଗମ୍ । (ନ୍ୟାୟ. ୧:୧:୧୬)

ଯାହାଦ୍ୱାରା ଏକ ସମୟରେ ଦୁଇଟି ପଦାର୍ଥର ଗ୍ରହଣ, ଦୁଇଟି ପଦାର୍ଥ ବିଷୟରେ ଜ୍ଞାନ ହୁଏ ନାହିଁ ତାହାକୁ **'ମନ'** କହନ୍ତି ।

ଦ୍ରବ୍ୟର ସ୍ୱରୂପ ଓ ଲକ୍ଷଣ ସମ୍ପର୍କରେ ଏସବୁ କୁହାଗଲା । ବର୍ତ୍ତମାନ **'ଗୁଣ'** ବିଷୟରେ କୁହାଯାଉଛି –

ରୂପରସଗନ୍ଧସ୍ପର୍ଶାଃ ସଂଖ୍ୟାଃ ପରିମାଣାନି ପୃଥକ୍ତ୍ୱଂ ସଂଯୋଗବିଭାଗୌ ପରତ୍ୱାଽପରତ୍ୱେ ବୁଦ୍ଧୟଃ ସୁଖଦୁଃଖେ-ଇଚ୍ଛାଦ୍ୱେଷୌ ପ୍ରୟତ୍ନାଶ୍ଚ ଗୁଣାଃ । (ବୈଶେ. ୧:୧:୬)

ରୂପ, ରସ, ଗନ୍ଧ, ସ୍ପର୍ଶ, ସଂଖ୍ୟା, ପରିମାଣ, ପୃଥକତ୍ୱ, ସଂଯୋଗ, ବିଭାଗ, ପରତ୍ୱ, ଅପରତ୍ୱ, ବୁଦ୍ଧି, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ଗୁରୁତ୍ୱ, ଦ୍ରବତ୍ୱ, ସ୍ନେହ, ସଂସ୍କାର, ଧର୍ମ, ଅଧର୍ମ ଓ ଶବ୍ଦ –ଏ ୨୪ଟିକୁ ଗୁଣ କହନ୍ତି ।

ଗୁଣର ପରିଭାଷା ହେଲା –

ଦ୍ରବ୍ୟାଶ୍ରୟ୍ୟଗୁଣବାନ୍ ସଂଯୋଗବିଭାଗେଷ୍ୱକାରଣମନପେକ୍ଷ ଇତି ଗୁଣଲକ୍ଷଣମ୍ । (ବୈଶେ. ୧:୧:୧୬)

ଯାହା ଦ୍ରବ୍ୟର ଆଶ୍ରୟରେ ରହେ, ଅନ୍ୟ ଗୁଣକୁ ଧାରଣ କରେ ନାହିଁ, ସଂଯୋଗ ଓ ବିଭାଗରେ କାରଣ ହୋଇନଥାଏ, ଅନପେକ୍ଷ ଅର୍ଥାତ୍ ଗୋଟିଏ ଅନ୍ୟଟିର ଅପେକ୍ଷା ରଖେ ନାହିଁ, ତାହାକୁ **'ଗୁଣ'** କୁହାଯାଏ ।

ଶ୍ରୋତ୍ରୋପଲବ୍ଧିର୍ବୁଦ୍ଧିନିର୍ଗ୍ରାହ୍ୟଃ ପ୍ରୟୋଗେଣାଽଭିଜ୍ୱଳିତ ଆକାଶଦେଶଃ ଶବ୍ଦଃ । (ମହାଭାଷ୍ୟ. ୧:୧:୧)

ଯାହାକୁ କର୍ଣ୍ଣରେ ଉପଲବ୍ଧି କରାଯାଏ, ବୁଦ୍ଧି ଦ୍ୱାରା ଗ୍ରହଣ କରାଯାଏ, ଯାହା ପ୍ରୟୋଗ ଦ୍ୱାରା ପ୍ରକଟିତ ହୁଏ ଓ ଆକାଶରେ ଅବସ୍ଥାନ କରେ ତାକୁ **'ଶବ୍ଦ'** କୁହାଯାଏ ।

ଆଖି ଦ୍ୱାରା ଯାହାକୁ ଗ୍ରହଣ କରାଯାଏ ତାହା **'ରୂପ'**; ଜିଭ ଦ୍ୱାରା ମିଠା, ଖଟା ଆଦି ଯେଉଁ ଅନେକ ପ୍ରକାର ଅନୁଭୂତି ହୁଏ ତାହା **'ରସ'**; ନାକ ଦ୍ୱାରା ଯାହା ଗୃହୀତ ହୁଏ ତାହା **'ଗନ୍ଧ'**; ଚର୍ମ ଦ୍ୱାରା ଯାହା ଗ୍ରହଣ ହୁଏ ତାହା **'ସ୍ପର୍ଶ'**; ଏକ-ଦୁଇ ଇତ୍ୟାଦି ଗଣନା ଯାହାଦ୍ୱାରା ହୁଏ ତାହା **'ସଂଖ୍ୟା'**; ଯାହାଦ୍ୱାରା ମାପ ଅର୍ଥାତ୍ ସାନ-ବଡ଼, ଅଳ୍ପ-ବହୁତ ଆଦି ଜଣାଯାଏ ତାହା **'ପରିମାଣ'**; ଗୋଟିଏ ଅନ୍ୟଠାରୁ ଭିନ୍ନ ହେବା ହେଲା **'ପୃଥକତ୍ୱ'**; ଗୋଟିଏ ଅନ୍ୟଟି ସହ ମିଶିବା ହେଉଛି **'ସଂଯୋଗ'**; ମିଶିରହିଥିବା ଅନେକ ବସ୍ତୁକୁ ଖଣ୍ଡ କରିବାର ନାମ

'ବିଭାଗ'; ଏହାଠାରୁ ସେଇଟା ଦୂରରେ ରହିବା ହେଲା **'ପରତ୍ୱ'**; ତାହାଠୁ ଏଇଟି ନିକଟରେ ହେଉଛି **'ଅପରତ୍ୱ'**; ଯାହା ଦ୍ୱାରା ଭଲ-ମନ୍ଦ ଜ୍ଞାନ ହୁଏ ତାହା **'ବୁଦ୍ଧି'**; ଆନନ୍ଦର ନାମ **'ସୁଖ'**; କ୍ଳେଶର ନାମ **'ଦୁଃଖ'**; **'ଇଚ୍ଛା'**ର ଅର୍ଥ ରାଗ; **'ଦ୍ୱେଷ'**ର ଅର୍ଥ ବୈର, ବିରୋଧ; ଅନେକ ପ୍ରକାର ବଳ ଓ ପୁରୁଷାର୍ଥର ନାମ **'ପ୍ରଯତ୍ନ'**; **'ଗୁରୁତ୍ୱ'**ର ଅର୍ଥ ହାଲୁକା, ଭାରୀ; **'ଦ୍ରବତ୍ୱ'** ମାନେ ତରଳିବା; **'ସ୍ନେହ'**ର ଅର୍ଥ ପ୍ରୀତି ଓ ସ୍ନିଗ୍ଧତା; ଅନ୍ୟର ସଂଯୋଗରେ ଯେଉଁ ବାସନା ହୁଏ ତାହା **'ସଂସ୍କାର'**; **'ଧର୍ମ'**ର ଅର୍ଥ ନ୍ୟାୟାଚରଣ ଓ କଠିନତା ଆଦି; **'ଅଧର୍ମ'** ଅର୍ଥାତ୍ ଅନ୍ୟାୟାଚରଣ ଓ ବସ୍ତୁରେ ଥିବା କଠିନତାର ବିରୁଦ୍ଧ ଥିବା କୋମଳତା ଆଦି– ଏ ୨୪ଟି **'ଗୁଣ'** ଅଟେ ।

ଉତ୍କ୍ଷେପଣମବକ୍ଷେପଣମାକୁଞ୍ଚନଂ ପ୍ରସାରଣଂ ଗମନମିତି କର୍ମାଣି । (ବୈଶେ. ୧:୧:୭)

(ଉତ୍କ୍ଷେପଣ) ଉପରକୁ ଫିଙ୍ଗିବା, **(ଅବକ୍ଷେପଣ)** ତଳକୁ ପକାଇବା, **(ଆକୁଞ୍ଚନ)** ସଂକୋଚ କରିବା ବା ଜାକି ଦେବା, **(ପ୍ରସାରଣ)** ବିସ୍ତାର କରିବା, **(ଗମନ)** ସାମାନ୍ୟ ଭାବେ ଗତି କରିବା ଅର୍ଥାତ୍ ଚାଲିବା, ଯିବା-ଆସିବା, ବୁଲିବା ଆଦି– ଏସବୁକୁ **'କର୍ମ'** କୁହାଯାଏ । କର୍ମର ଲକ୍ଷଣ ହେଲା–

ଏକଦ୍ରବ୍ୟମଗୁଣଂ ସଂଯୋଗବିଭାଗେଷ୍ୱନପେକ୍ଷକାରଣମିତି କର୍ମଲକ୍ଷଣମ୍ । (ବୈଶେ. ୧:୧:୧୭)

'ଏକଂ ଦ୍ରବ୍ୟମାଶ୍ରୟ ଆଧାରୋ ଯସ୍ୟ ତଦେକଦ୍ରବ୍ୟମ୍, ନ ବିଦ୍ୟତେ ଗୁଣୋ ଯସ୍ୟ ଯସ୍ମିନ୍ ବା ତଦଗୁଣମ୍, ସଂଯୋଗେଷୁ ବିଭାଗେଷୁ ଚାଽପେକ୍ଷାରହିତଂ କାରଣଂ ତତ୍କର୍ମଲକ୍ଷଣମ୍' । ଅଥବା– **'ଯତ୍ କ୍ରିୟତେ ତତ୍ କର୍ମ, ଲକ୍ଷ୍ୟତେ ୟେନ ତଲ୍ଲକ୍ଷଣମ୍ । କର୍ମଣୋ ଲକ୍ଷଣଂ କର୍ମଲକ୍ଷଣମ୍ ।'** ଏକ ଦ୍ରବ୍ୟରେ ଆଶ୍ରିତ, ଗୁଣରୁ ରହିତ, ସଂଯୋଗ-ବିଭାଗରେ ଅନ୍ୟର ଅପେକ୍ଷା ରହିତ କାରଣକୁ **'କର୍ମ'** କହନ୍ତି ।

ଦ୍ରବ୍ୟଗୁଣକର୍ମଣାଂ ଦ୍ରବ୍ୟଂ କାରଣଂ ସାମାନ୍ୟମ୍ । (ବୈଶେ. ୧:୧:୧୮)

ଯାହା କାର୍ଯ୍ୟ-ଦ୍ରବ୍ୟ, ଗୁଣ ଓ କର୍ମର 'କାରଣ ଦ୍ରବ୍ୟ', ତାହା **'ସାମାନ୍ୟ ଦ୍ରବ୍ୟ'** ଅଟେ ।

ଦ୍ରବ୍ୟାଣାଂ ଦ୍ରବ୍ୟଂ କାର୍ଯ୍ୟଂ ସାମାନ୍ୟମ୍ । (ବୈଶେ. ୧:୧:୨୩)

ଯାହା ଦ୍ରବ୍ୟଗୁଡ଼ିକର କାର୍ଯ୍ୟ-ଦ୍ରବ୍ୟ, କାର୍ଯ୍ୟତ୍ୱ ଦୃଷ୍ଟିରୁ ତାହା ସମସ୍ତ କାର୍ଯ୍ୟରେ **ସାମାନ୍ୟ** ଅଟେ ।

ଦ୍ରବ୍ୟତ୍ୱଂ ଗୁଣତ୍ୱଂ କର୍ମତ୍ୱଂ ଚ ସାମାନ୍ୟାନି ବିଶେଷାଚ୍ଚ । (ବୈଶେ. ୧:୨:୫)

ଦ୍ରବ୍ୟଗୁଡ଼ିକ ମଧ୍ୟରେ ଦ୍ରବ୍ୟତ୍ୱ, ଗୁଣଗୁଡ଼ିକ ମଧ୍ୟରେ ଗୁଣତ୍ୱ ଓ କର୍ମମାନଙ୍କ ମଧ୍ୟରେ କର୍ମତ୍ୱ– ଏସବୁ **'ସାମାନ୍ୟ'** ଓ **'ବିଶେଷ'** ଉଭୟ ଥାଏ । କାରଣ, ଦ୍ରବ୍ୟମାନଙ୍କ ମଧ୍ୟରେ ଦ୍ରବ୍ୟତ୍ୱ ସାମାନ୍ୟ ଅଟେ ଏବଂ ଗୁଣତ୍ୱ ଓ କର୍ମତ୍ୱ ଅପେକ୍ଷା ଦ୍ରବ୍ୟତ୍ୱ ବିଶେଷ ଅଟେ । ଅନ୍ୟ ସବୁ କ୍ଷେତ୍ରରେ ବି ଏହିପରି ବୁଝିବା ଉଚିତ ।

ସାମାନ୍ୟଂ ବିଶେଷ ଇତି ବୁଦ୍ଧ୍ୟପେକ୍ଷମ୍ । (ବୈଶେ. ୧:୨:୩)

'ସାମାନ୍ୟ' ଓ 'ବିଶେଷ'– ଏହା ବୁଦ୍ଧି ବା ଜ୍ଞାନ ଆଧାରରେ ସିଦ୍ଧ ହୋଇଥାଏ । ଯଥା– ମଣିଷମାନଙ୍କ ଭିତରେ 'ମନୁଷ୍ୟତ୍ୱ' ସାମାନ୍ୟ ଅଟେ ଓ ପଶୁତ୍ୱଠାରୁ ମନୁଷ୍ୟତ୍ୱ ବିଶେଷ ଅଟେ । ସେହିପରି ନାରୀତ୍ୱ ଓ ପୁରୁଷତ୍ୱ ବି ଏ ଭିତରେ ବିଶେଷ ଅଟେ । ମଣିଷ ଭିତରେ ବ୍ରାହ୍ମଣତ୍ୱ, କ୍ଷତ୍ରିୟତ୍ୱ, ବୈଶ୍ୟତ୍ୱ ଓ ଶୂଦ୍ରତ୍ୱ ବି ବିଶେଷ ଅଟେ । ବ୍ରାହ୍ମଣମାନଙ୍କଠାରେ ବ୍ରାହ୍ମଣତ୍ୱ ସାମାନ୍ୟ; କିନ୍ତୁ କ୍ଷତ୍ରିୟାଦିଙ୍କଠାରୁ 'ବିଶେଷ' ଅଟେ । ସର୍ବତ୍ର ଏପରି ବୁଝିବା ଉଚିତ ।

ଇହେଦମିତି ଯତଃ କାର୍ଯ୍ୟକାରଣୟୋଃ ସଃ ସମବାୟଃ । (ବୈଶେ. ୭:୨:୨୬)

ଏଥିରେ ଏହା ଆଶ୍ରିତ; ଯଥା– ଦ୍ରବ୍ୟରେ କ୍ରିୟା, ଗୁଣୀରେ ଗୁଣ, ବ୍ୟକ୍ତିରେ ଜାତି, ଅବୟବୀରେ ଅବୟବ; କାରଣରେ କାର୍ଯ୍ୟ, ଏବଂ କ୍ରିୟା ଓ କ୍ରିୟାବାନ୍ ଦ୍ରବ୍ୟ, ଗୁଣ ଓ ଗୁଣୀ, ଜାତି ଓ ବ୍ୟକ୍ତି, କାର୍ଯ୍ୟ ଓ କାରଣ, ଅବୟବ ଓ ଅବୟବୀ– ଏସବୁରେ ଥିବା ନିତ୍ୟ ସମ୍ବନ୍ଧକୁ **'ସମବାୟ ସମ୍ବନ୍ଧ'** କୁହାଯାଏ । ଦୁଇଟି ଭିନ୍ନ ଦ୍ରବ୍ୟ ମଧ୍ୟରେ ଯେଉଁ ସମ୍ବନ୍ଧ ହୁଏ, ତାହା ସଂଯୋଗ ସମ୍ବନ୍ଧ ବା ଅନିତ୍ୟ ସମ୍ବନ୍ଧ ଅଟେ ।

ଦ୍ରବ୍ୟଗୁଣୟୋଃ ସଜାତୀୟାରମ୍ଭକତ୍ୱଂ ସାଧର୍ମ୍ମ୍ୟମ୍ । (ବୈଶେ. ୧:୧:୯)

ଦ୍ରବ୍ୟ ଓ ଗୁଣର ସମଜାତୀୟ କାର୍ଯ୍ୟର ଆରମ୍ଭକୁ **'ସାଧର୍ମ୍ମ୍ୟ'** କହନ୍ତି । ଯଥା– ପୃଥିବୀରେ ଜଡ଼ତ୍ୱ ଧର୍ମ ଓ ଘଟାଦି କାର୍ଯ୍ୟ-ଉତ୍ପାଦକତ୍ୱ ସ୍ୱସଦୃଶ ଧର୍ମ ଅଛି । ସେହିପରି ଜଳରେ ବି ଜଡ଼ତ୍ୱ ଓ ବରଫ ଆଦି ସ୍ୱସଦୃଶ କାର୍ଯ୍ୟର ଆରମ୍ଭ ଅଛି । ଏପରି ଭାବେ ପୃଥିବୀ ସହ ଜଳର ଓ ଜଳ ସହ ପୃଥିବୀର ସାଦୃଶ୍ୟ ଧର୍ମ, ସାଧର୍ମ୍ମ୍ୟ ଅଛି । ଉପରୋକ୍ତ ସୂତ୍ରରୁ ନିଷ୍କର୍ଷ ବାହାରେ — **'ଦ୍ରବ୍ୟଗୁଣୟୋର୍ବିଜାତୀୟାରମ୍ଭକତ୍ୱଂ ବୈଧର୍ମ୍ମ୍ୟମ୍'**— ଦୁଇଟି ଦ୍ରବ୍ୟ ଓ ଗୁଣ ମଧ୍ୟରେ ବିରୁଦ୍ଧ, ଅସମାନ ଧର୍ମ ଓ କାର୍ଯ୍ୟର ଆରମ୍ଭକୁ **'ବୈଧର୍ମ୍ମ୍ୟ'** କହନ୍ତି । ଯଥା–ପୃଥିବୀର କଠିନତ୍ୱ, ଶୁଷ୍କତ୍ୱ ଓ ଗନ୍ଧବତ୍ତ୍ୱ ଧର୍ମ ଜଳର ବିରୁଦ୍ଧ ଧର୍ମ ଏବଂ ଜଳର ଦ୍ରବତ୍ୱ, କୋମଳତା ଓ ରସଗୁଣଯୁକ୍ତତା ପୃଥିବୀ ତତ୍ତ୍ୱର ବିରୁଦ୍ଧ, ଅସମାନ ଧର୍ମ ।

କାରଣଭାବାତ୍ କାର୍ଯ୍ୟଭାବଃ । (ବୈଶେ. ୪:୧: ୩)

କାରଣ ଥିଲେ ହିଁ କାର୍ଯ୍ୟ ହୁଏ ।

କାରଣାଽଭାବାତ୍ କାର୍ଯ୍ୟାଽଭାବଃ । (ବୈଶେ. ୧:୨:୧)

କାରଣ ନଥିଲେ, କାର୍ଯ୍ୟ କଦାପି ହୁଏ ନାହିଁ ।

ନ ତୁ କାର୍ଯ୍ୟାଭାବାତ୍ କାରଣାଭାବଃ । (ବୈଶେ. ୧:୨:୨)

କିନ୍ତୁ କାର୍ଯ୍ୟର ଅଭାବରେ, କାରଣର ଅଭାବ ହୋଇଯାଏ ନାହିଁ ।

କାରଣଗୁଣପୂର୍ବକଃ କାର୍ଯ୍ୟଗୁଣୋ ଦୃଷ୍ଟଃ । (ବୈଶେ. ୨:୧:୨୪)

କାରଣରେ ଯେପରି ଗୁଣ ଥାଏ, କାର୍ଯ୍ୟରେ ବି ସେପରି ହିଁ ଗୁଣ ରହେ ।

'ପରିମାଣ' ଦୁଇ ପ୍ରକାରର–

ଅଣୁମହଦିତି ତସ୍ମିନ୍ ବିଶେଷଭାବାଦ୍ ବିଶେଷାଭାବାଚ୍ଚ । (ବୈଶେ. ୭:୧:୧୧)

(ଅଣୁ) କ୍ଷୁଦ୍ର ଓ **(ମହତ୍)** ବୃହତ୍, ସାନ ଓ ବଡ଼ ଏ ଦୁଇଟି ସାପେକ୍ଷ ଅଟନ୍ତି । ଯଥା– 'ତ୍ରସରେଣୁ' ଲିକ୍ଷାଠାରୁ ଛୋଟ ଓ 'ଦ୍ୱ୍ୟଣୁକ' ଠାରୁ ବଡ଼, ପାହାଡ଼ ପୃଥିବୀଠାରୁ ସାନ ଓ ବୃକ୍ଷଠାରୁ ବଡ଼ ।

ସଦିତି ୟତୋ ଦ୍ରବ୍ୟଗୁଣକର୍ମସୁ ସା ସତ୍ତା । (ବୈଶେ. ୧:୨:୭)

ଦ୍ରବ୍ୟ, ଗୁଣ ଓ କର୍ମରେ ଯେଉଁ 'ସତ୍' ଶବ୍ଦ ଅନ୍ୱିତ ଥାଏ; ଯଥା – **(ସଦ୍ ଦ୍ରବ୍ୟମ୍, ସଦ୍ ଗୁଣଃ, ସତ୍-କର୍ମ)**ସତ୍ ଦ୍ରବ୍ୟ, ସତ୍ ଗୁଣ, ସତ୍ କର୍ମ ଅର୍ଥାତ୍ ବର୍ତ୍ତମାନ କାଳବାଚୀ ଶବ୍ଦର ଯେଉଁ ଅନ୍ୱୟ ଏସବୁ ସହ ରହିଥାଏ, ତାହା ସତ୍ତା ।

ଭାବୋଽନୁବୃତ୍ତେରେବ ହେତୁତ୍ୱାତ୍ ସାମାନ୍ୟମେବ । (ବୈଶେ. ୧:୨:୪)

ଯାହା ସମସ୍ତଙ୍କ ସହ ଅନୁବର୍ତ୍ତମାନ ହୋଇଥିବାରୁ ସତ୍ତା ରୂପକ ଭାବ ଅଟେ, ତାହାକୁ **'ମହାସାମାନ୍ୟ'**

କହନ୍ତି । ଏସବୁ ଭାବ ଦ୍ରବ୍ୟ ବିଷୟକ କଥନ ହେଲା । ବର୍ତ୍ତମାନ **ଅଭାବ** ବିଷୟରେ ଚିନ୍ତନ କରିବା । **ଅଭାବ** ପାଞ୍ଚ ପ୍ରକାରର –

କ୍ରିୟାଗୁଣବ୍ୟପଦେଶାଭାବାତ୍ ପ୍ରାଗସତ୍ । (ବୈଶେ. ୯:୧:୧)

କ୍ରିୟା ଓ ଗୁଣର ବିଶେଷ ନିମିତ୍ତର ଅଭାବରେ କାର୍ଯ୍ୟଦ୍ରବ୍ୟର ଉତ୍ପତ୍ତି ପୂର୍ବରୁ ତା' ସତ୍ତା **(ଅସତ୍)** ନ ଥିଲା । ଏହି ଅଭାବକୁ **'ପ୍ରାଗଭାବ'** କୁହାଯାଏ । ଯଥା– ଘଟ ଓ ବସ୍ତ୍ର ଆଦି ତିଆରି ହେବା ପୂର୍ବରୁ ନ ଥିଲା । ଦ୍ୱିତୀୟଟି –

ସଦସତ୍ । (ବୈଶେ. ୯:୧:୨)

ଯାହା ଉତ୍ପନ୍ନ ହୋଇ ପରେ ପୁଣି ନଷ୍ଟ ହୋଇଯାଏ, ନଷ୍ଟ ହେବା ପରେ ସେ ବସ୍ତୁର ସେହି ଅଭାବକୁ **'ପ୍ରଧ୍ୱଂସାଭାବ'** କୁହାଯାଏ । ଯଥା – ମାଟି ହାଣ୍ଡିଟିଏ ତିଆରି ହୋଇଥିଲା, ପରେ କୌଣସି କାରଣରୁ ଭାଙ୍ଗିଗଲା । ଭାଙ୍ଗିଯିବା ପରେ ସେ ହାଣ୍ଡିର ଅସ୍ତିତ୍ୱ ନାହିଁ । ତୃତୀୟଟି –

ସଚ୍ଚାସତ୍ । (ବୈଶେ. ୯:୧:୪)

ଯାହା ଅଛି ବି, ନାହିଁ ମଧ୍ୟ । ଅର୍ଥାତ୍ ଯାହା ଗୋଟିକରେ ଅଛି; କିନ୍ତୁ ଅନ୍ୟଟିରେ ନାହିଁ, ଦୁଇଟି ବସ୍ତୁ ମଧ୍ୟରେ ଥିବା ଏଭଳି ପାରସ୍ପରିକ ଅଭାବକୁ **'ଅନ୍ୟୋଽନ୍ୟାଭାବ'** କହନ୍ତି । ଯଥା — **'ଅଗୌରଶ୍ୱୋଽନଶ୍ୱୋ ଗୌଃ'**— ଘୋଡ଼ାଟି ଗାଈ ନୁହେଁ କି ଗାଈଟି ଘୋଡ଼ା ନୁହେଁ । ଘୋଡ଼ାରେ ଗାଈର ଅଭାବ ଓ ଗାଈରେ ଅଶ୍ୱ ବା ଘୋଡ଼ାର ଅଭାବ ଅଛି ଏବଂ ଗାଈରେ ଗାଈର ଓ ଘୋଡ଼ାରେ ଘୋଡ଼ାର ଭାବ ଅଛି । ଚତୁର୍ଥଟି –

ଯଚ୍ଚାନ୍ୟଦସଦତସ୍ତଦସତ୍ । (ବୈଶେ. ୯:୧:୫)

ଯାହା ପୂର୍ବୋକ୍ତ ତିନୋଟି ଅଭାବରୁ ଅଲଗା, ତାକୁ **'ଅତ୍ୟନ୍ତାଭାବ'** କୁହାଯାଏ । 'ଅତ୍ୟନ୍ତାଭାବ'ର ଅର୍ଥ ଯାହା ଅତୀତରେ କେବେ ହୋଇନାହିଁ, ବର୍ତ୍ତମାନ ନାହିଁ କି ଭବିଷ୍ୟତରେ କେବେ ବି ହେବାର ସମ୍ଭାବନା ନାହିଁ । ଯଥା – **'ନରଶୃଙ୍ଗ'** ଅର୍ଥାତ୍ ମଣିଷର ଶିଙ୍ଗ, **'ଖପୁଷ୍ପ'** ଅର୍ଥାତ୍ ଆକାଶ-କୁସୁମ ଓ **'ବନ୍ଧ୍ୟାପୁତ୍ର'** ଅର୍ଥାତ୍ ବନ୍ଧ୍ୟା ସ୍ତ୍ରୀର ପୁଅ । ପଞ୍ଚମଟି –

ନାସ୍ତି ଘଟୋ ଗେହ ଇତି ସତୋ ଘଟସ୍ୟ ଗେହସଂସର୍ଗପ୍ରତିଷେଧଃ । (ବୈଶେ. ୯:୧:୧୦)

କୌଣସି ବସ୍ତୁ ଗୋଟିଏ ସ୍ଥାନରେ ନ ଥାଇ ଅନ୍ୟ ଏକ ସ୍ଥାନରେ ବିଦ୍ୟମାନ ଥିଲେ, ପ୍ରଥମ ସ୍ଥାନ ସହ ଉକ୍ତ ପଦାର୍ଥର ସଂସର୍ଗର ଅଭାବକୁ **'ସଂସର୍ଗାଭାବ'** କହନ୍ତି । ଯଥା– ଏ ଘରେ ମାଠିଆ ନାହିଁ; କିନ୍ତୁ ଅନ୍ୟ ସ୍ଥାନରେ ଅଛି । ଏ କ୍ଷେତ୍ରରେ ଏହି ଘର ସହ ମାଠିଆର ସମ୍ବନ୍ଧ ନାହିଁ । ଏହା **'ସଂସର୍ଗାଭାବ'** । ଏ ସବୁ ହେଲା ପାଞ୍ଚ ପ୍ରକାରର **'ଅଭାବ'** ।

ଇନ୍ଦ୍ରିୟଦୋଷାତ୍ ସଂସ୍କାରଦୋଷାଚ୍ଚାବିଦ୍ୟା । (ବୈଶେ. ୯:୨:୧୦)

ଇନ୍ଦ୍ରିୟ-ଦୋଷରୁ ଓ ସଂସ୍କାର-ଦୋଷରୁ **'ଅବିଦ୍ୟା'** ଉତ୍ପନ୍ନ ହୁଏ ।

ତଦ୍ ଦୁଷ୍ଟଂ ଜ୍ଞାନମ୍ । (ବୈଶେ. ୯:୨:୧୧)

ଦୁଷ୍ଟ ଜ୍ଞାନ ବା ବିପରୀତ ଜ୍ଞାନକୁ **'ଅବିଦ୍ୟା'** କହନ୍ତି ।

ଅଦୁଷ୍ଟଂ ବିଦ୍ୟା । (ବୈଶେ. ୯:୨:୧୨)

ଦୋଷରହିତ ବା ଯଥାର୍ଥ ଜ୍ଞାନକୁ **'ବିଦ୍ୟା'** କୁହାଯାଏ ।

ପୃଥିବ୍ୟାଦିରୂପରସଗନ୍ଧସ୍ପର୍ଶା ଦ୍ରବ୍ୟାନିତ୍ୟତ୍ୱାଦନିତ୍ୟାଶ୍ଚ ।

ଏତେନ ନିତ୍ୟେଷୁ ନିତ୍ୟତ୍ୱମୁକ୍ତମ୍ । (ବୈଶେ. ୭:୧:୨,୩)

କାର୍ଯ୍ୟରୂପ ପୃଥିବୀ ଆଦି ପଦାର୍ଥ ଓ ସେସବୁରେ ଥିବା ରୂପ, ରସ, ଗନ୍ଧ, ସ୍ପର୍ଶ ଗୁଣ ଅନିତ୍ୟ ଅଟନ୍ତି; କାହିଁକି ନା କାର୍ଯ୍ୟ ଦ୍ରବ୍ୟ ଅନିତ୍ୟ ହୋଇଥିବାରୁ ସେସବୁର ଗୁଣଗୁଡ଼ିକ ବି ଅନିତ୍ୟ । ଏଥିରୁ ଏହି ନିଷ୍କର୍ଷ ବାହାରେ ଯେ ଏ ସବୁର କାରଣରୂପକ ପୃଥିବୀ ଆଦି ନିତ୍ୟ ଦ୍ରବ୍ୟରେ ଥିବା ଗନ୍ଧାଦି ଗୁଣ 'ନିତ୍ୟ' ଅଟନ୍ତି ।

ସଦକାରଣବନ୍ନିତ୍ୟମ୍ । (ବୈଶେ. ୪:୧:୧)

ଯାହା ବିଦ୍ୟମାନ ଅଛି, କିନ୍ତୁ ଯାହାର କୌଣସି କାରଣ ନାହିଁ ତାହା **'ନିତ୍ୟ'** ଅଟେ । ଏଥିରୁ ନିଷ୍କର୍ଷ ବାହାରେ — **ସତ୍କାରଣବତ୍-ଅନିତ୍ୟମ୍** — କାରଣବିଶିଷ୍ଟ ଯେଉଁ କାର୍ଯ୍ୟରୂପକ ଦ୍ରବ୍ୟ, ଗୁଣ ଅଛି, ସେସବୁକୁ **'ଅନିତ୍ୟ'** କହନ୍ତି ।

ଅସ୍ୟେଦଂ କାର୍ଯ୍ୟଂ କାରଣଂ ସଂୟୋଗି-ବିରୋଧି-ସମବାୟି ଚେତି ଲୈଙ୍ଗିକମ୍ ।

(ବୈଶେ. ୯:୨:୧)

ଅମୁକ ବସ୍ତୁ ଅମୁକ ବସ୍ତୁର କାର୍ଯ୍ୟ ଅଟେ ବା କାରଣ ଅଟେ– ଏ ଜ୍ଞାନ ସମବାୟୀ, ସଂଯୋଗୀ, ଏକାର୍ଥସମବାୟୀ ଓ ବିରୋଧୀ ଏହି ଚାରି ପ୍ରକାର **ଲୈଙ୍ଗିକ** ଅର୍ଥାତ୍ ଲିଙ୍ଗ-ଲିଙ୍ଗୀ ସମ୍ବନ୍ଧରୁ ଉତ୍ପନ୍ନ ହୋଇଥାଏ । **ସମବାୟୀ** — ଗୋଟିଏ ପଦାର୍ଥ ଅନ୍ୟ ବସ୍ତୁରେ ଅନ୍ତର୍ନିହିତ ଥିଲେ, ଗୋଟିକୁ ଜାଣିଲେ ଅନ୍ୟଟିକୁ ଜାଣି ହୁଏ । ଯଥା– ପରିମାଣ ଦ୍ୱାରା ଆକାଶକୁ । **ସଂଯୋଗୀ** — ଦୁଇଟି ଭିନ୍ନ ବସ୍ତୁ ସର୍ବଦା ଏକତ୍ର ଥିବା ହେତୁ ଗୋଟିକ ଦ୍ୱାରା ଅନ୍ୟଟିକୁ ଜାଣି ହୁଏ । ଯଥା– ଅନ୍ଧାରରେ ଶରୀରର ଚର୍ମକୁ ସ୍ପର୍ଶ କରି ତା' ସହ ବିଦ୍ୟମାନ ଥିବା ଶରୀରକୁ ଜାଣିହୁଏ । **ଏକାର୍ଥସମବାୟୀ** — ଯେତେବେଳେ କୌଣସି ଦ୍ରବ୍ୟରେ ଦୁଇଟି ଗୁଣ ଏକତ୍ର ନିହିତ ଥାଏ, ସେତେବେଳେ ଗୋଟିଏ ଗୁଣ ଅନ୍ୟ ଗୁଣର ଜ୍ଞାପକ ଲିଙ୍ଗ ହୋଇଥାଏ । ଯଥା– ତୁଳାର ରୂପ ଦେଖିବା ମାତ୍ରେ ତା'ର କୋମଳ ସ୍ପର୍ଶ ସ୍ୱତଃ ମନକୁ ଆସିଥାଏ । **ବିରୋଧୀ** — ଦୁଇଟି ବସ୍ତୁ ମଧ୍ୟରେ ପାରସ୍ପରିକ ବିରୋଧ ଥିଲେ ଗୋଟିକରୁ ଅନ୍ୟଟିର ଜ୍ଞାନ ହୁଏ । ଯଥା– କଳାହାଣ୍ଡିଆ ମେଘ ଘୋଟି ଆସି ମଧ୍ୟ ବର୍ଷା ନ ହେଲେ ଏହାର ବିରୋଧୀ ପବନ ମେଘକୁ ଉଡ଼ାଇ ନେଇଛି ବୋଲି ଜାଣିହୁଏ ।

ବ୍ୟାପ୍ତି —

ନିୟତଧର୍ମସାହିତ୍ୟମୁଭୟୋରେକତରସ୍ୟ ବା ବ୍ୟାପ୍ତିଃ ।

ନିଜଶକ୍ତ୍ୟୁଦ୍ଭବମିତ୍ୟାଚାର୍ଯ୍ୟାଃ ।

ଆଧେୟଶକ୍ତିୟୋଗ ଇତି ପଞ୍ଚଶିଖଃ । (ସାଂଖ୍ୟ. ୫:୨୯,୩୧,୩୨)

ସାଧ୍ୟ ଓ ସାଧନ ଅର୍ଥାତ୍ ଯାହାକୁ ସିଦ୍ଧ କରିବାକୁ ହେବ ଓ ଯାହାଦ୍ୱାରା ସିଦ୍ଧ କରାଯିବ, ସେ ଉଭୟର ଧର୍ମ ମଧ୍ୟରେ ଥିବା ପାରସ୍ପରିକ ନିୟତ ସାହଚର୍ଯ୍ୟକୁ କିମ୍ବା କେବଳ ସାଧନ ଧର୍ମର ସାଧ୍ୟ ସହ ଥିବା ନିଶ୍ଚିତ ସାହଚର୍ଯ୍ୟକୁ **'ବ୍ୟାପ୍ତି'** କହନ୍ତି । ଯଥା– ଧୂଆଁ ଓ ଅଗ୍ନିର ସହଚରତ୍ୱ । ନିଆଁ ନଥିଲେ ଧୂଆଁ ବାହାରେ ନାହିଁ । ଧୂଆଁ ଓ ଅଗ୍ନି ମଧ୍ୟରେ ଥିବା ଏହି ନିୟତ ସାହଚର୍ଯ୍ୟ ବା ସଦା ସାଥିରେ ରହିବା ଧର୍ମ ହେଉଛି 'ବ୍ୟାପ୍ତି' । ଏଠାରେ ଧୂଆଁ ସାଧନ ଓ ନିଆଁ ସାଧ୍ୟ । କିନ୍ତୁ ଧୂଆଁ ନଥିଲେ ବି ନିଆଁ ଥାଇପାରେ । ଯଥା– ହିଟର ଆଦିରେ ।। ୨୯ ।।

ପଦାର୍ଥ ଅଥବା ଧର୍ମ ନିଜର ସ୍ୱାଭାବିକ ଶକ୍ତି ଦ୍ୱାରା ଅଭିବ୍ୟକ୍ତ ହେବା ସେହି ବସ୍ତୁ ବା ଧର୍ମର ସାହଚର୍ଯ୍ୟ ଅଟେ । ଯଥା – ନିଆଁ ଜଳିଲେ ଧୂଆଁ ଉଠିବା ପରେ ଦୂରକୁ ଯାଏ ଓ ସେଠାରେ ବିନା ଅଗ୍ନିର ସହଯୋଗରେ ବି ବିଦ୍ୟମାନ ଥାଏ । ଏ କ୍ଷେତ୍ରରେ ଅଗ୍ନିର ଛେଦନ, ଭେଦନ, ସାମର୍ଥ୍ୟ ଦ୍ୱାରା ଜଳାଦି ପଦାର୍ଥ ଧୂଆଁ ରୂପେ ପ୍ରକଟିତ ହୋଇଥାଆନ୍ତି । ଏହାକୁ ବ୍ୟାପ୍ତି କୁହାଯାଏ ॥୩୧ ॥

ଆଧାର ଓ ଆଧେୟ ମଧ୍ୟରେ ଥିବା ସମ୍ବନ୍ଧ ବା ବ୍ୟାପକ ଓ ବ୍ୟାପ୍ୟ ମଧ୍ୟରେ ଥିବା ସମ୍ବନ୍ଧକୁ **ବ୍ୟାପ୍ତି** କୁହାଯାଏ । ଯଥା –ପ୍ରକୃତିର ବ୍ୟାପକତା ଓ ବୁଦ୍ଧିର ବ୍ୟାପ୍ୟତା ଏ ଉଭୟ ଧର୍ମ ମଧ୍ୟରେ ଥିବା ସମ୍ବନ୍ଧର ନାମ ବ୍ୟାପ୍ତି ॥୩୨ ॥

ଏ ସବୁ ଶାସ୍ତ୍ରୀୟ ପ୍ରମାଣ ଦ୍ୱାରା ପରୀକ୍ଷା କରି ପଢ଼ିବେ ଓ ପଢ଼ାଇବେ । ନଚେତ୍ ବିଦ୍ୟାର୍ଥୀମାନଙ୍କୁ କେବେ ବି ସତ୍ୟ ଜ୍ଞାନ ହୋଇପାରିବ ନାହିଁ । ପୁସ୍ତକ ପଢ଼ାଇବା ପୂର୍ବରୁ ପ୍ରଥମେ ସେସବୁକୁ ପୂର୍ବୋକ୍ତ ପ୍ରକାରେ ପରୀକ୍ଷା କରି ଯେଉଁ ଗ୍ରନ୍ଥ ସତ୍ୟ ପ୍ରମାଣିତ ହେବ, ସେ ଗ୍ରନ୍ଥ ପଢ଼ାଇବେ । ଯେଉଁ-ଯେଉଁ ଗ୍ରନ୍ଥ ଏ ସବୁ ପରୀକ୍ଷାରେ ଅସତ୍ୟ ଜଣାଯିବ, ସେସବୁ ପୁସ୍ତକ ପଢ଼ିବେ ନାହିଁ କି ପଢ଼ାଇବେ ନାହିଁ । କାରଣ –

ଲକ୍ଷଣପ୍ରମାଣାଭ୍ୟାଂ ବସ୍ତୁସିଦ୍ଧିଃ । (ନ୍ୟାୟ. ବାତ୍ସ୍ୟା. ୩:୧: ୨୮)

ଲକ୍ଷଣ — '**ଗନ୍ଧବତୀ ପୃଥିବୀ**'— ପୃଥିବୀ ତାହା, ଯାହା ଗନ୍ଧଗୁଣ ବିଶିଷ୍ଟ । ଏପରି ଲକ୍ଷଣ ଓ ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ସତ୍ୟାସତ୍ୟ ଓ ପଦାର୍ଥର ନିର୍ଣ୍ଣୟ ହୋଇଥାଏ । ଲକ୍ଷଣ ଓ ପ୍ରମାଣ ବିନା କିଛି ବି ନିର୍ଣ୍ଣୟ ହୋଇପାରେ ନାହିଁ ।

ଅଥ ପଠନପାଠନବିଧିଃ

ବର୍ତ୍ତମାନ ପଠନ-ପାଠନ ପ୍ରଣାଳୀ ବିଷୟରେ ଲେଖାଯାଉଛି । ପ୍ରଥମେ ସୂତ୍ର ଆକାରରେ ଲିଖିତ ଥିବା ପାଣିନି ମୁନି କୃତ '**ଶିକ୍ଷା**' ବିଷୟରେ ଶିକ୍ଷା ଦେବେ । ତା'ର ରୀତି ହେଲା ଯେ ଅମୁକ ଅକ୍ଷରର ଉଚ୍ଚାରଣ ସ୍ଥାନ ଏଇଟି, ପ୍ରଯତ୍ନ ଏପରି ଓ ଏହା କରଣ । ଯଥା – 'ପ' ବର୍ଣ୍ଣର ଉଚ୍ଚାରଣ ସ୍ଥାନ ହେଲା ଓଷ୍ଠ, ସ୍ପୃଷ୍ଟ ପ୍ରଯତ୍ନ ଏବଂ ଉଚ୍ଚାରଣ ନିମନ୍ତେ ପ୍ରାଣ ଓ ଜିଭର କ୍ରିୟା କରିବାକୁ 'କରଣ' କହନ୍ତି । ଏହିପରି ସବୁ ଅକ୍ଷରର ଯଥାଯଥ ଉଚ୍ଚାରଣ ମାତା, ପିତା ଓ ଆଚାର୍ଯ୍ୟ ଶିଖାଇବେ ।

ତା'ପରେ ବ୍ୟାକରଣ ଶିକ୍ଷା ଦେବେ । ତା'ର ପଦ୍ଧତି ହେଲା – ପ୍ରଥମେ ଅଷ୍ଟାଧ୍ୟାୟୀର ସୂତ୍ରପାଠ । ଯଥା – '**ବୃଦ୍ଧିରାଦୈଚ୍**' (ଅଷ୍ଟା. ୧:୧:୧) । ତା' ପରେ ପଦଚ୍ଛେଦ, ଯଥା – '**ବୃଦ୍ଧିଃ, ଆତ୍, ଐଚ୍**' । ତତ୍ପଶ୍ଚାତ୍ ସମାସ, ଯଥା – '**ଆଚ୍ଚ ଐଚ୍ଚ ଆଦୈଚ୍**' । ତା' ପରେ ଅର୍ଥ, ଯଥା – '**ଆଦୈଚାଂ ବୃଦ୍ଧିସଂଜ୍ଞା କ୍ରିୟତେ**'— ଆ,ଐ, ଔ-ଏ ତିନୋଟିକୁ ବୃଦ୍ଧି ବୋଲି କୁହାଯାଏ । '**ତଃ ପରୋ ଯସ୍ମାତ୍ ସ ତପରଃ, ତାଦପି ପରସ୍ତପରଃ**'— ଯାହାପରେ 'ତ'କାର ଥାଏ ତାକୁ 'ତପର' କୁହାଯାଏ ଓ 'ତ'କାର ପରେ ଯିଏ ଥାଏ ତାକୁ ବି 'ତପର' କୁହାଯାଏ । ଏହି ନିୟମ ଅନୁସାରେ ଉପରୋକ୍ତ ଉଦାହରଣରେ 'ଆ'କାର ପରେ 'ତ୍' ଥିବାରୁ ଏବଂ 'ତ୍'କାର ପରେ 'ଐଚ୍' ଥିବାରୁ 'ଆ' ଓ 'ଐଚ୍' ଉଭୟ 'ତପର' ଅଟନ୍ତି । 'ତପର'ର ପ୍ରୟୋଜନ ଏହି ଯେ ହ୍ରସ୍ୱ ଓ ପ୍ଳୁତର ବୃଦ୍ଧି ସଂଜ୍ଞା ହୁଏ ନାହିଁ ।

ଉଦାହରଣ – '**ଭାଗଃ**' । ଏଠାରେ '**ଭଜ୍**' ଧାତୁ ପରେ '**ଘଞ୍**' ପ୍ରତ୍ୟୟ ଥିବାରୁ '**ଘ୍**' ଓ '**ଞ୍**' ର ଇତ୍

ସଂଜ୍ଞା ହେବା ଦ୍ୱାରା ଲୋପ ହୋଇଗଲା । ତା'ପରେ **'ଭଜ୍ ଅ'** ବଳକା ରହିଲା । ଏଠାରେ 'ଜ୍'କାର ପୂର୍ବରୁ ଥିବା 'ଭ'(ଭ୍+ଅ)କାରସ୍ଥ 'ଅ' ର ବୃଦ୍ଧି ହୋଇ 'ଆ' ହୋଇଗଲା । ଏଣୁ **'ଭଜ୍'** ଟି **'ଭାଜ୍'** ହେଲା । ତା'ପରେ ପୁଣି **'ଜ୍'** ସ୍ଥାନରେ **'ଗ୍'** ହୋଇ 'ଅ'କାର ସହ ମିଶି **'ଭାଗଃ'** ଶବ୍ଦ ସିଦ୍ଧ ହେଲା ।

'ଅଧ୍ୟାୟଃ'— ଏଠାରେ ଅଧିପୂର୍ବକ **'ଇଙ୍'** ଧାତୁର ପରେ **'ଘଞ୍'** ପ୍ରତ୍ୟୟ ଥିବାରୁ **'ଇଙ୍'**ର ହ୍ରସ୍ୱ 'ଇ' ସ୍ଥାନରେ ବୃଦ୍ଧି ହୋଇ 'ଐ' ହେଲା । ପରେ 'ଐ' ଟି 'ଆୟ୍' ହୋଇ ଅଧି ସହ ମିଶି **'ଅଧ୍ୟାୟଃ'** ଶବ୍ଦ ନିର୍ମିତ ହେଲା ।

'ନାୟକଃ'— ଏଠରେ **'ନୀଞ୍'** ଧାତୁ ପରେ **'ଣ୍ୱୁଲ୍'** ପ୍ରତ୍ୟୟ ଥିବାରୁ 'ଣ୍ୱୁଲ୍' ର 'ଣ୍' ଓ 'ଲ୍' ର ଇତ୍ ସଂଜ୍ଞା ଓ ଲୋପ ତଥା 'ନୀ' ର ଦୀର୍ଘ 'ଈ' ସ୍ଥାନରେ ବୃଦ୍ଧି ହୋଇ 'ଐ' ହେଲା । ତା'ପରେ 'ଐ' 'ଆୟ୍' ରେ ପରିବର୍ତ୍ତିତ ହୋଇ 'ନ୍' ସହ ମିଶି ତଥା 'ବୁ' କୁ 'ଅକ' ଆଦେଶ ହୋଇ **'ନାୟକଃ'** ହେଲା ।

'ସ୍ତାବକଃ'— ଏଠାରେ **'ସ୍ତୁ'** ଧାତୁରେ **'ଣ୍ୱୁଲ୍'** ପ୍ରତ୍ୟୟ ଯୋଗ ହେବାରୁ 'ଣ୍ୱୁଲ୍' ର 'ଣ୍' ଓ 'ଲ୍' ଲୋପ ତଥା ହ୍ରସ୍ୱ 'ଉ' ସ୍ଥାନରେ ବୃଦ୍ଧି ହୋଇ 'ଔ' ହେଲା । ତା'ପରେ 'ଆବ୍' ଆଦେଶ ହେଲା । 'ବୁ' କୁ 'ଅକ' ଆଦେଶ ହେବାରୁ **'ସ୍ତାବକଃ'** ଶବ୍ଦ ତିଆରି ହେଲା ।

କାରକଃ — 'କୃଞ୍' ଧାତୁରେ **'ଣ୍ୱୁଲ୍'** ପ୍ରତ୍ୟୟ, 'ଣ୍ୱୁଲ୍' ର **'ଣ୍'** ଓ **'ଲ୍'** ର ଇତ୍ ସଂଜ୍ଞା ହୋଇ ଲୋପ, **'ବୁ'** ସ୍ଥାନରେ **'ଅକ'** ଆଦେଶ, **'ଋ'** ସ୍ଥାନରେ ବୃଦ୍ଧି ହୋଇ **'ଆର୍'** ହେଲା, ସବୁ ମିଳିତ ହୋଇ **'କାରକଃ'** ଶବ୍ଦ ନିର୍ମିତ ହେଲା ।

ଯେଉଁ-ଯେଉଁ ସୂତ୍ର ଶବ୍ଦ ସିଦ୍ଧି କରିବାରେ ବ୍ୟବହୃତ ହୁଏ ସେମାନଙ୍କ କାର୍ଯ୍ୟଗୁଡ଼ିକ ବୁଝାଇଚାଲିବେ ଏବଂ ସ୍ଲେଟ୍ ବା କଳାପଟା ଉପରେ ଲେଖି ଦେଖାଇ ଉତ୍ତମ ରୂପେ ହୃଦୟଙ୍ଗମ କରାଇବେ । ଯଥା **–'ଭଜ+ଘଞ୍+ସୁ'** ଏପରି ଲେଖିବେ । ପ୍ରଥମେ ଧାତୁର 'ଅ'କାର ଲୋପ, ତା'ପରେ 'ଘ୍'କାର ଓ 'ଞ୍' ଲୋପ ହୋଇ ହେଲା **'ଭଜ୍+ଅ+ସୁ'** । ପୁନଶ୍ଚ 'ଭ' ର 'ଅ' ବୃଦ୍ଧି ହୋଇ 'ଆ' ହେବାରୁ ଏବଂ 'ଜ୍' ସ୍ଥାନରେ 'ଗ୍' ହେବାରୁ ହେଲା **'ଭାଗ୍+ଅ+ସୁ'** । ତା' ପରେ 'ଅ'କାର ପୂର୍ବ ବର୍ଣ୍ଣ ସହ ମିଶି ଯିବାରୁ ହେଲା **'ଭାଗ+ସୁ'** । ବର୍ତ୍ତମାନ 'ଉ'କାରର ଇତ୍ ସଂଜ୍ଞା ଓ ଲୋପ, 'ସ୍' ସ୍ଥାନରେ 'ରୁଁ' ହୋଇ ହେଲା **'ଭାଗ + ରୁଁ'** । ତଦନନ୍ତର 'ଉ'କାରର ଇତ୍ ସଂଜ୍ଞା ଓ ଲୋପ ହେବା ପରେ ହେଲା **'ଭାଗର୍'** । ବର୍ତ୍ତମାନ ରେଫ୍ (ର୍) ସ୍ଥାନରେ ବିସର୍ଗ(ଃ) ହୋଇ **'ଭାଗଃ'** ଶବ୍ଦ ସିଦ୍ଧ ହେଲା । ଏହିପରି ଯେଉଁ-ଯେଉଁ ସୂତ୍ର ଦ୍ୱାରା ଯେଉଁ-ଯେଉଁ କାର୍ଯ୍ୟ ହୁଏ, ତତ୍-ତତ୍ ସୂତ୍ର ପଢ଼ି-ପଢ଼ାଇ ଓ ଲେଖି-ଲେଖାଇ କାର୍ଯ୍ୟ କରି-କରାଇ ଚାଲିବେ । ଏପରି ପଢ଼ିବା-ପଢ଼ାଇବା ଦ୍ୱାରା ବିଷୟବସ୍ତୁ ଅତି ଶୀଘ୍ର ଓ ଭଲ ଭାବେ ହୃଦୟଙ୍ଗମ ହୁଏ ।

ଥରେ ଏପରି ଭାବେ **'ଅଷ୍ଟାଧ୍ୟାୟୀ'** ପଢ଼ାଇ **'ଧାତୁପାଠ'**, ଅର୍ଥ ସହିତ ଓ ଦଶ ଲକାରର ରୂପ ତଥା ପ୍ରକ୍ରିୟା ସହିତ ସୂତ୍ରଗୁଡ଼ିକର ଉତ୍ସର୍ଗ ଓ ଅପବାଦ ସମ୍ପର୍କରେ ଶିକ୍ଷା ଦେବେ । ଉତ୍ସର୍ଗର ଅର୍ଥ ସାମାନ୍ୟ ସୂତ୍ର । ଯଥା – **'କର୍ମଣ୍ୟଣ୍'** (ଅଷ୍ଟା. ୩:୨:୧) – କର୍ମ ଉପପଦ ଲାଗିଥିଲେ ସବୁ ଧାତୁରେ 'ଅଣ୍' ପ୍ରତ୍ୟୟ ହେବ । ଯଥା – କୁମ୍ଭକାରଃ । ତା'ପରେ ଅପବାଦ ଅର୍ଥାତ୍ ବିଶେଷ ସୂତ୍ର । ଯଥା – **'ଆତୋଽନୁପସର୍ଗେ କଃ'** (ଅଷ୍ଟା. ୩:୨:୩) – କର୍ମ ଉପପଦ ଥିଲେ ଉପସର୍ଗ ଭିନ୍ନ ଆକାରାନ୍ତ ଧାତୁରେ 'କ' ପ୍ରତ୍ୟୟ ହେବ । ସାମାନ୍ୟ ଅର୍ଥାତ୍ ବହୁତ ବ୍ୟାପକ, ଯଥା – କର୍ମ ଉପପଦ ଲାଗିଥିଲେ ସବୁ ଧାତୁରେ 'ଅଣ୍' ପ୍ରତ୍ୟୟ ହୁଏ; ଅପବାଦ ଅର୍ଥାତ୍ ତା' ଠାରୁ

ବିଶେଷ ଅର୍ଥାତ୍ ଅଳ୍ପ ବିଷୟ, ଯଥା – ସେହି ପୂର୍ବ ସୂତ୍ରର ବ୍ୟାପକ କ୍ଷେତ୍ର ଭିତରୁ ଆକାରାନ୍ତ ଧାତୁକୁ 'କ' ପ୍ରତ୍ୟୟ ଗ୍ରହଣ କରି ନେଲା । ଉତ୍ସର୍ଗ ବିଷୟରେ ଯେପରି ଅପବାଦ ସୂତ୍ରର ପ୍ରଚଳନ, ସ୍ୱୀକୃତି ହୁଏ, ଅପବାଦ ବିଷୟରେ ସେପରି ଉତ୍ସର୍ଗର ପ୍ରଚଳନ, ସ୍ୱୀକୃତି ହୁଏ ନାହିଁ । ଉଦାହରଣ ସ୍ୱରୂପ – ଯେଉଁପରି ଚକ୍ରବର୍ତ୍ତୀ ରାଜାଙ୍କ ରାଜ୍ୟ ଭିତରେ ସାମନ୍ତ ରାଜା ଓ ଜମିଦାରଙ୍କ ପ୍ରଚଳନ, ସ୍ୱୀକୃତି ଥାଏ, ସାମନ୍ତ ରାଜା ଆଦିଙ୍କ ରାଜ୍ୟ ଭିତରେ ଚକ୍ରବର୍ତ୍ତୀ ରାଜାଙ୍କ ସେପରି ପ୍ରଚଳନ ନ ଥାଏ । ଏହିପରି ଭାବେ ପାଣିନି ମହର୍ଷି ହଜାରେ ଶ୍ଳୋକର ପରିମାଣ ମଧ୍ୟରେ ଅଖିଳ ଶବ୍ଦ, ଅର୍ଥ ଓ ସମ୍ବନ୍ଧର ବିଦ୍ୟା ପ୍ରତିପାଦିତ କରିଦେଇଛନ୍ତି ।

'ଧାତୁପାଠ' ପରେ 'ଉଣାଦିଗଣ' ପଢ଼ାଇବା ଅବସରରେ ସମସ୍ତ ସୁବନ୍ତ ବିଷୟ ପଢ଼ାଇ, ପୁଣି ଦ୍ୱିତୀୟ ଥର ଶଙ୍କା, ସମାଧାନ, ବାର୍ତ୍ତିକ, କାରିକା, ପରିଭାଷା ସମ୍ବଳିତ ଅଷ୍ଟାଧ୍ୟାୟୀର **ଦ୍ୱିତୀୟାବୃତ୍ତି** ପଢ଼ାଇବେ । ତା'ପରେ **'ମହାଭାଷ୍ୟ'** ପଢ଼ାଇବେ । ଯଦି ବୁଦ୍ଧିମାନ୍, ପରିଶ୍ରମୀ, ନିଷ୍କପଟ, ବିଦ୍ୟାବୃଦ୍ଧି ଅଭିଳାଷୀ ବିଦ୍ୟାର୍ଥୀ ପ୍ରତିଦିନ ନିୟମିତ ଅଧ୍ୟୟନ କରନ୍ତି, ତେବେ ସେ ଦେଢ଼ ବର୍ଷରେ ଅଷ୍ଟାଧ୍ୟାୟୀ ଓ ଦେଢ଼ ବର୍ଷରେ ମହାଭାଷ୍ୟ ଏପରି ଭାବେ ପଢ଼ି ତିନି ବର୍ଷରେ ପୂର୍ଣ୍ଣ ବୈୟାକରଣ ହୋଇ, ବୈଦିକ ଓ ଲୌକିକ ଶବ୍ଦର ବ୍ୟାକରଣ ବିଷୟରେ ଭଲ ଭାବେ ଜ୍ଞାନ ଲାଭ କରି, ଅନ୍ୟାନ୍ୟ ଶାସ୍ତ୍ରଗୁଡ଼ିକୁ ଶୀଘ୍ର ଓ ସହଜରେ ଅଧ୍ୟୟନ-ଅଧ୍ୟାପନା କରିପାରିବେ । ଅବଶ୍ୟ ବ୍ୟାକରଣ ନିମନ୍ତେ ଯେପରି ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ, ଅନ୍ୟ ଶାସ୍ତ୍ରଗୁଡ଼ିକ ପାଇଁ ସେପରି ପରିଶ୍ରମ କରିବାକୁ ପଡ଼େ ନାହିଁ । ବିଶେଷ ଧାତବ୍ୟ ଯେ ଅଷ୍ଟାଧ୍ୟାୟୀ ଓ ମହାଭାଷ୍ୟ ଅଧ୍ୟୟନ ଦ୍ୱାରା ୩ ବର୍ଷରେ ଯେତିକି ଜ୍ଞାନ ହୁଏ, ସେତିକି ଜ୍ଞାନ କୁଗ୍ରନ୍ଥ ଅର୍ଥାତ୍ ସାରସ୍ୱତ, ଚନ୍ଦ୍ରିକା, କୌମୁଦୀ, ମନୋରମାଦି ପଢ଼ିବା ଦ୍ୱାରା ପଚାଶ ବର୍ଷରେ ବି ଲାଭ ହୋଇପାରେ ନହିଁ । କାରଣ ମହଦାଶୟ ମହର୍ଷିଗଣ ସ୍ୱ ଗ୍ରନ୍ଥମାନଙ୍କରେ ମହାନ୍ ବିଷୟଗୁଡ଼ିକୁ ଯେପରି ସରଳ ଭାବେ ପ୍ରକାଶିତ କରିଛନ୍ତି, ତାହା ଏ କ୍ଷୁଦ୍ରାଶୟ ମନୁଷ୍ୟଙ୍କ କଳ୍ପିତ ଗ୍ରନ୍ଥରେ କିପରି ହୋଇପାରିବ ? **ମହର୍ଷିମାନଙ୍କ ଆଶୟ ଯଥାସମ୍ଭବ ସୁଗମ ଓ ବୁଝିବାକୁ ଅଳ୍ପ ସମୟ ଲାଗିବା ଭଳି ହୋଇଥାଏ । କିନ୍ତୁ କ୍ଷୁଦ୍ରାଶୟ ଲୋକଙ୍କ ଉଦ୍ଦେଶ୍ୟ ହୋଇଥାଏ ଯେ ଯେତେ ସମ୍ଭବ କଠିନ ରଚନା କରିବା । ଯାହାକୁ କି ବହୁତ ପରିଶ୍ରମରେ ପଢ଼ି ଅଳ୍ପ ଲାଭ ମିଳିପାରେ – 'ଖୋଳ ପରବତ, ମାର ମୂଷା' ଭଳି । ଅଥଚ ଆର୍ଷଗ୍ରନ୍ଥର ଅଧ୍ୟୟନ ଗୋଟିଏ ବୁଡ଼ରେ କୋଟିଏ ମୁକ୍ତା ପାଇବା ଭଳି ହୋଇଥାଏ ।**

ବ୍ୟାକରଣ ପଢ଼ିସାରି ଯାସ୍କମୁନିକୃତ **ନିଘଣ୍ଟୁ** ଓ **ନିରୁକ୍ତ** ୬-୮ ମାସରେ ଅର୍ଥ ସହିତ ପଢ଼ିବେ-ପଢ଼ାଇବେ । ନାସ୍ତିକ କୃତ ଅମରକୋଷାଦି ଅନ୍ୟ ପୁସ୍ତକରେ ଅନେକ ବର୍ଷ ଅଯଥା ନଷ୍ଟ କରିବେ ନାହିଁ । ତା'ପରେ ପିଙ୍ଗଳାଚାର୍ଯ୍ୟ କୃତ **ଛନ୍ଦୋଗ୍ରନ୍ଥ,** ଯେଉଁଥିରେ କି ବୈଦିକ ଓ ଲୌକିକ ଛନ୍ଦ ବିଷୟକ ଜ୍ଞାନ, ନବୀନ ରଚନା ଓ ଶ୍ଳୋକ ତିଆରି କରିବାର ରୀତି ରହିଛି ତାହା ବି ଯଥାଯଥ ଭାବେ ଶିକ୍ଷା କରିବେ । ଏହି ଗ୍ରନ୍ଥର ଅଧ୍ୟୟନ ଓ ଶ୍ଳୋକ ରଚନା କୌଶଳ ୪ ମାସରେ ହୋଇପାରିବ । ଅଳ୍ପବୁଦ୍ଧି ସମ୍ପନ୍ନ ବ୍ୟକ୍ତିଙ୍କ କଳ୍ପିତ ବୃତ୍ତରତ୍ନାକର ଆଦି ଗ୍ରନ୍ଥରେ ଅନେକ ବର୍ଷ ବୃଥା ନଷ୍ଟ କରିବେ ନାହିଁ । ତତ୍ପରେ **ମନୁସ୍ମୃତି, ବାଲ୍ମୀକି ରାମାୟଣ ଓ ମହାଭାରତର** ଉଦ୍ୟୋଗ ପର୍ବ ଅନ୍ତର୍ଗତ **ବିଦୁରନୀତି** ପ୍ରଭୃତି ଉତ୍ତମ ପ୍ରକରଣ, ଯଦ୍ୱାରା ଦୁର୍ବ୍ୟସନ ଦୂର ହେବ ଓ ଉତ୍ତମତା, ସଭ୍ୟତା ପ୍ରାପ୍ତ ହେବ, ସେସବୁକୁ କାବ୍ୟରୀତିରେ ଅର୍ଥାତ୍ ପଦଚ୍ଛେଦ, ପଦାର୍ଥୋକ୍ତି, ଅନ୍ୱୟ, ବିଶେଷ୍ୟ, ବିଶେଷଣ ଓ ଭାବାର୍ଥ ସହିତ ଅଧ୍ୟାପକଗଣ ବୁଝାଇବେ ଓ ବିଦ୍ୟାର୍ଥୀମାନେ ବୁଝି ଚାଲିବେ । ଏ ସବୁ ୧ ବର୍ଷ ଭିତରେ ପଢ଼ିନେବେ ।

ତା'ପରେ **ପୂର୍ବମୀମାଂସା, ବୈଶେଷିକ, ନ୍ୟାୟ, ଯୋଗ, ସାଂଖ୍ୟ ଓ ବେଦାନ୍ତ** – ଏ ଛଅଟି ଶାସ୍ତ୍ର ଯଥାସମ୍ଭବ ଋଷିକୃତ ବ୍ୟାଖ୍ୟା ସହିତ କିମ୍ବା ଉତ୍ତମ ବିଦ୍ୱାନଙ୍କ ସରଳ ବ୍ୟାଖ୍ୟା ସହ ପଢ଼ିବେ-ପଢ଼ାଇବେ । କିନ୍ତୁ ବେଦାନ୍ତ ଦର୍ଶନ ପଢ଼ିବା ପୂର୍ବରୁ **ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୂକ୍ୟ, ଐତରେୟ, ତୈତ୍ତିରୀୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ** –ଏ ଦଶଟି ଉପନିଷଦ ପଢ଼ିବେ । ଭାଷ୍ୟ-ବୃତ୍ତି ସହିତ ଛଅ ଶାସ୍ତ୍ରର ସୂତ୍ରଗୁଡ଼ିକୁ ୨ ବର୍ଷ ଭିତରେ ଅଧ୍ୟାପକଗଣ ପଢ଼ାଇବେ ଓ ବିଦ୍ୟାର୍ଥିଗଣ ପଢ଼ିନେବେ । ତତ୍ପଶ୍ଚାତ୍ ୬ ବର୍ଷ ଭିତରେ **ଐତରେୟ, ଶତପଥ, ସାମ ଓ ଗୋପଥ** – ଏ ଚାରି ବ୍ରାହ୍ମଣ ସହ ଚାରି ବେଦକୁ ସ୍ୱର, ଶବ୍ଦ-ଅର୍ଥ-ସମ୍ବନ୍ଧ ଓ କ୍ରିୟାସହିତ ପଢ଼ିବା ଉଚିତ । କାରଣ ଏ ସମ୍ବନ୍ଧରେ କୁହାଯାଇଛି –

ସ୍ଥାଣୁରୟଂ ଭାରହାରଃ କିଲାଭୂଦଧୀତ୍ୟ ବେଦଂ ନ ବିଜାନାତି ଯୋଽର୍ଥମ୍ ।
ଯୋଽର୍ଥଜ୍ଞ ଇତ୍ସକଲଂ ଭଦ୍ରମଶ୍ନୁତେ ନାକମେତି ଜ୍ଞାନବିଧୂତପାପ୍ମା ॥ (ନିରୁକ୍ତ. ୧:୧୮)

ଯେଉଁ ବ୍ୟକ୍ତି ସ୍ୱର ସହ ବେଦପାଠ ମାତ୍ର କରେ, କିନ୍ତୁ ତା'ର ଅର୍ଥ ବୁଝେ ନାହିଁ; ବୃକ୍ଷ ଯେପରି ଡାଳ, ପତ୍ର, ଫୁଲ, ଫଳର ଭାର ବହନ କରେ ଓ ପଶୁ ଯେପରି ଧାନ ଆଦି ଦ୍ରବ୍ୟର ବୋଝ ବୋହିଥାଏ; ସେହି ବ୍ୟକ୍ତି ସେପରି ଭାରବାହାକ ମାତ୍ର ହୋଇଥାଏ । ଯେଉଁ ବ୍ୟକ୍ତି ବେଦ ପଢ଼ିବା ସହ ତା'ର ଯଥାଯଥ ଅର୍ଥ ହୃଦୟଙ୍ଗମ କରେ, ସେ ହିଁ ଏହି ଜ୍ଞାନ ଦ୍ୱାରା ପାପ ପରିତ୍ୟାଗ କରି, ପବିତ୍ର ଧର୍ମାଚରଣ ପୂର୍ବକ ପୂର୍ଣ୍ଣ ଆନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ମୃତ୍ୟୁ ପରେ ସର୍ବାନନ୍ଦ ପ୍ରାପ୍ତ କରେ ।

ଉତ ତ୍ୱଃ ପଶ୍ୟନ୍ନ ଦଦର୍ଶ ବାଚମୁତ ତ୍ୱଃ ଶୃଣ୍ୱନ୍ନ ଶୃଣୋତ୍ୟେନାମ୍ ।
ଉତୋ ତ୍ୱସ୍ମୈ ତନ୍ୱଂ ବି ସସ୍ରେ ଜାୟେବ ପତ୍ୟ ଉଶତୀ ସୁବାସାଃ ॥ (ଋକ୍. ୧୦:୭୧:୪)

ଯେଉଁମାନେ ଅବିଦ୍ୱାନ୍ ଅଟନ୍ତି ସେମାନେ ଶୁଣି ମଧ୍ୟ ଶୁଣିପାରନ୍ତି ନାହିଁ, ଦେଖି ମଧ୍ୟ ଦେଖିପାରନ୍ତି ନାହିଁ, କହି ମଧ୍ୟ କହିପାରନ୍ତି ନାହିଁ ଅର୍ଥାତ୍ ଅଜ୍ଞ ଲୋକ ଏହି ବିଦ୍ୟା-ବାଣୀର ରହସ୍ୟ ଜାଣିପାରନ୍ତି ନାହିଁ । ଯେପରି ସୁନ୍ଦର ବସ୍ତ୍ର-ଅଳଙ୍କାର ଧାରିଣୀ, ନିଜ ପତିଙ୍କୁ କାମନାକାରିଣୀ ସ୍ତ୍ରୀ ନିଜ ଶରୀର ଓ ସ୍ୱରୂପକୁ ସ୍ୱାମୀଙ୍କ ଆଗରେ ହିଁ ପ୍ରକାଶ କରେ, ବିଦ୍ୟା ସେପରି ଶବ୍ଦ, ଅର୍ଥ ଓ ସମ୍ବନ୍ଧର ଜ୍ଞାତା ବିଦ୍ୱାନଙ୍କ ନିକଟରେ ନିଜ ସ୍ୱରୂପ ପ୍ରକାଶ କରେ, ଅବିଦ୍ୱାନଙ୍କ ପାଖରେ ନୁହେଁ ।

ଋଚୋ ଅକ୍ଷରେ ପରମେ ବ୍ୟୋମନ୍ୟସ୍ମିନ୍ଦେବା ଅଧି ବିଶ୍ୱେ ନିଷେଦୁଃ ।
ୟସ୍ତନ୍ନ ବେଦ କିମୃଚା କରିଷ୍ୟତି ୟ ଇତ୍ତଦ୍ବିଦୁସ୍ତ ଇମେ ସମାସତେ ॥

(ଋକ୍ ୧:୧୬୪:୩୯)

ଯେଉଁ ସର୍ବବ୍ୟାପକ, ଅବିନାଶୀ, ସର୍ବୋତ୍କୃଷ୍ଟ ପରମେଶ୍ୱରଙ୍କଠାରେ ସମସ୍ତ ବିଦ୍ୱାନ୍ ଏବଂ ପୃଥିବୀ, ସୂର୍ଯ୍ୟାଦି ସକଳ ଲୋକ-ଲୋକାନ୍ତର ଅବସ୍ଥିତ, ଯିଏ ସକଳ ବେଦର ମୁଖ୍ୟ ପ୍ରୟୋଜନ, ସେହି ବ୍ରହ୍ମଙ୍କୁ ଯିଏ ଜାଣେ ନାହିଁ, ସିଏ ଋଗ୍ବେଦାଦି ଦ୍ୱାରା କ'ଣ ସୁଖ ପ୍ରାପ୍ତ କରିପାରିବ ? ନା-ନା । ବରଂ **ଯିଏ ବେଦାଧ୍ୟୟନ କରି ଧର୍ମାତ୍ମା, ଯୋଗୀ ହୋଇ ସେହି ବ୍ରହ୍ମଙ୍କୁ ଜାଣେ, ସେ ପରମେଶ୍ୱରଙ୍କଠାରେ ସ୍ଥିତ ହୋଇ ମୁକ୍ତିରୂପୀ ପରମାନନ୍ଦ ପ୍ରାପ୍ତ କରେ । ଏଣୁ ଅଧ୍ୟୟନ-ଅଧ୍ୟାପନା ଅର୍ଥଜ୍ଞାନ ସହିତ କରିବା ଆବଶ୍ୟକ ।**

ଏହିପରି ଭାବେ ସକଳ ବେଦ ପଢ଼ିସାରି **'ଆୟୁର୍ବେଦ'** ଅର୍ଥାତ୍ ଚରକ, ସୁଶ୍ରୁତ ପ୍ରଭୃତି ଋଷି-ମୁନିଙ୍କ

ପ୍ରଣୀତ ଚିକିତ୍ସା-ଶାସ୍ତ୍ର ଅର୍ଥ, କ୍ରିୟା, ଶସ୍ତ୍ର, ଛେଦନ-ଭେଦନ, ଲେପ, ଚିକିତ୍ସା, ନିଦାନ, ଔଷଧ, ପଥ୍ୟ, ଶରୀର, ଦେଶ, କାଳ ଓ ବସ୍ତୁର ଗୁଣଜ୍ଞାନ ପୂର୍ବକ ୪ ବର୍ଷ ଭିତରେ ପଢ଼ିବେ-ପଢ଼ାଇବେ । ତଦନନ୍ତର **'ଧନୁର୍ବେଦ'** ଅର୍ଥାତ୍ ରାଜ୍ୟ ଶାସନ ସମ୍ବନ୍ଧୀୟ ବିଦ୍ୟା ଶିକ୍ଷା କରିବେ । ଏହା ଦୁଇ ଭାଗରେ ବିଭକ୍ତ, ଯଥା- ୧. ରାଜ-କର୍ମଚାରୀ ସମ୍ବନ୍ଧୀୟ ଓ ୨. ପ୍ରଜା ସମ୍ବନ୍ଧୀୟ । ରାଜକାର୍ଯ୍ୟ ସମ୍ବନ୍ଧୀୟ ବିଦ୍ୟା ଭିତରେ ସମସ୍ତ ସଭାର ବିଷୟ, ସେନାଧ୍ୟକ୍ଷ, ଶସ୍ତ୍ରାସ୍ତ୍ର ବିଦ୍ୟା, ନାନା ପ୍ରକାର ବ୍ୟୂହ ରଚନାର ଅଭ୍ୟାସ ଅର୍ଥାତ୍ 'ସମରାଭ୍ୟାସ', ଯାହାକି ଶତ୍ରୁଙ୍କ ସହ ଯୁଦ୍ଧ କରିବା ସମୟରେ କରିବାକୁ ପଡୁଥିବା କ୍ରିୟାସମୂହ, ସେ ସବୁକୁ ଯଥାଯଥ ଭାବେ ଶିଖିବେ । ପ୍ରଜା ସମ୍ବନ୍ଧୀୟ ବିଦ୍ୟା ଭିତରେ ପ୍ରଜାଙ୍କ ପାଳନ ଓ ସମ୍ବର୍ଦ୍ଧନ କରିବାର ଯେଉଁ ସବୁ ପଦ୍ଧତି ଅଛି, ଯଥା- ନ୍ୟାୟପୂର୍ବକ ସବୁ ପ୍ରଜାଙ୍କୁ ପ୍ରସନ୍ନ ରଖିବା, ଦୁଷ୍ଟଙ୍କୁ ଯଥାଯୋଗ୍ୟ ଦଣ୍ଡ ଦେବା ଓ ଶିଷ୍ଟମାନଙ୍କୁ ପାଳନ କରିବା, ସେସବୁ ଉପାୟଗୁଡ଼ିକୁ ଉତ୍ତମ ରୂପେ ଶିଖିନେବେ । ରାଜ୍ୟ ଶାସନର ଏ ଉଭୟ ବିଦ୍ୟା ୨-୨ ବର୍ଷରେ ଶିକ୍ଷା କରିବେ । ଏହାପରେ **'ଗାନ୍ଧର୍ବବେଦ'** ଅର୍ଥାତ୍ ସଂଗୀତ ବିଦ୍ୟା, ଯେଉଁଥିରେ କି ସ୍ୱର, ରାଗ, ରାଗିଣୀ, ସମୟ, ତାଳ, ଗ୍ରାମ, ତାନ, ବାଦ୍ୟ, ନୃତ୍ୟ, ଗୀତ ଆଦି ଅନ୍ତର୍ଭୁକ୍ତ, ତାହାକୁ ୪ ବର୍ଷରେ ଯଥାଯଥ ଭାବେ ଶିଖିବେ । ଏଥିରେ ବାଦ୍ୟ ବାଦନ ପୂର୍ବକ 'ସାମବେଦ'ର ଗାନ ମୁଖ୍ୟତଃ ଶିଖିବେ ଓ 'ନାରଦ ସଂହିତା' ଆଦି ଯେଉଁ ଆର୍ଷଗ୍ରନ୍ଥ ସବୁ ଅଛି, ସେଗୁଡ଼ିକୁ ପଢ଼ିବେ । କିନ୍ତୁ ଭଡୁଆ, ବେଶ୍ୟାଙ୍କ ଶୃଙ୍ଗାର ରସାତ୍ମକ ଗୀତ ଗାଇବେ ନାହିଁ ଓ ବିଷୟାସକ୍ତ ବୈରାଗୀଙ୍କ ବିଷୟାସକ୍ତିକାରକ ଗର୍ଦ୍ଦଭ ରାବ ଭଳି ବ୍ୟର୍ଥ ଆଳାପ କେବେ ବି କରିବେ ନାହିଁ । ତା'ପରେ **'ଅର୍ଥବେଦ'** ଯାହାକୁ କି **ଶିଳ୍ପବିଦ୍ୟା** କହନ୍ତି । ଏଥିରେ ପଦାର୍ଥ ଗୁଣ-ବିଜ୍ଞାନ, କ୍ରିୟା-କୌଶଳ, ନାନା ପ୍ରକାର ପଦାର୍ଥ ନିର୍ମାଣ, ପୃଥିବୀଠାରୁ ଆକାଶ ପର୍ଯ୍ୟନ୍ତ ବିଦ୍ୟା ଏବଂ ଅର୍ଥ ଅର୍ଥାତ୍ ଐଶ୍ୱର୍ଯ୍ୟବର୍ଦ୍ଧକ ବିଦ୍ୟାକୁ ୪ ବର୍ଷରେ ଯଥାଯଥ ଭାବେ ଶିକ୍ଷା କରିବେ । ତା' ପରେ ୨ ବର୍ଷରେ **ଜ୍ୟୋତିଷଶାସ୍ତ୍ର** 'ସୂର୍ଯ୍ୟସିଦ୍ଧାନ୍ତ' ପ୍ରଭୃତି, ଯେଉଁଥିରେ କି ବୀଜଗଣିତ, ଅଙ୍କ, ଭୂଗୋଳ, ଖଗୋଳ ଓ ଭୂଗର୍ଭ ବିଦ୍ୟା ଅଛି, ତାହାକୁ ଯଥାବତ୍ ଶିକ୍ଷା କରିବେ । ତତ୍‌ପଶ୍ଚାତ୍ ସମସ୍ତ ପ୍ରକାର ହସ୍ତକ୍ରିୟା ଓ ଯନ୍ତ୍ରକଳା ଆଦି ଶିଖିବେ । କିନ୍ତୁ ଗ୍ରହ, ନକ୍ଷତ୍ର, ଜନ୍ମପତ୍ର, ରାଶି, ମୁହୂର୍ତ୍ତ ଆଦିର ଫଳ ବିଧାୟକ ଯେତେସବୁ ପୁସ୍ତକ ଅଛି, ସେସବୁକୁ ମିଥ୍ୟା ବୋଲି ବୁଝି କେବେ ବି ପଢ଼ିବେ ନାହିଁ କି ପଢ଼ାଇବେ ନାହିଁ ।

ପଢ଼ିବା ଓ ପଢ଼ାଇବା ବ୍ୟକ୍ତି ଏପରି ପ୍ରଯତ୍ନ କରିବେ ଯଦ୍ଦ୍ୱାରା ୩୦-୩୧ ବର୍ଷ ମଧ୍ୟରେ ସମସ୍ତ ବିଦ୍ୟା, ଉତ୍ତମ ଶିକ୍ଷା ଲାଭ କରି ମନୁଷ୍ୟମାନେ କୃତକୃତ୍ୟ ହୋଇ ସଦା ଆନନ୍ଦରେ ରହିବେ । ଏପରି ରୀତିରେ ୩୦-୩୧ ବର୍ଷରେ ଯେତେ ବିଦ୍ୟା ଲାଭ ହୁଏ, ଅନ୍ୟ ପ୍ରକାରେ ଶହେ ବର୍ଷରେ ବି ସେତିକି ପ୍ରାପ୍ତ ହୋଇପାରେ ନାହିଁ ।

ଗ୍ରନ୍ଥର ପ୍ରାମାଣିକତା

ଋଷିପ୍ରଣୀତ ଗ୍ରନ୍ଥ ଏଇଥିପାଇଁ ପଢ଼ିବା ଉଚିତ କାରଣ ଏସବୁର ପ୍ରଣୟନକାରୀ ଋଷିଗଣ ମହାବିଦ୍ୱାନ୍, ସର୍ବଶାସ୍ତ୍ରବିତ୍ ଓ ଧର୍ମାତ୍ମା ଥିଲେ । ଅନୃଷି ଅର୍ଥାତ୍ ଯେଉଁମାନେ ଅଳ୍ପ ଶାସ୍ତ୍ର ପଢ଼ିଛନ୍ତି ଓ ଯେଉଁମାନଙ୍କ ଆତ୍ମା ପକ୍ଷପାତଯୁକ୍ତ, ସେମାନଙ୍କ ରଚିତ ଗ୍ରନ୍ଥ ବି ତଦନୁରୂପେ ହିଁ ହୋଇଥାଏ । ଏଣୁ ସେସବୁ ପଢ଼ିବା ଅନୁଚିତ । **'ପୂର୍ବମୀମାଂସା'**ର ବ୍ୟାସମୁନିକୃତ ବ୍ୟାଖ୍ୟା, **'ବୈଶେଷିକ'**ର ଗୌତମ ମୁନିକୃତ ପ୍ରଶସ୍ତପାଦ ଭାଷ୍ୟ, ଗୌତମ ମୁନିକୃତ **'ନ୍ୟାୟସୂତ୍ର'**ର ବାତ୍ସ୍ୟାୟନ ମୁନିକୃତ ଭାଷ୍ୟ, ପତଞ୍ଜଳି ମୁନିକୃତ **'ଯୋଗସୂତ୍ର'**ର ବ୍ୟାସମୁନିକୃତ

ଭାଷ୍ୟ, କପିଳ ମୁନିକୃତ **'ସାଂଖ୍ୟସୂତ୍ର'**ର ଭାଗୁରି ମୁନିକୃତ ଭାଷ୍ୟ, ବ୍ୟାସମୁନିକୃତ **'ବେଦାନ୍ତ-ସୂତ୍ର'** ଉପରେ ବାତ୍ସ୍ୟାୟନ ମୁନିକୃତ ଭାଷ୍ୟ ଅଥବା ବୌଧାୟନ ମୁନିକୃତ ଭାଷ୍ୟ ବୃତ୍ତିସହିତ ପଢ଼ିବେ-ପଢ଼ାଇବେ । ଏସବୁ ଗ୍ରନ୍ଥକୁ 'କଳ୍ପ' ବେଦାଙ୍ଗ ମଧ୍ୟରେ ବି ପରିଗଣନ କରିବା ଉଚିତ ।

ଯେପରି ଋକ୍, ଯଜୁଃ, ସାମ ଓ ଅଥର୍ବ - ଏହି ଚାରି ବେଦ ଈଶ୍ୱରକୃତ ହୋଇଥିବାରୁ ପ୍ରମାଣ, ସେହିପରି ଐତରେୟ, ଶତପଥ, ସାମ ଓ ଗୋପଥ - ଏ ଚାରି ବ୍ରାହ୍ମଣ; ଶିକ୍ଷା, କଳ୍ପ, ବ୍ୟାକରଣ, ନିଘଣ୍ଟୁ-ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ - ଏ ଛଅ ବେଦାଙ୍ଗ; ବେଦର ଉପାଙ୍ଗ ହୋଇଥିବା ମୀମାଂସାଦି ଛଅ ଶାସ୍ତ୍ର; ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ ଓ ଅର୍ଥବେଦ - ଏ ଚାରି ଉପବେଦ ଇତ୍ୟାଦି ସବୁ ଋଷି-ମୁନିକୃତ ଗ୍ରନ୍ଥ ହୋଇଥିବାରୁ ପ୍ରମାଣ ଅଟନ୍ତି । **ଏସବୁ ଋଷି-ମୁନିକୃତ ଗ୍ରନ୍ଥରେ ବି ଯାହା-ଯାହା ବେଦବିରୁଦ୍ଧ ପ୍ରତୀତ ହେବ, ସେସବୁ ତ୍ୟାଜ୍ୟ । କାରଣ ବେଦ ଈଶ୍ୱରକୃତ ହୋଇଥିବାରୁ ନିର୍ଭ୍ରାନ୍ତ, ସ୍ୱତଃପ୍ରମାଣ ଅର୍ଥାତ୍ ବେଦର ପ୍ରମାଣ ବେଦଦ୍ୱାରା ହିଁ ହୁଏ । ଅଥଚ ବ୍ରାହ୍ମଣାଦି ଅନ୍ୟ ସମସ୍ତ ଗ୍ରନ୍ଥ ପରତଃପ୍ରମାଣ ଅର୍ଥାତ୍ ଏସବୁର ପ୍ରାମାଣିକତା ବେଦର ଅଧୀନ ।** ବେଦର ବିଶେଷ ବ୍ୟାଖ୍ୟା 'ଋଗ୍‌ବେଦାଦିଭାଷ୍ୟଭୂମିକା'ରେ ଦେଖିନେବେ ଏବଂ ଏ ଗ୍ରନ୍ଥରେ ବି ଆଗକୁ ଏ ବିଷୟରେ କିଛି ଲେଖାଯିବ ।

ବର୍ତ୍ତମାନ **ବର୍ଜନୀୟ ପୁସ୍ତକଗୁଡ଼ିକର ପରିଗଣନା ସଂକ୍ଷେପରେ କରାଯାଉଛି** । ନିମ୍ନରେ ଯେଉଁସବୁ ପୁସ୍ତକଗୁଡ଼ିକର ନାମ ଲେଖାଯିବ ସେସବୁକୁ ମିଥ୍ୟା ଗ୍ରନ୍ଥ ବୋଲି ବୁଝିବା ଉଚିତ । **ବ୍ୟାକରଣରେ** କାତନ୍ତ୍ର, ସାରସ୍ୱତ, ଚନ୍ଦ୍ରିକା, ମୁଗ୍‌ଧବୋଧ, କୌମୁଦୀ, ଶେଖର, ମନୋରମା ଇତ୍ୟାଦି । **କୋଶ** ଗ୍ରନ୍ଥ ମଧ୍ୟରେ ଅମରକୋଷ ଆଦି । **ଛନ୍ଦୋଗ୍ରନ୍ଥ** ଭିତରେ ବୃତ୍ତରତ୍ନାକର ଆଦି । **ଶିକ୍ଷା** ଗ୍ରନ୍ଥ ମଧ୍ୟରେ **'ଅଥ ଶିକ୍ଷାଂ ପ୍ରବକ୍ଷ୍ୟାମି ପାଣିନୀୟଂ ମତଂ ଯଥା'** ଇତ୍ୟାଦି । **ଜ୍ୟୋତିଷ**ରେ ଶୀଘ୍ରବୋଧ, ମୁହୂର୍ତ୍ତଚିନ୍ତାମଣି ପ୍ରଭୃତି । **କାବ୍ୟ**ରେ ନାୟିକାଭେଦ, କୁବଳୟାନନ୍ଦ, ରଘୁବଂଶ, ମାଘ, କିରାତାର୍ଜ୍ଜୁନୀୟ ଇତ୍ୟାଦି । **ମୀମାଂସା**ରେ ଧର୍ମସିନ୍ଧୁ, ବ୍ରତାର୍କାଦି । **ବୈଶେଷିକ**ରେ ତର୍କସଂଗ୍ରହାଦି । **ନ୍ୟାୟ**ରେ ଜାଗଦୀଶୀ ଆଦି । **ଯୋଗ**ରେ ହଠ-ପ୍ରଦୀପିକାଦି । **ସାଂଖ୍ୟ**ରେ ସାଂଖ୍ୟତତ୍ତ୍ୱ କୌମୁଦୀ ପ୍ରଭୃତି । **ବେଦାନ୍ତ**ରେ ଯୋଗବାଶିଷ୍ଠ, ପଞ୍ଚଦଶୀ ଆଦି । **ବୈଦ୍ୟକ**ରେ ଶାର୍ଙ୍ଗଧରାଦି । **ସ୍ମୃତି**ରେ ମନୁସ୍ମୃତିର ପ୍ରକ୍ଷିପ୍ତ ଶ୍ଲୋକ, ଅନ୍ୟ ସମସ୍ତ ସ୍ମୃତି, ସମସ୍ତ ତନ୍ତ୍ରଗ୍ରନ୍ଥ, ସବୁ ପୁରାଣ, ସବୁ ଉପପୁରାଣ, ତୁଳସୀ ଦାସ କୃତ ଭାଷାର ରାମାୟଣ, ରୁକ୍ମିଣୀ ମଙ୍ଗଳ ଆଦି ଏବଂ ଭାଷାରେ ରଚିତ ସକଳ ଗ୍ରନ୍ଥ **-** ଏସବୁ କପୋଳକଳ୍ପିତ ଓ ମିଥ୍ୟାଗ୍ରନ୍ଥ ।

ପ୍ରଶ୍ନ — କ'ଣ ଏସବୁ ଗ୍ରନ୍ଥରେ କିଛି ବି ସତ୍ୟ କଥା ନାହିଁ ?

ଉତ୍ତର — ଅଳ୍ପ ସତ୍ୟ ତ ଅଛି, କିନ୍ତୁ ତା' ସହିତ ବହୁତ ଅସତ୍ୟ ବି ଅଛି । ଏଣୁ **'ବିଷସମ୍ପୃକ୍ତାନ୍ନବତ୍ ତ୍ୟାଜ୍ୟାଃ'—** ଅତି ଉତ୍ତମ ଅନ୍ନ ବି ବିଷମିଶ୍ରିତ ହୋଇଥିଲେ ଯେପରି ତାହା ତ୍ୟାଜ୍ୟ ହୋଇଥାଏ, ସେପରି ଏସବୁ ଗ୍ରନ୍ଥ ମଧ୍ୟ ତ୍ୟାଜ୍ୟ ।

ପ୍ରଶ୍ନ — କ'ଣ ଆପଣ ପୁରାଣ-ଇତିହାସକୁ ମାନନ୍ତି ନାହିଁ ?

ଉତ୍ତର — ହଁ, ମାନେ । କିନ୍ତୁ ସତ୍ୟକୁ ମାନେ, ମିଥ୍ୟାକୁ ନୁହେଁ ।

ପ୍ରଶ୍ନ — କେଉଁଟି ସତ୍ୟ ଓ କେଉଁଟି ମିଥ୍ୟା ?

ଉତ୍ତର — ବ୍ରାହ୍ମଣାନୀତିହାସାନ୍ ପୁରାଣାନି କଳ୍ପାନ୍ ଗାଥା ନାରାଶଂସୀରିତି ।

(ଆଶ୍ୱ. ୩:୩:୧-୨, ତୈ.ଆ. ୨:୯)

ଐତରେୟ, ଶତପଥ ଇତ୍ୟାଦି ଯେଉଁ ବ୍ରାହ୍ମଣ ଗ୍ରନ୍ଥର ନାମ ପୂର୍ବରୁ ଉଲ୍ଲେଖ କରାଯାଇଛି ସେସବୁର ହିଁ ଇତିହାସ, ପୁରାଣ, କଳ୍ପ, ଗାଥା ଓ ନାରାଶଂସୀ - ଏ ପାଞ୍ଚ ନାମ । **ଶ୍ରୀମଦ୍‌ଭାଗବତ ଆଦି ବାସ୍ତବରେ ପୁରାଣ ପଦବାଚ୍ୟ ନୁହେଁ ।**

ପ୍ରଶ୍ନ — ତ୍ୟାଜ୍ୟ ଗ୍ରନ୍ଥଗୁଡ଼ିକରେ ଯେଉଁସବୁ ସତ୍ୟ ବିଷୟ ରହିଛି, ତାକୁ କାହିଁକି ଗ୍ରହଣ କରୁନାହାନ୍ତି ?

ଉତ୍ତର — ସେସବୁରେ ଯେଉଁ ସତ୍ୟ କଥାଗୁଡ଼ିକ ରହିଛି, ସେସବୁ ବେଦାଦି ସତ୍ୟ ଶାସ୍ତ୍ରମାନଙ୍କର ଏବଂ ଯେଉଁସବୁ ମିଥ୍ୟା ଅଛି ସେସବୁ ସେମାନଙ୍କ ନିଜ ଘରର । ବେଦାଦି ସତ୍ୟ ଶାସ୍ତ୍ର ଅଧ୍ୟୟନ କରିବା ଦ୍ୱାରା ସବୁ ସତ୍ୟର ପ୍ରାପ୍ତି ହୋଇଯାଏ । ତେଣୁ ଆଉ କୌଣସି ସତ୍ୟ ବିଷୟ ପାଇଁ ଏ ମିଥ୍ୟା ଗ୍ରନ୍ଥଗୁଡ଼ିକର ଅଧ୍ୟୟନ ଆବଶ୍ୟକ ନାହିଁ । ଦ୍ୱିତୀୟତଃ, ଯଦି କେହି ଏ ସବୁ ମିଥ୍ୟା ଗ୍ରନ୍ଥରୁ ସତ୍ୟ ଗ୍ରହଣ କରିବାକୁ ଚାହେଁ, ତେବେ ମିଥ୍ୟା ବି ସେମାନଙ୍କ ବେକରେ ଗୁଡ଼େଇ ହୋଇଯାଏ । ଏଣୁ **'ଅସତ୍ୟମିଶ୍ରଂ ସତ୍ୟଂ ଦୂରତସ୍ତ୍ୟାଜ୍ୟମିତି'—** ବିଷମିଶ୍ରିତ ଅନ୍ନ ତ୍ୟାଜ୍ୟ ହେଲା ଭଳି ଅସତ୍ୟ ମିଶ୍ରିତ ଗ୍ରନ୍ଥକୁ ବି ଦୂରରୁ ପରିତ୍ୟାଗ କରିଦେବା ଉଚିତ ।

ପ୍ରଶ୍ନ — ଆପଣଙ୍କର ମତ କ'ଣ ?

ଉତ୍ତର — ବୈଦିକ ଅର୍ଥାତ୍ ବେଦରେ ଯାହା-ଯାହା କରିବା ପାଇଁ ଶିକ୍ଷା ଦିଆଯାଇଛି, ସେସବୁକୁ ଯଥାଯଥ ଭାବେ କରିବା ଏବଂ ଯାହାସବୁ ଛାଡ଼ିବାକୁ କୁହାଯାଇଛି ସେସବୁକୁ ପରିତ୍ୟାଗ କରିବା ଉଚିତ ବୋଲି ମାନେ । ଯେହେତୁ ବେଦ ଆମକୁ ମାନ୍ୟ, ଏଣୁ ଆମ ମତ ହେଲା ବେଦ ମତ । ସକଳ ମନୁଷ୍ୟ, ବିଶେଷତଃ ଆର୍ଯ୍ୟମାନେ ଏପରି ହିଁ ମାନି ଏକମତ ହୋଇ ରହିବା ଉଚିତ ।

ପ୍ରଶ୍ନ — ଯେପରି ସତ୍ୟ-ଅସତ୍ୟ ଗ୍ରନ୍ଥ ମଧ୍ୟରେ ପାରସ୍ପରିକ ବିରୋଧ ଅଛି ଏବଂ ଅନାର୍ଷ ବା ମିଥ୍ୟା ଗ୍ରନ୍ଥଗୁଡ଼ିକ ମଧ୍ୟରେ ପାରସ୍ପରିକ ବିରୋଧ ରହିଛି, ସେହିପରି ଋଷି-ମୁନି କୃତ ଗ୍ରନ୍ଥମାନଙ୍କରେ ବି ପରସ୍ପର ବିରୋଧ ଭାବ ଅଛି । ଉଦାହରଣସ୍ୱରୂପ- ଛଅ ଶାସ୍ତ୍ରରେ(ଷଡ଼ଦର୍ଶନରେ)ପରସ୍ପର ବିରୋଧ ଅଛି, ଯଥା- 'ମୀମାଂସା' କର୍ମରୁ, 'ବୈଶେଷିକ' କାଳରୁ, 'ନ୍ୟାୟ' ପରମାଣୁରୁ, 'ଯୋଗ' ପୁରୁଷାର୍ଥରୁ, 'ସାଂଖ୍ୟ' ପ୍ରକୃତିରୁ ଓ 'ବେଦାନ୍ତ' ଶାସ୍ତ୍ର ବ୍ରହ୍ମଙ୍କଠାରୁ ସୃଷ୍ଟି ଉତ୍ପନ୍ନ ହୋଇଛି ବୋଲି ମାନେ । କ'ଣ ଏହା ବିରୋଧ ନୁହେଁ ?

ଉତ୍ତର — ନା । ପ୍ରଥମ କଥା ହେଲା ଯେ ସାଂଖ୍ୟ ଓ ବେଦାନ୍ତ ବ୍ୟତୀତ ଅନ୍ୟ ଚାରୋଟି ଶାସ୍ତ୍ରରେ ସୃଷ୍ଟି ଉତ୍ପତ୍ତି ବିଷୟରେ ବିଶଦ ଭାବେ କିଛି ଉଲ୍ଲେଖ କରାଯାଇନାହିଁ । ଦ୍ୱିତୀୟତଃ, ଏସବୁରେ ଯାହା ଲେଖାଯାଇଛି ସେଥିରେ କୌଣସି ବିରୋଧ ବି ନାହିଁ । ବୋଧହୁଏ ବିରୋଧ-ଅବିରୋଧ ବିଷୟରେ ତୁମର ଜ୍ଞାନ ନାହିଁ । ମୁଁ ତୁମକୁ ପଚାରୁଛି, ବିରୋଧ କେଉଁ ସ୍ଥାନରେ ହୋଇଥାଏ ? କୌଣସି ନିର୍ଦ୍ଦିଷ୍ଟ ବିଷୟରେ ନା ଭିନ୍ନ-ଭିନ୍ନ ବିଷୟରେ ?

ପ୍ରଶ୍ନ — ଏକ ନିର୍ଦ୍ଦିଷ୍ଟ ବିଷୟରେ ଅନେକଙ୍କ ପରସ୍ପର-ବିରୁଦ୍ଧ କଥନକୁ ବିରୋଧ କହନ୍ତି । ଏଠାରେ ବି ତ ସୃଷ୍ଟି ଏକ ନିର୍ଦ୍ଦିଷ୍ଟ ବିଷୟ ।

ଉତ୍ତର — ଆଚ୍ଛା, ବିଦ୍ୟା ଏକ ନା ଦୁଇ ?

ପ୍ରଶ୍ନ — ଏକ ।

ଉତ୍ତର — ଯଦି ବିଦ୍ୟା ଏକ ତେବେ ବ୍ୟାକରଣ, ବୈଦ୍ୟକ, ଜ୍ୟୋତିଷ ଆଦି ଭିନ୍ନ-ଭିନ୍ନ ବିଷୟ କାହିଁକି ଅଛି ? ଯେପରି ଏକ ବିଦ୍ୟା ଭିତରେ ବିଦ୍ୟାର ଅନେକ ଅବୟବ ଗୋଟିଏ ଅନ୍ୟଟିଠାରୁ ଭିନ୍ନ ପ୍ରତିପାଦିତ

ହୋଇଥାଏ, ସେହିପରି ସୃଷ୍ଟି-ବିଦ୍ୟାର ଭିନ୍ନ-ଭିନ୍ନ ଛଅ ଅବୟବ ଛଅ ଶାସ୍ତ୍ରରେ ପ୍ରତିପାଦନ କରାଯାଇଥିବାରୁ ଏହାକୁ କଦାପି ପାରସ୍ପରିକ ବିରୋଧ ବୋଲି କୁହାଯିବ ନାହିଁ । ଯେଉଁପରି ହାଣ୍ଡି ତିଆରି କରିବାରେ କର୍ମ, ସମୟ, ମାଟି, ବିଚାର, ସଂଯୋଗ-ବିଯୋଗ ଆଦି ପୁରୁଷାର୍ଥ, ପ୍ରକୃତିର ଗୁଣ ଓ କୁମ୍ଭାର କାରଣ ଅଟନ୍ତି; ସେହିପରି ସୃଷ୍ଟିର କାରଣ ହୋଇଥିବା କର୍ମର ବ୍ୟାଖ୍ୟା 'ମୀମାଂସା'ରେ, ସମୟର ବ୍ୟାଖ୍ୟା 'ବୈଶେଷିକ'ରେ, ଉପାଦାନ କାରଣର ବ୍ୟାଖ୍ୟା 'ନ୍ୟାୟ'ରେ, ପୁରୁଷାର୍ଥର ବ୍ୟାଖ୍ୟା 'ଯୋଗ'ରେ, ତତ୍ତ୍ୱ ଅନୁକ୍ରମରେ ପରିଗଣନର ବ୍ୟାଖ୍ୟା 'ସାଂଖ୍ୟ'ରେ ଓ ନିମିତ୍ତ କାରଣ ପରମେଶ୍ୱରଙ୍କ ବ୍ୟାଖ୍ୟା 'ବେଦାନ୍ତ-ଶାସ୍ତ୍ର'ରେ କରାଯାଇଛି । ଏଣୁ ଏସବୁ ମଧ୍ୟରେ କୌଣସି ବି ବିରୋଧ ନାହିଁ । ଯେପରି ଆୟୁର୍ବେଦ ଶାସ୍ତ୍ରରେ ନିଦାନ, ଚିକିତ୍ସା, ଔଷଧ ଦାନ ଓ ପଥ୍ୟର ପ୍ରକରଣ ଭିନ୍ନ-ଭିନ୍ନ ଭାବେ କୁହାଯାଇଛି, କିନ୍ତୁ ସବୁର ଉଦ୍ଦେଶ୍ୟ ରୋଗର ନିବୃତ୍ତି, ସେହିପରି ସୃଷ୍ଟିର ଛଅଟି କାରଣ । ଏ ମଧ୍ୟରୁ ଗୋଟିଏ-ଗୋଟିଏ କାରଣର ବ୍ୟାଖ୍ୟା ଏକ-ଏକ ଶାସ୍ତ୍ରକାର କରିଛନ୍ତି । ଏଣୁ ଏସବୁ ମଧ୍ୟରେ କୌଣସି ବିରୋଧ ନାହିଁ । ଏ ବିଷୟରେ ବିଶେଷ ଆଲୋଚନା ସୃଷ୍ଟି ପ୍ରକରଣରେ କରାଯିବ ।

ବିଦ୍ୟା ପଢ଼ିବା-ପଢ଼ାଇବାରେ ଯାହାସବୁ ବିଘ୍ନ-ପ୍ରତିବନ୍ଧକ, ସେସବୁକୁ ତ୍ୟାଗ କରିବେ । ଯଥା — କୁସଙ୍ଗ ବା ଦୁଷ୍ଟ ବିଷୟୀ ଲୋକଙ୍କ ସଙ୍ଗ; ଦୁଷ୍ଟ ବ୍ୟସନ, ଯଥା-ମଦ୍ୟାଦି ସେବନ ଓ ବେଶ୍ୟାଗମନ ଆଦି; ବାଲ୍ୟବିବାହ ଅର୍ଥାତ୍ ୨୫ ବର୍ଷ ବୟସ ପୂର୍ବରୁ ପୁଅର ଓ ୧୬ ବର୍ଷ ବୟସ ପୂର୍ବରୁ ଝିଅର ବିବାହ; ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ନକରିବା; ଶାସକ, ମାତା, ପିତା ଓ ବିଦ୍ୱାନମାନଙ୍କର ବେଦାଦି ଶାସ୍ତ୍ର ପ୍ରଚାରରେ ଅଶ୍ରଦ୍ଧା; ଅତି ଭୋଜନ, ଅତି ଜାଗରଣ; ପଢ଼ିବା-ପଢ଼େଇବା ଓ ପରୀକ୍ଷା ଦେବା-ନେବାରେ ଆଳସ୍ୟ ବା କପଟ କରିବା, ବିଦ୍ୟାର ଲାଭକୁ ସର୍ବଶ୍ରେଷ୍ଠ ବୋଲି ବିଚାର ନ କରିବା; ବ୍ରହ୍ମଚର୍ଯ୍ୟ ଦ୍ୱାରା ବଳ, ବୁଦ୍ଧି, ପରାକ୍ରମ, ଆରୋଗ୍ୟ, ରାଜ୍ୟ ଓ ଧନର ବୃଦ୍ଧି ହୁଏ ବୋଲି ବିଶ୍ୱାସ ନ କରିବା; ଈଶ୍ୱରଙ୍କ ଧ୍ୟାନ ଛାଡ଼ି ଅନ୍ୟ ପାଷାଣାଦି ଜଡ଼ ମୂର୍ତ୍ତିର ଦର୍ଶନ-ପୂଜନରେ ବ୍ୟର୍ଥ ସମୟ ନଷ୍ଟ କରିବା; ମାତା, ପିତା, ଆଚାର୍ଯ୍ୟ, ଅତିଥି ଓ ବିଦ୍ୱାନ୍ ଏହି ସତ୍ୟ ମୂର୍ତ୍ତିମାନଙ୍କ ସେବା ଓ ସତ୍ସଙ୍ଗ ନ କରିବା; ବର୍ଣ୍ଣାଶ୍ରମ ଧର୍ମ ଛାଡ଼ି ଊର୍ଦ୍ଧ୍ୱପୁଣ୍ଡ୍ର, ତ୍ରିପୁଣ୍ଡ୍ର, ତିଳକ, କଣ୍ଠି, ମାଳା ଧାରଣ ତଥା ଏକାଦଶୀ, ତ୍ରୟୋଦଶୀ ଆଦି ବ୍ରତ ଅନୁଷ୍ଠାନ; କାଶୀ ପ୍ରଭୃତି ତୀର୍ଥ ଓ ରାମ, କୃଷ୍ଣ, ନାରାୟଣ, ଶିବ, ଭଗବତୀ, ଗଣେଶ ଇତ୍ୟାଦିଙ୍କ ନାମସ୍ମରଣ ଦ୍ୱାରା ପାପ ଦୂର ହେବାର ବିଶ୍ୱାସ; ପାଷାଣ୍ଡମାନଙ୍କ ଉପଦେଶରେ ବିଦ୍ୟା ପଢ଼ିବାରେ ଅଶ୍ରଦ୍ଧା ତଥା ବିଦ୍ୟା, ଧର୍ମ, ଯୋଗ, ପରମେଶ୍ୱରଙ୍କ ଉପାସନା ବିନା ମିଥ୍ୟା ପୁରାଣ ନାମକ ଭାଗବତ ଆଦିର କଥା ଶ୍ରବଣରେ ମୁକ୍ତି ମିଳେ ବୋଲି ମାନିବା; ଲୋଭବଶତଃ ଧନ ଅର୍ଜନରେ ପ୍ରବୃତ୍ତ ହୋଇ ବିଦ୍ୟାରେ ପ୍ରୀତି ନ ରଖିବା; ଏଣେ-ତେଣେ ବ୍ୟର୍ଥ ଭ୍ରମଣ କରିବା ଇତ୍ୟାଦି; ଏ ସମସ୍ତ ମିଥ୍ୟା ବ୍ୟବହାରରେ ଛନ୍ଦି ହୋଇ ଲୋକେ ବ୍ରହ୍ମଚର୍ଯ୍ୟ ଓ ବିଦ୍ୟା ଲାଭରୁ ବଞ୍ଚିତ ହୋଇ ରୋଗୀ ଓ ମୂର୍ଖ ହୋଇ ରହିଥାନ୍ତି ।

ଆଜିକାଲିର ସମ୍ପ୍ରଦାୟୀ ଓ ସ୍ୱାର୍ଥୀ ବ୍ରାହ୍ମଣ ଆଦି ଲୋକେ ଅନ୍ୟମାନଙ୍କୁ ବିଦ୍ୟା-ସତ୍ସଙ୍ଗରୁ ଦୂରେଇ ଓ ନିଜ ଜାଲରେ ଫସେଇ ସେମାନଙ୍କ ତନୁ, ମନ ଓ ଧନ ନଷ୍ଟ କରିଦେଉଛନ୍ତି । ଏମାନଙ୍କ ଆଶଙ୍କା ଯେ ଯଦି କ୍ଷତ୍ରିୟାଦି ବର୍ଣ୍ଣ ପାଠ ପଢ଼ି ବିଦ୍ୱାନ୍ ହୋଇଯିବେ, ତେବେ ଆମର ପାଖଣ୍ଡ ଜାଲରୁ ମୁକୁଳି ଯାଇ ଓ ଆମର ଛଳ-କପଟକୁ ଜାଣିପାରି ଆମର ଅପମାନ କରିବେ ଇତ୍ୟାଦି । ଅତଃ ରାଜା ଓ ପ୍ରଜା ଏ ସକଳ ବାଧା-ପ୍ରତିବନ୍ଧକକୁ ଦୂର କରି ନିଜ ସନ୍ତାନ-ସନ୍ତତିଙ୍କୁ ବିଦ୍ୱାନ୍ କରିବା ନିମନ୍ତେ ତନୁ, ମନ, ଧନରେ ପ୍ରଯତ୍ନ କରିବା ବିଧେୟ ।

ନାରୀ-ଶୂଦ୍ରଙ୍କ ବେଦାଧୟନ ଅଧିକାର

ପ୍ରଶ୍ନ — କ'ଣ ସ୍ତ୍ରୀ ଓ ଶୂଦ୍ରମାନେ ବି ବେଦ ପଢ଼ିବେ? ଯଦି ଏମାନେ ବେଦ ପଢ଼ିବେ ତେବେ ଆମେ ଫେରେ କ'ଣ କରିବୁ? ତା'ଛଡ଼ା ଏମାନଙ୍କ ବେଦ ପଢ଼ିବା ସପକ୍ଷରେ ପ୍ରମାଣ ବି ତ ନାହିଁ, ବରଂ ଏମାନଙ୍କୁ ବେଦାଧ୍ୟୟନରେ ନିଷେଧ ଅଛି — **'ସ୍ତ୍ରୀଶୂଦ୍ରୌ ନାଧୀୟାତାମିତି ଶ୍ରୁତେଃ ।'**(ବେଦାନ୍ତ. ଶାଙ୍କରଭାଷ୍ୟ. ୧:୩:୪) — ସ୍ତ୍ରୀ ଓ ଶୂଦ୍ର ବେଦ ପଢ଼ିବେ ନାହିଁ - ଏହା ଶ୍ରୁତିର ସିଦ୍ଧାନ୍ତ ।

ଉତ୍ତର — ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କର ଅର୍ଥାତ୍ ମନୁଷ୍ୟମାତ୍ରଙ୍କେ ପ୍ରତ୍ୟେକଙ୍କର ବେଦ ପଢ଼ିବାର ଅଧିକାର ଅଛି । ଆଉ ତୁମେ କୂଅରେ ପଡ଼ । ତୁମର ଏ 'ଶ୍ରୁତି' କପୋଳକଳ୍ପିତ । ଏହା କୌଣସି ପ୍ରାମାଣିକ ଗ୍ରନ୍ଥର ବଚନ ନୁହେଁ । ତା' ଛଡ଼ା ବେଦାଦି ଶାସ୍ତ୍ର ପଢ଼ିବା-ଶୁଣିବାର ଅଧିକାର ସକଳ ମନୁଷ୍ୟଙ୍କର ଅଛି ବୋଲି ପ୍ରମାଣ ଯଜୁର୍ବେଦରେ ରହିଛି -

ଯଥେମାଂ ବାଚଂ କଲ୍ୟାଣୀମାବଦାନି ଜନେଭ୍ୟଃ ।
ବ୍ରହ୍ମରାଜନ୍ୟାଭ୍ୟାଂ ଶୂଦ୍ରାୟ ଚାର୍ୟ୍ୟାୟ ଚ ସ୍ୱାୟ ଚାରଣାୟ ॥ (ଯଜୁଃ. ୨୬:୨)

ପରମେଶ୍ୱର କହୁଛନ୍ତି କି **(ଯଥା)** ଯେପରି ମୁଁ **(ଜନେଭ୍ୟଃ)** ସକଳ ମନୁଷ୍ୟଙ୍କ ପାଇଁ **(ଇମାମ୍)** ଏହି **(କଲ୍ୟାଣୀମ୍)** କଲ୍ୟାଣୀ ଅର୍ଥାତ୍ ସାଂସାରିକ ସୁଖ ଓ ମୁକ୍ତିର ଆନନ୍ଦ ପ୍ରଦାୟିନୀ **(ବାଚମ୍)** ଋଗ୍‌ବେଦାଦି ଚାରି ବେଦର ବାଣୀ **(ଆବଦାନି)** ଉପଦେଶ ଦେଇଛି, ସେପରି ତୁମେ ବି ଉପଦେଶ ଦିଅ ।

ପ୍ରଶ୍ନ — ଏଠାରେ କେହି ଏପରି ତର୍କ ବି ଦେଇପାରେ ଯେ 'ଜନ' ଶବ୍ଦ ଦ୍ୱିଜ ଅର୍ଥରେ ଗ୍ରହଣ କରିବା ଉଚିତ, କାରଣ ସ୍ମୃତି ଆଦି ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ, ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କର ହିଁ ବେଦପାଠରେ ଅଧିକାର ଅଛି; ସ୍ତ୍ରୀ ଓ ଶୂଦ୍ରାଦିଙ୍କର ନାହିଁ ।

ଉତ୍ତର — **(ବ୍ରହ୍ମରାଜନ୍ୟାଭ୍ୟାମ୍)** ଦେଖ! ପରମେଶ୍ୱର ସ୍ୱୟଂ କହୁଛନ୍ତି ଯେ ମୁଁ ବ୍ରାହ୍ମଣ, କ୍ଷତ୍ରିୟ, **(ଅର୍ୟ୍ୟାୟ)** ବୈଶ୍ୟ, **(ଶୂଦ୍ରାୟ)** ଶୂଦ୍ର ଓ **(ସ୍ୱାୟ)** ସ୍ୱ ଭୃତ୍ୟ ବା ସ୍ତ୍ରୀ ଆଦି ଏବଂ **(ଅରଣାୟ)** ଅତିଶୂଦ୍ରାଦିଙ୍କ ପାଇଁ ମଧ୍ୟ ବେଦ ପ୍ରକାଶିତ କରିଅଛି । ଅର୍ଥାତ୍ **ସକଳ ମନୁଷ୍ୟ ବେଦର ଅଧ୍ୟୟନ-ଅଧ୍ୟାପନା ଓ ଶ୍ରବଣ-ଶ୍ରାବଣ ଦ୍ୱାରା ଜ୍ଞାନ-ବିଜ୍ଞାନ ବୃଦ୍ଧି କରି, ଭଲ କଥା ଗ୍ରହଣ ଓ ଖରାପ କଥା ତ୍ୟାଗ କରି ଦୁଃଖରୁ ଉଦ୍ଧାର ପାଇ ଆନନ୍ଦ ଲାଭ କରନ୍ତୁ ।** ବର୍ତ୍ତମାନ କୁହ! ତୁମ କଥା ମାନିବା ନା ପରମେଶ୍ୱରଙ୍କ କଥା? ପରମେଶ୍ୱରଙ୍କ କଥା ଅବଶ୍ୟ ମାନନୀୟ । ଏହା ସତ୍ତ୍ୱେ ଯଦି କେହି ଏହାକୁ ନ ମାନେ ତେବେ ତାକୁ **'ନାସ୍ତିକ'** କୁହାଯିବ, କାରଣ **'ନାସ୍ତିକୋ ବେଦନିନ୍ଦକଃ'** (ମନୁ. ୨:୧୧) — ବେଦର ନିନ୍ଦକ ଓ ବେଦକୁ ମାନୁ ନ ଥିବା ବ୍ୟକ୍ତିକୁ **'ନାସ୍ତିକ'** କୁହାଯାଏ ।

କ'ଣ ପରମେଶ୍ୱର ଶୂଦ୍ରଙ୍କ କଲ୍ୟାଣ ଚାହାଁନ୍ତି ନାହିଁ? ଇଶ୍ୱର କ'ଣ ପକ୍ଷପାତୀ ଯେ ବେଦ ପଢ଼ିବା-ଶୁଣିବା ଦ୍ୱିଜଙ୍କ ପାଇଁ ବିଧି ଓ ଶୂଦ୍ରଙ୍କ ପାଇଁ ନିଷେଧ କରିବେ? ଯଦି ଶୂଦ୍ରାଦିଙ୍କୁ ପଢ଼ାଇବା-ଶୁଣାଇବା ପରମେଶ୍ୱରଙ୍କ ଅଭିପ୍ରାୟ ନଥାନ୍ତା, ତେବେ ଏମାନଙ୍କ ଶରୀରରେ ବାଣୀ ଓ କାନ କାହିଁକି ତିଆରି କରିଥାନ୍ତେ? ପରମାତ୍ମା ଯେପରି ପୃଥିବୀ, ଜଳ, ଅଗ୍ନି, ବାୟୁ, ଚନ୍ଦ୍ର, ସୂର୍ଯ୍ୟ ଓ ଅନ୍ନାଦି ପଦାର୍ଥ ସମସ୍ତଙ୍କ ପାଇଁ ତିଆରି କରିଛନ୍ତି, ସେହିପରି ବେଦ ବି ସମସ୍ତଙ୍କ ପାଇଁ ପ୍ରକାଶିତ କରିଛନ୍ତି । ଆଉ ଯଦି ଶାସ୍ତ୍ରରେ

କେଉଁଠି ଶୂଦ୍ରର ବେଦପାଠ କଥା ନିଷେଧ କରାଯାଇଛି, ତେବେ ତା'ର ଅଭିପ୍ରାୟ ଅଲଗା । ସେ କଥନର ଅଭିପ୍ରାୟ ହେଲା ଯେ, ପଢ଼ିବା-ପଢ଼ାଇବା ଦ୍ୱାରା ମଧ୍ୟ ଯାହାକୁ କିଛି ବି ଆସେ ନାହିଁ, ସେ ବୁଦ୍ଧିହୀନ ଓ ମୂର୍ଖ ହୋଇଥିବାରୁ ତାକୁ ଶୂଦ୍ର କୁହାଯାଏ । ତାକୁ ସ୍ୱର, ଶବ୍ଦ-ଅର୍ଥ-ସମ୍ବନ୍ଧ ସହ ବେଦ ପଢ଼ାଇବା ବୃଥା; ସମୟ ଓ ଶ୍ରମର ଅପବ୍ୟୟ ମାତ୍ର । ବୈଦିକ ସିଦ୍ଧାନ୍ତ ସମ୍ବନ୍ଧୀୟ ବ୍ୟାବହାରିକ ଜ୍ଞାନ ତ ଶୂଦ୍ରକୁ ବି ଦିଆଯିବା ଉଚିତ । ଆଉ ସ୍ତ୍ରୀଲୋକଙ୍କ ବେଦ ପଢ଼ିବା ବିଷୟକୁ ତୁମେ ଯେଉଁ ନିଷେଧ କରୁଛ, ତାହା ତୁମର ମୂର୍ଖତା, ସ୍ୱାର୍ଥପରତା ଓ ବୁଦ୍ଧିହୀନତାର ଉପଜ । ଦେଖ କନ୍ୟାମାନଙ୍କର ବେଦାଧ୍ୟୟନ ସମ୍ପର୍କରେ ବେଦର ପ୍ରମାଣ —

ବ୍ରହ୍ମଚର୍ଯ୍ୟେଣ କନ୍ୟା ଯୁବାନଂ ବିନ୍ଦତେ ପତିମ୍ । (ଅଥର୍ବ. ୧୧:୫:୧୮)

ବାଳକ ଯେପରି ବ୍ରହ୍ମଚର୍ଯ୍ୟ ଆଶ୍ରମର ଅନୁଷ୍ଠାନ ଦ୍ୱାରା ପୂର୍ଣ୍ଣ ବିଦ୍ୟା ଓ ସୁଶିକ୍ଷା ପ୍ରାପ୍ତ ହୋଇ ଯୁବାବସ୍ଥା ପ୍ରାପ୍ତ ହେବା ପରେ ଯୁବତୀ, ବିଦୁଷୀ, ନିଜର ଅନୁକୂଳ, ପ୍ରିୟ, ଗୁଣ-କର୍ମରେ ସଦୃଶ କନ୍ୟା ସହ ବିବାହ କରେ, ସେହିପରି **(କନ୍ୟା)** କୁମାରୀ **(ବ୍ରହ୍ମଚର୍ଯ୍ୟେଣ)** ବ୍ରହ୍ମଚର୍ଯ୍ୟାଶ୍ରମ ଅନୁଷ୍ଠାନ ଦ୍ୱାରା ବେଦାଦି ଶାସ୍ତ୍ର ଅଧ୍ୟୟନ କରି, ପୂର୍ଣ୍ଣ ବିଦ୍ୟା ଓ ଉତ୍ତମ ଶିକ୍ଷା ଲାଭ କରି, ଯୁବତୀ ହୋଇ, ପୂର୍ଣ୍ଣ ଯୁବାବସ୍ଥାରେ ନିଜ ସଦୃଶ, ପ୍ରିୟ, ବିଦ୍ୱାନ୍ ଓ **(ଯୁବାନମ୍-ପତିମ୍)** ପୂର୍ଣ୍ଣ ଯୌବନାବସ୍ଥା ଯୁକ୍ତ ପୁରୁଷକୁ **(ବିନ୍ଦତେ)** ପ୍ରାପ୍ତ ହେବେ । ଅତଏବ **ସ୍ତ୍ରୀଲୋକମାନେ ବି ବ୍ରହ୍ମଚର୍ଯ୍ୟ ପାଳନ ଓ ବିଦ୍ୟା ଅଧ୍ୟୟନ ନିଶ୍ଚିତ ରୂପେ କରିବା ଉଚିତ ।**

ପ୍ରଶ୍ନ — ତେବେ କ'ଣ ମହିଳାମାନେ ବି ବେଦ ପଢ଼ିବେ ?

ଉତ୍ତର — ନିଶ୍ଚୟ । ଦେଖ, ଶ୍ରୌତସୂତ୍ରାଦିରେ ଅଛି -

ଇମଂ ମନ୍ତ୍ରଂ ପତ୍ନୀ ପଠେତ୍ । (ଶାଂଖ୍ୟା. ଶ୍ରୌତ. ୧:୧୫:୧୩)

ଯଜ୍ଞରେ ଏହି ମନ୍ତ୍ର ସ୍ତ୍ରୀ ପଢ଼ିବେ । ଯଦି ସ୍ତ୍ରୀ ବେଦାଦି ଶାସ୍ତ୍ର ପଢ଼ିନଥିବେ, ତେବେ ଯଜ୍ଞରେ ମନ୍ତ୍ରର ସ୍ୱର ସହିତ ଉଚ୍ଚାରଣ ଓ ସଂସ୍କୃତରେ କଥାବାର୍ତ୍ତା କିପରି କରିପାରିବେ ? ଭାରତବର୍ଷର ନାରୀସମାଜର ମଥାମଣି ସ୍ୱରୂପା ଗାର୍ଗୀ ପ୍ରଭୃତି ବେଦାଦି ଶାସ୍ତ୍ର ଅଧ୍ୟୟନ କରି ପୂର୍ଣ୍ଣ ବିଦୁଷୀ ହୋଇଥିଲେ, ଏହା 'ଶତପଥ ବ୍ରାହ୍ମଣ' (୧୪:୬:୬)ରେ ସ୍ପଷ୍ଟ ଉଲ୍ଲେଖ ଅଛି । ଆଉ ଯଦି ପରିବାରରେ ସ୍ୱାମୀ ବିଦ୍ୱାନ୍ ଓ ସ୍ତ୍ରୀ ଅପାଠୋଇ କିମ୍ବା ସ୍ତ୍ରୀ ବିଦୁଷୀ ଓ ସ୍ୱାମୀ ଅବିଦ୍ୱାନ୍ ହୁଅନ୍ତି ତେବେ ଘରେ ପ୍ରତିଦିନ ଦେବାସୁର-ସଂଗ୍ରାମ ଚାଲିବ, ଆଉ ସୁଖ-ଶାନ୍ତି ରହିବ କେଉଁଠି ? ତା' ଛଡ଼ା ଯଦି ନାରୀମାନେ ପାଠ ନ ପଢ଼ନ୍ତି ତେବେ ବାଳିକାଙ୍କ ପାଠଶାଳାରେ ଶିକ୍ଷୟିତ୍ରୀ କେମିତି ହେବେ, ବାଳିକା ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଚାଲିବ କେମିତି ? ତା' ସହ ପ୍ରଶାସନ, ନ୍ୟାୟାଳୟର କାର୍ଯ୍ୟ ଏବଂ ଗୃହାଶ୍ରମର କାର୍ଯ୍ୟ, ଯଥା - ପତିଙ୍କୁ ତାଙ୍କ କର୍ମରେ ସହଯୋଗ, ଅନୁକୂଳ କର୍ମଦ୍ୱାରା ପ୍ରସନ୍ନତା ସମ୍ପାଦନ, ଗୃହର ଯାବତୀୟ କର୍ମର ନିରୀକ୍ଷଣ ଓ ସମ୍ପାଦନ ଇତ୍ୟାଦି କର୍ମ ବିନା ବିଦ୍ୟାରେ ତ ଉତ୍ତମ ରୂପେ କେବେ ବି ସମ୍ପନ୍ନ ହୋଇପାରିବ ନାହିଁ ।

ଦେଖ ! ଆର୍ଯ୍ୟାବର୍ତ୍ତର ରାଜପୁରୁଷମାନଙ୍କ ସ୍ତ୍ରୀମାନେ 'ଧନୁର୍ବେଦ' ଅର୍ଥାତ୍ ଯୁଦ୍ଧବିଦ୍ୟା ବି ଭଲ ଭାବେ ଜାଣିଥିଲେ । କାହିଁକିନା, ଯଦି ଜାଣି ନ ଥାନ୍ତେ ତେବେ କୈକେୟୀ ଆଦି ଦଶରଥ ପ୍ରଭୃତିଙ୍କ ସହ ଯୁଦ୍ଧକୁ କେମିତି ଯାଇଥାନ୍ତେ ଓ ଯୁଦ୍ଧ କରିଥାନ୍ତେ ? ଏଣୁ ବ୍ରାହ୍ମଣୀ ସକଳ ବିଦ୍ୟା, କ୍ଷତ୍ରିୟା ସବୁ ବିଦ୍ୟା ବିଶେଷ ରୂପେ

ଯୁଦ୍ଧବିଦ୍ୟା ଓ ରାଜବିଦ୍ୟା, ବୈଶ୍ୟା ବ୍ୟବହାର-ବିଦ୍ୟା ଏବଂ ଶୂଦ୍ରା ପାକାଦି ସେବା କରିବା ବିଦ୍ୟା ଅବଶ୍ୟ ଶିକ୍ଷା କରିବା ଉଚିତ । ପୁରୁଷମାନେ ଯେପରି ଅନ୍ୟୂନ ପକ୍ଷେ ବ୍ୟାକରଣ, ଧର୍ମ ଓ ନିଜର ଆଜୀବିକା ବ୍ୟବହାର ସମ୍ବନ୍ଧୀୟ ବିଦ୍ୟା ଅବଶ୍ୟ ପଢ଼ିବା ଉଚିତ, ମହିଳାମାନେ ମଧ୍ୟ ସେହିପରି ବ୍ୟାକରଣ, ଧର୍ମ, ଆୟୁର୍ବେଦ, ଗଣିତ, ଶିଳ୍ପବିଦ୍ୟା ତ ନିଶ୍ଚିତ ରୂପେ ଶିକ୍ଷା କରିବା ଦରକାର । କାରଣ ଏ ସବୁ ନ ଶିଖିଲେ ସତ୍ୟ-ଅସତ୍ୟର ନିର୍ଣ୍ଣୟ; ପତି ଆଦିଙ୍କ ସହ ଅନୁକୂଳ ବ୍ୟବହାର; ଯଥାଯୋଗ୍ୟ ସନ୍ତାନୋତ୍ପତ୍ତି, ସେମାନଙ୍କ ଲାଳନ-ପାଳନ, ସମ୍ବର୍ଦ୍ଧନ ଓ ସୁଶିକ୍ଷା ପ୍ରଦାନ; ଘରର ସବୁ କାମ ଯଥାଯଥ ରୂପେ କରିବା-କରାଇବା; ଆୟୁର୍ବେଦ ବିଦ୍ୟାନୁସାରେ ଔଷଧ ଭଳି ଖ୍ୟାଦ୍ୟ-ପାନୀୟ ତିଆରି କରିବା ଓ କରାଇବା; ଯଦ୍ଦ୍ୱାରା କି ଘରକୁ କେବେ ରୋଗ ପଶିପାରିବ ନାହିଁ ଓ ପରିବାରର ସମସ୍ତେ ଆନନ୍ଦରେ ରହିବେ, ଇତ୍ୟାଦି କାମ କରିପାରିବେ ନାହିଁ । ନାରୀମାନେ ଶିଳ୍ପବିଦ୍ୟା ନ ଶିଖିଲେ ଘର ତିଆରି କରିବା-କରେଇବା, ବସନ-ଭୂଷଣ ଆଦି ତିଆରି କରିବା-କରାଇବା; ଗଣିତ ବିଦ୍ୟା ନ ଜାଣିଲେ ସବୁ ହିସାବପତ୍ର ବୁଝିବା-ବୁଝେଇବା; ବେଦାଦି ଶାସ୍ତ୍ରବିଦ୍ୟା ନ ଶିଖିଲେ ଈଶ୍ୱର ଓ ଧର୍ମକୁ ଜାଣି ଅଧର୍ମରୁ ଦୂରେଇ ରହିବା ଆଦି କାର୍ଯ୍ୟଗୁଡ଼ିକ କେବେ ବି ସୁଚାରୁ ରୂପେ ସମ୍ପାଦନ କରିପାରିବେ ନାହିଁ ।

ଏଣୁ ସେମାନେ ହିଁ ଧନ୍ୟ ଓ କୃତକୃତ୍ୟ ଅଟନ୍ତି ଯେଉଁମାନେ ବ୍ରହ୍ମଚର୍ଯ୍ୟ, ଉତ୍ତମ ଶିକ୍ଷା ଓ ବିଦ୍ୟା ଦ୍ୱାରା ନିଜ ସନ୍ତାନଙ୍କ ଶରୀର ଓ ଆତ୍ମାର ବଳକୁ ବୃଦ୍ଧି କରନ୍ତି, ଯଦ୍ଦ୍ୱାରା କି ସେ ସନ୍ତାନମାନେ ମାତା, ପିତା, ପତି, ଶାଶୁ, ଶ୍ୱଶୁର, ରାଜା, ପ୍ରଜା, ପଡ଼ୋଶୀ, ଇଷ୍ଟମିତ୍ର ଓ ସନ୍ତାନ ପ୍ରଭୃତିଙ୍କ ସହ ଧର୍ମପୂର୍ବକ ଯଥାଯୋଗ୍ୟ ବ୍ୟବହାର କରିବେ । ଏହି ବିଦ୍ୟା କୋଷ ଅକ୍ଷୟ । ଏହାକୁ ଯେତେ ବ୍ୟୟ କରାଯାଏ, ଏହା ସେତେ ଅଧିକ ବଢ଼ିଚାଲେ । ଅନ୍ୟ ସବୁ କୋଷ ବ୍ୟୟ କଲେ କମିଯାଏ ଏବଂ ଉତ୍ତରାଧିକାରୀ ଥିବା ଭାଗୀଦାରମାନେ ବି ନିଜ ଭାଗ ନେଇଯାଆନ୍ତି; କିନ୍ତୁ ବିଦ୍ୟା କୋଷକୁ ଚୋର କି ଭାଗୀଦାର କେହି ବି ନେଇପାରନ୍ତି ନାହିଁ । ଏହି କୋଷର ରକ୍ଷା ଓ ବୃଦ୍ଧି କରିବାର ବିଶେଷ ଦାୟିତ୍ୱ ରାଜାଙ୍କର ଓ ପ୍ରଜାଙ୍କର ବି ଦାୟିତ୍ୱ ଅଛି ।

କନ୍ୟାନାଂ ସମ୍ପ୍ରଦାନଂ ଚ କୁମାରାଣାଂ ଚ ରକ୍ଷଣମ୍ । (ମନୁ. ୭:୧୫୨)

ପ୍ରତ୍ୟେକ ବାଳକ-ବାଳିକାଙ୍କୁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଆଶ୍ରମରେ ରଖି ବିଦ୍ୱାନ୍ କରାଇବା ରାଜାଙ୍କ କର୍ତ୍ତବ୍ୟ । ରାଜାଙ୍କ ଆଦେଶ ଅନୁସାରେ ୮ ବର୍ଷ ବୟସ ପରେ କୌଣସି ବାଳକ-ବାଳିକା ମାତା-ପିତାଙ୍କ ପାଖରେ ଘରେ ରହିପାରିବେ ନାହିଁ, ଗୁରୁକୁଳରେ ରହିବେ । ସମାବର୍ତ୍ତନ ସମୟ ନ ଆସିବା ପର୍ଯ୍ୟନ୍ତ କାହାରି ବିବାହ ହୋଇପାରିବ ନାହିଁ । ଯେଉଁ ମାତା-ପିତା ରାଜାଙ୍କ ଏହି ଆଦେଶ ଅମାନ୍ୟ କରିବେ ସେମାନେ ଦଣ୍ଡିତ ହେବେ ।

ସର୍ବେଷାମେବ ଦାନାନାଂ ବ୍ରହ୍ମଦାନଂ ବିଶିଷ୍ୟତେ ।
ବାର୍ଯ୍ୟନ୍ନଗୋମହୀବାସସ୍ତିଲକାଞ୍ଚନସର୍ପିଷାମ୍ ।। (ମନୁ. ୪:୨୩୩)

ସଂସାରରେ ଜଳ, ଅନ୍ନ, ଗୋ, ଭୂମି, ବସ୍ତ୍ର, ତିଳ, ସୁବର୍ଣ୍ଣ ଓ ଘୃତ ଇତ୍ୟାଦି ଯେତେ ପ୍ରକାର ଦାନ ଅଛି ଏ ସମସ୍ତ ଦାନ ମଧ୍ୟରେ 'ବେଦବିଦ୍ୟା'ର ଦାନ ସର୍ବଶ୍ରେଷ୍ଠ ଦାନ ।

ଏଣୁ ଯାହାଦ୍ୱାରା ଯେତେ ଅଧିକ ପ୍ରଯତ୍ନ ଓ ଧନ ବ୍ୟୟ ସମ୍ଭବ ବିଦ୍ୟା ବୃଦ୍ଧି ପାଇଁ ସେତିକି ଅବଶ୍ୟ କରିବେ । ଯେଉଁ ଦେଶରେ ଯଥାଯୋଗ୍ୟ ବ୍ରହ୍ମଚର୍ଯ୍ୟ, ବିଦ୍ୟା ଓ ବେଦୋକ୍ତ ଧର୍ମର ପ୍ରଚାର ହୁଏ, ସେ ଦେଶ

ସେତେ ସୁଖ-ସମୃଦ୍ଧି ସମ୍ପନ୍ନ ହୋଇଥାଏ ।

ଏଠରେ ବ୍ରହ୍ମଚର୍ଯ୍ୟାଶ୍ରମର ଶିକ୍ଷା ସମ୍ପର୍କରେ ସଂକ୍ଷେପରେ ଲେଖାଗଲା । ଆଗକୁ, ଚତୁର୍ଥ ସମୁଲ୍ଲାସରେ ସମାବର୍ତ୍ତନ, ବିବାହ ଓ ଗୃହସ୍ଥାଶ୍ରମ ଶିକ୍ଷା ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍‌ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତେ ଶିକ୍ଷାବିଷୟେ
ତୃତୀୟଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ।।୩ ।।

ଅଥ ଚତୁର୍ଥସମୁଲ୍ଲାସାରମ୍ଭଃ

ଅଥ ସମାବର୍ତ୍ତନବିବାହଗୃହାଶ୍ରମବିଧିଂ ବକ୍ଷ୍ୟାମଃ

ବେଦାନଧୀତ୍ୟ ବେଦୌ ବା ବେଦଂ ବାପି ଯଥାକ୍ରମମ୍ ।
ଅବିପ୍ଲୁତବ୍ରହ୍ମଚର୍ୟୋ ଗୃହସ୍ଥାଶ୍ରମମାବିଶେତ୍ ॥ ୧ ॥ (ମନୁ. ୩:୨)

ବ୍ରହ୍ମଚର୍ଯ୍ୟାଶ୍ରମରେ ଯଥାବିଧି ଆଚାର୍ଯ୍ୟଙ୍କ ଆଜ୍ଞାନୁସାରେ ଆଚରଣ କରି, ଧର୍ମପୂର୍ବକ ସାଙ୍ଗୋପାଙ୍ଗ ଚାରିଟି, ତିନୋଟି, ଦୁଇଟି କିମ୍ବା ଗୋଟିଏ ବେଦ ଅଧ୍ୟୟନ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିଥିବା ପୁରୁଷ ଓ ସ୍ତ୍ରୀ ଗୃହସ୍ଥାଶ୍ରମରେ ପ୍ରବେଶ କରିବେ ।

ତଂ ପ୍ରତୀତଂ ସ୍ୱଧର୍ମେଣ ବ୍ରହ୍ମଦାୟହରଂ ପିତୁଃ ।
ସ୍ରଗ୍ବିଣଂ ତଲ୍ପ ଅସୀନମର୍ହୟେତ୍ପ୍ରଥମଂ ଗବା ॥ ୨ ॥ (ମନୁ. ୩:୩)

ସ୍ୱଧର୍ମ ଅର୍ଥାତ୍ ଆଚାର୍ଯ୍ୟ ଓ ଶିଷ୍ୟଙ୍କର ଯାହା ଯଥାର୍ଥ ଧର୍ମ, ସେଥିରେ ଯୁକ୍ତ ହୋଇଥିବା, ପିତା ଅର୍ଥାତ୍ ଜନକ ବା ଅଧ୍ୟାପକଙ୍କଠାରୁ ବ୍ରହ୍ମଦାୟ ଅର୍ଥାତ୍ ବିଦ୍ୟାରୂପୀ ଭାଗ ଗ୍ରହଣକାରୀ ଓ ମାଳା ଧାରଣକାରୀ ଶିଷ୍ୟ ସମାବର୍ତ୍ତନ ସମୟରେ ପଲଙ୍କରେ ଉପବିଷ୍ଟ ସ୍ୱ ଆଚାର୍ଯ୍ୟଙ୍କୁ ପ୍ରଥମେ ଗୋଦାନ ଦ୍ୱାରା ସତ୍କାର କରିବେ । ସେହିପରି ବିବାହ ସଂସ୍କାର ସମୟରେ ଉକ୍ତ ଲକ୍ଷଣଯୁକ୍ତ ବିଦ୍ୟାର୍ଥୀଙ୍କୁ ବି କନ୍ୟାପିତା ଗୋଦାନ ଦ୍ୱାରା ସତ୍କାର କରିବେ ।

ଗୁରୁଣାନୁମତଃ ସ୍ନାତ୍ୱା ସମାବୃତ୍ତୋ ଯଥାବିଧି ।
ଉଦ୍‌ବହେତ ଦ୍ୱିଜୋ ଭାର୍ଯ୍ୟାଂ ସବର୍ଣ୍ଣାଂ ଲକ୍ଷଣାନ୍ୱିତାମ୍ ॥ ୩ ॥ (ମନୁ. ୩:୪)

ଗୁରୁଙ୍କଠାରୁ ଆଜ୍ଞା ନେଇ ସ୍ନାନ ସାରି, ଗୁରୁକୁଳରୁ ବିଧିମତେ ପ୍ରତ୍ୟାବର୍ତ୍ତନ କରି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ନିଜ-ନିଜ ବର୍ଣ୍ଣାନୁକୂଳ ସୁଲକ୍ଷଣଯୁକ୍ତା କନ୍ୟାଙ୍କୁ ବିବାହ କରିବେ ।

ଅସପିଣ୍ଡା ଚ ଯା ମାତୁରସଗୋତ୍ରା ଚ ଯା ପିତୁଃ ।
ସା ପ୍ରଶସ୍ତା ଦ୍ୱିଜାତୀନାଂ ଦାରକର୍ମଣି ମୈଥୁନେ ॥ ୪ ॥ (ମନୁ. ୩:୫)

ଯେଉଁ କନ୍ୟା ମାତାଙ୍କ କୁଳର ଛଅ ପିଢ଼ି ଭିତରର ହୋଇନଥିବ ତଥା ପିତାଙ୍କ ଗୋତ୍ରର ହୋଇନଥିବ, ସେହି କନ୍ୟାଙ୍କୁ ବିବାହ କରିବା ଉଚିତ । ଏପରି କହିବାର ଉଦ୍ଦେଶ୍ୟ ହେଲା ଯେ —

ପରୋକ୍ଷପ୍ରିୟା ଇବ ହି ଦେବାଃ ପ୍ରତ୍ୟକ୍ଷଦ୍ୱିଷଃ । (ଶତପଥ. ୧୪:୧:୧୧:୨)

ଏକଥା ସର୍ବବିଦିତ ଯେ, ପରୋକ୍ଷ ପଦାର୍ଥ ପ୍ରତି ଯେପରି ପ୍ରୀତି ଜାତ ହୁଏ, ପ୍ରତ୍ୟକ୍ଷ ପଦାର୍ଥରେ ସେପରି ହୋଇନଥାଏ । ଯଥା – ଜଣେ ମିଶ୍ରିର ଗୁଣ ବିଷୟରେ ବହୁତ ଶୁଣିଛି, କିନ୍ତୁ କେବେ ଖାଇନାହିଁ, ସେତେବେଳେ ତା' ମନ ସେ ମିଶ୍ରିରେ ହିଁ ଲାଗିରହିଥାଏ । ସେହିପରି କୌଣସି ପରୋକ୍ଷ ବସ୍ତୁର ପ୍ରଶଂସା ଶୁଣିଲେ ତାହା ପାଇବା ପାଇଁ ପ୍ରବଳ ଇଚ୍ଛା ହୁଏ । ତେଣୁ ଦୂରସ୍ଥ ଅର୍ଥାତ୍ ନିଜ ଗୋତ୍ରର କି ମାତାଙ୍କ କୁଳର ନିକଟ ସମ୍ପର୍କୀୟ ହୋଇନଥିବା

କନ୍ୟା ସହ ବରର ବିବାହ ହେବା ଉଚିତ ।

ନିକଟ ବିବାହରେ ନିମ୍ନଲିଖିତ ଦୋଷ ଓ ଦୂର ବିବାହରେ ନିମ୍ନ ଗୁଣ ପରିଲକ୍ଷିତ ହୋଇଥାଏ

୧. ଯେଉଁ ବାଳକ-ବାଳିକା ପିଲାବେଳରୁ ପରସ୍ପରର ନିକଟରେ ରହିଥାନ୍ତି, ସେମାନେ ପରସ୍ପର ସହ କ୍ରୀଡ଼ା, ଝଗଡ଼ା ଓ ସ୍ନେହ କରିଥାନ୍ତି, ଜଣେ ଅନ୍ୟର ଗୁଣ, ଦୋଷ, ସ୍ୱଭାବ ଓ ପିଲାବେଳର ଭୁଲ୍ ଆଚରଣ ଜାଣିଥାନ୍ତି, ଜଣେ ଅନ୍ୟର ଉଲଗ୍ନ ଅବସ୍ଥା ବି ଦେଖିଥାନ୍ତି । ତେଣୁ ସେମାନଙ୍କ ମଧ୍ୟରେ ବିବାହ ହେଲେ ପାରସ୍ପରିକ ପ୍ରେମ କେବେ ଉତ୍ପନ୍ନ ହୋଇପାରେ ନାହିଁ ।

୨. ଯେପରି ପାଣିରେ ପାଣି ମିଶିଲେ ବିଶେଷ ଗୁଣ ଉତ୍ପନ୍ନ ହୁଏ ନାହିଁ, ସେହିପରି ସମାନ ଗୋତ୍ର, ପିତୃ ବା ମାତୃ କୁଳରେ ବିବାହ ହେଲେ ଶରୀରସ୍ଥ ଧାତୁଗୁଡ଼ିକ ମଧ୍ୟରେ ପାରସ୍ପରିକ ପରିବର୍ତ୍ତନ, ଆଦାନ-ପ୍ରଦାନ ହେଉନଥିବାରୁ ଉତ୍ପନ୍ନ ସନ୍ତାନ ଉନ୍ନତ ହୁଏ ନାହିଁ ।

୩. ଯେପରି କ୍ଷୀରରେ ମିଶ୍ରି ବା ଶୁଣ୍ଠି ଆଦି ଔଷଧ ମିଶାଇଲେ ଉତ୍ତମ ଗୁଣ ଉତ୍ପନ୍ନ ହୁଏ, ସେହିପରି ଭିନ୍ନ ଗୋତ୍ରୀୟ ଓ ପିତୃ-ମାତୃକୁଳରୁ ଅଲଗା ଥିବା ବର-କନ୍ୟାଙ୍କ ବିବାହରେ ଉତ୍ତମ ପରିଣାମ ପ୍ରାପ୍ତ ହୁଏ ।

୪. ଯେପରି ଗୋଟିଏ ସ୍ଥାନର ରୋଗୀ ଅନ୍ୟ ସ୍ଥାନକୁ ଗଲେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ତଥା ଖାଦ୍ୟ-ପାନୀୟ ପରିବର୍ତ୍ତନ କରିବା ଦ୍ୱାରା ନୀରୋଗ ହୋଇଥାଏ, ସେହିପରି ଦୂର-ଦୂର ସ୍ଥାନରେ ଥିବା ବର-କନ୍ୟାଙ୍କ ବିବାହ ଦ୍ୱାରା ଉତ୍ତମ ଫଳ ମିଳେ ।

୫. ନିକଟରେ ବିବାହ ସମ୍ବନ୍ଧ ସ୍ଥାପନ କଲେ ଗୋଟିଏ ପରିବାରର ସୁଖ-ଦୁଃଖ, ହାନି-ଲାଭର ଛୋଟ-ଛୋଟ ଘଟଣା ବି ଅନ୍ୟ ପରିବାରକୁ ଜଣାପଡ଼େ । ତଦ୍ଦ୍ୱାରା ଛୋଟ-ଛୋଟ ବିଷୟକୁ ନେଇ ଉଭୟ ପରିବାର ମଧ୍ୟରେ କଳହ-ବିରୋଧ, ମତାନ୍ତରର ସମ୍ଭାବନା ବି ଥାଏ । କିନ୍ତୁ ଦୂର ଦେଶରେ ବନ୍ଧୁ ବାନ୍ଧିଲେ ଏପରି ଅଶାନ୍ତିର ସମ୍ଭାବନା ନଥାଏ । ତା' ଛଡ଼ା ଉଭୟଙ୍କ ମଧ୍ୟରେ ସ୍ନେହର ବନ୍ଧନ ଦୃଢ଼ତର ହୁଏ ଓ ବନ୍ଧୁତାର ସୂତ୍ର ବି ଦୂର ପର୍ଯ୍ୟନ୍ତ ବିସ୍ତୃତ ହୁଏ, ଯାହାକି ନିକଟରେ ବିବାହ କଲେ ହୋଇନଥାଏ ।

୬. ଦୂର ଦେଶର ସମାଚାର ଓ ଦୂରସ୍ଥ ପଦାର୍ଥମାନଙ୍କ ପ୍ରାପ୍ତି ବି ଦୂର ସ୍ଥାନରେ ସମ୍ବନ୍ଧ ହେବା ଦ୍ୱାରା ସହଜରେ ହୋଇପାରେ । ନିକଟରେ ବିବାହ ହେଲେ ଏହା ହୁଏ ନାହିଁ । ଏଣୁ ନିରୁକ୍ତରେ ଲେଖାଯାଇଛି —

ଦୁହିତା ଦୁର୍ହିତା ଦୂରେହିତା ଭବତୀତି । (ନିରୁକ୍ତ. ୩:୪)

କନ୍ୟାର ନାମ 'ଦୁହିତା' ଏଇଥିପାଇଁ ଯେ ଏହାର ବିବାହ ଦୂର(ଗୋତ୍ର ଓ ସ୍ଥାନ)ରେ ହେଲେ ହିତକର ହୋଇଥାଏ, ନିକଟରେ କଲେ ନୁହେଁ ।

୭. ଝିଅ ବାପ ଘରକୁ ଆସିଲେ ସାଧାରଣତଃ ଝିଅକୁ କିଛି ଦିଆଯାଇଥାଏ । ଝିଅକୁ ନିକଟରେ ବାହା ଦେଇଥିଲେ ଯଦି କନ୍ୟାର ପିତୃକୁଳ ନିର୍ଦ୍ଧନ ହୋଇଥାନ୍ତି, ତେବେ ତାଙ୍କ ଦୁଃଖ ବଢ଼ିଯାଏ । କାରଣ ପାଖରେ ଥିବାରୁ ଝିଅ ଯେତେ ଅଧିକ ଥର ଆସିବ, ସେତେ ସମସ୍ୟା ।

୮. ବିବାହ ସମ୍ବନ୍ଧ ନିକଟରେ ହେଲେ ସ୍ୱାମୀ-ସ୍ତ୍ରୀ ମଧ୍ୟରୁ କେହି ବି ନିଜ ପିତୃକୁଳର ସାହାଯ୍ୟକୁ ନେଇ ଗର୍ବ କରିପାରନ୍ତି । ତା'ଛଡ଼ା ଉଭୟଙ୍କ ମଧ୍ୟରେ କିଛି ବି କଳହ-ମନାନ୍ତର ହେଲେ ସ୍ତ୍ରୀ ତୁରନ୍ତ ବାପଘରକୁ

ଚଳିଯାଇପାରେ । କାରଣ ସ୍ତ୍ରୀମାନଙ୍କ ସ୍ୱଭାବ ପ୍ରାୟତଃ ତୀକ୍ଷ୍ଣ ଓ ମୃଦୁ । ଏପରି ହେଲେ ଦୁଇ ପରିବାର ମଧ୍ୟରେ ପାରସ୍ପରିକ ନିନ୍ଦା, ବିରୋଧ, ବିଦ୍ୱେଷ ଅଧିକ ହେବ । ଏସବୁ କାରଣରୁ ପିତାଙ୍କ ଗୋତ୍ରରେ, ମାତାଙ୍କ ଛଅ ପୁରୁଷ ମଧ୍ୟରେ ତଥା ନିକଟ ସ୍ଥାନରେ ବିବାହ କରିବା ଉଚିତ ନୁହେଁ ।

ବିବାହରେ ବର-କନ୍ୟା ପରୀକ୍ଷା

ମହାନ୍ତ୍ୟପି ସମୃଦ୍ଧାନି ଗୋଽଜାବିଧନଧାନ୍ୟତଃ ।
ସ୍ତ୍ରୀସମ୍ବନ୍ଧେ ଦଶୈତାନି କୁଲାନି ପରିବର୍ଜୟେତ୍ ॥ ୧ ॥ (ମନୁ. ୩:୬)

ଧନ, ଧାନ୍ୟ, ଗାଈ, ଛେଳି, ହାତୀ, ଘୋଡ଼ା, ରାଜ୍ୟ, ଐଶ୍ୱର୍ଯ୍ୟ ଆଦିରେ ଯେତେ ସମୃଦ୍ଧ ସେ କୁଳ ହୋଇଥାଉ ପଛକେ ନିମ୍ନଲିଖିତ ଦଶ କୁଳ ସହ ବିବାହ ସମ୍ବନ୍ଧ ସ୍ଥାପନ କରିବା ଅନୁଚିତ ।

ହୀନକ୍ରିୟଂ ନିଷ୍ପୁରୁଷଂ ନିଷ୍ଛନ୍ଦୋ ରୋମଶାର୍ଶସମ୍ ।
କ୍ଷୟ୍ୟାମୟାବ୍ୟପସ୍ମାରିଶ୍ୱିତ୍ରିକୁଷ୍ଠିକୁଲାନି ଚ ॥ ୨ ॥ (ମନୁ. ୩:୭)

ଯେଉଁ କୁଳ ସତ୍‌କ୍ରିୟାହୀନ, ସତ୍‌ପୁରୁଷରହିତ, ବେଦାଧ୍ୟୟନବିମୁଖ, ଯେଉଁ କୁଳର ଲୋକଙ୍କ ଶରୀର ଅତି ଲୋମଶ, ଏବଂ ଯେଉଁ କୁଳରେ ଅର୍ଶ, ଯକ୍ଷ୍ମା, ଶ୍ୱାସ, କାଶ, ଆମାଶୟ, ଅପସ୍ମାର, ଶ୍ୱେତକୁଷ୍ଠ ବା ଗଳିତକୁଷ୍ଠର ପ୍ରାଦୁର୍ଭାବ ଥାଏ ସେ କୁଳର କନ୍ୟା କି ବରକୁ ବିବାହ ନ କରିବା ଉଚିତ । କାରଣ ଏସବୁ ଦୁର୍ଗୁଣ ଓ ରୋଗ ବିବାହ କରୁଥିବା କୁଳରେ ବି ପ୍ରବେଶ କରିଯାଏ । ଏଣୁ ଉତ୍ତମ କୁଳର ପୁଅ ଓ ଝିଅଙ୍କ ମଧ୍ୟରେ ବିବାହ ସମ୍ପର୍କ ସ୍ଥାପିତ ହେବା ଉଚିତ ।

ନୋଦ୍‌ବହେତ୍‌କପିଲାଂ କନ୍ୟାଂ ନାଽଧିକାଙ୍ଗୀ ନ ରୋଗିଣୀମ୍ ।
ନାଲୋମିକାଂ ନାତିଲୋମାଂ ନ ବାଚାଟାଂ ନ ପିଙ୍ଗଲାମ୍ ॥ ୩ ॥ (ମନୁ. ୩:୮)

ପୀତବର୍ଣ୍ଣା, ଅଧିକାଙ୍ଗୀ ଅର୍ଥାତ୍ ବରଠାରୁ ଡେଙ୍ଗୀ-ମୋଟୀ-ଅଧିକ ବଳଶାଳିନୀ, ରୋଗିଣୀ, ଲୋମହୀନା, ଅଧିକ ଲୋମଯୁକ୍ତା, ବହୁଭାଷିଣୀ ଓ ଧୂଷର ଲୋଚନା କନ୍ୟାକୁ ବିବାହ କରିବା ଅନୁଚିତ ।

ନର୍କ୍ଷବୃକ୍ଷନଦୀନାମ୍ନୀଂ ନାନ୍ତ୍ୟପର୍ବତନାମିକାମ୍ ।
ନ ପକ୍ଷ୍ୟହିପ୍ରେଷ୍ୟନାମ୍ନୀଂ ନ ଚ ଭୀଷଣନାମିକାମ୍ ॥ ୪ ॥ (ମନୁ. ୩:୯)

ଋକ୍ଷ ଅର୍ଥାତ୍ ଅଶ୍ୱିନୀ, ଦ୍ୱିଜା, ରୋହିଣୀ, ରେବତୀ, ଚିତ୍ରା ଆଦି ନକ୍ଷତ୍ର ନାମଧେୟା; ତୁଳସୀ, ଗେଣ୍ଡୁ, ଗୋଲାପ, ଚମ୍ପା, ଯାଇ ଆଦି ବୃକ୍ଷ ନାମ ଧାରିଣୀ; ଗଙ୍ଗା, ଯମୁନା ଆଦି ନଦୀ ନାମ ବିଶିଷ୍ଟା; ଚାଣ୍ଡାଳୀ ଆଦି ଅନ୍ତ୍ୟଜା ନାମ ଧାରିଣୀ; ବିନ୍ଧ୍ୟା, ହିମାଳୟା, ପାର୍ବତୀ ଆଦି ପର୍ବତ ନାମଯୁକ୍ତା; କୋକିଳା, ଶାରୀ ଆଦି ପକ୍ଷୀ ନାମବିଶିଷ୍ଟା; ନାଗୁଣୀ, ଭୁଜଙ୍ଗିନୀ ଆଦି ସର୍ପ ନାମଯୁକ୍ତା; ମାଧୋ ଦାସୀ, ମୀରା ଦାସୀ ଆଦି ଦାସୀ ନାମଯୁକ୍ତା ଏବଂ ଭୀମା, ଭୟଙ୍କରୀ, କାଳୀ, ଚଣ୍ଡିକା ଆଦି ଭୟଙ୍କର ନାମଧାରିଣୀ କନ୍ୟା ସହ ବିବାହ ନ କରିବା ଉଚିତ । କାରଣ ଏସବୁ ନାମ ଅସୁନ୍ଦର, କୁତ୍ସିତ ତଥା ଅନ୍ୟାନ୍ୟ ପଦାର୍ଥର ବି ଏସବୁ ନାମ ରହିଛି ।

ଅବ୍ୟଙ୍ଗାଙ୍ଗୀଂ ସୌମ୍ୟନାମ୍ନୀଂ ହଂସବାରଣଗାମିନୀମ୍ ।
ତନୁଲୋମକେଶଦଶନାଂ ମୃଦ୍ୱଙ୍ଗୀମୁଦ୍‌ବହେତ୍‌ସ୍ତ୍ରିୟମ୍ ॥ ୫ ॥ (ମନୁ. ୩:୧୦)

ଯାହାର ଅଙ୍ଗ-ପ୍ରତ୍ୟଙ୍ଗ ସୁଗଠିତ; ଯାହାର ନାମ ସୁନ୍ଦର ଅର୍ଥାତ୍ ଯିଏ ଯଶୋଦା, ସୁଖଦା ଇତ୍ୟାଦି

ନାମଧାରିଣୀ; ଯିଏ ହଂସଗାମିନୀ ଓ ଗଜଗାମିନୀ; ଯିଏ ସୂକ୍ଷ୍ମଲୋମଯୁକ୍ତା, ସୁକେଶୀ, ସୁଦନ୍ତୀ ଓ କୋମଳାଙ୍ଗୀ ସେଭଳି କନ୍ୟାକୁ ବିବାହ କରିବା ଉଚିତ ।

ପ୍ରଶ୍ନ — କେଉଁ ବୟସରେ ବିବାହ ଓ କେଉଁ ପ୍ରକାର ବିବାହ ଉତ୍ତମ ?

ଉତ୍ତର — ଝିଅମାନଙ୍କର ବିବାହ ବୟସ ହେଲା ୧୬ ରୁ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ଏବଂ ପୁଅମାନଙ୍କର ବିବାହ ବୟସ ହେଲା ୨୫ ରୁ ୪୮ ବର୍ଷ ବୟସ ପର୍ଯ୍ୟନ୍ତ । ଏ ଭିତରୁ ୧୬ ବର୍ଷ ବୟସର ଝିଅ ସହ ୨୫ ବର୍ଷର ପୁଅର ବିବାହ ବୟସ ଦୃଷ୍ଟିରୁ 'ନିକୃଷ୍ଟ' ଧରଣର । ୧୮-୨୦ ବର୍ଷର ଝିଅ ସହ ୩୦-୩୫ ବର୍ଷର ପୁଅର ବିବାହ 'ମଧ୍ୟମ' ପ୍ରକାର । ୨୪ ବର୍ଷର ଝିଅ ସହ ୪୮ ବର୍ଷ ବୟସ ପର୍ଯ୍ୟନ୍ତ ପୁଅର ବିବାହ 'ଉତ୍ତମ' ବୋଲି କୁହାଯାଇଛି । ଯେଉଁ ଦେଶରେ ବ୍ରହ୍ମଚର୍ଯ୍ୟର ପାଳନ ଓ ବିଦ୍ୟାଭ୍ୟାସ ଅଧିକ ହୁଏ ତଥା ଏଭଳି ଯୁବାବସ୍ଥାରେ ବିବାହର ଶ୍ରେଷ୍ଠ ରୀତିର ପ୍ରଚଳନ ଥାଏ ସେ ଦେଶ ସୁଖ-ସମୃଦ୍ଧି ସମ୍ପନ୍ନ ହୋଇଥାଏ । ଯେଉଁ ଦେଶରେ ବ୍ରହ୍ମଚର୍ଯ୍ୟବିହୀନ, ବିଦ୍ୟାରହିତ, ବାଲ୍ୟାବସ୍ଥାରେ ଥିବା ଓ ଅଯୋଗ୍ୟ ବାଳକ-ବାଳିକାଙ୍କ ବିବାହ ହୁଏ, ସେହି ଦେଶ ଦୁଃଖ-ଅଶାନ୍ତି ସାଗରରେ ବୁଡ଼ିଯାଏ । କାରଣ ବ୍ରହ୍ମଚର୍ଯ୍ୟ ଓ ବିଦ୍ୟାଗ୍ରହଣପୂର୍ବକ ବିବାହର ଏ ସଂସ୍କାରିତ ପଦ୍ଧତିର ପ୍ରଚଳନ ହୋଇ, ବିବାହର ଭୁଲ୍ ପଦ୍ଧତି ସୁଧୁରିବା ଦ୍ୱାରା ପରବର୍ତ୍ତୀ ସବୁ କଥା ସୁଧୁରିଯାଏ ଏବଂ ବିବାହ ପଦ୍ଧତି ବିଗିଡ଼ିଲେ ସବୁ ବିଗିଡ଼ିଯାଏ ।

ପ୍ରଶ୍ନ — ଅଷ୍ଟବର୍ଷା ଭବେଦ୍ ଗୌରୀ ନବବର୍ଷା ଚ ରୋହିଣୀ ।
ଦଶବର୍ଷା ଭବେତ୍ କନ୍ୟା ତତ ଊର୍ଦ୍ଧ୍ୱଂ ରଜସ୍ୱଲା ॥ ୧ ॥
ମାତା ଚୈବ ପିତା ତସ୍ୟା ଜ୍ୟେଷ୍ଠୋ ଭ୍ରାତା ତଥୈବ ଚ ।
ତ୍ରୟସ୍ତେ ନରକଂ ଯାନ୍ତି ଦୃଷ୍ଟ୍ୱା କନ୍ୟାଂ ରଜସ୍ୱଲାମ୍ ॥ ୨ ॥

(ପାରାଶରୀ. ୭:୬,୮, ଶୀଘ୍ରବୋଧ. ୧:୫୪,୬୫)

ଝିଅର ଆଠ ବର୍ଷ ବୟସରେ ଗୌରୀ, ନଅ ବର୍ଷରେ ରୋହିଣୀ, ଦଶ ବର୍ଷରେ କନ୍ୟା ଓ ତା'ପରେ ରଜସ୍ୱଳା ନାମ ହୋଇଯାଏ ॥ ୧ ॥ ଦଶ ବର୍ଷ ବୟସ ଭିତରେ ବାହା ନ ହୋଇ ଘରେ ଥିବା ରଜସ୍ୱଳା କନ୍ୟାକୁ ତା'ର ମାଆ, ବାପା ଓ ବଡ଼ ଭାଇ ଯଦି ଦେଖନ୍ତି ତେବେ ଏ ତିନି ଜଣ ଯାକ ନର୍କରେ ପଡ଼ନ୍ତି ॥ ୨ ॥

ଉତ୍ତର — ବ୍ରହ୍ମୋବାଚ
ଏକକ୍ଷଣା ଭବେଦ୍ ଗୌରୀ ଦ୍ୱିକ୍ଷଣେୟଂ ତୁ ରୋହିଣୀ ।
ତ୍ରିକ୍ଷଣା ସା ଭବେତ୍ କନ୍ୟା ହ୍ୟତ ଊର୍ଦ୍ଧ୍ୱଂ ରଜସ୍ୱଲା ॥ ୧ ॥
ମାତା ପିତା ତଥା ଭ୍ରାତା ମାତୁଲୋ ଭଗିନୀ ସ୍ୱକା ।
ସର୍ବେ ତେ ନରକଂ ଯାନ୍ତି ଦୃଷ୍ଟ୍ୱା କନ୍ୟାଂ ରଜସ୍ୱଲାମ୍ ॥ ୨ ॥ (ସଦ୍ୟୋନିର୍ମିତ ବ୍ରହ୍ମପୁରାଣ)

ଯେତିକି ସମୟ ଭିତରେ ପରମାଣୁଟିଏ ସ୍ଥିତି ପରିବର୍ତ୍ତନ କରେ ତାକୁ କ୍ଷଣ କହନ୍ତି । ଝିଅ ଜନ୍ମ ହେବାର ଏକ କ୍ଷଣରେ ଗୌରୀ, ଦ୍ୱିତୀୟ କ୍ଷଣରେ ରୋହିଣୀ, ତୃତୀୟ କ୍ଷଣରେ କନ୍ୟା ଓ ଚତୁର୍ଥ କ୍ଷଣରେ ତା'ର ନାମ ରଜସ୍ୱଳା ହୋଇଯାଏ ॥ ୧ ॥ ଘରେ ଥିବା ସେହି ରଜସ୍ୱଳା କନ୍ୟାକୁ ଦେଖି ତା'ର ମାଆ, ବାପା, ଭାଇ, ଭଉଣୀ, ମାମୁଁ ଆଦି ସମସ୍ତେ ନର୍କରେ ପଡ଼ନ୍ତି ॥ ୨ ॥

ପ୍ରଶ୍ନ — ଏ ଶ୍ଳୋକ ପ୍ରାମାଣିକ ନୁହେଁ ।

ଉତ୍ତର — କାହିଁକି ପ୍ରାମାଣିକ ନୁହେଁ? ଯଦି ବ୍ରହ୍ମାଙ୍କର ଏ ଶ୍ଳୋକ ପ୍ରମାଣ ଯୋଗ୍ୟ ନୁହେଁ, ତେବେ ତୁମର ଶ୍ଳୋକ ବି ପ୍ରମାଣ ଯୋଗ୍ୟ ହୋଇପାରିବ ନାହିଁ ।

ପ୍ରଶ୍ନ — ବାଃ ! ବାଃ ! କ'ଣ ତୁମେ ପରାଶର ଓ କାଶୀନାଥଙ୍କ ଶ୍ଳୋକକୁ ବି ପ୍ରମାଣ ବୋଲି ମାନୁନାହଁ?

ଉତ୍ତର — ଆଶ୍ଚର୍ଯ୍ୟ କଥା ! ତୁମେ କେମିତି ବ୍ରହ୍ମାଙ୍କ କଥାକୁ ପ୍ରମାଣ ବୋଲି ମାନୁନ? ପରାଶର ଓ କାଶୀନାଥଙ୍କଠାରୁ ବ୍ରହ୍ମା କ'ଣ ବଡ଼ ନୁହଁନ୍ତି? ତୁମେ ଯେମିତି ବ୍ରହ୍ମାଙ୍କ ଶ୍ଳୋକକୁ ମାନୁନାହଁ; ଆମେ ବି ସେମିତି ପରାଶର ଓ କାଶୀନାଥଙ୍କ ଶ୍ଳୋକକୁ ମାନୁନାହୁଁ ।

ପ୍ରଶ୍ନ — ତୁମ ଶ୍ଳୋକ ଅସମ୍ଭବ ହୋଇଥିବାରୁ ପ୍ରମାଣ ରୂପେ ସ୍ୱୀକାର ଯୋଗ୍ୟ ନୁହେଁ । କାରଣ ଜନ୍ମ ସମୟରେ ହିଁ ହଜାରେ କ୍ଷଣ ବିତିଯାଏ । ତେଣୁ ତୁମ କହିବା ସମୟ ଅନୁସାରେ ବିବାହ କିପରି ହୋଇପାରିବ? ତା'ଛଡ଼ା ସେ ସମୟରେ ବିବାହ କରିବାର କୌଣସି ଫଳ ବି ଦେଖାଯାଉନି ।

ଉତ୍ତର — ଯଦି ଆମ କଥା ଅସମ୍ଭବ ହୋଇଥିବାରୁ ଆମ ଶ୍ଳୋକ ଅପ୍ରାମାଣିକ, ତେବେ ନିରର୍ଥକ ହୋଇଥିବା ହେତୁ ତୁମ ଶ୍ଳୋକ ବି ଅପ୍ରାମାଣିକ । କାରଣ ୮, ୯ ବା ୧୦ ବର୍ଷ ବୟସରେ ଝିଅର ବିବାହ କରାଇବା ନିଷ୍ଫଳ ଅଟେ । ଯେହେତୁ କି ୧୬ ବର୍ଷରୁ ୨୪ ବର୍ଷ ବୟସ ଭିତରେ ସ୍ତ୍ରୀମାନଙ୍କ ଗର୍ଭାଶୟ ପରିପକ୍ୱ ଓ ଶରୀର ବି ପରିପୁଷ୍ଟ ହୋଇଥାଏ । ସେମାନେ ସେହି ବୟସରେ ଯଥାଯୋଗ୍ୟ ବୟସର ପୁରୁଷଙ୍କ ସହ ବିବାହ କଲେ ପୁରୁଷର ବୀର୍ଯ୍ୟ ବି ପରିପକ୍ୱ ଓ ଶରୀର ବି ବଳିଷ୍ଠ ଥିବାରୁ ଉତ୍ତମ ସନ୍ତାନ ଜନ୍ମ ହୋଇଥାନ୍ତି ।* ଦ୍ୱିତୀୟ

---

*ଆବଶ୍ୟକ ବୟସରୁ କମ୍ ବୟସ ହୋଇଥିବା ସ୍ତ୍ରୀ-ପୁରୁଷଙ୍କୁ ଗର୍ଭାଧାନ ନ କରିବାକୁ ମୁନିବର ଧନ୍ୱନ୍ତରୀ 'ସୁଶ୍ରୁତରେ' ଚେତାବନୀ ଦେଇଛନ୍ତି –

ଊନଷୋଡ଼ଶବର୍ଷାୟାମପ୍ରାପ୍ତଃ ପଞ୍ଚବିଂଶତିମ୍ ।
ଯଦ୍ୟାଧତ୍ତେ ପୁମାନ୍ ଗର୍ଭଂ କୁକ୍ଷିସ୍ଥଃ ସ ବିପଦ୍ୟତେ ॥ ୧ ॥
ଜାତୋ ବା ନ ଚିରଞ୍ଜୀବେଜ୍ଜୀବେଦ୍ୱା ଦୁର୍ବଲେନ୍ଦ୍ରିୟଃ ।
ତସ୍ମାଦତ୍ୟନ୍ତବାଲାୟାଂ ଗର୍ଭାଧାନଂ ନ କାରୟେତ୍ ॥ ୨ ॥ (ସୁଶ୍ରୁତ. ଶରୀର. ୧୦:୪୭,୪୮)

୧୬ ବର୍ଷରୁ କମ୍ ବୟସର ସ୍ତ୍ରୀଠାରେ ୨୫ ବର୍ଷରୁ କମ୍ ବୟସର ପୁରୁଷ ଯଦି ଗର୍ଭ ସ୍ଥାପନ କରେ ତେବେ କୁକ୍ଷିସ୍ଥ ହୋଇଥିବା ସେ ଗର୍ଭ ବିପନ୍ନ ହୁଏ ଅର୍ଥାତ୍ ପୂର୍ଣ୍ଣ ସମୟ ପର୍ଯ୍ୟନ୍ତ ଗର୍ଭାଶୟରେ ରହେ ନାହିଁ । ଗର୍ଭ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ଥାଏ ॥ ୧ ॥

ଏପରି ସ୍ଥିତିରେ ଗର୍ଭ ନଷ୍ଟ ନ ହୋଇ ଯଦିବା ସନ୍ତାନ ଉତ୍ପନ୍ନ ହୁଏ ତେବେ ସେ ଦୀର୍ଘଜୀବୀ ହୁଏ ନାହିଁ କିମ୍ବା ଯଦି ବି ବଞ୍ଚେ ତେବେ ଦୁର୍ବଳେନ୍ଦ୍ରିୟ ହୋଇ ବଞ୍ଚେ । ଏଣୁ କମ୍ ବୟସର କନ୍ୟାଠାରେ ଗର୍ଭ ସ୍ଥାପନ କରିବା ଅନୁଚିତ ॥ ୨ ॥

ଏପରି ଶାସ୍ତ୍ରୋକ୍ତ ନିୟମ ଓ ସୃଷ୍ଟିକ୍ରମକୁ ଅବଲୋକନ କରିବା ତଥା ବୁଦ୍ଧିପୂର୍ବକ ବିଚାରିବା ଦ୍ୱାରା ଏହା ହିଁ ନିଷ୍କର୍ଷ ବାହାରେ ଯେ ୧୬ ବର୍ଷରୁ କମ୍ ବୟସର ସ୍ତ୍ରୀ ଓ ୨୫ ବର୍ଷରୁ କମ୍ ବୟସର ପୁରୁଷ ଗର୍ଭାଧାନ କରିବା ପାଇଁ ଯୋଗ୍ୟ ନୁହଁନ୍ତି । ଯେଉଁମାନେ ଏ ନିୟମର ବିରୁଦ୍ଧାଚରଣ କରନ୍ତି ସେମାନେ ଦୁଃଖଭାଗୀ ହୁଅନ୍ତି ।

(ଦୟାନନ୍ଦ ସରସ୍ୱତୀ)

କଥା ହେଲା ଯେ ୮-୯ ବର୍ଷର ଝିଅର ସନ୍ତାନ ହେବା ଯେପରି ଅସମ୍ଭବ, ସେମାନଙ୍କର 'ଗୌରୀ', 'ରୋହିଣୀ' ଆଦି ନାମ ରଖିବା ବି ସେପରି ଅଯୌକ୍ତିକ । ଆଚ୍ଛା, ଝିଅଟି ଯଦି ଗୋରୀ ନ ହୋଇ କାଳୀ ହୋଇଥିବ, ତେବେ ତା' ନାମ 'ଗୌରୀ' ରଖିବା ବୃଥା । ତା' ଛଡ଼ା ତୁମେ ତ ମାନୁଛ ଯେ 'ଗୌରୀ' ମହାଦେବଙ୍କ ସ୍ତ୍ରୀ ଓ 'ରୋହିଣୀ' ବସୁଦେବଙ୍କ ପତ୍ନୀ ଥିଲେ । ତୁମେ ପୌରାଣିକମାନେ ସେମାନଙ୍କୁ ମାତୃତୁଲ୍ୟା ମନେକର । ଯଦି କନ୍ୟାମାତ୍ରକେ ପ୍ରତ୍ୟେକଙ୍କୁ 'ଗୌରୀ' ଆଦି ବୋଲି ମନେକରୁଛ, ତେବେ ସେମାନଙ୍କ ସହ ବିବାହ କରିବା କିପରି ଧର୍ମାନୁକୂଳ ଓ ସମ୍ଭବପର ହେବ? ଅତଏବ ତୁମର ୨ଟି ଓ ଆମର ୨ଟି ଏମିତି ୪ଟି ଯାକ ଶ୍ଳୋକ ମିଥ୍ୟା । କାରଣ 'ବ୍ରହ୍ମୋବାଚ' କହି ଆମେ ଯେପରି ଶ୍ଳୋକ ରଚନା କରିଦେଲୁ, ସେହି ଦୁରଭିସନ୍ଧି ଥିବା ଲୋକମାନେ ବି ସେହିପରି ପରାଶର ପ୍ରଭୃତିଙ୍କ ନାମରେ ଶ୍ଳୋକ ତିଆରି କରିଦେଇଛନ୍ତି । ଏଣୁ ଏସବୁ ମିଥ୍ୟା ପ୍ରମାଣ ପରିତ୍ୟାଗ କରି ବେଦର ପ୍ରମାଣ ଅନୁସାରେ ସକଳ କର୍ମ କରିବା ଉଚିତ । ଦେଖ, ମନୁସ୍ମୃତିରେ ଲେଖାଅଛି —

ତ୍ରୀଣି ବର୍ଷାଣ୍ୟୁଦୀକ୍ଷେତ କୁମାର୍ୟୃତୁମତୀ ସତୀ ।
ଊର୍ଦ୍ଧ୍ୱଂ ତୁ କାଲାଦେତସ୍ମାଦ୍ୱିନ୍ଦତେ ସଦୃଶଂ ପତିମ୍ ॥ (ମନୁ. ୯:୯୦)

ଶୀଘ୍ର ବିବାହ କରିବାକୁ ଚାହୁଁଥିବା କନ୍ୟା ରଜସ୍ୱଳା ହେବା ପରେ ଅନ୍ୟୂନ ତିନି ବର୍ଷ ପର୍ଯ୍ୟନ୍ତ ପତିଙ୍କ ପ୍ରତୀକ୍ଷାରେ ରହି ଅନ୍ୱେଷଣ ପୂର୍ବକ ନିଜ ଯୋଗ୍ୟ ପତି ବରଣ କରିବେ । ଯେହେତୁ ରଜୋଦର୍ଶନ ମାସରେ ଥରେ ହୁଏ, ତେଣୁ ୩ ବର୍ଷରେ ୩୬ ଥର ରଜସ୍ୱଳା ହେବା ପରେ ଯାଇ ବିବାହ କରିବା ଉଚିତ, ତା' ପୂର୍ବରୁ ନୁହେଁ ।

କାମମାମରଣାତ୍ତିଷ୍ଠେଦ୍ ଗୃହେ କନ୍ୟର୍ତୁମତ୍ୟପି ।
ନ ଚୈବୈନାଂ ପ୍ରୟଚ୍ଛେତ୍ତୁ ଗୁଣହୀନାୟ କର୍ହିଚିତ୍ ॥ (ମନୁ. ୯:୮୯)

ପୁଅ-ଝିଅ ମୃତ୍ୟୁ ପର୍ଯ୍ୟନ୍ତ ବରଂ ଅବିବାହିତ ରହନ୍ତୁ; କିନ୍ତୁ ଅସଦୃଶ ଅର୍ଥାତ୍ ବିରୁଦ୍ଧ ଗୁଣ-କର୍ମ-ସ୍ୱଭାବଧାରୀ ବର-କନ୍ୟାଙ୍କ ବିବାହ କଦାପି ନ ହେବା ଉଚିତ । ଅତଏବ ନିଷ୍କର୍ଷ ଏଇଆ ଯେ ପୂର୍ବୋକ୍ତ ସମୟ ପୂର୍ବରୁ ଏବଂ ଅସଦୃଶଙ୍କ ବିବାହ ହେବା ଅନୁଚିତ ।

ପ୍ରଶ୍ନ — ବିବାହ ମାତା-ପିତାଙ୍କ ନିଷ୍ପତ୍ତି ଅନୁସାରେ ହେବା ଉଚିତ ନା ପୁଅ-ଝିଅଙ୍କ ନିର୍ଣ୍ଣୟ ଅନୁସାରେ?

ଉତ୍ତର — ବିବାହ ବର-କନ୍ୟାଙ୍କ ନିଷ୍ପତ୍ତି ଅନୁସାରେ ହେବା ଉତ୍ତମ । ବାପା-ମାଆ ଯଦିଓ ପୁଅ-ଝିଅଙ୍କ ବିବାହ ବିଷୟରେ ବିଚାର କରନ୍ତି, ତଥାପି ବର-କନ୍ୟାଙ୍କ ସ୍ୱୀକୃତି, ପ୍ରସନ୍ନତା ବିନା ବିବାହ ହେବା ଅନୁଚିତ । କାରଣ ଉଭୟଙ୍କ ପ୍ରସନ୍ନତାରେ ବିବାହ ହେଲେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିରୋଧ ବହୁତ କମ୍ ହୁଏ ଏବଂ ସନ୍ତାନ ଉତ୍ତମ ହୁଅନ୍ତି । ପାରସ୍ପରିକ ଅପ୍ରସନ୍ନତାର ବିବାହରେ ଦାମ୍ପତ୍ୟ ଜୀବନ ଦୁଃଖମୟ ହୋଇଯାଏ । ବିବାହରେ ମୁଖ୍ୟ ଆବଶ୍ୟକତା ବର-କନ୍ୟାଙ୍କର ଥାଏ, ମାତା-ପିତାଙ୍କର ନୁହେଁ । ଏଣୁ ଯଦି ସେ ଦୁହିଁଙ୍କ ମଧ୍ୟରେ ପ୍ରସନ୍ନତା ରହେ, ତେବେ ସେମାନଙ୍କୁ ସୁଖ ମିଳେ ଏବଂ ଯଦି ବିରୋଧ ରହେ ତେବେ ଦୁଃଖ ମିଳେ । ଆହୁରି ମଧ୍ୟ କୁହାଯାଇଛି -

ସନ୍ତୁଷ୍ଟୋ ଭାର୍ୟୟା ଭର୍ତ୍ତା ଭର୍ତ୍ରା ଭାର୍ୟ୍ୟା ତଥୈବ ଚ ।
ୟସ୍ମିନ୍ନେବ କୁଲେ ନିତ୍ୟଂ କଲ୍ୟାଣଂ ତତ୍ର ବୈ ଧ୍ରୁବମ୍ ॥ (ମନୁ. ୩:୬୦)

ଯେଉଁ କୁଳରେ ସ୍ତ୍ରୀ ପ୍ରତି ସ୍ୱାମୀ ଓ ସ୍ୱାମୀ ପ୍ରତି ସ୍ତ୍ରୀ ସର୍ବଦା ପ୍ରସନ୍ନ ରହନ୍ତି, ସେହି କୁଳରେ ଆନନ୍ଦ, ଲକ୍ଷ୍ମୀ ଓ କୀର୍ତ୍ତି ନିବାସ କରେ । ଯେଉଁଠାରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିରୋଧ, କଳହ ହୁଏ, ସେଠାରେ ଦୁଃଖ, ଦାରିଦ୍ର୍ୟ ଓ ନିନ୍ଦା ବସା ବାନ୍ଧି ରହେ ।

ଅତଏବ ଆର୍ଯ୍ୟାବର୍ତ୍ତରେ ଯେଉଁ ସ୍ୱୟମ୍ବର ପ୍ରଥା ପରମ୍ପରାକ୍ରମେ ପ୍ରଚଳିତ ହୋଇଆସୁଥିଲା, ବିବାହ ନିମନ୍ତେ ସେହି ପଦ୍ଧତି ସର୍ବୋତ୍ତମ । **ଯଦି କୌଣସି ପୁଅ-ଝିଅ ପରସ୍ପରକୁ ବିବାହ କରିବାକୁ ଚାହାଁନ୍ତି, ତେବେ ଉଭୟଙ୍କ ବିଦ୍ୟା, ବିନୟ, ଶୀଳ, ରୂପ, ଆୟୁ , ବଳ, କୁଳ ଓ ଶରୀରର ପରିମାଣ ଆଦି ଯଥାଯୋଗ୍ୟ ହେବା ଉଚିତ । ଯେତେବେଳ ଯାଏ ଏସବୁ ମେଳ ନ ଖାଇଛି ସେ ପର୍ଯ୍ୟନ୍ତ ବିବାହ ସୁଖମୟ ହୁଏନାହିଁ । ବାଲ୍ୟବିବାହ କେବେ ମଧ୍ୟ ସୁଖମୟ ହୁଏନାହିଁ ।**

ଯୁବା ସୁବାସାଃ ପରିବୀତ ଆଗାତ୍ ସ ଉ ଶ୍ରେୟାନ୍ ଭବତି ଜାୟମାନଃ ।
ତଂ ଧୀରାସଃ କବୟ ଉନ୍ନୟନ୍ତି ସ୍ୱାଧ୍ୟୋ ମନସା ଦେବୟନ୍ତଃ ॥ ୧ ॥ (ଋକ୍. ୩:୮:୪)
ଆ ଧେନବୋ ଧୁନୟନ୍ତାମଶିଶ୍ୱୀଃ ସବର୍ଦୁଘାଃ ଶଶୟା ଅପ୍ରଦୁଗ୍ଧାଃ ।
ନବ୍ୟାନବ୍ୟା ଯୁବତୟୋ ଭବନ୍ତୀର୍ମହଦ୍ଦେବାନାମସୁରତ୍ୱମେକମ୍ ॥ ୨ ॥ (ଋକ୍. ୩:୫୫:୧୬)
ପୂର୍ବୀରହଂ ଶରଦଃ ଶଶ୍ରମାଣା ଦୋଷାବସ୍ତୋରୁଷସୋ ଜରୟନ୍ତୀଃ ।
ମିନାତି ଶ୍ରିୟଂ ଜରିମା ତନୂନାମପ୍ୟୂ ନୁ ପତ୍ନୀର୍ବୃଷଣୋ ଜଗମ୍ୟୁଃ ॥ ୩ ॥ (ଋକ୍. ୧:୧୭୯:୧)

ଯେଉଁ ବ୍ୟକ୍ତି **(ପରିବୀତଃ)** ଯଜ୍ଞୋପବୀତ ଧାରଣ ପୂର୍ବକ ବ୍ରହ୍ମଚର୍ଯ୍ୟାଶ୍ରମର ପାଳନ ଦ୍ୱାରା ସବୁ ଦିଗରୁ ଉତ୍ତମ ଶିକ୍ଷା ଓ ବିଦ୍ୟାଯୁକ୍ତ, **(ସୁବାସାଃ)** ସୁନ୍ଦର ବସ୍ତ୍ର ପରିଧାନ କରି ବ୍ରହ୍ମଚର୍ଯ୍ୟରେ ପ୍ରକାଶିତ, **(ଯୁବା)** ବିଦ୍ୟାଗ୍ରହଣ କରି ପୂର୍ଣ୍ଣ ଯୌବନ ପ୍ରାପ୍ତ ହୋଇ ଗୃହସ୍ଥାଶ୍ରମରେ **(ଆଗାତ୍)** ପ୍ରବେଶ କରେ **(ସ ଉ)** ସେ ହିଁ **(ଜାୟମାନଃ)** ଦ୍ୱିତୀୟ ଥର ଜନ୍ମ ବା ବିଦ୍ୟାଜନ୍ମ ଗ୍ରହଣ କରି **(ଶ୍ରେୟାନ୍)** ଅତିଶୟ ଶୋଭନୀୟ, ମଙ୍ଗଳକାରୀ **(ଭବତି)** ହୁଏ । **(ସ୍ୱାଧ୍ୟଃ)** ଉତ୍ତମ ଧ୍ୟାନଶାଳୀ, **(ମନସା)** ବିଜ୍ଞାନ ଦ୍ୱାରା **(ଦେବୟନ୍ତଃ)** ବିଦ୍ୟାବୃଦ୍ଧି ଅଭିଳାଷୀ, **(ଧୀରାସଃ)** ଧୈର୍ଯ୍ୟଶାଳୀ, **(କବୟଃ)** ବିଦ୍ୱାନ୍‌ମାନେ **(ତମ୍)**ସେହି ବ୍ୟକ୍ତିକୁ **(ଉନ୍ନୟନ୍ତି)** ଉନ୍ନତିଶୀଳ କରି ପ୍ରତିଷ୍ଠିତ କରନ୍ତି । ଆଉ ଯେଉଁ ନର-ନାରୀ ବ୍ରହ୍ମଚର୍ଯ୍ୟ ପାଳନ ତଥା ବିଦ୍ୟା ଓ ସୁଶିକ୍ଷା ଗ୍ରହଣ ନ କରି କିମ୍ବା ବାଲ୍ୟାବସ୍ଥାରେ ବିବାହ କରନ୍ତି, ସେମାନେ ନଷ୍ଟ-ଭ୍ରଷ୍ଟ ହୋଇ ବିଦ୍ୱାନଙ୍କ ମଧ୍ୟରେ ପ୍ରତିଷ୍ଠା, ସମ୍ମାନ, ଯଶ ଲାଭ କରିପାରନ୍ତି ନାହିଁ ॥ ୧ ॥

(ଅପ୍ରଦୁଗ୍ଧାଃ) ଆଦୌ ଦୁହାଁ ହୋଇନଥିବା **(ଧେନବଃ)** ଗାଈମାନଙ୍କ ଭଳି **(ଅଶିଶ୍ୱୀଃ)** ବାଲ୍ୟାବସ୍ଥା ଅତିକ୍ରାନ୍ତ ହୋଇଥିବା, **(ସବର୍ଦୁଘାଃ)** ସବୁ ପ୍ରକାର ଉତ୍ତମ ବ୍ୟବହାର ପୂର୍ଣ୍ଣ କରୁଥିବା, **(ଶଶୟାଃ)** କୌମାର୍ଯ୍ୟ ଅବସ୍ଥା ଅତିକ୍ରମ କରିଥିବା, **(ନବ୍ୟାନବ୍ୟାଃ)** ନୂତନ-ନୂତନ ଶିକ୍ଷା ଓ ଅବସ୍ଥାରେ ପୂର୍ଣ୍ଣ **(ଭବନ୍ତୀଃ)** ହୋଇଥିବା **(ଯୁବତୟଃ)** ପୂର୍ଣ୍ଣ ଯୌବନସମ୍ପନ୍ନା ନାରୀମାନେ **(ଦେବାନାମ୍)** ବ୍ରହ୍ମଚର୍ଯ୍ୟ-ସୁନିୟମରେ ପୂର୍ଣ୍ଣ ବିଦ୍ୱାନଙ୍କର **(ଏକମ୍)** ଅଦ୍ୱିତୀୟ, **(ମହତ୍)** ମହାନ୍, **(ଅସୁରତ୍ୱମ୍)** ପ୍ରଜ୍ଞା-ଶାସ୍ତ୍ରଶିକ୍ଷାଯୁକ୍ତ, ପ୍ରଜ୍ଞାରେ ରମଣର ଭାବାର୍ଥକୁ ଅନୁଭବ କରି ଯୁବକ ପତିଙ୍କୁ ଲାଭ କରି **(ଆଧୁନୟନ୍ତାମ୍)** ଗର୍ଭ ଧାରଣ କରିବେ । ସେମାନେ ବାଲ୍ୟାବସ୍ଥାରେ କେବେ ଭୁଲ୍‌ରେ ସୁଦ୍ଧା ମନରେ ବି ପୁରୁଷର ଚିନ୍ତା କରିବେ ନାହିଁ । କାରଣ ଏହି ନିୟମ ପାଳନ ହିଁ ଇହଲୋକ ଓ ପରଲୋକର ସୁଖ ସାଧନ । ବାଲ୍ୟାବସ୍ଥାରେ ବିବାହ ଦ୍ୱାରା ପୁରୁଷର ଯେତିକି ହାନି ହୁଏ, ସ୍ତ୍ରୀର ତା'ଠୁ ଅଧିକ କ୍ଷତି ହୁଏ ॥ ୨ ॥

(ନୁ) ଶୀଘ୍ର, **(ଶଶ୍ରମାଣାଃ)** ଅତ୍ୟନ୍ତ ପରିଶ୍ରମୀ, **(ବୃଷଣଃ)** ବୀର୍ଯ୍ୟ ସିଞ୍ଚନରେ ସମର୍ଥ, ପୂର୍ଣ୍ଣ ଯୌବନସମ୍ପନ୍ନ

ପୁରୁଷ, **(ପତ୍ନୀଃ)** ପୂର୍ଣ୍ଣଯୌବନା, ପ୍ରାଣପ୍ରିୟା ସ୍ତ୍ରୀ **(ଜଗମ୍ୟୁଃ)** ପ୍ରାପ୍ତ କରି ଯେପରି ଶହେ ବର୍ଷ ବା ତା'ଠୁ ଅଧିକ ଆୟୁ ଆନନ୍ଦରେ ଭୋଗ କରିବ ଏବଂ ପୁତ୍ର-ପୌତ୍ରାଦିରେ ସଂଯୁକ୍ତ ରହିବ, ସ୍ତ୍ରୀ-ପୁରୁଷ ସର୍ବଦା ସେପରି ଆଚରଣ କରିବେ । ଯେପରି **(ପୂର୍ବୀଃ)** ପୂର୍ବବର୍ତ୍ତୀ **(ଶରଦଃ)** ଶରତ ଋତୁଗୁଡ଼ିକ ଏବଂ **(ଜରୟନ୍ତୀଃ)** ବାର୍ଦ୍ଧକ୍ୟ ଆନୟନକାରୀ **(ଉଷସଃ)** ଉଷା, **(ଦୋଷା)** ରାତ୍ରି ଓ **(ବସ୍ତୋଃ)** ଦିନ, **(ତନୂନାମ୍)** ଶରୀରର **(ଶ୍ରିୟମ୍)** ଶୋଭାକୁ **(ଜରିମା)** ଅତିଶୟ ବାର୍ଦ୍ଧକ୍ୟରେ ଉପନୀତ କରି ବଳ ଓ ଶୋଭାକୁ **(ମିନାତି)** ଦୂର କରିଦିଏ, ସେପରି **(ଅହମ୍)** ମୁଁ ନାରୀ ବା ପୁରୁଷ **(ଉ)** ଉତ୍ତମ ରୂପେ **(ଅପି)** ନିଶ୍ଚୟ କରି ବ୍ରହ୍ମଚର୍ଯ୍ୟ ଦ୍ୱାରା ବିଦ୍ୟା, ଶିକ୍ଷା ତଥା ଶାରୀରିକ ଓ ଆତ୍ମିକ ବଳ ଏବଂ ଯୌବନାବସ୍ଥା ଲାଭ କରି ହିଁ ବିବାହ କରିବି । ଏହି ବେଦ ବିହିତ ବିବାହ ନିୟମକୁ ପାଳନ ନ କରି ଏହାର ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତି ଜୀବନରେ କେବେ ସୁଖଶାନ୍ତି ଲାଭ କରିପାରନ୍ତି ନାହିଁ ॥ ୩ ॥

ଯେତେଦିନ ଯାଏଁ ଏ ଦେଶରେ ଋଷି-ମୁନି, ରାଜା-ମହାରାଜା ଆଦି ସମସ୍ତ ଆର୍ଯ୍ୟମାନେ ଏହିଭଳି ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ବିଦ୍ୟା ଅଧ୍ୟୟନ କରି ସ୍ୱୟମ୍ବର ବିବାହ କରୁଥିଲେ, ସେତେଦିନ ପର୍ଯ୍ୟନ୍ତ ଏହି ଦେଶର ସର୍ବାଙ୍ଗୀଣ ଉନ୍ନତି ସାଧିତ ହୋଇ ଚାଲିଥିଲା । ଯେବେଠାରୁ ବ୍ରହ୍ମଚର୍ଯ୍ୟ ଦ୍ୱାରା ବିଦ୍ୟା ଅଧ୍ୟୟନ କରିବାର ଏ ପରମ୍ପରା ନଷ୍ଟ ହୋଇଗଲା ଏବଂ ବାଲ୍ୟାବସ୍ଥାରେ ମାତା-ପିତାଙ୍କ ଇଚ୍ଛାନୁସାରେ ସନ୍ତାନଙ୍କ ବିବାହ ହେବାକୁ ଲାଗିଲା, ସେବେଠାରୁ ଆର୍ଯ୍ୟାବର୍ତ୍ତର କ୍ରମଶଃ ଅବନତି ହୋଇଚାଲିଲା । ଏଣୁ ଏ ହାନିକାରକ କାମ ତୁରନ୍ତ ଛାଡ଼ି ସମସ୍ତ ବିଚାରଶୀଳ ବ୍ୟକ୍ତିମାନେ ପୂର୍ବୋକ୍ତ ରୀତିରେ ସ୍ୱୟମ୍ବର ବିବାହ କରନ୍ତୁ । **ବିବାହ ବର୍ଣ୍ଣାନୁସାରେ କରିବେ ଏବଂ ବର୍ଣ୍ଣବ୍ୟବସ୍ଥା ଗୁଣ-କର୍ମ ଆଧାରରେ ହେବା ବାଞ୍ଛନୀୟ ।**

ଗୁଣ-କର୍ମାନୁସାରେ ବର୍ଣ୍ଣବ୍ୟବସ୍ଥା

ପ୍ରଶ୍ନ — ଯାହାଙ୍କ ମାତା-ପିତା ବ୍ରାହ୍ମଣ ବର୍ଣ୍ଣର ହୋଇଥାନ୍ତି, କ'ଣ ସେମାନେ ହିଁ ବ୍ରାହ୍ମଣ ହୁଅନ୍ତି ? ଯାହାଙ୍କ ମାତା-ପିତା ଅନ୍ୟ ବର୍ଣ୍ଣର କ'ଣ ସେମାନେ ବି କେବେ ବ୍ରାହ୍ମଣ ହୋଇପାରନ୍ତି ?

ଉତ୍ତର — ହଁ, ହଁ । ଯେଉଁମାନଙ୍କ ମାତା-ପିତା ଅନ୍ୟ ବର୍ଣ୍ଣର ସେଭଳି ବହୁତ ବ୍ୟକ୍ତି ଅତୀତରେ ବି ବ୍ରାହ୍ମଣ ହୋଇଛନ୍ତି, ବର୍ତ୍ତମାନ ବି ହେଉଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ହେବେ । ଯଥା - ଛାନ୍ଦୋଗ୍ୟ ଉପନିଷଦରେ ଜାବାଳ ଋଷି ଅଜ୍ଞାତକୁଳରୁ, ମହାଭାରତରେ ବିଶ୍ୱାମିତ୍ର କ୍ଷତ୍ରିୟ ବର୍ଣ୍ଣରୁ ଓ ମାତଙ୍ଗ ଋଷି ଚଣ୍ଡାଳକୁଳରୁ ବ୍ରାହ୍ମଣ ହୋଇଥିଲେ ବୋଲି ବର୍ଣ୍ଣନା ଅଛି । **ବର୍ତ୍ତମାନ ବି ଯିଏ ଉତ୍ତମ ବିଦ୍ୟା-ସ୍ୱଭାବସମ୍ପନ୍ନ, ସେ ହିଁ ବ୍ରାହ୍ମଣ ବର୍ଣ୍ଣର ଯୋଗ୍ୟ ଏବଂ ଯିଏ ମୂର୍ଖ (ଅଶିକ୍ଷିତ) ସେ ଶୂଦ୍ର ବର୍ଣ୍ଣର ଯୋଗ୍ୟ । ଭବିଷ୍ୟତରେ ବି ଏପରି ହିଁ ହେବ ।**

ପ୍ରଶ୍ନ — କି ବିଚିତ୍ର କଥା ! ଯେଉଁ ବର୍ଣ୍ଣର ରଜ-ବୀର୍ଯ୍ୟରୁ ଶରୀର ତିଆରି ହୋଇଛି, ତାହା ବଦଳି ଯାଇ ଅନ୍ୟ ବର୍ଣ୍ଣର କିପରି ହେବ ?

ଉତ୍ତର — ରଜ-ବୀର୍ଯ୍ୟର ସଂଯୋଗରୁ ଶରୀର ଉତ୍ପନ୍ନ ହୁଏ, ବ୍ରାହ୍ମଣ ଜନ୍ମ ହୁଏ ନାହିଁ । ବ୍ୟକ୍ତି ବ୍ରାହ୍ମଣ କିପରି ହୁଏ ସେ ବିଷୟରେ ମନୁ କହିଛନ୍ତି—

ସ୍ୱାଧ୍ୟାୟେନ ଜପୈର୍ହୋମୈସ୍ତ୍ରୈବିଦ୍ୟେନେଜ୍ୟୟା ସୁତୈଃ ।
ମହାୟଜ୍ଞୈଶ୍ଚ ୟଜ୍ଞୈଶ୍ଚ ବ୍ରାହ୍ମୀୟଂ କ୍ରିୟତେ ତନୁଃ ॥ (ମନୁ. ୨:୨୮)

(ସ୍ୱାଧ୍ୟାୟେନ) ଅଧ୍ୟୟନ-ଅଧ୍ୟାପନା, **(ଜପୈଃ)** ବିଚାର କରିବା-କରାଇବା, **(ହୋମୈଃ)** ନାନାପ୍ରକାର ହୋମର ଅନୁଷ୍ଠାନ, **(ତ୍ରୈବିଦ୍ୟେନ)** ଶବ୍ଦ-ଅର୍ଥ-ସମ୍ବନ୍ଧଜ୍ଞାନ ଓ ସ୍ୱରୋଚ୍ଚାରଣ ସହିତ ସମଗ୍ର ବେଦର ଅଧ୍ୟୟନ-ଅଧ୍ୟାପନା, **(ଇଜ୍ୟୟା)** ପୌର୍ଣ୍ଣମାସୀ ଇଷ୍ଟି ଆଦିର ଅନୁଷ୍ଠାନ, **(ସୁତୈଃ)** ବିଧି-ବିଧାନ ଅନୁଯାୟୀ ଧର୍ମାନୁସାରେ ସନ୍ତାନୋତ୍ପତ୍ତି, **(ମହାୟଜ୍ଞୈଶ୍ଚ)** ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ବଳିବୈଶ୍ୱଦେବଯଜ୍ଞ ଓ ଅତିଥିଯଜ୍ଞ, **(ୟଜ୍ଞୈଶ୍ଚ)** ଅଗ୍ନିଷ୍ଟୋମାଦି ଯଜ୍ଞ, ବିଦ୍ୱାନଙ୍କ ସଙ୍ଗ ଓ ସତ୍କାର, ସତ୍ୟଭାଷଣ, ପରୋପକାର ଆଦି ସତ୍କର୍ମ କରିବା ଏବଂ ଶିଳ୍ପବିଦ୍ୟାଦି ପଢ଼ି, ଦୁଷ୍ଟାଚାର ଛାଡ଼ି, ଶିଷ୍ଟାଚାର ପାଳନ କରିବା ଦ୍ୱାରା **(ଇୟମ୍)** ଏହି **(ତନୁଃ)** ଶରୀରକୁ **(ବ୍ରାହ୍ମୀ)** ବ୍ରାହ୍ମଣ କରାଯାଏ । ଏ ଶ୍ଳୋକକୁ କ'ଣ ତୁମେ ମାନୁନାହଁ ?

ପ୍ରଶ୍ନ — ମାନୁଛୁ ।

ଉତ୍ତର — ତେବେ ରଜ-ବୀର୍ଯ୍ୟର ସଂଯୋଗ ଆଧାରରେ ବର୍ଣ୍ଣବ୍ୟବସ୍ଥାକୁ ଫେରେ କାହିଁକି ମାନୁଛ ?

ପ୍ରଶ୍ନ — କେବଳ ମୁଁ ଏକୁଟିଆ ମାନୁନି । ପରମ୍ପରା ଅନୁସାରେ ବହୁତ ଲୋକ ଏମିତି ହିଁ ମାନୁଛନ୍ତି । ତୁମେ କ'ଣ ପରମ୍ପରାକୁ ବି ଖଣ୍ଡନ କରିବ ?

ଉତ୍ତର — ନା, ଆମେ ପରମ୍ପରାକୁ ଖଣ୍ଡନ କରୁନୁ । କିନ୍ତୁ ତୁମର ବିପରୀତ ଜ୍ଞାନକୁ ନ ମାନି କେବଳ ତା'ର ଖଣ୍ଡନ କରୁଛୁ ।

ପ୍ରଶ୍ନ — ଆମ ଜ୍ଞାନ ଓଲଟା ଓ ତୁମ ଜ୍ଞାନ ସିଧା ବୋଲି ପ୍ରମାଣ କ'ଣ ?

ଉତ୍ତର — ପ୍ରମାଣ ହେଲା ଯେ **୫-୧୦ ପିଢ଼ି ହେଲା ଚାଲିଆସିଥିବା କଥାକୁ ତୁମେ ସନାତନ ପରମ୍ପରା ମନେକରୁଛ ଏବଂ ଆମେ ବେଦ ତଥା ସୃଷ୍ଟି ଆରମ୍ଭରୁ ଆଜିଯାଏ ଚାଲିଆସିଥିବା ଉଚିତ କଥାକୁ ସନାତନ ପରମ୍ପରା ବୋଲି ମାନୁଛୁ ।** ଦେଖ ! ଶ୍ରେଷ୍ଠ ପିତାଙ୍କ ପୁତ୍ର ବି ଦୁଷ୍ଟ ହୋଇଥିବା ଓ ଦୁଷ୍ଟ ପିତାର ପୁତ୍ର ବି ଶ୍ରେଷ୍ଠ ହୋଇଥିବା ତଥା କୌଣସି କ୍ଷେତ୍ରରେ ଉଭୟ ପିତା-ପୁତ୍ର ଶ୍ରେଷ୍ଠ ବା ଦୁଷ୍ଟ ହୋଇଥିବା ଦେଖିବାକୁ ମିଳେ । ଏଭଳି କ୍ଷେତ୍ରରେ କେଉଁଟି ଆଦର୍ଶ, କେଉଁଟି ଅନୁକରଣୀୟ ବୁଝି ନ ପାରିବାରୁ ତୁମେ ଭ୍ରମରେ ପଡ଼ିଛ । ଏ କ୍ଷେତ୍ରରେ କ'ଣ କରଣୀୟ ସେ ବିଷୟରେ ମନୁ କହନ୍ତି —

ୟେନାସ୍ୟ ପିତରୋ ୟାତା ୟେନ ୟାତାଃ ପିତାମହାଃ ।
ତେନ ୟାୟାତ୍‌ସତାଂ ମାର୍ଗଂ ତେନ ଗଚ୍ଛନ୍ନ ରିଷ୍ୟତେ ॥ (ମନୁ. ୪:୧୭୮)

ଯେଉଁ ରାସ୍ତାରେ ପିତା, ପିତାମହ ଯାଇଛନ୍ତି ସନ୍ତାନ ବି ସେହି ମାର୍ଗରେ ଯିବା ଉଚିତ; କିନ୍ତୁ ଏଠାରେ ମନେ ରଖିବା ଉଚିତ ଯେ **(ସତାମ୍)** ଯେଉଁ ପିତା ଓ ପିତାମହ ସତ୍‌ପୁରୁଷ ଅଟନ୍ତି, ତାଙ୍କ ମାର୍ଗରେ ଯିବା ଉଚିତ; ଯେଉଁ ପିତା, ପିତାମହ ଦୁର୍ଜନ, ତାଙ୍କ ବାଟରେ କେବେ ବି ଯିବା କଥା ନୁହେଁ । କାରଣ ଧର୍ମାତ୍ମା, ସଜ୍ଜନଙ୍କ ପଥ ଅନୁସରଣ କଲେ ଦୁଃଖ ମିଳିନଥାଏ ଏବଂ ଅଧାର୍ମିକ, ଦୁର୍ଜନଙ୍କ ପଥରେ ଗଲେ ଦୁଃଖ ମିଳିଥାଏ । ଏ କଥା ତୁମେ ମାନୁଛ ନା ନାହିଁ ?

ପ୍ରଶ୍ନ — ହଁ, ମାନୁଛୁ ।

ଉତ୍ତର — ପୁଣି ଦେଖ ! **ପରମେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ବେଦର ଅନୁକୂଳ କଥା ହିଁ ସନାତନ ଓ ଯାହା ବେଦବିରୁଦ୍ଧ, ତାହା କଦାପି ସନାତନ ହୋଇନପାରେ ।** ଏପରି ହିଁ ସମସ୍ତେ ମାନିବା ଉଚିତ ନା ନାହିଁ ?

ପ୍ରଶ୍ନ — ନିଶ୍ଚିତ ମାନିବା ଉଚିତ ।

ଉତ୍ତର — ଯିଏ ଏପରି ନ ମାନେ, ତାଙ୍କୁ ପଚାର ଯେ କାହାର ବାପା ଦରିଦ୍ର ହୋଇଥିଲେ ତାଙ୍କ ପୁଅ ଯଦି ଧନୀ ହୁଏ, ତେବେ 'ମୋ ବାପା ଦରିଦ୍ର ଥିଲେ ଓ ମୁଁ ବି ସେମିତି ହେବା ଉଚିତ' ବୋଲି କହି ପୁଅ କ'ଣ ଧନ-ସମ୍ପତ୍ତି ସବୁ ଫିଙ୍ଗି ଦେବ? ଯାହା ବାପା ଅନ୍ଧ ହୋଇଥିବେ, ତାଙ୍କ ପୁଅ ବି କ'ଣ ନିଜ ଆଖି ଫୁଟାଇ ଦେବ? ଯାହାର ବାପା ଦୁଷ୍କର୍ମ କରୁଥିବେ, ସେ ପୁଅ ବି କ'ଣ ଦୁଷ୍କର୍ମ କରିବା ଉଚିତ? ନା-ନା! **ପୂର୍ବ ପୁରୁଷଙ୍କ ଉତ୍ତମ କର୍ମସମୂହକୁ ଗ୍ରହଣ କରିବା ଏବଂ ଦୁଷ୍କର୍ମଗୁଡ଼ିକୁ ବର୍ଜନ କରିବା ସମସ୍ତଙ୍କର ଅତ୍ୟାବଶ୍ୟକ କର୍ତ୍ତବ୍ୟ ।**

ଯିଏ ଗୁଣ-କର୍ମ ଆଧାରରେ ବର୍ଣ୍ଣାଶ୍ରମ-ବ୍ୟବସ୍ଥା ନ ମାନି ରଜ-ବୀର୍ଯ୍ୟର ସଂଯୋଗ ଆଧାରରେ ବର୍ଣ୍ଣ-ବ୍ୟବସ୍ଥା ମାନେ, ତାକୁ ପଚାରିବା ଉଚିତ ଯେ ବ୍ରାହ୍ମଣ ବର୍ଣ୍ଣର ଯେଉଁ ବ୍ୟକ୍ତି ନିଜ ବର୍ଣ୍ଣକୁ ଛାଡ଼ି ନିମ୍ନ ବର୍ଣ୍ଣର, ଅନ୍ତ୍ୟଜ ଅଥବା ଖ୍ରୀଷ୍ଟିୟାନ, ମୁସଲମାନ ହୋଇଯାଇଛି, ତାକୁ ତୁମେ ଆଉ ବ୍ରାହ୍ମଣ ବୋଲି କାହିଁକି ମାନୁନାହଁ? ସେ ବ୍ୟକ୍ତି ଏହା ହିଁ ଉତ୍ତର ଦେବ ଯେ ସିଏ ବ୍ରାହ୍ମଣର କର୍ମ ଛାଡ଼ି ଦେଇଥିବାରୁ ସେ ଆଉ ବ୍ରାହ୍ମଣ ନୁହେଁ । ଏଥିରୁ ଏକଥା ପ୍ରମାଣିତ ହେଲା ଯେ **ଯେଉଁମାନେ ବ୍ରାହ୍ମଣାଦି ବର୍ଣ୍ଣ ପାଇଁ ଉଦ୍ଦିଷ୍ଟ ଉତ୍ତମ କର୍ମ କରନ୍ତି ସେମାନେ ହିଁ ବ୍ରାହ୍ମଣାଦି ଅଟନ୍ତି । ଯଦି କେହି ନିମ୍ନ ବର୍ଣ୍ଣରେ ଉତ୍ପନ୍ନ ବ୍ୟକ୍ତି ବି ଉତ୍ତମ ବର୍ଣ୍ଣର ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ହୁଏ, ତେବେ ତାକୁ ବି ଉଚ୍ଚ ବର୍ଣ୍ଣରେ ଏବଂ ଯଦି ଉତ୍ତମ ବର୍ଣ୍ଣରେ ଉତ୍ପନ୍ନ ହୋଇ ବି କେହି ନିମ୍ନବର୍ଣ୍ଣର କର୍ମ କରେ ତେବେ ତାକୁ ନିମ୍ନ ବର୍ଣ୍ଣରେ ଗଣନା କରିବା ଉଚିତ ।**

ପ୍ରଶ୍ନ — ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟଃ କୃତଃ ।
ଊରୂ ତଦସ୍ୟ ଯଦ୍‌ବୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋ ଅଜାୟତ ॥ (ଯଜୁଃ. ୩୧:୧୧)

ଏହାର ଅର୍ଥ ହେଲା ଯେ ବ୍ରାହ୍ମଣ ଈଶ୍ୱରଙ୍କ ମୁଖରୁ, କ୍ଷତ୍ରିୟ ବାହୁରୁ, ବୈଶ୍ୟ ଜଙ୍ଘରୁ ଓ ଶୂଦ୍ର ଈଶ୍ୱରଙ୍କ ପାଦରୁ ଉତ୍ପନ୍ନ ହୋଇଛନ୍ତି । ଅତଃ ମୁଖ ଯେପରି ବାହୁ ଆଦି ହୋଇନଥାଏ କି ବାହୁ ଆଦି ମୁଖ ହୋଇନଥାନ୍ତି, ସେହିପରି ବ୍ରାହ୍ମଣ କ୍ଷତ୍ରିୟାଦି ହୋଇପାରିବ ନାହିଁ କି କ୍ଷତ୍ରିୟାଦି ବ୍ରାହ୍ମଣ ହୋଇପାରିବେ ନାହିଁ ।

ଉତ୍ତର — ଏହି ମନ୍ତ୍ରର ଅର୍ଥ ତୁମେ ଯେପରି କଲ, ବାସ୍ତବରେ ଅର୍ଥ ତାହା ନୁହେଁ । କାରଣ ବେଦରେ ଏହି ସ୍ଥାନରେ ପୁରୁଷ ଅର୍ଥାତ୍ ନିରାକାର, ସର୍ବବ୍ୟାପକ ପରମାତ୍ମାଙ୍କ ବିଷୟରେ ଚର୍ଚ୍ଚା ଚାଲିଛି । ଯେହେତୁ ସେ ନିରାକାର, ତେଣୁ ତାଙ୍କର ମୁଖ ଆଦି ଅଙ୍ଗ ହେବା ସମ୍ଭବ ନୁହେଁ । ଆଉ ଯଦି ସେ ମୁଖାଦି ଅଙ୍ଗ ବିଶିଷ୍ଟ ଅଟନ୍ତି, ତେବେ ସେ ପୁରୁଷ ଅର୍ଥାତ୍ ସର୍ବବ୍ୟାପକ ନୁହଁନ୍ତି । ଏବଂ ଯଦି ସେ ସର୍ବବ୍ୟାପକ ନୁହଁନ୍ତି, ତେବେ ସେ ସର୍ବଶକ୍ତିମାନ୍, ଜଗତର ଉତ୍ପତ୍ତି-ସ୍ଥିତି-ପ୍ରଳୟ କର୍ତ୍ତା, ଜୀବଙ୍କ ପାପ-ପୁଣ୍ୟ ଜାଣି ତଦନୁସାରେ କର୍ମଫଳଦାତା, ସର୍ବଜ୍ଞ, ଅଜନ୍ମା, ଅମର ଆଦି ବିଶେଷଣଧାରୀ ହୋଇପାରିବେ ନାହିଁ । ଏଣୁ ମନ୍ତ୍ରର ବାସ୍ତବିକ ଅର୍ଥ ହେଲା **- (ଅସ୍ୟ)** ପୂର୍ଣ୍ଣ ବ୍ୟାପକ ପରମାତ୍ମାଙ୍କ ସୃଷ୍ଟିରେ ଯିଏ ମୁଖ ଭଳି ସମସ୍ତଙ୍କ ମଧ୍ୟରେ ମୁଖ୍ୟ ବା ଶ୍ରେଷ୍ଠ, ସେ **(ବ୍ରାହ୍ମଣଃ)** ବ୍ରାହ୍ମଣ । **(ବାହୂ) 'ବାହୁର୍ବୈ ବଲମ୍, ବାହୁର୍ବୈ ବୀର୍ଯ୍ୟମ୍'** (ଶତପଥ. ୬:୨:୩:୩୩, ୧୩:୧:୧୧:୫, ୫:୩:୩:୧୭) **-** ବଳ-ବୀର୍ଯ୍ୟର ନାମ ବାହୁ । ଏହା ଯାହା ଭିତରେ ଅଧିକ ଥାଏ, ସେ **(ରାଜନ୍ୟଃ)** କ୍ଷତ୍ରିୟ । **(ଊରୁ)** ଅଣ୍ଟାରୁ ତଳକୁ ଓ ଆଣ୍ଠୁର ଉପରଭାଗ ପର୍ଯ୍ୟନ୍ତର ନାମ 'ଊରୁ' । ଯିଏ ସକଳ ପଦାର୍ଥ ପାଇଁ ସବୁ ସ୍ଥାନକୁ ଊରୁ ବଳରେ ଗମନାଗମନ କରେ, ପ୍ରବେଶ କରେ, ସେ **(ବୈଶ୍ୟଃ)** ବୈଶ୍ୟ । **(ପଦ୍‌ଭ୍ୟାମ୍)** ଯିଏ ପଦ ବା ନିମ୍ନ ଅଙ୍ଗ ସଦୃଶ

ଓ ମୂର୍ଖତାଦି ଗୁଣବିଶିଷ୍ଟ, ସେ **(ଶୂଦ୍ରଃ)** ଶୂଦ୍ର । ଅନ୍ୟତ୍ର ଶତପଥ ବ୍ରାହ୍ମଣାଦିରେ ବି ଏହି ମନ୍ତ୍ରର ଏପରି ହିଁ ଅର୍ଥ କରାଯାଇଛି । ଯଥା –

ୟସ୍ମାଦେତେ ମୁଖ୍ୟାସ୍ତସ୍ମାନ୍ମୁଖତୋ ହ୍ୟସୃଜ୍ୟନ୍ତ । (ଶତପଥ. ୬:୧:୧:୧୦, ତୈ.ସଂ. ୭:୧:୧:୪)

ଯେହେତୁ ସମାଜରେ ଏମାନେ(ବ୍ରାହ୍ମଣମାନେ) ମୁଖ୍ୟ ଅଟନ୍ତି, ଏଣୁ ଏମାନେ ମୁଖରୁ ଉତ୍ପନ୍ନ ହୋଇଛନ୍ତି ବୋଲି କହିବା ବୁଦ୍ଧିସଂଗତ ଅଟେ । ଅର୍ଥାତ୍ ମୁଖ ଯେପରି ସବୁ ଅଙ୍ଗ ମଧ୍ୟରେ ଶ୍ରେଷ୍ଠ, ସେପରି ପୂର୍ଣ୍ଣ ବିଦ୍ୟାଯୁକ୍ତ ଓ ଉତ୍ତମ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ହୋଇଥିବାରୁ ମନୁଷ୍ୟ ଜାତି ମଧ୍ୟରେ ଯିଏ ଶ୍ରେଷ୍ଠ ସେମାନଙ୍କୁ 'ବ୍ରାହ୍ମଣ' କୁହାଯାଏ । ପରମେଶ୍ୱର ନିରାକାର ହୋଇଥିବାରୁ ଯେତେବେଳେ ତାଙ୍କର ମୁଖାଦି ଅଙ୍ଗ ହିଁ ନାହିଁ, ତେଣୁ ମୁଖ ଆଦିରୁ ଉତ୍ପନ୍ନ ହେବା ଏକଦମ୍ ଅସମ୍ଭବ, ଯେମିତିକି ବନ୍ଧ୍ୟା ସ୍ତ୍ରୀର ପୁତ୍ରର ବିବାହ ହେବା ଅସମ୍ଭବ । ଆଉ ଯଦି ମୁଖ ଆଦି ଅଙ୍ଗରୁ ବ୍ରାହ୍ମଣ ଆଦି ବର୍ଣ୍ଣ ଉତ୍ପନ୍ନ ହୋଇଥାନ୍ତେ, ତେବେ ବ୍ରାହ୍ମଣାଦିଙ୍କ ଆକୃତି ନିଶ୍ଚିତ ଭାବେ ଉପାଦାନ କାରଣ ଭଳି ହୋଇଥାନ୍ତା । ଅର୍ଥାତ୍ ଯେପରି ମୁଖର ଆକାର ଗୋଲ, ବ୍ରାହ୍ମଣମାନଙ୍କ ଶରୀର ବି ସେହିପରି ଗୋଲାକାର ହୋଇଥାନ୍ତା । ସେହିପରି କ୍ଷତ୍ରିୟାଦିଙ୍କ ଶରୀର ବାହୁ ଭଳି ଆକାର, ବୈଶ୍ୟମାନଙ୍କ ଶରୀର ଉରୁ ପରି ଓ ଶୂଦ୍ରଙ୍କ ଶରୀର ପାଦ ଭଳି ଆକୃତି ବିଶିଷ୍ଟ ହୋଇଥାନ୍ତା । କିନ୍ତୁ ଏପରି ହୋଇନାହିଁ । ଆଉ ଗୋଟିଏ କଥା ହେଲା ଯେ କେହି ଯଦି ତୁମକୁ ପ୍ରଶ୍ନ କରେ କି – 'ଯେଉଁମାନେ ଈଶ୍ୱରଙ୍କ ମୁଖ ଆଦିରୁ ଉତ୍ପନ୍ନ ହୋଇଥିଲେ, ସେମାନଙ୍କ ବ୍ରାହ୍ମଣ ଆଦି ନାମ ହେଲା । କିନ୍ତୁ ତୁମକୁ ତ ବ୍ରାହ୍ମଣ ବୋଲି କୁହାଯିବ ନାହିଁ । କାରଣ ଅନ୍ୟ ସମସ୍ତେ ଯେପରି ଗର୍ଭାଶୟରୁ ଉତ୍ପନ୍ନ ହୁଅନ୍ତି, ତୁମେ ବି ସେପରି ଗର୍ଭାଶୟରୁ ଜନ୍ମ ହୋଇଛ । ତୁମେ ମୁଖ ଆଦିରୁ ଉତ୍ପନ୍ନ ନ ହୋଇ ମଧ୍ୟ ନିଜକୁ ବ୍ରାହ୍ମଣାଦି ବୋଲି କିପରି ଅଭିମାନ କରୁଛ ?' ସେତେବେଳେ ଚୁପ୍ ରହିବା ଛଡ଼ା ତୁମର ତ ଅନ୍ୟ ଉପାୟ ନାହିଁ । ଅତଃ ଉପରୋକ୍ତ ମନ୍ତ୍ରର ତୁମେ ଯେପରି ଅର୍ଥ କରୁଛ ତାହା ଭୁଲ୍ ଏବଂ ଆମେ ଯେଉଁ ଅର୍ଥ କରିଛୁ ତାହା ଠିକ୍ । ଅନ୍ୟତ୍ର ଏପରି ହିଁ କୁହାଯାଇଛି, ଯଥା –

ଶୂଦ୍ରୋ ବ୍ରାହ୍ମଣତାମେତି ବ୍ରାହ୍ମଣଶ୍ଚୈତି ଶୂଦ୍ରତାମ୍ ।
କ୍ଷତ୍ରିୟାଜ୍ଜାତମେବନ୍ତୁ ବିଦ୍ୟାଦ୍ୱୈଶ୍ୟାତ୍ତଥୈବ ଚ ॥ (ମନୁ. ୧୦:୬୫)

ଶୂଦ୍ରକୁଳରେ ଜନ୍ମଗ୍ରହଣ କରି ମଧ୍ୟ ଯିଏ ବ୍ରାହ୍ମଣ, କ୍ଷତ୍ରିୟ ବା ବୈଶ୍ୟ ବର୍ଣ୍ଣର ଗୁଣ-କର୍ମ-ସ୍ୱଭାବ ବିଶିଷ୍ଟ, ତଦନୁସାରେ ସେହି ଶୂଦ୍ର କୁଳୋତ୍ପନ୍ନ ବ୍ୟକ୍ତି ବ୍ରାହ୍ମଣ, କ୍ଷତ୍ରିୟ ବା ବୈଶ୍ୟ ହେବ । ସେହିପରି ବ୍ରାହ୍ମଣ, କ୍ଷତ୍ରିୟ କିମ୍ବା ବୈଶ୍ୟ କୁଳରେ ଜନ୍ମଗ୍ରହଣ କରି ମଧ୍ୟ ଯେଉଁମାନଙ୍କ ଗୁଣ-କର୍ମ-ସ୍ୱଭାବ ଶୂଦ୍ର ଭଳି ରହିବ ସେମାନେ ଶୂଦ୍ର ହେବେ । ସେପରି ହିଁ କ୍ଷତ୍ରିୟ ବା ବୈଶ୍ୟ କୁଳରେ ଜନ୍ମ ହୋଇ ବି ଯେଉଁମାନଙ୍କ ସ୍ୱଭାବ ବ୍ରାହ୍ମଣ ବା ଶୂଦ୍ର ସମ ରହେ, ସେମାନେ ଯଥାକ୍ରମେ ବ୍ରାହ୍ମଣ ଓ ଶୂଦ୍ର ହୋଇଯାନ୍ତି । ଅର୍ଥାତ୍ **ବ୍ୟକ୍ତିର ଗୁଣ-କର୍ମ-ସ୍ୱଭାବ ଯେଉଁ ବର୍ଣ୍ଣ ଭଳି, ସେହି ବ୍ୟକ୍ତି ସେହି ବର୍ଣ୍ଣରେ ପରିଗଣିତ ହେବେ ।**

ଧର୍ମଚର୍ଯ୍ୟୟା ଜଘନ୍ୟୋ ବର୍ଣ୍ଣଃ ପୂର୍ବଂ ପୂର୍ବଂ ବର୍ଣ୍ଣମାପଦ୍ୟତେ ଜାତିପରିବୃତ୍ତୌ ॥ ୧ ॥
ଅଧର୍ମଚର୍ଯ୍ୟୟା ପୂର୍ବୋ ବର୍ଣ୍ଣୋ ଜଘନ୍ୟଂ ଜଘନ୍ୟଂ ବର୍ଣ୍ଣମାପଦ୍ୟତେ ଜାତିପରିବୃତ୍ତୌ ॥ ୨ ॥

(ଆପସ୍ତମ୍ବ. ୨:୫:୧୧:୧୦,୧୧)

ଧର୍ମାଚରଣ ଦ୍ୱାରା ଯେକୌଣସି ନିମ୍ନ ବର୍ଣ୍ଣର ବ୍ୟକ୍ତି ନିଜଠୁ ଉତ୍ତମ-ଉତ୍ତମ ବର୍ଣ୍ଣକୁ ଉନ୍ନୀତ ହୋଇଥାଏ ଏବଂ ସେ ଯେଉଁ ବର୍ଣ୍ଣ ପାଇଁ ଯୋଗ୍ୟ ଥାଏ ସେହି ବର୍ଣ୍ଣ ଭିତରେ ପରିଗଣିତ ହୋଇଥାଏ ॥ ୧ ॥

ସେହିପରି ଅଧର୍ମାଚରଣ ଯୋଗୁଁ ଉତ୍ତମ ବର୍ଣ୍ଣର ବ୍ୟକ୍ତି ବି ନିଜଠୁ ନିମ୍ନ-ନିମ୍ନ ବର୍ଣ୍ଣକୁ ପ୍ରାପ୍ତ ହୋଇଥାଏ ଓ ସେହି ନିମ୍ନ ବର୍ଣ୍ଣରେ ପରିଗଣିତ ହୋଇଥାଏ ॥ ୨ ॥

ପୁରୁଷମାନଙ୍କ କ୍ଷେତ୍ରରେ ଯେପରି ଯୋଗ୍ୟତା ଆଧାରରେ ବର୍ଣ୍ଣ-ବ୍ୟବସ୍ଥା ହୋଇଥାଏ, ମହିଳାମାନଙ୍କର ବି ସେପରି ଯୋଗ୍ୟତା ଆଧାରରେ ହିଁ ବର୍ଣ୍ଣ ନିର୍ଦ୍ଧାରିତ ହୋଇଥାଏ । ଏ ଯୋଗ୍ୟତା ଆଧାରିତ ବର୍ଣ୍ଣ-ବ୍ୟବସ୍ଥାର ଉପକାରିତା ଏଇଆ ଯେ ଏପରି ବ୍ୟବସ୍ଥା ରହିଲେ ପ୍ରତ୍ୟେକ ବର୍ଣ୍ଣ ନିଜ-ନିଜ ଗୁଣ-କର୍ମ-ସ୍ୱଭାବରେ ଯୁକ୍ତ ହୋଇ ଶୁଦ୍ଧ ଭାବେ ବା ଅମିଶ୍ରିତ ଭାବେ ରହନ୍ତି । ଅର୍ଥାତ୍ ବ୍ରାହ୍ମଣ କୁଳରେ କେହି କ୍ଷତ୍ରିୟ, ବୈଶ୍ୟ କିମ୍ବା ଶୂଦ୍ର ଭଳି ଗୁଣ-କର୍ମ ଥିବା ବ୍ୟକ୍ତି ରହିବେ ନାହିଁ ଏବଂ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବର୍ଣ୍ଣ ବି ନିଜ-ନିଜ ବର୍ଣ୍ଣର ଗୁଣ ଦୃଷ୍ଟିରୁ ଶୁଦ୍ଧ ବା ଅମିଶ୍ରିତ ରହିବେ, ବର୍ଣ୍ଣ-ସଙ୍କରତା ସୃଷ୍ଟି ହେବ ନାହିଁ । ଏତଦ୍ଦ୍ୱାରା କୌଣସି ବର୍ଣ୍ଣର ନିନ୍ଦା ବା ଅଯୋଗ୍ୟତା ବି ହେବ ନାହିଁ । ଅର୍ଥାତ୍ କୌଣସି ବର୍ଣ୍ଣରେ ଯୋଗ୍ୟ ବ୍ୟକ୍ତିଙ୍କର ଅଭାବ ରହିବ ନାହିଁ ।

ପ୍ରଶ୍ନ — ଯଦି କାହାର ଗୋଟିଏ ମାତ୍ର ପୁଅ କି ଝିଅ ଥାଏ ଏବଂ ସେ ସ୍ୱ ଗୁଣ-କର୍ମ ଯୋଗୁଁ ଅନ୍ୟ ବର୍ଣ୍ଣରେ ଅନ୍ତର୍ଭୁକ୍ତ ହୋଇଯାଏ, ତେବେ ତା'ର ବାପା-ମାଆଙ୍କ ସେବା କରିବ କିଏ ? ତା' ଛଡ଼ା ଏ ବ୍ୟବସ୍ଥା ଦ୍ୱାରା ତ ବଂଶନାଶ ବି ହୋଇଯିବ । ଏସବୁ ସମସ୍ୟାର କ'ଣ ସମାଧାନ ରହିବା ଉଚିତ ?

ଉତ୍ତର — କାହାରି ସେବା-ଯତ୍ନର ଅସୁବିଧା ହେବ ନାହିଁ କି କାହାର ବଂଶନାଶ ବି ହେବ ନାହିଁ । କାରଣ, ବିଦ୍ୟାସଭା ଓ ରାଜସଭାର ବ୍ୟବସ୍ଥା ଅନୁସାରେ ସେଭଳି ବାପା-ମାଆଙ୍କୁ ନିଜ-ନିଜ ପୁଅ-ଝିଅ ବଦଳରେ ସ୍ୱବର୍ଣ୍ଣର ଯୋଗ୍ୟ ଅନ୍ୟ ସନ୍ତାନ ମିଳିବ । ଏଣୁ କୌଣସି ପ୍ରକାର ଅବ୍ୟବସ୍ଥା ହେବ ନାହିଁ ।

ଗୁଣ-କର୍ମ ଆଧାରରେ ବର୍ଣ୍ଣ ନିର୍ଦ୍ଧାରଣ କାର୍ଯ୍ୟ ଝିଅମାନଙ୍କର ୧୬ ବର୍ଷ ବୟସରେ ଓ ପୁଅମାନଙ୍କର ୨୫ ବର୍ଷ ବୟସରେ ପରୀକ୍ଷା ଦ୍ୱାରା ସ୍ଥିର କରାଯିବା ଉଚିତ । ପରୀକ୍ଷା ଦ୍ୱାରା ନିର୍ଦ୍ଧାରିତ ବର୍ଣ୍ଣ ଅନୁସାରେ ବ୍ରାହ୍ମଣୀ ସହ ବ୍ରାହ୍ମଣର, କ୍ଷତ୍ରିୟା ସହ କ୍ଷତ୍ରିୟର, ବୈଶ୍ୟା ସହ ବୈଶ୍ୟର ଓ ଶୂଦ୍ରା ସହ ଶୂଦ୍ରର ବିବାହ ଅନୁଷ୍ଠିତ ହେବା ଆବଶ୍ୟକ । ଏପରି ହେଲେ ଯାଇ ନିଜ-ନିଜ ବର୍ଣ୍ଣର କର୍ମ ଠିକ୍ ଭାବେ ସଂପାଦିତ ହେବ ଓ ପାରସ୍ପରିକ ପ୍ରୀତି ବି ଯଥାଯୋଗ୍ୟ ରହିବ । ଚାରି ବର୍ଣ୍ଣର କର୍ତ୍ତବ୍ୟ-କର୍ମ ଓ ଗୁଣ ନିମ୍ନ ପ୍ରକାରର—

ବ୍ରାହ୍ମଣ —

ଅଧ୍ୟାପନମଧ୍ୟୟନଂ ଯଜନଂ ଯାଜନଂ ତଥା ।
ଦାନଂ ପ୍ରତିଗ୍ରହଶ୍ଚୈବ ବ୍ରାହ୍ମଣାନାମକଳ୍ପୟତ୍ ॥ ୧ ॥ (ମନୁ. ୧:୮୮)
ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମସ୍ୱଭାବଜମ୍ ॥ ୨ ॥ (ଗୀତା. ୧୮:୪୨)

ପଢ଼ିବା-ପଢ଼ାଇବା, ଯଜ୍ଞ କରିବା-ଯଜ୍ଞ କରାଇବା, ଦାନ ଦେବା ଓ ଦାନ ନେବା - ଏ ଛଅଟି କର୍ମ ହେଉଛି ବ୍ରାହ୍ମଣର । କିନ୍ତୁ **'ପ୍ରତିଗ୍ରହଃ ପ୍ରତ୍ୟବରଃ'** (ମନୁ. ୧୦:୧୦୯) - ପ୍ରତିଗ୍ରହ ଅର୍ଥାତ୍ ଦାନ ନେବା ନୀଚ କର୍ମ ॥୧ ॥

(ଶମ) ମନରେ ଖରାପ କାମ କରିବାର ଇଚ୍ଛା ବି ନ କରିବା ଓ ମନକୁ କେବେ ବି ଅଧର୍ମରେ ପ୍ରବୃତ୍ତ ହେବାକୁ ନ ଦେବା, **(ଦମ)** କର୍ଣ୍ଣ ଓ ଚକ୍ଷୁ ଆଦି ଇନ୍ଦ୍ରିୟଗୁଡ଼ିକୁ ଅନ୍ୟାୟ ମାର୍ଗରୁ ରୋକି ଧର୍ମମାର୍ଗରେ ଚଳାଇବା, **(ତପଃ)** ସର୍ବଦା ବ୍ରହ୍ମଚାରୀ, ଜିତେନ୍ଦ୍ରିୟ ରହି ଧର୍ମାଚରଣ କରିବା । **(ଶୌଚ)—**

ଅଦ୍‌ଭିର୍ଗାତ୍ରାଣି ଶୁଦ୍ଧ୍ୟନ୍ତି ମନଃ ସତ୍ୟେନ ଶୁଧ୍ୟତି ।
ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧିର୍ଜ୍ଞାନେନ ଶୁଧ୍ୟତି ॥ (ମନୁ. ୫:୧୦୯)

ଜଳ ଦ୍ୱାରା ଶରୀରର ଅଙ୍ଗ-ପ୍ରତ୍ୟଙ୍ଗ ପରିଷ୍କାର ହୁଏ, ସତ୍ୟାଚରଣ ଦ୍ୱାରା ମନ ଶୁଦ୍ଧ ରହେ, ବିଦ୍ୟା ଓ ଧର୍ମାନୁଷ୍ଠାନ ଦ୍ୱାରା ଜୀବାତ୍ମା ପବିତ୍ର ହୁଏ ଏବଂ ଜ୍ଞାନ ଦ୍ୱାରା ବୁଦ୍ଧି ପବିତ୍ର ହୁଏ ଅର୍ଥାତ୍ ସତ୍ୟାସତ୍ୟର ବିଚାର ପୂର୍ବକ ସତ୍ୟ ଗ୍ରହଣ ଓ ଅସତ୍ୟ ତ୍ୟାଗ ଦ୍ୱାରା ବୁଦ୍ଧି ପବିତ୍ର ହୁଏ । ଅତଃ ଶୌଚର ଅର୍ଥ ରାଗ-ଦ୍ୱେଷାଦି ଅନ୍ତରର ଦୋଷ ଓ ବାହାରର ମଇଳା ଉଭୟ ଦୂର କରି ଶୁଦ୍ଧ ରହିବା ।

(କ୍ଷାନ୍ତି) ନିନ୍ଦା-ସ୍ତୁତି, ସୁଖ-ଦୁଃଖ, ଶୀତ-ଉଷ୍ଣ, କ୍ଷୁଧା-ତୃଷା, ହାନି-ଲାଭ, ମାନ-ଅପମାନ ଆଦିରେ ହର୍ଷ-ଶୋକ ଛାଡ଼ି ଧର୍ମରେ ଦୃଢ଼ ହୋଇ ରହିବା; **(ଆର୍ଜବ)** କୋମଳତା, ନିରଭିମାନ ଓ ସରଳସ୍ୱଭାବ ରଖିବା, କୁଟିଳତାଦି ଦୋଷ ତ୍ୟାଗ କରିବା; **(ଜ୍ଞାନ)** ସାଙ୍ଗୋପାଙ୍ଗ ବେଦାଦି ସକଳ ଶାସ୍ତ୍ର ପଢ଼ି ପଢ଼ାଇବାର ସାମର୍ଥ୍ୟ, ବିବେକ ଅର୍ଥାତ୍ ସତ୍ୟାସତ୍ୟର ନିର୍ଣ୍ଣୟ, ଯେଉଁ ବସ୍ତୁ ଯେପରି ଅଟେ ତାହାକୁ ସେପରି ଜାଣିବା ଓ ମାନିବା ଅର୍ଥାତ୍ ଜଡ଼କୁ ଜଡ଼ ଓ ଚେତନକୁ ଚେତନ ବୋଲି ଜାଣିବା ତଥା ମାନିବା; **(ବିଜ୍ଞାନ)** ପୃଥିବୀଠାରୁ ଆରମ୍ଭ କରି ପରମେଶ୍ୱର ପର୍ଯ୍ୟନ୍ତ ଯାବତୀୟ ପଦାର୍ଥକୁ ବିଶେଷତା ସହକାରେ ଜାଣି ସେ ସବୁର ଯଥାଯୋଗ୍ୟ ଉପଯୋଗ କରିବା; **(ଆସ୍ତିକ୍ୟ)** ବେଦ, ଈଶ୍ୱର, ମୁକ୍ତି, ପୂର୍ବଜନ୍ମ-ପରଜନ୍ମକୁ ମାନିବା, ଧର୍ମ, ବିଦ୍ୟା, ସତ୍‌ସଙ୍ଗ ତଥା ମାତା, ପିତା, ଆଚାର୍ଯ୍ୟ ଓ ଅତିଥିଙ୍କ ସେବା କେବେ ବି ନ ଛାଡ଼ିବା ଏବଂ ଏମାନଙ୍କୁ କେବେ ବି ନିନ୍ଦା ନ କରିବା – ଏ ୧୫ଟି କର୍ମ ଓ ଗୁଣ ବ୍ରାହ୍ମଣ ବର୍ଣ୍ଣର ମନୁଷ୍ୟଙ୍କଠାରେ ଅବଶ୍ୟ ରହିବା ଉଚିତ ॥ ୨ ॥

କ୍ଷତ୍ରିୟ—

ପ୍ରଜାନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ ।
ବିଷୟେଷ୍ୱପ୍ରସକ୍ତିଶ୍ଚ କ୍ଷତ୍ରିୟସ୍ୟ ସମାସତଃ ॥ ୧ ॥ (ମନୁ. ୧:୮୯)
ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଲାୟନମ୍ ।
ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ॥ ୨ ॥ (ଗୀତା. ୧୮:୪୩)

(ପ୍ରଜାରକ୍ଷଣ) ନ୍ୟାୟପୂର୍ବକ ପ୍ରଜାମାନଙ୍କୁ ରକ୍ଷା କରିବା ଅର୍ଥାତ୍ ପକ୍ଷପାତ ଛାଡ଼ି ଶ୍ରେଷ୍ଠଙ୍କୁ ସତ୍‌କାର ଓ ଦୁଷ୍ଟଙ୍କ ପ୍ରତି ଦଣ୍ଡବିଧାନ କରିବା, ସବୁ ପ୍ରକାରେ ସମସ୍ତଙ୍କୁ ପାଳନ କରିବା; **(ଦାନ)** ବିଦ୍ୟା ଓ ଧର୍ମର ଅଭିବୃଦ୍ଧି ନିମନ୍ତେ ତଥା ସତ୍‌ପାତ୍ରଙ୍କ ସେବା-ଶୁଶ୍ରୂଷା ନିମିତ୍ତ ଧନାଦି ବ୍ୟୟ କରିବା; **(ଇଜ୍ୟା)** ଅଗ୍ନିହୋତ୍ରାଦି ଯଜ୍ଞ କରିବା ଓ କରାଇବା; **(ଅଧ୍ୟୟନ)** ବେଦାଦି ଶାସ୍ତ୍ର ପଢ଼ିବା ଓ ପଢ଼ାଇବା ଏବଂ **(ବିଷୟେଷ୍ୱପ୍ରସକ୍ତିଃ)** ରୂପ-ରସାଦି ବିଷୟରେ ଆସକ୍ତ ନ ହୋଇ, ଜିତେନ୍ଦ୍ରିୟ ରହି ଶାରୀରିକ ଓ ଆତ୍ମିକ ରୂପେ ବଳବାନ୍ ରହିବା ॥ ୧ ॥

(ଶୌର୍ଯ୍ୟ) ଶହ-ଶହ, ହଜାର-ହଜାର ଲୋକଙ୍କ ସହ ଏକାକୀ ଯୁଦ୍ଧ କରିବାରେ ବି ଭୟଭୀତ ନ ହେବା; **(ତେଜଃ)** ସଦା ତେଜସ୍ୱୀ ଅର୍ଥାତ୍ ଦୀନତା ରହିତ, ପ୍ରଗଲ୍‌ଭ ଓ ଦୃଢ଼ ରହିବା; **(ଧୃତି)** ଧୈର୍ଯ୍ୟବାନ୍ ହେବା; **(ଦାକ୍ଷ୍ୟ)** ରାଜ୍ୟ ଓ ପ୍ରଜା ସମ୍ବନ୍ଧୀୟ ବ୍ୟବହାର ତଥା ସବୁ ଶାସ୍ତ୍ରରେ ନିପୁଣ ହେବା; **(ଯୁଦ୍ଧେ)** ଯୁଦ୍ଧରେ ଦୃଢ଼, ନିଃଶଙ୍କ ରହିବା, **(ଅପଲାୟନମ୍)** ଯୁଦ୍ଧକ୍ଷେତ୍ରରୁ କେବେ ବି ଭୟଭୀତ ହୋଇ ନ ହଟିବା, ପଳାୟନ ନ କରିବା । ଅର୍ଥାତ୍ ଏପରି ଲଢ଼ିବା ଯଦ୍ୱାରା କି ନିଶ୍ଚିତ ବିଜୟ ହେବ । ଯଦି ସମ୍ମୁଖ ଯୁଦ୍ଧରୁ ନିଜକୁ ବଞ୍ଚାଇ ପଳାୟନ କରି ଶତ୍ରୁଙ୍କୁ ଭ୍ରମରେ ରଖି ଅନ୍ୟ ଦିଗରୁ ଆକ୍ରମଣ କରିବା କିମ୍ବା ପରବର୍ତ୍ତୀ ସମୟରେ ଆକ୍ରମଣ କରିବା ଦ୍ୱାରା

ବିଜୟ ମିଳେ, ତେବେ ସେପରି କରିବା; **(ଦାନ)** ଦାନଶୀଳ ହେବା; **(ଈଶ୍ୱରଭାବ)** ପକ୍ଷପାତ ରହିତ ହୋଇ ସମସ୍ତଙ୍କ ସହ ଯଥାଯୋଗ୍ୟ ବ୍ୟବହାର କରିବା, ବିଚାର ପୂର୍ବକ ଦେବା, ପ୍ରତିଜ୍ଞା ପୂର୍ଣ୍ଣ କରିବା ଓ କେବେ ପ୍ରତିଜ୍ଞା ଭଙ୍ଗ ନ କରିବା- ଏ ୧୧ଟି କର୍ମ ଓ ଗୁଣ କ୍ଷତ୍ରିୟ ବର୍ଣ୍ଣର ଲୋକମାନଙ୍କର ॥ ୨ ॥

ବୈଶ୍ୟ —

ପଶୂନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ ।
ବଣିକ୍‌ପଥଂ କୁସୀଦଂ ଚ ବୈଶ୍ୟସ୍ୟ କୃଷିମେବ ଚ ॥ (ମନୁ. ୧:୯୦)

(ପଶୁରକ୍ଷା) ଗୋ ଆଦି ପଶୁ ପାଳନ ଓ ବର୍ଦ୍ଧନ କରିବା; **(ଦାନ)** ବିଦ୍ୟା ଓ ଧର୍ମର ବୃଦ୍ଧି ପାଇଁ ଧନ-ସମ୍ପତ୍ତି ଆଦି ବ୍ୟୟ କରିବା; **(ଇଜ୍ୟା)** ଅଗ୍ନିହୋତ୍ରାଦି ଯଜ୍ଞ କରିବା; **(ଅଧ୍ୟୟନ)** ବେଦାଦି ଶାସ୍ତ୍ର ପଢ଼ିବା; **(ବଣିକ୍ ପଥ)** ସବୁ ପ୍ରକାର ବ୍ୟାପାର କରିବା; **(କୁସୀଦ)** ସୁଧ କାରବାର କରିବା, ଶହେ ଟଙ୍କାରେ ୪,୬,୮,୧୨,୧୬ ବା ୨୦ ଅଣାରୁ ଅଧିକ ସୁଧ ନ ନେବା ଏବଂ ମୂଳଧନର ଦୁଇଗୁଣରୁ ଅଧିକ ନ ନେବା ଅର୍ଥାତ୍ ଏକ ଟଙ୍କା ଧାର ଦେଇଥିଲେ ଶହେ ବର୍ଷରେ ବି ସମୂଳସୁଧ ଦୁଇଟଙ୍କାରୁ ଅଧିକ ନ ନେବା; **(କୃଷି)** କୃଷି କାର୍ଯ୍ୟ କରିବା - ଏ ୭ଟି ବୈଶ୍ୟମାନଙ୍କର ଗୁଣ ଓ କର୍ମ ।

ଶୂଦ୍ର —

ଏକମେବ ହି ଶୂଦ୍ରସ୍ୟ ପ୍ରଭୁଃ କର୍ମ ସମାଦିଶତ୍ ।
ଏତେଷାମେବ ବର୍ଣ୍ଣାନାଂ ଶୁଶ୍ରୂଷାମନସୂୟୟା ॥ (ମନୁ. ୧:୯୧)

ନିନ୍ଦା, ଈର୍ଷ୍ୟା ଓ ଅଭିମାନ ଆଦି ଦୋଷ ପରିତ୍ୟାଗ କରି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କ ସେବା ଯଥାଯଥ ଭାବେ କରିବା ଏବଂ ତଦ୍ୱାରା ନିଜ ଜୀବିକା ଅର୍ଜନ କରିବା - ଶୂଦ୍ରମାନଙ୍କର ଏହା ହିଁ ଏକମାତ୍ର ଗୁଣ-କର୍ମ ।

ଏସବୁ ସଂକ୍ଷେପରେ ବର୍ଣ୍ଣମାନଙ୍କର ଗୁଣ ଓ କର୍ମ ବର୍ଣ୍ଣନା କରାଗଲା । ଯେଉଁ ବ୍ୟକ୍ତିଠାରେ ଯେଉଁ ବର୍ଣ୍ଣର ଗୁଣ-କର୍ମ ଥିବ, ତାକୁ ସେହି ବର୍ଣ୍ଣର ଅଧିକାର ଦେବା ଉଚିତ । ଏପରି ବ୍ୟବସ୍ଥା ରହିଲେ ସବୁ ମନୁଷ୍ୟ ଉନ୍ନତିଶୀଳ ହୁଅନ୍ତି । କାରଣ ଉତ୍ତମ ବର୍ଣ୍ଣର ଲୋକଙ୍କର ଭୟ ରହିବ ଯେ ଯଦି ଆମ ସନ୍ତାନମାନେ ମୂର୍ଖତା ଆଦି ଦୋଷଯୁକ୍ତ ହେବେ, ତେବେ ଶୂଦ୍ର ବର୍ଣ୍ଣକୁ ଚାଲିଯିବେ । ସନ୍ତାନମାନଙ୍କର ବି ଡର ରହିବ ଯେ ଯଦି ଆମେ ଉତ୍ତମ ଆଚାର-ବ୍ୟବହାର ସମ୍ପନ୍ନ ଓ ବିଦ୍ୟାବାନ୍ ନ ହେଉ, ତେବେ ଆମକୁ ଶୂଦ୍ର ହେବାକୁ ପଡ଼ିବ । ତା'ସହ ଉଚ୍ଚ ବର୍ଣ୍ଣରେ ଅନ୍ତର୍ଭୁକ୍ତ ହେବା ପାଇଁ ନିମ୍ନ ବର୍ଣ୍ଣସ୍ଥ ବ୍ୟକ୍ତିଙ୍କର ବି ଉତ୍ସାହ ବଢ଼ିବ ।

ବିଦ୍ୟା ଓ ଧର୍ମର ପ୍ରଚାରର ଅଧିକାର ବ୍ରାହ୍ମଣଙ୍କୁ ଦେବା ଉଚିତ, କାରଣ ସେମାନେ ପୂର୍ଣ୍ଣ ବିଦ୍ୱାନ୍ ଓ ଧାର୍ମିକ ହୋଇଥିବାରୁ ସେ କାମକୁ ଯଥାର୍ଥ ରୂପେ ସମ୍ପାଦନ କରିପାରିବେ । କ୍ଷତ୍ରିୟଙ୍କୁ ରାଜ୍ୟ ପ୍ରଶାସନ ଓ ସୁରକ୍ଷା ଦାୟିତ୍ୱ ଦିଆଗଲେ, କେବେ ରାଜ୍ୟର ହାନି ବା ଅନିଷ୍ଟ ହେବ ନାହିଁ । ପଶୁପାଳନ ପ୍ରଭୃତିର ଅଧିକାର ବୈଶ୍ୟଙ୍କୁ ଦେବା ଉଚିତ, କାରଣ ସେମାନେ ଏହି କାମକୁ ଭଲ ଭାବେ କରିପାରିବେ । ଶୂଦ୍ରଙ୍କୁ ସେବାର ଦାୟିତ୍ୱ ଏଥିପାଇଁ ଦେବା ଉଚିତ କାରଣ ସେମାନେ ବିଦ୍ୟାହୀନ, ମୂର୍ଖ ହୋଇଥିବାରୁ ବିଶେଷ ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ କୌଣସି ବି କାର୍ଯ୍ୟ କରିପାରିବେ ନାହିଁ; କିନ୍ତୁ ଶାରୀରିକ ସେବା କାର୍ଯ୍ୟ ସୁଚାରୁ ରୂପେ କରିପାରିବେ । ଏଭଳି ଭାବେ ପ୍ରତ୍ୟେକ ବର୍ଣ୍ଣକୁ ନିଜ-ନିଜ କର୍ତ୍ତବ୍ୟ ଓ ଦାୟିତ୍ୱରେ ପ୍ରବୃତ୍ତ କରିବା ରାଜା ଆଦିଙ୍କର କର୍ତ୍ତବ୍ୟ ।

ବିବାହ ଲକ୍ଷଣ

ବ୍ରାହ୍ମୋ ଦୈବସ୍ତଥୈବାର୍ଷଃ ପ୍ରାଜାପତ୍ୟସ୍ତଥାଽଽସୁରଃ ।
ଗାନ୍ଧର୍ବୋ ରାକ୍ଷସଶ୍ଚୈବ ପୈଶାଚଶ୍ଚାଷ୍ଟମୋଽଧମଃ ॥ (ମନୁ. ୩:୨୧)

ବିବାହ ଆଠ ପ୍ରକାର; ଯଥା - ୧. ବ୍ରାହ୍ମ, ୨. ଦୈବ, ୩. ଆର୍ଷ, ୪. ପ୍ରାଜାପତ୍ୟ, ୫. ଆସୁର, ୬. ଗାନ୍ଧର୍ବ, ୭. ରାକ୍ଷସ, ୮. ପୈଶାଚ । ଏ ସବୁର ପରିଚୟ ହେଲା -

୧. ବ୍ରାହ୍ମ ବିବାହ — ବର-କନ୍ୟା ଉଭୟେ ଯଥାବିଧି ବ୍ରହ୍ମଚର୍ଯ୍ୟ ଆଶ୍ରମ ଅନୁଷ୍ଠାନ ପୂର୍ବକ ଉତ୍ତମ ବିଦ୍ୱାନ୍, ଧାର୍ମିକ ଓ ସୁଶୀଳ ହୋଇ ପାରସ୍ପରିକ ପ୍ରସନ୍ନତାରେ ଉଭୟଙ୍କ ବିବାହ କରିବାକୁ ବ୍ରାହ୍ମ ବିବାହ କୁହାଯାଏ ।

୨. ଦୈବ ବିବାହ — ବିବାହ ଉଦ୍ଦେଶ୍ୟରେ ଆୟୋଜିତ ବିସ୍ତୃତ ଯଜ୍ଞରେ ଋତ୍ୱିକ କର୍ମ କରୁଥିବା ବ୍ୟକ୍ତି(ଜାମାତା)ଙ୍କୁ ଅଳଂକୃତା କନ୍ୟା ପ୍ରଦାନ କରିବାକୁ ଦୈବ ବିବାହ କୁହାଯାଏ ।

୩. ଆର୍ଷ ବିବାହ — ବର ଠାରୁ କିଛି ନେଇ ବର-କନ୍ୟାଙ୍କ ପ୍ରସନ୍ନତାରେ ବିବାହ କରିବାକୁ ଆର୍ଷ ବିବାହ କୁହାଯାଏ ।

୪. ପ୍ରାଜାପତ୍ୟ ବିବାହ — ଗୃହସ୍ଥ ଧର୍ମର ରକ୍ଷା ଓ ବୃଦ୍ଧି ନିମନ୍ତେ ଉଭୟଙ୍କ ମଧ୍ୟରେ ଯେଉଁ ବିବାହ ଅନୁଷ୍ଠିତ ହୁଏ ତାକୁ ପ୍ରାଜାପତ୍ୟ ବିବାହ କହନ୍ତି ।

୫. ଆସୁର ବିବାହ — ବର ଓ କନ୍ୟାକୁ କିଛି ଦେଇ ଯେଉଁ ବିବାହ କରାଯାଏ ତାକୁ ଆସୁର ବିବାହ କହନ୍ତି ।

୬. ଗାନ୍ଧର୍ବ ବିବାହ — ବିନା ନିୟମରେ ଓ ଅସମୟରେ କୌଣସି କାରଣବଶତଃ କୌଣସି ପୁଅ-ଝିଅ ସ୍ୱେଚ୍ଛାରେ ପରସ୍ପରକୁ ପତ୍ନୀ-ପତି ମାନି ସଂଯୁକ୍ତ ହେବାକୁ ଗାନ୍ଧର୍ବ ବିବାହ କୁହାଯାଏ ।

୭. ରାକ୍ଷସ ବିବାହ — ଯୁଦ୍ଧ କରି, ବଳପୂର୍ବକ ଅପହରଣ କରି କିମ୍ବା କପଟତା ପୂର୍ବକ କୌଣସି କନ୍ୟାକୁ ବିବାହ କରିବାକୁ ରାକ୍ଷସ ବିବାହ କୁହାଯାଏ ।

୮. ପୈଶାଚ ବିବାହ — ଶୟନରତା ବା ମଦ୍ୟାଦି ପାନ ଯୋଗୁଁ ଉନ୍ମତ୍ତା ସହ ବଳତ୍କାର ସଂଯୋଗ କରିବାକୁ ପୈଶାଚ ବିବାହ କୁହାଯାଏ ।

ଏସବୁ ବିବାହ ମଧ୍ୟରେ 'ବ୍ରାହ୍ମବିବାହ' **ସର୍ବୋତ୍କୃଷ୍ଟ;** 'ଦୈବ' ଓ 'ପ୍ରାଜାପତ୍ୟ' ବିବାହ **ମଧ୍ୟମ;** 'ଆର୍ଷ', 'ଆସୁର' ଓ 'ଗାନ୍ଧର୍ବ' **ନିକୃଷ୍ଟ;** 'ରାକ୍ଷସ' ବିବାହ **ଅଧମ** ଏବଂ 'ପୈଶାଚ' ବିବାହ **ମହାଭ୍ରଷ୍ଟ** ଅଟେ । ଏଣୁ ବିବାହ ପୂର୍ବରୁ ବର ଓ କନ୍ୟାଙ୍କର ଏକାନ୍ତରେ ମିଳନ ଆଦୌ ନ ହେବା ଉଚିତ । କାରଣ ଯୌବନାବସ୍ଥାରେ ଅବିବାହିତ ପୁରୁଷ-ନାରୀଙ୍କ ଏକତ୍ର ଅବସ୍ଥାନ ଦୋଷାବହ ଅଟେ ।

ଯେତେବେଳେ ଝିଅ ଓ ପୁଅମାନଙ୍କର ବିବାହ ସମୟ ଆସିବ ଅର୍ଥାତ୍ ବ୍ରହ୍ମଚର୍ଯ୍ୟାଶ୍ରମ ଓ ବିଦ୍ୟାଶିକ୍ଷା ପୂର୍ଣ୍ଣ ହେବାକୁ ଯେତେବେଳେ ଏକ ବର୍ଷ ବା ଛଅ ମାସ ବାକି ଥିବ, ସେତେବେଳେ ସେସବୁ କନ୍ୟାମାନଙ୍କ ଓ ସେସବୁ ପୁଅମାନଙ୍କ ଛାୟାଚିତ୍ର (ଫଟୋ) ଉଠାଇ ବା ପ୍ରତିକୃତି ତିଆରି କରି ଝିଅଙ୍କ ଅଧ୍ୟାପିକାଙ୍କ ପାଖକୁ ପୁଅମାନଙ୍କର ଓ ପୁଅଙ୍କ ଅଧ୍ୟାପକଙ୍କ ନିକଟକୁ ଝିଅମାନଙ୍କର ପ୍ରତିକୃତି ପଠାଇ ଦେବେ । ଯେଉଁ ପୁଅ-ଝିଅମାନଙ୍କ ରୂପ ପରସ୍ପର ସହ ମେଳ ଖାଇବ ସେମାନଙ୍କ ଇତିହାସ ଅର୍ଥାତ୍ ଜନ୍ମରୁ ନେଇ ସେହିଦିନ ପର୍ଯ୍ୟନ୍ତ ଲିଖିତ ଥିବା ଜନ୍ମ ଚରିତ୍ର

ପୁସ୍ତକ ଅଧ୍ୟାପକ-ଅଧ୍ୟାପିକାମାନେ ମଗାଇ ଦେଖିବେ । ଯେତେବେଳେ ଉଭୟଙ୍କ ଗୁଣ-କର୍ମ ଏକା ଭଳି ଥିବା ଜଣାଯିବ, ସେତେବେଳେ ଯାହା-ଯାହା ସହ ଯାହା-ଯାହାର ବିବାହ ହେବା ଯୋଗ୍ୟ ମନେକରିବେ, ସେ-ସେ ପୁଅ ଓ ଝିଅର ଛାୟାଚିତ୍ର ଓ ଇତିହାସ ସେ-ସେ ଝିଅ ଓ ପୁଅ ହାତରେ ଦେଇ କହିବେ- 'ଏ ବିଷୟରେ ତୁମର ମତାମତ କ'ଣ ଆମକୁ ଜଣାଇବ' । ଯେଉଁ ପୁଅ-ଝିଅ ଦୁହେଁ ପରସ୍ପରକୁ ବିବାହ କରିବାକୁ ନିଶ୍ଚିତ କରିବେ ଏକା ସମୟରେ ସେ ଦୁହିଁଙ୍କ ସମାବର୍ତ୍ତନ ସଂସ୍କାର କରିବେ । ଯଦି ସେ ଦୁହେଁ ଅଧ୍ୟାପକମାନଙ୍କ ସମ୍ମୁଖରେ ବିବାହ କରିବାକୁ ଚାହାଁନ୍ତି, ତେବେ ସେଠାରେ ବିବାହ କରାଇବେ ନଚେତ୍ କନ୍ୟାର ମାତା-ପିତାଙ୍କ ଘରେ ବିବାହ କରାଇବେ । ବିବାହ ପୂର୍ବରୁ ସେ ଦୁହେଁ ଯେତେବେଳେ ପରସ୍ପରର ସମ୍ମୁଖୀନ ହେବେ ସେତେବେଳେ ସେ ଅଧ୍ୟାପକଗଣ ବା କନ୍ୟାର ମାତା-ପିତା ଆଦି ଭଦ୍ରବ୍ୟକ୍ତିଗଣଙ୍କ ସମ୍ମୁଖରେ ସେ ଦୁହିଁଙ୍କ ମଧ୍ୟରେ କଥୋପକଥନ ଓ ଶାସ୍ତ୍ରାର୍ଥ କରାଇବେ । ଯଦି କାହାର କୌଣସି ଗୋପନୀୟ ବ୍ୟବହାର ବିଷୟରେ ପଚାରିବାର ଥାଏ, ତାହା ବି ସମସ୍ତଙ୍କ ଉପସ୍ଥିତିରେ ଲେଖି ଜଣେ ଅନ୍ୟ ଜଣଙ୍କ ହାତରେ ଦେଇ ପ୍ରଶ୍ନୋତ୍ତର କରିନେବେ ।

ଯେତେବେଳେ ପରସ୍ପରକୁ ବିବାହ କରିବା ପାଇଁ ଦୁହେଁ ପୂର୍ଣ୍ଣତଃ ନିଶ୍ଚୟ କରିନେବେ ସେତେବେଳ ପରଠାରୁ ଉଭୟଙ୍କ ଖଦ୍ୟ-ପେୟର ଉତ୍ତମ ବ୍ୟବସ୍ଥା କରିବା ଉଚିତ । ଯଦ୍ଦ୍ୱାରାକି ବ୍ରହ୍ମଚର୍ଯ୍ୟ ଓ ବିଦ୍ୟାଧ୍ୟୟନ ରୂପକ ତପଶ୍ଚର୍ଯ୍ୟା ଓ କଷ୍ଟ ଦ୍ୱାରା ଦୁର୍ବଳ ହୋଇଥିବା ସେମାନଙ୍କ ଶରୀର ଶୁକ୍ଳ ପକ୍ଷର ଚନ୍ଦ୍ରମା ଭଳି ବୃଦ୍ଧି ପାଇ ଅଳ୍ପ ଦିନ ମଧ୍ୟରେ ହୃଷ୍ଟପୁଷ୍ଟ ହୋଇଯାଏ ।

କନ୍ୟା ରଜସ୍ୱଳା ହୋଇ ଯେଉଁ ଦିନ ଶୁଦ୍ଧ ହେବ, ସେଦିନ ବେଦୀ ଓ ମଣ୍ଡପ ତିଆରି କରି ଅନେକ ସୁଗନ୍ଧାଦି ଦ୍ରବ୍ୟ ଓ ଘୃତାଦି ଦ୍ୱାରା ହୋମ କରିବେ । ଉପସ୍ଥିତ ବିଦ୍ୱାନ୍ ପୁରୁଷ ଓ ବିଦୁଷୀ ମହିଳାମାନଙ୍କୁ ଯଥାଯୋଗ୍ୟ ସତ୍କାର କରିବେ । ତା'ପରେ ଋତୁଦାନ କରିବା ପାଇଁ ଯେଉଁ ଦିନଟିକୁ ଉଚିତ ବୋଲି ମନେକରିବେ, ସେଦିନ 'ସଂସ୍କାରବିଧି' ପୁସ୍ତକର ବିବାହ ବିଧି ଅନୁସାରେ ଅତି ପ୍ରସନ୍ନତା ପୂର୍ବକ ସମସ୍ତଙ୍କ ସମ୍ମୁଖରେ ପାଣିଗ୍ରହଣ ପୂର୍ବକ ବିବାହ ବିଧିର ସମସ୍ତ କର୍ମ ସମାପନ କରି ରାତ୍ରି ଦଶଟା ବା ମଧ୍ୟରାତ୍ରି ସୁଦ୍ଧା ବର-କନ୍ୟା ଏକାନ୍ତରେ ଅବସ୍ଥାନ କରିବେ । ପୁରୁଷ ବୀର୍ଯ୍ୟ ସ୍ଥାପନ କରିବା ଓ ସ୍ତ୍ରୀ ବୀର୍ଯ୍ୟାକର୍ଷଣ କରିବାର ଯେଉଁ ବିଧି ଅଛି ତଦନୁସାରେ ପତି-ପତ୍ନୀ ଉଭୟେ କାର୍ଯ୍ୟ କରିବେ । କଠୋର ବ୍ରହ୍ମଚର୍ଯ୍ୟ ଦ୍ୱାରା ସଂରକ୍ଷିତ ବୀର୍ଯ୍ୟକୁ କଦାପି ବୃଥାରେ ବ୍ୟୟ କରିବେ ନାହିଁ । କାରଣ ବ୍ରହ୍ମଚର୍ଯ୍ୟ ଦ୍ୱାରା ଉତ୍ତମ ଗୁଣଯୁକ୍ତ ଏହି ବୀର୍ଯ୍ୟ ଓ ରଜର ସଂଯୋଗରେ ଯେଉଁ ଶରୀର ଉତ୍ପନ୍ନ ହୁଏ ସେ ସନ୍ତାନ ଅତି ଉତ୍ତମ ହୋଇଥାଏ । ଯେତେବେଳେ ଗର୍ଭାଶୟରେ ବୀର୍ଯ୍ୟ ପତନର ସମୟ ଉପସ୍ଥିତ ହେବ ସେ ସମୟରେ ସ୍ତ୍ରୀ-ପୁରୁଷ ଉଭୟେ ସ୍ଥିର ରହିବେ ଓ ନାସିକା ସମ୍ମୁଖରେ ନାସିକା, ଚକ୍ଷୁ ସମ୍ମୁଖରେ ଚକ୍ଷୁ ରଖିବେ ଅର୍ଥାତ୍ ଶରୀରକୁ ସିଧା-ସଳଖ ରଖିବେ ଏବଂ ଅତ୍ୟନ୍ତ ପ୍ରସନ୍ନଚିତ୍ତ ରହିବେ, ହଲଚଲ ହେବେ ନାହିଁ । ପୁରୁଷ ନିଜ ଶରୀରକୁ ଶିଥିଳ କରିବେ । ବୀର୍ଯ୍ୟଗ୍ରହଣ ସମୟରେ ସ୍ତ୍ରୀ ଅପାନ ବାୟୁକୁ ଉପରକୁ ଟାଣି, ଯୋନିକୁ ଉପରଆଡ଼କୁ ସଂକୋଚନ କରି ବୀର୍ଯ୍ୟକୁ ଉପରକୁ ଆକର୍ଷଣ କରି ଗର୍ଭାଶୟରେ ସ୍ଥାପନ କରିବେ । ତତ୍‌ପରେ ଉଭୟେ ଶୁଦ୍ଧ ଜଳରେ ସ୍ନାନ କରିବେ ।* ଶୁଣ୍ଠି, କେଶର, ଅଶ୍ୱଗନ୍ଧା, ଛୋଟ ଅଳେଇଚ ଓ ସାଳ ମିଶ୍ରିକୁ ପକାଇ ପୂର୍ବରୁ ଗରମ

* ଏସବୁ ଗୋପନୀୟ ବିଷୟ । ତେଣୁ ଏତିକିରୁ ହିଁ ସମସ୍ତ ବିଷୟ ବୁଝି ନେବା ଉଚିତ । ବିଶେଷ ଲେଖିବା ଅନାବଶ୍ୟକ ।

କରି ରଖାଯାଇଥିବା ଶୀତଳ ଦୁଧ ଉଭୟେ ଯଥାରୁଚି ପିଇ ନିଜ-ନିଜ ଶଯ୍ୟାରେ ଅଲଗା-ଅଲଗା ଶୟନ କରିବେ । ପ୍ରତ୍ୟେକ ଥର ଗର୍ଭାଧାନ ସମୟରେ ଏହି ବିଧି ଅବଲମ୍ବନ କରିବେ ।

ଗର୍ଭ ସ୍ଥିତ ହେବା ବିଷୟ ବିଦୁଷୀ ସ୍ତ୍ରୀଲୋକ ତ ସେହି ସମୟରେ ଜାଣିପାରେ; କିନ୍ତୁ ମାସେ ପରେ ପୁଣି ରଜସ୍ୱଳା ନ ହେଲେ ଗର୍ଭ ସଂଚାର ହୋଇଥିବାର ନିଶ୍ଚୟ ହୋଇଯାଏ । ଗର୍ଭ ସଞ୍ଚାର ହୋଇଥିବା ଜଣାପଡ଼ିଲେ ସେବେଠାରୁ ଏକବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ-ପୁରୁଷଙ୍କ ସମାଗମ ସଂପୂର୍ଣ୍ଣ ରୂପେ ନିଷିଦ୍ଧ । କାରଣ ଏପରି ନ ହେଲେ ଗର୍ଭସ୍ଥ ସନ୍ତାନ ଉତ୍ତମ ହୁଏ ନାହିଁ କି ପରବର୍ତ୍ତୀ ସନ୍ତାନ ଶ୍ରେଷ୍ଠ ହୁଏ ନାହିଁ, ବୀର୍ଯ୍ୟ ଭଳି ଅମୂଲ୍ୟ ସମ୍ପଦ ବୃଥାରେ ନଷ୍ଟ ହୁଏ, ପତି-ପତ୍ନୀ ଉଭୟଙ୍କ ଆୟୁ ହ୍ରାସ ପାଏ ଓ ଅନେକ ପ୍ରକାର ରୋଗ ଉତ୍ପନ୍ନ ହୁଏ । ସନ୍ତାନ ଗର୍ଭରେ ଥିବା ସମୟରେ ଦୈହିକ ସମ୍ପର୍କ ନ ରଖିଲେ ବି ପାରସ୍ପରିକ କଥାବାର୍ତ୍ତାଦି ପ୍ରେମପୂର୍ଣ୍ଣ ବ୍ୟବହାର ଅବଶ୍ୟ ରଖିବେ । ସ୍ୱାମୀ ବୀର୍ଯ୍ୟ ରକ୍ଷା ପ୍ରତି ଯତ୍ନବାନ୍ ହେବେ ଓ ସ୍ତ୍ରୀ ଗର୍ଭର ସୁରକ୍ଷା ପ୍ରତି ସମୁଚିତ ଧ୍ୟାନ ଦେବେ । ଉଭୟେ ଭୋଜନ-ପରିଧାନ ଏପରି କରିବେ ଯଦ୍ଦ୍ୱାରା କି ସ୍ୱପ୍ନରେ ବି ପୁରୁଷର ବୀର୍ଯ୍ୟ ସ୍ଖଳିତ ହେବ ନାହିଁ ଏବଂ ସ୍ତ୍ରୀର ଗର୍ଭରେ ଥିବା ସନ୍ତାନ ଅତ୍ୟୁତ୍ତମ ରୂପ, ଲାବଣ୍ୟ, ପୁଷ୍ଟି, ବଳ ଓ ପରାକ୍ରମଯୁକ୍ତ ହୋଇ ଦଶମ ମାସରେ ଜନ୍ମ ହେବ । ଗର୍ଭର ରକ୍ଷା ବିଶେଷ ରୂପେ ଚତୁର୍ଥ ମାସରୁ ଓ ଅତିବିଶେଷ ରୂପେ ଅଷ୍ଟମ ମାସ ପରଠାରୁ କରିବା ଉଚିତ । ଗର୍ଭବତୀ ସ୍ତ୍ରୀ ରେଚକ, ରୁକ୍ଷ, ମାଦକଦ୍ରବ୍ୟ, ବୁଦ୍ଧି ଓ ବଳନାଶକ ପଦାର୍ଥ କଦାପି ସେବନ କରିବ ନାହିଁ । ଘିଅ, କ୍ଷୀର, ଉତ୍ତମ ଚାଉଳ, ଗହମ, ମୁଗ, ବିରି ଆଦି ଖାଦ୍ୟ-ପେୟ ଦେଶ-କାଳ ଅନୁସାରେ ଯଥାଯୋଗ୍ୟ ଗ୍ରହଣ କରିବ । ସନ୍ତାନ ଗର୍ଭରେ ଥିବା ସମୟରେ ଚତୁର୍ଥ ମାସରେ **'ପୁଂସବନ'** ସଂସ୍କାର ଓ ଅଷ୍ଟମ ମାସରେ **'ସୀମନ୍ତୋନ୍ନୟନ'** ସଂସ୍କାର ଯଥାବିଧି କରିବେ ।

ସନ୍ତାନ ଜନ୍ମ ହେବା ପରେ ମାଆ ଓ ଛୁଆ ଉଭୟଙ୍କ ଶରୀରର ରକ୍ଷା ବହୁତ ସାବଧାନତା ସହକାରେ କରିବେ । ସନ୍ତାନର ନାଡ଼ିଛେଦନ – ଶିଶୁର ନାଭି ମୂଳଠୁ ଚାରି ଆଙ୍ଗୁଳି ଛାଡ଼ି ଏକ କୋମଳ ସୂତା ବାନ୍ଧି, ସୂତାର ଅପର ପାର୍ଶ୍ୱରୁ କାଟିବେ । ସୂତା ଏପରି ବାନ୍ଧିବେ ଯେପରିକି ଶରୀରରୁ ବିନ୍ଦୁଏ ସୁଦ୍ଧା ରକ୍ତ ବୋହିବ ନାହିଁ । ସୁବାସିତ ଇଷଦୁଷ୍ଣ ଜଳରେ ମାଆ ସ୍ନାନ କରିବ ଓ ଶିଶୁକୁ ମଧ୍ୟ ସ୍ନାନ କରାଇବେ । ତା'ପରେ ପ୍ରସୂତି ଗୃହ ପରିଷ୍କାର କରି ସେଠାରେ ସୁଗନ୍ଧାଦିଯୁକ୍ତ ଘିଅ ଆଦି ଦ୍ୱାରା ହୋମ କରିବେ । ତା'ପରେ ପିତା ଶିଶୁର କାନରେ **'ବେଦୋଽସି'** ଅର୍ଥାତ୍ ତୁମ ନାମ ବେଦ ଏହି ବଚନ ଶୁଣାଇ ଏକ ସୁନା କାଠିରେ ଘିଅ ଓ ମହୁ ନେଇ ଶିଶୁର ଜିଭ ଉପରେ **'ଓ୩ମ୍'** ଲେଖି, ମହୁ ଓ ଘିଅ ସେହି ସୁବର୍ଣ୍ଣ ଶଳାକା ଦ୍ୱାରା ଚଟାଇବେ । ତା'ପରେ ଶିଶୁକୁ ମାଆକୁ ଦେବେ । ମାଆ ଶିଶୁକୁ ସ୍ତନ୍ୟପାନ କରାଇବେ । ଯଦି ମାଆର କ୍ଷୀର ନ ହୁଏ, ତେବେ ଅନ୍ୟ କୌଣସି ସ୍ତ୍ରୀ ଲୋକକୁ ପରୀକ୍ଷା କରି ସୁସ୍ଥ-ସବଳ ସ୍ତ୍ରୀ ଲୋକର କ୍ଷୀର ପିଆଇବେ । ତଦନନ୍ତର ବିଶୁଦ୍ଧ ବାୟୁ ଚଳାଚଳ କରୁଥିବା କୋଠରୀରେ ପ୍ରସୂତି ଓ ଶିଶୁକୁ ରଖିବେ ଏବଂ ସେଠାରେ ପ୍ରତ୍ୟହ ପ୍ରାତଃ ଓ ସାୟଂ କାଳରେ ସୁଗନ୍ଧିତ ଘିଅରେ ହୋମ କରିବେ ।

ଛଅ ଦିନ ପର୍ଯ୍ୟନ୍ତ ଶିଶୁକୁ ମାଆ ସ୍ତନ୍ୟପାନ କରାଇବେ । ମାଆର ସ୍ୱାସ୍ଥ୍ୟ ପାଇଁ ଶୁଣ୍ଠିପାକ ବା ସୌଭାଗ୍ୟଶୁଣ୍ଠିପାକ ପୂର୍ବରୁ ତିଆରି କରି ରଖିଥିବେ । ମାଆ ନିଜ ଶରୀରର ପୁଷ୍ଟି ପାଇଁ ବିବିଧ ପ୍ରକାର ଉତ୍ତମ ପଦାର୍ଥ ଭୋଜନ କରିବେ

ଓ ଯୋନି ସଂକୋଚନ ବି କରିବେ । ଛଅ ଦିନ ପରେ ମାଆର ସ୍ତନ୍ୟପାନରେ ଅସୁବିଧା ହେଲେ ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ କୌଣସି ଉତ୍ତମ ଗୁଣ ସମ୍ପନ୍ନା ଧାଈର ବ୍ୟବସ୍ଥା କରିବେ । ଧାଈ ପାଇଁ ଉତ୍ତମ ଖାଦ୍ୟ-ପେୟର ବ୍ୟବସ୍ଥା କରିବେ । ଧାଈ ଶିଶୁକୁ କ୍ଷୀର ପିଆଇବ ଓ ଲାଳନ-ପାଳନ ବି କରିବ । କିନ୍ତୁ ଶିଶୁର ମାତା ଶିଶୁ ଉପରେ ପୂର୍ଣ୍ଣ ଦୃଷ୍ଟି ରଖିବେ, ଯେପରିକି ତା'ର ଲାଳନ-ପାଳନରେ କୌଣସି ପ୍ରକାର ତ୍ରୁଟି ନ ହୁଏ । ସ୍ତନରୁ ଦୁଗ୍ଧ ସ୍ରାବ ବନ୍ଦ କରାଇବା ଆବଶ୍ୟକ ହେଲେ ପ୍ରସୂତା ସ୍ତ୍ରୀ ସ୍ତନର ଅଗ୍ରଭାଗରେ ସ୍ରାବ ବନ୍ଦ କଲା ଭଳି ଔଷଧ ଲେପନ କରିବେ । ତା'ସହ ଖାଦ୍ୟ-ପେୟ ଆଦି ମଧ୍ୟ ଯଥୋଚିତ କରିବେ । 'ସଂସ୍କାରବିଧି' ପୁସ୍ତକ ଅନୁସାରେ ଶିଶୁର 'ନାମକରଣ' ଆଦି ସଂସ୍କାର ଯଥା ସମୟରେ କରିବେ । ସ୍ତ୍ରୀ ପୁର୍ନବାର ରଜସ୍ୱଳା ହୋଇ ଶୁଦ୍ଧ ହେବା ପରେ ପୂର୍ବୋକ୍ତ ପଦ୍ଧତିରେ ଋତୁଦାନ କରିବେ ।

ଋତୁକାଲାଭିଗାମୀ ସ୍ୟାତ୍ ସ୍ୱଦାରନିରତଃ ସଦା । (ମନୁ. ୩:୪୫)
ବ୍ରହ୍ମଚାର୍ୟେବ ଭବତି ଯତ୍ର ତତ୍ରାଶ୍ରମେ ବସନ୍ । (ମନୁ. ୩:୫୦)

ଯେଉଁ ବ୍ୟକ୍ତି ନିଜ ସ୍ତ୍ରୀରେ ହିଁ ସନ୍ତୁଷ୍ଟ ରହେ ଏବଂ ଋତୁଗାମୀ ହୁଏ ଅର୍ଥାତ୍ କେବଳ ଋତୁକାଳରେ ହିଁ ସ୍ତ୍ରୀ ସହ ସହବାସ କରେ ସେ ଗୃହସ୍ଥ ହେଲେ ମଧ୍ୟ ବ୍ରହ୍ମଚାରୀ ସଦୃଶ ଅଟେ ।

ନାରୀ-ପୁରୁଷଙ୍କ ବ୍ୟବହାର

ସନ୍ତୁଷ୍ଟୋ ଭାର୍ୟୟା ଭର୍ତ୍ତା ଭର୍ତ୍ତ୍ରା ଭାର୍ୟା ତଥୈବ ଚ ।
ଯସ୍ମିନ୍ନେବ କୁଲେ ନିତ୍ୟଂ କଲ୍ୟାଣଂ ତତ୍ର ବୈ ଧ୍ରୁବମ୍ ॥ ୧ ॥
ଯଦି ହି ସ୍ତ୍ରୀ ନ ରୋଚେତ ପୁମାଂସଂ ନ ପ୍ରମୋଦୟେତ୍ ।
ଅପ୍ରମୋଦାତ୍ପୁନଃ ପୁଂସଃ ପ୍ରଜନଂ ନ ପ୍ରବର୍ତ୍ତତେ ॥ ୨ ॥
ସ୍ତ୍ରିୟାଂ ତୁ ରୋଚମାନାୟାଂ ସର୍ବଂ ତଦ୍ରୋଚତେ କୁଲମ୍ ।
ତସ୍ୟାଂ ତ୍ୱରୋଚମାନାୟାଂ ସର୍ବମେବ ନ ରୋଚତେ ॥ ୩ ॥ (ମନୁ. ୩:୬୦-୬୨)

ଯେଉଁ ପରିବାରରେ ପତ୍ନୀ ପ୍ରତି ପତି ଏବଂ ପତି ପ୍ରତି ପତ୍ନୀ ସଦା ପ୍ରସନ୍ନ ରହନ୍ତି ସେହି ଗୃହରେ ସମସ୍ତ ସୌଭାଗ୍ୟ ଓ ଐଶ୍ୱର୍ଯ୍ୟ ନିବାସ କରେ । ଯେଉଁଠି ପରସ୍ପର ମଧ୍ୟରେ କଳହ ହୁଏ, ସେଠାରେ ଦୁର୍ଭାଗ୍ୟ ଓ ଦାରିଦ୍ର୍ୟ ବସାବାନ୍ଧି ରହେ ॥ ୧ ॥

ଯଦି ପତ୍ନୀ ପତିଙ୍କୁ ପ୍ରୀତି ନ କରେ ଓ ପତିଙ୍କୁ ପ୍ରସନ୍ନ ନ କରେ, ତେବେ ପତି ଅପ୍ରସନ୍ନ ରହିଲେ କାମୋତ୍ପତ୍ତି ହୁଏ ନାହିଁ ଓ ସନ୍ତାନ ଉତ୍ପନ୍ନ ହୁଅନ୍ତି ନାହିଁ ॥ ୨ ॥

ସ୍ତ୍ରୀ ପ୍ରସନ୍ନ ରହିଲେ ସାରା କୁଳ ପ୍ରସନ୍ନ ହୋଇଯାଏ ଏବଂ ସ୍ତ୍ରୀର ଅପ୍ରସନ୍ନତାରେ ସମସ୍ତ ଦୁଃଖଦାୟକ ହୋଇପଡ଼େ ॥ ୩ ॥

ପିତୃଭିର୍ଭ୍ରାତୃଭିଶ୍ଚୈତାଃ ପତିଭିର୍ଦେବରୈସ୍ତଥା ।
ପୂଜ୍ୟା ଭୂଷୟିତବ୍ୟାଶ୍ଚ ବହୁକଲ୍ୟାଣମୀପ୍ସୁଭିଃ ॥ ୧ ॥
ଯତ୍ର ନାର୍ୟ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଽଫଲାଃ କ୍ରିୟାଃ ॥ ୨ ॥

ଶୋଚନ୍ତି ଜାମୟୋ ଯତ୍ର ବିନଶ୍ୟତ୍ୟାଶୁ ତତ୍‌କୁଲମ୍ ।
ନ ଶୋଚନ୍ତି ତୁ ଯତ୍ରୈତା ବର୍ଦ୍ଧତେ ତଦ୍ଧି ସର୍ବଦା ॥ ୩ ॥
ତସ୍ମାଦେତାଃ ସଦା ପୂଜ୍ୟା ଭୂଷଣାଚ୍ଛାଦନାଶନୈଃ ।
ଭୂତିକାମୈର୍ନରୈର୍ନିତ୍ୟଂ ସତ୍‌କାରେଷୂତ୍ସବେଷୁ ଚ ॥ ୪ ॥ (ମନୁ. ୩:୫୫-୫୭,୫୯)

ବାପା, ଭାଇ, ସ୍ୱାମୀ ଓ ଦିଅର - ଏମାନେ ଗୃହର ମହିଳାଙ୍କୁ (ଯଥାକ୍ରମେ ଝିଅ, ଭଉଣୀ, ସ୍ତ୍ରୀ ଓ ଭାଉଜଙ୍କୁ) ଯଥାଯୋଗ୍ୟ ସତ୍କାର ଓ ଅଳଙ୍କାରାଦି ଦ୍ୱାରା ପ୍ରସନ୍ନ ରଖିବେ । ଯେଉଁମାନେ ବହୁତ କଲ୍ୟାଣ ଚାହାଁନ୍ତି, ସେମାନେ ଏପରି କରିବା ବିଧେୟ ॥ ୧ ॥

ଯେଉଁ ଗୃହରେ ନାରୀମାନଙ୍କ ସତ୍କାର ହୁଏ, ସେ ଗୃହରେ ସନ୍ତାନମାନେ, ପୁରୁଷମାନେ ଦେବ ଅର୍ଥାତ୍ ବିଦ୍ୱାନ୍ ହୋଇ ଆନନ୍ଦରେ ରହନ୍ତି । କିନ୍ତୁ ଯେଉଁ ଘରେ ମହିଳାମାନଙ୍କର ସତ୍କାର ହୁଏ ନାହିଁ, ସେ ଘରେ ସମସ୍ତ କ୍ରିୟା ନିଷ୍ଫଳ ହୋଇଯାଏ ॥ ୨ ॥

ଯେଉଁ ଗୃହରେ ବା କୁଳରେ ନାରୀମାନେ ଶୋକାତୁରା ହୋଇ ଦୁଃଖ ଭୋଗ କରନ୍ତି, ସେହି ପରିବାର ଶୀଘ୍ର ନଷ୍ଟ-ଭ୍ରଷ୍ଟ ହୋଇଯାଏ ଏବଂ ଯେଉଁ ଘରେ ବା କୁଳରେ ମହିଳାମାନେ ଆନନ୍ଦ, ଉତ୍ସାହ ଓ ପ୍ରସନ୍ନତାରେ ପରିପୂର୍ଣ୍ଣ ହୋଇ ରହନ୍ତି, ସେ କୁଳର ସର୍ବଦା ଉନ୍ନତି ହୋଇ ଚାଲିଥାଏ ॥ ୩ ॥

ଏଣୁ ଐଶ୍ୱର୍ଯ୍ୟ ଅଭିଳାଷୀ ବ୍ୟକ୍ତିମାନେ ସତ୍କାର ଅବସରରେ ଓ ଉତ୍ସବ ଅନୁଷ୍ଠାନ ସମୟରେ ଅଳଙ୍କାର, ବସ୍ତ୍ର ଓ ଭୋଜନ ଇତ୍ୟାଦି ଦ୍ୱାରା ମହିଳାମାନଙ୍କୁ ସର୍ବଦା ସତ୍କାର କରିବେ ॥ ୪ ॥

ଏକଥା ସର୍ବଦା ମନେରଖିବା ଉଚିତ ଯେ **'ପୂଜା'**ର ଅର୍ଥ ସତ୍କାର । ଦିନ ଓ ରାତିରେ ପତି-ପତ୍ନୀ ଯେତେବେଳେ ପ୍ରଥମ ଦେଖା ହେବେ ଓ ଯେତେବେଳେ ଜଣେ ଅନ୍ୟଠୁ ବିଦାୟ ନେବେ ସେତେବେଳେ ଜଣେ ଅନ୍ୟକୁ ପ୍ରୀତିପୂର୍ବକ **'ନମସ୍ତେ'** କରିବେ ।

ସଦା ପ୍ରହୃଷ୍ଟୟା ଭାବ୍ୟଂ ଗୃହକାର୍ଯ୍ୟେଷୁ ଦକ୍ଷୟା ।
ସୁସଂସ୍କୃତୋପସ୍କରୟା ବ୍ୟୟେ ଚାମୁକ୍ତହସ୍ତୟା ॥ (ମନୁ. ୫:୧୫୦)

ଗୃହିଣୀମାନେ ଅତି ପ୍ରସନ୍ନତା ସହକାରେ ଦକ୍ଷତା ପୂର୍ବକ ଗୃହ କର୍ମ ସମ୍ପାଦନ କରିବେ, ସବୁ ଜିନିଷର ଉତ୍ତମ ସଂସ୍କାର କରିବେ, ଗୃହକୁ ଶୁଦ୍ଧ ରଖିବେ ଏବଂ ଘରର ସବୁ ଜିନିଷ ବ୍ୟବସ୍ଥିତ ଓ ପରିଷ୍କାର ରଖିବେ, ବ୍ୟୟ ସମ୍ବନ୍ଧରେ ଅତ୍ୟନ୍ତ ଉଦାର ନ ହୋଇ ମିତବ୍ୟୟୀ ହେବେ । ଏପରି ଖାଦ୍ୟ ରୋଷେଇ କରିବେ ବା କରାଇବେ ଯେ ତାହ ଔଷଧ ଭଳି ହୋଇ ଘରେ, ଶରୀରରେ ଓ ଆତ୍ମାରେ ରୋଗକୁ ପ୍ରବେଶ ହେବାକୁ ଦେବ ନାହିଁ । ଯାହା-ଯାହା ବ୍ୟୟ ହେବ ସେସବୁର ହିସାବ ଠିକ୍ ଭାବେ ରଖି ଗୃହକର୍ତ୍ତାଙ୍କୁ ଜଣାଇବେ । ଘରର ସେବକ-ଭୃତ୍ୟ ଆଦିଙ୍କ ଦ୍ୱାରା ଯଥାଯଥ ଭାବେ କାମ କରାଇବେ । ଘରର କୌଣସି କାମ ବିଗିଡ଼ିବାକୁ ଦେବେ ନାହିଁ ।

ସ୍ତ୍ରିୟୋ ରତ୍ନାନ୍ୟଥୋ ବିଦ୍ୟା ସତ୍ୟଂ ଶୌଚଂ ସୁଭାଷିତମ୍ ।
ବିବିଧାନି ଚ ଶିଳ୍ପାନି ସମାଦେୟାନି ସର୍ବତଃ ॥ (ମନୁ. ୨:୨୪୦)

ଉତ୍ତମ ସ୍ତ୍ରୀ, ନାନାପ୍ରକାରର ରତ୍ନ, ବିଦ୍ୟା, ସତ୍ୟ, ପବିତ୍ରତା, ଶିକ୍ଷାପୂର୍ଣ୍ଣ କଥା ଓ ନାନାବିଧ ଶିଳ୍ପବିଦ୍ୟା ଅର୍ଥାତ୍ କାରିଗରୀ ସମସ୍ତେ ସବୁ ଦେଶରୁ ଓ ସକଳ ମନୁଷ୍ୟଙ୍କଠାରୁ ଗ୍ରହଣ କରିବା ଉଚିତ ।

ସତ୍ୟଂ ବ୍ରୂୟାତ୍ପ୍ରିୟଂ ବ୍ରୂୟାନ୍ନ ବ୍ରୂୟାତ୍ ସତ୍ୟମପ୍ରିୟମ୍ ।
ପ୍ରିୟଂ ଚ ନାନୃତଂ ବ୍ରୂୟାଦେଷ ଧର୍ମଃ ସନାତନଃ ॥ ୧ ॥
ଭଦ୍ରଂ ଭଦ୍ରମିତି ବ୍ରୂୟାଦ୍ ଭଦ୍ରମିତ୍ୟେବ ବା ବଦେତ୍ ।
ଶୁଷ୍କବୈରଂ ବିବାଦଂ ଚ ନ କୁର୍ଯ୍ୟାତ୍କେନଚିତ୍ ସହ ॥ ୨ ॥ (ମନୁ. ୪:୧୩୮,୧୩୯)

ସର୍ବଦା ପ୍ରିୟ ସତ୍ୟ, ଅନ୍ୟର ହିତକର କଥା କହିବା ଉଚିତ । ଅପ୍ରିୟ ସତ୍ୟ ଅର୍ଥାତ୍ କଣାକୁ କଣା ବୋଲି କହିବା ଅନୁଚିତ । ଅନ୍ୟକୁ ପ୍ରସନ୍ନ କରିବା ପାଇଁ ଅନୃତ ବା ମିଥ୍ୟା କହିବା ଉଚିତ ନୁହେଁ । ଏହା ସନତନ ଧର୍ମ ଅଟେ ॥ ୧ ॥

ସର୍ବଦା ଭଦ୍ର ଅର୍ଥାତ୍ ସମସ୍ତଙ୍କର ହିତକର ବଚନ କହିବା ବିଧେୟ । ଯାହା ଅନ୍ୟ ପାଇଁ ହିତକର ତାହା ଅପ୍ରିୟ ହେଲେ ମଧ୍ୟ, ସେ ଶ୍ରୋତା ଖରାପ ଭାବିଲେ ସୁଦ୍ଧା ନ କହି ଚୁପ୍ ରହିବା ଉଚିତ ନୁହେଁ । ଶୁଷ୍କବୈର ଅର୍ଥାତ୍ ବିନା କାରଣରେ କାହା ସହିତ ଶତ୍ରୁତା ବା ବିବାଦ କରିବା ଅନୁଚିତ ॥ ୨ ॥

ପୁରୁଷା ବହବୋ ରାଜନ୍ ସତତଂ ପ୍ରିୟବାଦିନଃ ।
ଅପ୍ରିୟସ୍ୟ ତୁ ପଥ୍ୟସ୍ୟ ବକ୍ତା ଶ୍ରୋତା ଚ ଦୁର୍ଲଭଃ ॥

(ମହାଭାରତ ଉଦ୍ୟୋଗ ପର୍ବ- ବିଦୁର ନୀତି. ୩୭:୧୫)

ବିଦୁର କହୁଛନ୍ତି **-** 'ହେ ଧୃତରାଷ୍ଟ୍ର**!** ଅନ୍ୟକୁ ସତତ ପ୍ରସନ୍ନ କରିବା ପାଇଁ ପ୍ରିୟ କଥା କହୁଥିବା ତୋଷାମଦକାରୀ ଲୋକ ଏ ସଂସାରରେ ବହୁତ ଅଛନ୍ତି । କିନ୍ତୁ ଶୁଣିବାକୁ ଅପ୍ରିୟ ଲାଗୁଥିବା ଅଥଚ କଲ୍ୟାଣକାରୀ ହୋଇଥିବା କଥା କହିବା ଓ ଶୁଣିବା ବ୍ୟକ୍ତି ଦୁର୍ଲଭ ।' କୌଣସି ବ୍ୟକ୍ତିର ଆଗରେ ତା' ଦୋଷ-ଦୁର୍ଗୁଣ କଥା କହିବା ଓ ତା'ଠୁ ନିଜ ଦୋଷ ବିଷୟରେ ଶୁଣିବା ଏବଂ ସେ ବ୍ୟକ୍ତିର ପଛରେ ସର୍ବଦା ତା'ର ଗୁଣ ବିଷୟରେ କହିବା ହେଲା ସଜ୍ଜନମାନଙ୍କର କାର୍ଯ୍ୟ । ଦୁର୍ଜନମାନଙ୍କ କାମ ହେଲା କୌଣସି ବ୍ୟକ୍ତିର ସାମ୍ନାରେ ତା'ର ଗୁଣ ବର୍ଣ୍ଣନା କରିବା ଓ ତା' ପଛରେ ତା'ର ଦୋଷ-ଦୁର୍ଗୁଣ ପ୍ରକାଶ କରିବା । **ମନୁଷ୍ୟ ଯେ ପର୍ଯ୍ୟନ୍ତ ଅନ୍ୟଠାରୁ ନିଜ ଦୋଷ ଶୁଣେ ନାହିଁ, ଶୁଣିବାକୁ ଋହେଁ ନାହିଁ କିମ୍ବା କେହି ତାକୁ କହନ୍ତି ନାହିଁ ସେ ପର୍ଯ୍ୟନ୍ତ ସେ ଦୋଷରୁ ରହିତ ହୋଇ, ଗୁଣବାନ୍ ହୋଇପାରେ ନାହିଁ ।**

କେବେ କାହାର ନିନ୍ଦା କରିବେ ନାହିଁ । **'ଗୁଣେଷୁ ଦୋଷାରୋପଣମସୂୟା'** ଏବଂ **'ଦୋଷେଷୁ ଗୁଣାରୋପଣମପ୍ୟସୂୟା', 'ଗୁଣେଷୁ ଗୁଣାରୋପଣଂ ଦୋଷେଷୁ ଦୋଷାରୋପଣଂ ଚ ସ୍ତୁତିଃ'** — ଗୁଣରେ ଦୋଷ ଆରୋପ କରିବା ଓ ଦୋଷରେ ଗୁଣ ଆରୋପ କରିବାକୁ **'ନିନ୍ଦା'** କହନ୍ତି । ଗୁଣକୁ ଗୁଣ ବୋଲି କହିବା ଏବଂ ଦୋଷକୁ ଦୋଷ ବୋଲି କହିବାକୁ **'ସ୍ତୁତି'** କୁହାଯାଏ । ଅର୍ଥାତ୍ ମିଥ୍ୟାଭାଷଣର ନାମ **'ନିନ୍ଦା'** ଓ ସତ୍ୟଭାଷଣର ନାମ **'ସ୍ତୁତି'** ।

ବୁଦ୍ଧିବୃଦ୍ଧିକରଣ୍ୟାଶୁ ଧନ୍ୟାନି ଚ ହିତାନି ଚ ।
ନିତ୍ୟଂ ଶାସ୍ତ୍ରାଣ୍ୟବେକ୍ଷେତ ନିଗମାଂଶ୍ଚୈବ ବୈଦିକାନ୍ ॥ ୧ ॥
ଯଥା ଯଥା ହି ପୁରୁଷଃ ଶାସ୍ତ୍ରଂ ସମଧିଗଚ୍ଛତି ।
ତଥା ତଥା ବିଜାନାତି ବିଜ୍ଞାନଂ ଚାସ୍ୟ ରୋଚତେ ॥ ୨ ॥ (ମନୁ. ୪:୧୯,୨୦)

ବେଦ-ଶାସ୍ତ୍ର ବୁଦ୍ଧି, ଧନ ଓ କଲ୍ୟାଣର ଶୀଘ୍ର ବର୍ଦ୍ଧନକାରୀ ଅଟନ୍ତି । ଏଣୁ ସେସବୁ ପ୍ରତ୍ୟହ ପଢ଼ିବେ-ପଢ଼ାଇବେ ଓ ଶୁଣିବେ-ଶୁଣାଇବେ । ବ୍ରହ୍ମଚର୍ଯ୍ୟାଶ୍ରମରେ ଯେଉଁ ବେଦ-ଶାସ୍ତ୍ରର ଅଧ୍ୟୟନ କରିଛନ୍ତି, ଗୃହସ୍ଥାଶ୍ରମରେ ପତି-ପତ୍ନୀ ସେ ସବୁ ବିଷୟରେ ଚିନ୍ତନ-ମନନ, ବିଚାର-ଆଲୋଚନା କରିବେ ॥ ୧ ॥

କାରଣ ମନୁଷ୍ୟ କୌଣସି ଶାସ୍ତ୍ରକୁ ଯେତେ-ଯେତେ ଉତ୍ତମ ରୂପେ ହୃଦୟଙ୍ଗମ କରେ, ସେ ବିଷୟରେ ତା' ଜ୍ଞାନ ସେତିକି-ସେତିକି ବୃଦ୍ଧି ପାଇଚାଲେ ଏବଂ ସେଥିପ୍ରତି ତା'ର ରୁଚି ଓ ଶ୍ରଦ୍ଧା ବି ସେତିକି ବଢ଼ିଚାଲେ ॥୨ ॥

ପଞ୍ଚମହାଯଜ୍ଞ

ଋଷିୟଜ୍ଞଂ ଦେବୟଜ୍ଞଂ ଭୂତୟଜ୍ଞଂ ଚ ସର୍ବଦା ।
ନୃୟଜ୍ଞଂ ପିତୃୟଜ୍ଞଂ ଚ ୟଥାଶକ୍ତି ନ ହାପୟେତ୍ ॥ ୧ ॥ (ମନୁ. ୪:୨୧)
ଅଧ୍ୟାପନଂ ବ୍ରହ୍ମୟଜ୍ଞଃ ପିତୃୟଜ୍ଞସ୍ତୁ ତର୍ପଣମ୍ ।
ହୋମୋ ଦୈବୋ ବଲିର୍ଭୌତୋ ନୃୟଜ୍ଞୋଽତିଥିପୂଜନମ୍ ॥ ୨ ॥ (ମନୁ. ୩:୭୦)
ସ୍ୱାଧ୍ୟାୟେନାର୍ଚ୍ଚୟେତର୍ଷୀନ୍ ହୋମୈର୍ଦେବାନ୍ ୟଥାବିଧି ।
ପିତୄନ୍ ଶ୍ରାଦ୍ଧୈଶ୍ଚ ନୄନନ୍ନୈର୍ଭୂତାନି ବଲିକର୍ମଣା ॥ ୩ ॥ (ମନୁ. ୩:୮୧)

ଋଷିଯଜ୍ଞ, ଦେବଯଜ୍ଞ, ଭୂତଯଜ୍ଞ, ନୃଯଜ୍ଞ ଓ ପିତୃଯଜ୍ଞ - ଏ ପାଞ୍ଚୋଟି ଯଜ୍ଞକୁ ଯଥାଶକ୍ତି କଦାପି ପରିତ୍ୟାଗ କରିବେ ନାହିଁ ॥ ୧ ॥

ବ୍ରହ୍ମଚର୍ଯ୍ୟ ବିଷୟକ ଆଲୋଚନାରେ ଦୁଇଟି ଯଜ୍ଞ ସଂପର୍କରେ ଲେଖାଯାଇଛି **- ୧. ଋଷିଯଜ୍ଞ ବା ବ୍ରହ୍ମଯଜ୍ଞ —** ବେଦାଦି ଶାସ୍ତ୍ରର ପଠନ-ପାଠନ, ସନ୍ଧ୍ୟୋପାସନା ଓ ଯୋଗାଭ୍ୟାସ । **୨. ଦେବଯଜ୍ଞ —** ଅଗ୍ନିହୋତ୍ର, ବିଦ୍ୱାନଙ୍କ ସଙ୍ଗ, ସେବା, ପବିତ୍ରତା, ଦିବ୍ୟଗୁଣ ଧାରଣ, ଦାନଶୀଳତା, ବିଦ୍ୟାର ଉନ୍ନତି ସାଧନ । ଏ ଦୁଇ ଯଜ୍ଞ ପ୍ରାତଃ ଓ ସାୟଂ ଉଭୟ କାଳରେ କରିବା ଉଚିତ ।

ସାୟଂସାୟଂ ଗୃହପତିର୍ନୋ ଅଗ୍ନିଃ ପ୍ରାତଃ ପ୍ରାତଃ ସୌମନସସ୍ୟ ଦାତା ॥ ୧ ॥
ପ୍ରାତଃ ପ୍ରାତର୍ଗୃହପତିର୍ନୋ ଅଗ୍ନିଃ ସାୟଂସାୟଂ ସୌମନସସ୍ୟ ଦାତା ॥ ୨ ॥
(ଅଥର୍ବ. ୧୯:୫୫:୩,୪)

ତସ୍ମାଦହୋରାତ୍ରସ୍ୟ ସଂୟୋଗେ ବ୍ରାହ୍ମଣଃ ସନ୍ଧ୍ୟାମୁପାସୀତ ।
ଉଦ୍ୟନ୍ତମସ୍ତଂ ୟାନ୍ତମାଦିତ୍ୟମଭିଧ୍ୟାୟନ୍ ॥ ୩ ॥ (ଷଡ଼ବିଂଶ. ବ୍ରା. ୪:୫, ତୈ.ଆ. ୨:୨)
ନ ତିଷ୍ଠତି ତୁ ୟଃ ପୂର୍ବାଂ ନୋପାସ୍ତେ ୟସ୍ତୁ ପଶ୍ଚିମାମ୍ ।
ସ ସାଧୁଭିର୍ବହିଷ୍କାର୍ୟଃ ସର୍ବସ୍ମାଦ୍ ଦ୍ୱିଜକର୍ମଣଃ ॥ ୪ ॥ (ମନୁ. ୨.୧୦୩)

ପ୍ରତିଦିନ ସାୟଂ କାଳରେ ଯେଉଁ ହୋମ କରାଯାଏ ସେ ହୋମରେ ପ୍ରଯୁକ୍ତ ଘୃତ ଓ ଅନ୍ୟାନ୍ୟ ହୁତ ଦ୍ରବ୍ୟ ଦ୍ୱାରା ପ୍ରାତଃକାଳ ପର୍ଯ୍ୟନ୍ତ ବାୟୁମଣ୍ଡଳ ଶୁଦ୍ଧ ରହେ ଓ ସୁଖଦାୟକ ହୋଇଥାଏ ॥ ୧ ॥

ପ୍ରତ୍ୟହ ପ୍ରାତଃକାଳରେ ଯେଉଁ ମିଷ୍ଟ, ପୌଷ୍ଟିକ, ସୁଗନ୍ଧିତ ଓ ରୋଗନାଶକ ପଦାର୍ଥ ଦ୍ୱାରା ହୋମ କରାଯାଏ, ସେ ହୁତ ଦ୍ରବ୍ୟଗୁଡ଼ିକ ସାୟଂକାଳ ପର୍ଯ୍ୟନ୍ତ ବାୟୁ ଶୁଦ୍ଧ ରଖିବା ଦ୍ୱାରା ବଳ, ବୁଦ୍ଧି ଓ ଆରୋଗ୍ୟଦାୟକ ହୋଇଥାନ୍ତି ॥ ୨ ॥

ଏଣୁ ଦିନ ଓ ରାତିର ସନ୍ଧି ସମୟରେ ଅର୍ଥାତ୍ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ପରମେଶ୍ୱରଙ୍କ ଧ୍ୟାନ ଓ ଅଗ୍ନିହୋତ୍ର ଅବଶ୍ୟ କରିବା ଉଚିତ ॥ ୩ ॥

ଯିଏ ଈଶ୍ୱରଙ୍କ ଉପାସନା ଓ ଅଗ୍ନିହୋତ୍ର - ଏ ଦୁଇ କାମ ପ୍ରାତଃ ଓ ସାୟଂକାଳରେ ନ କରେ, ତାକୁ ଶୂଦ୍ର ବୋଲି ଜାଣିବା ଉଚିତ ଏବଂ ସଜ୍ଜନମାନେ ତାକୁ ସମସ୍ତ ଦ୍ୱିଜ କର୍ମରୁ ବହିଷ୍କାର କରିବା ଉଚିତ ॥ ୪ ॥

ପ୍ରଶ୍ନ — ତ୍ରିକାଳ ସନ୍ଧ୍ୟା ଅର୍ଥାତ୍ ପ୍ରାତଃ, ମଧ୍ୟାହ୍ନ ଓ ସାୟଂ ଏ ତ୍ରିକାଳରେ ସନ୍ଧ୍ୟୋପାସନା କାହିଁକି କରାନଯିବ ?

ଉତ୍ତର — ଆଲୋକ ଓ ଅନ୍ଧାରର ସନ୍ଧି ସମୟରେ ସନ୍ଧ୍ୟୋପାସନା କରାଯାଏ । ଆଲୋକ ଓ ଅନ୍ଧାରର ସନ୍ଧି ଦିନରେ ଦୁଇ ଥର ହିଁ ହୁଏ । ଥରେ ପ୍ରାତଃକାଳରେ, ଯେତେବେଳେ କି ରାତି ଯାଉଥାଏ ଓ ଦିନ ଆସୁଥାଏ ଏବଂ ଆଉଥରେ ସାୟଂକାଳରେ ଯେତେବେଳେ ଦିନ ଯାଉଥାଏ ଓ ରାତି ଆସୁଥାଏ । ଏଣୁ ପ୍ରାତଃ ଓ ସାୟଂ ଏ ଦୁଇ କାଳରେ ହିଁ ସନ୍ଧ୍ୟା କରାଯାଏ । ପ୍ରକାଶ ଓ ଅନ୍ଧକାରର ସନ୍ଧି ଦିନରେ ତିନି ଥର ହୁଏ ନାହିଁ । ଏଣୁ ସନ୍ଧ୍ୟା ତିନି ଥର କରାଯିବା ଉଚିତ ନୁହେଁ । ଯିଏ ଏହାକୁ ନ ମାନି ମଧ୍ୟାହ୍ନରେ ତୃତୀୟ ସନ୍ଧ୍ୟା କରାଯିବା ଆବଶ୍ୟକ ବୋଲି ମାନନ୍ତି, ସେ ମଧ୍ୟରାତ୍ରରେ ବି ସନ୍ଧ୍ୟୋପାସନା କାହିଁକି କରୁନାହାନ୍ତି ? ଯଦି କେହି କହେ ଯେ ମଧ୍ୟରାତ୍ରରେ ବି ସନ୍ଧ୍ୟା କରାଯିବା ଦରକାର, ତେବେ ପ୍ରତି ପ୍ରହର-ପ୍ରହର, ଘଣ୍ଟା-ଘଣ୍ଟା, ପଳ-ପଳ ଓ କ୍ଷଣ-କ୍ଷଣ ମଧ୍ୟରେ ବି ସନ୍ଧି ହେଉଥିବାରୁ ସେ ସନ୍ଧି ସମୟରେ ବି ସନ୍ଧ୍ୟୋପାସନା କରିବା ଦରକାର । ଯଦି ଏପରି ବି କେହି କରିବାକୁ ଚାହେଁ, ତେବେ ସେ ତାହା କଦାପି କରିପାରିବ ନାହିଁ । ଦ୍ୱିତୀୟତଃ କୌଣସି ପ୍ରାମାଣିକ ଶାସ୍ତ୍ରରେ ମଧ୍ୟାହ୍ନ ସନ୍ଧ୍ୟାର ପ୍ରମାଣ ବି ନାହିଁ । ଅତଏବ ପ୍ରାତଃ ଓ ସାୟଂ ଏ ଦୁଇ କାଳରେ ହିଁ ସନ୍ଧ୍ୟୋପାସନା ଓ ଅଗ୍ନିହୋତ୍ର କରିବା ଯଥାର୍ଥ, ଅନ୍ୟ କୌଣସି ତୃତୀୟ କାଳରେ ନୁହେଁ । ତ୍ରିକାଳ ବୋଲି ଯାହା କୁହାଯାଉଛି ତାହା ସନ୍ଧ୍ୟା ସମ୍ବନ୍ଧରେ କୁହାଯାଇନାହିଁ । ଭୂତ, ବର୍ତ୍ତମାନ ଓ ଭବିଷ୍ୟତ ଭେଦରେ ସମୟର ବିଭାଜନକୁ ତ୍ରିକାଳ କୁହାଯାଏ ।

୩. ପିତୃଯଜ୍ଞ — ଦେବ ଅର୍ଥାତ୍ ବିଦ୍ୱାନ୍, ଋଷି ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଧ୍ୟୟନ-ଅଧ୍ୟାପନାକାରୀ, ପିତର ଅର୍ଥାତ୍ ମାତା-ପିତା ଆଦି ବୃଦ୍ଧ, ଜ୍ଞାନୀ ଓ ପରମଯୋଗୀଙ୍କ ସେବା କରିବା ପିତୃଯଜ୍ଞ ଅଟେ । ପିତୃଯଜ୍ଞ ଦୁଇ ଭାଗରେ ବିଭକ୍ତ - **'ଶ୍ରାଦ୍ଧ'** ଓ **'ତର୍ପଣ'** । **ଶ୍ରାଦ୍ଧ — 'ଶ୍ରତ୍'** ର ଅର୍ଥ ସତ୍ୟ । **'ଶ୍ରତ୍ ସତ୍ୟଂ ଦଧାତି ୟୟା କ୍ରିୟୟା ସା ଶ୍ରଦ୍ଧା, ଶ୍ରଦ୍ଧୟା ୟତ୍କ୍ରିୟତେ ତଚ୍ଛ୍ରାଦ୍ଧମ୍'** — ଯେଉଁ କ୍ରିୟା ଦ୍ୱାରା ସତ୍ୟକୁ ଗ୍ରହଣ କରାଯାଏ ତାହାକୁ ଶ୍ରଦ୍ଧା କହନ୍ତି । ଶ୍ରଦ୍ଧା ପୂର୍ବକ ଯେଉଁ ସେବା ରୂପକ କର୍ମ କରାଯାଏ ତାହା **'ଶ୍ରାଦ୍ଧ'** । **ତର୍ପଣ — 'ତୃପ୍ୟନ୍ତି ତର୍ପୟନ୍ତି ୟେନ ପିତୃ୍ନ୍ ତତ୍ତର୍ପଣମ୍' —** ଯେଉଁ କର୍ମ ଦ୍ୱାରା ଜୀବିତ ମାତା-ପିତାଦି ପିତର ତୃପ୍ତ ବା ପ୍ରସନ୍ନ ହୁଅନ୍ତି ତଥା ଯେଉଁ କର୍ମ ଦ୍ୱାରା ମାତାପିତା ଆଦି ପିତୃଗଣଙ୍କୁ ତୃପ୍ତ ବା ପ୍ରସନ୍ନ କରାଯାଏ, ତାହାର ନାମ **'ତର୍ପଣ'** । ଏଠାରେ ଧ୍ୟାନ ଦେବା ଉଚିତ ଯେ ଜୀବିତ ମାତା-ପିତାଙ୍କୁ ହିଁ ଭୋଜନାଦି ଦ୍ୱାରା ସତ୍କାର ସମ୍ଭବ । ମୃତ ବ୍ୟକ୍ତିଙ୍କ ସତ୍କାର ସମ୍ଭବ ନୁହେଁ । ଏଣୁ **ତର୍ପଣ ଜୀବିତଙ୍କ ପାଇଁ ହିଁ ଉଦ୍ଦିଷ୍ଟ, ମୃତ ବ୍ୟକ୍ତିମାନଙ୍କ ପାଇଁ ନୁହେଁ ।**

ଅଥ ଦେବତର୍ପଣମ୍

ଓ୩ମ୍ ବ୍ରହ୍ମାଦୟୋ ଦେବାସ୍ତୃପ୍ୟନ୍ତାମ୍ । ବ୍ରହ୍ମାଦିଦେବପତ୍ନ୍ୟସ୍ତୃପ୍ୟନ୍ତାମ୍ । ବ୍ରହ୍ମାଦି-ଦେବସୁତାସ୍ତୃପ୍ୟନ୍ତାମ୍ । ବ୍ରହ୍ମାଦିଦେବଗଣାସ୍ତୃପ୍ୟନ୍ତାମ୍ ॥ ଇତି ଦେବତର୍ପଣମ୍ ॥

(ପାରସ୍କର ଓ ଆଶ୍ୱଲାୟନ ଗୃହ୍ୟସୂତ୍ର)

'ବିଦ୍ୱାଂସୋ ହି ଦେବାଃ' (ଶତପଥ. ୩:୫:୬:୧୦) । ବିଦ୍ୱାନଙ୍କୁ **'ଦେବ'** କହନ୍ତି । ସାଙ୍ଗୋପାଙ୍ଗ ଚାରିବେଦର ଜ୍ଞାତାଙ୍କୁ **'ବ୍ରହ୍ମା'** ଏବଂ ତାଙ୍କଠୁ କମ୍ ପଢ଼ିଥିବା ଓ ଜାଣିଥିବା ବ୍ୟକ୍ତିଙ୍କୁ **'ଦେବ'** ବା ବିଦ୍ୱାନ୍ କୁହାଯାଏ । ବ୍ରହ୍ମାଙ୍କ ସଦୃଶ ବିଦୁଷୀ ତାଙ୍କ ସ୍ତ୍ରୀଙ୍କୁ **'ବ୍ରହ୍ମାଣୀ'** ଏବଂ ଦେବଙ୍କ ସଦୃଶ ବିଦୁଷୀ ତାଙ୍କ ସ୍ତ୍ରୀଙ୍କୁ **'ଦେବୀ'** କୁହାଯାଏ । ଏମାନଙ୍କୁ ତଥା ଏମାନଙ୍କ ତୁଲ୍ୟ ଏମାନଙ୍କ ପୁତ୍ର ଓ ଶିଷ୍ୟ ଏବଂ ଏମାନଙ୍କ ଭଳି ଥିବା ଏମାନଙ୍କ ଗଣ ଅର୍ଥାତ୍ ସେବକମାନଙ୍କୁ ସେବା ଓ ସତ୍କାର କରିବାର ନାମ **'ଶ୍ରାଦ୍ଧ'** ଓ **'ତର୍ପଣ'** ।

ଅଥର୍ଷିତର୍ପଣମ୍

ଓଂ ମରୀଚ୍ୟାଦୟ ଋଷୟସ୍ତୃପ୍ୟନ୍ତାମ୍ । ମରୀଚ୍ୟାଦ୍ୟୃଷିପତ୍ନ୍ୟସ୍ତୃପ୍ୟନ୍ତାମ୍ । ମରୀଚ୍ୟାଦ୍ୟୃଷିସୁତାସ୍ତୃପ୍ୟନ୍ତାମ୍ । ମରୀଚ୍ୟାଦ୍ୟୃଷିଗଣାସ୍ତୃପ୍ୟନ୍ତାମ୍ ॥ ଇତି ଋଷିତର୍ପଣମ୍ ॥

ବ୍ରହ୍ମାଙ୍କ ପ୍ରପୌତ୍ର ମରୀଚିଙ୍କ ପରି ବିଦ୍ୱାନ୍ ହୋଇ ଯେଉଁମାନେ ଲୋକଙ୍କୁ ଶିକ୍ଷା ଦିଅନ୍ତି, ମରୀଚିଙ୍କ ପତ୍ନୀଙ୍କ ଭଳି ବିଦୁଷୀ ହୋଇ ଯେଉଁ ମହିଳାମାନେ ବାଳିକାମାନଙ୍କୁ ବିଦ୍ୟାଦାନ କରନ୍ତି, ସେମାନଙ୍କ ସମ ବିଦ୍ୱାନ୍ ସେମାନଙ୍କ ସନ୍ତାନ, ଶିଷ୍ୟ, ସହକାରୀ ଓ ସେବକ ଥାଆନ୍ତି, ସେମାନଙ୍କ ସେବା ଓ ସତ୍କାର କରିବା **'ଋଷିତର୍ପଣ'** ଅଟେ ।

ଅଥ ପିତୃତର୍ପଣମ୍

ଓ୩ମ୍ ସୋମସଦଃ ପିତରସ୍ତୃପ୍ୟନ୍ତାମ୍ । ଅଗ୍ନିଷ୍ୱାତ୍ତାଃ ପିତରସ୍ତୃପ୍ୟନ୍ତାମ୍ । ବର୍ହିଷଦଃ ପିତରସ୍ତୃପ୍ୟନ୍ତାମ୍ । ସୋମପାଃ ପିତରସ୍ତୃପ୍ୟନ୍ତାମ୍ । ହବିର୍ଭୁଜଃ ପିତରସ୍ତୃପ୍ୟନ୍ତାମ୍ । ଆଜ୍ୟପାଃ ପିତରସ୍ତୃପ୍ୟନ୍ତାମ୍ । ସୁକାଲିନଃ ପିତରସ୍ତୃପ୍ୟନ୍ତାମ୍ । ଯମାଦିଭ୍ୟୋ ନମଃ, ଯମାଦୀଂସ୍ତର୍ପୟାମି । ପିତ୍ରେ ସ୍ୱଧା ନମଃ, ପିତରଂ ତର୍ପୟାମି । ପିତାମହାୟ ସ୍ୱଧା ନମଃ, ପିତାମହଂ ତର୍ପୟାମି । ପ୍ରପିତାମହାୟ ସ୍ୱଧା ନମଃ, ପ୍ରପିତାମହଂ ତର୍ପୟାମି । ମାତ୍ରେ ସ୍ୱଧା ନମୋ, ମାତରଂ ତର୍ପୟାମି । ପିତାମହ୍ୟୈ ସ୍ୱଧା ନମଃ, ପିତାମହୀଂ ତର୍ପୟାମି । ପ୍ରପିତାମହ୍ୟୈ ସ୍ୱଧା ନମଃ, ପ୍ରପିତାମହୀଂ ତର୍ପୟାମି । ସ୍ୱପତ୍ନ୍ୟୈ ସ୍ୱଧା ନମଃ, ସ୍ୱପତ୍ନୀଂ ତର୍ପୟାମି । ସମ୍ବନ୍ଧିଭ୍ୟଃ ସ୍ୱଧା ନମଃ, ସମ୍ବନ୍ଧୀନସ୍ତର୍ପୟାମି । ସଗୋତ୍ରେଭ୍ୟଃ ସ୍ୱଧା ନମଃ, ସଗୋତ୍ରାଁସ୍ତର୍ପୟାମି ॥ ଇତି ପିତୃତର୍ପଣମ୍ ॥ (ଯଜୁଃ. ଅ.୧୯, ମନୁ. ଅ.୩)

(ସୋମସଦଃ.) 'ଯେ ସୋମେ ଜଗଦୀଶ୍ୱରେ ପଦାର୍ଥବିଦ୍ୟାୟାଂ ଚ ସୀଦନ୍ତି ତେ ସୋମସଦଃ'— ଯେଉଁମାନେ ପରମାତ୍ମା ଓ ପଦାର୍ଥବିଦ୍ୟା ବିଷୟରେ ନିପୁଣ ସେମାନେ **'ସୋମସଦ୍'** । **'ଯୈରଗ୍ନେର୍ବିଦ୍ୟୁତୋ ବିଦ୍ୟା ଗୃହୀତା ତେ ଅଗ୍ନିଷ୍ୱାତ୍ତାଃ'** — ଯେଉଁମାନେ ଅଗ୍ନି ଅର୍ଥାତ୍ ବିଦ୍ୟୁତ୍ ଆଦି ପଦାର୍ଥଗୁଡ଼ିକର ଜ୍ଞାତା ସେମାନେ **'ଅଗ୍ନିଷ୍ୱାତ୍ତ'** । **'ଯେ ବର୍ହିଷି ଉତ୍ତମେ ବ୍ୟବହାରେ ସୀଦନ୍ତି ତେ ବର୍ହିଷଦଃ'** — ଯେଉଁମାନେ ଉତ୍ତମ ବିଦ୍ୟାର ଅଭିବୃଦ୍ଧି କର୍ମରେ ସଂଲଗ୍ନ ଥାଆନ୍ତି ସେମାନେ **'ବର୍ହିଷଦ୍'** । **'ଯେ ସୋମମୈଶ୍ୱର୍ୟମୋଷଧୀରସଂ ବା ପାନ୍ତି ପିବନ୍ତି ବା ତେ ସୋମପାଃ'** — ଯେଉଁମାନେ ଐଶ୍ୱର୍ଯ୍ୟର ରକ୍ଷକ ଓ ମହୌଷଧି ରସ ପାନ କରି ସ୍ୱୟଂ ରୋଗରହିତ ଏବଂ ଅନ୍ୟର ଐଶ୍ୱର୍ଯ୍ୟରକ୍ଷକ ତଥା ଔଷଧ ପ୍ରଦାନ କରି ଅନ୍ୟକୁ ରୋଗମୁକ୍ତ କରନ୍ତି ସେମାନେ **'ସୋମପା'** । **'ଯେ ହବିର୍ହୋତୁମତ୍ତୁମର୍ହଂ ଭୁଞ୍ଜତେ ଭୋଜୟନ୍ତି ବା ତେ ହବିର୍ଭୁଜଃ'** — ଯେଉଁମାନେ ମାଦକଦ୍ରବ୍ୟ ଓ ହିଂସାକାରକ ପଦାର୍ଥ ପରିତ୍ୟାଗ କରି ଅଗ୍ନିହୋତ୍ର ଦ୍ୱାରା ଅନ୍ନ-ଜଳ ଆଦି ଶୁଦ୍ଧ କରି ଭୋଜନ

କରନ୍ତି ସେମାନେ **'ହବିର୍ଭୁଜ'** । **'ୟ ଆଜ୍ୟଂ ଜ୍ଞାତୁଂ ପ୍ରାପ୍ତୁଂ ବା ୟୋଗ୍ୟଂ ରକ୍ଷନ୍ତି ବା ପିବନ୍ତି ତେ ଆଜ୍ୟପାଃ'—** ଯେଉଁମାନେ ଜ୍ଞାତବ୍ୟ ବସ୍ତୁର ରକ୍ଷକ ଓ ଘୃତ-ଦୁଗ୍ଧାଦି ଭୋଜନ-ପାନ କରନ୍ତି ସେମାନେ **'ଆଜ୍ୟପା'** । **'ଶୋଭନଃ କାଲୋ ବିଦ୍ୟତେ ୟେଷାଂ ତେ ସୁକାଲିନଃ'** — ଉତ୍ତମ ରୂପେ ଧର୍ମାଚରଣରେ ଯେଉଁମାନେ ସମୟର ସଦୁପଯୋଗ କରି ସୁଖରେ କାଳାତିପାତ କରନ୍ତି ସେମାନେ **'ସୁକାଲୀ'(ସୁକାଲିନ୍)** । **'ୟେ ଦୁଷ୍ଟାନ୍ ୟଚ୍ଛନ୍ତି ନିଗୃହ୍ଣନ୍ତି ତେ ୟମା ନ୍ୟାୟାଧୀଶାଃ'** — ଯେଉଁମାନେ ଦୁଷ୍ଟଙ୍କ ଦଣ୍ଡଦାତା ଓ ସଜ୍ଜନଙ୍କ ପାଳନକର୍ତ୍ତା ନ୍ୟାୟାଧୀଶ ଅଟନ୍ତି ସେମାନେ **'ୟମ'** । **'ୟଃ ପାତି ସ ପିତା'** — ଯିଏ ଅନ୍ନ ଓ ସତ୍କାର ଦ୍ୱାରା ସନ୍ତାନଙ୍କୁ ପାଳନ ଓ ରକ୍ଷା କରନ୍ତି, ସନ୍ତାନଙ୍କ ଜନ୍ମଦାତା ସେ **'ପିତା'** । **'ପିତୁଃ ପିତା ପିତାମହଃ, ପିତାମହସ୍ୟ ପିତା ପ୍ରପିତାମହଃ'** — ଯିଏ ପିତାଙ୍କର ପିତା ସେ **'ପିତାମହ'** ଓ ଯିଏ ପିତାମହଙ୍କ ପିତା ସେ **'ପ୍ରପିତାମହ'** । **'ୟା ମାନୟତି ସା ମାତା'—** ଯିଏ ଅନ୍ନ ଓ ସ୍ନେହ ଆଦି ଦ୍ୱାରା ସନ୍ତାନଙ୍କୁ ଲାଳନ-ପାଳନ କରେ ସେ **'ମାତା'** । **'ୟା ପିତୁର୍ମାତା ସା ପିତାମହୀ, ପିତାମହସ୍ୟ ଚ ମାତା ପ୍ରପିତାମହୀ'** — ଯିଏ ପିତାଙ୍କ ମାତା ସେ **'ପିତାମହୀ'** ଏବଂ ଯିଏ ପିତାମହଙ୍କ ମାତା ସେ **'ପ୍ରପିତାମହୀ'** । ଏମାନଙ୍କୁ ତଥା ନିଜ ସ୍ତ୍ରୀ, ଭଉଣୀ, ସମ୍ବନ୍ଧୀ, ଜ୍ଞାତିକୁଟୁମ୍ବ, ଅନ୍ୟ ଯେଉଁ ଭଦ୍ରବ୍ୟକ୍ତି ଓ ବୃଦ୍ଧବ୍ୟକ୍ତି ଥିବେ ସେ ସମସ୍ତଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଯଥାଶକ୍ତି ଉତ୍ତମ ଅନ୍ନ, ବସ୍ତ୍ର, ସୁନ୍ଦର ଯାନ ଆଦି ଦେଇ ଉତ୍ତମ ରୂପେ ତୃପ୍ତ କରିବା ଅର୍ଥାତ୍ ଯେଉଁ କର୍ମଦ୍ୱାରା ସେମାନଙ୍କ ଆତ୍ମା ତୃପ୍ତ ହୁଏ ଓ ଶରୀର ସୁସ୍ଥ ରହେ, ସେସବୁ କର୍ମ ଦ୍ୱାରା ପ୍ରୀତିପୂର୍ବକ ସେମାନଙ୍କ ସେବା କରିବାକୁ **'ଶ୍ରାଦ୍ଧ'** ଓ **'ତର୍ପଣ'** କୁହାଯାଏ ।

୪. ବୈଶ୍ୱଦେବ ଯଜ୍ଞ — ଖାଦ୍ୟ ରୋଷେଇ ହେବା ପରେ ରନ୍ଧା ଯାଇଥିବା ଖାଦ୍ୟ ମଧ୍ୟରୁ ଖଟା, ଲବଣ ଓ କ୍ଷାରଯୁକ୍ତ ଅନ୍ନ-ବ୍ୟଞ୍ଜନାଦି ଛାଡ଼ି ଘୃତ-ମିଷ୍ଟଯୁକ୍ତ ଅନ୍ନ ନେଇ ଚୁଲିରୁ ନିଆଁ ବାହାର କରି ସେ ଅଗ୍ନିରେ ସେହି ଘୃତ-ମିଷ୍ଟଯୁକ୍ତ ଅନ୍ନ ନିମ୍ନଲିଖିତ ମନ୍ତ୍ର ପାଠକରି ଆହୁତି ଦେବେ ।

ବୈଶ୍ୱଦେବସ୍ୟ ସିଦ୍ଧସ୍ୟ ଗୃହ୍ୟେଽଗ୍ନୌ ବିଧିପୂର୍ବକମ୍ ।
ଆଭ୍ୟଃ କୁର୍ୟାଦ୍‌ଦେବତାଭ୍ୟୋ ବ୍ରାହ୍ମଣୋ ହୋମମନ୍ୱହମ୍ ॥ (ମନୁ. ୩:୮୪)

ଭୋଜନ ନିମନ୍ତେ ପାକଶାଳାରେ ଯାହା କିଛି ରନ୍ଧାଯାଇଥିବ ତହିଁରେ ଦିବ୍ୟ ଗୁଣ ଉତ୍ପନ୍ନ କରିବା ପାଇଁ ସେହି ପାକାଗ୍ନିରେ ନିମ୍ନଲିଖିତ ମନ୍ତ୍ରରେ ପ୍ରତିଦିନ ବିଧିପୂର୍ବକ ହୋମ କରିବେ । **ଏହି ବଳିବୈଶ୍ୱଦେବ ହୋମ ନିମନ୍ତେ ମନ୍ତ୍ର ହେଲା —**

ଓ୩ମ୍ ଅଗ୍ନୟେ ସ୍ୱାହା । ସୋମାୟ ସ୍ୱାହା । ଅଗ୍ନୀଷୋମାଭ୍ୟାଂ ସ୍ୱାହା । ବିଶ୍ୱେଭ୍ୟୋ ଦେବେଭ୍ୟଃ ସ୍ୱାହା । ଧନ୍ୱନ୍ତରୟେ ସ୍ୱାହା । କୁହ୍ୱୈ ସ୍ୱାହା । ଅନୁମତ୍ୟୈ ସ୍ୱାହା । ପ୍ରଜାପତୟେ ସ୍ୱାହା । ସହ ଦ୍ୟାବାପୃଥିବୀଭ୍ୟାଂ ସ୍ୱାହା । ସ୍ୱିଷ୍ଟକୃତେ ସ୍ୱାହା ॥ (ମନୁ. ୩:୮୫, ୮୬ ଆଧାରରେ)

ଏହି ଦଶଟି ମନ୍ତ୍ରରୁ ପ୍ରତ୍ୟେକ ମନ୍ତ୍ର ପଢ଼ି ପ୍ରଜ୍ୱଳିତ ଅଗ୍ନିରେ ଗୋଟିଏ ଲେଖାଏଁ କରି ଏପରି ଭାବେ ଦଶଟି ଆହୁତି ଦେବେ । ତା'ପରେ ଏକ ଥାଳିରେ କିମ୍ବା ଭୂମିରେ ପତ୍ର ରଖି ସେଥିରେ ପୂର୍ବ ଆଦି ଦିଗ କ୍ରମରେ ଭାଗ-ଭାଗ କରି ଘୃତ-ମିଷ୍ଟଯୁକ୍ତ ଅନ୍ନ ନିମ୍ନଲିଖିତ ମନ୍ତ୍ର ପଢ଼ି ରଖିବେ ।

ଓଂ ସାନୁଗାୟେନ୍ଦ୍ରାୟ ନମଃ । ସାନୁଗାୟ ୟମାୟ ନମଃ । ସାନୁଗାୟ ବରୁଣାୟ ନମଃ ।

ସାନୁଗାୟ ସୋମାୟ ନମଃ । ମରୁଦ୍‌ଭ୍ୟୋ ନମଃ । ଅଦ୍‌ଭ୍ୟୋ ନମଃ । ବନସ୍ପତିଭ୍ୟୋ ନମଃ । ଶ୍ରିୟୈ ନମଃ । ଭଦ୍ରକାଲ୍ୟୈ ନମଃ । ବ୍ରହ୍ମପତୟେ ନମଃ । ବାସ୍ତୁପତୟେ ନମଃ । ବିଶ୍ୱେଭ୍ୟୋ ଦେବେଭ୍ୟୋ ନମଃ । ଦିବାଚରେଭ୍ୟୋ ଭୂତେଭ୍ୟୋ ନମଃ । ନକ୍ତଞ୍ଚାରିଭ୍ୟୋ ଭୂତେଭ୍ୟୋ ନମଃ । ସର୍ବାତ୍ମଭୂତୟେ ନମଃ ।। (ମନୁ. ୩:୮୭-୯୧ ଆଧାରରେ)

ପ୍ରତ୍ୟେକ ମନ୍ତ୍ରରେ ଗୋଟିଏ ଲେଖାଏଁ କରି ଏପରି ପନ୍ଦର ଭାଗ ରଖିବେ । ଯଦି କୌଣସି ଅତିଥି ଥାଆନ୍ତି ତେବେ ଏ ସବୁ ଭାଗ ତାଙ୍କୁ ଖାଇବାକୁ ଦେବେ । ଅତିଥି ନ ଥିଲେ ଏସବୁ ଭାଗ ଅଗ୍ନିରେ ନିକ୍ଷେପ କରିବେ । ତା' ପରେ ଲବଣାନ୍ନ ଅର୍ଥାତ୍ ଭାତ, ରୁଟି, ଡାଲି, ତରକାରି ଆଦି ନିମ୍ନୋକ୍ତ ମନ୍ତ୍ରରେ ଛଅ ଭାଗ କୌଣସି ଥାଳି ବା ପତ୍ରରେ ରଖିବେ । ଏ ସମ୍ପର୍କରେ ମନୁସ୍ମୃତିରେ କୁହାଯାଇଛି —

ଶୁନାଂ ଚ ପତିତାନାଂ ଚ ଶ୍ୱପଚାଂ ପାପରୋଗିଣାମ୍ ।
ବାୟସାନାଂ କୃମୀଣାଂ ଚ ଶନକୈର୍ନିର୍ବପେଦ୍ ଭୁବି ।। (ମନୁ. ୩:୯୨)

'ଶ୍ୱଭ୍ୟୋ ନମଃ, ପତିତେଭ୍ୟୋ ନମଃ, ଶ୍ୱପଗ୍‌ଭ୍ୟୋ ନମଃ, ପାପରୋଗିଭ୍ୟୋ ନମଃ, ବାୟସେଭ୍ୟୋ ନମଃ, କୃମିଭ୍ୟୋ ନମଃ'— ଏ ଛଅଟି ମନ୍ତ୍ରରେ ଛଅ ଭାଗ ରଖିବେ । ଏସବୁକୁ କୌଣସି ଦୁଃଖୀ, ବୁଭୁକ୍ଷିତ ପ୍ରାଣୀଙ୍କୁ ଅଥବା କୁଆ, କୁକୁର ଆଦିଙ୍କୁ ଦେଇଦେବେ । **ଏଠାରେ 'ନମଃ' ଶବ୍ଦର ଅର୍ଥ 'ଅନ୍ନ' । ଉପରୋକ୍ତ ମନ୍ତ୍ରର ଅର୍ଥ ହେଲା କୁକୁର, ପାପୀ, ଚଣ୍ଡାଳ, ପାପରୋଗୀ, କୁଆ ଓ କୃମି ଅର୍ଥାତ୍ ପିମ୍ପୁଡ଼ି ଆଦିଙ୍କୁ ଅନ୍ନ ଦେବା । ଏହା ମନୁସ୍ମୃତି ଆଦି ଗ୍ରନ୍ଥର ବିଧାନ । ପାକଶାଳାରେ ହବନ କରିବା ତଥା ଉପରୋକ୍ତ ମତେ ଭୋଜନ ଦେବାର ପ୍ରୟୋଜନ ହେଲା ପାକଶାଳାର ବାୟୁ ଶୁଦ୍ଧ ହେବା ଏବଂ ଯେଉଁ ଅଜ୍ଞାତ-ଅଦୃଷ୍ଟ ଜୀବଙ୍କ ହତ୍ୟା ହୋଇଯାଏ ତା' ବଦଳରେ ପ୍ରତ୍ୟୁପକାର କରିବା ।**

୫. ଅତିଥିଯଜ୍ଞ — ଯାହାଙ୍କର ଆସିବାରେ କୌଣସି ନିଶ୍ଚିତ ତିଥି ନ ଥାଏ, ସେଭଳି ବ୍ୟକ୍ତି ଅର୍ଥାତ୍ ଅକସ୍ମାତ୍ ଆଗତ ଧାର୍ମିକ, ସତ୍ୟୋପଦେଶକ, ସର୍ବୋପକାରୀ ବିଦ୍ୱାନ୍, ସଂସାରର କଲ୍ୟାଣ ନିମନ୍ତେ ନିରନ୍ତର ଭ୍ରମଣଶୀଳ ଯୋଗୀ, ସନ୍ନ୍ୟାସୀଙ୍କୁ ଅତିଥି କୁହାଯାଏ । ଏଭଳି ବ୍ୟକ୍ତି ଗୃହରେ ଆସି ପହଞ୍ଚିଲେ ତାଙ୍କୁ ପ୍ରଥମେ ପାଦ୍ୟ, ଅର୍ଘ୍ୟ ଓ ଆଚମନୀୟ ଅର୍ଥାତ୍ ଗୋଡ଼ ଧୋଇବା, ମୁହଁ ଧୋଇବା ଓ ପିଇବା ପାଇଁ ପାଣି ଦେବେ । ତା' ପରେ ଆଦର ପୂର୍ବକ ଆସନରେ ବସାଇ ଖଦ୍ୟ-ପେୟ ଆଦି ଉତ୍ତମୋତ୍ତମ ପଦାର୍ଥ ଦ୍ୱାରା ସେବା-ସତ୍କାର କରି ପ୍ରସନ୍ନ କରିବେ । ତତ୍‌ପଶ୍ଚାତ୍ ତାଙ୍କ ସହ ସତ୍‌ସଙ୍ଗ କରିବେ ଓ ତାଙ୍କଠୁ ଧର୍ମ, ଅର୍ଥ, କାମ, ମୋକ୍ଷଦାୟକ ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ ଉପଦେଶ ଶ୍ରବଣ କରିବେ ଓ ତାଙ୍କ ସଦୁପଦେଶ ଅନୁସାରେ ଆଚରଣ ବି କରିବେ । ସମୟ-ସମୟରେ ଗୃହସ୍ଥ ଓ ରାଜା ଆଦି ବି ଅତିଥି ରୂପେ ସତ୍କାର ଯୋଗ୍ୟ ଅଟନ୍ତି । କିନ୍ତୁ —

ପାଷଣ୍ଡିନୋ ବିକର୍ମସ୍ଥାନ୍ ବୈଡ଼ାଲବୃତ୍ତିକାନ୍ ଶଠାନ୍ ।
ହୈତୁକାନ୍ ବକବୃତ୍ତୀଂଶ୍ଚ ବାଙ୍‌ମାତ୍ରେଣାପି ନାର୍ଚୟେତ୍ ।। (ମନୁ. ୪:୩୦)

(ପାଷଣ୍ଡୀ) ବେଦନିନ୍ଦକ, ବେଦ-ବିରୁଦ୍ଧ ଆଚରଣକାରୀ, **(ବିକର୍ମସ୍ଥ)** ବେଦ-ବିରୁଦ୍ଧ କର୍ମର କର୍ତ୍ତା, ମିଥ୍ୟାବାଦୀ, ମିଥ୍ୟାଚାରୀ, **(ବୈଡ଼ାଲବୃତ୍ତିକ)** ବିରାଡ଼ି ଚୁପ୍-ଚାପ୍ ଛକି ରହି ମୂଷା ଆଦି ପ୍ରାଣୀଙ୍କ ଉପରେ ଅତର୍କିତ ଆକ୍ରମଣ କରି ତାଙ୍କୁ ବଧ କରି, ନିଜ ଉଦର ପୂର୍ତ୍ତି କଲା ଭଳି ଅନ୍ୟର ଅସାବଧାନତାରୁ ତା'ର ହାନି

କରି ନିଜ ସ୍ୱାର୍ଥସାଧନ କରୁଥିବା ବ୍ୟକ୍ତି, **(ଶଠ)** ହଟି, ଦୁରାଗ୍ରହୀ, ଅଭିମାନୀ, ନିଜେ କିଛି ଜାଣିନଥିବା ଅଥଚ ଅନ୍ୟର ଉପଦେଶ ଶୁଣୁନଥିବା ବ୍ୟକ୍ତି, **(ହୈତୁକ)** କୁତର୍କୀ, ଅଯଥା କଥା କହୁଥିବା ଲୋକ, ଯେମିତିକା ଆଜିକାଲିର ନବୀନ ବେଦାନ୍ତୀମାନେ କହନ୍ତି- 'ଆମେ ବ୍ରହ୍ମ, ଜଗତ ମିଥ୍ୟା, ବେଦାଦି ଶାସ୍ତ୍ର ଓ ଈଶ୍ୱର ଏସବୁ କଳ୍ପିତ' ଇତ୍ୟାଦି ଗପ ମାରୁଥିବା ବ୍ୟକ୍ତି, **(ବକବୃତ୍ତି)** ବଗ ଯେପରି ଗୋଟିଏ ଗୋଡ଼ରେ ଠିଆ ହୋଇ ଧ୍ୟାନମଗ୍ନ ତପସ୍ୱୀ ପରି ରହିଥାଏ, ସୁଯୋଗ ଦେଖି ମାଛକୁ ଚଟ୍ କରି ଧରି ତା'ର ପ୍ରାଣହରଣ କରି ସ୍ୱ ଉଦର ପୂର୍ଣ୍ଣ କରେ ସେହିପରି ବକବ୍ରତୀ ଥିବା ଆଜିକାଲିର ବୈରାଗୀ, ବାବାଜୀ, ମହନ୍ତ ଆଦି ନିରୀହ ଜନତାଙ୍କୁ ଭଣ୍ଡି ସ୍ୱାର୍ଥସିଦ୍ଧି କରୁଥିବା ଏପରି ବେଦନିନ୍ଦୁକ, ବେଦବିରୁଦ୍ଧ ଆଚରଣକାରୀ, କପଟୀ, ଭଣ୍ଡ, ପ୍ରବଞ୍ଚକଙ୍କୁ ବଚନରେ ବି ସତ୍କାର କରିବା ଅନୁଚିତ । କାରଣ ଏମାନଙ୍କୁ ସତ୍କାର କଲେ ଏମାନେ ବୃଦ୍ଧି ପାଇ ସଂସାରକୁ ପାପ-ଅଧର୍ମରେ ବୁଡ଼ାଇ ଦିଅନ୍ତି । ଏମାନେ ନିଜେ ତ ଭୁଲ୍ ମାର୍ଗରେ ଯାଇ ଆତ୍ମାର ଅବନତି କରନ୍ତି, ତା' ସହ ତାଙ୍କ ସଙ୍ଗରେ ମିଶିବା, ତାଙ୍କ ସେବା କରିବା, ଅନୁଗାମୀ ଲୋକଙ୍କୁ ବି ଅବିଦ୍ୟାରୂପୀ ମହାସାଗରରେ ବୁଡ଼ାଇ ମାରନ୍ତି ।

ପଞ୍ଚ ମହାଯଜ୍ଞର ଫଳ —

୧. ବ୍ରହ୍ମଯଜ୍ଞ କରିବା ଦ୍ୱାରା ବିଦ୍ୟା, ଶିକ୍ଷା, ଧର୍ମ ଓ ସଭ୍ୟତା ଆଦି ସଦ୍‌ଗୁଣର ଅଭିବୃଦ୍ଧି ହୁଏ ।

୨. ଅଗ୍ନିହୋତ୍ର ଦ୍ୱାରା ବାୟୁ, ବୃଷ୍ଟି, ଜଳ ଶୁଦ୍ଧ ହୁଏ ତଥା ଉତ୍ତମ ବୃଷ୍ଟି ହୁଏ । ଏତଦ୍ଦ୍ୱାରା ଓଷଧି-ବନସ୍ପତି ଉତ୍କୃଷ୍ଟ ଗୁଣ ସମ୍ପନ୍ନ ହୁଅନ୍ତି । ଶୁଦ୍ଧ ବାୟୁ ସେବନ ଓ ଉତ୍ତମ ଭୋଜନ-ପାନ ଦ୍ୱାରା ଆରୋଗ୍ୟ, ବୁଦ୍ଧି, ବଳ, ପରାକ୍ରମ ବୃଦ୍ଧି ପାଏ ଯଦ୍ଦ୍ୱାରା ଧର୍ମ, ଅର୍ଥ, କାମ ଓ ମୋକ୍ଷର ଅନୁଷ୍ଠାନ ନିର୍ବିଘ୍ନରେ, ସମୁଚିତ ରୂପେ ହୋଇଥାଏ । ବାୟୁ, ଜଳ ଆଦି ପଦାର୍ଥକୁ ଦିବ୍ୟ କରିଦେଉଥିବାରୁ ଅଗ୍ନିହୋତ୍ରକୁ **'ଦେବଯଜ୍ଞ'** କୁହାଯାଏ ।

୩. ପିତୃଯଜ୍ଞରେ ମାତା-ପିତା ଓ ଜ୍ଞାନୀ-ମହାତ୍ମାଙ୍କ ସେବା କରିବା ଦ୍ୱାରା ସେବାକାରୀର ଜ୍ଞାନ ବଢ଼େ । ତଦ୍ଦ୍ୱାରା ସତ୍ୟ-ଅସତ୍ୟ ନିର୍ଣ୍ଣୟ କରି ସତ୍ୟ ଗ୍ରହଣ ଓ ଅସତ୍ୟ ତ୍ୟାଗ କରି ସୁଖୀ ହୋଇପାରିଥାଏ । ଦ୍ୱିତୀୟରେ ମାତା-ପିତା ଓ ଆଚାର୍ଯ୍ୟ ସନ୍ତାନ ଓ ଶିଷ୍ୟର ବହୁ ସେବା, ବହୁ କଲ୍ୟାଣ କରିଥାନ୍ତି । ସେମାନଙ୍କ ସେବା-ଶୁଶ୍ରୂଷା ଦ୍ୱାରା ସେମାନଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶିତ ହୋଇଥାଏ ଓ ସେମାନଙ୍କ ଋଣ ପରିଶୋଧ ରୂପକ ଅତ୍ୟାବଶ୍ୟକ କର୍ତ୍ତବ୍ୟ ସମ୍ପାଦନର ସୁଯୋଗ ମିଳିଥାଏ ।

୪. ବଳିବୈଶ୍ୱଦେବ ଯଜ୍ଞ ଦ୍ୱାରା ପାକଶାଳାର ବାୟୁ ଶୁଦ୍ଧି; ରୋଗୀ, ଦରିଦ୍ର ଓ ପତିତ ବ୍ୟକ୍ତି ଏବଂ ଉପକାରୀ ପ୍ରାଣୀମାନଙ୍କ ପ୍ରତି କର୍ତ୍ତବ୍ୟ ପାଳନ ହୁଏ । ଦୈନନ୍ଦିନ ଜୀବନ ନିର୍ବାହ କାଳରେ ଅଜ୍ଞାନବଶତଃ ନିମ୍ନ ଶ୍ରେଣୀର ପ୍ରାଣୀମାନଙ୍କୁ ପୀଡ଼ା ଦେବା ଦ୍ୱାରା ଯେଉଁ ପାପ ହୁଏ, ଏହି ଯଜ୍ଞ ଦ୍ୱାରା ତା'ର ପ୍ରାୟଶ୍ଚିତ୍ତ ହୁଏ, ପ୍ରତ୍ୟୁପକାରର ଭାବନା ଜାଗ୍ରତ ହୁଏ ।

୫. ଉତ୍ତମ **ଅତିଥି** ଅର୍ଥାତ୍ ଧାର୍ମିକ, ସତ୍ୟୋପଦେଶକ, ବିଦ୍ୱାନ୍, ନିରନ୍ତର ଭ୍ରମଣଶୀଳ ଯୋଗୀ, ସନ୍ନ୍ୟାସୀଙ୍କ ଅଭାବ ଥିବା ଯାଏ, ସଂସାରର ସମୁଚିତ ଉନ୍ନତି ହୋଇପାରେ ନାହିଁ । ଏମାନେ ସଂସାରରେ ସର୍ବତ୍ର ଭ୍ରମଣ କରି ସତ୍ୟୋପଦେଶ ଦେବା ଦ୍ୱାରା ପାଖଣ୍ଡ ବୃଦ୍ଧି ହୁଏ ନାହିଁ ଏବଂ ସର୍ବତ୍ର ଗୃହସ୍ଥଙ୍କୁ ସହଜରେ ସତ୍ୟ ବିଜ୍ଞାନ ପ୍ରାପ୍ତ ହୋଇଥାଏ ତଥା ଏତଦ୍ଦ୍ୱାରା ସକଳ ମନୁଷ୍ୟ ଧର୍ମାବଲମ୍ବୀ ହୁଅନ୍ତି । ଏପରି ଉତ୍ତମ ଅତିଥିଙ୍କ ବିନା ଗୃହସ୍ଥଙ୍କ ସଂଶୟନିବୃତ୍ତି ହୁଏ ନାହିଁ । ସନ୍ଦେହନିବୃତ୍ତି ନ ହେବା ଯାଏ ସିଦ୍ଧାନ୍ତରେ ଦୃଢ଼ତା ଆସେ ନାହିଁ କି କର୍ମରେ ନିଷ୍ଠା

ବଢ଼େ ନାହିଁ । ଦୃଢ଼ନିଶ୍ଚୟ ଓ କର୍ମରେ ନିଷ୍ଠା ନ ହେବା ଯାଏଁ ଯଥାର୍ଥ ସୁଖ-ଶାନ୍ତି ମିଳେ ନାହିଁ । ଅତଃ ଅତିଥି ଯଜ୍ଞ ଦ୍ୱାରା ସତ୍ୟବିଜ୍ଞାନ ପ୍ରାପ୍ତି, ସଂଶୟନିବୃତ୍ତି, ଧର୍ମରେ ସ୍ଥିରମତି ଓ କର୍ତ୍ତବ୍ୟରେ ଦୃଢ଼ତା ଆଦି ଲାଭ ହୁଏ ।

ଗୃହସ୍ଥର ସାମାନ୍ୟ କର୍ତ୍ତବ୍ୟ

ବ୍ରାହ୍ମେ ମୁହୂର୍ତ୍ତେ ବୁଧ୍ୟେତ ଧର୍ମାର୍ଥୌ ଚାନୁଚିନ୍ତୟେତ୍ ।
କାୟକ୍ଲେଶାଂଶ୍ଚ ତନ୍ମୂଲାନ୍ ବେଦତତ୍ତ୍ୱାର୍ଥମେବ ଚ ॥ (ମନୁ. ୪:୯୨)

ବ୍ରାହ୍ମମୁହୂର୍ତ୍ତରେ ଅର୍ଥାତ୍ ରାତ୍ରିର ଚତୁର୍ଥ ପ୍ରହରରେ ଶଯ୍ୟାତ୍ୟାଗ କରିବେ । ଦନ୍ତଧାବନ, ଶୌଚାଦି ଆବଶ୍ୟକୀୟ ନିତ୍ୟକର୍ମ ସମାପନ କରିବେ । ଧର୍ମ ଓ ଅର୍ଥ ବିଷୟରେ ଚିନ୍ତନ କରିବେ । ଶାରୀରିକ ରୋଗର ନିରାକରଣର ଉପାୟ ଚିନ୍ତନ ଓ ଅବଲମ୍ବନ କରିବେ । ଈଶ୍ୱର ଉପାସନା କରିବେ । କେବେ ବି ଅଧର୍ମ ଆଚରଣ କରିବେ ନାହିଁ । କାରଣ –

ନାଧର୍ମଶ୍ଚରିତୋ ଲୋକେ ସଦ୍ୟଃ ଫଳତି ଗୌରିବ ।
ଶନୈରାବର୍ତ୍ତମାନସ୍ତୁ କର୍ତ୍ତୁର୍ମୂଲାନି କୃନ୍ତତି ॥ (ମନୁ. ୪:୧୭୨)

କରାଯାଇଥିବା ଅଧର୍ମ ବା ପାପ କେବେ ନିଷ୍ଫଳ ହୁଏ ନାହିଁ । କିନ୍ତୁ ଯେଉଁ ସମୟରେ ଅଧର୍ମ ଆଚରଣ କରାଯାଏ, ସେହି ସମୟରେ ତୁରନ୍ତ ତା'ର ଫଳ ବି ମିଳେ ନାହିଁ । ଏଣୁ ଅଜ୍ଞାନୀମାନେ ପାପ କରିବାକୁ ଭୟ କରନ୍ତି ନାହିଁ । କିନ୍ତୁ ଏ କଥା ଦୃଢ଼ ନିଶ୍ଚୟ ପୂର୍ବକ ଜାଣିରଖିବା ଉଚିତ ଯେ ସେହି ଅଧର୍ମାଚରଣ ଅଲକ୍ଷିତ ଭାବରେ ଧୀରେ- ଧୀରେ ତୁମର ସୁଖ ରୂପକ ବୃକ୍ଷର ମୂଳଛେଦନ କରିଚାଲିଥାଏ । ଏହି କ୍ରମରେ—

ଅଧର୍ମେଣୈଧତେ ତାବତ୍ତତୋ ଭଦ୍ରାଣି ପଶ୍ୟତି ।
ତତଃ ସପତ୍ନାଞ୍ଜୟତି ସମୂଲସ୍ତୁ ବିନଶ୍ୟତି ॥ (ମନୁ. ୪:୧୭୪)

ବନ୍ଧ ଭାଙ୍ଗି ପାଣି ଚାରିଆଡ଼େ ମାଡ଼ିଗଲା ଭଳି ଅଧର୍ମାତ୍ମା ମନୁଷ୍ୟ ଧର୍ମର ମର୍ଯ୍ୟାଦାକୁ ଉଲ୍ଲଙ୍ଘନ କରି ମିଥ୍ୟାଭାଷଣ, ଛଳ-କପଟ, ପାଖଣ୍ଡ ଅର୍ଥାତ୍ ସଦା ରକ୍ଷକ ଈଶ୍ୱରୀୟ ବାଣୀ ବେଦର ଖଣ୍ଡନ ଅର୍ଥାତ୍ ବେଦର ଆଦେଶର ଅବମାନନା ଏବଂ ବିଶ୍ୱାସଘାତକତା ଆଦି କର୍ମ କରି ପରସ୍ୱ ଅପହରଣ କରେ । ତଦ୍ଦ୍ୱାରା ପ୍ରଥମେ ଉନ୍ନତି ଲାଭ କରେ । ସେହି ଧନାଦି ଐଶ୍ୱର୍ଯ୍ୟ ଦ୍ୱାରା ଖାଦ୍ୟ-ପାନୀୟ, ବସନ-ଭୂଷଣ, ଯାନ-ବାହନ, ଘର-ଦ୍ୱାର, ମାନ-ପ୍ରତିଷ୍ଠା ଇତ୍ୟାଦି ଲାଭ କରେ । ଅନ୍ୟାୟପୂର୍ବକ ଶତ୍ରୁକୁ ମଧ୍ୟ ଜୟ କରେ । କିନ୍ତୁ ପରେ ଶୀଘ୍ର ହିଁ ସମୂଳେ ନଷ୍ଟ ହୋଇଯାଏ । **ମୂଳ କଟା ଯାଇଥିବା ବୃକ୍ଷ ଯେପରି ନଷ୍ଟ ହୋଇଯାଏ, ଅଧର୍ମୀ ବ୍ୟକ୍ତି ସେହିପରି ବିନଷ୍ଟ ହୋଇଯାଏ ।** ଏଣୁ —

ସତ୍ୟଧର୍ମାର୍ଯ୍ୟବୃତ୍ତେଷୁ ଶୌଚେ ଚୈବାରମେତ୍ସଦା ।
ଶିଷ୍ୟାଂଶ୍ଚ ଶିଷ୍ୟାଦ୍ଧର୍ମେଣ ବାଗ୍ବାହୂଦରସଂୟତଃ ॥ (ମନୁ. ୪:୧୭୫)

ବିଦ୍ୱାନ୍ ବ୍ୟକ୍ତି ବେଦୋକ୍ତ 'ସତ୍ୟ ଧର୍ମ' ଅର୍ଥାତ୍ ପକ୍ଷପାତରହିତ ହୋଇ ସତ୍ୟ ଗ୍ରହଣ ଓ ଅସତ୍ୟ ପରିତ୍ୟାଗ, ନ୍ୟାୟ ରୂପକ ବେଦୋକ୍ତ ଧର୍ମାଦି; 'ଆର୍ଯ୍ୟ-ବୃତ୍ତ' ଅର୍ଥାତ୍ ଶ୍ରେଷ୍ଠ ବ୍ୟକ୍ତିଙ୍କ ଗୁଣ, କର୍ମ, ସ୍ୱଭାବ; ଏବଂ ପବିତ୍ରତାରେ ହିଁ ସର୍ବଦା ରମଣ କରିବେ । ମୁଖ, ବାହୁ, ଉଦର ଆଦି ଅଙ୍ଗଗୁଡ଼ିକୁ ସଂଯମ କରି ଅର୍ଥାତ୍ ଧର୍ମ ମାର୍ଗରେ ପରିଚାଳିତ କରି ଧର୍ମପୂର୍ବକ ଶିଷ୍ୟମାନଙ୍କୁ ଶିକ୍ଷା ପ୍ରଦାନ କରିବେ ।

ଋତ୍ୱିକ୍‌ପୁରୋହିତାଚାର୍ୟ୍ୟୈର୍ମାତୁଳାତିଥିସଂଶ୍ରିତୈଃ ।
ବାଲବୃଦ୍ଧାତୁରୈର୍ବୈଦ୍ୟୈର୍ଜ୍ଞାତିସମ୍ବନ୍ଧିବାନ୍ଧବୈଃ ॥ ୧ ॥
ମାତାପିତୃଭ୍ୟାଂ ଯାମିଭିର୍ଭ୍ରାତ୍ରା ପୁତ୍ରେଣ ଭାର୍ୟ୍ୟୟା ।
ଦୁହିତ୍ରା ଦାସବର୍ଗେଣ ବିବାଦଂ ନ ସମାଚରେତ୍ ॥ ୨ ॥ (ମନୁ. ୪:୧୭୯,୧୮୦)

(ଋତ୍ୱିକ୍) ଯଜ୍ଞକର୍ତ୍ତା, **(ପୁରୋହିତ)** ସର୍ବଦା ଉତ୍ତମ ଆଚାର-ବ୍ୟବହାରର ଶିକ୍ଷାଦାତା, **(ଆଚାର୍ୟ୍ୟ)** ବିଦ୍ୟାଦାତା, **(ମାତୁଳ)** ମାମୁଁ, **(ଅତିଥି)** ଅତିଥି, **(ସଂଶ୍ରିତ)** ଆଶ୍ରିତ, **(ବାଲ)** ବାଳକ, **(ବୃଦ୍ଧ)** ବୃଦ୍ଧ, **(ଆତୁର)** ପୀଡ଼ିତ, **(ବୈଦ୍ୟ)** ଚିକିତ୍ସକ, **(ଜ୍ଞାତି)** ସଗୋତ୍ର, କୁଟୁମ୍ବ, **(ସମ୍ବନ୍ଧୀ)** ଶାଶୁ, ଶଶୁର ଆଦି, **(ବାନ୍ଧବ)** ମିତ୍ର, ॥ ୧ ॥ **(ମାତା)** ମାତା, **(ପିତା)** ପିତା, **(ଯାମି)** ଭଗିନୀ, **(ଭ୍ରାତା)** ଭାଇ, **(ପୁତ୍ର)** ପୁତ୍ର, **(ଭାର୍ୟ୍ୟା)** ପତ୍ନୀ, **(ଦୁହିତା)** କନ୍ୟା ଓ **(ଦାସବର୍ଗ)** ସେବକମାନଙ୍କ ସହ କଦାପି ବିବାଦ ଅର୍ଥାତ୍ ଝଗଡ଼ା କରିବା ଉଚିତ ନୁହେଁ ॥ ୨ ॥

ଅନୁଚିତ ଦାନ

ଅତପାସ୍ତ୍ୱନଧୀୟାନଃ ପ୍ରତିଗ୍ରହରୁଚିର୍ଦ୍ୱିଜଃ ।
ଅମ୍ଭସ୍ୟଶ୍ମପ୍ଲବେନେବ ସହ ତେନୈବ ମଜ୍ଜତି ॥ (ମନୁ. ୪:୧୯୦)

୧. (ଅତପାଃ) ବ୍ରହ୍ମଚର୍ଯ୍ୟ-ସତ୍ୟଭାଷଣାଦି ତପ ରହିତ, **୨. (ଅନଧୀୟାନଃ)** ବେଦ-ଶାସ୍ତ୍ର ଅଧ୍ୟୟନ ବିହୀନ, **୩. (ପ୍ରତିଗ୍ରହରୁଚିଃ)** ଅନ୍ୟଠୁ ଦାନ ନେବା ପାଇଁ ସଦା ଆତୁର - ଏ ତିନି ଜଣ ପଥରର ନୌକାରେ ସମୁଦ୍ର ପାର ହେବା ଭଳି ନିଜ ଦୁଷ୍କର୍ମ ସହ ଦୁଃଖସାଗରରେ ନିମଜ୍ଜିତ ହୋଇଯାଆନ୍ତି । ସେମାନେ ନିଜେ ତ ନିଶ୍ଚିତ ବୁଡ଼ନ୍ତି, ତା' ସହ ଦାତାଙ୍କୁ ମଧ୍ୟ ସାଙ୍ଗରେ ବୁଡ଼ାଇ ଦିଅନ୍ତି ।

ତ୍ରିଷ୍ୱପ୍ୟେତେଷୁ ଦତ୍ତଂ ହି ବିଧିନାପ୍ୟର୍ଜିତଂ ଧନମ୍ ।
ଦାତୁର୍ଭବତ୍ୟନର୍ଥାୟ ପରତ୍ରାଦାତୁରେବ ଚ ॥ (ମନୁ. ୪:୧୯୩)

ସନ୍ମାର୍ଗରେ ଉପାର୍ଜିତ ଧନକୁ ଯଦି ଏ ତିନି ଜଣଙ୍କୁ ଦାନ ଦିଆଯାଏ, ତେବେ ସେ ଦାନ ଇହ ଜନ୍ମରେ ଦାତାର ନାଶ କରେ ଓ ପରଜନ୍ମରେ ଦାନ-ଗ୍ରହୀତାର ବିନାଶ ସାଧନ କରେ । ଯଦି ଦାତା ଓ ଗ୍ରହୀତା ଏହି ପ୍ରକାରର ହୋଇଥାନ୍ତି, ତେବେ କ'ଣ ହୁଏ ? —

ଯଥା ପ୍ଲବେନୌପଲେନ ନିମଜ୍ଜତ୍ୟୁଦକେ ତରନ୍ ।
ତଥା ନିମଜ୍ଜତୋଽଧସ୍ତାଦଜ୍ଞୌ ଦାତୃପ୍ରତୀଚ୍ଛକୌ ॥ (ମନୁ. ୪:୧୯୪)

ପଥରର ନୌକା ସାହାଯ୍ୟରେ ଜଳାଶୟ ପାର ହେବାକୁ ଚେଷ୍ଟା କରିବା ଲୋକ ଯେପରି ବୁଡ଼ିଯାଏ, ଅଜ୍ଞାନୀ ଦାତା ଓ ଗ୍ରହୀତା ଉଭୟେ ସେହିପରି ଅଧୋଗତି ଅର୍ଥାତ୍ ଦୁଃଖ ଲାଭ କରନ୍ତି ।

ପାଖଣ୍ଡୀଙ୍କ ଲକ୍ଷଣ

ଧର୍ମଧ୍ୱଜୀ ସଦାଲୁବ୍‌ଧଶ୍ଛାଦ୍ମିକୋ ଲୋକଦମ୍ଭକଃ ।
ବୈଡ଼ାଲବ୍ରତିକୋ ଜ୍ଞେୟୋ ହିଂସ୍ରଃ ସର୍ବାଭିସନ୍ଧକଃ ॥ ୧ ॥
ଅଧୋଦୃଷ୍ଟିର୍ନୈଷ୍କୃତିକଃ ସ୍ୱାର୍ଥସାଧନତତ୍ପରଃ ।
ଶଠୋ ମିଥ୍ୟାବିନୀତଶ୍ଚ ବକବ୍ରତଚରୋ ଦ୍ୱିଜଃ ॥ ୨ ॥ (ମନୁ. ୪:୧୯୫,୧୯୬)

ଯିଏ **(ଧର୍ମଧ୍ୱଜୀ)** କୌଣସି ପ୍ରକାର ଧର୍ମାଚରଣ କରୁନଥିବ, ଅଥଚ ଧର୍ମ ନାମରେ ଲୋକଙ୍କୁ ଠକୁଥିବ, ଧାର୍ମିକ ବୋଲି ଦେଖେଇ ହେଉଥିବ, **(ସଦାଲୁବ୍‌ଧଃ)** ସର୍ବଦା ଲୋଭଗ୍ରସ୍ତ, **(ଛାଦ୍ମିକଃ)** କପଟୀ, **(ଲୋକଦମ୍ଭକଃ)** ଲୋକଙ୍କ ଆଗରେ ନିଜ ବାହାଦୁରି ବଖାଣୁଥିବ, **(ହିଂସ୍ରଃ)** ପ୍ରାଣୀଘାତକ, ଅନ୍ୟ ପ୍ରତି ଶତ୍ରୁତା ଭାବ ପୋଷଣକାରୀ, **(ସର୍ବାଭିସନ୍ଧକଃ)** ଭଲ ଓ ଖରାପ ସବୁ ପ୍ରକାର ଲୋକଙ୍କ ସହ ଯୋଗସୂତ୍ର ରଖୁଥିବ, ତାକୁ **(ବୈଡ଼ାଲବ୍ରତକଃ)** ବିରାଡ଼ି-ବୈଷ୍ଣବ ଅର୍ଥାତ୍ ବିରାଡ଼ି ଭଳି ଧୂର୍ତ୍ତ ଓ ନୀଚ ବୋଲି **(ଜ୍ଞେୟଃ)** ଜାଣିବା ଉଚିତ ॥ ୧ ॥

ଯିଏ **(ଅଧୋଦୃଷ୍ଟିଃ)** ନିଜକୁ ଧାର୍ମିକ ବୋଲି ପରିଚୟ ଦେବା ଉଦ୍ଦେଶ୍ୟରେ ସଦା ତଳକୁ ଦୃଷ୍ଟି ରଖିଥାଏ, **(ନୈଷ୍କୃତିକଃ)** ଅତ୍ୟନ୍ତ ଈର୍ଷ୍ୟା-ଦ୍ୱେଷ ଗ୍ରସ୍ତ, କେହି ତା'ର ପଇସାକର ହାନି କଲେ ବି ପ୍ରତିଶୋଧପରାୟଣ ହୋଇ ତା'ର ପ୍ରାଣନାଶ କରିବାକୁ ବି ତତ୍ପର, **(ସ୍ୱାର୍ଥସାଧନତତ୍ପରଃ)** କପଟ, ଅଧର୍ମ, ବିଶ୍ୱାସଘାତକତା, ଯେକୌଣସି ଉପାୟରେ ହେଉ ପଛକେ ନିଜ ସ୍ୱାର୍ଥ ସାଧନ କରିବାରେ ଧୁରନ୍ଧର, **(ଶଠଃ)** ନିଜ କଥା ସମ୍ପୂର୍ଣ୍ଣ ରୂପେ ମିଥ୍ୟା ହୋଇଥିଲେ ମଧ୍ୟ ଏହା ଠିକ୍ ବୋଲି ହଠଧର୍ମିତା ଛାଡ଼େ ନାହିଁ, **(ମିଥ୍ୟାବିନୀତଃ)** ମିଛରେ ଉପରେ-ଉପରେ ସଜ୍ଜନତା, ସନ୍ତୋଷ, ସାଧୁତା ଓ ବିନୟ ଦେଖାଇ ହେଉଥାଏ ତାକୁ **(ବକବ୍ରତଚରଃ)** ବକଧାର୍ମିକ ଅର୍ଥାତ୍ ବଗ ଭଳି ଉପରକୁ ଧାର୍ମିକତା ଦେଖାଇ ହୋଇ ମଉକା ଦେଖି ସ୍ୱାର୍ଥ ସାଧନ କରୁଥିବା ନୀଚ ସ୍ତରର ବୋଲି ବୁଝିବା ଉଚିତ । ଏପରି ଲକ୍ଷଣ ସମ୍ପନ୍ନ ବ୍ୟକ୍ତିମାନେ **ପାଖଣ୍ଡୀ** ହୋଇଥାନ୍ତି । ଏମାନଙ୍କୁ କେବେ ବି ବିଶ୍ୱାସ କରିବା ଉଚିତ ନୁହେଁ କି ସେବା ବି କରିବା ଉଚିତ ନୁହେଁ ॥ ୨ ॥

ଗୃହସ୍ଥ ଧର୍ମାଚରଣ

ଧର୍ମଂ ଶନୈଃ ସଞ୍ଚିନୁୟାଦ୍ ବଲ୍ମୀକମିବ ପୁତ୍ତିକାଃ ।
ପରଲୋକସହାୟାର୍ଥଂ ସର୍ବଭୂତାନ୍ୟପୀଡ଼ୟନ୍ ॥ ୧ ॥
ନାମୁତ୍ର ହି ସହାୟାର୍ଥଂ ପିତା ମାତା ଚ ତିଷ୍ଠତଃ ।
ନ ପୁତ୍ରଦାରଂ ନ ଜ୍ଞାତିର୍ଧର୍ମସ୍ତିଷ୍ଠତି କେବଲଃ ॥ ୨ ॥
ଏକଃ ପ୍ରଜାୟତେ ଜନ୍ତୁରେକ ଏବ ପ୍ରଲୀୟତେ ।
ଏକୋଽନୁଭୁଙ୍କ୍ତେ ସୁକୃତମେକ ଏବ ଚ ଦୁଷ୍କୃତମ୍ ॥ ୩ ॥ (ମନୁ. ୪:୨୩୮-୨୪୦)
ଏକଃ ପାପାନି କୁରୁତେ ଫଲଂ ଭୁଙ୍କ୍ତେ ମହାଜନଃ ।
ଭୋକ୍ତାରୋ ବିପ୍ରମୁଚ୍ୟନ୍ତେ କର୍ତ୍ତା ଦୋଷେଣ ଲିପ୍ୟତେ ॥ ୪ ॥ (ମହା. ଉଦ୍ୟୋଗ. ୩୩:୪୧)
ମୃତଂ ଶରୀରମୁତ୍ସୃଜ୍ୟ କାଷ୍ଠଲୋଷ୍ଠସମଂ କ୍ଷିତୌ ।
ବିମୁଖା ବାନ୍ଧବା ୟାନ୍ତି ଧର୍ମସ୍ତମନୁଗଚ୍ଛତି ॥ ୫ ॥ (ମନୁ. ୪:୨୪୧)

ପୁତ୍ତିକା ଅର୍ଥାତ୍ ଉଇ ଯେପରି ନିରନ୍ତର ପ୍ରଯତ୍ନ କରି ଧୀରେ-ଧୀରେ ବଲ୍ମୀକ ବା ହୁଙ୍କା ତିଆରି କରେ, ପ୍ରତ୍ୟେକ ନର-ନାରୀ ମଧ୍ୟ ସେପରି କୌଣସି ପ୍ରାଣୀଙ୍କୁ ଦୁଃଖ ନ ଦେଇ ପରଲୋକ ବା ପରଜନ୍ମର ସୁଖ ସକାଶେ ଧୀରେ-ଧୀରେ ଧର୍ମ ସଞ୍ଚୟ କରିବା ଉଚିତ ॥ ୧ ॥

କାରଣ ପରଲୋକରେ ମାତା, ପିତା, ପୁତ୍ର, ପତ୍ନୀ, ଜ୍ଞାତି-କୁଟୁମ୍ବ କେହି ବି ସହାୟତା କରିପାରନ୍ତି ନାହିଁ । କେବଳ ମାତ୍ର ଧର୍ମ ହିଁ ସହାୟକ ହୋଇଥାଏ ॥ ୨ ॥

ଦେଖନ୍ତୁ ! ଜୀବ ଏକାକୀ ହିଁ ଜନ୍ମଗ୍ରହଣ କରେ ଓ ଏକୁଟିଆ ମୃତ୍ୟୁବରଣ କରେ । ସେ ଏକାକୀ ହିଁ ନିଜର ଧର୍ମ କାର୍ଯ୍ୟର ସୁଖ ରୂପକ ଫଳ ଓ ଅଧର୍ମ କାର୍ଯ୍ୟର ଦୁଃଖ ରୂପକ ଫଳ ଭୋଗ କରେ ॥ ୩ ॥

ଏ କଥା ବି ବୁଝି ରଖ ଯେ କୁଟୁମ୍ବରେ ଜଣେ ପାପ କର୍ମ କରି ଭୋଗ୍ୟ ପଦାର୍ଥ ଉପାର୍ଜନ କରି ଆଣେ; କିନ୍ତୁ ମହାଜନ ଅର୍ଥାତ୍ ସକଳ କୁଟୁମ୍ବ ତାହା ଭୋଗକରନ୍ତି । ପରନ୍ତୁ ଭୋଗକରୁଥିବା ବ୍ୟକ୍ତିମାନେ ଏ ଦୋଷର ଭାଗୀ ହୁଅନ୍ତି ନାହିଁ, କେବଳ ପାପ କର୍ମର କର୍ତ୍ତା ହିଁ ଦୋଷଭାଗୀ ହୋଇଥାଏ, ସିଏ ହିଁ ଦଣ୍ଡ ଭୋଗ କରିଥାଏ ॥ ୪ ॥

ଯେତେବେଳେ କେହି ମରିଯାଏ ତାହାର ପରିବାର ଓ ଆତ୍ମୀୟସ୍ୱଜନ ତାକୁ କାଠ ଖଣ୍ଡେ ବା ମାଟିର ଢେଲାଟିଏ ଭଳି ଶ୍ମଶାନରେ ଫୋପାଡ଼ି ଦେଇ (ଅଗ୍ନିରେ ପୋଡ଼ିଦେଇ ବା ମାଟିରେ ପୋତିଦେଇ) ପଛକୁ ମୁହଁ ଫେରାଇ ଚାଲିଆସନ୍ତି । କେହି ମଧ୍ୟ ତା' ସାଙ୍ଗରେ ଯାଆନ୍ତି ନାହିଁ । କେବଳ ମୃତ ବ୍ୟକ୍ତିର ଧର୍ମ ହିଁ ତାହା ସାଙ୍ଗରେ ଯାଏ ॥ ୫ ॥

ତସ୍ମାଦ୍ଧର୍ମଂ ସହାୟାର୍ଥଂ ନିତ୍ୟଂ ସଞ୍ଚିନୁୟାଚ୍ଛନୈଃ ।
ଧର୍ମେଣ ହି ସହାୟେନ ତମସ୍ତରତି ଦୁସ୍ତରମ୍ ॥ ୧ ॥
ଧର୍ମପ୍ରଧାନଂ ପୁରୁଷଂ ତପସା ହତକିଲ୍ବିଷମ୍ ।
ପରଲୋକଂ ନୟତ୍ୟାଶୁ ଭାସ୍ୱନ୍ତଂ ଖଶରୀରିଣମ୍ ॥ ୨ ॥ (ମନୁ. ୪:୨୪୨,୨୪୩)

ସେଥିପାଇଁ ପରଲୋକ ଅର୍ଥାତ୍ ପରମସୁଖ ପାଇଁ ଓ ପରଜନ୍ମର ସହାୟତା ସକାଶେ ପ୍ରତିଦିନ ଶନୈଃ-ଶନୈଃ ଧର୍ମ ସଞ୍ଚୟ କରିଚାଲିବା ଉଚିତ । କାରଣ କେବଳ ଧର୍ମର ସହାୟତାରେ ହିଁ ଜୀବ ବିଶାଳ ଦୁସ୍ତର ଦୁଃଖସାଗରକୁ ପାର ହୋଇପାରେ ॥ ୧ ॥

ଜୀବନରେ ଧର୍ମକୁ ପ୍ରଧାନ ଅବଲମ୍ବନ ବୋଲି ବିଚାର କରୁଥିବା ବ୍ୟକ୍ତିକୁ, ଧର୍ମାଚରଣ ଦ୍ୱାରା କର୍ତ୍ତବ୍ୟ(ସମ୍ଭାବିତ) ପାପ(ପାପପ୍ରବୃତ୍ତି) ଦୂର ହୋଇଯାଇଥିବା ବ୍ୟକ୍ତିକୁ, ପ୍ରକାଶସ୍ୱରୂପ ଓ ଆକାଶ ଶରୀର ଭଳି ଥିବା ପରଲୋକ ଅର୍ଥାତ୍ ପରମଦର୍ଶନୀୟ ପରମାତ୍ମାଙ୍କୁ ଧର୍ମ ହିଁ ଶୀଘ୍ର ପ୍ରାପ୍ତ କରାଇଥାଏ ॥ ୨ ॥ ଏଣୁ —

ଦୃଢ଼କାରୀ ମୃଦୁର୍ଦାନ୍ତଃ କ୍ରୂରାଚାରୈରସଂବସନ୍ ।
ଅହିଂସ୍ରୋ ଦମଦାନାଭ୍ୟାଂ ଜୟେତ୍ସ୍ୱର୍ଗଂ ତଥାବ୍ରତଃ ॥ ୧ ॥
ବାଚ୍ୟର୍ଥା ନିୟତାଃ ସର୍ବେ ବାଙ୍ମୂଳା ବାଗ୍ବିନିଃସୃତାଃ ।
ତାଂ ତୁ ୟଃ ସ୍ତେନୟେଦ୍ବାଚଂ ସ ସର୍ବସ୍ତେୟକୃନ୍ନରଃ ॥ ୨ ॥
ଆଚାରାଲ୍ଲଭତେ ହ୍ୟାୟୁରାଚାରାଦୀପ୍‌ସିତାଃ ପ୍ରଜାଃ ।
ଆଚାରାଦ୍ଧନମକ୍ଷୟ୍ୟମାଚାରୋ ହନ୍ତ୍ୟଲକ୍ଷଣମ୍ ॥ ୩ ॥ (ମନୁ. ୪:୨୪୬,୨୫୬,୧୫୬)

ସଦା କର୍ତ୍ତବ୍ୟରେ ଦୃଢ଼, କୋମଳସ୍ୱଭାବଯୁକ୍ତ, ଜିତେନ୍ଦ୍ରିୟ, ହିଂସକ-କ୍ରୂର-ଦୁଷ୍ଟାଚାରୀ ବ୍ୟକ୍ତିଙ୍କଠାରୁ ଦୂରେଇ ରହୁଥିବା ଅହିଂସକ, ଧର୍ମାତ୍ମା ବ୍ୟକ୍ତି ମନର ସଂଯମ ଓ ବିଦ୍ୟାଦି ଦାନ ଦ୍ୱାରା ସୁଖ ପ୍ରାପ୍ତ କରିବେ ॥ ୧ ॥

କିନ୍ତୁ ଏ କଥା ବି ଧ୍ୟାନ ରଖିବେ ଯେ ବଚନରେ ସକଳ ଅର୍ଥ ଅର୍ଥାତ୍ ବ୍ୟବହାର ନିଶ୍ଚିତ ହୋଇଥାଏ, ବାଣୀ ହିଁ ସମସ୍ତ ବ୍ୟବହାରର ମୂଳାଧାର ଏବଂ ବଚନ ଦ୍ୱାରା ହିଁ ସବୁ ବ୍ୟବହାର ସିଦ୍ଧ ହୁଏ । ଅତଃ ସେହି ବଚନକୁ

ଯିଏ ଚୋରି କରେ ଅର୍ଥାତ୍ ମିଥ୍ୟାଭାଷଣ କରେ, ସେ ବ୍ୟକ୍ତି ଚୋରି ଆଦି ସକଳ ପାପର କର୍ତ୍ତା ରୂପେ ପରିଗଣିତ ହୁଏ ॥ ୨ ॥

ଏଣୁ ମନୁଷ୍ୟ ମିଥ୍ୟାଭାଷଣ ରୂପକ ଅଧର୍ମ କର୍ମ ପରିତ୍ୟାଗ କରି, ଯେଉଁ ଧର୍ମାଚରଣ ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନ, ଜିତେନ୍ଦ୍ରିୟତା ଦ୍ୱାରା ଦୀର୍ଘ ଆୟୁ ଲାଭ ହୁଏ; ଯେଉଁ ଧର୍ମାଚରଣ ଦ୍ୱାରା ଉତ୍ତମ ସନ୍ତାନ ପ୍ରାପ୍ତ ହୁଏ; ଯେଉଁ ଧର୍ମାଚରଣ ଦ୍ୱାରା ଅକ୍ଷୟ ଧନ ଲାଭ ହୁଏ ତଥା ଯେଉଁ ଧର୍ମାଚରଣ ଦୁଷ୍ଟ ଲକ୍ଷଣସମୂହକୁ ନାଶ କରିଦିଏ, ସେହି ଆଚରଣକୁ ସର୍ବଦା କରିବା ବିଧେୟ ॥ ୩ ॥ କାରଣ —

ଦୁରାଚାରୋ ହି ପୁରୁଷୋ ଲୋକେ ଭବତି ନିନ୍ଦିତଃ ।
ଦୁଃଖଭାଗୀ ଚ ସତତଂ ବ୍ୟାଧିତୋଽଲ୍ପାୟୁରେବ ଚ ॥ (ମନୁ. ୪:୧୫୭)

ଦୁଷ୍ଟାଚାରୀ ବ୍ୟକ୍ତି ସଜ୍ଜନ ସମାଜରେ ନିନ୍ଦିତ ହୁଏ, ନିରନ୍ତର ଦୁଃଖ ଭୋଗ କରେ ଓ ଅନେକ ପ୍ରକାର ରୋଗଗ୍ରସ୍ତ ହୋଇ ଅଳ୍ପାୟୁ ହୋଇଥାଏ । ଏଣୁ ଏପରି ପ୍ରଯତ୍ନ କରିବା ଉଚିତ—

ଯଦ୍ୟତ୍ପରବଶଂ କର୍ମ ତତ୍ତଦ୍ୟତ୍ନେନ ବର୍ଜୟେତ୍ ।
ଯଦ୍ୟଦାତ୍ମବଶଂ ତୁ ସ୍ୟାତ୍ ତତ୍ତତ୍ସେବେତ ଯତ୍ନତଃ ॥ ୧ ॥
ସର୍ବଂ ପରବଶଂ ଦୁଃଖଂ ସର୍ବମାତ୍ମବଶଂ ସୁଖମ୍ ।
ଏତଦ୍ବିଦ୍ୟାତ୍ସମାସେନ ଲକ୍ଷଣଂ ସୁଖଦୁଃଖୟୋଃ ॥ ୨ ॥ (ମନୁ. ୪:୧୫୯,୧୬୦)

ଯେଉଁ-ଯେଉଁ କର୍ମ ପରାଧୀନ ସେସବୁ ପ୍ରଯତ୍ନ ପୂର୍ବକ ତ୍ୟାଗ କରିବା ଉଚିତ ଏବଂ ଯେଉଁସବୁ କର୍ମ ସ୍ୱାଧୀନ ସେସବୁର ଯତ୍ନ ପୂର୍ବକ ଅନୁଷ୍ଠାନ କରିବା ଆବଶ୍ୟକ ॥ ୧ ॥

କାରଣ ଯେଉଁସବୁ କର୍ମ ପରାଧୀନ ସେସବୁ ଦୁଃଖଦାୟକ ଏବଂ ଯେଉଁସବୁ କର୍ମ ସ୍ୱାଧୀନ ସେସବୁ ସୁଖଦାୟକ । ଏହା ହିଁ ସୁଖ-ଦୁଃଖର ସଂକ୍ଷିପ୍ତ ଲକ୍ଷଣ ବୋଲି ଜାଣିବା ଉଚିତ ॥ ୨ ॥

କିନ୍ତୁ ଯେଉଁସବୁ କାମ ପରସ୍ପରର ଅଧୀନ ସେସବୁ ଅଧୀନତାର ଭାବନାରେ ହିଁ କରିବା ଉଚିତ । ଯଥା – ପତି-ପତ୍ନୀ ମଧ୍ୟରେ ଜଣକର-ଅନ୍ୟର ଅଧୀନସ୍ଥ ଥିବା ବ୍ୟବହାର । ଅର୍ଥାତ୍ ପତ୍ନୀ ସହ ପତି ଓ ପତି ସହ ପତ୍ନୀ ପାରସ୍ପରିକ ପ୍ରିୟାଚରଣ, ଅନୁକୂଳ ଆଚରଣ କରିବା; କେହି ବି କେବେ ବି ବ୍ୟଭିଚାର ବା ବିରୋଧ ନ କରିବା; ସ୍ୱାମୀଙ୍କ ଆଜ୍ଞାନୁସାରେ ଗୃହର ଯାବତୀୟ କର୍ମ ସ୍ତ୍ରୀଙ୍କ ଅଧୀନରେ ରହିବା, ସ୍ତ୍ରୀଙ୍କ ଦ୍ୱାରା ନିର୍ବାହ ହେବା ଏବଂ ବାହାରର ସକଳ କାର୍ଯ୍ୟ ସ୍ୱାମୀଙ୍କ ଦ୍ୱାରା ସମ୍ପାଦିତ ହେବା; ଦୁର୍ବ୍ୟସନରେ ଲିପ୍ତ ହେବାରୁ ଜଣେ ଅନ୍ୟକୁ ରୋକିବା ଇତ୍ୟାଦି । ଅର୍ଥାତ୍ ଏହା ଦୃଢ଼ ନିଶ୍ଚୟ କରି ଜାଣିନେବା ଉଚିତ ଯେ ବିବାହ ପରେ ପତି-ପତ୍ନୀ ଜଣେ ଅନ୍ୟ ପାଖରେ ବିକ୍ରି ହୋଇଯାନ୍ତି । ଅର୍ଥାତ୍ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଜଣଙ୍କ ପାଖରେ ଯାହା ବି ଅଙ୍ଗ-ପ୍ରତ୍ୟଙ୍ଗ, ମନ, ହୃଦୟ, ହାବ-ଭାବ, ରଜ-ବୀର୍ଯ୍ୟ ଆଦି ନଖରୁ ଶିଖ ପର୍ଯ୍ୟନ୍ତ ସମ୍ପଦ ଥାଏ ତାହା ଅନ୍ୟର ଅଧୀନ ହୋଇଯାଏ । ପତି କି ପତ୍ନୀ, ଜଣେ ଅନ୍ୟର ପ୍ରସନ୍ନତା ବିନା ସେସବୁର କୌଣସି ବ୍ୟବହାର ନ କରିବା ଉଚିତ । ବ୍ୟଭିଚାର ଅର୍ଥାତ୍ ପୁରୁଷର ବେଶ୍ୟାଗମନ ଓ ସ୍ତ୍ରୀର ପରପୁରୁଷ ଗମନାଦି ଦାମ୍ପତ୍ୟ କଳହର ଏକ ପ୍ରମୁଖ କାରଣ । ଏଣୁ ଏଥିରୁ କାୟ-ମନ-ବାକ୍ୟରେ ଉଭୟେ ଦୂରରେ ରହି ନିଜ ସ୍ୱାମୀଙ୍କ ପ୍ରତି ସ୍ତ୍ରୀ ଓ ନିଜ ସ୍ତ୍ରୀଙ୍କ ପ୍ରତି ସ୍ୱାମୀ ସଦା ପ୍ରସନ୍ନ ଓ ସନ୍ତୁଷ୍ଟ ରହିବେ । ସ୍ତ୍ରୀର ପୂଜନୀୟ ଦେବ ସ୍ୱାମୀ ଓ ସ୍ୱାମୀର ପୂଜନୀୟା ଅର୍ଥାତ୍ ସତ୍କାରଯୋଗ୍ୟା ଦେବୀ ସ୍ତ୍ରୀ ଅଟନ୍ତି ।

ଗୃହସ୍ଥ ବ୍ୟକ୍ତି ବ୍ରାହ୍ମଣ ବର୍ଣ୍ଣର ହୋଇଥିଲେ ପୁରୁଷ ବାଳକମାନଙ୍କୁ ଓ ସୁଶିକ୍ଷିତା ସ୍ତ୍ରୀ ବାଳିକାମାନଙ୍କୁ ବିଦ୍ୟା ପଢ଼ାଇବେ ଓ ସୁଶିକ୍ଷା ପ୍ରଦାନ କରିବେ । ବିଭିନ୍ନ ପ୍ରକାରର ଉପଦେଶ ଓ ଜ୍ଞାନ ଦ୍ୱାରା ସେମାନଙ୍କୁ ବିଦ୍ୱାନ୍ କରିବେ । ବାଳକ ଓ ବାଳିକାମାନେ ଗୁରୁକୁଳରେ ଥିବା ସମୟରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ପିତା-ମାତା ସଦୃଶ ମନେ କରିବେ । ସେହିପରି ଅଧ୍ୟାପକ-ଅଧ୍ୟାପିକାମାନେ ମଧ୍ୟ ଶିଷ୍ୟ-ଶିଷ୍ୟାମାନଙ୍କୁ ନିଜ ସନ୍ତାନ ସମ ବିଚାର କରିବେ ।

ପଣ୍ଡିତ ଲକ୍ଷଣ

ପଢ଼ାଇବା ଅଧ୍ୟାପକ ଓ ଅଧ୍ୟାପିକା କିପରି ହେବା ଉଚିତ? —

ଆତ୍ମଜ୍ଞାନଂ ସମାରମ୍ଭସ୍ତିତିକ୍ଷା ଧର୍ମନିତ୍ୟତା ।
ୟମର୍ଥା ନାପକର୍ଷନ୍ତି ସ ବୈ ପଣ୍ଡିତ ଉଚ୍ୟତେ ॥ ୧ ॥
ନିଷେବତେ ପ୍ରଶସ୍ତାନି ନିନ୍ଦିତାନି ନ ସେବତେ ।
ଅନାସ୍ତିକଃ ଶ୍ରଦ୍ଦଧାନ ଏତତ୍ ପଣ୍ଡିତଲକ୍ଷଣମ୍ ॥ ୨ ॥
କ୍ଷିପ୍ରଂ ବିଜାନାତି ଚିରଂ ଶୃଣୋତି, ବିଜ୍ଞାୟ ଚାର୍ଥଂ ଭଜତେ ନ କାମାତ୍ ।
ନାସମ୍ପୃଷ୍ଟୋ ହ୍ୟୁପୟୁଙ୍କ୍ତେ ପରାର୍ଥେ, ତତ୍ପ୍ରଜ୍ଞାନଂ ପ୍ରଥମଂ ପଣ୍ଡିତସ୍ୟ ॥ ୩ ॥
ନାପ୍ରାପ୍ୟମଭିବାଞ୍ଛନ୍ତି ନଷ୍ଟଂ ନେଚ୍ଛନ୍ତି ଶୋଚିତୁମ୍ ।
ଆପତ୍ସୁ ଚ ନ ମୁହ୍ୟନ୍ତି ନରାଃ ପଣ୍ଡିତବୁଦ୍ଧୟଃ ॥ ୪ ॥
ପ୍ରବୃତ୍ତବାକ୍ ଚିତ୍ରକଥ ଊହବାନ୍ ପ୍ରତିଭାନବାନ୍ ।
ଆଶୁ ଗ୍ରନ୍ଥସ୍ୟ ବକ୍ତା ଚ ୟଃ ସ ପଣ୍ଡିତ ଉଚ୍ୟତେ ॥ ୫ ॥
ଶ୍ରୁତଂ ପ୍ରଜ୍ଞାନୁଗଂ ୟସ୍ୟ ପ୍ରଜ୍ଞା ଚୈବ ଶ୍ରୁତାନୁଗା ।
ଅସଂଭିନ୍ନାର୍ୟମର୍ୟାଦଃ ପଣ୍ଡିତାଖ୍ୟାଂ ଲଭେତ ସଃ ॥ ୬ ॥

(ମହାଭାରତ. ଉଦ୍ୟୋଗ. ବିଦୁର. ୩୩:୨୦,୨୧,୨୭,୨୮,୩୩,୩୪)

ଯାହାଙ୍କର ଆତ୍ମଜ୍ଞାନ ଥାଏ; ଯିଏ ସମ୍ୟକ୍ ଆରମ୍ଭ କରନ୍ତି ଅର୍ଥାତ୍ କେବେ ବି ଅଳସୁଆ-ନିକମା ହୋଇ ରହନ୍ତି ନାହିଁ; ସୁଖ-ଦୁଃଖ, ହାନି-ଲାଭ, ମାନ-ଅପମାନ, ନିନ୍ଦା-ସ୍ତୁତିରେ କେବେ ହେଁ ହର୍ଷ କି ଶୋକ କରନ୍ତି ନାହିଁ; ଧର୍ମରେ ହିଁ ସଦା ଦୃଢ଼ ରହନ୍ତି; ଯାହାଙ୍କର ମନକୁ ବିଷୟ ଭୋଗ ସମ୍ବନ୍ଧୀୟ ଉତ୍ତମୋତ୍ତମ ପଦାର୍ଥମାନ ଆକର୍ଷିତ କରିପାରେ ନାହିଁ, ସେ ହିଁ **'ପଣ୍ଡିତ'** ପଦବାଚ୍ୟ ଅଟନ୍ତି ॥ ୧ ॥

ସର୍ବଦା ଧର୍ମାନୁକୂଳ କର୍ମର ଅନୁଷ୍ଠାନ; ଅଧର୍ମଯୁକ୍ତ କାର୍ଯ୍ୟ ପରିତ୍ୟାଗ; ଈଶ୍ୱର, ବେଦ ଓ ସତ୍ୟାଚରଣର ନିନ୍ଦା ନ କରିବା; ଈଶ୍ୱର ଆଦିରେ ଅତ୍ୟନ୍ତ ଶ୍ରଦ୍ଧାଳୁ ହେବା – ଏସବୁ **'ପଣ୍ଡିତ'** ବ୍ୟକ୍ତିଙ୍କ କର୍ତ୍ତବ୍ୟାକର୍ତ୍ତବ୍ୟ କର୍ମ ॥ ୨ ॥

ଯିଏ କଠିନ ବିଷୟକୁ ଶୀଘ୍ର ବୁଝିପାରନ୍ତି; ଦୀର୍ଘ ସମୟ ପର୍ଯ୍ୟନ୍ତ ଶାସ୍ତ୍ର ଅଧ୍ୟୟନ, ଶ୍ରବଣ ଓ ମନନ କରନ୍ତି; ଯାହାକିଛି ଜ୍ଞାନ ଲାଭ କରନ୍ତି ତାକୁ ପରୋପକାରରେ ବିନିଯୋଗ କରନ୍ତି; ନିଜ ସ୍ୱାର୍ଥ ପାଇଁ କୌଣସି କାର୍ଯ୍ୟ

କରନ୍ତି ନାହିଁ; ନ ପଚାରିବା ପର୍ଯ୍ୟନ୍ତ କିମ୍ବା ଉପଯୁକ୍ତ ସମୟ ନ ଆସିବା ଯାଏଁ ଅଥବା ନ ଜାଣି ଅନ୍ୟର କାର୍ଯ୍ୟରେ ମତାମତ କି ସମ୍ମତି ଦିଅନ୍ତି ନାହିଁ – ସେ ହିଁ **'ପଣ୍ଡିତ'** ଅଟନ୍ତି, ଏସବୁ ପଣ୍ଡିତ ବ୍ୟକ୍ତିଙ୍କ ପ୍ରଥମ ପ୍ରଜ୍ଞାନ ॥ ୩ ॥

ଯେଉଁମାନେ ଅପ୍ରାପ୍ୟ ବସ୍ତୁ ପାଇବାକୁ କେବେ ବି ଇଚ୍ଛା ପୋଷଣ କରନ୍ତି ନାହିଁ; ନଷ୍ଟ ହୋଇଯାଇଥିବା ପଦାର୍ଥ ପାଇଁ ଶୋଚନା କରନ୍ତି ନାହିଁ; ବିପଦ-ଆପଦ ସମୟରେ ମୁହ୍ୟମାନ ବା ଅଧୀର ନ ହୋଇ ଧୈର୍ଯ୍ୟଧାରଣ କରନ୍ତି; ସେମାନେ ହିଁ ବୁଦ୍ଧିମାନ୍ **'ପଣ୍ଡିତ'** ଅଟନ୍ତି ॥ ୪ ॥

ଯାହାଙ୍କ ବାଣୀ ସକଳ ବିଦ୍ୟା ଓ ପ୍ରଶ୍ନୋତ୍ତର କରିବାରେ ଅତି ନିପୁଣ; ଯିଏ ଶାସ୍ତ୍ରୀୟ ପ୍ରକରଣଗୁଡ଼ିକର ରହସ୍ୟୋଦ୍‌ଘାଟନରେ ବିଚିତ୍ର ବକ୍ତା; ଯିଏ ତର୍କକୁଶଳ ଓ ବିଲକ୍ଷଣ ସ୍ମୃତିମାନ୍; ଯିଏ ଶାସ୍ତ୍ରମାନଙ୍କର ଗୂଢ଼ ଅର୍ଥଗୁଡ଼ିକୁ ସହଜରେ ବ୍ୟକ୍ତ କରିପାରନ୍ତି, ତାଙ୍କୁ ହିଁ **'ପଣ୍ଡିତ'** କୁହାଯାଏ ॥ ୫ ॥

ଯାହାଙ୍କର ଶ୍ରୁତ ବିଷୟ ବୁଦ୍ଧିର ଅନୁକୂଳ ଅର୍ଥାତ୍ ଯିଏ ଯୁକ୍ତିଯୁକ୍ତ କଥା ଶ୍ରବଣ, ଗ୍ରହଣ କରନ୍ତି ଏବଂ ଯାହାଙ୍କ ପ୍ରଜ୍ଞା ଶୁଣାଯାଇଥିବା ସତ୍ୟ ଅର୍ଥର ଅନୁକୂଳ; ଯିଏ ଆର୍ଯ୍ୟ ଅର୍ଥାତ୍ ଶ୍ରେଷ୍ଠ, ଧାର୍ମିକ ପୁରୁଷମାନଙ୍କ ମର୍ଯ୍ୟାଦା ଉଲ୍ଲଙ୍ଘନ କରନ୍ତି ନାହିଁ, ସେ ହିଁ **'ପଣ୍ଡିତ'** ପଦବାଚ୍ୟ ହୋଇଥାନ୍ତି ॥ ୬ ॥

ଯେଉଁଠି ଏପରି ଯୋଗ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଅଧ୍ୟାପନା କାର୍ଯ୍ୟ କରନ୍ତି ସେଠାରେ ବିଦ୍ୟା, ଧର୍ମ ଓ ଉତ୍ତମ ଆଚରଣର ଅଭିବୃଦ୍ଧି ହୋଇ ନିତ୍ୟ ଆନନ୍ଦ ବୃଦ୍ଧି ହୋଇଥାଏ ।

ମୂର୍ଖଙ୍କ ଲକ୍ଷଣ

ଅଧ୍ୟାପନା କରିବା ପାଇଁ ଅଯୋଗ୍ୟ ବ୍ୟକ୍ତି ଓ ମୂର୍ଖଙ୍କ ଲକ୍ଷଣ —

ଅଶ୍ରୁତଶ୍ଚ ସମୁନ୍ନଦ୍ଧୋ ଦରିଦ୍ରଶ୍ଚ ମହାମନାଃ ।
ଅର୍ଥାଂଶ୍ଚାଽକର୍ମଣା ପ୍ରେପ୍ସୁର୍ମୂଢ଼ ଇତ୍ୟୁଚ୍ୟତେ ବୁଧୈଃ ॥ ୧ ॥
ଅନାହୂତଃ ପ୍ରବିଶତି ହ୍ୟପୃଷ୍ଟୋ ବହୁ ଭାଷତେ ।
ଅବିଶ୍ୱସ୍ତେ ବିଶ୍ୱସିତି ମୂଢ଼ଚେତା ନରାଧମଃ ॥ ୨ ॥ (ମହାଭାରତ.ଉଦ୍ୟୋଗ. ୩୩:୩୫,୪୧)

ଯିଏ କୌଣସି ଶାସ୍ତ୍ର ନ ପଢ଼ି ନ ଶୁଣି ବୃଥାରେ ଅତି ଅଭିମାନୀ, ଦରିଦ୍ର ହୋଇ ମଧ୍ୟ ବଡ଼-ବଡ଼ ମନୋରଥ ପୋଷଣକାରୀ, ବିନା କର୍ମରେ ଫଳ ପ୍ରାପ୍ତିର ଇଚ୍ଛାକାରୀ, ତାହାକୁ ବୁଦ୍ଧିମାନ୍ ଲୋକେ **'ମୂଢ଼'** ବୋଲି କହିଥାନ୍ତି ॥ ୧ ॥

ଯେଉଁ ବ୍ୟକ୍ତି ବିନା ନିମନ୍ତ୍ରଣରେ କୌଣସି ସଭାରେ ବା କାହା ଗୃହରେ ପ୍ରବେଶ କରି, ଉଚ୍ଚ ଆସନରେ ବସିବାକୁ ଚାହେଁ, ପଚରା ନ ଯାଇଥିଲେ ବି ସଭାରେ ଅନର୍ଗଳ ପ୍ରଳାପ କରେ, ବିଶ୍ୱାସର ଅଯୋଗ୍ୟ ବସ୍ତୁ ବା ମନୁଷ୍ୟକୁ ବିଶ୍ୱାସ କରେ, ସେହି ଲୋକକୁ **'ମୂଢ଼'** ଓ **'ନରାଧମ'** ବା ମଣିଷମାନଙ୍କ ମଧ୍ୟରେ 'ନୀଚ ବ୍ୟକ୍ତି' ବୋଲି କୁହାଯାଏ ॥ ୨ ॥

ଯେଉଁଠାରେ ଏପରି ବ୍ୟକ୍ତିମାନେ ଅଧ୍ୟାପକ, ଉପଦେଶକ, ଗୁରୁ ଓ ପୂଜ୍ୟ ହୋଇଥାନ୍ତି, ସେଠାରେ ଅବିଦ୍ୟା, ଅଧର୍ମ, ଅସଭ୍ୟତା, କଳହ, ବିରୋଧ ଓ ବିଭେଦ ବଢ଼ି ଦୁଃଖ ହିଁ ବୃଦ୍ଧି ପାଇଥାଏ ।

ବିଦ୍ୟାର୍ଥୀର ଲକ୍ଷଣ

ବର୍ତ୍ତମାନ ବିଦ୍ୟାର୍ଥୀର ଲକ୍ଷଣ —

ଆଲସ୍ୟଂ ମଦମୋହୌ ଚ ଚପଲଂ ଗୋଷ୍ଠିରେବ ଚ ।
ସ୍ତବ୍ଧତା ଚାଭିମାନିତ୍ୱଂ ତଥାଽତ୍ୟାଗିତ୍ୱମେବ ଚ ।
ଏତେ ବୈ ସପ୍ତ ଦୋଷାଃ ସ୍ୟୁଃ ସଦା ବିଦ୍ୟାର୍ଥିନାଂ ମତାଃ ॥ ୧ ॥
ସୁଖାର୍ଥିନଃ କୁତୋ ବିଦ୍ୟା କୁତୋ ବିଦ୍ୟାର୍ଥିନଃ ସୁଖମ୍ ।
ସୁଖାର୍ଥୀ ବା ତ୍ୟଜେଦ୍ୱିଦ୍ୟାଂ ବିଦ୍ୟାର୍ଥୀ ବା ତ୍ୟଜେତ୍ ସୁଖମ୍ ॥ ୨ ॥

(ମହାଭାରତ.ଉଦ୍ୟୋଗ. ୪୦:୫,୬)

ଆଲସ୍ୟ ଅର୍ଥାତ୍ ଶରୀର ଓ ବୁଦ୍ଧିରେ ଜଡ଼ତା; ନିଶା, ମୋହ ବା କୌଣସି ବସ୍ତୁରେ ଅତିଶୟ ଆସକ୍ତି; ଚପଳତା; ଇଆଡୁ-ସିଆଡୁ ଅନାବଶ୍ୟକ କଥା କହିବା-ଶୁଣିବା, ଗପମାରିବା; ଅଧ୍ୟୟନ କରୁକରୁ ଅଟକିବା; ଅଭିମାନ; ତ୍ୟାଗଭାବନାର ଅଭାବ – ଏ ସାତୋଟି ବିଦ୍ୟାର୍ଥୀମାନଙ୍କ ପକ୍ଷରେ ଦୋଷ-ଦୁର୍ଗୁଣ ଅଟେ ॥ ୧ ॥ ଏପରି ଦୋଷଯୁକ୍ତ ବିଦ୍ୟାର୍ଥୀ କଦାପି ବିଦ୍ୟା ଲାଭ କରିପାରନ୍ତି ନାହିଁ ।

ସୁଖଭୋଗ ଇଚ୍ଛା କରୁଥିବା ବ୍ୟକ୍ତିକୁ ବିଦ୍ୟା କୁଆଡୁ ପ୍ରାପ୍ତ ହେବ ? ଏବଂ ବିଦ୍ୟା ଅଧ୍ୟୟନରେ ରତ ବ୍ୟକ୍ତି ପକ୍ଷରେ ସୁଖ-ଭୋଗ କିପରି ସମ୍ଭବ ? ଏଣୁ ବିଷୟସୁଖ ଚାହୁଁଥିବା ବ୍ୟକ୍ତିକୁ ବିଦ୍ୟା ଛାଡ଼ିବାକୁ ହେବ ଏବଂ ବିଦ୍ୟାର୍ଥୀ ହେଲେ ବିଷୟସୁଖ ପରିତ୍ୟାଗ କରିବାକୁ ପଡ଼ିବ ॥ ୨ ॥

ଉପରୋକ୍ତ ବିଷୟଗୁଡ଼ିକର ଅନୁପାଳନ ନ କଲେ ବିଦ୍ୟାପ୍ରାପ୍ତି କଦାପି ହୋଇପାରିବ ନାହିଁ । ନିମ୍ନ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ବ୍ୟକ୍ତିକୁ ବିଦ୍ୟା ପ୍ରାପ୍ତ ହୋଇଥାଏ —

ସତ୍ୟେ ରତାନାଂ ସତତଂ ଦାନ୍ତାନାମୂର୍ଦ୍ଧ୍ୱରେତସାମ୍ ।
ବ୍ରହ୍ମଚର୍ଯ୍ୟଂ ଦହେଦ୍ରାଜନ୍ ସର୍ବପାପାନ୍ୟୁପାସିତମ୍ ॥ (ମହାଭାରତ. ଅନୁଶାସନ, ୭୫:୩୮)

ଯେଉଁମାନେ ସର୍ବଦା ସତ୍ୟାଚରଣ-ପରାୟଣ, ଜିତେନ୍ଦ୍ରିୟ ଓ ଊର୍ଦ୍ଧ୍ୱରେତା ଅର୍ଥାତ୍ ଯାହାଙ୍କ ବୀର୍ଯ୍ୟ କେବେ ସ୍ଖଳିତ ହୁଏ ନାହିଁ, ସେମାନଙ୍କ ବ୍ରହ୍ମଚର୍ଯ୍ୟ ହିଁ ଯଥାର୍ଥ ଏବଂ ସେହିମାନେ ହିଁ ବିଦ୍ୱାନ୍ ହୁଅନ୍ତି ।

ଏଣୁ ଅଧ୍ୟାପକ ଓ ବିଦ୍ୟାର୍ଥୀମାନେ ଉତ୍ତମ ଲକ୍ଷଣ ସମ୍ପନ୍ନ ହେବା ଉଚିତ । ଅଧ୍ୟାପକମାନେ ଏପରି ପ୍ରଯତ୍ନ କରିବେ ଯେପରିକି ବିଦ୍ୟାର୍ଥୀମାନେ ସତ୍ୟମାନୀ, ସତ୍ୟବାଦୀ, ସତ୍ୟକାରୀ, ସଭ୍ୟ, ଜିତେନ୍ଦ୍ରିୟ ଓ ସୁଶୀଳ ଆଦି ହେବେ । ତା’ ସହ ବିଦ୍ୟାର୍ଥୀମାନେ ଶାରୀରିକ ଓ ଆତ୍ମିକ ବଳ ବୃଦ୍ଧି କରି ସକଳ ବେଦାଦି ଶାସ୍ତ୍ରରେ ଯେପରି ବିଦ୍ୱାନ୍ ହେବେ ସେଥିପାଇଁ ଅଧ୍ୟାପକଗଣ ଯତ୍ନବାନ୍ ହେବେ । ସେମାନଙ୍କ ଦୁର୍ଗୁଣ, ଦୁର୍ବ୍ୟସନ ଦୂର କରିବା ତଥା ବିଦ୍ୟା ବୃଦ୍ଧି କରିବା ପାଇଁ ସତତ ଚେଷ୍ଟା କରିବେ । ବିଦ୍ୟାର୍ଥୀଗଣ ବି ସର୍ବଦା ଜିତେନ୍ଦ୍ରିୟ, ଶାନ୍ତ, ଅଧ୍ୟୟନପ୍ରିୟ, ବିଚାରଶୀଳ, ପରିଶ୍ରମୀ ହୋଇ ଏପରି ପୁରୁଷାର୍ଥ କରିବେ ଯଦ୍ୱାରା ପୂର୍ଣ୍ଣ ବିଦ୍ୟା ଓ ପୂର୍ଣ୍ଣ ଆୟୁ ପ୍ରାପ୍ତ କରିବା ସହ ପୂର୍ଣ୍ଣତଃ ଧର୍ମାଚରଣ ଓ ନିରନ୍ତର ପୁରୁଷାର୍ଥ କରିବାରେ ସମର୍ଥ ହେବେ । ଏସବୁ ବ୍ରାହ୍ମଣ ବର୍ଣ୍ଣସ୍ଥ ବ୍ୟକ୍ତିଙ୍କ କାର୍ଯ୍ୟ ।

କ୍ଷତ୍ରିୟମାନଙ୍କ କର୍ମ ରାଜଧର୍ମ ଅଧ୍ୟାୟରେ (ଷଷ୍ଠ ସମୁଲ୍ଲାସରେ) କୁହାଯିବ ।

ବୈଶ୍ୟମାନେ ବ୍ରହ୍ମଚର୍ଯ୍ୟ ଆଶ୍ରମରେ ବେଦାଦି ଶାସ୍ତ୍ର ଅଧ୍ୟୟନ କରିବା ପରେ ବିବାହ କରିବେ । ବିଭିନ୍ନ ଦେଶୀୟ ଭାଷା ଶିଖିବେ; ବିଭିନ୍ନ ପ୍ରକାର ବ୍ୟାପାରିକ କୌଶଳ ଶିକ୍ଷା କରିବେ; ପଦାର୍ଥମାନଙ୍କର ପ୍ରଚଳିତ ମୂଲ୍ୟ ବୁଝି କ୍ରୟ-ବିକ୍ରୟ କରିବେ; ବାଣିଜ୍ୟ ନିମନ୍ତେ ଦ୍ୱୀପ-ଦ୍ୱୀପାନ୍ତରକୁ ଗମନାଗମନ କରିବେ; ଲାଭଜନକ ବ୍ୟବସାୟରେ ପ୍ରବୃତ୍ତ ହେବେ; ପଶୁପାଳନ ଓ କୃଷିର ଉନ୍ନତି ବୁଦ୍ଧିପୂର୍ବକ କରିବେ-କରାଇବେ । **ବାଣିଜ୍ୟାଦି ଦ୍ୱାରା ଧନ ବୃଦ୍ଧି କରିବା ସହ ଏ ଧନକୁ ବିଦ୍ୟା ଓ ଧର୍ମର ଉନ୍ନତି ସାଧନରେ ବ୍ୟୟ କରିବେ ।** ସତ୍ୟବାଦୀ ଓ ନିଷ୍କପଟ ହୋଇ ସତ୍ୟର ଆଶ୍ରୟରେ ବ୍ୟାପାର କରିବେ । ସମସ୍ତ ପଦାର୍ଥର ଏପରି ସୁରକ୍ଷା କରିବେ ଯେପରିକି କୌଣସି ପଦାର୍ଥ ଆଦୌ ନଷ୍ଟ ନ ହେବ ।

ଶୂଦ୍ରମାନେ ସକଳ ପ୍ରକାର ଶାରୀରିକ ସେବାରେ କୁଶଳ, ପାକବିଦ୍ୟାରେ ନିପୁଣ ହେବେ । ଅତି ଶ୍ରଦ୍ଧାରେ ଦ୍ୱିଜମାନଙ୍କ ସେବା କରିବେ ଓ ତଦ୍ଦ୍ୱାରା ନିଜ ଜୀବିକା ଅର୍ଜନ କରିବେ । ଦ୍ୱିଜମାନେ ଶୂଦ୍ରମାନଙ୍କ କାର୍ଯ୍ୟର ମୂଲ୍ୟସ୍ୱରୂପ ସେମାନଙ୍କ ଭୋଜନ, ପାନ, ପରିଧାନ, ନିବାସ ଓ ବିବାହାଦିର ସମସ୍ତ ବ୍ୟୟଭାର ବହନ କରିବେ, ନତୁବା ସେମାନଙ୍କୁ ମାସିକ ବେତନ ଦେବେ ।

ଏପରି ଭାବେ ଚାରି ବର୍ଣ୍ଣର ଲୋକେ ନିଜ-ନିଜର କର୍ତ୍ତବ୍ୟ ସମ୍ପାଦନ କରି ପରସ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ସୌଜନ୍ୟ ରକ୍ଷାପୂର୍ବକ ବସବାସ କରିବେ । ସୁଖ-ଦୁଃଖ, ହାନି-ଲାଭରେ ପରସ୍ପର ପ୍ରତି ସହାନୁଭୂତିଶୀଳ ହୋଇ ପରସ୍ପରର ଉପକାର ସାଧନରେ ସଂଲଗ୍ନ ରହିବେ । ରାଜ୍ୟ ଓ ସମାଜର ସର୍ବାଙ୍ଗୀଣ ଉନ୍ନତି ସାଧନ ନିମନ୍ତେ ସମସ୍ତେ ଏକମନ, ଏକପ୍ରାଣ ହୋଇ ଶାରୀରିକ, ମାନସିକ ଓ ଆର୍ଥିକ ସହଯୋଗ କରିବେ ।

ଗୃହସ୍ଥ ଜୀବନରେ ପତି ଓ ପତ୍ନୀଙ୍କ ମଧ୍ୟରେ ବିଚ୍ଛେଦ ଅର୍ଥାତ୍ ଦୂର-ଦୂରରେ ଅବସ୍ଥାନାଦି କେବେ ବି ହେବା ଉଚିତ ନୁହେଁ । କାରଣ —

ପାନଂ ଦୁର୍ଜନସଂସର୍ଗଃ ପତ୍ୟା ଚ ବିରହୋଽଟନମ୍ ।
ସ୍ୱପ୍ନୋଽନ୍ୟଗେହବାସଶ୍ଚ ନାରୀସନ୍ଦୂଷଣାନି ଷଟ୍ ॥ (ମନୁ. ୯:୧୩)

ମଦ୍ୟ, ଭାଙ୍ଗ ଆଦି ମାଦକ ଦ୍ରବ୍ୟ ସେବନ; ଦୁର୍ଜନଙ୍କ ସଙ୍ଗ; ପତିଙ୍କ ବିଚ୍ଛେଦ; ଏକାକିନୀ ଭଣ୍ଡ ବାବା-ମାତା, ପାଖଣ୍ଡୀ ଆଦିଙ୍କ ଦର୍ଶନ କାମନାରେ ଇତସ୍ତତଃ ତଥାକଥିତ ତୀର୍ଥାଦି ବୃଥା ଭ୍ରମଣ; ପରଗୃହରେ ଶୟନ ଓ ଅନ୍ୟ ଗୃହରେ ବାସ - ଏ ଛଅଟି ନାରୀକୁ ଦୂଷିତକାରୀ କାର୍ଯ୍ୟ ଅଟେ । ଏ ସବୁ କାର୍ଯ୍ୟ ପୁରୁଷ ପକ୍ଷେ ବି ଦୋଷାବହ ଅଟେ ।

ପତି-ପତ୍ନୀଙ୍କ ମଧ୍ୟରେ ଦୁଇଟି ସ୍ଥିତିରେ ବିଚ୍ଛେଦ ଘଟିଥାଏ । ପ୍ରଥମ- କାର୍ଯ୍ୟବଶତଃ ଦେଶାନ୍ତର ଯିବା ଓ ଦ୍ୱିତୀୟ- ଉଭୟଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହେବା । ପ୍ରଥମ ବିଚ୍ଛେଦର ପ୍ରତିକାର ଉପାୟ ହେଲା, ଦୂର ଦେଶକୁ ଦୀର୍ଘ ଦିନ ପାଇଁ ଯାତ୍ରା କଲେ ସ୍ତ୍ରୀକୁ ବି ସାଙ୍ଗରେ ନେଇଯିବା ଉଚିତ । କାରଣ ପତି-ପତ୍ନୀଙ୍କ ମଧ୍ୟରେ ଦୀର୍ଘକାଳୀନ ବିଚ୍ଛେଦ ଅନୁଚିତ ।

ପୁନର୍ବିବାହ ବିଚାର

ପ୍ରଶ୍ନ — କୌଣସି ନାରୀ ବା ପୁରୁଷ ବହୁ ବିବାହ କରିବା ଉଚିତ ନା ନୁହେଁ ?

ଉତ୍ତର — ଯୁଗପତ୍ ଅର୍ଥାତ୍ ଏକସମୟରେ ବହୁ ବିବାହ କରିବା ଅନୁଚିତ ।

ପ୍ରଶ୍ନ — ତେବେ କ'ଣ ସମୟାନ୍ତରରେ ବହୁ ବିବାହ କରିବା ଉଚିତ ?

ଉତ୍ତର — ହଁ । ଯଥା -

ୟା ସ୍ତ୍ରୀ ତ୍ୱକ୍ଷତୟୋନିଃ ସ୍ୟାଦ୍ ଗତପ୍ରତ୍ୟାଗତାପି ବା ।
ପୌନର୍ଭବେନ ଭର୍ତ୍ତ୍ରା ସା ପୁନଃ ସଂସ୍କାରମର୍ହତି ॥ (ମନୁ. ୯:୧୭୬)

ଯେଉଁ ନାରୀ ବା ପୁରୁଷର କେବଳ ପାଣିଗ୍ରହଣ ସଂସ୍କାର ସଂପନ୍ନ ହୋଇଥିବ; କିନ୍ତୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପାରସ୍ପରିକ ସଂଯୋଗ ହୋଇ ନ ଥିବ, ଅର୍ଥାତ୍ ନାରୀ ଅକ୍ଷତଯୋନି ଓ ପୁରୁଷ ଅକ୍ଷତବୀର୍ଯ୍ୟ ଥିବେ, ସେହି ନାରୀ ଓ ପୁରୁଷଙ୍କର ଯଥାକ୍ରମେ ଅନ୍ୟ ପୁରୁଷ ଓ ନାରୀ ସହ ପୁନର୍ବିବାହ ହୋଇପାରିବ । ଶୂଦ୍ର ବର୍ଣ୍ଣରେ ତ କୌଣସି ସ୍ଥିତିରେ ବି ପୁନର୍ବିବାହ ହୋଇପାରିବ । କିନ୍ତୁ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବର୍ଣ୍ଣରେ କ୍ଷତଯୋନି ସ୍ତ୍ରୀ ବା କ୍ଷତବୀର୍ଯ୍ୟ ପୁରୁଷର ପୁନର୍ବିବାହ ନ ହେବା ଉଚିତ ।

ପ୍ରଶ୍ନ — ପୁନର୍ବିବାହରେ ଦୋଷ କ'ଣ ?

ଉତ୍ତର — ପୁନର୍ବିବାହରେ ଅନେକ ଦୋଷ ଅଛି । ଯଥା -

୧. ପୁନର୍ବିବାହର ବ୍ୟବସ୍ଥା ବା ସୁବିଧା ରହିଲେ ପତି-ପତ୍ନୀଙ୍କ ମଧ୍ୟରେ ପ୍ରେମ ନ୍ୟୂନ ରହେ । ଯେହେତୁ କି କୌଣସି ବି ବିବାହିତ ସ୍ତ୍ରୀ ବା ପୁରୁଷ ଯେତେବେଳେ ଇଚ୍ଛା ସେତେବେଳେ ନିଜର ପତି ବା ପତ୍ନୀକୁ ତ୍ୟାଗ କରି ଅନ୍ୟ କୌଣସି ପୁରୁଷ ବା ସ୍ତ୍ରୀକୁ ପତି-ପତ୍ନୀ ରୂପେ ଗ୍ରହଣ କରିପାରିବ ।

୨. ପତି-ପତ୍ନୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଲେ ଅନ୍ୟ ଜଣେ ଯଦି ପୁନର୍ବିବାହ କରେ ତେବେ ମୃତ ବ୍ୟକ୍ତିର (ଦିବଙ୍ଗତ ପତ୍ନୀ ବା ପତିର) ସମ୍ପତ୍ତିକୁ ହସ୍ତଗତ କରିନେବାକୁ ସେ ଚାହିଁବ । ତଦ୍ୱାରା ସେହି ମୃତ ବ୍ୟକ୍ତିର ପରିବାର ଲୋକଙ୍କ ସହ ତା'ର ଅଯଥା କଳହ ସୃଷ୍ଟି ହେବ ।

୩. ଅନେକ ପ୍ରତିଷ୍ଠିତ କୁଳର ନାମ ଲୋପ ପାଇଯାଏ, ଅସ୍ତିତ୍ୱର ଚିହ୍ନବର୍ଣ୍ଣ ବି ରହେ ନାହିଁ, ଧନ-ସମ୍ପଦ ନଷ୍ଟ-ଭ୍ରଷ୍ଟ ହୋଇଯାଏ ।

୪. ପାତିବ୍ରତ୍ୟ ଓ ପତ୍ନୀବ୍ରତ ଧର୍ମ ନଷ୍ଟ ହୋଇଯାଏ ।

ଏଭଳି ଅନେକ ପ୍ରକାର ଦୋଷ କାରଣରୁ ଦ୍ୱିଜମାନେ ପୁନର୍ବିବାହ ନ କରିବା ଉଚିତ । ବହୁ ବିବାହ କେବେ ବି କରିବା ଉଚିତ ନୁହେଁ ।

ପ୍ରଶ୍ନ — ଯଦି ବଂଶରେ ସନ୍ତାନ ନ ଥାନ୍ତି ତେବେ ପୁନର୍ବିବାହ ନ କଲେ ବଂଶ ଲୋପ ପାଇଯିବ । ତା'ଛଡ଼ା ପୁନର୍ବିବାହ ବ୍ୟବସ୍ଥା ନ ରହିଲେ ବିଧବା ଓ ବିଧୁରମାନେ ବ୍ୟଭିଚାରାଦି କର୍ମ କରି ଗର୍ଭପାତ ଭଳି ବହୁ ଦୁଷ୍କର୍ମ କରିବେ । ଏଣୁ ପୁନର୍ବିବାହ ବ୍ୟବସ୍ଥା ରହିବା ଭଲ ।

ଉତ୍ତର — ବଂଶପରମ୍ପରା ରକ୍ଷା ପାଇଁ ନିଜ ବର୍ଣ୍ଣର କୌଣସି ସନ୍ତାନକୁ ପୋଷ୍ୟସନ୍ତାନ ରୂପେ ଗ୍ରହଣ କଲେ ବଂଶ ରକ୍ଷା ହୋଇଯିବ । ଯଦି ବିଧବା ସ୍ତ୍ରୀ ଓ ବିଧୁର ପୁରୁଷମାନେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ଚାହାଁନ୍ତି ତେବେ ତ ବ୍ୟଭିଚାରାଦି କୌଣସି ନିନ୍ଦନୀୟ କର୍ମର ସମସ୍ୟା ନାହିଁ । ଯେଉଁମାନେ ପୂର୍ଣ୍ଣତଃ ବ୍ରହ୍ମଚର୍ଯ୍ୟରେ ରହିପାରିବେ ନାହିଁ ସେମାନେ ନିୟୋଗ ପଦ୍ଧତିରେ ସନ୍ତାନୋତ୍ପନ୍ନ କରିବେ ।

ନିୟୋଗ

ପ୍ରଶ୍ନ — ପୁନର୍ବିବାହ ଓ ନିୟୋଗ ମଧ୍ୟରେ ପ୍ରଭେଦ କ'ଣ ?

ଉତ୍ତର — ୧. ବିବାହରେ କନ୍ୟା ନିଜ ପିତୃଗୃହ ପରିତ୍ୟାଗ କରି ପତିଗୃହକୁ ଯାଏ ଏବଂ ପିତୃଗୃହ ସହ ବିଶେଷ ସମ୍ବନ୍ଧ ରଖେ ନାହିଁ । କିନ୍ତୁ ନିୟୋଗରେ ବିଧବା ସ୍ତ୍ରୀ ସେହି ପୂର୍ବରୁ ବିବାହିତ(ବର୍ତ୍ତମାନ ମୃତ) ପତିଙ୍କ ଗୃହରେ ହିଁ ଅବସ୍ଥାନ କରି ନିୟୋଗ ଦ୍ୱାରା ସନ୍ତାନ ଜନ୍ମ କରେ ।

୨. ବିବାହରେ ବିବାହିତା ସ୍ତ୍ରୀର ସନ୍ତାନମାନେ ସେହି ବିବାହିତ ସ୍ୱାମୀଙ୍କ ଉତ୍ତରାଧିକାରୀ ହୋଇଥାନ୍ତି । କିନ୍ତୁ ନିୟୋଗରେ ବିଧବା ସ୍ତ୍ରୀର ସନ୍ତାନମାନେ ବୀର୍ଯ୍ୟଦାତାଙ୍କ ସନ୍ତାନ ରୂପେ ପରିଗଣିତ ହୋଇନଥାନ୍ତି, ବୀର୍ଯ୍ୟଦାତାଙ୍କ ଗୋତ୍ରର ଅନ୍ତର୍ଗତ ହୋଇ ନ ଥାନ୍ତି କି ସେହି ସନ୍ତାନଙ୍କ ଉପରେ ତାଙ୍କର ଅଧିକାର ନ ଥାଏ । ସେହି ସନ୍ତାନମାନେ ବିଧବା ସ୍ତ୍ରୀର ମୃତ ସ୍ୱାମୀଙ୍କ ସନ୍ତାନ ରୂପେ ପରିଗଣିତ ହୋଇଥାନ୍ତି, ତାଙ୍କରି ଗୋତ୍ରର ଅନ୍ତର୍ଗତ ହୋଇଥାନ୍ତି ଓ ତାଙ୍କରି ସମ୍ପତ୍ତିର ଉତ୍ତରାଧିକାରୀ ହୋଇ ସେହି ଗୃହରେ ଅବସ୍ଥାନ କରନ୍ତି ।

୩. ପରସ୍ପରର ସେବା-ଶୁଶ୍ରୂଷା ଓ ପାଳନ-ପୋଷଣ ବିବାହିତ ସ୍ତ୍ରୀ-ପୁରୁଷଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହୋଇଥାଏ । କିନ୍ତୁ ନିୟୋଗ ପଦ୍ଧତିରେ ସଂଯୁକ୍ତ ସ୍ତ୍ରୀ-ପୁରୁଷଙ୍କ କ୍ଷେତ୍ରରେ ଏପରି ସମ୍ବନ୍ଧ ନ ଥାଏ ।

୪. ବିବାହିତ ସ୍ତ୍ରୀ-ପୁରୁଷଙ୍କ ପାରସ୍ପରିକ ସମ୍ବନ୍ଧ ମରଣ ପର୍ଯ୍ୟନ୍ତ ରହେ । କିନ୍ତୁ ନିଯୁକ୍ତ ସ୍ତ୍ରୀ-ପୁରୁଷଙ୍କ ସମ୍ବନ୍ଧ ସନ୍ତାନ ଗର୍ଭସ୍ଥ ହେବା ପରେ ଛିନ୍ନ ହୋଇଯାଏ ।

୫. ବିବାହିତ ସ୍ତ୍ରୀ-ପୁରୁଷ ପରସ୍ପର ମିଶି ନିଜ ଗୃହକର୍ମ ସମ୍ପାଦନ କରିଥାନ୍ତି । କିନ୍ତୁ ନିଯୁକ୍ତ ସ୍ତ୍ରୀ-ପୁରୁଷ ଉଭୟେ ଅଲଗା-ଅଲଗା ନିଜ-ନିଜର ଗୃହର କାର୍ଯ୍ୟ କରନ୍ତି ।

ପ୍ରଶ୍ନ — ବିବାହ ଓ ନିୟୋଗ ଏ ଉଭୟର ନିୟମ ଏକା ଭଳି ନା ଭିନ୍ନ ଧରଣର ?

ଉତ୍ତର — ଉଭୟ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି । ପୂର୍ବୋକ୍ତ ପୁନର୍ବିବାହ ଓ ନିୟୋଗ ପ୍ରସଙ୍ଗର ଆଲୋଚନାରେ ବିବାହ ସ୍ଥିତି ଓ ନିୟୋଗର ସ୍ଥିତି ମଧ୍ୟରେ ଥିବା କିଛି ପ୍ରଭେଦ ଦର୍ଶାଯାଇଛି । ତା' ସାଙ୍ଗକୁ ବିବାହ ଓ ନିୟୋଗ ମଧ୍ୟରେ ଥିବା ଆଉ କିଛି ପାର୍ଥକ୍ୟ ହେଲା —

୧. ଗୋଟିଏ ବିବାହିତ ସ୍ତ୍ରୀ-ପୁରୁଷ(ଦମ୍ପତୀ) ପାରସ୍ପରିକ ସମ୍ବନ୍ଧରେ ସର୍ବାଧିକ ଦଶଟି ପର୍ଯ୍ୟନ୍ତ ସନ୍ତାନ ଜନ୍ମ କରିପାରିବେ । କିନ୍ତୁ ଗୋଟିଏ ଯୋଡ଼ା ନିଯୁକ୍ତ ସ୍ତ୍ରୀ-ପୁରୁଷ ଦୁଇ ବା ଚାରିଟିରୁ ଅଧିକ ସନ୍ତାନ ଉତ୍ପନ୍ନ କରିପାରିବେ ନାହିଁ ।

୨. କୁମାର-କୁମାରୀଙ୍କ ପାଇଁ ଯେପରି ବିବାହ ବିଧାନ ଅଛି, ସେହିପରି ବିଧବା ଓ ବିପତ୍ନୀକଙ୍କ ନିମନ୍ତେ ହିଁ ନିୟୋଗ ପଦ୍ଧତିର ବ୍ୟବସ୍ଥା ଅଛି । କୁମାର-କୁମାରୀଙ୍କ ପାଇଁ ନିୟୋଗର ବ୍ୟବସ୍ଥା ନାହିଁ ।

୩. ବିବାହିତ ପତି-ପତ୍ନୀ ସର୍ବଦା ଏକତ୍ର ବାସ କରନ୍ତି; କିନ୍ତୁ ନିଯୁକ୍ତ ସ୍ତ୍ରୀ-ପୁରୁଷଙ୍କ କ୍ଷେତ୍ରରେ ବ୍ୟବସ୍ଥା ସେପରି ନୁହେଁ । ସନ୍ତାନ ନିମନ୍ତେ ଋତୁଦାନ କାଳରେ ହିଁ ସେମାନେ ଏକତ୍ର ବାସ କରନ୍ତି । ଯଦି ସ୍ତ୍ରୀ ନିଜ ପାଇଁ ସନ୍ତାନ କାମନାରେ ନିୟୋଗ କରେ, ତେବେ ଦ୍ୱିତୀୟ ସନ୍ତାନ ଗର୍ଭସ୍ଥ ହେବା ପରଦିନଠାରୁ ନିଯୁକ୍ତ ପୁରୁଷ ସହ ତା'ର ସମ୍ବନ୍ଧ ବିଚ୍ଛିନ୍ନ ହୋଇଯାଏ । ସେହିପରି ଯଦି ପୁରୁଷ ନିଜର ସନ୍ତାନ ପ୍ରାପ୍ତି ପାଇଁ ନିୟୋଗ କରେ, ତେବେ ବି ଦ୍ୱିତୀୟ ଗର୍ଭ ସ୍ଥିତ ରହିବା ପରେ ସେହି ନିଯୁକ୍ତା ସ୍ତ୍ରୀଠାରୁ ତା'ର ସମ୍ପର୍କ ତୁଟିଯାଏ । କିନ୍ତୁ ଏ କ୍ଷେତ୍ରରେ ସେହି

ନିଯୁକ୍ତା ସ୍ତ୍ରୀ ୨-୩ ବର୍ଷ ପର୍ଯ୍ୟନ୍ତ ସେ ସନ୍ତାନମାନଙ୍କୁ ପାଳନ କରି ତା'ପରେ ସେମାନଙ୍କୁ ନିଯୁକ୍ତ ପୁରୁଷକୁ ଅର୍ପଣ କରିଦିଏ । ଆବଶ୍ୟକ ସ୍ଥଳେ ଜଣେ ବିଧବା ସ୍ତ୍ରୀ ନିଜ ପାଇଁ ଦୁଇଟି ଏବଂ ଅନ୍ୟ ଚାରିଜଣ ନିଯୁକ୍ତ ପୁରୁଷଙ୍କ ପାଇଁ ଦୁଇଟି ଲେଖାଏଁ କରି ଆଠଟି, ଏପରି ଭାବେ ସର୍ବାଧିକ ମୋଟ ଦଶଟି ପର୍ଯ୍ୟନ୍ତ ସନ୍ତାନ ଉତ୍ପନ୍ନ କରିପାରିବେ । ସେହିପରି ଜଣେ ବିପତ୍ନୀକ ପୁରୁଷ ମଧ୍ୟ ଆବଶ୍ୟକ ହେଲେ ନିଜ ପାଇଁ ଦୁଇଟି ଏବଂ ଅନ୍ୟ ଚାରିଜଣ ନିଯୁକ୍ତା ବିଧବାଙ୍କ ପାଇଁ ଦୁଇଟି ଲେଖାଏଁ କରି ଆଠଟି, ଏପରି ଭାବେ ସର୍ବାଧିକ ମୋଟ ଦଶଟି ପର୍ଯ୍ୟନ୍ତ ସନ୍ତାନ ଜନ୍ମ ଦେଇପାରିବେ । ବେଦରେ ଜଣେ ବ୍ୟକ୍ତି (ସ୍ତ୍ରୀ / ପୁରୁଷ)କୁ ସର୍ବାଧିକ ଦଶଟି ପର୍ଯ୍ୟନ୍ତ ସନ୍ତାନ ଉତ୍ପନ୍ନରେ ସ୍ୱ-ଯୋଗଦାନ ପାଇଁ ହିଁ ଅନୁମତି ଦିଆଯାଇଛି । ଯଥା –

ଇମାଂ ତ୍ୱମିନ୍ଦ୍ର ମୀଢ୍ୱଃ ସୁପୁତ୍ରାଂ ସୁଭଗାଂ କୃଣୁ ।
ଦଶାସ୍ୟାଂ ପୁତ୍ରାନା ଧେହି ପତିମେକାଦଶଂ କୃଧି ॥ (ଋକ୍. ୧୦:୮୫:୪୫)

ହେ **(ମୀଢ୍ୱଃ, ଇନ୍ଦ୍ର.)** ବୀର୍ଯ୍ୟ ସେଚନରେ ସମର୍ଥ, ଐଶ୍ୱର୍ଯ୍ୟଶାଳୀ ପୁରୁଷ ! ତୁମେ ତୁମର ଏହି ବିବାହିତା ସ୍ତ୍ରୀକୁ କିମ୍ବା ନିଯୁକ୍ତା ସ୍ତ୍ରୀମାନଙ୍କୁ ଉତ୍ତମ ସନ୍ତାନ ଓ ସୌଭାଗ୍ୟରେ ସଂଯୁକ୍ତ କର । ତୁମର ଏହି ବିବାହିତା ସ୍ତ୍ରୀଠାରୁ ଦଶ ବାସନା ଓ ସନ୍ତାନୋତ୍ପତ୍ତିର ଇଚ୍ଛା ବିଦ୍ୟମାନ ଥାଏ । ଯଦି ରାଜକୀୟ ବା ସାମାଜିକ ନିୟମ ଦ୍ୱାରା ସେମାନଙ୍କର ଏହି ସ୍ୱାଭାବିକ ପ୍ରବୃତ୍ତିକୁ ଅବରୋଧ କରିବାର ପ୍ରୟାସ କରାଯାଏ, ତେବେ ସେ ପ୍ରବୃତ୍ତି ଦ୍ୱାରା ଗୋପନରେ ବହୁ କୁକର୍ମ ସଂଘଟିତ ହୋଇଥାଏ । ସମାଜରେ ଏହି ଗୁପ୍ତ ପ୍ରଣୟ ଓ କୁକର୍ମକୁ ରୋକିବାର ଏହା ହିଁ ଏକ ଶ୍ରେଷ୍ଠ ଉପାୟ ଯେ ବିବାହ ଓ ନିୟୋଗ । ଅବଶ୍ୟ ଯେଉଁମାନେ ଜିତେନ୍ଦ୍ରିୟ ରହିପାରନ୍ତି ସେମାନଙ୍କ ପାଇଁ ବିବାହ କି ନିୟୋଗର କୌଣସି ଆବଶ୍ୟକତା ନାହିଁ । କିନ୍ତୁ ଯେଉଁମାନେ ଜିତେନ୍ଦ୍ରିୟ ନୁହଁନ୍ତି, ସେମାନଙ୍କ ପାଇଁ ବିବାହ ଓ ଆପତ୍ କାଳରେ ନିୟୋଗ ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ସମାଜରେ ବ୍ୟଭିଚାର ନ୍ୟୂନ ହୁଏ, ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ପ୍ରୀତି ବଢ଼େ, ତଦ୍ୱାରା ଉତ୍ତମ ସନ୍ତାନ ଉତ୍ପନ୍ନ ହୋଇ ମନୁଷ୍ୟ ଜାତିର ଅଭିବୃଦ୍ଧି ହୁଏ ଏବଂ ଗର୍ଭପାତ-ଭ୍ରୂଣହତ୍ୟା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ । ବିବାହ ଓ ଆପତ୍ କାଳରେ ନିୟୋଗ ପ୍ରଥା ରହିବା ଦ୍ୱାରା ନୀଚ ପୁରୁଷଙ୍କ ସହ ଉଚ୍ଚ କୁଳର ସ୍ତ୍ରୀ ଏବଂ ବେଶ୍ୟାଦି ନୀଚ ସ୍ତ୍ରୀଙ୍କ ସହ ଉଚ୍ଚ କୁଳର ପୁରୁଷଙ୍କ ବ୍ୟଭିଚାର ରୂପକ କୁକର୍ମ, ଉତ୍ତମ କୁଳରେ କଳଙ୍କ, ବଂଶଲୋପ, ସ୍ତ୍ରୀ-ପୁରଷଙ୍କ ବିରହ ସନ୍ତାପ ଏବଂ ଗର୍ଭପାତ ଆଦି କୁକର୍ମର ନିବୃତ୍ତି ହୋଇଥାଏ । ଏଣୁ ନିୟୋଗ ପ୍ରଥା ରହିବା ଆବଶ୍ୟକ ।

ପ୍ରଶ୍ନ — ନିୟୋଗ ନିମନ୍ତେ କ'ଣ କ'ଣ କାର୍ଯ୍ୟ ହେବା ଉଚିତ ?

ଉତ୍ତର — ଯେଉଁପରି ସମସ୍ତଙ୍କ ଜ୍ଞାତସାରରେ ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ସେହିପରି ନିୟୋଗ ମଧ୍ୟ ସମସ୍ତଙ୍କ ଜ୍ଞାତସାରରେ ହେବା ଉଚିତ । ବିବାହ ନିମନ୍ତେ ଯେପରି ବର-କନ୍ୟାଙ୍କ ପାରସ୍ପରିକ ସ୍ୱୀକୃତି, ପ୍ରସନ୍ନତା ତଥା ସମାଜର ଭଦ୍ରବ୍ୟକ୍ତି, ମୁରବିମାନଙ୍କ ଅନୁମତି ଆବଶ୍ୟକ ହୋଇଥାଏ, ସେହିପରି ନିୟୋଗ ପାଇଁ ମଧ୍ୟ ନିଯୁକ୍ତ ହେବାକୁ ଥିବା ସ୍ତ୍ରୀ-ପୁରୁଷଙ୍କ ସ୍ୱୀକୃତି, ପ୍ରସନ୍ନତା ଓ ଉଭୟ ପକ୍ଷ କୁଟୁମ୍ବଙ୍କ ଅନୁମତି ଆବଶ୍ୟକ ପଡ଼ିଥାଏ । ଯେତେବେଳେ ନିୟୋଗ ନିମନ୍ତେ ସ୍ତ୍ରୀ-ପୁରୁଷ ସମ୍ମତ ହୁଅନ୍ତି, ସେତେବେଳେ କୁଟୁମ୍ବ ଓ ସମାଜର ଭଦ୍ରଲୋକଙ୍କ ଆଗରେ ଏହି ପ୍ରତିଜ୍ଞା କରନ୍ତି ଯେ – 'ଆମେ ଦୁହେଁ ସନ୍ତାନ ପ୍ରାପ୍ତି ପାଇଁ ନିୟୋଗ କରିବାକୁ ଚାହୁଁଛୁ । ନିୟୋଗର ନିୟମ ପୂର୍ଣ୍ଣ ହେବା ପରେ ଆଉ ସହବାସ କରିବୁ ନାହିଁ । ଯଦି ଏହାର ବିରୋଧାଚରଣ କରୁ ତେବେ

ପାପଭାଗୀ ହେବୁ ତଥା ସାମାଜିକ ଓ ରାଜକୀୟ ନିୟମାନୁସାରେ ଦଣ୍ଡନୀୟ ହେବୁ । ଗର୍ଭ ସ୍ଥିର ହେବା ପର୍ଯ୍ୟନ୍ତ ମାସରେ ଥରେ ମାତ୍ର ଗର୍ଭାଧାନ କର୍ମ କରିବୁ ଏବଂ ପ୍ରଥମ ଗର୍ଭ ସ୍ଥିତି ପରେ ଆଉ ସନ୍ତାନର କାମନା ନଥିଲେ ପୂର୍ଣ୍ଣତଃ ପୃଥକ୍ ହୋଇଯିବୁ । ଆଉ ଦ୍ୱିତୀୟ ସନ୍ତାନ ଆବଶ୍ୟକ ଥିଲେ ଏକବର୍ଷ ପର୍ଯ୍ୟନ୍ତ ପୃଥକ୍ ରହିବୁ । ତତ୍‌ପରେ ଦ୍ୱିତୀୟ ଗର୍ଭ ସ୍ଥିର ହେବା ପର୍ଯ୍ୟନ୍ତ ମାସରେ ଥରେ ସଂଯୁକ୍ତ ହେବୁ ତଥା ଦ୍ୱିତୀୟ ସନ୍ତାନ ଗର୍ଭସ୍ଥ ହେଲେ ପୂର୍ଣ୍ଣତଃ ପୃଥକ୍ ହୋଇଯିବୁ ।'

ପ୍ରଶ୍ନ — ନିୟୋଗ ନିଜ ବର୍ଣ୍ଣ ମଧ୍ୟରେ ହିଁ ହେବା ଉଚିତ ନା ଅନ୍ୟ ବର୍ଣ୍ଣ ସହ ବି କରାଯାଇପାରେ ?

ଉତ୍ତର — କୌଣସି ସ୍ତ୍ରୀର ନିୟୋଗ ତା'ର ନିଜ ବର୍ଣ୍ଣର ବା ତା'ଠୁ ଉତ୍ତମ ବର୍ଣ୍ଣର ପୁରୁଷ ସହ ହୋଇପାରିବ । ଅର୍ଥାତ୍ ବୈଶ୍ୟ ବର୍ଣ୍ଣର ସ୍ତ୍ରୀ ବୈଶ୍ୟ, କ୍ଷତ୍ରିୟ କିମ୍ବା ବ୍ରାହ୍ମଣ ବର୍ଣ୍ଣର ପୁରୁଷ ସହ; କ୍ଷତ୍ରିୟ ନାରୀ କ୍ଷତ୍ରିୟ ବା ବ୍ରାହ୍ମଣ ପୁରୁଷ ସହ ଏବଂ ବ୍ରାହ୍ମଣୀ କେବଳ ବ୍ରାହ୍ମଣ ସହ ନିୟୋଗ କରିପାରିବେ । ଏହାର କାରଣ ଯେ ଉତ୍ତମ ସନ୍ତାନ ପାଇଁ, ସମ ବା ଉତ୍ତମ ବର୍ଣ୍ଣର ବୀର୍ଯ୍ୟ ହେବା ଆବଶ୍ୟକ, ନିଜଠୁ ନିମ୍ନ ବର୍ଣ୍ଣର ହେବା ଅନୁଚିତ । ସୃଷ୍ଟିରେ ନରୀ ଓ ପୁରୁଷ ଉତ୍ପତ୍ତି ହେବାର ଏହା ହିଁ ମୁଖ୍ୟ ଉଦ୍ଦେଶ୍ୟ ଯେ ଧର୍ମପୂର୍ବକ ଅର୍ଥାତ୍ ବେଦୋକ୍ତ ରୀତିରେ ବିବାହ ଓ ଆପତ୍ କାଳରେ ନିୟୋଗ ଦ୍ୱାରା ସନ୍ତାନ ଉତ୍ପନ୍ନ କରିବା ।

ପ୍ରଶ୍ନ — ପୁରୁଷ ନିୟୋଗ କରିବା କ'ଣ ଦରକାର ? କାରଣ ସେ ଚାହିଁଲେ ତ ଦ୍ୱିତୀୟ ଥର ବିବାହ କରିପାରିବ ।

ଉତ୍ତର — ପୁରୁଷ ପାଇଁ ଅଲଗା ଓ ନାରୀ ପାଇଁ ଅଲଗା ନିୟମ ନାହିଁ, ଉଭୟଙ୍କ ପାଇଁ ନିୟମ ଏକା । ପୂର୍ବରୁ ଏ କଥା କୁହାଯାଇଛି ଯେ, ବେଦାଦି ଶାସ୍ତ୍ରଗୁଡ଼ିକରେ ଦ୍ୱିଜ ବର୍ଣ୍ଣସ୍ଥ ସ୍ତ୍ରୀ-ପୁରୁଷମାନେ ଥରେ ମାତ୍ର ବିବାହ କରିବା କଥା କୁହାଯାଇଛି, ଦ୍ୱିତୀୟ ଥର ବିବାହ କଥା କୁହାଯାଇନି । କେବଳ କୁମାର ଓ କୁମାରୀଙ୍କ ମଧ୍ୟରେ ପାରସ୍ପରିକ ବିବାହ ହେବା ନ୍ୟାୟ ଓ ଧର୍ମ ସଙ୍ଗତ । କିନ୍ତୁ ବିଧବା ସ୍ତ୍ରୀ ସହ କୁମାରର କିମ୍ବା କୁମାରୀ ସହ ବିପତ୍ନୀକ ପୁରୁଷର ବିବାହ ଅନ୍ୟାୟ ଓ ଅଧର୍ମ । ଯେପରି କୌଣସି ବିଧବା ସ୍ତ୍ରୀକୁ ବିବାହ କରିବାକୁ କୌଣସି କୁମାର ପୁରୁଷ ଚାହେଁ ନାହିଁ, ସେହିପରି ବିବାହିତ ହୋଇଥିବା ଓ ସ୍ତ୍ରୀ ସମାଗମ କରିଥିବା କୌଣସି ପୁରୁଷ ସହ ବିବାହ କରିବାକୁ କୌଣସି କୁମାରୀ କନ୍ୟା ବି ଇଚ୍ଛା କରିବ ନାହିଁ । ଯେହେତୁ ବିଧୁର ପୁରୁଷକୁ କୌଣସି କୁମାରୀ କନ୍ୟା ଏବଂ ବିଧବା ସ୍ତ୍ରୀକୁ କୌଣସି କୁମାର ପୁରୁଷ ବିବାହ କରିବେ ନାହିଁ, ତେଣୁ ବିଧବା ଓ ବିଧୁରଙ୍କୁ ନିୟୋଗର ଆଶ୍ରୟ ନେବାକୁ ପଡ଼ିବ । ତା' ଛଡ଼ା ଯଥାଯୋଗ୍ୟ ଅର୍ଥାତ୍ ଯେମିତି ସହ ସେମିତିର ସମ୍ବନ୍ଧ ସ୍ଥାପିତ ହେବା ହିଁ ଧର୍ମ ଅଟେ ।

ପ୍ରଶ୍ନ — ବିବାହ ପାଇଁ ବେଦାଦି ଶାସ୍ତ୍ରରେ ଯେପରି ପ୍ରମାଣ ଅଛି, ନିୟୋଗ ପାଇଁ ବେଦାଦି ଶାସ୍ତ୍ରରେ ସେପରି କୌଣସି ପ୍ରମାଣ ଅଛି କି ?

ଉତ୍ତର — ହଁ, ନିୟୋଗ ବିଷୟରେ ବି ବହୁତ ପ୍ରମାଣ ଅଛି । ଦେଖନ୍ତୁ —

କୁହ ସ୍ୱିଦ୍ଦୋଷା କୁହ ବସ୍ତୋରଶ୍ୱିନା କୁହାଭିପିତ୍ୱଂ କରତଃ କୁହୋଷତୁଃ ।
କୋ ବାଂ ଶୟୁତ୍ରା ବିଧବେବ ଦେବରଂ ମର୍ଯ୍ୟଂ ନ ଯୋଷା କୃଣୁତେ ସଧସ୍ଥ ଆ ॥ ୧ ॥

(ଋକ୍. ୧୦:୪୦:୨)

ହେ **(ଅଶ୍ୱିନା)** ସ୍ତ୍ରୀ-ପୁରୁଷ ! ଯେପରି **(ଦେବରං ବିଧବେବ)** ବିଧବା ସ୍ତ୍ରୀ ନିଜ ଦେବର ସହ ଓ **(ଯୋଷା ମର୍ୟଂ ନ)** ବିବାହିତା ସ୍ତ୍ରୀ ନିଜ ପତି ସହିତ **(ସଧସ୍ଥେ)** ସମାନ ସ୍ଥାନ 'ଶଯ୍ୟା'ରେ ମିଳିତ ହୋଇ **(ଆ କୃଣୁତେ)** ବିଧିପୂର୍ବକ ସନ୍ତାନ ଉତ୍ପନ୍ନ କରନ୍ତି, ସେହିପରି ତୁମେ ସ୍ତ୍ରୀ-ପୁରୁଷ ଦୁହେଁ **(କୁହସ୍ୱିଦୋଷା)** କେଉଁଠି ରାତ୍ରିରେ ଓ **(କୁହ ବସ୍ତଃ)** କେଉଁଠି ଦିବସରେ ନିବାସ କରିଥିଲ ? **(କୁହାଭିପିତ୍ୱମ୍)** କେଉଁଠି ଆବଶ୍ୟକ ପଦାର୍ଥ ପ୍ରାପ୍ତ **(କରତଃ)** କଲ ? **(କୁହୋଷତୁଃ)** କେଉଁ ସମୟରେ କେଉଁଠି ବାସ କରୁଥିଲ ? **(କୋ ବାଂ ଶୟୁତ୍ରା)** ତୁମର ଶୟନ ସ୍ଥାନ କେଉଁଠି ? ତୁମେ କିଏ ବା କେଉଁ ଦେଶର ନିବାସୀ ? ଏହି ବେଦ ମନ୍ତ୍ରରୁ ସ୍ପଷ୍ଟ ନିଷ୍କର୍ଷ ବାହାରୁଛି ଯେ ଦେଶ-ବିଦେଶରେ ପତି-ପତ୍ନୀ ସାଙ୍ଗ ହୋଇ ହିଁ ରହିବା ଉଚିତ । ପୁଣି ସଧବା ସ୍ତ୍ରୀ ବିବାହିତ ପତିଙ୍କ ଔରସରୁ ସନ୍ତାନ ଜନ୍ମ ଦେଲା ଭଳି ଆବଶ୍ୟକତା ସ୍ଥଳେ ବିଧବା ସ୍ତ୍ରୀ ନିଯୁକ୍ତ ପତି ଗ୍ରହଣ କରି ସନ୍ତାନ ଉତ୍ପନ୍ନ କରିପାରିବେ ।

ପ୍ରଶ୍ନ — ଯଦି କୌଣସି ବିଧବାର ଦେବର ନଥିବ ଅର୍ଥାତ୍ ତା' ସ୍ୱାମୀର ଛୋଟ ଭାଇ ନ ଥିବ, ତେବେ ସେ ବିଧବା ସ୍ତ୍ରୀ କାହା ସହ ନିୟୋଗ କରିବ ?

ଉତ୍ତର — ବେଦ-ଶାସ୍ତ୍ରର ନିର୍ଦ୍ଦେଶ ଯେ ବିଧବା ସ୍ତ୍ରୀ 'ଦେବର' ସହ ନିୟୋଗ କରିବ । କିନ୍ତୁ ଦେବର ଶବ୍ଦର ଅର୍ଥ ତୁମେ ଯାହା ବୁଝିଛ, ଶାସ୍ତ୍ରର ଆଶୟ ତାହା ନୁହେଁ । 'ଦେବର' ଶବ୍ଦର ଯଥାର୍ଥ ଅର୍ଥ ନିରୁକ୍ତକାର ମହର୍ଷି ଯାସ୍କ କହନ୍ତି —

ଦେବରଃ କସ୍ମାଦ୍ ଦ୍ୱିତୀୟୋ ବର ଉଚ୍ୟତେ । (ନିରୁକ୍ତ. ୩:୧୫)

ବିଧବାର ଦ୍ୱିତୀୟ ବର(ପତି)କୁ 'ଦେବର' କୁହାଯାଏ । ସେ ମୃତ ପ୍ରଥମ ପତିର ବଡ଼ ଭାଇ ହେଉ କି ଛୋଟ ଭାଇ ହେଉ, ଅଥବା ନିଜ ବର୍ଣ୍ଣର କିମ୍ବା ନିଜଠୁଁ ଉତ୍ତମ ବର୍ଣ୍ଣର ଅନ୍ୟ କୌଣସି ପୁରୁଷ ହୋଇଥାଉ । ଅତଃ ବିଧବା ସ୍ତ୍ରୀ ଯାହା ସହ ନିୟୋଗ କରେ ମନ୍ତ୍ରରେ ତାହାକୁ 'ଦେବର' କୁହାଯାଇଛି ।

ଉଦୀର୍ଷ୍ୱ ନାର୍ୟଭି ଜୀବଲୋକଂ ଗତାସୁମେତମୁପ ଶେଷ ଏହି ।
ହସ୍ତଗ୍ରାଭସ୍ୟ ଦିଧିଷୋସ୍ତବେଦଂ ପତ୍ୟୁର୍ଜନିତ୍ୱମଭି ସଂ ବଭୂଥ ॥ ୨ ॥ (ଋକ୍. ୧୦:୧୮:୮)

(ନାରି) ହେ ବିଧବା ! ତୁମେ **(ଏତଂ ଗତାସୁମ୍)** ଏହି ମୃତ ପତିଙ୍କ ଆଶା ପରିତ୍ୟାଗ କରି **(ଶେଷେ, ଅଭିଜୀବଲୋକମ୍)** ଅବଶିଷ୍ଟ ଜୀବିତ ପୁରୁଷଙ୍କ ମଧ୍ୟରୁ କାହାକୁ ପତି ରୂପେ **(ଉପୈହି)** ପ୍ରାପ୍ତ କର । **(ଉଦୀର୍ଷ୍ୱ)** ଏହା ଉତ୍ତମ ରୂପେ ବିଚାର କରି ନିଶ୍ଚୟ କରିନିଅ ଯେ **(ହସ୍ତଗ୍ରାଭସ୍ୟ ଦିଧିଷୋଃ)** ତୁମର ପାଣିଗ୍ରହଣକାରୀ ନିଯୁକ୍ତ ପତିଙ୍କ ପ୍ରୟୋଜନ ନିମନ୍ତେ ଯଦି ନିୟୋଗ ହୁଏ ତେବେ **(ଇଦମ୍)** ଏହି **(ଜନିତ୍ୱମ୍)** ଜନ୍ମ ହେବା ସନ୍ତାନ ସେହି **(ପତ୍ୟୁଃ)** ନିଯୁକ୍ତ ପତିଙ୍କର ହେବ । ଆଉ ଯଦି ତୁମେ ନିଜ ପାଇଁ ନିୟୋଗ କରିବ ତେବେ ଏ ସନ୍ତାନ **(ତବ)** ତୁମର ହେବ । ତୁମେ ଏପରି **(ଅଭି ସଂ ବଭୂଥ)** ଦୃଢ଼ନିଶ୍ଚୟ ଯୁକ୍ତ ହୁଅ ଏବଂ ନିଯୁକ୍ତ ପୁରୁଷ ମଧ୍ୟ ଏହି ନିୟମକୁ ପାଳନ କରନ୍ତୁ ।

ଅଦେବୃଘ୍ନ୍ୟପତିଘ୍ନୀହୈଧି ଶିବା ପଶୁଭ୍ୟଃ ସୁୟମା ସୁବର୍ଚ୍ଚାଃ ।
ପ୍ରଜାବତୀ ବୀରସୂର୍ଦେବୃକାମା ସ୍ୟୋନେମମଗ୍ନିଂ ଗାର୍ହପତ୍ୟଂ ସପର୍ୟ୍ୟା ॥ ୩ ॥

(ଅଥର୍ବ. ୧୪:୨:୧୮)

(ଅପତିଘ୍ନି-ଅଦେବୃଘ୍ନି) ପତି ଓ ଦେବରଙ୍କୁ ଦୁଃଖ ଦେଉ ନଥିବା ହେ ନାରୀ ! ତୁମେ **(ଇହ)** ଏହି ଗୃହସ୍ଥାଶ୍ରମରେ **(ପଶୁଭ୍ୟଃ)** ପଶୁମାନଙ୍କ ପାଇଁ **(ଶିବା)** କଲ୍ୟାଣକାରିଣୀ, **(ସୁୟମା)** ଉତ୍ତମ ରୂପେ ଧର୍ମ-ନିୟମ ପାଳନକାରିଣୀ, **(ସୁବର୍ଚ୍ଚାଃ)** ରୂପ ଓ ସର୍ବଶାସ୍ତ୍ର-ବିଦ୍ୟା ପାରଙ୍ଗତା, **(ପ୍ରଜାବତୀ)** ଉତ୍ତମ ପୁତ୍ର-ପୌତ୍ର ଯୁକ୍ତା, **(ବୀରସୂଃ)** ଶୂର-ବୀର ପ୍ରସବିନୀ, **(ଦେବୃକାମା)** ଦେବର ଅଭିଳାଷିଣୀ, **(ସ୍ୟୋନା)** ସୁଖପ୍ରଦାୟିନୀ, ପତି ବା ଦେବରଙ୍କୁ **(ଏଧି)** ପ୍ରାପ୍ତ କରି **(ଇମମ୍)** ଏହି **(ଗାର୍ହପତ୍ୟମ୍)** ଗୃହସ୍ଥାଶ୍ରମ ସମ୍ବନ୍ଧୀୟ **(ଅଗ୍ନିମ୍)** ଅଗ୍ନିହୋତ୍ରକୁ **(ସପର୍ୟ)** ଆଚରଣ କର ।

ତାମନେନ ବିଧାନେନ ନିଜୋ ବିନ୍ଦେତ ଦେବରଃ । (ମନୁ. ୯:୬୯)

ଯଦି ଅକ୍ଷତଯୋନି ସ୍ତ୍ରୀ ବିଧବା ହୋଇଯାଏ, ତେବେ ସ୍ୱାମୀର ଛୋଟ ଭାଇ ସହ ବି ତା'ର ବିବାହ ହୋଇପାରିବ ।

ପ୍ରଶ୍ନ — ଜଣେ ସ୍ତ୍ରୀ ବା ପୁରୁଷ କେତେ ଥର ନିୟୋଗ କରିପାରିବ ? ସେହି ବିବାହିତ ନିଯୁକ୍ତ ପତିମାନଙ୍କୁ କ'ଣ କୁହାଯାଏ ?

ଉତ୍ତର — ସୋମଃ ପ୍ରଥମୋ ବିବିଦେ ଗନ୍ଧର୍ବୋ ବିବିଦ ଉତ୍ତରଃ ।
ତୃତୀୟୋ ଅଗ୍ନିଷ୍ଟେ ପତିସ୍ତୁରୀୟସ୍ତେ ମନୁଷ୍ୟଜାଃ ॥ (ଋକ୍. ୧୦:୮୫:୪୦)

ହେ ନାରୀ ! **(ତେ)** ତୁମର ଯେଉଁ **(ପ୍ରଥମଃ)** ପ୍ରଥମ ବିବାହିତ **(ପତିଃ)** ପତି ତୁମକୁ **(ବିବିଦେ)** ପ୍ରାପ୍ତ ହୁଅନ୍ତି, **(ସୋମଃ)** ସୁକୁମାରତ୍ୱ ଆଦି ଗୁଣଯୁକ୍ତ ହୋଇଥିବାରୁ ତାଙ୍କ ନାମ **'ସୋମ'** । ନିୟୋଗ ହେବା ଦ୍ୱାରା ଦ୍ୱିତୀୟରେ ଯିଏ ତୁମକୁ **(ବିବିଦେ)** ପ୍ରାପ୍ତ ହୁଅନ୍ତି **(ଗନ୍ଧର୍ବଃ)** ପୂର୍ବରୁ ସେ ଗୋଟିଏ ସ୍ତ୍ରୀ ସହ ସହବାସ କରିଥିବାରୁ ତାଙ୍କ ନାମ **'ଗନ୍ଧର୍ବ'** । ପୁନଶ୍ଚ ନିୟୋଗ ହେଲେ ଯିଏ **(ତୃତୀୟ ଉତ୍ତରଃ)** ତୁମର ତୃତୀୟ ପତି ହୁଅନ୍ତି ସେ **(ଅଗ୍ନିଃ)** ଅତି ଉଷ୍ଣତା ଯୁକ୍ତ ହୋଇଥିବାରୁ **'ଅଗ୍ନି'** ସଂଜ୍ଞକ । ତା'ପରେ ଯେଉଁମାନେ **(ତେ)** ତୁମର **(ତୁରୀୟଃ)** ଚତୁର୍ଥ ଠାରୁ ଏକାଦଶ ପର୍ଯ୍ୟନ୍ତ ନିଯୁକ୍ତ ପତି ହୁଅନ୍ତି ସେମାନେ ସମସ୍ତେ **(ମନୁଷ୍ୟଜାଃ)** **'ମନୁଷ୍ୟ'** ନାମରେ ଅଭିହିତ ହୁଅନ୍ତି ।

ଯେପରି **(ଇମାଂ ତ୍ୱମିନ୍ଦ୍ର...)** ଏହି ମନ୍ତ୍ରାନୁସାରେ ଅତ୍ୟନ୍ତ ଆବଶ୍ୟକତା ସ୍ଥଳେ, ସେଭଳି ଘୋର ଆପତ୍କାଳରେ ଜଣେ ସ୍ତ୍ରୀ ସ୍ୱ ବିବାହିତ ପତିଙ୍କୁ ମିଶାଇ ସର୍ବାଧିକ ଏଗାର ଜଣ ପୁରୁଷଙ୍କ ପର୍ଯ୍ୟନ୍ତ ନିୟୋଗ କରିପାରିବ, ସେହିପରି ଓ ସେଭଳି ଅତ୍ୟାବଶ୍ୟକ ସ୍ଥିତି ହେଲେ ଜଣେ ପୁରୁଷ ମଧ୍ୟ ସ୍ୱ ବିବାହିତା ପତ୍ନୀଙ୍କୁ ମିଶାଇ ଏଗାର ଜଣ ସ୍ତ୍ରୀଙ୍କ ସହ ନିୟୋଗ କରିପାରିବ ।

ପ୍ରଶ୍ନ — ଏହି ମନ୍ତ୍ର**(ଇମାଂ ତ୍ୱମିନ୍ଦ୍ର..)**ର ଏକାଦଶ ଶବ୍ଦର ଅର୍ଥ ନିଜ ବିବାହିତ ପତିଙ୍କ ଔରସରୁ ଉତ୍ପନ୍ନ ଦଶ ପୁତ୍ର ଓ ଏକାଦଶରେ ପତି ବୋଲି କାହିଁକି ଗ୍ରହଣ କରାନଯିବ ?

ଉତ୍ତର — ଯଦି ଏହି କ୍ଷେତ୍ରରେ ଉପରି ଲିଖିତ ମନ୍ତ୍ରରେ ଥିବା ଏକାଦଶ ଶବ୍ଦର ଅର୍ଥ ନିଜର ବିବାହିତ ପତିଙ୍କଠାରୁ ଉତ୍ପନ୍ନ ଦଶ ପୁତ୍ର ଓ ଏକାଦଶରେ ପତି ବୋଲି ଗ୍ରହଣ କରାଯିବ, ତେବେ ଏ ଅର୍ଥର **'ବିଧବେବ ଦେବରମ୍'** (ଋକ୍. ୧୦:୪୦:୨), **'ଦେବରଃ କସ୍ମାଦ୍ ଦ୍ୱିତୀୟୋ ବର ଉଚ୍ୟତେ'** (ନିରୁକ୍ତ. ୩:୧୫), **'ଅଦେବୃଘ୍ନି'** (ଅଥର୍ବ. ୧୪:୨:୧୮) ଏବଂ **'ଗନ୍ଧର୍ବୋ ବିବିଦ ଉତ୍ତରଃ'** (ଋକ୍. ୧୦:୮୫:୪୦) ପ୍ରଭୃତି ବେଦ ପ୍ରମାଣଗୁଡ଼ିକ ସହ

ବିରୋଧ ଦେଖା ଦେବ । କାରଣ ତୁମର କହିବା ଅର୍ଥ ସ୍ୱୀକାର କଲେ ଦ୍ୱିତୀୟ ପତି ବି ପ୍ରାପ୍ତ ହୋଇପାରିବ ନାହିଁ, ତୃତୀୟ କି ଚତୁର୍ଥ ତ ଦୂରର କଥା ।

ଦେବରାଦ୍ୱା ସପିଣ୍ଡାଦ୍ୱା ସ୍ତ୍ରିୟା ସମ୍ୟଙ୍ ନିୟୁକ୍ତୟା ।
ପ୍ରଜେପ୍ସିତାଧିଗନ୍ତବ୍ୟା ସନ୍ତାନସ୍ୟ ପରିକ୍ଷୟେ ॥ ୧ ॥
ଜ୍ୟେଷ୍ଠୋ ଯବୀୟସୋ ଭାର୍ୟ୍ୟାଂ ଯବୀୟାନ୍ବାଗ୍ରଜସ୍ତ୍ରିୟମ୍ ।
ପତିତୌ ଭବତୋ ଗତ୍ୱା ନିୟୁକ୍ତାବପ୍ୟନାପଦି ॥ ॥
ଔରସଃ କ୍ଷେତ୍ରଜଶ୍ଚୈବ.... ॥ ୩ ॥ (ମନୁ. ୯:୫୯,୫୮,୧୫୯)

'ସପିଣ୍ଡ' ଅର୍ଥାତ୍ ସ୍ୱାମୀଙ୍କ ଛଅ ପୁରୁଷ ଭିତରର ଛୋଟ ବା ବଡ଼ ଭାଇ ଅଥବା ସ୍ୱ ବର୍ଣ୍ଣର କିମ୍ବା ନିଜ ଅପେକ୍ଷା ଉତ୍ତମ ବର୍ଣ୍ଣର ପୁରୁଷ ସହ ବିଧବା ସ୍ତ୍ରୀର ନିୟୋଗ ହେବା ଉଚିତ । କିନ୍ତୁ ଏଠାରେ ମନେରଖିବା ଉଚିତ ଯେ **ଯଦି ବିପତ୍ନୀକ ପୁରୁଷ ଓ ବିଧବା ସ୍ତ୍ରୀ ସନ୍ତାନ କାମନା କରୁଥାନ୍ତି, ତେବେ ଯାଇ ନିୟୋଗ ହେବା ଉଚିତ । ଦ୍ୱିତୀୟ କଥା ହେଲା ଯେ ସେମାନଙ୍କର ଯଦି ସମସ୍ତ ସନ୍ତାନ ମୃତ୍ୟୁବରଣ କରିଥିବେ ତେବେ ଯାଇ ନିୟୋଗ କରାଯାଇପାରେ ॥ ୧ ॥**

ଆପତ୍‌କାଳ ନ ଥିବା ସ୍ଥିତିରେ ଅର୍ଥାତ୍ ପ୍ରଥମତଃ ଆଦୌ ସନ୍ତାନ ରହୁଁନଥିବା ସ୍ଥିତିରେ ଯଦି କେହି ନିୟୋଗ କରନ୍ତି ଅଥବା ଦ୍ୱିତୀୟତଃ ବଡ଼ ଭାଇର ସ୍ତ୍ରୀ ସହ ସାନ ଭାଇର କିମ୍ବା ସାନ ଭାଇର ସ୍ତ୍ରୀ ସହ ବଡ଼ ଭାଇର ନିୟୋଗ ହୋଇ ସନ୍ତାନ ଉତ୍ପନ୍ନ ହୋଇସାରିଥିବା ତଥା ସେ ନିଯୁକ୍ତ ହୋଇଥିବା ସ୍ତ୍ରୀ-ପୁରୁଷ ଆଉ ସନ୍ତାନ ରହୁଁ ନଥିବା ସ୍ଥିତିରେ ପୁଣି ଯଦି ସେମାନେ ସହବାସ କରନ୍ତି ତେବେ ସେମାନେ ପତିତ ବୋଲି ପରିଗଣିତ ହୁଅନ୍ତି । ଅର୍ଥାତ୍ ଏକ ନିୟୋଗରେ ଦ୍ୱିତୀୟ ସନ୍ତାନ ଗର୍ଭସ୍ଥ ହେବା ପର୍ଯ୍ୟନ୍ତ ସହବାସ କରାଯାଇପରିବ, କିନ୍ତୁ ତା'ପରେ ସମାଗମ କରିବା ଅନୁଚିତ ॥ ୨ ॥

କିନ୍ତୁ ଯଦି ନିଯୁକ୍ତ ସ୍ତ୍ରୀ ଓ ପୁରୁଷ ଉଭୟଙ୍କ ସନ୍ତାନ ଆବଶ୍ୟକତା ପୂରଣ ସକାଶେ ନିୟୋଗ ହୋଇଥିବ, ତେବେ ପ୍ରତ୍ୟେକଙ୍କ ପାଇଁ ଦୁଇଟି କରି ଉଭୟଙ୍କ ସନ୍ତାନ ଅର୍ଥାତ୍ ଚତୁର୍ଥ ସନ୍ତାନ ଗର୍ଭସ୍ଥ ହେବା ପର୍ଯ୍ୟନ୍ତ ସେ ଦୁହେଁ ସହବାସ କରିପାରିବେ । ଜଣେ ସ୍ତ୍ରୀ ନିଜର ଦୁଇଟି ସନ୍ତାନ ପ୍ରାପ୍ତି ପରେ ଯଦି ଅନ୍ୟ କୌଣସି ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ନିୟୋଗ ପାଇଁ ସମ୍ମତ ହୁଅନ୍ତି, ତେବେ ସେ ଅନ୍ୟ ପତିଙ୍କ ସନ୍ତାନ ପାଇଁ ହିଁ ନିୟୋଗ କରିପାରିବେ, ନିଜ ପାଇଁ ନୁହେଁ । ଏ ଭଳି ଜଣେ ସ୍ତ୍ରୀ ସର୍ବାଧିକ ଦଶ ସନ୍ତାନ ପର୍ଯ୍ୟନ୍ତ ହିଁ ନିୟୋଗ କରିପାରିବେ । ତା' ପରେ ବି ଯଦି ସେ ସ୍ତ୍ରୀ-ପୁରୁଷଙ୍କ ପାରସ୍ପରିକ ସମାଗମ ହୁଏ ତାକୁ ବିଷୟାସକ୍ତି ବୋଲି କୁହାଯାଏ ଓ ସେମାନେ ପତିତ ବୋଲି ବିବେଚିତ ହୁଅନ୍ତି । କେବଳ ନିୟୋଗ କ୍ଷେତ୍ରରେ ହିଁ ନୁହେଁ ବିବାହ କ୍ଷେତ୍ର ପାଇଁ ବି ଏପରି ସଂଯମର ନିୟମ ଅଛି । ଯେଉଁ ବିବାହିତ ସ୍ତ୍ରୀ-ପୁରୁଷ ଦଶମ ଗର୍ଭ ପରେ ବି ସମାଗମ କରନ୍ତି, ସେମାନେ କାମୁକ ରୂପେ ପରିଚିତ ଓ ନିନ୍ଦିତ ହୋଇଥାନ୍ତି । କହିବାର ତାତ୍ପର୍ଯ୍ୟ ହେଲା ଯେ **ବିବାହ ହେଉ କି ନିୟୋଗ ହେଉ ଉଭୟ କର୍ମ ସନ୍ତାନ ପାଇଁ ହିଁ ଉଦ୍ଦିଷ୍ଟ, ପଶୁମାନଙ୍କ ଭଳି କାମକ୍ରୀଡ଼ାରେ ଲିପ୍ତ ରହିବା ପାଇଁ ଏହାର ବିଧାନ କରାଯାଇନାହିଁ ।**

ପ୍ରଶ୍ନ — ସ୍ୱାମୀଙ୍କ ମୃତ୍ୟୁ ପରେ ହିଁ ସ୍ତ୍ରୀ ନିୟୋଗ କରିପାରେ ନା ସ୍ୱାମୀଙ୍କ ଜୀବଦଶାରେ ବି ନିୟୋଗ କରାଯାଏ ?

ଉତ୍ତର — ସ୍ୱାମୀ ଜୀବିତ ଥିବା ଅବସ୍ଥାରେ ମଧ୍ୟ ନିୟୋଗ କରାଯାଇପାରେ । —

ଅନ୍ୟମିଚ୍ଛସ୍ୱ ସୁଭଗେ ପତିଂ ମତ୍ । (ଋକ୍. ୧୦:୧୦:୧୦)

କୌଣସି ସ୍ୱାମୀ ଯଦି ସନ୍ତାନୋତ୍ପତ୍ତି ପାଇଁ ଅସମର୍ଥ ହୁଅନ୍ତି, ତେବେ ସେ ନିଜ ସ୍ତ୍ରୀଙ୍କୁ କହିବେ କି – 'ହେ **(ସୁଭଗେ)** ସୌଭାଗ୍ୟ ଅଭିଳାସିଣୀ ଦେବୀ! ତୁମେ **(ମତ୍)** ମୋଠାରୁ ଆଶା ଛାଡ଼ି **(ଅନ୍ୟମ୍)** ଅନ୍ୟ ପତିଙ୍କୁ **(ଇଚ୍ଛସ୍ୱ)** କାମନା କର । କାରଣ ବର୍ତ୍ତମାନ ଆଉ ମୋ ଦ୍ୱାରା ସନ୍ତାନୋତ୍ପତ୍ତି ସମ୍ଭବ ନୁହେଁ ।' ଏପରି ସ୍ଥିତିରେ ସେ ସ୍ତ୍ରୀ ଅନ୍ୟ ବିପତ୍ନୀକ ସହ ନିୟୋଗ କରି ସନ୍ତାନୋତ୍ପତ୍ତି କରିବେ । କିନ୍ତୁ ବିବାହିତ ପତିଙ୍କ ସେବାରେ ସଦା ତତ୍ପର ରହିବେ, କୌଣସି ଅବହେଳା କରିବେ ନାହିଁ । ସେହିପରି କୌଣସି ସ୍ତ୍ରୀ ମଧ୍ୟ ଯଦି ରୋଗଗ୍ରସ୍ତାଦି ହୋଇ ଗର୍ଭଧାରଣ-ସନ୍ତାନପ୍ରଜନନ କରିବାକୁ ଅସମର୍ଥ ହୁଅନ୍ତି, ତେବେ ନିଜ ସ୍ୱାମୀଙ୍କୁ ଆଜ୍ଞା ଦେବେ କି – 'ହେ ସ୍ୱାମୀ ! ଆପଣ ମୋ ଠାରୁ ସନ୍ତାନୋତ୍ପତ୍ତିର କାମନା ତ୍ୟାଗ କରି କୌଣସି ଅନ୍ୟ ବିଧବା ସ୍ତ୍ରୀ ସହ ନିୟୋଗ କରି ସନ୍ତାନ ଉତ୍ପନ୍ନ କରନ୍ତୁ ।' ପୂର୍ବକାଳରେ ମହାରାଜା ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟଙ୍କ ମୃତ୍ୟୁ ପରେ ବ୍ୟାସଦେବ ନିଜ ଭାଇ ବିଚିତ୍ରବୀର୍ଯ୍ୟଙ୍କ ପତ୍ନୀ ଅମ୍ବିକା ଓ ଅମ୍ବାଳିକାଙ୍କ ସହ ନିୟୋଗ କରି ଯଥାକ୍ରମେ ଧୃତରାଷ୍ଟ୍ର ଓ ପଣ୍ଡୁଙ୍କୁ ଉତ୍ପନ୍ନ କରାଇଥିଲେ ଏବଂ ଦାସୀଙ୍କ ଗର୍ଭରୁ ବିଦୁରଙ୍କୁ ଜାତ କରାଇଥିଲେ । ଆହୁରି ମଧ୍ୟ ମହାରାଜା ପଣ୍ଡୁଙ୍କର ଉଭୟ ସ୍ତ୍ରୀ କୁନ୍ତୀ ଓ ମାଦ୍ରୀ ମଧ୍ୟ ଏପରି କରିଥିଲେ । ନିୟୋଗ ସମ୍ପର୍କରେ ଏଭଳି ଅନେକ ଐତିହାସିକ ପ୍ରମାଣ ଉପଲବ୍ଧ ।

ପ୍ରୋଷିତୋ ଧର୍ମକାର୍ୟାର୍ଥଂ ପ୍ରତୀକ୍ଷ୍ୟୋଽଷ୍ଟୌ ନରଃ ସମାଃ ।
ବିଦ୍ୟାର୍ଥଂ ଷଡ୍ ଯଶୋର୍ଥଂ ବା କାମାର୍ଥଂ ତ୍ରୀଂସ୍ତୁ ବତ୍ସରାନ୍ ॥ ୧ ॥
ବନ୍ଧ୍ୟାଷ୍ଟମେଽଧିବେଦ୍ୟାବ୍ଦେ ଦଶମେ ତୁ ମୃତପ୍ରଜା । (ମନୁ. ୯:୭୬:୮୧)

ବିବାହିତ ପତି ଧର୍ମକାର୍ଯ୍ୟ ପାଇଁ ବିଦେଶ ଯାଇଥିଲେ ଆଠ ବର୍ଷ ପର୍ଯ୍ୟନ୍ତ, ବିଦ୍ୟା ଓ କୀର୍ତ୍ତି ଅର୍ଜନ ପାଇଁ ଯାଇଥିଲେ ଛଅ ବର୍ଷ ଯାଏ ଏବଂ ଧନ ଉପାର୍ଜନ ପାଇଁ ଯାଇଥିଲେ ତିନି ବର୍ଷ ପର୍ଯ୍ୟନ୍ତ ସ୍ୱାମୀଙ୍କ ଫେରନ୍ତା ବାଟକୁ ପ୍ରତୀକ୍ଷା କରି ବିବାହିତା ସ୍ତ୍ରୀ ତଦନନ୍ତର ସନ୍ତାନୋତ୍ପତ୍ତି କରିବାକୁ ଚାହିଁଲେ ନିୟୋଗ କରିପାରିବେ । ବିବାହିତ ସ୍ୱାମୀ ଫେରି ଆସିବା ପରେ ସେହି ସ୍ତ୍ରୀଙ୍କର ନିଯୁକ୍ତ ପତି ସହ ଆଉ କୌଣସି ସମ୍ପର୍କ ରହିବ ନାହିଁ ॥ ୧ ॥

ସେହିପରି ପୁରୁଷଙ୍କ ପାଇଁ ବି ନିୟମ ଅଛି । ପତ୍ନୀ ବନ୍ଧ୍ୟା ହେଲେ ଅର୍ଥାତ୍ ବିବାହର ଆଠ ବର୍ଷ ପର୍ଯ୍ୟନ୍ତ ଗର୍ଭ ସଞ୍ଚାର ନ ହେଲେ ଆଠ ବର୍ଷ ଯାଏ, ସନ୍ତାନ ଜାତ ହୋଇ ମରିଯାଉଥିଲେ ଦଶ ବର୍ଷ ପର୍ଯ୍ୟନ୍ତ, ପୁତ୍ର ସନ୍ତାନ ନହୋଇ କେବଳ କନ୍ୟା ସନ୍ତାନ ଜନ୍ମ ହେଉଥିଲେ ଏଗାର ବର୍ଷ ପର୍ଯ୍ୟନ୍ତ ପ୍ରତୀକ୍ଷା କରି ତଦନନ୍ତର ଏବଂ ଯଦି ପତ୍ନୀ ଅପ୍ରିୟବାଦିନୀ, କଟୁଭାଷିଣୀ, ମୁଖରା ଆଦି ହୁଏ ତେବେ ତୁରନ୍ତ ସେହି ସ୍ତ୍ରୀକୁ ପରିତ୍ୟାଗ କରି ତା'ଠୁ ସନ୍ତାନ ଜନ୍ମ ନ ହୋଇଥିଲେ ଅନ୍ୟ ସ୍ତ୍ରୀ ସହ ନିୟୋଗ କରି ସନ୍ତାନ ଉତ୍ପନ୍ନ କରିପାରିବେ ॥ ୨ ॥ ସେହିପରି ପତି ବି ଯଦି ପତ୍ନୀଙ୍କୁ ଅତ୍ୟନ୍ତ ଦୁଃଖ ଦେଉଥାନ୍ତି ତେବେ ପତ୍ନୀ ବିବାହିତ ପତିଙ୍କୁ ଯଥାଶୀଘ୍ର ପରିତ୍ୟାଗ କରି ଅର୍ଥାତ୍ ତାଙ୍କଠାରୁ ସନ୍ତାନ ଜନ୍ମ ନ ଦେଇ ଅନ୍ୟ ପୁରୁଷ ସହ ନିୟୋଗ କରି ସନ୍ତାନ ଉତ୍ପନ୍ନ କରିପାରିବେ । ଏ କ୍ଷେତ୍ରରେ ଜନ୍ମିତ ସନ୍ତାନମାନେ ବିବାହିତ ପତିଙ୍କର ହିଁ ଉତ୍ତରାଧିକାରୀ ହେବେ ।

ଏସବୁ ପ୍ରମାଣ ଓ ଯୁକ୍ତି ଅନୁସାରେ ସ୍ୱୟଂବର ବିବାହ ଓ ଆପତ୍‌କାଳରେ ନିୟୋଗ କରି ନିଜ-ନିଜ କୁଳର ଉନ୍ନତି ସାଧନ କରିବେ । ଯେଉଁପରି **'ଔରସ'** ଅର୍ଥାତ୍ ବିବାହିତ ପତିଙ୍କଠାରୁ ଉତ୍ପନ୍ନ ସନ୍ତାନ ପିତୃ ସମ୍ପତ୍ତିର

ଉତ୍ତରାଧିକାରୀ ହୋଇଥାଏ, ସେହିପରି **'କ୍ଷେତ୍ରଜ'** ଅର୍ଥାତ୍ ନିୟୋଗ ପ୍ରଥା ଦ୍ୱାରା ଉତ୍ପନ୍ନ ସନ୍ତାନ ବି ମୃତ ପିତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥାଏ ।

ପ୍ରତ୍ୟେକ ପୁରୁଷ-ସ୍ତ୍ରୀ ଉତ୍ତମ ରୂପେ ବୁଝିବା ଉଚିତ ଯେ ବୀର୍ଯ୍ୟ ଓ ରଜ ହେଉଛି ଶରୀରର ଅମୂଲ୍ୟ ସମ୍ପଦ । ଯେଉଁମାନେ ଏହି ଅମୂଲ୍ୟ ସମ୍ପଦକୁ ପରସ୍ତ୍ରୀ ଓ ବେଶ୍ୟାଗମନ କିମ୍ବା ଦୁରାଚାରୀ ପୁରୁଷଙ୍କ ସଂସର୍ଗ କରି ନାଶ କରନ୍ତି ସେମାନଙ୍କୁ ଆତ୍ମଘାତୀ ଓ ମହାମୂର୍ଖ କୁହାଯାଏ । କାରଣ କୃଷକ ବା ମାଳୀଟିଏ ମୂର୍ଖ ହୋଇ ମଧ୍ୟ ନିଜ କ୍ଷେତ ବା ଉଦ୍ୟାନ ବ୍ୟତୀତ ଅନ୍ୟତ୍ର ବୀଜ ବପନ କରେ ନାହିଁ । ଯେତେବେଳେ ସାଧାରଣ ବୀଜ ପାଇଁ ଏକ ଅଜ୍ଞ ବ୍ୟକ୍ତିର କାର୍ଯ୍ୟ ଏଭଳି ଅର୍ଥାତ୍ ନିଜ କ୍ଷେତରେ ହିଁ ବୀଜ ବପନ କରେ ସେ ସ୍ଥିତିରେ ଶିକ୍ଷିତ ହୋଇ ସୁଦ୍ଧା ଯେଉଁମାନେ ସର୍ବୋତ୍ତମ ମାନବ ଶରୀର ରୂପକ ବୃକ୍ଷର ଅମୂଲ୍ୟ ବୀଜକୁ କୁକ୍ଷେତ୍ରରେ ବୃଥାରେ ନାଶ କରିଦିଅନ୍ତି ସେମାନଙ୍କୁ ମହାମୂର୍ଖ ଛଡ଼ା ଆଉ କ'ଣ କୁହାଯିବ ? ଯେହେତୁକି ସେହି ବୀଜର ଫଳ ସେମାନଙ୍କୁ ମିଳେ ନାହିଁ । ତା' ଛଡ଼ା ବ୍ରାହ୍ମଣ ଗ୍ରନ୍ଥରେ କୁହାଯାଇଛି —

ଆତ୍ମା ବୈ ଜାୟତେ ପୁତ୍ରଃ । (ଶତପଥ. ୧୪:୭:୫:୨୬)

ଅଙ୍ଗାଦଙ୍ଗାତ୍ସମ୍ଭବସି ହୃଦୟାଦଧି ଜାୟସେ ।

ଆତ୍ମାସି ପୁତ୍ର ମା ମୃଥାଃ ସ ଜୀବ ଶରଦଃ ଶତମ୍ ॥ (ସାମ.ବ୍ରା. ୧:୫:୧୭)

'ହେ ପୁତ୍ର ! ତୁମେ ମୋର ଅଙ୍ଗ-ପ୍ରତ୍ୟଙ୍ଗର ସାରଭୂତ ବୀର୍ଯ୍ୟରୁ ଉତ୍ପନ୍ନ ଓ ହୃଦୟରୁ ଜନ୍ମ ହୋଇଛ । ଏଣୁ ତୁମେ ମୋର ଆତ୍ମା । ମୋର ଦେହାବସାନ ପୂର୍ବରୁ ତୁମର ଜୀବନର ଅବସାନ ନ ହେଉ, ଅପିତୁ ତୁମେ ଶତ ବର୍ଷ ପର୍ଯ୍ୟନ୍ତ ଜୀବିତ ରୁହ ।' ଯେଉଁ ରଜ-ବୀର୍ଯ୍ୟରୁ ମହାତ୍ମା-ମହାପୁରୁଷମାନେ ଜନ୍ମଗ୍ରହଣ କରନ୍ତି, ତାକୁ କୁକ୍ଷେତ୍ରରେ ବପନ କରିବା ଅର୍ଥାତ୍ ବେଶ୍ୟାଗମନାଦିରେ ବୃଥା ନଷ୍ଟ କରିବା କିମ୍ବା ଦୂଷିତ ବୀଜକୁ ଉତ୍ତମ କ୍ଷେତ୍ରରେ ବପନ କରିବା ମହାପାପ କର୍ମ ଅଟେ ।

ପ୍ରଶ୍ନ — ବିବାହ କରିବା କ'ଣ ଆବଶ୍ୟକ ? କାରଣ ଏହାଦ୍ୱାରା ସ୍ତ୍ରୀ ଓ ପୁରୁଷଙ୍କୁ ବନ୍ଧନରେ ପଡ଼ି ବହୁତ ନିୟମ ମାନିବାକୁ ହୁଏ ଓ କଷ୍ଟ ସହିବାକୁ ପଡ଼େ । ଏଣୁ ଆମ ମତରେ ଯାହାର ଯାହା ସହ ଯେତେଦିନ ପର୍ଯ୍ୟନ୍ତ ପ୍ରେମ-ପ୍ରୀତିର ସମ୍ପର୍କ ରହିଲା ସେତେଦିନ ସେ ନାରୀ-ପୁରୁଷ ଏକତ୍ର ମିଶି ରହନ୍ତୁ । ଆଉ ଯେତେବେଳେ ପ୍ରେମ-ପ୍ରୀତି ତୁଟିଯିବ ସେତେବେଳେ ପରସ୍ପରକୁ ଛାଡ଼ି ଦିଅନ୍ତୁ ।

ଉତ୍ତର — ଏହା ତ ପଶୁପକ୍ଷୀଙ୍କ ବ୍ୟବହାର, ମନୁଷ୍ୟମାନଙ୍କ ଆଚରଣ ନୁହେଁ । ମନୁଷ୍ୟ ସମାଜରେ ବିବାହ ପ୍ରଥା ନ ରହିଲେ ଗୃହସ୍ଥାଶ୍ରମର ସମସ୍ତ ଉତ୍ତମ ବ୍ୟବହାର ନଷ୍ଟ-ଭ୍ରଷ୍ଟ ହୋଇଯିବ । କେହି କାହାକୁ ଭୟ କି ଲଜ୍ଜା କରିବେ ନାହିଁ । ବାର୍ଦ୍ଧକ୍ୟରେ କେହି କାହାର ସେବା-ଶୁଶ୍ରୂଷା ବି କରିବେ ନାହିଁ ଏବଂ ସର୍ବତ୍ର ମହା ବ୍ୟଭିଚାର ବଢ଼ି ଯାଇ ସମସ୍ତେ ରୋଗୀ, ଦୁର୍ବଳ ଓ ଅଳ୍ପାୟୁ ହୋଇ ଅସମୟରେ ମୃତ୍ୟୁମୁଖରେ ପଡ଼ିବେ । କୁଳକୁ କୁଳ ଧ୍ୱଂସ ପାଇଯିବ, କୁଳ-ବଂଶ ପରମ୍ପରା କିଛି ରହିବ ନାହିଁ । କେହି କାହାର ସମ୍ପତ୍ତିର ମାଲିକ କି ଉତ୍ତରାଧିକାରୀ ହୋଇପାରିବେ ନାହିଁ କିମ୍ବା କୌଣସି ପଦାର୍ଥ ଉପରେ କାହାର ଦୀର୍ଘକାଳ ପର୍ଯ୍ୟନ୍ତ ସ୍ୱତ୍ୱ ରହିବ ନାହିଁ । ଏପରି ଅନେକ ସମସ୍ୟା ଓ ବିଶୃଙ୍ଖଳା ଦେଖାଦେବ । ଅତଏବ ଏ ସମସ୍ତ ସମସ୍ୟା, ହାନିର ନିରାକରଣ ନିମନ୍ତେ ବିବାହ ପ୍ରଥା ରହିବା ଏକାନ୍ତ ଅପରିହାର୍ଯ୍ୟ ।

ପ୍ରଶ୍ନ — ଯଦି ଏକ ବିବାହ ପ୍ରଥା ରହେ ଅର୍ଥାତ୍ ଜଣେ ପୁରୁଷ କେବଳ ଗୋଟିଏ ସ୍ତ୍ରୀକୁ ଓ ଜଣେ ସ୍ତ୍ରୀ କେବଳ ଜଣେ ପୁରୁଷକୁ ବିବାହ କରିପାରିବ – ଏଭଳି ପ୍ରଥା ରହେ ତେବେ ଜଣେ ସ୍ୱାମୀର ଗୋଟିଏ ସ୍ତ୍ରୀ ଓ ଜଣେ ସ୍ତ୍ରୀର ଗୋଟିଏ ସ୍ୱାମୀ ହିଁ ରହିବ । ସେ ସ୍ଥିତିରେ ସ୍ତ୍ରୀ ଗର୍ଭବତୀ ହେଲେ କିମ୍ବା ଚିରରୁଗ୍ଣା ହେଲେ ଅଥବା ପୁରୁଷ ଦୀର୍ଘକାଳ ରୁଗ୍ଣ ହେଲେ ତଥା ତା' ସାଙ୍ଗକୁ ଉଭୟଙ୍କର ଯୌବନାବସ୍ଥା ଥିଲେ ଓ ସେମାନେ କାମବେଗ ନିୟନ୍ତ୍ରଣ ନ କରିପାରିଲେ ସେତେବେଳେ ସେମାନେ କ'ଣ କରିବେ ?

ଉତ୍ତର — ଏହାର ଉତ୍ତର ନିୟୋଗ ବିଷୟକ ଆଲୋଚନାରେ ଦିଆଯାଇଛି । ତା' ଛଡ଼ା ସ୍ତ୍ରୀ ଗର୍ଭବତୀ ହେଲେ ଏକ ବର୍ଷ ପର୍ଯ୍ୟନ୍ତ ତାଙ୍କ ସହ ସମାଗମ ନିଷେଧ, ଏକଥା ପୂର୍ବରୁ କୁହାଯାଇଛି । ଏହି ସମୟ ମଧ୍ୟରେ କୌଣସି ସ୍ୱାମୀ ନିଜକୁ ନିୟନ୍ତ୍ରିତ କରି ନ ପାରିଲେ କୌଣସି ସନ୍ତାନ-ଆକାଂକ୍ଷିଣୀ ବିଧବା ସହ ନିୟୋଗ କରି ତାଙ୍କ ପାଇଁ ସନ୍ତାନୋତ୍ପନ୍ନ କରିପାରିବେ । କିନ୍ତୁ ବେଶ୍ୟାଗମନ କି ବ୍ୟଭିଚାର କଦାପି କରିବେ ନାହିଁ ।

ଯଥାସମ୍ଭବ ଅପ୍ରାପ୍ତ ବସ୍ତୁର ପ୍ରାପ୍ତି, ପ୍ରାପ୍ତ ବସ୍ତୁର ରକ୍ଷଣ ଓ ରକ୍ଷିତ ବସ୍ତୁର ବୃଦ୍ଧି ପାଇଁ ପ୍ରଯତ୍ନ କରିବା ସହ ବର୍ଦ୍ଧିତ ସମ୍ପଦକୁ ଦେଶର ଉନ୍ନତିରେ ବ୍ୟୟ କରିବା ଉଚିତ । ନିଜ-ନିଜ ବର୍ଣ୍ଣାଶ୍ରମର କର୍ତ୍ତବ୍ୟସମୂହକୁ ସବୁମତେ ଅର୍ଥାତ୍ ତନୁ, ମନ ଓ ଧନ ବିନିଯୋଗ ପୂର୍ବକ ଅତ୍ୟନ୍ତ ଉତ୍ସାହ ଓ ପ୍ରଯତ୍ନର ସହ କରିବେ । **ନିଜ ମାତା, ପିତା, ଶାଶୁ, ଶ୍ୱଶୁରଙ୍କୁ ଅତ୍ୟନ୍ତ ଶ୍ରଦ୍ଧାର ସହ ସେବା-ଶୁଶ୍ରୂଷା କରିବେ । ବନ୍ଧୁ, ପଡ଼ୋଶୀ, ରାଜା, ବିଦ୍ୱାନ୍, ଚିକିତ୍ସକ ଓ ସଜ୍ଜନଙ୍କ ପ୍ରତି ସଦ୍‌ଭାବ ରଖିବେ । ଦୁଷ୍ଟ ଓ ଅଧର୍ମୀଙ୍କୁ ଉପେକ୍ଷା କରିବେ ଅର୍ଥାତ୍ ସେମାନଙ୍କ ପ୍ରତି ଦ୍ୱେଷ କି ରାଗ ନ ରଖି ସେମାନଙ୍କୁ ସୁଧାରିବା ପାଇଁ ଚେଷ୍ଟା କରିବେ । ସ୍ୱ ସନ୍ତାନମାନଙ୍କୁ ସଭ୍ୟ, ସୁଶିକ୍ଷିତ ଓ ଅଧିକାଧିକ ବିଦ୍ୱାନ୍ କରିବା ପାଇଁ ପ୍ରେମ ପୂର୍ବକ ଉଦାର ହୃଦୟ ଓ ମୁକ୍ତ ହସ୍ତରେ ଯେତେ ଦୂର ସମ୍ଭବ ଧନାଦି ପଦାର୍ଥ ବ୍ୟୟ କରିବେ । ସମସ୍ତ ବ୍ୟବହାର ସର୍ବଦା ଧର୍ମପୂର୍ବକ କରିବା ସହ ମୋକ୍ଷପ୍ରାପ୍ତିର ସାଧନସମୂହର ମଧ୍ୟ ନିରନ୍ତର ଅନୁଷ୍ଠାନ କରିବେ ଯଦ୍ୱାରା ପରମାନନ୍ଦ ଭୋଗର ଅଧିକାରୀ ହେବେ ।** ନିମ୍ନରେ ପ୍ରଦତ୍ତ ଶ୍ଳୋକ ଭଳି ଶ୍ଳୋକଗୁଡ଼ିକୁ କେବେ ବି ମାନିବେ ନାହିଁ —

ପତିତୋଽପି ଦ୍ୱିଜଃ ଶ୍ରେଷ୍ଠୋ ନ ଚ ଶୂଦ୍ରୋ ଜିତେନ୍ଦ୍ରିୟଃ ।
ନିର୍ଦ୍ଦୁଗ୍ଧା ଋପି ଗୌଃ ପୂଜ୍ୟା ନ ଚ ଦୁଗ୍ଧବତୀ ଖରୀ ॥ ୧ ॥
ଅଶ୍ୱାଲମ୍ଭଂ ଗବାଲମ୍ଭଂ ସନ୍ନ୍ୟାସଂ ପଲପୈତ୍ରିକମ୍ ।
ଦେବରାଚ୍ଚ ସୁତୋତ୍ପତ୍ତିଂ କଲୌ ପଞ୍ଚ ବିବର୍ଜୟେତ୍ ॥ ୨ ॥
ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେ ପତୌ ।
ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧିୟତେ ॥ ୩ ॥

ଏସବୁ ପାରାଶରୀ ନାମକ ଜାଲ୍ ଗ୍ରନ୍ଥର ଶ୍ଳୋକ । ଏ ଶ୍ଳୋକରେ କୁହାଯାଇଛି ଯେ 'ଦୁଷ୍କର୍ମରେ ଲିପ୍ତ ଥିଲେ ବି ଦ୍ୱିଜ ଶ୍ରେଷ୍ଠ ଓ ଜିତେନ୍ଦ୍ରିୟ ହୋଇଥିଲେ ମଧ୍ୟ ଶୂଦ୍ର ନିକୃଷ୍ଟ । କ୍ଷୀର ଦେଉ ନ ଥିଲେ ବି ଗାଈ ପୂଜ୍ୟା ଓ କ୍ଷୀର ଦେଉଥିଲେ ବି ଗଧ ପୂଜାର ଅଯୋଗ୍ୟ ।' ଦୁଷ୍କର୍ମରେ ଲିପ୍ତ ଥିଲେ ମଧ୍ୟ ଦ୍ୱିଜକୁ ଶ୍ରେଷ୍ଠ ଓ ଶ୍ରେଷ୍ଠ କର୍ମ କରୁଥିଲେ ମଧ୍ୟ ଶୂଦ୍ରକୁ ନୀଚ ବୋଲି ଯଦି ମାନି ନିଆଯାଏ, ତେବେ ତା'ଠାରୁ ବଳି ପକ୍ଷପାତ, ଅନ୍ୟାୟ ଓ ଅଧର୍ମ ଆଉ କ'ଣ ହୋଇପାରେ ? ଦୁଧ ଦେଉଥିବା ଓ ଦେଉନଥିବା ଉଭୟ ପ୍ରକାର ଗାଈ ଯେପରି ଗୋପାଳ ପକ୍ଷେ ପାଳନୀୟ

ହୋଇଥାଏ, ସେହିପରି କୁମ୍ଭାର ଆଦିଙ୍କ ପକ୍ଷେ କ'ଣ ଗଧ ପାଳନୀୟ ନୁହେଁ? ତା' ଛଡ଼ା ଏ ଦୃଷ୍ଟାନ୍ତ ମଧ୍ୟ ଅସାଦୃଶ୍ୟ ଅଟେ । କାରଣ ଦ୍ୱିଜ ଓ ଶୂଦ୍ର ଉଭୟେ ମନୁଷ୍ୟ ଜାତିର ଅନ୍ତର୍ଗତ; କିନ୍ତୁ ଗାଈ ଓ ଗଧ ଭିନ୍ନ-ଭିନ୍ନ ଜାତିର । ଗାଈ ଓ ଗଧ ଉଭୟ ପଶୁଜାତିର ହୋଇଥିବାରୁ ସେଇ ଆଧାରରେ ଦୃଷ୍ଟାନ୍ତର କିଛି ପରିମାଣରେ ଦାର୍ଷ୍ଟାନ୍ତ ସହ ସାମଞ୍ଜସ୍ୟକୁ ଯଦି ବି ମାନିନିଆଯାଏ ତେବେ ମଧ୍ୟ ଏହି ଶ୍ଳୋକର ଆଶୟ ଅଯୌକ୍ତିକ ହୋଇଥିବାରୁ ଏ ଶ୍ଳୋକ ବିଦ୍ୱାନଙ୍କ ପକ୍ଷେ କେବେ ବି ସ୍ୱୀକାର୍ଯ୍ୟ ହୋଇପାରିବ ନାହିଁ ॥ ୧ ॥

ଏହି ଶ୍ଳୋକରେ କୁହାଯାଇଛି – 'ଅଶ୍ୱାଲମ୍ଭ ଅର୍ଥାତ୍ ଘୋଡ଼ାକୁ ମାରି ହୋମ କରିବା, ଗବାଲମ୍ଭ ଅର୍ଥାତ୍ ଗାଈ ମାରି ହୋମ କରିବା, ସନ୍ନ୍ୟାସ ଗ୍ରହଣ, ମାଂସ ଭକ୍ଷଣ ଓ ନିୟୋଗ ମାଧ୍ୟମରେ ଦେବରଙ୍କ ଦ୍ୱାରା ସନ୍ତାନ ଉତ୍ପନ୍ନ କରିବା- ଏ ପାଞ୍ଚଟି କାର୍ଯ୍ୟ କଳିଯୁଗରେ ବର୍ଜନୀୟ ।' ଏଠାରେ ପ୍ରଶ୍ନ ହେଲା ଯେ ଘୋଡ଼ା ବା ଗାଈ ମାରି ହୋମ କରିବା ଯେତେବେଳେ ବେଦବିହିତ କର୍ମ ହିଁ ନୁହେଁ, ଏସବୁ ବେଦବିରୁଦ୍ଧ କର୍ମ, ସେତେବେଳେ ଏହାକୁ କଳିଯୁଗରେ ତ୍ୟାଜ୍ୟ ବୋଲି କହିବାର ଯଥାର୍ଥତା କ'ଣ ? ଯଦି ଏହା କଳିଯୁଗ ପାଇଁ ତ୍ୟାଜ୍ୟ ନୀଚ କର୍ମ ବୋଲି ସ୍ୱୀକାର କରାଯାଏ, ତେବେ ତ ସତ୍ୟ-ତ୍ରେତା-ଦ୍ୱାପର ଯୁଗରେ ଏହା ପବିତ୍ର ଆଚରଣୀୟ କର୍ମ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଗାଈ ଓ ଘୋଡ଼ା ମାରି ହୋମ କରିବା ତ ଅତ୍ୟନ୍ତ ଘୃଣିତ ଓ ଜଘନ୍ୟ କାର୍ଯ୍ୟ । ଯଦି କଳିଯୁଗରେ ଏପରି କାର୍ଯ୍ୟ ବର୍ଜନୀୟ ତେବେ ଅନ୍ୟ ଯୁଗରେ ଏଭଳି ନିକୃଷ୍ଟ କାର୍ଯ୍ୟ ତ ସର୍ବଥା ଅସମ୍ଭବ । ତା' ପରେ ଆସିଲା ସନ୍ନ୍ୟାସ ଗ୍ରହଣ କଥା । ସନ୍ନ୍ୟାସ ଗ୍ରହଣ ପାଇଁ ତ ବେଦାଦି ଶାସ୍ତ୍ରରେ ବିଧାନ ଅଛି । ତା'ର ନିଷେଧ କରିବା ତ ବେଦବିରୁଦ୍ଧ ବିଚାର । ମାଂସଭକ୍ଷଣ ତ ମନୁଷ୍ୟ ପାଇଁ ସର୍ବଦା ନିଷେଧ । କେବଳ କଳିଯୁଗରେ ନିଷେଧ କହିବା ନିରର୍ଥକ । ନିୟୋଗ ପ୍ରଥାରେ ଦେବର ଦ୍ୱାରା ସନ୍ତାନୋତ୍ପତ୍ତି ପାଇଁ ଯେତେବେଳେ ବେଦରେ ଅନୁମତି ଅଛି ସେତେବେଳେ ଶ୍ଳୋକକର୍ତ୍ତା କାହିଁକି ଅଯଥା ପ୍ରଳାପ କରୁଛନ୍ତି ? ॥ ୨ ॥

ପତି ବିଦେଶ ଯାଇଥିଲେ ଆବଶ୍ୟକତା ସ୍ଥଳେ ଗୃହରେ ପତ୍ନୀ ନିୟୋଗ କରିନେବେ ଏବଂ ଏ ସମୟରେ ଯଦି ପତି ପ୍ରତ୍ୟାବର୍ତ୍ତନ କରନ୍ତି ତେବେ ନିୟୋଗ ସମାପ୍ତ ହୋଇଯିବ ଏ କଥାକୁ ଆମେ ମାନିନେଉଛୁ । କିନ୍ତୁ ଏ ପାରାଶରୀ ଗ୍ରନ୍ଥରେ ତ ଏ ବିଷୟରେ ସମ୍ୟକ୍ ସୂଚନା ନାହିଁ, ଅନ୍ୟ ଗ୍ରନ୍ଥରେ ସ୍ପଷ୍ଟତୟା ଅଛି । କିନ୍ତୁ ପ୍ରଶ୍ନ ହେଲା ଯେ ଏ ଶ୍ଳୋକରେ ପତି ନଷ୍ଟ ହେବା, ମୃତ୍ୟୁ ବରଣ କରିବା, ବିଦେଶ ଯିବା, କ୍ଳୀବତ୍ୱ ପ୍ରାପ୍ତି ଓ ପତିତ ହେବା- ସ୍ତ୍ରୀ ପାଇଁ ଏଇ ଯେଉଁ ପାଞ୍ଚୋଟି ମାତ୍ର ଆପତ୍କାଳ କୁହାଯାଇଛି, ଏହା ବ୍ୟତୀତ କ'ଣ ଅନ୍ୟ ଆପତ୍କାଳ ନାହିଁ ? ସ୍ୱାମୀ ଚିରରୁଗ୍ଣ ହେବା, ପତି-ପତ୍ନୀ ମଧ୍ୟରେ ନିରନ୍ତର ବିବାଦ ହେବା ଇତ୍ୟାଦି ଅହୁରି ଅନେକ ଆପତ୍କାଳରେ ସ୍ତ୍ରୀର କ'ଣ କର୍ତ୍ତବ୍ୟ ସେ ବିଷୟରେ କିଛି କୁହାଯାଇ ନାହିଁ । ତେଣୁ ଏଭଳି ଶ୍ଳୋକଗୁଡ଼ିକୁ କଦାପି ମାନିବା ଉଚିତ ନୁହେଁ ॥ ୩ ॥

ପ୍ରଶ୍ନ — ଆଚ୍ଛା ! ଆପଣ ପରାଶର ମୁନିଙ୍କ କଥାକୁ ବି ମାନୁନାହାନ୍ତି ?

ଉତ୍ତର — ଯାହା କଥା ହୋଇଥାଉନା କାହିଁକି, ଯଦି ତାହା ବେଦବିରୁଦ୍ଧ ତେବେ ଗ୍ରହଣଯୋଗ୍ୟ ନୁହେଁ । ଦ୍ୱିତୀୟତଃ ଏହା ତ ପରାଶର ମୁନିଙ୍କ କଥା ବି ନୁହେଁ । କାରଣ ଧୂର୍ତ୍ତ ଲୋକେ **'ବ୍ରହ୍ମୋବାଚ, ବଶିଷ୍ଠ ଉବାଚ, ରାମ ଉବାଚ, ଶିବ ଉବାଚ, ବିଷ୍ଣୁରୁବାଚ, ଦେବ୍ୟୁବାଚ'** ଇତ୍ୟାଦି ବିଖ୍ୟାତ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରି ଗ୍ରନ୍ଥ ରଚନା ଏଇଥିପାଇଁ କରନ୍ତି କାରଣ ଏମାନେ ସର୍ବମାନ୍ୟ ହୋଇଥିବା ହେତୁ ଏ ସବୁ ଗ୍ରନ୍ଥରେ ଯାହା

କିଛି ଲେଖିଲେ ବି ବିଷୟଗୁଡ଼ିକୁ ଏହି ବିଖ୍ୟାତ ବ୍ୟକ୍ତିଙ୍କ କଥିତ ବିଷୟ ମନେକରି ସାରା ସଂସାରର ଲୋକେ ମାନିନେବେ ଓ ଆମର ଜୀବିକାର୍ଜନ ବି ପୁଷ୍କଳ ହେବ । ଅତଃ ମନେରଖିବା ଉଚିତ ଯେ **କିଛି ପ୍ରକ୍ଷିପ୍ତ ଶ୍ଳୋକକୁ ଛାଡ଼ି କେବଳ 'ମନୁସ୍ମୃତି' ହିଁ ବେଦାନୁକୂଳ ଅଟେ, ଅନ୍ୟ କୌଣସି ସ୍ମୃତି ଶାସ୍ତ୍ର ନୁହେଁ ।** ଅନ୍ୟ ସମସ୍ତ ଜାଲ ଗ୍ରନ୍ଥ ବିଷୟରେ ଏଭଳି ହିଁ ବୁଝିବା ଉଚିତ ।

ଗୃହସ୍ଥାଶ୍ରମର ଶ୍ରେଷ୍ଠତ୍ୱ

ପ୍ରଶ୍ନ — ଚତୁରାଶ୍ରମ ମଧ୍ୟରେ ଗୃହସ୍ଥାଶ୍ରମ ସବୁଠୁ ଛୋଟ ନା ବଡ଼ ?

ଉତ୍ତର — ନିଜ-ନିଜ କର୍ତ୍ତବ୍ୟ-କର୍ମ ଦୃଷ୍ଟିରୁ ସବୁ ଆଶ୍ରମ ବଡ଼ । ନିଜ-ନିଜ ସ୍ଥାନରେ ସମସ୍ତେ ଶ୍ରେଷ୍ଠ । ତଥାପି ଧ୍ୟାନଯୋଗ୍ୟ —

ଯଥା ନଦୀନଦାଃ ସର୍ବେ ସାଗରେ ଯାନ୍ତି ସଂସ୍ଥିତିମ୍ ।
ତଥୈବାଶ୍ରମିଣଃ ସର୍ବେ ଗୃହସ୍ଥେ ଯାନ୍ତି ସଂସ୍ଥିତିମ୍ ॥ ୧ ॥
ଯଥା ବାୟୁଂ ସମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବଜନ୍ତବଃ ।
ତଥା ଗୃହସ୍ଥମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବ ଆଶ୍ରମାଃ ॥ ୨ ॥
ଯସ୍ମାତ୍ତ୍ରୟୋଽପ୍ୟାଶ୍ରମିଣୋ ଦାନେନାନ୍ନେନ ଚାନ୍ୱହମ୍ ।
ଗୃହସ୍ଥେନୈବ ଧାର୍ଯ୍ୟନ୍ତେ ତସ୍ମାଜ୍ଜ୍ୟେଷ୍ଠାଶ୍ରମୋ ଗୃହୀ ॥ ୩ ॥
ସ ସଂଧାର୍ଯ୍ୟଃ ପ୍ରୟତ୍ନେନ ସ୍ୱର୍ଗମକ୍ଷୟମିଚ୍ଛତା ।
ସୁଖଂ ଚେହେଚ୍ଛତା ନିତ୍ୟଂ ଯୋଽଧାର୍ଯୋ ଦୁର୍ବଲେନ୍ଦ୍ରିୟୈଃ ॥ ୪ ॥ (ମନୁ. ୩:୭୭-୭୯)

ନଦନଦୀଗୁଡ଼ିକ ଯେପରି ଇତସ୍ତତଃ ପ୍ରବାହିତ ହୋଇ ଶେଷରେ ସମୁଦ୍ରରେ ହିଁ ଆଶ୍ରୟ ନେଇଥାନ୍ତି, ସେହିପରି ସମସ୍ତ ଆଶ୍ରମର ଲୋକେ ଗୃହସ୍ଥଠାରେ ହିଁ ଆଶ୍ରୟ ନେଇଥାନ୍ତି ॥ ୧ ॥

ଯେପରି ବାୟୁର ଆଶ୍ରୟରେ ସକଳ ଜୀବଙ୍କ ଜୀବନ ରହିଥାଏ, ସେହିପରି ଗୃହସ୍ଥାଶ୍ରମର ଆଶ୍ରୟରେ ହିଁ ବ୍ରହ୍ମଚାରୀ, ବାନପ୍ରସ୍ଥୀ ଓ ସନ୍ନ୍ୟାସୀ ତିନି ଆଶ୍ରମସ୍ଥ ବ୍ୟକ୍ତିଙ୍କ ଜୀବନ ନିର୍ବାହ ହୋଇଥାଏ । ଗୃହସ୍ଥାଶ୍ରମ ବିନା କୌଣସି ଆଶ୍ରମର ସର୍ବନିମ୍ନ ଆବଶ୍ୟକତା ବି ପୂରଣ ହୋଇପାରେ ନାହିଁ ॥ ୨ ॥

ଯେହେତୁ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ଏ ତିନି ଆଶ୍ରମର ବ୍ୟକ୍ତିଙ୍କୁ ପ୍ରତ୍ୟହ ଦାନ ଓ ଅନ୍ନ-ବସ୍ତ୍ରାଦି ଦେଇ ଗୃହସ୍ଥ ହିଁ ଧାରଣ-ପୋଷଣ କରେ, ତେଣୁ ଏ ଦୃଷ୍ଟିରୁ ଗୃହସ୍ଥାଶ୍ରମକୁ ଜ୍ୟେଷ୍ଠ ଅର୍ଥାତ୍ ସମସ୍ତ ସାମାଜିକ ବ୍ୟବହାରରେ ଦକ୍ଷ, କୁଶଳ ଓ ଧୁରନ୍ଧର ବୋଲି କୁହାଯାଏ ॥ ୩ ॥

ଏଣୁ ମୋକ୍ଷ ଓ ସାଂସାରିକ ସୁଖ ଏ ଉଭୟ ଇଚ୍ଛା କରୁଥିବା ବ୍ୟକ୍ତି ପ୍ରଯତ୍ନପୂର୍ବକ ଗୃହସ୍ଥାଶ୍ରମକୁ ଧାରଣ କରିବା ଉଚିତ । **ଦୁର୍ବଳେନ୍ଦ୍ରିୟ ଅର୍ଥାତ୍ ଭୀରୁ ଓ ନିର୍ବଳ ବ୍ୟକ୍ତିଙ୍କ ପାଇଁ ଗୃହସ୍ଥାଶ୍ରମ ଧାରଣର ଅଯୋଗ୍ୟ ଅର୍ଥାତ୍ ଉପଯୁକ୍ତ ନୁହେଁ ।** ଯୋଗ୍ୟ, ସବଳ ବ୍ୟକ୍ତିମାନେ ବିଧି-ବିଧାନ, ନିୟମ-ସଂଯମ ପୂର୍ବକ ଗୃହସ୍ଥାଶ୍ରମର କର୍ତ୍ତବ୍ୟ-କର୍ମ ଆଚରଣ-ଅନୁଷ୍ଠାନପୂର୍ବକ ଏହାକୁ ଧାରଣ କରିବା ବିଧେୟ ॥ ୪ ॥

ଅତଃ ସଂସାରରେ ଯାହା କିଛି କାର୍ଯ୍ୟ ସମ୍ପାଦିତ ହେଉଛି ସେସବୁର ଆଧାର ହେଉଛି ଗୃହସ୍ଥାଶ୍ରମ । ଯଦି

ଗୃହସ୍ଥାଶ୍ରମ ନ ରହେ ତେବେ ସନ୍ତାନୋତ୍ପନ୍ନ ହେବେ ନାହିଁ । ସନ୍ତାନୋତ୍ପନ୍ନ ନ ହେଲେ ବ୍ରହ୍ମଚର୍ଯ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସାଶ୍ରମ କୁଆଡୁ ରହିବ । ଏଣୁ ଯିଏ ଗୃହସ୍ଥାଶ୍ରମର ନିନ୍ଦା କରେ ସେ ନିନ୍ଦନୀୟ ଏବଂ ଯିଏ ଗୃହସ୍ଥାଶ୍ରମର ପ୍ରଶଂସା କରେ ସେ ପ୍ରଶଂସନୀୟ ହୋଇଥାଏ । **କିନ୍ତୁ ଗୃହସ୍ଥାଶ୍ରମ ସେତେବେଳେ ସୁଖଦାୟକ ହୋଇଥାଏ, ଯଦି ପତି-ପତ୍ନୀ ପରସ୍ପର ପ୍ରତି ପ୍ରସନ୍ନ ଥାଆନ୍ତି, ବିଦ୍ୱାନ୍, ପୁରୁଷାର୍ଥୀ ଓ ଗୃହସ୍ଥାଶ୍ରମର ସକଳ ଆବଶ୍ୟକ କର୍ମରେ ନିପୁଣ ହୋଇଥାନ୍ତି । ଅତଏବ ଗୃହସ୍ଥାଶ୍ରମର ସୁଖର ମୁଖ୍ୟ କାରଣ ହେଲା ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ସ୍ୱୟଂବର ବିବାହ ।**

ଏଠାରେ ସଂକ୍ଷେପରେ ସମାବର୍ତ୍ତନ, ବିବାହ ଓ ଗୃହସ୍ଥାଶ୍ରମ ବିଷୟରେ ବର୍ଣ୍ଣନା କରାଗଲା । ପରବର୍ତ୍ତୀ ସମୁଲ୍ଲାସରେ ବାନପ୍ରସ୍ଥ ଓ ସନ୍ନ୍ୟାସ ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍‌ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷା-ବିଭୂଷିତେ ସମାବର୍ତ୍ତନ-ବିବାହ-ଗୃହାଶ୍ରମବିଷୟେ
ଚତୁର୍ଥଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୪ ॥

ଅଥ ପଞ୍ଚମସମୁଲ୍ଲାସାରମ୍ଭଃ

ଅଥ ବାନପ୍ରସ୍ଥ-ସନ୍ନ୍ୟାସବିଧିଂ ବକ୍ଷ୍ୟାମଃ

ବ୍ରହ୍ମଚର୍ଯ୍ୟାଶ୍ରମଂ ସମାପ୍ୟ ଗୃହୀ ଭବେତ୍ ଗୃହୀ ଭୂତ୍ୱା ବନୀ ଭବେଦ୍ୱନୀ ଭୂତ୍ୱା ପ୍ରବ୍ରଜେତ୍ । (ଶତ. କା. ୧୪)

ମନୁଷ୍ୟ ପ୍ରଥମେ ବ୍ରହ୍ମଚର୍ଯ୍ୟାଶ୍ରମ ପାଳନ କରିବା ଆବଶ୍ୟକ । ବ୍ରହ୍ମଚର୍ଯ୍ୟାଶ୍ରମ ସମାପ୍ତି କରିବା ପରେ ଗୃହସ୍ଥ, ଗୃହସ୍ଥାଶ୍ରମ ସମାପ୍ତି ପରେ ବାନପ୍ରସ୍ଥ ଏବଂ ବାନପ୍ରସ୍ଥାଶ୍ରମ ସମାପ୍ତି ପରେ ସନ୍ନ୍ୟାସୀ ହେବା ଉଚିତ । ଅର୍ଥାତ୍ ବ୍ୟକ୍ତି କ୍ରମପୂର୍ବକ ଆଶ୍ରମର ଅନୁଷ୍ଠାନ କରି ସନ୍ନ୍ୟାସୀ ହେବା ପାଇଁ ଏହା ପାଳନୀୟ ବିଧାନ ।

ଏବଂ ଗୃହାଶ୍ରମେ ସ୍ଥିତ୍ୱା ବିଧିବତ୍ସ୍ନାତକୋ ଦ୍ୱିଜଃ ।
ବନେ ବସେତ୍ତୁ ନିୟତୋ ଯଥାବଦ୍ବିଜିତେନ୍ଦ୍ରିୟଃ ॥୧॥
ଗୃହସ୍ଥସ୍ତୁ ଯଦା ପଶ୍ୟେଦ୍ ବଲୀପଲିତମାତ୍ମନଃ ।
ଅପତ୍ୟସ୍ୟୈବ ଚାପତ୍ୟଂ ତଦାରଣ୍ୟଂ ସମାଶ୍ରୟେତ୍ ॥୨॥
ସଂତ୍ୟଜ୍ୟ ଗ୍ରାମ୍ୟମାହାରଂ ସର୍ବଂ ଚୈବ ପରିଚ୍ଛଦମ୍ ।
ପୁତ୍ରେଷୁ ଭାର୍ଯ୍ୟାଂ ନିଃକ୍ଷିପ୍ୟ ବନଂ ଗଚ୍ଛେତ୍ସହୈବ ବା ॥୩॥
ଅଗ୍ନିହୋତ୍ରଂ ସମାଦାୟ ଗୃହ୍ୟଂ ଚାଗ୍ନିପରିଚ୍ଛଦମ୍ ।
ଗ୍ରାମାଦରଣ୍ୟଂ ନିଃସୃତ୍ୟ ନିବସେନ୍ନିୟତେନ୍ଦ୍ରିୟଃ ॥୪॥
ମୁନ୍ୟନ୍ନୈର୍ବିବିଧୈର୍ମେଧ୍ୟୈଃ ଶାକମୂଳଫଳେନ ବା ।
ଏତାନେବ ମହାୟଜ୍ଞାନ୍ନିର୍ବପେଦ୍ବିଧିପୂର୍ବକମ୍ ॥୫॥ (ମନୁ. ୬:୧-୫)

ଏହିପରି ସ୍ନାତକ ଅର୍ଥାତ୍ ବ୍ରହ୍ମଚର୍ଯ୍ୟାଶ୍ରମ ଅନୁଷ୍ଠାନପୂର୍ବକ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ଦ୍ୱିଜ ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଯଥାଯଥ ରୂପେ ଗୃହସ୍ଥାଶ୍ରମ ସମାପନ କରି ନିଶ୍ଚିତାତ୍ମା ଓ ଜିତେନ୍ଦ୍ରିୟ ହୋଇ ବନରେ ବାସ କରିବେ ॥୧॥

ଯେତେବେଳେ ଗୃହସ୍ଥ ଦେଖିବାକୁ ପାଇବ ଯେ ତା' ମସ୍ତକର କେଶ ଧବଳ ଓ ଶରୀରର ଚର୍ମ ଶିଥିଳ ହୋଇଗଲାଣି ଏବଂ ସନ୍ତାନଙ୍କର ବି ସନ୍ତାନ ହୋଇଗଲାଣି ସେତେବେଳେ ସେ ବନଚାରୀ ହେବା ଉଚିତ ॥୨॥

ସକଳ ପ୍ରକାର ଗ୍ରାମ୍ୟ-ଆହାର ଓ ବସ୍ତ୍ର ଆଦି ଗୃହର ସମସ୍ତ ଉତ୍ତମରୁ ଉତ୍ତମ ପଦାର୍ଥ ପରିତ୍ୟାଗ କରି, ପତ୍ନୀକୁ ପୁତ୍ରମାନଙ୍କ ପାଖରେ ଛାଡ଼ି ଅଥବା ନିଜ ସଙ୍ଗରେ ନେଇ ଅରଣ୍ୟରେ ନିବାସ କରିବେ ॥୩॥

ଅଗ୍ନିହୋତ୍ରର ସକଳ ଉପକରଣମାନ ନିଜ ସାଥିରେ ନେଇ ଗ୍ରାମରୁ ବହିର୍ଗତ ହୋଇ ସଂଯତେନ୍ଦ୍ରିୟ ହୋଇ

ଅରଣ୍ୟରେ ନିବାସ କରିବେ ॥୪॥

ଶାଳି ଆଦି ବିବିଧ ପ୍ରକାର ବନଜାତ ଧାନ୍ୟରୁ ପ୍ରସ୍ତୁତ ଅନ୍ନ, ଉତ୍ତମ-ଉତ୍ତମ ଶାକ, ଫଳ, କନ୍ଦ-ମୂଳାଦି ଦ୍ୱାରା ପୂର୍ବୋକ୍ତ ପଞ୍ଚମହାଯଜ୍ଞ କରିବେ । ସେସବୁ ପଦାର୍ଥ ଦ୍ୱାରା ଅତିଥି ସତ୍କାର ବି କରିବେ ଓ ନିଜର ଜୀବନ ପୋଷଣ ବି କରିବେ ॥୫॥

ସ୍ୱାଧ୍ୟାୟେ ନିତ୍ୟଯୁକ୍ତଃ ସ୍ୟାଦ୍‌ଦାନ୍ତୋ ମୈତ୍ରଃ ସମାହିତଃ ।
ଦାତା ନିତ୍ୟମନାଦାତା ସର୍ବଭୂତାନୁକମ୍ପକଃ ॥୧॥
ଅପ୍ରୟତ୍ନଃ ସୁଖାର୍ଥେଷୁ ବ୍ରହ୍ମଚାରୀ ଧରାଶୟଃ ।
ଶରଣେଷ୍ୱମମଶ୍ଚୈବ ବୃକ୍ଷମୂଳନିକେତନଃ ॥୨॥ (ମନୁ. ୬:୮,୨୬)

ସ୍ୱାଧ୍ୟାୟ ଅର୍ଥାତ୍ ଅଧ୍ୟୟନ-ଅଧ୍ୟାପନାରେ ସଦା ସଂଲଗ୍ନ, ଜିତାତ୍ମା, ସର୍ବମିତ୍ର, ଇନ୍ଦ୍ରିୟ-ଦମୀ, ବିଦ୍ୟାଦିର ଦାତା, ସମସ୍ତଙ୍କ ପ୍ରତି ଦୟାଳୁ ହେବେ ଓ କାହାଠୁ କିଛି ଦାନ-ଉପାୟନାଦି ଗ୍ରହଣ ନକରି ଜୀବନ ଯାପନ କରିବେ ॥୧॥

ଶାରୀରିକ ସୁଖ ପାଇଁ ବିଶେଷ ପ୍ରଯତ୍ନ କରିବେ ନାହିଁ । ବ୍ରହ୍ମଚର୍ଯ୍ୟ ପାଳନ କରିବେ ଅର୍ଥାତ୍ ନିଜ ସ୍ତ୍ରୀ ସହ ବସବାସ କରୁଥିଲେ ମଧ୍ୟ ତାଙ୍କ ସହ ବିଷୟ ଭୋଗ କଦାପି କରିବେ ନାହିଁ । ଭୂମିରେ ଶୟନ କରିବେ । ନିଜ ଆଶ୍ରିତଙ୍କ ପ୍ରତି ତଥା ସ୍ୱକୀୟ ପଦାର୍ଥରେ ମମତା ରଖିବେ ନାହିଁ, ବୃକ୍ଷମୂଳରେ ନିବାସ କରିବେ ॥୨॥

ତପଃଶ୍ରଦ୍ଧେ ୟେ ହ୍ୟୁପବସନ୍ତ୍ୟରଣ୍ୟେ, ଶାନ୍ତା ବିଦ୍ୱାଂସୋ ଭୈକ୍ଷଚର୍ଯ୍ୟାଂ ଚରନ୍ତଃ ।
ସୂର୍ଯ୍ୟଦ୍ୱାରେଣ ତେ ବିରଜାଃ ପ୍ରୟାନ୍ତି, ୟତ୍ରାଽମୃତଃ ସ ପୁରୁଷୋ ହ୍ୟବ୍ୟୟାତ୍ମା ॥
(ମୁଣ୍ଡକ. ୧:୨:୧୧)

ଯେଉଁ ଶାନ୍ତଚିତ୍ତ, ବିଦ୍ୱାନ୍‌ମାନେ ତପସ୍ୟା, ଧର୍ମାନୁଷ୍ଠାନ, ସତ୍ୟବ୍ରତଧାରଣ ଓ ଭିକ୍ଷାଚରଣ ପୂର୍ବକ ଅରଣ୍ୟରେ ବସବାସ କରନ୍ତି, ସେମାନେ ସକଳ ମଳରୁ ରହିତ ହୋଇ ପ୍ରାଣ ଦ୍ୱାରରେ ସେଠାରେ ପହଞ୍ଚନ୍ତି ଯେଉଁଠାରେ ଅବିନାଶୀ, ସର୍ବତ୍ର ପରିପୂର୍ଣ୍ଣ ପୁରୁଷ, ଅବ୍ୟୟ ପରମାତ୍ମା ଅବସ୍ଥାନ କରନ୍ତି । ସେହି ପରମାତ୍ମାଙ୍କୁ ପ୍ରାପ୍ତ କରି ସେମାନେ ପରମାନନ୍ଦ ଲାଭ କରନ୍ତି ଅର୍ଥାତ୍ ଅବିନାଶୀ, ସର୍ବବ୍ୟାପକ ଅଥଚ ସମସ୍ତ ଦୁଃଖ-କ୍ଲେଶ ରହିତ ପରମାତ୍ମାଙ୍କୁ ଲାଭ କରନ୍ତି ।

ଅଭ୍ୟା ଦଧାମି ସମିଧମଗ୍ନେ ବ୍ରତପତେ ତ୍ୱୟି ।
ବ୍ରତଞ୍ଚ ଶ୍ରଦ୍ଧାଂ ଚୋପୈମୀନ୍ଧେ ତ୍ୱା ଦୀକ୍ଷିତୋଽଅହମ୍ ॥ (ଯଜୁଃ. ୨୦:୨୪)

'ମୁଁ ଅଗ୍ନିରେ ହୋମ କରି ଦୀକ୍ଷାଗ୍ରହଣ ପୂର୍ବକ ବ୍ରତ, ସତ୍ୟ-ଆଚରଣ ଓ ଶ୍ରଦ୍ଧା ଲାଭ କରେ' - ବ୍ୟକ୍ତି ଏଭଳି କାମନା କରି ବାନପ୍ରସ୍ଥ ହେବେ ଏବଂ ତଦନନ୍ତର ବିଭିନ୍ନ ପ୍ରକାର ତପଶ୍ଚର୍ଯ୍ୟା, ସତ୍‌ସଙ୍ଗ, ଯୋଗାଭ୍ୟାସ ଓ ସୁବିଚାର ଦ୍ୱାରା ଜ୍ଞାନ ଓ ପବିତ୍ରତା ପ୍ରାପ୍ତ କରିବେ ।

ପରେ ଯେତେବେଳେ ସନ୍ନ୍ୟାସ ଗ୍ରହଣ କରିବାକୁ ଇଚ୍ଛା ହେବ ସେତେବେଳେ ପତ୍ନୀଙ୍କୁ ପୁତ୍ର ପାଖକୁ ପଠାଇ ଦେଇ ସନ୍ନ୍ୟାସୀ ହୋଇଯିବେ ।

॥ ଇତି ସଂକ୍ଷେପେଣ ବାନପ୍ରସ୍ଥବିଧିଃ ॥

ଅଥ ସନ୍ନ୍ୟାସବିଧିଃ

ବନେଷୁ ଚ ବିହୃତ୍ୟୈବଂ ତୃତୀୟଂ ଭାଗମାୟୁଷଃ ।
ଚତୁର୍ଥମାୟୁଷୋ ଭାଗଂ ତ୍ୟକ୍ତ୍ୱା ସଙ୍ଗାନ୍ ପରିବ୍ରଜେତ୍ ॥ (ମନୁ. ୬:୩୩)

ଏହିପରି ଅରଣ୍ୟରେ ଆୟୁର ତୃତୀୟ ଭାଗ ଅର୍ଥାତ୍ ୫୦ ରୁ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ବାନପ୍ରସ୍ଥ ଜୀବନ ଯାପନ କରି ଆୟୁର ଚତୁର୍ଥ ଭାଗରେ ସମସ୍ତ ସଙ୍ଗ ପରିତ୍ୟାଗ ପୂର୍ବକ 'ପରିବ୍ରାଟ୍' ଅର୍ଥାତ୍ ସନ୍ନ୍ୟାସୀ ହୋଇଯିବେ ।

ପ୍ରଶ୍ନ — କେହି ଗୃହସ୍ଥାଶ୍ରମ ଓ ବାନପ୍ରସ୍ଥାଶ୍ରମ ପାଳନ ନ କରି ସନ୍ନ୍ୟାସାଶ୍ରମ ଗ୍ରହଣ କଲେ, ତା'ର କୌଣସି ପାପ ହୁଏ କି ?

ଉତ୍ତର — ପାପ ହୁଏ ବି, ଏବଂ ହୁଏନି ବି ।

ପ୍ରଶ୍ନ — ଏମିତି ଦୁଇ ପ୍ରକାର କଥା କେମିତି କହୁଛନ୍ତି ?

ଉତ୍ତର — ଏହା ଦୁଇ ପ୍ରକାର କଥା ନୁହେଁ । କାରଣ କେହି ବାଲ୍ୟାବସ୍ଥାରେ ସଂସାର ପ୍ରତି ବିରକ୍ତ ହୋଇ ସନ୍ନ୍ୟାସ ଗ୍ରହଣ କରି ପରବର୍ତ୍ତୀ ସମୟରେ ସେ ଯଦି ବିଷୟ ଭୋଗରେ ସଂଲଗ୍ନ ହୁଏ ତେବେ ସେ ମହାପାପୀ । ଆଉ ଯଦି ବୈରାଗ୍ୟ ସଂସ୍କାରକୁ ବଜାୟ ରଖି ସେ ବିଷୟ ଭୋଗରେ ସଂପୃକ୍ତ ନ ହୁଏ ତେବେ ସେ ମହାପୁଣ୍ୟାତ୍ମା ସତ୍‌ପୁରୁଷ ହୁଏ ।

ୟଦହରେବ ବିରଜେତ୍‌ତଦହରେବ ପ୍ରବ୍ରଜେଦ୍‌ବନାଦ୍ୱା ଗୃହାଦ୍ୱା ବ୍ରହ୍ମଚର୍ୟାଦେବ ପ୍ରବ୍ରଜେତ୍ ।
(ବ୍ରାହ୍ମଣ, ଜାବାଲୋପନିଷଦ. ୪)

ଯେଉଁଦିନ ହୃଦୟରେ ବୈରାଗ୍ୟର ବହ୍ନି ପ୍ରଜ୍ୱଳିତ ହେବ, ସେହିଦିନ ବ୍ରହ୍ମଚର୍ଯ୍ୟାଶ୍ରମରୁ ଅଥବା ଗୃହସ୍ଥାଶ୍ରମରୁ କିମ୍ବା ବାନପ୍ରସ୍ଥାଶ୍ରମରୁ ସନ୍ନ୍ୟାସ ଗ୍ରହଣ କରିବେ । ପୂର୍ବରୁ ଯାହା କୁହାଯାଇଛି ଯେ ବ୍ରହ୍ମଚର୍ଯ୍ୟ ପରେ ଗୃହସ୍ଥ, ଗୃହସ୍ଥ ପରେ ବାନପ୍ରସ୍ଥ ଓ ତା'ପରେ ସନ୍ନ୍ୟାସ – ଏହା କ୍ରମାନୁସାରେ ସନ୍ନ୍ୟାସ ଗ୍ରହଣ କରିବା ବିଷୟରେ କୁହାଯାଇଛି । ଏହା ହେଉଛି ପ୍ରଥମ ପ୍ରକାର । ଦ୍ୱିତୀୟ ବିକଳ୍ପ ହେଲା ବାନପ୍ରସ୍ଥ ନ ହୋଇ ମଧ୍ୟ ଗୃହସ୍ଥାଶ୍ରମରୁ ହିଁ ସନ୍ନ୍ୟାସ ଗ୍ରହଣ କରିପାରିବେ । ତୃତୀୟ ବିକଳ୍ପ ହେଲା ଯେଉଁ ବ୍ୟକ୍ତି ପୂର୍ଣ୍ଣ ବିଦ୍ୱାନ୍, ଜିତେନ୍ଦ୍ରିୟ, ବିଷୟବାସନା ରହିତ, ଏକାନ୍ତ ପରୋପକାର ଆକାଂକ୍ଷାଯୁକ୍ତ ସେ ବ୍ରହ୍ମଚର୍ଯ୍ୟାଶ୍ରମରୁ ହିଁ ସନ୍ନ୍ୟାସ ନେଇନେବେ ।

ବେଦାଦି ଗ୍ରନ୍ଥରେ ବି **'ୟତୟଃ'** (ଋକ୍. ୧୦:୭୨:୭), **'ବ୍ରାହ୍ମଣସ୍ୟ ବିଜାନତଃ'** ଇତ୍ୟାଦି ପଦରେ ସନ୍ନ୍ୟାସର ବିଧାନ ଅଛି । କିନ୍ତୁ –

ନାବିରତୋ ଦୁଷ୍ଚରିତାନ୍ନାଶାନ୍ତୋ ନାସମାହିତଃ ।
ନାଶାନ୍ତମାନସୋ ବାପି ପ୍ରଜ୍ଞାନେନୈନମାପ୍ନୁୟାତ୍ ॥ (କଠ. ୨:୨୩)

ଯିଏ ଦୁରାଚାରରୁ ବିରତ ହୋଇ ନାହିଁ, ଯିଏ ଅଶାନ୍ତ, ଯିଏ ଯୋଗୀ ନୁହେଁ, ଯିଏ ସ୍ଥିରଚିତ୍ତ ନୁହେଁ, ସିଏ ସନ୍ନ୍ୟାସ ଗ୍ରହଣ କରି ମଧ୍ୟ ପ୍ରଜ୍ଞାନ ଅର୍ଥାତ୍ ପରମେଶ୍ୱର ବିଷୟକ ଶାସ୍ତ୍ରୀୟ ଜ୍ଞାନଦ୍ୱାରା ପରମାତ୍ମାଙ୍କୁ ପ୍ରାପ୍ତ କରିପାରେ ନାହିଁ ।

ୟଚ୍ଛେଦ୍‌ବାଙ୍‌ମନସୀ ପ୍ରାଜ୍ଞସ୍ତଦ୍ୟଚ୍ଛେଦ୍ ଜ୍ଞାନ ଆତ୍ମନି ।
ଜ୍ଞାନମାତ୍ମନି ମହତି ନିୟଚ୍ଛେତ୍ତଦ୍ୟଚ୍ଛେଚ୍ଛାନ୍ତ ଆତ୍ମନି ॥ (କଠ. ୩:୧୩)

ଜ୍ଞାନୀ ସନ୍ନ୍ୟାସୀ ବାଣୀ ଓ ମନକୁ ଅଧର୍ମରୁ ରୋକିବେ, ସେ ଉଭୟକୁ ଜ୍ଞାନ ଓ ଆତ୍ମାରେ ସଂଯୁକ୍ତ କରିବେ । ପୁଣି ସେହି ଜ୍ଞାନ ଓ ସ୍ୱ ଆତ୍ମାକୁ ପରମାତ୍ମାଙ୍କ ସହ ସଂଯୋଗ କରିବେ । ପରମାତ୍ମାଙ୍କ ସଂଯୋଗରୁ ଲବ୍ଧ ଜ୍ଞାନକୁ ସ୍ୱ ଶାନ୍ତ ସ୍ୱରୂପ ଆତ୍ମାରେ ସ୍ଥିର କରି ରଖିବେ ।

ପରୀକ୍ଷ୍ୟ ଲୋକାନ୍ କର୍ମଚିତାନ୍ ବ୍ରାହ୍ମଣୋ ନିର୍ବେଦମାୟାନ୍ନାସ୍ତ୍ୟକୃତଃ କୃତେନ ।
ତଦ୍‌ବିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍ ସମିତ୍‌ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍ ॥

(ମୁଣ୍ଡକ. ୧:୨:୧୨)

ସଂସାରର ସମସ୍ତ ଲୌକିକ ଭୋଗ କର୍ମଦ୍ୱାରା ସଞ୍ଚିତ, ଅର୍ଜିତ ବୋଲି ଅନୁଭବ କରି ବ୍ରାହ୍ମଣ ଅର୍ଥାତ୍ ସନ୍ନ୍ୟାସୀ ବୈରାଗ୍ୟକୁ ପ୍ରାପ୍ତ ହେବେ । ଯେହେତୁ 'ଅକୃତ' ଅର୍ଥାତ୍ କାହାଦ୍ୱାରା ସୃଷ୍ଟ ହୋଇ ନ ଥିବା, ନିତ୍ୟ, ସନାତନ ପରମାତ୍ମା 'କୃତ' ଅର୍ଥାତ୍ କେବଳ କର୍ମ ଦ୍ୱାରା ପ୍ରାପ୍ତ ହୁଅନ୍ତି ନାହିଁ ; ତେଣୁ ଅର୍ପଣ କରିବା ନିମିତ୍ତ ହାତରେ କିଛି ନେଇ ବେଦବିତ୍ ଓ ବ୍ରହ୍ମଜ୍ଞ ଗୁରୁଙ୍କ ନିକଟକୁ ସେହି ପରମାତ୍ମା ପ୍ରାପ୍ତିର ଜ୍ଞାନ ଲାଭ ନିମନ୍ତେ ଯିବେ । ସେହି ଶ୍ରୋତ୍ରିୟ ଓ ବ୍ରହ୍ମନିଷ୍ଠ ଆଚାର୍ଯ୍ୟଙ୍କ ପାଖକୁ ଯାଇ ସବୁ ସନ୍ଦେହ ମୋଚନ କରିବେ । କିନ୍ତୁ ଏଭଳି ଲୋକଙ୍କ ସଙ୍ଗ ସର୍ବଦା ତ୍ୟାଗ କରିବେ –

ଅବିଦ୍ୟାୟାମନ୍ତରେ ବର୍ତ୍ତମାନାଃ ସ୍ୱୟଂ ଧୀରାଃ ପଣ୍ଡିତଂ ମନ୍ୟମାନାଃ ।
ଜଙ୍ଘନ୍ୟମାନାଃ ପରିୟନ୍ତି ମୂଢ଼ା ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ॥ ୧ ॥
ଅବିଦ୍ୟାୟାଂ ବହୁଧା ବର୍ତ୍ତମାନା ବୟଂ କୃତାର୍ଥା ଇତ୍ୟଭିମନ୍ୟନ୍ତି ବାଲାଃ ।
ଯତ୍‌କର୍ମିଣୋ ନ ପ୍ରବେଦୟନ୍ତି ରାଗାତ୍ ତେନାତୁରାଃ କ୍ଷୀଣଲୋକାଶ୍ଚ୍ୟବନ୍ତେ ॥ ୨ ॥

(ମୁଣ୍ଡକ. ୧:୨:୮,୯)

ଯେଉଁମାନେ ଅବିଦ୍ୟା ଗର୍ତ୍ତରେ ପଡ଼ି ରହିଛନ୍ତି ଅଥଚ ନିଜକୁ ଧୀର ଓ ପଣ୍ଡିତ ବୋଲି ମନେକରନ୍ତି, ନୀଚଗତି ଲାଭ ଦିଗକୁ ଅଗ୍ରସର ହେଉଥିବା ସେହି ମୂଢ଼ ବ୍ୟକ୍ତିମାନେ ଗୋଟିଏ ଅନ୍ଧ ଅନ୍ୟ ଅନ୍ଧର ଅନୁସରଣ କଲେ ଯେପରି ଦୁର୍ଦ୍ଦଶାଗ୍ରସ୍ତ ହୋଇଥାଏ ସେପରି ଦୁଃଖ-ଦୁର୍ଦ୍ଦଶା ଲାଭକରନ୍ତି ॥ ୧ ॥

ବିବିଧ ପ୍ରକାର ଅବିଦ୍ୟାରେ ସଂଲିପ୍ତ ବାଳବୁଦ୍ଧି ସଂପନ୍ନ ଲୋକମାନେ 'ଆମେ କୃତକୃତ୍ୟ ହୋଇଗଲୁ' ବୋଲି ମନେକରନ୍ତି । କେବଳ କର୍ମକାଣ୍ଡରେ ସଂଲଗ୍ନ ବ୍ୟକ୍ତିମାନେ ରାଗରେ ମୋହିତ ହୋଇ ଯେଉଁ ତତ୍ତ୍ୱକୁ ଜାଣିପାରନ୍ତି ନାହିଁ କି ଜଣାଇପାରନ୍ତି ନାହିଁ, ସେମାନେ ଆତୁର ହୋଇ ସର୍ବଦା ଜନ୍ମ-ମରଣ ରୂପକ ଦୁଃଖରେ ପଡ଼ି ରହିଥାନ୍ତି ॥ ୨ ॥ ଏଣୁ –

ବେଦାନ୍ତବିଜ୍ଞାନସୁନିଶ୍ଚିତାର୍ଥାଃ, ସନ୍ନ୍ୟାସଯୋଗାଦ୍ୟତୟଃ ଶୁଦ୍ଧସତ୍ତ୍ୱାଃ ।
ତେ ବ୍ରହ୍ମଲୋକେଷୁ ପରାନ୍ତକାଲେ, ପରାମୃତାଃ ପରିମୁଚ୍ୟନ୍ତି ସର୍ବେ ॥ (ମୁଣ୍ଡକ. ୩:୨:୬)

ଯେଉଁମାନେ ବେଦାନ୍ତ ଅର୍ଥାତ୍ ପରମେଶ୍ୱର ପ୍ରତିପାଦକ ବେଦମନ୍ତ୍ରର ଅର୍ଥର ଜ୍ଞାନ ଓ ତଦନୁରୂପ ଆଚରଣ ଦ୍ୱାରା ତଦ୍ ବିଷୟରେ ଦୃଢ଼-ନିଶ୍ଚୟ ସମ୍ପନ୍ନ, ସନ୍ନ୍ୟାସଯୋଗ ଦ୍ୱାରା ଶୁଦ୍ଧାନ୍ତଃକରଣ ସମ୍ପନ୍ନ ସନ୍ନ୍ୟାସୀ ଅଟନ୍ତି, ସେମାନେ ପରମେଶ୍ୱରଙ୍କଠାରେ ମୁକ୍ତି ସୁଖ ଲାଭ କରନ୍ତି । ମୁକ୍ତିସୁଖ ଭୋଗ ପରେ ମୁକ୍ତିସୁଖର ଅବଧି ସମାପ୍ତିରେ ମୁକ୍ତିରୁ ପୁଣି ଥରେ ସଂସାରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ମୁକ୍ତି ବିନା ଦୁଃଖର ବିନାଶ ହୁଏ ନାହିଁ । କାରଣ –

ନ ବୈ ସଶରୀରସ୍ୟ ସତଃ ପ୍ରିୟାପ୍ରିୟୟୋରପହତିରସ୍ତ୍ୟଶରୀରଂ ବାବ ସନ୍ତଂ ପ୍ରିୟାପ୍ରିୟେ ସ୍ପୃଶତଃ । (ଛାନ୍ଦୋଗ୍ୟ ୮:୧୨:୧)

ଯିଏ ଶରୀରଧାରୀ, ସିଏ କେବେହେଲେ ସୁଖ-ଦୁଃଖ ଭୋଗରୁ ପୃଥକ୍ ରହିପାରେ ନାହିଁ । ଯେତେବେଳେ ଜୀବାତ୍ମା ଶରୀରରହିତ ହୋଇ ସ୍ୱ ଶୁଦ୍ଧସ୍ୱରୂପରେ ମୁକ୍ତିରେ ସର୍ବବ୍ୟାପକ ପରମେଶ୍ୱରଙ୍କ ସହ ଅବସ୍ଥାନ କରେ ସେତେବେଳେ ତା'କୁ ସାଂସାରିକ ସୁଖ-ଦୁଃଖ ପ୍ରାପ୍ତ ହୁଏ ନାହିଁ । ଏଣୁ -

ପୁତ୍ରୈଷଣାୟାଶ୍ଚ ବିତ୍ତୈଷଣାୟାଶ୍ଚ ଲୋକୈଷଣାୟାଶ୍ଚ ବ୍ୟୁତ୍ଥାୟାଥ ଭୈକ୍ଷଚର୍ଯ୍ୟଂ ଚରନ୍ତି ।

(ଶତ. ୧୪:୩:୪:୧)

ସନ୍ତାନାଦିଙ୍କ ମୋହ, ଧନ-ଐଶ୍ୱର୍ଯ୍ୟର ଭୋଗ ବା ଲୋଭ ଏବଂ ସାଂସାରିକ ପ୍ରତିଷ୍ଠା ବା ମାନ-ସମ୍ମାନରୁ ପୃଥକ୍ ହୋଇ ସନ୍ନ୍ୟାସୀଗଣ ଭିକ୍ଷୁକ ହୋଇ ଦିନରାତି ମୋକ୍ଷ ସାଧନରେ ତତ୍ପର ରହନ୍ତି ।

ପ୍ରାଜାପତ୍ୟାଂ ନିରୂପ୍ୟେଷ୍ଟିଂ ତସ୍ୟାଂ ସର୍ବବେଦସଂ ହୁତ୍ୱା ବ୍ରାହ୍ମଣଃ ପ୍ରବ୍ରଜେତ୍ ॥ ୧ ॥

(ଯଜୁର୍ବେଦ ବ୍ରାହ୍ମଣ, ନ୍ୟାୟ. ୪:୧:୬୨ର ବାତ୍ସାୟନ ଭାଷ୍ୟ)

ପ୍ରାଜାପତ୍ୟାଂ ନିରୂପ୍ୟେଷ୍ଟିଂ ସର୍ବବେଦସଦକ୍ଷିଣାମ୍ ।
ଆତ୍ମନ୍ୟଗ୍ନୀନ୍ ସମାରୋପ୍ୟ ବ୍ରାହ୍ମଣଃ ପ୍ରବ୍ରଜେଦ୍ ଗୃହାତ୍ ॥ ୨ ॥
ଯୋ ଦତ୍ତ୍ୱା ସର୍ବଭୂତେଭ୍ୟଃ ପ୍ରବ୍ରଜତ୍ୟଭୟଂ ଗୃହାତ୍ ।
ତସ୍ୟ ତେଜୋମୟା ଲୋକା ଭବନ୍ତି ବ୍ରହ୍ମବାଦିନଃ ॥ ୩ ॥ (ମନୁ. ୬:୩୮,୩୯)

ପ୍ରଜାପତି ଅର୍ଥାତ୍ ପରମେଶ୍ୱରଙ୍କୁ ପ୍ରାପ୍ତ କରିବା ପାଇଁ ଇଷ୍ଟି ଅର୍ଥାତ୍ ଯଜ୍ଞ କରି, ସେଥିରେ ଯଜ୍ଞୋପବୀତ ଓ ଶିଖାଦି ଚିହ୍ନ ପରିତ୍ୟାଗ କରି, ଆହବନୀୟାଦି ପଞ୍ଚ ଅଗ୍ନିକୁ ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ଏହି ପଞ୍ଚପ୍ରାଣରେ ଆରୋପଣ କରି ବ୍ରହ୍ମବିଦ୍ ବ୍ରାହ୍ମଣ ଗୃହ ପରିତ୍ୟାଗ ପୂର୍ବକ ସନ୍ନ୍ୟାସୀ ହୋଇଯିବେ ॥ ୧,୨ ॥

ଯିଏ ସକଳ ପ୍ରାଣୀଙ୍କୁ ଅଭୟଦାନ କରି ଗୃହରୁ ବହିର୍ଗତ ହୋଇ ସନ୍ନ୍ୟାସୀ ହୁଅନ୍ତି, ସେହି ବ୍ରହ୍ମବାଦୀ ଅର୍ଥାତ୍ ପରମେଶ୍ୱର ପ୍ରକାଶିତ ବେଦୋକ୍ତ ଧର୍ମାଦି ବିଦ୍ୟାର ଉପଦେଷ୍ଟା ସନ୍ନ୍ୟାସୀ ପ୍ରକାଶମୟ ଅର୍ଥାତ୍ ମୁକ୍ତିର ଆନନ୍ଦସ୍ୱରୂପ ଲୋକ ପ୍ରାପ୍ତ କରିଥାନ୍ତି ।

ପ୍ରଶ୍ନ — ସନ୍ନ୍ୟାସୀମାନଙ୍କର ଧର୍ମ କଅଣ ?

ଉତ୍ତର — ପକ୍ଷପାତରହିତ ନ୍ୟାୟାଚରଣ, ସତ୍ୟଗ୍ରହଣ, ଅସତ୍ୟ ପରିତ୍ୟାଗ, ଈଶ୍ୱରଙ୍କ ବେଦୋକ୍ତ ଆଜ୍ଞାପାଳନ, ପରୋପକାର, ସତ୍ୟଭାଷଣ ଇତ୍ୟାଦି ହେଉଛି ଧର୍ମ ଯାହାକି ବ୍ରହ୍ମଚର୍ଯ୍ୟାଦି ପ୍ରତ୍ୟେକ ଆଶ୍ରମର ବ୍ୟକ୍ତିଙ୍କ ପାଇଁ ଅର୍ଥାତ୍ ମନୁଷ୍ୟମାତ୍ରେ ପ୍ରତ୍ୟେକଙ୍କ ପାଇଁ ସମାନ ରୂପେ ଆଚରଣୀୟ କର୍ତ୍ତବ୍ୟ । କିନ୍ତୁ ସନ୍ନ୍ୟାସୀମାନଙ୍କର ବିଶେଷ ଧର୍ମ ହେଲା -

ଦୃଷ୍ଟିପୂତଂ ନ୍ୟସେତ୍ପାଦଂ ବସ୍ତ୍ରପୂତଂ ଜଳଂ ପିବେତ୍ ।
ସତ୍ୟପୂତାଂ ବଦେଦ୍ବାଚଂ ମନଃପୂତଂ ସମାଚରେତ୍ ॥ ୧ ॥
କ୍ରୁଦ୍ଧ୍ୟନ୍ତଂ ନ ପ୍ରତିକ୍ରୁଧ୍ୟେଦାକ୍ରୁଷ୍ଟଃ କୁଶଳଂ ବଦେତ୍ ।
ସପ୍ତଦ୍ୱାରାବକୀର୍ଣ୍ଣାଂ ଚ ନ ବାଚମନୃତାଂ ବଦେତ୍ ॥ ୨ ॥

ଅଧ୍ୟାତ୍ମରତିରାସୀନୋ ନିରପେକ୍ଷୋ ନିରାମିଷଃ ।
ଆତ୍ମନୈବ ସହାୟେନ ସୁଖାର୍ଥୀ ବିଚରେଦିହ ॥ ୩ ॥
କ୍ଳୃପ୍ତକେଶନଖଶ୍ମଶ୍ରୁଃ ପାତ୍ରୀ ଦଣ୍ଡୀ କୁସୁମ୍ଭବାନ୍ ।
ବିଚରେନ୍ନିୟତୋ ନିତ୍ୟଂ ସର୍ବଭୂତାନ୍ୟପୀଡ଼ୟନ୍ ॥ ୪ ॥
ଇନ୍ଦ୍ରିୟାଣାଂ ନିରୋଧେନ ରାଗଦ୍ୱେଷକ୍ଷୟେଣ ଚ ।
ଅହିଂସୟା ଚ ଭୂତାନାମମୃତତ୍ୱାୟ କଲ୍ପତେ ॥ ୫ ॥
ଦୂଷିତୋଽପି ଚରେଦ୍ଧର୍ମଂ ୟତ୍ର ତତ୍ରାଶ୍ରମେ ରତଃ ।
ସମଃ ସର୍ବେଷୁ ଭୂତେଷୁ ନ ଲିଙ୍ଗଂ ଧର୍ମକାରଣମ୍ ॥ ୬ ॥
ଫଲଂ କତକବୃକ୍ଷସ୍ୟ ୟଦ୍ୟପ୍ୟମ୍ବୁପ୍ରସାଦକମ୍ ।
ନ ନାମ ଗ୍ରହଣାଦେବ ତସ୍ୟ ବାରି ପ୍ରସୀଦତି ॥ ୭ ॥
ପ୍ରାଣାୟାମା ବ୍ରାହ୍ମଣସ୍ୟ ତ୍ରୟୋଽପି ବିଧିବତ୍ କୃତାଃ ।
ବ୍ୟାହୃତିପ୍ରଣବୈର୍ୟୁକ୍ତା ବିଜ୍ଞେୟଂ ପରମଂ ତପଃ ॥ ୮ ॥
ଦହ୍ୟନ୍ତେ ଧ୍ମାୟମାନାନାଂ ଧାତୂନାଂ ହି ୟଥା ମଲାଃ ।
ତଥେନ୍ଦ୍ରିୟାଣାଂ ଦହ୍ୟନ୍ତେ ଦୋଷାଃ ପ୍ରାଣସ୍ୟ ନିଗ୍ରହାତ୍ ॥ ୯ ॥
ପ୍ରାଣାୟାମୈର୍ଦହେଦ୍ଦୋଷାନ୍ ଧାରଣାଭିଶ୍ଚ କିଲ୍ବିଷମ୍ ।
ପ୍ରତ୍ୟାହାରେଣ ସଂସର୍ଗାନ୍ ଧ୍ୟାନେନାନୀଶ୍ୱରାନ୍ ଗୁଣାନ୍ ॥ ୧୦ ॥
ଉଚ୍ଚାବଚେଷୁ ଭୂତେଷୁ ଦୁର୍ଜ୍ଞେୟାମକୃତାତ୍ମଭିଃ ।
ଧ୍ୟାନୟୋଗେନ ସଂପଶ୍ୟେଦ୍ ଗତିମସ୍ୟାନ୍ତରାତ୍ମନଃ ॥ ୧୧ ॥
ଅହିଂସୟେନ୍ଦ୍ରିୟାସଙ୍ଗୈର୍ବୈଦିକୈଶ୍ଚୈବ କର୍ମଭିଃ ।
ତପଶ୍ଚରଣୈଶ୍ଚୋଗ୍ରୈସ୍ସାଧୟନ୍ତୀହ ତତ୍ପଦମ୍ ॥ ୧୨ ॥
ୟଦା ଭାବେନ ଭବତି ସର୍ବଭାବେଷୁ ନିଃସ୍ପୃହଃ ।
ତଦା ସୁଖମବାପ୍ନୋତି ପ୍ରେତ୍ୟ ଚେହ ଚ ଶାଶ୍ୱତମ୍ ॥ ୧୩ ॥
ଚତୁର୍ଭିରପି ଚୈବୈତୈର୍ନିତ୍ୟମାଶ୍ରମିଭିର୍ଦ୍ୱିଜୈଃ ।
ଦଶଲକ୍ଷଣକୋ ଧର୍ମଃ ସେବିତବ୍ୟଃ ପ୍ରୟତ୍ନତଃ ॥ ୧୪ ॥
ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।
ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣମ୍ ॥ ୧୫ ॥
ଅନେନ ବିଧିନା ସର୍ବାଂସ୍ତ୍ୟକ୍ତ୍ୱା ସଙ୍ଗାଞ୍ଛନୈଃ ଶନୈଃ ।
ସର୍ବଦ୍ୱନ୍ଦ୍ୱବିନିର୍ମୁକ୍ତୋ ବ୍ରହ୍ମଣ୍ୟେବାବତିଷ୍ଠତେ ॥ ୧୬ ॥

(ମନୁ. ୬:୪୬,୪୮,୪୯,୫୨,୬୦,୬୬,୬୭,୭୦-୭୩,୭୫,୮୦,୯୧,୯୨,୮୧)

ସନ୍ନ୍ୟାସୀ ରାସ୍ତାରେ ଚାଲିବା ସମୟରେ ଇତସ୍ତତଃ ଦୃଷ୍ଟିପାତ ନ କରି ତଳକୁ ଦେଖି ଚାଲିବେ । ସର୍ବଦା ବସ୍ତ୍ରଦ୍ୱାରା ଛାଣି ପାଣି ପିଇବେ । ସଦା ସତ୍ୟ କହିବେ । ସବୁବେଳେ ମନରେ ଉତ୍ତମ ରୂପେ ବିଚାର କରି ସତ୍ୟକୁ ଗ୍ରହଣ କରିବେ ଓ ଅସତ୍ୟ ପରିତ୍ୟାଗ କରିବେ ॥ ୧ ॥

ଉପଦେଶ ଦେବା ବା ଆଲୋଚନାଦି କରିବା ସମୟରେ ଯଦି କେହି ସନ୍ନ୍ୟାସୀଙ୍କ ଉପରେ କ୍ରୋଧ କରନ୍ତି ବା ସନ୍ନ୍ୟାସୀଙ୍କ ନିନ୍ଦା କରନ୍ତି, ତେବେ ସନ୍ନ୍ୟାସୀ ତାଙ୍କ ଉପରେ କେବେ ବି କ୍ରୋଧ କରିବେ ନାହିଁ; ବରଂ ସର୍ବଦା ତାଙ୍କ କଲ୍ୟାଣ ହେବା ଭଳି ଉପଦେଶ ଦେବେ । ମୁଖର ଏକ, ନାସିକାର ଦୁଇ, ଆଖିର ଦୁଇ ଓ କାନର ଦୁଇ ଏଭଳି ସପ୍ତ ଛିଦ୍ରରେ ବାଣୀର କ୍ରିୟା ବ୍ୟାପୀଥାଏ ଅର୍ଥାତ୍ ଆଖିରେ ଦେଖି, କାନରେ ଶୁଣି, ନାକରେ ଶୁଙ୍ଘି ଓ ଜିଭରେ ଚାଖି ଜାଣିପାରିଥିବା ବିଷୟକୁ ବାଣୀରେ ପ୍ରକାଶ କରାଯାଇଥାଏ । କୌଣସି କାରଣରୁ କେବେ ବି ମିଥ୍ୟା କହିବେ ନାହିଁ ॥ ୨ ॥

ସ୍ୱ ଆତ୍ମା ଓ ପରମାତ୍ମାଙ୍କଠାରେ ସ୍ଥିର-ଏକାଗ୍ର, ଅନ୍ୟର ଅପେକ୍ଷାରହିତ, ମଦ୍ୟ-ମାଂସାଦି ବର୍ଜିତ, କେବଳ ଆତ୍ମାର ସହାୟତାରେ ହିଁ ସୁଖାର୍ଥୀ ହୋଇ ଏହି ସଂସାରରେ ଧର୍ମ ଓ ବିଦ୍ୟାର ବୃଦ୍ଧି ନିମିତ୍ତ ଜନସାଧାରଣଙ୍କୁ ଉପଦେଶ ଦେବା ଉଦ୍ଦେଶ୍ୟରେ ସର୍ବଦା ଭ୍ରମଣ କରିବେ ॥ ୩ ॥

କେଶ, ନଖ, ଦାଢ଼ି ଓ ନିଶ ନିୟମିତ ସମୟ ଅନ୍ତରାଳରେ ଛେଦନ କରାଇବେ । ସୁନ୍ଦର ଦଣ୍ଡ-କମଣ୍ଡଲୁ ଧାରଣ କରି କଷାୟ ବସ୍ତ୍ର ପରିଧାନ ପୂର୍ବକ ନିଶ୍ଚିତାତ୍ମା ହୋଇ କୌଣସି ପ୍ରାଣୀକୁ ପୀଡ଼ା ନ ଦେଇ ସର୍ବତ୍ର ବିଚରଣ କରିବେ ॥ ୪ ॥

ଇନ୍ଦ୍ରିୟଗୁଡ଼ିକୁ ଅଧର୍ମାଚରଣରୁ ନିରୋଧ କରି, ରାଗ-ଦ୍ୱେଷ ପରିତ୍ୟାଗ ପୂର୍ବକ, ସମସ୍ତ ପ୍ରାଣୀଙ୍କ ସହ ବୈରଶୂନ୍ୟ ଆଚରଣ କରି, ମୋକ୍ଷ ନିମିତ୍ତ ସାମର୍ଥ୍ୟ ବୃଦ୍ଧି କରିବାରେ ତତ୍ପର ରହିବେ ॥ ୫ ॥

ସଂସାରରେ କେହି ଦୂଷିତ କରୁ କି ଭୂଷିତ କରୁ ଅର୍ଥାତ୍ ନିନ୍ଦା କରୁ କି ପ୍ରଶଂସା କରୁ ତଥାପି ଯେ କୌଣସି ଆଶ୍ରମସ୍ଥ ବ୍ୟକ୍ତିର ବି ଏହା କର୍ତ୍ତବ୍ୟ, ଏବଂ ବିଶେଷତଃ ସନ୍ନ୍ୟାସୀଙ୍କର ଯେ ସକଳ ପ୍ରାଣୀଙ୍କ ପ୍ରତି ପକ୍ଷପାତରହିତ ହୋଇ ନିଜେ ଧର୍ମାତ୍ମା ହେବା ପାଇଁ ଓ ଅନ୍ୟମାନଙ୍କୁ ଧର୍ମପଥରେ ପରିଚାଳିତ କରିବା ପାଇଁ ପ୍ରଯତ୍ନ କରିବେ । **ସନ୍ନ୍ୟାସୀ ନିଜ ମନରେ ଏ ଦୃଢ଼ ଧାରଣା ରଖିବା ଉଚିତ ଯେ କେବଳ ଦଣ୍ଡ-କମଣ୍ଡଲୁ ଧାରଣ ଓ କଷାୟ ବସ୍ତ୍ର ପରିଧାନ କରିନେବା ଆଦି ଚିହ୍ନ ହିଁ ଧର୍ମ ନୁହେଁ । ବରଂ ଜନସମାଜକୁ ସତ୍ୟୋପଦେଶ ଓ ବିଦ୍ୟାଦାନ ଦେଇ ସେମାନଙ୍କ ଉନ୍ନତି ସାଧନ କରିବା ସନ୍ନ୍ୟାସୀଙ୍କ ମୁଖ୍ୟ କର୍ତ୍ତବ୍ୟ ॥ ୬ ॥**

କାରଣ- ନିର୍ମଳା ଫଳକୁ ଘୋରି ଗୋଳିଆ ପାଣିରେ ପକାଇଲେ ସେ ଜଳ ତ ନିର୍ମଳ ହୋଇଥାଏ, କିନ୍ତୁ ନିର୍ମଳା ଫଳକୁ ପାଣିରେ ନ ପକାଇ କେବଳ 'ନିର୍ମଳା'-'ନିର୍ମଳା' ବୋଲି ସେହି ଫଳର ନାମ ଉଚ୍ଚାରଣ କି ଶ୍ରବଣ କଲେ ମଇଳା ପାଣି ସଫା ହୋଇଯାଏ ନାହିଁ ॥ ୭ ॥

ଏଣୁ ବ୍ରାହ୍ମଣ ଅର୍ଥାତ୍ ବ୍ରହ୍ମବିତ୍ ସନ୍ନ୍ୟାସୀଙ୍କ ପକ୍ଷେ ଉଚିତ ଯେ ଓଂକାର ପୂର୍ବକ ସପ୍ତ ବ୍ୟାହୃତି ଦ୍ୱାରା ବିଧିପୂର୍ବକ ଯଥାଶକ୍ତି ପ୍ରାଣାୟାମ କରିବେ । କିନ୍ତୁ ତିନୋଟିରୁ କମ୍ ପ୍ରାଣାୟାମ କରିବେ ନାହିଁ । ଏହା ହିଁ ସନ୍ନ୍ୟାସୀଙ୍କ ପରମ ତପସ୍ୟା ॥ ୮ ॥

କାରଣ ଅଗ୍ନିରେ ଉତ୍ତପ୍ତ କରିବା ଓ ତରଳାଇବା ଦ୍ୱାରା ଯେପରି ଧାତୁର ମଳ ନଷ୍ଟ ହୋଇଯାଏ, ସେହିପରି ପ୍ରାଣର ନିଗ୍ରହ ଦ୍ୱାରା ମନ ଆଦି ଇନ୍ଦ୍ରିୟଗୁଡ଼ିକର ଦୋଷ ଭସ୍ମୀଭୂତ ହୋଇଥାଏ ॥ ୯ ॥

ଏଣୁ ସନ୍ନ୍ୟାସୀମାନେ ପ୍ରତିଦିନ ପ୍ରାଣାୟାମ ଦ୍ୱାରା ଆତ୍ମା, ଅନ୍ତଃକରଣ ଓ ଇନ୍ଦ୍ରିୟସମୂହର ଦୋଷ; ଧାରଣା ଦ୍ୱାରା ପାପ; ପ୍ରତ୍ୟାହାର ଦ୍ୱାରା ସଙ୍ଗଦୋଷ ତଥା ଧ୍ୟାନ ଦ୍ୱାରା ଅନୀଶ୍ୱର ଗୁଣଗୁଡ଼ିକୁ ଅର୍ଥାତ୍ ହର୍ଷ, ଶୋକ ଓ ଅବିଦ୍ୟାଦି ଦୋଷକୁ ଭସ୍ମ କରିଦେବେ ॥ ୧୦ ॥

ସନ୍ନ୍ୟାସୀ ଏହି ଧ୍ୟାନଯୋଗ ଦ୍ୱାରା ଅଯୋଗୀ, ଅବିଦ୍ୱାନ୍‌ଙ୍କ ପକ୍ଷରେ ଦୁର୍ଜ୍ଞେୟ ଥିବା କ୍ଷୁଦ୍ର-ବୃହତ୍ ସକଳ ପଦାର୍ଥରେ ପରମାତ୍ମାଙ୍କ ବ୍ୟାପକତାକୁ ଦର୍ଶନ କରିବେ ତଥା ଆତ୍ମା ଓ ଅନ୍ତର୍ଯ୍ୟାମୀ ପରମେଶ୍ୱରଙ୍କ ଗତିକୁ ଦେଖିବେ ॥ ୧୧ ॥

ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ଅହିଂସା, ଇନ୍ଦ୍ରିୟଗୁଡ଼ିକର ଦୁଷ୍ଟ ବିଷୟର ପରିତ୍ୟାଗ, ବେଦୋକ୍ତ କର୍ମ ଓ ଅତ୍ୟୁଗ୍ର ତପଶ୍ଚରଣ ଦ୍ୱାରା କେବଳ ସନ୍ନ୍ୟାସୀ ହିଁ ଏହି ସଂସାରରେ ମୋକ୍ଷପଦକୁ ଲାଭ କରନ୍ତି ଓ ଅନ୍ୟକୁ ମୋକ୍ଷପ୍ରାପ୍ତିରେ ସହାୟକ ହୋଇପାରନ୍ତି । ଅନ୍ୟ କାହା ପକ୍ଷରେ ଏହା ସମ୍ଭବପର ନୁହେଁ ॥ ୧୨ ॥

ଯେତେବେଳେ ସନ୍ନ୍ୟାସୀ ସମସ୍ତ ଭାବରେ ଅର୍ଥାତ୍ ସକଳ ପଦାର୍ଥ ପ୍ରତି ନିଃସ୍ପୃହ, ଆକାଂକ୍ଷାରହିତ ତଥା ବାହ୍ୟ-ଆଭ୍ୟନ୍ତର ସବୁ ବ୍ୟବହାରରେ ପବିତ୍ର ଭାବନା ସମ୍ପନ୍ନ ହୁଅନ୍ତି, ସେତେବେଳେ ସେ ଇହ ଓ ପରଲୋକରେ ନିରନ୍ତର ସୁଖ ଭୋଗ କରିଥାନ୍ତି ॥ ୧୩ ॥

ଏଣୁ ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସୀ ପ୍ରତ୍ୟେକେ ଯତ୍ନପୂର୍ବକ ନିମ୍ନଲିଖିତ ଦଶଲକ୍ଷଣବିଶିଷ୍ଟ ଧର୍ମ ନିତ୍ୟ ଆଚରଣ କରିବା ବିଧେୟ – ॥ ୧୪ ॥

୧. (ଧୃତି)– ସର୍ବଦା ଧୈର୍ଯ୍ୟ ଧାରଣ କରିବା । **୨. (କ୍ଷମା)–** ନିନ୍ଦା-ସ୍ତୁତି, ମାନ-ଅପମାନ, ହାନି-ଲାଭ, ସୁଖ-ଦୁଃଖ ପ୍ରଭୃତିରେ ସହନଶୀଳ ରହିବା । **୩. (ଦମ)–** ମନକୁ ସଦା ଅଧର୍ମ କାର୍ଯ୍ୟରୁ ନିବୃତ୍ତ କରି ଧର୍ମ ମାର୍ଗରେ ହିଁ ଲଗାଇବା । ଅର୍ଥାତ୍ ଅଧର୍ମ କରିବାର ଇଚ୍ଛା ବି ଯେପରି ମନରେ ଜାଗ୍ରତ ନ ହୁଏ ସେପରି ପ୍ରଯତ୍ନ କରିବା । **୪. (ଅସ୍ତେୟ)–** ଚୋରୀ ନ କରିବା । ବିନା ଅନୁମତିରେ କିମ୍ବା ଛଳ-କପଟ-ବିଶ୍ୱାସଘାତକତାରେ ଅଥବା ଅନ୍ୟ କୌଣସି ଅସତ୍ ଉପାୟରେ ବା ବେଦବିରୁଦ୍ଧ ଉପଦେଶ ଦ୍ୱାରା ପରପଦାର୍ଥ ଗ୍ରହଣ ବା ପ୍ରାପ୍ତ କରିବା 'ଚୋରି' ଅଟେ । ଏପରି କର୍ମ ନ କରିବା ନାମ 'ଅସ୍ତେୟ' । **୫. (ଶୌଚ)–** ରାଗ, ଦ୍ୱେଷ, ପକ୍ଷପାତ ଆଦି ତ୍ୟାଗ ଦ୍ୱାରା ଅନ୍ତରର ଏବଂ ଜଳ, ମୃତ୍ତିକା, ମାର୍ଜନ ଆଦି ଦ୍ୱାରା ବାହାରର ପବିତ୍ରତା ରକ୍ଷା କରିବା । **୬. (ଇନ୍ଦ୍ରିୟନିଗ୍ରହ)–** ଇନ୍ଦ୍ରିୟଗୁଡ଼ିକୁ ଅଧର୍ମାଚରଣରୁ ନିରୋଧ କରି ଧର୍ମ ମାର୍ଗରେ ହିଁ ସଦା ପରିଚାଳିତ କରିବା । **୭. (ଧୀ)–** ମାଦକ ଦ୍ରବ୍ୟ, ଅନ୍ୟାନ୍ୟ ବୁଦ୍ଧିନାଶକ ପଦାର୍ଥ, କୁସଙ୍ଗ, ଆଳସ୍ୟ, ପ୍ରମାଦ ଇତ୍ୟାଦି ଛାଡ଼ି ଉତ୍କୃଷ୍ଟ ପଦାର୍ଥ ସେବନ, ସତ୍‌ପୁରୁଷଙ୍କ ସଙ୍ଗ, ଯୋଗାଭ୍ୟାସ, ଧର୍ମାଚରଣ, ବ୍ରହ୍ମଚର୍ଯ୍ୟ ଆଦି ଶୁଭକର୍ମ ଦ୍ୱାରା ବୁଦ୍ଧି ବୃଦ୍ଧି କରିବା । **୮. (ବିଦ୍ୟା)–** ପୃଥିବୀ ଠାରୁ ଆରମ୍ଭ କରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ଯାବତୀୟ ପଦାର୍ଥର ଯଥାର୍ଥ ଜ୍ଞାନ ଲାଭ କରିବା ଏବଂ ତଦ୍ଦ୍ୱାରା ଯଥାଯୋଗ୍ୟ ଉପକାର ପାଇବା ବିଦ୍ୟା ଅଟେ । ଏହାର ବିପରୀତ ସ୍ଥିତିର ନାମ ଅବିଦ୍ୟା । **୯. (ସତ୍ୟ)–** ଆତ୍ମାରେ ଯେପରି ଜ୍ଞାନ ମନରେ ସେପରି ବିଚାର, ମନରେ ଯେପରି ବିଚାର ବାଣୀରେ ସେପରି କଥନ, ବାଣୀରେ ଯେଭଳି ଉଚ୍ଚାରଣ ଶରୀରରେ ସେଭଳି ଆଚରଣ କରିବା ଅର୍ଥାତ୍ ଯେଉଁ ପଦାର୍ଥ ଯେପରି ଅଟେ ତାହାକୁ ଠିକ୍ ସେହିପରି ଜାଣିବା-ବୁଝିବା, କହିବା ଓ କରିବା । **୧୦. (ଅକ୍ରୋଧ)–** କ୍ରୋଧାଦି ଦୋଷ ଛାଡ଼ି ଶାନ୍ତି ଆଦି ଗୁଣ ଗ୍ରହଣ କରିବା । ଏସବୁ ଧର୍ମର ଦଶଲକ୍ଷଣ । **ଏହି ଦଶଲକ୍ଷଣବିଶିଷ୍ଟ ପକ୍ଷପାତରହିତ–**

ନ୍ୟାୟାଚରଣ ରୂପୀ ଧର୍ମର ଆଚରଣ ଚାରୋଟିଯାକ ଆଶ୍ରମର ଲୋକେ କରିବା ବିଧେୟ । ପୁଣି ଏହି ବେଦୋକ୍ତ ଧର୍ମରେ ନିଜେ ଚାଲିବା ଓ ଅନ୍ୟମାନଙ୍କୁ ବୁଝାଇ ଚଲାଇବା ସନ୍ନ୍ୟାସୀମାନଙ୍କ ବିଶେଷ ଧର୍ମ ॥ ୧୫ ॥

ଏହିପରି ଧୀରେ-ଧୀରେ ସକଳ ସଙ୍ଗଦୋଷ ଛାଡ଼ି, ହର୍ଷ-ଶୋକାଦି ଯାବତୀୟ ଦ୍ୱନ୍ଦ୍ୱରୁ ବିମୁକ୍ତ ହୋଇ ସନ୍ନ୍ୟାସୀ ବ୍ରହ୍ମରେ ଅବସ୍ଥାନ କରନ୍ତି ॥ ୧୬ ॥

ଗୃହସ୍ଥାଦି ସମସ୍ତ ଆଶ୍ରମସ୍ଥ ଲୋକଙ୍କୁ ସବୁ ପ୍ରକାର ବ୍ୟବହାରର ସତ୍ୟତା ଉତ୍ତମ ରୂପେ ହୃଦୟଙ୍ଗମ କରାଇ, ଅଧର୍ମ ବ୍ୟବହାରରୁ ନିବୃତ୍ତ କରି, ସକଳ ସଂଶୟ ଛେଦନ କରି, ସତ୍ୟ-ଧର୍ମଯୁକ୍ତ ବ୍ୟବହାରରେ ପ୍ରବୃତ୍ତ କରାଇବା ହେଲା ସନ୍ନ୍ୟାସୀମାନଙ୍କର ମୁଖ୍ୟ କର୍ତ୍ତବ୍ୟ ।

ପ୍ରଶ୍ନ — ସନ୍ନ୍ୟାସାଶ୍ରମ କେବଳ ବ୍ରାହ୍ମଣମାନଙ୍କ ପାଇଁ ଉଦ୍ଦିଷ୍ଟ ନା କ୍ଷତ୍ରିୟ ଆଦି ବି ଗ୍ରହଣ କରିପାରିବେ ?

ଉତ୍ତର — କେବଳ ବ୍ରାହ୍ମଣର ହିଁ ସନ୍ନ୍ୟାସ ନେବାର ଅଧିକାର ଅଛି । କାରଣ ସମସ୍ତ ବର୍ଣ୍ଣ ଭିତରେ ଯିଏ ପୂର୍ଣ୍ଣ ବିଦ୍ୱାନ୍, ଧାର୍ମିକ, ପରୋପକାରପ୍ରିୟ ତାଙ୍କୁ 'ବ୍ରାହ୍ମଣ' କୁହାଯାଏ । ପୂର୍ଣ୍ଣବିଦ୍ୟା, ଧର୍ମ ଓ ପରମେଶ୍ୱରଙ୍କ ପ୍ରତି ନିଷ୍ଠା ତଥା ବୈରାଗ୍ୟ ବିନା ସନ୍ନ୍ୟାସ ଗ୍ରହଣ କଲେ ସଂସାରର ବିଶେଷ ଉପକାର ସାଧିତ ହୋଇପାରେ ନାହିଁ । ଏଣୁ ଜନଶ୍ରୁତି ଅଛି ଯେ ବ୍ରାହ୍ମଣର ହିଁ ସନ୍ନ୍ୟାସ ନେବାର ଅଧିକାର ଅଛି, ଅନ୍ୟ କାହାର ନାହିଁ । ଏ ବିଷୟରେ ମହର୍ଷି ମନୁଙ୍କ ପ୍ରମାଣ ବି ଅଛି -

ଏଷ ବୋଽଭିହିତୋ ଧର୍ମୋ ବ୍ରାହ୍ମଣସ୍ୟ ଚତୁର୍ବିଧଃ ।
ପୁଣ୍ୟୋଽକ୍ଷୟଫଲଃ ପ୍ରେତ୍ୟ ରାଜଧର୍ମଂ ନିବୋଧତ ॥ (ମନୁ. ୬:୯୭)

ମନୁ କହିଛନ୍ତି କି - 'ହେ ଋଷିଗଣ ! ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ - ଏ ଚାରୋଟି ଆଶ୍ରମର ଅନୁଷ୍ଠାନ କରିବା ବ୍ରାହ୍ମଣର ଧର୍ମ । ଇହଲୋକରେ ପୁଣ୍ୟସ୍ୱରୂପ ଓ ଶରୀର ତ୍ୟାଗ ପରେ ମୁକ୍ତିରୂପ ଅକ୍ଷୟ ଆନନ୍ଦ ପ୍ରଦାୟକ ହେଉଛି **'ସନ୍ନ୍ୟାସ-ଧର୍ମ'** । ଏହାପରେ ତୁମେ ମୋଠାରୁ ରାଜଧର୍ମ ବିଷୟରେ ଶୁଣ ।' ଏଥିରୁ ଏହା ସ୍ପଷ୍ଟ ପ୍ରତିପାଦିତ ହେଉଛି କି ସନ୍ନ୍ୟାସ ଗ୍ରହଣ କରିବାର ଅଧିକାର ମୁଖ୍ୟତଃ ବ୍ରାହ୍ମଣର ଅଛି, ଏବଂ ବ୍ରହ୍ମଚର୍ଯ୍ୟ ଆଦି ଅନ୍ୟ ଆଶ୍ରମ ଗ୍ରହଣ କରିବା ଅଧିକାର କ୍ଷତ୍ରିୟାଦି ବର୍ଣ୍ଣଙ୍କର ଅଛି ।

ପ୍ରଶ୍ନ — ସନ୍ନ୍ୟାସ ଆଶ୍ରମର ଆବଶ୍ୟକତା କଣ ?

ଉତ୍ତର — ଶରୀରରେ ଶିରର ଯେପରି ଆବଶ୍ୟକତା ଅଛି, ସମାଜରେ ଆଶ୍ରମମାନଙ୍କ ମଧ୍ୟରେ ସେହିପରି ସନ୍ନ୍ୟାସ ଆଶ୍ରମର ଆବଶ୍ୟକତା ଅଛି । କାରଣ ଏହା ବ୍ୟତୀତ ସଂସାରରେ ବିଦ୍ୟା ଓ ଧର୍ମର ଯଥାଯଥ ଅଭିବୃଦ୍ଧି କଦାପି ହୋଇପାରେ ନାହିଁ । ଯେହେତୁ କି ଅନ୍ୟ ଆଶ୍ରମସ୍ଥ ବ୍ୟକ୍ତିମାନଙ୍କର ବିଦ୍ୟାଗ୍ରହଣ, ଗୃହକାର୍ଯ୍ୟ ଓ ତପଶ୍ଚର୍ଯ୍ୟାଦି ସହ ବିଶେଷତଃ ସମ୍ବନ୍ଧ ଥିବାରୁ ସେମାନଙ୍କୁ ଏଥିପାଇଁ ବହୁତ କମ୍ ଅବକାଶ ମିଳିଥାଏ । ତା'ଛଡ଼ା ପୂର୍ଣ୍ଣତଃ ପକ୍ଷପାତରହିତ ହୋଇ ବ୍ୟବହାର କରିବା ଅନ୍ୟ ଆଶ୍ରମସ୍ଥ ବ୍ୟକ୍ତିମାନଙ୍କ ପାଇଁ କଷ୍ଟକର ବ୍ୟାପାର । ସନ୍ନ୍ୟାସୀ ଯେପରି ସର୍ବତୋମୁକ୍ତ ହୋଇ ଜଗତର ଉପକାର କରିପାରନ୍ତି, ଅନ୍ୟ ଆଶ୍ରମସ୍ଥ ଲୋକେ ସେପରି କରିବା ସମ୍ଭବପର ନୁହେଁ । କାରଣ ସତ୍ୟବିଦ୍ୟା ଦ୍ୱାରା ପଦାର୍ଥଗୁଡ଼ିକ ବିଷୟକ ବିଜ୍ଞାନର ଉନ୍ନତି ନିମନ୍ତେ ସନ୍ନ୍ୟାସୀଙ୍କୁ ଯେତିକି ଅବକାଶ ମିଳିଥାଏ ଅନ୍ୟ ଆଶ୍ରମର ବ୍ୟକ୍ତିଙ୍କୁ ସେତିକି ସମୟ ମିଳିନଥାଏ । **ପୁନଶ୍ଚ ବ୍ରହ୍ମଚର୍ଯ୍ୟ ଆଶ୍ରମରୁ ସନ୍ନ୍ୟାସୀ ହୋଇଥିବା ବ୍ୟକ୍ତି ସତ୍‌ଶିକ୍ଷା ଦେଇ ଜଗତର ଯେତିକି ଉପକାର କରିପାରିଥାଏ,**

ଗୃହସ୍ଥ ବା ବାନପ୍ରସ୍ଥ ଆଶ୍ରମ ପରେ ସନ୍ନ୍ୟାସୀ ହୋଇଥିବା ବ୍ୟକ୍ତି ସେତେ ଉପକାର କରିପାରେ ନାହିଁ ।

ପ୍ରଶ୍ନ — ସନ୍ନ୍ୟାସ ଗ୍ରହଣ କରିବା ଈଶ୍ୱରଙ୍କ ଅଭିପ୍ରାୟର ବିରୁଦ୍ଧ । କାରଣ ମନୁଷ୍ୟ ସମାଜର ବୃଦ୍ଧି କରିବା ଈଶ୍ୱରଙ୍କ ଉଦ୍ଦେଶ୍ୟ । ଯଦି ଗୃହସ୍ଥାଶ୍ରମ ନ କରାଯାଏ ତେବେ ସନ୍ତାନୋତ୍ପନ୍ନ ହେବେ ନାହିଁ । ଯଦି ସନ୍ନ୍ୟାସାଶ୍ରମ ହିଁ ମୁଖ୍ୟ ଓ ସମସ୍ତେ ଏହା ଗ୍ରହଣ କରିବେ ତେବେ ତ ମନୁଷ୍ୟ ସମାଜର ମୂଳ-ଉଚ୍ଛେଦ ହୋଇଯିବ ।

ଉତ୍ତର — ଆଚ୍ଛା ! ବିବାହ କରି ମଧ୍ୟ ଅନେକଙ୍କର ସନ୍ତାନ ହୁଏ ନାହିଁ ଓ ଆଉ କେତେକଙ୍କର ସନ୍ତାନ ହୋଇ ମଧ୍ୟ ଅଳ୍ପ ଦିନରେ ମରିଯାଆନ୍ତି । ସେ ଦୃଷ୍ଟିରୁ ବିବାହ କରିବା ବି ତ ଈଶ୍ୱରଙ୍କ ଅଭିପ୍ରାୟର ବିରୁଦ୍ଧ ହେଲା । ତୁମେ କହିପାର — **'ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର ଦୋଷଃ'** (ପଞ୍ଚତନ୍ତ୍ର. ମିତ୍ରଭେଦ. ୪.୨୧୭) — 'ଯତ୍ନ କରିବା ପରେ ମଧ୍ୟ ଯଦି କାର୍ଯ୍ୟ ସିଦ୍ଧି ନ ହୁଏ ସେଥିରେ ଆମ ଦୋଷ କ'ଣ ? ଏଥିରେ କିଛି ଦୋଷ ନାହିଁ ।' ତେବେ ଆଉ ଗୋଟିଏ କଥା ଆମେ ତୁମକୁ ପଚାରୁଛୁ ଯେ ଗୃହସ୍ଥାଶ୍ରମରେ ବହୁତ ସନ୍ତାନ ଜନ୍ମ ହୋଇ ନିଜନିଜ ଭିତରେ ଶତ୍ରୁତା ଆଚରଣ କରି ହଣାମରା ହୋଇ ଅନେକ ମରନ୍ତି । ତଦ୍ଦ୍ୱାରା କେତେ ବଡ଼ ହାନି ନ ହେଉଛି ? **ଜ୍ଞାନ, ବୁଝାମଣା ଅଭାବରୁ, ପାରସ୍ପରିକ ବୈଚାରିକ ବିରୋଧ କାରଣରୁ ଝଗଡ଼ା-ଝାଟି, ହଣାମରା ବହୁତ ହେଉଛି ।** ଜଣେ ସନ୍ନ୍ୟାସୀ ବେଦୋକ୍ତ ଧର୍ମର ଉପଦେଶ ଦ୍ୱାରା ପାରସ୍ପରିକ ପ୍ରୀତି ଉତ୍ପନ୍ନ କରାଇ ଦିଅନ୍ତି, ତଦ୍ଦ୍ୱାରା ଲକ୍ଷଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇ ଦିଅନ୍ତି । ସେ ଏକାକୀ ହଜାରେ ଗୃହସ୍ଥଙ୍କ ସମାନ ମନୁଷ୍ୟ ସମାଜର ବୃଦ୍ଧି କରନ୍ତି । ତା' ଛଡ଼ା **ସବୁ ଲୋକ ସନ୍ନ୍ୟାସୀ ହୋଇ ହିଁ ପାରିବେ ନାହିଁ । କାରଣ ସମସ୍ତଙ୍କ ମନରୁ ବିଷୟାସକ୍ତି ଦୂର ହେବା ଆଦୌ ସମ୍ଭବପର ନୁହେଁ । ତୃତୀୟତଃ, ସନ୍ନ୍ୟାସୀଙ୍କ ଉପଦେଶ ଦ୍ୱାରା ଯେଉଁମାନେ ଧାର୍ମିକ ହେବେ, ସେମାନେ ସମସ୍ତେ ସନ୍ନ୍ୟାସୀଙ୍କ ସନ୍ତାନ ତୁଲ୍ୟ ବୋଲି ବିବେଚନା କରିବା ଉଚିତ ।**

ପ୍ରଶ୍ନ — ସନ୍ନ୍ୟାସୀମାନେ ପ୍ରାୟଶଃ କହନ୍ତି ଯେ ଆମର କୌଣସି କର୍ତ୍ତବ୍ୟ ନାହିଁ । ଖାଇବାକୁ ଓ ପିନ୍ଧିବାକୁ ପାଇ ଆନନ୍ଦରେ ରହିବା ଆମ କାମ । ଅବିଦ୍ୟାରୂପୀ ସଂସାରରେ ମୁଣ୍ଡ ପୂରାଇବା ଆମର କ'ଣ ଦରକାର ? ନିଜକୁ ବ୍ରହ୍ମ ମନେକରି ସନ୍ତୁଷ୍ଟ ରହିବା ଉଚିତ । କେହି ଆସି ପ୍ରଶ୍ନ ପଚାରିଲେ ତାକୁ ବି ସେଭଳି ଉପଦେଶ ଦେବା ଉଚିତ କି- 'ତୁମେ ବି ବ୍ରହ୍ମ ଅଟ । ତୁମକୁ ପାପ-ପୁଣ୍ୟ ସ୍ପର୍ଶ କରିପାରିବ ନାହିଁ । କାରଣ ଶୀତ-ଉଷ୍ଣ ଅନୁଭବ ଶରୀରର, କ୍ଷୁଧା-ତୃଷ୍ଣା ପ୍ରାଣର ଏବଂ ସୁଖ-ଦୁଃଖ ମନର ଧର୍ମ । ଜଗତ୍ ମିଥ୍ୟା ଓ ଜଗତର ସବୁ ବ୍ୟବହାର ମଧ୍ୟ କଳ୍ପିତ ଅର୍ଥାତ୍ ମିଥ୍ୟା । ଏଣୁ ଏସବୁ ସଂସାରର କାର୍ଯ୍ୟରେ ମୁଣ୍ଡ ଖେଳାଇବା ବୁଦ୍ଧିମତ୍ତାର ପରିଚାୟକ ନୁହେଁ । ଯାହା କିଛି ପାପ-ପୁଣ୍ୟ ହୁଏ, ସେସବୁ ଦେହ ଓ ଇନ୍ଦ୍ରିୟର ଧର୍ମ, ଆତ୍ମାର ଧର୍ମ ନୁହେଁ,' ଇତ୍ୟାଦି ଉପଦେଶମାନ ଦେଇଥାନ୍ତି । କିନ୍ତୁ ଆପଣ ତ ସନ୍ନ୍ୟାସ ଧର୍ମ ସଂପର୍କରେ ଅନ୍ୟ କିଛି କହୁଛନ୍ତି । ତେଣୁ ବର୍ତ୍ତମାନ ଆମେ କେଉଁଟି ସତ ଓ କେଉଁଟି ମିଛ ବୋଲି ମାନିବୁ ?

ଉତ୍ତର — ଆଚ୍ଛା, କ'ଣ ଉତ୍ତମ କର୍ମ କରିବା ବି ସନ୍ନ୍ୟାସୀମାନଙ୍କ କର୍ତ୍ତବ୍ୟ ନୁହେଁ? ଦେଖନ୍ତୁ — **'ବୈଦିକୈଶ୍ଚୈବ କର୍ମଭିଃ'** (ମନୁ. ୬:୭୫) । 'ବୈଦିକ କର୍ମ' ଅର୍ଥାତ୍ ଧର୍ମଯୁକ୍ତ ସତ୍ୟ-କର୍ମ ସନ୍ନ୍ୟାସୀମାନେ ବି ଅବଶ୍ୟ କରିବା ଉଚିତ ବୋଲି ମହର୍ଷି ମନୁ କହିଛନ୍ତି । ଦ୍ୱିତୀୟତଃ, ଭୋଜନ-ଆଚ୍ଛାଦନ ଆଦି କର୍ମ କ'ଣ ସନ୍ନ୍ୟାସୀମାନେ ଛାଡ଼ି ପାରିବେ ? ଯଦି ଖାଇବା-ପିନ୍ଧିବା ଆଦି କାମ ସନ୍ନ୍ୟାସୀମାନେ ଛାଡ଼ିପାରିବେ ନାହିଁ, ତେବେ ଉତ୍ତମ କର୍ମ ପରିତ୍ୟାଗ କଲେ ସେମାନେ କ'ଣ ପତିତ ଓ ପାପଭାଗୀ ହୋଇଯିବେ ନାହିଁ ? ସେମାନେ ଯେହେତୁ ଗୃହସ୍ଥଙ୍କଠାରୁ

ଅନ୍ନ-ବସ୍ତ୍ରାଦି ନେଉଛନ୍ତି, ତେଣୁ ଯଦି ପ୍ରତିବଦଳରେ ସେମାନେ ଗୃହସ୍ଥଙ୍କ ଉପକାର ନ କରନ୍ତି, ତେବେ କ'ଣ ସେମାନେ ମହାପାପୀ ହେବେ ନାହିଁ? ଆମେ ଜାଣିଛନ୍ତି ଯେ ଆଖି ଦେଖିବା ପାଇଁ ଉଦ୍ଦିଷ୍ଟ ଓ କାନ ଶୁଣିବା ପାଇଁ। **ଯଦି ଆଖି ଥାଇ ଦେଖା ନଯାଏ ଓ କାନ ଥାଇ ଶୁଣା ନ ଯାଏ ତେବେ ଆଖି ଓ କାନର ଅବସ୍ଥିତି ଯେପରି ବ୍ୟର୍ଥ; ଠିକ୍ ସେହିପରି ଯଦି ସନ୍ନ୍ୟାସୀମାନେ ସତ୍ୟୋପଦେଶ ଓ ବେଦାଦି-ସତ୍ୟଶାସ୍ତ୍ରଗୁଡ଼ିକର ବିଚାର-ପ୍ରସାର ନ କରନ୍ତି ତେବେ ସେମାନେ ବି ଜଗତରେ ବ୍ୟର୍ଥ ଭାରସ୍ୱରୂପ ଅଟନ୍ତି।**

ତା' ଛଡ଼ା 'ଅବିଦ୍ୟାରୂପୀ ସଂସାରରେ ମୁଣ୍ଡ ପୂରାଇବା କ'ଣ ଦରକାର' ବୋଲି ଯେଉଁ କଥା ଯେଉଁ କେତେକ କହନ୍ତି ଓ ପ୍ରଚାର କରନ୍ତି ସେପରି ଉପଦେଶ ଦେଉଥିବା ବ୍ୟକ୍ତିମାନେ ହିଁ ଅବିଦ୍ୟାର ମୂର୍ତ୍ତିମନ୍ତ ଅବତାର ତଥା ସଂସାରରେ ପାପ ବର୍ଦ୍ଧନକାରୀ ମହାପାପୀ ଅଟନ୍ତି। ଆଉ ଗୋଟିଏ କଥା ହେଲା ଯେ ଶରୀରାଦି ଦ୍ୱାରା ଯେଉଁସବୁ କର୍ମ କରାଯାଏ ସେସବୁର କର୍ତ୍ତା ଆତ୍ମା ହିଁ ଅଟେ ଏବଂ ସେସବୁ କର୍ମର ଫଳର ଭୋକ୍ତା ବି ଆତ୍ମା ଅଟେ।

ଯେଉଁମାନେ ଜୀବକୁ ବ୍ରହ୍ମ ବୋଲି କହନ୍ତି, ସେମାନେ ଅବିଦ୍ୟାରୂପୀ ନିଦ୍ରାରେ ଶୟନ କରିଛନ୍ତି। କାରଣ **'ଜୀବ' ଅଳ୍ପ(ଏକଦେଶୀ) ଓ ଅଳ୍ପଜ୍ଞ; କିନ୍ତୁ 'ବ୍ରହ୍ମ' ସର୍ବବ୍ୟାପକ ଓ ସର୍ବଜ୍ଞ। ବ୍ରହ୍ମ ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତସ୍ୱଭାବ ହୋଇଥିବା ସ୍ଥଳେ ଜୀବ କେବେ ବଦ୍ଧ ତ ଆଉ କେବେ ମୁକ୍ତ ରହିଥାଏ। ବ୍ରହ୍ମ ସର୍ବବ୍ୟାପକ ଓ ସର୍ବଜ୍ଞ ହୋଇଥିବାରୁ ତାଙ୍କୁ କେବେ ବି ଭ୍ରମ ବା ଅବିଦ୍ୟା ସ୍ପର୍ଶ କରିପାରେ ନାହିଁ ; କିନ୍ତୁ ଜୀବ କେତେବେଳେ ବିଦ୍ୟାଯୁକ୍ତ ତ କେତେବେଳେ ଅବିଦ୍ୟାଗ୍ରସ୍ତ ରହିଥାଏ। ବ୍ରହ୍ମ କଦାପି ଜନ୍ମ-ମରଣ, ଦୁଃଖ ପ୍ରାପ୍ତ କରନ୍ତି ନାହିଁ; କିନ୍ତୁ ଜୀବ ଏସବୁ ଭୋଗ କରିଥାଏ।** ଏଣୁ ସେମାନଙ୍କର ସେସବୁ ଉପଦେଶ ମିଥ୍ୟା ଅଟେ।

ପ୍ରଶ୍ନ — 'ସନ୍ନ୍ୟାସୀ ସର୍ବକର୍ମବିନାଶୀ' ହୋଇଥାନ୍ତି ତଥା ସନ୍ନ୍ୟାସୀ ଅଗ୍ନି ଓ ଧାତୁକୁ ସ୍ପର୍ଶ କରନ୍ତି ନାହିଁ। ଏ କଥା ସତ ନା ନାହିଁ?

ଉତ୍ତର — ନା, ସତ ନୁହେଁ। **'ସମ୍ୟଙ୍ ନିତ୍ୟମାସ୍ତେ ଯସ୍ମିନ୍ ଯଦ୍ୱା ସମ୍ୟଙ୍ ନ୍ୟସ୍ୟନ୍ତି ଦୁଃଖାନି କର୍ମାଣି ଯେନ ସ ସନ୍ନ୍ୟାସଃ, ସ ପ୍ରଶସ୍ତୋ ବିଦ୍ୟତେ ଯସ୍ୟ ସ ସନ୍ନ୍ୟାସୀ'—** ଯେଉଁ ସ୍ଥିତି ବା ଅବସ୍ଥାରେ ବ୍ରହ୍ମ ଓ ତାଙ୍କ ଆଜ୍ଞାରେ ସମ୍ୟକ୍ ରୂପେ ନିତ୍ୟ ଉପବେଶନ ଅର୍ଥାତ୍ ଅବସ୍ଥାନ କରାଯାଏ ଏବଂ ଯାହାଦ୍ୱାରା ଦୁଷ୍ଟ କର୍ମଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରାଯାଏ ତାହାକୁ ସନ୍ନ୍ୟାସ କୁହାଯାଏ। ସେହି ଉତ୍ତମ ସ୍ଥିତି ବା ସ୍ୱଭାବ ଯାହାଠାରେ ଥାଏ ତାଙ୍କୁ **'ସନ୍ନ୍ୟାସୀ'** କହନ୍ତି। ଅତଃ ସତ୍‌କର୍ମ ଅନୁଷ୍ଠାନକାରୀ ଓ ଦୁଷ୍କର୍ମ ପରିତ୍ୟାଗୀ ବ୍ୟକ୍ତିକୁ **'ସନ୍ନ୍ୟାସୀ'** କୁହାଯାଏ।

ପ୍ରଶ୍ନ — ଅଧ୍ୟାପନା ଓ ଉପଦେଶ ଦେବା କାର୍ଯ୍ୟ ଗୃହସ୍ଥମାନେ ତ କରନ୍ତି। ପୁଣି ସନ୍ନ୍ୟାସୀଙ୍କର ଆବଶ୍ୟକତା କ'ଣ?

ଉତ୍ତର — ସତ୍ୟୋପଦେଶ ତ ସବୁ ଆଶ୍ରମର ଲୋକେ କରିବା ଓ ଶୁଣିବା ଉଚିତ। କିନ୍ତୁ ଏଥିପାଇଁ ସନ୍ନ୍ୟାସୀଙ୍କୁ ଯେତିକି ଅବକାଶ ମିଳିଥାଏ ଓ ସନ୍ନ୍ୟାସୀ ଯେତେ ନିଷ୍ପକ୍ଷପାତ ହୋଇପାରନ୍ତି, ଗୃହସ୍ଥମାନଙ୍କ କ୍ଷେତ୍ରରେ ସେତିକି ହୋଇନଥାଏ। ହଁ, ଯେଉଁମାନେ ବ୍ରାହ୍ମଣ, ସେମାନଙ୍କର ଏହା ହିଁ କର୍ତ୍ତବ୍ୟ ଯେ ପୁରୁଷମାନେ ପୁରୁଷମାନଙ୍କୁ ଓ ମହିଳାମାନେ ମହିଳାମାନଙ୍କୁ ସତ୍ୟୋପଦେଶ ଓ ବିଦ୍ୟା ଅଧ୍ୟାପନା କରିବେ। କିନ୍ତୁ ସଂସାରରେ ଜ୍ଞାନ ଓ ଧର୍ମର ପ୍ରଚାର ନିମନ୍ତେ ଭ୍ରମଣର ଯେତେ ଅବସର ସନ୍ନ୍ୟାସୀଙ୍କୁ ମିଳିଥାଏ, ଗୃହସ୍ଥ ବ୍ରାହ୍ମଣାଦିଙ୍କୁ କେବେ ବି ସେତେ ମିଳିପାରିନଥାଏ। **ତା' ଛଡ଼ା ବ୍ରାହ୍ମଣମାନେ ଯେତେବେଳେ ବେଦବିରୁଦ୍ଧ ଆଚରଣ କରନ୍ତି ସେତେବେଳେ ସନ୍ନ୍ୟାସୀ ହିଁ ସେମାନଙ୍କ ନିୟନ୍ତ୍ରକ ହୋଇଥାନ୍ତି।** ଏଣୁ ସମାଜରେ ସନ୍ନ୍ୟାସୀଙ୍କ ଅତ୍ୟନ୍ତ ଆବଶ୍ୟକତା ଅଛି।

ପ୍ରଶ୍ନ — 'ଏକରାତ୍ରିଂ ବସେଦ୍ ଗ୍ରାମେ' (ନାରଦପରିବ୍ରାଜକୋପନିଷଦ୍. ୪:୧୪) ଇତ୍ୟାଦି ବଚନରୁ ଜଣାଯାଏ ଯେ ସନ୍ନ୍ୟାସୀ ଏକ ସ୍ଥାନରେ ଗୋଟିଏ ରାତି ମାତ୍ର ରହିବା ଉଚିତ, ତା'ଠୁ ଅଧିକ ରହିବା ଉଚିତ ନୁହେଁ । ଏକଥା କେତେ ଦୂର ଠିକ୍ ?

ଉତ୍ତର — ଏ କଥା ଅଳ୍ପାଂଶରେ ତ ଠିକ୍ ଓ ଭଲ ମଧ୍ୟ । କାରଣ ସନ୍ନ୍ୟାସୀ ଗୋଟିଏ ସ୍ଥାନରେ ଅଧିକ ଦିନ ରହିଲେ ସାଧାରଣତଃ ଜଗତର ଅଧିକ ଉପକାର ହୋଇପାରେ ନାହିଁ । ତା' ସାଙ୍ଗକୁ ସେହି ସ୍ଥାନ ପ୍ରତି ମମତ୍ୱ ଜାତ ହୁଏ, ରାଗ-ଦ୍ୱେଷ ବି ଅଧିକ ହୁଏ । କିନ୍ତୁ ଯଦି ଗୋଟିଏ ସ୍ଥାନରେ ଅଧିକ ଦିନ ରହିବା ଦ୍ୱାରା ବିଶେଷ ଉପକାର ସାଧିତ ହେଉଥାଏ, ତେବେ ତ ରହିବା ଉଚିତ । ଯେପରିକି ଜନକ ରାଜାଙ୍କ ନିକଟରେ ପଞ୍ଚଶିଖାଦି ଚାରି-ଚାରି ମାସ ଧରି ଓ ଅନ୍ୟ ସନ୍ନ୍ୟାସୀମାନେ ବର୍ଷ-ବର୍ଷ ଧରି ନିବାସ କରୁଥିଲେ । ଦ୍ୱିତୀୟରେ, ସନ୍ନ୍ୟାସୀମାନେ ଗୋଟିଏ ସ୍ଥାନରେ ଅଧିକ ଦିନ ନ ରହିବା ଉଚିତ - ଏହି କଥା ଆଜିକାଲିର ପାଖଣ୍ଡୀ ସମ୍ପ୍ରଦାୟବାଦୀମାନେ ଉଦ୍ଭାବନ କରିଛନ୍ତି । କାରଣ ଯଦି ସନ୍ନ୍ୟାସୀ ଗୋଟିଏ ସ୍ଥାନରେ ଅଧିକ ଦିନ ରହନ୍ତି ତା' ହେଲେ ଏମାନଙ୍କର ପାଖଣ୍ଡ ଖଣ୍ଡିତ ହୋଇଯିବ, ଆଉ ଅଧିକ ବଢ଼ିପାରିବ ନାହିଁ ।

ପ୍ରଶ୍ନ — ଯତୀନାଂ କାଞ୍ଚନଂ ଦଦ୍ୟାତ୍ତାମ୍ବୂଲଂ ବ୍ରହ୍ମଚାରିଣାମ୍ ।
ଚୌରାଣାମଭୟଂ ଦଦ୍ୟାତ୍ ସ ନରୋ ନରକଂ ବ୍ରଜେତ୍ ॥

ଏପରି କଥନ ସବୁର ଅଭିପ୍ରାୟ ହେଉଛି ସନ୍ନ୍ୟାସୀମାନଙ୍କୁ ସୁବର୍ଣ୍ଣ ଦାନ କରିବା ବ୍ୟକ୍ତି ନର୍କକୁ ଯାଏ ।

ଉତ୍ତର — ଏକଥା ବି ବର୍ଣ୍ଣାଶ୍ରମବିରୋଧୀ, ସମ୍ପ୍ରଦାୟୀ ଓ ସ୍ୱାର୍ଥାନ୍ୱେଷୀ ପୌରାଣିକମାନଙ୍କ କଳ୍ପନାପ୍ରସୂତ ଅଟେ । କାରଣ ସେମାନେ ବିଚାରନ୍ତି ଯେ ସନ୍ନ୍ୟାସୀଙ୍କୁ ଅଧିକ ଧନ ମିଳିଲେ ସେମାନେ ଆମର ଅଧିକାଧିକ ଖଣ୍ଡନ କରିଦେବେ ଏବଂ ଆମର ଅଧିକ ହାନି ହେବ । ସେମାନେ ଆମର ଅଧୀନସ୍ଥ ହୋଇ ବି ରହିବେ ନାହିଁ । ଆଉ ଯଦି ସନ୍ନ୍ୟାସୀଙ୍କ ଭିକ୍ଷା ପ୍ରାପ୍ତି ଆଦି ବ୍ୟବହାର ଆମ ଅଧୀନରେ ରହିବ ତେବେ ସେମାନେ ଆମକୁ ଭୟକରିବେ । ମୁଖ୍ୟ କଥା ହେଲା ଯେ **ଯଦି ମୂର୍ଖ ଓ ସ୍ୱାର୍ଥୀମାନଙ୍କୁ ଦାନ ଦେବା ଭଲ କାମ ବୋଲି ତୁମେ ବିଚାର କରୁଛ, ତେବେ ବିଦ୍ୱାନ୍ ଓ ପରୋପକାରୀ ସନ୍ନ୍ୟାସୀଙ୍କୁ ଦାନ ଦେଲେ ତ ଆଦୌ ଦୋଷ ଲାଗିବ ନାହିଁ ।** ଦେଖ -

ବିବିଧାନି ଚ ରତ୍ନାନି ବିବିକ୍ତେଷୂପପାଦୟେତ୍ ।

ବିବିଧ ପ୍ରକାର ରତ୍ନ ଓ ସୁବର୍ଣ୍ଣାଦି ଧନ ବିବିକ୍ତ ଅର୍ଥାତ୍ ସନ୍ନ୍ୟାସୀଙ୍କୁ ଦେବା ଉଚିତ । ତା' ଛଡ଼ା ତୁମର ଏ ଶ୍ଳୋକ **(ଯତୀନଂ କାଞ୍ଚନଂ..)** ମଧ୍ୟ ନିରର୍ଥକ । କାହିଁକିନା ସନ୍ନ୍ୟାସୀଙ୍କୁ ସୁବର୍ଣ୍ଣ ଦେଲେ ଯଜମାନ ଯଦି ନର୍କକୁ ଯିବେ, ତେବେ ହୀରା, ନୀଳା, ମୋତି, ମାଣିକ୍ୟ ପ୍ରଭୃତି ଦେଲେ ଦାତା ନିଶ୍ଚୟ ସ୍ୱର୍ଗକୁ ଯିବେ ।

ପ୍ରଶ୍ନ — ଶ୍ଳୋକ କହିବାରେ ଟିକିଏ ଭୁଲ୍ ହୋଇଯାଇଛି । ବାସ୍ତବରେ ତାହା ହେବ — **'ଯତିହସ୍ତେ ଧନଂ ଦଦ୍ୟାତ୍' —** ସନ୍ନ୍ୟାସୀଙ୍କ ହାତରେ ଧନ ଦେବା ବ୍ୟକ୍ତି ନର୍କକୁ ଯାଏ ।

ଉତ୍ତର — ଏହା ବି କୌଣସି ବୁଦ୍ଧିହୀନଙ୍କ କପୋଳକଳ୍ପିତ । କାରଣ ହାତରେ ଧନ ଦେଲେ ଦାତା ଯଦି ନର୍କକୁ ଯିବେ, ତେବେ ସନ୍ନ୍ୟାସୀଙ୍କ ପାଦରେ ଥୋଇଦେଲେ ବା ବୁଜୁଳା ବାନ୍ଧି ଦେଲେ କ'ଣ ସେ ସ୍ୱର୍ଗକୁ ଯିବେ ? ଏଣୁ ଏପରି ମନଗଢ଼ା ଗାଲୁଗପ ମାନିବା ଯୋଗ୍ୟ ନୁହେଁ । ଅବଶ୍ୟ ଏକଥା ଠିକ୍ ଯେ ଯଦି ସନ୍ନ୍ୟାସୀ

ଆବଶ୍ୟକତାଠାରୁ ଅଧିକ ରଖନ୍ତି ତେବେ ଚୋରାଦିଙ୍କ ଦ୍ୱାରା ପୀଡ଼ିତ ହେବା ଓ ମୋହଗ୍ରସ୍ତ ହେବା ସମ୍ଭାବନା ଅଛି । କିନ୍ତୁ ଯିଏ ବିଦ୍ୱାନ୍ ଅଟନ୍ତି ସେ ଧନର ଅନୁଚିତ ବ୍ୟବହାର କଦାପି କରିବେ ନିହିଁ କି ମୋହଗ୍ରସ୍ତ ବି ହେବେ ନାହିଁ; ଯେହେତୁ କି ସେ ପୂର୍ବରୁ ଗୃହସ୍ଥାଶ୍ରମରେ ସବୁ ପ୍ରକାର ଭୋଗ ଭୋଗକରି ବା ବ୍ରହ୍ମଚର୍ଯ୍ୟାଶ୍ରମରେ ସାଂସାରିକ ବ୍ୟବହାରକୁ ଦେଖି ତା'ର ଯଥାର୍ଥ ସ୍ଥିତି ଜାଣିପାରିଛନ୍ତି । ତା' ଛଡ଼ା ଯିଏ ବ୍ରହ୍ମଚର୍ଯ୍ୟାଶ୍ରମରୁ ସନ୍ନ୍ୟାସୀ ହୋଇଥାନ୍ତି ସେ ପୂର୍ଣ୍ଣ ବୈରାଗ୍ୟବାନ୍ ହୋଇଥିବାରୁ କେବେହେଲେ ଲୋଭ-ମୋହରେ ପଡ଼ନ୍ତି ନାହିଁ ।

ପ୍ରଶ୍ନ — ଲୋକେ କହନ୍ତି ଯେ ଶ୍ରାଦ୍ଧ ଅବସରରେ ସନ୍ନ୍ୟାସୀ ଆସିଲେ ବା ସନ୍ନ୍ୟାସୀଙ୍କୁ ଭୋଜନ କରାଇଲେ ପିତୃଲୋକମାନେ ଚାଲିଯାଆନ୍ତି ଓ ନର୍କରେ ପଡ଼ନ୍ତି ।

ଉତ୍ତର — ପ୍ରଥମତଃ ମୃତ ପିତୃଲୋକମାନେ ଆସିବା ଓ ଶ୍ରାଦ୍ଧ ଦିଆଯାଉଥିବା ପିଣ୍ଡ ତାଙ୍କୁ ପ୍ରାପ୍ତ ହେବା ହିଁ ଅସମ୍ଭବ । ଦ୍ୱିତୀୟତଃ, ଏହା ବେଦ ଓ ଯୁକ୍ତିର ବିରୁଦ୍ଧ ହୋଇଥିବାରୁ ମିଥ୍ୟା ଅଟେ । ଅତଃ ମୃତ ପିତୃଗଣ ଯେହେତୁ ଆସନ୍ତି ହିଁ ନାହିଁ, ତେଣୁ ସେମାନେ ପଳେଇଯିବାର ପ୍ରଶ୍ନ ଉଠୁଛି କୁଆଡୁ? ନିଜର ପାପ-ପୁଣ୍ୟ ଆଧାରରେ ଈଶ୍ୱରଙ୍କ ନ୍ୟାୟବ୍ୟବସ୍ଥା ଅନୁସାରେ ମୃତ୍ୟୁ ପରେ ଜୀବମାନେ ଯେହେତୁ ପୁଣି ଜନ୍ମ ଗ୍ରହଣ କରନ୍ତି, ତେଣୁ ପୂର୍ବରୁ କୌଣସି ବ୍ୟକ୍ତିର ପିତୃଗଣ ତ ନୂଆ ଜନ୍ମ ଗ୍ରହଣ କରିଥିବେ । ସେମାନେ ପୁଣି ଅସିବେ କେମିତି ? ଅତଏବ ଏହା ମଧ୍ୟ ପେଟସର୍ବସ୍ୱ, ପୁରାଣପନ୍ଥୀ ଓ ଭଣ୍ଡ ବୈରାଗୀଙ୍କ ମିଥ୍ୟା କଳ୍ପନା । ଅବଶ୍ୟ ଏ କଥା ଠିକ୍ ଯେ, ଯେଉଁ ସ୍ଥାନକୁ ସନ୍ନ୍ୟାସୀଙ୍କ ଆଗମନ ହୁଏ, ମୃତକ-ଶ୍ରାଦ୍ଧ ଆଦି କାର୍ଯ୍ୟ, ବେଦାଦି ଶାସ୍ତ୍ରର ବିରୁଦ୍ଧ ହୋଇଥିବାରୁ ସେହି ପାଖଣ୍ଡ ସେଠାରୁ ଦୂରକୁ ପଳାଇଯାଏ ।

ପ୍ରଶ୍ନ — ଯଦି କେହି ବ୍ରହ୍ମଚର୍ଯ୍ୟରୁ ସନ୍ନ୍ୟାସ ନିଏ, ତେବେ ତାକୁ ପାଳନ କରିବା ତା' ପକ୍ଷେ ବଡ଼ କଷ୍ଟକର ହୋଇଯିବ । ଯେହେତୁ କି କାମ ପ୍ରବୃତ୍ତିକୁ ନିରୋଧ କରିବା ଅତ୍ୟନ୍ତ କଠିନ କାର୍ଯ୍ୟ । ଏଣୁ ଗୃହସ୍ଥ ଓ ବାନପ୍ରସ୍ଥ ହୋଇ ଯେତେବେଳେ ବୃଦ୍ଧ ହୋଇଯିବେ ସେତେବେଳେ ସନ୍ନ୍ୟାସ ନେବା ଭଲ ।

ଉତ୍ତର — ଯେଉଁମାନେ ବ୍ରହ୍ମଚର୍ଯ୍ୟ ପାଳନ କରିପାରିବେ ନାହିଁ, ଇନ୍ଦ୍ରିୟଗୁଡ଼ିକୁ ନିରୋଧ କରିପାରିବେ ନାହିଁ, ସେମାନେ ବ୍ରହ୍ମଚର୍ଯ୍ୟରୁ ସନ୍ନ୍ୟାସ ନ ନିଅନ୍ତୁ । କିନ୍ତୁ ଯିଏ ଇନ୍ଦ୍ରିୟ-ନିରୋଧ କରିପାରିବେ ସେ କାହିଁକି ନ ନେବେ ? ଯେଉଁ ବ୍ୟକ୍ତି ବିଷୟ ଭୋଗର ଦୋଷ ଓ ବୀର୍ଯ୍ୟସଂରକ୍ଷଣର ଗୁଣ ଉତ୍ତମ ରୂପେ ବୁଝିଥାନ୍ତି, ସେ କଦାପି ବିଷୟାସକ୍ତ ହୁଅନ୍ତି ନାହିଁ ଏବଂ ତାଙ୍କ ବୀର୍ଯ୍ୟ ବିଚାରାଗ୍ନିରେ ଇନ୍ଧନ ଭଳି କାର୍ଯ୍ୟ କରେ ଅର୍ଥାତ୍ ସେଇଥିରେ ବ୍ୟୟ ହୋଇଯାଏ । **ଯେଉଁଭଳି ବୈଦ୍ୟ ଓ ଔଷଧ ନୀରୋଗ ବ୍ୟକ୍ତି ପାଇଁ ଆବଶ୍ୟକ ହୋଇ ନ ଥାଏ, ରୋଗୀପାଇଁ ଆବଶ୍ୟକ ପଡ଼ିଥାଏ; ସେହିଭଳି ଜଗତରେ ବିଦ୍ୟା ଓ ଧର୍ମର ବୃଦ୍ଧି କରିବା ତଥା ସକଳ ସଂସାରର ଉପକାର କରିବା ହିଁ ଯେଉଁ ନର-ନାରୀଙ୍କ ଅଭିଷ୍ଟ, ସେମାନେ ବିବାହ କରିବା ଅନୁଚିତ । ପଞ୍ଚଶିଖାଦି ମହାତ୍ମା ଓ ଗାର୍ଗୀ ଆଦି ବିଦୁଷୀମାନେ ଏପରି କରିଛନ୍ତି ।** ଏଣୁ ସନ୍ନ୍ୟାସ ପାଇଁ ଯୋଗ୍ୟତା ସମ୍ପନ୍ନ ଅଧିକାରୀ ବ୍ୟକ୍ତି ହିଁ ସନ୍ନ୍ୟାସ ଗ୍ରହଣ କରିବା ଉଚିତ । ଆଉ ଯଦି ଅନଧିକାରୀ ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରନ୍ତି ତେବେ ସେ ନିଜେ ବି ବୁଡ଼ିବେ ଓ ଅନ୍ୟମାନଙ୍କୁ ବି ବୁଡ଼େଇବେ । ଚକ୍ରବର୍ତ୍ତୀ ରାଜାଙ୍କୁ ଯେପରି 'ସମ୍ରାଟ୍' କୁହାଯାଏ ସନ୍ନ୍ୟାସୀଙ୍କୁ ସେପରି 'ପରିବ୍ରାଟ୍' କହନ୍ତି । ଅଧିକନ୍ତୁ ରାଜା କେବଳ ନିଜ ରାଜ୍ୟରେ ବା ନିଜ ସମ୍ବନ୍ଧୀଙ୍କ ଭିତରେ ସତ୍କାର ପାଉଥିବା ସ୍ଥଳେ ସନ୍ନ୍ୟାସୀ ସଂସାରରେ ସର୍ବତ୍ର ପୂଜିତ ହୋଇଥାନ୍ତି ।

ବିଦ୍ୱତ୍ତ୍ୱଂ ଚ ନୃପତ୍ୱଂ ଚ ନୈବ ତୁଲ୍ୟଂ କଦାଚନ ।
ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ ॥ (ଚାଣକ୍ୟ ଶତକ.୩)

ବିଦ୍ୱାନ୍ ଓ ରାଜାଙ୍କ ମଧ୍ୟରେ ସମାନତା କେବେ ହେଁ ସମ୍ଭବ ନୁହେଁ । କାରଣ ରାଜା କେବଳ ନିଜ ରାଜ୍ୟରେ ହିଁ ସମ୍ମାନ ଓ ସତ୍କାର ପାଇଥାନ୍ତି; କିନ୍ତୁ ବିଦ୍ୱାନ୍ ସର୍ବତ୍ର ସମ୍ମାନ ଓ ପ୍ରତିଷ୍ଠା ଲାଭ କରିଥାନ୍ତି ।

ଅତଏବ ବିଦ୍ୟା ଅଧ୍ୟୟନ, ସୁଶିକ୍ଷା ଗ୍ରହଣ ଓ ବଳ-ବୀର୍ଯ୍ୟ ବୃଦ୍ଧି ଇତ୍ୟାଦି ପାଇଁ **ବ୍ରହ୍ମଚର୍ଯ୍ୟ;** ସକଳ ପ୍ରକାର ଉତ୍ତମ ବ୍ୟବହାର ସିଦ୍ଧି କରିବା ସକାଶେ **ଗୃହସ୍ଥ;** ବିଚାର ଓ ଧ୍ୟାନ କରିବା, ବିଜ୍ଞାନ ବୃଦ୍ଧି ଓ ତପଶ୍ଚର୍ଯ୍ୟା କରିବା ନିମିତ୍ତ **ବାନପ୍ରସ୍ଥ;** ଏବଂ ବେଦାଦି ସତ୍‌ଶାସ୍ତ୍ରର ପ୍ରଚାର, ଧର୍ମ-ବ୍ୟବହାର ଗ୍ରହଣ ଓ ଦୁଷ୍ଟ-ବ୍ୟବହାର ପରିତ୍ୟାଗ, ସତ୍ୟୋପଦେଶ ପ୍ରଦାନ ଓ ସମସ୍ତଙ୍କୁ ସଂଶୟ ରହିତ କରିବା ଆଦି ନିମନ୍ତେ **ସନ୍ନ୍ୟାସ** ଆଶ୍ରମ ଉଦ୍ଦିଷ୍ଟ । ତେଣୁ **ଯେଉଁ ସନ୍ନ୍ୟାସୀମାନେ ଏହି ଆଶ୍ରମର ମୁଖ୍ୟ-ଧର୍ମ ସତ୍ୟୋପଦେଶ ପ୍ରଦାନ ଆଦି କରନ୍ତି ନାହିଁ ସେମାନେ ପତିତ ଓ ନର୍କଗାମୀ ହୁଅନ୍ତି । ଏଣୁ ସନ୍ନ୍ୟାସୀମାନଙ୍କ କର୍ତ୍ତବ୍ୟ ହେଉଛି ଯେ, ସେମାନେ ସର୍ବଦା ସତ୍ୟୋପଦେଶ, ଶଙ୍କାସମାଧାନ, ବେଦାଦି-ସତ୍ୟଶାସ୍ତ୍ରଗୁଡ଼ିକର ଅଧ୍ୟାପନ ଓ ବେଦୋକ୍ତ ଧର୍ମର ଅଭିବୃଦ୍ଧି ପ୍ରଯତ୍ନ ପୂର୍ବକ କରି ସମଗ୍ର ସଂସାରର ଉନ୍ନତି ସମ୍ପାଦନ କରିବେ ।**

ପ୍ରଶ୍ନ — ସନ୍ନ୍ୟାସୀଙ୍କ ବ୍ୟତୀତ ଅନ୍ୟ ଯେଉଁ ସାଧୁ ବେଶଧାରୀ, ବୈରାଗୀ, ଗୋସେଇଁ, ଖାଖୀ ଆଦି ଅଛନ୍ତି ସେମାନେ ବି ସନ୍ନ୍ୟାସ ଆଶ୍ରମ ମଧ୍ୟରେ ପରିଗଣିତ ହେବେ ନା ନାହିଁ ?

ଉତ୍ତର — ନା, ହେବେ ନାହିଁ । କାରଣ ସେମାନଙ୍କ ନିକଟରେ ସନ୍ନ୍ୟାସର କୌଣସି ଲକ୍ଷଣ ନାହିଁ । ସେମାନେ ବେଦବିରୁଦ୍ଧ ମାର୍ଗରେ ଗତି କରି ନିଜ-ନିଜ ସମ୍ପ୍ରଦାୟର ଆଚାର୍ଯ୍ୟଙ୍କ ବଚନକୁ ବେଦ ଠାରୁ ବି ଅଧିକ ଶ୍ରେଷ୍ଠ ବୋଲି ମାନନ୍ତି, କେବଳ ନିଜ ମତର ହିଁ ପ୍ରଶଂସା କରନ୍ତି, ମିଥ୍ୟା ପ୍ରପଞ୍ଚରେ ନିଜେ ଫଶି ନିଜ ସ୍ୱାର୍ଥ ସାଧନ ପାଇଁ ଅନ୍ୟମାନଙ୍କୁ ନିଜ-ନିଜ ମତରେ ଫସାନ୍ତି । ସଂସାରର ସୁଧାର କରିବା ତ ଦୂରର କଥା, ତା' ବଦଳରେ ଲୋକଙ୍କୁ ଭୁଲ୍‌ବାଟରେ ନେଇ ଅଧୋଗତି ପ୍ରାପ୍ତ କରାଇଥାନ୍ତି ଓ ତଦ୍ଦ୍ୱାରା ନିଜର ସ୍ୱାର୍ଥ ସିଦ୍ଧି କରିଥାନ୍ତି । ଏଣୁ ସେମାନଙ୍କୁ ସନ୍ନ୍ୟାସ ଆଶ୍ରମର ଅନ୍ତର୍ଗତ ଗଣନା କରାଯାଇପାରିବ ନାହିଁ । ବରଂ ଏମାନେ ତ ପକ୍‌କା ସ୍ୱାର୍ଥାଶ୍ରମୀ, ଏଥିରେ କୌଣସି ସନ୍ଦେହ ନାହିଁ ।

ସନ୍ନ୍ୟାସୀ ନିଜେ ଧର୍ମ ପଥରେ ଚାଲିବେ ଓ ସାରା ସଂସାରକୁ ଧର୍ମମାର୍ଗରେ ପରିଚାଳିତ କରିବେ, ଯଦ୍ଦ୍ୱାରା ସେ ସ୍ୱୟଂ ଓ ସକଳ ସଂସାର ଇହଲୋକ ଓ ପରଲୋକରେ ସ୍ୱର୍ଗ ଅର୍ଥାତ୍ ସୁଖ ଭୋଗ କରିବେ ।

ଏଠାରେ ସଂକ୍ଷେପରେ ସନ୍ନ୍ୟାସାଶ୍ରମ ବିଷୟରେ ଲେଖାଗଲା । ଏହାପରେ ରାଜଧର୍ମ ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍‌ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତେ ବାନପ୍ରସ୍ଥ-ସନ୍ନ୍ୟାସାଶ୍ରମ-ବିଷୟେ
ପଞ୍ଚମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୫ ॥

ଅଥ ଷଷ୍ଠସମୁଲ୍ଲାସାରମ୍ଭଃ

ଅଥ ରାଜଧର୍ମାନ୍ ବ୍ୟାଖ୍ୟାସ୍ୟାମଃ

ରାଜଧର୍ମାନ୍ ପ୍ରବକ୍ଷ୍ୟାମି ଯଥାବୃତ୍ତୋ ଭବେନ୍ନୃପଃ ।
ସମ୍ଭବଶ୍ଚ ଯଥା ତସ୍ୟ ସିଦ୍ଧିଶ୍ଚ ପରମା ଯଥା ॥ ୧ ॥
ବ୍ରାହ୍ମଂ ପ୍ରାପ୍ତେନ ସଂସ୍କାରଂ କ୍ଷତ୍ରିୟେଣ ଯଥାବିଧି ।
ସର୍ବସ୍ୟାସ୍ୟ ଯଥାନ୍ୟାୟଂ କର୍ତ୍ତବ୍ୟଂ ପରିରକ୍ଷଣମ୍ ॥ ୨ ॥ (ମନୁ. ୭:୧,୨)

ମହାରାଜ ମନୁ ଋଷିମାନଙ୍କୁ କହୁଛନ୍ତି — 'ବର୍ତ୍ତମାନ ସୁଦ୍ଧା ଚାରି ବର୍ଣ୍ଣ ଓ ଚାରି ଆଶ୍ରମର କର୍ତ୍ତବ୍ୟ-ବ୍ୟବହାର ବିଷୟରେ କୁହାଗଲା । ବର୍ତ୍ତମାନ ରାଜଧର୍ମ ସମ୍ପର୍କରେ କୁହାଯିବ । ରାଜା କିପରି ହେବା ଉଚିତ ? ତାଙ୍କର ଗୁଣ-କର୍ମ-ସ୍ୱଭାବ ଆଦି ଯୋଗ୍ୟତା କ'ଣ ହେବା ଆବଶ୍ୟକ ? ରାଜା ହେବାର ପଦ୍ଧତି କ'ଣ ? ରାଜା କ'ଣ କଲେ ପରମସିଦ୍ଧି ଅର୍ଥାତ୍ ସବୁ ପ୍ରକାରେ ସଫଳତା ଲାଭ କରିବେ ? ଇତ୍ୟାଦି ସମସ୍ତ ବିଷୟରେ ବିସ୍ତାରପୂର୍ବକ କହୁଅଛି' ॥ ୧ ॥

ବ୍ରାହ୍ମଣ ଯେପରି ପରମ ବିଦ୍ୱାନ୍ ହୋଇଥାଏ, କ୍ଷତ୍ରିୟ ସେପରି ବିଦ୍ୱାନ୍, ସୁଶିକ୍ଷିତ ହୋଇ ନ୍ୟାୟପୂର୍ବକ ଯଥାବିଧି ରାଜ୍ୟରକ୍ଷା ଓ ପ୍ରଜାପାଳନ କରିବା ଉଚିତ ॥ ୨ ॥ ତା'ର ପଦ୍ଧତି ହେଲା —

ତିନି ସଭାର ଗଠନ

ତ୍ରୀଣି ରାଜାନା ବିଦଥେ ପୁରୂଣି ପରି ବିଶ୍ୱାନି ଭୂଷଥଃ ସଦାଂସି ॥ (ଋକ୍. ୩:୩୮:୬)

ଈଶ୍ୱର ଉପଦେଶ ଦେଇଛନ୍ତି ଯେ **(ରାଜାନା)** ରାଜା ଓ ପ୍ରଜାଗଣ ଉଭୟେ ମିଶି **(ବିଦଥେ)** ସୁଖପ୍ରାପ୍ତି ଓ ରାଜା-ପ୍ରଜାଙ୍କ ସମ୍ବନ୍ଧରୂପକ ବିଜ୍ଞାନବର୍ଦ୍ଧକ ବ୍ୟବହାର ନିମନ୍ତେ **(ତ୍ରୀଣି ସଦାଂସି)** ତିନୋଟି ସଭା ଅର୍ଥାତ୍ ବିଦ୍ୟାର୍ଯ୍ୟସଭା, ଧର୍ମାର୍ଯ୍ୟସଭା ଓ ରାଜାର୍ଯ୍ୟସଭା ଗଠନ କରି **(ପୁରୂଣି)** ବହୁବିଧ **(ବିଶ୍ୱାନି)** ପ୍ରଜାସମ୍ବନ୍ଧୀୟ ମନୁଷ୍ୟାଦି ସମସ୍ତ ପ୍ରାଣୀଙ୍କୁ **(ପରିଭୂଷଥଃ)** ବିଦ୍ୟା, ସ୍ୱାତନ୍ତ୍ର୍ୟ, ଧର୍ମ, ସୁଶିକ୍ଷା ଓ ଧନାଦି ଦ୍ୱାରା ସବୁଦିଗରୁ ଅଳଂକୃତ କରିବେ ।

ତଂ ସଭା ଚ ସମିତିଶ୍ଚ ସେନା ଚ ॥ ୧ ॥ (ଅଥର୍ବ. ୧୫:୯:୨)
ସଭ୍ୟ ସଭାଂ ମେ ପାହି ଯେ ଚ ସଭ୍ୟାଃ ସଭାସଦଃ ॥ ୨ ॥ (ଅଥର୍ବ. ୧୯:୫୫:୬)

(ତମ୍) ସେହି ରାଜଧର୍ମକୁ **(ସଭା ଚ)** ତିନୋଟି ସଭା, **(ସମିତିଃ ଚ)** ସଂଗ୍ରାମାଦିର ବ୍ୟବସ୍ଥାପକ ସମିତି ଏବଂ **(ସେନା ଚ)** ସେନା - ଏ ସମସ୍ତେ ମିଶି ପାଳନ କରିବେ ॥ ୧ ॥

ସଭାଧ୍ୟକ୍ଷ ରାଜାଙ୍କ କର୍ତ୍ତବ୍ୟ ହେଲା ଯେ ରାଜା ସକଳ ସଭାସଦଙ୍କୁ ଆଦେଶ ଦେବେ କି - ହେ **(ସଭ୍ୟ)** ସଭାଯୋଗ୍ୟ ମୁଖ୍ୟ ସଭାସଦ୍ ! ତୁମେ **(ମେ)** ଆମ **(ସଭାମ୍)** ସଭାର ଧର୍ମସଙ୍ଗତ ବ୍ୟବସ୍ଥାକୁ **(ପାହି)** ପାଳନ

କର ଏବଂ **(ୟେ ଚ)** ଯେଉଁମାନେ **(ସଭ୍ୟାଃ)** ସଭା ପାଇଁ ଯୋଗ୍ୟ **(ସଭାସଦଃ)** ସଭାସଦ୍ ଅଛନ୍ତି, ସେମାନେ ସମସ୍ତେ ବି ସଭାର ବ୍ୟବସ୍ଥାକୁ ପାଳନ କରନ୍ତୁ ॥ ୨ ॥

ଉପରୋକ୍ତ କଥନର ଅଭିପ୍ରାୟ ହେଲା ଯେ **ଜଣେ ବ୍ୟକ୍ତିବିଶେଷକୁ ରାଜ୍ୟ-ଶାସନର ସମସ୍ତ ଅଧିକାର ନ ଦେବା ଉଚିତ ତଥା କେହି ସ୍ୱତନ୍ତ୍ର ହୋଇ ନିଜ ମନମୁଖୀ କାମ ନ କରିପାରିବା ବିଧେୟ । ରାଜା ରାଜ୍ୟର ସଭାପତି ରହିବେ । ସଭା ତାଙ୍କର ଅଧୀନରେ ରହିବ ଓ ସେ ସଭାର ଅଧୀନସ୍ଥ ରହିବେ । ରାଜା ଓ ସଭା ଏ ଉଭୟେ ପ୍ରଜାଙ୍କ ଅଧୀନରେ ରହିବେ ତଥା ପ୍ରଜା ବି ରାଜସଭାର ଅଧୀନସ୍ଥ ରହିବେ ।** ଯଦି ଏପରି ନ କରାଯାଏ, ତେବେ —

ରାଷ୍ଟ୍ରମେବ ବିଶ୍ୟାହନ୍ତି ତସ୍ମାଦ୍ରାଷ୍ଟ୍ରୀ ବିଶଂ ଘାତୁକଃ । ବିଶମେବ ରାଷ୍ଟ୍ରାୟାଦ୍ୟାଂ କରୋତି ତସ୍ମାଦ୍ରାଷ୍ଟ୍ରୀ ବିଶମତ୍ତି ନ ପୁଷ୍ଟଂ ପଶୁଂ ମନ୍ୟତ ଇତି ॥ (ଶତ. ୧୩:୨:୩:୭,୮)

ରାଜବର୍ଗ ଯଦି ପ୍ରଜାଙ୍କଠାରୁ ପୂର୍ଣ୍ଣ ସ୍ୱତନ୍ତ୍ର, ସ୍ୱାଧୀନ ହୋଇ ରହନ୍ତି ତେବେ ସେମାନେ **(ରାଷ୍ଟ୍ରମେବ ବିଶ୍ୟାହନ୍ତି)** ରାଜ୍ୟରେ ପ୍ରବେଶ କରି ପ୍ରଜାଙ୍କୁ ନାଶ କରିଦିଅନ୍ତି । ଯେହେତୁ କାହାରି ନିୟନ୍ତ୍ରଣରେ ନ ଥିବା ରାଜା ସ୍ୱେଚ୍ଛାଚାରୀ ବା ଉନ୍ମତ୍ତ ହୋଇ **(ରାଷ୍ଟ୍ରୀ ବିଶଂ ଘାତୁକଃ)** ପ୍ରଜାମାନଙ୍କ ବିନାଶକ ହୋଇଥାଏ ଅର୍ଥାତ୍ **(ବିଶମେବ ରାଷ୍ଟ୍ରାୟାଦ୍ୟାଂ କରୋତି)** ସେ ରାଜା ପ୍ରଜାମାନଙ୍କୁ ଖାଇଯାଏ ଅର୍ଥାତ୍ ପ୍ରଜାଙ୍କୁ ଶୋଷଣ କରି ଅତ୍ୟନ୍ତ ପୀଡ଼ା ଦିଏ, **ଏଣୁ ରାଜ୍ୟବ୍ୟବସ୍ଥାରେ କାହାରିକୁ ବି ପୂର୍ଣ୍ଣତଃ ସ୍ୱାଧୀନ, ନିୟନ୍ତ୍ରଣମୁକ୍ତ ନ କରିବା ଉଚିତ । (ନ ପୁଷ୍ଟଂ ପଶୁଂ ମନ୍ୟତେ)** ଯେଉଁପରି ସିଂହ ବା ହୃଷ୍ଟପୁଷ୍ଟ ମାଂସାହାରୀ ଜୀବ ପଶୁମାନଙ୍କୁ ମାରି ଖାଇଦିଏ, ସେହିପରି **(ରାଷ୍ଟ୍ରୀ ବିଶମତ୍ତି)** ସ୍ୱତନ୍ତ୍ର, ନିୟନ୍ତ୍ରଣମୁକ୍ତ ରାଜା ପ୍ରଜାମାନଙ୍କୁ ନାଶ କରିଦିଏ, ଅର୍ଥାତ୍ କାହାରିକୁ ନିଜଠୁ ଅଧିକ ହେବାକୁ ଦିଏ ନାହିଁ । ଧନ-ଐଶ୍ୱର୍ଯ୍ୟସମ୍ପନ୍ନ ବ୍ୟକ୍ତିଙ୍କୁ ନାନାରୂପେ ଲୁଣ୍ଠନ କରି, ଅନ୍ୟାୟରେ ଦଣ୍ଡ-ବିଧାନ କରି ନିଜ ପ୍ରୟୋଜନ ସିଦ୍ଧ କରିଥାଏ । ଏଣୁ -

ଇନ୍ଦ୍ରୋ ଜୟାତି ନ ପରା ଜୟାତା ଅଧିରାଜୋ ରାଜସୁ ରାଜୟାତୈ ।
ଚର୍କୃତ୍ୟ ଈଡ୍ୟୋ ବନ୍ଦ୍ୟଶ୍ଚୋପସଦ୍ୟୋ ନମସ୍ୟୋଽଭବେହ ॥ ୨ ॥ (ଅଥର୍ବ. ୬:୯୮:୧)

ହେ ମନୁଷ୍ୟଗଣ ! **(ଇହ)** ଏହି ମନୁଷ୍ୟ ସମୁଦାୟ ମଧ୍ୟରେ ଯିଏ **(ଇନ୍ଦ୍ରଃ)** ପରମ ଐଶ୍ୱର୍ଯ୍ୟବାନ୍, ଶତ୍ରୁମାନଙ୍କୁ **(ଜୟାତି)** ଜୟ କରିବାରେ ସମର୍ଥ, **(ନ ପରାଜୟାତୈ)** ଯିଏ ଶତ୍ରୁଙ୍କ ଦ୍ୱାରା ପରାଜିତ ହେଉନଥିବେ, ଅଜେୟ **(ରାଜସୁ)** ରାଜାମାନଙ୍କ ମଧ୍ୟରେ **(ଅଧିରାଜଃ)** ସର୍ବୋପରି ବିରାଜମାନ, **(ରାଜୟାତୈ)** ପ୍ରକାଶମାନ୍ ହୋଇଥିବେ, **(ଚର୍କୃତ୍ୟଃ)** ସଭାପତି ହେବା ପାଇଁ ଅତ୍ୟନ୍ତ ଯୋଗ୍ୟ, **(ଈଡ୍ୟଃ)** ପ୍ରଶଂସନୀୟ ଗୁଣ-କର୍ମ-ସ୍ୱଭାବସମ୍ପନ୍ନ, **(ବନ୍ଦ୍ୟଃ)** ବନ୍ଦନୀୟ, **(ଚୋପସଦ୍ୟଃ)** ସମୀପକୁ ଯିବା ଓ ଶରଣ ନେବା ଯୋଗ୍ୟ, **(ନମସ୍ୟଃ)** ସମସ୍ତଙ୍କ ମାନନୀୟ **(ଭବ)** ହୋଇଥିବେ, ତାଙ୍କୁ ହିଁ ସଭାପତି ଅର୍ଥାତ୍ ରାଜା ରୂପେ ଅବସ୍ଥାପନ କରିବେ ।

ଇମଂ ଦେବାଽଅସପନ୍ନଂ ସୁବଧ୍ୱଂ ମହତେ କ୍ଷତ୍ରାୟ ମହତେ ଜ୍ୟୈଷ୍ଠ୍ୟାୟ ମହତେ ଜାନରାଜ୍ୟାୟେନ୍ଦ୍ରସ୍ୟେନ୍ଦ୍ରିୟାୟ । (ୟଜୁଃ. ୯:୪୦)

ହେ **(ଦେବାଃ)** ବିଦ୍ୱାନ୍‌ଗଣ ! ରାଜା-ପ୍ରଜାବୃନ୍ଦ ! ତୁମେମାନେ **(ଇମମ୍)** ଏଭଳି ଗୁଣ-କର୍ମବିଶିଷ୍ଟ ସର୍ବତ୍ର ପକ୍ଷପାତରହିତ, ପୂର୍ଣ୍ଣବିଦ୍ୟାବିନୟଯୁକ୍ତ, ସର୍ବମିତ୍ର ବ୍ୟକ୍ତିଙ୍କୁ **(ମହତେ କ୍ଷତ୍ରାୟ)** ବିଶାଳ ଚକ୍ରବର୍ତ୍ତୀ ରାଜ୍ୟ,

(ମହତେ ଜ୍ୟୈଷ୍ଠ୍ୟାୟ) ସର୍ବଶ୍ରେଷ୍ଠତ୍ୱ ଲାଭ, **(ମହତେ ଜାନରାଜ୍ୟାୟ)** ମହାନ୍-ମହାନ୍ ବିଦ୍ୱାନଙ୍କ ଦ୍ୱାରା ପରିପୂର୍ଣ୍ଣ ରାଜ୍ୟ ପାଳନ ଏବଂ **(ଇନ୍ଦ୍ରସ୍ୟେନ୍ଦ୍ରିୟାୟ)** ପରମ ଐଶ୍ୱର୍ଯ୍ୟଶାଳୀ ରାଜ୍ୟ ଓ ବୈଭବର ପାଳନ ଓ ସୁରକ୍ଷା ନିମିତ୍ତ **(ଅସପତ୍ନଂ ସୁବଧ୍ୱମ୍)** ସର୍ବସମ୍ମତିକ୍ରମେ ସଭାପତି ବା ରାଜା ରୂପେ ସ୍ୱୀକାର କରି, ତାଙ୍କୁ ସର୍ବାଧୀଶ ରୂପେ ମାନି ସମଗ୍ର ପୃଥିବୀକୁ ଶତ୍ରୁଶୂନ୍ୟ କର । ତା' ସହ —

ସ୍ଥିରା ବଃ ସନ୍ତ୍ୱାୟୁଧା ପରାଣୁଦେ ବୀଳୂ ଉତ ପ୍ରତିଷ୍କଭେ ।
ୟୁଷ୍ମାକମସ୍ତୁ ତବିଷୀ ପନୀୟସୀ ମା ମର୍ତ୍ତ୍ୟସ୍ୟ ମାୟିନଃ ॥ (ଋକ୍. ୧:୩୯:୨)

ଈଶ୍ୱର ଉପଦେଶ ଦେଉଛନ୍ତି କି - ହେ ରାଜପୁରୁଷଗଣ ! **(ବଃ)** ତୁମ୍ଭମାନଙ୍କର **(ଆୟୁଧା)** 'ଶତଘ୍ନୀ' (ତୋପ), 'ଭୁଶୁଣ୍ଡୀ' (ବନ୍ଧୁକ) ଆଦି ଆଗ୍ନେୟାସ୍ତ୍ର ଏବଂ ଧନୁ-ତୀର, 'କରବାଳ' (ତରବାରୀ) ପ୍ରଭୃତି ଶସ୍ତ୍ର ଶତ୍ରୁମାନଙ୍କୁ **(ପରାଣୁଦେ)** ପରାଜିତ କରିବା **(ଉତ ପ୍ରତିଷ୍କଭେ)** ଓ ପ୍ରତିରୋଧ କରିବା ପାଇଁ **(ବୀଳୂ)** ପ୍ରଶଂସନୀୟ ଓ **(ସ୍ଥିରା)** ଦୃଢ଼ **(ସନ୍ତୁ)** ହେଉ । **(ୟୁଷ୍ମାକମ୍)** ତୁମ୍ଭମାନଙ୍କର **(ତବିଷୀ)** ସେନା **(ପନୀୟସୀ)** ପ୍ରଶଂସନୀୟ **(ଅସ୍ତୁ)** ହେଉ । ଯଦ୍ୱାରାକି ତୁମେ ସଦା ବିଜୟୀ ହୁଅ । କିନ୍ତୁ **(ମା ମର୍ତ୍ତ୍ୟସ୍ୟ ମାୟିନଃ)** ଯିଏ ନିନ୍ଦିତ, ଅନ୍ୟାୟ କାର୍ଯ୍ୟ କରେ ତା' ପାଇଁ ପୂର୍ବୋକ୍ତ ପ୍ରଶଂସନୀୟ ଅସ୍ତ୍ର-ଶସ୍ତ୍ର ଓ ସେନା ଆଦି ଉପଲବ୍ଧ ନ ହେଉ । ଏହାର ତାତ୍ପର୍ଯ୍ୟ ହେଲା ଯେ **ରାଜା-ପ୍ରଜାଗଣ ଧର୍ମିକ ହୋଇ ରହିଥିବା ପର୍ଯ୍ୟନ୍ତ ରାଜ୍ୟର ଅଭିବୃଦ୍ଧି ହୋଇ ଚାଲିଥାଏ, ଏବଂ ଯେତେବେଳେ ଏମାନେ ଦୁରାଚାରୀ ହୋଇଯାଆନ୍ତି, ସେତେବେଳେ ରାଜ୍ୟ ନଷ୍ଟ-ଭ୍ରଷ୍ଟ ହୋଇଯାଏ ।**

ମହାବିଦ୍ୱାନଙ୍କୁ ବିଦ୍ୟାସଭାଧିକାରୀ, ଧାର୍ମିକ ବିଦ୍ୱାନଙ୍କୁ ଧର୍ମସଭାଧିକାରୀ, ପ୍ରଶଂସନୀୟ ଧାର୍ମିକ ବ୍ୟକ୍ତିଙ୍କୁ ରାଜସଭାର ସଭାସଦ୍ ଏବଂ ସମସ୍ତଙ୍କ ମଧ୍ୟରେ ଯିଏ ସର୍ବୋତ୍ତମ ଗୁଣ-କର୍ମ-ସ୍ୱଭାବସମ୍ପନ୍ନ ତାଙ୍କୁ ରାଜସଭାର ସଭାପତି(ରାଜା) ରୂପେ ବରଣ କରି ସମସ୍ତ ପ୍ରକାର ଉନ୍ନତି ସାଧନ କରିବେ । ଏହି ତିନି ସଭାର ସମ୍ମତି ଅନୁସାରେ ରାଜ୍ୟଶାସନର ଉତ୍ତମ ନୀତି-ନିୟମମାନ ପ୍ରଣୟନ କରିବେ ତଥା ସମସ୍ତେ ତା'ର ଅନୁପାଳନ କରିବେ । ସର୍ବହିତକାରୀ କାର୍ଯ୍ୟରେ ସମସ୍ତେ ଏକମତ ହେବେ । ସମସ୍ତଙ୍କ ପାଇଁ ହିତକର ଥିବା କାର୍ଯ୍ୟରେ ସମସ୍ତେ ପରତନ୍ତ୍ର ରହିବେ ଏବଂ ଧର୍ମସଙ୍ଗତ ସ୍ୱ-ସ୍ୱ କାର୍ଯ୍ୟରେ ପ୍ରତ୍ୟେକେ ସ୍ୱତନ୍ତ୍ର ରହିବେ ।

ସଭାପତିଙ୍କ ଗୁଣ

ସଭାପତି ବା ରାଜାଙ୍କ ଗୁଣ କ'ଣ ହେବା ଉଚିତ ? —

ଇନ୍ଦ୍ରାଽନିଲୟମାର୍କାଣାମଗ୍ନେଶ୍ଚ ବରୁଣସ୍ୟ ଚ ।
ଚନ୍ଦ୍ରବିତ୍ତେଶୟୋଶ୍ଚୈବ ମାତ୍ରା ନିର୍ହୃତ୍ୟ ଶାଶ୍ୱତୀଃ ॥ ୧ ॥
ତପତ୍ୟାଦିତ୍ୟବଚ୍ଚୈଷ ଚକ୍ଷୂଂଷି ଚ ମନାଂସି ଚ ।
ନ ଚୈନଂ ଭୁବି ଶକ୍ନୋତି କଶ୍ଚିଦପ୍ୟଭିବୀକ୍ଷିତୁମ୍ ॥ ୨ ॥
ସୋଽଗ୍ନିର୍ଭବତି ବାୟୁଶ୍ଚ ସୋଽର୍କଃ ସୋମଃ ସ ଧର୍ମରାଟ୍ ।
ସ କୁବେରଃ ସ ବରୁଣଃ ସ ମହେନ୍ଦ୍ରଃ ପ୍ରଭାବତଃ ॥ ୩ ॥ (ମନୁ. ୭:୪,୬,୭)

ଯିଏ **'ଇନ୍ଦ୍ର'** ଅର୍ଥାତ୍ ବିଦ୍ୟୁତ୍ ସମ ଶୀଘ୍ର ଐଶ୍ୱର୍ଯ୍ୟ ସମ୍ପାଦକ, **'ବାୟୁ'** ଭଳି ସମସ୍ତଙ୍କ ପ୍ରାଣତୁଲ୍ୟ ପ୍ରିୟ ଓ ହୃଦୟର ଭାବର ଜ୍ଞାତା, **'ଯମ'** ଅର୍ଥାତ୍ ପକ୍ଷପାତରହିତ-ନ୍ୟାୟାଧୀଶଙ୍କ ସଦୃଶ ଆଚରଣକାରୀ, **'ସୂର୍ଯ୍ୟ'** ସମ ନ୍ୟାୟ-ଧର୍ମ-ବିଦ୍ୟାର ପ୍ରକାଶକ, ଅନ୍ୟାୟ-ଅଧର୍ମ-ଅବିଦ୍ୟା ରୂପୀ ଅନ୍ଧକାର ବିନାଶକ, **'ଅଗ୍ନି'** ସଦୃଶ ଦୁଷ୍ଟ ଭସ୍ମକାରୀ, **'ବରୁଣ'** ଅର୍ଥାତ୍ ବନ୍ଧନକାରୀ ପରି ଦୁଷ୍ଟମାନଙ୍କୁ ଅନେକ ପ୍ରକାରେ ବନ୍ଧନ କରନ୍ତି, **'ଚନ୍ଦ୍ର'** ଭଳି ଶ୍ରେଷ୍ଠମାନଙ୍କୁ ଆନନ୍ଦଦାତା, **'ଧନାଧ୍ୟକ୍ଷ'** ସଦୃଶ ଧନଭଣ୍ଡାରକୁ ପରିପୂର୍ଣ୍ଣକାରୀ, ସେହି ବ୍ୟକ୍ତି **'ସଭାପତି'** ବା ରାଜା ହେବା ଉଚିତ ॥୧ ॥

ଯିଏ ସୂର୍ଯ୍ୟ ଭଳି ପ୍ରତାପଶାଳୀ, ସ୍ୱ ତେଜରେ ସମସ୍ତଙ୍କ ବାହାର ଓ ଅନ୍ତର୍ମନକୁ ଏବଂ ଦୃଷ୍ଟିଶକ୍ତିକୁ ତପ୍ତ କରିଦିଅନ୍ତି, ଯାହାଙ୍କୁ ଜଗତରେ କେହି ବି କଠୋର ଦୃଷ୍ଟିରେ ଦେଖିବାକୁ ସମର୍ଥ ହୁଅନ୍ତି ନାହିଁ ॥ ୨ ॥

ଏବଂ ଯିଏ ନିଜ ପ୍ରଭାବରେ ଅଗ୍ନି, ବାୟୁ, ସୂର୍ଯ୍ୟ, ସୋମ, ଧର୍ମପ୍ରକାଶକ, ଧନବର୍ଦ୍ଧକ, ଦୁଷ୍ଟଙ୍କ ବନ୍ଧନକାରୀ, ମହାନ୍ ଐଶ୍ୱର୍ଯ୍ୟଶାଳୀ ହୋଇଥିବେ ସେ ହିଁ **'ସଭାଧ୍ୟକ୍ଷ', 'ସଭାଧୀଶ'** ହେବାକୁ ଯୋଗ୍ୟ ॥ ୩ ॥

ଦଣ୍ଡ ହିଁ ଯଥାର୍ଥତଃ ରାଜା

ବାସ୍ତବରେ ରାଜା କିଏ ?—

ସ ରାଜା ପୁରୁଷୋ ଦଣ୍ଡଃ ସ ନେତା ଶାସିତା ଚ ସଃ ।
ଚତୁର୍ଣ୍ଣାମାଶ୍ରମାଣଂ ଚ ଧର୍ମସ୍ୟ ପ୍ରତିଭୂଃ ସ୍ମୃତଃ ॥ ୧ ॥
ଦଣ୍ଡଃ ଶାସ୍ତି ପ୍ରଜାଃ ସର୍ବା ଦଣ୍ଡ ଏବାଭିରକ୍ଷତି ।
ଦଣ୍ଡଃ ସୁପ୍ତେଷୁ ଜାଗର୍ତ୍ତି ଦଣ୍ଡଂ ଧର୍ମଂ ବିଦୁର୍ବୁଧାଃ ॥ ୨ ॥
ସମୀକ୍ଷ୍ୟ ସ ଧୃତଃ ସମ୍ୟକ୍ ସର୍ବା ରଞ୍ଜୟତି ପ୍ରଜାଃ ।
ଅସମୀକ୍ଷ୍ୟ ପ୍ରଣୀତସ୍ତୁ ବିନାଶୟତି ସର୍ବତଃ ॥ ୩ ॥
ଦୁଷ୍ୟେୟୁଃ ସର୍ବବର୍ଣ୍ଣାଶ୍ଚ ଭିଦ୍ୟେରନ୍ ସର୍ବସେତବଃ ।
ସର୍ବଲୋକପ୍ରକୋପଶ୍ଚ ଭବେଦ୍ଦଣ୍ଡସ୍ୟ ବିଭ୍ରମାତ୍ ॥ ୪ ॥
ଯତ୍ର ଶ୍ୟାମୋ ଲୋହିତାକ୍ଷୋ ଦଣ୍ଡଶ୍ଚରତି ପାପହା ।
ପ୍ରଜାସ୍ତତ୍ର ନ ମୁହ୍ୟନ୍ତି ନେତା ଚେତ୍ସାଧୁ ପଶ୍ୟତି ॥ ୫ ॥
ତସ୍ୟାହୁଃ ସଂପ୍ରଣେତାରଂ ରାଜାନଂ ସତ୍ୟବାଦିନମ୍ ।
ସମୀକ୍ଷ୍ୟକାରିଣଂ ପ୍ରାଜ୍ଞଂ ଧର୍ମକାମାର୍ଥକୋବିଦମ୍ ॥ ୬ ॥
ତଂ ରାଜା ପ୍ରଣୟନ୍ ସମ୍ୟକ୍ ତ୍ରିବର୍ଗେଣାଭିବର୍ଦ୍ଧତେ ।
କାମାତ୍ମା ବିଷମଃ କ୍ଷୁଦ୍ରୋ ଦଣ୍ଡେନୈବ ନିହନ୍ୟତେ ॥ ୭ ॥
ଦଣ୍ଡୋ ହି ସୁମହତ୍ତେଜୋ ଦୁର୍ଧରଶ୍ଚାକୃତାତ୍ମଭିଃ ।
ଧର୍ମାଦ୍ୱିଚଲିତଂ ହନ୍ତି ନୃପମେବ ସବାନ୍ଧବମ୍ ॥ ୮ ॥
ସୋଽସହାୟେନ ମୂଢ଼େନ ଲୁବ୍ଧେନାକୃତବୁଦ୍ଧିନା ।
ନ ଶକ୍ୟୋ ନ୍ୟାୟତୋ ନେତୁଂ ସକ୍ତେନ ବିଷୟେଷୁ ଚ ॥ ୯ ॥

ଶୁଚିନା ସତ୍ୟସନ୍ଧେନ ଯଥାଶାସ୍ତ୍ରାନୁସାରିଣା ।
ପ୍ରଣେତୁଂ ଶକ୍ୟତେ ଦଣ୍ଡଃ ସୁସହାୟେନ ଧୀମତା ॥ ୧୦ ॥

(ମନୁ. ୭:୧୭-୧୯,୨୪-୨୮,୩୦,୩୧)

ଦଣ୍ଡ ହିଁ ରାଜପରୁଷ, ସେ ହିଁ ରାଜା, ସିଏ ହିଁ ନ୍ୟାୟର ପ୍ରଚାରକ ଓ ସମସ୍ତଙ୍କ ଶାସନକର୍ତ୍ତା ଅଟେ । ଦଣ୍ଡକୁ ହିଁ ଚାରିବର୍ଣ୍ଣ ଓ ଚାରି ଆଶ୍ରମର ଧର୍ମର **'ପ୍ରତିଭୂ'** ଅର୍ଥାତ୍ ଜାମିନଦାର, ପ୍ରତିନିଧି ବୋଲି କୁହାଯାଏ ॥ ୧ ॥

ବସ୍ତୁତଃ ଦଣ୍ଡ ହିଁ ସକଳ ପ୍ରଜାମାନଙ୍କର ଶାସକ ଓ ରକ୍ଷକ । ସୁପ୍ତ ପ୍ରଜାଙ୍କ ମଧ୍ୟରେ ଦଣ୍ଡ-ବ୍ୟବସ୍ଥା ହିଁ ସଦା ଜାଗ୍ରତ ରହିଥାଏ, ଅର୍ଥାତ୍ ଦଣ୍ଡବିଧାନର ଭୟ ହିଁ ମନୁଷ୍ୟକୁ ଏକାନ୍ତରେ ପାପ କରିବାରୁ ନିବୃତ୍ତ କରାଇଥାଏ । ଏଣୁ ବୁଦ୍ଧିମାନ୍ ଲୋକେ ଦଣ୍ଡବ୍ୟବସ୍ଥାକୁ ହିଁ **'ଧର୍ମ'** ବୋଲି କହନ୍ତି ॥ ୨ ॥

ଉତ୍ତମ ରୂପେ ବିଚାରପୂର୍ବକ ଦଣ୍ଡବିଧାନ କରାଗଲେ ତାହା ସମସ୍ତ ପ୍ରଜାଙ୍କୁ ଆନନ୍ଦ ପ୍ରଦାନ କରିଥାଏ । କିନ୍ତୁ ଯଦି ଅବିଚାରିତ ଭାବେ ଦଣ୍ଡବ୍ୟବସ୍ଥା ପରିଚାଳନା କରାଯାଏ ତେବେ ତାହା ସବୁ ପ୍ରକାରେ ରାଜାଙ୍କ ବିନାଶ କରିଥାଏ ॥ ୩ ॥

ଦଣ୍ଡବିଧାନ ନ ରହିଲେ ସମସ୍ତ ବର୍ଣ୍ଣ ଦୂଷିତ ହୋଇଯାଆନ୍ତି ଓ ସକଳ ମର୍ଯ୍ୟାଦା ଛିନ୍ନ-ଭିନ୍ନ ହୋଇଯାଏ । ଯଥାଯଥ ଦଣ୍ଡବିଧାନ ନ ହେଲେ ସମସ୍ତ ଜନତାଙ୍କ ମଧ୍ୟରେ ପ୍ରକୋପ, ଆକ୍ରୋଶ ବଢ଼ିଯାଏ ॥ ୪ ॥

ଯେଉଁଠାରେ କୃଷ୍ଣବର୍ଣ୍ଣ, ରକ୍ତନେତ୍ର, ଭୟଙ୍କର ପୁରୁଷ ସମ ପାପବିନାଶକ ଦଣ୍ଡ ବିଚରଣ କରେ, ସେଠାରେ ପ୍ରଜାମାନେ ମୋହଗ୍ରସ୍ତ ନ ହୋଇ ଅନନ୍ଦରେ ରହନ୍ତି । ଅବଶ୍ୟ **ପକ୍ଷପାତରହିତ ବିଦ୍ୱାନ୍** ଏହି ଦଣ୍ଡର ସଞ୍ଚାଳକ ରହିଲେ ଏପରି ହୋଇପାରିଥାଏ ॥ ୫ ॥

ଦଣ୍ଡ-ବ୍ୟବସ୍ଥା ପରିଚାଳନାକାରୀ ଯେଉଁ ରାଜା ସତ୍ୟବାଦୀ, ଉତ୍ତମ ରୂପେ ବିଚାର କରି ହିଁ ଆଚରଣକାରୀ, ବୁଦ୍ଧିମାନ୍, ଧର୍ମ-ଅର୍ଥ-କାମ ସିଦ୍ଧି କରିବାରେ ଯଥାର୍ଥ ଜ୍ଞାତା ତାଙ୍କୁ ହିଁ ବିଦ୍ୱାନ୍‌ମାନେ **ଦଣ୍ଡବ୍ୟବସ୍ଥାର ଉତ୍ତମ ସଞ୍ଚାଳକ** ବୋଲି କହିଥାନ୍ତି ॥ ୬ ॥

ଯେଉଁ ରାଜା ଦଣ୍ଡବ୍ୟେବସ୍ଥାକୁ ନ୍ୟାୟମାର୍ଗରେ ଉତ୍ତମ ରୂପେ ସଞ୍ଚାଳନ କରନ୍ତି ସେ ଧର୍ମ, ଅର୍ଥ ଓ କାମର ସିଦ୍ଧି ଦ୍ୱାରା ଅଭିବୃଦ୍ଧିକୁ ପ୍ରାପ୍ତ ହୋଇଥାନ୍ତି; କିନ୍ତୁ ଯେଉଁ ରାଜା ବିଷୟାସକ୍ତ, କୁଟିଳ, ଈର୍ଷାପରାୟଣ, କ୍ଷୁଦ୍ରାଶୟ, ନୀଚବୁଦ୍ଧି ନ୍ୟାୟାଧୀଶ ହୋଇଥାଏ ସେହି ଦଣ୍ଡଦ୍ୱାରା ହିଁ ସେ ମୃତ୍ୟୁବରଣ କରିଥାଏ ॥ ୭ ॥

ଯେହେତୁ ଦଣ୍ଡ ଅତ୍ୟନ୍ତ ତେଜୋମୟ, ତେଣୁ ଅବିଦ୍ୱାନ୍, ଅଧାର୍ମିକ ବ୍ୟକ୍ତି ଏହାକୁ ଧାରଣ କରିବାକୁ ସମର୍ଥ, ଯୋଗ୍ୟ ନୁହନ୍ତି । ଅଧର୍ମାତ୍ମା ରାଜା ଏହାକୁ ଧାରଣ କଲେ ଧର୍ମରୁ ଚ୍ୟୁତ ସେ ରାଜାଙ୍କୁ ଏ ଦଣ୍ଡ ସକୁଟୁମ୍ବ ନାଶ କରିଦେଇଥାଏ ॥ ୮ ॥

ଯେଉଁ ରାଜା ଆପ୍ତପୁରୁଷଙ୍କ ସହାୟତା, ବିଦ୍ୟା ଓ ସୁଶିକ୍ଷାରୁ ବଞ୍ଚିତ, ବିଷୟାସକ୍ତ ଓ ମୂଢ଼ ଅଟେ, ସେ ନ୍ୟାୟପୂର୍ବକ ଦଣ୍ଡବିଧାନ କରିବାକୁ କଦାପି ସମର୍ଥ ହୋଇପାରି ନ ଥାଏ ॥ ୯ ॥

ଯିଏ ପବିତ୍ରାତ୍ମା, ସଦାଚାରୀ, ସତ୍‌ପୁରୁଷଙ୍କ ସଙ୍ଗୀ, ଯଥାଯଥ ରୂପେ ନୀତିଶାସ୍ତ୍ରାନୁସାରେ ଆଚରଣକାରୀ, ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ସହାୟତାପ୍ରାପ୍ତ, ବୁଦ୍ଧିମାନ୍ ଅଟନ୍ତି ସେ ହିଁ ନ୍ୟାୟରୂପୀ ଦଣ୍ଡକୁ ଯଥାର୍ଥତଃ ଚାଳନା କରିବାକୁ ସମର୍ଥ ହୋଇଥାନ୍ତି ॥ ୧୦ ॥ ଏଣୁ —

ରାଜ-ପରିଷଦର ଯୋଗ୍ୟତା ଓ କର୍ତ୍ତବ୍ୟ

ସୈନାପତ୍ୟଂ ଚ ରାଜ୍ୟଂ ଚ ଦଣ୍ଡନେତୃତ୍ୱମେବ ଚ ।
ସର୍ବଲୋକାଧିପତ୍ୟଂ ଚ ବେଦଶାସ୍ତ୍ରବିଦର୍ହତି ॥ ୧ ॥
ଦଶାବରା ବା ପରିଷଦ୍ ୟଂ ଧର୍ମଂ ପରିକଲ୍ପୟେତ୍ ।
ତ୍ର୍ୟବରା ବାପି ବୃତ୍ତସ୍ଥା ତଂ ଧର୍ମଂ ନ ବିଚାଲୟେତ୍ ॥ ୨ ॥
ତ୍ରୈବିଦ୍ୟୋ ହୈତୁକସ୍ତର୍କୀ ନୈରୁକ୍ତୋ ଧର୍ମପାଠକଃ ।
ତ୍ରୟଶ୍ଚାଶ୍ରମିଣଃ ପୂର୍ବେ ପରିଷତ୍ସ୍ୟାଦ୍ଦଶାବରା ॥ ୩ ॥
ଋଗ୍ବେଦବିଦ୍ୟଜୁର୍ବିଚ୍ଚ ସାମବେଦବିଦେବ ଚ ।
ତ୍ର୍ୟବରା ପରିଷଜ୍ଜ୍ଞେୟା ଧର୍ମସଂଶୟନିର୍ଣ୍ଣୟେ ॥ ୪ ॥
ଏକୋଽପି ବେଦବିଦ୍ଧର୍ମଂ ୟଂ ବ୍ୟବସ୍ୟେଦ୍ ଦ୍ୱିଜୋତ୍ତମଃ ।
ସ ବିଜ୍ଞେୟଃ ପରୋ ଧର୍ମୋ ନାଜ୍ଞାନାମୁଦିତୋଽୟୁତୈଃ ॥ ୫ ॥
ଅବ୍ରତାନାମମନ୍ତ୍ରାଣାଂ ଜାତିମାତ୍ରୋପଜୀବିନାମ୍ ।
ସହସ୍ରଶଃ ସମେତାନାଂ ପରିଷତ୍ତ୍ୱଂ ନ ବିଦ୍ୟତେ ॥ ୬ ॥
ୟଂ ବଦନ୍ତି ତମୋଭୂତା ମୂର୍ଖା ଧର୍ମମତଦ୍ୱିଦଃ ।
ତତ୍ପାପଂ ଶତଧା ଭୂତ୍ୱା ତଦ୍ବକ୍ତୃନନୁଗଚ୍ଛତି ॥ ୭ ॥ (ମନୁ. ୧୨:୧୦୦,୧୧୦-୧୧୫)

ସମଗ୍ର ସେନାର ଅଧିପତି, ପ୍ରଧାନ ରାଜ୍ୟାଧିକାରୀ, ସମ୍ପୂର୍ଣ୍ଣ ଦଣ୍ଡବ୍ୟବସ୍ଥାର ମୁଖ୍ୟ ଅଧିକାରୀ ତଥା ଏ ସମସ୍ତଙ୍କ ଉପରିସ୍ଥ ଥିବା ସର୍ବାଧୀଶ ରାଜା - **ଏ ଚାରିଜଣ ଅଧିକାରୀ ରୂପେ ସକଳ ବେଦଶାସ୍ତ୍ରରେ ପ୍ରବୀଣ, ତତ୍-ତତ୍ ବିଷୟକ ପୂର୍ଣ୍ଣ ବିଦ୍ୱାନ୍, ଧର୍ମାତ୍ମା, ଜିତେନ୍ଦ୍ରିୟ ଓ ସୁଶୀଳ ବ୍ୟକ୍ତିଙ୍କୁ ଅବସ୍ଥାପିତ କରିବା ଉଚିତ । ଅର୍ଥାତ୍ ମୁଖ୍ୟ ସେନାପତି, ମୁଖ୍ୟ ରାଜ୍ୟାଧିକାରୀ, ମୁଖ୍ୟ ବିଚାରପତି ଏବଂ ପ୍ରଧାନ(ରାଜା) - ଏ ଚାରିଜଣ ସର୍ବଶାସ୍ତ୍ରବିତ୍ ହେବା ଆବଶ୍ୟକ ॥ ୧ ॥**

ଅନ୍ୟୂନ ଦଶ ଜଣ ବିଦ୍ୱାନ୍ କିମ୍ବା ଅତି ନ୍ୟୂନରେ ତିନି ଜଣ ବିଦ୍ୱାନଙ୍କୁ ନେଇ ଗଠିତ ସଭା ଯେଉଁ ବ୍ୟବସ୍ଥା ବା ନିୟମ ନିର୍ଦ୍ଧାରଣ କରିବ, ସେହି **'ଧର୍ମ'** ଅର୍ଥାତ୍ ବ୍ୟବସ୍ଥାକୁ କେହି ହେଲେ ଉଲ୍ଲଙ୍ଘନ କରିବେ ନାହିଁ ॥ ୨ ॥

ଏହି ସଭାରେ ଚାରିବେଦର ତିନି ଜଣ ବିଦ୍ୱାନ୍, **'ହୈତୁକ'** ଅର୍ଥାତ୍ କାରଣ-ଅକାରଣର ଜ୍ଞାତା, ନ୍ୟାୟଶାସ୍ତ୍ର, ନିରୁକ୍ତ, ଧର୍ମଶାସ୍ତ୍ର ଆଦିର ବେତ୍ତା ବିଦ୍ୱାନ୍ ସଭାସଦ୍ ରହିବେ । ତା' ସହ ତିନି ଆଶ୍ରମର ତିନି ସଭାସଦ୍ ବି ରହିବେ; କିନ୍ତୁ ଏ ସଭାସଦ୍‌ଗଣ ବ୍ରହ୍ମଚାରୀ, ଗୃହସ୍ଥ ଓ ବାନପ୍ରସ୍ଥୀ ହୋଇଥିବେ । ସଭାର ସଭାସଦ୍ ବିଦ୍ୱାନଙ୍କ ସଂଖ୍ୟା ଦଶରୁ କମ୍ ନ ହେବା ଉଚିତ । ସେତେବେଳେ ତାକୁ ସଭା କୁହାଯାଏ ॥ ୩ ॥

ତା' ଛଡ଼ା ଯେଉଁ ସଭାରେ ଋଗ୍ବେଦ, ଯଜୁର୍ବେଦ ଓ ସାମବେଦର ଜ୍ଞାତା ତିନିଜଣ ସଭାସଦ୍ ଥାଇ ମଧ୍ୟ କୌଣସି ବ୍ୟବସ୍ଥା ବା ନିର୍ଣ୍ଣୟ ଦେଇଥିବେ, ସେହି ସଭାର ନିର୍ଦ୍ଧାରିତ ନିୟମକୁ ମଧ୍ୟ କେହି ବି ଉଲ୍ଲଙ୍ଘନ କରିବେ ନାହିଁ ॥ ୪ ॥

ସର୍ବବେଦବିତ୍, ଦ୍ୱିଜ ବା ଜ୍ଞାନୀଙ୍କ ମଧ୍ୟରେ ଉତ୍ତମ ଥିବା 'ସନ୍ନ୍ୟାସୀ' ଏକାକୀ ବି ଯେଉଁ ଧର୍ମ-ବ୍ୟବସ୍ଥା ବା ନିୟମ ନିର୍ଦ୍ଧାରଣ କରନ୍ତି, ତାହାକୁ ଶ୍ରେଷ୍ଠ ଧର୍ମ ବୋଲି ଗ୍ରହଣ କରିବା ଉଚିତ । କିନ୍ତୁ କୋଟି-କୋଟି ଅଜ୍ଞାନୀ ମିଶି ଯେଉଁ ନିୟମ-ବିଧାନ କରନ୍ତି ତାକୁ କଦାପି ମାନିବା ଉଚିତ ନୁହେଁ ॥ ୫ ॥

ବ୍ରହ୍ମଚର୍ଯ୍ୟ ଓ ସତ୍ୟଭାଷଣ ଆଦି ବ୍ରତରହିତ; ବେଦବିଦ୍ୟା ବା ବିଚାର ବିହୀନ; ଆଜନ୍ମ ଶୂଦ୍ର ରୂପେ ହିଁ ବିଦ୍ୟମାନ - ଏପରି ହଜାରେ ବ୍ୟକ୍ତିଙ୍କର ମିଳନକୁ ବି ସଭା କୁହାଯାଏ ନାହିଁ ॥ ୬ ॥

ଅବିଦ୍ୟାଗ୍ରସ୍ତ ମୂର୍ଖ, ବେଦଜ୍ଞାନବିହୀନ ବ୍ୟକ୍ତିମାନେ ଯେଉଁ ଧର୍ମ ବଷୟକ ବିଚାର ଦିଅନ୍ତି, ତାହା କେବେ ମଧ୍ୟ ମାନିବା ଉଚିତ ନୁହେଁ । କାରଣ ଯେଉଁମାନେ ମୂର୍ଖଙ୍କ ନିର୍ଦ୍ଦେଶିତ ଧର୍ମ ଅନୁସାରେ ଆଚରଣ କରନ୍ତି ସେମାନେ ଶତଶତ ପାପରେ ଭାଗୀ ହୋଇଯାନ୍ତି ॥ ୭ ॥

ଏଣୁ ଏ ତିନୋଟି ସଭାରେ ଅର୍ଥାତ୍ ବିଦ୍ୟାସଭା, ଧର୍ମସଭା ଓ ରାଜସଭାରେ ମୂର୍ଖମାନଙ୍କୁ କଦାପି ସ୍ଥାନ ଦେବା ଉଚିତ ନୁହେଁ । ସର୍ବଦା ବିଦ୍ୱାନ୍ ଓ ଧାର୍ମିକ ବ୍ୟକ୍ତିଙ୍କୁ ଅବସ୍ଥାପନ କରିବା ବିଧେୟ । ଏମାନେ ସମସ୍ତେ ଏପରି ହେବା ଉଚିତ —

ରାଜା ଓ ସଭାସଦ୍ ଜିତେନ୍ଦ୍ରିୟ ହେବେ

ତ୍ରୈବିଦ୍ୟେଭ୍ୟସ୍ତ୍ରୟୀଂ ବିଦ୍ୟାଂ ଦଣ୍ଡନୀତିଂ ଚ ଶାଶ୍ୱତୀମ୍ ।
ଆନ୍ୱୀକ୍ଷିକୀଂ ଚାତ୍ମବିଦ୍ୟାଂ ବାର୍ତ୍ତାରମ୍ଭାଁଶ୍ଚ ଲୋକତଃ ॥ ୧ ॥
ଇନ୍ଦ୍ରିୟାଣାଂ ଜୟେ ଯୋଗଂ ସମାତିଷ୍ଠେଦ୍ଦିବାନିଶମ୍ ।
ଜିତେନ୍ଦ୍ରିୟୋ ହି ଶକ୍ନୋତି ବଶେ ସ୍ଥାପୟିତୁଂ ପ୍ରଜାଃ ॥ ୨ ॥
ଦଶ କାମସମୁତ୍ଥାନି ତଥାଷ୍ଟୌ କ୍ରୋଧଜାନି ଚ ।
ବ୍ୟସନାନି ଦୁରନ୍ତାନି ପ୍ରୟତ୍ନେନ ବିବର୍ଜୟେତ୍ ॥ ୩ ॥
କାମଜେଷୁ ପ୍ରସକ୍ତୋ ହି ବ୍ୟସନେଷୁ ମହୀପତିଃ ।
ବିୟୁଜ୍ୟତେଽର୍ଥଧର୍ମାଭ୍ୟାଂ କ୍ରୋଧଜେଷ୍ୱାତ୍ମନୈବ ତୁ ॥ ୪ ॥
ମୃଗୟାକ୍ଷୋ ଦିବାସ୍ୱପ୍ନଃ ପରିବାଦଃ ସ୍ତ୍ରିୟୋ ମଦଃ ।
ତୌର୍ଯ୍ୟତ୍ରିକଂ ବୃଥାଟ୍ୟା ଚ କାମଜୋ ଦଶକୋ ଗଣଃ ॥ ୫ ॥
ପୈଶୁନ୍ୟଂ ସାହସଂ ଦ୍ରୋହ ଈର୍ଷ୍ୟାସୂୟାର୍ଥଦୂଷଣମ୍ ।
ବାଗ୍ଦଣ୍ଡଜଂ ଚ ପାରୁଷ୍ୟଂ କ୍ରୋଧଜୋଽପି ଗଣୋଽଷ୍ଟକଃ ॥ ୬ ॥
ଦ୍ୱୟୋରପ୍ୟେତୟୋର୍ମୂଲଂ ୟଂ ସର୍ବେ କବୟୋ ବିଦୁଃ ।
ତଂ ୟତ୍ନେନ ଜୟେଲ୍ଲୋଭଂ ତଜ୍ଜାବେତାବୁଭୌ ଗଣୌ ॥ ୭ ॥
ପାନମକ୍ଷାଃ ସ୍ତ୍ରିୟଶ୍ଚୈବ ମୃଗୟା ଚ ୟଥାକ୍ରମମ୍ ।
ଏତତ୍ କଷ୍ଟତମଂ ବିଦ୍ୟାଚ୍ଚତୁଷ୍କଂ କାମଜେ ଗଣେ ॥ ୮ ॥
ଦଣ୍ଡସ୍ୟ ପାତନଂ ଚୈବ ବାକ୍ପାରୁଷ୍ୟାର୍ଥଦୂଷଣେ ।
କ୍ରୋଧଜେଽପି ଗଣେ ବିଦ୍ୟାତ୍ କଷ୍ଟମେତତ୍ ତ୍ରିକଂ ସଦା ॥ ୯ ॥

ସପ୍ତକସ୍ୟାସ୍ୟ ବର୍ଗସ୍ୟ ସର୍ବତ୍ରୈବାନୁଷଙ୍ଗିଣଃ ।
ପୂର୍ବଂ ପୂର୍ବଂ ଗୁରୁତରଂ ବିଦ୍ୟାଦ୍ ବ୍ୟସନମାତ୍ମବାନ୍ ॥ ୧୦ ॥
ବ୍ୟସନସ୍ୟ ଚ ମୃତ୍ୟୋଶ୍ଚ ବ୍ୟସନଂ କଷ୍ଟମୁଚ୍ୟତେ ।
ବ୍ୟସନ୍ୟଧୋଽଧୋ ବ୍ରଜତି ସ୍ୱର୍ଯାତ୍ୟବ୍ୟସନୀ ମୃତଃ ॥ ୧୧ ॥ (ମନୁ. ୭: ୪୩-୫୩)

ଚାରିବେଦର ପ୍ରତିପାଦ୍ୟ ବିଷୟ ହୋଇଥିବା **'ଜ୍ଞାନ, କର୍ମ ଓ ଉପାସନା'** - ଏହି ତିନି ବିଦ୍ୟାର ଜ୍ଞାତାଙ୍କଠାରୁ ଏ ତିନି ବିଦ୍ୟା; ସନାତନ **'ଦଣ୍ଡନୀତି'**; **'ନ୍ୟାୟବିଦ୍ୟା'**; **'ଆତ୍ମବିଦ୍ୟା'** ଅର୍ଥାତ୍ ପରମାତ୍ମାଙ୍କ ଗୁଣ-କର୍ମ-ସ୍ୱଭାବ-ସ୍ୱରୂପ ସମ୍ପର୍କରେ ଯଥାର୍ଥ ଜ୍ଞାନ ରୂପକ **'ବ୍ରହ୍ମବିଦ୍ୟା'** ଏବଂ ସଂସାରରେ **'ବାର୍ତ୍ତାରମ୍ଭ କରିବା'** (କହିବା ଓ ପଚାରିବା, ଲୋକବ୍ୟବହାର) - ଏସବୁ ଶିକ୍ଷିଥିବା ବ୍ୟକ୍ତି ହିଁ ରାଜସଭାର ସଭାସଦ୍ ଅଥବା ସଭାପତି ହୋଇପାରିବେ ॥ ୧ ॥

ସମସ୍ତ ସଭାସଦ୍ ଓ ସଭାପତି ଇନ୍ଦ୍ରିୟଜୟୀ ହେବେ ଅର୍ଥାତ୍ ଇନ୍ଦ୍ରିୟଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖି ସର୍ବଦା ଧର୍ମମାର୍ଗରେ ଗତି କରିବେ ଏବଂ ଅଧର୍ମରୁ ଦୂରେଇ ରହିବେ । ଏଥିନିମନ୍ତେ ପ୍ରାତଃ-ସାୟଂ ନିୟତ ସମୟରେ ନିୟମିତ ଭାବେ ଯୋଗାଭ୍ୟାସ କରିବେ । କାରଣ ଏମାନେ ନିଜେ ଜିତେନ୍ଦ୍ରିୟ ନ ହେଲେ, ନିଜର ଇନ୍ଦ୍ରିୟସମୂହ, ମନ, ପ୍ରାଣ ଓ ଶରୀର ରୂପୀ ପ୍ରଜାଙ୍କୁ ଆୟତ୍ତ ନ କରିପାରିଲେ, ରାଜ୍ୟର ପ୍ରଜାମାନଙ୍କୁ ନିୟନ୍ତ୍ରଣ କରିବାକୁ କଦାପି ସମର୍ଥ ହେବେ ନାହିଁ ॥ ୨ ॥

କାମ ବା ବିଷୟଭୋଗର ଇଚ୍ଛାରୁ ଦଶଟି ଓ କ୍ରୋଧରୁ ଆଠଟି ଦୁର୍ବ୍ୟସନ ଉତ୍ପନ୍ନ ହୋଇଥାଏ । ଏ ସବୁ ଦୁର୍ବ୍ୟସନରେ ଥରେ ଲିପ୍ତ ହୋଇଗଲେ ତହିଁରୁ ମୁକୁଳିବା କଷ୍ଟକର ବ୍ୟାପାର ହୋଇଯାଏ । ତେଣୁ ଦୃଢ଼ ସଂକଳ୍ପବାନ୍ ହୋଇ ଏସବୁରୁ ଦୂରେଇ ରହିବେ ତଥା ଯଦି କୌଣସିଥିରେ ଲିପ୍ତ ଥାଆନ୍ତି ଅତ୍ୟନ୍ତ ପ୍ରଯତ୍ନପୂର୍ବକ ତାକୁ ଦୂର କରିବେ ଓ ଅନ୍ୟମାନଙ୍କର ଏସବୁ ଦୁର୍ବ୍ୟସନ ଦୂର ପାଇଁ ବି ପ୍ରଯତ୍ନ କରିବେ ॥ ୩ ॥

କାରଣ ରାଜା ଯଦି କାମରୁ ଉତ୍ପନ୍ନ ଦଶଟି ଦୁର୍ବ୍ୟସନରେ ଲିପ୍ତ ହୋଇଯାଆନ୍ତି, ତେବେ ସେ ଅର୍ଥ ଅର୍ଥାତ୍ ରାଜ୍ୟ-ଧନସମ୍ପଦ ଇତ୍ୟାଦି ତଥା ଧର୍ମ ହରେଇ ବସନ୍ତି । ଆଉ ଯଦି କ୍ରୋଧରୁ ଉତ୍ପନ୍ନ ହେଉଥିବା ଆଠଟି ବ୍ୟସନରେ ଆସକ୍ତ ରହନ୍ତି, ତେବେ ସ୍ୱାସ୍ଥ୍ୟ, ଶରୀର ବି ନଷ୍ଟ ହୋଇଯାଏ ॥ ୪ ॥

କାମରୁ ଉତ୍ପନ୍ନ ବ୍ୟସନ — ମୃଗୟା; ଅକ୍ଷ ଅର୍ଥାତ୍ ଦ୍ୟୂତକ୍ରୀଡ଼ା (ଜୁଆ-ପଶା ପ୍ରଭୃତି ଖେଳ); ଦିବାଶୟନ; କାମକ୍ରୀଡ଼ା ଚର୍ଚ୍ଚା, ପରନିନ୍ଦା; ଅତିଶୟ ସ୍ତ୍ରୀ ସଙ୍ଗ; ମଦ, ଗଞ୍ଜେଇ, ଭାଙ୍ଗ, ଅଫିମ, ଚରସ ଆଦି ମାଦକ ଦ୍ରବ୍ୟ ସେବନ; ଗାୟନ, ବାଦନ, ନର୍ତ୍ତନ କରିବା ଓ କରାଇବା, ଶୁଣିବା-ଦେଖିବା; ବୃଥା ଭ୍ରମଣ କରିବା - ଏ ଦଶଟି କାମୋତ୍ପନ୍ନ ବ୍ୟସନ ଅଟନ୍ତି ॥ ୫ ॥

କ୍ରୋଧରୁ ଉତ୍ପନ୍ନ ବ୍ୟସନ — (ପୈଶୁନ୍ୟ) କୁତ୍ସାରଟନା ବା ଚୁଗୁଲି କରିବା; **(ସାହସ)** ବଳପୂର୍ବକ ପରସ୍ତ୍ରୀ ସହ ଅସଦାଚରଣ କରିବା; **(ଦ୍ରୋହ)** ଦ୍ରୋହାଚରଣ କରିବା; **(ଈର୍ଷ୍ୟା)** ଅନ୍ୟର ଉନ୍ନତି, ପ୍ରଶଂସା ଦେଖି-ଶୁଣି ସହି ନ ପାରିବା, ଭିତରେ-ଭିତରେ ଜଳିବା; **(ଅସୂୟା)** ଦୋଷରେ ଗୁଣ ଆରୋପ ଓ ଗୁଣରେ ଦୋଷ ଆରୋପ କରିବା; **(ଅର୍ଥଦୂଷଣ)** ଅନ୍ୟାୟ, ଅଧର୍ମ, ମନ୍ଦ କର୍ମରେ ଧନାଦି ବ୍ୟୟ କରିବା; **(ବାଗ୍‌ଦଣ୍ଡ)** କଠୋର ବଚନ କହିବା ଓ **(ପାରୁଷ୍ୟ)** ବିନା ଅପରାଧରେ କଡ଼ା କଥା କହିବା କିମ୍ବା ଅଧିକ ଦଣ୍ଡ ଦେବା - ଏ ଆଠଟି ଦୁର୍ଗୁଣ କ୍ରୋଧରୁ ଉତ୍ପନ୍ନ ହୋଇଥାଏ ॥ ୬ ॥

ସମସ୍ତ ବିଦ୍ୱାନ୍‌ଗଣ ଏହି କାମଜ ଓ କ୍ରୋଧଜ ଦୁର୍ଗୁଣଗୁଡ଼ିକର ମୂଳ ବୋଲି ଯାହାକୁ ଅଭିହିତ କରିଛନ୍ତି, ଯାହାଠାରୁ ଏସବୁ ଦୁର୍ଗୁଣ ମନୁଷ୍ୟକୁ ପ୍ରାପ୍ତ ହୁଏ, ସେହି ଲୋଭକୁ ପ୍ରଯତ୍ନପୂର୍ବକ ପରିତ୍ୟାଗ କରିବା ଆବଶ୍ୟକ ॥ ୭ ॥

କାମଜ ବ୍ୟସନ ମଧ୍ୟରୁ ବଡ଼ ଦୁର୍ଗୁଣ — ଦଶଟି କାମଜ ବ୍ୟସନ ମଧ୍ୟରୁ ୧. ମଦ୍ୟାଦି ମାଦକ ଦ୍ରବ୍ୟ ସେବନ, ୨. ଜୁଆ ଖେଳିବା, ୩. ଅଧିକ ସ୍ତ୍ରୀ-ସଙ୍ଗ ଓ ୪. ମୃଗୟା - ଏ ଚାରିଟି ମହାଦୁଷ୍ଟ ବ୍ୟସନ । କାମଜ ବ୍ୟସନଗୁଡ଼ିକ ମଧ୍ୟରୁ ଏ ଚାରୋଟି ଅତ୍ୟନ୍ତ ଦୁଃଖଦାୟକ ॥ ୮ ॥

କ୍ରୋଧଜ ମଧ୍ୟରୁ ବଡ଼ — କ୍ରୋଧଜନିତ ବ୍ୟସନ ମଧ୍ୟରୁ ୧. ବିନା ଅପରାଧରେ ଦଣ୍ଡ ଦେବା, ୨. କଠୋର ବଚନ କହିବା ଓ ୩. ଅନ୍ୟାୟ-ଅଧର୍ମ ମାର୍ଗରେ ଧନାଦି ବ୍ୟୟ କରିବା - ଏ ତିନୋଟି ଅଧିକ ଦୁଃଖଦାୟକ ଦୋଷ ॥ ୯ ॥

କାମଜ ଓ କ୍ରୋଧଜ ଅଠରଟି ବ୍ୟସନ ମଧ୍ୟରୁ ଯେଉଁ ସାତୋଟି ବିଶେଷ ଦୁଃଖଦାୟକ ବୋଲି କୁହାଗଲା ତନ୍ମଧ୍ୟରୁ ପୂର୍ବ-ପୂର୍ବବର୍ତ୍ତୀ ଦୋଷ ତା' ପରବର୍ତ୍ତୀ ଦୋଷ ଅପେକ୍ଷା ଅଧିକ ବଡ଼ ଦୁର୍ବ୍ୟସନ ଅଟେ । ଅର୍ଥାତ୍ ବୃଥା ବ୍ୟୟ ଅପେକ୍ଷା କଠୋର ବଚନ କହିବା, କଠୋରବଚନ କହିବାଠାରୁ ଅନ୍ୟାୟରେ ଦଣ୍ଡ ଦେବା, ତା' ଅପେକ୍ଷା ମୃଗୟା କରିବା, ମୃଗୟା ଅପେକ୍ଷା ସ୍ତ୍ରୀ ସହ ଅଧିକ ସହବାସ କରିବା, ତଦପେକ୍ଷା ଜୁଆ ଖେଳିବା, ସର୍ବାପେକ୍ଷା **ମଦ୍ୟାଦି ସେବନ କରିବାକୁ ଭୟଙ୍କର ମାରାତ୍ମକ ଦୁର୍ବ୍ୟସନ ରୂପେ ଗଣନା କରାଯାଇଛି** ॥ ୧୦ ॥

ଏ କଥା ଭଲ ଭାବେ ବୁଝିବା ଆବଶ୍ୟକ ଯେ **ଦୁର୍ବ୍ୟସନରେ ଲିପ୍ତହେବା ଅପେକ୍ଷା ମୃତ୍ୟୁ ବରଂ ଶ୍ରେୟସ୍କର ।** କାରଣ ଏଭଳି ଦୁଷ୍ଟାଚାରୀ ବ୍ୟକ୍ତି ଯେତେ ଅଧିକ ଦିନ ବଞ୍ଚିବ ସେତେ ଅଧିକ ପାପ କରିଚାଲିବ ଏବଂ ପରିଣାମତଃ ନୀଚରୁ ନୀଚ ଗତି ଅର୍ଥାତ୍ ଅଧିକରୁ ଅଧିକ ଦୁଃଖ ପ୍ରାପ୍ତ କରିଚାଲିବ । ଆଉ ଯିଏ କୌଣସି ବ୍ୟସନରେ ଲିପ୍ତ ନୁହେଁ ସେ ମୃତ୍ୟୁପରେ ମଧ୍ୟ ସୁଖକୁ ହିଁ ପ୍ରାପ୍ତ ହୋଇଥାଏ । ଏଣୁ ବିଶେଷତଃ ରାଜା ତଥା କୌଣସି ପ୍ରଜା କେବେ ବି ମୃଗୟା, ମଦ୍ୟପାନ ଇତ୍ୟାଦି କୌଣସି ଦୁର୍ବ୍ୟସନରେ ଲିପ୍ତ ନ ହେବା ଉଚିତ । ଦୁର୍ବ୍ୟସନରୁ ଦୂରେଇ ରହି ସର୍ବଦା ଧର୍ମଯୁକ୍ତ ଗୁଣ-କର୍ମ-ସ୍ୱଭାବରେ ସଂଯୁକ୍ତ ରହି ଉତ୍ତମୋତ୍ତମ କାର୍ଯ୍ୟ କରିବେ ॥ ୧୧ ॥

ରାଜସଭାସଦ୍, ମନ୍ତ୍ରୀ ଓ ଦୂତ କିପରି ହେବା ଆବଶ୍ୟକ

ମୌଲାନ୍ ଶାସ୍ତ୍ରବିଦଃ ଶୂରାଁଲ୍ଲବ୍ଧଲକ୍ଷ୍ୟାନ୍ କୁଲୋଦ୍‌ଗତାନ୍ ।
ସଚିବାନ୍ ସପ୍ତ ଚାଷ୍ଟୌ ବା ପ୍ରକୁର୍ବୀତ ପରୀକ୍ଷିତାନ୍ ॥ ୧ ॥
ଅପି ଯତ୍‌ସୁକରଂ କର୍ମ ତଦପ୍ୟେକେନ ଦୁଷ୍କରମ୍ ।
ବିଶେଷତୋଽସହାୟେନ କିନ୍ନୁ ରାଜ୍ୟଂ ମହୋଦୟମ୍ ॥ ୨ ॥
ତୈଃ ସାର୍ଦ୍ଧଂ ଚିନ୍ତୟେନ୍ନିତ୍ୟଂ ସାମାନ୍ୟଂ ସନ୍ଧିବିଗ୍ରହମ୍ ।
ସ୍ଥାନଂ ସମୁଦୟଂ ଗୁପ୍ତିଂ ଲବ୍ଧପ୍ରଶମନାନି ଚ ॥ ୩ ॥
ତେଷାଂ ସ୍ୱଂ ସ୍ୱମଭିପ୍ରାୟମୁପଲଭ୍ୟ ପୃଥକ୍ ପୃଥକ୍ ।
ସମସ୍ତାନାଞ୍ଚ କାର୍ୟେଷୁ ବିଦଧ୍ୟାଦ୍ଧିତମାତ୍ମନଃ ॥ ୪ ॥
ଅନ୍ୟାନପି ପ୍ରକୁର୍ବୀତ ଶୁଚୀନ୍ ପ୍ରାଜ୍ଞାନବସ୍ଥିତାନ୍ ।
ସମଗ୍ୟର୍ଥସମାହର୍ତ୍ତୃନମାତ୍ୟାନ୍ ସୁପରୀକ୍ଷିତାନ୍ ॥ ୫ ॥

ନିବର୍ତ୍ତେତାସ୍ୟ ଯାବଦ୍‌ଭିରିତିକର୍ତ୍ତବ୍ୟତା ନୃଭିଃ ।
ତାବତୋଽତନ୍ଦ୍ରିତାନ୍ ଦକ୍ଷାନ୍ ପ୍ରକୁର୍ବୀତ ବିଚକ୍ଷଣାନ୍ ॥ ୬ ॥
ତେଷାମର୍ଥେ ନିୟୁଞ୍ଜୀତ ଶୂରାନ୍ ଦକ୍ଷାନ୍ କୁଲୋଦ୍‌ଗତାନ୍ ।
ଶୁଚୀନାକରକର୍ମାନ୍ତେ ଭୀରୂନନ୍ତର୍ନିବେଶନେ ॥ ୭ ॥
ଦୂତଂ ଚୈବ ପ୍ରକୁର୍ବୀତ ସର୍ବଶାସ୍ତ୍ରବିଶାରଦମ୍ ।
ଇଙ୍ଗିତାକାରଚେଷ୍ଟଜ୍ଞଂ ଶୁଚିଂ ଦକ୍ଷଂ କୁଲୋଦ୍‌ଗତମ୍ ॥ ୮ ॥
ଅନୁରକ୍ତଃ ଶୁଚିର୍ଦକ୍ଷଃ ସ୍ମୃତିମାନ୍ ଦେଶକାଳବିତ୍ ।
ବପୁଷ୍ମାନ୍ ବୀତଭୀର୍ବାଗ୍ମୀ ଦୂତୋ ରାଜ୍ଞଃ ପ୍ରଶସ୍ୟତେ ॥ ୯ ॥ (ମନୁ. ୭:୫୪-୫୭,୬୦-୬୪)

ସ୍ୱରାଜ୍ୟ- ସ୍ୱଦେଶରେ ଜନ୍ମିତ; ବେଦାଦିଶାସ୍ତ୍ରର ଜ୍ଞାତା; ଶୂରବୀର; ଲକ୍ଷ୍ୟଭେଦକାରୀ ଅର୍ଥାତ୍ ଯାହାର ଲକ୍ଷ୍ୟ ବା ବିଚାର କେବେ ନିଷ୍ଫଳ ହୁଏ ନାହିଁ; କୁଳୀନ ଓ ଉତ୍ତମ ରୂପେ ପରୀକ୍ଷିତ - ଏପରି ୭-୮ ଜଣ ଉତ୍ତମ, ଧାର୍ମିକ ତଥା ଚତୁର ବ୍ୟକ୍ତିଙ୍କୁ 'ସଚିବ' ଅର୍ଥାତ୍ ମନ୍ତ୍ରୀ ରୂପେ ନିଯୁକ୍ତ କରିବେ ॥ ୧ ॥

ଯେହେତୁ କି ସୁଗମ, ସାଧାରଣ କାର୍ଯ୍ୟ ବି ଅନ୍ୟର ସହାୟତା ବିନା ଜଣେ ଏକୁଟିଆ କରିବା କଷ୍ଟକର ହୋଇଥାଏ, ସେଭଳି ସ୍ଥିତିରେ ବିଶାଳ ରାଜ୍ୟର ସୁଚାରୁ ପରିଚାଳନା ରୂପକ ବିରାଟ କାର୍ଯ୍ୟ ଜଣକ ଦ୍ୱାରା କିପରି ସମ୍ପାଦିତ ହୋଇପାରିବ ? **ଏଣୁ କୌଣସି ଜଣେ ବ୍ୟକ୍ତିଙ୍କୁ ସକଳ ଦାୟିତ୍ୱ-କ୍ଷମତା ସମ୍ପନ୍ନ ରାଜା କରି, ସେହି ଜଣେ ବ୍ୟକ୍ତିର ବୁଦ୍ଧି-ବିଚାର ଉପରେ ରାଜକାର୍ଯ୍ୟ ନିର୍ଭର କରି ରଖିବା ଅତ୍ୟନ୍ତ ଗର୍ହିତ କର୍ମ ॥ ୨ ॥**

ଅତଃ ରାଜା ପ୍ରତିଦିନ ସେହି ରାଜକାର୍ଯ୍ୟରେ ସୁଦକ୍ଷ, ବିଦ୍ୱାନ୍ ମନ୍ତ୍ରୀମାନଙ୍କ ସହ ସାମାନ୍ୟତଃ ଏ ଛଅଟି ବିଷୟରେ ବିଚାର-ବିମର୍ଶ କରିବା ଉଚିତ । — **୧. (ସନ୍ଧିମ୍)** କାହା ସହ ମିତ୍ରତା ସ୍ଥାପନ କରିବା, **୨. (ବିଗ୍ରହମ୍)** କାହାକୁ ବିରୋଧ କରିବା, **୩. (ସ୍ଥାନମ୍)** ସ୍ଥିତି-ସମୟ ଦେଖି ନୀରବ ରହିବା, ନିଜ ରାଜ୍ୟକୁ ସୁରକ୍ଷିତ ରଖି ଚୁପ୍‌ଚାପ୍ ରହିବା, **୪. (ସମୁଦୟମ୍)** ନିଜର ଉଦୟ ଅର୍ଥାତ୍ ଶକ୍ତି-ସାମର୍ଥ୍ୟ, ସାଧନର ସମୁଚିତ ବୃଦ୍ଧି ହୋଇଥିବା ସମୟରେ ଦୁଷ୍ଟ ଶତ୍ରୁମାନଙ୍କ ଉପରେ ଆକ୍ରମଣ କରିବା, **୫. (ଗୁପ୍ତିମ୍)** ନିଜର ରାଜ୍ୟ, ରାଜକୋଷ ଓ ସେନା ଆଦିଙ୍କ ରକ୍ଷାକରିବା, **୬. (ଲବ୍ଧପ୍ରଶମନାନି)** ଯେଉଁସବୁ ରାଜ୍ୟକୁ ଜୟ କରାଯାଇଥିବ ସେହି ବିଜିତ ରାଜ୍ୟମାନଙ୍କରେ ଶାନ୍ତିସ୍ଥାପନ, ଉପଦ୍ରବ ପ୍ରଶମନ କରିବା ॥ ୩ ॥

ମନ୍ତ୍ରୀମାନଙ୍କ ସହ ବିଚାର-ବିମର୍ଶର ପଦ୍ଧତି ହେଲା ଯେ ରାଜା ବା ସଭାପତି ସେହି ସଭାସଦ୍‌ମାନଙ୍କ ସହ ପୃଥକ୍-ପୃଥକ୍ ବିଚାର-ଆଲୋଚନା କରିବେ । ସେମାନଙ୍କ ମତାମତ ଓ ଅଭିପ୍ରାୟ ଜାଣିବା ପରେ ସେମାନଙ୍କ ବିଚାର ମଧ୍ୟରୁ ବହୁମତାନୁସାରେ ଯେଉଁ କାର୍ଯ୍ୟ ଦ୍ୱାରା ନିଜର ଓ ଅନ୍ୟର ହିତ ସାଧିତ ହେବ ସେହି କାର୍ଯ୍ୟ କରିବେ ॥ ୪ ॥

ଆବଶ୍ୟକତା ଅନୁସାରେ ଅନ୍ୟ ପବିତ୍ରାତ୍ମା, ବୁଦ୍ଧିମାନ୍, ସ୍ଥିରମତି, ଧନାଦି ପଦାର୍ଥ ସଂଗ୍ରହରେ ଅତ୍ୟନ୍ତ ଦକ୍ଷ, ସୁପରୀକ୍ଷିତ ବ୍ୟକ୍ତିଙ୍କୁ ବି ମନ୍ତ୍ରୀ ରୂପେ ନିଯୁକ୍ତ କରିବେ ॥ ୫ ॥

ରାଜକାର୍ଯ୍ୟର ସୁପରିଚାଳନା ପାଇଁ ଯେତେ ବ୍ୟକ୍ତି ଆବଶ୍ୟକ ସେତେଜଣ ଆଳସ୍ୟରହିତ, ବଳବାନ୍ ଓ ଅତ୍ୟନ୍ତ ଚତୁର ବ୍ୟକ୍ତିଙ୍କୁ ଅଧିକାରୀ, କର୍ମଚାରୀ ରୂପେ ନିଯୁକ୍ତ କରିବେ ॥ ୬ ॥

ଏମାନଙ୍କ ଅଧୀନରେ ଶୂରବୀର, ବଳବାନ୍, କୁଳୀନ, ସଚ୍ଚରିତ୍ର ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ କର୍ମରେ ଏବଂ ଭୀରୁ, ଦୁର୍ବଳ ଲୋକଙ୍କୁ ସାଧାରଣ ଆଭ୍ୟନ୍ତରୀଣ କାର୍ଯ୍ୟରେ ନିଯୁକ୍ତ କରିବେ ॥ ୭ ॥

ପ୍ରଶଂସିତ କୁଳୋତ୍ପନ୍ନ, ଚତୁର, ପବିତ୍ର ବିଚାରସମ୍ପନ୍ନ, ହାବ-ଭାବ ଓ ଚେଷ୍ଟାରୁ ଅନ୍ୟର ଅନ୍ତରର ଭାବନା ଓ ଭବିଷ୍ୟତରେ ହେବାକୁ ଥିବା କାର୍ଯ୍ୟ ଭଲଭାବରେ ଜାଣିବାରେ ସକ୍ଷମ, ଦୂରଦର୍ଶୀ ଓ ସର୍ବଶାସ୍ତ୍ର ବିଶାରଦ ବ୍ୟକ୍ତିଙ୍କୁ 'ଦୂତ' ରୂପେ ରଖିବେ ॥ ୮ ॥

ରାଜକାର୍ଯ୍ୟରେ ଅତ୍ୟନ୍ତ ଉତ୍ସାହ-ପ୍ରୀତି ଯୁକ୍ତ, ନିଷ୍କପଟ, ପବିତ୍ରାତ୍ମା, ଚତୁର, ସ୍ମୃତିମାନ୍ ଅର୍ଥାତ୍ ଦୀର୍ଘକାଳର କଥା ବି ନ ଭୁଲି ମନେରଖିପାରୁଥିବା ବ୍ୟକ୍ତି, ଦେଶ-କାଳ ଅନୁସାରେ ଆଚରଣକାରୀ, ସୁନ୍ଦର ରୂପବାନ୍, ନିର୍ଭୀକ, ବାଗ୍ମୀ ବ୍ୟକ୍ତି ହିଁ 'ରାଜଦୂତ' ହେବା ପାଇଁ ଯୋଗ୍ୟ ॥ ୯ ॥

ଅମାତ୍ୟ, ନୃପ ଓ ଦୂତଙ୍କ ଅଧିକାର

କାହାକୁ କି ପ୍ରକାର ଅଧିକାର ଦେବା ଉଚିତ? —

ଅମାତ୍ୟେ ଦଣ୍ଡ ଆୟତ୍ତୋ ଦଣ୍ଡେ ବୈନୟିକୀ କ୍ରିୟା ।
ନୃପତୌ କୋଶରାଷ୍ଟ୍ରେ ଚ ଦୂତେ ସନ୍ଧିବିପର୍ଯ୍ୟୌ ॥ ୧ ॥
ଦୂତ ଏବ ହି ସନ୍ଧତ୍ତେ ଭିନତ୍ତ୍ୟେବ ଚ ସଂହତାନ୍ ।
ଦୂତସ୍ତତ୍ କୁରୁତେ କର୍ମ ଭିଦ୍ୟନ୍ତେ ୟେନ ମାନବାଃ ॥ ୨ ॥
ବୁଦ୍ଧ୍ୱା ଚ ସର୍ବଂ ତତ୍ତ୍ୱେନ ପରରାଜଚିକୀର୍ଷିତମ୍ ।
ତଥା ପ୍ରୟତ୍ନମାତିଷ୍ଠେଦ୍ୟଥାତ୍ମାନଂ ନ ପୀଡ଼ୟେତ୍ ॥ ୩ ॥
ଧନୁର୍ଦୁର୍ଗଂ ମହୀଦୁର୍ଗମବ୍ଦୁର୍ଗଂ ବାର୍କ୍ଷମେବ ବା ।
ନୃଦୁର୍ଗଂ ଗିରିଦୁର୍ଗଂ ବା ସମାଶ୍ରିତ୍ୟ ବସେତ୍ ପୁରମ୍ ॥ ୪ ॥
ଏକଃ ଶତଂ ୟୋଧୟତି ପ୍ରାକାରସ୍ଥୋ ଧନୁର୍ଦ୍ଧରଃ ।
ଶତଂ ଦଶସହସ୍ରାଣି ତସ୍ମାଦ୍ ଦୁର୍ଗଂ ବିଧୀୟତେ ॥ ୫ ॥
ତତ୍ ସ୍ୟାଦାୟୁଧସମ୍ପନ୍ନଂ ଧନଧାନ୍ୟେନ ବାହନୈଃ ।
ବ୍ରାହ୍ମଣୈଃ ଶିଳ୍ପିଭିର୍ୟନ୍ତ୍ରୈର୍ୟବସେନୋଦକେନ ଚ ॥ ୬ ॥
ତସ୍ୟ ମଧ୍ୟେ ସୁପର୍ଯ୍ୟାପ୍ତଂ କାରୟେଦ୍ ଗୃହମାତ୍ମନଃ ।
ଗୁପ୍ତଂ ସର୍ବର୍ତୁକଂ ଶୁଭ୍ରଂ ଜଳବୃକ୍ଷସମନ୍ୱିତମ୍ ॥ ୭ ॥
ତଦଧ୍ୟାସ୍ୟୋଦ୍ୱହେଦ୍ ଭାର୍ଯ୍ୟାଂ ସବର୍ଣ୍ଣାଂ ଲକ୍ଷଣାନ୍ୱିତାମ୍ ।
କୁଲେ ମହତି ସମ୍ଭୂତାଂ ହୃଦ୍ୟାଂ ରୂପଗୁଣାନ୍ୱିତାମ୍ ॥ ୮ ॥
ପୁରୋହିତଂ ପ୍ରକୁର୍ବୀତ ବୃଣୁୟାଦେବ ଚର୍ତ୍ୱିଜଃ ।
ତେଽସ୍ୟ ଗୃହ୍ୟାଣି କର୍ମାଣି କୁର୍ୟ୍ୟୁର୍ବୈତାନିକାନି ଚ ॥ ୯ ॥

(ମନୁ. ୭:୬୫,୬୬,୬୮,୭୦,୭୪-୭୮)

ଅମାତ୍ୟଙ୍କ ହାତରେ ଦଣ୍ଡବ୍ୟବସ୍ଥାର ଅଧିକାର ଅର୍ପଣ କରିବେ ତଥା ଦଣ୍ଡବ୍ୟବସ୍ଥାରେ ବିନୟ-କ୍ରିୟା ଅର୍ଥାତ୍ ଅନୁଶାସନ, ନିଷ୍ପକ୍ଷପାତତା ଯେପରି ରହିବ, କାହାରିକୁ ଅନ୍ୟାୟପୂର୍ବକ ଦଣ୍ଡ ନ ଦିଆଯିବ ସେ ବ୍ୟବସ୍ଥା କରିବେ । ରାଜକୋଷ ଓ ରାଜକାର୍ଯ୍ୟ ରାଜାଙ୍କ ଅଧୀନରେ ଏବଂ ସକଳ କାର୍ଯ୍ୟ ରାଜସଭାର ତତ୍ତ୍ୱାବଧାନରେ ରହିବ । କାହା ସହ ସନ୍ଧି ବା ମିତ୍ରତା କରାଯିବ ଓ କାହାକୁ ବିଗ୍ରହ ବା ବିରୋଧ କରାଯିବ ସେ ଦାୟିତ୍ୱ ରାଜଦୂତଙ୍କ ଉପରେ ନ୍ୟସ୍ତ କରିବେ ॥ ୧ ॥

ଯଥାର୍ଥ ଦୂତ ତାକୁ କହନ୍ତି, ଯିଏ କି ଶତ୍ରୁତା ଥିବା ରାଜା ସହ ପୁଣି ମିତ୍ରତା ସ୍ଥାପନ କରିବାକୁ ଏବଂ ସମ୍ମିଳିତ ଥିବା ଦୁଷ୍ଟ ଶତ୍ରୁମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ । ଦୂତ ସେହି କାର୍ଯ୍ୟ କରିବା ଉଚିତ ଯଦ୍ଦ୍ୱାରା ଶତ୍ରୁମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବ ॥ ୨ ॥

ସଭାପତି, ସଭାସଦ୍ ଓ ଦୂତ ପ୍ରଭୃତି ରାଜ୍ୟାଧିକାରୀମାନେ ଅନ୍ୟ ବିରୋଧୀ ରାଜମାନଙ୍କ ଅଭିପ୍ରାୟକୁ ଉତ୍ତମ ରୂପେ ଜାଣି ଯତ୍ନପୂର୍ବକ ସେପରି ଉପାୟମାନ ଅବଲମ୍ବନ କରିବେ, ଯଦ୍ଦ୍ୱାରା କି ନିଜ ରାଜ୍ୟର ପ୍ରଜାଙ୍କୁ କୌଣସି କଷ୍ଟ ଭୋଗ କରିବାକୁ ପଡ଼ିବ ନାହିଁ ॥ ୩ ॥

ଏଥିପାଇଁ ସୁନ୍ଦର ଜଙ୍ଗଲ ଓ ଧନ-ଧାନ୍ୟଯୁକ୍ତ ପ୍ରଦେଶରେ **(ଧନୁର୍ଦୁର୍ଗମ୍)** ଧନୁର୍ଦ୍ଧାରୀ ବୀରଙ୍କ ଦ୍ୱାରା ଚତୁର୍ଦ୍ଦିଗରୁ ପରିବୃତ, **(ମହୀଦୁର୍ଗମ୍)** ମାଟିରେ ନିର୍ମାଣ କରାଯାଇଥିବା, **(ଅବ୍‌ଦୁର୍ଗମ୍)** ଜଳପୂର୍ଣ୍ଣ ଗଡ଼ଖାଇ ପରିବେଷ୍ଟିତ, **(ବାର୍କ୍ଷମ୍)** ଚତୁର୍ଦ୍ଦିଗରେ ଜଙ୍ଗଲ ଦ୍ୱାରା ବେଷ୍ଟିତ, **(ନୃଦୁର୍ଗମ୍)** ଚାରିପଟୁ ସେନା ଦ୍ୱାରା ବେଷ୍ଟିତ, **(ଗିରିଦୁର୍ଗମ୍)** ଚାରିପଟେ ପ୍ରାଚୀର ରୂପେ ଥିବା ପର୍ବତ ମଧ୍ୟସ୍ଥାନରେ ଦୁର୍ଗ ନିର୍ମାଣ କରି ତନ୍ମଧ୍ୟରେ ନଗର ସ୍ଥାପନ କରିବେ ॥ ୪ ॥

ନଗରର ଚତୁର୍ଦ୍ଦିଗରେ ପ୍ରାକାର ଅର୍ଥାତ୍ ପ୍ରାଚୀର ନିର୍ମାଣ କରିବେ । କାରଣ ପ୍ରାଚୀରରେ ସୁରକ୍ଷିତ ରୂପେ ସ୍ଥିତ ଜଣେ-ଜଣେ ଧନୁର୍ଦ୍ଧାରୀ ଶସ୍ତ୍ରଯୁକ୍ତ ବୀର ବାହାରେ ଥିବା ଶହେ ଜଣ ଶତ୍ରୁସୈନ୍ୟଙ୍କ ସହିତ ଏବଂ ପ୍ରାଚୀରସ୍ଥ ଶହେ ଜଣ ଶସ୍ତ୍ରଧାରୀ ବୀର ଦଶ ହଜାର ଶତ୍ରୁଙ୍କ ସହ ଯୁଦ୍ଧ କରିବାକୁ ସକ୍ଷମ ହୋଇଥାନ୍ତି । ଏଣୁ ଦୁର୍ଗ ନିର୍ମାଣ କରିବା ଅତ୍ୟୁତ୍ତମ ଅଟେ ॥ ୫ ॥

ସେହି ଦୁର୍ଗ ଅସ୍ତ୍ର-ଶସ୍ତ୍ର, ଧନ-ଧାନ୍ୟ, ଯାନ-ବାହନ, **(ବ୍ରାହ୍ମଣ)** ଅଧ୍ୟାପକ ଓ ଉପଦେଶକ, **(ଶିଳ୍ପୀ)** କାରୀଗର, **(ଯନ୍ତ୍ର)** ନାନାପ୍ରକାର ଯନ୍ତ୍ର, **(ଯବସେନ.)** ପଶୁମାନଙ୍କ ଚାରା-ଘାସ, ଜଳ ଇତ୍ୟାଦିରେ ସମ୍ପନ୍ନ, ପରିପୂର୍ଣ୍ଣ ରହିଥିବା ଆବଶ୍ୟକ ॥ ୬ ॥

ନଗର ମଧ୍ୟରେ ରାଜାଙ୍କ ନିମନ୍ତେ ଜଳ ତଥା ନାନାବିଧ ପୁଷ୍ପରେ ଯୁକ୍ତ ବୃକ୍ଷଲତାରେ ସଂଯୁକ୍ତ, ସବୁପ୍ରକାରେ ସୁରକ୍ଷିତ, ସକଳ ଋତୁରେ ସୁଖଦାୟକ, ଶ୍ୱେତବର୍ଣ୍ଣର ପ୍ରାସାଦ ନିର୍ମାଣ କରିବେ ଯେଉଁଠାରେ ସକଳ ରାଜକାର୍ଯ୍ୟ ସମ୍ପାଦନ ହୋଇପାରିବ ॥ ୭ ॥

ବ୍ରହ୍ମଚର୍ଯ୍ୟାଶ୍ରମ ଅନୁଷ୍ଠାନ ପୂର୍ବକ ବିଦ୍ୟାଧ୍ୟୟନ କରି ତଦନନ୍ତର ରାଜା ଭାବେ ରାଜକାର୍ଯ୍ୟ କରିବାରେ ସମର୍ଥ ହୋଇଯିବା ପରେ କ୍ଷତ୍ରିୟ କୁଳଜାତ, ସ୍ୱସଦୃଶ ବିଦ୍ୟାଦି ଗୁଣ-କର୍ମ-ସ୍ୱଭାବସମ୍ପନ୍ନା, ସୁନ୍ଦର ରୂପ-ଗୁଣ ଯୁକ୍ତା, ମନୋହାରିଣୀ, ଉଚ୍ଚକୁଳୋତ୍ପନ୍ନା, ସୁଲକ୍ଷଣା **ଏକ କନ୍ୟା ସହ ବିବାହ କରିବେ । ଅନ୍ୟ କୌଣସି ନାରୀକୁ କେବେ ବି କୁଦୃଷ୍ଟିରେ ଦେଖିବେ ନାହିଁ** ॥ ୮ ॥

ରାଜଭବନରେ ଅଗ୍ନିହୋତ୍ର ଓ ପକ୍ଷେଷ୍ଟି ଆଦି ସମସ୍ତ ଧାର୍ମିକ ଅନୁଷ୍ଠାନ ଯଥାର୍ଥ ରୂପେ କରିବା ପାଇଁ ପୁରୋହିତ ଓ ଋତ୍ୱିଜଙ୍କୁ ବରଣ କରି ରଖିବେ । ରାଜା ସର୍ବଦା ରାଜକାର୍ଯ୍ୟରେ ବ୍ୟାପୃତ ରହିବେ । **ରାଜକାର୍ଯ୍ୟକୁ ସୁଚାରୁ, ନିର୍ଭୁଲ ଭାବେ ସମ୍ପାଦନ କରିବାରେ ଦିନରାତି ସଂଲଗ୍ନ ରହିବା, ସେଥିରେ କୌଣସି ତ୍ରୁଟି-ବିଚ୍ୟୁତି ହେବାକୁ ନ ଦେବା ରାଜାଙ୍କ ପାଇଁ ଈଶ୍ୱରୋପାସନା ଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ** ॥ ୯ ॥

ଯୁଦ୍ଧାଦି ସମ୍ବନ୍ଧୀୟ ନିୟମ

ସାଂବତ୍ସରିକମାପ୍ତୈଶ୍ଚ ରାଷ୍ଟ୍ରାଦାହାରୟେଦ୍ ବଲିମ୍ ।
ସ୍ୟାଚ୍ଚାମ୍ନାୟପରୋ ଲୋକେ ବର୍ତ୍ତେତ ପିତୃବନ୍ନୃଷୁ ॥ ୧ ॥
ଅଧ୍ୟକ୍ଷାନ୍ ବିବିଧାନ୍ କୁର୍ଯ୍ୟାତ୍ ତତ୍ର ତତ୍ର ବିପଶ୍ଚିତଃ ।
ତେଽସ୍ୟ ସର୍ବାଣ୍ୟବେକ୍ଷେରନ୍ ନୃଣାଂ କାର୍ଯ୍ୟାଣି କୁର୍ବତାମ୍ ॥ ୨ ॥
ଆବୃତ୍ତାନାଂ ଗୁରୁକୁଲାଦ୍‌ବିପ୍ରାଣାଂ ପୂଜକୋ ଭବେତ୍ ।
ନୃପାଣାମକ୍ଷୟୋ ହ୍ୟେଷ ନିଧିର୍ବ୍ରାହ୍ମୋ ବିଧୀୟତେ ॥ ୩ ॥
ସମୋତ୍ତମାଧମୈ ରାଜା ତ୍ୱାହୂତଃ ପାଲୟନ୍ ପ୍ରଜାଃ ।
ନ ନିବର୍ତ୍ତେତ ସଂଗ୍ରାମାତ୍ କ୍ଷାତ୍ରଂ ଧର୍ମମନୁସ୍ମରନ୍ ॥ ୪ ॥
ଆହବେଷୁ ମିଥୋଽନ୍ୟୋନ୍ୟଂ ଜିଘାଂସନ୍ତୋ ମହୀକ୍ଷିତଃ ।
ଯୁଧ୍ୟମାନାଃ ପରଂ ଶକ୍ତ୍ୟା ସ୍ୱର୍ଗଂ ଯାନ୍ତ୍ୟପରାଙ୍ମୁଖାଃ ॥ ୫ ॥
ନ ଚ ହନ୍ୟାତ୍ ସ୍ଥଲାରୂଢ଼ଂ ନ କ୍ଲୀବଂ ନ କୃତାଞ୍ଜଲିମ୍ ।
ନ ମୁକ୍ତକେଶଂ ନାସୀନଂ ନ ତବାସ୍ମୀତି ବାଦିନମ୍ ॥ ୬ ॥
ନ ସୁପ୍ତଂ ନ ବିସନ୍ନାହଂ ନ ନଗ୍ନଂ ନ ନିରାୟୁଧମ୍ ।
ନାୟୁଧ୍ୟମାନଂ ପଶ୍ୟନ୍ତଂ ନ ପରେଣ ସମାଗତମ୍ ॥ ୭ ॥
ନାୟୁଧବ୍ୟସନଂ ପ୍ରାପ୍ତଂ ନାର୍ତ୍ତଂ ନାତିପରୀକ୍ଷିତମ୍ ।
ନ ଭୀତଂ ନ ପରାବୃତ୍ତଂ ସତାଂ ଧର୍ମମନୁସ୍ମରନ୍ ॥ ୮ ॥
ଯସ୍ତୁ ଭୀତଃ ପରାବୃତ୍ତଃ ସଂଗ୍ରାମେ ହନ୍ୟତେ ପରୈଃ ।
ଭର୍ତ୍ତୁର୍ୟଦ୍ ଦୁଷ୍କୃତଂ କିଞ୍ଚିତ୍ ତତ୍‌ସର୍ବଂ ପ୍ରତିପଦ୍ୟତେ ॥ ୯ ॥
ଯଚ୍ଚାସ୍ୟ ସୁକୃତଂ କିଞ୍ଚିଦମୁତ୍ରାର୍ଥମୁପାର୍ଜିତଂ ।
ଭର୍ତ୍ତା ତତ୍‌ସର୍ବମାଦତ୍ତେ ପରାବୃତ୍ତହତସ୍ୟ ତୁ ॥ ୧୦ ॥
ରଥାଶ୍ୱଂ ହସ୍ତିନଂ ଛତ୍ରଂ ଧନଂ ଧାନ୍ୟଂ ପଶୂନ୍ ସ୍ତ୍ରିୟଃ ।
ସର୍ବଦ୍ରବ୍ୟାଣି କୁପ୍ୟଂ ଚ ଯୋ ଯଜ୍ଜୟତି ତସ୍ୟ ତତ୍ ॥ ୧୧ ॥
ରାଜ୍ଞଶ୍ଚ ଦଦ୍ୟୁରୁଦ୍ଧାରମିତ୍ୟେଷା ବୈଦିକୀ ଶ୍ରୁତିଃ ।
ରାଜ୍ଞା ଚ ସର୍ବଯୋଧେଭ୍ୟୋ ଦାତବ୍ୟମପୃଥଗ୍‌ଜିତମ୍ ॥ ୧୨ ॥

(ମନୁ. ୭:୮୦-୮୨,୮୭,୮୯,୯୧-୯୭)

ରାଜ୍ୟବାସୀଙ୍କଠାରୁ ବାର୍ଷିକ କର ଆପ୍ତପୁରୁଷ ଅର୍ଥାତ୍ ଏତଦ୍ ବିଷୟକ ବିଶେଷଜ୍ଞଙ୍କ ଦ୍ୱାରା ଆଦାୟ କରିବେ । ରାଜସଭା, ରାଜା ଓ ସଭାସଦ୍‌ଗଣ ସମସ୍ତେ ବେଦାନୁକୂଳ ହୋଇ ପ୍ରଜାମାନଙ୍କ ସହ ପିତୃବତ୍ ସ୍ନେହପୂର୍ବକ ଆଚରଣ କରିବେ ॥ ୧ ॥

ବିବିଧ ପ୍ରକାର ରାଜକାର୍ଯ୍ୟ ନିରୀକ୍ଷଣ କରିବା ପାଇଁ ସଭା ଯୋଗ୍ୟ ଅଧ୍ୟକ୍ଷମାନଙ୍କୁ ନିଯୁକ୍ତ କରିବେ । ଅଧ୍ୟକ୍ଷମାନଙ୍କ କାମ ହେଲା ଯେ ଯେଉଁ-ଯେଉଁ ବିଭାଗର କାର୍ଯ୍ୟରେ ଯେତେ-ଯେତେ ରାଜକର୍ମଚାରୀ ନିଯୁକ୍ତ ହୋଇଛନ୍ତି, ସେମାନେ ନିୟମାନୁସାରେ ଯଥାଯଥ ରୂପେ କାମ କରୁଛନ୍ତି ନା ନାହିଁ ତାହା ତଦାରଖ କରିବା । ତା' ସହ ଯେଉଁମାନେ ଯଥାଯଥ ରୂପେ କାର୍ଯ୍ୟ ସମ୍ପାଦନ କରୁଥିବେ ସେମାନଙ୍କୁ ପୁରସ୍କୃତ କରିବା ଓ ଯେଉଁମାନେ ନିୟମବିରୁଦ୍ଧ କାମ କରୁଥିବେ, କର୍ତ୍ତବ୍ୟରେ ଅବହେଳା କରୁଥିବେ ସେମାନଙ୍କୁ ଦଣ୍ଡ ଦେବା ଏମାନଙ୍କ କାର୍ଯ୍ୟ ॥ ୨ ॥

ବେଦ-ପ୍ରଚାର ହେଉଛି ରାଜାଙ୍କ ଅକ୍ଷୟ କୋଷ । ଏହି ବେଦ-ପ୍ରଚାର କାର୍ଯ୍ୟ ନିମନ୍ତେ ଯଥାବିଧି ବ୍ରହ୍ମଚର୍ଯ୍ୟାଶ୍ରମ ଅନୁଷ୍ଠାନପୂର୍ବକ ବେଦାଦି ଶାସ୍ତ୍ର ଅଧ୍ୟୟନ କରି ଗୁରୁକୁଳରୁ ଆସୁଥିବା ବିଦ୍ୱାନ୍ ବ୍ରହ୍ମଚାରୀମାନଙ୍କୁ ରାଜସଭା ତରଫରୁ ସଦା ସତ୍କାର କରାଯିବା ଉଚିତ । ତା' ସହ ସେ ବ୍ରହ୍ମଚାରୀମାନଙ୍କୁ ଅଧ୍ୟାପନା କରିଥିବା ବିଦ୍ୱାନଙ୍କୁ ବି ରାଜସଭା ସତ୍କାର କରିବା ଆବଶ୍ୟକ ॥ ୩ ॥ ଏହା ଦ୍ୱାରା ରାଜ୍ୟରେ ବିଦ୍ୟାର ଉନ୍ନତି ହୋଇ ସର୍ବାଙ୍ଗୀଣ ଅଭିବୃଦ୍ଧି ସାଧିତ ହୋଇଥାଏ ।

ପ୍ରଜାପାଳକ ରାଜାଙ୍କୁ ଯଦି କେବେ ତାଙ୍କ ସମକକ୍ଷ, ତାଙ୍କଠାରୁ ଅଧିକ ବା କମ୍ ବଳଶାଳୀ କୌଣସି ରାଜା ଯୁଦ୍ଧ ପାଇଁ ଆହ୍ୱାନ କରନ୍ତି, ତେବେ ସେ ନିଜ କ୍ଷାତ୍ରଧର୍ମକୁ ସ୍ମରଣ କରି ସଂଗ୍ରାମ ସକାଶେ କଦାପି ପଶ୍ଚାତ୍‌ପଦ ହେବେ ନାହିଁ । ଏପରି କୌଶଳ ପୂର୍ବକ ତାଙ୍କ ସହ ଯୁଦ୍ଧ କରିବେ ଯେପରି ନିଜର ବିଜୟ ହେବ ॥ ୪ ॥

ଯୁଦ୍ଧରେ ପରସ୍ପର ଜଣେ ଅନ୍ୟର ପ୍ରାଣହରଣ କରିବା ଅଭିପ୍ରାୟ ରଖି ପୂର୍ଣ୍ଣ ଶକ୍ତିସାମର୍ଥ୍ୟ ସହକାରେ ନିର୍ଭୀକ ଭାବେ ଯୁଦ୍ଧ କରୁଥିବା, ଯୁଦ୍ଧକ୍ଷେତ୍ରରୁ ପଳାୟନ କରୁନଥିବା ରାଜାମାନେ ସୁଖପ୍ରାପ୍ତ କରିଥାନ୍ତି । ଏଣୁ ଭୟ କରି ସମ୍ମୁଖ ସମରରୁ ପଳାୟନ କରିବା କେବେ ବି ଉଚିତ ନୁହେଁ । କିନ୍ତୁ ଶତ୍ରୁମାନଙ୍କ ଉପରେ ବିଜୟ ଲାଭ କରିବା ପାଇଁ ଆବଶ୍ୟକ ପଡ଼ିଲେ କେବେ-କେବେ ସମ୍ମୁଖ ଯୁଦ୍ଧରୁ ପଳାୟନ କରି ଲୁଚିଯିବା ବି ଉଚିତ । କାରଣ ଯେପରି ଉପାୟ ଅବଲମ୍ବନ କଲେ ଶତ୍ରୁକୁ ଜୟ କରିହେବ ସେପରି କରିବା ବିଧେୟ । ସିଂହ ଯେପରି କ୍ରୋଧାନ୍ଧ ହୋଇ ସମ୍ମୁଖ ଯୁଦ୍ଧକୁ ଆସି ଶସ୍ତ୍ର ଦ୍ୱାରା ନିହତ ହୋଇଥାଏ, ସେପରି ମୂର୍ଖତା କରି ବଳବାନ୍ ଶତ୍ରୁ ସହ ସମ୍ମୁଖ ଯୁଦ୍ଧ କରି ଜୀବନ ଓ ରାଜ୍ୟକୁ ନଷ୍ଟ-ଭ୍ରଷ୍ଟ କରିବା ଅନୁଚିତ ॥ ୫ ॥

ଯୁଦ୍ଧରେ ଇତସ୍ତତଃ ଦଣ୍ଡାୟମାନ, ନପୁଂସକ, ଯୋଡ଼ହସ୍ତରେ ଥିବା ବ୍ୟକ୍ତି, କେଶମୁକୁଳା ଥିବା ଲୋକ, ବସିଥିବା ଲୋକ, 'ମୁଁ ତୁମର ଶରଣାପନ୍ନ' ବୋଲି କହୁଥିବା ଲୋକ, ॥ ୬ ॥ ନିଦ୍ରିତ, ମୂର୍ଚ୍ଛିତ, ଉଲଗ୍ନ, ନିରସ୍ତ୍ର, ଯୁଦ୍ଧ ଦେଖଣାହାରୀ, ଯୁଦ୍ଧରେ ଅଂଶଗ୍ରହଣ କରିନଥିବା ଲୋକ, ଶତ୍ରୁର ସାଥୀ, ॥ ୭ ॥ ଅସ୍ତ୍ରଶସ୍ତ୍ର ଦ୍ୱାରା କ୍ଷତ-ବିକ୍ଷତ ହୋଇ ପୀଡ଼ିତ, ଯନ୍ତ୍ରଣାଜର୍ଜରିତ, ଅତ୍ୟନ୍ତ ଆହତ, ଭୀତତ୍ରସ୍ତ ଓ ଯୁଦ୍ଧକ୍ଷେତ୍ରରୁ ପଳାୟନକାରୀଙ୍କୁ ସତ୍‌ପୁରୁଷଙ୍କ ଧର୍ମ ବା କ୍ଷାତ୍ରଧର୍ମ ସ୍ମରଣ କରି ଯୋଦ୍ଧାମାନେ କଦାପି ମାରିବେ ନାହିଁ । ଆବଶ୍ୟକତାନୁସାରେ ସେମାନଙ୍କୁ ବନ୍ଦୀ କରି ଯେଉଁମାନେ ସ୍ୱସ୍ଥ ଥିବେ ସେମାନଙ୍କୁ ବନ୍ଦୀଗୃହରେ ରଖିବେ ଓ ଉପଯୁକ୍ତ ଭୋଜନ-

ପରିଧାନ ଦେବେ । କ୍ଷତ-ବିକ୍ଷତଙ୍କୁ ଚିକିତ୍ସାର ଉପଯୁକ୍ତ ବ୍ୟବସ୍ଥା କରିବେ । ସେମାନଙ୍କୁ ଚିଡ଼ାଇବେ ନାହିଁ କି ଦୁଃଖ ଦେବେ ନାହିଁ । ସେମାନଙ୍କ ଦ୍ୱାରା ଯଥାଯୋଗ୍ୟ କାମ କରାଇବେ । **ଏଥିପ୍ରତି ବିଶେଷ ଧ୍ୟାନ ଦେବେ ଯେ ସ୍ତ୍ରୀ, ବାଳକ, ବୃଦ୍ଧ, କାତର ଓ ଶୋକାତୁରଙ୍କ ପ୍ରତି କେବେ ବି ଶସ୍ତ୍ର ପ୍ରୟୋଗ କରିବେ ନାହିଁ । ସେମାନଙ୍କ ମଧ୍ୟରେ ଥିବା ଶିଶୁମାନଙ୍କୁ ନିଜ ସନ୍ତାନ ଭଳି ପାଳନ କରିବେ । ସ୍ତ୍ରୀ ଲୋକଙ୍କୁ ବି ପାଳନ-ପୋଷଣ କରିବେ ତଥା ସେମାନଙ୍କୁ ନିଜ ମାଆ, ଭଉଣୀ ଓ କନ୍ୟା ଦୃଷ୍ଟିରେ ଦେଖିବେ; କେବେ ବି କୁଦୃଷ୍ଟିରେ ଦେଖିବେ ନାହିଁ । ବିଜିତ ରାଜ୍ୟ ଶାନ୍ତ, ଉପଦ୍ରବରହିତ, ସୁବ୍ୟବସ୍ଥିତ ହୋଇଯିବା ପରେ, ଯେଉଁମାନଙ୍କଠାରୁ ପୁନଃ-ପୁନଃ ଯୁଦ୍ଧ ହେବାର ଆଶଙ୍କା ନଥିବ ସେମାନଙ୍କୁ ସତ୍କାରପୂର୍ବକ କାରାମୁକ୍ତ କରି ନିଜ ନିଜ ଘର, ଦେଶକୁ ପଠାଇ ଦେବେ ।** କିନ୍ତୁ ଯେଉଁମାନଙ୍କଠାରୁ ଭବିଷ୍ୟତରେ ପୁଣି ଥରେ ଯୁଦ୍ଧ, ଉପଦ୍ରବ ହେବାର ସମ୍ଭାବନା ଥିବ ସେମାନଙ୍କୁ କାରାଗାରରେ ରଖିବେ ॥ ୮ ॥

ଯିଏ ଯୁଦ୍ଧକ୍ଷେତ୍ରରୁ ଭୀତତ୍ରସ୍ତ ହୋଇ ପଳାୟନ କରେ ବା ପଳାୟନ କରୁଥିବା ବେଳେ ଶତ୍ରୁ ଦ୍ୱାରା ନିହତ ହୁଏ ସେ ନିଜ ସ୍ୱାମୀ ରାଜାର ଅପରାଧୀ ହୋଇଥାଏ ତଥା ସ୍ୱ ସ୍ୱାମୀ ରାଜାଙ୍କଠାରୁ ଦଣ୍ଡନୀୟ ହୁଏ ଅର୍ଥାତ୍ ରାଜାଙ୍କଠାରୁ ମିଳୁଥିବା ସୁଖ-ସୁବିଧାରୁ ବଞ୍ଚିତ ହୋଇଥାଏ ॥ ୯ ॥

ଯୁଦ୍ଧରୁ ପଳାତକ ବା ପଳାୟନ ବେଳେ ନିହତ ବ୍ୟକ୍ତିର ଯାହା କିଛି ଯଶ-ପ୍ରତିଷ୍ଠା ପୂର୍ବରୁ ଥାଏ ଯଦ୍ଦ୍ୱାରା କି ତାକୁ ଇହଲୋକ ଓ ପରଲୋକରେ ସୁଖ ମିଳିଥାନ୍ତା, ସେସବୁ ତା'ର ସ୍ୱାମୀଙ୍କୁ ପ୍ରାପ୍ତ ହୁଏ । ତାକୁ କୌଣସି ସୁଖ ମିଳେ ନାହିଁ, ତା'ର ସବୁ ପୁଣ୍ୟଫଳ ନଷ୍ଟ ହୋଇଯାଏ ଅର୍ଥାତ୍ ପୁଣ୍ୟଫଳ ରୂପକ ଯଶ-କୀର୍ତ୍ତି ସବୁ ସମାପ୍ତ ହୋଇଯାଏ । ଯିଏ ଧର୍ମପୂର୍ବକ ଯଥାଯୋଗ୍ୟ ଯୁଦ୍ଧ କରେ ତାକୁ ପ୍ରତିଷ୍ଠା ପ୍ରାପ୍ତ ହୋଇଥାଏ ॥ ୧୦ ॥

ଏହି ବ୍ୟବସ୍ଥାର କଦାପି ଉଲ୍ଲଙ୍ଘନ କରିବେ ନାହିଁ ଯେ ଯୁଦ୍ଧରେ ଯେଉଁ-ଯେଉଁ ସୈନିକ ବା ସେନାଧ୍ୟକ୍ଷ ଯେଉଁ ରଥ, ଘୋଡ଼ା, ହାତୀ, ଛତ୍ର, ଧନ, ଧାନ୍ୟ, ଗବାଦି ପଶୁ ଓ ସ୍ତ୍ରୀ ତଥା ଅନ୍ୟ ପ୍ରକାରର ସକଳ ଦ୍ରବ୍ୟ, ଘୃତ-ତୈଳ ଇତ୍ୟାଦି ପୂର୍ଣ୍ଣ ପାତ୍ର ଜୟ କରିଥିବେ, ସେ ହିଁ ତା'ର ଅଧିକାରୀ ହେବେ ॥ ୧୧ ॥

କିନ୍ତୁ ସୈନିକମାନେ ସେହି ଜୟ କରିଥିବା ବସ୍ତୁର ଷୋହଳ ଭାଗରୁ ଏକଭାଗ ରାଜାଙ୍କୁ ଅର୍ପଣ କରିବେ । ରାଜା ମଧ୍ୟ ମିଳିମିଶି ଜୟ କରିଥିବା ଧନରୁ ଏକ-ଷୋଡ଼ଶାଂଶ ସୈନିକମାନଙ୍କୁ ବିତରଣ କରିବେ । ଯୁଦ୍ଧରେ ନିହତ ସୈନିକମାନଙ୍କ ଭାଗ ସେମାନଙ୍କ ସ୍ତ୍ରୀ ଓ ସନ୍ତାନମାନଙ୍କୁ ପ୍ରଦାନ କରିବେ । ସେହି ସୈନିକମାନଙ୍କ ସ୍ତ୍ରୀ ଓ ଅସମର୍ଥ ସନ୍ତାନଙ୍କୁ ରାଜା ଉତ୍ତମ ରୂପେ ପାଳନ କରିବେ । ସେମାନଙ୍କ ସନ୍ତାନମାନେ ଯୋଗ୍ୟ ହୋଇଯିବା ପରେ ସେମାନଙ୍କୁ ଯଥାଯୋଗ୍ୟ କର୍ମରେ ନିଯୁକ୍ତ କରିବେ । ଯେଉଁ ରାଜା ନିଜ ରାଜ୍ୟର ରକ୍ଷା, ବୃଦ୍ଧି, ପ୍ରତିଷ୍ଠା, ବିଜୟ ଓ ସୁଖ ବୃଦ୍ଧିର କାମନା କରନ୍ତି, ସେ ଏହି ନିୟମକୁ କଦାପି ଉଲ୍ଲଙ୍ଘନ କରିବେ ନାହିଁ ॥ ୧୨ ॥

ରାଜ୍ୟ ଶାସନାଦି ବିଧି

ଅଲବ୍ଧଂ ଚୈବ ଲିପ୍ସେତ ଲବ୍ଧଂ ରକ୍ଷେତ୍ ପ୍ରୟତ୍ନତଃ ।
ରକ୍ଷିତଂ ବର୍ଦ୍ଧୟେଚ୍ଚୈବ ବୃଦ୍ଧଂ ପାତ୍ରେଷୁ ନିଃକ୍ଷିପେତ୍ ॥ ୧ ॥
ଏତଚ୍ଚତୁର୍ବିଧଂ ବିଦ୍ୟାତ୍ ପୁରୁଷାର୍ଥପ୍ରୟୋଜନମ୍ ।
ଅସ୍ୟ ନିତ୍ୟମନୁଷ୍ଠାନଂ ସମ୍ୟକ୍ କୁର୍ଯ୍ୟାଦତନ୍ଦ୍ରିତଃ ॥ ୨ ॥

ଅଲବ୍ଧମିଚ୍ଛେଦ୍ଦଣ୍ଡେନ ଲବ୍ଧଂ ରକ୍ଷେଦବେକ୍ଷୟା ।
ରକ୍ଷିତଂ ବର୍ଦ୍ଧୟେଦ୍ ବୃଦ୍ଧ୍ୟା ବୃଦ୍ଧଂ ଦାନେନ ନିଃକ୍ଷିପେତ୍ ॥ ୩ ॥
ଅମାୟୟୈବ ବର୍ତ୍ତେତ ନ କଥଞ୍ଚନ ମାୟୟା ।
ବୁଧ୍ୟେତାରିପ୍ରୟୁକ୍ତାଂ ଚ ମାୟାଂ ନିତ୍ୟଂ ସ୍ୱସଂବୃତଃ ॥ ୪ ॥
ନାସ୍ୟ ଛିଦ୍ରଂ ପରୋ ବିଦ୍ୟାଚ୍ଛିଦ୍ରଂ ବିଦ୍ୟାତ୍ ପରସ୍ୟ ତୁ ।
ଗୂହେତ୍ କୂର୍ମ ଇବାଙ୍ଗାନି ରକ୍ଷେଦ୍ବିବରମାତ୍ମନଃ ॥ ୫ ॥
ବକବଚ୍ଚିନ୍ତୟେଦର୍ଥାନ୍ ସିଂହବଚ୍ଚ ପରାକ୍ରମେତ୍ ।
ବୃକବଚ୍ଚାବଲୁମ୍ପେତ ଶଶବଚ୍ଚ ବିନିଷ୍ପତେତ୍ ॥ ୬ ॥
ଏବଂ ବିଜୟମାନସ୍ୟ ୟେଽସ୍ୟ ସ୍ୟୁଃ ପରିପନ୍ଥିନଃ ।
ତାନାନୟେଦ୍ ବଶଂ ସର୍ବାନ୍ ସାମାଦିଭିରୁପକ୍ରମୈଃ ॥ ୭ ॥
ୟଦି ତେ ତୁ ନ ତିଷ୍ଠେୟୁରୁପାୟୈଃ ପ୍ରଥମୈସ୍ତ୍ରିଭିଃ ।
ଦଣ୍ଡେନୈବ ପ୍ରସହ୍ୟୈତାଁଶ୍ଛନକୈର୍ବଶମାନୟେତ୍ ॥ ୮ ॥
ୟଥୋଦ୍ଧରତି ନିର୍ଦାତା କକ୍ଷଂ ଧାନ୍ୟଂ ଚ ରକ୍ଷତି ।
ତଥା ରକ୍ଷେନ୍ନୃପୋ ରାଷ୍ଟ୍ରଂ ହନ୍ୟାଚ୍ଚ ପରିପନ୍ଥିନଃ ॥ ୯ ॥
ମୋହାଦ୍ରାଜା ସ୍ୱରାଷ୍ଟ୍ରଂ ୟଃ କର୍ଷୟତ୍ୟନବେକ୍ଷୟା ।
ସୋଽଚିରାଦ୍ ଭ୍ରଶ୍ୟତେ ରାଜ୍ୟାଜ୍ଜୀବିତାଚ୍ଚ ସବାନ୍ଧବଃ ॥ ୧୦ ॥
ଶରୀରକର୍ଷଣାତ୍ ପ୍ରାଣାଃକ୍ଷୀୟନ୍ତେ ପ୍ରାଣିନାଂ ୟଥା ।
ତଥା ରାଜ୍ଞାମପି ପ୍ରାଣାଃ କ୍ଷୀୟନ୍ତେ ରାଷ୍ଟ୍ରକର୍ଷଣାତ୍ ॥ ୧୧ ॥
ରାଷ୍ଟ୍ରସ୍ୟ ସଂଗ୍ରହେ ନିତ୍ୟଂ ବିଧାନମିଦମାଚରେତ୍ ।
ସୁସଂଗୃହୀତୋରାଷ୍ଟ୍ରୋ ହି ପାର୍ଥିବଃ ସୁଖମେଧତେ ॥ ୧୨ ॥
ଦ୍ୱୟୋସ୍ତ୍ରୟାଣାଂ ପଞ୍ଚାନାଂ ମଧ୍ୟେ ଗୁଲ୍ମମଧିଷ୍ଠିତମ୍ ।
ତଥା ଗ୍ରାମଶତାନାଂ ଚ କୁର୍ୟ୍ୟାଦ୍ରାଷ୍ଟ୍ରସ୍ୟ ସଂଗ୍ରହମ୍ ॥ ୧୩ ॥
ଗ୍ରାମସ୍ୟାଧିପତିଂ କୁର୍ୟ୍ୟାଦ୍ଦଶଗ୍ରାମପତିଂ ତଥା ।
ବିଂଶତୀଶଂ ଶତେଶଂ ଚ ସହସ୍ରପତିମେବ ଚ ॥ ୧୪ ॥
ଗ୍ରାମଦୋଷାନ୍ତ୍ ସମୁତ୍ପନ୍ନାନ୍ ଗ୍ରାମିକଃ ଶନକୈଃ ସ୍ୱୟମ୍ ।
ଶଂସେଦ୍ ଗ୍ରାମଦଶେଶାୟ ଦଶେଶୋ ବିଶଂତୀଶିନେ ॥ ୧୫ ॥
ବିଶଂତୀଶସ୍ତୁ ତତ୍ସର୍ବଂ ଶତେଶାୟ ନିବେଦୟେତ୍ ।
ଶଂସେଦ୍ ଗ୍ରାମଶତେଶସ୍ତୁ ସହସ୍ରପତୟେ ସ୍ୱୟମ୍ ॥ ୧୬ ॥

ତେଷାଂ ଗ୍ରାମ୍ୟାଣି କାର୍ଯ୍ୟାଣି ପୃଥକ୍ କାର୍ଯ୍ୟାଣି ଚୈବ ହି ।
ରାଜ୍ଞୋଽନ୍ୟଃ ସଚିବଃ ସ୍ନିଗ୍ଧସ୍ତାନି ପଶ୍ୟେଦତନ୍ଦ୍ରିତଃ ॥ ୧୭ ॥
ନଗରେ ନଗରେ ଚୈକଂ କୁର୍ଯ୍ୟାତ୍ ସର୍ବାର୍ଥଚିନ୍ତକମ୍ ।
ଉଚ୍ଚୈଃ ସ୍ଥାନଂ ଘୋରରୂପଂ ନକ୍ଷତ୍ରାଣାମିବ ଗ୍ରହମ୍ ॥ ୧୮ ॥
ସ ତାନନୁପରିକ୍ରାମେତ୍ ସର୍ବାନେବ ସଦା ସ୍ୱୟମ୍ ।
ତେଷାଂ ବୃତ୍ତଂ ପରିଣୟେତ୍ ସମ୍ୟଗ୍ରାଷ୍ଟ୍ରେଷୁ ତଚ୍ଚରୈଃ ॥ ୧୯ ॥
ରାଜ୍ଞୋ ହି ରକ୍ଷାଧିକୃତାଃ ପରସ୍ୱାଦାୟିନଃ ଶଠାଃ ।
ଭୃତ୍ୟା ଭବନ୍ତି ପ୍ରାୟେଣ ତେଭ୍ୟୋ ରକ୍ଷେଦିମାଃ ପ୍ରଜାଃ ॥ ୨୦ ॥
ୟେ କାର୍ଯ୍ୟିକେଭ୍ୟୋଽର୍ଥମେବ ଗୃହ୍ଣୀୟୁଃ ପାପଚେତସଃ ।
ତେଷାଂ ସର୍ବସ୍ୱମାଦାୟ ରାଜା କୁର୍ଯ୍ୟାତ୍ ପ୍ରବାସନମ୍ ॥ ୨୧ ॥

(ମନୁ. ୭:୯୯-୧୦୧,୧୦୪-୧୦୮,୧୧୦-୧୧୭,୧୨୦-୧୨୪)

ରାଜା ଓ ରାଜସଭା ଅଲବ୍ଧ ବା ପାଖରେ ନ ଥିବା ପଦାର୍ଥକୁ ପାଇବାକୁ ଇଚ୍ଛା କରିବେ ଏବଂ ପ୍ରାପ୍ତ ପଦାର୍ଥକୁ ଯତ୍ନପୂର୍ବକ ରକ୍ଷା କରିବେ । ସୁରକ୍ଷିତ ବସ୍ତୁକୁ ପ୍ରଯତ୍ନପୂର୍ବକ ବୃଦ୍ଧି କରିବେ । **ବର୍ଦ୍ଧିତ ଧନକୁ ବେଦବିଦ୍ୟା ଓ ଧର୍ମର ପ୍ରଚାର ତଥା ବିଦ୍ୟାର୍ଥୀ, ବେଦୋପଦେଶକ, ଅସମର୍ଥ ଓ ଅନାଥମାନଙ୍କ ପାଳନରେ ବିନିଯୋଗ କରିବେ** ॥ ୧ ॥

'ପୁରୁଷାର୍ଥ'ର ଏହି ଚାରି ପ୍ରକାର ପ୍ରୟୋଜନକୁ ଜାଣିବା ଆବଶ୍ୟକ ଏବଂ ଆଳସ୍ୟ ପରିତ୍ୟାଗ କରି ପ୍ରତ୍ୟହ ଏସବୁର ସମୁଚିତ ଅନୁଷ୍ଠାନ କରିବା ଉଚିତ ॥ ୨ ॥

ଦଣ୍ଡ ବା ଶକ୍ତି ପ୍ରୟୋଗ ଦ୍ୱାରା ଅପ୍ରାପ୍ତ ବସ୍ତୁକୁ ପ୍ରାପ୍ତିର ଇଚ୍ଛା କରିବେ; ନିୟମିତ ଦେଖା-ଶୁଣା ଦ୍ୱାରା ପ୍ରାପ୍ତ ବସ୍ତୁର ରକ୍ଷା କରିବେ; ସୁଧ କାରବାର ଆଦି ଦ୍ୱାରା ରକ୍ଷିତ ଧନକୁ ବୃଦ୍ଧି କରିବେ ଏବଂ ବର୍ଦ୍ଧିତ ଧନକୁ ପୂର୍ବୋକ୍ତ ମାର୍ଗରେ ଅର୍ଥାତ୍ ସୁପାତ୍ରରେ ଓ ଉତ୍ତମ କର୍ମରେ ନିତ୍ୟ ବ୍ୟୟ କରିବେ ॥ ୩ ॥

କଦାପି କାହା ସହ ଛଳନା କରିବେ ନାହିଁ, ସମସ୍ତଙ୍କ ସହିତ ନିଷ୍କପଟ ହୃଦୟରେ ବ୍ୟବହାର କରିବେ; ସର୍ବଦା ସ୍ୱପକ୍ଷକୁ ସୁରକ୍ଷିତ ରଖି ଶତ୍ରୁର ଛଳ-କପଟକୁ ଜାଣି ତା'ର ଉଚିତ ପ୍ରତିକାର କରିବେ ॥ ୪ ॥

କୌଣସି ଶତ୍ରୁ ନିଜର ଛିଦ୍ର ଅର୍ଥାତ୍ ଦୁର୍ବଳତା ଯେପରି ଜାଣିପାରିବ ନାହିଁ, ପରନ୍ତୁ ନିଜେ ଯେପରି ଶତ୍ରୁର ଛିଦ୍ର ବା ଦୁର୍ବଳତା ଜାଣିପାରିବେ ସେପରି ପ୍ରଯତ୍ନ କରିବେ । କଇଁଛ ଯେପରି ନିଜର ଅଙ୍ଗଗୁଡ଼ିକୁ ଲୁଚାଇ ରଖେ, ଶତ୍ରୁ ପ୍ରବେଶ କରିପାରିବାର ନିଜର ସମସ୍ତ ଛିଦ୍ରକୁ ରାଜା ସେପରି ଗୁପ୍ତରେ ରଖିବେ ॥ ୫ ॥

ବଗ ଯେପରି ମାଛ ଧରିବା ପାଇଁ ଧ୍ୟାନମଗ୍ନ ହୋଇ ଦୃଷ୍ଟି ଦେଇଥାଏ, ଅର୍ଥ ସଂଗ୍ରହ ପାଇଁ ରାଜା ସେହିପରି ଏକାଗ୍ର ଚିତ୍ତରେ ବିଚାର କରି ଉପାୟ ଅବଲମ୍ବନ କରିବେ ଯଦ୍ଦ୍ୱାରା କି ରାଜ୍ୟର ସମ୍ପଦ ଓ ଶକ୍ତି ବୃଦ୍ଧି ହେବ । ସାଧନ ସଂଗ୍ରହ ଓ ଶକ୍ତିସଂଚୟ ସମୁଚିତ ରୂପେ କରିବା ପରେ ଶତ୍ରୁ ଉପରେ ବିଜୟ ଲାଭ କରିବା ପାଇଁ ସିଂହ ସଦୃଶ ପରାକ୍ରମ ପ୍ରଦର୍ଶନ କରିବେ, ଆବଶ୍ୟକ କ୍ଷେତ୍ରରେ ଚିତା ଭଳି ଲୁଚି-ଛପି ଶତ୍ରୁକୁ ଆୟତ୍ତ କରିବେ, ନିଜଠୁ ବଳବାନ୍ ଶତ୍ରୁର ସମ୍ମୁଖୀନ ହେଲେ ଠେକୁଆ ପରି ଦୂରକୁ ପଳାୟନ କରିବେ ଏବଂ ପରେ ତାକୁ ଛଳ-କୌଶଳ କରି ଆୟତ୍ତ କରିବେ ॥ ୬ ॥

ଏଭଳି ଭାବେ ଜୟ ଲାଭ କରିବା ପରେ ବିଜିତ ରାଜ୍ୟରେ ଯେଉଁ ବିରୋଧୀ ଅର୍ଥାତ୍ ଲୁଣ୍ଠନକାରୀ, ବିଦ୍ରୋହୀ, ଉପଦ୍ରବୀ, ଷଡ଼ଯନ୍ତ୍ରକାରୀ ଥିବେ ସେମାନଙ୍କୁ **(ସାମ)** ନିଜ ସହ ମିଳେଇ ନେଇ, **(ଦାମ)** କିଛି ପଦାର୍ଥ ଦେଇ, **(ଭେଦ)** ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରି - ଏ ତିନି ଉପାୟରେ ବଶ କରିନେବେ ॥ ୭ ॥

ଯେଉଁ ବିରୋଧୀମାନେ ସାମ, ଦାମ, ଭେଦ- ଏ ତିନି ଉପାୟରେ ବଶୀଭୂତ ନ ହେବେ ସେମାନଙ୍କୁ ଅତିକଠୋର **'ଦଣ୍ଡ'** ଦ୍ୱାରା ବଳପୂର୍ବକ ସାବଧାନତା ସହକାରେ ନିୟନ୍ତ୍ରଣ କରିବେ ॥ ୮ ॥

କୃଷକ ଯେପରି କ୍ଷେତରୁ ଘାସ, ବାଲୁଙ୍ଗା ବାଛି ଦେଇ ଧାନଗଛକୁ ରକ୍ଷା କରେ ତଥା ସୁରକ୍ଷିତ ରୂପେ ଧାନରୁ ଚାଉଳ ବାହାର କରେ, ଚାଉଳକୁ ଭାଙ୍ଗିବାକୁ ଦିଏନି ଓ ଚଷୁକୁ ଅଲଗା କରିଦିଏ, ରାଜା ସେହିପରି ଚୋର-ଡ଼କାଏତଙ୍କୁ ବିନାଶ କରି ରାଜ୍ୟର ସୁରକ୍ଷା କରିବେ ॥ ୯ ॥

ଯେଉଁ ରାଜା ମୋହଗ୍ରସ୍ତ ହୋଇ, ଅବିଚାର କରି ରାଜ୍ୟକୁ ଦୁର୍ବଳ କରେ, ସେ ନିଜ ଜୀବିତାବସ୍ଥାରେ ହିଁ ରାଜ୍ୟ ଓ ବନ୍ଧୁ-ବାନ୍ଧବଙ୍କ ସହ ଶୀଘ୍ର ନଷ୍ଟ-ଭ୍ରଷ୍ଟ ହୋଇଯାଏ ॥ ୧୦ ॥

ଶରୀରକୁ ଦୁର୍ବଳ, କୃଶ କରିବା ଦ୍ୱାରା ଯେପରି ପ୍ରାଣୀମାନଙ୍କ ପ୍ରାଣ କ୍ଷୀଣ ହୋଇଯାଏ, ସେହିପରି ପ୍ରଜାଙ୍କୁ ଦୁର୍ବଳ କଲେ ଅର୍ଥାତ୍ ପ୍ରଜା ଶୋଷିତ-ଉତ୍ପୀଡ଼ିତ ହେଲେ ରାଜାଙ୍କ ପ୍ରାଣ ଅର୍ଥାତ୍ ବଳ ଆଦି ସବାନ୍ଧବେ ନଷ୍ଟ ହୋଇଯାନ୍ତି ॥ ୧୧ ॥

ଏଣୁ ରାଜା ଓ ରାଜସଭା ରାଜକାର୍ଯ୍ୟ ସଂପାଦନ ନିମନ୍ତେ ଏପରି ପ୍ରଯତ୍ନ କରିବେ ଯଦ୍ୱାରା କି ରାଜକାର୍ଯ୍ୟ ଯଥାଯଥ ଭାବେ ସଂପାଦିତ ହେବ । ଯେଉଁ ରାଜା ରାଜ୍ୟପାଳନରେ ସଦା ତତ୍ପର ଥାଆନ୍ତି, ତାଙ୍କ ସୁଖ ନିରନ୍ତର ଉତ୍ତରୋତ୍ତର ବୃଦ୍ଧି ପାଇଥାଏ ॥ ୧୨ ॥

ଏଥିପାଇଁ ଦୁଇ, ତିନି, ପାଞ୍ଚ ଅଥବା ଶହେ ଗ୍ରାମକୁ ନେଇ ଗୋଟିଏ-ଗୋଟିଏ ରାଜକାର୍ଯ୍ୟାଳୟ ସ୍ଥାପନ କରିବେ । ସେଠାରେ ଆବଶ୍ୟକତାନୁରୂପ ବିଭିନ୍ନ ସ୍ତରର ରାଜକର୍ମଚାରୀ ନିଯୁକ୍ତ କରି ସମସ୍ତ ରାଜକାର୍ଯ୍ୟ ସୁଚାରୁ ରୂପେ ସଂପାଦନ କରିବେ ॥ ୧୩ ॥

ପ୍ରତି ଗ୍ରାମରେ ଜଣେ-ଜଣେ ଗ୍ରାମମୁଖ୍ୟ ବା ପ୍ରଧାନ ବ୍ୟକ୍ତି ରଖିବେ । ସେହିପରି ଦଶ ଖଣ୍ଡ ଗ୍ରାମ ଉପରେ ଜଣେ ଦ୍ୱିତୀୟ ସ୍ତରର ଅଧିକାରୀ, କୋଡ଼ିଏଟି ଗ୍ରାମ ଉପରେ ଅନ୍ୟ ଏକ ତୃତୀୟ ଅଧିକାରୀ, ଶହେଟି ଗ୍ରାମ ଉପରେ ଚତୁର୍ଥ ଅଧିକାରୀ ଏବଂ ହଜାରେଟି ଗ୍ରାମ ଉପରେ ଜଣେ ପଞ୍ଚମ ପ୍ରକାର ଅଧିକାରୀ ନିଯୁକ୍ତ କରିବେ । ଆଜିକାଲି ଯେପରି ପ୍ରତ୍ୟେକ ଗ୍ରାମରେ ଜଣେ ମୁଖିଆ, କେତେକ ଗ୍ରାମକୁ ନେଇ ଏକ ଛୋଟ ଥାନା, ଦୁଇଟି ଥାନାକୁ ନେଇ ଏକ ବଡ଼ ଥାନା, କେତୋଟି ଥାନାର ଅଞ୍ଚଳକୁ ନେଇ ଏକ ତହସିଲ ଏବଂ କେତୋଟି ତହସିଲକୁ ନେଇ ଏକ ଜିଲ୍ଲା ଗଠନ କରାଯାଇଛି, ଏସବୁ ବ୍ୟବସ୍ଥା ମନୁ ଆଦିଙ୍କ ଦ୍ୱାରା ପ୍ରଣୀତ ଧର୍ମଶାସ୍ତ୍ରରେ ବର୍ଣ୍ଣିତ ରାଜନୀତି ସମ୍ବନ୍ଧିତ ବିଷୟରୁ ଗ୍ରହଣ କରାଯାଇଛି ॥ ୧୪ ॥

ଏପରି ବ୍ୟବସ୍ଥା କରିବା ପରେ ଆଦେଶ ଦେବେ ଯେ ନିଯୁକ୍ତ ହୋଇଥିବା ସେହି ପ୍ରତ୍ୟେକ ଗ୍ରାମପ୍ରଧାନ ନିଜ ଗ୍ରାମରେ ପ୍ରତ୍ୟହ ଘଟୁଥିବା ଯାବତୀୟ ଘଟଣା ଗୋପନରେ 'ଦଶଗ୍ରାମର ଅଧିପତି'ଙ୍କୁ ଜଣାଇବେ । ସେ 'ଦଶଗ୍ରାମାଧିପତି' ସେହିପରି 'ବିଂଶ ଗ୍ରାମାଧିପତି'ଙ୍କୁ ନିଜ ଦଶ ଗ୍ରାମର ବିବରଣୀ ପ୍ରତିଦିନ ଜଣାଇବେ ॥ ୧୫ ॥

'ବିଂଶଗ୍ରାମର ଅଧିପତି' ତାଙ୍କ କୋଡ଼ିଏ ଗ୍ରାମର ପରିସ୍ଥିତି 'ଶତଗ୍ରାମାଧିପତି'ଙ୍କୁ ଏବଂ 'ଶତଗ୍ରାମାଧିପତି' ସେହିପରି 'ସହସ୍ର ଗ୍ରାମର ଅଧିପତି'ଙ୍କୁ ପ୍ରତିଦିନ ସ୍ୱ ଅଞ୍ଚଳର ବିବରଣୀ ପ୍ରଦାନ କରିବେ । ସେହିପରି କ୍ରମରେ

ସହସ୍ର ଗ୍ରାମର ଅଧିପତି 'ଦଶସହସ୍ର ଗ୍ରାମର ଅଧିପତି'ଙ୍କୁ ଏବଂ ଦଶସହସ୍ର ଗ୍ରାମର ଅଧିପତି ଲକ୍ଷଗ୍ରାମର ରାଜସଭାକୁ ପ୍ରତିଦିନର ଘଟଣାବଳୀର ବିବରଣୀ ପ୍ରଦାନ କରିବେ । ସେ ସମସ୍ତ ରାଜସଭା 'ମହାରାଜସଭା' ଅର୍ଥାତ୍ ସାର୍ବଭୌମ ଚକ୍ରବର୍ତ୍ତୀ ମହାରାଜସଭାରେ ସମସ୍ତ ଅଞ୍ଚଳର ପରିସ୍ଥିତି ଉପସ୍ଥାପନା କରିବେ ॥ ୧୬ ॥

ଦଶ ହଜାରଟି ଗ୍ରାମ ଉପରେ ଆଉ ଦୁଇଜଣ ସଭାପତି ନିଯୁକ୍ତ କରିବେ । ସେମାନଙ୍କ ମଧ୍ୟରୁ ଜଣେ ରାଜସଭାର କାର୍ଯ୍ୟ ଦେଖିବେ ଓ ଅନ୍ୟ ଜଣକ ନିରଳସ ଭାବେ ସର୍ବତ୍ର ଭ୍ରମଣ କରି ନ୍ୟାୟାଧୀଶ ଆଦି ସକଳ ରାଜକର୍ମଚାରୀମାନଙ୍କ କାର୍ଯ୍ୟକଳାପ ନିରୀକ୍ଷଣ କରିବେ ॥ ୧୭ ॥

ପ୍ରତ୍ୟେକ ବଡ଼ ନଗରରେ ଗୋଟିଏ ଲେଖାଏଁ ବିଚାରାଳୟ ରହିବ ଓ ତା' ପାଇଁ ନକ୍ଷତ୍ର ମଧ୍ୟରେ ଚନ୍ଦ୍ରମା ସଦୃଶ ସୁନ୍ଦର ଓ ବିଶାଳ ଭବନ ନିର୍ମାଣ କରିବେ । ସେଠାରେ ବଡ଼-ବଡ଼ ଜ୍ଞାନୀ, ବୁଦ୍ଧିମାନ୍, ବିଚାରଶୀଳ ବ୍ୟକ୍ତି ବିଚାରପତି ରୂପେ ରହି ବିଚାର କାର୍ଯ୍ୟ ସମ୍ପାଦନ କରିବେ । ଯେଉଁ ନିୟମ ଦ୍ୱାରା ରାଜା ଓ ପ୍ରଜା ଉଭୟଙ୍କ ଉନ୍ନତି ସାଧିତ ହେବ ସେହିପରି ନିୟମ ପ୍ରଣୟନ କରିବେ ॥ ୧୮ ॥

ଯେଉଁ ନିରନ୍ତର ଭ୍ରମଣକାରୀ ସଭାପତି ନିଯୁକ୍ତ ହୋଇଥିବେ, ତାଙ୍କ ଅଧୀନରେ ସମସ୍ତ ଗୁପ୍ତଚର ଅର୍ଥାତ୍ ଦୂତଙ୍କୁ ରଖିବେ, ଯେଉଁମାନେ କି ରାଜକର୍ମଚାରୀ ଓ ପ୍ରଜାମାନଙ୍କ ସହ ନିୟମିତ ସମ୍ପର୍କ ରଖୁଥିବେ ତଥା ଭିନ୍ନ-ଭିନ୍ନ ଜାତି(ସମୁଦାୟ)ର ହୋଇଥିବେ । ଏମାନଙ୍କ ଦ୍ୱାରା ସମସ୍ତ ରାଜକର୍ମଚାରୀ ଓ ପ୍ରଜାଙ୍କ ଦୋଷଗୁଣ ଗୋପନରେ ଅବଗତ ହେବେ । **ତଦନୁଯାୟୀ ଦୋଷୀଙ୍କୁ ଦଣ୍ଡ ଓ ସାଧୁ ବ୍ୟକ୍ତିଙ୍କୁ ସଦା ସମ୍ମାନିତ କରିବେ** ॥ ୧୯ ॥

ରାଜା ଯେଉଁମାନଙ୍କ ଉପରେ ପ୍ରଜାଙ୍କ ରକ୍ଷାର ଦାୟିତ୍ୱ ଅର୍ପଣ କରିବେ ସେମାନେ ଧାର୍ମିକ, ସୁପରୀକ୍ଷିତ, ବିଦ୍ୱାନ୍, କୁଳୀନ ହୋଇଥିବା ଆବଶ୍ୟକ । ଯଦି କେହି ପ୍ରାୟତଃ ଠକ ଓ ସୁଯୋଗ ଦେଖି ପରସ୍ୱ ହରଣକାରୀ ଅର୍ଥାତ୍ ଉତ୍କୋଚ-ଗ୍ରହୀତା ଖଣ୍ଟ କର୍ମଚାରୀ ଥିବେ ସେମାନଙ୍କୁ ଉତ୍ତମ, ସାଧୁ, ଦୃଢ଼, ବିଦ୍ୱାନ୍ ପ୍ରଶାସକଙ୍କ ଅଧୀନରେ ରଖି ସେମାନଙ୍କୁ ଦୁଷ୍କର୍ମରୁ ନିବୃତ୍ତ କରିବା ସହ ସେମାନଙ୍କ ଦାଉରୁ ପ୍ରଜାଙ୍କୁ ରକ୍ଷା କରିବେ । ସେହିପରି ଶଠ ଓ ଚୋର-ଡ଼କାଏତଙ୍କୁ ବି ଦୁଷ୍କର୍ମରୁ ଦୂରେଇ ରଖି ସୁନାଗରିକ ଭାବେ ବଞ୍ଚିବାର ସୁଯୋଗ ଦେବା ତଥା ଏମାନଙ୍କ ଦାଉରୁ ପ୍ରଜାଙ୍କୁ ରକ୍ଷାକରିବା ନିମନ୍ତେ ଯୋଗ୍ୟ ପ୍ରଶାସକଙ୍କ ତତ୍ତ୍ୱାବଧାନରେ ଆବଶ୍ୟକତା ଅନୁରୂପ ଏମାନଙ୍କୁ ନିଯୁକ୍ତି ଦେବେ ॥ ୨୦ ॥

ଯେଉଁ ରାଜକର୍ମଚାରୀମାନେ ବାଦୀ-ପ୍ରତିବାଦୀଙ୍କ ଠାରୁ ଅନ୍ୟାୟମାର୍ଗରେ, ଗୁପ୍ତ ରୂପେ ଧନ ନେଇ ପକ୍ଷପାତପୂର୍ବକ ଅନ୍ୟାୟ କରନ୍ତି, ସେମାନଙ୍କର ସ୍ଥାବର-ଅସ୍ଥାବର ସମସ୍ତ ସମ୍ପତ୍ତି ବ୍ୟାଜ୍ୟାପ୍ତ କରି ଯଥାଯୋଗ୍ୟ ଦଣ୍ଡ ଦେଇ ସେମାନଙ୍କୁ ଏପରି ସ୍ଥାନରେ ରଖିବେ ଯେଉଁଠାରୁ ସେମାନେ ପୁଣି ଫେରି ଆସିପାରିବେ ନାହିଁ । କାହିଁକିନା ଯଦି ତାଙ୍କୁ ଦଣ୍ଡ ନ ଦିଆଯାଏ, ତେବେ ତାଙ୍କୁ ଦେଖି ଅନ୍ୟ କର୍ମଚାରୀମାନେ ବି ତାଙ୍କୁ ଅନୁସରଣ କରି ଏପରି କୁକର୍ମରେ ସଂଲଗ୍ନ ରହିବେ ଏବଂ ତାଙ୍କୁ ଦଣ୍ଡ ଦେଲେ ଏହି ଘଟଣାକୁ ଦେଖି-ଶୁଣି ଅନ୍ୟ ରାଜକର୍ମଚାରୀମାନେ ବି ଏଭଳି ଦୁଷ୍କର୍ମରୁ ଦୂରେଇ ରହିବେ ॥ ୨୧ ॥

ରାଜକର୍ମଚାରୀଗଣ ଯେପରି ଭଲ ରୂପେ ପରିବାର ପୋଷଣ କରିପାରିବେ, ସେମାନଙ୍କ ଆର୍ଥିକ ସମ୍ପନ୍ନତା ବି ରହିବ ସେତିକି ଧନ ବା ଭୂମି ରାଜ୍ୟ ତରଫରୁ ସେମାନଙ୍କୁ ମାସିକ ବା ବାର୍ଷିକ ଅଥବା ଏକାଥରକେ ଦିଆଯିବ । ବୃଦ୍ଧ କର୍ମଚାରୀମାନେ କାର୍ଯ୍ୟରୁ ଅବସର ଗ୍ରହଣ କଲେ ସେମାନଙ୍କର ଦରମାର ଅଧା ହିସାବରେ ରାଜକୋଷରୁ ଦିଆଯିବ । କିନ୍ତୁ ଧ୍ୟାନଦେବା ଉଚିତ ଯେ ସେମାନେ ବଞ୍ଚିଥିବା ଯାଏଁ ହିଁ ଏହା ଦିଆଯିବ, ତା'ପରେ

ନୁହେଁ । ସେମାନଙ୍କ ସନ୍ତାନଙ୍କୁ ପାରିତୋଷିକ, ଚାକିରୀ ସେ ସନ୍ତାନମାନଙ୍କ ଗୁଣ-କର୍ମ ଯୋଗ୍ୟତାନୁସାରେ ଅବଶ୍ୟ ଦେବେ । ଯଦି ତାଙ୍କ ପତ୍ନୀ ଜୀବିତ ଥାଆନ୍ତି ଏବଂ ତାଙ୍କ ସନ୍ତାନମାନେ ଜୀବିକା ଅର୍ଜନ ପାଇଁ ସମର୍ଥ ହୋଇନଥାନ୍ତି, ତେବେ ସେମାନଙ୍କ ନିର୍ବାହ ନିମନ୍ତେ ରାଜକୋଷରୁ ଯଥାଯୋଗ୍ୟ ସାହାଯ୍ୟ ଦିଆଯିବ । କିନ୍ତୁ ଯଦି ତାଙ୍କ ଉତ୍ତରାଧିକାରୀ ବିପଥଗାମୀ ହୁଅନ୍ତି ତେବେ ସେମାନଙ୍କୁ କିଛି ମଧ୍ୟ ସହାୟତା ନ ଦିଆଯିବା ଉଚିତ । ଏହି ନୀତି ରାଜା ସଦା ବଜାୟ ରଖିବେ ।

କରଗ୍ରହଣର ପ୍ରକାର

ଯଥା ଫଲେନ ଯୁଜ୍ୟେତ ରାଜା କର୍ତ୍ତା ଚ କର୍ମଣାମ୍ ।
ତଥାଽବେକ୍ଷ୍ୟ ନୃପୋ ରାଷ୍ଟ୍ରେ କଲ୍ପୟେତ୍ ସତତଂ କରାନ୍ ॥ ୧ ॥
ଯଥାଽଲ୍ପାଽଲ୍ପମଦନ୍ତ୍ୟାଦ୍ୟଂ ବାର୍ୟ୍ୟୋକୋବତ୍ସଷଟ୍ପଦାଃ ।
ତଥାଽଲ୍ପାଽଲ୍ପୋ ଗ୍ରହୀତବ୍ୟୋ ରାଷ୍ଟ୍ରାଦ୍ରାଜ୍ଞାବ୍ଦିକଃ କରଃ ॥ ୨ ॥
ନୋଚ୍ଛିନ୍ଦ୍ୟାଦାତ୍ମନୋ ମୂଲଂ ପରେଷାଂ ଚାତିତୃଷ୍ଣୟା ।
ଉଚ୍ଛିନ୍ଦନ୍ ହ୍ୟାତ୍ମନୋ ମୂଲମାତ୍ମାନଂ ତାଁଶ୍ଚ ପୀଡ଼ୟେତ୍ ॥ ୩ ॥
ତୀକ୍ଷ୍ଣଶ୍ଚୈବ ମୃଦୁଶ୍ଚ ସ୍ୟାତ୍ କାର୍ୟ୍ୟଂ ବୀକ୍ଷ୍ୟ ମହୀପତିଃ ।
ତୀକ୍ଷ୍ଣଶ୍ଚୈବ ମୃଦୁଶ୍ଚୈବ ରାଜା ଭବତି ସମ୍ମତଃ ॥ ୪ ॥
ଏବଂ ସର୍ବଂ ବିଧାୟେଦମିତିକର୍ତ୍ତବ୍ୟମାତ୍ମନଃ ।
ଯୁକ୍ତଶ୍ଚୈବାପ୍ରମତ୍ତଶ୍ଚ ପରିରକ୍ଷେଦିମାଃ ପ୍ରଜାଃ ॥ ୫ ॥
ବିକ୍ରୋଶନ୍ତ୍ୟୋ ଯସ୍ୟ ରାଷ୍ଟ୍ରାଦ୍ ହ୍ରିୟନ୍ତେ ଦସ୍ୟୁଭିଃ ପ୍ରଜାଃ ।
ସମ୍ପଶ୍ୟତଃ ସଭୃତ୍ୟସ୍ୟ ମୃତଃ ସ ନ ତୁ ଜୀବତି ॥ ୬ ॥
କ୍ଷତ୍ରିୟସ୍ୟ ପରୋ ଧର୍ମଃ ପ୍ରଜାନାମେବ ପାଲନମ୍ ।
ନିର୍ଦ୍ଦିଷ୍ଟଫଲଭୋକ୍ତା ହି ରାଜା ଧର୍ମେଣ ଯୁଜ୍ୟତେ ॥ ୭ ॥

(ମନୁ. ୭:୧୨୮,୧୨୯,୧୩୯, ୧୪୦,୧୪୨-୧୪୪)

ରାଜା, ରାଜକର୍ମଚାରୀ ଓ ପ୍ରଜାଗଣ ସମସ୍ତେ ଯେପରି ସୁଖ ରୂପୀ ଫଳ ପ୍ରାପ୍ତ କରିପାରିବେ ସେକଥା ବିଚାର କରି ରାଜା ଓ ରାଜସଭା ରାଜ୍ୟରେ **'କର'** ଧାର୍ଯ୍ୟ କରିବେ ॥ ୧ ॥

ଯେଉଁପରି ଜୋକ, ବାଛୁରୀ ଓ ଭ୍ରମର ଅଳ୍ପ-ଅଳ୍ପ କରି ଭୋଜ୍ୟ ବସ୍ତୁ ଗ୍ରହଣ କରନ୍ତି, ରାଜା ସେହିପରି ପ୍ରଜାଙ୍କ ଠାରୁ ଅଳ୍ପ-ଅଳ୍ପ କରି ବାର୍ଷିକ କର ଗ୍ରହଣ କରିବେ ॥ ୨ ॥

ରାଜା ଅତିଲୋଭରେ ପଡ଼ି ନିଜର ଓ ଅନ୍ୟର ସୁଖର ମୂଳକୁ କଦାପି ଉଚ୍ଛେଦ ବା ନଷ୍ଟ କରିବେ ନାହିଁ । କାହିଁକି ନା ଯିଏ ବ୍ୟବହାର ଓ ସୁଖର ମୂଳୋଚ୍ଛେଦନ କରେ ସେ ନିଜର ତଥା ଅନ୍ୟର କ୍ଷତି ହିଁ କରିଥାଏ ॥ ୩ ॥

ରାଜା କାର୍ଯ୍ୟକୁ ଦେଖି ନ୍ୟାୟାନୁସାରେ ତୀକ୍ଷ୍ଣ ଓ ମୃଦୁ ହେବା ଉଚିତ । ଯେଉଁ ରାଜା ଦୁଷ୍ଟଙ୍କ ପ୍ରତି କଠୋର ଓ ଶିଷ୍ଟଙ୍କ ପ୍ରତି କୋମଳ ହୁଅନ୍ତି ସେ ସର୍ବଜନପ୍ରିୟ, ସମ୍ମାନନୀୟ ହୋଇଥାନ୍ତି ॥ ୪ ॥

ଏହିଭଳି ଭାବେ ରାଜ୍ୟର ସମସ୍ତ ପ୍ରକାର ସମୁଚିତ ବ୍ୟବସ୍ଥା କରି ସର୍ବଦା ଏଥିରେ ସଂଲଗ୍ନ ରହି ଓ ପ୍ରମାଦରହିତ ହୋଇ ନିରନ୍ତର ରାଜା ନିଜ ପ୍ରଜାଙ୍କୁ ପାଳନ କରିବେ ॥ ୫ ॥

ଅମାତ୍ୟ, କର୍ମଚାରୀଙ୍କ ଗହଣରେ ରାଜକାର୍ଯ୍ୟ ପରିଚାଳନା କରୁଥିବା ଯେଉଁ ରାଜାର ରାଜ୍ୟରୁ ଚୋର-ଡ଼କାଏତମାନେ ରୋଦନ, କ୍ରନ୍ଦନ କରୁଥିବା ପ୍ରଜାଙ୍କ ଧନ-ଜୀବନ ହରଣ କରନ୍ତି, ଅଥଚ ତା'ର ଉଚିତ ପ୍ରତିକାର ହୋଇପାରେ ନାହିଁ, ସେ ରାଜ୍ୟର ରାଜା ମନ୍ତ୍ରୀ-କର୍ମଚାରୀଙ୍କ ସହ ମୃତ, ଜୀବିତ ନୁହେଁ ବୋଲି ବିବେଚିତ ହୁଏ ତଥା ମହାଦୁଃଖ ପାଏ ॥ ୬ ॥

ଅତଏବ ପ୍ରଜାପାଳନ କରିବା ହିଁ ରାଜାଙ୍କ ପରମ ଧର୍ମ । ମନୁସ୍ମୃତିର ସପ୍ତମ ଅଧ୍ୟାୟରେ **'କର'** ଆଦାୟର ଯେଉଁ ବ୍ୟବସ୍ଥା ବର୍ଣ୍ଣିତ ହୋଇଛି ତଥା ରାଜସଭା ଯେପରି ଧାର୍ଯ୍ୟ କରେ ତଦନୁସାରେ ଗ୍ରହୀତା, ଭୋକ୍ତା ରାଜା ଧର୍ମରେ ଯୁକ୍ତ ହୋଇ ସୁଖ ପାଇଥାନ୍ତି । ଏହାର ବିପରୀତ ଆଚରଣକାରୀ ଦୁଃଖ ପ୍ରାପ୍ତ କରିଥାଏ ॥ ୭ ॥

ରାଜାଙ୍କ ଦିନଚର୍ଯ୍ୟା - ମନ୍ତ୍ରୀଙ୍କ ସହ ମନ୍ତ୍ରଣା

ଉତ୍ଥାୟ ପଶ୍ଚିମେ ଯାମେ କୃତଶୌଚଃ ସମାହିତଃ ।
ହୁତାଗ୍ନିର୍ବ୍ରାହ୍ମଣାଁଶ୍ଚାର୍ଚ୍ଚ୍ୟ ପ୍ରବିଶେତ୍ ସ ଶୁଭାଂ ସଭାମ୍ ॥ ୧ ॥
ତତ୍ର ସ୍ଥିତଃ ପ୍ରଜାଃ ସର୍ବାଃ ପ୍ରତିନନ୍ଦ୍ୟ ବିସର୍ଜୟେତ୍ ।
ବିସୃଜ୍ୟ ଚ ପ୍ରଜାଃ ସର୍ବା ମନ୍ତ୍ରୟେତ୍ ସହ ମନ୍ତ୍ରିଭିଃ ॥ ୨ ॥
ଗିରିପୃଷ୍ଠଂ ସମାରୁହ୍ୟ ପ୍ରାସାଦଂ ବା ରହୋଗତଃ ।
ଅରଣ୍ୟେ ନିଃଶଲାକେ ବା ମନ୍ତ୍ରୟେଦବିଭାବିତଃ ॥ ୩ ॥
ଯସ୍ୟ ମନ୍ତ୍ରଂ ନ ଜାନନ୍ତି ସମାଗମ୍ୟ ପୃଥଗ୍ଜନାଃ ।
ସ କୃତ୍ସ୍ନାଂ ପୃଥିବୀଂ ଭୁଙ୍କ୍ତେ କୋଶହୀନୋଽପି ପାର୍ଥିବଃ ॥ ୪ ॥ (ମନୁ. ୭:୧୪୫-୧୪୮)

ରାଜା ରାତ୍ରିର ଶେଷ ପ୍ରହରରେ ଶଯ୍ୟାତ୍ୟାଗ କରି ଶୌଚାଦି ନିତ୍ୟକର୍ମ ସମାପନ ପୂର୍ବକ ଏକାଗ୍ରଚିତ୍ତରେ ପରମେଶ୍ୱରଙ୍କ ଧ୍ୟାନ ଓ ତା'ପରେ ଅଗ୍ନିହୋତ୍ର କରିବେ । ତଦନନ୍ତର ଧାର୍ମିକ ବିଦ୍ୱାନଙ୍କୁ ସତ୍କାର କରିସାରି ଭୋଜନ କରିବେ । ତା' ପରେ ସଭାରେ ପ୍ରବେଶ କରିବେ ॥ ୧ ॥

ସଭାରେ ବସି ଉପସ୍ଥିତ ପ୍ରଜାଗଣଙ୍କ ଆପତ୍ତି-ଅଭିଯୋଗ ଶୁଣି ସମାଧାନ କରି ସେମାନଙ୍କୁ ପ୍ରସନ୍ନ କରି ଓ ସସମ୍ମାନେ ବିଦାୟ ଦେଇ ମୁଖ୍ୟମନ୍ତ୍ରୀମାନଙ୍କ ସହ ରାଜ୍ୟବ୍ୟବସ୍ଥା ବିଷୟରେ ବିଚାର-ବିମର୍ଶ କରିବେ ॥ ୨ ॥

ତା' ପରେ ତାଙ୍କ ସହ ଭ୍ରମଣରେ ଯିବେ । ପର୍ବତର ଶିଖର କିମ୍ବା ଏକାନ୍ତ ଗୃହ ଅଥବା ପ୍ରାଣୀଶୂନ୍ୟ ଅରଣ୍ୟ - ଏଭଳି ଏକାନ୍ତ ସ୍ଥାନରେ ବସି ବିରୁଦ୍ଧ ଭାବନା ତ୍ୟାଗ କରି ମନ୍ତ୍ରୀଙ୍କ ସହ ବିଚାର-ବିମର୍ଶ କରିବେ ॥ ୩ ॥

ଯେଉଁ ରାଜାଙ୍କର ଗୁପ୍ତ ବିଚାରକୁ ଅନ୍ୟ ଲୋକେ ତାଙ୍କ ସହ ମିଶି ସୁଦ୍ଧା ଜାଣିପାରନ୍ତି ନାହିଁ ଅର୍ଥାତ୍ ଯାହାଙ୍କର ବିଚାର ଗମ୍ଭୀର, ଶୁଦ୍ଧ, ପରୋପକାର ପାଇଁ ସଦା ଗୋପନୀୟ ରହେ, ସେହି ରାଜା ଧନହୀନ ହୋଇଥିଲେ ମଧ୍ୟ ସମଗ୍ର ପୃଥିବୀକୁ ଶାସନ କରିବାକୁ ସମର୍ଥ ହୋଇଥାନ୍ତି । ଅତଏବ ଯେତେବେଳ ଯାଏ ସଭାସଦ୍‌ଙ୍କ ସହ ପରାମର୍ଶ କରି ସମ୍ମତି ଲାଭ କରିନାହାନ୍ତି ସେତେବେଳ ପର୍ଯ୍ୟନ୍ତ ରାଜା ନିଜ ଇଚ୍ଛାନୁସାରେ କୌଣସି କାମ କରିବେ ନାହିଁ ॥ ୪ ॥

ଆସନାଦି ଷଡ୍‌ଗୁଣ ଓ ତା'ର ଭେଦ

ଆସନଂ ଚୈବ ଯାନଂ ଚ ସନ୍ଧିଂ ବିଗ୍ରହମେବ ଚ ।
କାର୍ୟଂ ବୀକ୍ଷ୍ୟ ପ୍ରୟୁଞ୍ଜୀତଦ୍ୱୈଧଂ ସଂଶ୍ରୟମେବ ଚ ॥ ୧ ॥
ସନ୍ଧିଂ ତୁ ଦ୍ୱିବିଧଂ ବିଦ୍ୟାଦ୍ରାଜା ବିଗ୍ରହମେବ ଚ ।
ଉଭେ ଯାନାସନେ ଚୈବ ଦ୍ୱିବିଧଃ ସଂଶ୍ରୟଃ ସ୍ମୃତଃ ॥ ୨ ॥
ସମାନଯାନକର୍ମା ଚ ବିପରୀତସ୍ତଥୈବ ଚ ।
ତଦାତ୍ୱାୟତିସଂଯୁକ୍ତଃ ସନ୍ଧିର୍ଜ୍ଞେୟୋ ଦ୍ୱିଲକ୍ଷଣଃ ॥ ୩ ॥
ସ୍ୱୟଂକୃତଶ୍ଚ କାର୍ୟାର୍ଥମକାଲେ କାଲ ଏବ ବା ।
ମିତ୍ରସ୍ୟ ଚୈବାପକୃତେ ଦ୍ୱିବିଧୋ ବିଗ୍ରହଃ ସ୍ମୃତଃ ॥ ୪ ॥
ଏକାକିନଶ୍ଚାତ୍ୟୟିକେ କାର୍ୟେ ପ୍ରାପ୍ତେ ଯଦୃଚ୍ଛୟା ।
ସଂହତସ୍ୟ ଚ ମିତ୍ରେଣ ଦ୍ୱିବିଧଂ ଯାନମୁଚ୍ୟତେ ॥ ୫ ॥
କ୍ଷୀଣସ୍ୟ ଚୈବ କ୍ରମଶୋ ଦୈବାତ୍‌ପୂର୍ବକୃତେନ ବା ।
ମିତ୍ରସ୍ୟ ଚାନୁରୋଧେନ ଦ୍ୱିବିଧଂ ସ୍ମୃତମାସନମ୍ ॥ ୬ ॥
ବଲସ୍ୟ ସ୍ୱାମୀନଶ୍ଚୈବ ସ୍ଥିତିଃ କାର୍ୟାର୍ଥସିଦ୍ଧୟେ ।
ଦ୍ୱିବିଧଂ କୀର୍ତ୍ତ୍ୟତେ ଦ୍ୱୈଧଂ ଷାଡ୍‌ଗୁଣ୍ୟଗୁଣବେଦିଭିଃ ॥ ୭ ॥
ଅର୍ଥସମ୍ପାଦନାର୍ଥଂ ଚ ପୀଡ୍ୟମାନସ୍ୟ ଶତ୍ରୁଭିଃ ।
ସାଧୁଷୁ ବ୍ୟପଦେଶାର୍ଥଂ ଦ୍ୱିବିଧଃ ସଂଶ୍ରୟଃ ସ୍ମୃତଃ ॥ ୮ ॥
ଯଦାବଗଚ୍ଛେଦାୟତ୍ୟାମାଧିକ୍ୟଂ ଧ୍ରୁବମାତ୍ମନଃ ।
ଯଦାତ୍ୱେ ଚାଲ୍ପିକାଂ ପୀଡ଼ାଂ ତଦା ସନ୍ଧିଂ ସମାଶ୍ରୟେତ୍ ॥ ୯ ॥
ଯଦା ପ୍ରହୃଷ୍ଟା ମନ୍ୟେତ ସର୍ବାସ୍ତୁ ପ୍ରକୃତୀର୍ଭୃଶମ୍ ।
ଅତ୍ୟୁଚ୍ଛ୍ରିତଂ ତଥାତ୍ମାନଂ ତଦା କୁର୍ବୀତ ବିଗ୍ରହମ୍ ॥ ୧୦ ॥
ଯଦା ମନ୍ୟେତ ଭାବେନ ହୃଷ୍ଟଂ ପୁଷ୍ଟଂ ବଲଂ ସ୍ୱକମ୍ ।
ପରସ୍ୟ ବିପରୀତଂ ଚ ତଦା ଯାୟାଦ୍ରିପୁଂ ପ୍ରତି ॥ ୧୧ ॥
ଯଦା ତୁ ସ୍ୟାତ୍‌ପରିକ୍ଷୀଣୋ ବାହନେନ ବଲେନ ଚ ।
ତଦାସୀତ ପ୍ରୟତ୍ନେନ ଶନକୈଃ ସାନ୍ତ୍ୱୟନ୍ନରୀନ୍ ॥ ୧୨ ॥
ମନ୍ୟେତାରିଂ ଯଦା ରାଜା ସର୍ବଥା ବଲବତ୍ତରମ୍ ।
ତଦା ଦ୍ୱିଧା ବଲଂ କୃତ୍ୱା ସାଧୟେତ୍‌କାର୍ୟ୍ୟମାତ୍ମନଃ ॥ ୧୩ ॥
ଯଦା ପରବଲାନାଂ ତୁ ଗମନୀୟତମୋ ଭବେତ୍ ।
ତଦା ତୁ ସଂଶ୍ରୟେତ୍ କ୍ଷିପ୍ରଂ ଧାର୍ମିକଂ ବଲିନଂ ନୃପମ୍ ॥ ୧୪ ॥

ନିଗ୍ରହଂ ପ୍ରକୃତୀନାଂ ଚ କୁର୍ଯ୍ୟାଦ୍ ୟୋଽରିବଲସ୍ୟ ଚ ।
ଉପସେବେତ ତଂ ନିତ୍ୟଂ ସର୍ବଯତ୍ନୈର୍ଗୁରୁଂ ଯଥା ॥ ୧୫ ॥
ଯଦି ତତ୍ରାପି ସମ୍ପଶ୍ୟେଦ୍ ଦୋଷଂ ସଂଶ୍ରୟକାରିତମ୍ ।
ସୁଯୁଦ୍ଧମେବ ତତ୍ରାଽପି ନିର୍ବିଶଙ୍କଃ ସମାଚରେତ୍ ॥ ୧୬ ॥ (ମନୁ. ୭:୧୬୧-୧୭୬)

ରାଜାଦି ସକଳ ରାଜପୁରୁଷଗଣ ଏହା ଧ୍ୟାନ ରଖିବା ଯୋଗ୍ୟ ଯେ - **(ଆସନ)** ସ୍ଥିରତା (ଶାନ୍ତ ହୋଇ ବସିରହିବା), **(ଯାନ)** ଶତ୍ରୁ ବିରୁଦ୍ଧରେ ଯୁଦ୍ଧଯାତ୍ରା, **(ସନ୍ଧି)** ଶତ୍ରୁ ସହ ମିତ୍ରତା ସ୍ଥାପନ, **(ବିଗ୍ରହ)** ଦୁଷ୍ଟ ଶତ୍ରୁଙ୍କ ସହ ଯୁଦ୍ଧ ଅନୁଷ୍ଠାନ, **(ଦ୍ୱୈଧ)** ସେନାକୁ ଦୁଇ ଭାଗ କରି ବିଜୟଲାଭ, **(ସଂଶ୍ରୟ)** ନିଜର ଦୁର୍ବଳ ସ୍ଥିତିରେ ଅନ୍ୟ ଶକ୍ତିଶାଳୀ ରାଜାଙ୍କ ଆଶ୍ରୟ ଗ୍ରହଣ — ଏ ଛଅ ପ୍ରକାର କର୍ମ ପରିସ୍ଥିତିକୁ ବିଚାର କରି ଯଥାଯୋଗ୍ୟ ପ୍ରୟୋଗ କରିବେ ॥ ୧ ॥

ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧୀଭାବ ଓ ସଂଶ୍ରୟ - ଏ ଛଅଟି ଯାକ ପ୍ରତ୍ୟେକେ ଦୁଇ-ଦୁଇ ଭାଗରେ ବିଭକ୍ତ । ରାଜା ଏସବୁକୁ ଯଥାଯଥ ଭାବେ ଜାଣିବା ଆବଶ୍ୟକ ॥ ୨ ॥

(ସନ୍ଧି) ବର୍ତ୍ତମାନ ସମୟରେ ଫଳଦାୟକ ଓ ଭବିଷ୍ୟତକାଳିକ ଲାଭ ସହ ସମ୍ବନ୍ଧିତ ସନ୍ଧି ଦୁଇ ପ୍ରକାର ବୋଲି ଜାଣିବା ଉଚିତ - ୧. ସମାନଯାନକର୍ମା ଓ ୨. ଅସମାନଯାନକର୍ମା । ପ୍ରଥମ ପ୍ରକାର ହେଲା ସନ୍ଧି କରାଯାଇଥିବା ମିତ୍ର ରାଜାଙ୍କ ସହ ମିଶି ଯାନ ବା ଶତ୍ରୁ ରାଜା ଉପରେ ଆକ୍ରମଣ କରିବା ଏବଂ ଏହାର ବିପରୀତରେ ଦ୍ୱିତୀୟ ପ୍ରକାର ହେଲା ସନ୍ଧି କରାଯାଇଥିବା ରାଜାଙ୍କ ସହ ପାରସ୍ପରିକ ବୁଝାମଣା ଆଧାରରେ ଅଲଗା-ଅଲଗା ଭାବେ ଭିନ୍ନ-ଭିନ୍ନ ଦିଗରୁ ଶତ୍ରୁ ଉପରେ ଆକ୍ରମଣ କରିବା ॥ ୩ ॥

(ବିଗ୍ରହ) ବିଗ୍ରହ ଦୁଇ ପ୍ରକାରର ହୋଇଥାଏ - ଉଚିତ, ପୂର୍ବନିର୍ଦ୍ଧାରିତ ସମୟରେ ଅଥବା ଅନୁଚିତ, ଅନିଶ୍ଚିତ ଯେ କୌଣସି ସମୟରେ ୧. କାର୍ଯ୍ୟସିଦ୍ଧି ନିମନ୍ତ ସ୍ୱୟଂ କରିବା ଯୁଦ୍ଧ ଏବଂ ୨. ମିତ୍ର ରାଜାଙ୍କୁ କେହି ଶତ୍ରୁ ଅକ୍ରମଣ କଲେ ବା ହାନି ପହଞ୍ଚାଇଲେ ତାଙ୍କୁ ସହାୟତା କରିବା ପାଇଁ କରାଯିବା ଯୁଦ୍ଧ ॥ ୪ ॥

(ଯାନ) ୧. ଅକସ୍ମାତ୍ କୌଣସି ଆବଶ୍ୟକତା ପଡ଼ିଲେ ସ୍ୱତନ୍ତ୍ର ରୂପେ ଏକାକୀ ଯୁଦ୍ଧଯାତ୍ରା କରିବା ତଥା ୨. ମିତ୍ର ରାଜାଙ୍କ ସହ ଶତ୍ରୁ ଉପରେ ଆକ୍ରମଣ କରିବାକୁ ଯିବା - ଏ ଦୁଇଟିକୁ ଦୁଇ ପ୍ରକାର ଗମନ ବା **'ଯାନ'** କୁହାଯାଏ ॥ ୫ ॥

(ଆସନ) ୧. କୌଣସି କାରଣ ବଶତଃ ନିଜେ କ୍ରମଶଃ କ୍ଷୀଣ, ଦୁର୍ବଳ ହୋଇଗଲେ ଚୁପ୍ ବସିରହିବା ଅଥବା ୨. ମିତ୍ରଙ୍କ ଅନୁରୋଧ ଯୋଗୁଁ ନିଜ ସ୍ଥାନରେ ନୀରବ, ସ୍ଥିର ହୋଇ ରହିବା - ଏ ଦୁଇଟିକୁ ଦୁଇ ପ୍ରକାର **'ଆସନ'** କୁହାଯାଏ ॥ ୬ ॥

(ଦ୍ୱୈଧ) କାର୍ଯ୍ୟସିଦ୍ଧି ସକାଶେ ସେନାପତି ଓ ସେନାଙ୍କୁ ଦୁଇ ଭାଗରେ ବିଭକ୍ତ କରି ବିଜୟ ଲାଭ କରିବାକୁ ଦୁଇ ପ୍ରକାର **'ଦ୍ୱୈଧ'** କୁହାଯାଏ ॥ ୭ ॥

(ସଂଶ୍ରୟ) ୧. ଶତ୍ରୁ ଦ୍ୱାରା ପୀଡ଼ିତ ହୋଇ ନିଜ ଉଦ୍ଦେଶ୍ୟର ସିଦ୍ଧି ନିମନ୍ତେ କୌଣସି ବଳବାନ୍ ରାଜା ବା କୌଣସି ମହାତ୍ମାଙ୍କ ଆଶ୍ରୟ ନେବା ଏବଂ ୨. ଶତ୍ରୁ ଆକ୍ରମଣ ପୂର୍ବରୁ ଆକ୍ରମଣ ଜନିତ ଦୁଃଖରୁ ରକ୍ଷା ପାଇବା ପାଇଁ କୌଣସି ଶକ୍ତିଶାଳୀ ରାଜାଦି ସଭାଙ୍କ ଆଶ୍ରୟ ନେବା - ଏହାକୁ ଦୁଇ ପ୍ରକାରର **'ସଂଶ୍ରୟ'** ବା ଆଶ୍ରୟ ନେବା କୁହାଯାଏ ॥ ୮ ॥

ଯେତେବେଳେ ଏହା ଜାଣିବେ ଯେ ବର୍ତ୍ତମାନ ସନ୍ଧି କଲେ କିଛି ହାନି, ଦୁଃଖ ପ୍ରାପ୍ତ ହେବ; କିନ୍ତୁ ପରେ ଯୁଦ୍ଧ କଲେ ନିଜର ଅଭିବୃଦ୍ଧି ଓ ବିଜୟ ନିଶ୍ଚିତ ହେବ ସେପରି ସ୍ଥିତିରେ ଉପଯୁକ୍ତ ସମୟ ଆସିବା ପର୍ଯ୍ୟନ୍ତ ଶତ୍ରୁ ସହ ସନ୍ଧି ସ୍ଥାପନ କରି ଧୈର୍ଯ୍ୟପୂର୍ବକ ପ୍ରତୀକ୍ଷା କରିବେ ॥ ୯ ॥

ଯେତେବେଳେ ନିଜର ସମସ୍ତ ପ୍ରଜା ଓ ସେନା ଅତ୍ୟନ୍ତ ପ୍ରସନ୍ନ, ଉନ୍ନତିଶୀଳ ଓ ଶତ୍ରୁସେନାଦିଠାରୁ ଶ୍ରେଷ୍ଠ ଅଛନ୍ତି ବୋଲି ଜାଣିବେ ତଥା ନିଜକୁ ବି ସେପରି ଥିବା ଅନୁଭବ କରିବେ ସେତେବେଳେ ଶତ୍ରୁ ସହ ବିଗ୍ରହ ବା ଯୁଦ୍ଧ କରିବେ ॥ ୧୦ ॥

ଯେଉଁ ସମୟରେ ନିଜର ବଳ ଅର୍ଥାତ୍ ସେନା ହୃଷ୍ଟ-ପୁଷ୍ଟ ଓ ପ୍ରସନ୍ନ ଅଛନ୍ତି ବୋଲି ଅନୁଭବ କରିବେ ତଥା ଶତ୍ରୁ ପକ୍ଷର ବଳ ନିଜ ସ୍ଥିତିର ବିପରୀତ ଅର୍ଥାତ୍ ଦୁର୍ବଳ ହୋଇଥିବା ଜାଣିବେ ସେହି ସମୟରେ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଯିବେ ॥ ୧୧ ॥

ସେନା ଯେତେବେଳେ ବଳ ଓ ବାହନରେ କ୍ଷୀଣ ହୋଇଥିବା ଜାଣିବେ ସେତେବେଳେ ଶତ୍ରୁମାନଙ୍କୁ ଧୀରେ-ଧୀରେ ଯତ୍ନ ସହକାରେ ଶାନ୍ତ କରି ନିଜ ସ୍ଥାନରେ ସ୍ଥିର ଭାବେ ରହିବେ ॥ ୧୨ ॥

ଯେତେବେଳେ ରାଜା ଶତ୍ରୁକୁ ଅତ୍ୟନ୍ତ ବଳଶାଳୀ ବୋଲି ଅନୁଭବ କରିବେ ସେତେବେଳେ ନିଜ ସେନାକୁ ଦ୍ୱିଗୁଣିତ କରି କିମ୍ବା ଦୁଇଭାଗରେ ବିଭକ୍ତ କରି ନିଜ ବିଜୟ ହାସଲ କରିବେ ॥ ୧୩ ॥

ରାଜା ଯେତେବେଳେ ଜାଣିବେ ଯେ ଅତିଶୀଘ୍ର ଦୁର୍ଜେୟ ଶତ୍ରୁ ମୋ ଉପରେ ଆକ୍ରମଣ କରିବାକୁ ଆସୁଛନ୍ତି, ଏବଂ ମୋର ପରାଜୟ ଆସନ୍ନ ସେତେବେଳେ ଯଥାଶୀଘ୍ର କୌଣସି ଧାର୍ମିକ ବଳବାନ୍ ରାଜାଙ୍କ ଆଶ୍ରୟ ଗ୍ରହଣ କରିବେ ॥ ୧୪ ॥

ଯେଉଁ ଧାର୍ମିକ ବଳବାନ୍ ରାଜା ପ୍ରଜା, ନିଜ ସେନା ଓ ଶତ୍ରୁର ବଳକୁ, ଆକ୍ରମଣ-ଉପଦ୍ରବକୁ ନିଗ୍ରହ ଅର୍ଥାତ୍ ପ୍ରତିହତ କରନ୍ତି, ଦୁର୍ବଳ ରାଜା ତାହାଙ୍କୁ ଯତ୍ନ ସହକାରରେ ଗୁରୁ ଭଳି ନିତ୍ୟ ସେବା କରିବେ ॥ ୧୫ ॥

ଯେଉଁ ରାଜାଙ୍କ ନିକଟରେ ଆଶ୍ରୟ ନେବେ, ତାଙ୍କ କର୍ମରେ ଦୋଷ ଦେଖିଲେ, ତାଙ୍କ ଆଶ୍ରୟ ପରିତ୍ୟାଗ କରି ତାଙ୍କ ସହ ବି ବିନା ଦ୍ୱିଧାରେ ଯୁଦ୍ଧ-ବିରୋଧ ହିଁ କରିବେ ॥ ୧୬ ॥

ଧାର୍ମିକ ରାଜାଙ୍କୁ କଦାପି ବିରୋଧ କରିବେ ନାହିଁ, ବରଂ ତାଙ୍କ ସହ ସର୍ବଦା ମିତ୍ରତା ସ୍ଥାପନ କରିବେ ଏବଂ ପ୍ରବଳ ଦୁଷ୍ଟ ରାଜାଙ୍କୁ ଜୟ କରିବା ପାଇଁ ପୂର୍ବୋକ୍ତ ଉପାୟ ଅବଲମ୍ବନ କରିବା ଆବଶ୍ୟକ ।

ମିତ୍ର, ଉଦାସୀନ ଓ ଶତ୍ରୁ ପ୍ରତି ରାଜାଙ୍କ ବ୍ୟବହାର

ସର୍ବୋପାୟୈସ୍ତଥା କୁର୍ଯ୍ୟାନ୍ନୀତିଜ୍ଞଃ ପୃଥିବୀପତିଃ ।
ଯଥାସ୍ୟାଭ୍ୟଧିକା ନ ସ୍ୟୁର୍ମିତ୍ରୋଦାସୀନଶତ୍ରବଃ ॥ ୧ ॥
ଆୟତିଂ ସର୍ବକାର୍ଯ୍ୟାଣାଂ ତଦାତ୍ୱଂ ଚ ବିଚାରୟେତ୍ ।
ଅତୀତାନାଂ ଚ ସର୍ବେଷାଂ ଗୁଣଦୋଷୌ ଚ ତତ୍ତ୍ୱତଃ ॥ ୨ ॥
ଆୟତ୍ୟାଂ ଗୁଣଦୋଷଜ୍ଞସ୍ତଦାତ୍ୱେ କ୍ଷିପ୍ରନିଶ୍ଚୟଃ ।
ଅତୀତେ କାର୍ଯ୍ୟଶେଷଜ୍ଞଃ ଶତ୍ରୁଭିର୍ନାଭିଭୂୟତେ ॥ ୩ ॥

ଯଥୈନଂ ନାଭିସଂଦଧ୍ୟୁର୍ମିତ୍ରୋଦାସୀନଶତ୍ରବଃ ।

ତଥା ସର୍ବଂ ସଂବିଦଧ୍ୟାଦେଷ ସାମାସିକୋ ନୟଃ ॥ ୪ ॥ (ମନୁ. ୭:୧୭୭-୧୮୦)

ନିଜର ମିତ୍ର, ଉଦାସୀନ ଓ ଶତ୍ରୁ ଯେପରି ଅଧିକ ନ ହୁଅନ୍ତି ନୀତିଜ୍ଞ ମହୀପତି ରାଜା ସେପରି ସମସ୍ତ ଉପାୟ ଅବଲମ୍ବନ କରିବେ ॥ ୧ ॥

ସବୁ କାମରେ ବର୍ତ୍ତମାନର କର୍ତ୍ତବ୍ୟ, ଭବିଷ୍ୟତରେ ଯାହା କରିବା ଉଚିତ ଏବଂ ଅତୀତରେ ଯାହା-ଯାହା କରାଯାଇଛି ସେସବୁର ଗୁଣ-ଦୋଷ ଯଥାର୍ଥତଃ ବିଚାର କରିବେ ॥ ୨ ॥

ତା' ପରେ ଦୋଷର ନିରାକରଣ ଓ ଗୁଣର ସ୍ଥାୟିତ୍ୱ ନିମନ୍ତେ ପ୍ରଯତ୍ନ କରିବେ । ଯେଉଁ ରାଜା ଭବିଷ୍ୟତରେ କରିବାକୁ ଥିବା କାର୍ଯ୍ୟର ଗୁଣ-ଦୋଷକୁ ଜାଣନ୍ତି, ବର୍ତ୍ତମାନର କାର୍ଯ୍ୟ ବିଷୟରେ ତୁରନ୍ତ ନିଷ୍ପତ୍ତି ନିଅନ୍ତି ଏବଂ ଅତୀତରେ କରାଯାଇଥିବା କାର୍ଯ୍ୟଗୁଡ଼ିକର ଅବଶିଷ୍ଟ କର୍ତ୍ତବ୍ୟକୁ ଜାଣନ୍ତି ସେ କଦାପି ଶତ୍ରୁ ଦ୍ୱାରା ପରାଜିତ ହୁଅନ୍ତି ନାହିଁ ॥ ୩ ॥

ରାଜ୍ୟ ପ୍ରଶାସନର ସମସ୍ତ ବ୍ୟକ୍ତି, ବିଶେଷତଃ ସଭାପତି ରାଜା ଏପରି ପ୍ରଯତ୍ନ କରିବେ ଯେପରି ନିଜର ମିତ୍ର, ଉଦାସୀନ ଓ ଶତ୍ରୁ ପ୍ରବଳ ହୋଇ ତାଙ୍କୁ ବଶୀଭୂତ କରି ତାଙ୍କ ଦ୍ୱାରା ଅନ୍ୟଥା ବିରୁଦ୍ଧ କର୍ମ କରାଇପାରିବେ ନାହିଁ । ଏପରି ମୋହରେ କେବେ ଗ୍ରସ୍ତ ହେବେ ନାହିଁ । ଏହା ସଂକ୍ଷେପରେ '**ନୟ**' ବା ରାଜନୀତି ଅଟେ ॥ ୪ ॥

ଶତ୍ରୁ ସହ ଯୁଦ୍ଧ ବିଧି

କୃତ୍ୱା ବିଧାନଂ ମୂଲେ ତୁ ଯାତ୍ରିକଂ ଚ ଯଥାବିଧି ।
ଉପଗୃହ୍ୟାସ୍ପଦଂ ଚୈବ ଚରାନ୍ ସମ୍ୟଗ୍‌ବିଧାୟ ଚ ॥ ୧ ॥
ସଂଶୋଧ୍ୟ ତ୍ରିବିଧଂ ମାର୍ଗଂ ଷଡ଼୍‌ବିଧଂ ଚ ବଲଂ ସ୍ୱକମ୍ ।
ସାଂପରାୟିକକଲ୍ପେନ ଯାୟାଦରିପୁରଂ ଶନୈଃ ॥ ୨ ॥
ଶତ୍ରୁସେବିନି ମିତ୍ରେ ଚ ଗୂଢ଼େ ଯୁକ୍ତତରୋ ଭବେତ୍ ।
ଗତପ୍ରତ୍ୟାଗତେ ଚୈବ ସ ହି କଷ୍ଟତରୋ ରିପୁଃ ॥ ୩ ॥
ଦଣ୍ଡବ୍ୟୂହେନ ତନ୍ମାର୍ଗଂ ଯାୟାତ୍ତୁ ଶକଟେନ ବା ।
ବରାହମକରାଭ୍ୟାଂ ବା ସୂଚ୍ୟା ବା ଗରୁଡ଼େନ ବା ॥ ୪ ॥
ଯତଶ୍ଚ ଭୟମାଶଙ୍କେତ୍ ତତୋ ବିସ୍ତାରୟେଦ୍ ବଲମ୍ ।
ପଦ୍ମେନ ଚୈବ ବ୍ୟୂହେନ ନିବିଶେତ ସଦା ସ୍ୱୟମ୍ ॥ ୫ ॥
ସେନାପତିବଲାଧକ୍ଷୌ ସର୍ବଦିକ୍ଷୁ ନିବେଶୟେତ୍ ।
ଯତଶ୍ଚ ଭୟମାଶଙ୍କେତ୍ ପ୍ରାଚୀଂ ତାଂ କଲ୍ପୟେଦ୍ଦିଶମ୍ ॥ ୬ ॥
ଗୁଲ୍ମାଂଶ୍ଚ ସ୍ଥାପୟେଦାପ୍ତାନ୍ କୃତସଂଜ୍ଞାନ୍ ସମନ୍ତତଃ ।
ସ୍ଥାନେ ଯୁଦ୍ଧେ ଚ କୁଶଲାନଭୀରୂନବିକାରିଣଃ ॥ ୭ ॥
ସଂହତାନ୍ ଯୋଧୟେଦଲ୍ପାନ୍ କାମଂ ବିସ୍ତାରୟେଦ୍ ବହୂନ୍ ।
ସୂଚ୍ୟା ବଜ୍ରେଣ ଚୈବୈତାନ୍ ବ୍ୟୂହେନ ବ୍ୟୂହ୍ୟ ଯୋଧୟେତ୍ ॥ ୮ ॥

ସ୍ୟନ୍ଦନାଶ୍ୱୈଃ ସମେ ଯୁଦ୍ଧ୍ୟେଦନୂପେ ନୌଦ୍ୱିପୈସ୍ତଥା ।
ବୃକ୍ଷଗୁଲ୍ମାବୃତେ ଚାପୈରସିଚର୍ମାୟୁଧୈଃ ସ୍ଥଳେ ॥ ୯ ॥
ପ୍ରହର୍ଷୟେଦ୍ ବଲଂ ବ୍ୟୂହ୍ୟ ତାଁଶ୍ଚ ସମ୍ୟକ୍ ପରୀକ୍ଷୟେତ୍ ।
ଚେଷ୍ଟାଶ୍ଚୈବ ବିଜାନୀୟାଦରୀନ୍ ଯୋଧୟତାମପି ॥ ୧୦ ॥
ଉପରୁଧ୍ୟାରିମାସୀତ ରାଷ୍ଟ୍ରଂ ଚାସ୍ୟୋପପୀଡ଼ୟେତ୍ ।
ଦୂଷୟେଚ୍ଚାସ୍ୟ ସତତଂ ଯବସାନ୍ନୋଦକେନ୍ଧନମ୍ ॥ ୧୧ ॥
ଭିନ୍ଦ୍ୟାଚ୍ଚୈବ ତଡ଼ାଗାନି ପ୍ରାକାରପରିଖାସ୍ତଥା ।
ସମବସ୍କନ୍ଦୟେଚ୍ଚୈନଂ ରାତ୍ରୌ ବିତ୍ରାସୟେତ୍ତଥା ॥ ୧୨ ॥
ପ୍ରମାଣାନି ଚ କୁର୍ବୀତ ତେଷାଂ ଧର୍ମ୍ୟାନ୍ୟଥୋଦିତାନ୍ ।
ରତ୍ନୈଶ୍ଚ ପୂଜୟେଦେନଂ ପ୍ରଧାନପୁରୁଷୈଃ ସହ ॥ ୧୩ ॥
ଆଦାନମପ୍ରିୟକରଂ ଦାନଞ୍ଚ ପ୍ରିୟକାରକମ୍ ।
ଅଭୀପ୍ସିତାନାମର୍ଥାନାଂ କାଲେ ଯୁକ୍ତଂ ପ୍ରଶସ୍ୟତେ ॥ ୧୪ ॥

(ମନୁ. ୧୮୪-୧୯୨, ୧୯୪-୧୯୬, ୨୦୩, ୨୦୪)

ରାଜା ଶତ୍ରୁ ବିରୁଦ୍ଧରେ ଯୁଦ୍ଧଯାତ୍ରା କରିବା ପୂର୍ବରୁ ନିଜ ରାଜ୍ୟର ସୁରକ୍ଷାର ଉପଯୁକ୍ତ ବ୍ୟବସ୍ଥା ଏବଂ ଯାତ୍ରାର ସମସ୍ତ ଆୟୋଜନ ଯଥାଯଥ ରୂପେ କରି, ସେନା, ଯାନ, ବାହନ, ଅସ୍ତ୍ର-ଶସ୍ତ୍ରାଦି ପୂର୍ଣ୍ଣମାତ୍ରାରେ ନେଇ, ଗୋପନରେ ଶତ୍ରୁର ସମାଚାର ଜାଣିବା ପାଇଁ ସର୍ବତ୍ର ସେପରି ଦୂତ ଅର୍ଥାତ୍ ଗୁପ୍ତଚର ନିଯୁକ୍ତ କରି ଯୁଦ୍ଧ ପାଇଁ ଯାତ୍ରା କରିବେ ॥ ୧ ॥

ଜଳପଥ (ନଦୀ-ସମୁଦ୍ର ଆଦି), ସ୍ଥଳପଥ ଓ ଆକାଶପଥ - ଏ ତିନି ମାର୍ଗକୁ ଶୋଧନ ଅର୍ଥାତ୍ ବିଘ୍ନରହିତ କରି; ସ୍ଥଳପଥରେ ରଥ, ଅଶ୍ୱ, ହାତୀ; ଜଳପଥରେ ନୌକା ଓ ଆକାଶପଥରେ ବିମାନାଦି ଯାନ ଦ୍ୱାରା ଯିବେ । ପଦାତିକ, ରଥ, ହାତୀ, ଘୋଡ଼ା, ଅସ୍ତ୍ର-ଶସ୍ତ୍ର ଓ ଖାଦ୍ୟ-ପାନୀୟ ଆଦି ସାମଗ୍ରୀ ଯଥେଷ୍ଟ ପରିମାଣରେ ସାଥିରେ ନେଇ ସଂପୂର୍ଣ୍ଣ ବଳଶାଳୀ ହୋଇ ସାମରିକ ବ୍ୟୂହ ରଚନା କରି ଶତ୍ରୁ ନଗର ଆଡ଼କୁ ଧୀରେ-ଧୀରେ ଅଗ୍ରସର ହେବେ ॥ ୨ ॥

ଯେଉଁ ବ୍ୟକ୍ତି ଭିତରେ-ଭିତରେ ଶତ୍ରୁ ସହ ମିଶିଥିବ ଓ ଉପରେ ଏଣେ ଆମ ସହ ବି ମିତ୍ର ଭଳି ଆଚରଣ କରୁଥିବ, ଗୋପନରେ ଶତ୍ରୁକୁ ଆମର ଭେଦ ଦେଉଥିବ, ତା'ର ଗତିବିଧି ପ୍ରତି ସତର୍କ ଦୃଷ୍ଟି ରଖିବେ ଓ ତା' ସହ କଥାବାର୍ତ୍ତା କରିବାରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବେ । କାରଣ **'ଭିତରେ ଶତ୍ରୁ ଓ ଉପରେ ମିତ୍ର'** ଥିବା ବ୍ୟକ୍ତି ଅତ୍ୟନ୍ତ ହାନିକାରକ ଶତ୍ରୁ ବୋଲି ଜାଣିବା ଉଚିତ ॥ ୩ ॥

ରାଜା ନିଜେ ଯୁଦ୍ଧବିଦ୍ୟା ଭଲ ଭାବେ ଜାଣିଥିବେ, ସମସ୍ତ ରାଜକର୍ମଚାରୀଙ୍କୁ ଯୁଦ୍ଧବିଦ୍ୟା ଶିଖାଇବେ ଓ ଅନ୍ୟ ପ୍ରଜାମାନଙ୍କୁ ମଧ୍ୟ ଶିଖାଇବେ । ପୂର୍ବରୁ ପ୍ରଶିକ୍ଷିତ ଯୋଦ୍ଧାମାନେ ହିଁ ଉତ୍ତମ ରୂପେ ଯୁଦ୍ଧ କରିବା-କରାଇବା ଜାଣିଥାନ୍ତି । ପ୍ରଶିକ୍ଷଣ ସମୟରେ ଏସବୁ ବ୍ୟୂହ ରଚନାପୂର୍ବକ ସୈନ୍ୟ ସଞ୍ଚାଳନ କରିବା ଶିଖିଥିବେ - **(ଦଣ୍ଡବ୍ୟୂହ)**

ଦଣ୍ଡ ଭଳି ପଂକ୍ତିବଦ୍ଧ କରି ସୈନ୍ୟ ଚାଳନା କରିବା, **(ଶକଟବ୍ୟୂହ)** ଶଗଡ଼ ଗାଡ଼ି ଭଳି ଆକାରରେ ସୈନ୍ୟମାନଙ୍କୁ ସଜାଇ ସଞ୍ଚାଳନ, **(ବରାହବ୍ୟୂହ)** ବାରହାମାନେ ଯେପରି ଗୋଟିଏ ପଛରେ ଆଉ ଗୋଟିଏ ଦୌଡ଼ିଚାଲନ୍ତି ଏବଂ ଆବଶ୍ୟକ ହେଲେ ସମସ୍ତେ ମିଶି ଦଳବଦ୍ଧ ହୋଇଯାନ୍ତି ସେହିପରି ସୈନ୍ୟସଜ୍ଜା, **(ମକରବ୍ୟୂହ)** କୁମ୍ଭୀର ପାଣିରେ ବିଚରଣ କଲା ଭଳି ସୈନ୍ୟ ସଜାଇବା, **(ସୂଚୀବ୍ୟୂହ)** ଛୁଞ୍ଚିର ଅଗ୍ରଭାଗ ସରୁ ଓ ପୃଷ୍ଠ ଭାଗ ମୋଟା ଥିବା ଭଳି ଶୈଳୀରେ ସୈନ୍ୟସଜ୍ଜା, **(ଗରୁଡ଼ବ୍ୟୂହ)** ଗରୁଡ଼ ପକ୍ଷୀ ଯେପରି ଉପରକୁ-ତଳକୁ ଝାମ୍ପ ଦିଏ ସେହିପରି ଢଙ୍ଗରେ ସେନା ସଜାଇବା, ଯୁଦ୍ଧକ୍ଷେତ୍ରରେ ଆବଶ୍ୟକତାନୁରୂପ ଏଭଳି ବ୍ୟୂହ ରଚନା କରି ଯୁଦ୍ଧ କରିବେ ॥ ୪ ॥

ଯେଉଁ ଦିଗରୁ ଭୟର ଆଶଙ୍କା ଥିବ ସେହି ପଟକୁ ସେନା ବିସ୍ତାର କରିବେ । ସମସ୍ତ ସେନାପତିଙ୍କୁ ଚତୁର୍ଦ୍ଦିଗରେ ରଖି **ପଦ୍ମବ୍ୟୂହ** ଅର୍ଥାତ୍ ସୈନ୍ୟମାନଙ୍କୁ ପଦ୍ମ ପାଖୁଡ଼ା ପରି ଚାରିପଟରେ ସଜାଇ ରାଜା ନିଜେ ତା'ର ମଧ୍ୟ ଭାଗରେ ରହିବେ ॥ ୫ ॥

ସେନାପତି ଓ ବଳାଧ୍ୟକ୍ଷ ଅର୍ଥାତ୍ ସେନାଙ୍କୁ ଆଦେଶଦାତା ଓ ସେନା ସହ ଯୁଦ୍ଧ କରିବା-କରାଇବା ବୀରଙ୍କୁ ଆଠ ଦିଗରେ ସଜାଇ ରଖିବେ । ଯେଉଁ ଦିଗରୁ ଶତ୍ରୁ ସହ ଯୁଦ୍ଧ ଚାଲିଥିବ ସେହି ଆଡ଼କୁ ସକଳ ସେନାର ମୁହଁ କରାଇବେ । କିନ୍ତୁ ଅନ୍ୟ ଦିଗ ପ୍ରତି ମଧ୍ୟ ମଜବୁତ୍ ବ୍ୟବସ୍ଥା କରିବେ । ନଚେତ୍ ପୃଷ୍ଠ ବା ପାର୍ଶ୍ୱ ଭାଗରୁ ବି ଶତ୍ରୁର ଆକ୍ରମଣ ହେବା ସମ୍ଭବ ॥ ୬ ॥

ଯେଉଁମାନେ ଗୁଳ୍ମ ଅର୍ଥାତ୍ ଦୃଢ଼ ସ୍ତମ୍ଭ ସଦୃଶ, ଯୁଦ୍ଧବିଦ୍ୟାରେ ପାରଙ୍ଗମ, ଧାର୍ମିକ, ସ୍ଥିତ ହେବା ଓ ଯୁଦ୍ଧ କରିବାରେ ଚତୁର, ନିର୍ଭୀକ ଓ ନିର୍ବିକାର, ସେମାନଙ୍କୁ ସେନାର ଚାରିଦିଗରେ ରଖିବେ ॥ ୭ ॥

ଅଳ୍ପସଂଖ୍ୟକ ସୈନ୍ୟ ନେଇ ବହୁସଂଖ୍ୟକ ଶତ୍ରୁଙ୍କ ସହ ଯୁଦ୍ଧ କରିବାକୁ ପଡ଼ିଲେ ସୈନ୍ୟମାନଙ୍କୁ ଏକାଠି କରି ଯୁଦ୍ଧ କରିବେ । ଆବଶ୍ୟକ ହେଲେ ସେମାନଙ୍କୁ ତୁରନ୍ତ ବିସ୍ତାର କରିଦେବେ । ଯଦି ନଗର, ଦୁର୍ଗ ବା ଶତ୍ରୁ ସେନା ଭିତରେ ପ୍ରବେଶ କରି ଯୁଦ୍ଧ କରିବାକୁ ପଡ଼େ ତେବେ **'ସୂଚୀବ୍ୟୂହ'** ଅଥବା **'ବଜ୍ରବ୍ୟୂହ'** ରଚନା କରି ଯୁଦ୍ଧ କରିବେ ଅର୍ଥାତ୍ ଯେପରି ଉଭୟ ପଟେ ଧାର ଥିବା ଖଣ୍ଡା ଦୁଇ ପଟକୁ କାଟି ପକାଏ, ସେହିପରି ଯୁଦ୍ଧ ବି କରିଚାଲିବେ ଓ ତା' ସାଙ୍ଗକୁ ପ୍ରବେଶ ବି କରି-କରି ଚାଲିବେ । ଏପରି ଅନେକ ପ୍ରକାର ବ୍ୟୂହ ଅର୍ଥାତ୍ ସୈନ୍ୟସଜ୍ଜା କରି ଯୁଦ୍ଧ କରିବେ । ଯଦି ସମ୍ମୁଖରୁ (ଶତଘ୍ନୀ) ତୋପ ବା (ଭୁଶୁଣ୍ଡୀ) ବନ୍ଧୁକରୁ ଗୁଳି ଚାଳନା କରାଯାଉଥାଏ ତେବେ **'ସର୍ପବ୍ୟୂହ'** ଦ୍ୱାରା ଅର୍ଥାତ୍ ସାପ ଭଳି ଭୂଇଁରେ ଘୁଷୁରି-ଘୁଷୁରି ଚାଲିବେ । ଏପରି ଭାବେ ତୋପ ବା ବନ୍ଧୁକଧାରୀ ପାଖରେ ପହଞ୍ଚିଗଲେ ସେ ଶତ୍ରୁକୁ ମାରି କିମ୍ବା ପରାସ୍ତ କରି ତୋପ ମୁହଁ ଶତ୍ରୁଙ୍କ ଆଡ଼କୁ ବୁଲାଇ ସେହି ତୋପ ଓ ବନ୍ଧୁକ ଦ୍ୱାରା ସେମାନଙ୍କୁ ମାରିବେ । ଅଥବା ଅତ୍ୟାବଶ୍ୟକ ସ୍ଥିତିରେ ବୃଦ୍ଧ ଲୋକଙ୍କୁ ଘୋଡ଼ା ଉପରେ ବସାଇ ଶତ୍ରୁର ତୋପ ଆଗରେ ଦୌଡ଼ାଇବେ ଏବଂ ତାଙ୍କ ଆଢୁଆଳରେ କୌଶଳପୂର୍ବକ ଉତ୍ତମ ଅଶ୍ୱାରୋହୀ ଯୋଦ୍ଧା ରଖିବେ । ଏପରି ଭାବେ ଅତର୍କିତ ଆକ୍ରମଣ କରି ଶତ୍ରୁସେନାକୁ ଛିନ୍ନ-ଭିନ୍ନ କରି ମାରିବେ, ଧରିନେବେ କିମ୍ବା ଘଉଡ଼ାଇ ଦେବେ ॥ ୮ ॥

ସମତଳ ଭୂମିରେ ଯୁଦ୍ଧ କରିବାକୁ ହେଲେ ରଥ, ଅଶ୍ୱ ଓ ପଦାତିକଙ୍କ ଦ୍ୱାରା; ସମୁଦ୍ରରେ ଯୁଦ୍ଧ କରିବାକୁ ହେଲେ ନୌକା ଦ୍ୱାରା; ଅଳ୍ପଜଳରେ ହାତୀ ଦ୍ୱାରା; ବୃକ୍ଷ ଓ କଣ୍ଟାବୁଦା ଆବୃତ ସ୍ଥଳରେ ଧନୁ-ଶର ଦ୍ୱାରା ତଥା ବାଲୁକାମୟ ସ୍ଥଳରେ ଢାଲ ଓ ତରବାରୀ ଦ୍ୱାରା ଯୁଦ୍ଧ କରିବେ-କରାଇବେ ॥ ୯ ॥

ଯୁଦ୍ଧ ଚାଲିଥିବା ସମୟରେ ଯୁଦ୍ଧ କରୁଥିବା ଯୋଦ୍ଧାଙ୍କୁ ଉତ୍ସାହିତ ଓ ପ୍ରସନ୍ନ କରିବେ । ଯୁଦ୍ଧ ବନ୍ଦ ହୋଇଯିବା ପରେ ଯାହାଦ୍ୱାରା ଶୌର୍ଯ୍ୟ ଓ ଯୁଦ୍ଧରେ ଉତ୍ସାହ ବୃଦ୍ଧି ପାଏ ସେପରି ବଚନ ଦ୍ୱାରା ସମସ୍ତଙ୍କ ଚିତ୍ତକୁ ଆନନ୍ଦିତ କରିବେ । ନିଜଠୁ ବି ଅଧିକ ଲଢ଼ିଥିବା ବ୍ୟକ୍ତିଙ୍କୁ ଖାଦ୍ୟପେୟ, ଅସ୍ତ୍ରଶସ୍ତ୍ର, ସହାୟତା ଓ ଔଷଧ ପ୍ରଭୃତି ପ୍ରଦାନ କରି ସନ୍ତୁଷ୍ଟ କରିବେ । ବ୍ୟୂହ ରଚନା ନ କରି ଯୁଦ୍ଧ କରିବେ ନାହିଁ କି କରାଇବେ ନାହିଁ । ଯୁଦ୍ଧ କରୁଥିବା ନିଜ ସେନାର କାର୍ଯ୍ୟକୁ ସତର୍କତାର ସହ ନିରୀକ୍ଷଣ କରିବେ ଯେ ସେମାନେ ଆନ୍ତରିକତାର ସହ ପୂର୍ଣ୍ଣ ସାମର୍ଥ୍ୟରେ ଲଢୁଛନ୍ତି ନା ଛଳନାପୂର୍ଣ୍ଣ ଯୁଦ୍ଧ କରୁଛନ୍ତି ॥ ୧୦ ॥

କୌଣସି ସ୍ଥିତିରେ ଆବଶ୍ୟକ ମନେକଲେ ଶତ୍ରୁକୁ ଚତୁର୍ଦ୍ଦିଗରୁ ଘେରାଉ କରି ରଖାଯାଇପାରେ ଏବଂ ତାଙ୍କ ରାଜ୍ୟକୁ ଉତ୍ପୀଡ଼ନ କରି ଶତ୍ରୁର ଘରା, ଅନ୍ନ, ଜଳ ଓ ଇନ୍ଧନ ପ୍ରଭୃତିକୁ ଦୂଷିତ, ନଷ୍ଟ କରାଯାଇପାରେ ॥ ୧୧ ॥

ଶତ୍ରୁର ଜଳାଶୟ, ନଗରର ପ୍ରାଚୀର ଓ ପରିଖା ଆଦିକୁ ନଷ୍ଟ-ଭ୍ରଷ୍ଟ କରିଦେବେ । ରାତ୍ରିରେ ବିବିଧ ଉପାୟରେ ଶତ୍ରୁ ମନରେ ଭୟ ସଞ୍ଚାର କରି ଜିତିବାର ଉପାୟ କରିବେ ॥ ୧୨ ॥

ବିଜୟଲାଭ ପରେ ପରାଜିତ ଶତ୍ରୁଠାରୁ ପ୍ରତିଜ୍ଞା-ପତ୍ର ଲେଖାଇ ନେବେ । ଆଉ ଯଦି ଉଚିତ ମନେକରନ୍ତି ତେବେ ତାଙ୍କ ବଂଶର କୌଣସି ଧାର୍ମିକ ବ୍ୟକ୍ତିଙ୍କୁ ରାଜା ରୂପେ ନିଯୁକ୍ତ କରିବେ ଏବଂ ତାଙ୍କଠାରୁ ସର୍ତ୍ତପତ୍ର ଲେଖାଇ ନେବେ ଯେ 'ସେ ସର୍ବଦା ଆଜ୍ଞାନୁବର୍ତ୍ତୀ ହୋଇ ଅର୍ଥାତ୍ ଧର୍ମାନୁକୂଳ ରାଜନୀତି ଅନୁସାରେ କାର୍ଯ୍ୟ କରି ନ୍ୟାୟପୂର୍ବକ ପ୍ରଜାପାଳନ କରିବେ ।' ତାଙ୍କୁ ଏଭଳି ଉପଦେଶ ଦେବେ ଓ ଏପରି ବ୍ୟକ୍ତି ତାଙ୍କ ନିକଟରେ ରଖିବେ ଯେପରିକି ଭବିଷ୍ୟତରେ ତାଙ୍କ ତରଫରୁ ଆଉ କୌଣସି ଉପଦ୍ରବ ହେବ ନାହିଁ । ପ୍ରଧାନ ରାଜକର୍ମଚାରୀଙ୍କ ସହ ମିଶି ପରାଜିତ ରାଜାଙ୍କୁ ରତ୍ନାଦି ଦାନ କରି ସତ୍କାର କରିବେ । ତାଙ୍କର ଜୀବିକା ନିର୍ବାହ ନ ହେଲା ଭଳି ବ୍ୟବସ୍ଥା କରିବେ ନାହିଁ । ଯଦି ସେ ରାଜାଙ୍କୁ ବନ୍ଦୀ ବି କରନ୍ତି ତେବେ ମଧ୍ୟ ତାଙ୍କର ଯଥାଯୋଗ୍ୟ ସତ୍କାର କରିବେ, ଯେପରିକି ସେ ପରାଜୟର ଗ୍ଲାନିରୁ ରହିତ ହୋଇ ଆନନ୍ଦରେ ରହିପାରିବେ ॥ ୧୩ ॥

କାରଣ ସଂସାରରେ ଅନ୍ୟର ସମ୍ପତ୍ତି ନେବା ଅପ୍ରୀତିକର ଓ ଅନ୍ୟକୁ ଦେବା ପ୍ରୀତିର କାରଣ ହୋଇଥାଏ । ବିଶେଷତଃ ଆବଶ୍ୟକ ସମୟରେ ଉଚିତ କାର୍ଯ୍ୟ କରିବା ଓ ସେହି ପରାଜିତ ବ୍ୟକ୍ତିଙ୍କୁ ଅଭିଳଷିତ ପଦାର୍ଥ ଦେବା ଅତି ଉତ୍ତମ କାର୍ଯ୍ୟ । ତା' ଛଡ଼ା ତାଙ୍କୁ କଦାପି ଚିଡ଼ାଇବେ ନାହିଁ କି ଥଟ୍ଟା-ପରିହାସ କରିବେ ନାହିଁ । 'ମୁଁ ତୁମକୁ ପରାଜିତ କରିଛି' - ଏପରି ତାଙ୍କୁ ସାମ୍ନାରେ କହିବେ ନାହିଁ । ବରଂ ଆପଣ ଆମର ଭାଇ ଇତ୍ୟାଦି କହି ମାନ-ସମ୍ମାନ ସହ ରଖିବେ ॥ ୧୪ ॥

ହିରଣ୍ୟଭୂମିସମ୍ପ୍ରାପ୍ତ୍ୟା ପାର୍ଥିବୋ ନ ତଥୈଧତେ ।
ଯଥା ମିତ୍ରଂ ଧ୍ରୁବଂ ଲବ୍ଧ୍ୱା କୃଶମପ୍ୟାୟତିକ୍ଷମମ୍ ॥ ୧ ॥
ଧର୍ମଜ୍ଞଂ ଚ କୃତଜ୍ଞଂ ଚ ତୁଷ୍ଟପ୍ରକୃତିମେବ ଚ ।
ଅନୁରକ୍ତଂ ସ୍ଥିରାରମ୍ଭଂ ଲଘୁମିତ୍ରଂ ପ୍ରଶସ୍ୟତେ ॥ ୨ ॥
ପ୍ରାଜ୍ଞଂ କୁଲୀନଂ ଶୂରଂ ଚ ଦକ୍ଷଂ ଦାତାରମେବ ଚ ।
କୃତଜ୍ଞଂ ଧୃତିମନ୍ତଞ୍ଚ କଷ୍ଟମାହୁରରିଂ ବୁଧାଃ ॥ ୩ ॥

ଆର୍ଯ୍ୟତା ପୁରୁଷଜ୍ଞାନଂ ଶୌର୍ଯ୍ୟଂ କରୁଣବେଦିତା ।

ସ୍ଥୌଲଲକ୍ଷ୍ୟଂ ଚ ସତତମୁଦାସୀନଗୁଣୋଦୟଃ ॥ ୪ ॥ (ମନୁ. ୭:୨୦୮-୨୧୧)

ମିତ୍ରର ଲକ୍ଷଣ — ଅଟଳ ପ୍ରେମୀ, ଦୂରଦର୍ଶୀ ଓ କାର୍ଯ୍ୟସାଧନକ୍ଷମ ସମର୍ଥ ମିତ୍ର ଅଥବା ଦୁର୍ବଳ ମିତ୍ରକୁ ବି ପ୍ରାପ୍ତ କରି ରାଜା ଯେପରି ସମୃଦ୍ଧ ହୁଅନ୍ତି, ସୁବର୍ଣ୍ଣ ଓ ଭୂମି ଲାଭ କରି ସୁଦ୍ଧା ସେପରି ସମୃଦ୍ଧ ହୁଅନ୍ତି ନାହିଁ ॥ ୧ ॥

ଧର୍ମଜ୍ଞ, କୃତଜ୍ଞ, ପ୍ରସନ୍ନ-ସ୍ୱଭାବ, ଅନୁରାଗୀ, ଅଧ୍ୟବସାୟୀ କ୍ଷୁଦ୍ର ମିତ୍ର ପାଇଲେ ମଧ୍ୟ ରାଜା ପ୍ରଶଂସିତ ହୋଇଥାନ୍ତି ॥ ୨ ॥

ଏକଥା ମନରେ ସର୍ବଦା ଦୃଢ଼ ରୂପେ ରଖିବେ ଯେ ବୁଦ୍ଧିମାନ୍, କୁଳୀନ, ଶୂରବୀର, ଚତୁର, ଦାତା, କୃତଜ୍ଞ, ଧୈର୍ଯ୍ୟଶାଳୀ ବ୍ୟକ୍ତିକୁ କେବେ ବି ଶତ୍ରୁ କରିବା ଉଚିତ ନୁହେଁ । କାରଣ ଯିଏ ଏପରି ଲୋକଙ୍କ ସହ ଶତ୍ରୁତା କରନ୍ତି ସେ ଦୁଃଖ ପାଇବେ ହିଁ ପାଇବେ ॥ ୩ ॥

ଉଦାସୀନର ଲକ୍ଷଣ — ଯାହାଠାରେ ପ୍ରଶଂସିତ ଗୁଣ, ଭଲ-ମନ୍ଦ ବ୍ୟକ୍ତି ବିଷୟକ ଜ୍ଞାନ, ଶୂରବୀରତା ଓ କରୁଣା ଥାଏ; ଯିଏ ସ୍ଥୁଳଲକ୍ଷ୍ୟ ଅର୍ଥାତ୍ ଉପର-ଉପର କଥା ସର୍ବଦା କହନ୍ତି ତାଙ୍କୁ **'ଉଦାସୀନ'** କୁହାଯାଏ ॥ ୪ ॥

ଏବଂ ସର୍ବମିଦଂ ରାଜା ସହ ସଂମନ୍ତ୍ର୍ୟ ମନ୍ତ୍ରିଭିଃ ।

ବ୍ୟାୟାମ୍ୟାପ୍ଳୁତ୍ୟ ମଧ୍ୟାହ୍ନେ ଭୋକ୍ତୁମନ୍ତଃପୁରଂ ବିଶେତ୍ ॥ ୧ ॥ (ମନୁ. ୭:୨୧୬)

ରାଜା ପୂର୍ବୋକ୍ତ ପ୍ରକାରେ ପ୍ରତ୍ୟହ ପ୍ରାତଃକାଳରେ ଶଯ୍ୟାତ୍ୟାଗ କରି ଶୌଚାଦି କ୍ରିୟା ସମାପନ ପୂର୍ବକ ବ୍ୟାୟାମଶାଳାକୁ ଯାଇ ବ୍ୟାୟାମ କରିବେ ଓ ତା' ପରେ ସ୍ନାନାଦି କରିବେ । ତଦନନ୍ତର ସନ୍ଧ୍ୟୋପାସନା କରି, ଅଗ୍ନିହୋତ୍ର କରି ବା କରାଇ, ସମସ୍ତ ମନ୍ତ୍ରୀଙ୍କ ସହ ବିଚାର ବିମର୍ଶ କରି, ସଭାକୁ ଯାଇ, ତତ୍ପଶ୍ଚାତ୍ ମଧ୍ୟାହ୍ନ-ଭୋଜନ ନିମନ୍ତେ ଅନ୍ତଃପୁରରେ ପ୍ରବେଶ କରିବେ । ଭୋଜନୋପରାନ୍ତ ବିଶ୍ରାମ କରି ଯଥା ସମୟରେ ସେନା ବିଭାଗକୁ ଯାଇ ସକଳ ଭୃତ୍ୟ ତଥା ସେନାଧ୍ୟକ୍ଷଙ୍କ ସହ ମିଶି ସେ ସମସ୍ତଙ୍କୁ ଆନନ୍ଦିତ କରି; ନାନାପ୍ରକାର ବ୍ୟୂହଶିକ୍ଷା ଅର୍ଥାତ୍ ସୈନ୍ୟଚାଳନା କରି-କରାଇ; ଅଶ୍ୱଶାଳା, ହସ୍ତୀଶାଳା, ଗୋଶାଳା, ଅସ୍ତ୍ର-ଶସ୍ତ୍ରାଗାର ଓ କୋଷାଗାର ଆଦି ସବୁର ପରିଦର୍ଶନ କରି ସେ ସବୁରେ ଥିବା ଦୋଷ-ତ୍ରୁଟି ସଂଶୋଧନ କରି; ବ୍ୟାୟାମଶାଳାକୁ ଯାଇ ବ୍ୟାୟାମ କରି ରାତ୍ରି ଭୋଜନ ନିମିତ୍ତ ଅନ୍ତଃପୁରକୁ ପ୍ରବେଶ କରିବେ । ସୁପରୀକ୍ଷିତ, ବୁଦ୍ଧି-ବଳ-ପରାକ୍ରମବର୍ଦ୍ଧକ, ରୋଗବିନାଶକ, ଅନେକ ପ୍ରକାର ଅନ୍ନ-ବ୍ୟଞ୍ଜନ-ପାନୀୟ ଆଦି ସୁଗନ୍ଧିତ ମିଷ୍ଟାଦି ରସଯୁକ୍ତ ଉତ୍ତମ ପଦାର୍ଥ ଭୋଜନ କରିବେ ଯଦ୍ଦ୍ୱାରା ସଦା ସୁଖୀ ରହିବେ । ଏଭଳି ଭାବରେ ରାଜକାର୍ଯ୍ୟରେ ଉନ୍ନତି ସାଧନ କରିବେ ।

ପ୍ରଜାଙ୍କଠାରୁ କର ନେବାର ନିୟମ

ପଞ୍ଚାଶଦ୍ଭାଗ ଆଦେୟୋ ରାଜ୍ଞା ପଶୁହିରଣ୍ୟୟୋଃ ।

ଧାନ୍ୟାନାମଷ୍ଟମୋ ଭାଗଃ ଷଷ୍ଠୋ ଦ୍ୱାଦଶ ଏବ ବା ॥ (ମନୁ. ୭:୧୩୦)

ରାଜା ସୁନା-ରୁପାର ବ୍ୟବସାୟୀ ବା ଶିଳ୍ପୀଙ୍କ ଠାରୁ ଲାଭର ୫୦ ଭାଗ ଏବଂ ଧାନ-ଚାଉଳ ଆଦି କୃଷିଜାତ ପଦାର୍ଥର ଲାଭରୁ ୬, ୮ ବା ଅଧିକତଃ ୧୨ଭାଗ କର ରୂପେ ନେବେ । ଯଦି ଶସ୍ୟ ଆକାରରେ ନ ନେଇ ଅର୍ଥ ଆକାରରେ ନିଅନ୍ତି ତେବେ ବି ଏଭଳି ନେବେ ଯେପରିକି କୃଷକ ଆଦି ଖାଦ୍ୟ, ପେୟ ଓ ଧନରୁ ରହିତ ହୋଇ ଦୁଃଖ ଭୋଗ ନ କରନ୍ତି । କାରଣ ପ୍ରଜାମାନେ ଧନାଢ୍ୟ, ନୀରୋଗ, ଅନ୍ନ-ବସ୍ତ୍ରରେ ସମ୍ପନ୍ନ ହୋଇ

ରହିଲେ ରାଜାଙ୍କର ଶ୍ରୀବୃଦ୍ଧି ହୁଏ । **ରାଜା ପ୍ରଜାମାନଙ୍କୁ ସ୍ୱ ସନ୍ତାନ ସଦୃଶ ପାଳନ କରିବେ ଏବଂ ପ୍ରଜାମାନେ ରାଜା ଓ ରାଜପୁରୁଷଙ୍କୁ ନିଜର ପିତୃତୁଲ୍ୟ ମନେକରିବେ । ଏକଥା ସତ୍ୟ ଯେ ରାଜାଙ୍କର ବି ରାଜା କୃଷକ ଆଦି ପରିଶ୍ରମକାରୀ ରାଷ୍ଟ୍ରର ଅଭିବର୍ଦ୍ଧକ ଓ ରାଜା ସେମାନଙ୍କ ରକ୍ଷକ । ଯଦି ପ୍ରଜା ନାହାନ୍ତି ତେବେ ସେ କାହାର ରାଜା ? ଆଉ ଯଦି ରାଜା ନାହାନ୍ତି ତ ସେମାନେ କାହାର ପ୍ରଜା ଭାବେ ପରିଚୟ ଦେବେ ? ରାଜା-ପ୍ରଜା ଉଭୟେ ନିଜ-ନିଜ କାର୍ଯ୍ୟରେ ସ୍ୱାଧୀନ, କିନ୍ତୁ ସମ୍ମିଳିତ କାର୍ଯ୍ୟରେ ଉଭୟେ ପ୍ରୀତିପୂର୍ବକ ପରାଧୀନ ରହିବେ । ପ୍ରଜାଙ୍କ ସର୍ବସମ୍ମତି ବିରୁଦ୍ଧରେ ରାଜା କି ରାଜକର୍ମଚାରୀ ଯିବେ ନାହିଁ । ରାଜାଙ୍କ ଆଦେଶ ବିରୁଦ୍ଧରେ ରାଜକର୍ମଚାରୀ କି ପ୍ରଜାମାନେ କାମ କରିବେ ନାହିଁ । ଏହା ରାଜାଙ୍କ ସ୍ୱ ରାଜକୀୟ କାର୍ଯ୍ୟ, ଯାହାକୁ କି 'ପଲ୍‌ଟିକାଲ୍' କୁହାଯାଏ ।** ଏହା ସଂକ୍ଷେପରେ କୁହାଗଲା ।

ଯେଉଁମାନେ ଏ ବିଷୟରେ ବିଶେଷ ରୂପେ ଜାଣିବାକୁ ଚାହାନ୍ତି ସେମାନେ **ଚାରିବେଦ, ମନୁସ୍ମୃତି, ଶୁକ୍ରନୀତି, ମହାଭାରତ** ଇତ୍ୟାଦି ଶାସ୍ତ୍ର ଅଧ୍ୟୟନ କରିବା ଆବଶ୍ୟକ । ପ୍ରଜାଙ୍କୁ ନ୍ୟାୟ-ବିଚାର ମନୁସ୍ମୃତିର ଅଷ୍ଟମ ଓ ନବମ ଅଧ୍ୟାୟ ଆଦିରେ ବର୍ଣ୍ଣିତ ରୀତି ଅନୁସାରେ କରିବା ଉଚିତ । ସେ ସଂପର୍କରେ ଏଠାରେ ସଂକ୍ଷେପରେ ଲେଖାଯାଉଛି —

ବିବାଦର ୧୮ ସ୍ଥଳ ଓ ତା'ର ନିର୍ଣ୍ଣୟ

ପ୍ରତ୍ୟହଂ ଦେଶଦୃଷ୍ଟୈଶ୍ଚ ଶାସ୍ତ୍ରଦୃଷ୍ଟୈଶ୍ଚ ହେତୁଭିଃ ।
ଅଷ୍ଟାଦଶସୁ ମାର୍ଗେଷୁ ନିବଦ୍ଧାନି ପୃଥକ୍ ପୃଥକ୍ ॥ ୧ ॥
ତେଷାମାଦ୍ୟମୃଣାଦାନଂ ନିକ୍ଷେପୋଽସ୍ୱାମିବିକ୍ରୟଃ ।
ସଂଭୂୟ ଚ ସମୁତ୍‌ଥାନଂ ଦତ୍ତସ୍ୟାନପକର୍ମ ଚ ॥ ୨ ॥
ବେତନସ୍ୟୈବ ଚାଦାନଂ ସଂବିଦଶ୍ଚ ବ୍ୟତିକ୍ରମଃ ।
କ୍ରୟବିକ୍ରୟାନୁଶୟୋ ବିବାଦଃ ସ୍ୱାମିପାଲୟୋଃ ॥ ୩ ॥
ସୀମାବିବାଦଧର୍ମଶ୍ଚ ପାରୁଷ୍ୟେ ଦଣ୍ଡବାଚିକେ ।
ସ୍ତେୟଂ ଚ ସାହସଂ ଚୈବ ସ୍ତ୍ରୀସଂଗ୍ରହଣମେବ ଚ ॥ ୪ ॥
ସ୍ତ୍ରୀପୁଂଧର୍ମୋ ବିଭାଗଶ୍ଚ ଦ୍ୟୂତମାହ୍ୱୟ ଏବ ଚ ।
ପଦାନ୍ୟଷ୍ଟାଦଶୈତାନି ବ୍ୟବହାରସ୍ଥିତାବିହ ॥ ୫ ॥
ଏଷୁ ସ୍ଥାନେଷୁ ଭୂୟିଷ୍ଠଂ ବିବାଦଂ ଚରତାଂ ନୃଣାମ୍ ।
ଧର୍ମଂ ଶାଶ୍ୱତମାଶ୍ରିତ୍ୟ କୁର୍ଯ୍ୟାତ୍ କାର୍ଯ୍ୟବିନିର୍ଣ୍ଣୟମ୍ ॥ ୬ ॥
ଧର୍ମୋ ବିଦ୍ଧସ୍ତ୍ୱଧର୍ମେଣ ସଭାଂ ୟତ୍ରୋପତିଷ୍ଠତେ ।
ଶଲ୍ୟଂ ଚାସ୍ୟ ନ କୃନ୍ତନ୍ତି ବିଦ୍ଧାସ୍ତତ୍ର ସଭାସଦଃ ॥ ୭ ॥
ସଭାଂ ବା ନ ପ୍ରବେଷ୍ଟବ୍ୟଂ ବକ୍ତବ୍ୟଂ ବା ସମଞ୍ଜସମ୍ ।
ଅବ୍ରୁବନ୍‌ବିବ୍ରୁବନ୍ ବାପି ନରୋ ଭବତି କିଲ୍ବିଷୀ ॥ ୮ ॥

ଯତ୍ର ଧର୍ମୋ ହ୍ୟଧର୍ମେଣ ସତ୍ୟଂ ଯତ୍ରାନୃତେନ ଚ ।
ହନ୍ୟତେ ପ୍ରେକ୍ଷମାଣାନାଂ ହତାସ୍ତତ୍ର ସଭାସଦଃ ॥ ୯ ॥
ଧର୍ମ ଏବ ହତୋ ହନ୍ତି ଧର୍ମୋ ରକ୍ଷତି ରକ୍ଷିତଃ ।
ତସ୍ମାଦ୍ଧର୍ମୋ ନ ହନ୍ତବ୍ୟୋ ମା ନୋ ଧର୍ମୋ ହତୋଽବଧୀତ୍ ॥ ୧୦ ॥
ବୃଷୋ ହି ଭଗବାନ୍ ଧର୍ମସ୍ତସ୍ୟ ଯଃ କୁରୁତେ ହ୍ୟଲମ୍ ।
ବୃଷଲଂ ତଂ ବିଦୁର୍ଦେବାସ୍ତସ୍ମାଦ୍ଧର୍ମଂ ନ ଲୋପୟେତ୍ ॥ ୧୧ ॥
ଏକ ଏବ ସୁହୃଦ୍ଧର୍ମୋ ନିଧନେଽପ୍ୟନୁୟାତି ଯଃ ।
ଶରୀରେଣ ସମଂ ନାଶଂ ସର୍ବମନ୍ୟଦ୍ଧି ଗଚ୍ଛତି ॥ ୧୨ ॥
ପାଦୋଽଧର୍ମସ୍ୟ କର୍ତ୍ତାରଂ ପାଦଃ ସାକ୍ଷିଣମୃଚ୍ଛତି ।
ପାଦଃ ସଭାସଦଃ ସର୍ବାନ୍ ପାଦୋ ରାଜାନମୃଚ୍ଛତି ॥ ୧୩ ॥
ରାଜା ଭବତ୍ୟନେନାସ୍ତୁ ମୁଚ୍ୟନ୍ତେ ତେ ସଭାସଦଃ ।
ଏନୋ ଗଚ୍ଛତି କର୍ତ୍ତାରଂ ନିନ୍ଦାର୍ହୋ ଯତ୍ର ନିନ୍ଦ୍ୟତେ ॥ ୧୪ ॥ (ମନୁ. ୮:୩-୮, ୧୨-୧୯)

ରାଜା, ରାଜସଭା ଓ ରାଜକର୍ମଚାରୀ ସମସ୍ତେ **ଦେଶାଚାର** ଓ **ଶାସ୍ତ୍ରବିଧାନ** ଅନୁସାରେ ନିମ୍ନଲିଖିତ ଅଠରଟି ବିବାଦାସ୍ପଦ ମାର୍ଗରେ ଅବସ୍ଥିତ ଅର୍ଥାତ୍ ବିବଦମାନ ସ୍ଥିତିରେ ଥିବା ବିବାଦମୂଳକ କର୍ମ(ମକଦ୍ଦମା)ର ନିର୍ଣ୍ଣୟ ପ୍ରତିଦିନ କରିବେ । ତା'ଛଡ଼ା ଯେଉଁ ସବୁ ବିବାଦ ସମ୍ପର୍କୀୟ ନିୟମ ଶାସ୍ତ୍ରରେ ଉପଲବ୍ଧ ନ ଥିବ ଅଥଚ ବିବାଦୀୟ ବିଷୟର ନିର୍ଣ୍ଣୟ ପାଇଁ ଆବଶ୍ୟକ ଥିବା ଜଣାଯିବ, ତେବେ ସେପରି ସ୍ଥଳେ ଉତ୍ତମୋତ୍ତମ ନିୟମ ପ୍ରଣୟନ କରିବେ ଯଦ୍ଦ୍ୱାରାକି ରାଜା ଓ ପ୍ରଜାଙ୍କର କଲ୍ୟାଣ ସାଧିତ ହେବ ॥ ୧ ॥

ସେହି ଅଠରଟି ବିବାଦୀୟ ମାର୍ଗ ହେଲା —

୧. (ଋଣାଦାନମ୍) ଋଣ ଦେବା-ନେବା ସମ୍ପର୍କୀୟ ବିବାଦ । **୨. (ନିକ୍ଷେପଃ)** ଅମାନତ ଅର୍ଥାତ୍ କେହି ଅନ୍ୟ କାହା ପାଖରେ କୌଣସି ଦ୍ରବ୍ୟ ଜମା ରଖିଥିଲେ ଫେରସ୍ତ ମାଗିଲେ ନ ଦେବା । **୩. (ଅସ୍ୱାମିବିକ୍ରୟଃ)** ଅନଧିକାର ବିକ୍ରୟ ଅର୍ଥାତ୍ ଜଣଙ୍କର ବସ୍ତୁ ଅନ୍ୟ ଜଣେ ବିକ୍ରି କରିଦେବା । **୪. (ସଂଭୂୟ ଚ ସମୁତ୍ଥାନମ୍)** ମିଳିମିଶି ସଂଗଠିତ ଭାବେ କାହା ଉପରେ ଅତ୍ୟାଚାର କରିବା । **୫. (ଦତ୍ତସ୍ୟାନପକର୍ମ ଚ)** ଦାନ ଦେଇଥିବା ଦ୍ରବ୍ୟକୁ ନ ଫେରାଇବା ॥ ୨ ॥

୬. (ବେତନସ୍ୟୈବ ଚାଦାନମ୍) ବେତନ ସମ୍ପର୍କୀୟ, ଯଥା - ଦରମାରୁ ନେଇଯିବା, ଅଳ୍ପ ବେତନ ଦେବା ବା ଦରମା ନ ଦେବା । **୭. (ସଂବିଦଶ୍ଚ ବ୍ୟତିକ୍ରମଃ)** ପ୍ରତିଜ୍ଞା ଭଙ୍ଗ କରିବା, ପ୍ରତିଶ୍ରୁତି ବିରୁଦ୍ଧ ଆଚରଣ କରିବା । **୮. (କ୍ରୟ-ବିକ୍ରୟାନୁଶୟଃ)** କ୍ରୟ-ବିକ୍ରୟ ସମ୍ବନ୍ଧୀୟ ବିବାଦ । **୯. (ବିବାଦଃ ସ୍ୱାମିପାଲୟୋଃ)** ପଶୁର ମାଲିକ ଓ ପଶୁପାଳକ ମଧ୍ୟରେ କଳହ ॥ ୩ ॥

୧୦. (ସୀମାବିବାଦ.) ସୀମା ସମ୍ବନ୍ଧୀୟ ବିବାଦ । **୧୧. (ପାରୁଷ୍ୟେ ଦଣ୍ଡବାଚିକେ)** କଠୋର ଦଣ୍ଡ ଦେବା, ମାରପିଟ କରିବା । **୧୨.** କଠୋର ଭାଷଣ, ଗାଳି-ଗୁଲଜ । **୧୩. (ସ୍ତେୟମ୍)** ଚୋରି-

ଡ଼କାୟତି । **୧୪. (ସାହସମ୍)** ଜୋର-ଜୁଲମ୍ କରି କୌଣସି କାର୍ଯ୍ୟ କରିବା । **୧୫. (ସ୍ତ୍ରୀସଂଗ୍ରହଣମ୍)** ସ୍ତ୍ରୀ ବା ପୁରୁଷଙ୍କ ବ୍ୟଭିଚାର ॥ ୪ ॥

୧୬. (ସ୍ତ୍ରୀପୁଂଧର୍ମଃ) ସ୍ତ୍ରୀ-ପୁରୁଷର ପାରସ୍ପରିକ ଧର୍ମ ବା କର୍ତ୍ତବ୍ୟ ବ୍ୟବହାରରେ ବ୍ୟତିକ୍ରମ ବିଷୟକ । **୧୭. (ବିଭାଗଃ)** ଦାୟଭାଗ ଅର୍ଥାତ୍ ପୈତୃକ ସମ୍ପତ୍ତିର ଭାଗବଣ୍ଟା ସମ୍ବନ୍ଧୀୟ । **୧୮. (ଦ୍ୟୂତମାହ୍ୱୟଃ)** ଜଡ଼ ପଦାର୍ଥ ବା ଜୀବନ୍ତ ପ୍ରାଣୀ ଆଦିକୁ ବାଜି ରଖି ଜୁଆ, ପଶା ଆଦି ଖେଳିବା । ଏହି ଅଠର ପ୍ରକାର ସ୍ଥଳରେ ପରସ୍ପର ମଧ୍ୟରେ ବିବାଦ ସୃଷ୍ଟି ହୋଇଥାଏ ॥ ୫ ॥

ଏସବୁ ମକଦ୍ଦମାରେ ବହୁଭାବରେ ସଂଶ୍ଳିଷ୍ଟ ରହୁଥିବା ପ୍ରଜାମାନଙ୍କର ବିବାଦର ମୀମାଂସା ସନାତନ ଧର୍ମ ଅର୍ଥାତ୍ ଶାଶ୍ୱତ ନୀତି-ନିୟମ ଅନୁସାରେ କରିବେ, ଅର୍ଥାତ୍ କେବେ ବି କାହାରି ପ୍ରତି ପକ୍ଷପାତ ନ କରି ସଦା ଧର୍ମପୂର୍ବକ ନ୍ୟାୟାନୁସାରେ କରିବେ ॥ ୬ ॥

ଯେଉଁ ସଭାରେ ଅଧର୍ମ ଦ୍ୱାରା ଆଘାତପ୍ରାପ୍ତ ହୋଇ ନ୍ୟାୟ ପାଇଁ ଧର୍ମ ଉପସ୍ଥିତ ହୁଏ, ଯଦି ତାହାର ଶଲ୍ୟକ୍ରିୟା ନ କରାଯାଏ ଅର୍ଥାତ୍ ଧର୍ମରେ ଲାଗିଥିବା ତୀରବତ୍ କଳଙ୍କ 'ଅଧର୍ମ'ର ଛେଦନ ନ କରାଯାଏ, ଅର୍ଥାତ୍ **ଧାର୍ମିକଙ୍କୁ ସମ୍ମାନ ଓ ଅଧର୍ମୀଙ୍କୁ ଦଣ୍ଡ ନ ମିଳେ, ସେହି ସଭାରେ ଥିବା ସମସ୍ତ ସଭାସଦ୍ ଘାଇଲା ସମାନ(ରୂପେ) ପରିଗଣିତ ହୁଅନ୍ତି** ॥ ୭ ॥

ଧାର୍ମିକ ବ୍ୟକ୍ତି ପକ୍ଷେ ଏହା କର୍ତ୍ତବ୍ୟ ଯେ ସେ ବରଂ ସଭାରେ କେବେ ପ୍ରବେଶ ହିଁ କରିବେ ନାହିଁ, ଆଉ ଯଦି ସଭାରେ ପ୍ରବେଶ କରିଛନ୍ତି ତେବେ ସତ୍ୟ ହିଁ କହିବେ । ସଭାରେ ଅନ୍ୟାୟ ହେଉଥିବା ଦେଖି ମଧ୍ୟ ଯିଏ ନୀରବ ରହେ କିମ୍ବା ସତ୍ୟ, ନ୍ୟାୟ ବିରୁଦ୍ଧରେ କହେ ସେ ବ୍ୟକ୍ତି ମହାପାପୀ ହୁଏ ॥ ୮ ॥

ଯେଉଁ ସଭାରେ ଉପବିଷ୍ଟ ସବୁ ସଭାସଦ୍‌ଙ୍କ ଆଖି ଆଗରେ ଅଧର୍ମ ଦ୍ୱାରା ଧର୍ମର, ଅସତ୍ୟ ଦ୍ୱାରା ସତ୍ୟର ମୃତ୍ୟୁ ହୁଏ; ବୁଝିବାକୁ ହେବ ଯେ ସେହି ସଭାର ସବୁ ସଭାସଦ୍ ମୃତତୁଲ୍ୟ ଅଟନ୍ତି, କେହି ଜଣେ ବି ଜୀବିତ ନାହାଁନ୍ତି ॥ ୯ ॥

ବିନଷ୍ଟ ହୋଇଥିବା ଧର୍ମ ଧର୍ମହନ୍ତାକୁ ନାଶ କରେ ଏବଂ ରକ୍ଷିତ ଧର୍ମ ରକ୍ଷକକୁ ରକ୍ଷା କରେ । ଏଣୁ କେବେ ବି ଧର୍ମର ହନନ ନ କରିବା ଉଚିତ, ଏହି ଭୟରେ ଯେ ନାଶ କରାଯାଇଥିବା ଧର୍ମ ଆମକୁ ହିଁ ନ ମାରିଦେଉ ॥ ୧୦ ॥

ସକଳ ଐଶ୍ୱର୍ଯ୍ୟର ଦାୟକ ଏବଂ ସୁଖର ବର୍ଦ୍ଧକ ଧର୍ମକୁ ଯିଏ ଲୋପ କରେ ବିଦ୍ୱାନ୍‌ମାନେ ତାକୁ ବୃଷଳ ଅର୍ଥାତ୍ ଶୂଦ୍ର ଓ ନୀଚ ବୋଲି ବିବେଚନା କରନ୍ତି । ଏଣୁ କୌଣସି ବ୍ୟକ୍ତି ଧର୍ମକୁ ଲୋପ କରିବା ଅନୁଚିତ ॥ ୧୧ ॥

ଏହି ସଂସାରରେ ଏକମାତ୍ର ଧର୍ମ ହିଁ ପ୍ରକୃତ ମିତ୍ର ଯିଏ କି ମୃତ୍ୟୁ ପରେ ମଧ୍ୟ ସାଙ୍ଗରେ ଯାଇଥାଏ । ଅନ୍ୟ ସବୁ ପଦାର୍ଥ, ସାଙ୍ଗ-ସାଥି ଶରୀରର ବିନାଶ ସହ ବିନାଶକୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ମୃତ୍ୟୁରେ ସମସ୍ତଙ୍କଠୁ ସମ୍ପର୍କ ତୁଟିଯାଏ; କିନ୍ତୁ ଧର୍ମର ସଙ୍ଗ କେବେ ବି ତୁଟେ ନାହିଁ ॥ ୧୨ ॥

ଯେଉଁ ରାଜସଭାରେ ପକ୍ଷପାତପୂର୍ବକ କୌଣସି ଅନ୍ୟାୟ କରାଯାଏ, ସେଠାରେ ସେ ଅଧର୍ମର ଚାରି ଭାଗ ହୋଇଯାଏ । ସେଥିରୁ ଗୋଟିଏ ଭାଗ ଅଧର୍ମର କର୍ତ୍ତାକୁ, ଦ୍ୱିତୀୟ ଭାଗ ସାକ୍ଷୀକୁ, ତୃତୀୟ ଭାଗ ସଭାସଦ୍ ବର୍ଗଙ୍କୁ ଏବଂ ଚତୁର୍ଥ ଭାଗ ସେ ଅଧାର୍ମିକ ସଭାର ସଭାପତି ରାଜାଙ୍କୁ ମିଳେ ॥ ୧୩ ॥

ଯେଉଁ ସଭାରେ ନିନ୍ଦାଯୋଗ୍ୟ ବ୍ୟକ୍ତିର ନିନ୍ଦା, ପ୍ରଶଂସାଯୋଗ୍ୟ ବ୍ୟକ୍ତିର ପ୍ରଶଂସା, ଦଣ୍ଡନୀୟ ବ୍ୟକ୍ତି ଦଣ୍ଡିତ ଏବଂ ସମ୍ମାନର ଯୋଗ୍ୟ ବ୍ୟକ୍ତି ସମ୍ମାନିତ ହୋଇଥାଏ ସେଠାରେ ରାଜା ଓ ସବୁ ସଭାସଦ୍ ପାପରହିତ ଓ ପବିତ୍ର ହୋଇଯାନ୍ତି । କେବଳ ପାପର କର୍ତ୍ତାକୁ ହିଁ ପାପ ଲାଗିଥାଏ ॥ ୧୪ ॥

କେଉଁ ଭଳି ସାକ୍ଷୀ ଗ୍ରହଣୀୟ

ଆପ୍ତାଃ ସର୍ବେଷୁ ବର୍ଣ୍ଣେଷୁ କାର୍ଯ୍ୟାଃ କାର୍ଯ୍ୟେଷୁ ସାକ୍ଷିଣଃ ।
ସର୍ବଧର୍ମବିଦୋଽଲୁବ୍ଧା ବିପରୀତାଂସ୍ତୁ ବର୍ଜୟେତ୍ ॥ ୧ ॥
ସ୍ତ୍ରୀଣାଂ ସାକ୍ଷ୍ୟଂ ସ୍ତ୍ରିୟଃ କୁର୍ୟୁର୍ଦ୍ୱିଜାନାଂ ସଦୃଶା ଦ୍ୱିଜାଃ ।
ଶୂଦ୍ରାଶ୍ଚ ସନ୍ତଃ ଶୂଦ୍ରାଣାମନ୍ତ୍ୟାନାମନ୍ତ୍ୟୟୋନୟଃ ॥ ୨ ॥
ସାହସେଷୁ ଚ ସର୍ବେଷୁ ସ୍ତେୟସଂଗ୍ରହଣେଷୁ ଚ ।
ବାଗ୍‌ଦଣ୍ଡୟୋଶ୍ଚ ପାରୁଷ୍ୟେ ନ ପରୀକ୍ଷେତ ସାକ୍ଷିଣଃ ॥ ୩ ॥
ବହୁତ୍ୱଂ ପରୀଗୃହ୍‌ଣୀୟାତ୍ ସାକ୍ଷିଦ୍ୱୈଧେ ନରାଧିପଃ ।
ସମେଷୁ ତୁ ଗୁଣୋତ୍କୃଷ୍ଟାନ୍ ଗୁଣିଦ୍ୱୈଧେ ଦ୍ୱିଜୋତ୍ତମାନ୍ ॥ ୪ ॥
ସମକ୍ଷଦର୍ଶନାତ୍ ସାକ୍ଷ୍ୟଂ ଶ୍ରବଣାଚ୍ଚୈବ ସିଧ୍ୟତି ।
ତତ୍ର ସତ୍ୟଂ ବ୍ରୁବନ୍ ସାକ୍ଷୀ ଧର୍ମାର୍ଥାଭ୍ୟାଂ ନ ହୀୟତେ ॥ ୫ ॥
ସାକ୍ଷୀ ଦୃଷ୍ଟଶ୍ରୁତାଦନ୍ୟଦ୍ ବିବ୍ରୁବନ୍ନାର୍ଯ୍ୟସଂସଦି ।
ଅବାଙ୍‌ନରକମଭ୍ୟେତି ପ୍ରେତ୍ୟ ସ୍ୱର୍ଗାଚ୍ଚ ହୀୟତେ ॥ ୬ ॥
ସ୍ୱଭାବେନୈବ ଯଦ୍ ବ୍ରୂୟୁସ୍ତଦ୍ ଗ୍ରାହ୍ୟଂ ବ୍ୟାବହାରିକମ୍ ।
ଅତୋ ଯଦନ୍ୟଦ୍‌ବିବ୍ରୂୟୁର୍ଧର୍ମାର୍ଥଂ ତଦପାର୍ଥକମ୍ ॥ ୭ ॥
ସଭାନ୍ତଃ ସାକ୍ଷିଣଃ ପ୍ରାପ୍ତାନର୍ଥିପ୍ରତ୍ୟର୍ଥିସନ୍ନିଧୌ ।
ପ୍ରାଡ୍‌ବିବାକୋଽନୁୟୁଞ୍ଜୀତ ବିଧିନାଽନେନ ସାନ୍ତ୍ୱୟନ୍ ॥ ୮ ॥
ଯଦ୍ ଦ୍ୱୟୋରନୟୋର୍ବେତ୍‌ଥ କାର୍ୟେଽସ୍ମିନ୍ ଚେଷ୍ଟିତଂ ମିଥଃ ।
ତଦ୍ ବ୍ରୂତ ସର୍ବଂ ସତ୍ୟେନ ଯୁଷ୍ମାକଂ ହ୍ୟତ୍ର ସାକ୍ଷିତା ॥ ୯ ॥
ସତ୍ୟଂ ସାକ୍ଷେ ବ୍ରୁବନ୍‌ସାକ୍ଷୀ ଲୋକାନାପ୍ନୋତି ପୁଷ୍କଲାନ୍ ।
ଇହ ଚାନୁତ୍ତମାଂ କୀର୍ତ୍ତିଂ ବାଗେଷା ବ୍ରହ୍ମପୂଜିତା ॥ ୧୦ ॥
ସତ୍ୟେନ ପୂୟତେ ସାକ୍ଷୀ ଧର୍ମଃ ସତ୍ୟେନ ବର୍ଦ୍ଧତେ ।
ତସ୍ମାତ୍ ସତ୍ୟଂ ହି ବକ୍ତବ୍ୟଂ ସର୍ବବର୍ଣ୍ଣେଷୁ ସାକ୍ଷିଭିଃ ॥ ୧୧ ॥
ଆତ୍ମୈବ ହ୍ୟାତ୍ମନଃ ସାକ୍ଷୀ ଗତିରାତ୍ମା ତଥାତ୍ମନଃ ।
ମାବମଂସ୍ଥାଃ ସ୍ୱମାତ୍ମାନଂ ନୃଣାଂ ସାକ୍ଷିଣମୁତ୍ତମମ୍ ॥ ୧୨ ॥

ୟସ୍ୟ ବିଦ୍ୱାନ୍ ହି ବଦତଃ କ୍ଷେତ୍ରଜ୍ଞୋ ନାଭିଶଙ୍କତେ ।
ତସ୍ମାନ୍ନ ଦେବାଃ ଶ୍ରେୟାଂସଂ ଲୋକେଽନ୍ୟଂ ପୁରୁଷଂ ବିଦୁଃ ॥ ୧୩ ॥
ଏକୋଽହମସ୍ମୀତ୍ୟାତ୍ମାନଂ ୟତ୍ତ୍ୱଂ କଲ୍ୟାଣ ମନ୍ୟସେ ।
ନିତ୍ୟଂ ସ୍ଥିତସ୍ତେ ହୃଦ୍ୟେଷଃ ପୁଣ୍ୟପାପେକ୍ଷିତା ମୁନିଃ ॥ ୧୪ ॥

(ମନୁ. ୮:୬୩,୬୮,୭୨-୭୫,୭୮-୮୧,୮୩, ୮୪,୯୬,୯୧)

ସକଳ ବର୍ଣ୍ଣର ଧାର୍ମିକ, ବିଦ୍ୱାନ୍, ନିଷ୍କପଟ, ସବୁ ପ୍ରକାର ଧର୍ମର ଜ୍ଞାତା, ନିର୍ଲୋଭ, ସତ୍ୟବାଦୀ ବ୍ୟକ୍ତିଙ୍କୁ ହିଁ ନ୍ୟାୟବ୍ୟବସ୍ଥାରେ ସାକ୍ଷୀ ରୂପେ ଗ୍ରହଣ କରିବେ । ଏହାର ବିପରୀତ ପ୍ରକାରର ବ୍ୟକ୍ତିକୁ କଦାପି ସାକ୍ଷୀ ରୂପେ ସ୍ୱୀକାର କରିବେ ନାହିଁ ॥ ୧ ॥

ମହିଳାଙ୍କ ସାକ୍ଷୀ ମହିଳା, ଦ୍ୱିଜମାନଙ୍କର ସାକ୍ଷୀ ଦ୍ୱିଜ, ଶୂଦ୍ରମାନଙ୍କର ଶୂଦ୍ର ଓ ଅନ୍ତ୍ୟଜମାନଙ୍କର ଅନ୍ତ୍ୟଜ ହେବା ଉଚିତ ॥ ୨ ॥

ବଳପୂର୍ବକ କରାଯାଉଥିବା ସମସ୍ତ ଅପରାଧ, ଚୋରି, ବ୍ୟଭିଚାର, କଠୋରଭାଷଣ(ଗାଳି-ଗୁଲଜ), ଦଣ୍ଡନିପାତନ(ମାରପିଟ) ଭଳି ଯେତେକ ଅପରାଧ, ସେସବୁରେ ପରୀକ୍ଷା କରି ହିଁ ସାକ୍ଷୀ ଗ୍ରହଣ କରିବେ ନାହିଁ । ଏ କ୍ଷେତ୍ରରେ ସୁପରୀକ୍ଷିତ ସାକ୍ଷୀ ହିଁ ଅତ୍ୟାବଶ୍ୟକ ବୋଲି ମନେକରିବେ ନାହିଁ, କାରଣ ଏସବୁ କାମ ଗୋପନରେ କରାଯାଏ ॥ ୩ ॥

ସାକ୍ଷୀମାନେ ପରସ୍ପରବିରୋଧୀ ପ୍ରମାଣ ଦେଲେ, ଉଭୟ ପକ୍ଷର ସାକ୍ଷୀମାନଙ୍କ ମଧ୍ୟରୁ ବହୁମତ ଅନୁସାରେ; ଉଭୟପକ୍ଷର ଅନୁକୂଳରେ ସାକ୍ଷୀଙ୍କ ମତ ସମାନ ଥିବା ସ୍ଥିତିରେ ଉତ୍ତମ ଗୁଣବାନ୍ ବ୍ୟକ୍ତିଙ୍କ ସାକ୍ଷ୍ୟ ଅନୁସାରେ ଏବଂ ଉଭୟ ପକ୍ଷର ସାକ୍ଷୀ ଉତ୍ତମ ଗୁଣବାନ୍ ଥାଇ ଓ ଉଭୟ ପକ୍ଷ ଅନୁକୂଳରେ ସମାନ ସଂଖ୍ୟକ ମତ ହେଉଥିଲେ ସେପରି ସ୍ଥିତିରେ **'ଦ୍ୱିଜୋତ୍ତମ'** ଅର୍ଥାତ୍ ଋଷି, ମହର୍ଷି ଓ ଯତିମାନଙ୍କ ସାକ୍ଷ୍ୟ ଅନୁସାରେ ରାଜା ନ୍ୟାୟ କରିବେ ॥ ୪ ॥

ସାକ୍ଷୀ ଦୁଇ ପ୍ରକାରର ହୋଇଥାନ୍ତି – ୧. ପ୍ରତ୍ୟକ୍ଷଦର୍ଶୀ ଓ ୨. ଶ୍ରବଣକାରୀ । ରାଜସଭାରେ ପ୍ରଶ୍ନ କରାଗଲେ ଯେଉଁ ସାକ୍ଷୀ ସତ୍ୟ କହନ୍ତି ସେମାନେ ଦଣ୍ଡନୀୟ ନୁହନ୍ତି । କିନ୍ତୁ ଯିଏ ମିଥ୍ୟା ସାକ୍ଷ୍ୟ ଦିଏ ସେ ବ୍ୟକ୍ତି ଯଥାଯୋଗ୍ୟ ଦଣ୍ଡ ପାଇବା ଉଚିତ ॥ ୫ ॥

ରାଜସଭା ବା କୌଣସି ସଜ୍ଜନଙ୍କ ସଭାରେ ଯେଉଁ ସାକ୍ଷୀ ଦେଖିଥିବା ଓ ଶୁଣିଥିବା ସ୍ଥିତିର ବିପରୀତ କଥା କହେ ସେ **'ଅବାଙ୍ନରକ'** ଅର୍ଥାତ୍ ଜିହ୍ୱାଚ୍ଛେଦନ ଦଣ୍ଡ ଯୋଗୁଁ ଦୁଃଖରୂପକ ନରକ ଇହଲୋକରେ ଭୋଗ କରେ ଏବଂ ମୃତ୍ୟୁ ପରେ ପରଲୋକରେ ବି ସୁଖରୁ ବଞ୍ଚିତ ହୁଏ ॥ ୬ ॥

କୌଣସି ମକଦ୍ଦମା ସମ୍ପର୍କରେ ସାକ୍ଷୀ ସ୍ୱାଭାବିକ ଭାବେ ଯେଉଁ ବୟାନ ଦିଏ ତାହା ହିଁ ଗ୍ରହଣୀୟ । କିନ୍ତୁ ଏହାର ବିପରୀତରେ **ଅନ୍ୟ ଦ୍ୱାରା ଶିଖାଯାଇଥିବା** କଥା ଯାହା ବି କହେ ସେସବୁକୁ ନ୍ୟାୟ ବିଚାର ନିମନ୍ତେ ନିରର୍ଥକ ବୋଲି ନ୍ୟାୟାଧୀଶ ଜାଣିବେ ॥ ୭ ॥

ରାଜସଭାରେ ଉପସ୍ଥିତ ହୋଇଥିବା ସାକ୍ଷୀମାନଙ୍କୁ ଅର୍ଥୀ(ବାଦୀ) ଓ ପ୍ରତ୍ୟର୍ଥୀ(ପ୍ରତିବାଦୀ)ଙ୍କ ସମକ୍ଷରେ ନ୍ୟାୟାଧୀଶ ଓ ପ୍ରାଡ୍‌ବିବାକ ଅର୍ଥାତ୍ ଓକିଲ ବା ବାରିଷ୍ଟର ଶାନ୍ତଚିତ୍ତରେ ଏଭଳି ପଚାରିବେ— ॥ ୮ ॥

ହେ ସାକ୍ଷୀଗଣ ! ଏହି କାର୍ଯ୍ୟରେ, ଘଟଣାରେ ଏ ଉଭୟ ପକ୍ଷଙ୍କ କର୍ମ ସମ୍ପର୍କରେ ତୁମେମାନେ ଯାହା ଜାଣ, ସେସବୁ ସତ-ସତ କୁହ । କାରଣ ଏ ବିଷୟରେ ତୁମମାନଙ୍କୁ ସାକ୍ଷୀରୂପେ ସ୍ୱୀକାର କରାଯାଇଛି ॥ ୯ ॥

ଯେଉଁ ସାକ୍ଷୀ ସାକ୍ଷ୍ୟ ଦେଲା ବେଳେ ସତ କହେ ସେ ପରଜନ୍ମରେ ଉତ୍ତମ ଜନ୍ମ ଓ ଉତ୍ତମ ଲୋକରେ ଜନ୍ମ ଲାଭ କରି ସୁଖ ଭୋଗ କରେ ତଥା ଇହ ଓ ପରଜନ୍ମରେ ଉତ୍ତମ ଯଶ ଲାଭ କରେ । କାରଣ ବେଦରେ ଏହି ବାଣୀକୁ ହିଁ ମନୁଷ୍ୟର ସତ୍କାର ଓ ତିରସ୍କାରର କାରଣ ବୋଲି ଉଲ୍ଲେଖ କରାଯାଇଛି । ସତ୍ୟବାଦୀ ସମ୍ମାନିତ ଓ ମିଥ୍ୟାବାଦୀ ନିନ୍ଦିତ ହୋଇଥାଏ ॥ ୧୦ ॥

ସତ୍ୟ କଥନ ଦ୍ୱାରା ସାକ୍ଷୀ ପବିତ୍ର ହୁଏ ଓ ସତ୍ୟ କହିବା ଦ୍ୱାରା ହିଁ ଧର୍ମ ବୃଦ୍ଧି ହୁଏ । ତେଣୁ ସମସ୍ତ ବର୍ଣ୍ଣର ସାକ୍ଷୀ ସତ୍ୟ ହିଁ କହିବା ଉଚିତ ॥ ୧୧ ॥

ଆତ୍ମାର ସାକ୍ଷୀ ହେଉଛି ଆତ୍ମା ଓ ଆତ୍ମାର ଗତି ମଧ୍ୟ ଆତ୍ମା । ଏହି କଥାକୁ ମନରେ ରଖି ହେ ମନୁଷ୍ୟ ! ସକଳ ମନୁଷ୍ୟଙ୍କ ଉତ୍ତମ ସାକ୍ଷୀ ନିଜ ଆତ୍ମାର ଅପମାନ କରନାହିଁ । ସଦା ସତ୍ୟ କୁହ, ମିଥ୍ୟା ନୁହେଁ । **ତୁମ ଆତ୍ମା ଓ ମନରେ ଯେଉଁ ଭଳି ଯଥାର୍ଥତଃ ଅଛି ତାହାକୁ ସେପରି ପ୍ରକାଶ କରିବା ସତ୍ୟଭାଷଣ ଓ ଏହା ବିପରୀତ କାର୍ଯ୍ୟ ମିଥ୍ୟାଭାଷଣ ॥ ୧୨ ॥**

ସାକ୍ଷ୍ୟ ପ୍ରଦାନ କରୁଥିବା ସମୟରେ ଯେଉଁ ମନୁଷ୍ୟର ବିଦ୍ୱାନ୍ କ୍ଷେତ୍ରଜ୍ଞ ଅର୍ଥାତ୍ 'ଶରୀର ରୂପୀ କ୍ଷେତ୍ରର ଜ୍ଞାତା ଆତ୍ମା' ଭିତରେ ଶଙ୍କା ଅନୁଭବ କରେ ନାହିଁ, ସଂସାରରେ ବିଦ୍ୱାନମାନେ ତା'ଠୁ ଭିନ୍ନ ଅନ୍ୟ କୌଣସି ବ୍ୟକ୍ତିକୁ ଉତ୍ତମ ପୁରୁଷ ବୋଲି ବିଚାରନ୍ତି ନାହିଁ ॥ ୧୩ ॥

ହେ କଲ୍ୟାଣକାମୀ ପୁରୁଷ ! 'ମୁଁ ଏକାକୀ ଅଛି' - ଏହିଭଳି ଯେଉଁ ବିଚାର ତୁମ ନିଜ ଆତ୍ମାରେ ପୋଷଣ କରୁଛ, ତାହା ଠିକ୍ କର୍ମ ନୁହେଁ । ବରଂ ଯେଉଁ ଅନ୍ୟ ସତ୍ତା ତୁମ ହୃଦୟରେ ଅନ୍ତର୍ଯ୍ୟାମୀ ରୂପରେ ପରମେଶ୍ୱର, ପୁଣ୍ୟ-ପାପର ଦ୍ରଷ୍ଟା ମୁନି ବିଦ୍ୟମାନ ଅଛନ୍ତି, ସେହି ପରମାତ୍ମାଙ୍କୁ ଭୟ କରି ସର୍ବଦା ସତ୍ୟ କୁହ ॥ ୧୪ ॥

ମିଥ୍ୟାସାକ୍ଷ୍ୟରେ ଦଣ୍ଡବିଧି

ଲୋଭାନ୍ମୋହାଦ୍ଭୟାନ୍ମୈତ୍ରାତ୍ କାମାତ୍କ୍ରୋଧାତ୍ତଥୈବ ଚ ।
ଅଜ୍ଞାନାଦ୍ ବାଲଭାବାଚ୍ଚ ସାକ୍ଷ୍ୟଂ ବିତଥମୁଚ୍ୟତେ ॥ ୧ ॥
ଏଷାମନ୍ୟତମେ ସ୍ଥାନେ ଯଃ ସାକ୍ଷ୍ୟମନୃତଂ ବଦେତ୍ ।
ତସ୍ୟ ଦଣ୍ଡବିଶେଷାଁସ୍ତୁ ପ୍ରବକ୍ଷ୍ୟାମ୍ୟନୁପୂର୍ବଶଃ ॥ ୨ ॥
ଲୋଭାତ୍ସହସ୍ରଂ ଦଣ୍ଡ୍ୟସ୍ତୁ ମୋହାତ୍ପୂର୍ବଂ ତୁ ସାହସମ୍ ।
ଭୟାଦ୍ ଦ୍ୱୌ ମଧ୍ୟମୌ ଦଣ୍ଡ୍ୟୌ ମୈତ୍ରାତ୍ ପୂର୍ବଂ ଚତୁର୍ଗୁଣମ୍ ॥ ୩ ॥
କାମାଦ୍ ଦଶଗୁଣଂ ପୂର୍ବଂ କ୍ରୋଧାତ୍ତୁ ତ୍ରିଗୁଣଂ ପରମ୍ ।
ଅଜ୍ଞାନାଦ୍ ଦ୍ୱେ ଶତେ ପୂର୍ଣ୍ଣେ ବାଲିଶ୍ୟାଚ୍ଛତମେବ ତୁ ॥ ୪ ॥
ଉପସ୍ଥମୁଦରଂ ଜିହ୍ୱା ହସ୍ତୌ ପାଦୌ ଚ ପଞ୍ଚମମ୍ ।
ଚକ୍ଷୁର୍ନାସା ଚ କର୍ଣ୍ଣୌ ଚ ଧନଂ ଦେହସ୍ତଥୈବ ଚ ॥ ୫ ॥

ଅନୁବନ୍ଧଂ ପରିଜ୍ଞାୟ ଦେଶକାଲୌ ଚ ତତ୍ତ୍ୱତଃ ।
ସାରାଽପରାଧୌ ଚାଲୋକ୍ୟ ଦଣ୍ଡଂ ଦଣ୍ଡ୍ୟେଷୁ ପାତୟେତ୍ ॥ ୬ ॥
ଅଧର୍ମଦଣ୍ଡନଂ ଲୋକେ ୟଶୋଘ୍ନଂ କୀର୍ତ୍ତିନାଶନମ୍ ।
ଅସ୍ୱର୍ଗ୍ୟଞ୍ଚ ପରତ୍ରାପି ତସ୍ମାତ୍ତତ୍ପରିବର୍ଜୟେତ୍ ॥ ୭ ॥
ଅଦଣ୍ଡ୍ୟାନ୍ ଦଣ୍ଡୟନ୍ ରାଜା ଦଣ୍ଡ୍ୟାଂଶ୍ଚୈବାପ୍ୟଦଣ୍ଡୟନ୍ ।
ଅୟଶୋ ମହଦାପ୍ନୋତି ନରକଂ ଚୈବ ଗଚ୍ଛତି ॥ ୮ ॥
ବାଗ୍‌ଦଣ୍ଡଂ ପ୍ରଥମଂ କୁର୍ୟାଦ୍ଧିଗ୍‌ଦଣ୍ଡଂ ତଦନନ୍ତରମ୍ ।
ତୃତୀୟଂ ଧନଦଣ୍ଡଂ ତୁ ବଧଦଣ୍ଡମତଃ ପରମ୍ ॥ ୯ ॥ (ମନୁ. ୮:୧୧୮-୧୨୧, ୧୨୫-୧୨୯)

ଲୋଭ, ମୋହ, ଭୟ, ମିତ୍ରତା, କାମ, କ୍ରୋଧ, ଅଜ୍ଞାନ ଓ ବାଲ୍ୟସ୍ୱଭାବରେ ଦିଆଯାଇଥିବା ସାକ୍ଷ୍ୟକୁ ମିଥ୍ୟା ବୋଲି ବିବେଚନା କରାଯିବ ॥ ୧ ॥

ଏମଧ୍ୟରୁ କୌଣସି କାରଣବଶତଃ ଯିଏ ମିଥ୍ୟା ସାକ୍ଷ୍ୟ ଦିଏ ତାକୁ ନିମ୍ନମତେ ଅନେକ ପ୍ରକାର ଦଣ୍ଡ ଦେବେ ॥ ୨ ॥

ଯିଏ ଲୋଭବଶତଃ ମିଥ୍ୟା ସାକ୍ଷ୍ୟ ଦେବେ ତାହାକୁ ୧୫ ଟଙ୍କା ୧୦ ଅଣା ଅର୍ଥ ଦଣ୍ଡ ଦେବେ । ସେହିପରି ମୋହ କାରଣରୁ ମିଥ୍ୟା ସାକ୍ଷ୍ୟ ଦେଲେ ତାହାଠୁ ୩ ଟଙ୍କା ୧୪.୫ ଅଣା, ଭୟରେ ମିଥ୍ୟା ସାକ୍ଷ୍ୟ ଦେଲେ - ୧୫ଟଙ୍କା ୧୦ ଅଣା, ମିତ୍ରତା ଯୋଗୁଁ ମିଥ୍ୟା ସାକ୍ଷ୍ୟ ଦେଲେ - ୧୫ ଟଙ୍କା ୧୦ ଅଣା ଦଣ୍ଡ ସ୍ୱରୂପ ନେବେ ॥ ୩ ॥

କାମନାବଶତଃ ମିଥ୍ୟା ସାକ୍ଷ୍ୟ ଦେଲେ - ୩୯ ଟଙ୍କା ୧ ଅଣା, କ୍ରୋଧରେ ମିଥ୍ୟା ସାକ୍ଷ୍ୟ ଦେଲେ - ୪୬ ଟଙ୍କା୧୪ ଅଣା, ଅଜ୍ଞାନତା କାରଣରୁ ମିଥ୍ୟା ସାକ୍ଷ୍ୟ ଦେଲେ - ୩ ଟଙ୍କା ୨ ଅଣା ଏବଂ ଯିଏ ବାଲ୍ୟ ଚପଳତାରେ ମିଥ୍ୟା ସାକ୍ଷ୍ୟ ଦେବେ ତାହାଠାରୁ ୧ ଟଙ୍କା ୯ ଅଣା ଦଣ୍ଡସ୍ୱରୂପ ନେବେ ॥ ୪ ॥

ଉପସ୍ଥେନ୍ଦ୍ରିୟ, ଉଦର, ଜିହ୍ୱା, ହାତ, ପାଦ, ଆଖି, ନାକ, କାନ, ଦେହ ଓ ଧନ - ଏହି ଦଶଟିକୁ ଆଶ୍ରୟ କରି ଦଣ୍ଡ-ବିଧାନ କରାଯାଏ ॥ ୫ ॥

ଦଣ୍ଡ ବିଧାନ ସମ୍ପର୍କରେ ଯେଉଁ ପରିମାଣ ଧାର୍ଯ୍ୟ କରାଗଲା ବା ଆଗକୁ କରାଯିବ ତାହା ଏକ ସାମାନ୍ୟ ନିୟମ । ଯେପରିକି ଲୋଭବଶତଃ ମିଥ୍ୟା ସାକ୍ଷ୍ୟ ଦେଲେ ୧୫ ଟଙ୍କା ୧୦ ଅଣା ଦଣ୍ଡ ଲେଖାଯାଇଛି । କିନ୍ତୁ ମିଥ୍ୟା ସାକ୍ଷ୍ୟ ଦେଇଥିବା ଦୋଷୀ ବ୍ୟକ୍ତି ଯଦି ଅତି ଦରିଦ୍ର ହୋଇଥାଏ ତେବେ ତାକୁ କମ୍ ଅର୍ଥଦଣ୍ଡ ବିଧାନ କରିବେ ଏବଂ ଦୋଷୀ ବ୍ୟକ୍ତି ଧନୀ ହୋଇଥିଲେ ତାକୁ ଦୁଇଗୁଣ, ତିନିଗୁଣ, ଚାରିଗୁଣ ପର୍ଯ୍ୟନ୍ତ ଅର୍ଥଦଣ୍ଡ ଦେବେ । ଅର୍ଥାତ୍ ଦେଶ-କାଳ-ପାତ୍ର ବିବେଚନା କରି ଅପରାଧ ଅନୁସାରେ ଯଥାଯଥ ଦଣ୍ଡବିଧାନ କରିବେ ॥ ୬ ॥

ଅନ୍ୟାୟପୂର୍ବକ ଦଣ୍ଡବିଧାନ କଲେ ତାହା ଇହଲୋକରେ ଦଣ୍ଡଦାତାର ପୂର୍ବର ପ୍ରତିଷ୍ଠା ତଥା ବର୍ତ୍ତମାନ ଓ ଭବିଷ୍ୟତର କୀର୍ତ୍ତିର ବିନାଶକ ହୋଇଥାଏ ଏବଂ ପରଜନ୍ମରେ ବି ଦୁଃଖଦାୟକ ହୋଇଥାଏ । ତେଣୁ କାହାକୁ ଅଧର୍ମରେ ଦଣ୍ଡ ଦେବେ ନାହିଁ ॥ ୭ ॥

ଯେଉଁ ରାଜା ଦଣ୍ଡନୀୟକୁ ତ ଦଣ୍ଡ ଦିଏ ନାହିଁ ଅଥଚ ଅଦଣ୍ଡନୀୟକୁ ଦଣ୍ଡିତ କରେ ଅର୍ଥାତ୍ ଦଣ୍ଡ ପାଇବା ଯୋଗ୍ୟ ଦୋଷୀକୁ ଛାଡ଼ିଦିଏ ଏବଂ ଦଣ୍ଡର ଯୋଗ୍ୟ ନଥିବା ନିର୍ଦ୍ଦୋଷକୁ ଦଣ୍ଡ ଦିଏ, ସେ ଜୀବିତାବସ୍ଥାରେ ବହୁତ

ନିନ୍ଦା ଏବଂ ମୃତ୍ୟୁ ପରେ ବହୁ ଦୁଃଖ ଲାଭ କରେ । ଏଣୁ ଅପରାଧୀକୁ ସର୍ବଦା ଦଣ୍ଡ ଦେବେ ଓ ନିରପରାଧକୁ ଦଣ୍ଡ ନ ଦେବା ଉଚିତ ॥ ୮ ॥

ଅପରାଧୀକୁ ପ୍ରଥମ ଥର ଦୋଷ ନିମନ୍ତେ ବାଣୀରେ ଦଣ୍ଡ ଦେବେ ଅର୍ଥାତ୍ ତାକୁ ନିନ୍ଦା କରିବେ । ଦ୍ୱିତୀୟ ଥର କଲେ ଧିକ୍କାର ବା ଭର୍ତ୍ସନା କରିବେ । ତୃତୀୟ ଥର ଦୋଷରେ ଅର୍ଥଦଣ୍ଡ ବା ଜୋରିମାନା କରିବେ । ତା'ପରେ ବି ଦୋଷ କଲେ ବଧ ଦଣ୍ଡ ଅର୍ଥାତ୍ କଷାଘାତ, ବେତ୍ରାଘାତ ଓ ଆବଶ୍ୟକ ସ୍ଥଳେ ଶିରଚ୍ଛେଦ ଆଦି ଶାରୀରିକ ଦଣ୍ଡ ବିଧାନ କରିବେ ॥ ୯ ॥

ଅପରାଧୀଙ୍କୁ ଦଣ୍ଡବିଧାନ ପ୍ରକାର

ୟେନ ୟେନ ୟଥାଙ୍ଗେନ ସ୍ତେନୋ ନୃଷୁ ବିଚେଷ୍ଟତେ ।
ତତ୍ତଦେବ ହରେଦସ୍ୟ ପ୍ରତ୍ୟାଦେଶାୟ ପାର୍ଥିବଃ ॥ ୧ ॥
ପିତାଚାର୍ୟ୍ୟଃ ସୁହୃନ୍ମାତା ଭାର୍ୟ୍ୟା ପୁତ୍ରଃ ପୁରୋହିତଃ ।
ନାଦଣ୍ଡ୍ୟୋ ନାମ ରାଜ୍ଞୋଽସ୍ତି ୟଃ ସ୍ୱଧର୍ମେ ନ ତିଷ୍ଠତି ॥ ୨ ॥
କାର୍ଷାପଣଂ ଭବେଦ୍ଦଣ୍ଡ୍ୟୋ ୟତ୍ରାନ୍ୟଃ ପ୍ରାକୃତୋ ଜନଃ ।
ତତ୍ର ରାଜା ଭବେଦ୍ଦଣ୍ଡ୍ୟଃ ସହସ୍ରମିତି ଧାରଣା ॥ ୩ ॥
ଅଷ୍ଟାପାଦ୍ୟନ୍ତୁ ଶୂଦ୍ରସ୍ୟ ସ୍ତେୟେ ଭବତି କିଲ୍ବିଷମ୍ ।
ଷୋଡ଼ଶୈବ ତୁ ବୈଶ୍ୟସ୍ୟ ଦ୍ୱାତ୍ରିଂଶତ୍ କ୍ଷତ୍ରିୟସ୍ୟ ଚ ॥ ୪ ॥
ବ୍ରାହ୍ମଣସ୍ୟ ଚତୁଃଷଷ୍ଟିଃ ପୂର୍ଣ୍ଣଂ ବାପି ଶତଂ ଭବେତ୍ ।
ଦ୍ୱିଗୁଣା ବା ଚତୁଃଷଷ୍ଟିସ୍ତଦ୍ଦୋଷଗୁଣବିଦ୍ଧି ସଃ ॥ ୫ ॥
ଐନ୍ଦ୍ରଂ ସ୍ଥାନମଭିପ୍ରେପ୍ସୁର୍ୟଶଶ୍ଚାକ୍ଷୟମବ୍ୟୟମ୍ ।
ନୋପେକ୍ଷେତ କ୍ଷଣମପି ରାଜା ସାହସିକଂ ନରମ୍ ॥ ୬ ॥
ବାଗ୍ଦୁଷ୍ଟାତ୍ତସ୍କରାଚ୍ଚୈବ ଦଣ୍ଡେନୈବ ଚ ହିଂସତଃ ।
ସାହସସ୍ୟ ନରଃ କର୍ତ୍ତା ବିଜ୍ଞେୟଃ ପାପକୃତ୍ତମଃ ॥ ୭ ॥
ସାହସେ ବର୍ତ୍ତମାନଂ ତୁ ୟୋ ମର୍ଷୟତି ପାର୍ଥିବଃ ।
ସ ବିନାଶଂ ବ୍ରଜତ୍ୟାଶୁ ବିଦ୍ୱେଷଂ ଚାଧିଗଚ୍ଛତି ॥ ୮ ॥
ନ ମିତ୍ରକାରଣାଦ୍ରାଜା ବିପୁଲାଦ୍ୱା ଧନାଗମାତ୍ ।
ସମୁତ୍ସୃଜେତ୍ ସାହସିକାନ୍ ସର୍ବଭୂତଭୟାବହାନ୍ ॥ ୯ ॥
ଗୁରୁଂ ବା ବାଲବୃଦ୍ଧୌ ବା ବ୍ରାହ୍ମଣଂ ବା ବହୁଶ୍ରୁତମ୍ ।
ଆତତାୟିନମାୟାନ୍ତଂ ହନ୍ୟାଦେବାବିଚାରୟନ୍ ॥ ୧୦ ॥
ନାତତାୟିବଧେ ଦୋଷୋ ହନ୍ତୁର୍ଭବତି କଶ୍ଚନ ।
ପ୍ରକାଶଂ ବାଽପ୍ରକାଶଂ ବା ମନ୍ୟୁସ୍ତନ୍ମନ୍ୟୁମୃଚ୍ଛତି ॥ ୧୧ ॥

ୟସ୍ୟ ସ୍ତେନଃ ପୁରେ ନାସ୍ତି ନାନ୍ୟସ୍ତ୍ରୀଗୋ ନ ଦୁଷ୍ଟବାକ୍ ।
ନ ସାହସିକଦଣ୍ଡଘ୍ନୌ ସ ରାଜା ଶକ୍ରଲୋକଭାକ୍ ॥ ୧୨ ॥

(ମନୁ. ୮:୩୩୪-୩୩୮,୩୪୪-୩୪୭,୩୫୦, ୩୫୧,୩୮୬)

ଚୋର ଯେଉଁଭଳି ଭାବେ, ଯେଉଁ-ଯେଉଁ ଅଙ୍ଗ ଦ୍ୱାରା, ଚୋରି ଆଦି ଦୁଷ୍କର୍ମ କରିଥାଏ; ରାଜା ଲୋକଙ୍କୁ ଶିକ୍ଷା ଦେବା ସକାଶେ ତାହାର ସେହି-ସେହି ଅଙ୍ଗକୁ ହରଣ ଅର୍ଥାତ୍ ଛେଦନ କରିବେ ॥ ୧ ॥

ପିତା, ଆଚାର୍ଯ୍ୟ, ମିତ୍ର, ମାତା, ପତ୍ନୀ, ପୁତ୍ର, ପୁରୋହିତ ଯେ କେହି ହୁଅନ୍ତୁ ନା କାହିଁକି; ଯଦି ସ୍ୱଧର୍ମ ପାଳନ ନ କରନ୍ତି ତେବେ ସେ ରାଜାଙ୍କର ଅଦଣ୍ଡନୀୟ ନୁହଁନ୍ତି । ଅର୍ଥାତ୍ ରାଜା ଯେତେବେଳେ ବିଚାରପତି ଆସନରେ ଆସୀନ ହୋଇ ନ୍ୟାୟକରିବେ ସେତେବେଳେ ସେ କାହା ପ୍ରତି ପକ୍ଷପାତ କରିବେ ନାହିଁ । ବରଂ ଯଥୋଚିତ ଦଣ୍ଡ ଦେବେ ॥ ୨ ॥

ଯେଉଁ ଅପରାଧ ନିମନ୍ତେ ସାଧାରଣ ବ୍ୟକ୍ତିକୁ ଏକ ଟଙ୍କା ଅର୍ଥଦଣ୍ଡ ଦିଆଯିବ; ସେହି ଅପରାଧ ପାଇଁ ରାଜାଙ୍କୁ ହଜାରେ ଟଙ୍କା ଦଣ୍ଡ ଦିଆଯିବ । ଅର୍ଥାତ୍ ରାଜାଙ୍କୁ ସାଧାରଣ ମନୁଷ୍ୟ ଅପେକ୍ଷା ହଜାରେ ଗୁଣ ଦଣ୍ଡ ଦିଆଯିବା ଉଚିତ । ମନ୍ତ୍ରୀ ବା ଦିବାନଙ୍କୁ ଆଠଶହ ଗୁଣ, ତାଙ୍କ ତଳ ଅଧିକାରୀଙ୍କୁ ସାତ ଶହ ଗୁଣ, ତାଙ୍କଠାରୁ ନ୍ୟୂନଙ୍କୁ ଛଅ ଶହ ଗୁଣ ଏବଂ ସେହି କ୍ରମରେ ତଳକୁ-ତଳକୁ ଆସି ନ୍ୟୂନରୁ ନ୍ୟୂନତମ ସ୍ଥାନରେ ଥିବା ରାଜକର୍ମଚାରୀକୁ ଅର୍ଥାତ୍ ଭୃତ୍ୟ ବା ଚପରାଶୀଙ୍କୁ ବି ଆଠଗୁଣରୁ କମ୍ ଦଣ୍ଡ ନ ଦେବା ଉଚିତ । କାରଣ **ରାଜକର୍ମଚାରୀଙ୍କୁ ଯଦି ପ୍ରଜାଙ୍କ ଅପେକ୍ଷା ଅଧିକ ଦଣ୍ଡ ନ ଦିଆଯାଏ ତେବେ ରାଜକର୍ମଚାରୀମାନେ ପ୍ରଜାଙ୍କୁ ବିନାଶ କରିଦେବେ ।** ଯେଉଁପରି ଛେଳି ତ ଅଳ୍ପ ଦଣ୍ଡରେ ଆୟତ୍ତାଧୀନ ହୋଇଯାଏ; କିନ୍ତୁ ସିଂହକୁ ଆୟତ୍ତାଧୀନ କରିବା ପାଇଁ ଅଧିକ ଦଣ୍ଡ ପ୍ରୟୋଗ କରିବାକୁ ପଡ଼ିଥାଏ, ଏଣୁ ସେହିପରି ରାଜାଙ୍କଠାରୁ ଆରମ୍ଭ କରି ଛୋଟରୁ ଛୋଟ ସେବକ ପର୍ଯ୍ୟନ୍ତ ରାଜକର୍ମଚାରୀମାନଙ୍କୁ ସମାନ ଅପରାଧ ସତ୍ତ୍ୱେ ପ୍ରଜାଙ୍କଠାରୁ ଅଧିକ ଦଣ୍ଡ ଦିଆଯିବା ଉଚିତ ॥ ୩ ॥

ସେହିପରି ଯେଉଁ ବ୍ୟକ୍ତି ବିବେକୀ ହୋଇ ସୁଦ୍ଧା ଚୋରି କରେ, ସେ ଶୂଦ୍ର ହୋଇଥିଲେ ତାହାକୁ ଚୋରିର ଆଠଗୁଣ ଦଣ୍ଡ, ବୈଶ୍ୟ ହୋଇଥିଲେ ଷୋହଳଗୁଣ, କ୍ଷତ୍ରିୟ ହୋଇଥିଲେ ବତିଶି ଗୁଣ ॥ ୪ ॥ ବ୍ରାହ୍ମଣ ହୋଇଥିଲେ ୬୪ ଗୁଣ ବା ୧୦୦ ଗୁଣ କିମ୍ବା ୧୨୮ ଗୁଣ ଦଣ୍ଡ ମିଳିବା ଆବଶ୍ୟକ । ଅର୍ଥାତ୍ ଯାହାର ଯେତେ ଅଧିକ ଜ୍ଞାନ ବା ପ୍ରତିଷ୍ଠା ଥାଏ, ଅପରାଧ ନିମନ୍ତେ ତାକୁ ଦଣ୍ଡ ମଧ୍ୟ ସେତେ ଅଧିକ ମିଳିବା ଉଚିତ ॥ ୫ ॥

ରାଜ୍ୟର ଅଧିପତି, ଧର୍ମ ଓ ଐଶ୍ୱର୍ଯ୍ୟ କାମନା କରୁଥିବା ରାଜା ବଳପୂର୍ବକ ଲୁଣ୍ଠନ-ଉତ୍ପୀଡ଼ନ ଆଦି ଅପରାଧ କରୁଥିବା ଡାକୁମାନଙ୍କୁ ଦଣ୍ଡ ଦେବାରେ କ୍ଷଣେ ମଧ୍ୟ ବିଳମ୍ବ କରିବେ ନାହିଁ ॥ ୬ ॥

ସାହସିକ ପୁରୁଷଙ୍କ ଲକ୍ଷଣ —

ଦୁର୍ବଚନ କହୁଥିବା, ଚୋରି କରୁଥିବା, ନିର୍ଦ୍ଦୋଷକୁ ଦଣ୍ଡ ଦେଉଥିବା ଲୋକଙ୍କ ଅପେକ୍ଷା ସାହସ ଅର୍ଥାତ୍ ବଳାତ୍କାର, ବଳପୂର୍ବକ ଦୁଷ୍କର୍ମ କରିବା ଲୋକ ଅଧିକ ପାପୀ ଓ ଦୁଷ୍ଟ ଅଟେ ॥ ୭ ॥

ଯେଉଁ ରାଜା ସାହସ ଅର୍ଥାତ୍ ବଳପୂର୍ବକ ଦୁଷ୍କର୍ମ(ଲୁଣ୍ଠନ, ବଳାତ୍କାର ଆଦି) କରୁଥିବା ଲୋକକୁ ଦଣ୍ଡ ନଦେଇ ସହନ କରିନିଅନ୍ତି, ସେ ରାଜା ଶୀଘ୍ର ନଷ୍ଟ ହୋଇଯାଆନ୍ତି ଏବଂ ରାଜ୍ୟରେ ଦ୍ୱେଷ-ହିଂସା ବୃଦ୍ଧିପାଏ ॥ ୮ ॥

ମିତ୍ରତା ଯୋଗୁଁ କିମ୍ବା ପୁଷ୍କଳ ଧନ ପ୍ରାପ୍ତି ହେତୁ ବି ରାଜା ସମସ୍ତ ପ୍ରାଣୀଙ୍କୁ ଦୁଃଖ ଦେଉଥିବା ସାହସିକ ବ୍ୟକ୍ତି

(ଉତ୍ପୀଡ଼କ, ବଳାତ୍କାରୀ ଆଦି)କୁ ବନ୍ଧନ-ଛେଦନ ଆଦି ଦଣ୍ଡ ନ ଦେଇ କଦାପି ଛାଡ଼ିଦେବେ ନାହିଁ ॥ ୯ ॥

ସିଏ ଗୁରୁ ହୁଅନ୍ତୁ , ସନ୍ତାନ ଆଦି ବାଳକ ହୁଅନ୍ତୁ, ପିତା ଆଦି ବୃଦ୍ଧ ବ୍ୟକ୍ତି ହୁଅନ୍ତୁ, ବ୍ରାହ୍ମଣ ହୁଅନ୍ତୁ କି ବହୁ ଶାସ୍ତ୍ରର ଶ୍ରୋତା-ଜ୍ଞାତା ବି ହୁଅନ୍ତୁ; ଯଦି ସେ ଧର୍ମକୁ ଛାଡ଼ି ଅଧର୍ମ ପଥରେ ଯାଇ ଅନ୍ୟଙ୍କୁ ବିନା ଅପରାଧରେ ମାରନ୍ତି, ତେବେ ସେଭଳି ଲୋକକୁ ବିନା ବିଚାରରେ ପ୍ରାଣଦଣ୍ଡ ଦେବେ, ଅର୍ଥାତ୍ ତାକୁ ଆଗେ ମାରିଦେଲା ପରେ ଯାଇ ବିଚାର କରିବା ଉଚିତ ॥ ୧୦ ॥

ଆତତାୟୀ ବା ଦୁର୍ବୃତ୍ତଙ୍କୁ ହତ୍ୟା କଲେ ହତ୍ୟାକାରୀକୁ ପାପ ଲାଗେ ନାହିଁ; ତାକୁ ପ୍ରକାଶ୍ୟରେ ହତ୍ୟା କରାଯାଉ କି ଅପ୍ରକାଶ୍ୟରେ । କାରଣ କ୍ରୁଦ୍ଧ ବ୍ୟକ୍ତିକୁ କ୍ରୋଧରେ ମାରିବା କ୍ରୋଧ ସହ କ୍ରୋଧର ଯୁଦ୍ଧ ଅଟେ ॥ ୧୧ ॥

ଯେଉଁ ରାଜାଙ୍କ ରାଜ୍ୟରେ ଚୋର, ପରସ୍ତ୍ରୀଗାମୀ, ଦୁର୍ବଚନଭାଷୀ, ସାହସିକ(ଜୋର-ଜୁଲମକାରୀ) ଡାକୁ ଓ ଦଣ୍ଡଘ୍ନ ଅର୍ଥାତ୍ ରାଜାଜ୍ଞାଲଂଘନକାରୀ ନ ଥାନ୍ତି ସେ ରାଜ୍ୟ ଅତୀବ ପ୍ରଶଂସନୀୟ ॥ ୧୨ ॥

ଭର୍ତ୍ତାରଂ ଲଙ୍ଘୟେଦ୍ୟା ସ୍ତ୍ରୀ ସ୍ୱଜ୍ଞାତିଗୁଣଦର୍ପିତା ।
ତାଂ ଶ୍ୱଭିଃ ଖାଦୟେଦ୍ ରାଜା ସଂସ୍ଥାନେ ବହୁସଂସ୍ଥିତେ ॥ ୧ ॥
ପୁମାଂସଂ ଦାହୟେତ୍ ପାପଂ ଶୟନେ ତପ୍ତ ଆୟସେ ।
ଅଭ୍ୟାଦଧ୍ୟୁଷ୍ଟ କାଷ୍ଠାନି ତତ୍ର ଦହ୍ୟେତ ପାପକୃତ୍ ॥ ୨ ॥ (ମନୁ. ୮:୩୭୧,୩୭୨)

ଯଦି କୌଣସି ସ୍ତ୍ରୀ ନିଜର ଜ୍ଞାତିକୁଳ ଜନିତ ଅହଂକାରରେ ନିଜ ପତିଙ୍କୁ ପରିତ୍ୟାଗ କରି ପରପୁରୁଷ ସହ ବ୍ୟଭିଚାର କରେ, ତେବେ ରାଜା ସେ ସ୍ତ୍ରୀକୁ ବହୁ ନାରୀ-ପୁରୁଷଙ୍କ ସମ୍ମୁଖରେ ଜୀବନ୍ତ ଅବସ୍ଥାରେ କୁକୁରମାନଙ୍କ ଦ୍ୱାରା କାମୁଡ଼ାଇ ମରାଇ ଦେବେ ॥ ୧ ॥

ସେହିପରି ଯଦି କୌଣସି ପୁରୁଷ ନିଜ ସ୍ତ୍ରୀକୁ ଛାଡ଼ି ପରସ୍ତ୍ରୀଗମନ ବା ବେଶ୍ୟାଗମନ କରେ, ତେବେ ସେହି ପାପୀକୁ ବହୁ ଲୋକଙ୍କ ଆଗରେ ଜୀବିତାବସ୍ଥାରେ ଅଗ୍ନିରେ ଉତ୍ତପ୍ତ ହୋଇ ଲାଲ ପଡ଼ିଯାଇଥିବା ଲୌହପଲଙ୍କରେ ଶୁଆଇ ଦଗ୍ଧ କରି ଭସ୍ମୀଭୂତ କରିଦେବେ ॥ ୨ ॥

ପ୍ରଶ୍ନ — ଯଦି ରାଜା, ରାଣୀ, ନ୍ୟାୟାଧୀଶ କିମ୍ବା ତାଙ୍କ ସ୍ତ୍ରୀ ବ୍ୟଭିଚାରାଦି କୁକର୍ମ କରନ୍ତି, ତେବେ ସେମାନଙ୍କୁ କିଏ ଦଣ୍ଡ ଦେବ ?

ଉତ୍ତର — ସଭା ଏମାନଙ୍କୁ ଦଣ୍ଡ ଦେବ । **ଏମାନଙ୍କୁ ସାଧାରଣ ପ୍ରଜାଙ୍କ ଅପେକ୍ଷା ଅଧିକ ଦଣ୍ଡ ଦିଆଯିବା ଆବଶ୍ୟକ ।**

ପ୍ରଶ୍ନ — ରାଜା, ରାଣୀ ପ୍ରଭୃତି କାହିଁକି ସେମାନଙ୍କଠାରୁ ଦଣ୍ଡ ସ୍ୱୀକାର କରିବେ ?

ଉତ୍ତର — ରାଜା ମଧ୍ୟ ଜଣେ ପୁଣ୍ୟାତ୍ମା ଓ ଭାଗ୍ୟଶାଳୀ ମନୁଷ୍ୟ । ଯଦି ତାଙ୍କୁ ଦଣ୍ଡ ନ ଦିଆଯାଏ କିମ୍ବା ସେ ଦଣ୍ଡ ଗ୍ରହଣ ନ କରନ୍ତି, ତେବେ ଜନସାଧାରଣ ଦଣ୍ଡକୁ କାହିଁକି ମାନିବେ ? **ତା' ଛଡ଼ା ସମସ୍ତ ପ୍ରଜା, ପ୍ରଧାନ ରାଜ୍ୟାଧିକାରୀ ଓ ସଭା ଧର୍ମପୂର୍ବକ ଦଣ୍ଡ ଦେବାକୁ ଚାହିଁଲେ ରାଜା ଏକାକୀ କ'ଣ କରିପାରିବେ ?** ଦୋଷ କଲେ ଯେତେ ବଡ଼ ଲୋକ ହେଲେ ବି ଦଣ୍ଡପାଇବ - ଏପରି ବ୍ୟବସ୍ଥା ଯଦି ନ ରହେ ତେବେ ରାଜା, ରାଜ୍ୟର ପ୍ରମୁଖ ଅଧିକାରୀ ତଥା ସମସ୍ତ କ୍ଷମତାଶାଳୀ ବ୍ୟକ୍ତିମାନେ ଅନ୍ୟାୟ-ଅଧର୍ମରେ ମାତି ନ୍ୟାୟ-ଧର୍ମକୁ ବୁଡ଼ାଇ ସକଳ ପ୍ରଜାଙ୍କ ବିନାଶ କରି ନିଜେ ବି ନଷ୍ଟ ହୋଇଯିବେ । ମନେପକାନ୍ତୁ ପୂର୍ବରୁ ଏକ ଶ୍ଳୋକରେ କୁହାଯାଇଛି ଯେ -

ନ୍ୟାୟଯୁକ୍ତ ଦଣ୍ଡର ନାମ ହିଁ ରାଜା ଓ ଧର୍ମ । ଯିଏ ଏହାର ବିନାଶ, ବିରୁଦ୍ଧାଚରଣ କରେ ତା'ଠାରୁ ନୀଚ ବ୍ୟକ୍ତି ଆଉ କିଏ ହୋଇପାରେ ?

ପ୍ରଶ୍ନ — ଏପରି କଠୋର ଦଣ୍ଡ ବିଧାନ ଉଚିତ ନୁହେଁ । କାରଣ ମନୁଷ୍ୟ କୌଣସି ଅଙ୍ଗକୁ ନିର୍ମାଣ କରିପାରେ ନାହିଁ କିମ୍ବା ମୃତ ବ୍ୟକ୍ତିକୁ ଜୀବନ ଦେଇପାରେ ନାହିଁ । ଏଣୁ ମନୁଷ୍ୟ ଏଭଳି କଠୋର ଦଣ୍ଡ ଦେବା ଅନୁଚିତ ।

ଉତ୍ତର — ଯେଉଁମାନେ ଏହାକୁ କଠୋର ଦଣ୍ଡ ବୋଲି ମନେକରନ୍ତି, ବୁଝିବାକୁ ହେବ ଯେ ସେମାନେ ରାଜନୀତି କ'ଣ ଜାଣନ୍ତି ନାହିଁ । କାରଣ ଜଣକୁ ଏମିତି କଠୋର ଦଣ୍ଡ ଦେଲେ ଅନ୍ୟ ସମସ୍ତେ ଖରାପ କାର୍ଯ୍ୟରୁ ଦୂରେଇ ରହିବେ ଏବଂ ମନ୍ଦ କର୍ମ ପରିତ୍ୟାଗ କରି ଧର୍ମ ମାର୍ଗରେ ଗତି କରିବେ । ଏଣୁ ଯଥାର୍ଥ ରୂପେ ବିଚାର କଲେ, ସମାଜରେ ସାମୂହିକ ମାତ୍ରା ଦୃଷ୍ଟିରୁ ବାସ୍ତବିକତା ଏହା ଯେ ଏଇ ଦଣ୍ଡ ସମସ୍ତଙ୍କ ଭାଗରେ ସୋରିଷ ପରିମାଣରେ ମଧ୍ୟ ପଡ଼ିବ ନାହିଁ । ଆଉ ଯଦି ସାମାନ୍ୟ ଦଣ୍ଡ ଦିଆଯାଏ, ତେବେ ସମାଜରେ କୁକର୍ମ ବହୁ ଅଧିକ ବୃଦ୍ଧିପାଏ । ଯିଏ ବି ଖରାପ କାମ କରିବ ସେ ଅଳ୍ପ ହେଉ ପଛକେ ନିଶ୍ଚିତ ଦଣ୍ଡ ପାଇବ । ଏଣୁ ବହୁ ଅଧିକ ସଂଖ୍ୟାରେ ଲୋକ ଏଭଳି ଦଣ୍ଡ ପାଇବେ । ଅତଏବ ଦଣ୍ଡର ସାମୂହିକ ମାତ୍ରାକୁ ନେଇ ବିଚାର କଲେ ଯାହାକୁ ତୁମେ ସାମାନ୍ୟ ଦଣ୍ଡ ବୋଲି କହୁଛ ସେହି ଅଳ୍ପ ପରିମାଣର ଦଣ୍ଡ ବି କୋଟି-କୋଟି ଲୋକଙ୍କୁ ମିଳିବା ଦ୍ୱାରା ସାମୂହିକ ରୂପେ ମିଶି କୋଟି କୋଟି ଗୁଣ ଅଧିକ ହେବା ଫଳରେ କୋଟି ଗୁଣ କଠୋର ଦଣ୍ଡରେ ପରିଣତ ହୋଇଯିବ । ଅତଃ ସମାଜରେ ଦଣ୍ଡର ପରିମାଣକୁ ବିଚାର କଲେ ଏକ ଆଦର୍ଶ କଠୋର ଦଣ୍ଡ ଅପେକ୍ଷା ବହୁ ସଂଖ୍ୟକ ସାମାନ୍ୟ ଦଣ୍ଡ ମିଶି ସହସ୍ର ଗୁଣ କଠୋର ହୋଇଥାଏ । ଉଦାହରଣ ସ୍ୱରୂପ ମନେକରନ୍ତୁ ଗୋଟିଏ ସମାଜରେ ହଜାରେ ଲୋକ ଅଛନ୍ତି । ଜଣେ ପାପ କର୍ମ କଲେ । ତାକୁ ଏକ କ୍ୱିଣ୍ଟାଲ ପରିମାଣର ଦଣ୍ଡ ଦିଆଯିବ । ଏ କଠୋର ଦଣ୍ଡକୁ ଦେଖି ଅନ୍ୟମାନେ ପାପ କର୍ମରୁ ଦୂରେଇ ରହିଲେ । ସମାଜରେ ମୋଟ ଦଣ୍ଡ ଦିଆଗଲା ଏକ କ୍ୱିଣ୍ଟାଲ । ସାମଗ୍ରିକ ଭାବେ ଦେଖିଲେ ଜଣଙ୍କ ଭାଗରେ ପଡ଼ିଲା ୧୦୦ ଗ୍ରାମ୍ । ଅନ୍ୟ ପକ୍ଷରେ ମନେକରନ୍ତୁ ପାପ କର୍ମ ପାଇଁ ସେ ବ୍ୟକ୍ତିକୁ ଏକ କି.ଗ୍ରା. ପରିମାଣର ଦଣ୍ଡ ଦିଆଗଲା । ଏଭଳି ସାମାନ୍ୟ ଦଣ୍ଡକୁ ଭୟ ନ କରି ସମସ୍ତେ ପାପ କଲେ ଓ ହଜାରେ ଲୋକଙ୍କୁ ମୋଟ ଏକ ହଜାର କି.ଗ୍ରା. ଅର୍ଥାତ୍ ୧୦ କ୍ୱିଣ୍ଟାଲ୍ ଦଣ୍ଡ ମିଳିଲା । ଏଣୁ ସମାଜର ପୂର୍ଣ୍ଣ ଦଣ୍ଡକୁ ଦେଖିଲେ ଏକ କ୍ୱିଣ୍ଟାଲର ଆଦର୍ଶ କଠୋର ଦଣ୍ଡ ବାସ୍ତବରେ ନ୍ୟୂନ ତଥା ସମାଜକୁ ଶୃଙ୍ଖଳିତ କରିବା ପାଇଁ ଯଥାର୍ଥ ଅଟେ ।

ଦୀର୍ଘାଧ୍ୱନି ଯଥାଦେଶଂ ଯଥାକାଲଂ ତରୋ ଭବେତ୍ ।
ନଦୀତୀରେଷୁ ତଦ୍ୱିଦ୍ୟାତ୍ ସମୁଦ୍ରେ ନାସ୍ତି ଲକ୍ଷଣମ୍ ॥ ୧ ॥
ଅହନ୍ୟହନ୍ୟବେକ୍ଷେତ କର୍ମାନ୍ତାନ୍ ବାହନାନି ଚ ।
ଆୟବ୍ୟୟୌ ଚ ନିୟତାବାକରାନ୍ କୋଷମେବ ଚ ॥ ୨ ॥
ଏବଂ ସର୍ବାନିମାନ୍ ରାଜା ବ୍ୟବହାରାନ୍ ସମାପୟନ୍ ।
ବ୍ୟପୋହ୍ୟ କିଲ୍ୱିଷଂ ସର୍ବଂ ପ୍ରାପ୍ନୋତି ପରମାଂ ଗତିମ୍ ॥ ୩ ॥ (ମନୁ. ୮:୪୦୬,୪୧୯,୪୨୦)

ଦୀର୍ଘ ଜଳପଥ, ଦେଶରେ ପ୍ରବାହିତ ନଦ-ନଦୀଗୁଡ଼ିକର ଦୀର୍ଘପଥ ବା ସମୁଦ୍ର ପଥ, ଅତିକ୍ରମ କରିବାରେ

ପଥର ଦୂରତା ଏବଂ ଗ୍ରୀଷ୍ମ-ବର୍ଷାଦି କାଳ ଆଦି ଆଧାରରେ ନୌ-ଯାତାୟତ **'କର'** ଧାର୍ଯ୍ୟ କରିବେ । ଅବଶ୍ୟ ମହାସାଗରରେ ନିଶ୍ଚିତ କର ଧାର୍ଯ୍ୟ କରାଯାଇପାରିବ ନାହିଁ । ନୌବାଣିଜ୍ୟ ସମ୍ବନ୍ଧରେ କର ଧାର୍ଯ୍ୟ କରିବା ସମୟରେ ଏଭଳି ଅନୁକୂଳ ବ୍ୟବସ୍ଥା ରଖିବେ ଯଦ୍ଵାରାକି ରାଜା ଏବଂ ସମୁଦ୍ରରେ ବଡ଼-ବଡ଼ ଜାହାଜ ଚଳାଉଥିବା ବ୍ୟବସାୟୀ ଉଭୟେ ଲାଭବାନ ହେବେ । ଏହି ସ୍ଥଳରେ ଏକଥା ମନେରଖିବା ଉଚିତ ଯେ ଯେଉଁମାନେ କହନ୍ତି କି ପୂର୍ବକାଳରେ ଜଳ-ଜାହାଜର ପ୍ରଚଳନ ନ ଥିଲା, ସେମାନଙ୍କର ସେ କଥା ସତ୍ୟ ନୁହେଁ । ଜଳ-ଯାନ ଦ୍ଵାରା ଦେଶ-ଦେଶାନ୍ତର, ଦ୍ଵୀପ-ଦ୍ଵୀପାନ୍ତରକୁ ଗମନାଗମନ କରୁଥିବା ପ୍ରଜାମାନଙ୍କର ସୁରକ୍ଷା ତଥା ସୁଖ-ସୁବିଧାର ସମୁଚିତ ବ୍ୟବସ୍ଥା ରାଜା କରିବେ ॥ ୧ ॥

ରାଜା ପ୍ରତିଦିନ ନିଜ ଅଧିକାରୀ-ଅମାତ୍ୟଙ୍କ କର୍ମ, ହାତୀ-ଘୋଡ଼ା ଆଦି ବାହନ, ନିୟତ ଆୟ-ବ୍ୟୟ, (ଆକର) ଧନ-ରତ୍ନ ଭଣ୍ଡାର ଓ (କୋଷ) ରାଜକୋଷର ନିରୀକ୍ଷଣ କରିବେ ॥ ୨ ॥

ଏହିପରି ଭାବେ ସମସ୍ତ କାର୍ଯ୍ୟ ଯଥାବିଧି ସମ୍ପନ୍ନ କଲେ ଓ ଅନ୍ୟମାନଙ୍କ ଦ୍ଵାରା କରାଇଲେ ରାଜା ସକଳ ପାପରୁ ମୁକ୍ତ ହୋଇ ପରମଗତି, ମୋକ୍ଷସୁଖକୁ ଲାଭକରନ୍ତି ॥ ୩ ॥

ପ୍ରଶ୍ନ — ସଂସ୍କୃତ ଶାସ୍ତ୍ରରେ ରାଜନୀତି ବିଷୟରେ ସଂପୂର୍ଣ୍ଣ ବିବରଣୀ ଅଛି ନା ଆଂଶିକ ?

ଉତ୍ତର — ସମ୍ପୂର୍ଣ୍ଣ ବିବରଣ ଅଛି । ସଂସାରରେ ଅଦ୍ୟାବଧି ରାଜନୀତି ସମ୍ବନ୍ଧରେ ଯାହାକିଛି ପ୍ରଚଳିତ ହୋଇଛି ସେସବୁ ସଂସ୍କୃତ ଶାସ୍ତ୍ରରୁ ହିଁ ଗୃହୀତ ହୋଇଛି ଏବଂ ଭବିଷ୍ୟତରେ ସେସବୁ ବି ସଂସ୍କୃତ ଶାସ୍ତ୍ରରୁ ଗ୍ରହଣ କରାଯିବ । ତା' ସାଙ୍ଗକୁ ଯେଉଁ ବିଷୟରେ ସିଧାସଳଖ କିଛି ଲେଖାଯାଇନାହିଁ ସେ ବିଷୟରେ ମନୁଙ୍କ ନିର୍ଦ୍ଦେଶ ହେଲା —

ପ୍ରତ୍ୟହଂ ଲୋକଦୃଷ୍ଟୈଶ୍ଚ ଶାସ୍ତ୍ରଦୃଷ୍ଟୈଶ୍ଚ ହେତୁଭିଃ । (ମନୁ. ୮:୩)

ଯେଉଁ-ଯେଉଁ ନିୟମ ରାଜା ଓ ପ୍ରଜା ଉଭୟଙ୍କ ପାଇଁ କଲ୍ୟାଣକାରୀ ଓ ଧର୍ମସଙ୍ଗତ ବୋଲି ବିବେଚିତ ହେବ, ସେସବୁ ନିୟମ ପୂର୍ଣ୍ଣ ବିଦ୍ଵାନଙ୍କ ରାଜସଭା ପ୍ରଣୟନ କରିବ ।

କିନ୍ତୁ ଏଥିପ୍ରତି ଯଥାସମ୍ଭବ ନିରନ୍ତର ଦୃଷ୍ଟି ରଖିବେ ଓ ବାଲ୍ୟବିବାହ କୌଣସି ମତେ ହେବାକୁ ଦେବେ ନାହିଁ । ଯୁବାବସ୍ଥାରେ ମଧ୍ୟ ଉଭୟଙ୍କ ବିନା ପ୍ରସନ୍ନତାରେ ବିବାହ କରିବା-କରାଇବାକୁ ଦେବେ ନାହିଁ । ବ୍ରହ୍ମଚର୍ଯ୍ୟ ଆଶ୍ରମର ଯଥାବିଧି ପାଳନ କରିବେ-କରାଇବେ । ବ୍ୟଭିଚାର ଓ ବହୁବିବାହକୁ ବନ୍ଦ କରିବେ ଯଦ୍ଵାରାକି ଶାରୀରିକ ଓ ଆତ୍ମିକ ବଳ ସଦା ସୁରକ୍ଷିତ ରହିବ । କାରଣ ଯଦି କେବଳ ଆତ୍ମିକ ବଳ ଅର୍ଥାତ୍ ବିଦ୍ୟା-ଜ୍ଞାନ ବୃଦ୍ଧି କରାଯାଏ ଏବଂ ଶାରୀରିକ ବଳ ବୃଦ୍ଧି ନ କରାଯାଏ, ତେବେ ଜଣେମାତ୍ର ବଳବାନ୍ ବ୍ୟକ୍ତି ଶହ-ଶହ ଜ୍ଞାନୀ, ବିଦ୍ଵାନଙ୍କ ଉପରେ ବିଜୟ ପ୍ରାପ୍ତ କରିଦେବ । ଅନ୍ୟ ପକ୍ଷରେ ଯଦି କେବଳ ଶାରୀରିକ ବଳ ବଢ଼ାଯାଏ, ଆତ୍ମିକ ବଳ ବଢ଼ା ନ ଯାଏ, ତେବେ ବି ବିନା ବିଦ୍ୟାରେ ରାଜ୍ୟର ତ ଶାସନବ୍ୟବସ୍ଥା କେବେ ମଧ୍ୟ ଉତ୍ତମ ରୂପେ ହୋଇପାରିବ ନାହିଁ । ଆଉ ରାଜ୍ୟରେ ସୁବ୍ୟବସ୍ଥା ନ ରହିଲେ ସମସ୍ତେ ନିଜ-ନିଜ ଭିତରେ ମନାନ୍ତର, ବିରୋଧ, କଳହ, ସଂଘର୍ଷ କରି ନଷ୍ଟ-ଭ୍ରଷ୍ଟ ହୋଇଯିବେ । ଏଣୁ ଶାରୀରିକ ଓ ଆତ୍ମିକ ଉଭୟ ବଳ ସର୍ବଦା ବୃଦ୍ଧି କରିବା ଆବଶ୍ୟକ । ବ୍ୟଭିଚାର ଓ ଅତିବିଷୟାସକ୍ତି ଏ ଦୁଇଟି କର୍ମ ବଳ ଓ ବୁଦ୍ଧିର ଯେଉଁଭଳି ବିନାଶକ ଅଟନ୍ତି, ସେହିଭଳି ଅନ୍ୟ କୌଣସିଟି ନୁହନ୍ତି । ବିଶେଷତଃ କ୍ଷତ୍ରିୟମାନେ ଦୃଢ଼ାଙ୍ଗ ଓ ବଳବାନ୍ ହେବା ସର୍ବାଦୌ ଆବଶ୍ୟକ । ଆଉ ଯଦି ସେମାନେ ହିଁ ବିଷୟାସକ୍ତ ହୁଅନ୍ତି, ତେବେ ରାଜଧର୍ମ ନିଶ୍ଚିତ ନଷ୍ଟ ହୋଇଯିବ ।

ଆହୁରି ଏକଥା ବି ମନେରଖିବା ଆବଶ୍ୟକ ଯେ - **ଯଥା ରାଜା ତଥା ପ୍ରଜାଃ** (ଚାଣକ୍ୟ. ୧୩:୮) — ରାଜା ଯେପରି ହୁଅନ୍ତି ପ୍ରଜାମାନେ ବି ସେପରି ହୋଇଥାନ୍ତି । ଏଣୁ ରାଜା ଓ ରାଜପୁରୁଷଙ୍କ ପକ୍ଷେ ଏହା ଅତି ଆବଶ୍ୟକ କର୍ତ୍ତବ୍ୟ ଯେ ସେମାନେ କଦାପି ଦୁଷ୍ଟ-ଆଚରଣ କରିବେ ନାହିଁ । ବରଂ ସଦା ଧର୍ମ-ନ୍ୟାୟ ପଥରେ ରହି ଅନ୍ୟମାନଙ୍କ ପାଇଁ ସଦାଚାରର ଦୃଷ୍ଟାନ୍ତ ହେବେ ।

ଏହା ସଂକ୍ଷେପରେ ରାଜଧର୍ମର ବର୍ଣ୍ଣନ ଏଠାରେ କରାଗଲା । ରାଜନୀତି ବିଷୟରେ ପୂର୍ଣ୍ଣ ଜ୍ଞାନ ଅର୍ଜନ ପାଇଁ ବିଶେଷତଃ ବେଦ, ମନୁସ୍ମୃତିର ସପ୍ତମ-ଅଷ୍ଟମ-ନବମ ଅଧ୍ୟାୟ, ଶୁକ୍ରନୀତି, ବିଦୁର ପ୍ରଜାଗର, ମହାଭାରତର ଶାନ୍ତିପର୍ବର **'ରାଜଧର୍ମ'** ଓ **'ଆପଦ୍ଧର୍ମ'** ଆଦି ଶାସ୍ତ୍ର ଅଧ୍ୟୟନ କରି ମାଣ୍ଡଳିକ ଅଥବା ସାର୍ବଭୌମ ଚକ୍ରବର୍ତ୍ତୀ ରାଜ୍ୟ ଶାସନ କରନ୍ତୁ । ଆଉ ସଦା-ସର୍ବଦା ଏହା ବିଚାର କରିବା ଉଚିତ —

ଅଭୂମ ପ୍ରଜାପତେଃ ପ୍ରଜାଃ । (ଯଜୁଃ. ୧୮:୨୯)

ଆମେ ପ୍ରଜାପତି ଅର୍ଥାତ୍ ପରମେଶ୍ୱରଙ୍କ ପ୍ରଜା ଓ ପରମାତ୍ମା ଆମ୍ଭମାନଙ୍କର ରାଜା । ଆମେ ତାଙ୍କର କିଙ୍କର, ଭୃତ୍ୟ ସମ । ସେ କୃପାକରି ତାଙ୍କ ସୃଷ୍ଟିରେ ଆମକୁ ରାଜ୍ୟାଧିକାରୀ କରନ୍ତୁ ଏବଂ ଆମ ହାତରେ ତାଙ୍କରି ସତ୍ୟ-ନ୍ୟାୟ-ଧର୍ମର ପ୍ରବୃତ୍ତି କରାନ୍ତୁ । ପରବର୍ତ୍ତୀ ସମୁଲ୍ଲାସରେ ଈଶ୍ୱର ଓ ବେଦ ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତେ ରାଜଧର୍ମବିଷୟେ
ଷଷ୍ଠଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୬ ॥

ଅଥ ସପ୍ତମସମୁଲ୍ଲାସାରମ୍ଭଃ

ଅଥେଶ୍ୱରବେଦବିଷୟଂ ବ୍ୟାଖ୍ୟାସ୍ୟାମଃ

ଋଚୋ ଅକ୍ଷରେ ପରମେ ବ୍ୟୋମନ୍ ୟସ୍ମିନ୍ ଦେବା ଅଧି ବିଶ୍ୱେ ନିଷେଦୁଃ ।
ୟସ୍ତନ୍ନ ବେଦ କିମୃଚା କରିଷ୍ୟତି ୟ ଇତ୍ତଦ୍ୱିଦୁସ୍ତ ଇମେ ସମାସତେ ॥ ୧ ॥

(ଋକ୍. ୧:୧୬୪:୩୯)

ଈଶା ବାସ୍ୟମିଦଂ ସର୍ବଂ ୟତ୍କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟ ସ୍ୱିଦ୍ଧନମ୍ ॥ ୨ ॥ (ୟଜୁଃ. ୪୦:୧)
ଅହଂ ଭୁବଂ ବସୁନଃ ପୂର୍ବ୍ୟସ୍ପତିରହଂ ଧନାନି ସଂ ଜୟାମି ଶାଶ୍ୱତଃ ।
ମାଂ ହବନ୍ତେ ପିତରଂ ନ ଜନ୍ତବୋଽହଂ ଦାଶୁଷେ ବି ଭଜାମି ଭୋଜନମ୍ ॥ ୩ ॥

(ଋକ୍. ୧୦:୪୮:୧)

ଅହମିନ୍ଦ୍ରୋ ନ ପରା ଜିଗ୍ୟ ଇଦ୍ଧନଂ ନ ମୃତ୍ୟବେଽବ ତସ୍ଥେ କଦା ଚନ ।
ସୋମମିନ୍ମା ସୁନ୍ୱନ୍ତୋ ୟାଚତା ବସୁ ନ ମେ ପୂରବଃ ସଖ୍ୟେ ରିଷାଥନ ॥ ୪ ॥

(ଋକ୍. ୧୦:୪୮:୫)

ଅହଂ ଦାଂ ଗୃଣତେ ପୂର୍ବ୍ୟଂ ବସ୍ୱହଂ ବ୍ରହ୍ମ କୃଣବଂ ମହ୍ୟଂ ବର୍ଦ୍ଧନମ୍ ।
ଅହଂ ଭୁବଂ ୟଜମାନସ୍ୟ ଚୋଦିତାଽୟଜ୍ୱନଃ ସାକ୍ଷି ବିଶ୍ୱସ୍ମିନ୍‌ଭରେ ॥ ୫ ॥

(ଋକ୍. ୧୦:୪୯:୧)

(ଋଚୋ ଅକ୍ଷରେ...) ଏହି ମନ୍ତ୍ରର ଅର୍ଥ **'ବ୍ରହ୍ମଚର୍ଯ୍ୟାଶ୍ରମର ଶିକ୍ଷା'** ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି । ଏହାର ଅର୍ଥ ହେଲା ଯେ ଯିଏ ସକଳ ଦିବ୍ୟ ଗୁଣ-କର୍ମ-ସ୍ୱଭାବ-ବିଦ୍ୟା-ଯୁକ୍ତ; ଯାହାଙ୍କଠାରେ ପୃଥିବୀ, ସୂର୍ଯ୍ୟାଦି ଲୋକ ଅବସ୍ଥିତ; ଏବଂ ଯିଏ ଆକାଶ ଭଳି ସର୍ବବ୍ୟାପକ, ସମସ୍ତ ଦେବଙ୍କ ଦେବ ପରମେଶ୍ୱର; ତାଙ୍କୁ ଯେଉଁମାନେ ଜାଣନ୍ତି ନାହିଁ, ମାନନ୍ତି ନାହିଁ ଓ ଧ୍ୟାନ କରନ୍ତି ନାହିଁ, ସେମାନେ ନାସ୍ତିକ ଓ ସେ ବ୍ୟକ୍ତିମାନେ ସର୍ବଦା ଦୁଃଖସାଗରରେ ନିମଗ୍ନ ହୋଇରହିଥାନ୍ତି । ଅତଏବ ସେହି ପରମେଶ୍ୱରଙ୍କୁ ଜାଣି ହିଁ ସର୍ବଦା ସକଳ ମାନବ ସୁଖୀ ହୋଇଥାନ୍ତି ।

ପ୍ରଶ୍ନ — ବେଦରେ 'ଈଶ୍ୱର ଅନେକ ଅଟନ୍ତି' ବୋଲି ବର୍ଣ୍ଣନା କରାଯାଇଛି - ତୁମେ ଏକଥା ସ୍ୱୀକାର କରୁଛ ନା ନାହିଁ ?

ଉତ୍ତର — ନା, ମୁଁ ଏହା ସ୍ୱୀକାର କରୁନାହିଁ । କାରଣ, ଚାରି ବେଦର କୌଣସି ସ୍ଥାନରେ ମଧ୍ୟ 'ଈଶ୍ୱର ଅନେକ' ବୋଲି ବର୍ଣ୍ଣନା କରାଯାଇନାହିଁ । ବରଂ ଏକଥା ଲେଖାଯାଇଛି ଯେ 'ଈଶ୍ୱର ଏକ' ।

ପ୍ରଶ୍ନ — ତେବେ ବେଦରେ ଯେଉଁ ଅନେକ ଦେବତାଙ୍କ ବିଷୟ ଉଲ୍ଲେଖ କରାଯାଇଛି, ତା'ର ଅଭିପ୍ରାୟ କ'ଣ ?

ଉତ୍ତର — ଯିଏ ଦିବ୍ୟ ଗୁଣଯୁକ୍ତ ତାକୁ **'ଦେବତା'** କୁହାଯାଏ । ଯଥା - ପୃଥିବୀ । ପୃଥିବୀକୁ ଦେବତା ବୋଲି ତ କୁହାଯାଇଛି; କିନ୍ତୁ ବେଦରେ କେଉଁଠାରେ ବି ଏହାକୁ ଈଶ୍ୱର ବା ଉପାସ୍ୟ ବୋଲି କୁହାଯାଇନାହିଁ । ଦେଖ ! ଉପରୋକ୍ତ ଏହି ମନ୍ତ୍ରରେ କୁହାଯାଇଛି 'ଯାହାଙ୍କଠାରେ ସମସ୍ତ ଦେବତା ଅବସ୍ଥିତ, ସିଏ ଜାଣିବାର ଓ ଉପାସନାର ଯୋଗ୍ୟ ଈଶ୍ୱର ଅଟନ୍ତି ।' ଏହା ସେମାନଙ୍କର ଭୁଲ୍ ଯେଉଁମାନେ କି ବେଦରେ ଦେବତା ବିଷୟକ ବର୍ଣ୍ଣନା ଦେଖିବା ମାତ୍ରେ ଏହା ଈଶ୍ୱରଙ୍କ ବିଷୟରେ କୁହାଯାଇଛି ବୋଲି ଧରିନିଅନ୍ତି । ପରମେଶ୍ୱର ଦେବଙ୍କର ବି ଦେବ ହୋଇଥିବାରୁ ତାଙ୍କୁ **'ମହାଦେବ'** କୁହାଯାଏ । କାରଣ ସେ ହିଁ ସମସ୍ତ ଜଗତର ଉତ୍ପତ୍ତି-ସ୍ଥିତି-ପ୍ରଳୟ-କର୍ତ୍ତା, ନ୍ୟାୟାଧୀଶ, ଅଧିଷ୍ଠାତା ଅଟନ୍ତି ।

ଯେଉଁ **'ତ୍ରୟସ୍ତ୍ରିଂଶତା.'** (ଯଜୁଃ.୧୪:୩୧) ଇତ୍ୟାଦି ବେଦରେ ପ୍ରମାଣ ଅଛି, ତା'ର ବ୍ୟାଖ୍ୟା ଶତପଥ ବ୍ରାହ୍ମଣ (୧୪:୩:୭:୪)ରେ କରାଯାଇଛି ଯେ **ତେତିଶ ଦେବତା** ହେଲେ — **୧. ଅଷ୍ଟ ବସୁ —** ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ଚନ୍ଦ୍ର, ସୂର୍ଯ୍ୟ ଓ ନକ୍ଷତ୍ର - ଏ ଆଠୋଟି ସମଗ୍ର ଚରାଚର ସୃଷ୍ଟିର ନିବାସର ଆଧାର ହୋଇଥିବାରୁ **'ଅଷ୍ଟ ବସୁ'** ଅଟନ୍ତି । **୨. ଏକାଦଶ ରୁଦ୍ର —** ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ, ନାଗ, କୂର୍ମ, କୃକଳ, ଦେବଦତ୍ତ, ଧନଞ୍ଜୟ ଓ ଜୀବାତ୍ମା - ଏ ଏଗାରଟି ଶରୀରକୁ ତ୍ୟାଗ କରି ଗଲାବେଳେ ସମସ୍ତଙ୍କୁ ରୋଦନ କରାଉଥିବାରୁ ଏମାନଙ୍କୁ **'ଏକାଦଶ ରୁଦ୍ର'** କୁହାଯାଏ । **୩. ଦ୍ୱାଦଶ ଆଦିତ୍ୟ —** ବର୍ଷର ବାର ମାସକୁ **'ଦ୍ୱାଦଶ ଆଦିତ୍ୟ'** କୁହାଯାଏ, କାରଣ ଏମାନେ ସମସ୍ତଙ୍କ ଆୟୁକୁ ହରଣ କରିନିଅନ୍ତି । **୪. ଇନ୍ଦ୍ର —** ଐଶ୍ୱର୍ଯ୍ୟର କାରଣ ହେତୁ ବିଦ୍ୟୁତ୍‌ର ନାମ **'ଇନ୍ଦ୍ର'** । **୫. ପ୍ରଜାପତି —** ଯଜ୍ଞକୁ **'ପ୍ରଜାପତି'** କୁହାଯାଏ । କାରଣ ଏହାଦ୍ୱାରା ବାୟୁ, ବୃଷ୍ଟି, ଜଳ, ଓଷଧି ଆଦିର ଶୁଦ୍ଧି, ବିଦ୍ୱାନଙ୍କ ସତ୍କାର ଓ ବିବିଧ ପ୍ରକାର ଶିଳ୍ପବିଦ୍ୟା ଦ୍ୱାରା ପ୍ରଜାଙ୍କ ପାଳନ ହୋଇଥାଏ । ପୂର୍ବୋକ୍ତ ଗୁଣଯୁକ୍ତ ହୋଇଥିବାରୁ ଏ ତେତିଶଟିକୁ **'ଦେବତା'** କୁହାଯାଏ । ଏ ସମସ୍ତ ଦେବତାଙ୍କ ସ୍ୱାମୀ ଓ ସମସ୍ତଙ୍କଠୁ ବଡ଼ ହୋଇଥିବାରୁ ପରମାତ୍ମା ଚତୁସ୍ତ୍ରିଂଶ ଦେବତା ଓ ଉପାସ୍ୟ ଦେବ ବୋଲି ଶତପଥ ବ୍ରାହ୍ମଣର ଚତୁର୍ଦ୍ଦଶ କାଣ୍ଡରେ ସ୍ପଷ୍ଟ ରୂପେ ଲେଖାଯାଇଛି । ଅନ୍ୟ ଆର୍ଷଗ୍ରନ୍ଥରେ ବି ଏପରି ଲେଖାଯାଇଛି । ଯଦି ତୁମେ ଏସବୁ ଶାସ୍ତ୍ର ଅବଲୋକନ କରିଥାନ୍ତ ତେବେ ବେଦରେ 'ଅନେକ ଈଶ୍ୱରଙ୍କ ବର୍ଣ୍ଣନା ଅଛି' - ଏଇ ଭ୍ରାନ୍ତ ଧାରଣା ପୋଷଣ କରିନଥାନ୍ତ କି ଭ୍ରମବଶତଃ ଅନର୍ଗଳ ମିଥ୍ୟା କଥନ କରିନଥାନ୍ତ ॥ ୧ ॥

ହେ ମନୁଷ୍ୟ ! ଏହି ସଂସାରରେ ଯାହା କିଛି ଗତିଶୀଳ ବସ୍ତୁ ଅଛି, ସେସବୁରେ ବ୍ୟାପ୍ତ ହୋଇ ଯିଏ ସେସବୁର ନିୟନ୍ତା ତାଙ୍କୁ ଈଶ୍ୱର କୁହାଯାଏ । ସେହି ଈଶ୍ୱରଙ୍କୁ ଭୟ କରି ତୁମେ ଅନ୍ୟାୟରେ କାହାରି ଧନ ନେବାକୁ ଇଚ୍ଛା କର ନାହିଁ । ସେପରି ଅନ୍ୟାୟ ଆଚରଣକୁ ପରିତ୍ୟାଗ କରି ଓ ନ୍ୟାୟାଚରଣରୂପୀ ଧର୍ମରେ ପ୍ରବୃତ୍ତ ହୋଇ ନିଜ ଆତ୍ମାଦ୍ୱାରା ଆନନ୍ଦ ଉପଭୋଗ କର ॥ ୨ ॥

ଈଶ୍ୱର ସମସ୍ତଙ୍କୁ ଉପଦେଶ ଦେଉଛନ୍ତି କି - ହେ ମନୁଷ୍ୟଗଣ ! ମୁଁ ଈଶ୍ୱର ଜଗତର ସକଳ ପଦାର୍ଥର ପୂର୍ବରୁ ବିଦ୍ୟମାନ, ସମସ୍ତ ଜଗତର ପତି । ମୁଁ ସନାତନ ଜଗତକାରଣ ଓ ସକଳ ସମ୍ପଦର ବିଜେତା ତଥା ଦାତା । ସନ୍ତାନଗଣ ପିତାଙ୍କୁ ଡାକିଲା ଭଳି ସମସ୍ତ ଜୀବ ମୋତେ ହିଁ ଡାକନ୍ତୁ । ସମସ୍ତଙ୍କୁ ସୁଖ ପ୍ରଦାନ କରିବା ଓ ଜଗତର ପାଳନ ନିମନ୍ତେ ମୁଁ ନାନାପ୍ରକାର ଭୋଜନ ବ୍ୟବସ୍ଥା କରେ ॥ ୩ ॥

ମୁଁ ପରମୈଶ୍ୱର୍ଯ୍ୟବାନ୍, ସୂର୍ଯ୍ୟ ସମ ସମସ୍ତ ଜଗତର ପ୍ରକାଶକ । ମୁଁ କେବେ ପରାଜିତ ହୁଏ ନାହିଁ କି ମୃତ୍ୟୁର ଶିକାର ହୁଏ ନାହିଁ । ମୁଁ ହିଁ ଜଗତ ରୂପୀ ଧନର ନିର୍ମାତା । ସକଳ ଜଗତର ଉତ୍ପତ୍ତିକର୍ତ୍ତା ବୋଲି ମୋତେ ହିଁ ଜାଣ । ହେ ଜୀବଗଣ ! ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ ଯତ୍ନବାନ୍ ହୋଇ ତୁମେମାନେ ବିଜ୍ଞାନାଦି ଧନ ମୋତେ ମାଗ ଏବଂ ମୋଠାରୁ ମିତ୍ରତା କେବେ ଛିନ୍ନ କରନାହିଁ ॥ ୪ ॥

ହେ ମନୁଷ୍ୟଗଣ ! ମୁଁ ସତ୍ୟଭାଷଣ ରୂପକ ସ୍ତୁତି କରୁଥିବା ମନୁଷ୍ୟଙ୍କୁ ସନାତନ ଜ୍ଞାନାଦି ଧନ ପ୍ରଦାନ କରେ । ମୁଁ 'ବ୍ରହ୍ମ' ଅର୍ଥାତ୍ 'ବେଦ'ର ପ୍ରକାଶକ ଓ ସେହି ବେଦ ମୋତେ ଯଥାର୍ଥ ରୂପେ ପ୍ରକାଶିତ କରେ । ମୁଁ ବେଦ ଦ୍ୱାରା ସମସ୍ତଙ୍କ ଜ୍ଞାନ ବର୍ଦ୍ଧନ କରେ । ମୁଁ ସଜ୍ଜନମାନଙ୍କର ପ୍ରେରକ, ଯଜ୍ଞକର୍ତ୍ତାଙ୍କ ଫଳଦାତା ତଥା ଏ ସୃଷ୍ଟିରେ ଯାହାକିଛି ଉତ୍ପନ୍ନ ପଦାର୍ଥ ଅଛି ସେସବୁର ସ୍ରଷ୍ଟା ଓ ଧାରଣକର୍ତ୍ତା । **ଏଣୁ ତୁମେମାନେ ମୋତେ ଛାଡ଼ି, ମୋ ସ୍ଥାନରେ ଅନ୍ୟ କାହାରି ଉପାସନା କରନାହିଁ, ଅନ୍ୟ କାହାକୁ ଈଶ୍ୱର ବୋଲି ଜାଣନାହିଁ କି ସ୍ୱୀକାର କରନାହିଁ ॥ ୫ ॥**

ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକଂ ଆସୀତ୍ ।
ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ॥ ୬ ॥

(ଯଜୁଃ. ୧୩:୪)

ହେ ମନୁଷ୍ୟଗଣ ! ଯିଏ ସୂର୍ଯ୍ୟାଦି ସକଳ ତେଜୋମୟ ଲୋକସମୂହର ଉତ୍ପତ୍ତି-ସ୍ଥାନ, ଆଧାର; ଯିଏ ସୃଷ୍ଟି ପୂର୍ବରୁ ବିଦ୍ୟମାନ; ଯାହାକିଛି ଉତ୍ପନ୍ନ ହୋଇଛି, ହେଉଛି ଓ ହେବ, ସେସବୁର ସ୍ୱାମୀ ଥିଲେ, ବର୍ତ୍ତମାନ ଅଛନ୍ତି ଓ ଭବିଷ୍ୟତରେ ମଧ ରହିବେ; ସିଏ ପୃଥିବୀଠାରୁ ସୂର୍ଯ୍ୟଲୋକ ପର୍ଯ୍ୟନ୍ତ ସଂସାର ରଚନା କରି ଧାରଣ କରିଛନ୍ତି । ସେହି ସୁଖସ୍ୱରୂପ ପରମାତ୍ମାଙ୍କୁ ହିଁ ଯେପରି ଆମେ ଭକ୍ତି କରୁଛୁ, ତୁମେମାନେ ବି ସେପରି କର ॥ ୬ ॥

ଈଶ୍ୱରଙ୍କ ଅସ୍ତିତ୍ୱ

ପ୍ରଶ୍ନ — ଆପଣ ଈଶ୍ୱର-ଈଶ୍ୱର ବୋଲି ବାରମ୍ବାର କହୁଛନ୍ତି, କିନ୍ତୁ ତାଙ୍କର ଅସ୍ତିତ୍ୱ ଅଛି ବୋଲି କିପରି ପ୍ରମାଣିତ କରିବେ ?

ଉତ୍ତର — ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ।

ପ୍ରଶ୍ନ — ଈଶ୍ୱରଙ୍କ ଅସ୍ତିତ୍ୱ ସିଦ୍ଧି ପାଇଁ ପ୍ରତ୍ୟକ୍ଷ ପ୍ରମାଣର ଉପଯୋଗ କେବେ ସମ୍ଭବ ନୁହେଁ ।

ଉତ୍ତର — ଇନ୍ଦ୍ରିୟାର୍ଥସନ୍ନିକର୍ଷୋତ୍ପନ୍ନଂ ଜ୍ଞାନମବ୍ୟପଦେଶ୍ୟମଭିଚାରିବ୍ୟବସାୟାତ୍ମକଂ ପ୍ରତ୍ୟକ୍ଷମ୍ । (ନ୍ୟାୟ. ୧:୧:୪)

କର୍ଣ୍ଣ, ତ୍ୱକ୍, ଚକ୍ଷୁ, ଜିହ୍ୱା, ନାସିକା ଓ ମନ - ଏ ଛଅଟିର ଯଥାକ୍ରମେ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଏବଂ ସୁଖ-ଦୁଃଖ, ସତ୍ୟାସତ୍ୟ ବିଷୟ ସହ ସମ୍ବନ୍ଧ ହେବା ଦ୍ୱାରା ଯେଉଁ ଜ୍ଞାନ ଉତ୍ପନ୍ନ ହୁଏ, ତାହାକୁ **'ପ୍ରତ୍ୟକ୍ଷ'** କହନ୍ତି । କିନ୍ତୁ ତାହା ନିର୍ଭ୍ରାନ୍ତ ହେବା ଆବଶ୍ୟକ ।

ବର୍ତ୍ତମାନ ବିଚାର କରିବା ଉଚିତ ଯେ ଇନ୍ଦ୍ରିୟ ଓ ମନ ଦ୍ୱାରା ଗୁଣର ପ୍ରତ୍ୟକ୍ଷ ହୋଇଥାଏ, ଗୁଣୀର ନୁହେଁ । ଯେଉଁପରି ତ୍ୱଚ, ଚକ୍ଷୁ, ଜିହ୍ୱା ଓ ନାସିକା - ଏ ଚାରି ଇନ୍ଦ୍ରିୟ ଦ୍ୱାରା କ୍ରମଶଃ ସ୍ପର୍ଶ, ରୂପ, ରସ ଓ ଗନ୍ଧର ଜ୍ଞାନ ହେବା ଦ୍ୱାରା ଏ ଚାରୋଟି ଗୁଣରେ ଯୁକ୍ତ ବସ୍ତୁ 'ପୃଥିବୀ'ର ପ୍ରତ୍ୟକ୍ଷ 'ଆତ୍ମାଯୁକ୍ତ ମନ' ଦ୍ୱାରା ହୋଇଥାଏ, ସେହିପରି **ଏହି**

ପ୍ରତ୍ୟକ୍ଷ ସୃଷ୍ଟିରେ ବିବିଧପ୍ରକାର ରଚନା ଆଦି କର୍ମ ଓ ଜ୍ଞାନ ଆଦି ଗୁଣର ପ୍ରତ୍ୟକ୍ଷ ହେବା ଦ୍ୱାରା ଏହା ମାଧ୍ୟମରେ ପରମେଶ୍ୱରଙ୍କ ପ୍ରତ୍ୟକ୍ଷ ହୋଇଥାଏ ।

ପୁଣି ଯେତେବେଳେ ଆତ୍ମା ମନକୁ ଓ ମନ ଇନ୍ଦ୍ରିୟଗୁଡ଼ିକୁ କୌଣସି ବିଷୟରେ ନିୟୋଜିତ କରେ ଅଥବା ଯେଉଁ ମୁହୂର୍ତ୍ତରେ ଆତ୍ମା ଚୋରି ଆଦି ଖରାପ ବା ପରୋପକାର ଆଦି ଭଲ କାମ କରିବାକୁ ଆରମ୍ଭ କରେ, ସେହି ସମୟରେ ଜୀବର ଇଚ୍ଛା-ଜ୍ଞାନ ଆଦି ସେହି ଇଚ୍ଛିତ ବିଷୟ ଆଡ଼କୁ ଆକୃଷ୍ଟ ହୋଇଥାନ୍ତି । ସେହି ମୁହୂର୍ତ୍ତରେ ଆତ୍ମା ଭିତରୁ କୁକର୍ମ ପ୍ରତି ଭୟ, ଶଙ୍କା ଓ ଲଜ୍ଜା ତଥା ଉତ୍ତମ କର୍ମ କରିବାରେ ନିର୍ଭୟତା, ନିଃଶଙ୍କତା ଓ ଆନନ୍ଦ-ଉତ୍ସାହ ଭାବ ଜାଗ୍ରତ ହୋଇଥାଏ । ଏସବୁ ଭାବନା ଜୀବାତ୍ମା ତରଫରୁ ନୁହେଁ, ବରଂ ପରମାତ୍ମାଙ୍କ ତରଫରୁ ଉଦ୍ରେକ ହୋଇଥାଏ ।

ଆଉ ଯେତେବେଳେ ଶୁଦ୍ଧାତ୍ମା, ଶୁଦ୍ଧାନ୍ତଃକରଣ ସମ୍ପନ୍ନ ଯୋଗୀ ସମାଧିସ୍ଥ ହୋଇ ଆତ୍ମା-ପରମାତ୍ମାଙ୍କ ବିଚାରରେ ନିମଗ୍ନ ରହେ ସେତେବେଳେ ତାକୁ ଉଭୟେ(ଜୀବାତ୍ମା ଓ ପରମାତ୍ମା) ପ୍ରତ୍ୟକ୍ଷ ହୋଇଥାନ୍ତି । ଏଣୁ ଯେତେବେଳେ ପରମେଶ୍ୱରଙ୍କ ପ୍ରତ୍ୟକ୍ଷ ହୋଇପାରୁଛି, ସେ କ୍ଷେତ୍ରରେ ଅନୁମାନାଦି ପ୍ରମାଣ ଦ୍ୱାରା ପରମେଶ୍ୱରଙ୍କ ଜ୍ଞାନ ହେବାରେ କ'ଣ ସନ୍ଦେହ ଅଛି ? ଯେହେତୁ କି **କାର୍ଯ୍ୟକୁ ଦେଖି କାରଣର, ନିୟମକୁ ଦେଖି ନିୟନ୍ତାର, ସୃଷ୍ଟିକୁ ଦେଖି ସ୍ରଷ୍ଟାର ଅନୁମାନ ହୋଇଥାଏ ।**

ପ୍ରଶ୍ନ — ଈଶ୍ୱର ସର୍ବବ୍ୟାପକ ନା କୌଣସି ସ୍ଥାନ ବିଶେଷରେ ରହନ୍ତି ?

ଉତ୍ତର — ଈଶ୍ୱର ସର୍ବବ୍ୟାପକ । କାରଣ ଯଦି ସେ କୌଣସି ଏକ ସ୍ଥାନରେ ରହିଥାନ୍ତେ ତେବେ ସର୍ବାନ୍ତର୍ଯ୍ୟାମୀ, ସର୍ବଜ୍ଞ, ସର୍ବନିୟନ୍ତା, ସବୁର ସ୍ରଷ୍ଟା-ଧର୍ତ୍ତା-ପ୍ରଳୟକର୍ତ୍ତା ହୋଇପାରନ୍ତେ ନାହିଁ । ଯେହେତୁ କି କର୍ତ୍ତା ଅନୁପସ୍ଥିତ ଥିବା ସ୍ଥାନରେ ତା'ର କୌଣସି କ୍ରିୟା ହେବା ଅସମ୍ଭବ ।

ପ୍ରଶ୍ନ — ପରମେଶ୍ୱର ଦୟାଳୁ ଓ ନ୍ୟାୟକାରୀ ଅଟନ୍ତି ନା ନୁହଁନ୍ତି ?

ଉତ୍ତର — ଅଟନ୍ତି ।

ପ୍ରଶ୍ନ — ଦୟା ଓ ନ୍ୟାୟ - ଏ ଦୁଇଟି ଗୁଣ ପରସ୍ପର-ବିରୋଧୀ । ଯଦି ନ୍ୟାୟ କରାଯାଏ ତେବେ ଦୟାକୁ ଛାଡ଼ିବାକୁ ହୁଏ ଏବଂ ଦୟା କଲେ ନ୍ୟାୟକୁ ଛାଡ଼ିବାକୁ ପଡ଼େ । କାରଣ କର୍ତ୍ତାର କୃତ କର୍ମ ଅନୁସାରେ ନ୍ୟୂନାଧିକ ନ କରି ସୁକର୍ମର ଫଳସ୍ୱରୂପ ସୁଖ ଓ କୁକର୍ମର ଫଳସ୍ୱରୂପ ଦୁଃଖ ଦେବାର ନାମ **'ନ୍ୟାୟ'** । ଆଉ ଅପରାଧୀକୁ ଦଣ୍ଡ ନ ଦେଇ ଛାଡ଼ିଦେବାର ନାମ 'ଦୟା' ଅଟେ ।

ଉତ୍ତର — ନ୍ୟାୟ ଓ ଦୟା ମଧ୍ୟରେ କେବଳ ନାମ ମାତ୍ର ଭେଦ ଅଛି । କାରଣ ନ୍ୟାୟବିଧାନର ପ୍ରୟୋଜନ ଯାହା, ଦୟାର ଉଦ୍ଦେଶ୍ୟ ମଧ୍ୟ ତାହା ହିଁ ହୋଇଥାଏ । ଦଣ୍ଡ ଦେବାର ଉଦ୍ଦେଶ୍ୟ ହେଲା ମନୁଷ୍ୟ ଦୁଷ୍କର୍ମ କରିବାରୁ ନିବୃତ୍ତ ହେଉ ଓ ଫଳସ୍ୱରୂପ ଦୁଃଖରୁ ଦୂରେଇ ରହୁ । ସେହିପରି ଅନ୍ୟର ଦୁଃଖ ଦୂର କରିବାର ନାମ ହିଁ ତ 'ଦୟା' । ଆଉ ଦୟାର ଅର୍ଥ ତୁମେ ଯେପରି କରୁଛ, ଦୟା ଓ ନ୍ୟାୟ ଭିତରେ ଯେଉଁ ବିରୋଧ ଥିବା ଦର୍ଶାଉଛ ତାହା ଠିକ୍ ନୁହେଁ । କାରଣ ଯିଏ ଯେପରି, ଯେତିକି ଖରାପ କର୍ମ କରିଛି ତାକୁ ସେପରି, ସେତିକି ଦଣ୍ଡ ଦେବା ହେଉଛି **'ନ୍ୟାୟ'** । ଏହା ଦ୍ୱାରା ସଂସାରରେ 'ଦୟା'କୁ ସୁରକ୍ଷିତ ରଖାଯାଏ । ଆଉ ଯଦି ଅପରାଧୀଙ୍କୁ ଦଣ୍ଡ ନ ଦିଆଯାଏ ତେବେ 'ଦୟା'ର ବିନାଶ ଘଟିବ । କାରଣ ଜଣେ ଅପରାଧୀ, ଡକାଏତକୁ ଦଣ୍ଡ ନ ଦେଇ ଛାଡ଼ି ଦେବା ଦ୍ୱାରା ତା' ଯୋଗୁଁ ହଜାର-ହଜାର ଧର୍ମାତ୍ମା ବ୍ୟକ୍ତି ଦୁଃଖ ଭୋଗ କରିଥାନ୍ତି । ଯଦି ଜଣେ ଅପରାଧୀକୁ ଦଣ୍ଡ ନ ଦେଇ ଛାଡ଼ି

ଦେବା ଦ୍ୱାରା ହଜାର-ହଜାର ସଜ୍ଜନଙ୍କୁ ଦୁଃଖ ମିଳେ, ତେବେ ସେ କାର୍ଯ୍ୟକୁ ଦୟା କିପରି କୁହାଯିବ ? ଏଣୁ ବାସ୍ତବରେ 'ଦୟା' ପ୍ରଦର୍ଶନ ହେଲା — ସେହି ଡକାୟତକୁ କାରାରୁଦ୍ଧ କରି ପାପ କରିବାରୁ ତା'କୁ ରକ୍ଷା କରିବା ହେଉଛି ସେହି ଡକାୟତ ପ୍ରତି ଦୟା ଏବଂ ଦ୍ୱିତୀୟରେ ତା'କୁ କାରାରୁଦ୍ଧ କରିବା ଦ୍ୱାରା ସେ ଲୋକଙ୍କୁ ହତ୍ୟା ନ କରି ପାରିବା, ତା' ଦାଉରୁ ଲୋକେ ରକ୍ଷା ପାଇବା ହେଲା ସେହି ଲୋକମାନଙ୍କ ଉପରେ ଦୟା ।

ପ୍ରଶ୍ନ — 'ଦୟା' ଓ 'ନ୍ୟାୟ' ଏ ଉଭୟ ଶବ୍ଦର ଅର୍ଥ ଓ ଉଦ୍ଦେଶ୍ୟ ଯଦି ଏକ, ତେବେ ଏ ଦୁଇଟି ଶବ୍ଦ କାହିଁକି ଅଛି ? ଉଭୟର ଅର୍ଥ ଯଦି ଏକା ତେବେ ଦୁଇଟି ଶବ୍ଦ ରହିବା ନିରର୍ଥକ, କୌଣସିଟି ବି ଗୋଟିଏ ଶବ୍ଦ ଥିଲେ ଭଲ ହୋଇଥାନ୍ତା । କିନ୍ତୁ ଯେହେତୁ ଉଭୟ ଶବ୍ଦ ବିଦ୍ୟମାନ, ତେଣୁ ଏଥିରୁ ଜଣାଯାଉଛି ଯେ ଦୟା ଓ ନ୍ୟାୟର ପ୍ରୟୋଜନ ଏକ ନୁହେଁ ।

ଉତ୍ତର — ଏକ ସମାନ ଅର୍ଥ ପ୍ରକାଶ କରୁଥିବା ଅନେକ ଶବ୍ଦ ଓ ଏକ ଶବ୍ଦର ଅନେକ ଅର୍ଥ କ'ଣ ସଂସାରରେ ନଥାଏ ?

ପ୍ରଶ୍ନ — ଥାଏ ।

ଉତ୍ତର — ଫେରେ ତୁମକୁ ଶଙ୍କା କାହିଁକି ହେଲା ?

ପ୍ରଶ୍ନ — ସଂସାରରେ ଅନେକ ଲୋକ ଏପରି ଆକ୍ଷେପ କରୁଥିବା ଶୁଣିଛି ତ, ସେଇଥିପାଇଁ ହେଲା ।

ଉତ୍ତର — ସଂସାରରେ ସତ ଓ ମିଛ ଦୁଇଟି ଯାକ କଥା ଶୁଣାଯାଏ । କିନ୍ତୁ ସେସବୁ ଉପରେ ବିଚାର କରି କେଉଁଟା ସତ ଓ କେଉଁଟା ମିଛ ତାହା ନିଶ୍ଚୟ କରିବା ହେଉଛି ନିଜର କର୍ତ୍ତବ୍ୟ । ଦେଖ ! ଈଶ୍ୱରଙ୍କ ଅତ୍ୟନ୍ତ ଦୟା ତ ଏହା ଯେ ସେ ସମସ୍ତ ଜୀବଙ୍କ ପ୍ରୟୋଜନ ସିଦ୍ଧି ସକାଶେ ସଂସାରରେ ସକଳ ପଦାର୍ଥ ଉତ୍ପନ୍ନ କରି ପ୍ରଦାନ କରିଛନ୍ତି । ଏହାଠାରୁ ବଳି ଅଧିକ ଦୟା ଆଉ କ'ଣ ହୋଇପାରେ ? ଆଉ ନ୍ୟାୟର ଫଳ ତ ପ୍ରତ୍ୟକ୍ଷ ଦେଖାଯାଉଛି ଅର୍ଥାତ୍ ଜଗତରେ ପ୍ରାଣୀମାନଙ୍କ ଭିତରେ ସୁଖ-ଦୁଃଖର ଯେଉଁ ତାରତମ୍ୟ, ଅଧିକତା-ନ୍ୟୂନତା ଅଛି ତାହା ଈଶ୍ୱରୀୟ ନ୍ୟାୟବ୍ୟବସ୍ଥାର ଫଳକୁ ପ୍ରକାଶିତ କରୁଛି । ଦୟା ଓ ନ୍ୟାୟ ମଧ୍ୟରେ କେବଳ ଏତିକି ପ୍ରଭେଦ ଯେ ସମସ୍ତଙ୍କୁ ସୁଖ ଦେବା ଓ ଦୁଃଖରୁ ଉଦ୍ଧାର କରିବା ପାଇଁ ମନରେ ଯେଉଁ ଇଚ୍ଛା ଜାଗ୍ରତ ହୁଏ ଓ ତଦନୁସାରେ କ୍ରିୟା କରାଯାଏ ତାହାର ନାମ **'ଦୟା'** ଏବଂ ବନ୍ଧନ-ଛେଦନ ଆଦି ଯଥାଯୋଗ୍ୟ ଦଣ୍ଡବିଧାନ କରିବା ରୂପକ ବାହ୍ୟ କ୍ରିୟାକଳାପକୁ **'ନ୍ୟାୟ'** କୁହାଯାଏ । **ଉଭୟର ଏକମାତ୍ର ଉଦ୍ଦେଶ୍ୟ ହେଲା ସମସ୍ତଙ୍କୁ ପାପ ଓ ଦୁଃଖରୁ ଉଦ୍ଧାର କରିବା ।**

ପ୍ରଶ୍ନ — ଈଶ୍ୱର ସାକାର ନା ନିରାକାର ?

ଉତ୍ତର — ନିରାକାର । କାରଣ, ଈଶ୍ୱର ଯଦି ସାକାର ହୋଇଥାନ୍ତେ ତେବେ ସେ ସର୍ବବ୍ୟାପକ ହୋଇପାରନ୍ତେ ନାହିଁ । ସର୍ବବ୍ୟାପକ ହୋଇନଥିଲେ ସେ ସର୍ବଜ୍ଞ ଆଦି ବି ହୋଇପାରିନଥାନ୍ତେ । **କାରଣ ପରିମିତ ବସ୍ତୁର ଗୁଣ-କର୍ମ-ସ୍ୱଭାବ ବି ପରିମିତ ହୋଇଥାଏ ।** ତା'ଛଡ଼ା ଈଶ୍ୱର ସାକାର ହୋଇଥିଲେ ଶୀତ-ଉଷ୍ଣ, କ୍ଷୁଧା-ତୃଷା, ରାଗ-ଦ୍ୱେଷ ଓ ଛେଦନ-ଭେଦନ ଆଦିରୁ ରହିତ ହୋଇପାରନ୍ତେ ନାହିଁ । **ତେଣୁ ଏହା ନିଶ୍ଚିତ ଯେ ଈଶ୍ୱର ନିରାକାର ଅଟନ୍ତି ।** ଆଉ ଗୋଟିଏ କଥା ହେଲା ଯେ ଯଦି ସେ ସାକାର ହୋଇଥାନ୍ତେ, ତେବେ ତାଙ୍କ ଆକାରର ନିର୍ମାତା, ତାଙ୍କ ନାକ-କାନ-ଆଖି ଆଦି ଅବୟବର ରଚୟିତା ଅନ୍ୟ ଗୋଟିଏ ସତ୍ତା ରହିବା ଆବଶ୍ୟକ । କାରଣ, ଯେଉଁ

ବସ୍ତୁ ଅନେକ ପଦାର୍ଥର ସଂଯୋଗରୁ ଉତ୍ପନ୍ନ ହୁଏ, ସେହି ସଂଯୁକ୍ତ ହୋଇଥିବା ପଦାର୍ଥଗୁଡ଼ିକର ସଂଯୋଗକର୍ତ୍ତା ନିରାକାର ଚେତନ ନିଶ୍ଚିତ ଆବଶ୍ୟକ ହୋଇଥାଏ । ଏଠାରେ ଯଦି କେହି ଏକଥା କହେ ଯେ ଈଶ୍ୱର ସ୍ୱେଚ୍ଛାପୂର୍ବକ ନିଜେ ନିଜ ଶରୀର ତିଆରି କରିଦେଲେ, ତେବେ ବି ଏହା ହିଁ ସିଦ୍ଧ ହେଲା ଯେ ଶରୀର ନିର୍ମାଣ କରିବା ପୂର୍ବରୁ ସେ ନିରାକାର ଥିଲେ । ଅତଏବ ନିଷ୍କର୍ଷ ଏହା ଯେ ଈଶ୍ୱର ନିରାକାର ଅଟନ୍ତି । ପରମାତ୍ମା କେବେ ଶରୀର ଧାରଣ କରନ୍ତି ନାହିଁ । ଅଧିକନ୍ତୁ ନିରାକାର ହୋଇଥିବାରୁ ସେ ସମସ୍ତ ଜଗତକୁ ସୂକ୍ଷ୍ମ କାରଣରୁ ସ୍ଥୂଳାକାର କରିଦିଅନ୍ତି ।

ପ୍ରଶ୍ନ — ଈଶ୍ୱର ସର୍ବଶକ୍ତିମାନ୍ ଅଟନ୍ତି ନା ନାହିଁ ?

ଉତ୍ତର — ଅଟନ୍ତି । କିନ୍ତୁ 'ସର୍ବଶକ୍ତିମାନ୍' ଶବ୍ଦର ଅର୍ଥ ତୁମେ ଯେପରି ବୁଝିଛ ସେପରି ନୁହେଁ । ଏଠାରେ **'ସର୍ବଶକ୍ତିମାନ୍'** ଶବ୍ଦର ତାତ୍ପର୍ଯ୍ୟ ହେଲା ଯେ ଈଶ୍ୱର ନିଜର କାର୍ଯ୍ୟ ଅର୍ଥାତ୍ ସଂସାରର ଉତ୍ପତ୍ତି, ପାଳନ, ପ୍ରଳୟ ଆଦି ଏବଂ ସକଳ ଜୀବଙ୍କ ପାପପୁଣ୍ୟର ଯଥାଯଥ ଫଳର ବ୍ୟବସ୍ଥା କରିବାରେ କାହାରି ହେଲେ ଲେଶମାତ୍ର ସାହାଯ୍ୟ ନିଅନ୍ତି ନାହିଁ । ଅର୍ଥାତ୍ ନିଜର ଅନନ୍ତ ସାମର୍ଥ୍ୟ ବଳରେ ହିଁ ନିଜର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଦିଅନ୍ତି ।

ପ୍ରଶ୍ନ — ଆମେ ତ ବୁଝିଛୁ ଯେ ଈଶ୍ୱର ଯାହା ଚାହିଁଲେ ତାହା କରିପାରିବେ ।

ଉତ୍ତର — ସେ କ'ଣ ଚାହାନ୍ତି ? କେଉଁ ଭଳି କଥା ଚାହାନ୍ତି ? ଯଦି ତୁମେ କୁହ ଯେ ସେ ସବୁକିଛି ଚାହିଁପାରନ୍ତି ଓ କରିପାରନ୍ତି, ତେବେ ଆମେ ତୁମକୁ ପଚାରୁଛୁ ଯେ କ'ଣ ପରମେଶ୍ୱର ଆତ୍ମହତ୍ୟା କରିବା, ଅନେକ ଈଶ୍ୱର ତିଆରି କରିବା, ନିଜେ ଅବିଦ୍ୱାନ୍ ହେବା, ଚୋରି-ବ୍ୟଭିଚାର ଆଦି ପାପ ଆଚରଣ କରିବା ଓ ଦୁଃଖୀ ହେବା କଥା ଚାହିଁପାରିବେ ଓ କରିପାରିବେ ? ଯେପରି ଏସବୁ ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବର ବିରୁଦ୍ଧ, ତେଣୁ ସମ୍ଭବ ନୁହେଁ, ସେହିପରି ତୁମର ଏ କଥନ ଯେ 'ସେ ସବୁକିଛି କରିପାରନ୍ତି' ଏହା କଦାପି ସମ୍ଭବପର ନୁହେଁ । ଏଣୁ **'ସର୍ବଶକ୍ତିମାନ୍'** ଶବ୍ଦର ଅର୍ଥ ଆମେ ଯାହା କରିଛୁ, ତାହା ହିଁ ଠିକ୍ ।

ପ୍ରଶ୍ନ — ପରମେଶ୍ୱରଙ୍କ ଆଦି ଅଛି ନା ସେ ଅନାଦି ?

ଉତ୍ତର — ଈଶ୍ୱର ଅନାଦି । ଯାହାଙ୍କର ଆଦି କାରଣ ବା ବିଦ୍ୟମାନତାର ଆରମ୍ଭିକ ସମୟ ନ ଥାଏ ତାକୁ 'ଅନାଦି' କହନ୍ତି । ଏସବୁର ବ୍ୟାଖ୍ୟା ପ୍ରଥମ ସମୁଲ୍ଲାସରେ କରାଯାଇଛି । ସେଠାରେ ଦେଖିନିଅନ୍ତୁ ।

ପ୍ରଶ୍ନ — ପରମେଶ୍ୱର କ'ଣ ଚାହାଁନ୍ତି ?

ଉତ୍ତର — ସମସ୍ତଙ୍କର କଲ୍ୟାଣ ଓ ସୁଖ ଚାହାନ୍ତି; କିନ୍ତୁ ସ୍ୱାଧୀନତା ସହକାରେ । କାହାରି ବିନା ପାପରେ ନିଜ ଇଚ୍ଛାରେ କାହାକୁ ପରାଧୀନ କରନ୍ତି ନାହିଁ ।

ଈଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା

ପ୍ରଶ୍ନ — ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା କରିବା ଆବଶ୍ୟକ ନା ନାହିଁ ?

ଉତ୍ତର — କରିବା ଆବଶ୍ୟକ ।

ପ୍ରଶ୍ନ — ସ୍ତୁତି-ପ୍ରାର୍ଥନା ଆଦି କଲେ ଈଶ୍ୱର କ'ଣ ନିଜ ନିୟମକୁ ପରିତ୍ୟାଗ କରି ସ୍ତୁତି, ପ୍ରାର୍ଥନା ଓ ଉପାସନା କରୁଥିବା ଲୋକର ପାପର ଦଣ୍ଡ ନ ଦେଇ ତାହା ଛାଡ଼ କରିଦେବେ ?

ଉତ୍ତର — ନା ।

ପ୍ରଶ୍ନ — ତେବେ ପୁଣି ସ୍ତୁତି-ପ୍ରାର୍ଥନା-ଉପାସନା କରିବାର ଆବଶ୍ୟକତା କ'ଣ ?

ଉତ୍ତର — ଏସବୁ କରିବାର ଫଳ ଅନ୍ୟ ପ୍ରକାରର ।

ପ୍ରଶ୍ନ — କ'ଣ ସେ ଫଳ ?

ଉତ୍ତର — ସ୍ତୁତି ଦ୍ୱାରା ଈଶ୍ୱରଙ୍କ ପ୍ରତି ପ୍ରୀତି ହୁଏ, ତାଙ୍କ ଗୁଣ-କର୍ମ-ସ୍ୱଭାବ ଅନୁସାରେ ନିଜ ଗୁଣ-କର୍ମ-ସ୍ୱଭାବର ସୁଧାର ହୋଇଥାଏ । **ପ୍ରାର୍ଥନା** ଦ୍ୱାରା ନିରଭିମାନତା, ଉତ୍ସାହ ଓ ସହାୟତା ପ୍ରାପ୍ତ ହୁଏ । **ଉପାସନା** ଦ୍ୱାରା ପରଂବ୍ରହ୍ମଙ୍କ ସହ ମିଳନ ଓ ତାଙ୍କ ସାକ୍ଷାତ୍କାର ହୁଏ ।

ପ୍ରଶ୍ନ — ଏସବୁକୁ ସ୍ପଷ୍ଟ କରି ବୁଝାଇଦିଅନ୍ତୁ ।

ଉତ୍ତର — ଯଥା, **ଈଶ୍ୱରଙ୍କ ସ୍ତୁତି —**

ସ ପର୍ଯ୍ୟଗାଚ୍ଛୁକ୍ରମକାୟମବ୍ରଣମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍ ।
କବିର୍ମନୀଷୀ ପରିଭୂଃ ସ୍ୱୟମ୍ଭୂର୍ୟାଥାତଥ୍ୟତୋଽର୍ଥାନ୍ ବ୍ୟଦଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ ॥ ୧ ॥

(ଯଜୁଃ. ୪୦:୮)

ସେହି ପରମାତ୍ମା ସର୍ବତ୍ର ବ୍ୟାପକ, ଶୀଘ୍ରକାରୀ ଓ ଅନନ୍ତ ବଳବାନ୍, ଶୁକ୍ର, ସର୍ବଜ୍ଞ, ସର୍ବାନ୍ତର୍ଯ୍ୟାମୀ, ସର୍ବୋପରି ବିରାଜମାନ, ସନାତନ ଓ ସ୍ୱୟଂସିଦ୍ଧ । ସେହି ପରମେଶ୍ୱର ନିଜର ଜୀବରୂପକ ସନାତନ ଅନାଦି ପ୍ରଜାଙ୍କୁ ସନାତନ ଜ୍ଞାନ ବେଦ ଦ୍ୱାରା ଯଥାଯଥ ଅର୍ଥର ବୋଧ କରାନ୍ତି । ଏପରି ସ୍ତୁତି କରିବା ହେଲା **'ସଗୁଣ ସ୍ତୁତି'** । ଅର୍ଥାତ୍ **ପରମେଶ୍ୱର ଯେଉଁ-ଯେଉଁ ଗୁଣଯୁକ୍ତ ତାଙ୍କୁ ସେପରି ମାନି ତଦନୁରୂପ ତାଙ୍କର ସ୍ତୁତି କରିବାକୁ ସଗୁଣ ସ୍ତୁତି କହନ୍ତି । (ଅକାୟ)** ଅର୍ଥାତ୍ ପରମେଶ୍ୱର କେବେ ବି ଶରୀର ଧାରଣ ବା ଜନ୍ମଗ୍ରହଣ କରନ୍ତି ନାହିଁ, ତାଙ୍କ ଭିତରେ ଛିଦ୍ର ନାହିଁ, ସେ ନାଡ଼ି ଆଦିର ବନ୍ଧନରେ ଆବଦ୍ଧ ନୁହନ୍ତି, ସେ କେବେ ପାପାଚରଣ କରନ୍ତି ନାହିଁ, ତାଙ୍କୁ କ୍ଳେଶ, ଦୁଃଖ, ଅଜ୍ଞାନ କେବେ ବି ହୁଏ ନାହିଁ ଇତ୍ୟାଦି **ରାଗ-ଦ୍ୱେଷାଦି ଯେଉଁ-ଯେଉଁ ଗୁଣରୁ ପରମେଶ୍ୱର ରହିତ ତାଙ୍କୁ ସେପରି ମାନି ସ୍ତୁତି କରିବାକୁ 'ନିର୍ଗୁଣ ସ୍ତୁତି' କୁହାଯାଏ ।** ଈଶ୍ୱରଙ୍କ ସ୍ତୁତିର ଉଦ୍ଦେଶ୍ୟ ହେଲା ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ପରି ନିଜର ଗୁଣ-କର୍ମ-ସ୍ୱଭାବ କରିବା । ଯଥା- ସେ ନ୍ୟାୟକାରୀ ଅଟନ୍ତି । ତେଣୁ ନିଜେ ବି ନ୍ୟାୟକାରୀ ହେବା । ଆଉ ଯିଏ ଭାଣ୍ଡଙ୍କ ଭଳି କେବଳ ପରମେଶ୍ୱରଙ୍କ ଗୁଣକୀର୍ତ୍ତନ କରି ଚାଲିଥାଏ; କିନ୍ତୁ ନିଜ ଚରିତ୍ରକୁ ସଂଶୋଧନ କରେ ନାହିଁ, ତା'ର ସ୍ତୁତି କରିବା ବ୍ୟର୍ଥ, ନିଷ୍ଫଳ ଅଟେ ।

ପ୍ରାର୍ଥନା —

ୟାଂ ମେଧାଂ ଦେବଗଣାଃ ପିତରଶ୍ଚୋପାସତେ ।
ତୟା ମାମଦ୍ୟ ମେଧୟାଽଗ୍ନେ ମେଧାବିନଂ କୁରୁ ସ୍ୱାହା ॥ ୧ ॥ (ଯଜୁଃ. ୩୨:୧୪)
ତେଜୋଽସି ତେଜୋ ମୟି ଧେହି ବୀର୍ୟ୍ୟମସି ବୀର୍ୟ୍ୟଂ ମୟି ଧେହି ।
ବଲମସି ବଲଂ ମୟି ଧେହି । ଓଜୋଽସ୍ୟୋଜୋ ମୟି ଧେହି ।
ମନ୍ୟୁରସି ମନ୍ୟୁଂ ମୟି ଧେହି ସହୋଽସି ସହୋ ମୟି ଧେହି ॥ ୨ ॥ (ଯଜୁଃ. ୧୯:୯)
ୟଜ୍ଜାଗ୍ରତୋ ଦୂରମୁଦୈତି ଦୈବଂ ତଦୁ ସୁପ୍ତସ୍ୟ ତଥୈବୈତି ।
ଦୂରଙ୍ଗମଂ ଜ୍ୟୋତିଷାଂ ଜ୍ୟୋତିରେକଂ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୩ ॥

ୟେନ କର୍ମାଣ୍ୟପସୋ ମନୀଷିଣୋ ୟଜ୍ଞେ କୃଣ୍ୱନ୍ତି ବିଦଥେଷୁ ଧୀରାଃ ।
ୟଦପୂର୍ବଂ ୟକ୍ଷମନ୍ତଃ ପ୍ରଜାନାଂ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୪ ॥
ୟତ୍ପ୍ରଜ୍ଞାନମୁତ ଚେତୋ ଧୃତିଶ୍ଚ ୟଜ୍ଜ୍ୟୋତିରନ୍ତରମୃତଂ ପ୍ରଜାସୁ ।
ୟସ୍ମାନ୍ନଋତେ କିଂ ଚନ କର୍ମ କ୍ରିୟତେ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୫ ॥
ୟେନେଦଂ ଭୂତଂ ଭୁବନଂ ଭବିଷ୍ୟତ୍ପରିଗୃହୀତମମୃତେନ ସର୍ବମ୍ ।
ୟେନ ୟଜ୍ଞସ୍ତାୟତେ ସପ୍ତ ହୋତା ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୬ ॥
ୟସ୍ମିନ୍ନୃଚଃ ସାମ ୟଜୂଂଷି ୟସ୍ମିନ୍ ପ୍ରତିଷ୍ଠିତା ରଥନାଭାବିବାରାଃ ।
ୟସ୍ମିଁଶ୍ଚିତ୍ତଂ ସର୍ବମୋତଂ ପ୍ରଜାନାଂ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୭ ॥
ସୁଷାରଥିରଶ୍ୱାନିବ ୟନ୍ମନୁଷ୍ୟାନ୍ନେନୀୟତେଽଭୀଶୁଭିର୍ବାଜିନଽଇବ ।
ହୃତ୍ପ୍ରତିଷ୍ଠଂ ୟଦଜିରଂ ଜବିଷ୍ଠଂ ତନ୍ମେ ମନଃ ଶିବସଙ୍କଳ୍ପମସ୍ତୁ ॥ ୮ ॥ (ୟଜୁଃ. ୩୪:୧-୬)

ହେ ଅଗ୍ନେ! ହେ ପ୍ରକାଶସ୍ୱରୂପ ପରମେଶ୍ୱର! ବିଦ୍ୱାନ୍, ଜ୍ଞାନୀ ଓ ଯୋଗୀଜନ ଯେଉଁ ବୁଦ୍ଧିର ଉପାସନା, କାମନା କରନ୍ତି, ଆପଣ ଦୟାକରି ବର୍ତ୍ତମାନ ମୋତେ ସେହି ବୁଦ୍ଧିରେ ସଂଯୁକ୍ତ କରି ବୁଦ୍ଧିମାନ୍ କରାନ୍ତୁ ॥ ୧ ॥

ହେ ପ୍ରଭୋ! ଆପଣ ପ୍ରକାଶସ୍ୱରୂପ ଅଟନ୍ତି, କୃପାକରି ମୋ ହୃଦୟରେ ବି ପ୍ରକାଶ ସ୍ଥାପନ କରନ୍ତୁ । ଆପଣ ଅନନ୍ତ ପରାକ୍ରମଶାଳୀ, ସ୍ୱ କୃପା-କଟାକ୍ଷରେ ମୋ ଭିତରେ ବି ପରାକ୍ରମ ପୂର୍ଣ୍ଣ କରନ୍ତୁ । ଆପଣ ଅନନ୍ତ ବଳବାନ୍, ମୋତେ ବି ବଳବାନ୍ କରନ୍ତୁ । ଆପଣ ଅନନ୍ତ ସାମର୍ଥ୍ୟବାନ୍, ମୋତେ ମଧ୍ୟ ପୂର୍ଣ୍ଣ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆପଣ ଦୁଷ୍ଟ କର୍ମ ଓ ଦୁଷ୍ଟଙ୍କ ଉପରେ କ୍ରୋଧ କରନ୍ତି, ମୋତେ ବି ସେପରି କରନ୍ତୁ । ଅପଣ ନିନ୍ଦା ଓ ସ୍ତୁତିରେ ଅବିଚଳିତ ତଥା ଆପଣଙ୍କ ପ୍ରତି ଅପରାଧ କରୁଥିବା ଅପରାଧୀ ପ୍ରତି ସହନଶୀଳ, ଦୟାକରି ମୋତେ ମଧ୍ୟ ସେପରି ସହନଶୀଳ କରନ୍ତୁ ॥ ୨ ॥

ହେ ଦୟାନିଧେ! ମୋର ଯେଉଁ ମନ ଜାଗ୍ରତ ଅବସ୍ଥାରେ ଦୂର-ଦୂରାନ୍ତକୁ ଚାଲିଯାଏ, ଦିବ୍ୟଗୁଣଯୁକ୍ତ ଥାଏ, ଏବଂ ସେହି ମନ ନିଦ୍ରା ଅବସ୍ଥାରେ ସୁଷୁପ୍ତିକୁ ପ୍ରାପ୍ତ ହୁଏ କିମ୍ବା ସ୍ୱପ୍ନରେ ଦୂର-ଦୂରାନ୍ତକୁ ଗମନ କଲା ଭଳି ବ୍ୟବହାର କରେ । ସକଳ ପ୍ରକାଶକଙ୍କ ପ୍ରକାଶକ ଅର୍ଥାତ୍ ଆତ୍ମାକୁ ଶବ୍ଦାଦି ବିଷୟ ସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତ କରାଉଥିବା, ଜ୍ଞାନେନ୍ଦ୍ରିୟଙ୍କ ଜ୍ଞାନକୁ ଆତ୍ମାକୁ ପ୍ରାପ୍ତ କରିବାରେ ସାଧକ ମୋର ସେହି ଏକ ମନ ଆପଣଙ୍କ କୃପାରେ ଶିବସଂକଳ୍ପ ଅର୍ଥାତ୍ ନିଜର ଓ ଅନ୍ୟ ପ୍ରାଣୀମାନଙ୍କର କଲ୍ୟାଣ କରିବାରେ ସଂକଳ୍ପବାନ୍ ହେଉ । କାହାରି ହାନି କରିବାର ଇଚ୍ଛାଯୁକ୍ତ କେବେ ବି ନ ହେଉ ॥ ୩ ॥

ହେ ସର୍ବାନ୍ତର୍ଯ୍ୟାମିନ୍! ଯେଉଁ ମନ ଦ୍ୱାରା କର୍ମନିଷ୍ଠ, ବିଦ୍ୱାନ୍, ଧୈର୍ଯ୍ୟଶାଳୀ ବ୍ୟକ୍ତିମାନେ ଯଜ୍ଞ ଓ ଯୁଦ୍ଧାଦିରେ କର୍ତ୍ତବ୍ୟ କର୍ମ ସମ୍ପାଦନ କରନ୍ତି; ଯିଏ ଅପୂର୍ବ ସାମର୍ଥ୍ୟଯୁକ୍ତ, ପୂଜନୀୟ ଏବଂ ପ୍ରାଣୀମାନଙ୍କର ଭିତରେ ବିଦ୍ୟମାନ ଥାଏ ମୋର ସେହି ମନ ଧର୍ମାଚରଣ ଇଚ୍ଛାଯୁକ୍ତ ହୋଇ ଅଧର୍ମରୁ ସର୍ବଥା ଦୂରେଇ ରହୁ ॥ ୪ ॥

ଯିଏ ପ୍ରକୃଷ୍ଟ ଜ୍ଞାନର ସାଧନ, ଅନ୍ୟକୁ ଚେତନା ସମ୍ପାଦକ-ଜାଗ୍ରତକାରୀ, ନିଶ୍ଚୟାତ୍ମିକା ବୃତ୍ତି; ଯିଏ ପ୍ରାଣୀମାନଙ୍କ ଅନ୍ତରରେ ଜ୍ଞାନ-ପ୍ରକାଶକ ଓ ନାଶରହିତ (ଜୀବାତ୍ମାର ମୋକ୍ଷ ବା ସୃଷ୍ଟିର ପ୍ରଳୟ ପର୍ଯ୍ୟନ୍ତ ବିଦ୍ୟମାନ); ଯାହା ବିନା କୌଣସି କାର୍ଯ୍ୟ କରାଯାଇପାରେ ନାହିଁ, ମୋର ସେହି ମନ ଶୁଭଗୁଣାଭିଳାଷୀ ହୋଇ ଦୁର୍ଗୁଣରୁ ଦୂରେଇ ରହୁ ॥ ୫ ॥

ହେ ଜଗଦୀଶ୍ୱର ! ଯେଉଁ ମନ ଦ୍ୱାରା ଯୋଗୀଜନ ଭୂତ, ବର୍ତ୍ତମାନ ଓ ଭବିଷ୍ୟତର ବ୍ୟବହାରକୁ ଜାଣନ୍ତି; ଯିଏ ଅବିନାଶୀ ଜୀବାତ୍ମାକୁ ପରମାତ୍ମାଙ୍କ ସହ ମିଳନ କରାଇ ତ୍ରିକାଳଜ୍ଞ କରିଦିଏ; ଯାହା ଭିତରେ ଜ୍ଞାନ ଓ କ୍ରିୟା ବିଦ୍ୟମାନ; ଯିଏ ପଞ୍ଚ ଜ୍ଞାନେନ୍ଦ୍ରିୟ, ବୁଦ୍ଧି ଓ ଆତ୍ମା ସହ ସଂଯୁକ୍ତ ହୋଇ ରହିଥାଏ, ଯୋଗରୂପକ ଯଜ୍ଞକୁ ଯାହାଦ୍ୱାରା ବିସ୍ତାର କରାଯାଏ, ସେହି ମୋର ମନ ଯୋଗ-ବିଜ୍ଞାନଯୁକ୍ତ ହୋଇ ଅବିଦ୍ୟାଦି କ୍ଲେଶରୁ ପୃଥକ୍ ହୋଇ ରହୁ ॥ ୬ ॥

ହେ ପରମବିଦ୍ୱାନ୍ ପରମେଶ୍ୱର ! ରଥଚକର ନାଭିରେ ଅରଗୁଡ଼ିକ ସଂଯୁକ୍ତ ହୋଇ ରହିଥିଲା ଭଳି ଯେଉଁ ମନରେ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ ପ୍ରତିଷ୍ଠିତ; ଯେଉଁଥିରେ ସର୍ବଜ୍ଞ, ସର୍ବବ୍ୟାପକ, ପ୍ରାଣୀମାନଙ୍କର ସାକ୍ଷୀ ଚିତ୍ତ ଚେତନ ଜଣାଯାଏ, ମୋର ସେହି ମନ ଅବିଦ୍ୟାଦିରୁ ରହିତ ହୋଇ ସଦା ବିଦ୍ୟାପ୍ରିୟ ହେଉ ॥ ୭ ॥

ହେ ସର୍ବନିୟନ୍ତା ଈଶ୍ୱର ! ଅଶ୍ୱର ନିୟନ୍ତକ ସାରଥି ଲଗାମ ଦ୍ୱାରା ଘୋଡ଼ାଗୁଡ଼ିକୁ ଇଚ୍ଛାନୁସାରେ ଯେଉଁ ଆଡ଼କୁ ଚାହେଁ ସେପଟକୁ ଚଲାଇଲା ଭଳି ଯେଉଁ ମନ ମନୁଷ୍ୟମାନଙ୍କୁ ଅତ୍ୟନ୍ତ ଇତସ୍ତତଃ ବୁଲାଉଥାଏ; ଯିଏ ହୃଦୟରେ ପ୍ରତିଷ୍ଠିତ, ଗତିମାନ୍ ଓ ଅତ୍ୟନ୍ତ ବେଗବାନ୍, ମୋର ସେହି ମନ ସମସ୍ତ ଇନ୍ଦ୍ରିୟମାନଙ୍କୁ ଅଧର୍ମାଚରଣରୁ ନିବୃତ୍ତ କରି ସର୍ବଦା ଧର୍ମମାର୍ଗରେ ପରିଚାଳିତ କରୁ, ଏପରି କୃପା ମୋ ଉପରେ କରନ୍ତୁ ॥ ୮ ॥

ଅଗ୍ନେ ନୟ ସୁପଥା ରାୟେଽଅସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।
ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ ଭୂୟିଷ୍ଠାଂ ତେ ନମଽଉକ୍ତିଂ ବିଧେମ ॥ (ଯଜୁଃ. ୪୦:୧୬)

ହେ ସୁଖଦାତା, ସ୍ୱପ୍ରକାଶସ୍ୱରୂପ, ସର୍ବଜ୍ଞାତା ପରମାତ୍ମନ୍ ! ଆପଣ ଆମକୁ ଶ୍ରେଷ୍ଠ ମାର୍ଗରେ ସମ୍ପୂର୍ଣ୍ଣ ପ୍ରଜ୍ଞାନ ପ୍ରାପ୍ତ କରାନ୍ତୁ; ଏବଂ ଆମକୁ ପାପାଚରଣରୂପକ କୁଟିଳ ମାର୍ଗରୁ ଦୂରେଇ ରଖନ୍ତୁ । ଏଥିପାଇଁ ଆମେ ନମ୍ରତାପୂର୍ବକ ଆପଣଙ୍କୁ ଭୂୟୋଭୂୟଃ ସ୍ତୁତି-ପ୍ରାର୍ଥନା କରୁଛୁ କି ଆପଣ ଆମକୁ ପବିତ୍ର କରନ୍ତୁ । **ଏସବୁ ସଗୁଣ ପ୍ରାର୍ଥନା ।**

ମା ନୋ ମହାନ୍ତମୁତ ମା ନୋଽଅର୍ଭକଂ ମା ନଽଉକ୍ଷନ୍ତମୁତ ମା ନ ଉକ୍ଷିତମ୍ ।
ମା ନୋ ବଧୀଃ ପିତରଂ ମୋତ ମାତରଂ ମା ନଃ ପ୍ରିୟାସ୍ତନ୍ୱୋ ରୁଦ୍ର ରୀରିଷଃ ॥
(ଯଜୁଃ. ୧୬:୧୫)

ହେ (ରୁଦ୍ର) ଦୁଷ୍ଟଙ୍କୁ ପାପର ଦୁଃଖରୂପ ଫଳ ଦେଇ ରୋଦନ କରାଉଥିବା ପରମେଶ୍ୱର ! ଆପଣ ଆମର ଗୁରୁଜନ, ଲଘୁଜନ, ଗର୍ଭସ୍ଥ ସନ୍ତାନ, ମାତା, ପିତା ଓ ପ୍ରିୟ ବନ୍ଧୁବର୍ଗ ତଥା ଆମ ଶରୀରର ବିନାଶ ପାଇଁ କାହାକୁ କେବେ ବି ପ୍ରେରିତ ହେବାକୁ ଦିଅନ୍ତୁ ନାହିଁ । ଆପଣ ଆମକୁ ଏପରି ମାର୍ଗରେ ପରିଚାଳିତ କରନ୍ତୁ ଯଦ୍ୱାରାକି ଆମେ ଆପଣଙ୍କ ଦଣ୍ଡର ପାତ୍ର ହେବୁନାହିଁ ।

ଅସତୋ ମା ସଦ୍ ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମାଽମୃତଂ ଗମୟେତି ।
(ଶତପଥ. ୧୪:୩:୧:୩୦)

ହେ ପରମଗୁରୋ ପରମାତ୍ମନ୍ ! ଆପଣ ଆମକୁ ଅସତ୍ ମାର୍ଗରୁ ପୃଥକ୍ କରି ସନ୍ମାର୍ଗକୁ ନିଅନ୍ତୁ । ଅବିଦ୍ୟା-ଅନ୍ଧକାରରୁ ମୁକ୍ତ କରି ବିଦ୍ୟାରୂପକ ସୂର୍ଯ୍ୟ ଆଡ଼କୁ ନେଇଚାଲନ୍ତୁ । ମୃତ୍ୟୁଦୁଃଖରୁ ଉଦ୍ଧାର କରି ମୋକ୍ଷାନନ୍ଦରୂପକ ଅମୃତ ପ୍ରାପ୍ତ କରାନ୍ତୁ ।

ଅତଃ ପରମେଶ୍ୱର ଯେଉଁ-ଯେଉଁ ଗୁଣଯୁକ୍ତ, ତାଙ୍କୁ ସେପରି ବୋଲି ମାନି ସେହି-ସେହି ଗୁଣରେ ନିଜେ

ଭୂଷିତ ହେବା ପଇଁ ଯେଉଁ ପ୍ରାର୍ଥନା କରାଯାଏ ବିଧିପରକ ହେବାରୁ ତାକୁ **'ସଗୁଣ ପ୍ରାର୍ଥନା'** କୁହାଯାଏ । ଈଶ୍ୱର ଯେଉଁ-ଯେଉଁ ଦୋଷ-ଦୁର୍ଗୁଣରୁ ରହିତ ତାଙ୍କୁ ସେପରି ମାନି ନିଜକୁ ମଧ୍ୟ ସେସବୁ ଦୋଷ-ଦୁର୍ଗୁଣରୁ ପୃଥକ୍ କରିବା ପାଇଁ ଈଶ୍ୱରଙ୍କୁ ଯେଉଁ ପ୍ରାର୍ଥନା କରାଯାଏ, ନିଷେଧପରକ ହୋଇଥିବାରୁ ତାକୁ **'ନିର୍ଗୁଣ ପ୍ରାର୍ଥନା'** କହନ୍ତି । ଯେଉଁ ବ୍ୟକ୍ତି ଯେଉଁ ବିଷୟ ପାଇଁ ପ୍ରାର୍ଥନା କରେ ସେ ସେପରି ହିଁ କାର୍ଯ୍ୟ କରିବା ଉଚିତ । ଯଥା- ଯଦି କେହି ଅତ୍ୟୁତ୍ତମ ବୁଦ୍ଧି ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରେ, ତେବେ ସେଥିପାଇଁ ଯେତେ ଅଧିକ ପ୍ରଯତ୍ନ ତା'ଦ୍ୱାରା ସମ୍ଭବ ସେତିକି ସେ କରିବା ଆବଶ୍ୟକ । ଅର୍ଥାତ୍ **ନିଜେ ପୁରୁଷାର୍ଥ କରିବା ପରେ ହିଁ ପ୍ରାର୍ଥନା କରିବା ବିଧେୟ ।**

ଏପରି ପ୍ରାର୍ଥନା କଦାପି କରିବା ଉଚିତ ନୁହେଁ କି ପରମେଶ୍ୱର ଏପରି ପ୍ରାର୍ଥନାକୁ କେବେ ବି ସ୍ୱୀକାର କରନ୍ତି ନାହିଁ । ଯଥା — 'ହେ ପରମେଶ୍ୱର ! ଆପଣ ମୋର ଶତ୍ରୁମାନଙ୍କ ସର୍ବନାଶ କରିଦିଅନ୍ତୁ, ମୋତେ ସମସ୍ତଙ୍କଠୁ ବଡ଼ କରିଦିଅନ୍ତୁ, ସର୍ବତ୍ର ମୋର ହିଁ ପ୍ରତିଷ୍ଠା ହେଉ ଏବଂ ଅନ୍ୟ ସମସ୍ତେ ମୋର ଅଧୀନ ହୋଇଯାଆନ୍ତୁ' ଇତ୍ୟାଦି ।କାରଣ ପରସ୍ପର ଶତ୍ରୁ ହୋଇଥିବା ଦୁଇଜଣ ଯଦି ଜଣେ ଅନ୍ୟର ନାଶ ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ତେବେ କ'ଣ ଈଶ୍ୱର ଉଭୟଙ୍କ ବିନାଶ କରିଦେବେ ? ଏପରି ସ୍ଥଳେ ଯଦି କେହି କହେ କି ଏ ଉଭୟଙ୍କ ଭିତରୁ ଈଶ୍ୱରଙ୍କ ପ୍ରତି ଯାହାର ଭକ୍ତି ଅଧିକ ଥିବ, ତାହାର ପ୍ରାର୍ଥନା ପୂର୍ଣ୍ଣ ହେବା ଉଚିତ । ତେବେ ଆମେ କହିପାରିବା ଯେ ଯାହାର ଭକ୍ତି କମ୍ ଥିବ, ତା'ର ଶତ୍ରୁର ବି କମ୍ ନାଶ ହେବା ଉଚିତ । ଆଉ ଏପରି ମୂର୍ଖତାପୂର୍ଣ୍ଣ ପ୍ରାର୍ଥନା କରିଚାଲିଲେ କେହି ଏପରି ବି ପ୍ରାର୍ଥନା କରିପାରେ — 'ହେ ପରମେଶ୍ୱର ! ଆପଣ ରୋଷେଇ କରି ମୋତେ ଖୁଆନ୍ତୁ, ମୋ ଘର ଓଳେଇ ଦିଅନ୍ତୁ, ଲୁଗାପଟା ସଫା କରିଦିଅନ୍ତୁ, ଜମି-ବାଡ଼ି ଚାଷ କରିଦିଅନ୍ତୁ ।' ଏଭଳି ଭାବେ ଈଶ୍ୱରଙ୍କ ଉପରେ ନିର୍ଭର କରି ଯେଉଁମାନେ ଅଳସୁଆ ହୋଇ ବସିରହନ୍ତି ସେମାନେ ମହାମୂର୍ଖ । କାରଣ ପୁରୁଷାର୍ଥ କରିବା ପାଇଁ ପରମେଶ୍ୱର ଯେଉଁ ଆଦେଶ ଦେଇଛନ୍ତି, ତାକୁ ଯିଏ ଉଲ୍ଲଙ୍ଘନ କରିବ ସେ କଦାପି ସୁଖ ଲାଭ କରିପାରିବ ନାହିଁ । ଯଥା —

କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ । (ଯଜୁଃ. ୪୦:୨)

ଈଶ୍ୱର ଆଦେଶ ଦେଇଛନ୍ତି କି ମନୁଷ୍ୟ ଶହେ ବର୍ଷ ପର୍ଯ୍ୟନ୍ତ ଏବଂ ବଞ୍ଚିଥିବା ଯାଏ କର୍ମ କରି-କରି ହିଁ ଜୀଇଁବାକୁ ଇଚ୍ଛା କରୁ, କଦାପି ଅଳସୁଆ ନ ହେଉ ।

ଦେଖ ! ସଂସାରରେ ଯେତେ ପ୍ରାଣୀ ବା ଅପ୍ରାଣୀ ଅଛନ୍ତି, ସମସ୍ତେ ନିଜ-ନିଜ କର୍ମ ଓ ପ୍ରଯତ୍ନ କରୁଅଛନ୍ତି । ଯଥା - ପିମ୍ପୁଡ଼ି ଆଦି ସର୍ବଦା ପ୍ରଯତ୍ନ କରୁଛନ୍ତି, ପୃଥିବୀ ଆଦି ସଦା ଘୂରୁଛନ୍ତି ଏବଂ ବୃକ୍ଷ ଆଦି ସର୍ବଦା ବଢ଼ୁଛନ୍ତି-କମୁଛନ୍ତି । ମନୁଷ୍ୟମାନେ ବି ଏସବୁ ଉଦାହରଣରୁ କର୍ମପ୍ରବଣ ହେବାର ଶିକ୍ଷା ଗ୍ରହଣ କରିବା ଉଚିତ । **ଯେଉଁପରି ପରିଶ୍ରମ କରୁଥିବା ବ୍ୟକ୍ତିକୁ ସଂସାରରେ ଅନ୍ୟମାନେ ବି ସହାୟତା କରିଥାନ୍ତି, ସେହିପରି ଧର୍ମମାର୍ଗରେ ପୁରୁଷାର୍ଥ କରୁଥିବା ବ୍ୟକ୍ତିକୁ ଈଶ୍ୱର ବି ସାହାଯ୍ୟ କରିଥାନ୍ତି ।** ଯେଉଁଭଳି କର୍ମଠ ଲୋକକୁ କର୍ମ ପାଇଁ ଲୋକେ ନିଯୁକ୍ତି ଦେଇଥାନ୍ତି, ଅଳସୁଆକୁ କେହି ନିଯୁକ୍ତି ଦିଅନ୍ତି ନାହିଁ; ଦେଖିବାକୁ ଇଚ୍ଛା କରୁଥିବା ଓ ଆଖି ଥିବା ଲୋକକୁ ହିଁ ଇପ୍ସିତ ବସ୍ତୁ ଦେଖାଯାଏ, ଅନ୍ଧକୁ ନୁହେଁ; ସେହିପରି ପରମେଶ୍ୱର ମଧ୍ୟ ସମସ୍ତଙ୍କ କଲ୍ୟାଣକାରୀ ପ୍ରାର୍ଥନାରେ ସହାୟକ ହୋଇଥାନ୍ତି, ହାନିକାରକ କର୍ମରେ ନୁହେଁ । ଗୁଡ଼ ମିଠା ବୋଲି ଯଦି କେହି କେବଳ କହୁଥାଏ ତାକୁ କେବେ ବି ଗୁଡ଼ ମିଳେ ନାହିଁ କି ସେ ତା'ର ସ୍ୱାଦ ପାଇପାରେ ନାହିଁ । ଆଉ ଯିଏ ଗୁଡ଼ ପାଇବା ପାଇଁ ଉଦ୍ୟମ କରେ, ଶୀଘ୍ର ହେଉ ବା ବିଳମ୍ବରେ ହେଉ ତାକୁ ଗୁଡ଼ ନିଶ୍ଚିତ ମିଳିଯାଏ ।

ବର୍ତ୍ତମାନ ତୃତୀୟ ବିଷୟ ହେଲା ଉପାସନା —

ସମାଧିନିର୍ଧୂତମଲସ୍ୟ ଚେତସୋ ନିବେଶିତସ୍ୟାତ୍ମନି ଯତ୍ସୁଖଂ ଭବେତ୍ ।
ନି ଶକ୍ୟତେ ବର୍ଣ୍ଣୟିତୁଂ ଗିରା ତଦା ସ୍ୱୟଂ ତଦନ୍ତଃକରଣେନ ଗୃହ୍ୟତେ ॥

(ମୈତ୍ରାୟଣୀ. ୪:୪:୯)

ସମାଧିଯୋଗ ଦ୍ୱାରା ଯେଉଁ ବ୍ୟକ୍ତିର ଅବିଦ୍ୟାଦି ମଳ ନଷ୍ଟ ହୋଇଯାଇଛି, ଯିଏ ଆତ୍ମସ୍ଥ ହୋଇ ପରମାତ୍ମାଙ୍କଠାରେ ଚିତ୍ତ ନିବେଶ କରିଛି, ପରମାତ୍ମା ସାକ୍ଷାତ୍କାର ଜନିତ ଯେଉଁ ଆନନ୍ଦ ତାକୁ ମିଳେ; ତାହାକୁ ବାଣୀରେ ପ୍ରକାଶ କରାଯାଇପାରିବ ନାହିଁ । କାରଣ ସେହି ଆନନ୍ଦକୁ ଜୀବାତ୍ମା ସ୍ୱ ଅନ୍ତଃକରଣରେ ଅନୁଭବ କରିଥାଏ ।

'ଉପାସନା' ଶବ୍ଦର ଅର୍ଥ ହେଉଛି ସମୀପସ୍ଥ ହେବା । ଅଷ୍ଟାଙ୍ଗ ଯୋଗ ଦ୍ୱାରା ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ତଥା ତାଙ୍କୁ ସର୍ବବ୍ୟାପୀ, ସର୍ବାନ୍ତର୍ଯ୍ୟାମୀ ରୂପରେ ପ୍ରତ୍ୟକ୍ଷ କରିବା ପାଇଁ ଯେଉଁସବୁ କାମ କରିବା ଆବଶ୍ୟକ, ସେସବୁ କରିବା ଉଚିତ । ଯଥା —

ଅହିଂସାସତ୍ୟାଽସ୍ତେୟବ୍ରହ୍ମଚର୍ୟାପରିଗ୍ରହା ଯମାଃ । (ଯୋଗ. ୨:୩୦)

ଯିଏ ଉପାସନା ଆରମ୍ଭ କରିବାକୁ ଚାହାଁନ୍ତି ତାଙ୍କ ପାଇଁ ପ୍ରାରମ୍ଭିକ କାର୍ଯ୍ୟ ହେଲା ଯେ ସେ — **୧.** କାହା ପ୍ରତି ବୈର ଭାବ ରଖିବେ ନାହିଁ, ସମସ୍ତଙ୍କୁ ସର୍ବଦା ପ୍ରୀତି କରିବେ । **୨.** ସତ୍ୟ କହିବେ, କଦାପି ମିଥ୍ୟା କହିବେ ନାହିଁ । **୩.** ଚୋରି କରିବେ ନାହିଁ, ସତ୍ୟ ବ୍ୟବହାର କରିବେ । **୪.** ଜିତେନ୍ଦ୍ରିୟ ହେବେ, ଲମ୍ପଟାଚରଣ କରିବେ ନାହିଁ । **୫.** ନିରଭିମାନୀ ହେବେ, କେବେ ବି ଅଭିମାନ କରିବେ ନାହିଁ । ଏ ପାଞ୍ଚ ପ୍ରକାର **ଯମ** ମିଶି **'ଉପାସନା ଯୋଗ'ର ପ୍ରଥମ ଅଙ୍ଗ ।**

ଶୌଚସନ୍ତୋଷତପଃସ୍ୱାଧ୍ୟାୟେଶ୍ୱରପ୍ରଣିଧାନାନି ନିୟମାଃ । (ଯୋଗ. ୨: ୩୨)

୧. ରାଗ-ଦ୍ୱେଷ ତ୍ୟାଗ କରି ଅନ୍ତରକୁ ଏବଂ ଜଳାଦି ଦ୍ୱାରା ବାହାରକୁ ପବିତ୍ର ରଖିବେ । **୨.** ଆଳସ୍ୟ ଛାଡ଼ି ପ୍ରସନ୍ନ ହୋଇ ସର୍ବଦା ପୁରୁଷାର୍ଥ କରିବେ । ଧର୍ମପୂର୍ବକ ପରିଶ୍ରମ କରିବା ପରେ ଯାହା ମିଳୁ ତହିଁରେ ସନ୍ତୁଷ୍ଟ ରହିବେ, ଲାଭରେ ଉତ୍ଫୁଲ୍ଲିତ ହେବେ ନାହିଁ କି ହାନିରେ ଅପ୍ରସନ୍ନ ହେବେ ନାହିଁ । **୩.** ଦୁଃଖ-ସୁଖକୁ ସର୍ବଦା ସହନ କରିବେ ଏବଂ ଧର୍ମାଚରଣ ହିଁ କରିବେ, ଅଧର୍ମାଚରଣ କରିବେ ନାହିଁ । **୪.** ସର୍ବଦା ସଦ୍‌ଗ୍ରନ୍ଥ ପଠନ-ପାଠନ କରିବେ, ସତ୍‌ପୁରୁଷଙ୍କ ସଙ୍ଗ କରିବେ ଏବଂ ପରମାତ୍ମାଙ୍କ 'ଓମ୍' ନାମର ଜପ ଅର୍ଥ ବିଚାରପୂର୍ବକ କରିବେ । **୫.** ସ୍ୱ ଆତ୍ମାକୁ ପରମେଶ୍ୱରଙ୍କ ଆଜ୍ଞା-ଅନୁକୂଳରେ ସମର୍ପିତ କରିବେ । ଏହି ପାଞ୍ଚ ପ୍ରକାର **'ନିୟମ'** ମିଶି **'ଉପାସନା ଯୋଗ'ର ଦ୍ୱିତୀୟ ଅଙ୍ଗ** ରୂପେ ପରିଚିତ । ଉପାସନା ଯୋଗର ପରବର୍ତ୍ତୀ ଛଅଟି ଅଙ୍ଗ 'ଯୋଗଶାସ୍ତ୍ର' ବା 'ଋଗ୍‌ବେଦାଦିଭାଷ୍ୟଭୂମିକା'ରେ ଉଲ୍ଲେଖ କରାଯାଇଛି, ସେଠାରେ ପଢ଼ିନେବେ ।

ଯେତେବେଳେ ଉପାସନା କରିବାକୁ ଚାହିଁବେ, ସେତେବେଳେ ଏକାନ୍ତ ଶୁଦ୍ଧ ସ୍ଥାନକୁ ଯାଇ, ଆସନରେ ଉପବେଶନ ହୋଇ, ପ୍ରାଣାୟାମ କରି, ବାହ୍ୟ ବିଷୟମାନଙ୍କରୁ ଇନ୍ଦ୍ରିୟଗୁଡ଼ିକୁ ନିରୋଧ କରି, ମନକୁ ନାଭି, ହୃଦୟ, କଣ୍ଠ, ନେତ୍ର, ଶିଖା ବା ମେରୁଦଣ୍ଡର କୌଣସି ସ୍ଥାନରେ ସ୍ଥିର କରି, ନିଜର ଆତ୍ମା ଓ ପରମାତ୍ମାଙ୍କ ସମ୍ବନ୍ଧରେ ବିଚାର କରି ପରମାତ୍ମାଙ୍କଠାରେ ନିମଗ୍ନ ହେବେ ।

ସାଧକ ଏସବୁ ସାଧନର ଅନୁଷ୍ଠାନ କଲେ ତା'ର ଆତ୍ମା ଓ ଅନ୍ତଃକରଣ ପବିତ୍ର ହୋଇ ସତ୍ୟରେ ପରିପୂର୍ଣ୍ଣ ହୋଇଯାଏ । ତା'ର ଜ୍ଞାନ-ବିଜ୍ଞାନ ଦିନକୁ ଦିନ ବୃଦ୍ଧି ପାଇ ସେ ମୁକ୍ତି ପର୍ଯ୍ୟନ୍ତ ପହଞ୍ଚିଯାଏ । ଯିଏ ଦିନର ଆଠ ପ୍ରହର ମଧ୍ୟରେ ଘଡ଼ିଏ ପାଇଁ ମଧ୍ୟ ଏପରି କରେ, ସେ ସଦା ଉନ୍ନତି ପ୍ରାପ୍ତ କରେ ।

ସର୍ବଜ୍ଞତା ଆଦି ଗୁଣ ସହ ଈଶ୍ୱରଙ୍କ ଉପାସନା କରିବାକୁ **'ସଗୁଣୋପାସନା'** ଏବଂ ଈଶ୍ୱରଙ୍କୁ ରାଗ, ଦ୍ୱେଷ, ରୂପ, ରସ, ଗନ୍ଧ, ସ୍ପର୍ଶାଦି ଗୁଣରୁ ରହିତ ମାନି, ଅତି ସୂକ୍ଷ୍ମ ଆତ୍ମାର ଭିତରେ-ବାହାରେ ବ୍ୟାପକ ପରମେଶ୍ୱରଙ୍କଠାରେ ଦୃଢ଼ ରୂପେ ଅବସ୍ଥିତ ହୋଇଯିବାକୁ **'ନିର୍ଗୁଣୋପାସନା'** କୁହାଯାଏ ।

ଉପାସନାର ଫଳ — ଶୀତରେ ଆତୁର ବ୍ୟକ୍ତି ଅଗ୍ନି ନିକଟକୁ ଗଲେ ତା'ର ଶୀତବାଧା ଯେପରି ଦୂର ହୋଇଯାଏ, ସେହିପରି ପରମେଶ୍ୱରଙ୍କ ସମୀପବର୍ତ୍ତୀ ହେଲେ ଜୀବାତ୍ମାର ସକଳ ଦୋଷ, ଦୁଃଖ ଦୂର ହୋଇ ତା'ର ଗୁଣ-କର୍ମ-ସ୍ୱଭାବ ପରମେଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ସଦୃଶ ପବିତ୍ର ହୋଇଯାଏ । ଏଣୁ ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା ଅବଶ୍ୟ କରିବା ଉଚିତ । ଏହାର ଫଳ ତ ଅଲଗା ମିଳେ; କିନ୍ତୁ ଏହାଦ୍ୱାରା ଆତ୍ମାର ବଳ ଏତେ ବଢ଼ିଯାଏ ଯେ ପର୍ବତ ସମାନ ଦୁଃଖ ଆସି ପହଞ୍ଚିଲେ ବି ସେ ବିଚଳିତ ହୁଏ ନାହିଁ ଏବଂ ସବୁ ସହନ କରିନିଏ । ଏହା କ'ଣ କମ୍ କଥା ? ଆଉ ଯିଏ ପରମେଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା କରେ ନାହିଁ, ସେ କୃତଘ୍ନ ଓ ମହାମୂର୍ଖ ଅଟେ । କାରଣ ଯେଉଁ ପରମାତ୍ମା ଏ ସଂସାରର ସମସ୍ତ ପଦାର୍ଥ ଜୀବମାନଙ୍କ ସୁଖ ନିମିତ୍ତ ପ୍ରଦାନ କରିଛନ୍ତି, ତାଙ୍କ ଗୁଣ ଭୁଲିଯିବା, ଈଶ୍ୱରଙ୍କୁ ହିଁ ନ ମାନିବା କୃତଘ୍ନତା ଓ ମୂର୍ଖତା ବ୍ୟତୀତ ଅନ୍ୟକିଛି ନୁହେଁ ।

ପ୍ରଶ୍ନ — ଯଦି ପରମେଶ୍ୱରଙ୍କ ଚକ୍ଷୁ, କର୍ଣ୍ଣ ଆଦି ଇନ୍ଦ୍ରିୟଗୁଡ଼ିକ ନାହିଁ, ତେବେ ସେ ଇନ୍ଦ୍ରିୟଗୁଡ଼ିକର କାର୍ଯ୍ୟ କିପରି କରିଥାନ୍ତି ?

ଉତ୍ତର —

ଅପାଣିପାଦୋ ଜବନୋ ଗ୍ରହୀତା ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ ।
ସ ବେତ୍ତି ବିଶ୍ୱଂ ନ ଚ ତସ୍ୟାସ୍ତି ବେତ୍ତା ତମାହୁରଗ୍ର୍ୟଂ ପୁରୁଷଂ ପୁରାଣମ୍ ॥ (ଶ୍ୱେତା. ୩:୧୯)

ପରମେଶ୍ୱରଙ୍କ ହାତ ନାହିଁ, ତଥାପି ନିଜର ଶକ୍ତି ରୂପକ ହାତରେ ସେ ସବୁ ରଚନା ଓ ଗ୍ରହଣ କରନ୍ତି । ତାଙ୍କର ପାଦ ନାହିଁ, କିନ୍ତୁ ସର୍ବବ୍ୟାପକ ହୋଇଥିବାରୁ ସେ ସମସ୍ତଙ୍କଠୁ ଅଧିକ ବେଗବାନ୍ । ତାଙ୍କର ଚକ୍ଷୁ ନାହିଁ, କିନ୍ତୁ ସେ ସବୁ ଯଥାଯଥ ଭାବେ ଦେଖନ୍ତି । କର୍ଣ୍ଣ ନାହିଁ, ତଥାପି ସେ ସମସ୍ତଙ୍କ କଥା ଶୁଣନ୍ତି । ତାଙ୍କର ଅନ୍ତଃକରଣ ନାହିଁ, ପରନ୍ତୁ ସେ ସକଳ ଜଗତକୁ ଜାଣନ୍ତି । ତାଙ୍କୁ କେହି ବି ସଂପୂର୍ଣ୍ଣ ରୂପେ ଜାଣିପାରନ୍ତି ନାହିଁ । ସେ ସନାତନ, ସର୍ବଶ୍ରେଷ୍ଠ ଏବଂ ସର୍ବତ୍ର ପୂର୍ଣ୍ଣ ହୋଇ ରହିଥିବାରୁ ତାଙ୍କୁ **'ପୁରୁଷ'** କୁହାଯାଏ । ସେ ଇନ୍ଦ୍ରିୟ ଓ ଅନ୍ତଃକରଣ ରହିତ ହୋଇ ମଧ୍ୟ ନିଜର ସକଳ କର୍ମ ନିଜ ସାମର୍ଥ୍ୟ ବଳରେ ସଂପାଦନ କରନ୍ତି ।

ପ୍ରଶ୍ନ — ଅନେକ ଲୋକ ତାଙ୍କୁ ନିଷ୍କ୍ରିୟ ଓ ନିର୍ଗୁଣ ବୋଲି କହନ୍ତି ।

ଉତ୍ତର —

ନ ତସ୍ୟ କାର୍ଯ୍ୟଂ କରଣଂ ଚ ବିଦ୍ୟତେ ନ ତତ୍ସମଶ୍ଚାଭ୍ୟଧିକଶ୍ଚ ଦୃଶ୍ୟତେ ।
ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ ସ୍ୱାଭାବିକୀ ଜ୍ଞାନବଲକ୍ରିୟା ଚ ॥ (ଶ୍ୱେତା. ୬:୮)

ପରମାତ୍ମାଙ୍କର କୌଣସି ତଦ୍ରୂପ କାର୍ଯ୍ୟ ନାହିଁ । ସେ କାର୍ଯ୍ୟ ନିମନ୍ତେ କୌଣସି କାରଣ ବା ସାଧନର ଅପେକ୍ଷା ରଖନ୍ତି ନାହିଁ । ତାଙ୍କ ସମାନ କି ତାଙ୍କ ଅପେକ୍ଷା ଅଧିକ ଅନ୍ୟ କେହି ନାହିଁ । ତାଙ୍କର ଶକ୍ତି ସର୍ବୋତ୍ତମ ଅର୍ଥାତ୍ ତାଙ୍କଠାରେ ଅନନ୍ତ ଜ୍ଞାନ, ଅନନ୍ତ ବଳ ଓ ଅନନ୍ତ କ୍ରିୟା ବିଦ୍ୟମାନ । ଏସବୁ ତାଙ୍କର ସ୍ୱାଭାବିକ, ଏହା ପ୍ରସିଦ୍ଧ । ପରମେଶ୍ୱର ଯଦି ନିଷ୍କ୍ରିୟ ହୋଇଥାନ୍ତେ ତେବେ ଜଗତରେ ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କରିପାରନ୍ତେ ନାହିଁ । ଅତଃ 'ବିଭୁ' ହୋଇଥିବା ସତ୍ତ୍ୱେ ଚେତନ ହୋଇଥିବାରୁ ସେ କ୍ରିୟାଶୀଳ ମଧ୍ୟ ଅଟନ୍ତି ।

ପ୍ରଶ୍ନ — ଯଦି ସେ କ୍ରିୟା କରନ୍ତି ତେବେ ସେ କ୍ରିୟା ଅନ୍ତଯୁକ୍ତ ନା ଅନନ୍ତ ?

ଉତ୍ତର — ଈଶ୍ୱର ଯେତିକି ସ୍ଥାନରେ ଯେତେ କାଳ ଯାଏ କ୍ରିୟା କରିବା ଉଚିତ ମନେକରନ୍ତି ସେତିକି ହିଁ ସ୍ଥାନରେ ସେତେ କାଳ ପର୍ଯ୍ୟନ୍ତ କ୍ରିୟା କରନ୍ତି, ତା'ଠୁ କମ୍ ନୁହେଁ କି ବେଶି ନୁହେଁ । କାରଣ ସେ ସର୍ବଜ୍ଞ ।

ପ୍ରଶ୍ନ — ପରମେଶ୍ୱର ନିଜର ଅନ୍ତ ଜାଣନ୍ତି ନା ନାହିଁ? ଯଦି ସେ ନିଜର ଅନ୍ତ ଜାଣନ୍ତି ତେବେ ଅନନ୍ତ ନୁହନ୍ତି, ଆଉ ଯଦି ନିଜ ଅନ୍ତ ଜାଣନ୍ତି ନାହିଁ ତେବେ ସେ ପୂର୍ଣ୍ଣଜ୍ଞାନୀ ନୁହନ୍ତି ।

ଉତ୍ତର — ପରମାତ୍ମା ପୂର୍ଣ୍ଣଜ୍ଞାନୀ । କାରଣ **'ଜ୍ଞାନ'** ତାକୁ କୁହାଯାଏ ଯାହାଦ୍ୱାରା କି କୌଣସି ପଦାର୍ଥକୁ ଯଥାଯଥ ରୂପେ ଜଣାଯାଏ । ଯେହେତୁ ପରମେଶ୍ୱର ଅନନ୍ତ, ତେଣୁ ସେ ନିଜକୁ ଅନନ୍ତ ବୋଲି ହିଁ ଜାଣନ୍ତି । ଅନନ୍ତକୁ ଅନନ୍ତ ବୋଲି ଜାଣିବା ହିଁ 'ଜ୍ଞାନ' ଏବଂ ତା'ର ବିପରୀତ ଜାଣିବା 'ଅଜ୍ଞାନ' ଅର୍ଥାତ୍ ଅନନ୍ତକୁ ସାନ୍ତ ବୋଲି ଜାଣିବା ଓ ସାନ୍ତକୁ ଅନନ୍ତ ବୋଲି ଜାଣିବାକୁ ଅଜ୍ଞାନ ବା 'ଭ୍ରମ' କୁହାଯାଏ । **'ଯଥାର୍ଥଦର୍ଶନଂ ଜ୍ଞାନମିତି'—** ଯେଉଁ ପଦାର୍ଥ ଯେପରି ତାକୁ ସେପରି ଭାବେ ଜାଣିବାକୁ **'ଜ୍ଞାନ'** କୁହାଯାଏ ଏବଂ ଏହାର ଓଲଟାକୁ 'ଅଜ୍ଞାନ' କହନ୍ତି । ଏଣୁ —

କ୍ଲେଶକର୍ମବିପାକାଶୟୈରପରାମୃଷ୍ଟଃ ପୁରୁଷବିଶେଷ ଈଶ୍ୱରଃ । (ଯୋଗ. ୧:୨୪)

ଯିଏ ଅବିଦ୍ୟାଦି କ୍ଲେଶରୁ ପୃଥକ୍; କୁଶଳ-ଅକୁଶଳ, ଇଷ୍ଟ-ଅନିଷ୍ଟ ଓ ମିଶ୍ର ଫଳଦାୟକ କର୍ମର ବାସନାରୁ ରହିତ; ତଥା ସକଳ ଜୀବଙ୍କଠାରୁ ବିଶେଷ ତାଙ୍କୁ **'ଈଶ୍ୱର'** କୁହାଯାଏ ।

ପ୍ରଶ୍ନ — ଚେତନ ତତ୍ତ୍ୱ ଏକ ନା ଅନେକ ?

ଉତ୍ତର — ଈଶ୍ୱର ଚେତନ ଏକ ଏବଂ ଜୀବ ଚେତନ ଅନେକ ।

ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ

ପ୍ରଶ୍ନ — ଈଶ୍ୱରାସିଦ୍ଧେଃ ॥ ୧ ॥

ପ୍ରମାଣାଭାବାନ୍ନ ତତ୍ସିଦ୍ଧିଃ ॥ ୨ ॥

ସମ୍ବନ୍ଧାଭାବାନ୍ନାନୁମାନମ୍ ॥ ୩ ॥ (ସାଂଖ୍ୟ. ୧:୯୨, ୫:୧୦,୧୧)

ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ଈଶ୍ୱରଙ୍କ ସିଦ୍ଧି ଅର୍ଥାତ୍ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣିତ ହୁଏ ନାହିଁ ॥ ୧ ॥

ଯେହେତୁ ଈଶ୍ୱରଙ୍କ ସିଦ୍ଧି ପାଇଁ ପ୍ରତ୍ୟକ୍ଷ ପ୍ରମାଣ ନାହିଁ, ତେଣୁ ଏ କ୍ଷେତ୍ରରେ ଅନୁମାନାଦି ପ୍ରମାଣ ଲାଗୁ ହୋଇପାରିବ ନାହିଁ ॥ ୨ ॥

ପୁଣି ବ୍ୟାପ୍ତି-ସମ୍ବନ୍ଧ ନ ଥିବାରୁ ଅନୁମାନ ବି ହୋଇପାରିବ ନାହିଁ । ତଥା ପ୍ରତ୍ୟକ୍ଷ ଓ ଅନୁମାନ ପ୍ରମାଣ ଅଭାବରୁ ଶବ୍ଦପ୍ରମାଣାଦି ବି ଲାଗୁ ହୋଇପାରିବ ନାହିଁ । ଏଣୁ ଈଶ୍ୱର ସିଦ୍ଧି ହୋଇପାରିବ ନାହିଁ ॥ ୩ ॥

ଉତ୍ତର — ଏ ପ୍ରକରଣରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନିଷେଧ କରାଯାଇନାହିଁ, ବରଂ ଈଶ୍ୱର ଜଗତର ଉପାଦାନ କାରଣ ବୋଲି ସିଦ୍ଧ କରିବାରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ ବୋଲି କୁହାଯାଇଛି । ଆଉ ଶରୀରରେ ଶୟନ କରିଥିବାରୁ ଜୀବାତ୍ମାକୁ **'ପୁରୁଷ'** କୁହାଯାଏ ଏବଂ ଏହି ପୁରୁଷଠୁ ବିଲକ୍ଷଣ ଅର୍ଥାତ୍ ସର୍ବତ୍ର ପୂର୍ଣ୍ଣ ହୋଇ ରହିଥିବାରୁ ପରମାତ୍ମାଙ୍କ ନାମ **'ପୁରୁଷ'** । କାରଣ ଏହି ପ୍ରକରଣରେ କୁହାଯାଇଛି —

ପ୍ରଧାନଶକ୍ତିୟୋଗାଚ୍ଚେତ୍ସଙ୍ଗାପତ୍ତିଃ ॥ ୧ ॥

ସତ୍ତାମାତ୍ରାଚ୍ଚେତ୍ସର୍ବୈଶ୍ୱର୍ୟ୍ୟମ୍ ॥ ୨ ॥

ଶ୍ରୁତିରପି ପ୍ରଧାନକାର୍ୟ୍ୟତ୍ୱସ୍ୟ ॥ ୩ ॥ (ସାଂଖ୍ୟ. ୫:୮,୯,୧୨)

ଯଦି **'ପୁରୁଷ'** ବା ପରମାତ୍ମାଙ୍କ ସହ ପ୍ରଧାନଶକ୍ତି ପ୍ରକୃତିର ଯୋଗ ହୁଏ, ତେବେ **'ପୁରୁଷ'**ଠାରେ ସଙ୍ଗଦୋଷ ପ୍ରାପ୍ତି ହୋଇଯିବ । ଅର୍ଥାତ୍ ପ୍ରକୃତିର ସୂକ୍ଷ୍ମ ପରମାଣୁଗୁଡ଼ିକ ମିଶି କାର୍ଯ୍ୟ ଦ୍ରବ୍ୟ ରୂପରେ ପରିଣତ ହେଲା ଭଳି ପରମେଶ୍ୱର ବି ସ୍ଥୂଳ ପଦାର୍ଥରେ ପରିଣତ ହୋଇଯିବେ । ଏଣୁ ଈଶ୍ୱର ଜଗତର ଉପାଦାନ କାରଣ ନୁହନ୍ତି, ସେ **ନିମିତ୍ତ କାରଣ** ଅଟନ୍ତି ॥ ୧ ॥

ଯଦି ଚେତନସ୍ୱରୂପ ପରମେଶ୍ୱରଙ୍କଠାରୁ ଜଗତ ଉତ୍ପନ୍ନ ହୋଇଥାନ୍ତା ଅର୍ଥାତ୍ ଯଦି ଈଶ୍ୱର ଜଗତର ଉପାଦାନ କାରଣ ହୋଇଥାନ୍ତେ, ତେବେ ପରମେଶ୍ୱର ଯେପରି ସମଗ୍ର ଐଶ୍ୱର୍ଯ୍ୟଯୁକ୍ତ, ସଂସାର ମଧ ସେପରି ସର୍ବୈଶ୍ୱର୍ଯ୍ୟବାନ୍ ଅର୍ଥାତ୍ ଈଶ୍ୱରୀୟ ଗୁଣଯୁକ୍ତ ହୋଇଥାନ୍ତା । କିନ୍ତୁ ଜଗତ ତ ସେପରି ନୁହେଁ । ଅତଏବ ଈଶ୍ୱର ଜଗତର ଉପାଦାନ କାରଣ ନୁହନ୍ତି, ବରଂ **ନିମିତ୍ତ କାରଣ** ଅଟନ୍ତି ॥ ୨ ॥

କାରଣ, ଉପନିଷଦ ମଧ ପ୍ରଧାନ ବା ପ୍ରକୃତିକୁ ହିଁ ଜଗତର ଉପାଦାନ କାରଣ ବୋଲି କହେ ॥ ୩ ॥ ଯଥା —

ଅଜାମେକାଂ ଲୋହିତଶୁକ୍ଳକୃଷ୍ଣାଂ ବହ୍ୱୀଃ ପ୍ରଜାଃ ସୃଜମାନାଂ ସରୂପାଃ । (ଶ୍ୱେତା. ୪:୫)

ଅନୁତ୍ପନ୍ନ, ସତ୍ତ୍ୱ-ରଜ-ତମୋଗୁଣରୂପରେ ବିଦ୍ୟମାନ ପ୍ରକୃତି ହିଁ ସ୍ୱରୂପାକାରରେ ଅର୍ଥାତ୍ ସତ୍ତ୍ୱ-ରଜ-ତମୋଗୁଣବିଶିଷ୍ଟା ବହୁ ପ୍ରଜା ରୂପରେ ପରିଣତ ହୋଇଯାଏ । ଅର୍ଥାତ୍ ପ୍ରକୃତି ପରିଣାମିନୀ ହୋଇଥିବାରୁ ତା'ର ଅବସ୍ଥାରେ ପରିବର୍ତ୍ତନ ଘଟିଥାଏ । କିନ୍ତୁ ପୁରୁଷ ଅପରିଣାମୀ ହୋଇଥିବା ହେତୁ ସେ ଅବସ୍ଥାନ୍ତର ହୋଇ ଅନ୍ୟ ରୂପ କଦାପି ଧାରଣ କରେ ନାହିଁ, ସର୍ବଦା କୂଟସ୍ଥ, ନିର୍ବିକାର ରହିଥାଏ । ପ୍ରକୃତି ସୃଷ୍ଟି ଅବସ୍ଥାରେ ସବିକାର ଏବଂ ପ୍ରଳୟରେ ନିର୍ବିକାର ରହିଥାଏ ।

ଏଣୁ ଯେଉଁମାନେ କି ଆଚାର୍ଯ୍ୟ କପିଳଙ୍କୁ ନିରୀଶ୍ୱରବାଦୀ ବୋଲି କହନ୍ତି, ବୁଝିବାକୁ ହେବ ଯେ ସେମାନେ ହିଁ ନିରୀଶ୍ୱରବାଦୀ ଅଟନ୍ତି, ଆଚାର୍ଯ୍ୟ କପିଳ ନିରୀଶ୍ୱରବାଦୀ ନୁହନ୍ତି । ତା'ଛଡ଼ା 'ମୀମାଂସା'ରେ 'ଧର୍ମ-ଧର୍ମୀ'ର ବିବେଚନାରୁ ଈଶ୍ୱରଙ୍କୁ ସ୍ୱୀକାର କରୁଥିବା ସିଦ୍ଧ । 'ବୈଶେଷିକ' ଓ 'ନ୍ୟାୟ'ରେ ବି 'ଆତ୍ମା' ଶବ୍ଦର ଉଲ୍ଲେଖ ଥିବାରୁ ସେମାନେ ବି ନିରୀଶ୍ୱରବାଦୀ ନୁହନ୍ତି । କାରଣ ଯିଏ ସର୍ବଜ୍ଞତ୍ୱାଦି ଧର୍ମଯୁକ୍ତ ଏବଂ **'ଅତତି ସର୍ବତ୍ର ବ୍ୟାପ୍ନୋତୀତ୍ୟାତ୍ମା'** - ସର୍ବତ୍ର ବ୍ୟାପକ, ସକଳ ଜୀବଙ୍କ ଆତ୍ମା ଅଟନ୍ତି ତାଙ୍କୁ ମୀମାଂସା, ବୈଶେଷିକ ଓ ନ୍ୟାୟ 'ଈଶ୍ୱର' ବୋଲି ମାନନ୍ତି ।

ଈଶ୍ୱର ଅବତାର ଗ୍ରହଣ କରନ୍ତି ନାହିଁ

ପ୍ରଶ୍ନ — ଈଶ୍ୱର ଅବତାର ଗ୍ରହଣ କରନ୍ତି ନା ନାହିଁ ?

ଉତ୍ତର — ନାହିଁ । କାରଣ **'ଅଜ ଏକପାତ୍'** (ଯଜୁଃ. ୩୪.୫୩), **'ସ ପର୍ଯ୍ୟଗାଚ୍ଛୁକ୍ରମକାୟମ୍'** (ଯଜୁଃ. ୪୦:୮) ଇତ୍ୟାଦି ବେଦ-ବଚନରୁ ପ୍ରମାଣିତ ହେଉଛି ଯେ ଈଶ୍ୱର କେବେ ଜନ୍ମ ନିଅନ୍ତି ନାହିଁ, ଶରୀର ଧାରଣ କରନ୍ତି ନାହିଁ ।

ପ୍ରଶ୍ନ — **ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।**
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥ (ଗୀତା. ୪:୭)

ଶ୍ରୀକୃଷ୍ଣ କହିଛନ୍ତି କି - ଯେଉଁ-ଯେଉଁ ସମୟରେ ଧର୍ମର ଲୋପ ହୁଏ, ସେହି-ସେହି ସମୟରେ ମୁଁ ଶରୀର ଧାରଣ କରେ ।

ଉତ୍ତର — ଏହି ଶ୍ଳୋକ ଆଧାରରେ ଈଶ୍ୱର ଅବତାର ଗ୍ରହଣ କରନ୍ତି ବୋଲି ଯଦି କୁହାଯାଏ ତେବେ ଏ ଶ୍ଳୋକର କଥନ ବେଦବିରୁଦ୍ଧ ହୋଇଥିବାରୁ ପ୍ରମାଣ ଯୋଗ୍ୟ ନୁହେଁ । ହଁ, ଯଦି ଏପରି ହୋଇପାରେ - ଶ୍ରୀକୃଷ୍ଣ ଧର୍ମାତ୍ମା ବ୍ୟକ୍ତି ଥିଲେ ତଥା ସେ ଧର୍ମାତ୍ମାମାନଙ୍କର ଓ ଧର୍ମର ରକ୍ଷା କରିବା ପାଇଁ ଚାହୁଁଥିଲେ ଯେ 'ମୁଁ ପ୍ରତି ଯୁଗରେ ଜନ୍ମଗ୍ରହଣ କରି ଶ୍ରେଷ୍ଠମାନଙ୍କ ରକ୍ଷା ଓ ଦୁଷ୍ଟମାନଙ୍କ ସଂହାର କରିବି' ତେବେ ଏପରି ଅର୍ଥରେ କୌଣସି ଦୋଷ ନାହିଁ । କାରଣ **'ପରୋପକାରାୟ ସତାଂ ବିଭୂତୟଃ' —** ସଜ୍ଜନମାନଙ୍କ ତନୁ, ମନ, ଧନ ପରୋପକାର ପାଇଁ ଉଦ୍ଦିଷ୍ଟ ହୋଇଥାଏ । କିନ୍ତୁ ଏପରି ଅର୍ଥ ଦ୍ୱାରା ବି ଶ୍ରୀକୃଷ୍ଣ ଈଶ୍ୱରଙ୍କ ଅବତାର ବୋଲି ପ୍ରମାଣିତ ହୋଇପାରେ ନାହିଁ ।

ପ୍ରଶ୍ନ — ଯଦି ଈଶ୍ୱର ଅବତାର ଗ୍ରହଣ କରନ୍ତି ନାହିଁ, ଈଶ୍ୱରଙ୍କ ଅବତାର ଗ୍ରହଣ ବେଦବିରୁଦ୍ଧ ବିଚାର, ତେବେ ସଂସାରରେ ଈଶ୍ୱରଙ୍କ ଚବିଶ ଅବତାର କଥା କାହିଁକି ଅଛି ? ଆଉ ଏସବୁକୁ ଲୋକେ ଅବତାର ବୋଲି କାହିଁକି ମାନୁଛନ୍ତି ?

ଉତ୍ତର — ଲୋକେ ବେଦର କଥନ ନ ଜାଣିଥିବାରୁ, ସାମ୍ପ୍ରଦାୟିକ ଲୋକଙ୍କ ମିଥ୍ୟା ପ୍ରଚାର ଯୋଗୁଁ ଓ ନିଜେ ବିଦ୍ୱାନ୍ ହୋଇନଥିବାରୁ ଭ୍ରମଜାଲରେ ପଡ଼ି ଏପରି ଅପ୍ରାମାଣିକ କଥା ମାନନ୍ତି ଓ କହନ୍ତି ।

ପ୍ରଶ୍ନ — ଯଦି ଈଶ୍ୱର ଅବତାର ନ ନିଅନ୍ତି, ତେବେ କଂସ, ରାବଣ ପ୍ରଭୃତି ଦୁଷ୍ଟଙ୍କ ବିନାଶ କେମିତି ହେବ ?

ଉତ୍ତର — ପ୍ରଥମ କଥା ହେଲା ଯେ, **ଯିଏ ଜନ୍ମ ହୁଏ, ସେ ଅବଶ୍ୟ ମୃତ୍ୟୁବରଣ କରେ ।** ଏଣୁ କଂସ, ରାବଣ ପ୍ରଭୃତି ଯେହେତୁ ଜନ୍ମ ହୋଇଥିଲେ, ତେଣୁ ଦିନେ ନା ଦିନେ ନିଶ୍ଚୟ ମରିଥାନ୍ତେ, ତାଙ୍କୁ କିଏ ମାରୁ କି ନ ମାରୁ । ଦ୍ୱିତୀୟତଃ, ଯେଉଁ ଈଶ୍ୱର ଅବତାର ନ ହୋଇ, ଶରୀର ଧାରଣ ନ କରି ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କରନ୍ତି, ତାଙ୍କ ଆଗରେ କଂସ ଓ ରାବଣ ଆଦି ଗୋଟିଏ-ଗୋଟିଏ କୀଟ ସମାନ ବି ନୁହନ୍ତି । ଈଶ୍ୱର ସର୍ବବ୍ୟାପକ ହୋଇଥିବାରୁ କଂସ-ରାବଣାଦିଙ୍କ ଶରୀରରେ ମଧ୍ୟ ପରିପୂର୍ଣ୍ଣ । ଏଣୁ ସେ ଯେତେବେଳେ ଚାହିଁଲେ ସେତେବେଳେ ସେମାନଙ୍କ ମର୍ମବିଦାରଣ କରି ତାଙ୍କୁ ବିନାଶ କରିପାରିଥାନ୍ତେ । ଅତଃ ଏକ କ୍ଷୁଦ୍ର ଜୀବକୁ ମାରିବା ପାଇଁ ଏହି ଅନନ୍ତ ଗୁଣ-କର୍ମ-ସ୍ୱଭାବଯୁକ୍ତ ପରମାତ୍ମାଙ୍କୁ ଜନ୍ମ-ମରଣଯୁକ୍ତ ବୋଲି କହିବା ମହାମୂର୍ଖତା ବ୍ୟତୀତ ଆଉ କ'ଣ ହୋଇପାରେ ?

ଆଉ ଯଦି କେହି କହେ ଯେ ଭକ୍ତମାନଙ୍କୁ ଉଦ୍ଧାର କରିବା ପାଇଁ ଈଶ୍ୱର ଜନ୍ମଗ୍ରହଣ କରନ୍ତି, ସେ କଥା ମଧ୍ୟ ସତ୍ୟ ନୁହେଁ । କାରଣ ଯେଉଁ ଭକ୍ତମାନେ ଈଶ୍ୱରଙ୍କ ଆଜ୍ଞାନୁସାରେ ଚଳନ୍ତି, ସେମାନଙ୍କୁ ଉଦ୍ଧାର କରିବାର ପୂର୍ଣ୍ଣ

ସାମର୍ଥ୍ୟ ଈଶ୍ୱରଙ୍କଠାରେ ଅଛି । ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରାଦି ଜଗତକୁ ନିର୍ମାଣ, ଧାରଣ ଓ ପ୍ରଳୟ କରିବା ରୂପକ ଈଶ୍ୱରଙ୍କ କର୍ମଠାରୁ କ'ଣ କଂସ-ରାବଣ ପ୍ରଭୃତିଙ୍କୁ ବଧକରିବା ଓ ଗୋବର୍ଦ୍ଧନ ପର୍ବତକୁ ଉଠାଇବା ବଡ଼ କାମ ? ଏ ସୃଷ୍ଟିରେ ପରମେଶ୍ୱରଙ୍କ କର୍ମକୁ ବିବେଚନା କଲେ ଜଣାଯାଏ ଯେ **'ନ ଭୂତୋ ନ ଭବିଷ୍ୟତି' —** ଈଶ୍ୱରଙ୍କ ସଦୃଶ କେହି ନ ଥିଲେ, କେହି ନାହାନ୍ତି କି କେହି ହେବେ ନାହିଁ ।

ଯୁକ୍ତି ଦ୍ୱାରା ମଧ୍ୟ ଈଶ୍ୱରଙ୍କ ଜନ୍ମ ପ୍ରମାଣିତ ହୁଏ ନାହିଁ । ଯେପରିକି ଯଦି କେହି କହେ ଯେ, 'ଅନନ୍ତ ଆକାଶ ଗର୍ଭ ଭିତରେ ରହିଗଲା ବା ହାତମୁଠା ଭିତରେ ଆବଦ୍ଧ ହୋଇଗଲା' - ଏକଥା କେବେ ବି ସତ୍ୟ ହୋଇପାରେ ନାହିଁ । କାରଣ ଆକାଶ ଅନନ୍ତ ଓ ସର୍ବବ୍ୟାପକ । ଏଣୁ ଆକାଶ କେଉଁଠାରୁ ବାହାରି ଆସିପାରେ ନାହିଁ କି କୋଉ ଭିତରେ ପଶିପାରେ ନାହିଁ । ସେହିପରି ପରମାତ୍ମା ଅନନ୍ତ ଓ ସର୍ବବ୍ୟାପକ ହୋଇଥିବାରୁ ତାଙ୍କର ଆସିବା-ଯିବା କଦାପି ସମ୍ଭବପର ନୁହେଁ । କାରଣ ଯିବା-ଆସିବା କାମ ସେଠାକୁ ହୋଇଥାଏ ଯେଉଁଠାରେ ସେ ସତ୍ତା ନ ଥାଏ । **କ'ଣ ପରମେଶ୍ୱର ପୂର୍ବରୁ ଗର୍ଭରେ ବ୍ୟାପକ ହୋଇ ନଥିଲେ ଯେ ଅନ୍ୟ ସ୍ଥାନରୁ ଆସି ସେ ଭିତରେ ପ୍ରବେଶ କଲେ ? ଆଉ ସେ କ'ଣ ବାହାରେ ବିଦ୍ୟମାନ ନ ଥିଲେ ଯେ ଗର୍ଭରୁ ବାହାରିଲେ ? ଏଣୁ ଈଶ୍ୱର ଅବତାର ନିଅନ୍ତି ବୋଲି କହିବା ଓ ମାନିବା କାମ ବୁଦ୍ଧି-ବିଦ୍ୟାହୀନ ବ୍ୟକ୍ତିଙ୍କ ବ୍ୟତୀତ ଆଉ କିଏ କରିପାରେ ?** ଅତଏବ ପରମେଶ୍ୱରଙ୍କ ଗମନ-ଆଗମନ, ଜନ୍ମ-ମରଣ କଦାପି ସିଦ୍ଧ ହୋଇପାରେ ନାହିଁ । ଏଥିରୁ ବୁଝିନେବା ଉଚିତ ଯେ କେହି ମଧ୍ୟ ଈଶ୍ୱରଙ୍କ ଅବତାର ନୁହନ୍ତି । ବରଂ ରାଗ-ଦ୍ୱେଷ, କ୍ଷୁଧା-ତୃଷା, ଭୟ-ଶୋକ, ଦୁଃଖ-ସୁଖ, ଜନ୍ମ-ମରଣ ଆଦି ଗୁଣଯୁକ୍ତ ହୋଇଥିବାରୁ ସେମାନେ ସମସ୍ତେ ମନୁଷ୍ୟ ଥିଲେ ।

ପ୍ରଶ୍ନ — ଈଶ୍ୱର ସ୍ୱ ଭକ୍ତମାନଙ୍କର ପାପ କ୍ଷମା କରନ୍ତି ନା ନାହିଁ ?

ଉତ୍ତର — ନା । ଈଶ୍ୱର କାହାରି ପାପକୁ କ୍ଷମା କରନ୍ତି ନାହିଁ । କାରଣ ଯଦି ସେ ପାପକୁ କ୍ଷମା କରିଦିଅନ୍ତି, ତେବେ ତାଙ୍କ ନ୍ୟାୟ ନଷ୍ଟ ହୋଇଯିବ ଓ ସବୁ ମଣିଷମାନେ ମହାପାପୀ ହୋଇଯିବେ । ଯେହେତୁକି କ୍ଷମା ମିଳିବ ବୋଲି ଶୁଣିବା ମାତ୍ରେ ପାପକର୍ମ ପ୍ରତି ସେମାନଙ୍କର ନିର୍ଭୟତା ଓ ଉତ୍ସାହ ଜାଗ୍ରତ ହେବ । ଯେପରିକି କୌଣସି ରାଜା ଯଦି ଅପରାଧୀମାନଙ୍କ ପାପକୁ କ୍ଷମା କରିଦିଅନ୍ତି ତ ସେମାନେ ଉତ୍ସାହ ପୂର୍ବକ ଅଧିକରୁ ଅଧିକ ବଡ଼-ବଡ଼ ଅପରାଧ, ପାପ କରିବାକୁ ଲାଗନ୍ତି । କାରଣ ରାଜା ସେମାନଙ୍କ ଅପରାଧ କ୍ଷମା କରିଦେବେ । ଆଉ ସେମାନଙ୍କର ବିଶ୍ୱାସ ହୋଇଯାଏ ଯେ ରାଜାଙ୍କ ଆଗରେ ହାତ ଯୋଡ଼ି କାକୁତିମିନତି ଆଦି ଚେଷ୍ଟାକରି ସେମାନେ ନିଜ ଅପରାଧର ଦଣ୍ଡରୁ ମୁକ୍ତି ପାଇଯିବେ । ତା'ଛଡ଼ା ଈଶ୍ୱର ପାପ କ୍ଷମା କଲେ ଯେଉଁମାନେ ଅପରାଧ କରନ୍ତି ନାହିଁ, ସେମାନେ ବି ଅପରାଧ କରିବାକୁ ଭୟ ନ କରି ପାପକର୍ମରେ ପ୍ରବୃତ୍ତ ହୋଇଯିବେ । ଏଣୁ **ସବୁ କର୍ମର ଯଥାଯଥ ଫଳ ଦେବା ହିଁ ଈଶ୍ୱରଙ୍କ କାର୍ଯ୍ୟ, କ୍ଷମା କରିବା ନୁହେଁ ।**

ଜୀବର ସ୍ୱତନ୍ତ୍ରତା

ପ୍ରଶ୍ନ — ଜୀବ ସ୍ୱତନ୍ତ୍ର ନା ପରତନ୍ତ୍ର ?

ଉତ୍ତର — ଜୀବ କର୍ମ କରିବାରେ ସ୍ୱତନ୍ତ୍ର, କିନ୍ତୁ ଈଶ୍ୱରଙ୍କ କର୍ମଫଳ ବ୍ୟବସ୍ଥା ଅନୁସାରେ ପରତନ୍ତ୍ର । **'ସ୍ୱତନ୍ତ୍ରଃ କର୍ତ୍ତା'—** ଏହା ପାଣିନୀୟ ବ୍ୟାକରଣର ସୂତ୍ର (ଅଷ୍ଟା.୧:୪:୫୪) । ଯିଏ ସ୍ୱତନ୍ତ୍ର ବା ସ୍ୱାଧୀନ, ସେ ହିଁ କର୍ତ୍ତା ହୋଇଥାଏ ।

ପ୍ରଶ୍ନ — ସ୍ୱତନ୍ତ୍ର କାହାକୁ କହନ୍ତି ?

ଉତ୍ତର — ଯାହା ଅଧୀନରେ ଶରୀର, ପ୍ରାଣ, ଇନ୍ଦ୍ରିୟ ଓ ଅନ୍ତଃକରଣ ଆଦି ଥାଏ, ତାକୁ ସ୍ୱତନ୍ତ୍ର କହନ୍ତି । ଯିଏ ସ୍ୱତନ୍ତ୍ର ନୁହେଁ, ତାକୁ ପାପ-ପୁଣ୍ୟର ଫଳ କଦାପି ମିଳିପାରିବ ନାହିଁ । ଯେମିତିକି ସୈନିକମାନେ ସେନାପତିଙ୍କ ଆଦେଶ ବା ପ୍ରେରଣା ଅନୁସାରେ ଯୁଦ୍ଧରେ ଅନେକ ବ୍ୟକ୍ତିଙ୍କୁ ମାରିଲେ ମଧ୍ୟ ଅପରାଧୀ ବିବେଚିତ ହୋଇନଥାନ୍ତି । ସେହିପରି ଯଦି ପରମେଶ୍ୱରଙ୍କ ପ୍ରେରଣା ଓ ଅଧୀନରେ ସଂସାରର ସବୁ କାମ ସମ୍ପନ୍ନ ହୁଏ, ତେବେ ଜୀବକୁ ପୁଣ୍ୟ କି ପାପ ଲାଗିବ ନାହିଁ । ସେହି ଫଳର ଭାଗୀ ବି ପ୍ରେରକ ପରମେଶ୍ୱର ହିଁ ହେବେ । ସ୍ୱର୍ଗ-ନରକ ଅର୍ଥାତ୍ ସୁଖ-ଦୁଃଖର ପ୍ରାପ୍ତି ମଧ୍ୟ ପରମେଶ୍ୱରଙ୍କୁ ହେବ । ଯେପରିକି କୌଣସି ବ୍ୟକ୍ତି କାହାକୁ କୌଣସି ଶସ୍ତ୍ର ଦ୍ୱାରା ହତ୍ୟା କଲେ ସେହି ହତ୍ୟାକାରୀକୁ ଧରାଯାଏ, ସେ ହିଁ ଦଣ୍ଡ ପାଇଥାଏ, ଶସ୍ତ୍ର ଦଣ୍ଡ ପାଇନଥାଏ । ସେହିପରି ପରାଧୀନ ଜୀବ ପାପ-ପୁଣ୍ୟର ଭାଗୀ ହୋଇପାରିବ ନାହିଁ । **ଏଣୁ ଜୀବ ନିଜ ସାମର୍ଥ୍ୟାନୁସାରେ କର୍ମ କରିବାରେ ସ୍ୱତନ୍ତ୍ର; କିନ୍ତୁ ପାପ-ପୁଣ୍ୟ କର୍ମ କରିସାରିବା ପରେ ଈଶ୍ୱରଙ୍କ ବ୍ୟବସ୍ଥାରେ ପରାଧୀନ ହୋଇ ଫଳ ଭୋଗିଥାଏ । ଅତଃ କର୍ମ କରିବାରେ ଜୀବ ସ୍ୱତନ୍ତ୍ର ଏବଂ ପାପ-ପୁଣ୍ୟର ଦୁଃଖ-ସୁଖ ରୂପ ଫଳ ଭୋଗ କରିବାରେ ପରତନ୍ତ୍ର ।**

ପ୍ରଶ୍ନ — ଈଶ୍ୱର ଯଦି ଜୀବକୁ ତିଆରି କରନିଥାନ୍ତେ ଓ କର୍ମ କରିବାର ସାମର୍ଥ୍ୟ ଦେଇ ନ ଥାନ୍ତେ, ତେବେ ଜୀବ କୌଣସି କର୍ମ କରିପାରିନଥାନ୍ତା । ଏଣୁ ନିଷ୍କର୍ଷ ହେଲା ଯେ ଈଶ୍ୱରଙ୍କ ପ୍ରେରଣାରେ ହିଁ ଜୀବ କର୍ମ କରେ ।

ଉତ୍ତର — ଜୀବ କେବେ ବି ଉତ୍ପନ୍ନ ହୋଇନାହିଁ, ଜୀବ ଅନାଦି । ଯେଉଁପରି ଈଶ୍ୱର ଓ ଜଗତର ଉପାଦାନ କାରଣ ନିତ୍ୟ, ସେହିପରି ଜୀବ ମଧ୍ୟ ନିତ୍ୟ । ଈଶ୍ୱର କେବଳ ଜୀବର ଶରୀର ତଥା ଇନ୍ଦ୍ରିୟ-ଗୋଲକ ତିଆରି କରିଛନ୍ତି, କିନ୍ତୁ ସେସବୁ ବି ଜୀବର ଅଧୀନ । **ଯିଏ ମନ-ବଚନ-କର୍ମରେ ପାପ-ପୁଣ୍ୟ କରେ, ସେ ହିଁ ତା'ର ଫଳ ଭୋଗ କରେ, ଈଶ୍ୱର ନୁହନ୍ତି ।** ଉଦାହରଣ ସ୍ୱରୂପ - କୌଣସି କାରୀଗର ପାହାଡ଼ରୁ ଲୁହା ବାହାର କଲା, କୌଣସି ବ୍ୟବସାୟୀ ସେହି ଲୁହା କିଣିଲା, ତା' ଦୋକାନରୁ କମାର ଲୁହା ନେଇ ତରବାରୀ ତିଆରି କଲା, ତା'ଠୁ କୌଣସି ସିପାହୀ ତରବାରୀ ନେଲା ଓ ସେ ଖଣ୍ଡାରେ କାହାକୁ ମାରିଦେଲା । ବର୍ତ୍ତମାନ ଏଠାରେ ଯେମିତି ପାହାଡ଼ରୁ ଲୁହା ବାହାର କରିବା ଲୋକକୁ, ତାହାଠୁ କିଣିବା ଲୋକକୁ, ତରବାରୀ ତିଆରି କରିବା ଲୋକକୁ କିମ୍ବା ତରବାରୀକୁ ଧରି ରାଜା ଦଣ୍ଡ ଦିଅନ୍ତି ନାହିଁ । ଯିଏ ଖଣ୍ଡାରେ ମାରିଥାଏ, କେବଳ ସେ ହିଁ ଦଣ୍ଡ ପାଇଥାଏ । ଠିକ୍ ସେହିପରି ଶରୀରାଦିକୁ ଉତ୍ପନ୍ନ କରିଥିବା ଈଶ୍ୱର ଜୀବର କର୍ମର ଭୋକ୍ତା ହୋଇ ନ ଥାନ୍ତି, ବରଂ ଜୀବ ହିଁ ସ୍ୱ କର୍ମଫଳର ଭୋକ୍ତା ହୋଇଥାଏ । ଯଦି ପରମେଶ୍ୱର ଜୀବ ଦ୍ୱାରା କର୍ମ କରାଉଥାନ୍ତେ, ତେବେ କୌଣସି ଜୀବ ପାପ କରନ୍ତେ ନାହିଁ । କାରଣ ପରମେଶ୍ୱର ପବିତ୍ର ଓ ଧାର୍ମିକ ହୋଇଥିବାରୁ କୌଣସି ଜୀବକୁ ପାପ କରିବା ପାଇଁ ପ୍ରେରଣା ଦିଅନ୍ତି ନାହିଁ । ଏଣୁ ଜୀବ ନିଜ କର୍ମ କରିବାରେ ସ୍ୱତନ୍ତ୍ର । ସେହିପରି ପରମେଶ୍ୱର ବି ନିଜ କର୍ମ କରିବାରେ ସ୍ୱତନ୍ତ୍ର ।

ଜୀବ ଓ ଈଶ୍ୱରଙ୍କ ଭିନ୍ନତ୍ୱ

ପ୍ରଶ୍ନ — ଜୀବ ଓ ଈଶ୍ୱରଙ୍କ ସ୍ୱରୂପ, ଗୁଣ, କର୍ମ ଓ ସ୍ୱଭାବ କେଉଁ ଭଳି ?

ଉତ୍ତର — ଜୀବ ଓ ଈଶ୍ୱର ଉଭୟେ ଚେତନସ୍ୱରୂପ । ସ୍ୱଭାବରେ ଉଭୟେ ପବିତ୍ର, ଅବିନାଶୀ ଓ ଧାର୍ମିକ ଆଦି ଅଟନ୍ତି । କିନ୍ତୁ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟ କରିବା, ସମସ୍ତଙ୍କୁ ନିୟମରେ ରଖିବା, ଜୀବମାନଙ୍କୁ ସେମାନଙ୍କ ପାପ-ପୁଣ୍ୟର ଫଳ ଦେବା ଆଦି ଧର୍ମଯୁକ୍ତ କର୍ମ ହେଲା ପରମେଶ୍ୱରଙ୍କର ଏବଂ ସନ୍ତାନ-ଉତ୍ପତ୍ତି,

ସେମାନଙ୍କ ଲାଳନ-ପାଳନ, ଶିଳ୍ପବିଦ୍ୟା ଆଦି ଭଲ-ମନ୍ଦ କର୍ମ ହେଲା ଜୀବର । ଈଶ୍ୱରଙ୍କ ଗୁଣ ହେଲା ନିତ୍ୟ ଜ୍ଞାନ, ଆନନ୍ଦ, ଅନନ୍ତ ବଳ ଆଦି । ଆଉ ଜୀବର ହେଲା —

ଇଚ୍ଛାଦ୍ୱେଷପ୍ରୟତ୍ନସୁଖଦୁଃଖଜ୍ଞାନାନ୍ୟାତ୍ମନୋ ଲିଙ୍ଗମ୍ । (ନ୍ୟାୟ. ୧:୧:୧୦)

ପ୍ରାଣାପାନନିମେଷୋନ୍ମେଷଜୀବନମନୋଗତୀନ୍ଦ୍ରିୟାନ୍ତରବିକାରାଃ ସୁଖଦୁଃଖ-ଇଚ୍ଛାଦ୍ୱେଷ-ପ୍ରୟତ୍ନାଶ୍ଚାତ୍ମନୋ ଲିଙ୍ଗାନି । (ବୈଶେଷିକ. ୩:୨:୪)

ଉଭୟ ସୂତ୍ର ଅନୁସାରେ — **(ଇଚ୍ଛା)** ପଦାର୍ଥ ପ୍ରାପ୍ତିର ଅଭିଳାଷ, **(ଦ୍ୱେଷ)** ଦୁଃଖାଦି ନିମନ୍ତେ ଅନିଚ୍ଛା, ଶତ୍ରୁତା, **(ପ୍ରୟତ୍ନ)** ପୁରୁଷାର୍ଥ, ବଳ, **(ସୁଖ)** ଆନନ୍ଦ, **(ଦୁଃଖ)** ଅପ୍ରସନ୍ନତା, ପୀଡ଼ା, **(ଜ୍ଞାନ)** ବିବେକ, ଜାଣିପାରିବା - ଏ ସବୁ ସମାନ । କିନ୍ତୁ ବୈଶେଷିକ ଅନୁସାରେ ଆଉ ଅଧିକ ହେଲା - **(ପ୍ରାଣ)** ପ୍ରାଣବାୟୁକୁ ବାହାରକୁ ବାହାର କରିବା, **(ଅପାନ)** ପ୍ରାଣବାୟୁକୁ ବାହାରୁ ଭିତରକୁ ନେବା, **(ନିମେଷ)** ଆଖିର ପଲକ ପକାଇବା, **(ଉନ୍ମେଷ)** ଅଖି ଖୋଲିବା, **(ଜୀବନ)** ପ୍ରାଣଧାରଣ କରିବା, **(ମନ)** ନିଶ୍ଚୟ, ସ୍ମରଣ ଓ ଅହଂକାର କରିବା, **(ଗତି)** ଚଳ-ପ୍ରଚଳ ହେବା, **(ଇନ୍ଦ୍ରିୟ)** ସମସ୍ତ ଇନ୍ଦ୍ରିୟଙ୍କ ସଂଚାଳନ, **(ଆନ୍ତର୍ବିକାର)** କ୍ଷୁଧା, ତୃଷା, ହର୍ଷ, ଶୋକ ଆଦି ଭିନ୍ନ-ଭିନ୍ନ ସ୍ଥିତି ହେବା । ଏସବୁ ଗୁଣ ପରମାତ୍ମାଙ୍କ ଗୁଣଠାରୁ ଭିନ୍ନ କେବଳ ଜୀବାତ୍ମାର ଅଟେ । **ଏସବୁ ଦ୍ୱାରା ଜୀବାତ୍ମାର ସତ୍ତା ଜଣାଯାଏ, କାରଣ ଆତ୍ମା ସ୍ଥୂଳ ପଦାର୍ଥ ହୋଇନଥିବାରୁ, ଇନ୍ଦ୍ରିୟମାନଙ୍କଦ୍ୱାରା ଗ୍ରାହ୍ୟ ହୋଇପାରିନଥାଏ ।**

ଯେ ପର୍ଯ୍ୟନ୍ତ ଶରୀରରେ ଆତ୍ମା ରହିଥାଏ, ସେ ପର୍ଯ୍ୟନ୍ତ ଶରୀରରେ ଏସବୁ ଗୁଣ ପ୍ରକାଶିତ ହୋଇଥାଏ । ଯେତେବେଳେ ଆତ୍ମା ଶରୀର ତ୍ୟାଗ କରି ଚାଲିଯାଏ, ସେତେବେଳେ ଏ ସବୁ ଗୁଣ ଆଉ ଶରୀରରେ ରହେ ନାହିଁ । ଯାହାର ଉପସ୍ଥିତିରେ ଯେଉଁସବୁ ଗୁଣ ବିଦ୍ୟମାନ ରହେ, ଏବଂ ଅନୁପସ୍ଥିତିରେ ସେସବୁ ଗୁଣ ଅନ୍ତର୍ହିତ ହୋଇଯାଏ, ସେସବୁ ଗୁଣ ସେହି ପଦାର୍ଥର ହୋଇଥାଏ । ଯଥା — ଦୀପ ଓ ସୂର୍ଯ୍ୟ ଆଦିର ବିଦ୍ୟମାନତାରେ ପ୍ରକାଶ ଆଦି ବିଦ୍ୟମାନ ରହିବା ଏବଂ ଦୀପ ଓ ସୂର୍ଯ୍ୟାଦିର ଅନୁପସ୍ଥିତିରେ ଆଲୋକର ଅଭାବ ହୋଇଯିବା । ସେହିପରି ଜୀବାତ୍ମା ଓ ପରମାତ୍ମାଙ୍କ ଜ୍ଞାନ ଗୁଣଦ୍ୱାରା ହୋଇଥାଏ ।

ପ୍ରଶ୍ନ — ଈଶ୍ୱର ତ୍ରିକାଳଦର୍ଶୀ ଅଟନ୍ତି । ସୁତରାଂ ଭବିଷ୍ୟତର କଥା ଜାଣନ୍ତି । ସେ ପୂର୍ବରୁ ଯେପରି ସ୍ଥିର କରନ୍ତି, ଜୀବ ସେପରି ହିଁ କରେ । ଏଣୁ ଜୀବ ଆଦୌ ସ୍ୱତନ୍ତ୍ର ନୁହେଁ । ତା' ଛଡ଼ା ଈଶ୍ୱର ଜୀବକୁ ଦଣ୍ଡ ବି ଦେଇପାରିବେ ନାହିଁ । କାରଣ ଈଶ୍ୱର ନିଜ ଜ୍ଞାନରେ ଯାହା ପୂର୍ବରୁ ସ୍ଥିର କରିଥାନ୍ତି, ଜୀବ ତାହା ହିଁ କରିଥାଏ ।

ଉତ୍ତର — ଈଶ୍ୱରଙ୍କୁ ତ୍ରିକାଳଦର୍ଶୀ କହିବା ମୂର୍ଖତାର ପରିଚାୟକ । କାରଣ ଯାହା ଆଗରୁ ଥିଲା, କିନ୍ତୁ ଏବେ ନାହିଁ, ତାକୁ 'ଭୂତକାଳ' କହନ୍ତି ଏବଂ ଯାହା ଏବେ ନାହିଁ, କିନ୍ତୁ ପରେ ଆସିବ ତାକୁ 'ଭବିଷ୍ୟତକାଳ' କୁହାଯାଏ । କ'ଣ ଈଶ୍ୱରଙ୍କ କୌଣସି ଜ୍ଞାନ ପୂର୍ବରୁ ଥିଲା ଓ ଏବେ ନାହିଁ ତଥା ଏବେ ନାହିଁ ଓ ପରେ ଆସିବ ? ସ୍ଥିତି ତ ଏପରି ନୁହେଁ । ଅତଃ ଈଶ୍ୱରଙ୍କ ଜ୍ଞାନ ସଦା ଏକରସ, ଅଖଣ୍ଡିତ ଭାବେ ବିଦ୍ୟମାନ ରହିଥାଏ । ଭୂତ, ଭବିଷ୍ୟତ କାଳ ଜୀବଙ୍କ ପାଇଁ, ଜୀବଙ୍କ ଜ୍ଞାନ ଦୃଷ୍ଟିରୁ । **ଅବଶ୍ୟ ଜୀବଙ୍କ କର୍ମର ଅପେକ୍ଷାରେ ଈଶ୍ୱର ତ୍ରିକାଳଜ୍ଞ ଅଟନ୍ତି; ସ୍ୱତଃ, ସ୍ୱ-ଜ୍ଞାନ ଦୃଷ୍ଟିରୁ ନୁହନ୍ତି ।** ଜୀବ ସ୍ୱତନ୍ତ୍ରତା ପୂର୍ବକ ଯେମିତି କର୍ମ କରେ, ସର୍ବଜ୍ଞତା ଯୋଗୁଁ ଈଶ୍ୱର ତୁରନ୍ତ ସେହି ସମୟରେ ହିଁ ତାହା ଜାଣିପାରନ୍ତି । ଏବଂ ଈଶ୍ୱର ଯେମିତି ଜାଣନ୍ତି, ଜୀବ ସେମିତି କର୍ମ

କରିଥାଏ ଅର୍ଥାତ୍ ଜୀବ କର୍ମ କରିବା ଓ ଈଶ୍ୱର ତାହା ଜାଣିବା ଏକା ସଙ୍ଗେ ହୋଇଥାଏ, ଆଗ-ପଛ ନୁହେଁ। ଅର୍ଥାତ୍ ଭୂତ, ଭବିଷ୍ୟତ ଓ ବର୍ତ୍ତମାନକୁ ଜାଣିବା ଏବଂ କର୍ମଫଳ ପ୍ରଦାନ କରିବାରେ ଈଶ୍ୱର ସ୍ୱତନ୍ତ୍ର ଏବଂ ଜୀବ କିଞ୍ଚିତ୍ ବର୍ତ୍ତମାନକୁ ଜାଣେ ଓ କର୍ମ କରିବାରେ ସ୍ୱତନ୍ତ୍ର। ଈଶ୍ୱରଙ୍କ ଜ୍ଞାନ ଅନାଦି ହୋଇଥିବାରୁ ତାଙ୍କର କର୍ମ ସମ୍ବନ୍ଧୀୟ ଜ୍ଞାନ ଯେପରି ଅନାଦି, ଦଣ୍ଡ ସମ୍ବନ୍ଧୀୟ ତାଙ୍କର ଜ୍ଞାନ ବି ସେପରି ଅନାଦି। କର୍ମଜ୍ଞାନ ଓ ଦଣ୍ଡଜ୍ଞାନ - ତାଙ୍କର ଏ ଉଭୟ ଜ୍ଞାନ ସତ୍ୟ। 'କର୍ମଜ୍ଞାନ' ସତ୍ୟ ଓ 'ଦଣ୍ଡଜ୍ଞାନ' ମିଥ୍ୟା କ'ଣ କେବେ ହୋଇପାରେ? ଏଣୁ ଈଶ୍ୱରଙ୍କ ଦଣ୍ଡବିଧାନରେ କୌଣସି ଦୋଷ ନାହିଁ।

ପ୍ରଶ୍ନ — ଜୀବାତ୍ମା ଶରୀରରେ ବିଭୁ ନା ପରିଚ୍ଛିନ୍ନ?

ଉତ୍ତର — ପରିଚ୍ଛିନ୍ନ। ଯଦି ଜୀବାତ୍ମା ବିଭୁ ବା ବ୍ୟାପକ ହୋଇଥାନ୍ତା ତେବେ ଜାଗ୍ରତ-ସ୍ୱପ୍ନ-ସୁଷୁପ୍ତି, ଜନ୍ମ-ମରଣ, ସଂଯୋଗ-ବିୟୋଗ, ଯିବା-ଆସିବା ଇତ୍ୟାଦି କେବେ ହୁଅନ୍ତା ନାହିଁ। ଅତଃ ଜୀବାତ୍ମା ସୂକ୍ଷ୍ମ, ଅଳ୍ପ ଓ ଅଳ୍ପଜ୍ଞ ଏବଂ ପରମେଶ୍ୱର ସୂକ୍ଷ୍ମରୁ ବି ସୂକ୍ଷ୍ମ, ଅନନ୍ତ, ସର୍ବଜ୍ଞ ଓ ସର୍ବବ୍ୟାପକ। ଏଣୁ ଜୀବାତ୍ମା ଓ ପରମାତ୍ମାଙ୍କ ମଧ୍ୟରେ 'ବ୍ୟାପ୍ୟ-ବ୍ୟାପକ' ସମ୍ବନ୍ଧ ରହିଛି।

ପ୍ରଶ୍ନ — ଯେଉଁ ସ୍ଥାନରେ ଗୋଟିଏ ବସ୍ତୁ ଥାଏ ସେହି ସ୍ଥାନରେ ଅନ୍ୟ ଏକ ପଦାର୍ଥ ରହିପାରେ ନାହିଁ। ଏଣୁ ଜୀବ ଓ ଈଶ୍ୱର ଏକତ୍ର ରହିପାରିବେ ନାହିଁ। ଅତଏବ ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ସଂଯୋଗ ସମ୍ବନ୍ଧ ଥାଇପାରେ; କିନ୍ତୁ ବ୍ୟାପ୍ୟ-ବ୍ୟାପକ ସମ୍ବନ୍ଧ ରହିବା ସମ୍ଭବପର ନୁହେଁ।

ଉତ୍ତର — 'ଯେଉଁ ସ୍ଥାନରେ ଗୋଟିଏ ବସ୍ତୁ ଥାଏ ସେହି ସ୍ଥାନରେ ଅନ୍ୟ ଏକ ପଦାର୍ଥ ରହିପାରେ ନାହିଁ' - ଏ ନିୟମ ସମାନ ଆକାର ବିଶିଷ୍ଟ ଦୁଇଟି ବସ୍ତୁ ପାଇଁ ପ୍ରଯୁଜ୍ୟ, ଅସମାନ ଆକାରର ବସ୍ତୁ ଦ୍ୱୟ ପ୍ରତି ପ୍ରଯୁଜ୍ୟ ନୁହେଁ। ଯଥା — ଲୁହା ସ୍ଥୂଳ ଓ ଅଗ୍ନି ସୂକ୍ଷ୍ମ। ଏଣୁ ଲୁହାରେ ବିଦ୍ୟୁତ୍, ଅଗ୍ନି ବ୍ୟାପକ ହୋଇ ଲୁହା ଓ ଅଗ୍ନି ଗୋଟିଏ ସ୍ଥାନରେ ରହିପାରନ୍ତି। ସେହିପରି ଈଶ୍ୱରଙ୍କଠାରୁ ଜୀବ ସ୍ଥୂଳ ଓ ଜୀବ ଅପେକ୍ଷା ପରମେଶ୍ୱର ସୂକ୍ଷ୍ମ ହୋଇଥିବାରୁ ଈଶ୍ୱର ବ୍ୟାପକ ଓ ଜୀବ ବ୍ୟାପ୍ୟ ଅଟେ। ଈଶ୍ୱର ଓ ଜୀବ ମଧ୍ୟରେ ଯେପରି ବ୍ୟାପକ-ବ୍ୟାପ୍ୟ ସମ୍ବନ୍ଧ ରହିଛି, ସେହିପରି ଉଭୟଙ୍କ ମଧ୍ୟରେ ସେବ୍ୟ-ସେବକ, ଆଧାର-ଆଧେୟ, ସ୍ୱାମୀ-ଭୃତ୍ୟ, ରାଜା-ପ୍ରଜା, ପିତା-ପୁତ୍ର ଇତ୍ୟାଦି ସମ୍ବନ୍ଧ ବି ରହିଛି।

ପ୍ରଶ୍ନ — ଜୀବ ଓ ବ୍ରହ୍ମ ଗୋଟିଏ ହିଁ ସତ୍ତା ନା ଅଲଗା-ଅଲଗା?

ଉତ୍ତର — ଅଲଗା-ଅଲଗା।

ପ୍ରଶ୍ନ — ଯଦି ଜୀବ ଓ ବ୍ରହ୍ମ ଅଲଗା-ଅଲଗା ସତ୍ତା, ତେବେ -

ପ୍ରଜ୍ଞାନଂ ବ୍ରହ୍ମ ॥ ୧ ॥ (ଐତରେୟ. ୩:୩)

ଅହଂ ବ୍ରହ୍ମାସ୍ମି ॥ ୨ ॥ (ବୃହଦା. ୧:୪:୧୦, ଶତ. ୪:୩:୨:୨୧)

ତତ୍ତ୍ୱମସି ॥ ୩ ॥ (ଛାନ୍ଦୋଗ୍ୟ. ୬:୮:୭)

ଅୟମାତ୍ମା ବ୍ରହ୍ମ ॥ ୪ ॥ (ମାଣ୍ଡୂକ୍ୟ.୨, ଶତ. ୧୪:୪:୫:୧୪)

ବେଦର ଏସବୁ ମହାବାକ୍ୟର ଅର୍ଥ କ'ଣ?

ଉତ୍ତର — ଏସବୁ ବେଦବାକ୍ୟ ହିଁ ନୁହେଁ, ବରଂ ବ୍ରାହ୍ମଣ ଗ୍ରନ୍ଥର ବଚନ। ତା' ଛଡ଼ା କୌଣସି ସତ୍ୟଶାସ୍ତ୍ରରେ

ଏଗୁଡ଼ିକୁ 'ମହାବାକ୍ୟ' ବୋଲି କୁହାଯାଇନାହିଁ । ଏସବୁର ଯଥାର୍ଥ ଭାବ ହେଲା — **(ପ୍ରଜ୍ଞାନଂ ବ୍ରହ୍ମ)** ବ୍ରହ୍ମ ପ୍ରକୃଷ୍ଟ ଜ୍ଞାନସ୍ୱରୂପ ଅଟନ୍ତି ॥ ୧ ॥ **(ଅହମ୍)** ମୁଁ **(ବ୍ରହ୍ମ)** ବ୍ରହ୍ମ ଅର୍ଥାତ୍ ବ୍ରହ୍ମସ୍ଥ **(ଅସ୍ମି)** ଅଟେ - ଅର୍ଥାତ୍ ମୁଁ ବ୍ରହ୍ମରେ ଅବସ୍ଥାନ କରୁଛି । ଏ କଥନରେ **'ତାତ୍ସ୍ଥ୍ୟୋପାଧି'** ଅଛି । ଯଥା - **'ମଞ୍ଚାଃ କ୍ରୋଶନ୍ତି'** - ମଞ୍ଚାଗୁଡ଼ିକ ଡାକୁଛନ୍ତି । ମଞ୍ଚା ଜଡ଼ ପଦାର୍ଥ, ତା'ର ଡ଼ାକିବାର ସାମର୍ଥ୍ୟ ନାହିଁ । ତେଣୁ ମଞ୍ଚା ଡାକୁଛନ୍ତିର ଅର୍ଥ ମଞ୍ଚା ଉପରେ ଥିବା ଲୋକମାନେ ଡାକୁଛନ୍ତି । ସେହିପରି ଏଠାରେ ବି ବୁଝିବାକୁ ହେବ ଯେ **'ଅହଂ ବ୍ରହ୍ମାସ୍ମି'** ର ଅର୍ଥ 'ମୁଁ ବ୍ରହ୍ମରେ ଅବସ୍ଥିତ' ।

କେହି କହିପାରେ ଯେ ସବୁ ପଦାର୍ଥ ତ ବ୍ରହ୍ମରେ ଅବସ୍ଥିତ, ଫେରେ ଜୀବକୁ ବ୍ରହ୍ମସ୍ଥ ବୋଲି କହିବାର ବିଶେଷତ୍ୱ କ'ଣ ? ତା'ର ଉତ୍ତର ହେଲା ଯେ **ଯଦ୍ୟପି ସବୁ ପଦାର୍ଥ ବ୍ରହ୍ମରେ ଅବସ୍ଥାନ କରନ୍ତି, ତଥାପି ଜୀବ ଯେପରି ବ୍ରହ୍ମର ସାଧର୍ମ୍ୟଯୁକ୍ତ ନିକଟସ୍ଥ, ଅନ୍ୟ କୌଣସି ବସ୍ତୁ ସେପରି ନୁହେଁ ।** ପୁଣି କେବଳ ଜୀବ ହିଁ ବ୍ରହ୍ମଙ୍କୁ ଜାଣିପାରେ ଓ ମୁକ୍ତିରେ ସେ ବ୍ରହ୍ମଙ୍କ ସାକ୍ଷାତ୍ ସମ୍ପର୍କରେ ରହିଥାଏ । ଏଣୁ ବ୍ରହ୍ମଙ୍କ ସହ ଜୀବର **'ତାତ୍ସ୍ଥ୍ୟ'** ବା **'ତତ୍ସହଚରିତୋପାଧି'** ଅଛି ଅର୍ଥାତ୍ ବ୍ରହ୍ମର ସହଚାରୀ ହେଉଛି ଜୀବ । ଏଥିରୁ ଜଣାଯାଏ ଯେ ଜୀବ ଓ ବ୍ରହ୍ମ ଏକ ନୁହନ୍ତି । ଜଣେ ଅନ୍ୟ ଜଣକ ବିଷୟରେ ଏହା କହିବା ଆମକୁ ଶୁଣିବାକୁ ମିଳିଥାଏ ଯେ - ମୁଁ ଓ ଅମୁକ ବ୍ୟକ୍ତି, ଆମ ଦୁଇଜଣଙ୍କର, ଏକ ଆତ୍ମା । ଏଠାରେ ଏକ ଅର୍ଥାତ୍ ଅବିରୋଧୀ । ସେହିପରି ଯେଉଁ ଜୀବ ସମାଧିସ୍ଥ ହୋଇ ପରମେଶ୍ୱରଙ୍କଠାରେ ପ୍ରେମରେ ନିମଗ୍ନ ହୋଇଯାଏ, ସେ କହିପାରେ କି ମୁଁ ଓ ବ୍ରହ୍ମ ଏକ ଅର୍ଥାତ୍ ଅବିରୋଧୀ, ଏକ ସ୍ଥାନରେ ଅବସ୍ଥାନ କରୁଛୁ । **ଏକଥା ପ୍ରଣିଧାନଯୋଗ୍ୟ ଯେ ଯେଉଁ ଜୀବ ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବର ଅନୁକୂଳ ନିଜ ଗୁଣ-କର୍ମ-ସ୍ୱଭାବ କରିନିଏ, ସେ ହିଁ ସାଧର୍ମ୍ୟ ହେତୁ ବ୍ରହ୍ମଙ୍କ ସହିତ ଏକ ବୋଲି କହିପାରେ ॥ ୨ ॥**

ପ୍ରଶ୍ନ — ଆଚ୍ଛା, ତେବେ ଏହାର ଅର୍ଥ କ'ଣ କହିବ — **(ତତ୍)** ବ୍ରହ୍ମ **(ତ୍ୱଂ)** ତୁମେ ଜୀବ **(ଅସି)** ଅଟ । ଅର୍ଥାତ୍ ହେ ଜୀବ ! **(ତ୍ୱମ୍)** ତୁମେ **(ତତ୍)** ସେହି ବ୍ରହ୍ମ **(ଅସି)** ଅଟ ।

ଉତ୍ତର — ତୁମେ 'ତତ୍' ଶବ୍ଦର ଅର୍ଥ କ'ଣ ବୋଲି ଗ୍ରହଣ କରୁଛ ?

ପ୍ରଶ୍ନ — 'ବ୍ରହ୍ମ' ।

ଉତ୍ତର — ବ୍ରହ୍ମ ପଦର ଅନୁବୃତ୍ତି କେଉଁଠୁ ଆଣିଲ ?

ପ୍ରଶ୍ନ — ସଦେବ ସୋମ୍ୟେଦମଗ୍ର ଆସୀଦେକମେବାଦ୍ୱିତୀୟଂ ବ୍ରହ୍ମ । ଏହି ପୂର୍ବ ବାକ୍ୟରୁ ।

(ଛାନ୍ଦୋଗ୍ୟ. ୬:୨:୧ର ବିକୃତ କରି ଉପସ୍ଥାପନ)

ଉତ୍ତର — ତୁମେ ଏହି 'ଛାନ୍ଦୋଗ୍ୟ ଉପନିଷଦ'ର ଦର୍ଶନ ବି କରିନାହଁ । ଯଦି ଦେଖିଥାନ୍ତ, ତେବେ ଏପରି ମିଛ କାହିଁକି କହିଥାନ୍ତ ? ସେଠାରେ **'ବ୍ରହ୍ମ'** ଶବ୍ଦର ଚିହ୍ନବର୍ଣ୍ଣ ବି ନାହିଁ । ବରଂ ଛାନ୍ଦୋଗ୍ୟରେ ତ - **'ସଦେବ ସୋମ୍ୟେଦମଗ୍ର ଆସୀଦେକମେବାଦ୍ୱିତୀୟମ୍' ।** (ଛାନ୍ଦୋଗ୍ୟ. ୬:୨:୧) ଏପରି ପାଠ ଅଛି । ସେଠାରେ 'ବ୍ରହ୍ମ' ଶବ୍ଦ ତ ନାହିଁ ।

ପ୍ରଶ୍ନ — ତେବେ ଏଠାରେ 'ତତ୍' ଶବ୍ଦର ଅର୍ଥ କ'ଣ ବୋଲି ଗ୍ରହଣ କରୁଛ ?

ଉତ୍ତର — **ସ ୟ ଏଷୋଽଣିମୈତଦାତ୍ମ୍ୟମିଦଂ ସର୍ବଂ ତତ୍ସତ୍ୟଂ ସ ଆତ୍ମା ତତ୍ତ୍ୱମସି ଶ୍ୱେତକେତୋ ଇତି ।** (ଛାନ୍ଦୋଗ୍ୟ. ୬:୮:୭)

ସେହି ପରମାତ୍ମା ଜାଣିବାର ଯୋଗ୍ୟ ଯିଏକି ଅତ୍ୟନ୍ତ ସୂକ୍ଷ୍ମ ଏବଂ ଏ ସମସ୍ତ ଜଗତ ଓ ଜୀବର ଆତ୍ମା । ସେ ହିଁ ସତ୍ୟସ୍ୱରୂପ ଓ ନିଜେ ହିଁ ନିଜର ଆତ୍ମା । ହେ ପ୍ରିୟ ପୁତ୍ର ଶ୍ୱେତକେତୁ! **'ତଦାତ୍ମକସ୍ତଦନ୍ତର୍ଯ୍ୟାମୀ ତ୍ୱମସି'** — ସେହି ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କ ସହ ତୁମେ ସଂଯୁକ୍ତ । ଏହି ଅର୍ଥ ଉପନିଷଦର ଅବିରୋଧୀ । କାରଣ —

ୟ ଆତ୍ମନି ତିଷ୍ଠନ୍ନାତ୍ମନୋଽନ୍ତରୋ ୟମାତ୍ମା ନ ବେଦ ୟସ୍ୟାତ୍ମା ଶରୀରମ୍ ।
ୟ ଆତ୍ମାନମନ୍ତରୋ ୟମୟତି ସ ତଽଆତ୍ମାନ୍ତର୍ଯାମ୍ୟମୃତଃ ॥

(ଶତ. ୧୪:୩:୫:୩୦, ମାଧ୍ୟନ୍ଦିନ ବୃହଦା. ୩:୭:୩୦)

ମହର୍ଷି ଯାଜ୍ଞବଲ୍କ୍ୟ ଉଦ୍ଦାଳକଙ୍କୁ କହୁଛନ୍ତି କି - 'ହେ ଉଦ୍ଦାଳକ! ଯେଉଁ ପରମେଶ୍ୱର ଆତ୍ମା ଅର୍ଥାତ୍ ଜୀବାତ୍ମା ଭିତରେ ବିଦ୍ୟମାନ, କିନ୍ତୁ ଜୀବାତ୍ମାଠାରୁ ଅଲଗା ଅଟନ୍ତି; ଯାହାଙ୍କୁ ମୂଢ଼ ଜୀବାତ୍ମା ଜାଣେ ନାହିଁ ଯେ ସେହି ପରମାତ୍ମା ମୋ ଭିତରେ ବ୍ୟାପକ ହୋଇ ଅଛନ୍ତି; ଜୀବାତ୍ମା ଯେଉଁ ଈଶ୍ୱରଙ୍କର ଶରୀର ଭଳି ଅର୍ଥାତ୍ ଶରୀରରେ ଜୀବାତ୍ମା ରହିବା ଭଳି ଜୀବ ଭିତରେ ଈଶ୍ୱର ବ୍ୟାପକ; ଯିଏ ଜୀବାତ୍ମାଠାରୁ ଅଲଗା ରହି ଜୀବର ପାପ-ପୁଣ୍ୟର ସାକ୍ଷୀ ହୋଇ ସେ ସବୁର ଫଳ ଜୀବକୁ ପ୍ରଦାନ ପୂର୍ବକ ନିୟମନ କରନ୍ତି; ସେହି ଅବିନାଶୀସ୍ୱରୂପ ପରମାତ୍ମା ତୁମର ବି ଅନ୍ତର୍ଯ୍ୟାମୀ ଆତ୍ମା ଅଟନ୍ତି ଅର୍ଥାତ୍ ତୁମ ଆତ୍ମାରେ ବି ବ୍ୟାପକ ହୋଇ ରହିଛନ୍ତି, ତାଙ୍କୁ ତୁମେ ଜାଣ ।' ଉପନିଷଦର ଏଭଳି ବାକ୍ୟଗୁଡ଼ିକର କିଏ କ'ଣ ଅନ୍ୟଥା ଅର୍ଥ କରିପାରେ ?

(ଅୟମାତ୍ମା ବ୍ରହ୍ମ) ସମାଧି ଅବସ୍ଥାରେ ଯେତେବେଳେ ଯୋଗୀ ପରମେଶ୍ୱରଙ୍କୁ ପ୍ରତ୍ୟକ୍ଷ କରେ, ସେତେବେଳେ ସେ କହିଥାଏ - 'ଏଇ ଯେଉଁ ପରମାତ୍ମା ମୋ ଭିତରେ ବ୍ୟାପୀ ରହିଛନ୍ତି, ସେହି ବ୍ରହ୍ମ ସର୍ବତ୍ର ବ୍ୟାପକ ହୋଇ ରହିଛନ୍ତି ।' ଏଣୁ ଆଜିକାଲିର ଯେଉଁ ବେଦାନ୍ତୀମାନେ ଜୀବ-ବ୍ରହ୍ମର ଏକତ୍ୱ କଥା କହନ୍ତି, ବୁଝିବାକୁ ହେବ ଯେ ସେମାନେ ବେଦାନ୍ତଶାସ୍ତ୍ର ଜାଣନ୍ତି ନାହିଁ ।

ପ୍ରଶ୍ନ — ଅନେନ ଜୀବେନାତ୍ମନାନୁପ୍ରବିଶ୍ୟ ନାମରୂପେ ବ୍ୟାକରଣବାଣି ॥ ୧ ॥

(ଛାନ୍ଦୋଗ୍ୟ. ୬:୩:୨)

ତତ୍ସୃଷ୍ଟ୍ୱା ତଦେବାନୁପ୍ରାବିଶତ୍ ॥ ୨ ॥ (ତୈତ୍ତରୀୟ. ୨:୬)

ପରମେଶ୍ୱର କହୁଛନ୍ତି କି - 'ମୁଁ ଜଗତ ଓ ଶରୀର ରଚନା କରି ଜଗତରେ ବ୍ୟାପକ ହୋଇ ଓ ଜୀବରୂପ ହୋଇ ଶରୀରରେ ପ୍ରବେଶ କରି ନାମ ଓ ରୂପର ବ୍ୟାଖ୍ୟା କରେଁ' ॥ ୧ ॥

ପରମେଶ୍ୱର ସେହି ଜଗତ ଓ ଶରୀର ନିର୍ମାଣ କରି ସେଥିରେ ପ୍ରବିଷ୍ଟ ହେଲେ ॥ ୨ ॥ ଇତ୍ୟାଦି ଶ୍ରୁତିବଚନର ଅନ୍ୟ ଅର୍ଥ କିପରି କରାଯାଇପାରିବ ?

ଉତ୍ତର — ଯଦି ତୁମେ ପଦ, ପଦାର୍ଥ ଓ ବାକ୍ୟାର୍ଥ ବିଷୟରେ ଜାଣିଥାନ୍ତ ତେବେ ଏପରି ଅନର୍ଥ କେବେ ବି କରିନଥାନ୍ତ । ଅନୁ ଶବ୍ଦ ଉପରେ ଧ୍ୟାନ ଦେଇଥିଲେ ତୁମେ ଯେପରି ଓଲଟା ଅର୍ଥ କରିଛ ସେପରି କରନ୍ତ ନାହିଁ । କାରଣ ଏଠାରେ ବୁଝିବା ଉଚିତ ଯେ - ଏକ ହେଲା 'ପ୍ରବେଶ' ଓ ଅନ୍ୟଟି ହେଲା 'ଅନୁପ୍ରବେଶ' ଅର୍ଥାତ୍ ପଶ୍ଚାତ୍ ପ୍ରବେଶ । ଶରୀରରେ ପ୍ରବିଷ୍ଟ ହୋଇଥିବା ଜୀବ ସହ ପରମେଶ୍ୱର ଅନୁପ୍ରବିଷ୍ଟ ସମାନ ହୋଇ ବେଦ ଦ୍ୱାରା ସମସ୍ତ ନାମରୂପାଦିର ବିଦ୍ୟା ପ୍ରକଟ କରନ୍ତି । ଈଶ୍ୱର ଜୀବକୁ ଶରୀରରେ ପ୍ରବେଶ କରାଇ ନିଜେ ଜୀବ ଭିତରେ ଅନୁପ୍ରବିଷ୍ଟ ହୋଇଅଛନ୍ତି । ଅର୍ଥାତ୍ ଯେହେତୁ ଶରୀରରେ ଜୀବ ପ୍ରବିଷ୍ଟ ହେଲା, ତେଣୁ ଜୀବ ଭିତରେ ବ୍ୟାପକ

ଥିବା ପରମାତ୍ମା ଜୀବ ସହ ପ୍ରବିଷ୍ଟ ହୋଇଥିଲେ ହେଁ କ୍ରମ ବୁଝାଇବା ପାଇଁ ପରମାତ୍ମାଙ୍କ ପ୍ରତି ଅନୁପ୍ରବେଶ ଶବ୍ଦ ପ୍ରୟୋଗ ହୋଇଛି ।

ପ୍ରଶ୍ନ — 'ସୋଽୟଂ ଦେବଦତ୍ତୋ ୟ ଉଷ୍ଣକାଲେ କାଶ୍ୟାଂ ଦୃଷ୍ଟଃ, ସ ଇଦାନୀଂ ପ୍ରାବୃଟ୍‌ସମୟେ ମଥୁରାୟାଂ ଦୃଶ୍ୟତେ' — ଯେଉଁ ଦେବଦତ୍ତଙ୍କୁ ଗ୍ରୀଷ୍ମକାଳରେ ମୁଁ କାଶୀରେ ଦେଖିଥିଲି, ତାକୁ ଏବେ ବର୍ଷାକାଳରେ ମଥୁରାରେ ଦେଖୁଛି । ଏଠାରେ ତାହା କାଶୀ ଦେଶ, ଉଷ୍ଣକାଳ; ଏହା ମଥୁରା ଦେଶ ଓ ବର୍ଷାକାଳ – ଏତିକିକୁ ଛାଡ଼ି କେବଳ ଶରୀରକୁ ଲକ୍ଷ୍ୟ କଲେ ଦେବଦତ୍ତ ହିଁ ଲକ୍ଷିତ ହେଉଛି । ସେହିପରି ଏହି **'ଭାଗତ୍ୟାଗଲକ୍ଷଣା'** ଅନୁସାରେ ଈଶ୍ୱରଙ୍କ ପରୋକ୍ଷ ଦେଶ, କାଳ, ମାୟା, ଉପାଧି ଏବଂ ଜୀବର ଏହି ଦେଶ, କାଳ, ଅବିଦ୍ୟା ଓ ଅଳ୍ପଜ୍ଞତା ଉପାଧିକୁ ବାଦ୍ ଦେଇ କେବଳ ଚେତନତ୍ୱ ପ୍ରତି ଦୃଷ୍ଟି ଦେଲେ ଈଶ୍ୱର ଓ ଜୀବ ଦୁହିଁଙ୍କ ମଧ୍ୟରେ ଏକ ହିଁ ବ୍ରହ୍ମ ବସ୍ତୁ ପରିଲକ୍ଷିତ ହୁଏ । **'ଭାଗତ୍ୟାଗଲକ୍ଷଣା'** ର ଅର୍ଥ କିଛି ଅଂଶ ଗ୍ରହଣ କରିବା ଓ କିଛି ଅଂଶ ଛାଡ଼ି ଦେବା । ଏହି 'ଭାଗତ୍ୟାଗଲକ୍ଷଣା' ଅନୁସାରେ ଈଶ୍ୱରଙ୍କ ସର୍ବଜ୍ଞତା ଆଦି ବାଚ୍ୟାର୍ଥ ଓ ଜୀବର ଅଳ୍ପଜ୍ଞତା ଆଦି ବାଚ୍ୟାର୍ଥ ପରିତ୍ୟାଗ କରି, କେବଳ ଚୈତନ୍ୟ ଲକ୍ଷ୍ୟାର୍ଥକୁ ଗ୍ରହଣ କଲେ 'ଅଦ୍ୱୈତ' ସିଦ୍ଧି ହୁଏ, ଜୀବ ଓ ଈଶ୍ୱର ଏକ-ଅଭିନ୍ନ ପ୍ରତିପାଦିତ ହୁଏ ? ଏଠାରେ ତୁମେ ଆଉ କ'ଣ କହିପାରିବ ?

ଉତ୍ତର — ପ୍ରଥମ କଥା ହେଲା ଯେ ତୁମେ ଜୀବ ଓ ଈଶ୍ୱର ଏ ଉଭୟଙ୍କୁ ନିତ୍ୟ ମାନୁଛ ନା ଅନିତ୍ୟ ?

ପ୍ରଶ୍ନ — ଏ ଉଭୟେ ଉପାଧିଜନିତ କଳ୍ପିତ ହୋଇଥିବାରୁ ଉଭୟଙ୍କୁ ଅନିତ୍ୟ ମାନୁଛୁ ।

ଉତ୍ତର — ସେହି ଉପାଧିକୁ ନିତ୍ୟ ମାନୁଛ ନା ଅନିତ୍ୟ ?

ପ୍ରଶ୍ନ — ଆମ ମତରେ —

ଜୀବେଶୌ ଚ ବିଶୁଦ୍ଧା ଚିଦ୍ ବିଭେଦସ୍ତୁ ତୟୋର୍ଦ୍ୱୟୋଃ ।
ଅବିଦ୍ୟା ତଚ୍ଚିତୋର୍ୟୋଗଃ ଷଡ଼ସ୍ମାକମନାଦୟଃ ॥ ୧ ॥
କାର୍ୟୋପାଧିରୟଂ ଜୀବଃ କାରଣୋପାଧିରୀଶ୍ୱରଃ ।
କାର୍ୟକାରଣତାଂ ହିତ୍ୱା ପୂର୍ଣ୍ଣବୋଧୋଽବଶିଷ୍ୟତେ ॥ ୨ ॥

'ସଂକ୍ଷେପଶାରୀରକ' ଓ 'ଶାରୀରକଭାଷ୍ୟ'ର ଏହି କାରିକାନୁସାରେ ଆମେ ବେଦାନ୍ତୀମାନେ **୧**. ଜୀବ, **୨**. ଈଶ୍ୱର, **୩**. ବ୍ରହ୍ମ, **୪**. ଜୀବ ଓ ଈଶ୍ୱର ମଧ୍ୟରେ ଥିବା ବିଶେଷ ଭେଦ, **୫**. ଅବିଦ୍ୟା ବା ଅଜ୍ଞାନ, *୬*. ଅବିଦ୍ୟା ଓ ଚେତନର ସଂଯୋଗ – ଏ ଛଅଟିକୁ ଅନାଦି ବୋଲି ମାନୁ ॥ ୧ ॥ କିନ୍ତୁ ଏ ମଧ୍ୟରୁ କେବଳ ଏକମାତ୍ର ବ୍ରହ୍ମ ଅନାଦି ଓ ଅନନ୍ତ । ଅନ୍ୟ ପାଞ୍ଚୋଟି ଅନାଦି-ସାନ୍ତ ଅଟନ୍ତି, ଯେଉଁପରି କି 'ପ୍ରାଗଭାଗ' ହୋଇଥାଏ । ଏ ପାଞ୍ଚୋଟିର ଆଦି ଜଣାଯାଉ ନ ଥିବାରୁ ଏଗୁଡ଼ିକୁ 'ଅନାଦି' କୁହାଯାଏ । ଯେ ପର୍ଯ୍ୟନ୍ତ ଅଜ୍ଞାନ ଥାଏ, ସେ ପର୍ଯ୍ୟନ୍ତ ଏ ପାଞ୍ଚୋଟି ଥାଆନ୍ତି । ଆଉ ଜ୍ଞାନ ହେବା ପରେ ଏସବୁ ନଷ୍ଟ ହୋଇଯାନ୍ତି । ଏଣୁ ଏସବୁକୁ 'ସାନ୍ତ' ଅର୍ଥାତ୍ ନାଶବାନ୍ କହନ୍ତି ॥ ୨ ॥

ଉତ୍ତର — ତୁମର ଏ ଦୁଇଟି ଯାକ ଶ୍ଳୋକ ଠିକ୍ ନୁହେଁ । କାରଣ ତୁମ ମତ ଅନୁସାରେ ବ୍ରହ୍ମ ସହ ଅବିଦ୍ୟାର ସଂଯୋଗ ବ୍ୟତୀତ ଜୀବର ଅସ୍ତିତ୍ୱ ଏବଂ ବ୍ରହ୍ମ ସହ ମାୟାର ସଂଯୋଗ ବିନା ଈଶ୍ୱରଙ୍କ ଅସ୍ତିତ୍ୱ ସିଦ୍ଧ ହୋଇପାରେ ନାହିଁ । ଏଣୁ **'ତଚ୍ଚିତୋର୍ୟୋଗଃ'** ଅର୍ଥାତ୍ ଅବିଦ୍ୟା ଓ ଚେତନର ସଂଯୋଗ ରୂପକ ଯେଉଁ **ଷଷ୍ଠ** ପଦାର୍ଥ ତୁମେ

ପରିଗଣନା କଲ, ତାହା ରହିଲା ନାହିଁ । କାରଣ ତାହା ଅବିଦ୍ୟା ଓ ମାୟା, ଜୀବ ଓ ଈଶ୍ୱରଙ୍କ ଅନ୍ତର୍ଗତ ହୋଇଗଲା । ପୁଣି ବ୍ରହ୍ମ, ମାୟା ଓ ଅବିଦ୍ୟାର ସଂଯୋଗ ବିନା ଈଶ୍ୱର ହୁଅନ୍ତି ନାହିଁ । ତେଣୁ ଈଶ୍ୱରଙ୍କୁ ଅବିଦ୍ୟା ଓ ବ୍ରହ୍ମଠାରୁ ଅଲଗା ରୂପେ ଗଣନା କରିବା ବୃଥା । ଅତଏବ ତୁମ ମତ ଅନୁସାରେ ବ୍ରହ୍ମ ଓ ଅବିଦ୍ୟା ଏ ଦୁଇଟି ପଦାର୍ଥ ହିଁ ସିଦ୍ଧ ହୋଇପାରନ୍ତି, ଛଅଟି ନୁହେଁ ।

ତା' ଛଡ଼ା ତୁମର ପ୍ରଥମ **କାର୍ଯ୍ୟୋପାଧି** ଓ **କାରଣୋପାଧି** ଯୋଗୁଁ ଜୀବ ଓ ଈଶ୍ୱର ଅସ୍ତିତ୍ୱକୁ ଆସିବା କଥା ସିଦ୍ଧ କରିବା ସେତେବେଳେ ସମ୍ଭବ ହେବ ଯେତେବେଳେ ଅନନ୍ତ, ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତ ସ୍ୱଭାବସମ୍ପନ୍ନ, ସର୍ବଜ୍ଞ, ସର୍ବବ୍ୟାପକ ବ୍ରହ୍ମଙ୍କଠାରେ ଅଜ୍ଞାନ ଥିବା ପ୍ରମାଣିତ କରିବ । ଯଦି ବ୍ରହ୍ମଙ୍କ ଏକ ଦେଶରେ ସ୍ୱ-ଆଶ୍ରୟ ଓ ସ୍ୱବିଷୟକ ଅଜ୍ଞାନକୁ ଅନାଦି ଓ ବ୍ୟାପକ ବୋଲି ସ୍ୱୀକାର କରାଯାଏ ତେବେ ସମଗ୍ର ବ୍ରହ୍ମ ଶୁଦ୍ଧ ହୋଇପାରିବେ ନାହିଁ । ଆଉ ଯଦି ବ୍ରହ୍ମଙ୍କ ଏକ ଦେଶରେ ଅଜ୍ଞାନ ଅବସ୍ଥିତ ବୋଲି ମାନିନିଆଯାଏ, ତେବେ ସେ ଅଜ୍ଞାନ ପରିଚ୍ଛିନ୍ନ ହୋଇଥିବାରୁ ଇତସ୍ତତଃ ଗତି କରିବାକୁ ଲାଗିବ । ଅଜ୍ଞାନ ଯେଉଁ-ଯେଉଁ ସ୍ଥାନକୁ ଯିବ, ସେହି-ସେହି ସ୍ଥାନର ବ୍ରହ୍ମ ଅଜ୍ଞାନୀ ହୋଇଚାଲିବ ଏବଂ ଯେଉଁ-ଯେଉଁ ସ୍ଥାନକୁ ଅଜ୍ଞାନ ଛାଡ଼ିଚାଲିବ ସେହି ସ୍ଥାନର ବ୍ରହ୍ମ ଜ୍ଞାନୀ ହୋଇଚାଲିବ । ଏଣୁ କୌଣସି ସ୍ଥାନର ବ୍ରହ୍ମଙ୍କୁ ଅନାଦି, ଶୁଦ୍ଧ-ଜ୍ଞାନଯୁକ୍ତ କୁହାଯାଇପାରିବ ନାହିଁ । ଆଉ ଅଜ୍ଞାନର ସୀମାରେ ଯେଉଁ ବ୍ରହ୍ମ ରହିବେ, ସେ ଅଜ୍ଞାନକୁ ଜାଣିବେ । ଅଜ୍ଞାନର ବାହାରେ ରହିବା ବ୍ରହ୍ମ ଓ ଭିତରେ ଥିବା ବ୍ରହ୍ମ, ବ୍ରହ୍ମ ଏଭଳି ଦୁଇଭାଗରେ ବିଭକ୍ତ ହୋଇଯିବେ ।

ଯଦି କୁହ ଯେ ବ୍ରହ୍ମ ଖଣ୍ଡ-ଖଣ୍ଡ ହୋଇଗଲେ ବ୍ରହ୍ମଙ୍କର କ'ଣ ହାନି ? ଉତ୍ତର ହେଲା ଯେ ସେ ଆଉ ଅଖଣ୍ଡ ହୋଇ ରହିପାରିବେ ନାହିଁ । ଆଉ ଯଦି ବ୍ରହ୍ମ ଅଖଣ୍ଡ, ତେବେ ଅଜ୍ଞାନୀ ନୁହନ୍ତି । ତା'ଛଡ଼ା ଜ୍ଞାନର ଅଭାବ ବା ବିପରୀତ ଜ୍ଞାନ ବି ଗୋଟିଏ ଗୁଣ ହୋଇଥିବାରୁ କୌଣସି ଦ୍ରବ୍ୟ ସହ ତା'ର ନିତ୍ୟ ସମ୍ବନ୍ଧ ରହିବ । ଯଦି ଏପରି ହୁଏ, ତେବେ ସମବାୟ ସମ୍ବନ୍ଧ ହେବା ହେତୁ ଅଜ୍ଞାନ କଦାପି ଅନିତ୍ୟ ହୋଇପାରିବ ନାହିଁ । ଦ୍ୱିତୀୟତଃ, ଶରୀରର ଗୋଟିଏ ସ୍ଥାନରେ ବଥ ହେଲେ ସାରା ଶରୀରରେ ଯେପରି କଷ୍ଟ ବ୍ୟାପିଯାଏ, ସେହିପରି ବ୍ରହ୍ମଙ୍କର ଗୋଟିଏ ଦେଶରେ ଅଜ୍ଞାନ, ସୁଖ-ଦୁଃଖ, କ୍ଲେଶ ଆଦି ଅନୁଭୂତ ହେଲେ 'ସମଗ୍ର ବ୍ରହ୍ମ' ଅଜ୍ଞାନ, ଦୁଃଖାଦି ଅନୁଭବଯୁକ୍ତ ହୋଇଯିବେ ଏବଂ 'ସମ୍ପୂର୍ଣ୍ଣ ବ୍ରହ୍ମ'ଙ୍କୁ ଶୁଦ୍ଧ କୁହାଯାଇପାରିବ ନାହିଁ । ସେହିପରି 'କାର୍ଯ୍ୟୋପାଧି' ଅର୍ଥାତ୍ 'ଅନ୍ତଃକରଣର ଉପାଧି' ଯୋଗରେ ବ୍ରହ୍ମଙ୍କୁ ଜୀବ ବୋଲି ଯଦି ସ୍ୱୀକାର କରାଯାଏ, ତେବେ ପ୍ରଶ୍ନ ଉଠିବ ଯେ ବ୍ରହ୍ମ ବ୍ୟାପକ ନା ପରିଚ୍ଛିନ୍ନ ? ଯଦି ତୁମେ କୁହ ଯେ ବ୍ରହ୍ମ ବ୍ୟାପକ ଓ ଉପାଧି ପରିଚ୍ଛିନ୍ନ ବା ଏକଦେଶୀ ଏବଂ ଅଲଗା-ଅଲଗା, ତେବେ ପ୍ରଶ୍ନ ଉଠିବ ଯେ ଅନ୍ତଃକରଣ ଇତସ୍ତତଃ ଗତି କରେ ନା ନାହିଁ ।

ଉତ୍ତର — ଅନ୍ତଃକରଣ ଇତସ୍ତତଃ ଗତିକରେ ।

ପ୍ରଶ୍ନ — ତେବେ ଅନ୍ତଃକରଣ ସହ ବ୍ରହ୍ମ ମଧ୍ୟ ଇତସ୍ତତଃ ଯିବା-ଆସିବା କରେ ନା ସ୍ଥିର ହୋଇ ଗୋଟିଏ ସ୍ଥାନରେ ରହେ ?

ଉତ୍ତର — ବ୍ରହ୍ମ ସ୍ଥିର ହୋଇ ରହେ ।

ପ୍ରଶ୍ନ — ଯେତେବେଳେ ଅନ୍ତଃକରଣ ଯେଉଁ-ଯେଉଁ ସ୍ଥାନ ତ୍ୟାଗ କରୁଥିବ, ସେହି-ସେହି ସ୍ଥାନର ବ୍ରହ୍ମ ଅଜ୍ଞାନରହିତ ହେଉଥିବ ଏବଂ ଯେଉଁ ସ୍ଥାନକୁ ଅନ୍ତଃକରଣ ପହଞ୍ଚୁଥିବ ସେହି ସ୍ଥାନର ଶୁଦ୍ଧ ବ୍ରହ୍ମ ଅଜ୍ଞାନୀ

ହୋଇଯାଉଥିବ । ସେହି ସ୍ଥିତିରେ ପ୍ରତି ସ୍ଥାନର ବ୍ରହ୍ମ ଗୋଟିଏ କ୍ଷଣରେ ଜ୍ଞାନୀ ତ ପର କ୍ଷଣରେ ଅଜ୍ଞାନ ହୋଇଚାଲିବ । ଏପରି ହେଲେ ମୋକ୍ଷ ଓ ବନ୍ଧନ ବି କ୍ଷଣସ୍ଥାୟୀ ହେବ । ତା' ବ୍ୟତୀତ ଜଣେ ଦେଖିଥିବା ବସ୍ତୁକୁ ଅନ୍ୟ ଜଣେ ଯେପରି ସ୍ମରଣ କରିପାରେ ନାହିଁ, ସେପରି କାଲି ଦେଖିଥିବା, ଶୁଣିଥିବା ବିଷୟରେ କାହାରି ଜ୍ଞାନ ରହିପାରିବ ନାହିଁ । କାରଣ ଯେଉଁ ସମୟରେ ଦେଖିଥିଲା-ଶୁଣିଥିଲା, ତାହା ଅନ୍ୟ ସ୍ଥାନ ଓ ଅନ୍ୟ ସମୟ ଥିଲା ଏବଂ ଯେଉଁ ସମୟରେ ସ୍ମରଣ କରାଯାଉଛି ତାହା ଅନ୍ୟ ସ୍ଥାନ ଓ ଅନ୍ୟ କାଳ ।

ଯଦି କହିବ ଯେ ବ୍ରହ୍ମ ଏକ, ତେବେ ସେ ସର୍ବଜ୍ଞ କାହିଁକି ନୁହଁ ? ଯଦି କୁହ ଯେ ଅନ୍ତଃକରଣ ଭିନ୍ନ-ଭିନ୍ନ ହୋଇଥିବାରୁ ବ୍ରହ୍ମ ବି ଭିନ୍ନ-ଭିନ୍ନ ଜୀବ ହୋଇଯାନ୍ତି । ତେବେ ଅନ୍ତଃକରଣ ତ ଜଡ଼, ସେଥିରେ ଜ୍ଞାନ ରହିପାରେ ନାହିଁ । ଯଦି କୁହ ଯେ କେବଳ ବ୍ରହ୍ମ କି କେବଳ ଅନ୍ତଃକରଣକୁ ଜ୍ଞାନ ହୁଏ ନାହିଁ, ବରଂ ଅନ୍ତଃକରଣସ୍ଥ **'ଚିଦାଭାସ'**କୁ ଜ୍ଞାନ ହୋଇଥାଏ; ତେବେ ବି ସ୍ୱୀକାର କରିବାକୁ ହେବ ଯେ ଚେତନକୁ ହିଁ ଅନ୍ତଃକରଣ ଦ୍ୱାରା ଜ୍ଞାନ ହୋଇଥାଏ । ଯେମିତିକି ନେତ୍ରାଦି ଇନ୍ଦ୍ରିୟ ଦ୍ୱାରା ହୋଇଥାଏ । ତେବେ ଫେରେ ଜୀବ ଅଳ୍ପ ଓ ଅଳ୍ପଜ୍ଞ କାହିଁକି ? ଅତଏବ କାରଣୋପାଧି ଓ କାର୍ଯ୍ୟୋପାଧି ଯୋଗରେ ବ୍ରହ୍ମ ଯଥାକ୍ରମେ ଈଶ୍ୱର ଓ ଜୀବରେ ପରିଣତ ହୋଇପାରିବେ ନାହିଁ ।

ବାସ୍ତବିକତା ହେଲା ଯେ ବ୍ରହ୍ମଙ୍କୁ ହିଁ **'ଈଶ୍ୱର'** କୁହାଯାଏ । ବ୍ରହ୍ମଙ୍କଠାରୁ ଭିନ୍ନ ଅନାଦି, ଅନୁତ୍ପନ୍ନ, ଅମୃତସ୍ୱରୂପ ଚେତନ ପଦାର୍ଥର ନାମ **'ଜୀବ'** । ଯଦି ତୁମେ କୁହ କି 'ଚିଦାଭାସ'ର ନାମ ଜୀବ, ତେବେ ତାହା କ୍ଷଣସ୍ଥାୟୀ ହୋଇଥିବାରୁ ସେଇ 'ପ୍ରତ୍ୟଭିଜ୍ଞା' ଭଙ୍ଗ ଦୋଷ ଉପସ୍ଥିତ ହୁଏ ଏବଂ 'ଅନିର୍ମୋକ୍ଷାପତ୍ତି' ଦୋଷ ବି ଆସେ, କାରଣ ଜୀବ ଉତ୍ପନ୍ନ ହୋଇଥିବାରୁ ନଷ୍ଟ ହୋଇଯିବ, ତେବେ ମୋକ୍ଷର ସୁଖ କିଏ ଭୋଗ କରିବ ? **ଅତଃ ବ୍ରହ୍ମ କେବେ ବି ଜୀବ ନୁହେଁ କି ଜୀବ କଦାପି ବ୍ରହ୍ମ ନୁହେଁ । ଏ ଦୁହେଂ କେବେ ବି ଏକ ନ ଥିଲେ, ଏବେ ନାହାନ୍ତି କି କେବେ ମଧ୍ୟ ହେବେ ନାହିଁ ।**

ପ୍ରଶ୍ନ — ତେବେ **'ସଦେବ ସୋମ୍ୟେଦମଗ୍ର ଆସୀଦେକମେବାଦ୍ୱିତୀୟମ୍ ।'** (ଛାନ୍ଦୋଗ୍ୟ. ୬:୨:୧)

'ଅଦ୍ୱୈତ ସିଦ୍ଧି' କିପରି ହେବ ? ଆମ ମତରେ ତ ବ୍ରହ୍ମଙ୍କ ଠାରୁ ସଜାତୀୟ, ବିଜାତୀୟ ଓ ସ୍ୱଗତ ଅବୟବ ଭେଦ ଥିବା ଅଲଗା କୌଣସି ବସ୍ତୁ ନ ଥିବାରୁ ଏକ ବ୍ରହ୍ମଙ୍କ ସତ୍ତା ହିଁ ସିଦ୍ଧ ହେଉଛି । ଯଦି ଜୀବ ଅନ୍ୟ ଏକ ସତ୍ତା ଅଟେ, ତେବେ **'ଅଦ୍ୱୈତ ସିଦ୍ଧି'** କିପରି ହୋଇପାରିବ ?

ଉତ୍ତର — ଏ ଭ୍ରମରେ ପଡ଼ି କାହିଁକି ଭୟ କରୁଛ ? ବିଶେଷ୍ୟ-ବିଶେଷଣ ସମ୍ପର୍କରେ ଚିନ୍ତା କର ଯେ ଏହାର ଫଳ କ'ଣ ? ଯଦି କୁହ ଯେ **'ବ୍ୟାବର୍ତ୍ତକଂ ବିଶେଷଣଂ ଭବତୀତି'** — ବିଶେଷଣ ଭେଦକାରକ ହୋଇଥାଏ, ତେବେ ଏତିକି ଆହୁରି ବି ସ୍ୱୀକାର କର ଯେ **'ପ୍ରବର୍ତ୍ତକଂ ପ୍ରକାଶକମପି ବିଶେଷଣଂ ଭବତୀତି'** — ବିଶେଷଣ ପ୍ରବର୍ତ୍ତକ ଓ ପ୍ରକାଶକ ବି ହୋଇଥାଏ । ତେଣୁ ବର୍ତ୍ତମାନ ବୁଝ ଯେ **'ଅଦ୍ୱୈତ'** ଶବ୍ଦ ବ୍ରହ୍ମର ବିଶେଷଣ । ଏହି ଅଦ୍ୱୈତ ବିଶେଷଣ ଶବ୍ଦର ବ୍ୟାବର୍ତ୍ତକ ଧର୍ମ ହେଲା ଯେ, ଏହା **'ଦ୍ୱୈତ ବସ୍ତୁ'** ଅର୍ଥାତ୍ ଯେଉଁ ଅନେକ ଜୀବ ଓ ତତ୍ତ୍ୱ ଅଛନ୍ତି, ସେମାନଙ୍କଠାରୁ ବ୍ରହ୍ମଙ୍କୁ ଅଲଗା ରୂପରେ ଅବସ୍ଥାପନ କରେ ଏବଂ ଏହି ବିଶେଷଣର ପ୍ରବର୍ତ୍ତକ ଓ ପ୍ରକାଶକ କାର୍ଯ୍ୟ ହେଲା କି ଏହା ବ୍ରହ୍ମଙ୍କୁ ଏକ ବୋଲି ପ୍ରତିପାଦନ କରେ । ଯଥା — **'ଅସ୍ମିନ୍ନଗରେଽଦ୍ୱିତୀୟୋ ଧନାଢ୍ୟୋ ଦେବଦତ୍ତଃ । ଅସ୍ୟାଂ ସେନାୟାମଦ୍ୱିତୀୟଃ ଶୂରବୀରୋ ବିକ୍ରମସିଂହଃ'**—

କେହି ଜଣେ ଅନ୍ୟ ଜଣକୁ କହିଲା – 'ଏହି ସହରରେ ଦେବଦତ୍ତ ହେଉଛି ଅଦ୍ୱିତୀୟ ଧନୀ ଏବଂ ଏହି ସେନାରେ ଅଦ୍ୱିତୀୟ ଶୂର-ବୀର ହେଉଛି ବିକ୍ରମସିଂହ ।' ଏ କଥନରୁ ଜଣାଗଲା ଯେ ଏ ସହରରେ ଦେବଦତ୍ତ ଭଳି ଆଉ କେହି ଧନୀ ବ୍ୟକ୍ତି ନାହିଁ କି ଏ ସେନାରେ ବିକ୍ରମ ସିଂହ ପରି ଅନ୍ୟ ଶୂରବୀର କେହି ନାହାନ୍ତି । କିନ୍ତୁ ଏ ସହରରେ ଦେବଦତ୍ତଠୁ କମ୍ ଧନୀ ଓ ବିକ୍ରମ ସିଂହଠାରୁ କମ୍ ବୀର ଏ ସେନାରେ ନାହାନ୍ତି ବୋଲି ତ ଏ କଥନରୁ ପ୍ରକାଶିତ ହେଉ ନାହିଁ । ସେମାନଙ୍କଠାରୁ କମ୍ ଧନୀ, କମ୍ ବୀର ତ ଅଛନ୍ତି । ତା' ସାଙ୍ଗକୁ ପୃଥିବୀ ଆଦି ଜଡ଼ ପଦାର୍ଥ, ପଶୁ-ପକ୍ଷୀ ଆଦି ପ୍ରାଣୀ, ବୃକ୍ଷ-ଲତା ବି ସହରରେ ଅଛନ୍ତି । ସେସବୁ ନାହାନ୍ତି ବୋଲି ବୁଝାଯାଉନି । ସେହିପରି ଉପରୋକ୍ତ କଥନର ଆଶୟ ହେଲା ଯେ ବ୍ରହ୍ମଙ୍କ ସଦୃଶ ଜୀବ ବା ପ୍ରକୃତି ନୁହନ୍ତି, ବରଂ ତାଙ୍କଠୁ ନ୍ୟୂନ ଅଟନ୍ତି ।

ଏଥିରୁ ଏହା ସିଦ୍ଧ ହେଲା ଯେ ବ୍ରହ୍ମ ସର୍ବଦା ଏକ; ଏବଂ ଜୀବ ଓ ପ୍ରକୃତିସ୍ଥ ତତ୍ତ୍ୱ ଅନେକ । **'ଅଦ୍ୱୈତ'** ବା **'ଅଦ୍ୱିତୀୟ'** ବିଶେଷଣ ବ୍ରହ୍ମଙ୍କୁ ସେସବୁଠାରୁ ପୃଥକ୍ କରି ବ୍ରହ୍ମଙ୍କ ଏକତ୍ୱ ପ୍ରତିପାଦିତ କରନ୍ତି । ଏହି **'ଅଦ୍ୱୈତ'** କଥନ ଦ୍ୱାରା ଜୀବ ଓ ପ୍ରକୃତି କି କାର୍ଯ୍ୟରୂପ ଜଗତର ଅଭାବ ବା ଅସ୍ତିତ୍ୱର ନିଷେଧ ସିଦ୍ଧ ହେଉ ନାହିଁ । ଅପିତୁ ଏସବୁ ଅଛନ୍ତି, କିନ୍ତୁ ଏମାନେ ବ୍ରହ୍ମଙ୍କ ତୁଲ୍ୟ ନୁହନ୍ତି । ଏହା ଦ୍ୱାରା ଅଦ୍ୱୈତସିଦ୍ଧିରେ କି ଦ୍ୱୈତସିଦ୍ଧିରେ କୌଣସି ଅସୁବିଧା ନାହିଁ । ଅଯଥା ଘବରେଇ ଯାଅନାହିଁ, ଚିନ୍ତା କର ଓ ବୁଝ ।

ପ୍ରଶ୍ନ — ବ୍ରହ୍ମଙ୍କ ସତ୍, ଚିତ୍, ଆନନ୍ଦ ଏବଂ ଜୀବର ଅସ୍ତି, ଭାତି, ପ୍ରିୟରୂପ ଥିବାରୁ ଉଭୟଙ୍କ ମଧ୍ୟରେ ଏକତ୍ୱ ସିଦ୍ଧ ହୁଏ । ଫେରେ ଉଭୟଙ୍କ ଏକତ୍ୱକୁ କାହିଁକି ଖଣ୍ଡନ କରୁଛ ?

ଉତ୍ତର — ଅଳ୍ପ କିଛି ସାଧର୍ମ୍ୟରୁ କୌଣସି ବସ୍ତୁଗୁଡ଼ିକ ଯେ ଏକ ଅଟନ୍ତି, ଏହା ପ୍ରମାଣିତ ହୁଏ ନାହିଁ । ଯଥା – ପୃଥିବୀ ଜଡ଼ ଓ ଦୃଶ୍ୟମାନ୍ । ସେହିପରି ଜଳ, ଅଗ୍ନି ଆଦି ବି ଜଡ଼ ଓ ଦୃଶ୍ୟମାନ୍ । କିନ୍ତୁ ଏତିକି ସାଧର୍ମ୍ୟ କାରଣରୁ ପୃଥିବୀ, ଜଳ, ଅଗ୍ନି ଆଦି ଏକ ନୁହନ୍ତି । କାରଣ ଏମାନଙ୍କ ମଧ୍ୟରେ 'ବୈଧର୍ମ୍ୟ' ବା ବିରୁଦ୍ଧ ଧର୍ମ ଅଛି ଯାହାକି ପରସ୍ପର ମଧ୍ୟରେ ଭେଦକାରକ । ଯଥା — ପୃଥିବୀର ଗନ୍ଧ, ରୁକ୍ଷତା ଓ କାଠିନ୍ୟ ଆଦି ଗୁଣ; ଜଳର ରସ, ଦ୍ରବତ୍ୱ ଓ କୋମଳତା ଆଦି ଧର୍ମ; ଅଗ୍ନିର ରୂପ, ଦାହକତା ଆଦି ଧର୍ମ । ଏଣୁ ପୃଥିବୀ, ଜଳ ଓ ଅଗ୍ନି ଏକ ନୁହନ୍ତି । ଠିକ୍ ସେହିପରି ମନୁଷ୍ୟ ଓ କୀଟ ଉଭୟ ଆଖିରେ ଦେଖନ୍ତି, ମୁହଁରେ ଖାଆନ୍ତି ଓ ପାଦରେ ଚାଲନ୍ତି । ତଥାପି ମନୁଷ୍ୟର ଜାତି, ଆକୃତି, ଦୁଇ ପାଦ ଆଦି ଓ କୀଟର ଜାତି, ଆକୃତି, ଅନେକ ପାଦ ଆଦି ଭିନ୍ନ ହୋଇଥିବାରୁ ଉଭୟେ ଏକ ହୋଇନଥାନ୍ତି । ସେହିପରି ଈଶ୍ୱରଙ୍କ ଅନନ୍ତ ଜ୍ଞାନ-ଆନନ୍ଦ-ବଳ-କ୍ରିୟା, ନିର୍ଭ୍ରାନ୍ତିତ୍ୱ ଓ ବ୍ୟାପକତା ଜୀବଠାରୁ ଅଲଗା ହୋଇଥିବାରୁ ଏବଂ ଜୀବର ଅଳ୍ପଜ୍ଞତା, ଅଳ୍ପଶକ୍ତି, ଅଳ୍ପସ୍ୱରୂପ, ସଭ୍ରାନ୍ତିତ୍ୱ ଓ ପରିଚ୍ଛିନ୍ନତା ଇତ୍ୟାଦି ଗୁଣ ବ୍ରହ୍ମଙ୍କଠାରୁ ଅଲଗା ହୋଇଥିବା ହେତୁ ଜୀବ ଓ ଈଶ୍ୱର ଏକ ନୁହନ୍ତି । ଅନ୍ୟ କାରଣ ହେଲା ଯେ ଉଭୟଙ୍କ ସ୍ୱରୂପ ବି (ପରମେଶ୍ୱର ଅତିସୂକ୍ଷ୍ମ ଓ ଜୀବ ତାଙ୍କଠାରୁ କିଛି ସ୍ଥୂଳ) ଭିନ୍ନ ।

ପ୍ରଶ୍ନ — ଅଥ... ଉଦରମନ୍ତରଂ କୁରୁତେ, ଅଥ ତସ୍ୟ ଭୟଂ ଭବତି । (ତୈତ୍ତିରୀୟ. ୨:୭)

ଦ୍ୱିତୀୟାଦ୍ୱୈ ଭୟଂ ଭବତି । (ବୃହଦା. ୧:୪:୨)

ଯିଏ ବ୍ରହ୍ମ ଓ ଜୀବ ମଧ୍ୟରେ ଟିକିଏ ବି ଭେଦ କରେ, ତାକୁ ଭୟ ଲାଗିଥାଏ । କାରଣ କେହି ନିଜେ ନିଜକୁ ଭୟ କରେ ନାହିଁ, ଅନ୍ୟଠାରୁ ହିଁ ଭୟ ଲାଗିଥାଏ ।

ଉତ୍ତର — ଏ ବାକ୍ୟର ଅର୍ଥ ଏହା ନୁହେଁ । ବରଂ ଏହାର ଅର୍ଥ ହେଲା ଯେ ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଅସ୍ତିତ୍ୱ

ଅସ୍ୱୀକାର କରେ, କିମ୍ବା ତାହାଙ୍କୁ କୌଣସି ଏକ ଦେଶ-କାଳରେ ପରିଚ୍ଛିନ୍ନ ବୋଲି ମାନେ, ଅଥବା ତାଙ୍କର ଆଦେଶ ଓ ଗୁଣ-କର୍ମ-ସ୍ୱଭାବର ବିରୁଦ୍ଧ ଆଚରଣ କରେ ବା ଅନ୍ୟ ସହ ଶତ୍ରୁତା ଆଚରଣ କରେ, ତାକୁ ଭୟ ଲାଗିଥାଏ । କାରଣ **'ଦ୍ୱିତୀୟ ବୁଦ୍ଧି'** ହେଲେ ଅର୍ଥାତ୍ ଈଶ୍ୱରଙ୍କ ସହ ମୋର କୌଣସି ସମ୍ବନ୍ଧ ନାହିଁ ଏପରି ବିଚାର କଲେ, କୌଣସି ବ୍ୟକ୍ତିକୁ ଏପରି କହିଲେ କି 'ତୁମକୁ ମୁଁ ଖାତିର କରେ ନାହିଁ, ତୁମେ ମୋର କିଛି କରିପାରିବ ନାହିଁ', ଅଥବା କାହାରି ହାନି କରିଚାଲିଲେ ଓ ତାକୁ ଦୁଃଖ ଦେଇଚାଲିଲେ, ତାକୁ ତାହାଠାରୁ ଭୟ ଲାଗିଥାଏ । ପରସ୍ପର ମଧ୍ୟରେ କୌଣସି ପ୍ରକାର ବିରୋଧ ନ ଥିଲେ କୁହାଯାଏ ଏମାନେ ଏକ ଅଟନ୍ତି । ଯଥା - ଲୋକେ କହିଥାନ୍ତି ଯେ 'ଦେବଦତ୍ତ, ଯଜ୍ଞଦତ୍ତ ଓ ବିଷ୍ଣୁମିତ୍ର ଏକ ଅଟନ୍ତି ।' ଏହାର ଅର୍ଥ ସେମାନଙ୍କ ମଧ୍ୟରେ କୌଣସି ବିରୋଧ ନାହିଁ । ସାରାଂଶ ହେଲା ବିରୋଧ ଥିଲେ ଦୁଃଖ ଓ ବିରୋଧ ନ ଥିଲେ ସୁଖ ମିଳିଥାଏ ।

ପ୍ରଶ୍ନ — ବ୍ରହ୍ମ ଓ ଜୀବ ମଧ୍ୟରେ ସର୍ବଦା ଏକତା ରହିଥାଏ ନା ଭିନ୍ନତା ? ତା' ଛଡ଼ା କେବେ ଉଭୟେ ମିଶି ଏକ ବି ହୋଇଯାନ୍ତି ନା ନାହିଁ ?

ଉତ୍ତର — ଏଇ ପ୍ରଶ୍ନର କିଛି ଉତ୍ତର ଏଇ ଟିକିଏ ପୂର୍ବରୁ ଦିଆଯାଇଛି । ସାଧର୍ମ୍ୟ-ଅନ୍ୱୟଭାବ ଯୋଗୁଁ ଏକତା ହୋଇଥାଏ । ଯେପରିକି ଆକାଶ ଓ ମୂର୍ତ୍ତ ଦ୍ରବ୍ୟ ଉଭୟ ଜଡ଼ତ୍ୱ ଥିବାରୁ ଏବଂ ମୂର୍ତ୍ତଦ୍ରବ୍ୟ ଆକାଶରୁ କେବେ ବି ଅଲଗା ହୋଇ ନ ରହିପାରୁଥିବାରୁ ଉଭୟ ମଧ୍ୟରେ ଏକତା ବା ସାମ୍ୟ ଅଛି । ପୁଣି ଆକାଶର ବିଭୁତ୍ୱ, ସୂକ୍ଷ୍ମତ୍ୱ, ଅରୂପତ୍ୱ, ଅନନ୍ତତ୍ୱ ଆଦି ଗୁଣ ଏବଂ ମୂର୍ତ୍ତଦ୍ରବ୍ୟର ପରିଚ୍ଛିନ୍ନତ୍ୱ, ଦୃଶ୍ୟତ୍ୱ ଆଦି ଥିବାରୁ ଉଭୟଙ୍କ ଏ ବୈଧର୍ମ୍ୟ ଯୋଗୁଁ ଉଭୟ ମଧ୍ୟରେ ପ୍ରଭେଦ ଅଛି । ଅର୍ଥାତ୍ ଯେଉଁପରି ପୃଥିବୀ ଆଦି ଦ୍ରବ୍ୟ ଆକାଶଠାରୁ ଅଲଗା ହୋଇ କେବେ ବି ରହିପାରନ୍ତି ନାହିଁ; କାରଣ **'ଅନ୍ୱୟ'** ଅର୍ଥାତ୍ ବିନା ଅବକାଶରେ ମୂର୍ତ୍ତ-ଦ୍ରବ୍ୟ କଦାପି ଅବସ୍ଥାନ କରିପାରେ ନାହିଁ ଏବଂ **'ବ୍ୟତିରେକ'** ଅର୍ଥାତ୍ ସ୍ୱରୂପତଃ ଭିନ୍ନ ହୋଇଥିବାରୁ ଆକାଶଠାରୁ ମୂର୍ତ୍ତ-ଦ୍ରବ୍ୟ ପୃଥକ୍ ବସ୍ତୁ ଅଟେ । ସେହିପରି ବ୍ରହ୍ମ ସର୍ବବ୍ୟାପକ ହୋଇଥିବା ହେତୁ ଜୀବ ଓ ପୃଥିବୀ ଆଦି ପଦାର୍ଥ ବ୍ରହ୍ମଙ୍କଠାରୁ ଅଲଗା ହୋଇ ରହିପାରନ୍ତି ନାହିଁ ଏବଂ ଦ୍ୱିତୀୟତଃ ସ୍ୱରୂପ ଅଲଗା ହୋଇଥିବାରୁ ବ୍ରହ୍ମ ଓ ଜୀବ ଏକ ବି ହୋଇନଥାନ୍ତି । ଯେଉଁପରି ଘର ତିଆରି କରିବା ପୂର୍ବରୁ ମାଟି, କାଠ, ଲୁହା ଆଦି ଆକାଶରେ ହିଁ ଭିନ୍ନ-ଭିନ୍ନ ସ୍ଥାନରେ ରହିଥାଏ; ଏବଂ ଘର ତିଆରି ହୋଇଯିବା ପରେ ମଧ୍ୟ ଆକାଶରେ ହିଁ ରହେ; ତଥା ଘର ଭାଙ୍ଗିଯିବା ପରେ ମଧ୍ୟ ସେହି ମାଟି, କାଠ ଆଦି ପଦାର୍ଥଗୁଡ଼ିକ ଆକାଶରେ ହିଁ ଭିନ୍ନ-ଭିନ୍ନ ସ୍ଥାନରେ ରହେ; ଅର୍ଥାତ୍ ତିନିକାଳରେ ମଧ୍ୟ ଏ ପଦାର୍ଥଗୁଡ଼ିକ ଆକାଶଠାରୁ ଅଲଗା ହୋଇ ରହିପାରେ ନାହିଁ । ପୁଣି ସ୍ୱରୂପତଃ ଭିନ୍ନ ହୋଇଥିବାରୁ ଆକାଶ ସହ କେବେ ବି ଏକ ହୋଇଯାଇ ନ ଥିଲେ, ନାହାନ୍ତି କି ଏକ ହୋଇଯିବେ ନାହିଁ । ଏହିପରି ଜୀବ ଓ ସଂସାରର ସବୁ ପଦାର୍ଥ ପରମେଶ୍ୱରଙ୍କଠାରେ ବ୍ୟାପ୍ୟ ହୋଇଥିବାରୁ ତିନିକାଳରେ ପରମାତ୍ମାଙ୍କଠାରୁ ଅଲଗା ହୋଇ ରହନ୍ତି ନାହିଁ ଏବଂ ସ୍ୱରୂପତଃ ଭିନ୍ନ ହୋଇଥିବା ହେତୁ ପରମାତ୍ମାଙ୍କ ସହ ମିଶି କଦାପି ଏକ ହୋଇଯାନ୍ତି ନାହିଁ ।

ଆଜିକାଲିର ବେଦାନ୍ତୀମାନଙ୍କ ଦୃଷ୍ଟି କଣା ଲୋକର ଦୃଷ୍ଟି ଭଳି ଅନ୍ୱୟ ଆଡ଼କୁ ପଡ଼ି ବ୍ୟତିରେକଭାବକୁ ନ ଦେଖି ବିରୁଦ୍ଧ ହୋଇଯାଇଛି । ସଂସାରରେ ଏପରି କୌଣସି ଦ୍ରବ୍ୟ ନାହିଁ ଯେଉଁଥିରେ ସଗୁଣତା-ନିର୍ଗୁଣତା, ଅନ୍ୱୟ-ବ୍ୟତିରେକ, ସାଧର୍ମ୍ୟ-ବୈଧର୍ମ୍ୟ ଓ ବିଶେଷ୍ୟ-ବିଶେଷଣ ଭାବ ନଥିବ ।

ଈଶ୍ୱର ସଗୁଣ ଓ ନିର୍ଗୁଣ ଉଭୟ

ପ୍ରଶ୍ନ — ଈଶ୍ୱର ସଗୁଣ ନା ନିର୍ଗୁଣ ?

ଉତ୍ତର — ସଗୁଣ ଓ ନିର୍ଗୁଣ ଉଭୟ ଅଟନ୍ତି ।

ପ୍ରଶ୍ନ — ଆଚ୍ଛା, ଗୋଟିଏ ଖୋଳରେ ଦୁଇଟି ତରବାରୀ କ'ଣ କେବେ ରହିପାରେ ? ଗୋଟିଏ ପଦାର୍ଥରେ ସଗୁଣତା ଓ ନିର୍ଗୁଣତା କିପରି ରହିପାରିବ ?

ଉତ୍ତର — ଯେଉଁପରି ଜଡ଼ ପଦାର୍ଥରେ ଜଡ଼ର 'ରୂପ' ଆଦି ଗୁଣ ରହିଛି ଓ ଚେତନର 'ଜ୍ଞାନ' ଆଦି ଗୁଣ ନାହିଁ, ସେହିପରି ଚେତନ ପଦାର୍ଥରେ ଚେତନର 'ଇଚ୍ଛା' ଆଦି ଗୁଣ ଅଛି ଓ ଜଡ଼ର 'ରୂପ' ଆଦି ଗୁଣ ନାହିଁ । ଅତଃ **'ଯଦ୍ ଗୁଣୈଃ ସହ ବର୍ତ୍ତମାନଂ ତତ୍‌ସଗୁଣମ୍', 'ଗୁଣେଭ୍ୟୋ ଯନ୍ନିର୍ଗତଂ ପୃଥଗ୍‌ଭୂତଂ ତନ୍ନିର୍ଗୁଣମ୍'—** ଗୁଣ ସହ ବିଦ୍ୟମାନ ରହିବାକୁ **'ସଗୁଣ'** ଓ ଗୁଣରୁ ରହିତ ଥିବାକୁ **'ନିର୍ଗୁଣ'** କହନ୍ତି । ନିଜର ସ୍ୱାଭାବିକ ଗୁଣରେ ସଂଯୁକ୍ତ ଓ ନିଜର ସ୍ୱଭାବ ବିରୁଦ୍ଧ ଗୁଣରୁ ରହିତ ଥିବାରୁ ସଂସାରର ପ୍ରତ୍ୟେକ ପଦାର୍ଥ ସଗୁଣ ଓ ନିର୍ଗୁଣ ଉଭୟ ଅଟେ । ଏପରି କୌଣସି ପଦାର୍ଥ ନାହିଁ ଯାହାକି କେବଳ ସଗୁଣ ବା କେବଳ ନିର୍ଗୁଣ । ବରଂ ପ୍ରତ୍ୟେକ ପଦାର୍ଥରେ ସଗୁଣତା ଓ ନିର୍ଗୁଣତା ସର୍ବଦା ରହିଥାଏ । ସେହିପରି ପରମେଶ୍ୱର ନିଜର ଅନନ୍ତ ଜ୍ଞାନ, ବଳ ଆଦି ଗୁଣରେ ସଂଯୁକ୍ତ ରହିଥିବାରୁ **'ସଗୁଣ'** ଏବଂ ଜଡ଼ ପଦାର୍ଥର ରୂପ, ରସ ଆଦି ଗୁଣ ତଥା ଜୀବାତ୍ମାର ରାଗ, ଦ୍ୱେଷ ଆଦି ଗୁଣରୁ ରହିତ ହୋଇଥିବାରୁ **'ନିର୍ଗୁଣ'** ଅଟନ୍ତି ।

ପ୍ରଶ୍ନ — ସଂସାରରେ ପ୍ରାୟଶଃ ଲୋକେ ନିରାକାରକୁ 'ନିର୍ଗୁଣ' ଓ ସାକାରକୁ 'ସଗୁଣ' କହିଥାନ୍ତି । ଅର୍ଥାତ୍ ଈଶ୍ୱର ଯେତେବେଳେ ଜନ୍ମଗ୍ରହଣ କରନ୍ତି ନାହିଁ ସେତେବେଳେ ତାଙ୍କୁ 'ନିର୍ଗୁଣ' ଏବଂ ଯେତେବେଳେ ଅବତାର ଗ୍ରହଣ କରନ୍ତି ସେତେବେଳେ ତାଙ୍କୁ 'ସଗୁଣ' କୁହାଯାଏ ।

ଉତ୍ତର — ଏହା କେବଳ ମୂର୍ଖମାନଙ୍କର ପ୍ରଳାପ । ଯେଉଁମାନଙ୍କର ବିଦ୍ୟା-ବୁଦ୍ଧି ନଥାଏ, ସେମାନେ ପଶୁଙ୍କ ଭଳି ଯାହା-ତାହା ନିରର୍ଥକ ଧ୍ୱନି କରିଥାନ୍ତି । ସନ୍ନିପାତ ଜ୍ୱରଗ୍ରସ୍ତ ବ୍ୟକ୍ତି ଯେପରି ବାତୁଳ ପରି ଅନର୍ଗଳ ପ୍ରଳାପ କରିଥାଏ, ଅବିଦ୍ୱାନ୍, ଅଜ୍ଞ ବ୍ୟକ୍ତିଙ୍କ କଥନ ଓ ଲେଖନକୁ ସେହିପରି ବ୍ୟର୍ଥ ବୋଲି ବୁଝିବା ଉଚିତ ।

ପ୍ରଶ୍ନ — ଈଶ୍ୱର ରାଗଯୁକ୍ତ ନା ବିରକ୍ତ ?

ଉତ୍ତର — କୌଣସିଟି ନୁହନ୍ତି । କାରଣ ନିଜଠାରୁ ଭିନ୍ନ ଉତ୍ତମ ବସ୍ତୁରେ 'ଅନୁରାଗ' ଜନ୍ମେ । ଯେହେତୁ କୌଣସି ପଦାର୍ଥ ପରମେଶ୍ୱରଙ୍କଠାରୁ ପୃଥକ୍ କି ଉତ୍ତମ ନୁହେଁ, ତେଣୁ କୌଣସି ପଦାର୍ଥ ପ୍ରତି ତାଙ୍କର 'ରାଗ' ସମ୍ଭବ ନୁହେଁ । ଯିଏ ପ୍ରାପ୍ତ ବସ୍ତୁକୁ ପରିତ୍ୟାଗ କରନ୍ତି ତାଙ୍କୁ **'ବିରକ୍ତ'** କୁହାଯାଏ । ଈଶ୍ୱର ସର୍ବବ୍ୟାପକ ହୋଇଥିବାରୁ କୌଣସି ପଦାର୍ଥକୁ ଛାଡ଼ି ପାରନ୍ତି ନାହିଁ । ତେଣୁ ସେ 'ବିରକ୍ତ' ବି ନୁହନ୍ତି ।

ପ୍ରଶ୍ନ — ଈଶ୍ୱରଙ୍କଠାରେ ଇଚ୍ଛା ଅଛି ନା ନାହିଁ ?

ଉତ୍ତର — ଈଶ୍ୱରଙ୍କଠାରେ ସେଭଳି ଇଚ୍ଛା ନାହିଁ, ଯେଉଁଭଳି କି ଜୀବମାନଙ୍କଠାରେ ଦେଖାଯାଏ । କାରଣ ଯେଉଁ ବସ୍ତୁ ପ୍ରାପ୍ତ ହୋଇ ନାହିଁ ଅଥଚ ଉତ୍ତମ ଏବଂ ଯାହାର ପ୍ରାପ୍ତି ଦ୍ୱାରା ବିଶେଷ ସୁଖ ମିଳିବ, ସେହି ବସ୍ତୁ ପ୍ରତି ଇଚ୍ଛା ଜାଗ୍ରତ ହୋଇଥାଏ । ଏପରି ଇଚ୍ଛା ଈଶ୍ୱରଙ୍କଠାରେ କିଭଳି ସମ୍ଭବ; କାରଣ ତାଙ୍କୁ କୌଣସି ପଦାର୍ଥ ଅପ୍ରାପ୍ତ ନୁହେଁ କି ତାଙ୍କଠାରୁ ଉତ୍ତମ କୌଣସି ବସ୍ତୁ ବି ନାହିଁ । ତୃତୀୟତଃ, ଈଶ୍ୱର ପୂର୍ଣ୍ଣ ସୁଖମୟ ହୋଇଥିବା ହେତୁ ତାଙ୍କର

ସୁଖ ପ୍ରାପ୍ତିର କିଞ୍ଚିତ୍ ଅଭିଳାଷା ମଧ୍ୟ ନାହିଁ । ଏଣୁ ଈଶ୍ୱରଙ୍କଠାରେ **'ଇଚ୍ଛା'** ତ ଆଦୌ ସମ୍ଭବ ନୁହେଁ । କିନ୍ତୁ ଈଶ୍ୱରଙ୍କଠାରେ **'ଈକ୍ଷଣ'** ରହିଛି । 'ଈକ୍ଷଣ'ର ଅର୍ଥ ସବୁ ପ୍ରକାର ବିଦ୍ୟାର ଦର୍ଶନ ଓ ସକଳ ସୃଷ୍ଟି ନିର୍ମାଣ ଇଚ୍ଛା । ସଂକ୍ଷେପରେ ଈଶ୍ୱରଙ୍କ ବିଷୟରେ କିଛି ଉଲ୍ଲେଖ କରାଗଲା । ବୁଦ୍ଧିମାନ୍ ବ୍ୟକ୍ତିମାନେ ଏଥିରୁ ବହୁତ ବିଷୟ ବିସ୍ତାର ପୂର୍ବକ ବୁଝିପାରିବେ ।

ବେଦ ବିଷୟ

ବର୍ତ୍ତମାନ ବେଦ ବିଷୟରେ କିଛି ଲେଖାଯାଉଛି —

ଯସ୍ମାଦୃଚୋ ଅପାତକ୍ଷନ୍ ଯଜୁର୍ୟସ୍ମାଦପାକଷନ୍ ।

ସାମାନି ଯସ୍ୟ ଲୋମାନ୍ୟଥର୍ବାଙ୍ଗିରସୋ ମୁଖଂ ସ୍କମ୍ଭଂ ତଂ ବ୍ରୂହି କତମଃ ସ୍ୱିଦେବ ସଃ ॥

(ଅଥର୍ବ. ୧୦:୭:୨୦)

ଯେଉଁ ପରମାତ୍ମାଙ୍କଠାରୁ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ ପ୍ରକାଶିତ ହୋଇଅଛି, ସେ କେଉଁ ଦେବ ଅଟନ୍ତି ?

ଏହାର **ଉତ୍ତର —** ଯିଏ ସମସ୍ତଙ୍କୁ ଉତ୍ପନ୍ନ କରି ଧାରଣ କରିଅଛନ୍ତି, ସେ ପରମାତ୍ମା ଅଟନ୍ତି ।

ସ୍ୱୟମ୍ଭୂର୍ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ । (ଯଜୁଃ. ୪୦:୮)

ଯିଏ ସ୍ୱୟମ୍ଭୂ, ସର୍ବବ୍ୟାପକ, ଶୁଦ୍ଧ, ସନାତନ, ନିରାକାର, ପରମେଶ୍ୱର ଅଟନ୍ତି ସିଏ ସନାତନ ଜୀବରୂପୀ ପ୍ରଜାଙ୍କ କଲ୍ୟାଣ ନିମନ୍ତେ ଯଥାଯଥ ଭାବରେ ବେଦ ଦ୍ୱାରା ସକଳ ବିଦ୍ୟାର ଉପଦେଶ ଦେଇଛନ୍ତି ।

ପ୍ରଶ୍ନ — ଆପଣଙ୍କ ମତରେ ପରମେଶ୍ୱର ନିରାକାର ନା ସାକାର ?

ଉତ୍ତର — ନିରାକାର ।

ପ୍ରଶ୍ନ — ଯଦି ନିରାକାର ଅଟନ୍ତି, ତେବେ ବିନା ମୁଖରେ କିପରି ବର୍ଣ୍ଣୋଚ୍ଚାରଣ କରି ବେଦବିଦ୍ୟାର ଉପଦେଶ ଦେଇପାରିଥିବେ ? କାରଣ ବର୍ଣ୍ଣ ଉଚ୍ଚାରଣ ନିମିତ୍ତ ତାଳୁ ଆଦି ସ୍ଥାନ, ଜିହ୍ୱାର ପ୍ରଯତ୍ନ ହେବା ଏକାନ୍ତ ଆବଶ୍ୟକ ।

ଉତ୍ତର — ପରମେଶ୍ୱର ସର୍ବଶକ୍ତିମାନ ଅଟନ୍ତି ଏବଂ ସର୍ବବ୍ୟାପକ ହୋଇଥିବା ହେତୁ ସେ ଜୀବମାନଙ୍କ ମଧ୍ୟରେ ବି ବ୍ୟାପକ ଅଟନ୍ତି । ଏଣୁ ଜୀବମାନଙ୍କୁ ବେଦବିଦ୍ୟା ଉପଦେଶ ଦେବାରେ ତାଙ୍କୁ ମୁଖ ଆଦିର ଆବଶ୍ୟକତା ପଡ଼ିନଥାଏ । କାରଣ ନିଜଠୁ ଅଲଗା ଅନ୍ୟ ବ୍ୟକ୍ତିଙ୍କୁ କହିବା ପାଇଁ ମୁଖ-ଜିହ୍ୱା ଦ୍ୱାରା ବର୍ଣ୍ଣୋଚ୍ଚାରଣ କରିବାକୁ ପଡ଼ିଥାଏ, ନିଜ ପାଇଁ ଏସବୁ ଆବଶ୍ୟକ ହୁଏ ନାହିଁ । ମୁଖ-ଜିହ୍ୱା ସଞ୍ଚାଳନ ନ କରି ମଧ୍ୟ ମନେ-ମନେ ଅନେକ ବିଷୟରେ ବିଚାର ଓ ଶବ୍ଦୋଚ୍ଚାରଣ କରାଯାଇଥାଏ । କାନ ଦୁଇଟିକୁ ଅଙ୍ଗୁଠିରେ ବନ୍ଦ କରି ଦେଖନ୍ତୁ, ମୁଖ-ଜିହ୍ୱା-ତାଳୁ ଆଦି ସ୍ଥାନର ବିନା ସହାୟତାରେ କିପରି ମନରେ ଶବ୍ଦ ଉଚ୍ଚାରଣ ହେଉଅଛି ତାହା ଶୁଣାଯାଉଛି । ସେହିପରି ଈଶ୍ୱର ଅନ୍ତର୍ଯାମୀ ରୂପେ ଜୀବମାନଙ୍କୁ ବେଦର ଉପଦେଶ ଦେଇଛନ୍ତି । କିନ୍ତୁ ଅନ୍ୟକୁ ବୁଝାଇବା ପାଇଁ ମୁଖ ଦ୍ୱାରା ଏହି ବେଦର ଉଚ୍ଚାରଣ କରାଯାଇଥାଏ । ପରମେଶ୍ୱର ନିରାକାର, ସର୍ବବ୍ୟାପକ ହୋଇଥିବାରୁ ଜୀବ ଭିତରେ ବିଦ୍ୟମାନ ସ୍ୱ ସ୍ୱରୂପ ଦ୍ୱାରା ନିଜର ଅଖିଳ ବେଦବିଦ୍ୟାର ଉପଦେଶ ଜୀବାତ୍ମା ଭିତରେ ପ୍ରକାଶିତ କରିଦିଅନ୍ତି । ତା'ପରେ ମନୁଷ୍ୟ ନିଜ ମୁଖ ଦ୍ୱାରା ସେସବୁକୁ ଉଚ୍ଚାରଣ କରି ଅନ୍ୟକୁ ଶୁଣାଏ । ଏଣୁ ଈଶ୍ୱର ନିରାକାର ହୋଇ

ସୁଦ୍ଧା ବେଦବିଦ୍ୟା ଉପଦେଶ କରିବା ସିଦ୍ଧାନ୍ତରେ କୌଣସି ଦୋଷ ନାହିଁ ।

ପ୍ରଶ୍ନ — ପରମାତ୍ମା କେବେ ଓ କାହା ଆତ୍ମାରେ ବେଦର ପ୍ରକାଶ କଲେ ?

ଉତ୍ତର — ଅଗ୍ନେର୍ଋଗ୍‌ବେଦୋ ବାୟୋର୍ୟଜୁର୍ବେଦଃ ସୂର୍ଯାତ୍‌ସାମବେଦଃ । (ଶତ. ୧୧:୪:୨:୩)

ପ୍ରଥମେ ଅର୍ଥାତ୍ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ଅଗ୍ନି, ବାୟୁ, ଆଦିତ୍ୟ ଓ ଅଙ୍ଗିରା ଏହି ଚାରିଜଣ ଋଷିଙ୍କ ଆତ୍ମାରେ ଯଥାକ୍ରମେ ଋକ୍, ଯଜୁ, ସାମ, ଅଥର୍ବ ଏ ଚାରି ବେଦ ପ୍ରକାଶିତ କଲେ ।

ପ୍ରଶ୍ନ — ଯୋ ବୈ ବ୍ରହ୍ମାଣଂ ବିଦଧାତି ପୂର୍ବଂ ଯୋ ବୈ ବେଦାଂଶ୍ଚ ପ୍ରହିଣୋତି ତସ୍ମୈ ।

(ଶ୍ୱେତା. ୬:୧୮)

ଉପନିଷଦର ଏହି ବଚନ ଅନୁସାରେ ଈଶ୍ୱର ପ୍ରଥମେ ବ୍ରହ୍ମାଙ୍କ ହୃଦୟରେ ବେଦର ଉପଦେଶ କଲେ । ପୁଣି ଅଗ୍ନି ଆଦି ଋଷିଙ୍କ ଆତ୍ମାରେ ଈଶ୍ୱର ପ୍ରଥମେ ବେଦର ଉପଦେଶ ଦେଲେ ବୋଲି କିପରି କୁହାଯାଇଛି ?

ଉତ୍ତର — ବ୍ରହ୍ମାଙ୍କ ଆତ୍ମାରେ ଅଗ୍ନି ଆଦି ଋଷିଙ୍କ ମାଧ୍ୟମରେ ବେଦ ବିଦ୍ୟା ସ୍ଥାପନ କଲେ । ଦେଖନ୍ତୁ ଏ ବିଷୟରେ ମନୁ ମହର୍ଷି କ'ଣ ଲେଖିଛନ୍ତି —

ଅଗ୍ନିବାୟୁରବିଭ୍ୟସ୍ତୁ ତ୍ରୟଂ ବ୍ରହ୍ମ ସନାତନମ୍ ।
ଦୁଦୋହ ଯଜ୍ଞସିଦ୍ଧ୍ୟର୍ଥମୃଗ୍‌ୟଜୁଃସାମଲକ୍ଷଣମ୍ ॥ (ମନୁ. ୧:୨୩)

ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ମନୁଷ୍ୟଙ୍କୁ ଉତ୍ପନ୍ନ କରିସାରି ଅଗ୍ନି ଆଦି ଚାରି ଜଣ ଋଷିଙ୍କ ଦ୍ୱାରା ଚାରି ବେଦ ବ୍ରହ୍ମାଙ୍କୁ ପ୍ରାପ୍ତ କରାଇଲେ ଏବଂ ସେ ବ୍ରହ୍ମା ଅଗ୍ନି, ବାୟୁ, ଆଦିତ୍ୟ ଓ ଅଙ୍ଗିରାଙ୍କଠାରୁ କ୍ରମଶଃ ଋକ୍, ଯଜୁ, ସାମ ଓ ଅଥର୍ବବେଦ ପ୍ରାପ୍ତ କଲେ ।

ପ୍ରଶ୍ନ — ଈଶ୍ୱର ଅଗ୍ନି ଆଦି ସେହି ଚାରି ଜଣ ଋଷିଙ୍କ ଅନ୍ତରରେ ହିଁ ବେଦର ପ୍ରକାଶ କଲେ, ଅନ୍ୟମାନଙ୍କ ଭିତରେ କଲେ ନାହିଁ । ଏହା ଈଶ୍ୱରଙ୍କ ପକ୍ଷପାତ ନୁହେଁ କି ?

ଉତ୍ତର — ନା । କାରଣ ଏହି ଚାରି ଜଣ ଋଷି ହିଁ ସମସ୍ତ ଜୀବଙ୍କ ମଧ୍ୟରେ ଅଧିକ ପବିତ୍ରାତ୍ମା ଥିଲେ । ସେମାନଙ୍କ ସମକକ୍ଷ ଅନ୍ୟ କେହି ନଥିଲେ । ଏଣୁ ପବିତ୍ର ବେଦ ବିଦ୍ୟା ସେମାନଙ୍କ ଆତ୍ମାରେ ପ୍ରକାଶିତ କଲେ ।

ପ୍ରଶ୍ନ — ଈଶ୍ୱର ବେଦକୁ କୌଣସି ଦେଶୀୟ ଭାଷାରେ ପ୍ରକାଶ ନ କରି ସଂସ୍କୃତରେ କାହିଁକି କଲେ ?

ଉତ୍ତର — ଯଦି ଈଶ୍ୱର କୌଣସି ଦେଶୀୟ ଭାଷାରେ ବେଦକୁ ପ୍ରକାଶ କରିଥାନ୍ତେ ତେବେ ସେ ପକ୍ଷପାତୀ ହୋଇଥାନ୍ତେ । କାରଣ ଯେଉଁ ଦେଶର ଭାଷାରେ ପ୍ରକାଶ କରିଥାନ୍ତେ, ସେହି ଦେଶବାସୀଙ୍କ ପକ୍ଷରେ ବେଦର ପଠନ-ପାଠନ ସହଜ ଓ ଅନ୍ୟ ଦେଶର ଲୋକଙ୍କ ପାଇଁ ଏହା କଠିନ ହୋଇଥାନ୍ତା । ଏଥିପାଇଁ ସଂସ୍କୃତରେ ହିଁ ପ୍ରକାଶ କଲେ । କାରଣ ସଂସ୍କୃତ କୌଣସି ଦେଶବିଶେଷର ଭାଷା ନୁହେଁ । ଏହା ବେଦ ଭାଷା ତଥା ଅନ୍ୟ ସମସ୍ତ ଭାଷାର ଜନନୀ । ଯେପରି ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପୃଥିବୀ ଆଦି ସବୁ ଦେଶ ଓ ଦେଶବାସୀଙ୍କ ପାଇଁ ଏକ ପ୍ରକାର ଓ ସକଳ ଶିଳ୍ପବିଦ୍ୟାର ମୂଳ, ସେହିପରି ପରମେଶ୍ୱରଙ୍କ ପ୍ରଦତ୍ତ ବିଦ୍ୟାର ଭାଷା ବି ଏକ ପ୍ରକାର ହେବା ଉଚିତ, ଯଦ୍ଦ୍ୱାରାକି ଏହା ପଢ଼ିବା-ପଢ଼ାଇବା ପାଇଁ ସବୁ ଦେଶର ଲୋକଙ୍କୁ ସମାନ ପରିଶ୍ରମ କରିବାକୁ ପଡ଼ିବା ଦ୍ୱାରା ଈଶ୍ୱର ପକ୍ଷପାତୀ ହେବେ ନାହିଁ । ଦ୍ୱିତୀୟତଃ, ଏହା ସବୁ ଭାଷାର ଜନନୀ ମଧ୍ୟ ।

ପ୍ରଶ୍ନ — ବେଦ ଈଶ୍ୱରକୃତ, ଅନ୍ୟକୃତ ନୁହେଁ - ଏହାର ପ୍ରମାଣ କ'ଣ ?

ଉତ୍ତର — **୧**. ଈଶ୍ୱର ପବିତ୍ର, ସର୍ବବିଦ୍ୟାବିତ୍, ଶୁଦ୍ଧ ଗୁଣକର୍ମସ୍ୱଭାବ ସମ୍ପନ୍ନ, ନ୍ୟାୟକାରୀ, ଦୟାଳୁ ଆଦି ଉତ୍ତମଗୁଣ ସମ୍ପନ୍ନ । ଯେଉଁ ପୁସ୍ତକରେ ଈଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବର ଏଭଳି ଅନୁକୂଳ କଥନ ଥିବ, ତାହା ଈଶ୍ୱରକୃତ; ଅନ୍ୟ ନୁହେଁ ।

୨. ଯେଉଁ ଗ୍ରନ୍ଥରେ ସୃଷ୍ଟିକ୍ରମ, ପ୍ରତ୍ୟକ୍ଷାଦି ପ୍ରମାଣ, ଆପ୍ତ ଓ ପବିତ୍ରାତ୍ମାଙ୍କ ବ୍ୟବହାରର ବିରୁଦ୍ଧ କଥନ ନ ଥାଏ, ତାହା ଈଶ୍ୱରୋକ୍ତ ।

୩. ଈଶ୍ୱରଙ୍କ ଜ୍ଞାନ ଅଭ୍ରାନ୍ତ । ସେହିପରି ଯେଉଁ ପୁସ୍ତକରେ ଭ୍ରାନ୍ତରହିତ ଜ୍ଞାନର ପ୍ରତିପାଦନ ହୋଇଥାଏ, ତାହା ଈଶ୍ୱରୋକ୍ତ ।

୪. ଈଶ୍ୱର ଯେପରି ଅଟନ୍ତି ଏବଂ ସୃଷ୍ଟିକ୍ରମ ଯେପରି ରଖିଛନ୍ତି, ଯେଉଁଥିରେ ଈଶ୍ୱର, ସୃଷ୍ଟି, କାର୍ଯ୍ୟ, କାରଣ ଓ ଜୀବର ପ୍ରତିପାଦନ ସେହିପରି ହୋଇଥିବ, ତାହା ପରମେଶ୍ୱର ପ୍ରୋକ୍ତ ପୁସ୍ତକ ହୋଇଥାଏ ।

୫. ଯାହା ପ୍ରତ୍ୟକ୍ଷାଦି ପ୍ରମାଣ-ବିଷୟର ଅବିରୁଦ୍ଧ, ଶୁଦ୍ଧାତ୍ମାଙ୍କ ସ୍ୱଭାବର ଅବିରୁଦ୍ଧ ତାହା ଈଶ୍ୱରୋକ୍ତ ।

କେବଳ ବେଦ ହିଁ ଉପରୋକ୍ତ ନିୟମକୁ ପୂରଣ କରୁଛି । ଏଣୁ କେବଳ ବେଦ ହିଁ ଈଶ୍ୱରୋକ୍ତ ଜ୍ଞାନ । ବାଇବେଲ୍, କୋରାନ୍ ଆଦି ପୁସ୍ତକଗୁଡ଼ିକ ଏ ନିୟମଗୁଡ଼ିକ ପୂରଣ କରୁନାହାନ୍ତି । ଏହାର ବିଶଦ ବ୍ୟାଖ୍ୟା ବାଇବେଲ୍ ଓ କୋରାନ୍ ସମ୍ବନ୍ଧୀୟ ତ୍ରୟୋଦଶ ଓ ଚତୁର୍ଦ୍ଦଶ ସମୁଲ୍ଲାସରେ କରାଯିବ ।

ପ୍ରଶ୍ନ — ବେଦ ଈଶ୍ୱରଙ୍କ ଦ୍ୱାରା ପ୍ରକାଶିତ ହେବାର କୌଣସି ଆବଶ୍ୟକତା ନାହିଁ । କାରଣ ମନୁଷ୍ୟମାନେ ଧୀରେ-ଧୀରେ ଜ୍ଞାନ ବୃଦ୍ଧି କରି ପରବର୍ତ୍ତୀ ସମୟରେ ବେଦାଦି ଗ୍ରନ୍ଥ ରଚନା କରିନେବେ ।

ଉତ୍ତର — କଦାପି କରିପାରିବେ ନାହିଁ । ଯେହେତୁ କି କାରଣ ବିନା କାର୍ଯ୍ୟୋତ୍ପତ୍ତି ହେବା ଅସମ୍ଭବ । ଯେପରିକି ଜଙ୍ଗଲୀ ମଣିଷମାନେ ସୃଷ୍ଟିକୁ ଦେଖି ବି ବିଦ୍ୱାନ୍ ହୋଇନଥାନ୍ତି । କିନ୍ତୁ ଯଦି ସେମାନଙ୍କୁ କୌଣସି ଶିକ୍ଷକଙ୍କଠୁ ଶିକ୍ଷା ମିଳିଯାଏ ତେବେ ବିଦ୍ୱାନ୍ ହୋଇଯାନ୍ତି । ଦ୍ୱିତୀୟତଃ, ଆଜି ମଧ୍ୟ କାହାଠୁ ଶିକ୍ଷା ଗ୍ରହଣ ନ କରି କେହି ବି ବିଦ୍ୱାନ୍ ହେଉ ନାହିଁ । ଏହିପରି ଯଦି ପରମାତ୍ମା ସୃଷ୍ଟି ପ୍ରାରମ୍ଭର ସେ ଋଷିମାନଙ୍କୁ ବେଦବିଦ୍ୟା ଶିକ୍ଷା ଦେଇନଥାନ୍ତେ ଏବଂ ତା'ପରେ ସେ ଋଷିମାନେ ଅନ୍ୟମାନଙ୍କୁ ପଢ଼ାଇନଥାନ୍ତେ ତେବେ ଅଦ୍ୟାବଧି ସମସ୍ତେ ବିଦ୍ୟାହୀନ ହୋଇ ରହିଥାନ୍ତେ । ଯଦି କାହାରି ସନ୍ତାନକୁ ଜନ୍ମ ପରଠାରୁ ଏକାନ୍ତ ସ୍ଥାନରେ, ମୂର୍ଖ ବା ପଶୁମାନଙ୍କ ସହ ରଖିଦିଆଯାଏ ତେବେ ସେ ସନ୍ତାନ ଯେପରି ସଙ୍ଗ ପାଇଥିବ ସେ ଅନୁସାରେ ମୂର୍ଖ ବା ପଶୁତୁଲ୍ୟ ହିଁ ଜୀବନଯାପନ କରିବ । ଅରଣ୍ୟରେ ବାସ କରୁଥିବା ବନବାସୀ, ଭୀଲ ଜାତିର ଲୋକେ ଏହାର ଜ୍ୱଳନ୍ତ ଉଦାହରଣ ।

ଯେତେଦିନ ଯାଏ ଆର୍ଯ୍ୟାବର୍ତ୍ତରୁ ବହିର୍ଜଗତକୁ ବିଦ୍ୟା ଯାଇନଥିଲା ସେତେଦିନ ପର୍ଯ୍ୟନ୍ତ ମିଶର, ଗ୍ରୀସ୍ ଓ ୟୁରୋପ ଆଦି ଦେଶର ଲୋକଙ୍କ ମଧ୍ୟରେ ବିଦ୍ୟାର କୌଣସି ପ୍ରଚାର-ପ୍ରସାର ନଥିଲା । ୟୁରୋପର କଲମ୍ବସ ଆଦି ବ୍ୟକ୍ତି ଯେତେଦିନ ପର୍ଯ୍ୟନ୍ତ ଆମେରିକା ଯାଇନଥିଲେ, ସେତେଦିନ ଯାଏ ସେଠାକାର ଅଧିବାସୀ ହଜାର, ଲକ୍ଷ, କୋଟି-କୋଟି ବର୍ଷରୁ ମୂର୍ଖ, ବିଦ୍ୟାହୀନ ହୋଇ ଥିଲେ । ଏମାନେ ଗଲାପରେ ସୁଶିକ୍ଷା ଲାଭ କରିବାରୁ ବିଦ୍ୱାନ୍ ହୋଇଗଲେ । ସେହିପରି ସୃଷ୍ଟି ଆରମ୍ଭରେ ପରମାତ୍ମାଙ୍କଠାରୁ ଋଷିମାନଙ୍କ ମାଧ୍ୟମରେ ବିଦ୍ୟା-ଶିକ୍ଷା ପ୍ରାପ୍ତ କରିବା ଦ୍ୱାରା ଉତ୍ତରୋତ୍ତର କାଳରେ ମନୁଷ୍ୟମାନେ ବିଦ୍ୱାନ୍ ହୋଇଛନ୍ତି ।

ସ ଏଷ ପୂର୍ବେଷାମପି ଗୁରୁଃ କାଲେନାନବଚ୍ଛେଦାତ୍ । (ଯୋଗ. ୧:୨୬)

ଆଜିକାଲି ଆମେମାନେ ଯେପରି ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରି ହିଁ ବିଦ୍ୱାନ୍ ହେଉଅଛୁ, ସେହିପରି ସୃଷ୍ଟି ଆରମ୍ଭରେ ଉତ୍ପନ୍ନ ଅଗ୍ନି ଆଦି ଋଷିମାନେ ପରମେଶ୍ୱରଙ୍କଠାରୁ ଶିକ୍ଷାଲାଭ କରିଥିଲେ, ପରମେଶ୍ୱର ହେଉଛନ୍ତି ସୃଷ୍ଟି ଆରମ୍ଭରେ ଉତ୍ପନ୍ନ ଅଗ୍ନି ଆଦି ଋଷିଙ୍କ ଗୁରୁ ଅର୍ଥାତ୍ ଶିକ୍ଷାଦାତା । କାରଣ ଜୀବ ଯେପରି ସୁଷୁପ୍ତି ଓ ପ୍ରଳୟରେ ଜ୍ଞାନଶୂନ୍ୟ ହୋଇଯାଏ, ଈଶ୍ୱର ସେପରି ହୁଅନ୍ତି ନାହିଁ । ତାଙ୍କ ଜ୍ଞାନ ନିତ୍ୟ ଅଟେ । ଏଣୁ ଏହା ନିଶ୍ଚୟ କରି ଜାଣିବା ଉଚିତ ଯେ ନିମିତ୍ତ ବିନା ନୈମିତ୍ତିକ ଜ୍ଞାନ କେବେ ବି ଲାଭ ହୋଇପାରେ ନାହିଁ ।

ପ୍ରଶ୍ନ — ବେଦ ସଂସ୍କୃତ ଭାଷାରେ ପ୍ରକାଶିତ ହେଲା । କିନ୍ତୁ ଅଗ୍ନି ଆଦି ଋଷିମାନେ ତ ସେ ସଂସ୍କୃତ ଭାଷା ଜାଣିନଥିଲେ । ଫେରେ ସେମାନେ ବେଦର ଅର୍ଥ ବୁଝିଲେ କିପରି ?

ଉତ୍ତର — ପରମେଶ୍ୱର ବୁଝାଇଲେ । ତା'ଛଡ଼ା ଧର୍ମାତ୍ମା, ଯୋଗୀ, ମହର୍ଷିମାନେ ଯେବେ-ଯେବେ ଯେଉଁ-ଯେଉଁ ମନ୍ତ୍ରର ଅର୍ଥ ଜାଣିବାକୁ ଇଚ୍ଛା କରି ଧ୍ୟାନମଗ୍ନ ହୋଇ ପରମେଶ୍ୱରଙ୍କ ସ୍ୱରୂପରେ ସମାଧିସ୍ଥ ହେଲେ, ସେହି-ସେହି ସମୟରେ ପରମାତ୍ମା ଅଭୀଷ୍ଟ ମନ୍ତ୍ରର ଅର୍ଥ ସେମାନଙ୍କୁ ଜଣାଇଲେ । ଯେତେବେଳେ ବହୁତଙ୍କ ଆତ୍ମାରେ ବେଦାର୍ଥର ପ୍ରକାଶ ହେଲା, ସେତେବେଳେ ଋଷି-ମୁନିଗଣ ସେ ଅର୍ଥ ଓ ଋଷି-ମୁନିଙ୍କ ଇତିହାସ ସମ୍ବଳିତ ଗ୍ରନ୍ଥ ରଚନା କଲେ । ସେ ଗ୍ରନ୍ଥର ନାମ ବ୍ରାହ୍ମଣ ଗ୍ରନ୍ଥ । କାରଣ ବ୍ରହ୍ମର ଏକ ଅର୍ଥ ବେଦ । ବେଦର ବ୍ୟାଖ୍ୟାନ ଗ୍ରନ୍ଥ ହୋଇଥିବାରୁ ଏହାର ନାମ ହେଲା **'ବ୍ରାହ୍ମଣ'** ।

'ଋଷୀଣାଂ ମନ୍ତ୍ରଦୃଷ୍ଟୟଃ', 'ମନ୍ତ୍ରାନ୍ ସଂପ୍ରାଦୁଃ ।' (ନିରୁକ୍ତ. ୭:୩, ୧:୨୦)

ଯେଉଁ ମନ୍ତ୍ରାର୍ଥକୁ ପ୍ରଥମେ ଯେଉଁ ଋଷି ଦର୍ଶନ କଲେ, ଅର୍ଥାତ୍ ତାହାର ଗଭୀର ରହସ୍ୟକୁ ଉପଲବ୍ଧି କଲେ, ଯାହା ପୂର୍ବରୁ ସେହି ମନ୍ତ୍ରର ଗମ୍ଭୀର ଅର୍ଥ ଅନ୍ୟ କେହି ପ୍ରକାଶିତ କରିନଥିଲେ, ଯିଏ ଦର୍ଶନ କଲେ ଓ ଅନ୍ୟମାନଙ୍କୁ ଅଧ୍ୟାପନା ବି କଲେ, ଏଣୁ ସେମାନଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆଜି ପର୍ଯ୍ୟନ୍ତ ସେହି-ସେହି ମନ୍ତ୍ର ସହ ସେହି-ସେହି ଋଷିଙ୍କ ନାମ ଲେଖା ହୋଇଆସୁଛି । **ଯଦି କେହି ଋଷିମାନଙ୍କୁ ମନ୍ତ୍ରର କର୍ତ୍ତା ବୋଲି କହନ୍ତି, ତେବେ ତାଙ୍କୁ ମିଥ୍ୟାବାଦୀ ବୋଲି ଜାଣିବା ଉଚିତ । ଋଷିମାନେ ତ ମନ୍ତ୍ରର ଅର୍ଥ ପ୍ରକାଶକ ଅଟନ୍ତି, ମନ୍ତ୍ରକର୍ତ୍ତା ନୁହନ୍ତି ।**

ପ୍ରଶ୍ନ — କେଉଁ ଗ୍ରନ୍ଥକୁ ବେଦ କୁହାଯାଏ ?

ଉତ୍ତର — ଋକ୍, ଯଜୁ, ସାମ ଓ ଅଥର୍ବ ଏ ଚାରି ମନ୍ତ୍ରସଂହିତାକୁ ବେଦ କହନ୍ତି । ଅନ୍ୟକୁ ନୁହେଁ ।

ପ୍ରଶ୍ନ — ମନ୍ତ୍ରବ୍ରାହ୍ମଣୟୋର୍ବେଦନାମଧେୟମ୍ । (କାତ୍ୟାୟନ. ପରିଶିଷ୍ଟ ପ୍ରତିଜ୍ଞା ୧:୧)

କତ୍ୟାୟନଙ୍କ ଏହି ବଚନର ପୁଣି କ'ଣ ଅର୍ଥ ?

ଉତ୍ତର — ଦେଖ ! ମନ୍ତ୍ରସଂହିତା ଗ୍ରନ୍ଥର ଆରମ୍ଭରେ ଓ ଅଧ୍ୟାୟ ଶେଷରେ ବେଦ ଶବ୍ଦ ଆବହମାନ କାଳରୁ ଲେଖାହୋଇଆସୁଛି; କିନ୍ତୁ ବ୍ରାହ୍ମଣ ଗ୍ରନ୍ଥର ଆରମ୍ଭ କି ଶେଷରେ ସେପରି କେଉଁଠି ଲେଖାନାହିଁ । ତା'ଛଡ଼ା ନିରୁକ୍ତରେ—

ଇତ୍ୟପି ନିଗମୋ ଭବତି । ଇତି ଚ ବ୍ରାହ୍ମଣମ୍ । (ନିରୁକ୍ତ. ୫:୩,୪)

ଛନ୍ଦୋବ୍ରାହ୍ମଣାନି ଚ ତଦ୍‌ବିଷୟାଣି । (ଅଷ୍ଟାଧ୍ୟାୟୀ. ୪:୨:୬୫)

ଏହି ବାକ୍ୟମାନଙ୍କରୁ ମଧ୍ୟ ସ୍ପଷ୍ଟ ଜଣାଯାଉଛି ଯେ 'ବେଦ' ମନ୍ତ୍ରଭାଗ ହୋଇଥିବା ସ୍ଥଳେ 'ବ୍ରାହ୍ମଣ' ହେଉଛି

ତା'ର ବ୍ୟାଖ୍ୟାଭାଗ । ଏ ବିଷୟରେ ବିଶେଷ ଜାଣିବାକୁ ହେଲେ ମତ୍‌ପ୍ରଣୀତ 'ଋଗ୍‌ବେଦାଦିଭାଷ୍ୟଭୂମିକା' ଦେଖନ୍ତୁ । ସେଥିରେ ଅନେକ ପ୍ରମାଣ ପୂର୍ବକ ପ୍ରତିପାଦନ କରାଯାଇଛି ଯେ ପ୍ରମାଣବିରୁଦ୍ଧ ହୋଇଥିବାରୁ କାତ୍ୟାୟନଙ୍କ ଏହି ବଚନ ଗ୍ରହଣୀୟ ନୁହେଁ । କାରଣ ଯଦି କାତ୍ୟାୟନଙ୍କ ଏହି ମନ୍ତବ୍ୟକୁ ସ୍ୱୀକାର କରାଯାଏ ତେବେ ବେଦ କେବେ ବି ସନାତନ ହୋଇପାରିବ ନାହିଁ । ଯେହେତୁ କି ବ୍ରାହ୍ମଣ ଗ୍ରନ୍ଥରେ ଅନେକ ଋଷି, ମହର୍ଷି ଓ ରାଜା ଆଦିଙ୍କ ଇତିହାସ ବର୍ଣ୍ଣନା କରାଯାଇଛି । ଏବଂ କାହାରି ବି ଇତିହାସ ତାଙ୍କ ଜନ୍ମ ପରେ ହିଁ ଲେଖାଯାଇଥାଏ । ତେଣୁ ସେହି ଇତିହାସ ସମ୍ବଳିତ ବ୍ରାହ୍ମଣ ଗ୍ରନ୍ଥ ବି ସେମାନଙ୍କ ଜନ୍ମ ପରେ ହିଁ ଲେଖାଯାଇଛି ଏହା ସିଦ୍ଧ ହୋଇଯାଉଛି । ବେଦରେ କୌଣସି ବ୍ୟକ୍ତବିଶେଷଙ୍କ ଇତିହାସ ନାହିଁ । କିନ୍ତୁ ଯେଉଁ-ଯେଉଁ ଶବ୍ଦ ଦ୍ୱାରା ବିଶେଷ ବିଦ୍ୟାର ବୋଧ ହୁଏ, ସେହି-ସେହି ଶବ୍ଦର ପ୍ରୟୋଗ କରାଯାଇଛି । କୌଣସି ବ୍ୟକ୍ତିବିଶେଷଙ୍କ ନାମ ବା ବ୍ୟକ୍ତବିଶେଷଙ୍କ ବିଷୟ ବେଦରେ ନାହିଁ ।

ପ୍ରଶ୍ନ — ବେଦର କେତୋଟି ଶାଖା ଅଛି ?

ଉତ୍ତର — ଏକ ହଜାର ଏକ ଶହ ସତାଇଶ ଶାଖା ଅଛି ।

ପ୍ରଶ୍ନ — ଶାଖା କାହାକୁ କହନ୍ତି ?

ଉତ୍ତର — ବ୍ୟାଖ୍ୟାନକୁ 'ଶାଖା' କୁହାଯାଏ ।

ପ୍ରଶ୍ନ — ବିଦ୍ୱାନ୍‌ମାନେ ବେଦର ଶାଖା ବେଦର ଅବୟବରୂପ ବିଭାଗଗୁଡ଼ିକୁ ବୋଲି ମାନନ୍ତି ।

ଉତ୍ତର — ଟିକିଏ ବିଚାର କଲେ ଠିକ୍-ଠିକ୍ ଜାଣିପାରିବେ ଯେ ଶାଖାଗୁଡ଼ିକ ବେଦର ଅବୟବ ନୁହନ୍ତି । କାରଣ ଯେତେ ଶାଖା ରହିଛି, ସେସବୁ ଆଶ୍ୱଳାୟନ ପ୍ରଭୃତି ଋଷିମାନଙ୍କ ନାମରେ ପ୍ରସିଦ୍ଧ; କିନ୍ତୁ ମନ୍ତ୍ରସଂହିତା ପରମେଶ୍ୱରଙ୍କ ନାମରେ ପ୍ରଖ୍ୟାତ । ଚାରିବେଦକୁ ଯେପରି ପରମେଶ୍ୱରକୃତ ବୋଲି ସ୍ୱୀକାର କରାଯାଏ ସେହିପରି ଆଶ୍ୱଳାୟନ ଆଦି ଶାଖାଗୁଡ଼ିକୁ ସେହି-ସେହି ଋଷିକୃତ ବୋଲି ସ୍ୱୀକାର କରାଯାଏ । ପୁଣି ପ୍ରତ୍ୟେକ ଶାଖାରେ ବେଦର ମୂଳ ମନ୍ତ୍ରଗୁଡ଼ିକୁ ପ୍ରତୀକ ଭାବେ ନେଇ ବ୍ୟାଖ୍ୟା କରାଯାଇଛି । ଯଥା - 'ତୈତ୍ତିରୀୟ ଶାଖା'ରେ **'ଇଷେ ତ୍ୱୋର୍ଜେ ତ୍ୱା' ଇତି** ଇତ୍ୟାଦି ପ୍ରତୀକ ନେଇ ବ୍ୟାଖ୍ୟାନ କରାଯାଇଛି । କିନ୍ତୁ ବେଦସଂହିତାରେ କୌଣସି ମନ୍ତ୍ରକୁ ପ୍ରତୀକ ଭାବେ ନେଇ ବ୍ୟାଖ୍ୟା ହୋଇନାହିଁ । **ଏଣୁ ପରମେଶ୍ୱରକୃତ ଚାରିବେଦ ହେଲା ମୂଳ-ବୃକ୍ଷ ଏବଂ ଆଶ୍ୱଳାୟନାଦି ସମସ୍ତ ଶାଖା ଋଷି-ମୁନିକୃତ, ପରମେଶ୍ୱରକୃତ ନୁହେଁ । ଏ ବିଷୟରେ ବିଶେଷ ବ୍ୟାଖ୍ୟା ଦେଖିବାକୁ ଚାହିଁଲେ 'ଋଗ୍‌ବେଦାଦିଭାଷ୍ୟଭୂମିକା' ଦେଖନ୍ତୁ । ଯେପରି ମାତା-ପିତା ସ୍ୱ ସନ୍ତାନଙ୍କ ଉପରେ କୃପାଦୃଷ୍ଟି ରଖି ସେମାନଙ୍କ ଉନ୍ନତି ଚାହାନ୍ତି, ସେହିପରି ପରମାତ୍ମା ସମସ୍ତ ମନୁଷ୍ୟଙ୍କ ଉପରେ କୃପାକରି ବେଦ ପ୍ରକାଶିତ କରିଛନ୍ତି । ଯଦ୍ଦ୍ୱାରାକି ମନୁଷ୍ୟ ଅବିଦ୍ୟାନ୍ଧକାର, ଭ୍ରମଜାଲରୁ ମୁକ୍ତ ହୋଇ ବିଦ୍ୟାଜ୍ଞାନରୂପୀ ସୂର୍ଯ୍ୟକୁ ପ୍ରାପ୍ତ କରି ଆନନ୍ଦରେ ରହିବ ତଥା ବିଦ୍ୟା ଓ ସୁଖ ନିରନ୍ତର ବୃଦ୍ଧି କରିଚାଲିବ ।**

ପ୍ରଶ୍ନ — ବେଦ ନିତ୍ୟ ନା ଅନିତ୍ୟ ?

ଉତ୍ତର — ନିତ୍ୟ । କାରଣ ପରମେଶ୍ୱର ନିତ୍ୟ ହୋଇଥିବାରୁ ତାଙ୍କର ଜ୍ଞାନାଦି ଗୁଣ ମଧ୍ୟ ନିତ୍ୟ । ଯେହେତୁ କି ଯେଉଁ ପଦାର୍ଥ ନିତ୍ୟ ତାହାର ଗୁଣ, କର୍ମ, ସ୍ୱଭାବ ବି 'ନିତ୍ୟ' ଏବଂ ଅନିତ୍ୟ ପଦାର୍ଥର ଗୁଣ, କର୍ମ, ସ୍ୱଭାବ ମଧ୍ୟ ଅନିତ୍ୟ ହୋଇଥାଏ ।

ପ୍ରଶ୍ନ — କ'ଣ ଏ ବେଦ ପୁସ୍ତକ ବି ନିତ୍ୟ ?

ଉତ୍ତର — ନା । କାରଣ ପୁସ୍ତକ ତ କାଗଜ ଓ କାଳିରେ ତିଆରି । ତାହା କିପରି ନିତ୍ୟ ହୋଇପାରିବ ? କିନ୍ତୁ **ବେଦ ପୁସ୍ତକରେ ଯେଉଁ ଶବ୍ଦ, ଅର୍ଥ ଓ ସମ୍ବନ୍ଧ ଅଛି ସେସବୁ ନିତ୍ୟ ।**

ପ୍ରଶ୍ନ — ଈଶ୍ୱର ପ୍ରଥମେ ପୂର୍ବୋକ୍ତ ଋଷିମାନଙ୍କୁ ଜ୍ଞାନ ଦେଇଥିବେ ଏବଂ ସେହି ଜ୍ଞାନ ସାହାଯ୍ୟରେ ସେମାନେ ବେଦ ରଚନା କରି ଦେଇଥିବେ ।

ଉତ୍ତର — ଜ୍ଞେୟ ବିନା ଜ୍ଞାନ ହୁଏ ନାହିଁ । ଗାୟତ୍ରୀ ଆଦି ଛନ୍ଦ, ଷଡ଼ଜାଦି ଓ ଉଦତ୍ତ-ଅନୁଦାତ୍ତାଦି ସ୍ୱରର ଜ୍ଞାନପୂର୍ବକ ଗାୟତ୍ରୀ ଆଦି ଛନ୍ଦ ତିଆରି କରିବା ତଥା ବେଦ ଭଳି ସର୍ବଜ୍ଞାନ ଯୁକ୍ତ ଶାସ୍ତ୍ର ରଚନା କରିବା ସାମର୍ଥ୍ୟ ସର୍ବଜ୍ଞ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାରି ନାହିଁ । ହଁ, ବେଦ ଅଧ୍ୟୟନ କରିବା ପରେ ଋଷି-ମୁନିଗଣ ସଂସାରରେ ବିଦ୍ୟାର ପ୍ରକାଶ କରିବା ନିମନ୍ତେ ବ୍ୟାକରଣ, ନିରୁକ୍ତ ଓ ଛନ୍ଦ ଆଦି ଶାସ୍ତ୍ର ରଚନା କଲେ । **ପରମାତ୍ମା ବେଦକୁ ପ୍ରକାଶ କରିନଥିଲେ କେହି କୌଣସି ଗ୍ରନ୍ଥ ବି ରଚନା କରିପାରିନଥାନ୍ତେ । ଏଣୁ ବେଦ ହେଉଛି ପରମେଶ୍ୱରକୃତ । ଏହା ଅନୁସାରେ ସମସ୍ତେ ଚଳିବା ଉଚିତ । ଯଦି କେହି କାହାକୁ ପଚାରେ ଯେ ତୁମର ମତ କଅଣ ? ତେବେ ସମସ୍ତେ ଏହି ଉତ୍ତର ଦେବା ଉଚିତ ଯେ 'ବେଦ' ହିଁ ଆମର ମତ ଅର୍ଥାତ୍ ବେଦରେ ଯାହାକିଛି କୁହାଯାଇଛି ଆମେ ସେସବୁ ସ୍ୱୀକାର କରୁ ।**

ଏଠାରେ ଈଶ୍ୱର ଓ ବେଦ ବିଷୟରେ ସଂକ୍ଷେପରେ କିଛି କୁହାଗଲା । ଏହାପରେ ସୃଷ୍ଟି ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍‌ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତ ଈଶ୍ୱରବେଦବିଷୟେ
ସପ୍ତମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୭ ॥

ଅଥାଷ୍ଟମସମୁଲ୍ଲାସାରମ୍ଭଃ

ଅଥ ସୃଷ୍ଟ୍ୟୁତ୍ପତ୍ତିସ୍ଥିତିପ୍ରଳୟବିଷୟାନ୍ ବ୍ୟାଖ୍ୟାସ୍ୟାମଃ

ଇୟଂ ବିସୃଷ୍ଟିର୍ୟତ ଆବଭୂବ ଯଦି ବା ଦଧେ ଯଦି ବା ନ ।
ଯୋ ଅସ୍ୟାଧ୍ୟକ୍ଷଃ ପରମେ ବ୍ୟୋମନ୍ତ୍ସୋ ଅଙ୍ଗ ବେଦ ଯଦି ବା ନ ବେଦ ॥ ୧ ॥
ତମ ଆସୀତ୍ତମସା ଗୂଢ଼ମଗ୍ରେଽପ୍ରକେତଂ ସଲିଲଂ ସର୍ବମା ଇଦମ୍ ।
ତୁଚ୍ଛ୍ୟେନାଭ୍ୱପିହିତଂ ଯଦାସୀତ୍ତପସସ୍ତନ୍ମହିନା ଜାୟତୈକମ୍ ॥ ୨ ॥ (ଋକ୍ . ୧୦:୧୨୯:୭,୩)
ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକ ଆସୀତ୍ ।
ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ॥ ୩ ॥
(ଋକ୍. ୧୦:୧୨୧:୧)

ପୁରୁଷଽଏବେଦଂ ସର୍ବଂ ଯଦ୍ଭୂତଂ ଯଚ୍ଚ ଭାବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ॥ ୪ ॥ (ଯଜୁଃ. ୩୧:୨)
ଯତୋ ବା ଇମାନି ଭୂତାନି ଜାୟନ୍ତେ ଯେନ ଜାତାନି ଜୀବନ୍ତି ।
ଯତ୍ପ୍ରୟନ୍ତ୍ୟଭିସଂବିଶନ୍ତି, ତଦ୍ବିଜିଜ୍ଞାସସ୍ୱ, ତଦ୍ ବ୍ରହ୍ମେତି ॥ ୫ ॥ (ତୈତ୍ତିରୀୟ. ୩:୧)

ହେ (ଅଙ୍ଗ) ମନୁଷ୍ୟ ! ଯାହାଙ୍କଠାରୁ ଏ ବିବିଧ ସୃଷ୍ଟି ପ୍ରକାଶିତ ହୋଇଛି, ଯିଏ ଏହାର ଧାରଣ ଓ ପ୍ରଳୟକର୍ତ୍ତା, ଯିଏ ଏ ଜଗତର ସ୍ୱାମୀ, ଯେଉଁ ବ୍ୟାପକ ସତ୍ତାଙ୍କଠାରେ ଏ ସମଗ୍ର ଜଗତ ଉତ୍ପତ୍ତି-ସ୍ଥିତି-ପ୍ରଳୟକୁ ପ୍ରାପ୍ତ ହୁଏ, ସିଏ ପରମାତ୍ମା ଅଟନ୍ତି । ତାହାଙ୍କୁ ତୁମେ ଜାଣ ଏବଂ ତାଙ୍କ ବ୍ୟତୀତ ଅନ୍ୟ କାହାକୁ ସୃଷ୍ଟିକର୍ତ୍ତା ବୋଲି ସ୍ୱୀକାର କରନାହିଁ ॥ ୧ ॥

ସୃଷ୍ଟି ପୂର୍ବରୁ ଏ ସକଳ ଜଗତ ଅନ୍ଧକାରାଚ୍ଛନ୍ନ, ରାତ୍ରିରୂପରେ ଅଜ୍ଞେୟ, ଆକାଶ ରୂପେ ତଥା ସମଗ୍ର ଜଗତ 'ତୁଚ୍ଛ୍ୟ' ଅର୍ଥାତ୍ ଅନନ୍ତ ପରମେଶ୍ୱରଙ୍କ ତୁଳନାରେ ଏକଦେଶୀ, ଆଚ୍ଛାଦିତ ଥିଲା । ପରେ ପରମେଶ୍ୱର ନିଜର ମହିନା ଅର୍ଥାତ୍ ସାମର୍ଥ୍ୟ ବଳରେ କାରଣ ରୂପ ଜଗତକୁ କାର୍ଯ୍ୟରୂପରେ ପରିଣତ କଲେ ॥ ୨ ॥

ହେ ମନୁଷ୍ୟଗଣ ! ଯିଏ ସୂର୍ଯ୍ୟାଦି ସମସ୍ତ ତେଜସ୍ୱୀ ପଦାର୍ଥର ଆଧାର ଏବଂ ଯେଉଁ ପରମାତ୍ମା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂସାରର ଏକ ଅଦ୍ୱିତୀୟ ସ୍ୱାମୀ, ଯିଏ ଜଗତର ଉତ୍ପତ୍ତି ପୂର୍ବରୁ ବିଦ୍ୟମାନ ଥିଲେ ତଥା ଯିଏ ପୃଥିବୀଠାରୁ ଆରମ୍ଭ କରି ସୂର୍ଯ୍ୟଲୋକ ପର୍ଯ୍ୟନ୍ତ ସମଗ୍ର ଜଗତକୁ ଉତ୍ପନ୍ନ କରିଛନ୍ତି, ସେହି ପରମାତ୍ମା ଦେବଙ୍କୁ ପ୍ରେମପୂର୍ବକ ଭକ୍ତି କର ॥ ୩ ॥

ହେ ମାନବଗଣ ! ଯିଏ ସବୁଠାରେ ପୂର୍ଣ୍ଣ 'ପୁରୁଷ' ତଥା ଯିଏ ନାଶରହିତ କାରଣ ଓ ଜୀବର ସ୍ୱାମୀ, ଯିଏ

ପୃଥିବୀ ଆଦି ଜଡ଼ ଓ ଜୀବଙ୍କଠାରୁ ଭିନ୍ନ ଅଟନ୍ତି, ସେହି ପୁରୁଷ ଏ ସମଗ୍ର ଭୂତ, ଭବିଷ୍ୟତ ଓ ବର୍ତ୍ତମାନର ଜଗତର ନିର୍ମାତା ଅଟନ୍ତି ॥ ୪ ॥

ଯେଉଁ ପରମାତ୍ମାଙ୍କ ରଚନା ଦ୍ୱାରା ଏସବୁ ପୃଥିବୀ ପ୍ରଭୃତି ଭୂତ ଉତ୍ପନ୍ନ ହୁଅନ୍ତି, ଯାହାଙ୍କ ଦ୍ୱାରା ଜୀବିତ ରହନ୍ତି ଏବଂ ଶେଷରେ ଯାହାଙ୍କଠାରେ ପ୍ରଳୟକୁ ପ୍ରାପ୍ତ ହୁଅନ୍ତି ସେ ହିଁ 'ବ୍ରହ୍ମ' ଅଟନ୍ତି । ତାଙ୍କୁ ଜାଣିବାକୁ ଇଚ୍ଛାକର ॥ ୫ ॥

ଜନ୍ମାଦ୍ୟସ୍ୟ ଯତଃ । (ଶାରୀରକ. ୧:୧:୨)

ଯାହାଙ୍କଠାରୁ ଏ ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ହୁଏ, ସେହି ବ୍ରହ୍ମ ଜାଣିବାର ଯୋଗ୍ୟ ଅଟନ୍ତି ।

ପରମେଶ୍ୱର ଜଗତର ନିମିତ୍ତ କାରଣ, ପ୍ରକୃତି ଉପାଦାନ କାରଣ

ପ୍ରଶ୍ନ — ଏହି ଜଗତ ପରମେଶ୍ୱରଙ୍କଠାରୁ ଉତ୍ପନ୍ନ ହୋଇଛି ନା ଅନ୍ୟ କାହାଠାରୁ ?

ଉତ୍ତର — ଏ ଜଗତ ନିମିତ୍ତ କାରଣ ପରମାତ୍ମାଙ୍କଠାରୁ ଉତ୍ପନ୍ନ ହୋଇଛି । କିନ୍ତୁ ଜଗତର ଉପାଦାନ କାରଣ ହେଉଛି ପ୍ରକୃତି ।

ପ୍ରଶ୍ନ — କ'ଣ ପ୍ରକୃତିକୁ ପରମେଶ୍ୱର ଉତ୍ପନ୍ନ କରିନାହାନ୍ତି ?

ଉତ୍ତର — ନା । ପ୍ରକୃତି ଅନାଦି ।

ପ୍ରଶ୍ନ — ଅନାଦି କାହାକୁ କହନ୍ତି ଏବଂ କେତୋଟି ପଦାର୍ଥ ଅନାଦି ?

ଉତ୍ତର — ଯାହାର ଆଦି ଅର୍ଥାତ୍ କୌଣସି କାରଣ ବା ଆରମ୍ଭିକ ସମୟ ନଥାଏ ତାହାକୁ ଅନାଦି କୁହାଯାଏ । 'ଈଶ୍ୱର', 'ଜୀବ' ଓ ଜଗତର କାରଣ 'ପ୍ରକୃତି' - ଏ ତିନୋଟି ଅନାଦି ଅଟନ୍ତି ।

ପ୍ରଶ୍ନ — ଏହାର କ'ଣ ପ୍ରମାଣ ଅଛି ?

ଉତ୍ତର —

ଦ୍ୱା ସୁପର୍ଣ୍ଣା ସୟୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଲଂ ସ୍ୱାଦ୍ୱତ୍ତ୍ୟନଶ୍ନନ୍ନନ୍ୟୋ ଅଭି ଚାକଶୀତି ॥ ୧ ॥ (ଋକ୍. ୧:୧୬୪:୨୦)
ଶାଶ୍ୱତୀଭ୍ୟଃ ସମାଭ୍ୟଃ ॥ ୨ ॥ (ଯଜୁଃ. ୪୦:୮)

(ଦ୍ୱା) ଯେପରି ବ୍ରହ୍ମ ଓ ଜୀବ ଦୁହେଁ **(ସୁପର୍ଣ୍ଣା)** ଚେତନତା ଓ ପାଳନାଦି ଗୁଣରେ କିଛି ସମାନ, **(ସୟୁଜା)** ବ୍ୟାପକ-ବ୍ୟାପ୍ୟ ରୂପରେ ସଂଯୁକ୍ତ, **(ସଖାୟା)** ପରସ୍ପର ମିତ୍ରତାଯୁକ୍ତ, ସନାତନ ଓ ଅନାଦି ଅଟନ୍ତି; **(ସମାନମ୍)** ସେପରି ହିଁ **(ବୃକ୍ଷମ୍)** ଅନାଦି, ମୂଳ ରୂପକ କାରଣ ଓ ଶାଖାରୂପକ କାର୍ଯ୍ୟଯୁକ୍ତ ବୃକ୍ଷ ଅର୍ଥାତ୍ ଯାହା ସ୍ଥୂଳ ହୋଇ ଜଗତ ରୂପ ହୁଏ ଓ ପ୍ରଳୟରେ ଛିନ୍ନ-ଭିନ୍ନ ହୋଇଯାଏ, ତାହା ତୃତୀୟ ଅନାଦି ପଦାର୍ଥ ଅଟେ । ଏ ତିନୋଟିର ଗୁଣ, କର୍ମ ଓ ସ୍ୱଭାବ ମଧ୍ୟ ଅନାଦି । **(ତୟୋରନ୍ୟଃ)** ଏହି ଜୀବ ଓ ବ୍ରହ୍ମ ଉଭୟଙ୍କ ମଧ୍ୟରୁ ଜୀବ ଏହି ସଂସାର ରୂପକ ବୃକ୍ଷରେ **(ପିପ୍ପଲମ୍)**ପାପପୁଣ୍ୟର ଫଳକୁ **(ସ୍ୱାଦ୍ୱତ୍ତି)** ଉତ୍ତମ ରୂପେ ଭୋଗ କରେ ଏବଂ **(ଅନଶ୍ନନ୍ ଅନ୍ୟଃ)** ଦ୍ୱିତୀୟ ସତ୍ତା ବ୍ରହ୍ମ ବା ପରମାତ୍ମା କର୍ମଫଳ ଭୋଗ ନ କରି **(ଅଭିଚାକଶୀତି)** ଭିତରେ-ବାହାରେ ସର୍ବତ୍ର ପ୍ରକାଶମାନ ହୋଇ ରହିଛନ୍ତି । ଜୀବଠାରୁ ଈଶ୍ୱର ଭିନ୍ନ, ଈଶ୍ୱରଙ୍କଠାରୁ ଜୀବ ଭିନ୍ନ ସ୍ୱରୂପର, ପୁଣି ଏ ଉଭୟଙ୍କଠାରୁ ପ୍ରକୃତି ଭିନ୍ନ ସ୍ୱରୂପବିଶିଷ୍ଟ ଅଟେ । ଏ ତିନୋଟି ଯାକ **'ଅନାଦି'** ଅଟନ୍ତି ॥ ୧ ॥

(ଶାଶ୍ୱତୀଭ୍ୟଃ.) ଅନାଦି, ସନାତନ, ଜୀବ ରୂପୀ ପ୍ରଜାମାନଙ୍କ ପାଇଁ ପରମାତ୍ମା ବେଦ ଦ୍ୱାରା ସକଳ ବିଦ୍ୟାର ପ୍ରକାଶ କରିଛନ୍ତ ॥ ୨ ॥

ଅଜାମେକାଂ ଲୋହିତଶୁକ୍ଲକୃଷ୍ଣାଂ ବହ୍ୱୀଃ ପ୍ରଜାଃ ସୃଜମାନାଂ ସରୂପାଃ ।
ଅଜୋ ହ୍ୟେକୋ ଜୁଷମାଣୋଽନୁଶେତେ ଜହାତ୍ୟେନାଂ ଭୁକ୍ତଭୋଗାମଜୋଽନ୍ୟଃ ॥

(ଶ୍ୱେତା. ୪:୫)

ପ୍ରକୃତି, ଜୀବ ଓ ପରମାତ୍ମା – ଏ ତିନୋଟି **'ଅଜ'** ଅର୍ଥାତ୍ ଏମାନଙ୍କର କେବେ ବି ଜନ୍ମ ନାହିଁ, ଏମାନେ କେବେ ଉତ୍ପନ୍ନ ହୁଅନ୍ତି ନାହିଁ । ଅର୍ଥାତ୍ ଏ ତିନୋଟି ହେଉଛନ୍ତି ସମଗ୍ର ଜଗତର କାରଣ, ଏମାନଙ୍କର ଅନ୍ୟ କେହି କାରଣ ନୁହନ୍ତି । ଏହି ଅନାଦି ପ୍ରକୃତିକୁ ଅନାଦି ଜୀବ ଭୋଗ କରୁ-କରୁ ଏଥିରେ ଛନ୍ଦି ହୋଇଯାଏ । କିନ୍ତୁ ପରମାତ୍ମା ପ୍ରକୃତିକୁ ଭୋଗ କରନ୍ତି ନାହିଁ କି ଏଥିରେ ଫସନ୍ତି ନାହିଁ ।

ଈଶ୍ୱର ଓ ଜୀବର ଲକ୍ଷଣ ଈଶ୍ୱର-ବିଷୟ ଚର୍ଚ୍ଚାରେ ବର୍ଣ୍ଣନା କରାଯାଇଛି । ବର୍ତ୍ତମାନ ପ୍ରକୃତିର ଲକ୍ଷଣ ବର୍ଣ୍ଣନା କରାଯାଉଛି —

ସତ୍ତ୍ୱରଜସ୍ତମସାଂ ସାମ୍ୟାବସ୍ଥା ପ୍ରକୃତିଃ ପ୍ରକୃତେର୍ମହାନ୍ ମହତୋଽହଙ୍କାରୋଽହଙ୍କାରାତ୍ ପଞ୍ଚତନ୍ମାତ୍ରାଣ୍ୟୁଭୟମିନ୍ଦ୍ରିୟଂ ପଞ୍ଚତନ୍ମାତ୍ରେଭ୍ୟଃ ସ୍ଥୂଳଭୂତାନି ପୁରୁଷ ଇତି ପଞ୍ଚବିଂଶତିର୍ଗଣଃ ॥

(ସାଂଖ୍ୟ. ୧:୬୧)

(ସତ୍ତ୍ୱ) ଶୁଦ୍ଧ, **(ରଜଃ)** ମଧ୍ୟ, **(ତମଃ)** ଜଡ଼ତା ଏହି ତିନୋଟି ବସ୍ତୁ ମିଶି ଯେଉଁ ଏକ ସଂଘାତ ବା ସମଷ୍ଟି ହୁଏ, ତା'ର ନାମ 'ପ୍ରକୃତି' । ଏହି ପ୍ରକୃତିରୁ **'ମହତତ୍ତ୍ୱ'** ବା ବୁଦ୍ଧି, ମହତତ୍ତ୍ୱରୁ **'ଅହଂକାର'**, ଅହଂକାରରୁ ପଞ୍ଚ **'ତନ୍ମାତ୍ର'** (ସୂକ୍ଷ୍ମଭୂତ) ଏବଂ ଦଶ **'ଇନ୍ଦ୍ରିୟ'** ଓ ଏକାଦଶ **'ମନ'**, ପଞ୍ଚ ତନ୍ମାତ୍ର ବା ସୂକ୍ଷ୍ମଭୂତରୁ ପୃଥିବୀ ଆଦି ପଞ୍ଚ **'ସ୍ଥୂଳଭୂତ'** ଉତ୍ପନ୍ନ ହୁଏ । ଏହି ଚବିଶ ତତ୍ତ୍ୱ ଓ **'ପୁରୁଷ'** ଅର୍ଥାତ୍ ଜୀବ ଓ ପରମେଶ୍ୱର – ଏ ସବୁ ମିଶି ମୋଟ ପଚିଶି ତତ୍ତ୍ୱ । ଏ ଭିତରୁ ପ୍ରକୃତି ଅବିକାରିଣୀ; ମହତତ୍ତ୍ୱ, ଅହଂକାର ଓ ପଞ୍ଚ ସୂକ୍ଷ୍ମଭୂତ ଏ ସାତୋଟି ପ୍ରକୃତିର କାର୍ଯ୍ୟ ତଥା ଇନ୍ଦ୍ରିୟ, ମନ ଓ ସ୍ଥୂଳଭୂତର କାରଣ । କିନ୍ତୁ ପୁରୁଷ କାହାରି ପ୍ରକୃତି ବା ଉପାଦାନ କାରଣ ନୁହେଁ କି କାହାର କାର୍ଯ୍ୟ ବି ନୁହେଁ ।

ପ୍ରଶ୍ନ — ସଦେବ ସୋମ୍ୟେଦମଗ୍ର ଆସୀତ୍ ॥ ୧ ॥ (ଛାନ୍ଦୋଗ୍ୟ. ୬:୨:୧)

ହେ ଶ୍ୱେତକେତୁ! ଏ ଜଗତ୍ ସୃଷ୍ଟି ପୂର୍ବରୁ ସତ୍ ରୂପେ ଥିଲା ।

ଅସଦ୍ୱା ଇଦମଗ୍ର ଆସୀତ୍ ॥ ୨ ॥ (ତୈତ୍ତି. ୨:୭)

ଏ ଜଗତ୍ ସୃଷ୍ଟି ପୂର୍ବରୁ ଅସତ୍ ଥିଲା ।

ଆତ୍ମା ବା ଇଦମଗ୍ର ଆସୀତ୍ ॥ ୩ ॥ (ବୃହ. ୧:୪:୧)

ସୃଷ୍ଟି ରଚନା ପୂର୍ବରୁ ଆତ୍ମା ହିଁ ବିଦ୍ୟମାନ ଥିଲା ।

ବ୍ରହ୍ମ ବା ଇଦମଗ୍ର ଆସୀତ୍ ॥ ୪ ॥ (ବୃହଦା. ୧:୪:୧୦,୧୧)

ଏ ସଂସାର ରଚନା ପୂର୍ବରୁ ବ୍ରହ୍ମ ହିଁ ବିଦ୍ୟମାନ ଥିଲେ । ପଶ୍ଚାତ୍ –

ତଦୈକ୍ଷତ ବହୁ ସ୍ୟାଂ ପ୍ରଜାୟେୟେତି ॥ ୧ ॥ (ଛାନ୍ଦୋଗ୍ୟ. ୬:୨:୩)

ସୋଽକାମୟତ ବହୁ ସ୍ୟାଂ ପ୍ରଜାୟେୟେତି ॥ ୨ ॥ (ତୈତ୍ତି. ୨:୬)

ସେହି ପରମାତ୍ମା ନିଜ ଇଚ୍ଛାରେ ବହୁରୂପ ହୋଇଗଲେ ।

ସର୍ବଂ ଖଲ୍ୱିଦଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ ।

ଏହି ସକଳ ଜଗତ ନିଶ୍ଚୟ ରୂପେ ବ୍ରହ୍ମ ଅଟେ । ଏଥିରେ ଅନ୍ୟ କୌଣସି ନାନା ପ୍ରକାର ପଦାର୍ଥ ନାହିଁ । ସବୁ କେବଳ ବ୍ରହ୍ମରୂପ ।

ଉତ୍ତର — କାହିଁକି ଉପନିଷଦର ଏସବୁ ବଚନର ଅନର୍ଥ କରୁଛ ? କାରଣ ଏସବୁ ଉପନିଷଦରେ ହିଁ କୁହାଯାଇଛି —

ସୋମ୍ୟାନ୍ନେନ ଶୁଙ୍ଗେନାପୋ ମୂଳମନ୍ୱିଚ୍ଛ, ଅଦ୍‌ଭିଃ ସୋମ୍ୟ ଶୁଙ୍ଗେନ ତେଜୋ ମୂଳମନ୍ୱିଚ୍ଛ, ତେଜସା ସୋମ୍ୟ ଶୁଙ୍ଗେନ ସନ୍‌ମୂଳମନ୍ୱିଚ୍ଛ, ସନ୍‌ମୂଳାଃ ସୋମ୍ୟେମାଃ ସର୍ବାଃ ପ୍ରଜାଃ ସଦାୟତନାଃ ସତ୍ପ୍ରତିଷ୍ଠାଃ ॥ (ଛାନ୍ଦୋଗ୍ୟ. ୬:୮:୪)

ହେ ଶ୍ୱେତକେତୁ ! ଅନ୍ନରୂପକ ପୃଥିବୀ-କାର୍ଯ୍ୟ ଦ୍ୱାରା 'ଜଳରୂପକ' ମୂଳକାରଣକୁ ତୁମେ ଜାଣ । କାର୍ଯ୍ୟରୂପକ ଜଳରୁ 'ତେଜୋରୂପ' ମୂଳକୁ ଏବଂ ତେଜୋରୂପ କାର୍ଯ୍ୟ ଦ୍ୱାରା 'ସତ୍' ରୂପ କାରଣ, ଯାହାକି ନିତ୍ୟ ପ୍ରକୃତି ଅଟେ, ତାହାକୁ ଜାଣ । ଏହି ସତ୍ୟସ୍ୱରୂପ ପ୍ରକୃତି ସକଳ ଜଗତର ମୂଳାଧାର ଓ ସ୍ଥିତିର ସ୍ଥାନ ଅଟେ । ଏ ସାରା ଜଗତ ସୃଷ୍ଟି ରଚନା ପୂର୍ବରୁ ଅସତ୍ ସଦୃଶ ଏବଂ ପ୍ରକୃତିରେ ଲୀନ ହୋଇ ବିଦ୍ୟମାନ ଥିଲା, ଅଭାବ ନ ଥିଲା । ଏବଂ ସେତେବେଳେ ଆତ୍ମା ଅର୍ଥାତ୍ ବ୍ରହ୍ମ ବି ବିଦ୍ୟମାନ ଥିଲେ ।

ଆଉ ତୁମେ ଯେଉଁ **'ସର୍ବଂ ଖଲୁ...'** ବଚନ ଉଲ୍ଲେଖ କରିଛ ତାହା କୌଣସି ଉପନିଷଦର ଏକ ସ୍ଥାନର ବଚନ ନୁହେଁ । **'ଜଣକର ମୁଣ୍ଡ, ଆଉ ଜଣକର ଲାଞ୍ଜ ଯୋଡ଼ି ବିଚିତ୍ର ଜୀବ ନିର୍ମାଣ କଲା ଭଳି କାମ ହୋଇଛି ଏହା ।'** କାରଣ —

ସର୍ବଂ ଖଲ୍ୱିଦଂ ବ୍ରହ୍ମତଜ୍ଜଲାନିତି ଶାନ୍ତ ଉପାସୀତ । (ଛାନ୍ଦୋଗ୍ୟ. ୩:୧୪:୧)

ନେହ ନାନାସ୍ତି କିଞ୍ଚନ । (କଠ. ୪:୧୧)

ଯେଉଁପରି ହାତଗୋଡ଼ ଆଦି ଶରୀରର ଅଙ୍ଗଗୁଡ଼ିକ ଶରୀର ସହ ସଂଯୁକ୍ତ ହୋଇ ରହିଥିବା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଥାନ୍ତି; କିନ୍ତୁ ଶରୀରରୁ ଅଲଗା ହୋଇଗଲେ ଅକର୍ମଣ୍ୟ ହୋଇଯାନ୍ତି, ସେହିପରି **ପ୍ରକରଣରେ ଅନ୍ତର୍ଗତ ଥିବା ବାକ୍ୟଗୁଡ଼ିକ ସେହି ସ୍ଥାନରେ ଯଥାର୍ଥ ଅର୍ଥ ବ୍ୟକ୍ତ କରିଥାନ୍ତି, କିନ୍ତୁ ସେଗୁଡ଼ିକୁ ପ୍ରକରଣରୁ ଅଲଗା କରିଦେଲେ ବା ଅନ୍ୟ କେଉଁ ପ୍ରକରଣ ବାକ୍ୟ ସହ ଯୋଡ଼ିଦେଲେ ଅନର୍ଥ କରିବସନ୍ତି ।** ଅତଃ **'ସର୍ବଂ ଖଲୁ...'** ର ବାସ୍ତବିକ ଅର୍ଥ ହେଲା —

'ହେ ଜୀବ ! ତୁମେ ସେହି ବ୍ରହ୍ମଙ୍କୁ ଉପାସନା କର, ଯାହାଙ୍କ ଦ୍ୱାରା ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ହୋଇଥାଏ; ଯାହାଙ୍କ ସର୍ଜନା ଓ ଧାରଣ ଦ୍ୱାରା ଏ ସମସ୍ତ ଜଗତ ବିଦ୍ୟମାନ ହୋଇଛି ଅଥବା ଜଗତ ଯାହାଙ୍କ ସହଚରିତ ହୋଇ ରହିଛି, ତାଙ୍କୁ ଛାଡ଼ି ଅନ୍ୟ କାହାରି ଉପାସନା କରିବା ଅନୁଚିତ । ଏହି ବିଶୁଦ୍ଧ ଚେତନ, ଅଖଣ୍ଡ-ଏକରସ ବ୍ରହ୍ମସ୍ୱରୂପରେ ନାନା ପଦାର୍ଥର ମିଶ୍ରଣ ହୋଇନାହିଁ । ବରଂ ଏ ନାନାପ୍ରକାର ପଦାର୍ଥ ପୃଥକ୍-ପୃଥକ୍ ସ୍ୱରୂପରେ ପରମେଶ୍ୱରଙ୍କ ଆଧାରରେ ଅବସ୍ଥିତ ।

ପ୍ରଶ୍ନ — ଜଗତର କାରଣ କେତୋଟି ?

ଉତ୍ତର — ତିନୋଟି - **୧.** ନିମିତ୍ତ କାରଣ, **୨.** ଉପାଦାନ କାରଣ, **୩.** ସାଧାରଣ କାରଣ ।

ନିମିତ୍ତ କାରଣ — ଯିଏ ତିଆରି କଲେ କୌଣସି ବସ୍ତୁ ତିଆରି ହୁଏ, ନ କଲେ କିଛି ହୋଇପାରେ ନାହିଁ; ଯିଏ ନିଜେ ତିଆରି ହୁଅନ୍ତି ନାହିଁ, ସ୍ୱୟଂ ଅପରିବର୍ତ୍ତିତ ରହି ଅନ୍ୟ ବସ୍ତୁର ସ୍ଥିତି ବା ଅବସ୍ଥାର ପରିବର୍ତ୍ତନ କରନ୍ତି, ଉପାଦାନରୁ ନୂତନ ପଦାର୍ଥ ନିର୍ମାଣ କରନ୍ତି, ତାଙ୍କୁ **'ନିମିତ୍ତ କାରଣ'** କୁହାଯାଏ ।

ନିମିତ୍ତ କାରଣ ଦୁଇ ପ୍ରକାର — ୧. ମୁଖ୍ୟ ନିମିତ୍ତ କାରଣ ଓ ୨. ସାଧାରଣ ନିମିତ୍ତ କାରଣ । ଉପାଦାନ କାରଣରୁ ସମଗ୍ର ସୃଷ୍ଟି ନିର୍ମାଣ କରିବା, ସୃଷ୍ଟିର ଧାରଣ ଓ ପ୍ରଳୟ କରିବା ତଥା ସମସ୍ତଙ୍କୁ ବ୍ୟବସ୍ଥିତ ଭାବେ ରଖୁଥିବା **'ମୁଖ୍ୟ ନିମିତ୍ତ କାରଣ'** ହେଲେ **ପରମାତ୍ମା** । ପରମେଶ୍ୱରଙ୍କ ସୃଷ୍ଟ ପଦାର୍ଥକୁ ନେଇ ସେଥିରୁ ଅନେକ ପ୍ରକାର ନୂଆ-ନୂଆ ପଦାର୍ଥ ତିଆରି କରୁଥିବା **ଜୀବାତ୍ମା** ହେଲା **'ସାଧାରଣ ନିମିତ୍ତ କାରଣ'** ।

ଉପାଦାନ କାରଣ — ଯେଉଁ ବସ୍ତୁର ଅବସ୍ଥା ପରିବର୍ତ୍ତିତ ହୋଇ ଅନ୍ୟ ବସ୍ତୁ ରୂପେ ନିର୍ମିତ ହୁଏ ତଥା ସମୟାନ୍ତରରେ ନଷ୍ଟ ବି ହୋଇଥାଏ, ଯାହା ବିନା କୌଣସି ବସ୍ତୁ ତିଆରି ହୋଇପାରେ ନାହିଁ ତାହାକୁ ଉପାଦାନ କାରଣ କୁହାଯାଏ ।

ପ୍ରକୃତି ବା ପରମାଣୁ ହେଉଛି ଜଗତର ଉପାଦାନ କାରଣ ଯେଉଁଥିରୁ କି ସମଗ୍ର ସଂସାର ନିର୍ମିତ ହୋଇଛି । ପ୍ରକୃତି ଜଡ଼ ହୋଇଥିବାରୁ ନିଜେ-ନିଜେ ରୂପାନ୍ତରିତ ଅର୍ଥାତ୍ ଅନ୍ୟ ପଦାର୍ଥ ରୂପେ ନିର୍ମିତ ହୋଇପାରେ ନାହିଁ କି ନିର୍ମିତ ପଦାର୍ଥରୁ ପୁନଃ ବିନାଶକୁ ପ୍ରାପ୍ତ ହୋଇପାରେ ନାହିଁ । ଅନ୍ୟ ଦ୍ୱାରା ହିଁ ନୂଆ ପଦାର୍ଥ ରୂପେ ତିଆରି ହୋଇଥାଏ ଓ ପୁଣି ବିନଷ୍ଟ ହୋଇଥାଏ । କୌଣସି-କୌଣସି କ୍ଷେତ୍ରରେ ଗୋଟିଏ ଜଡ଼ ପଦାର୍ଥ ଯୋଗୁଁ ବି ଅନ୍ୟ ଜଡ଼ ପଦାର୍ଥ ତିଆରି ହୋଇଥାଏ ଓ ନଷ୍ଟ ବି ହୋଇଥାଏ । ଯଥା - ପରମେଶ୍ୱରଙ୍କ ରଚିତ ମଞ୍ଜିଟିଏ ମାଟିରେ ପଡ଼ି, ଜଳ ପାଇଲେ ବୃକ୍ଷ ରୂପ ଧାରଣ କରିଥାଏ ଏବଂ ସେହି ମଞ୍ଜି ଯଦି ଅଗ୍ନି ଆଦି କେତେକ ଜଡ଼ ପଦାର୍ଥର ସଂଯୋଗରେ ଆସେ ତେବେ ନଷ୍ଟ ବି ହୋଇଯାଏ । **ତଥାପି ଏ ପଦାର୍ଥଗୁଡ଼ିକର ନିୟମ ପୂର୍ବକ ନିର୍ମାଣ ବା ବିନାଶ ପରମେଶ୍ୱର ଓ ଜୀବର ଅଧୀନ ।**

ସାଧାରଣ କାରଣ — କୌଣସି ବସ୍ତୁର ନିର୍ମାଣରେ ଯାହା ସାଧନ ଏବଂ ସାଧାରଣ ନିମିତ୍ତ ହୋଇଥାଏ ତାହାକୁ ସାଧାରଣ କାରଣ କୁହାଯାଏ ।

କୌଣସି ବସ୍ତୁ ନିର୍ମାଣ ପାଇଁ ଯେଉଁ-ଯେଉଁ ସାଧନ ଆବଶ୍ୟକ ପଡ଼ିଥାଏ; ଯଥା — ଜ୍ଞାନ, ଦର୍ଶନ, ବଳ, ଦିଗ, କାଳ, ଆକାଶ ଆଦି ନିରାକାର, ହାତ ଏବଂ ନାନାପ୍ରକାର ଉପକରଣ ଆଦି ସାକାର ସାଧନ - ସେସବୁକୁ ସାଧାରଣ କାରଣ କହନ୍ତି ।

ଏ ତିନି କାରଣର ଉଦାହରଣ ହେଲା — ହାଣ୍ଡି ତିଆରି କରିବା ପାଇଁ କୁମ୍ଭାର ହେଲା ନିମିତ୍ତ କାରଣ; ମାଟି ଉପାଦାନ କାରଣ; ଏବଂ ଦଣ୍ଡ, ଚକ, ଦିଗ, କାଳ, ସ୍ଥାନ, ପ୍ରକାଶ, ଆଖି, ହାତ, ଜ୍ଞାନ, କ୍ରିୟା ଆଦି ସାଧାରଣ କାରଣ । ଏହିପରି ତିନୋଟି କାରଣ ବିନା କୌଣସି ବସ୍ତୁ ତିଆରି ହୋଇପାରେ ନାହିଁ କି ଭାଙ୍ଗି ଯାଇପାରେ ନାହିଁ ।

ପ୍ରଶ୍ନ — ନବୀନ ବେଦାନ୍ତୀମାନେ କେବଳ ଈଶ୍ୱରଙ୍କୁ ହିଁ ଜଗତର **'ଅଭିନ୍ନ-ନିମିତ୍ତୋପାଦାନ କାରଣ'** ବୋଲି ମାନନ୍ତି —

ଯଥୋର୍ଣ୍ଣନାଭିଃ ସୃଜତେ ଗୃହ୍ଣତେ ଚ । (ମୁଣ୍ଡକ. ୧:୧:୭)

ବୁଢ଼ିଆଣୀ ଯେପରି ବାହାରୁ କୌଣସି ପଦାର୍ଥ ନ ନେଇ, ନିଜ ଭିତରୁ ହିଁ ସୂତା ବାହାର କରି ସେଥିରେ ଜାଲ ବୁଣି ନିଜେ ସେହି ଜାଲରେ ସ୍ୱଚ୍ଛନ୍ଦରେ କ୍ରୀଡ଼ା କରେ, ସେହିପରି ବ୍ରହ୍ମ ନିଜ ମଧ୍ୟରୁ ଜଗତ ରଚନା କରି, ନିଜେ ଜଗଦାକାର ହୋଇ, ନିଜେ ସେଥିରେ କ୍ରୀଡ଼ା କରିଥାନ୍ତି । ଅତଏବ 'ମୁଁ ବହୁରୂପ ଅର୍ଥାତ୍ ଜଗଦାକାର ହେବି' - ଏଭଳି ଇଚ୍ଛା ଓ କାମନା କରି ବ୍ରହ୍ମ ସଂକଳ୍ପମାତ୍ରେ ଜଗଦ୍‌ରୂପ ହୋଇଗଲେ । କାରଣ —

ଆଦାବନ୍ତେ ଚ ଯନ୍ନାସ୍ତି ବର୍ତ୍ତମାନେଽପି ତତ୍ତଥା । (ମାଣ୍ଡୂକ୍ୟ. ଗୌଡ଼ପାଦୀୟ କାରିକା. ୪:୩୧)

ଯାହା ଆରମ୍ଭ ପୂର୍ବରୁ ନ ଥାଏ, ଶେଷ ହେବା ପରେ ରହେ ନାହିଁ, ତାହା ବର୍ତ୍ତମାନ ମଧ୍ୟ ନାହିଁ । ସୃଷ୍ଟି ନିର୍ମାଣ ପୂର୍ବରୁ ଜଗତ ନ ଥିଲା, କେବଳ ବ୍ରହ୍ମ ହିଁ ଥିଲେ । ପ୍ରଳୟ ଅର୍ଥାତ୍ ସୃଷ୍ଟି ସମାପ୍ତି ପରେ ମଧ୍ୟ ଏ ସଂସାର ରହିବ ନାହିଁ, କେବଳ ବ୍ରହ୍ମ ହିଁ ରହିବେ । ତେଣୁ ବର୍ତ୍ତମାନ ମଧ୍ୟ ସମଗ୍ର ଜଗତକୁ ବ୍ରହ୍ମ ହିଁ ବୋଲି କାହିଁକି ସ୍ୱୀକାର କରା ନ ଯିବ ?

ଉତ୍ତର — ତୁମ କହିବା ଅନୁସାରେ ବ୍ରହ୍ମ ଯଦି ଜଗତର ଉପାଦାନ କାରଣ ହୁଅନ୍ତି, ତେବେ ସେ ପରିଣାମୀ, ଅବସ୍ଥାନ୍ତରଯୁକ୍ତ, ବିକାରୀ ହୋଇଯିବେ । ଦ୍ୱିତୀୟତଃ, ଉପାଦାନ କାରଣର ଗୁଣ-କର୍ମ-ସ୍ୱଭାବ କାର୍ଯ୍ୟବସ୍ତୁରେ ମଧ୍ୟ ଆସିଥାଏ —

କାରଣଗୁଣପୂର୍ବକଃ କାର୍ଯ୍ୟଗୁଣୋ ଦୃଷ୍ଟଃ । (ବୈଶେଷିକ. ୨:୧:୨୪)

ଉପାଦାନ କାରଣର ଗୁଣ ଭଳି କାର୍ଯ୍ୟ-ବସ୍ତୁର ଗୁଣ ହୋଇଥାଏ । କିନ୍ତୁ ବ୍ରହ୍ମ ସଚ୍ଚିଦାନନ୍ଦସ୍ୱରୂପ ହୋଇଥିବା ବେଳେ, ଜଗତ କାର୍ଯ୍ୟଦ୍ରବ୍ୟ ରୂପରେ ଅସତ୍, ଜଡ଼ ଓ ଆନନ୍ଦରହିତ; ବ୍ରହ୍ମ ଅଜ, କିନ୍ତୁ ଜଗତ ଉତ୍ପନ୍ନ ହୋଇଅଛି; ବ୍ରହ୍ମ ଅଦୃଶ୍ୟ(ରୂପରହିତ), ଅଥଚ ଜଗତ ଦୃଶ୍ୟମାନ; ବ୍ରହ୍ମ ଅଖଣ୍ଡ, ପରନ୍ତୁ ଜଗତ ଖଣ୍ଡରୂପ । ଯଦି ବ୍ରହ୍ମଙ୍କଠାରୁ ପୃଥିବୀ ଆଦି କାର୍ଯ୍ୟ-ଦ୍ରବ୍ୟ ଉତ୍ପନ୍ନ ହୋଇଥାନ୍ତେ ତେବେ ପୃଥିବୀ ଇତ୍ୟାଦି କାର୍ଯ୍ୟ-ପଦାର୍ଥର ଜଡ଼ ଆଦି ଗୁଣ ବ୍ରହ୍ମଙ୍କଠାରେ ବି ରହିବା କଥା । ଅର୍ଥାତ୍ ପୃଥିବୀ ଆଦି ଯେପରି ଜଡ଼, ବ୍ରହ୍ମ ବି ସେପରି ଜଡ଼ ହେବା କଥା ଏବଂ ପରମେଶ୍ୱର ଯେପରି ଚେତନ, ପୃଥିବ୍ୟାଦି କାର୍ଯ୍ୟ-ଦ୍ରବ୍ୟ ମଧ୍ୟ ସେପରି ଚେତନ ହେବା ଆବଶ୍ୟକ ।

ତା' ଛଡ଼ା ତୁମେ ବୁଢ଼ିଆଣୀର ଯେଉଁ ଉଦାହରଣ ଦେଲ ତାହା ତୁମ ମତର ସାଧକ ହେଉ ନାହିଁ, ବରଂ ବାଧକ ହେଉଛି । କାରଣ ବୁଢ଼ିଆଣୀର ଜଡ଼ ଶରୀର ତନ୍ତୁର ଉପାଦାନ କାରଣ ଓ ବୁଢ଼ିଆଣୀ ଭିତରେ ଥିବା ଜୀବାତ୍ମା ହେଉଛି ନିମିତ୍ତ କାରଣ । ପୁଣି ଏହା ବି ପରମାତ୍ମାଙ୍କ ଅଦ୍ଭୁତ ରଚନା-କୌଶଳର ହିଁ ପରିଣାମ ଯେ ଅନ୍ୟ କୌଣସି ଜୀବ-ଜନ୍ତୁଙ୍କ ଶରୀରରୁ ଜୀବାତ୍ମା ସେପରି ତନ୍ତୁ ବାହାର କରିପାରେ ନାହିଁ । ବୁଢ଼ିଆଣୀ ନିଜ ଜଡ଼ ଶରୀରରୁ ସୂତା ବାହାର କରି ଜାଲ ତିଆରି କଲା ଭଳି ସର୍ବବ୍ୟାପକ ବ୍ରହ୍ମ ନିଜ ଭିତରେ ବ୍ୟାପ୍ୟ ପ୍ରକୃତି, ପରମାଣୁ ରୂପକ କାରଣରୁ ସ୍ଥୂଳ ଜଗତ ନିର୍ମାଣ କରି, ବାହାରକୁ ସ୍ଥୂଳରୂପ ପ୍ରଦାନ କରି, ସ୍ୱୟଂ ସେ ଭିତରେ ବ୍ୟାପକ ହୋଇ ସାକ୍ଷୀରୂପେ ଓ ଆନନ୍ଦମୟ ହୋଇ ରହିଛନ୍ତି ।

ଆଉ ଯେଉଁ କଥା କୁହାଯାଇଛି ଯେ 'ପରମାତ୍ମା **'ଈକ୍ଷଣ'** ଅର୍ଥାତ୍ ଦର୍ଶନ, ବିଚାର ଓ କାମନା କଲେ କି ମୁଁ ସକଳ ଜଗତ ସର୍ଜନା କରି ବହୁ ରୂପେ ପ୍ରକାଶିତ ହୋଇଯିବି', ତା'ର ଅର୍ଥ ହେଲା ଯେ ଜଗତ ଉତ୍ପନ୍ନ ହେଲା

ପରେ ଯାଇ ଜୀବମାନଙ୍କ ବିଚାର, ଜ୍ଞାନ, ଧ୍ୟାନ, ଉପଦେଶ-ଶ୍ରବଣ ଆଦିରେ ପରମେଶ୍ୱର ପ୍ରସିଦ୍ଧ ବା ପ୍ରକାଶିତ ହୁଅନ୍ତି ଏବଂ ବହୁତ ସ୍ଥୂଳ ପଦାର୍ଥ ସହ ସଂଯୁକ୍ତ ହୋଇ ବିଦ୍ୟମାନ ରହନ୍ତି । ଯେତେବେଳେ ପ୍ରଳୟ ହୁଏ ସେତେବେଳେ ନିଜେ ପରମେଶ୍ୱର ଓ ମୁକ୍ତ ଜୀବଙ୍କ ବ୍ୟତୀତ ଅନ୍ୟ କେହି ପରମାତ୍ମାଙ୍କୁ ଜାଣନ୍ତି ନାହିଁ ।

ଆଉ ଗୋଟିଏ କଥା ହେଲା ଯେ ଏଇ ଯେଉଁ କାରିକା **'ଆଦାବନ୍ତେ...'** ଉଲ୍ଲେଖ କରିଛନ୍ତି, ତାହା ଭ୍ରମୋତ୍ପାଦକ ଅଟେ । କାରଣ ସୃଷ୍ଟିର ଆଦିରେ ଅର୍ଥାତ୍ ପ୍ରଳୟରେ (ସୃଷ୍ଟି ନିର୍ମାଣ ପୂର୍ବରୁ) ଜଗତ ପ୍ରକଟ ରୂପେ ନ ଥିଲା ଏବଂ ସୃଷ୍ଟି ଅନ୍ତେ ଅର୍ଥାତ୍ ପ୍ରଳୟ ଆରମ୍ଭ ହେଲେ ଆଉ ଥରେ ସୃଷ୍ଟି ନ ହେବା ପର୍ଯ୍ୟନ୍ତ ମଧ୍ୟ ଜଗତର କାରଣ (ପ୍ରକୃତି) ସୂକ୍ଷ୍ମ ରୂପେ ଅପ୍ରକଟ ଅବସ୍ଥାରେ ରହିଥାଏ । କାରଣ କୁହାଯାଇଛି —

ତମ ଆସୀତ୍ତମସା ଗୂଢ଼ମଗ୍ରେ ॥ ୧ ॥ (ଋକ୍. ୧୦:୧୨୯:୩)

ଆସୀଦିଦଂ ତମୋଭୂତମପ୍ରଜ୍ଞାତମଲକ୍ଷଣମ୍ ।
ଅପ୍ରତର୍କ୍ୟମବିଜ୍ଞେୟଂ ପ୍ରସୁପ୍ତମିବ ସର୍ବତଃ ॥ ୨ ॥ (ମନୁ. ୧:୫)

ଏ ସମସ୍ତ ଜଗତ ସୃଷ୍ଟି ପୂର୍ବରୁ ପ୍ରଳୟାବସ୍ଥାରେ ଅନ୍ଧକାରରେ ଆବୃତ, ଆଚ୍ଛାଦିତ ହୋଇ ଥିଲା ଏବଂ ପୁନଃ ପ୍ରଳୟ ଆରମ୍ଭ ହୋଇଯିବା ପରେ ମଧ୍ୟ ସେହିପରି ହୋଇଯିବ । ସେ ସମୟରେ ତାହା କାହାରି ଜାଣିବା, ତର୍କ-ବିଚାର ମଧ୍ୟକୁ ଆଣିବା କି ପ୍ରସିଦ୍ଧ ଚିହ୍ନରେ ଯୁକ୍ତ, ଇନ୍ଦ୍ରିୟମାନଙ୍କ ଦ୍ୱାରା ଜାଣିବାର ଯୋଗ୍ୟ ହୋଇ ନ ଥିଲା, କି ହେବ ନାହିଁ । କିନ୍ତୁ ବର୍ତ୍ତମାନ ଏହା ଜଣାଯାଉଛି ଅର୍ଥାତ୍ ପ୍ରସିଦ୍ଧ ଚିହ୍ନରେ ଯୁକ୍ତ ଥିବାରୁ ଜାଣିବାର ଯୋଗ୍ୟ ହେଉଛି ଓ ଯଥାଯଥ ଉପଲବ୍ଧ ହେଉଛି ॥ ୧,୨ ॥

ଦ୍ୱିତୀୟତଃ, ସେହି କାରିକାକାର 'ବର୍ତ୍ତମାନ ସମୟରେ ମଧ୍ୟ ଜଗତ ଅଭାବ ବା ଅବିଦ୍ୟମାନ' ବୋଲି ଯେଉଁ କଥା ଲେଖିଛନ୍ତି, ତାହା ସର୍ବଥା ଅପ୍ରାମାଣିକ । କାରଣ 'ପ୍ରମାତା' ଯାହାକୁ ପ୍ରମାଣ ଦ୍ୱାରା ଜାଣେ ଓ ଉପଲବ୍ଧି କରେ, ତାହା କଦାପି ଅନ୍ୟଥା ହୋଇ ନ ପାରେ ।

ପ୍ରଶ୍ନ — ପରମେଶ୍ୱର ଜଗତ ନିର୍ମାଣ କରିବାର ପ୍ରୟୋଜନ କ'ଣ ?

ଉତ୍ତର — ସଂସାର ତିଆରି ନ କରିବାରେ କ'ଣ ପ୍ରୟୋଜନ ?

ପ୍ରଶ୍ନ — ଈଶ୍ୱର ଜଗତକୁ ତିଆରି କରି ନ ଥିଲେ ସେ ଆନନ୍ଦରେ ରହିଥାନ୍ତେ ଏବଂ ଜୀବମାନଙ୍କୁ ବି ସୁଖ-ଦୁଃଖ ଭୋଗ କରିବାକୁ ପଡ଼ିନଥାନ୍ତା ।

ଉତ୍ତର — ଏହା ହେଉଛି ଅଳସୁଆ ଓ ଦରିଦ୍ରମାନଙ୍କ କଥା । ଏହା ପୁରୁଷାର୍ଥୀର ଭାବନା ନୁହେଁ । ତା' ଛଡ଼ା ପ୍ରଳୟ ଅବସ୍ଥାରେ ଜୀବମାନଙ୍କର ବା କ'ଣ ସୁଖ-ଦୁଃଖ ? ପ୍ରଳୟ କାଳରେ ଜୀବମାନେ ତ ନିଷ୍କର୍ମା ହୋଇ ସୁଷୁପ୍ତି ଅବସ୍ଥାରେ ପଡ଼ିଥାଆନ୍ତି । ସୃଷ୍ଟିର ସୁଖ-ଦୁଃଖର ଯଦି ତୁଳନା କରାଯାଏ ତେବେ ଜଣାଯିବ ଯେ ସଂସାରରେ ଦୁଃଖ ଅପେକ୍ଷା ସୁଖ ଅନେକ ଗୁଣ ଅଧିକ ଅଛି । ପୁଣି ସୃଷ୍ଟି ରଚନା ହେଲେ ବହୁତ ପବିତ୍ରାତ୍ମା ଜୀବ ମୁକ୍ତିର ସାଧନଗୁଡ଼ିକର ଅନୁଷ୍ଠାନ କରି ମୋକ୍ଷର ଆନନ୍ଦ ବି ପ୍ରାପ୍ତ କରିଥାନ୍ତି । ଆଉ ଗୋଟିଏ କଥା ଯେ ଯଦି ଈଶ୍ୱର ଏ ସଂସାର ସର୍ଜନା କରିନଥାନ୍ତେ, ତେବେ ଜୀବମାନେ ପ୍ରଳୟ ପୂର୍ବ ସୃଷ୍ଟିରେ କରିଥିବା ପାପ-ପୁଣ୍ୟ କର୍ମର ଫଳ ସେମାନଙ୍କୁ କିପରି ସେ ଦେଇପାରନ୍ତେ ଓ ଜୀବମାନେ କେମିତି ଭୋଗକରନ୍ତେ ? ତୃତୀୟତଃ, କେହି ଯଦି ତୁମକୁ ପଚାରେ ଯେ ଆଖି ରହିବାର ଆବଶ୍ୟକତା କ'ଣ ? ତୁମେ ଏହା ହିଁ ତ କହିବ ଯେ 'ଦେଖିବା' । ସେହିପରି

ଈଶ୍ୱରଙ୍କଠାରେ ଜଗତ ରଚନାର ଯେଉଁ ବିଜ୍ଞାନ, ବଳ ଓ କ୍ରିୟା ଅଛି, ତା'ର ଆବଶ୍ୟକତା କ'ଣ? ତା'ର ଉପଯୋଗିତା ଜଗତ ଉତ୍ପନ୍ନ କରିବା ବ୍ୟତୀତ ଅନ୍ୟ କିଛି ବୋଲି କହିପାରିବ ନାହିଁ । ତା' ଛଡ଼ା ପରମାତ୍ମାଙ୍କ ନ୍ୟାୟ, ଧାରଣ, ଦୟା ଆଦି ଗୁଣ ବି ସେତେବେଳେ ସାର୍ଥକ ହେବ, ଯଦି ସେ ଜଗତ ନିର୍ମାଣ କରନ୍ତି । ଜଗତର ଉତ୍ପତ୍ତି, ସ୍ଥିତି, ପ୍ରଳୟ ଓ ବ୍ୟବସ୍ଥା କରିବା ଦ୍ୱାରା ହିଁ ତାଙ୍କର ଅନନ୍ତ ସାମର୍ଥ୍ୟ ସଫଳ ହୋଇଥାଏ । **ଯେପରି ଦେଖିବା ହେଉଛି ଆଖିର ସ୍ୱାଭାବିକ ଗୁଣ, ଠିକ୍ ସେହିପରି ଜଗତର ରଚନା କରି ସମସ୍ତ ଜୀବଙ୍କୁ ଅସଂଖ୍ୟ ପଦାର୍ଥ ପ୍ରଦାନ କରି ପରୋପକାର କରିବା ହେଲା ପରମେଶ୍ୱରଙ୍କ ସ୍ୱାଭାବିକ ଗୁଣ ।**

ପ୍ରଶ୍ନ — ପ୍ରଥମେ ବୀଜ ନା ପ୍ରଥମେ ବୃକ୍ଷ?

ଉତ୍ତର — ପ୍ରଥମେ ବୀଜ । କାରଣ ବୀଜ, ହେତୁ, ନିଦାନ, ନିମିତ୍ତ ଓ କାରଣ ଇତ୍ୟାଦି ଶବ୍ଦ ଏକାର୍ଥବାଚକ । କାରଣକୁ ବୀଜ ବୋଲି କୁହାଯାଉଥିବାରୁ, ଯେହେତୁ କାରଣ ସର୍ବଦା କାର୍ଯ୍ୟ ପୂର୍ବରୁ ଥାଏ, ତେଣୁ ଏହା ସ୍ପଷ୍ଟ ଯେ ବୀଜ ପ୍ରଥମେ ଓ ତା'ପରେ ବୃକ୍ଷ ।

ପ୍ରଶ୍ନ — ଯଦି ଈଶ୍ୱର ସର୍ବଶକ୍ତିମାନ୍, ତେବେ ସେ ଜଗତର କାରଣ ଓ ଜୀବକୁ ମଧ୍ୟ ଉତ୍ପନ୍ନ କରିପାରିବେ । ଯଦି ତା' ନ କରି ପାରନ୍ତି, ତେବେ ସେ ସର୍ବଶକ୍ତିମାନ୍ ବି ନୁହନ୍ତି ।

ଉତ୍ତର — 'ସର୍ବଶକ୍ତିମାନ୍' ଶବ୍ଦର ଅର୍ଥ ପୂର୍ବରୁ କୁହାଯାଇଛି । ଆଚ୍ଛା, ସର୍ବଶକ୍ତିମାନ୍ କ'ଣ ତାଙ୍କୁ କୁହାଯାଏ ଯିଏ ଅସମ୍ଭବ କଥାକୁ ମଧ୍ୟ ସମ୍ଭବ କରିଦିଏ? ଯଦି ଈଶ୍ୱର ଅସମ୍ଭବକୁ ସମ୍ଭବ କରିପାରନ୍ତି ଅର୍ଥାତ୍ ଉଦାହରଣସ୍ୱରୂପ କାରଣ ବିନା କାର୍ଯ୍ୟ ଉତ୍ପନ୍ନ କରିଦିଅନ୍ତି, ତେବେ ତ କାରଣ ନ ଥାଇ ଅନ୍ୟ ଏକ ଈଶ୍ୱରଙ୍କ ଉତ୍ପତ୍ତି କରିପାରିବେ, ନିଜେ ମୃତ୍ୟୁବରଣ କରିପାରିବେ ତଥା ନିଜେ ଜଡ଼, ଦୁଃଖୀ, ଅନ୍ୟାୟକାରୀ, ଅପବିତ୍ର ଓ କୁକର୍ମୀ ଇତ୍ୟାଦି ହୋଇପାରିବେ, ନା ନାହିଁ? ଧ୍ୟାନ ଦେବା ଯୋଗ୍ୟ ଯେ **ଯାହା ସ୍ୱାଭାବିକ ନିୟମ ଈଶ୍ୱର ବି ତା'ର ବିରୁଦ୍ଧାଚରଣ କରିପାରନ୍ତି ନାହିଁ । ଅର୍ଥାତ୍ ଉଦାହରଣସ୍ୱରୂପ ଅଗ୍ନି ଉଷ୍ଣ, ଜଳ ଶୀତଳ ତଥା ଅଗ୍ନି, ଜଳ, ପୃଥିବୀ ଆଦି ସବୁ ଜଡ଼ ଅଟନ୍ତି; ଈଶ୍ୱର ବି ଏସବୁକୁ ବିପରୀତ ଗୁଣବିଶିଷ୍ଟ କରିପାରନ୍ତି ନାହିଁ । ନିଜେ ଚେତନତ୍ୱ ଛାଡ଼ି ଜଡ଼ ହୋଇପାରନ୍ତି ନାହିଁ କି ସେପରି ଜଡ଼କୁ ବି ଚେତନ କରିପାରନ୍ତି ନାହିଁ । ଦ୍ୱିତୀୟରେ, ଈଶ୍ୱରଙ୍କ ନିୟମ ସତ୍ୟ ଓ ପୂର୍ଣ୍ଣ । ଏଣୁ ତାହାକୁ ସେ ପରିବର୍ତ୍ତନ କରିପାରନ୍ତି ନାହିଁ । ଅତଏବ ସର୍ବଶକ୍ତିମାନ୍ ଶବ୍ଦର ଅର୍ଥ ଏତିକି ହିଁ ଅଟେ ଯେ ପରମାତ୍ମା ଅନ୍ୟର କୌଣସି ସହାୟତା ନ ନେଇ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରନ୍ତି ।**

ପ୍ରଶ୍ନ — ଈଶ୍ୱର ସାକାର ନା ନିରାକାର? ଯଦି ସେ ନିରାକାର, ତେବେ ହାତ ଆଦି ସାଧନ ବିନା ଜଗତକୁ ନିର୍ମାଣ କରିପାରିବେ ନାହିଁ । ଆଉ ଯଦି ସେ ସାକାର ତେବେ ତ ଜଗତ ନିର୍ମାଣ କରିବାରେ କୌଣସି ସମସ୍ୟା ନାହିଁ ।

ଉତ୍ତର — ଈଶ୍ୱର ନିରାକାର । **ଯିଏ ସାକାର ଅର୍ଥାତ୍ ଶରୀରଧାରୀ, ସେ କଦାପି ଈଶ୍ୱର ନୁହେଁ । କାରଣ ସେ ପରିଚ୍ଛିନ୍ନସ୍ୱରୂପ; ପରିମିତ ଶକ୍ତିଯୁକ୍ତ; ଦେଶ, କାଳ, ବସ୍ତୁରେ ପରିଚ୍ଛିନ୍ନ; କ୍ଷୁଧା, ତୃଷା, ଛେଦନ, ଭେଦନ, ଶୀତ, ଉଷ୍ଣ, ରୋଗ, ପୀଡ଼ା ଆଦିରେ ଯୁକ୍ତ ରହିବ ।** ତା'ଠାରେ କେବଳ ଜୀବର ଗୁଣ ରହିପାରେ, ତା' ବ୍ୟତୀତ ଈଶ୍ୱରଙ୍କ ଗୁଣ କେବେ ବି ରହିପାରିବ ନାହିଁ । ଯଥା – ତୁମେ ଓ ଆମେ 'ସାକାର'

ଅର୍ଥାତ୍ ଶରୀରଧାରୀ । ଏଣୁ ତ୍ରସରେଣୁ, ଅଣୁ, ପରମାଣୁ ଓ ପ୍ରକୃତିକୁ ନିଜର ବଶୀଭୂତ କରିପାରୁ ନାହିଁ କି ସେ ସୂକ୍ଷ୍ମ ପଦାର୍ଥଗୁଡ଼ିକୁ ଧରି ସ୍ଥୂଳ ପଦାର୍ଥ ତିଆରି କରିପାରୁ ନାହିଁ । ସେହିପରି ଈଶ୍ୱର ସ୍ଥୂଳ ଦେହଧାରୀ ହୋଇଥିଲେ ସେ ମଧ୍ୟ ସେସବୁ ସୂକ୍ଷ୍ମ ପଦାର୍ଥରୁ ସ୍ଥୂଳ ଜଗତ ନିର୍ମାଣ କରିପାରନ୍ତେ ନାହିଁ । ପରମେଶ୍ୱର ଭୌତିକ ଇନ୍ଦ୍ରିୟଗୋଲକ ହସ୍ତ-ପଦାଦି ଅବୟବରୁ ରହିତ ହୋଇଥିଲେ ସୁଦ୍ଧା ଯେହେତୁ ତାଙ୍କର ଅନନ୍ତ ବଳ, ଶକ୍ତି, ପରାକ୍ରମ ଅଛି, ତଦ୍ୱାରା ସେ ସବୁ କାମ କରିଦିଅନ୍ତି, ଯାହାକି ଜୀବ ଓ ପ୍ରକୃତି ଦ୍ୱାରା କଦାପି ସମ୍ଭବ ହୋଇପାରେ ନାହିଁ । ଯେହେତୁ ଈଶ୍ୱର ପ୍ରକୃତିଠାରୁ ବି ସୂକ୍ଷ୍ମ ଓ ସେଥିରେ ବ୍ୟାପକ ହୋଇ ରହିଛନ୍ତି, ତେଣୁ ସେ ପ୍ରକୃତିର ପରମାଣୁଗୁଡ଼ିକୁ ଧରି ସେଥିରେ ଜଗତ ନିର୍ମାଣ କରିଦିଅନ୍ତି । ଅଧିକନ୍ତୁ ସେ ସର୍ବଗତ ହୋଇଥିବାରୁ ସମଗ୍ର ସଂସାରର ଧାରଣ ଓ ପ୍ରଳୟ ବି କରିପାରିଥାନ୍ତି ।

ପ୍ରଶ୍ନ — ମନୁଷ୍ୟାଦି ପ୍ରାଣୀଙ୍କର ମାତା-ପିତା ସାକାର, ତେଣୁ ସେମାନଙ୍କ ସନ୍ତାନମାନେ ମଧ୍ୟ ସାକାର ହୋଇଥାନ୍ତି । ଯଦି ମାତା-ପିତା ନିରାକାର ହୋଇଥାନ୍ତେ, ତେବେ ସେମାନଙ୍କ ସନ୍ତାନଗଣ ମଧ୍ୟ ନିରାକାର ହୋଇଥାନ୍ତେ । ସେହିପରି ଈଶ୍ୱର ଯଦି ନିରାକାର, ତେବେ ତାଙ୍କ ଦ୍ୱାରା ରଚିତ ଜଗତ ମଧ୍ୟ ନିରାକାର ହେବା କଥା ।

ଉତ୍ତର — ତୁମର ଏ କଥନ ନିହାତି ପିଲାଳିଆ ଅଟେ । କାରଣ ଏଇ ଟିକିଏ ପୂର୍ବରୁ ଆମେ ସ୍ପଷ୍ଟ ରୂପେ କହିସାରିଛୁ ଯେ ଈଶ୍ୱର ଏ ଜଗତର ଉପାଦାନ କାରଣ ନୁହନ୍ତି, ବରଂ ସେ ନିମିତ୍ତକାରଣ । ଆଉ ପରମେଶ୍ୱରଙ୍କଠାରୁ ସ୍ଥୂଳ ହୋଇଥିବା ପ୍ରକୃତି ଓ ପରମାଣୁ ଏ ଜଗତର ଉପାଦାନ କାରଣ । **ତା' ଛଡ଼ା ପ୍ରକୃତି ଓ ପରମାଣୁ ସର୍ବଥା ନିରାକାର ନୁହନ୍ତି,** ବରଂ ପରମେଶ୍ୱରଙ୍କଠାରୁ ସ୍ଥୂଳ ଓ ଅନ୍ୟ କାର୍ଯ୍ୟ ଦ୍ରବ୍ୟମାନଙ୍କଠାରୁ ସୂକ୍ଷ୍ମ ଆକାରବିଶିଷ୍ଟ ।

ପ୍ରଶ୍ନ — ପରମେଶ୍ୱର କ'ଣ କାରଣ ବିନା କାର୍ଯ୍ୟ କରିପାରନ୍ତି ନାହିଁ ?

ଉତ୍ତର — ନା । କାରଣ ଯାହା 'ଅଭାବ' ଅର୍ଥାତ୍ ଯାହାର ସତ୍ତା ନାହିଁ, ତା'ର 'ଭାବ' ଅର୍ଥାତ୍ ତା' ସମ୍ବନ୍ଧୀୟ ଅସ୍ତିତ୍ୱମୂଳକ କାର୍ଯ୍ୟ ହେବା ସର୍ବଥା ଅସମ୍ଭବ । ଯେମିତିକି କୌଣସି ଗପୁଡ଼ି ମାରିଥିବା ଗପ — 'ମୁଁ ବନ୍ଧ୍ୟାର ପୁତ୍ର ଓ ବନ୍ଧ୍ୟାର କନ୍ୟାର ବିବାହ ଦେଖିଲି । ସେ ବନ୍ଧ୍ୟାପୁତ୍ର ମଣିଷ-ଶିଙ୍ଗର ଧନୁ ଧରିଥିଲା ଓ ସେ ଦୁହେଁ ଆକାଶକୁସୁମର ମାଳ ପିନ୍ଧିଥିଲେ । ସେମାନେ ମୃଗତୃଷ୍ଣା ଜଳରେ ସ୍ନାନ କରୁଥିଲେ ଓ ଗନ୍ଧର୍ବନଗରରେ ରହୁଥିଲେ । ସେଠାରେ ବିନା ମେଘରେ ବର୍ଷା ଏବଂ ଭୂମି ନ ଥାଇ ସବୁ ପ୍ରକାର ଶସ୍ୟ ଆଦି ଉତ୍ପନ୍ନ ହେଉଥିଲା,' ଇତ୍ୟାଦି ଅସମ୍ଭବ ଅଟେ । ସେହିପରି କାରଣ ବିନା କାର୍ଯ୍ୟ ହେବା ଅସମ୍ଭବ । ଯଦି କେହି କହେ ଯେ — **'ମମ ମାତାପିତରୌ ନ ସ୍ତଃ, ଅହମେବ ଜାତଃ ।' 'ମମ ମୁଖେ ଜିହ୍ୱା ନାସ୍ତି ବଦାମି ଚ'** — ମୋର ମାତା-ପିତା ନ ଥାଇ ମୁଁ ଏମିତି ହିଁ ଜନ୍ମ ହୋଇଯାଇଛି । ମୋ ମୁହଁରେ ଜିଭ ନାହିଁ, କିନ୍ତୁ ମୁଁ କଥା କହୁଛି । ବିଳାରେ ସାପ ନ ଥିଲା, କିନ୍ତୁ ବାହାରକୁ ବାହାରିଲା । ମୁଁ କେଉଁଠି ବି ନ ଥିଲି, ଏମାନେ ବି କେଉଁଠି ନ ଥିଲେ, ତଥାପି ଆମେ ସମସ୍ତେ ଏଇଠିକୁ ଏବେ ଆସିଛୁ, ଇତ୍ୟାଦି । ତେବେ ଏପରି ଅସମ୍ଭବ କଥାସବୁ ପ୍ରମତ୍ତ-ସଙ୍ଗୀତ, ପାଗଳଙ୍କ ପ୍ରଳାପ ବ୍ୟତୀତ ଆଉ କିଛି ନୁହେଁ ।

ପ୍ରଶ୍ନ — ଯଦି କାରଣ ବିନା କାର୍ଯ୍ୟ ହୋଇପାରେ ନାହିଁ, ତେବେ କାରଣର ବି କାରଣ ଥିବ । ସେଇଟା କ'ଣ ?

ଉତ୍ତର — ଯାହା କେବଳ କାରଣ-ରୂପ ହିଁ ଅଟେ, ତାହା କାହାର କାର୍ଯ୍ୟ ହୋଇନଥାଏ । ଆଉ ଯାହା

କୌଣସି ପଦାର୍ଥର କାରଣ ତ ଅନ୍ୟ କୌଣସି ପଦାର୍ଥର କାର୍ଯ୍ୟ ହୋଇଥାଏ, ତାହା ଅଲଗା ବସ୍ତୁ, ତାହା କାରଣ-କାର୍ଯ୍ୟ ରୂପେ ପରିଚିତ । ଯଥା - 'ପୃଥିବୀ' ତତ୍ତ୍ୱ ଘଟ ଓ ଘର ଆଦିର କାରଣ, କିନ୍ତୁ ଜଳ ଆଦି ତତ୍ତ୍ୱର କାର୍ଯ୍ୟ । କିନ୍ତୁ ଯାହା ଆଦିକାରଣ ପ୍ରକୃତି ଅଟେ, ତାହା ଅନାଦି ।

ମୂଲେ ମୂଲାଭାବାଦମୂଲଂ ମୂଲମ୍ । (ସାଂଖ୍ୟ. ୧:୬୭)

ମୂଳର ମୂଳ ଅର୍ଥାତ୍ ପ୍ରଥମ କାରଣର ଆଉ କାରଣ ନ ଥାଏ । ଅତଃ **'ଅକାରଣ'**ଟି ଅର୍ଥାତ୍ ଯାହାର ଆଉ କାରଣ ନ ଥାଏ ତାହା ସମସ୍ତ କାର୍ଯ୍ୟର କାରଣ ହୋଇଥାଏ; ଯେହେତୁ କି କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ତିନୋଟି କାରଣ ଅବଶ୍ୟ ଥାଏ । ଯଥା— ବସ୍ତ୍ର ତିଆରି କରିବା ପୂର୍ବରୁ ବୁଣାକାର, ସୂତା ଓ ତନ୍ତ ଆଦି ବିଦ୍ୟମାନ ଥିଲେ ଯାଇ ବସ୍ତ୍ର ତିଆରି ହୋଇଥାଏ; **ସେହିପରି ଜଗତ ଉତ୍ପତ୍ତି ପୂର୍ବରୁ ପରମେଶ୍ୱର, ପ୍ରକୃତି, କାଳ ଓ ଆକାଶ ତଥା ଜୀବ ଅନାଦି ରୂପେ ବିଦ୍ୟମାନ ଥିଲେ ଏହି ଜଗତର ଉତ୍ପତ୍ତି ହୋଇଥାଏ । ଏମାନଙ୍କ ମଧ୍ୟରୁ ଯଦି କୌଣସି ଗୋଟିଏ ବି ନ ଥାଏ ତେବେ ଜଗତ ବି ସୃଷ୍ଟି ହୋଇପାରିବ ନାହିଁ ।**

ସୃଷ୍ଟି-ରଚନା ବିଷୟକ ବିବିଧ ମତ ସମୀକ୍ଷା

ଅତ୍ର ନାସ୍ତିକା ଆହୁଃ —

ଶୂନ୍ୟଂ ତତ୍ତ୍ୱଂ ଭାବୋ ବିନଶ୍ୟତି ବସ୍ତୁଧର୍ମତ୍ୱାଦ୍‌ବିନାଶସ୍ୟ ॥ ୧ ॥ (ସାଂଖ୍ୟ. ୧:୪୪)

ଅଭାବାଦ୍ ଭାବୋତ୍ପତ୍ତିର୍ନାନୁପମୃଦ୍ୟ ପ୍ରାଦୁର୍ଭାବାତ୍ ॥ ୨ ॥

ଈଶ୍ୱରଃ କାରଣଂ ପୁରୁଷକର୍ମାଫଲ୍ୟଦର୍ଶନାତ୍ ॥ ୩ ॥

ଅନିମିତ୍ତତୋ ଭାବୋତ୍ପତ୍ତିଃ କଣ୍ଟକତୈକ୍ଷ୍ଣ୍ୟାଦିଦର୍ଶନାତ୍ ॥ ୪ ॥

ସର୍ବମନିତ୍ୟମୁତ୍ପତ୍ତିବିନାଶଧର୍ମକତ୍ୱାତ୍ ॥ ୫ ॥

ସର୍ବଂ ନିତ୍ୟଂ ପଞ୍ଚଭୂତନିତ୍ୟତ୍ୱାତ୍ ॥ ୬ ॥

ସର୍ବଂ ପୃଥଗ୍ ଭାବଲକ୍ଷଣପୃଥକ୍‌ତ୍ୱାତ୍ ॥ ୭ ॥

ସର୍ବମଭାବୋ ଭାବେଷ୍ୱିତରେତରାଭାବସିଦ୍ଧେଃ ॥ ୮ ॥

(ନ୍ୟାୟ. ୪:୧:୧୪,୧୯,୨୨,୨୫,୨୯,୩୪,୩୭)

ଏଠାରେ ନାସ୍ତିକମାନେ କହନ୍ତି ଯେ —

ପ୍ରଥମ ନାସ୍ତିକ — 'ଶୂନ୍ୟ' ହିଁ ଏକମାତ୍ର ପଦାର୍ଥ ଅଟେ । ସୃଷ୍ଟି ପୂର୍ବରୁ ଶୂନ୍ୟ ଥିଲା, ସୃଷ୍ଟି ସମାପ୍ତି ପରେ ଶୂନ୍ୟ ରହିବ । କାରଣ ଯେଉଁ 'ଭାବ' ଅଛି ଅର୍ଥାତ୍ ଯେଉଁ ପଦାର୍ଥ ବିଦ୍ୟମାନ ଅଛି, ତା'ର ଅଭାବ ହୋଇ ଶୂନ୍ୟ ହୋଇଯିବ ।

ଉତ୍ତର — ଆକାଶ, ଅଦୃଶ୍ୟ, ଅବକାଶ ଓ ବିନ୍ଦୁକୁ ମଧ୍ୟ ଶୂନ୍ୟ କୁହାଯାଏ । ଶୂନ୍ୟ ଜଡ଼ ପଦାର୍ଥ ଅଟେ । ଏହି ଶୂନ୍ୟରେ ସବୁ ପଦାର୍ଥ ଅଦୃଶ୍ୟ ହୋଇ ରହିଥାଏ । ଯେପରି ଗୋଟିଏ ବିନ୍ଦୁରୁ ରେଖା ଓ ରେଖାଗୁଡ଼ିକ ଦ୍ୱାରା ବର୍ତ୍ତୁଳାକାର ହେଲେ ଭୂମି, ପର୍ବତ ଇତ୍ୟାଦି ଈଶ୍ୱରଙ୍କ ରଚନା ଦ୍ୱାରା ତିଆରି ହୁଏ । ତା' ଛଡ଼ା ଶୂନ୍ୟର ଜ୍ଞାତା କେବେ ବି ଶୂନ୍ୟ ହୋଇ ନ ଥାଏ, ତା'ର ଅସ୍ତିତ୍ୱ ଥାଏ ॥ ୧ ॥

ଦ୍ୱିତୀୟ ନାସ୍ତିକ — ଅଭାବରୁ ଭାବର ଉତ୍ପତ୍ତି ହୁଏ । ଯେପରିକି ବୀଜର ମର୍ଦ୍ଦନ ନ ହେଲେ ଅଙ୍କୁର ଉତ୍ପନ୍ନ

ହୁଏ ନାହିଁ ଓ ବୀଜକୁ ଭାଙ୍ଗି ଦେଖିଲେ ତା' ଭିତରେ ଗଜା ନ ଥାଏ । ଯେହେତୁ ଆଗରୁ ଅଙ୍କୁର ଦେଖାଯାଉ ନ ଥିଲା, ତେଣୁ ଏହା ନିଶ୍ଚିତ ଯେ ଅଭାବରୁ ଅଙ୍କୁର ଉତ୍ପନ୍ନ ହେଲା ।

ଉତ୍ତର — ଯିଏ ବୀଜକୁ ଉପମର୍ଦ୍ଦନ କଲା, ସେ ପ୍ରଥମରୁ ଲୁକ୍‌କାୟିତ ରୂପେ ଥିଲା । ଯଦି ନ ଥାନ୍ତା, ତେବେ ସେଇଠୁ କେବେ ବି ଉତ୍ପନ୍ନ ହୋଇନଥାନ୍ତା ।

ତୃତୀୟ ନାସ୍ତିକ — କର୍ମର ଫଳ ବ୍ୟକ୍ତି କର୍ମ କରିବା ଦ୍ୱାରା ମିଳେ ନାହିଁ । ଯେହେତୁ କି ଅନେକ ବ୍ୟକ୍ତିର କର୍ମ ନିଷ୍ଫଳ ହେଉଥିବାର ଦେଖାଯାଏ । ଏଥିରୁ ଅନୁମିତ ହେଉଛି ଯେ କର୍ମର ଫଳ ମିଳିବା - ନ ମିଳିବା ଈଶ୍ୱରଙ୍କ ଇଚ୍ଛା ଉପରେ ନିର୍ଭର କରେ । ଈଶ୍ୱର ଯେଉଁ କର୍ମର ଫଳ ଦେବାକୁ ଚାହାନ୍ତି, ତାହା ଦିଅନ୍ତି ଏବଂ ଯେଉଁ କର୍ମର ଫଳ ଦେବାକୁ ଚାହାନ୍ତି ନାହିଁ, ତାହା ଦିଅନ୍ତି ନାହିଁ । ଅତଃ କର୍ମଫଳ ଈଶ୍ୱରଙ୍କ ଇଚ୍ଛାଧୀନ ।

ଉତ୍ତର — ଯଦି କର୍ମର ଫଳ ଦେବା ଈଶ୍ୱରଙ୍କ ଇଚ୍ଛାଧୀନ, ତେବେ ଜୀବ କର୍ମ ନ କଲେ ଈଶ୍ୱର କାହିଁକି ଫଳ ଦିଅନ୍ତି ନାହିଁ? ଏଥିରୁ ଜଣାଯାଏ ଯେ **ମନୁଷ୍ୟ ଯେପରି କର୍ମ କରେ ଈଶ୍ୱର ତାହାକୁ ସେପରି ହିଁ ଫଳ ଦିଅନ୍ତି । ଏହି ବ୍ୟବସ୍ଥାରୁ ବାହାରକୁ ଯାଇ ଈଶ୍ୱର ନିଜ ଇଚ୍ଛାନୁସାରେ କାହାକୁ କର୍ମଫଳ ଦେଇପାରନ୍ତି ନାହିଁ । ବରଂ ଜୀବର କୃତକର୍ମ ଅନୁସାରେ ହିଁ ଈଶ୍ୱର ତାକୁ ଫଳ ଦେଇଥାନ୍ତି ॥ ୩ ॥**

ଚତୁର୍ଥ ନାସ୍ତିକ — ବିନା ନିମିତ୍ତରେ ଅର୍ଥାତ୍ ବିନା କାରଣରେ ପଦାର୍ଥଗୁଡ଼ିକର ଉତ୍ପତ୍ତି ହୋଇଥାଏ । ଯଥା - ବବୁଲ ଆଦି ବୃକ୍ଷର କଣ୍ଟା ତୀକ୍ଷ୍ଣ ମୁନ ବିଶିଷ୍ଟ ଦେଖାଯାଇଥାଏ । ଏଥିରୁ ଜଣାଯାଉଛି ଯେ ଯେବେ-ଯେବେ ସୃଷ୍ଟି ଆରମ୍ଭ ହୁଏ, ସେତେବେଳେ ଶରୀରାଦି ପଦାର୍ଥ ବିନା ନିମିତ୍ତରେ ତିଆରି ହୋଇଥାଏ ।

ଉତ୍ତର — ଯାହାଠୁ ଯେଉଁ ପଦାର୍ଥ ଉତ୍ପନ୍ନ ହୁଏ, ତାହା ହିଁ ସେହି ପଦାର୍ଥର ନିମିତ୍ତ ବା କାରଣ ଅଟେ । ଯଦି ବିନା ନିମିତ୍ତରେ ପଦାର୍ଥର ଉତ୍ପତ୍ତି ହୁଏ, ତେବେ କଣ୍ଟା ବୃକ୍ଷର ବୀଜ ବିନା କଣ୍ଟା ବୃକ୍ଷ ବା ବୃକ୍ଷରେ କଣ୍ଟା କାହିଁକି ଉତ୍ପନ୍ନ ହୁଏ ନାହିଁ? ॥ ୪ ॥

ପଞ୍ଚମ ନାସ୍ତିକ — ସବୁ ପଦାର୍ଥ ଉତ୍ପନ୍ନ ହୁଏ ଓ ବିନାଶବାନ୍ ମଧ୍ୟ ଅଟେ । ଏଣୁ ସବୁ ପଦାର୍ଥ ଅନିତ୍ୟ —

ଶ୍ଳୋକାର୍ଦ୍ଧେନ ପ୍ରବକ୍ଷ୍ୟାମି ଯଦୁକ୍ତଂ ଗ୍ରନ୍ଥକୋଟିଭିଃ ।
ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ॥

ନବୀନ ବେଦାନ୍ତୀମାନେ ପଞ୍ଚମ ପ୍ରକାରର ନାସ୍ତିକଙ୍କ ଅନ୍ତର୍ଗତ ଅଟନ୍ତି । କାରଣ ସେମାନେ କହନ୍ତି କି କୋଟି-କୋଟି ଗ୍ରନ୍ଥରେ ଏହା ସିଦ୍ଧାନ୍ତ ଯେ - 'ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା ଏବଂ ଜୀବ ବ୍ରହ୍ମଠାରୁ ଭିନ୍ନ ନୁହେଁ ।'

ଉତ୍ତର — ଯଦି ସବୁ ପଦାର୍ଥର ଅନିତ୍ୟତା ନିତ୍ୟ ଅଟେ, ତେବେ ସଂସାରର ସବୁ ଅନିତ୍ୟ ହୋଇ ନ ପାରେ ॥ ୫ ॥

ପ୍ରଶ୍ନ — ସକଳ ପଦାର୍ଥର ଅନିତ୍ୟତା ବି ଅନିତ୍ୟ । ଯେପରିକି ଅଗ୍ନି କାଠକୁ ନାଶ କରି ନିଜେ ବି ନଷ୍ଟ ହୋଇଯାଏ ।

ଉତ୍ତର — ଯାହା ଯଥାର୍ଥ ଭାବେ ଉପଲବ୍ଧ ହେଉଛି ତାହାର ବର୍ତ୍ତମାନ ସମୟରେ ଅନିତ୍ୟତ୍ୱ ସମ୍ଭବ ନୁହେଁ ଏବଂ ଜଗତର ପରମସୂକ୍ଷ୍ମ କାରଣର ଅନିତ୍ୟତା କେବେ ବି ସମ୍ଭବ ନୁହେଁ । ନବୀନ ବେଦାନ୍ତୀମାନେ ବ୍ରହ୍ମରୁ ଜଗତ୍ ଉତ୍ପତ୍ତି ହୁଏ ବୋଲି ଯେଉଁ କଥା ମାନୁଛନ୍ତି, ସେ ସ୍ଥଳରେ ସିଦ୍ଧାନ୍ତ ହେଲା ଯେ ବ୍ରହ୍ମ ସତ୍ୟ

ହୋଇଥିବାରୁ, ତାଙ୍କର କାର୍ଯ୍ୟ କେବେ ବି ଅସତ୍ୟ ହୋଇପାରିବ ନାହିଁ । ଯଦି ଜଗତକୁ ସ୍ୱପ୍ନବତ୍ ବା ରଜ୍ଜୁରେ ସର୍ପାଦିବତ୍ କଳ୍ପିତ ବୋଲି କହନ୍ତି, ତେବେ ଏ କଥା ବି ଠିକ୍ ହୋଇପାରିବ ନାହିଁ । କାରଣ କଳ୍ପନା ଏକ ଗୁଣ । ଗୁଣରୁ ଦ୍ରବ୍ୟ ଓ ଦ୍ରବ୍ୟରୁ ଗୁଣ କେବେ ବି ପୃଥକ୍ ହୋଇ ରହିନପାରେ । ଯଦି କଳ୍ପନା କରିବା ସତ୍ତା ନିତ୍ୟ ତେବେ ତା'ର କଳ୍ପନା ବି ନିତ୍ୟ ହେବା ଆବଶ୍ୟକ । ନଚେତ୍ ସେ କଳ୍ପନାକାରୀକୁ ବି ଅନିତ୍ୟ ବୋଲି ମାନିବାକୁ ହେବ । ଯେପରିକି ଜାଗ୍ରତ ଅବସ୍ଥାରେ ଯାହା ଦେଖା-ଶୁଣା ଯାଇନଥାଏ ତାହାକୁ କେବେ ବି ସ୍ୱପ୍ନରେ ଦେଖାଯାଏନାହିଁ । ଜାଗ୍ରତ ଅବସ୍ଥାରେ ଅର୍ଥାତ୍ ବର୍ତ୍ତମାନ ସମୟରେ ଯେଉଁ ସବୁ ସତ୍ୟ ପଦାର୍ଥ ଅଛି, ସେସବୁ ସହ ସାକ୍ଷାତ ସମ୍ବନ୍ଧ ଦ୍ୱାରା ପ୍ରତ୍ୟକ୍ଷାଦି ଜ୍ଞାନ ହେବା ଦ୍ୱାରା 'ସଂସ୍କାର' ଅର୍ଥାତ୍ ସେସବୁର ବାସନା ରୂପକ ଜ୍ଞାନ ଆତ୍ମାରେ ସ୍ଥିତ ହୋଇଥାଏ । ସ୍ୱପ୍ନରେ ସେସବୁ ସଂସ୍କାରର ପ୍ରତ୍ୟକ୍ଷ ହୋଇଥାଏ । ଯେପରିକି ସୁଷୁପ୍ତି ଅବସ୍ଥାରେ ବାହ୍ୟ ପଦାର୍ଥ ସମ୍ବନ୍ଧୀୟ ଜ୍ଞାନର ଅଭାବ ସତ୍ତ୍ୱେ ବାହ୍ୟ ପଦାର୍ଥ ବିଦ୍ୟମାନ ରହିଥାଏ, ସେହିପରି ପ୍ରଳୟ ଅବସ୍ଥାରେ ମଧ୍ୟ ଜଗତର କାରଣ ଦ୍ରବ୍ୟ ପ୍ରକୃତି ବିଦ୍ୟମାନ ରହିଥାଏ । ଯଦି ବିନା ସଂସ୍କାରରେ ଅର୍ଥାତ୍ ଜାଗ୍ରତ ଅବସ୍ଥାରେ ସାକ୍ଷାତ୍ ଅନୁଭବ ହୋଇନଥିବା ଦ୍ରବ୍ୟର ସ୍ୱପ୍ନ ହେଉଥାନ୍ତା, ତେବେ ଜନ୍ମାନ୍ଧ ବ୍ୟକ୍ତିକୁ ମଧ୍ୟ ବିବିଧ ରୂପର ସ୍ୱପ୍ନ ଦେଖାଯିବା କଥା । କିନ୍ତୁ ଏହା ତ ହୁଏ ନାହିଁ । ଅତଏବ ସ୍ୱପ୍ନରେ ସେସବୁର ଜ୍ଞାନମାତ୍ର ଥାଏ ଏବଂ ବାହାରେ ସବୁ ପଦାର୍ଥ ବିଦ୍ୟମାନ ଥାଏ ।

ପ୍ରଶ୍ନ — ଯେପରି ଜାଗ୍ରତ ଅବସ୍ଥାର ପଦାର୍ଥ ସ୍ୱପ୍ନ ଅବସ୍ଥାରେ ଅନିତ୍ୟ ହୋଇଯାଏ ଏବଂ ଜାଗ୍ରତ ଓ ସ୍ୱପ୍ନ ଏ ଦୁଇ ଅବସ୍ଥାର ଦ୍ରବ୍ୟ ସୁଷୁପ୍ତି ଅବସ୍ଥାରେ ଅନିତ୍ୟ ହୋଇଯାଏ, ସେହିପରି ଜାଗ୍ରତ ଅବସ୍ଥାର ପଦାର୍ଥ ସବୁକୁ ମଧ୍ୟ ସ୍ୱପ୍ନ ଭଳି ମାନିବା ଉଚିତ ।

ଉତ୍ତର — ନା, ଏପରି କଦାପି ମାନି ନିଆଯାଇପାରିବ ନାହିଁ । କାରଣ ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାରେ ବାହ୍ୟ ପଦାର୍ଥଗୁଡ଼ିକ ସମ୍ବନ୍ଧରେ କେବଳ ଅଜ୍ଞତା ରହିଥାଏ, ପଦାର୍ଥ ସବୁର ଅଭାବ ହୋଇନଥାଏ । ଯେପରିକି ଆମ ପଛ ଭାଗରେ ବହୁତ ପଦାର୍ଥ ରହିଥାଏ, କିନ୍ତୁ ଆମକୁ ଦେଖାଯାଉନଥାଏ । ସେସବୁ ଅଦୃଷ୍ଟ ହୋଇ ରହିଥାଏ, ସେସବୁର ଅଭାବ ବା ଅବିଦ୍ୟମାନତା ହୋଇଯାଇନଥାଏ । ସ୍ୱପ୍ନ ଓ ସୁଷୁପ୍ତିରେ ସ୍ଥିତି ମଧ୍ୟ ସେହିପରି ଅଟେ । ସେ ସମୟରେ ବି ପଦାର୍ଥ ସବୁ ଯଥାଯଥ ଭାବେ ରହିଥାଏ । ଅତଃ ପୂର୍ବରୁ ଯାହା କୁହାଯାଇଛି କି 'ବ୍ରହ୍ମ, ଜୀବ ଓ ଜଗତର କାରଣ 'ପ୍ରକୃତି' ଏ ତିନୋଟି ନିତ୍ୟ ଅଟନ୍ତି' - ଏହା ହିଁ ସତ୍ୟ ॥ ୫ ॥

ଷଷ୍ଠ ନାସ୍ତିକ — ପଞ୍ଚଭୂତ (ପୃଥିବୀ, ଆପ, ତେଜ, ବାୟୁ ଓ ଆକାଶ) ନିତ୍ୟ ହୋଇଥିବାରୁ ସକଳ ଜଗତ ନିତ୍ୟ ।

ଉତ୍ତର — ଏ କଥା ସତ୍ୟ ନୁହେଁ । କାରଣ ଯେଉଁ ପଦାର୍ଥଗୁଡ଼ିକର ଉତ୍ପତ୍ତି ଓ ବିନାଶର କାରଣ ଦେଖିବାକୁ ମିଳେ, ସେସବୁ ଯଦି ନିତ୍ୟ ଅଟନ୍ତି, ତେବେ ସମସ୍ତ ସ୍ଥୂଳ ଜଗତ ତଥା ଶରୀର, ଘଟ-ପଟ ଆଦି ପଦାର୍ଥ ନିତ୍ୟ ହେବା କଥା । କିନ୍ତୁ ଏସବୁ ତ ଉତ୍ପନ୍ନ ଓ ବିନଷ୍ଟ ହେଉଥିବା ଦେଖାଯାଉଛି । ଏଣୁ ପଞ୍ଚଭୂତର କାର୍ଯ୍ୟ-ପଦାର୍ଥକୁ ନିତ୍ୟ ବୋଲି ସ୍ୱୀକାର କରାଯାଇପାରିବ ନାହିଁ ।

ସପ୍ତମ ନାସ୍ତିକ — ସମସ୍ତ ପଦାର୍ଥ ଅଲଗା-ଅଲଗା ଅଟନ୍ତି ଅର୍ଥାତ୍ ଅନେକ ପରମାଣୁର ସମୂହ ଅଟନ୍ତି, କୌଣସି ବି ପଦାର୍ଥ ଏକ ଦ୍ରବ୍ୟ ରୂପ ନୁହନ୍ତି । ଆମେ ଯେଉଁ-ଯେଉଁ ପଦାର୍ଥକୁ ଦେଖୁ ସେହି ସମୂହକୁ ଛାଡ଼ି ତା'ମଧ୍ୟରେ ଅବୟବୀ ରୂପକ ଅନ୍ୟ କୌଣସି ପଦାର୍ଥ ଦେଖାଯାଏ ନାହିଁ ।

ଉତ୍ତର — ଅବୟବଗୁଡ଼ିକ ମଧ୍ୟରେ ଅବୟବୀ, ବର୍ତ୍ତମାନକାଳ, ଆକାଶ, ପରମାତ୍ମା ଓ ଜାତି ଏ ସବୁ ପୃଥକ୍-ପୃଥକ୍ ପଦାର୍ଥସମୂହ ମଧ୍ୟରେ ଏକ-ଏକ ହୋଇ ଅଛନ୍ତି । ଏମାନଙ୍କଠାରୁ ଅଲଗା ହୋଇ କୌଣସି ପଦାର୍ଥ ରହିପାରେ ନାହିଁ । ଏଣୁ ସବୁ ପୃଥକ୍ ପଦାର୍ଥ ନୁହନ୍ତି, କେବଳ ସ୍ୱରୂପତଃ ପୃଥକ୍-ପୃଥକ୍ ଅଟନ୍ତି ଏବଂ ପୃଥକ୍-ପୃଥକ୍ ପଦାର୍ଥ ମଧ୍ୟରେ ଏକ ଅବୟବୀ ପଦାର୍ଥ ବି ବିଦ୍ୟମାନ ରହିଛି ॥ ୭ ॥

ଅଷ୍ଟମ ନାସ୍ତିକ — ସବୁ ପଦାର୍ଥରେ ପାରସ୍ପରିକ ଅଭାବ ବା ଗୋଟିକରେ ଅନ୍ୟଟିର ସ୍ୱରୂପର ଅଭାବ ଥିବାରୁ ସବୁ ପଦାର୍ଥ ଅଭାବରୂପକ ଅଟନ୍ତି । ଯଥା — **'ଅନଶ୍ୱୋ ଗୌଃ । ଅଗୌରଶ୍ୱଃ'** — ଗାଈ ଘୋଡ଼ା ନୁହେଁ ଓ ଘୋଡ଼ା ଗାଈ ନୁହେଁ । ଏଣୁ ସବୁ ପଦାର୍ଥ ଅଭାବରୂପକ ଅବିଦ୍ୟମାନ ବୋଲି ମାନିବା ଉଚିତ ।

ଉତ୍ତର — ସବୁ ପଦାର୍ଥରେ ଇତରେତର-ଅଭାବ ବା ପାରସ୍ପରିକ ସ୍ୱରୂପର ଅଭାବ ଅଛି; ଯଥା - ଗାଈରେ ଘୋଡ଼ାର ସ୍ୱରୂପ ଅବିଦ୍ୟମାନ ଓ ଘୋଡ଼ାରେ ଗାଈର ସ୍ୱରୂପ ଅନୁପସ୍ଥିତ ଅଛି । କିନ୍ତୁ କୌଣସି ପଦାର୍ଥରେ ସେହି ପଦାର୍ଥର ଅଭାବ ନାହିଁ । ଯଥା — **'ଗବି ଗୌରଶ୍ୱେଽଶ୍ୱୋ ଭାବରୂପୋ ବର୍ତ୍ତତ ଏବ'** — ଗାଈରେ ଗାଈର ଭାବ ଓ ଘୋଡ଼ାରେ ଘୋଡ଼ାର ସ୍ୱରୂପ ବିଦ୍ୟମାନ ଥାଏ । ଗାଈରେ ଗାଈର ସ୍ୱରୂପ ଓ ଘୋଡ଼ାରେ ଘୋଡ଼ାର ସ୍ୱରୂପର କେବେ ବି ଅଭାବ ହୋଇପାରେ ନାହିଁ । ଯଦି କୌଣସି ବି ପଦାର୍ଥର ଭାବ ବା ଅସ୍ତିତ୍ୱ ନ ଥାନ୍ତା, ତେବେ 'ଇତରେତରାଭାବ' ମଧ୍ୟ କେଉଁ ପଦାର୍ଥ ବିଷୟରେ କୁହାଯାଇପାରିବ ? ॥ ୮ ॥

ନବମ ନାସ୍ତିକ — ସ୍ୱଭାବରୁ ସକଳ ଜଗତର ଉତ୍ପତ୍ତି ହୋଇଥାଏ । ଯେପରିକି ଜଳ ଓ ଅନ୍ନ ଏକାଠି ମିଶି ସଢ଼ିଗଲେ ତହିଁରୁ କୃମି ଉତ୍ପନ୍ନ ହୋଇଥାନ୍ତି; ବୀଜ, ମାଟି ଓ ପାଣି ମିଶିଲେ ଘାସ, ବୃକ୍ଷ ଆଦି ଉତ୍ପନ୍ନ ହୋଇଥାନ୍ତି ତଥା ଯେପରି ପଥର ପ୍ରଭୃତି ଜାତ ହୋଇଥାନ୍ତି । ଯେଉଁପରି ସମୁଦ୍ର ଓ ବାୟୁର ସଂଯୋଗରେ ତରଙ୍ଗ; ଏବଂ ତରଙ୍ଗରୁ ସମୁଦ୍ର ଫେଣ; ତଥା ହଳଦୀ, ଚୂନ ଓ ଲେମ୍ବୁରସ ମିଶିଲେ କୁଙ୍କୁମ ତିଆରି ହୁଏ, ସେହିପରି ତତ୍ତ୍ୱଗୁଡ଼ିକର ସ୍ୱାଭାବିକ ଗୁଣରୁ ସକଳ ଜଗତ ଉତ୍ପନ୍ନ ହୋଇଛି । ଏ ଜଗତକୁ କେହି ନିର୍ମାଣ କରିନାହାନ୍ତି ।

ଉତ୍ତର — ଯଦି ସ୍ୱଭାବରୁ ଜଗତର ଉତ୍ପତ୍ତି ହୁଏ, ତେବେ ଏହାର ବିନାଶ କେବେ ବି ହେବ ନାହିଁ । ଆଉ ଯଦି ଜଗତର ବିନାଶକୁ ସ୍ୱଭାବବଶତଃ ବୋଲି ମାନି ନିଆଯାଏ, ତେବେ ଜଗତର ଉତ୍ପତ୍ତି କଦାପି ହୋଇପାରିବ ନାହିଁ । ପୁଣି ଯଦି ଜଗତର ନିର୍ମାଣ ସାମଗ୍ରୀରେ ଉତ୍ପତ୍ତି ଓ ବିନାଶ ଏ ଉଭୟ ସ୍ୱଭାବ ଏକାସଙ୍ଗେ ବିଦ୍ୟମାନ ଥିବା ମାନିନିଆଯିବ ତେବେ ଜଗତର ଉତ୍ପତ୍ତି ଓ ବିନାଶ କେବେ ବି ହୋଇପାରିବ ନାହିଁ । ଆଉ **ଯଦି ନିମିତ୍ତର ଉପସ୍ଥିତି ହେଲେ ଜଗତର ଉତ୍ପତ୍ତି ଓ ବିନାଶ ହେବା କଥା ଗ୍ରହଣ କରାଯାଏ ତେବେ 'ନିମିତ୍ତ'କୁ ଉତ୍ପନ୍ନ ଓ ବିନାଶ ହେଉଥିବା ଦ୍ରବ୍ୟଠାରୁ ଅଲଗା ସତ୍ତା ବୋଲି ମାନିବାକୁ ହେବ ।** ଯଦି ସ୍ୱଭାବ କାରଣରୁ ଉତ୍ପତ୍ତି ଓ ବିନାଶ ହେଉଥାନ୍ତା ତେବେ ଏକା ସମୟରେ ଉତ୍ପତ୍ତି ଓ ବିନାଶ ହେବା ସମ୍ଭବ ନୁହେଁ । ଯଦି ସ୍ୱଭାବରୁ ଜଗତର ଉତ୍ପତ୍ତି ହୋଇଥାଏ, ତେବେ ଏହି ପୃଥିବୀ ନିକଟରେ ଅନ୍ୟ ଏକ ପୃଥିବୀ, ଚନ୍ଦ୍ର-ସୂର୍ଯ୍ୟ ଆଦି କାହିଁକି ଉତ୍ପନ୍ନ ହେଉନାହାନ୍ତି ?

ପୁନଶ୍ଚ ସଂସାରରେ ଯାହା-ଯାହାର ସଂଯୋଗରେ ଯାହା-ଯାହା ଉତ୍ପନ୍ନ ହୋଇଥାଏ, ସେସବୁ ଉତ୍ପନ୍ନ ପଦାର୍ଥ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ । ଯଥା - ବୀଜ, ମାଟି ଓ ଜଳାଦିର ସଂଯୋଗରେ ଘାସ-ବୃକ୍ଷ ଆଦି, ଅନ୍ନ-ଜଳାଦିର ସଂଯୋଗରେ କୃମି ଇତ୍ୟାଦି । ଈଶ୍ୱର ସଂଯୋଗ ନ କଲେ ଏ ସବୁ ହୋଇପାରେ ନାହିଁ । ଯେଉଁପରି ହଳଦୀ, ଚୂନ

ଓ ଲେମ୍ବୁରସ ଦୂର-ଦୂରରେ ଥିଲେ ସେ ସ୍ଥାନରୁ ନିଜେ-ନିଜେ ଆସି ମିଶିଯାଆନ୍ତି ନାହିଁ । ସେସବୁକୁ କେହି ଜଣେ ମିଶାଇଲେ ସେସବୁ ମିଶିପାରନ୍ତି । ତା' ଛଡ଼ା ସେସବୁକୁ ବି ଯଥାଯୋଗ୍ୟ ପରିମାଣରେ ମିଶାଇଲେ ଯାଇ କୁଙ୍କୁମ ତିଆରି ହୁଏ, ଊଣା-ଅଧିକ ମିଶାଇଲେ ବା ଠିକ୍‌ଭାବେ ନ ମିଶାଇଲେ କୁଙ୍କୁମ ତିଆରି ହୁଏ ନାହିଁ । ସେହିପରି ପ୍ରକୃତିର ପରମାଣୁଗୁଡ଼ିକୁ ଜ୍ଞାନପୂର୍ବକ ଓ ଯଥାଯଥ ଭାବେ ପରମେଶ୍ୱର ନ ମିଶାଇଲେ ଜଡ଼ ପଦାର୍ଥ ନିଜେ-ନିଜେ କୌଣସି କାର୍ଯ୍ୟସିଦ୍ଧି ପାଇଁ ବିଶେଷ ପଦାର୍ଥ ରୂପେ ତିଆରି ହୋଇପାରେ ନାହିଁ । ଅତଏବ ସ୍ୱଭାବ ଆଦି ଦ୍ୱାରା ସୃଷ୍ଟି ନିର୍ମାଣ ହୁଏ ନାହିଁ, ବରଂ ଈଶ୍ୱରଙ୍କ ରଚନା ଦ୍ୱାରା ହୁଏ ॥ ୯ ॥

ପ୍ରଶ୍ନ — ଏହି ଜଗତର କର୍ତ୍ତା କେହି କେବେ ନ ଥିଲେ, ଏବେ କେହି ନାହାନ୍ତି କି ଭବିଷ୍ୟତରେ ବି କେହି ହେବେ ନାହିଁ । ଏହି ଜଗତ ଅନାଦି କାଳରୁ ତିଆରି ହୋଇ ଏହିପରି ଭାବରେ ରହିଆସିଛି । ଏହା କେବେ ଉତ୍ପନ୍ନ ହୋଇ ନାହିଁ କି ବିନାଶ ମଧ୍ୟ ହେବ ନାହିଁ ।

ଉତ୍ତର — ବିନା କର୍ତ୍ତାରେ କୌଣସି କ୍ରିୟା ହୋଇପାରେ ନାହିଁ କି କ୍ରିୟାଜନିତ ପଦାର୍ଥ ତିଆରି ହୋଇପାରେ ନାହିଁ । ପୃଥିବୀ ପ୍ରଭୃତି ଯେଉଁ ସମସ୍ତ ପଦାର୍ଥରେ ଅଣୁପରମାଣୁର ସଂଯୋଗ-ବିଶେଷ ରୂପକ ରଚନା ଦେଖାଯାଉଛି, ସେସବୁ କଦାପି ଅନାଦି ହୋଇନପାରନ୍ତି । ପୁଣି ଯେଉଁସବୁ ପଦାର୍ଥ ଅଣୁ-ପରମାଣୁର ସଂଯୋଗରୁ ଉତ୍ପନ୍ନ, ସେସବୁ ବସ୍ତୁ ଅଣୁ-ପରମାଣୁର ସଂଯୋଗ ପୂର୍ବରୁ ନଥାନ୍ତି ଏବଂ ବିଯୋଗ ପରେ ମଧ୍ୟ ରହିବେ ନାହିଁ । ଯଦି ତୁମେ ଏକଥା ସ୍ୱୀକାର କରୁନାହଁ ତେବେ କଠିନରୁ କଠିନ ପଥର, ହୀରା ଓ ଲୁହା ଆଦିକୁ ଭାଙ୍ଗି, ଖଣ୍ଡ-ଖଣ୍ଡ କରି, ତରଳାଇ ବା ଭସ୍ମ କରି ଦେଖ ଯେ ସେସବୁରେ ଅଲଗା-ଅଲଗା ପରମାଣୁ ମିଶି ରହିଛନ୍ତି ନା ନାହିଁ । ଯଦି ମିଶି ରହିଛନ୍ତି ତେବେ ସେମାନେ ସମୟ ଅନୁସାରେ ଅଲଗା-ଅଲଗା ବି ଅବଶ୍ୟ ହୁଅନ୍ତି ।

ପ୍ରଶ୍ନ — ଅନାଦି ଈଶ୍ୱର ବୋଲି କେହି ନାହାନ୍ତି । ବରଂ ଯେଉଁ ଜୀବ ଯୋଗାଭ୍ୟାସ ଦ୍ୱାରା ଅଣିମାଦି ଐଶ୍ୱର୍ଯ୍ୟ ପ୍ରାପ୍ତ କରି ସର୍ବଜ୍ଞତା ଆଦି ଗୁଣଯୁକ୍ତ **'କେବଳ-ଜ୍ଞାନୀ'** ହୋଇଯାଏ, ସେହି ଜୀବ ହିଁ **'ଈଶ୍ୱର', 'ପରମେଶ୍ୱର'** ବୋଲି କଥିତ ହୋଇଥାଏ ।

ଉତ୍ତର — ଯଦି ଅନାଦି ଈଶ୍ୱର ଜଗତର ସ୍ରଷ୍ଟା ହୋଇନଥାନ୍ତେ, ତେବେ ସାଧନଗୁଡ଼ିକର ସହାୟତାରେ ସିଦ୍ଧିଲାଭ କରୁଥିବା ଜୀବର ସାଧନର ଆଧାରଭୂତ ଉପାଦାନ ଜଗତ, ଶରୀର ଓ ଇନ୍ଦ୍ରିୟ-ଗୋଲକ କିପରି ତିଆରି ହୋଇଥାନ୍ତେ ? ଏସବୁ ସାଧନ ବିନା ଜୀବ ସାଧନା ହିଁ କରିପାରି ନଥାନ୍ତା । ଯଦି ସାଧନ ନ ଥାନ୍ତେ, ତେବେ ସେ ସିଦ୍ଧ କିପରି ହୋଇଥାନ୍ତା ? ଜୀବ ଯେମିତି ସାଧନା କରି ଯେଭଳି ସିଦ୍ଧ ହେଉ ନା କାହିଁକି, ତେବେ ବି ଈଶ୍ୱର, ଯିଏକି ସ୍ୱୟଂ ସନାତନ, ଅନାଦି ସିଦ୍ଧ ଅଟନ୍ତି, ଯାହାଙ୍କଠାରେ ଅନନ୍ତ ସିଦ୍ଧି ରହିଛି, ତାଙ୍କ ସମକକ୍ଷ କୌଣସି ଜୀବ କେବେ ବି ହୋଇପାରିବ ନାହିଁ । କାରଣ ଜୀବର ଜ୍ଞାନ ଅନ୍ତିମ ସୀମା ପର୍ଯ୍ୟନ୍ତ ବୃଦ୍ଧି ପାଇଲେ ବି ସେ ପରିମିତ ଜ୍ଞାନବାନ୍ ଓ ପରିମିତ ସାମର୍ଥ୍ୟବାନ୍ ହିଁ ହୋଇଥାଏ; ଜୀବ କେବେ ହେଁ ଅନନ୍ତ ଜ୍ଞାନବାନ୍ ଓ ଅନନ୍ତ ସାମର୍ଥ୍ୟବାନ୍ ହୋଇନପାରେ । ଦେଖ ! ଆଜି ପର୍ଯ୍ୟନ୍ତ କୌଣସି ଯୋଗୀ ଈଶ୍ୱରକୃତ ସୃଷ୍ଟିକ୍ରମକୁ ପରିବର୍ତ୍ତନ କରିପାରି ନାହାନ୍ତି କି ଭବିଷ୍ୟତରେ ମଧ୍ୟ କରପାରିବେ ନାହିଁ । ଯଥା – ଅନାଦି ସିଦ୍ଧ ପରମେଶ୍ୱର ଆଖିରେ ଦେଖିବା ଓ କାନରେ ଶୁଣିବାର ବ୍ୟବସ୍ଥା କରିଛନ୍ତି । ଏ ବ୍ୟବସ୍ଥାକୁ କୌଣସି ବି ଯୋଗୀ ପରିବର୍ତ୍ତନ କରିପାରି ନାହାନ୍ତି । ଅତଃ କୌଣସି ବି ଜୀବ କେବେ ମଧ୍ୟ 'ଈଶ୍ୱର' ହୋଇପାରିବ ନାହିଁ ।

ପ୍ରଶ୍ନ — ଭିନ୍ନ-ଭିନ୍ନ କଳ୍ପରେ ଈଶ୍ୱର ସୃଷ୍ଟିର ରୂପକୁ ଭିନ୍ନ-ଭିନ୍ନ ପ୍ରକାର କରି ନିର୍ମାଣ କରନ୍ତି ନା ସବୁ କଳ୍ପରେ ସୃଷ୍ଟିର ରୂପକୁ ଏକାଭଳି ରଖିଥାନ୍ତି ?

ଉତ୍ତର — ଏହି କଳ୍ପରେ ସୃଷ୍ଟି ଯେଉଁଭଳି ଭାବେ ଅଛି, ପୂର୍ବ କଳ୍ପରେ ବି ସେଭଳି ହିଁ ଥିଲା ଓ ପର କଳ୍ପରେ ବି ଏମିତି ହିଁ ରହିବ । ଈଶ୍ୱର ଏହାର ସ୍ୱରୂପରେ କିଛି ପ୍ରଭେଦ କରନ୍ତି ନାହିଁ —

ସୂର୍ଯ୍ୟାଚନ୍ଦ୍ରମସୌ ଧାତା ଯଥାପୂର୍ବମକଳ୍ପୟତ୍ ।
ଦିବଂ ଚ ପୃଥିବୀଂ ଚାନ୍ତରିକ୍ଷମଥୋ ସ୍ୱଃ ॥ (ଋକ୍. ୧୦:୧୯୦:୩)

(ଧାତା) ପରମେଶ୍ୱର ପୂର୍ବ କଳ୍ପମାନଙ୍କରେ ଯେପରି ସୂର୍ଯ୍ୟ, ଚନ୍ଦ୍ର, ବିଦ୍ୟୁତ୍, ପୃଥିବୀ, ଅନ୍ତରିକ୍ଷ ଆଦି ନିର୍ମାଣ କରିଥିଲେ, ସେହିପରି ବର୍ତ୍ତମାନ ସୃଷ୍ଟିରେ ମଧ୍ୟ କରିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ସେହିପରି ସୃଷ୍ଟି କରିବେ ।

ଅତଏବ ପରମେଶ୍ୱରଙ୍କ କାର୍ଯ୍ୟ ଭ୍ରମ-ପ୍ରମାଦ ରହିତ ହୋଇଥିବାରୁ ତାହା ସର୍ବଦା ଏକାଭଳି ହିଁ ହୋଇଥାଏ । ଯିଏ ଅଳ୍ପଜ୍ଞ ଓ ଯାହାର ଜ୍ଞାନ ବୃଦ୍ଧି-ହ୍ରାସ ହେଉଥାଏ, ତାହାର କାର୍ଯ୍ୟରେ ଭୁଲ୍-ତ୍ରୁଟି ଦେଖାଦେଇଥାଏ, ଈଶ୍ୱରଙ୍କ କାମରେ ନୁହେଁ ।

ପ୍ରଶ୍ନ — ସୃଷ୍ଟି ଉତ୍ପତ୍ତି ବିଷୟରେ ବେଦାଦି ଶାସ୍ତ୍ର ମଧ୍ୟରେ ଏକମତ ଅଛି ନା ମତଭେଦ ?

ଉତ୍ତର — ଏକମତ ଅଛି, କୌଣସି ବିରୋଧ ନାହିଁ ।

ପ୍ରଶ୍ନ — ଯଦି ଏକମତ ଅଛି, ତେବେ —

ତସ୍ମାଦ୍ୱା ଏତସ୍ମାଦାତ୍ମନ ଆକାଶଃ ସମ୍ଭୂତଃ । ଆକାଶାଦ୍‌ବାୟୁଃ । ବାୟୋରଗ୍ନିଃ । ଅଗ୍ନେରାପଃ । ଅଦ୍‌ଭ୍ୟଃ ପୃଥିବୀ । ପୃଥିବ୍ୟା ଓଷଧୟଃ । ଓଷଧିଭ୍ୟୋଽନ୍ନମ୍ । ଅନ୍ନାଦ୍ରେତଃ । ରେତସଃ ପୁରୁଷଃ । ସ ବା ଏଷ ପୁରୁଷୋଽନ୍ନରସମୟଃ ॥ (ତୈତ୍ତିରୀୟ. ୨:୧)

ସେହି ପରମେଶ୍ୱର ଓ ପ୍ରକୃତିରୁ ଆକାଶ ବା ଅବକାଶ ଉତ୍ପନ୍ନ ହେଲା । ଅର୍ଥାତ୍ ଯେଉଁ କାରଣରୂପକ ଦ୍ରବ୍ୟ ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଥିଲା, ତାହାକୁ ଏକତ୍ରିତ କରିବାରୁ ଆକାଶ ବା ଅବକାଶ ଉତ୍ପନ୍ନ ଭଳି ହୁଏ । ବାସ୍ତବରେ ଆକାଶର ଉତ୍ପତ୍ତି ନାହିଁ । ଏହା ସଦା ବିଦ୍ୟମାନ । କାରଣ, ଆକାଶ ବା ଅବକାଶ ନ ଥିଲେ ପ୍ରକୃତି ଓ ପରମାଣୁ କେଉଁଠି ରହିବେ ? ଆକାଶ ପରେ ବାୟୁ, ବାୟୁ ପରେ ଅଗ୍ନି, ଅଗ୍ନି ପରେ ଜଳ, ଜଳ ପରେ ପୃଥିବୀ, ପୃଥିବୀରୁ ଓଷଧି, ଓଷଧିରୁ ଅନ୍ନ, ଅନ୍ନରୁ ବୀର୍ଯ୍ୟ, ବୀର୍ଯ୍ୟରୁ ପୁରୁଷ ଅର୍ଥାତ୍ ଶରୀର ଉତ୍ପନ୍ନ ହୁଏ ।

ଏଠାରେ ଆକାଶାଦି କ୍ରମରେ, ଛାନ୍ଦୋଗ୍ୟ ଉପନିଷଦରେ ଅଗ୍ନି ଆଦି କ୍ରମରେ, ଐତରେୟ ଉପନିଷଦରେ ଜଳାଦି କ୍ରମରେ ସୃଷ୍ଟି ଉତ୍ପନ୍ନ ହୋଇଛି ବୋଲି କୁହାଯାଇଛି । ବେଦରେ କେଉଁଠି ପୁରୁଷ, କେଉଁଠି ହିରଣ୍ୟଗର୍ଭ ଆଦି ଠାରୁ; ମୀମାଂସାରେ କର୍ମରୁ, ବୈଶେଷିକରେ କାଳରୁ, ନ୍ୟାୟରେ ପରମାଣୁରୁ, ଯୋଗରେ ପୁରୁଷାର୍ଥରୁ, ସାଂଖ୍ୟରେ ପ୍ରକୃତିରୁ ଓ ବେଦାନ୍ତରେ ବ୍ରହ୍ମରୁ ସୃଷ୍ଟି ଉତ୍ପତ୍ତି ବୋଲି କୁହାଯାଇଛି । ଏପରି ସ୍ଥଳେ କାହା କଥା ସତ ଓ କାହା କଥା ମିଛ ବୋଲି ମାନିନିଆଯିବ ?

ଉତ୍ତର — ଏମାନଙ୍କ ମଧ୍ୟରୁ ସମସ୍ତଙ୍କ କଥା ସତ, କାହା କଥା ମିଛ ନୁହେଁ । ମିଛ ସିଏ କହୁଛି ଯିଏ ଏମାନଙ୍କ କଥାକୁ ଓଲଟା ବୁଝିଛି । କାରଣ ଈଶ୍ୱର ହେଉଛନ୍ତି ଜଗତର ନିମିତ୍ତ କାରଣ ଏବଂ ପ୍ରକୃତି ଉପାଦାନ

କାରଣ । ଯେତେବେଳେ ମହାପ୍ରଳୟ ହୁଏ, ତା' ପରେ ଆକାଶାଦି କ୍ରମରେ ସୃଷ୍ଟି ଉତ୍ପନ୍ନ ହୁଏ । କିନ୍ତୁ ଯେତେବେଳେ ଆକାଶ ଓ ବାୟୁର ପ୍ରଳୟ ହୁଏ ନାହିଁ ଅଥଚ ଅଗ୍ନି ଆଦି ପର୍ଯ୍ୟନ୍ତ ପ୍ରଳୟ ହୁଏ, ତା'ପରେ ଅଗ୍ନି ଆଦି କ୍ରମରେ ସୃଷ୍ଟି ନିର୍ମାଣ ହୁଏ । ଆଉ ଯେତେବେଳେ ବିଦ୍ୟୁତ୍(ଅଗ୍ନି)ର ବି ପ୍ରଳୟ ହୁଏ ନାହିଁ, ସେତେବେଳେ ପୁନଶ୍ଚ ଜଳାଦି କ୍ରମରେ ସୃଷ୍ଟି ଉତ୍ପନ୍ନ ହୁଏ । ଅର୍ଥାତ୍ ଯେଉଁ-ଯେଉଁ ପ୍ରଳୟରେ ଯେଉଁ-ଯେଉଁ ପଦାର୍ଥ ପର୍ଯ୍ୟନ୍ତ ପ୍ରଳୟ ହୁଏ, ତା'ପରେ ଫେରେ ସେହି-ସେହି ତତ୍ତ୍ୱ କ୍ରମରେ ସୃଷ୍ଟି ଉତ୍ପନ୍ନ ହୁଏ । ପୂର୍ବରୁ ପ୍ରଥମ ସମୁଲ୍ଲାସରେ ଉଲ୍ଲେଖ କରାଯାଇଛି ଯେ 'ପୁରୁଷ' ଓ 'ହିରଣ୍ୟଗର୍ଭ' ପ୍ରଭୃତି ପରମେଶ୍ୱରଙ୍କ ନାମ ।

ଶାସ୍ତ୍ରଗୁଡ଼ିକ ମଧ୍ୟରେ ଅବିରୋଧ ଥିବା କଥା ପୂର୍ବରୁ ବି ଲେଖାଯାଇଛି । ତା'ଛଡ଼ା ଏକ କାର୍ଯ୍ୟଦ୍ରବ୍ୟ ସମ୍ବନ୍ଧରେ ଏକ ହିଁ ବିଷୟରେ ବିରୁଦ୍ଧ ମତ ପୋଷଣ କଲେ ତାକୁ ବିରୋଧ କହନ୍ତି । ଭିନ୍ନ-ଭିନ୍ନ ବିଷୟରେ ମତ ପୋଷଣ କଲେ ତାକୁ ବିରୋଧ କୁହାଯାଏ ନାହିଁ । ଦେଖନ୍ତୁ, ଛଅ ଶାସ୍ତ୍ରରେ ନିମ୍ନ ପ୍ରକାରେ ଅବିରୋଧ ଅଛି —

ମୀମାଂସାରେ — 'କାର୍ଯ୍ୟ ଦ୍ରବ୍ୟର ନିର୍ମାଣରେ କର୍ମଚେଷ୍ଟା କରାନଗଲେ ଜଗତରେ କୌଣସି ଦ୍ରବ୍ୟ ତିଆରି ହୋଇପାରେ ନାହିଁ ।' **ବୈଶେଷିକରେ —** 'ସମୟ ନ ଲାଗିଲେ କୌଣସି କାର୍ଯ୍ୟ ଦ୍ରବ୍ୟ ତିଆରି ହୋଇପାରେ ନାହିଁ ।' **ନ୍ୟାୟମତରେ —** 'ଉପାଦାନ କାରଣ ନ ଥିଲେ କିଛି ବି ସୃଷ୍ଟି ହୋଇପାରେ ନାହିଁ ।' **ଯୋଗରେ —** 'ବିଦ୍ୟା, ଜ୍ଞାନ ଓ ବିଚାର ବ୍ୟତୀତ କୌଣସି ପଦାର୍ଥ ତିଆରି ହୋଇପାରେ ନାହିଁ ।' **ସାଂଖ୍ୟ ମତରେ —** 'ତତ୍ତ୍ୱଗୁଡ଼ିକର ମିଳନ ନ ହେଲେ କୌଣସି ଦ୍ରବ୍ୟ ଉତ୍ପନ୍ନ ହୋଇପାରେ ନାହିଁ ।' **ବେଦାନ୍ତ ମତରେ —** 'ନିର୍ମାଣକର୍ତ୍ତା ତିଆରି ନ କଲେ କୌଣସି ପଦାର୍ଥ ହୋଇପାରେ ନାହିଁ ।' ଅତଃ ସୃଷ୍ଟି ଏହି ଛଅ ଗୋଟି କାରଣରୁ ତିଆରି ହୁଏ । ସେହି ଛଅ ଗୋଟି କାରଣ ମଧ୍ୟରୁ ଗୋଟିଏ-ଗୋଟିଏ କାରଣର ବ୍ୟାଖ୍ୟା ଗୋଟିଏ-ଗୋଟିଏ ଶାସ୍ତ୍ରରେ କରାଯାଇଛି । ଏଣୁ ଏହି ଛଅ ଶାସ୍ତ୍ରର ମତ ମଧ୍ୟରେ କୌଣସି ବିରୋଧ ନାହିଁ । ଯେଉଁପରି ଛଅ ଜଣ ଲୋକ ମିଶି ଗୋଟିଏ ଚାଳକୁ ଉଠାଇ କାନ୍ଥ ଉପରେ ରଖିଦିଅନ୍ତି, ସେହିପରି ସୃଷ୍ଟି ରୂପକ ଏକ କାର୍ଯ୍ୟର ବ୍ୟାଖ୍ୟା ଏହି ଛଅ ଜଣ ଶାସ୍ତ୍ରକାର ମିଶି ପୂର୍ଣ୍ଣ କରିଛନ୍ତି ।

କୌଣସି ବ୍ୟକ୍ତି ଗୋଟିଏ ହାତୀକୁ ପାଞ୍ଚଜଣ ଅନ୍ଧ ଓ ଜଣେ ମନ୍ଦଦୃଷ୍ଟି ବ୍ୟକ୍ତିକୁ ଛୁଆଁଇ ପଚାରିଲା ଯେ ହାତୀ କିପରି ଅଟେ ? ସେମାନଙ୍କ ମଧ୍ୟରୁ ଜଣେ ହାତୀର ଗୋଡ଼କୁ ଅଣ୍ଡାଳି କହିଲା - 'ହାତୀ ଖମ୍ବ ପରି', ଅନ୍ୟ ଜଣେ ହାତୀର କାନକୁ ଅଣ୍ଡାଳି କହିଲା - 'ହାତୀ କୁଲା ପରି', ତୃତୀୟ ଜଣକ ଶୁଣ୍ଢ ଛୁଇଁ କହିଲା - 'ମୂଷଳ ଭଳି', ଚତୁର୍ଥ ଜଣକ ହାତୀର ଲାଞ୍ଜକୁ ଅଣ୍ଡାଳି କହିଲା - 'ଝାଡୁ ପରି', ପଞ୍ଚମ ଜଣକ ହାତୀର ଦେହରେ ହାତ ବୁଲାଇ କହିଲା - 'ସମତଳ ବେଦି ପରି', ଷଷ୍ଠ ଜଣକୁ ଅଳ୍ପ ଦୃଶ୍ୟ ହେଉଥିବାରୁ ସେ କହିଲା - 'କଳା-କଳା ଚାରୋଟି ଖମ୍ବ ଉପରେ ମଇଁଷି ଆକାରର ପ୍ରାଣୀ ।' ସେହିପରି ଆଜିକାଲିର ଅନାର୍ଷ, ନବୀନ ଗ୍ରନ୍ଥ ଅଧ୍ୟୟନକାରୀ ଓ ପ୍ରାକୃତ ଭାଷାଭାଷୀ ଲୋକେ ଋଷିପ୍ରଣୀତ ଗ୍ରନ୍ଥ ନ ପଢ଼ି, କ୍ଷୁଦ୍ରବୁଦ୍ଧି ଲୋକଙ୍କ ରଚିତ ନବୀନ ସଂସ୍କୃତ ପୁସ୍ତକ ଓ ପ୍ରାକୃତ ଭାଷାର ଗ୍ରନ୍ଥ ପଢ଼ି ପରସ୍ପର ନିନ୍ଦାରେ ବ୍ୟାପୃତ ରହି ଅଯଥା ବିବାଦରେ ମାତିଛନ୍ତି । ବୁଦ୍ଧିମାନ୍ ବା ଅନ୍ୟ ଲୋକମାନେ ଏମାନଙ୍କ କଥା ମାନିବା ଯୋଗ୍ୟ ନୁହେଁ । କାରଣ ଯଦି ଅନ୍ଧଙ୍କ ପଛରେ ଅନ୍ଧ ଚାଲନ୍ତି ତେବେ ଦୁଃଖ କେମିତି ନ ପାଇବେ ? ସେହିପରି ହିଁ ଆଜିକାଲିର ଅଳ୍ପ-ବିଦ୍ୟାଯୁକ୍ତ, ସ୍ୱାର୍ଥପର, ଇନ୍ଦ୍ରିୟାସକ୍ତ ଲୋକଙ୍କ ଲୀଳା ସଂସାରର ବିନାଶକାରଣ ଅଟେ ।

ପ୍ରଶ୍ନ — ଯଦି କାରଣ ବିନା କାର୍ଯ୍ୟ ହୁଏ ନାହିଁ ଅର୍ଥାତ୍ କାର୍ଯ୍ୟର କାରଣ ଥାଏ, ତେବେ କାରଣର ବି କାରଣ କାହିଁକି ନ ରହିବ ?

ଉତ୍ତର — ଆରେ ଭୋଳା ଭାଇ ! ନିଜ ବୁଦ୍ଧିକୁ କାହିଁକି ଟିକେ କାମରେ ଲଗାଉ ନାହଁ ? ଦେଖ ! ସଂସାରରେ ଦୁଇଟି ହିଁ ପଦାର୍ଥ ଥାଏ, ଗୋଟିଏ ହେଲା କାରଣ ଓ ଅନ୍ୟଟି କାର୍ଯ୍ୟ । ଯାହା କାରଣ ଅଟେ, ତାହା ସେ ସମୟରେ କାର୍ଯ୍ୟ ନୁହେଁ; ଏବଂ ଯେଉଁ ସମୟରେ ଯାହା କାର୍ଯ୍ୟ, ସେ ସମୟରେ ତାହା କାରଣ ନୁହେଁ । ଯେ ପର୍ଯ୍ୟନ୍ତ ମନୁଷ୍ୟ ସୃଷ୍ଟିକୁ ଯଥାଯଥ ରୂପେ ବୁଝିନଥାଏ, ସେ ପର୍ଯ୍ୟନ୍ତ ତାକୁ ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇନଥାଏ —

ନିତ୍ୟାୟାଃ ସତ୍ତ୍ୱରଜସ୍ତମସାଂ ସାମ୍ୟାବସ୍ଥାୟାଃ ପ୍ରକୃତେରୁତ୍ପନ୍ନାନାଂ ପରମସୂକ୍ଷ୍ମାଣାଂ ପୃଥକ୍-ପୃଥଗ୍ବର୍ତ୍ତମାନାନାଂ ତତ୍ତ୍ୱପରମାଣୂନାଂ ପ୍ରଥମଃ ସଂଯୋଗାରମ୍ଭଃ ସଂଯୋଗବିଶେଷାଦବସ୍ଥାନ୍ତରସ୍ୟ ସ୍ଥୂଲାକାରପ୍ରାପ୍ତିଃ ସୃଷ୍ଟିରୁଚ୍ୟତେ ।

ଅନାଦି ନିତ୍ୟସ୍ୱରୂପ ସତ୍ତ୍ୱ, ରଜଃ ଓ ତମୋଗୁଣର ସାମ୍ୟାବସ୍ଥା ରୂପକ ପ୍ରକୃତିରୁ ଉତ୍ପନ୍ନ ଯେଉଁ ପରମସୂକ୍ଷ୍ମ, ପୃଥକ୍-ପୃଥକ୍ ତତ୍ତ୍ୱାବୟବ ବିଦ୍ୟମାନ ଥାଏ, ସେସବୁର ପ୍ରଥମରେ ଯେଉଁ ସଂଯୋଗର ଆରମ୍ଭ ହୁଏ, ଏବଂ ସେ ସଂଯୋଗ ବିଶେଷ ଦ୍ୱାରା ଅବସ୍ଥାନ୍ତର ହୋଇଚାଲେ ଅର୍ଥାତ୍ ପରବର୍ତ୍ତୀ-ପରବର୍ତ୍ତୀ ଅବସ୍ଥାକୁ ପ୍ରାପ୍ତ ହୋଇଚାଲେ, ଏହିପରି ସୂକ୍ଷ୍ମରୁ ସ୍ଥୂଳ, ତା'ଠାରୁ ସ୍ଥୂଳ ହୋଇ-ହୋଇ ତାହା ବିଚିତ୍ର ରୂପ ଧାରଣ କରେ । ଅତଃ ସଂସର୍ଗରୁ ନିର୍ମିତ ହୋଇଥିବାରୁ ଏହାକୁ ସୃଷ୍ଟି କୁହାଯାଏ ।

ପ୍ରଥମ ସଂଯୋଗରେ ଯେଉଁ ଦ୍ରବ୍ୟ ମିଳିତ ହୋଇଥାଏ ଏବଂ ଯିଏ ଏହି ମିଳନ କରାଇଥାଏ, ଯିଏ ସଂଯୋଗ ପୂର୍ବରୁ ଓ ବିଯୋଗ ପରେ ବିଦ୍ୟମାନ ଥାଏ ଅର୍ଥାତ୍ ଯାହାର ବିଭାଜନ କରାଯାଇପାରେ ନାହିଁ, ତାକୁ **'କାରଣ'** କହନ୍ତି । ଆଉ ଯାହା ସଂଯୋଗରେ ନିର୍ମିତ ହୁଏ ଓ ବିଯୋଗ ପରେ ସେପରି ସ୍ଥିତିରେ ରହେ ନାହିଁ, ତାକୁ **'କାର୍ଯ୍ୟ'** କୁହାଯାଏ । ଯିଏ ସେହି କାରଣର କାରଣ, କାର୍ଯ୍ୟର କାର୍ଯ୍ୟ, କର୍ତ୍ତାର କର୍ତ୍ତା, ସାଧନର ସାଧନ ଓ ସାଧ୍ୟର ସାଧ୍ୟ କଥା କହେ ସେ ଦେଖି ସୁଦ୍ଧା ଅନ୍ଧ, ଶୁଣି ମଧ୍ୟ ବଧିର ଓ ଜାଣିଶୁଣି ମଧ୍ୟ ମୂର୍ଖ ଅଟେ । କ'ଣ ଆଖିର ଆଖି, ଦୀପର ଦୀପ ଓ ସୂର୍ଯ୍ୟର ସୂର୍ଯ୍ୟ କେବେ କେଉଁଠି ସମ୍ଭବ ? **ଯାହାଠୁ କିଛି ଉତ୍ପନ୍ନ ହୁଏ ତାହା 'କାରଣ' ଏବଂ ଯାହା ଉତ୍ପନ୍ନ ହୁଏ ତାହା 'କାର୍ଯ୍ୟ' । ଆଉ ଯିଏ କାରଣକୁ କାର୍ଯ୍ୟରୂପରେ ପରିଣତ କରେ ତାକୁ 'କର୍ତ୍ତା' କୁହାଯାଏ ।**

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।
ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ।। (ଗୀତା. ୨:୧୬)

କେବେ ବି **'ଅସତ୍'**ର ଭାବ ଅର୍ଥାତ୍ ସ୍ଥିତି ନଥାଏ ଏବଂ **'ସତ୍'**ର ଅଭାବ ଅର୍ଥାତ୍ ଅବିଦ୍ୟମାନତା କଦାପି ହୋଇନଥାଏ । ତତ୍ତ୍ୱଦର୍ଶୀମାନେ ଏ ଦୁଇ ବିଷୟକ ଏ ନିର୍ଣ୍ଣୟକୁ ଜାଣିପାରିଛନ୍ତି । ଆଉ ଯେଉଁମାନେ ପକ୍ଷପାତୀ, ଦୁରାଗ୍ରହୀ, ମଳିନାତ୍ମା, ଅବିଦ୍ୱାନ୍ ସେମାନେ ଏ କଥାକୁ କେମିତି ବା ସହଜରେ ଜାଣିପାରିବେ ? କାରଣ **ଯେଉଁ ବ୍ୟକ୍ତି ବିଦ୍ୱାନ୍ ନୁହେଁ, ସତ୍ସଙ୍ଗ କରେନାହିଁ, ଏଣୁ ଜ୍ଞାନାଭାବରୁ ଉତ୍ତମ ରୂପେ ବିଚାର କରେ ନାହିଁ, ସେ ସଦା ଭ୍ରମଜାଲରେ ପଡ଼ିରହିଥାଏ । ସେହିମାନେ ଧନ୍ୟ ଅଟନ୍ତି, ଯେଉଁମାନେ କି ସକଳ ବିଦ୍ୟାର ସିଦ୍ଧାନ୍ତକୁ ଜାଣିବାକୁ ପ୍ରଯତ୍ନ କରନ୍ତି, ନିଜେ ଜାଣନ୍ତି ଓ ଜାଣିବା ପରେ ନିଷ୍କପଟ ହୃଦୟରେ ଅନ୍ୟମାନଙ୍କୁ ସେସବୁ**

ଜଣାଇଦିଅନ୍ତି । ଅତଏବ କାରଣ ବିନା ସୃଷ୍ଟି ଉତ୍ପତ୍ତି ହୁଏ ବୋଲି ଯେଉଁମାନେ କହନ୍ତି, ସେମାନେ କିଛି ଜାଣିନାହାନ୍ତି ବୋଲି ବୁଝିବାକୁ ହେବ ।

ସୃଷ୍ଟି ଉତ୍ପତ୍ତିର ସମୟ ଉପସ୍ଥିତ ହେଲେ ପରମାତ୍ମା ସେହି ପରମସୂକ୍ଷ୍ମ ପଦାର୍ଥଗୁଡ଼ିକୁ ଏକତ୍ରିତ କରନ୍ତି । ସୃଷ୍ଟିର ପ୍ରଥମ ଅବସ୍ଥାରେ ପ୍ରକୃତିରୂପ ପରମସୂକ୍ଷ୍ମ କାରଣ ପଦାର୍ଥରୁ ଯେଉଁ ସାମାନ୍ୟ ସ୍ଥୂଳ ପଦାର୍ଥ ଉତ୍ପନ୍ନ ହୁଏ, ତାହାର ନାମ **'ମହତ୍ତତ୍ତ୍ୱ'** । ସେହି 'ମହତ୍ତତ୍ତ୍ୱ'ରୁ ଆଉ ଟିକିଏ ସ୍ଥୂଳ ଯେଉଁ ପଦାର୍ଥ ଉତ୍ପନ୍ନ ହୁଏ, ତା'ର ନାମ **'ଅହଂକାର'** । ସେହି 'ଅହଂକାର'ରୁ ଆଉ ଟିକିଏ ସ୍ଥୂଳ ଥିବା ଭିନ୍ନ-ଭିନ୍ନ ପଞ୍ଚ **'ସୂକ୍ଷ୍ମଭୂତ'**; ଶ୍ରୋତ୍ର, ତ୍ୱକ୍, ଚକ୍ଷୁ, ଜିହ୍ୱା ଓ ନାସିକା ଏହି ପଞ୍ଚ **'ଜ୍ଞାନେନ୍ଦ୍ରିୟ'**; ବାକ୍, ପାଣି, ପାଦ, ଉପସ୍ଥ ଓ ମଳଦ୍ୱାର ଏ ପଞ୍ଚ **'କର୍ମେନ୍ଦ୍ରିୟ'** ଏବଂ ଏକାଦଶ ଇନ୍ଦ୍ରିୟ **'ମନ'** ଉତ୍ପନ୍ନ ହୋଇଥାନ୍ତି । ଉକ୍ତ ପଞ୍ଚ **'ତନ୍ମାତ୍ରା'**ରୁ ଅନେକ ସ୍ଥୂଳାବସ୍ଥାକୁ ପ୍ରାପ୍ତ ହୋଇ-ହୋଇ କ୍ରମଶଃ ପାଞ୍ଚୋଟି **'ସ୍ଥୂଳଭୂତ'**; ଯଥା - ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଉତ୍ପନ୍ନ ହୋଇଥାଏ, ଯେଉଁଗୁଡ଼ିକୁ କି ଆମେ ପ୍ରତ୍ୟକ୍ଷ ଅନୁଭବ କରିପାରୁଛୁ । ଏହି ସ୍ଥୂଳଭୂତମାନଙ୍କରୁ ନାନାପ୍ରକାରର ଔଷଧି, ବୃକ୍ଷ ଆଦି ଉତ୍ପନ୍ନ ହୁଅନ୍ତି । ଔଷଧି ଓ ବୃକ୍ଷାଦିରୁ ଖାଦ୍ୟପଦାର୍ଥ, ଅନ୍ନରୁ ବୀର୍ଯ୍ୟ, ବୀର୍ଯ୍ୟରୁ ଶରୀର ଉତ୍ପନ୍ନ ହୁଏ । **କିନ୍ତୁ ଆଦି-ସୃଷ୍ଟି ଅର୍ଥାତ୍ ପ୍ରାଣୀ-ଉତ୍ପତ୍ତିର ପ୍ରଥମ ସ୍ଥିତି ମୈଥୁନୀ ସୃଷ୍ଟି ହୋଇନଥାଏ ।** କାରଣ ପରମାତ୍ମା ଯେତେବେଳେ ପ୍ରଥମେ ସ୍ତ୍ରୀ-ପୁରୁଷ ଶରୀର ନିର୍ମାଣ କରି ସେସବୁରେ ଜୀବାତ୍ମାର ସଂଯୋଗ କରିଦିଅନ୍ତି, ତା'ପରବର୍ତ୍ତୀ ସମୟରୁ ମୈଥୁନୀ ସୃଷ୍ଟି ଅର୍ଥାତ୍ ସ୍ତ୍ରୀ-ପୁରୁଷ ସଂଯୋଗରୁ ସୃଷ୍ଟିକ୍ରିୟା ଚାଲେ ।

ଦେଖ ! ପରମାତ୍ମା ଶରୀରରେ କେଉଁ ଭଳି ଜ୍ଞାନପୂର୍ବକ ଅଙ୍ଗ-ପ୍ରତ୍ୟଙ୍ଗ ରଚନା କରିଛନ୍ତି ଯେ ଯାହାକୁ ଦେଖି ବଡ଼ ବଡ଼ ବିଦ୍ୱାନ୍‌ମାନେ ମଧ୍ୟ ଆଶ୍ଚର୍ଯ୍ୟ-ଚକିତ ହୋଇଯାଉଛନ୍ତି । ଶରୀର ଭିତରେ ଅସ୍ଥିଗୁଡ଼ିକର ସଂଯୋଗୀକରଣ; ନାଡ଼ୀର ବନ୍ଧନ; ମାଂସପ୍ରଲେପନ ଓ ତା'ଉପରେ ଚର୍ମର ଆବରଣ; ଶରୀରରେ ପ୍ଲିହା, ଯକୃତ୍, ଫୁସ୍‌ଫୁସ୍, ହୃଦୟ ଆଦି ଯନ୍ତ୍ର ସ୍ଥାପନ; ରୁଧିର ଶୋଧନ, ପ୍ରଚଳନ; ବିଦ୍ୟୁତ୍‌ର ସ୍ଥାପନ; ଜୀବର ସଂଯୋଜନ; ମସ୍ତିଷ୍କ ରୂପକ ମୂଳରଚନା; ଲୋମ-ନଖାଦି ସ୍ଥାପନ; ଚକ୍ଷୁର ଅତ୍ୟନ୍ତ ସୂକ୍ଷ୍ମ ଶିରାଗୁଡ଼ିକୁ ତାର ପରି ଗ୍ରନ୍ଥନ; ଇନ୍ଦ୍ରିୟମାନଙ୍କ ମାର୍ଗର ପ୍ରକାଶନ; ଜୀବର ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥା ଅନୁଭବ ପାଇଁ ଭିନ୍ନ-ଭିନ୍ନ ସ୍ଥାନର ନିର୍ମାଣ; ସକଳ ଧାତୁର ବିଭାଗକରଣ; କଳା-କୌଶଳ ସ୍ଥାପନ ଆଦି ଅଦ୍‌ଭୁତ ରଚନା ପରମେଶ୍ୱରଙ୍କ ବିନା ଅନ୍ୟ କିଏ କରିପାରେ ?

ଏତଦ୍ ବ୍ୟତୀତ ନାନାପ୍ରକାର ରତ୍ନ-ଧାତୁ ଗର୍ଭରେ ଧାରଣ କରିଥିବା ଭୂମି; ବଟ ଆଦି ବିବିଧ ପ୍ରକାର ବୃକ୍ଷର ବୀଜରେ ଅତୀବ ସୂକ୍ଷ୍ମ ରଚନା; ରକ୍ତ, ହରିତ, ଶ୍ୱେତ, ପୀତ, କୃଷ୍ଣ, ଚିତ୍ରବିଚିତ୍ର ଓ ମିଶ୍ରିତ ବର୍ଣ୍ଣର ଅସଂଖ୍ୟ ପତ୍ର, ଫୁଲ, ଫଳ, ମୂଳ ନିର୍ମାଣ; ମଧୁର, ଲବଣ, କଟୁ, କଷାୟ, ତିକ୍ତ, ଅମ୍ଳାଦି ବିବିଧ ରସ; ସୁଗନ୍ଧାଦି ଯୁକ୍ତ ପତ୍ର, ପୁଷ୍ପ, ଫଳ, ଅନ୍ନ, କନ୍ଦ-ମୂଳାଦି ନିର୍ମାଣ; କୋଟି-କୋଟି ଗ୍ରହ, ସୂର୍ଯ୍ୟ, ଚନ୍ଦ୍ରାଦି ଲୋକ ନିର୍ମାଣ, ଧାରଣ, ଭ୍ରାମଣ, ନିୟମନ ଆଦି କାର୍ଯ୍ୟ ପରମେଶ୍ୱରଙ୍କ ଛଡ଼ା ଅନ୍ୟ କେହି କରିପାରିବେ ନାହିଁ ।

କେହି କୌଣସି ପଦାର୍ଥକୁ ଦେଖିଲା ମାତ୍ରେ ତା' ମନରେ ଦୁଇ ପ୍ରକାର ଜ୍ଞାନ ଉତ୍ପନ୍ନ ହୋଇଥାଏ । ଗୋଟିଏ ହେଉଛି ଦୃଷ୍ଟପଦାର୍ଥର ସ୍ୱରୂପର ଜ୍ଞାନ ଓ ଅନ୍ୟଟି ହେଲା ପଦାର୍ଥର ରଚନା ଦେଖି ରଚୟିତା ସମ୍ବନ୍ଧୀୟ ଜ୍ଞାନ । ଯଥା - ଜଣେ ଲୋକ ଜଙ୍ଗଲରେ ସୁନ୍ଦର ଅଳଙ୍କାରଟିଏ ପାଇଲା । ତାକୁ ଦେଖି ଜାଣିପାରିଲା

ଯେ ତାହା ସୁନାରେ ତିଆରି ଓ କୌଣସି ବୁଦ୍ଧିମାନ୍ କାରିଗର ନିଶ୍ଚେ ତିଆରି କରିଛି । ସେହିପରି ଏ ସୃଷ୍ଟିର ନାନାପ୍ରକାର ରଚନାଗୁଡ଼ିକ ଏହାର ରଚୟିତା **'ପରମେଶ୍ୱର'**ଙ୍କୁ ସିଦ୍ଧ କରିଥାଏ ।

ସୃଷ୍ଟି ଆରମ୍ଭରେ ମନୁଷ୍ୟମାନଙ୍କ ଉତ୍ପତ୍ତି

ପ୍ରଶ୍ନ — ପ୍ରଥମେ ମନୁଷ୍ୟ ସୃଷ୍ଟି ହେଲା ନା ପୃଥିବୀ ଆଦି ସୃଷ୍ଟି ହେଲା ?

ଉତ୍ତର — ପ୍ରଥମେ ପୃଥିବୀ ଆଦି ସୃଷ୍ଟି ହେଲା । କାରଣ ପୃଥିବୀ ଆଦି ନ ଥିଲେ ମନୁଷ୍ୟର ସ୍ଥିତି ଓ ପାଳନ ହୋଇପାରିବ ନାହିଁ ।

ପ୍ରଶ୍ନ — ସୃଷ୍ଟି ଆରମ୍ଭରେ ଜଣେ ମଣିଷ ଉତ୍ପନ୍ନ ହେଲା ନା ଅନେକ ଉତ୍ପନ୍ନ ହୋଇଥିଲେ ?

ଉତ୍ତର — ଅନେକ ମନୁଷ୍ୟ ଉତ୍ପନ୍ନ ହୋଇଥିଲେ । କାରଣ ଯେଉଁ ଜୀବମାନେ ନିଜ କର୍ମ ଆଧାରରେ ସୃଷ୍ଟି ଆରମ୍ଭରେ ଉତ୍ପନ୍ନ ହେବାର ଯୋଗ୍ୟ ଥିଲେ, ସେମାନଙ୍କୁ ଈଶ୍ୱର ସୃଷ୍ଟି ଆରମ୍ଭରେ ଜନ୍ମ ଦେଲେ । କାରଣ ଯଜୁର୍ବେଦ ଓ ତା'ର ବ୍ରାହ୍ମଣରେ ଲେଖା ଅଛି — **'ସାଧ୍ୟା ଋଷୟଶ୍ଚ ଯେ'** (ଯଜୁଃ. ୩୧:୯) **। 'ତତୋ ମନୁଷ୍ୟା ଅଜାୟନ୍ତ ।'** (ଶତ. ୧୪:୩:୨:୫) । ଏ ସବୁ ପ୍ରମାଣରୁ ଏହା ପ୍ରମାଣିତ ହେଉଛି ଯେ ସୃଷ୍ଟି ଆରମ୍ଭରେ ଅନେକ ଅର୍ଥାତ୍ ଶହ-ଶହ, ହଜାର-ହଜାର ମନୁଷ୍ୟ ଉତ୍ପନ୍ନ ହେଲେ । ତା' ଛଡ଼ା ସଂସାରକୁ ଦେଖିଲେ ମଧ୍ୟ ନିଶ୍ଚିତ ସିଦ୍ଧାନ୍ତରେ ପହଞ୍ଚିବାକୁ ହୁଏ ଯେ ସଂସାରର ମଣିଷମାନେ ଅନେକ ମାତା-ପିତାଙ୍କର ସନ୍ତାନ ।

ପ୍ରଶ୍ନ — ସୃଷ୍ଟି ପ୍ରାରମ୍ଭରେ ମନୁଷ୍ୟାଦି ପ୍ରାଣୀମାନେ ବାଲ୍ୟ, ଯୌବନ ନା ବୃଦ୍ଧ ଅବସ୍ଥାରେ ଅଥବା ଏହି ତିନି ଅବସ୍ଥାରେ ଜନ୍ମଗ୍ରହଣ କରିଥିଲେ ?

ଉତ୍ତର — ଯୁବାବସ୍ଥାରେ ଜନ୍ମ ଦେଇଥିଲେ । କାରଣ ଯଦି ଈଶ୍ୱର ବାଲ୍ୟ ଅବସ୍ଥାରେ ଜନ୍ମ ଦେଇଥାନ୍ତେ, ତେବେ ସେମାନଙ୍କ ଲାଳନ-ପାଳନ ପାଇଁ ଅନ୍ୟ ମନୁଷ୍ୟ ଆଦିଙ୍କ ଆବଶ୍ୟକ ପଡ଼ିଥାନ୍ତା । ଯଦି ବୃଦ୍ଧାବସ୍ଥାରେ ଉତ୍ପନ୍ନ କରିଥାନ୍ତେ, ତେବେ ସେମାନଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ ମୈଥୁନୀ-ସୃଷ୍ଟି ହୋଇପାରନ୍ତା ନାହିଁ । ଏଣୁ ଈଶ୍ୱର ସମସ୍ତଙ୍କୁ ଯୁବାବସ୍ଥାରେ ସୃଷ୍ଟି କରିଥିଲେ ।

ପ୍ରଶ୍ନ — ସୃଷ୍ଟି ପ୍ରଥମ ଥର ପାଇଁ କେବେ ଆରମ୍ଭ ହୋଇଛି ନା ନାହିଁ ?

ଉତ୍ତର — ନା । ଯେପରି ଦିନ ପୂର୍ବରୁ ରାତି ଓ ରାତି ପୂର୍ବରୁ ଦିନ ତଥା ଦିନ ପରେ ରାତି ଓ ରାତି ପରେ ଦିନ ନିରନ୍ତର ଚାଲିଆସୁଛି, ଠିକ୍ ସେହିପରି ସୃଷ୍ଟି ପୂର୍ବରୁ ପ୍ରଳୟ ଓ ପ୍ରଳୟ ପୂର୍ବରୁ ସୃଷ୍ଟି ତଥା ସୃଷ୍ଟି ପରେ ପ୍ରଳୟ ଓ ପ୍ରଳୟ ପରେ ସୃଷ୍ଟି ଅନାଦି କାଳରୁ ଚକ୍ରବତ୍ ଚାଲିଆସୁଛି । ଏହି ସୃଷ୍ଟି-ପ୍ରଳୟଚକ୍ର ପ୍ରକ୍ରିୟାର କୌଣସି ଆଦି ନାହିଁ କି ଅନ୍ତ ମଧ୍ୟ ନାହିଁ । କିନ୍ତୁ ଯେଉଁପରି ପ୍ରତିଦିନ ଦିନ ଓ ରାତିର ଆଦି ଓ ଅନ୍ତ ଦେଖିବାକୁ ମିଳେ, ସେହିପରି ସୃଷ୍ଟି ଓ ପ୍ରଳୟର ଆଦି-ଅନ୍ତ ହେଉଥାଏ । କାରଣ **ଯେପରି ପରମାତ୍ମା, ଜୀବ ଓ ଜଗତର କାରଣ ପ୍ରକୃତି - ଏ ତିନୋଟି ସ୍ୱରୂପତଃ ଅନାଦି, ସେହିପରି ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟ ପ୍ରବାହ ରୂପରେ ଅନାଦି ।** ଯେପରି ନଦୀର ପ୍ରବାହ ଏହିଭଳି ଦେଖାଯାଇଥାଏ ଅର୍ଥାତ୍ କେବେ ଶୁଖିଯାଏ, କେବେ ଦେଖାଯାଏ ନାହିଁ, ପୁଣି ବର୍ଷାଦିନେ ଦେଖାଯାଏ ଓ ଖରାଦିନେ ଦେଖାଯାଏ ନାହିଁ । ଏପରି ସ୍ଥିତିକୁ **'ପ୍ରବାହରୂପ'** ବୋଲି ଜାଣିବା ଉଚିତ । **ପରମେଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ଯେପରି ଅନାଦି, ସେହିପରି ହିଁ ଜଗତର ସୃଷ୍ଟି, ସ୍ଥିତି, ପ୍ରଳୟ କରିବା ରୂପକ ତାଙ୍କର କର୍ମ ବି ଅନାଦି । ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବର ଯେପରି ଆଦି-ଅନ୍ତ ନାହିଁ । ସେହିପରି**

ତାଙ୍କର କର୍ତ୍ତବ୍ୟ-କର୍ମର ମଧ୍ୟ କୌଣସି ଆରମ୍ଭ ନାହିଁ କି ଶେଷ ନାହିଁ ।

ପ୍ରଶ୍ନ — ଈଶ୍ୱର ସୃଷ୍ଟି ଆରମ୍ଭରେ କେଉଁ ଜୀବାତ୍ମାକୁ ମଣିଷ ଜନ୍ମ; କାହାକୁ ସିଂହାଦି ହିଂସ୍ର ଜନ୍ତୁ ଜନ୍ମ; କାହାକୁ ଗାଈ, ହରିଣ ଆଦି ପଶୁ ଜନ୍ମ; କାହାକୁ ବୃକ୍ଷାଦି ଜନ୍ମ; କାହାକୁ କୃମି, କୀଟ, ପତଙ୍ଗାଦି ଜନ୍ମ ଦେଇଛନ୍ତି । ଏଣୁ ପରମାତ୍ମାଙ୍କ ଉପରେ ପକ୍ଷପାତ ଦୋଷ ଆସୁଛି ।

ଉତ୍ତର — ପରମାତ୍ମାଙ୍କ ଉପରେ ପକ୍ଷପାତ ଦୋଷ ଲାଗୁ ନାହିଁ । କାରଣ ସେହି ଜୀବାତ୍ମାମାନଙ୍କର ପୂର୍ବ ସୃଷ୍ଟିର କୃତ କର୍ମ ଅନୁସାରେ ସେ ଏସବୁ ବ୍ୟବସ୍ଥା କରିଛନ୍ତି । ଯଦି ବିନା କର୍ମରେ ସେ ଏଭଳି ଭିନ୍ନ-ଭିନ୍ନ ଜନ୍ମ ଦେଉଥାନ୍ତେ, ତେବେ ତାଙ୍କ ଉପରେ ଏଭଳି ଜନ୍ମ ଦେଉଥିବାରୁ ପକ୍ଷପାତ ଦୋଷ ଲାଗିଥାନ୍ତା ।

ପ୍ରଶ୍ନ — ମନୁଷ୍ୟର ପ୍ରଥମ ଉତ୍ପତ୍ତି କେଉଁ ସ୍ଥାନରେ ହେଲା ?

ଉତ୍ତର — 'ତ୍ରିବିଷ୍ଟପ୍'ରେ ଯାହାକୁ କି ଆଜି 'ତିବ୍ବତ' କୁହାଯାଉଛି ।

ଆର୍ଯ୍ୟ-ମ୍ଲେଚ୍ଛ ଆଦିଙ୍କ ବାସ୍ତବିକତା

ପ୍ରଶ୍ନ — ସୃଷ୍ଟି ଆରମ୍ଭରେ ମନୁଷ୍ୟଙ୍କ ଗୋଟିଏ ଜାତି ଥିଲା ନା ଅନେକ ?

ଉତ୍ତର — ଆରମ୍ଭରେ ଏକ ମନୁଷ୍ୟ ଜାତି ଥିଲା । ତା' ପରେ — **'ବିଜାନୀହ୍ୟାର୍ଯ୍ୟାନ୍ ଯେ ଚ ଦସ୍ୟବଃ'** (ଋକ୍. ୧:୫୧:୮) — ସେମାନଙ୍କ ଦୁଇଟି ବିଭାଗ ହେଲା - **ଆର୍ଯ୍ୟ** ଓ **ଦସ୍ୟୁ** । ଶ୍ରେଷ୍ଠ ଲୋକଙ୍କୁ **'ଆର୍ଯ୍ୟ',** ବିଦ୍ୱାନ୍, ଦେବ ଓ ଦୁଷ୍ଟ ଲୋକମାନଙ୍କୁ **'ଦସ୍ୟୁ'** ଅର୍ଥାତ୍ ଡାକୁ, ମୂର୍ଖ ଓ ଅନାଡ଼ି କୁହାଗଲା ।

ତଦନନ୍ତର **'ଉତ ଶୂଦ୍ର ଉତାର୍ଯ୍ୟେ'** (ଅଥର୍ବ. ୧୯:୬୨:୧) — ଆର୍ଯ୍ୟମାନେ ୪ ବର୍ଗରେ ବିଭକ୍ତ ହେଲେ - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ବିଦ୍ୱାନଙ୍କୁ **'ଆର୍ଯ୍ୟ'** ଓ ଦ୍ୱିଜ ଏବଂ ମୂର୍ଖ(ବିଦ୍ୟାରହିତ)ଙ୍କୁ, 'ଶୂଦ୍ର', **'ଅନାର୍ଯ୍ୟ'** ବା **'ଅନାଡ଼ି'** କୁହାଗଲା ।

ପ୍ରଶ୍ନ — ଯଦି ତ୍ରିବିଷ୍ଟପରେ ମନୁଷ୍ୟର ଉତ୍ପତ୍ତି ହେଲା, ତେବେ ସେମାନେ ପୁଣି ଏ ସ୍ଥାନକୁ କିପରି ଆସିଲେ ?

ଉତ୍ତର — ଯେତେବେଳେ ଆର୍ଯ୍ୟ ଓ ଦସ୍ୟୁ ଅର୍ଥାତ୍ ଦେବ ବା ବିଦ୍ୱାନ୍ ଏବଂ ଅସୁର ବା ଅବିଦ୍ୱାନ୍ଙ୍କ ମଧ୍ୟରେ ସର୍ବଦା କଳିତକରାଳ ଲାଗିରହିଲା ଏବଂ ଏହା ବଢ଼ି-ବଢ଼ି ଭୀଷଣ ଆକାର ଧାରଣ କଲା, ବହୁ ଉପଦ୍ରବ ହେବାକୁ ଲାଗିଲା, ସେତେବେଳେ ଆର୍ଯ୍ୟମାନେ ସମଗ୍ର ଭୂମଣ୍ଡଳ ମଧ୍ୟରେ ଏହି ଭୂଖଣ୍ଡକୁ ସର୍ବୋତ୍ତମ ଅନୁଭବ କରି ଏହି ସ୍ଥାନକୁ ଆସି ବସତି ସ୍ଥାପନ କଲେ । ଏଣୁ ଏ ଦେଶର ନାମ **'ଆର୍ଯ୍ୟାବର୍ତ୍ତ'** ହେଲା ।

ପ୍ରଶ୍ନ — ଆର୍ଯ୍ୟାବର୍ତ୍ତର ସୀମା କେତେ ଦୂର ପର୍ଯ୍ୟନ୍ତ ?

ଉତ୍ତର — **ଆସମୁଦ୍ରାତ୍ତୁ ବୈ ପୂର୍ବାଦାସମୁଦ୍ରାତ୍ତୁ ପଶ୍ଚିମାତ୍ ।**
ତୟୋରେବାନ୍ତରଂ ଗିର୍ୟୋରାର୍ଯ୍ୟାବର୍ତ୍ତଂ ବିଦୁର୍ବୁଧାଃ ॥ ୧ ॥
ସରସ୍ୱତୀଦୃଷଦ୍ବତ୍ୟୋର୍ଦେବନଦ୍ୟୋର୍ୟଦନ୍ତରମ୍ ।
ତଂ ଦେବନିର୍ମିତଂ ଦେଶମାର୍ଯ୍ୟାବର୍ତ୍ତଂ ପ୍ରଚକ୍ଷତେ ॥ ୨ ॥ (ମନୁ. ୨:୨୨,୧୭)

ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟାଚଳ, ପୂର୍ବ ଓ ପଶ୍ଚିମରେ ସମୁଦ୍ର ॥ ୧ ॥ ତଥା ପଶ୍ଚିମରେ ସରସ୍ୱତୀ ବା ଅଟକ ନଦୀ, ଯାହାକି ଉତ୍ତରର ପାହାଡ଼ରୁ ବାହାରି ନିଜର ଦକ୍ଷିଣସ୍ଥ ସମୁଦ୍ରରେ ମିଶିଛି ଏବଂ ପୂର୍ବରେ

ଦୃଷଦ୍ବତୀ ନଦୀ ଯାହାକି ନେପାଳର ପୂର୍ବ ଭାଗସ୍ଥ ପର୍ବତ ଶ୍ରେଣୀରୁ ନିର୍ଗତ ହୋଇ ବଙ୍ଗ, ଆସାମର ପୂର୍ବ ଓ ବ୍ରହ୍ମଦେଶର ପଶ୍ଚିମରେ ପ୍ରବାହିତ ହୋଇ ନିଜର ଦକ୍ଷିଣସ୍ଥ ସମୁଦ୍ର(ବଙ୍ଗୋପସାଗର)ରେ ମିଶିଛି, ଯାହାକୁ କି ବ୍ରହ୍ମପୁତ୍ର କହନ୍ତି । ହିମାଳୟର ମଧ୍ୟ ରେଖାଠାରୁ ଦକ୍ଷିଣକୁ ଓ ପର୍ବତ ମଧ୍ୟସ୍ଥ ଓ ରାମେଶ୍ୱର ପର୍ଯ୍ୟନ୍ତ ବିନ୍ଧ୍ୟାଚଳ ମଧ୍ୟବର୍ତ୍ତୀ ସ୍ଥାନକୁ **'ଆର୍ଯ୍ୟାବର୍ତ୍ତ'** କହନ୍ତି । 'ଦେବ' ଅର୍ଥାତ୍ ବିଦ୍ୱାନ୍‌ମାନେ ଏହି ଦେଶ ସ୍ଥାପନ କରିଥିବାରୁ ଏବଂ ଆର୍ଯ୍ୟମାନେ ଏଠାରେ ବସବାସ କରୁଥିବାରୁ ଏହାକୁ ଦେବ ନିର୍ମିତ **'ଆର୍ଯ୍ୟାବର୍ତ୍ତ'** କୁହାଯାଏ ।

ପ୍ରଶ୍ନ — ପ୍ରଥମେ ଏ ଦେଶର ନାମ କ'ଣ ଥିଲା ଓ ଏଠାରେ କେଉଁମାନେ ବାସ କରୁଥିଲେ ।

ଉତ୍ତର — ଆର୍ଯ୍ୟମାନଙ୍କ ଏହି ସ୍ଥାନକୁ ଆଗମନ ପୂର୍ବରୁ ଏ ଦେଶର କୌଣସି ନାମ ନ ଥିଲା କି ଆର୍ଯ୍ୟମାନଙ୍କ ପୂର୍ବରୁ ଏ ଦେଶରେ କେହି ହେଲେ ବାସ କରୁନଥିଲେ । କାରଣ ସୃଷ୍ଟି ଉତ୍ପତ୍ତି ହେବାର ଅଳ୍ପ କିଛି କାଳ ପରେ ହିଁ ଆର୍ଯ୍ୟମାନେ ତିବ୍‌ବତରୁ ସିଧାସଳଖ ଏ ଦେଶକୁ ଆସି ଏଠାରେ ବସବାସ କଲେ ।

ପ୍ରଶ୍ନ — କେହି-କେହି କହନ୍ତି ଯେ ଏମାନେ ଇରାନ୍‌ରୁ ଆସିଥିଲେ । ଏଣୁ ଏମାନଙ୍କ ନାମ 'ଆର୍ଯ୍ୟ' ହେଲା । ଏମାନଙ୍କ ଆଗମନ ପୂର୍ବରୁ ଏଠାରେ ଜଙ୍ଗଲୀ ଲୋକେ ବାସ କରୁଥିଲେ । ସେମାନଙ୍କୁ ଅସୁର, ରାକ୍ଷସ କୁହାଯାଉଥିଲା । ଆର୍ଯ୍ୟମାନେ ନିଜକୁ ଦେବତା ବୋଲି କହୁଥିଲେ । ସେମାନଙ୍କ ସହ ଆର୍ଯ୍ୟମାନଙ୍କର ଯେଉଁ ସଂଗ୍ରାମ ହେଲା ତାହାକୁ ଦେବାସୁର ସଂଗ୍ରାମ ବୋଲି ଆଖ୍ୟାୟିକାମାନଙ୍କରେ ବର୍ଣ୍ଣନା କରାଯାଇଛି ।

ଉତ୍ତର — ଏ କଥା ସମ୍ପୂର୍ଣ୍ଣ ରୂପେ ମିଥ୍ୟା । କାରଣ —

ବି ଜାନୀହ୍ୟାର୍ଯ୍ୟାନ୍ ଯେ ଚ ଦସ୍ୟବୋ ବର୍ହିଷ୍ମତେ ରନ୍ଧୟା ଶାସଦବ୍ରତାନ୍ । (ଋକ୍. ୧:୫୧:୮)

ଉତ ଶୂଦ୍ର ଉତାର୍ଯ୍ୟେ । (ଅଥର୍ବ. ୧୯:୬୨:୧)

ପୂର୍ବରୁ କୁହାଯାଇଛି ଯେ ଧାର୍ମିକ, ବିଦ୍ୱାନ୍, ଆପ୍ତପୁରୁଷଙ୍କ ନାମ **'ଆର୍ଯ୍ୟ'** ଏବଂ ଏହାର ବିପରୀତ ଲୋକଙ୍କୁ 'ଦସ୍ୟୁ' ଅର୍ଥାତ୍ ଡାକୁ, ଦୁଷ୍ଟ, ଅଧାର୍ମିକ ଓ ଅବିଦ୍ୱାନ୍ ଆଦି କୁହାଯାଏ । ଅନ୍ୟ ଏକ ପ୍ରକାରେ ଦ୍ୱିଜ ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ବିଦ୍ୟାଯୁକ୍ତ, ଶିକ୍ଷିତ ହୋଇଥିବାରୁ **'ଆର୍ଯ୍ୟ'** ଓ ବିଦ୍ୟାହୀନ, ଅଶିକ୍ଷିତ ହୋଇଥିବାରୁ ଶୂଦ୍ରଙ୍କୁ **'ଅନାର୍ଯ୍ୟ'** ବା **'ଅନାଡ଼ି'** କହନ୍ତି ।

ଯେତେବେଳେ ବେଦରେ ଏ କଥା କୁହାଯାଇଛି ସେ ସ୍ଥିତିରେ ବିଦେଶୀମାନଙ୍କ କପୋଳକଳ୍ପିତ କଥାକୁ କୌଣସି ବୁଦ୍ଧିମାନ୍ ବ୍ୟକ୍ତି କେବେ ବି ସ୍ୱୀକାର କରିପାରିବ ନାହିଁ । ତା' ଛଡ଼ା ଦେବାସୁର-ସଂଗ୍ରାମ, ହିମାଳୟ ପର୍ବତରେ ଆର୍ଯ୍ୟ ଓ ଦସ୍ୟୁ-ମ୍ଳେଚ୍ଛ-ଅସୁରମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ଯେଉଁ ଯୁଦ୍ଧ ହେଉଥିଲା, ସେଥିରେ ଆର୍ଯ୍ୟାବର୍ତ୍ତୀୟ ଅର୍ଜୁନ ତଥା ମହାରାଜା ଦଶରଥ ଆଦି ଦେବ ଅର୍ଥାତ୍ ଆର୍ଯ୍ୟଙ୍କ ରକ୍ଷା ଓ ଅସୁରଙ୍କୁ ପରାଜିତ କରିବାରେ ସହାୟକ ହୋଇଥିଲେ । ଏଥିରୁ ଏ କଥା ପ୍ରମାଣିତ ହେଉଛି ଯେ ଆର୍ଯ୍ୟାବର୍ତ୍ତ ବାହାରେ ଚାରିଆଡ଼େ ଅର୍ଥାତ୍ ହିମାଳୟର ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈର୍ଋତ, ପଶ୍ଚିମ, ବାୟବ୍ୟ, ଉତ୍ତର, ଐଶାନ୍ୟ ଦିଗରେ ଯେଉଁ ଲୋକମାନେ ବାସ କରୁଥିଲେ ସେମାନଙ୍କୁ **'ଅସୁର'** କୁହାଯାଉଥିଲା । କାରଣ ସେମାନେ ହିମାଳୟ ପ୍ରଦେଶସ୍ଥ ଆର୍ଯ୍ୟମାନଙ୍କ ଉପରେ ଯେତେବେଳେ ଆକ୍ରମଣ କରୁଥିଲେ, ସେତେବେଳେ ଏହି ଆର୍ଯ୍ୟାବର୍ତ୍ତର ରାଜା-ମହାରାଜାଗଣ ସେହି ଉତ୍ତର ଆଦି ଦେଶସ୍ଥ ଆର୍ଯ୍ୟମାନଙ୍କୁ ଯୁଦ୍ଧରେ ସହାୟତା କରୁଥିଲେ । ଆଉ ଦକ୍ଷିଣରେ ରାବଣ ସହ ଶ୍ରୀରାମଚନ୍ଦ୍ରଙ୍କର ଯେଉଁ ଯୁଦ୍ଧ ହୋଇଥିଲା ତାହା 'ଦେବାସୁର ସଂଗ୍ରାମ' ନୁହେଁ । ବରଂ ତାହାକୁ 'ରାମ-ରାବଣ'

ଯୁଦ୍ଧ ଅଥବା 'ଆର୍ଯ୍ୟ ଓ ରାକ୍ଷସଙ୍କ ଯୁଦ୍ଧ' ବୋଲି କୁହାଯାଏ ।

ତା' ଛଡ଼ା କୌଣସି ସଂସ୍କୃତ ଗ୍ରନ୍ଥରେ ବା ଇତିହାସରେ ଏ କଥା ଲେଖାଯାଇ ନାହିଁ ଯେ ଆର୍ଯ୍ୟମାନେ ଇରାନ୍‌ରୁ ଆସିଲେ ଏବଂ ଏଠାକାର ଜଙ୍ଗଲୀ ଲୋକଙ୍କ ସହ ଯୁଦ୍ଧ କରି, ସେମାନଙ୍କୁ ପରାଜିତ କରି, ଏ ଦେଶରୁ ତଡ଼ି ଦେଇ, ଏହି ଦେଶର ଶାସକ ହୋଇଗଲେ । ଏପରି ସ୍ଥଳେ ବିଦେଶୀମାନଙ୍କ ଲେଖା କିପରି ଗ୍ରହଣୀୟ ହୋଇପାରିବ ? ତା' ଛଡ଼ା ମନୁ କହିଛନ୍ତି —

ମ୍ଳେଚ୍ଛବାଚଶ୍ଚାର୍ଯ୍ୟବାଚଃ ସର୍ବେ ତେ ଦସ୍ୟବଃ ସ୍ମୃତାଃ ॥ ୧ ॥ (ମନୁ. ୧୦:୪୫)

ମ୍ଳେଚ୍ଛଦେଶସ୍ତ୍ୱତଃ ପରଃ ॥ ୨ ॥ (ମନୁ. ୨:୨୩)

ଆର୍ଯ୍ୟାବର୍ତ୍ତ ଦେଶ ବ୍ୟତୀତ ଅନ୍ୟ ଯେଉଁସବୁ ଦେଶ ଅଛି ସେଗୁଡ଼ିକୁ **'ଦସ୍ୟୁଦେଶ'** ଓ **'ମ୍ଲେଚ୍ଛଦେଶ'** କୁହାଯାଏ । ଏଥିରୁ ମଧ୍ୟ ଏହା ପ୍ରମାଣିତ ହୁଏ ଯେ ଆର୍ଯ୍ୟାବର୍ତ୍ତ ବାହାରେ ପୂର୍ବରୁ ଆରମ୍ଭ କରି ଐଶାନ୍ୟ, ଉତ୍ତର, ବାୟବ୍ୟ ଓ ପଶ୍ଚିମ ପର୍ଯ୍ୟନ୍ତ ଦେଶରେ ବସବାସ କରୁଥିବା ଲୋକମାନଙ୍କୁ 'ଦସ୍ୟୁ', 'ମ୍ଲେଚ୍ଛ', ତଥା 'ଅସୁର' କୁହାଯାଉଥିଲା । ସେହିପରି ଆର୍ଯ୍ୟାବର୍ତ୍ତର ନୈର୍ଋତ, ଦକ୍ଷିଣ ଓ ଆଗ୍ନେୟ ଦିଗରେ ଥିବା ଦେଶରେ ରହୁଥିବା ମନୁଷ୍ୟଙ୍କୁ 'ରାକ୍ଷସ' କୁହାଯାଉଥିଲା ।

ଆର୍ଯ୍ୟାବର୍ତ୍ତର ସିଧା ପଛ ପାର୍ଶ୍ୱରେ ବାସକରୁଥିବା ଲୋକଙ୍କୁ **'ନାଗ'** କୁହାଯାଏ । ସେହି ଦେଶ ଆର୍ଯ୍ୟାବର୍ତ୍ତର ଅପରପାର୍ଶ୍ୱରେ ଅର୍ଥାତ୍ ଆର୍ଯ୍ୟାବର୍ତ୍ତ ଦେଶର ଲୋକଙ୍କ ପାଦତଳେ ଥିବାରୁ ତାହାକୁ **'ପାତାଳ'** କୁହାଯାଏ । ସେହି ଦେଶରେ ନାଗ ନାମକ ବ୍ୟକ୍ତିଙ୍କର ବଂଶରୁ ଉତ୍ପନ୍ନ ଲୋକମାନେ ରାଜତ୍ୱ କରୁଥିଲେ । ଏଣୁ ସେମାନଙ୍କୁ 'ନାଗବଂଶୀ' କୁହାଯାଏ । ସେହି ନାଗବଂଶୀ ରାଜକନ୍ୟା 'ଉଲୁପି'ଙ୍କ ସହ ଅର୍ଜୁନଙ୍କ ବିବାହ ହୋଇଥିଲା । **ଇକ୍ଷ୍ୱାକୁଙ୍କଠାରୁ ଆରମ୍ଭ କରି କୌରବ-ପାଣ୍ଡବଙ୍କ ସମୟ ପର୍ଯ୍ୟନ୍ତ ସମଗ୍ର ଭୂମଣ୍ଡଳରେ ଆର୍ଯ୍ୟମାନଙ୍କ ରାଜତ୍ୱ ଥିଲା ଏବଂ ଆର୍ଯ୍ୟାବର୍ତ୍ତ ବାହାରେ ଅନ୍ୟାନ୍ୟ ଦେଶରେ ମଧ୍ୟ ବେଦର କିଛି-କିଛି ପ୍ରଚାର ଥିଲା ।** ଏ ବିଷୟରେ ପ୍ରମାଣ ହେଲା ଯେ ବ୍ରହ୍ମାଙ୍କ ପୁତ୍ର ବିରାଟ, ବିରାଟଙ୍କ ପୁତ୍ର ମନୁ, ମନୁଙ୍କର ମରୀଚି ଆଦି ଦଶଜଣ ପୁତ୍ର, ଏମାନଙ୍କର ସ୍ୱାୟଂଭୁବ ଆଦି ସାତ ରାଜା ଏବଂ ସେମାନଙ୍କ ସନ୍ତାନ ଇକ୍ଷ୍ୱାକୁ ଆଦି ରାଜା, ଯେଉଁମାନେ କି ଆର୍ଯ୍ୟାବର୍ତ୍ତର ପ୍ରଥମ ରାଜା ଥିଲେ, ଏହି ଆର୍ଯ୍ୟାବର୍ତ୍ତ ପ୍ରତିଷ୍ଠା କରିଥିଲେ ।

ବର୍ତ୍ତମାନ ଦୁର୍ଭାଗ୍ୟବଶତଃ ଏବଂ ଆର୍ଯ୍ୟମାନଙ୍କ ଆଳସ୍ୟ, ପ୍ରମାଦ, ପାରସ୍ପରିକ ବିରୋଧ କାରଣରୁ ଅନ୍ୟ ଦେଶରେ ରାଜତ୍ୱ କରିବା ତ ଦୂରର କଥା, ନିଜ ଦେଶ ଆର୍ଯ୍ୟାବର୍ତ୍ତରେ ମଧ୍ୟ ଆର୍ଯ୍ୟମାନଙ୍କର ଅଖଣ୍ଡ, ସ୍ୱତନ୍ତ୍ର, ସ୍ୱାଧୀନ, ନିର୍ଭୟ ରାଜ୍ୟ ଏବେ ନାହିଁ । ଯାହା କିଛି ଅଛି ତାହା ବି ବିଦେଶୀମାନଙ୍କ ପଦାକ୍ରାନ୍ତ ହେଉଅଛି । ଅଳ୍ପ କେତେକ ଶାସକ ସ୍ୱାଧୀନ ଅଛନ୍ତି । ଦୁର୍ଦ୍ଦିନ ଯେତେବେଳେ ଆସେ ସେତେବେଳେ ଦେଶବାସୀଙ୍କୁ ଅନେକ ଦୁଃଖ ଭୋଗ କରିବାକୁ ପଡ଼େ ।

କିଏ କେତେ କରୁନା କାହିଁକି, ତଥାପି ସ୍ୱଦେଶୀୟ ରାଜ୍ୟ (ସ୍ୱଦେଶୀ ଶାସକ) ହିଁ ସର୍ବୋତ୍ତମ । ମତମତାନ୍ତର ପ୍ରତି ଆଗ୍ରହ-ରହିତ, ଆପଣା-ପର ପକ୍ଷପାତଶୂନ୍ୟ, ପ୍ରଜାମାନଙ୍କ ଉପରେ ପିତା-ମାତା ସମ କୃପା, ନ୍ୟାୟ ଓ ଦୟା କରୁଥିବା ବିଦେଶୀ ଶାସନ ମଧ୍ୟ କଦାପି ପୂର୍ଣ୍ଣ ସୁଖଦାୟକ ନୁହେଁ । କିନ୍ତୁ ଭିନ୍ନ-ଭିନ୍ନ ଭାଷା, ପୃଥକ୍ ଶିକ୍ଷାପ୍ରଣାଳୀ, ଅଲଗା ରୀତି-ନୀତି-ବ୍ୟବହାର ସମ୍ବନ୍ଧୀୟ ବିରୋଧଭାବ ଦୂର ହେବା

ଅତୀବ ଦୁଷ୍କର । କିନ୍ତୁ ଏସବୁ ବିରୋଧ ଦୂର ନ ହେବା ପର୍ଯ୍ୟନ୍ତ ଦେଶବାସୀଙ୍କ ପାରସ୍ପରିକ ପୂର୍ଣ୍ଣ ଉପକାର ଓ ଅଭୀଷ୍ଟ ସିଦ୍ଧି ହେବା କଷ୍ଟକର । ଏଣୁ ବେଦାଦି ଶାସ୍ତ୍ରରେ ଯାହା ସବୁ ବ୍ୟବସ୍ଥା ଲେଖାଯାଇଛି ଓ ପ୍ରାଚୀନ ଇତିହାସରେ ଯାହା ଅଛି ତାକୁ ମାନିବା ଉତ୍ତମ ବ୍ୟକ୍ତିଙ୍କ କର୍ତ୍ତବ୍ୟ ।

ପ୍ରଶ୍ନ — ଜଗତ ଉତ୍ପତ୍ତି ହେବାର କେତେ ସମୟ ବିତିଲାଣି ?

ଉତ୍ତର — ଜଗତ ଉତ୍ପତ୍ତି ଓ ବେଦର ପ୍ରକାଶ ହୋଇ ଏକ ବୃନ୍ଦ, ଛୟାନବେ କୋଟି, କେତେ ଲକ୍ଷ ଓ କେତେ ହଜାର ବର୍ଷ ହେଲାଣି । ମୋ' ଦ୍ୱାରା ଲିଖିତ 'ଋଗ୍‌ବେଦାଦିଭାଷ୍ୟଭୂମିକା' ଗ୍ରନ୍ଥରେ ଏହାର ବିସ୍ତୃତ ବ୍ୟାଖ୍ୟା କରାଯାଇଛି । ସେଠାରେ ଦେଖିନିଅନ୍ତୁ ।

ସୃଷ୍ଟି ଏଭଳି ଭାବେ ତିଆରି ହୋଇଥାଏ । ସୃଷ୍ଟିର ସବୁଠାରୁ ସୂକ୍ଷ୍ମ ଅଂଶ, ଯାହାକୁ କି ଆଉ ବିଭାଜିତ କରିହେବ ନାହିଁ, ତା'ର ନାମ ପରମାଣୁ । ଷାଠିଏ ପରମାଣୁ ମିଶି ଯାହା ତିଆରି ହୁଏ ତାକୁ ଅଣୁ କୁହାଯାଏ । ଦୁଇଟି ଅଣୁ ମିଶି ଏକ ଦ୍ୱି-ଅଣୁକ ଗଠିତ ହୁଏ ଯାହାକି ସ୍ଥୂଳ ବାୟୁର କଣ । ତିନିଟି ଦ୍ୱି-ଅଣୁକ ମିଶି ଅଗ୍ନି, ଚାରୋଟି ଦ୍ୱି-ଅଣୁକ ମିଶି ଜଳ ଓ ପାଞ୍ଚୋଟି ଦ୍ୱି-ଅଣୁକରେ ପୃଥିବୀ କଣ ଗଠିତ । ଅଥବା ତିନୋଟି ଦ୍ୱି-ଅଣୁକରେ ଗୋଟିଏ ତ୍ରସରେଣୁ ଏବଂ ତା'ର ଦୁଇଗୁଣ ହେବା ଦ୍ୱାରା ପୃଥିବୀ ଆଦି ଦୃଶ୍ୟ ପଦାର୍ଥ ନିର୍ମିତ ହୁଏ । ଏହିପରି କ୍ରମରେ ମିଶାଇ ପରମାତ୍ମା ଭୂଗୋଳ ଇତ୍ୟାଦି ନିର୍ମାଣ କରିଛନ୍ତି ।

ପୃଥିବୀର ଧାରକ ପରମାତ୍ମା

ପ୍ରଶ୍ନ — ପୃଥିବୀକୁ କିଏ ଧାରଣ କରିଛି ? କେତେକ କହନ୍ତି - 'ଶେଷ ନାଗ ଅର୍ଥାତ୍ ସହସ୍ର ଫଣାଯୁକ୍ତ ସର୍ପର ଶିର ଉପରେ ପୃଥିବୀ ରହିଛି ।' ଆଉ କେହି କହନ୍ତି - 'ପୃଥିବୀ ବଳଦର ଶିଙ୍ଗ ଉପରେ ଅଛି ।' ଅନ୍ୟ କେହି କହେ କି - 'କାହାରି ଉପରେ ନାହିଁ' । ଚତୁର୍ଥ ବ୍ୟକ୍ତି କହୁଛି କି - 'ପୃଥିବୀ ବାୟୁର ଆଧାରରେ ଅଛି ।' ପୁଣି କେହି କହେ ଯେ - 'ସୂର୍ଯ୍ୟର ଆକର୍ଷଣ ଶକ୍ତିରେ ଟାଣି ହୋଇ ନିଜ ସ୍ଥାନରେ ରହିଛି ।' ଅନ୍ୟ କେହି କହନ୍ତି ଯେ - 'ପୃଥିବୀ ଭାରୀ ହୋଇଥିବାରୁ ଆକାଶରେ ତଳକୁ-ତଳକୁ ଚାଲିଯାଉଛି' ଇତ୍ୟାଦି । ଏସବୁ ମଧ୍ୟରୁ କେଉଁଟିକୁ ସତ୍ୟ ବୋଲି ଗ୍ରହଣ କରିବୁ ?

ଉତ୍ତର — 'ପୃଥିବୀ ଶେଷନାଗ ଓ ବଳଦ ଶିଙ୍ଗ ଉପରେ ଅବସ୍ଥିତ' ବୋଲି ଯେଉଁମାନେ କହୁଛନ୍ତି ତାଙ୍କୁ ପଚାରିବା ଉଚିତ ଯେ 'ଶେଷ ନାଗ ଓ ବଳଦର ମା-ବାପାଙ୍କ ଜନ୍ମ ସମୟରେ ପୃଥିବୀ କାହା ଉପରେ ଥିଲା ? ତା' ଛଡ଼ା ସେ ସାପ ଓ ବଳଦ କାହା ଉପରେ ଅଛନ୍ତି ?' ଏ ପ୍ରଶ୍ନ ଶୁଣି ବଳଦ ଶିଙ୍ଗରେ ପୃଥିବୀ ରହିଥିବା କଥା କହୁଥିବା ମୁସଲମାନମାନେ ତ ନିରୁତ୍ତର ହୋଇଯିବେ । କିନ୍ତୁ ସାପ ସପକ୍ଷରେ ମତ ଦେଉଥିବା ଲୋକେ କହିବେ କି - 'ସର୍ପ କୂର୍ମ ଉପରେ, କୂର୍ମ ଜଳରେ, ଜଳ ଅଗ୍ନିରେ, ଅଗ୍ନି ବାୟୁରେ, ବାୟୁ ଆକାଶରେ ରହିଛି ।' ତାଙ୍କୁ ପୁଣି ପଚାରିବା ଉଚିତ ଯେ- 'ଏ ସକଳ କାହା ଉପରେ ଅଧିଷ୍ଠିତ ?' ଉତ୍ତରରେ ସେମାନେ ଅବଶ୍ୟ କହିବେ ଯେ, 'ପରମେଶ୍ୱରଙ୍କ ଉପରେ ।' ପୁଣି ଯଦି ସେମାନଙ୍କୁ କେହି ପଚାରେ ଯେ, 'ଶେଷ ଓ ବଳଦ କାହାର ଛୁଆ ?' ସେମାନେ ଉତ୍ତର ଦେବେ ଯେ - 'ଶେଷ ନାଗ କଶ୍ୟପ ଓ କଦ୍ରୁଙ୍କ ସନ୍ତାନ ଏବଂ ବଳଦଟି ଗାଈର ଛୁଆ ।' ବର୍ତ୍ତମାନ ବିଚାର କରନ୍ତୁ କି କଶ୍ୟପ ମରୀଚିଙ୍କର, ମରୀଚି ମନୁଙ୍କର, ମନୁ ବିରାଟଙ୍କର ଓ ବିରାଟ ବ୍ରହ୍ମାଙ୍କର ପୁତ୍ର ଥିଲେ । ବ୍ରହ୍ମା ସୃଷ୍ଟି ପ୍ରାରମ୍ଭରେ ଜନ୍ମ ହୋଇଥିଲେ । ଏଣୁ ଶେଷ ନାଗ ଜନ୍ମ ହେବା ପୂର୍ବରୁ ପାଞ୍ଚ ପିଢ଼ି ହୋଇସାରିଥିଲା । ସେ ସମୟରେ

ପୃଥିବୀକୁ କିଏ ଧାରଣ କରିଥିଲା ? ଅର୍ଥାତ୍ କଶ୍ୟପଙ୍କ ଜନ୍ମ ସମୟରେ ପୃଥିବୀ କାହା ଉପରେ ଥିଲା ? ଏ ପ୍ରଶ୍ନ ପଚାରିଲେ ସେମାନେ 'ତୋ କଥା ବନ୍ଦ, ମୋ କଥା ବନ୍ଦ' କହିବେ ଏବଂ ଝଗଡ଼ା କରିବାକୁ ଆରମ୍ଭ କରିଦେବେ । କୌଣସି କବି ଯେଉଁ କଥାକୁ କହିଛନ୍ତି — **'ଶେଷାଧାରା ପୃଥିବୀତ୍ୟୁକ୍ତମ୍'** — 'ପୃଥିବୀ ଶେଷ ଆଧାରରେ ଅଧିଷ୍ଠିତ ।' ଅନ୍ୟମାନେ ଏହାର ପ୍ରକୃତ ଅଭିପ୍ରାୟକୁ ନ ବୁଝିପାରି ଶେଷନାଗର ଭ୍ରାନ୍ତ କଳ୍ପନା କରିନେଲେ । ଏହାର ଯଥାର୍ଥ ଅଭିପ୍ରାୟ ହେଲା ଯେ ଯାହା 'ଅବଶିଷ୍ଟ' ରହେ ତାକୁ **'ଶେଷ'** କହନ୍ତି । ଯେହେତୁ ପରମେଶ୍ୱର ଜଗତର ଉତ୍ପତ୍ତି-ପ୍ରଳୟ ପ୍ରକ୍ରିୟାରୁ ଅବଶିଷ୍ଟ ଅର୍ଥାତ୍ ପୃଥକ୍ ରହନ୍ତି, ତେଣୁ ତାଙ୍କୁ ଶେଷ କୁହାଯାଏ । ଏହି ଶେଷ(ପରମେଶ୍ୱର)ଙ୍କ ଆଧାରରେ ପୃଥିବୀ ଅଧିଷ୍ଠିତ ରହିଛି —

ସତ୍ୟେନୋତ୍ତଭିତା ଭୂମିଃ । (ଋକ୍. ୧୦:୮୫:୧)

'ସତ୍ୟ' ଅର୍ଥାତ୍ ଯିଏ ତ୍ରିକାଳ-ଅବାଧିତ, ଯାହାଙ୍କର କେବେ ବିନାଶ ନାହିଁ, ସେହି ପରମେଶ୍ୱର ଭୂମି ଆଦି ସକଳ ଲୋକକୁ ଧାରଣ କରିଛନ୍ତି ।

ଅନଡ୍‌ବାନ୍ ଦାଧାର ପୃଥିବୀମୁତଦ୍ୟାମ୍ । (ଅଥର୍ବ. ୪:୧୧:୧)

ଉକ୍ଷା ସ ଦ୍ୟାବ୍ୟାପୃଥିବୀ ବିଭର୍ତ୍ତି । (ଋକ୍. ୧୦:୩୧:୮)

ଏହି **'ଉକ୍ଷା'** ଶବ୍ଦକୁ ଦେଖି କୌଣସି ବ୍ୟକ୍ତି ପୃଥିବୀକୁ **'ବଳଦ'** ଧାରଣ କରିଛି ବୋଲି କଳ୍ପନା କରିନେଇଥିବେ, କାରଣ **'ଉକ୍ଷା'** ଶବ୍ଦର ଏକ ଅର୍ଥ ବଳଦ ମଧ୍ୟ । କିନ୍ତୁ ସେ ମୂଢ଼ ବ୍ୟକ୍ତି ଏତିକି ବିଚାର କରିପାରିଲେ ନାହିଁ ଯେ ଏତେ ବଡ଼ ପୃଥିବୀକୁ ଧାରଣ କରିବାର ସାମର୍ଥ୍ୟ ଗୋଟିଏ ବଳଦର କୁଆଡୁ ଆସିବ ? ଏଠାରେ **'ଉକ୍ଷା'**ର ଯଥାର୍ଥ ଅର୍ଥ ହେଲା ସୂର୍ଯ୍ୟ, ଯେହେତୁ କି ସୂର୍ଯ୍ୟ ବର୍ଷାଦ୍ୱାରା ପୃଥିବୀ ଉପରେ ଜଳ ସିଞ୍ଚନ କରନ୍ତି । ସେହି ସୂର୍ଯ୍ୟ ନିଜର ଆକର୍ଷଣ ଶକ୍ତି ଦ୍ୱାରା ପୃଥିବୀକୁ ଧାରଣ କରିଛନ୍ତି । କିନ୍ତୁ ସୂର୍ଯ୍ୟାଦିର ଧାରଣକର୍ତ୍ତା ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ନୁହେଁ ।

ପ୍ରଶ୍ନ — ଏତେ ବଡ଼ ଗ୍ରହ-ନକ୍ଷତ୍ରକୁ ପରମେଶ୍ୱର କିପରି ଧାରଣ କରିପାରୁଥିବେ ?

ଉତ୍ତର — ଯେଉଁପରି ଅନନ୍ତ ଆକାଶ ଆଗରେ ବଡ଼-ବଡ଼ ଗ୍ରହପିଣ୍ଡଗୁଡ଼ିକ କିଛି ବି ନୁହନ୍ତି ଅର୍ଥାତ୍ ସମୁଦ୍ର ତୁଳନାରେ ଛୋଟ ଜଳ ବିନ୍ଦୁ ଭଳି ବି ନୁହେଁ, ଏହିପରି ଅନନ୍ତ ପରମେଶ୍ୱରଙ୍କ ସମ୍ମୁଖରେ ଅସଂଖ୍ୟ ଲୋକ-ଲୋକାନ୍ତର ଗୋଟିଏ ପରମାଣୁ ସଦୃଶ୍ୟ ମଧ୍ୟ ନୁହେଁ ବୋଲି କୁହାଯାଇପାରେ । ପରମେଶ୍ୱର ସମଗ୍ର ବ୍ରହ୍ମାଣ୍ଡରେ ବାହାରେ-ଭିତରେ ସର୍ବତ୍ର ବ୍ୟାପି ରହିଛନ୍ତି । **'ବିଭୁଃ ପ୍ରଜାସୁ'** (ଯଜୁଃ. ୩୨:୮) — ସେହି ପରମାତ୍ମା ସମସ୍ତ ପ୍ରଜାଙ୍କ ଭିତରେ ବ୍ୟାପକ ହୋଇ ସମସ୍ତଙ୍କୁ ଧାରଣ କରିଛନ୍ତି । ଖ୍ରୀଷ୍ଟିଆନ, ମୁସଲମାନ, ପୌରାଣିକଙ୍କ କଥନ ଅନୁସାରେ ଯଦି ତାଙ୍କ ସ୍ୱରୂପ ଏକଦେଶୀ ହୋଇଥାନ୍ତା ଅର୍ଥାତ୍ ଯଦି ସେ ବିଭୁ ବା ସର୍ବବ୍ୟାପକ ହୋଇନଥାନ୍ତେ ତେବେ ଏ ସମସ୍ତ ଜଗତକୁ ଧାରଣ କରିପାରିନଥାନ୍ତେ । କାରଣ ଯିଏ ଯେଉଁଠି ବିଦ୍ୟମାନ ନ ଥାଏ ସେଠାରେ ସେ ଧାରଣ କରିପାରେ ନାହିଁ ।

ଯଦି କେହି କହେ କି ଏ ସକଳ ଲୋକ-ଲୋକାନ୍ତର ପାରସ୍ପରିକ ଆକର୍ଷଣ ଦ୍ୱାରା ଧାରିତ ହୋଇଅଛନ୍ତି, ତେଣୁ ଈଶ୍ୱର ଏ ସବୁକୁ ଧାରଣ କରିବାର ଆବଶ୍ୟକତା କ'ଣ ? ସେମାନଙ୍କୁ ଏ ପ୍ରଶ୍ନ ପଚାରିବା ଉଚିତ ଯେ ଏ ସୃଷ୍ଟି ଅନନ୍ତ ନା ସାନ୍ତ ? ଉତ୍ତରରେ ଯଦି ଅନନ୍ତ କହନ୍ତି ତେବେ କହିବା ଉଚିତ ଯେ ଆକାରବାନ୍ ବସ୍ତୁ କଦାପି

ଅନନ୍ତ ହୋଇନପାରେ । ଆଉ ଯଦି ସାନ୍ତ ବୋଲି କହନ୍ତି ତେବେ ପଚାରିବା ଉଚିତ ଯେ ସେହି ଲୋକ-ଲୋକାନ୍ତରର ଅନ୍ତିମ ଲୋକ ବା ସୀମାରେ ଅବସ୍ଥିତ ଲୋକ, ଯାହାପରେ କି ଅନ୍ୟ କୌଣସି ଲୋକ ନାହିଁ, ସେଠାରେ କାହାର ଆକର୍ଷଣ ଶକ୍ତିରେ ଧାରଣ ହେବ ? ଯେଉଁପରି ସମଷ୍ଟି ଓ ବ୍ୟଷ୍ଟି ଅର୍ଥାତ୍ ସକଳ ସମୁଦାୟର ନାମ ବନ ହେଲେ ତାକୁ 'ସମଷ୍ଟି' କୁହାଯାଏ ଏବଂ ଗୋଟିଏ-ଗୋଟିଏ ବୃକ୍ଷକୁ ଅଲଗା-ଅଲଗା ଗଣନା କଲେ ତାକୁ 'ବ୍ୟଷ୍ଟି' କହନ୍ତି, ସେହିପରି ସକଳ ଭୂଗୋଳର ସମଷ୍ଟି ରୂପେ ବିଚାର କଲେ ଜଗତ କୁହାଯାଏ ତ ସକଳ ଜଗତର ଧାରଣ ଓ ଆକର୍ଷଣ କର୍ତ୍ତା ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ନୁହେଁ । ଅତଏବ ଯିଏ ସମସ୍ତ ଜଗତର ରଚନା କରନ୍ତି ସେ ହିଁ —

ସ ଦାଧାର ପୃଥିବୀଂ ଦ୍ୟାମୁତେମାମ୍ । (ଯଜୁଃ. ୧୩:୪)

ପୃଥିବ୍ୟାଦି ପ୍ରକାଶରହିତ ଲୋକ-ଲୋକାନ୍ତର ତଥା ସୂର୍ଯ୍ୟାଦି ପ୍ରକାଶମୟ ଲୋକ ଓ ପଦାର୍ଥ ରଚନା-ଧାରଣ ସେହି ପରମାତ୍ମା କରନ୍ତି, ଯିଏ କି ସବୁରେ ବ୍ୟାପକ ହୋଇଅଛନ୍ତି ।

ପ୍ରଶ୍ନ — ପୃଥିବ୍ୟାଦି ଲୋକସମୂହ ଘୂରୁଛନ୍ତି ନା ସ୍ଥିର ଅଛନ୍ତି ?

ଉତ୍ତର — ଘୂରୁଛନ୍ତି ।

ପ୍ରଶ୍ନ — କେତେକ କହନ୍ତି କି ସୂର୍ଯ୍ୟ ଘୂରୁଛି ଓ ପୃଥିବୀ ଘୂରୁନି, ସ୍ଥିର ଅଛି । ଆଉ କେତେକ କହନ୍ତି ଯେ ପୃଥିବୀ ଘୂରୁଛି, ସୂର୍ଯ୍ୟ ସ୍ଥିର ଅଛି । ଏ ଭିତରୁ କେଉଁଟିକୁ ସତ୍ୟ ବୋଲି ମାନିନିଆଯିବ ?

ଉତ୍ତର — ଏ ଦୁଇଟି ଯାକ କଥା ଅଧା ସତ ଓ ଅଧା ମିଛ । କାରଣ ବେଦରେ ଲେଖାଯାଇଛି —

ଆୟଂ ଗୌଃ ପୃଶ୍ନିରକ୍ରମୀଦସଦନ୍ମାତରଂ ପୁରଃ । ପିତରଂ ଚ ପ୍ରୟନ୍ତ୍ସ୍ୱଃ ॥ (ଯଜୁଃ. ୩:୬)

ଜଳଭାଗ ସହିତ ଏହି ସମଗ୍ର ଭୂମଣ୍ଡଳ ସୂର୍ଯ୍ୟର ଚତୁର୍ଦ୍ଦିଗରେ ଆକାଶରେ ଭ୍ରମଣ କରୁଛି । ଅତଏବ ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ପୃଥିବୀ ଭ୍ରମଣ କରୁଛି ।

ଆ କୃଷ୍ଣେନ ରଜସା ବର୍ତ୍ତମାନୋ ନିବେଶୟନ୍ନମୃତଂ ମର୍ତ୍ତ୍ୟଂ ଚ ।
ହିରଣ୍ୟୟେନ ସବିତା ରଥେନା ଦେବୋ ଯାତି ଭୁବନାନି ପଶ୍ୟନ୍ ॥ (ଯଜୁଃ. ୩୩:୪୩)

'ସବିତା' ବା ସୂର୍ଯ୍ୟ ବର୍ଷାଦିର କର୍ତ୍ତା, ପ୍ରକାଶସ୍ୱରୂପ, ତେଜୋମୟ, ରମଣୀୟସ୍ୱରୂପ ଅଟେ । ଅମୃତରୂପକ ବୃଷ୍ଟି ବା କିରଣ ଦ୍ୱାରା ସକଳ ପ୍ରାଣୀ-ଅପ୍ରାଣୀଙ୍କଠାରେ ଅମୃତରୂପକ ବୃଷ୍ଟି କରି, ତଥା ସକଳ ମୂର୍ତ୍ତିମାନ ଦ୍ରବ୍ୟକୁ ପ୍ରକାଶିତ କରି, ସକଳ ଲୋକ ସହ ଆକର୍ଷଣ ଶକ୍ତିରେ ବିଦ୍ୟମାନ ରହି, କେବଳ ନିଜ ପରିଧିରେ ଭ୍ରମଣ କରେ; କୌଣସି ଲୋକର ଚତୁର୍ଦ୍ଦିଗରେ ଭ୍ରମଣ କରେ ନାହିଁ । ସେହିପରି ଗୋଟିଏ-ଗୋଟିଏ ବ୍ରହ୍ମାଣ୍ଡରେ ଏକ-ଏକ ସୂର୍ଯ୍ୟ ପ୍ରକାଶକ ରୂପେ ବିଦ୍ୟମାନ ଏବଂ ବ୍ରହ୍ମାଣ୍ଡର ଅନ୍ୟ ସବୁ ଲୋକ-ଲୋକାନ୍ତର ସ୍ୱୟଂ ପ୍ରକାଶରହିତ ଓ ସୂର୍ଯ୍ୟ ଦ୍ୱାରା ପ୍ରକାଶ୍ୟ । ଯଥା —

ଦିବି ସୋମୋ ଅଧି ଶ୍ରିତଃ । (ଅଥର୍ବ. ୧୪:୧:୧)

ଚନ୍ଦ୍ରଲୋକ ଯେପରି ସୂର୍ଯ୍ୟ ଦ୍ୱାରା ପ୍ରକାଶିତ ହୁଏ, ସେହିପରି ପୃଥିବ୍ୟାଦି ଲୋକସମୂହ ସୂର୍ଯ୍ୟର ପ୍ରକାଶରେ ହିଁ ପ୍ରକାଶିତ ହୋଇଥାନ୍ତି । କିନ୍ତୁ ଦିନ ଓ ରାତି ସର୍ବଦା ବିଦ୍ୟମାନ ରହିଥାଆନ୍ତି, କାରଣ ପୃଥିବ୍ୟାଦି ଲୋକ ସୂର୍ଯ୍ୟଙ୍କ ଚାରିପଟେ ବୁଲୁଥିବାରୁ ସେସବୁର ଯେତେବେଳେ ଯେତିକି ଭାଗ ସୂର୍ଯ୍ୟ ଆଡ଼କୁ ଆସୁଥାଏ, ସେତିକି ଭାଗରେ

ଦିନ ଓ ଯେତିକି ଭାଗ ଅନ୍ୟପଟେ ବା ଆଢୁଆଳରେ ରହିଚାଲିଥାଏ, ସେତିକିରେ ରାତି ହେଉଥାଏ । ଅର୍ଥାତ୍ ଉଦୟ, ଅସ୍ତ, ସନ୍ଧ୍ୟା, ମଧ୍ୟାହ୍ନ ଓ ମଧ୍ୟରାତ୍ରି ପ୍ରଭୃତି ଯେତିକି କାଳ ବିଭାଗ ଅଛି, ସେସବୁ ଭିନ୍ନ-ଭିନ୍ନ ସ୍ଥାନରେ ସର୍ବଦା ବିଦ୍ୟମାନ ଥାଏ । ଅର୍ଥାତ୍ ଆର୍ଯ୍ୟାବର୍ତ୍ତରେ ଯେତେବେଳେ ସୂର୍ଯ୍ୟୋଦୟ ହୋଇଥାଏ, ସେହି ସମୟରେ 'ପାତାଳ' ବା 'ଆମେରିକା'ରେ ସୂର୍ଯ୍ୟାସ୍ତ ହୋଇଥାଏ । ଆଉ ଯେତେବେଳେ ଆର୍ଯ୍ୟାବର୍ତ୍ତରେ ସୂର୍ଯ୍ୟାସ୍ତ ହୋଇଥାଏ ସେତେବେଳେ ଆମେରିକାରେ ସୂର୍ଯ୍ୟୋଦୟ ହୋଇଥାଏ । ଆର୍ଯ୍ୟାବର୍ତ୍ତରେ ମଧ୍ୟାହ୍ନ ହେଲା ବେଳକୁ ଆମେରିକାରେ ମଧ୍ୟରାତ୍ରି ଓ ଆର୍ଯ୍ୟାବର୍ତ୍ତରେ ମଧ୍ୟରାତ୍ରି ହେବାବେଳେ ଆମେରିକାରେ ମଧ୍ୟାହ୍ନ ହୋଇଥାଏ ।

ଯେଉଁମାନେ କହନ୍ତି କି ସୂର୍ଯ୍ୟ ଘୂରୁଛି ଓ ପୃଥିବୀ ସ୍ଥିର ଅଛି, ସେମାନେ ସମସ୍ତେ ଅଜ୍ଞ । କାରଣ ଯଦି ପୃଥିବୀ ଚାରିପଟେ ସୂର୍ଯ୍ୟ ବୁଲୁଥାନ୍ତା, ତେବେ କେତେ ହଜାର ବର୍ଷରେ ଗୋଟିଏ ଦିନ ଓ ଗୋଟିଏ ରାତି ହୋଇଥାନ୍ତା । ସୂର୍ଯ୍ୟର ନାମ **'ବ୍ରଧ୍ନଃ'** (ଶତ.୧୩:୨:୬:୧) । ସୂର୍ଯ୍ୟ ପୃଥିବୀଠାରୁ ଅନେକ ଲକ୍ଷ ଗୁଣ ବଡ଼ ଓ କୋଟି-କୋଟି କୋଶ ଦୂରରେ ଅବସ୍ଥିତ । ଯେଉଁପରି ଏକ ସୋରିଷର ଚାରିପଟେ ପାହାଡ଼ଟିଏ ବୁଲିଲେ ବହୁତ ସମୟ ଲାଗିବ, କିନ୍ତୁ ପାହାଡ଼ର ଚତୁର୍ଦ୍ଦିଗରେ ସୋରିଷ ବୁଲିଲେ ଅଳ୍ପ ସମୟ ଲାଗେ । ସେହିପରି ପୃଥିବୀ ନିଜ ଅକ୍ଷ ଚାରିପଟେ ବୁଲିଲେ ଯଥାଯଥ ଦିନ-ରାତି ହୋଇଥାଏ, ସୂର୍ଯ୍ୟ ବୁଲିବାରୁ ହୋଇନଥାଏ । ପୁଣି ଯେଉଁମାନେ ସୂର୍ଯ୍ୟ ସ୍ଥିର ବୋଲି କହନ୍ତି, ସେମାନେ ମଧ୍ୟ ଜ୍ୟୋତିର୍ବିଦ୍ୟା ବିଷୟରେ ଜାଣନ୍ତି ନାହିଁ । କାରଣ ଯଦି ସୂର୍ଯ୍ୟ ବୁଲୁନଥାନ୍ତା ତେବେ ଗୋଟିଏ ରାଶିରୁ ଅନ୍ୟ ରାଶିକୁ ସ୍ଥାନ ପରିବର୍ତ୍ତନ କରିନଥାନ୍ତା । ତା' ଛଡ଼ା ଭାରୀ ପଦାର୍ଥ ଭ୍ରମଣଶୀଳ ନ ହେଲେ ଆକାଶରେ ନିୟତ ସ୍ଥାନରେ କଦାପି ରହିପାରେ ନାହିଁ । ଆଉ ଜୈନ ଆଦି ଲୋକେ ଯେଉଁ କଥା କହନ୍ତି କି ପୃଥିବୀ ଘୂରୁ ନାହିଁ, ବରଂ ତଳକୁ-ତଳକୁ ଚାଲିଯାଉଛି; ପୁଣି କହନ୍ତି ଯେ ଦୁଇଟି ସୂର୍ଯ୍ୟ ଓ ଦୁଇଟି ଚନ୍ଦ୍ର କେବଳ ଜମ୍ବୁ ଦ୍ୱୀପରେ ହିଁ ଅଛନ୍ତି, ସେମାନେ ତ ବାର ହାଣ୍ଡି ଭାଙ୍ଗ ନିଶାରେ ବୁଡ଼ି ରହିଛନ୍ତି । କାରଣ ଯଦି ପୃଥିବୀ ତଳକୁ-ତଳକୁ ଖସି ଯାଉଥାନ୍ତା, ତେବେ ଚତୁର୍ଦ୍ଦିଗରେ ବାୟୁର ଚକ୍ର ଗଠିତ ନ ହେବା ଦ୍ୱାରା ପୃଥିବୀ ଛିନ୍ନ-ଭିନ୍ନ ହୋଇଯାଇଥାନ୍ତା । ପୃଥିବୀର ଉପରି ଭାଗରେ ରହୁଥିବା ଲୋକଙ୍କୁ ବାୟୁର ସ୍ପର୍ଶ ମିଳିନଥାନ୍ତା । ନିମ୍ନ ଭାଗର ଲୋକଙ୍କୁ ବାୟୁ ଚାପ ଅଧିକ ହୁଅନ୍ତା ତଥା ବାୟୁର ଗତି ଏକା ଭଳି ହୋଇଥାନ୍ତା । ପୁଣି ଦୁଇଟି ସୂର୍ଯ୍ୟ ଓ ଦୁଇଟି ଚନ୍ଦ୍ର ଯଦି ଥାଆନ୍ତେ, ତା'ହେଲେ ରାତି ଓ କୃଷ୍ଣପକ୍ଷ ଆଉ ହୁଅନ୍ତା ନାହିଁ । ଏଣୁ ଗୋଟିଏ ଗ୍ରହ ପାଇଁ ଏକ ଚନ୍ଦ୍ର ଏବଂ ଅନେକ ଚନ୍ଦ୍ର ଓ ଅନେକ ଗ୍ରହ ମଧ୍ୟରେ ଏକ ସୂର୍ଯ୍ୟ ବିଦ୍ୟମାନ ।

ପ୍ରଶ୍ନ — ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗଣ କି ପ୍ରକାର ବସ୍ତୁ ? ସେସବୁରେ ମନୁଷ୍ୟାଦି ପ୍ରାଣୀ ଅଛନ୍ତି ନା ନାହିଁ ?

ଉତ୍ତର — ଏସବୁ ଗୋଟିଏ-ଗୋଟିଏ ଲୋକ । ଏ ସବୁରେ ମନୁଷ୍ୟ-ଆଦି ପ୍ରାଣୀ ବାସ କରନ୍ତି । କରଣ —

ଏତେଷୁ ହୀଦଂ ସର୍ବଂ ବସୁ ହିତମେତେ ହୀଦଂ ସର୍ବଂ ବାସୟନ୍ତେ, ତଦ୍ୟଦିଦଂ ସର୍ବଂ ବାସୟନ୍ତେ ତସ୍ମାଦ୍ ବସବ ଇତି ॥ (ଶତ. ୧୪:୬:୭:୪)

ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ଚନ୍ଦ୍ର, ସୂର୍ଯ୍ୟ ଓ ନକ୍ଷତ୍ର - ଏଗୁଡ଼ିକୁ **'ବସୁ'** କହନ୍ତି । କାରଣ ଏସବୁ ହିଁ ସକଳ ପଦାର୍ଥ ଓ ପ୍ରାଣୀମାନଙ୍କର ନିବାସ ସ୍ଥାନ ଏବଂ ଏଗୁଡ଼ିକ ହିଁ ସମସ୍ତଙ୍କ ନିବାସର ନିମିତ୍ତ ଅଟନ୍ତି । ଯେହେତୁ ଏସବୁ ବାସ କରିବା, ନିବାସ କରିବାର ଆଧାର ଅଟନ୍ତି, ଏଣୁ ଏସବୁର ନାମ **'ବସୁ'** । ଯେହେତୁ ପୃଥିବୀ ଭଳି ସୂର୍ଯ୍ୟ, ଚନ୍ଦ୍ର ଓ ଅନ୍ୟ ନକ୍ଷତ୍ର ମଧ୍ୟ ବସୁ ଅଟନ୍ତି, ତେଣୁ ସେସବୁରେ ଯଥାଯୋଗ୍ୟ ପ୍ରାଣୀ ରହିବାରେ

ସନ୍ଦେହ କ'ଣ ଅଛି ? ତା' ଛଡ଼ା ପରମେଶ୍ୱରଙ୍କ ରଚିତ ଏହି ଛୋଟ ଭୂମଣ୍ଡଳଟି ଯେତେବେଳେ ମନୁଷ୍ୟାଦି ସୃଷ୍ଟିରେ ପରିପୂର୍ଣ୍ଣ, ସେ କ୍ଷେତ୍ରରେ ଏତେ ସବୁ ଲୋକ-ଲୋକାନ୍ତର କ'ଣ ଶୂନ୍ୟ ହୋଇ ରହିଥିବ ? ଈଶ୍ୱରଙ୍କ କୌଣସି କାମ ନିଷ୍ପ୍ରୟୋଜନ ନୁହେଁ । ତେଣୁ ଏ ସବୁ ଅସଂଖ୍ୟ ଲୋକ-ଲୋକାନ୍ତରରେ ପ୍ରାଣୀ ପ୍ରଭୃତି ପଦାର୍ଥ ନ ରହିଲେ ଏସବୁ କ'ଣ କେବେ ସାର୍ଥକ ହୋଇପାରେ ? ଏଣୁ ସବୁଠାରେ ମନୁଷ୍ୟାଦି ପ୍ରାଣୀ ରହିଛନ୍ତି ।

ପ୍ରଶ୍ନ — ଏହି ପୃଥିବୀରେ ମନୁଷ୍ୟ ଆଦି ପ୍ରାଣୀଙ୍କ ଆକୃତି ଓ ଅବୟବ ଯେପରି ଅଛି, ଅନ୍ୟ ଲୋକଗୁଡ଼ିକରେ ମଧ୍ୟ ସେହିପରି ଆକୃତି ରହିଥିବ ନା ଅଲଗା ପ୍ରକାରର ?

ଉତ୍ତର — ଆକୃତି ଆଦିରେ କିଛି-କିଛି ପ୍ରଭେଦ ରହିଥିବା ସମ୍ଭାବନା ଅଛି । ଯେପରି ଏହି ପୃଥିବୀରେ ଚୀନ୍, ଆଫ୍ରିକା, ଆର୍ଯ୍ୟାବର୍ତ୍ତ ଓ ୟୁରୋପର ଲୋକଙ୍କ ଅବୟବ, ରୂପ, ରଙ୍ଗ, ଆକୃତିରେ କିଛି-କିଛି ପାର୍ଥକ୍ୟ ରହିଥାଏ, ସେହିପରି ଲୋକ-ଲୋକାନ୍ତରର ମନୁଷ୍ୟାଦି ପ୍ରାଣୀଙ୍କ ମଧ୍ୟରେ ବି ପ୍ରଭେଦ ରହିଥାଏ । କିନ୍ତୁ ଯେଉଁ ଜାତିର ଯେଭଳି ସୃଷ୍ଟି ଏ ପୃଥିବୀରେ ହୋଇଛି, ସେହିଭଳି ଅନ୍ୟ ଲୋକରେ ବି ସେହି ଜାତିର ସେଭଳି ସୃଷ୍ଟି ରହିଥାଏ । ଏହି ଲୋକରେ ଶରୀରର ଯେଉଁ-ଯେଉଁ ସ୍ଥାନରେ ନେତ୍ରାଦି ଅଙ୍ଗ-ପ୍ରତ୍ୟଙ୍ଗ ବିଦ୍ୟମାନ, ଅନ୍ୟ ଲୋକରେ ମଧ୍ୟ ସେହି ଜାତିରେ ସେହି-ସେହି ସ୍ଥାନରେ ସେଭଳି ଅଙ୍ଗ-ପ୍ରତ୍ୟଙ୍ଗ ରହିଥାଏ । କାରଣ —

ସୂର୍ଯ୍ୟାଚନ୍ଦ୍ରମସୌ ଧାତା ଯଥାପୂର୍ବମକଲ୍ପୟତ୍ ।
ଦିବଂ ଚ ପୃଥିବୀଂ ଚାନ୍ତରିକ୍ଷମଥୋ ସ୍ୱଃ ॥ (ଋକ୍. ୧୦:୧୯୦:୩)

'ଧାତା' ଅର୍ଥାତ୍ ପରମାତ୍ମା ଯେପରି ସୂର୍ଯ୍ୟ, ଚନ୍ଦ୍ର, ଦ୍ୟୌ, ପୃଥିବୀ, ଅନ୍ତରିକ୍ଷ ଓ ତତ୍ରସ୍ଥ ସୁଖଦ ପଦାର୍ଥ ବିଶେଷ ପୂର୍ବକଳ୍ପରେ ରଚନା କରିଥିଲେ, ସେହିପରି ଏହି କଳ୍ପରେ ଅର୍ଥାତ୍ ଏହି ସୃଷ୍ଟିରେ ରଚନା କରିଛନ୍ତି । ଏହି ଲୋକରେ ନିର୍ମାଣ କଲାଭଳି ଅନ୍ୟ ସବୁ ଲୋକ-ଲୋକାନ୍ତରରେ ବି ନିର୍ମାଣ କରିଛନ୍ତି । ଏସବୁରେ କୌଣସି ପ୍ରଭେଦ ନାହିଁ ।

ପ୍ରଶ୍ନ — ଯେଉଁ ବେଦ ଏହି ଲୋକରେ ପ୍ରକାଶିତ କରିଛନ୍ତି, ସେହି ବେଦ ଜ୍ଞାନ ସେସବୁ ଲୋକରେ ବି ପ୍ରକାଶିତ ହୋଇଛି ନା ନାହିଁ ?

ଉତ୍ତର — ସେଠାରେ ମଧ୍ୟ ସେହି ବେଦ ଜ୍ଞାନର ପ୍ରକାଶ ହୋଇଛି । ଯେପରି ଜଣେ ରାଜାଙ୍କ ରାଜ୍ୟବ୍ୟବସ୍ଥା, ନୀତି ତାଙ୍କର ଅଧୀନସ୍ଥ ସବୁ ପ୍ରଦେଶରେ ସମାନ ହୋଇଥାଏ, ସେହିପରି ରାଜରାଜେଶ୍ୱର ପରମାତ୍ମାଙ୍କ ବେଦୋକ୍ତ ନୀତି ନିଜ ସୃଷ୍ଟିରୂପକ ରାଜ୍ୟରେ ସର୍ବତ୍ର ଏକାଭଳି ଅଟେ ।

ପ୍ରଶ୍ନ — ଯଦି ଜୀବାତ୍ମା ଓ ପ୍ରକୃତି ତତ୍ତ୍ୱ ଅନାଦି ଅଟନ୍ତି, ଈଶ୍ୱରଙ୍କ ଦ୍ୱାରା ନିର୍ମିତ ନୁହନ୍ତି, ତେବେ ଏମାନଙ୍କ ଉପରେ ଈଶ୍ୱରଙ୍କ ଅଧିକାର ନ ରହିବା ଉଚିତ, ଯେହେତୁ କି ଏମାନେ ସବୁ ସ୍ୱତନ୍ତ୍ର ।

ଉତ୍ତର — ଯେଉଁପରି ରାଜା ଓ ପ୍ରଜା ସମକାଳିକ ହୋଇଥାନ୍ତି, ଅର୍ଥାତ୍ ଯେଉଁ ସମୟରେ ଜଣେ ରାଜା ଥାଏ ତ ସେହି ସମୟରେ ଅନ୍ୟ ଜଣକ ପ୍ରଜା ଥାଏ, ତଥାପି ପ୍ରଜାଗଣ ରାଜାଙ୍କ ଅଧୀନସ୍ଥ ରହିଥାନ୍ତି, ସେହିପରି ଜୀବାତ୍ମା ଓ ଜଡ଼ ପଦାର୍ଥ ପ୍ରକୃତି ଅନାଦି ହୋଇଥିବା ସତ୍ତ୍ୱେ ପରମେଶ୍ୱରଙ୍କ ଅଧୀନରେ ରହିଥାନ୍ତି । **ଯେହେତୁ ପରମେଶ୍ୱର ସକଳ ସୃଷ୍ଟି ନିର୍ମାଣ କରନ୍ତି, ଜୀବମାନଙ୍କୁ ସେମାନଙ୍କ କର୍ମଫଳ ପ୍ରଦାନ କରନ୍ତି, ସମସ୍ତଙ୍କ ଯଥାଯଥ ଭାବେ ରକ୍ଷଣାବେକ୍ଷଣ କରନ୍ତି ଏବଂ ନିଜେ ଅନନ୍ତ ସାମର୍ଥ୍ୟବାନ୍ ଅଟନ୍ତି, ତେଣୁ ଅଳ୍ପ ସାମର୍ଥ୍ୟବାନ୍**

ଜୀବ ଓ ଜଡ଼ ପଦାର୍ଥ ତାଙ୍କ ଅଧୀନରେ କାହିଁକି ନ ରହିବେ ? ଏଣୁ ଜୀବ କର୍ମ କରିବାରେ ସ୍ୱତନ୍ତ୍ର, କିନ୍ତୁ କର୍ମଫଳ ଭୋଗିବାରେ ଈଶ୍ୱରଙ୍କ ବ୍ୟବସ୍ଥାରେ ପରତନ୍ତ୍ର । ସେହିପରି ସର୍ବଶକ୍ତିମାନ୍ ଈଶ୍ୱର ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡର ସୃଷ୍ଟି, ପାଳନ ଓ ସଂହାର କରିଥାନ୍ତି ।

ଏହାପରେ ବିଦ୍ୟା-ଅବିଦ୍ୟା, ବନ୍ଧ ଓ ମୋକ୍ଷ ବିଷୟରେ ଲେଖାଯିବ । ଏଠାରେ ସୃଷ୍ଟି ଉତ୍ପତ୍ତି-ସ୍ଥିତି-ପ୍ରଳୟ ବିଷୟକ ଅଷ୍ଟମ ସମୁଲ୍ଲାସ ସମ୍ପୂର୍ଣ୍ଣ ହେଲା ।

ଇତି ଶ୍ରୀମଦ୍ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତେ ସୃଷ୍ଟ୍ୟୁତ୍ପତ୍ତିସ୍ଥିତିପ୍ରଳୟବିଷୟେ-
ଽଷ୍ଟମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୮ ॥

ଅଥ ନବମସମୁଲ୍ଲାସାରମ୍ଭଃ

ଅଥ ବିଦ୍ୟାଽବିଦ୍ୟାବନ୍ଧମୋକ୍ଷବିଷୟାନ୍ ବ୍ୟାଖ୍ୟାସ୍ୟାମଃ

ବିଦ୍ୟାଂ ଚାଽବିଦ୍ୟାଂ ଚ ୟସ୍ତଦ୍‌ବେଦୋଭୟଂ ସହ ।
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ ॥ (ୟଜୁଃ. ୪୦:୧୪)

ଯେଉଁ ବ୍ୟକ୍ତି ବିଦ୍ୟା ଓ ଅବିଦ୍ୟାର ସ୍ୱରୂପକୁ ଏକା ସାଥିରେ ଜାଣିଥାଏ, ସେ **'ଅବିଦ୍ୟା'** ଅର୍ଥାତ୍ 'କର୍ମ-ଉପାସନା' ଦ୍ୱାରା ମୃତ୍ୟୁରୁ ଉଦ୍ଧାର ପାଇ **'ବିଦ୍ୟା'** ଅର୍ଥାତ୍ ଯଥାର୍ଥ ଜ୍ଞାନ ଦ୍ୱାରା ମୋକ୍ଷ ପ୍ରାପ୍ତି କରିଥାଏ । ଏହି 'ଅବିଦ୍ୟା', କିନ୍ତୁ ମିଥ୍ୟାଜ୍ଞାନ ରୂପକ 'ଅବିଦ୍ୟା'ଠାରୁ ଭିନ୍ନ । ମିଥ୍ୟାଜ୍ଞାନ ରୂପକ ଅବିଦ୍ୟାର ଲକ୍ଷଣ ହେଲା —

ଅନିତ୍ୟାଶୁଚିଦୁଃଖାନାତ୍ମସୁ ନିତ୍ୟଶୁଚିସୁଖାତ୍ମଖ୍ୟାତିରବିଦ୍ୟା । (ୟୋଗ. ୨:୫)

'ଅନିତ୍ୟ' ସଂସାର ଓ ଦେହାଦିରେ 'ନିତ୍ୟ' ଜ୍ଞାନ ଅର୍ଥାତ୍ ଯେଉଁ କାର୍ଯ୍ୟ-ଜଗତ ଦେଖା-ଶୁଣାଯାଉଛି, ତାହା ସର୍ବଦା ରହିଛି ଓ ଚିରକାଳ ପର୍ଯ୍ୟନ୍ତ ରହିବ ଏବଂ ଯୋଗବଳରେ ଏହି ସୁନ୍ଦର ଶରୀର ସବୁଦିନ ପାଇଁ ରହିବ - ଏପରି ବିପରୀତ ବୁଦ୍ଧି ହେଲା **ଅବିଦ୍ୟାର ପ୍ରଥମ ଭାଗ** । 'ଅଶୁଚି' ଅର୍ଥାତ୍ ମଳମୟ ସ୍ତ୍ରୀ-ପୁରୁଷ ଆଦିଙ୍କ ଶରୀର ଏବଂ ମିଥ୍ୟାଭାଷଣ, ଚୋରି ଆଦି ଅପବିତ୍ର ବିଷୟକୁ ପବିତ୍ର ମନେକରିବା **ଅବିଦ୍ୟାର ଦ୍ୱିତୀୟ ଭାଗ** । ଅତ୍ୟନ୍ତ ବିଷୟସେବନ ରୂପକ ଦୁଃଖକୁ ସୁଖ ବୋଲି ବିବେଚନା କରିବା **ଅବିଦ୍ୟାର ତୃତୀୟ ଭାଗ** । ଅନାତ୍ମରେ ଆତ୍ମବୁଦ୍ଧି କରିବା **ଅବିଦ୍ୟାର ଚତୁର୍ଥ ଭାଗ** । ଏହି ଚାରି ପ୍ରକାର ବିପରୀତ ଜ୍ଞାନକୁ ଅବିଦ୍ୟା କହନ୍ତି ।

ଏହାର ବିପରୀତ ଜ୍ଞାନ ଅର୍ଥାତ୍ ଅନିତ୍ୟକୁ ଅନିତ୍ୟ ଓ ନିତ୍ୟକୁ ନିତ୍ୟ, ଅପବିତ୍ରକୁ ଅପବିତ୍ର ଓ ପବିତ୍ରକୁ ପବିତ୍ର, ଦୁଃଖକୁ ଦୁଃଖ ଓ ସୁଖକୁ ସୁଖ, ଅନାତ୍ମକୁ ଅନାତ୍ମ ଓ ଆତ୍ମାକୁ ଆତ୍ମା ବୋଲି ଜାଣିବାକୁ **'ବିଦ୍ୟା'** କୁହାଯାଏ । ଅର୍ଥାତ୍ **'ବେତ୍ତି ୟଥାବତ୍ ତତ୍ତ୍ୱଂ ପଦାର୍ଥସ୍ୱରୂପଂ ୟୟା ସା ବିଦ୍ୟା, ୟୟା ତତ୍ତ୍ୱସ୍ୱରୂପଂ ନ ଜାନାତି ଭ୍ରମାଦନ୍ୟସ୍ମିନ୍ନନ୍ୟନ୍ନିଶ୍ଚିନୋତି ସାଽବିଦ୍ୟା'** — ଯାହା ଦ୍ୱାରା ପଦାର୍ଥର ଯଥାର୍ଥସ୍ୱରୂପ ବୋଧ ହୁଏ, ତାହାକୁ **'ବିଦ୍ୟା'** କୁହାଯାଏ ଏବଂ ଯାହା ଦ୍ୱାରା ପଦାର୍ଥର ଯଥାର୍ଥ ସ୍ୱରୂପ ଜଣାପଡ଼େ ନାହିଁ, ଗୋଟିଏ ପଦାର୍ଥ ଅନ୍ୟ ଦ୍ରବ୍ୟ ରୂପେ ଜଣାଯାଏ, ତାହାକୁ **'ଅବିଦ୍ୟା'** କହନ୍ତି ।

ଏହି ସମୁଲ୍ଲାସର ଆରମ୍ଭରେ ପ୍ରଦତ୍ତ ମନ୍ତ୍ରରେ **'କର୍ମ ଓ ଉପାସନା'**କୁ ଏଇଥିପାଇଁ **'ଅବିଦ୍ୟା'** ବୋଲି କୁହାଯାଇଛି, କାରଣ ଏ ଦୁଇଟି ବାହ୍ୟ ଓ ଆନ୍ତରିକ କ୍ରିୟାବିଶେଷ ଅଟନ୍ତି, ଜ୍ଞାନବିଶେଷ ନୁହନ୍ତି । ଏଥିପାଇଁ ପ୍ରୋକ୍ତ ମନ୍ତ୍ରରେ କୁହାଯାଇଛି କି ଶୁଦ୍ଧ କର୍ମ ଓ ପରମେଶ୍ୱରଙ୍କ ଶୁଦ୍ଧ ଉପାସନା ବିନା କେହି ମଧ୍ୟ ମୃତ୍ୟୁ ଦୁଃଖରୁ ପାର ପାଇପାରେ ନାହିଁ । ଅର୍ଥାତ୍ **ପବିତ୍ର କର୍ମ, ପବିତ୍ର ଉପାସନା ଓ ପବିତ୍ର ଜ୍ଞାନ ଦ୍ୱାରା ହିଁ ମୁକ୍ତି ମିଳିଥାଏ ଏବଂ ମିଥ୍ୟାଭାଷଣାଦି ଅପବିତ୍ର କର୍ମ, କାଷ୍ଠ-ପାଷାଣାଦିର ମୂର୍ତ୍ତି ଆଦିର ଉପାସନା ଓ ମିଥ୍ୟାଜ୍ଞାନ ଦ୍ୱାରା ବନ୍ଧନ ହୋଇଥାଏ । କୌଣସି ମନୁଷ୍ୟ କ୍ଷଣକ ପାଇଁ ମଧ କର୍ମ, ଉପାସନା ଓ ଜ୍ଞାନରୁ ରହିତ ହୋଇନଥାଏ । ଏଣୁ**

ସତ୍ୟଭାଷଣାଦି ଧର୍ମଯୁକ୍ତ କର୍ମ କରିବା ଓ ମିଥ୍ୟାଭାଷଣାଦି ଅଧର୍ମ ପରିତ୍ୟାଗ କରିଦେବା ମୁକ୍ତିର ସାଧନ ଅଟେ ।

ପ୍ରଶ୍ନ — ମୁକ୍ତି କାହାକୁ ମିଳେ ନାହିଁ ?

ଉତ୍ତର — ଯିଏ ବଦ୍ଧ ଅଟେ ।

ପ୍ରଶ୍ନ — ବଦ୍ଧ କିଏ ?

ଉତ୍ତର — ଯେଉଁ ଜୀବ ଅଧର୍ମ-ଅଜ୍ଞାନରେ ମଜ୍ଜିରହିଛି ।

ପ୍ରଶ୍ନ — ବନ୍ଧ ଓ ମୋକ୍ଷ ସ୍ୱଭାବବଶତଃ ହୁଏ ନା ନିମିତ୍ତ ଦ୍ୱାରା ?

ଉତ୍ତର — ନିମିତ୍ତ ଦ୍ୱାରା । କାରଣ, ଯଦି ସ୍ୱଭାବବଶତଃ ହେଉଥାନ୍ତା ତେବେ ବନ୍ଧ ଓ ମୁକ୍ତିର ନିବୃତ୍ତି କଦାପି ହେଉନଥାନ୍ତା ।

ପ୍ରଶ୍ନ — ନ ନିରୋଧ ନ ଚୋତ୍ପତ୍ତିର୍ନ ବଦ୍ଧୋ ନ ଚ ସାଧକଃ ।
ନ ମୁମୁକ୍ଷୁର୍ନ ବୈ ମୁକ୍ତିରିତ୍ୟେଷା ପରମାର୍ଥତା ॥ (ମାଣ୍ଡୂକ୍ୟ. ଗୌଡ଼ପାଦକାରିକା. ୨ :୩୨)

ଜୀବ ବ୍ରହ୍ମ ହୋଇଥିବାରୁ ବସ୍ତୁତଃ ଜୀବର 'ନିରୋଧ' ନାହିଁ ଅର୍ଥାତ୍ ଜୀବ କେବେ ଆବରଣ ଭିତରକୁ ଆସେ ନାହିଁ, କି ଜନ୍ମ ନିଏ ନାହିଁ କିମ୍ୱା ବନ୍ଧନଗ୍ରସ୍ତ ହୁଏ ନାହିଁ । ଜୀବ 'ସାଧକ' ବି ନୁହେଁ ଅର୍ଥାତ୍ ସେ କୌଣସି ସାଧନା କରେ ନାହିଁ, ମୁକ୍ତ ହେବାକୁ ଇଚ୍ଛା କରେ ନାହିଁ କି ତା'ର କେବେହେଲେ ମୁକ୍ତି ମଧ୍ୟ ନାହିଁ । କାରଣ ଯେତେବେଳେ ପରମାର୍ଥତଃ ତା'ର 'ବନ୍ଧ' ହିଁ ନାହିଁ , ତେଣୁ 'ମୁକ୍ତି' ପୁଣି କ'ଣ ?

ଉତ୍ତର — ନବୀନ ବେଦାନ୍ତୀମାନଙ୍କର ଏହି କଥନ ସତ୍ୟ ନୁହେଁ । କାରଣ ଜୀବର ସ୍ୱରୂପ ଅଳ୍ପ ହୋଇଥିବାରୁ ସେ ଆବରଣଗ୍ରସ୍ତ ହୁଏ, ଶରୀର ସହ ସଂଯୁକ୍ତ ହୋଇ ପ୍ରକଟ ହେବାରୂପକ ଜନ୍ମ ନିଏ, ପାପ କର୍ମର ଫଳ ଭୋଗରୂପକ ବନ୍ଧନରେ ପଡ଼େ, ସେହି ବନ୍ଧନରୁ ମୁକ୍ତ ହେବା ସାଧନର ଅନୁଷ୍ଠାନ କରେ, ଦୁଃଖରୁ ଉଦ୍ଧାର ପାଇବାର ଇଚ୍ଛା ପୋଷଣ କରେ ଏବଂ ଦୁଃଖରୁ ଉଦ୍ଧାର ପାଇ ପରମାନନ୍ଦ ପରମେଶ୍ୱରଙ୍କୁ ପ୍ରାପ୍ତ ହୋଇ ମୁକ୍ତିସୁଖ ବି ଭୋଗ କରେ ।

ପ୍ରଶ୍ନ — ଏ ସବୁ ଧର୍ମ ଦେହ ଓ ଅନ୍ତଃକରଣର, ଜୀବର ନୁହେଁ । କାରଣ ଜୀବ ତ ପାପ-ପୁଣ୍ୟରୁ ରହିତ ସାକ୍ଷୀମାତ୍ର । ଶୀତ-ଉଷ୍ଣାଦି ବୋଧ ଶରୀରାଦିର ଧର୍ମ, କ୍ଷୁଧା-ତୃଷା ପ୍ରାଣର, ହର୍ଷ-ଶୋକ ମନର ଧର୍ମ; ଆତ୍ମା ନିର୍ଲିପ୍ତ ଅଟେ ।

ଉତ୍ତର — ଦେହ ଓ ଅନ୍ତଃକରଣ ଜଡ଼ ଅଟେ । ତେଣୁ ତାହାକୁ ଶୀତ-ଉଷ୍ଣର ଅନୁଭବ ଓ ଭୋଗ ହୋଇନଥାଏ, ଯେପରିକି ପଥରକୁ ଶୀତ-ଉଷ୍ଣର ଅନୁଭବ ଓ ଭୋଗ ହୋଇନଥାଏ । ଯେଉଁ ଚେତନ ମନୁଷ୍ୟାଦି ପ୍ରାଣୀ ତାହାକୁ ସ୍ପର୍ଶ କରନ୍ତି, ସେମାନଙ୍କୁ ଶୀତ-ଉଷ୍ଣର ଅନୁଭବ ଓ ଭୋଗ ହୋଇଥାଏ । ସେହିପରି ପ୍ରାଣ ବି ଜଡ଼, ତା'ର କ୍ଷୁଧା ନାହିଁ କି ତୃଷା ନାହିଁ; କିନ୍ତୁ ପ୍ରାଣଧାରୀ ଜୀବକୁ ଭୋକ-ଶୋଷ ଲାଗେ । ସେହିପରି ମନ ମଧ୍ୟ ଜଡ଼, ତାକୁ ଦୁଃଖ ଲାଗେନି କି ସୁଖ ଲାଗେନି; କିନ୍ତୁ ମନ ଦ୍ୱାରା ହର୍ଷ-ଶୋକ, ଦୁଃଖ-ସୁଖର ଭୋଗ ଜୀବ କରେ । ଯେପରି ବହିଷ୍କରଣ ଶ୍ରୋତ୍ରାଦି ଇନ୍ଦ୍ରିୟମାନଙ୍କ ଦ୍ୱାରା ଭଲ-ଖରାପ ଶବ୍ଦାଦି ବିଷୟ ଗ୍ରହଣ କରି ଜୀବ ସୁଖୀ-ଦୁଃଖୀ ହୁଏ, ସେହିପରି 'ଅନ୍ତଃକରଣ' ଅର୍ଥାତ୍ ମନ, ବୁଦ୍ଧି, ଚିତ୍ତ ଓ ଅଂହକାର ଦ୍ୱାରା କ୍ରମଶଃ ସଂକଳ୍ପ-ବିକଳ୍ପ, ନିଶ୍ଚୟ,

ସ୍ମରଣ ଓ ଅଭିମାନ କରୁଥିବା ଜୀବ ସୁଖୀ-ଦୁଃଖୀ ହୋଇଥାଏ । ଯେପରି ତରବାରୀ ଆଦି ଦ୍ୱାରା କାହାକୁ ମାରିବା ବ୍ୟକ୍ତି ବା ରକ୍ଷା କରିବା ବ୍ୟକ୍ତି ଦଣ୍ଡ ବା ସମ୍ମାନର ପାତ୍ର ହୋଇଥାଏ, ତରବାରୀ ନୁହେଁ; ସେହିପରି ଦେହ-ଇନ୍ଦ୍ରିୟ, ଅନ୍ତଃକରଣ ଓ ପ୍ରାଣରୂପକ ସାଧନ ଦ୍ୱାରା ଭଲ-ମନ୍ଦ କର୍ମ କରିଥିବା କର୍ତ୍ତା ଜୀବ ହିଁ ସୁଖ-ଦୁଃଖର ଭୋକ୍ତା ହୋଇଥାଏ । ଜୀବ କର୍ମର ସାକ୍ଷୀ ନୁହେଁ, ଅପିତୁ କର୍ତ୍ତା-ଭୋକ୍ତା ଅଟେ । କର୍ମର ସାକ୍ଷୀ ତ ଏକ-ଅଦ୍ୱିତୀୟ ପରମାତ୍ମା ଅଟନ୍ତି । କର୍ମର ଅନୁଷ୍ଠାନ-କର୍ତ୍ତା ଯେଉଁ ଜୀବ, ସେ ହିଁ କର୍ମରେ ଲିପ୍ତ ହୁଏ; ସାକ୍ଷୀ ଈଶ୍ୱର ଲିପ୍ତ ହୁଅନ୍ତି ନାହିଁ ।

ପ୍ରଶ୍ନ — ଜୀବ ବ୍ରହ୍ମଙ୍କ ପ୍ରତିବିମ୍ବ । ଦର୍ପଣ ଖଣ୍ଡ-ବିଖଣ୍ଡିତ ହୋଇଗଲେ ମଧ୍ୟ ବିମ୍ବର ଯେପରି କୌଣସି କ୍ଷତି ହୁଏ ନାହିଁ, ସେହିପରି ଅନ୍ତଃକରଣରେ ବ୍ରହ୍ମଙ୍କ ପ୍ରତିବିମ୍ବ 'ଜୀବ' ସେ ପର୍ଯ୍ୟନ୍ତ ଅଛି ଯେବେ ଯାଏ ସେହି **'ଅନ୍ତଃକରଣୋପାଧି'** ରହିଛି । ଯେତେବେଳେ ଅନ୍ତଃକରଣ ନଷ୍ଟ ହୋଇଯାଏ, ସେତେବେଳେ ସେ ଜୀବ ମୁକ୍ତ ।

ଉତ୍ତର — ଏହା ପିଲାଳିଆ କଥା । କାରଣ **ସାକାର ବସ୍ତୁରେ ସାକାର ବସ୍ତୁର ପ୍ରତିବିମ୍ବ ନିର୍ମିତ ହୋଇଥାଏ** । ଯଥା - ଦର୍ପଣରେ ମୁଖର ପ୍ରତିବିମ୍ବ । ଏଠାରେ ମୁଖ ବି ସାକାର ଓ ଦର୍ପଣ ବି ସାକାର । ତା' ଛଡ଼ା ଉଭୟେ ପୃଥକ୍-ପୃଥକ୍ ଅବସ୍ଥିତ । ଉଭୟେ ପୃଥକ୍-ପୃଥକ୍ ନ ଥିଲେ, କଦାପି ପ୍ରତିବିମ୍ବ ହୋଇପାରନ୍ତା ନାହିଁ । କିନ୍ତୁ **ବ୍ରହ୍ମ ନିରାକାର ଓ ସର୍ବବ୍ୟାପକ ହୋଇଥିବାରୁ ତାଙ୍କର ପ୍ରତିବିମ୍ବ କଦାପି ହୋଇପାରିବ ନାହିଁ ।**

ପ୍ରଶ୍ନ — ଦେଖ ! ଗମ୍ଭୀର, ନିର୍ମଳ ଓ ସ୍ଥିର ଜଳରେ ନିରାକାର ଓ ବ୍ୟାପକ ଆକାଶର ଆଭାସ ବା ପ୍ରତିବିମ୍ବ ପଡ଼ିଥାଏ । ସେହିପରି ସ୍ୱଚ୍ଛ ଅନ୍ତଃକରଣରେ ପରମାତ୍ମାଙ୍କ ଆଭାସ ଥାଏ । ଏଥିପାଇଁ ଏହାକୁ **'ଚିଦାଭାସ'** କହନ୍ତି ।

ଉତ୍ତର — ଏହା ଅବୋଧ ବାଳକର ମିଥ୍ୟା ପ୍ରଳାପ ବ୍ୟତୀତ ଅନ୍ୟ କିଛି ନୁହେଁ । କାରଣ ଆକାଶ ଦୃଶ୍ୟ ବସ୍ତୁ ନୁହେଁ । ତେଣୁ ତାକୁ କେହି ବି ଆଖିରେ ଦେଖିପାରିବେ ନାହିଁ । ଯେତେବେଳେ ଆକାଶଠୁ ସ୍ଥୂଳ ପଦାର୍ଥ ବାୟୁକୁ ଆଖିରେ ଦେଖିବା ସମ୍ଭବପର ନୁହେଁ, ସେ ସ୍ଥିତିରେ ଆକାଶକୁ କିଏ କେମିତି ଦେଖିପାରିବ ?

ପ୍ରଶ୍ନ — ଉପରେ ଏ ଯେଉଁ ନୀଳ ଓ ଧୂଆଁଳିଆ ଜିନିଷ ଦେଖାଯାଉଛି, ତାହା ନୀଳ ଆକାଶ ଦେଖାଯାଉଛି ନା ନାହିଁ ?

ଉତ୍ତର — ନାହିଁ ।

ପ୍ରଶ୍ନ — ତେବେ ତାହା କ'ଣ ?

ଉତ୍ତର — ପୃଥିବୀ, ଜଳ ଓ ଅଗ୍ନିର ଭିନ୍ନ-ଭିନ୍ନ ତ୍ରସରେଣୁ ସେପରି ଦେଖାଯାଏ । ସେଥିରେ ଯେଉଁ ନୀଳ ବର୍ଣ୍ଣ ଦେଖାଯାଉଛି, ତାହା ଜଳର ଅଧିକତା, ଯାହା କି ବର୍ଷା ହୁଏ । ଯେଉଁ ଧୂଆଁଳିଆ ଦେଖାଯାଉଛି, ତାହା ଭୂପୃଷ୍ଠରୁ ଉଡ଼ି ବାୟୁରେ ବୁଲୁଥିବା ଧୂଳିକଣା । ଏହାର ହିଁ ପ୍ରତିବିମ୍ବ ଜଳ ବା ଦର୍ପଣରେ ଦେଖାଯାଏ; ଆକାଶର ପ୍ରତିବିମ୍ବ କଦାପି ଦେଖାଯାଏ ନାହିଁ ।

ପ୍ରଶ୍ନ — ଯେପରି ଘଟାକାଶ, ମଠାକାଶ, ମେଘାକାଶ ଓ ମହାକାଶ ନାମରେ ଆକାଶର ଭେଦ ବ୍ୟବହାର ହୋଇଥାଏ, ସେହିପରି ବ୍ରହ୍ମାଣ୍ଡ ଓ ଅନ୍ତଃକରଣର ଉପାଧି ଭେଦରେ ବ୍ରହ୍ମଙ୍କର ଈଶ୍ୱର ଓ ଜୀବ ନାମ ହୋଇଥାଏ । ଯେତେବେଳେ ଘଟାଦି ନଷ୍ଟ ହୋଇଯାଏ, ସେତେବେଳେ କେବଳ ମହାକାଶ ନାମରେ ଅଭିହିତ ହୋଇଥାଏ ।

ଉତ୍ତର — ଏହା ମଧ୍ୟ ଅବିଦ୍ୱାନ୍ ଲୋକଙ୍କ କଥା । କାରଣ ଆକାଶ କେବେ ଖଣ୍ଡ-ବିଖଣ୍ଡିତ ହୁଏ ନାହିଁ ।

ବ୍ୟବହାରରେ ମଧ୍ୟ 'ଘଟ ଆଣ' ଇତ୍ୟାଦି ବ୍ୟବହାର ହୋଇଥାଏ, କିନ୍ତୁ କେହି କେବେ 'ଘଟାକାଶ' ବା 'ଘଟ-ଆକାଶ' ଆଣ ବୋଲି କହେ ନାହିଁ । ଏଣୁ ଏ ଘଟାକାଶ ଦୃଷ୍ଟାନ୍ତ ଯଥାର୍ଥ ନୁହେଁ ।

ପ୍ରଶ୍ନ — ଯେପରି ସମୁଦ୍ରରେ ମାଛ, ପୋକ ଆଦି ଏବଂ ଆକାଶରେ ପକ୍ଷୀ ପ୍ରଭୃତି ବିଚରଣ କରନ୍ତି, ସେହିପରି 'ଚିଦାକାଶ' ବ୍ରହ୍ମରେ ସମସ୍ତ ଅନ୍ତଃକରଣ ପରିଭ୍ରମଣ କରନ୍ତି । ଅନ୍ତଃକରଣଗୁଡ଼ିକ ତ ଜଡ଼, କିନ୍ତୁ ଅଗ୍ନିରେ ପଡ଼ି ଲୁହା ଅଗ୍ନିପିଣ୍ଡୁଳା ଭଳି ଦେଖାଯିବା ପରି, ସର୍ବବ୍ୟାପକ ପରମାତ୍ମାଙ୍କ ସତ୍ତା ଦ୍ୱାରା ଏମାନେ ଚେତନମୟ ହୋଇ ଉଠନ୍ତି । ଯେପରି ପକ୍ଷୀ ଓ ଅନ୍ତଃକରଣ ଗତିଶୀଳ; କିନ୍ତୁ ଆକାଶ ଓ ବ୍ରହ୍ମ ସ୍ଥିର, ସେହିପରି ଜୀବକୁ ବ୍ରହ୍ମ ବୋଲି ମାନିବାରେ କୌଣସି ଦୋଷ ନାହିଁ ।

ଉତ୍ତର — ତୁମର ଏ ଦୃଷ୍ଟାନ୍ତ ବି ସତ୍ୟ ନୁହେଁ । କାରଣ, ଯଦି ସର୍ବବ୍ୟାପକ ବ୍ରହ୍ମ ଅନ୍ତଃକରଣଗୁଡ଼ିକ ମଧ୍ୟରେ ପ୍ରକାଶିତ ହୋଇ ଜୀବ ହୁଅନ୍ତି, ତେବେ ଜୀବ ହେବା ପରେ ତାଙ୍କଠାରେ ସର୍ବଜ୍ଞତା ଆଦି ଗୁଣ ରହିଥାଏ ନା ନାହିଁ ? ଉତ୍ତରରେ ଯଦି କୁହ ଯେ ଆବରଣ ମଧ୍ୟରେ ରହିଥିବାରୁ ତାଙ୍କଠାରେ ସର୍ବଜ୍ଞତା ଗୁଣ ନ ଥାଏ, ତେବେ କୁହ ଯେ ବ୍ରହ୍ମ ଆବୃତ ଓ ଖଣ୍ଡିତ ନା ଅଖଣ୍ଡିତ ? ଆଉ ଯଦି କୁହ ଯେ ବ୍ରହ୍ମ ଅଖଣ୍ଡିତ, ତେବେ ମଝିରେ କୌଣସି ଆବରଣ ବା ପରଦା ରହିପାରିବ ନାହିଁ । ତେଣୁ ଯେତେବେଳେ ପରଦା ହିଁ ନାହିଁ, ତେଣୁ ତାଙ୍କଠାରେ ସର୍ବଜ୍ଞତା କାହିଁକି ନାହିଁ ? ଯଦି କୁହ କି ନିଜ ସ୍ୱରୂପକୁ ଭୁଲି ଅନ୍ତଃକରଣରେ ବ୍ରହ୍ମ ଫସିଗଲେ, ତେବେ ବ୍ରହ୍ମ 'ନିତ୍ୟ-ମୁକ୍ତ' ନୁହନ୍ତି । ପୁଣି ବ୍ରହ୍ମ ଅନ୍ତଃକରଣ ସହ ଗତିଶୀଳ ଅଟନ୍ତି ନା ନାହିଁ ? ତୁମେ ଏହା ହିଁ କହିବ ଯେ ନାହିଁ । ଯେହେତୁ ବ୍ରହ୍ମ ସ୍ୱୟଂ ଗତିଶୀଳ ନୁହନ୍ତି, ତେଣୁ ଅନ୍ତଃକରଣ ପୂର୍ବରୁ ପ୍ରାପ୍ତ ହୋଇଥିବା ଯେତିକି-ଯେତିକି ସ୍ଥାନ ଛାଡ଼ି ଚାଲିବ ଓ ଆଗକୁ-ଆଗକୁ ଯେଉଁ-ଯେଉଁ ସ୍ଥାନକୁ ଘୁଞ୍ଚିଚାଲିବ, ସେହି-ସେହି ନୂତନ ସ୍ଥାନର ବ୍ରହ୍ମ ଭ୍ରାନ୍ତ, ଅଜ୍ଞାନୀ ହୋଇଚାଲିବେ ଏବଂ ଯେତିକି-ଯେତିକି ସ୍ଥାନ ଛାଡ଼ିଚାଲିବ ସେହି-ସେହି ପୂର୍ବ ସ୍ଥାନର ବ୍ରହ୍ମ ଜ୍ଞାନୀ, ପବିତ୍ର ଓ ମୁକ୍ତ ହୋଇଚାଲିବେ । ଏହିଭଳି ଭାବରେ ଅନ୍ତଃକରଣଗୁଡ଼ିକ ସମଗ୍ର ସୃଷ୍ଟିରେ ବ୍ରହ୍ମଙ୍କୁ ପରିବର୍ତ୍ତିତ କରିଚାଲିବେ ଏବଂ ବନ୍ଧନ-ମୁକ୍ତି ମଧ୍ୟ କ୍ଷଣକୁ କ୍ଷଣ ହୋଇଚାଲିବ । ତୁମ କହିବା ଅନୁସାରେ ଯଦି ବସ୍ତବରେ ସ୍ଥିତି ହୋଇଥାନ୍ତା, ତେବେ କୌଣସି ଜୀବକୁ ପୂର୍ବରୁ ଦେଖିଥିବା-ଶୁଣିଥିବା କଥା ସ୍ମରଣ ହେଉନଥାନ୍ତା । କାରଣ ଯେଉଁ ବ୍ରହ୍ମ ଦେଖିଥିଲେ ସେ ଅଲଗା ସତ୍ତା ଥିଲେ ଏବଂ ବର୍ତ୍ତମାନ ଆଉ ଜଣେ ଅଛନ୍ତି, ଯେହେତୁ ଅନ୍ୟ ସ୍ଥାନରେ ଅନ୍ୟ ଏକ ବ୍ରହ୍ମର ସମ୍ବନ୍ଧ ହୋଇଥାଏ । ଯେପରି ଲୁହାରେ ଅଗ୍ନିର ହିଁ ଦାହକତ୍ୱ ଓ ପ୍ରକାଶ ଥାଏ, ଲୁହାର ନୁହେଁ; ସେହିପରି ଅନ୍ତଃକରଣରେ ଚେତନା ବ୍ରହ୍ମର ଅଟେ, ଜୀବର ନିଜସ୍ୱ ନୁହେଁ । ତେଣୁ ବ୍ରହ୍ମ ହିଁ କର୍ତ୍ତା, ଭୋକ୍ତା, ବଦ୍ଧ ଓ ମୁକ୍ତ ହୋଇଯିବେ । ଏଣୁ ସକଳ ଜୀବ ଅଲଗା-ଅଲଗା ଅଟନ୍ତି । ବ୍ରହ୍ମ ଓ ଜୀବ ବା ଜୀବ-ବ୍ରହ୍ମ କେବେ ବି ଏକ ନୁହନ୍ତି । ଦୁହେଁ ସର୍ବଥା ପୃଥକ୍-ପୃଥକ୍ ଅଟନ୍ତି ।

ପ୍ରଶ୍ନ — ଏସବୁ କେବଳ **'ଅଧ୍ୟାରୋପ'** । ଏକ ବସ୍ତୁରେ ଅନ୍ୟ ବସ୍ତୁର ସ୍ଥାପନ ବା ଭାବନା କରିବାକୁ 'ଅଧ୍ୟାରୋପ' କୁହାଯାଏ । ଜିଜ୍ଞାସୁ ବ୍ୟକ୍ତିଙ୍କୁ ବୁଝାଇବା ପାଇଁ ଜଗତ ଓ ଜଗତର ସମସ୍ତ ବ୍ୟବହାରକୁ ବ୍ରହ୍ମ ଉପରେ ଅଧ୍ୟାରୋପ କରାଯାଇଛି । ବାସ୍ତବରେ ସବୁ କିଛି ବ୍ରହ୍ମ ହିଁ ଅଟେ ।

ଉତ୍ତର — ଅଧ୍ୟାରୋପ କରିବା ସତ୍ତା କିଏ ?

ପ୍ରଶ୍ନ — ଜୀବ ।

ଉତ୍ତର — ଜୀବ ବୋଲି କାହାକୁ କହୁଛ ?

ପ୍ରଶ୍ନ — ଅନ୍ତଃକରଣ ଦ୍ୱାରା ଅବଚ୍ଛିନ୍ନ ଚେତନକୁ ।

ଉତ୍ତର — 'ଅନ୍ତଃକରଣ ଦ୍ୱାରା ଅବଚ୍ଛିନ୍ନ ଚେତନ' ଅନ୍ୟ କୌଣସି ସତ୍ତା ନା ସେହି ବ୍ରହ୍ମ ହିଁ ଅଟେ ।

ପ୍ରଶ୍ନ — ସେହି ବ୍ରହ୍ମ ହିଁ ଅଟେ ।

ଉତ୍ତର — ତେବେ କ'ଣ ବ୍ରହ୍ମ ହିଁ ନିଜ ଭିତରେ ଜଗତର ମିଥ୍ୟା କଳ୍ପନା କରିନେଲେ ?

ପ୍ରଶ୍ନ — ହୋଇଥାଇପାରେ, ଏଥିରେ ବ୍ରହ୍ମଙ୍କର କ୍ଷତି କ'ଣ ?

ଉତ୍ତର — ଯିଏ ମିଥ୍ୟା କଳ୍ପନା କରେ, ସେ କଣ ମିଥ୍ୟାବାଦୀ ନୁହେଁ ?

ପ୍ରଶ୍ନ — ନା । କାରଣ ମନ ଓ ବାଣୀ ଦ୍ୱାରା ଯାହା କଳ୍ପନା କରାଯାଏ ବା କୁହାଯାଏ, ସେ ସବୁ ବିଷୟ ମିଥ୍ୟା ।

ଉତ୍ତର — ତେବେ ମନ ଓ ବଚନରେ ମିଥ୍ୟାକଳ୍ପନା କରୁଥିବା ଓ ମିଥ୍ୟା କହୁଥିବା ବ୍ରହ୍ମ 'କଳ୍ପନାକାରୀ' ଓ ମିଥ୍ୟାବାଦୀ ହେଲେ କି ନାହିଁ ?

ପ୍ରଶ୍ନ — ହୁଅନ୍ତୁ, ଏଥିରେ ଆମର କିଛି ଆପତ୍ତି ନାହିଁ । ଆମକୁ ଏହା ସ୍ୱୀକାର୍ଯ୍ୟ ।

ଉତ୍ତର — ଧନ୍ୟରେ ମିଛ ବେଦାନ୍ତୀଗଣ ! ତୁମେମାନେ ସତ୍ୟସ୍ୱରୂପ, ସତ୍ୟକାମ ଓ ସତ୍ୟସଂକଳ୍ପ ପରମାତ୍ମାଙ୍କୁ ମଧ୍ୟ ମିଥ୍ୟାଚାରୀ କରିଦେଲ । କ'ଣ ଏହା ତୁମର ଦୁର୍ଗତିର କାରଣ ନୁହେଁ ? କେଉଁ ଉପନିଷଦ, ସୂତ୍ର ବା ବେଦରେ ଲେଖାଯାଇଛି ଯେ ପରମେଶ୍ୱର ମିଥ୍ୟାସଂକଳ୍ପ ଓ ମିଥ୍ୟାବାଦୀ ? ଓଲଟି ଚୋର ପୋଲିସ୍‌କୁ ଦଣ୍ଡ ଦେଲା ଭଳି ତୁମର କଥା ହେଲା । ବିଚାରପତି ଚୋରକୁ ଦଣ୍ଡ ଦେବା ତ ଉଚିତ କଥା । କିନ୍ତୁ ଏହା ତ ଓଲଟା କଥା ଯେ ଚୋର ପୋଲିସିକୁ ଦଣ୍ଡ ଦେବ । ସେହିପରି ତୁମେ ନିଜେ ମିଥ୍ୟାସଂକଳ୍ପ ଓ ମିଥ୍ୟାବାଦୀ ହୋଇ ନିଜର ସେହି ଦୋଷକୁ ବୃଥାରେ ବ୍ରହ୍ମଙ୍କ ଉପରେ ଆରୋପ କରୁଛ । ଯଦି ବ୍ରହ୍ମ ମିଥ୍ୟାଜ୍ଞାନୀ, ମିଥ୍ୟାବାଦୀ, ମିଥ୍ୟାଚାରୀ ହୁଅନ୍ତି, ତେବେ ସମ୍ପୂର୍ଣ୍ଣ ରୂପେ ଅନନ୍ତ ବ୍ରହ୍ମ ସେହିପରି ହୋଇଯିବେ । କାରଣ ବ୍ରହ୍ମ ଏକରସ ଅଟନ୍ତି । ବ୍ରହ୍ମ ସତ୍ୟସ୍ୱରୂପ, ସତ୍ୟମାନୀ, ସତ୍ୟବାଦୀ ଓ ସତ୍ୟାଚାରୀ ଅଟନ୍ତି । ବ୍ରହ୍ମଙ୍କ ଉପରେ ଯେଉଁ ସବୁ ମିଥ୍ୟା ଆରୋପ କରୁଛ, ଏ ସବୁ ଦୋଷ ତୁମର, ବ୍ରହ୍ମଙ୍କର ନୁହେଁ ।

ଯାହାକୁ ତୁମେ ବିଦ୍ୟା ବୋଲି କହୁଛ, ତାହା ଅବିଦ୍ୟା ଅଟେ । ଆଉ ତୁମର 'ଅଧ୍ୟାରୋପ' ବି ମିଥ୍ୟା । କାରଣ ତୁମେ ନିଜେ ବ୍ରହ୍ମ ନ ହୋଇ ନିଜକୁ ବ୍ରହ୍ମ ବୋଲି କହିବା ଏବଂ ବ୍ରହ୍ମଙ୍କୁ ଜୀବ ବୋଲି ମାନିବା - ଏହା ଅବିଦ୍ୟା ଓ ମିଥ୍ୟାଜ୍ଞାନ ନୁହେଁ ତ ଆଉ କ'ଣ ? **ଯିଏ ସର୍ବବ୍ୟାପକ ସେ କଦାପି ପରିଚ୍ଛିନ୍ନ, ଅଜ୍ଞାନ ହୋଇପାରନ୍ତି ନାହିଁ ଓ ବନ୍ଧନରେ ପଡ଼ନ୍ତି ନାହିଁ । କାରଣ ପରିଚ୍ଛିନ୍ନ, ଏକଦେଶୀ, ଅଳ୍ପ ଓ ଅଳ୍ପଜ୍ଞ ଜୀବ ଅଜ୍ଞାନ ହୋଇଥାଏ; ସର୍ବଜ୍ଞ, ସର୍ବବ୍ୟାପକ ବ୍ରହ୍ମ ନୁହଁନ୍ତି ।**

ବନ୍ଧ ଓ ମୁକ୍ତିର ବର୍ଣ୍ଣନା

ପ୍ରଶ୍ନ — ମୁକ୍ତି କାହାକୁ କହନ୍ତି ?

ଉତ୍ତର — **'ମୁଞ୍ଚନ୍ତି ପୃଥଗ୍‌ଭବନ୍ତି ଜନା ୟସ୍ୟାଂ ସା ମୁକ୍ତିଃ'** — ଯେଉଁ ସ୍ଥିତିରେ ଉଦ୍ଧାର ପାଇବା ହୋଇଥାଏ, ସେ ଅବସ୍ଥାର ନାମ ମୁକ୍ତି ।

ପ୍ରଶ୍ନ — କାହାଠାରୁ ଉଦ୍ଧାର ପାଇବା ?

ଉତ୍ତର — ଯାହାଠାରୁ ଉଦ୍ଧାର ପାଇବାର ଇଚ୍ଛା ସକଳ ଜୀବ କରନ୍ତି ।

ପ୍ରଶ୍ନ — କାହାଠାରୁ ଉଦ୍ଧାର ପାଇବାକୁ ଇଚ୍ଛା କରନ୍ତି ?

ଉତ୍ତର — ଦୁଃଖରୁ ।

ପ୍ରଶ୍ନ — ଦୁଃଖରୁ ଉଦ୍ଧାର ପାଇ କ'ଣ ପ୍ରାପ୍ତ କରନ୍ତି ଓ କେଉଁଠି ରହନ୍ତି ?

ଉତ୍ତର — ସୁଖ ଲାଭ କରନ୍ତି ଓ ବ୍ରହ୍ମରେ ଅବସ୍ଥାନ କରନ୍ତି ।

ପ୍ରଶ୍ନ — ମୁକ୍ତି ଓ ବନ୍ଧନ କେଉଁ-କେଉଁ କର୍ମ ଦ୍ୱାରା ହୋଇଥାଏ ?

ଉତ୍ତର — ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା; ଅଧର୍ମ, ଅବିଦ୍ୟା, କୁସଙ୍ଗ, କୁସଂସ୍କାର, ଦୁର୍ବ୍ୟସନରୁ ଦୂରେଇ ରହିବା; ସତ୍ୟଭାଷଣ, ପରୋପକାର, ବିଦ୍ୟା, ପକ୍ଷପାତରହିତ ନ୍ୟାୟ, ଧର୍ମ ବୃଦ୍ଧି କରିବା; ଯଥାଯଥ ରୂପେ ଈଶ୍ୱରଙ୍କ ସ୍ତୁତି, ପ୍ରାର୍ଥନା ଓ ଉପାସନା ଅର୍ଥାତ୍ ଯୋଗାଭ୍ୟାସ କରିବା; ବିଦ୍ୟା ପଢ଼ିବା-ପଢ଼ାଇବା ଓ ଧର୍ମପୂର୍ବକ ପୁରୁଷାର୍ଥ କରି ଜ୍ଞାନର ଉନ୍ନତି କରିବା; ଏ ମଧ୍ୟରୁ ବି ସର୍ବୋତ୍ତମ ସାଧନ ହେଉଛି ଉପାସନା, ଯାହାକୁ କି ଯୋଗାଭ୍ୟାସ କୁହାଯାଏ, ତାହାର ଅନୁଷ୍ଠାନ କରିବା ତଥା ଯାହା ବି କରିବା ସବୁ ପକ୍ଷପାତରହିତ ନ୍ୟାୟ-ଧର୍ମାନୁସାରେ ହିଁ କରିବା, ଇତ୍ୟାଦି ସାଧନ ଦ୍ୱାରା **'ମୁକ୍ତି'** ଲାଭ ହୋଇଥାଏ । ଏବଂ ଏସବୁର ବିପରୀତ ଆଚରଣ ଅର୍ଥାତ୍ ଈଶ୍ୱରାଜ୍ଞା ଭଙ୍ଗ ଆଦି କରିବା ଦ୍ୱାରା **'ବନ୍ଧ'** ଦଶା ଭୋଗିବାକୁ ପଡ଼େ ।

ପ୍ରଶ୍ନ — ମୁକ୍ତିଲାଭ ହେଲେ ଜୀବର ବିଲୟ ଘଟେ, ନା ସେ ବିଦ୍ୟମାନ ରହେ ?

ଉତ୍ତର — ବିଦ୍ୟମାନ ରହେ ।

ପ୍ରଶ୍ନ — କେଉଁଠି ରହେ ?

ଉତ୍ତର — ବ୍ରହ୍ମରେ ।

ପ୍ରଶ୍ନ — ବ୍ରହ୍ମ କେଉଁଠି ଅଛନ୍ତି ? ଏବଂ ସେ ମୁକ୍ତ ଜୀବ ବ୍ରହ୍ମରେ, ଏକ ସ୍ଥାନରେ ରହେ ନା ସ୍ୱ-ଇଚ୍ଛାରେ ସର୍ବତ୍ର ବିଚରଣ କରେ ?

ଉତ୍ତର — ବ୍ରହ୍ମ ସର୍ବବ୍ୟାପକ, ସର୍ବତ୍ର ପୂରି ରହିଛନ୍ତି । ତାଙ୍କ ଭିତରେ ମୁକ୍ତ ଜୀବ 'ଅବ୍ୟାହତଗତି'ରେ ଅର୍ଥାତ୍ ବିନା କୌଣସି ବାଧା, କଟକଣାରେ ବିଜ୍ଞାନ, ଆନନ୍ଦପୂର୍ବକ ସ୍ୱାଧୀନ ହୋଇ ବିଚରଣ କରେ ।

ପ୍ରଶ୍ନ — ମୁକ୍ତ ଜୀବର ସ୍ଥୂଳ ଶରୀର ଥାଏ ନା ନାହିଁ ?

ଉତ୍ତର — ନ ଥାଏ ।

ପ୍ରଶ୍ନ — ତା'ହେଲେ ସେ ସୁଖ ଅର୍ଥାତ୍ ଆନନ୍ଦ କିପରି ଭୋଗ କରେ ?

ଉତ୍ତର — ତା'ର ସତ୍ୟସଂକଳ୍ପାଦି ସ୍ୱାଭାବିକ ଗୁଣ, ସାମର୍ଥ୍ୟ ସବୁ ବିଦ୍ୟମାନ ଥାଏ, କେବଳ ଭୌତିକ ଶରୀର ସଙ୍ଗରେ ନ ଥାଏ । ଯଥା —

ଶୃଣ୍ୱନ୍ ଶ୍ରୋତ୍ରଂ ଭବତି, ସ୍ପର୍ଶୟନ୍ ତ୍ୱଗ୍ଭବତି, ପଶ୍ୟନ୍ ଚକ୍ଷୁର୍ଭବତି, ରସୟନ୍ ରସନା ଭବତି, ଜିଘ୍ରନ୍ ଘ୍ରାଣଂ ଭବତି, ମନ୍ୱାନୋ ମନୋ ଭବତି, ବୋଧୟନ୍ ବୁଦ୍ଧିର୍ଭବତି, ଚେତୟଁଶ୍ଚିତ୍ତଂ ଭବତ୍ୟହଂକୁର୍ବାଣୋଽହଙ୍କାରୋ ଭବତି ॥ (ଶତ. ୧୪:୧:୨:୧୭)

ମୋକ୍ଷରେ ଜୀବାତ୍ମା ସହିତ ଭୌତିକ ଶରୀର ବା ଇନ୍ଦ୍ରିୟ-ଗୋଲକ ନ ଥାଏ, କିନ୍ତୁ ତା'ର ନିଜର ସ୍ୱାଭାବିକ ଶୁଦ୍ଧ ଗୁଣଗୁଡ଼ିକ ରହିଥାଏ । ମୁକ୍ତିରେ ଜୀବାତ୍ମା ଯେତେବେଳେ ଶୁଣିବାକୁ ଚାହେଁ ସେତେବେଳେ ସେ ଶ୍ରୋତ୍ରରୂପ, ସ୍ପର୍ଶ କରିବାକୁ ଚାହିଁଲେ ତ୍ୱଚାରୂପ, ଦେଖିବାକୁ ସଂକଳ୍ପ କଲେ ଚକ୍ଷୁରୂପ, ସ୍ୱାଦ ପାଇବାକୁ ଇଚ୍ଛାକଲେ ରସନା ରୂପ, ଗନ୍ଧ ପାଇଁ ଘ୍ରାଣରୂପ, ସଂକଳ୍ପ-ବିକଳ୍ପ କରିବା ନିମନ୍ତେ ମନରୂପ, ନିଶ୍ଚୟ କରିବା ସକାଶେ ବୁଦ୍ଧିରୂପ, ସ୍ମରଣ କରିବା ପାଇଁ ଚିତ୍ତରୂପ ଓ ଅହଂକାର ନିମନ୍ତେ ଅହଂକାର ରୂପ ନିଜର ସ୍ୱଶକ୍ତି ବଳରେ ହୋଇଯାଏ ଅର୍ଥାତ୍ ମୁକ୍ତାତ୍ମା ସଂକଳ୍ପ ଦ୍ୱାରା ନିଜର ସେହି ଶକ୍ତିରୂପକ ହୋଇଯାଏ ଏବଂ ସଂକଳ୍ପମାତ୍ର ଶରୀର ହୋଇଥାଏ । ବଦ୍ଧାବସ୍ଥାରେ ଭୌତିକ ଶରୀର ଆଧାରରେ ରହି ଜୀବ ଯେପରି ଇନ୍ଦ୍ରିୟ-ଗୋଲକଗୁଡ଼ିକ ଦ୍ୱାରା ସ୍ୱ-କାର୍ଯ୍ୟ ସମ୍ପାଦନ କରିଥାଏ, ସେପରି ମୁକ୍ତାବସ୍ଥାରେ ନିଜର ଶକ୍ତି ଦ୍ୱାରା ସକଳ ଆନନ୍ଦ ଭୋଗ କରିନିଏ ।

ପ୍ରଶ୍ନ — ମୁକ୍ତାତ୍ମାର ଶକ୍ତି କେତେ ପ୍ରକାର ଓ କ'ଣ କ'ଣ ?

ଉତ୍ତର — ମୁକ୍ତାତ୍ମାର ଶକ୍ତି ମୁଖ୍ୟତଃ ଏକ ପ୍ରକାର । କିନ୍ତୁ ବଳ, ପରାକ୍ରମ, ଆକର୍ଷଣ, ପ୍ରେରଣା, ଗତି, ଭାଷଣ, ବିବେଚନ, କ୍ରିୟା, ଉତ୍ସାହ, ସ୍ମରଣ, ନିଶ୍ଚୟ, ଇଚ୍ଛା, ପ୍ରେମ, ଦ୍ୱେଷ, ସଂଯୋଗ, ବିଭାଗ, ସଂଯୋଜକ, ବିଭାଜକ, ଶ୍ରବଣ, ସ୍ପର୍ଶନ, ଦର୍ଶନ, ସ୍ୱାଦନ, ଗନ୍ଧଗ୍ରହଣ ଓ ଜ୍ଞାନ - ଏ ୨୪ ପ୍ରକାର ସାମର୍ଥ୍ୟଯୁକ୍ତ ଅଟେ ଜୀବ । ଏଣୁ ଜୀବ ମୁକ୍ତିରେ ମଧ୍ୟ ଆନନ୍ଦର ପ୍ରାପ୍ତି, ଭୋଗ କରେ ।

ଯଦି ମୁକ୍ତିରେ ଜୀବର ବିଲୟ ଘଟୁଥାନ୍ତା, ତେବେ ମୁକ୍ତିର ସୁଖ କିଏ ଭୋଗକରନ୍ତା ? ଆଉ ଯେଉଁମାନେ ମୁକ୍ତିରେ ଜୀବର ଅସ୍ତିତ୍ୱର ବିଲୟ ଘଟେ ବୋଲି ମାନୁଛନ୍ତି, ସେମାନେ ଜୀବର ବିନାଶକୁ ହିଁ ମୁକ୍ତି ବୋଲି ମନେ କରନ୍ତି । ସେମାନେ ତ ମହାମୂଢ଼ ଅଟନ୍ତି । କାରଣ ଜୀବର ମୁକ୍ତିର ଅର୍ଥ ଏଇଆ ଯେ ଦୁଃଖରୁ ଉଦ୍ଧାର ପାଇ ଆନନ୍ଦସ୍ୱରୂପ, ସର୍ବବ୍ୟାପକ, ଅନନ୍ତ ପରମେଶ୍ୱରଙ୍କଠାରେ ଜୀବ ଆନନ୍ଦରେ ଅବସ୍ଥାନ କରିବା । ଦେଖ ବେଦାନ୍ତ ବା ଶାରୀରକ ସୂତ୍ରରେ —

ଅଭାବଂ ବାଦରିରାହ ହ୍ୟେବମ୍ । (ବେଦାନ୍ତ. ୪:୪:୧୦)

ବ୍ୟାସଙ୍କ ପିତା ବାଦରି ମୁକ୍ତିରେ ଜୀବ ଓ ତା'ସହ ମନର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି । ଅର୍ଥାତ୍ ମୁକ୍ତିରେ ଜୀବ ଓ ମନର ଲୟକୁ ପରାଶର ମାନନ୍ତି ନାହିଁ । ତାଙ୍କ ମତରେ ମୁକ୍ତିରେ ଜୀବର ଭୌତିକ ସୂକ୍ଷ୍ମ ଶରୀର, ପ୍ରାଣ ଓ ଇନ୍ଦ୍ରିୟ ଆଦିର ଅଭାବ ରହିଥାଏ । ସେହିପରି —

ଭାବଂ ଜୈମିନିର୍ବିକଳ୍ପାମନନାତ୍ । (ବେଦାନ୍ତ. ୪:୪:୧୧)

ଜୈମିନି ଆଚାର୍ଯ୍ୟ ମୁକ୍ତପୁରୁଷର ମନ ଭଳି ସୂକ୍ଷ୍ମଶରୀର, ଇନ୍ଦ୍ରିୟ, ପ୍ରାଣ ଆଦି ବି ବିଦ୍ୟମାନ ରହେ ବୋଲି ମାନନ୍ତି । ଇନ୍ଦ୍ରିୟାଦିର ଅଭାବକୁ ସେ ସ୍ୱୀକାର କରନ୍ତି ନାହିଁ ।

ଦ୍ୱାଦଶାହବଦୁଭୟବିଧଂ ବାଦରାୟଣୋଽତଃ । (ବେଦାନ୍ତ. ୪:୪:୧୨)

ବ୍ୟାସ (ବାଦରାୟଣ) ମୁନି ମୁକ୍ତିରେ ଭାବ ଓ ଅଭାବ ଉଭୟକୁ ସ୍ୱୀକାର କରନ୍ତି । ଅର୍ଥାତ୍ ମୁକ୍ତିରେ ଦୋଷ ଅର୍ଥାତ୍ ଅବିଦ୍ୟାଦି କ୍ଲେଶର ଅଭାବ ହୋଇଥାଏ ଏବଂ ଜୀବ, ଅନ୍ତଃକରଣ, ଆନନ୍ଦ, ପ୍ରାଣ, ଇନ୍ଦ୍ରିୟଗୁଡ଼ିକର ଶୁଦ୍ଧ ଶକ୍ତିର ଭାବ ରହିଥାଏ । ଅର୍ଥାତ୍ ତାଙ୍କ ମତରେ ମୁକ୍ତିରେ ଶୁଦ୍ଧ ସାମର୍ଥ୍ୟଯୁକ୍ତ ଜୀବ ବିଦ୍ୟମାନ ରହିଥାଏ ।

ଯଦା ପଞ୍ଚାବତିଷ୍ଠନ୍ତେ ଜ୍ଞାନାଦି ମନସା ସହ ।

ବୁଦ୍ଧିଶ୍ଚ ନ ବିଚେଷ୍ଟତେ ତାମାହୁଃ ପରମାଂ ଗତିମ୍ ॥ (କଠ. ୬:୧୦)

ଯେତେବେଳେ ଜୀବ ସାଥିରେ ଶୁଦ୍ଧ-ମନଯୁକ୍ତ ପଞ୍ଚ ଜ୍ଞାନେନ୍ଦ୍ରିୟ ରହନ୍ତି ଏବଂ ବୁଦ୍ଧିର ନିଶ୍ଚୟ ସ୍ଥିର ହୋଇଥାଏ, ତାହାକୁ ପରମଗତି ବା ମୋକ୍ଷ କୁହାଯାଏ ।

ୟ ଆତ୍ମା-ଅପହତପାପ୍ମା ବିଜରୋ ବିମୃତ୍ୟୁର୍ବିଶୋକୋ ବିଜିଘତ୍ସୋଽପିପାସଃ ସତ୍ୟକାମଃ ସତ୍ୟସଂକଳ୍ପଃ ସୋଽନ୍ୱେଷ୍ଟବ୍ୟଃ ସ ବିଜିଜ୍ଞାସିତବ୍ୟଃ ସର୍ବାଂଶ୍ଚ ଲୋକାନାପ୍ନୋତି ସର୍ବାଂଶ୍ଚ କାମାନ୍ ୟସ୍ତମାତ୍ମାନମନୁବିଦ୍ୟ ବିଜାନାତୀତି । (ଛାନ୍ଦୋଗ୍ୟ. ୮:୭:୧)

ସ ବା ଏଷ ଏତେନ ଦୈବେନ ଚକ୍ଷୁଷା ମନସୈତାନ୍ କାମାନ୍ ପଶ୍ୟନ୍ ରମତେ । (ଛାନ୍ଦୋଗ୍ୟ. ୮:୧୨:୫)

ୟ ଏତେ ବ୍ରହ୍ମଲୋକେ ତଂ ବା ଏତଂ ଦେବା ଆତ୍ମାନମୁପାସତେ ତସ୍ମାତ୍ତେଷାଂ ସର୍ବେ ଚ ଲୋକା ଆତ୍ତାଃ ସର୍ବେ ଚ କାମାଃ ସ ସର୍ବାଂଶ୍ଚ ଲୋକାନାପ୍ନୋତି ସର୍ବାଂଶ୍ଚ କାମାନ୍ ୟସ୍ତମାତ୍ମାନମନୁବିଦ୍ୟ ବିଜାନାତୀତି । (ଛାନ୍ଦୋଗ୍ୟ. ୮:୧୨:୬)

ମଘବନ୍ ମର୍ତ୍ତ୍ୟଂ ବା ଇଦଂ ଶରୀରମାତ୍ତଂ ମୃତ୍ୟୁନା ତଦସ୍ୟାଽମୃତସ୍ୟାଽଶରୀରସ୍ୟାତ୍ମନୋଽ-ଧିଷ୍ଠାନମାତ୍ତୋ ବୈ ସଶରୀରଃ ପ୍ରିୟାପ୍ରିୟାଭ୍ୟାଂ ନ ବୈ ସଶରୀରସ୍ୟ ସତଃ ପ୍ରିୟାପ୍ରିୟୟୋର-ପହତିରସ୍ତ୍ୟଶରୀରଂ ବାବ ସନ୍ତଂ ନ ପ୍ରିୟାପ୍ରିୟେ ସ୍ପୃଶତଃ । (ଛାନ୍ଦୋଗ୍ୟ. ୮:୧୨:୧)

ଯେଉଁ ପରମାତ୍ମା ଅପହତପାପ୍ମା ଅର୍ଥାତ୍ ନିଷ୍ପାପ, ଜରା, ମୃତ୍ୟୁ, ଶୋକ, କ୍ଷୁଧା, ପିପାସା ରହିତ, ସତ୍ୟକାମ, ସତ୍ୟସଂକଳ୍ପ ଅଟନ୍ତି, ତାଙ୍କୁ ଅନ୍ୱେଷଣ କରିବା ଓ ଜାଣିବା ପାଇଁ ଇଚ୍ଛା କରିବା ଉଚିତ । ସେହି ପରମାତ୍ମାଙ୍କ ସଂସ୍ପର୍ଶରେ ମୁକ୍ତ ଜୀବ ସକଳ ଲୋକ ଓ ସମସ୍ତ କାମନାକୁ ପ୍ରାପ୍ତ କରେ, ଯିଏ ପରମାତ୍ମାଙ୍କୁ ଜାଣି ମୋକ୍ଷର ସାଧନ ଓ ନିଜକୁ ଶୁଦ୍ଧ କାରିବା ଜାଣେ ।

ସେହି ମୁକ୍ତ ଜୀବ ଶୁଦ୍ଧ ଦିବ୍ୟଚକ୍ଷୁରେ, ଶୁଦ୍ଧ ମନରେ ସମସ୍ତ କାମ୍ୟ ପଦାର୍ଥକୁ ଦେଖି, ପ୍ରାପ୍ତ କରି ଆନନ୍ଦ ଅନୁଭବ କରିଥାଏ ।

ଯେଉଁମାନେ ବ୍ରହ୍ମଲୋକରେ ଅର୍ଥାତ୍ ଦର୍ଶନୀୟ ପରମାତ୍ମାଙ୍କ ଠାରେ ସ୍ଥିତ ହୋଇ ମୋକ୍ଷ ସୁଖ ଭୋଗ କରନ୍ତି ଏବଂ ଏହି ପରମାତ୍ମାଙ୍କର, ଯିଏକି ସମସ୍ତଙ୍କ ଅନ୍ତର୍ଯ୍ୟାମୀ ଆତ୍ମା ଅଟନ୍ତି, ତାଙ୍କରି ଉପାସନା ମୁକ୍ତି ପ୍ରାପ୍ତି କରିବାକୁ ଅଭିଳାଷୀ ବିଦ୍ୱାନ୍ ବ୍ୟକ୍ତିମାନେ କରନ୍ତି, ତଦ୍ଦ୍ୱାରା ସେମାନଙ୍କୁ ସକଳ ଲୋକ ଓ ସମସ୍ତ କାମନା ପ୍ରାପ୍ତ ହୋଇଥାଏ । ଅର୍ଥାତ୍ ଯେଉଁ-ଯେଉଁ ସଂକଳ୍ପ କରନ୍ତି, ସେହି-ସେହି ଲୋକ ଓ ସେହି-ସେହି କାମ ପ୍ରାପ୍ତ ହୋଇଥାଏ ଏବଂ **ସେ ମୁକ୍ତ ଜୀବଗଣ ସ୍ଥୂଳଶରୀର ତ୍ୟାଗ କରି ସଂକଳ୍ପମୟ ଶରୀରରେ ଆକାଶରେ, ପରମେଶ୍ୱରଙ୍କଠାରେ ବିଚରଣ କରନ୍ତି ।** କାରଣ ଯେଉଁମାନେ ସ୍ଥୂଳଶରୀରଧାରୀ ହୋଇଥାନ୍ତି, ସେମାନେ ସାଂସାରିକ ଦୁଃଖରୁ ରହିତ ହୋଇପାରିନଥାନ୍ତି ।

ଯେପରି ଇନ୍ଦ୍ରଙ୍କୁ ପ୍ରଜାପତି କହିଲେ କି — 'ହେ ପରମପୂଜ୍ୟ ଐଶ୍ୱର୍ଯ୍ୟଶାଳୀ ପୁରୁଷ ! ଏହି ସ୍ଥୂଳ ଶରୀର ମରଣଧର୍ମା । ସିଂହ ମୁଖରେ ଛେଳି ରହିଲା ପରି ଏହି ଶରୀର ମୃତ୍ୟୁ ମୁଖରେ ଅଛି । ଶରୀର ଏହି 'ମରଣରହିତ ଓ ଅଶରୀର(ଶରୀରଠୁ ଅଲଗା)' ଜୀବାତ୍ମାର ନିବାସ ସ୍ଥାନ । ଶରୀର ସହ ସଂଯୁକ୍ତ ଥିବାରୁ ଜୀବ ସର୍ବଦା ସୁଖ-

ଦୁଃଖରେ ଗ୍ରସ୍ତ ରହିଥାଏ । କାରଣ, ଶରୀର ସହ ସଂଯୁକ୍ତ ଥିବା ଯାଏ ଜୀବର ସାଂସାରିକ ସୁଖ-ଦୁଃଖର ନିବୃତ୍ତି ହୋଇପାରେ ନାହିଁ, ଏବଂ **ଯେଉଁ ଶରୀରରହିତ ମୁକ୍ତ ଜୀବାତ୍ମା ବ୍ରହ୍ମରେ ଅବସ୍ଥାନ କରେ ତାକୁ ସାଂସାରିକ ସୁଖ-ଦୁଃଖ କୌଣସି ପ୍ରକାରେ ସ୍ପର୍ଶ ବି କରିପାରେ ନାହିଁ, ସେ ସଦା ଆନନ୍ଦରେ ରହେ ।**

ପ୍ରଶ୍ନ — ଜୀବ ମୁକ୍ତି ଲାଭ କଲା ପରେ ପୁନଃ ଜନ୍ମ-ମରଣରୂପକ ଦୁଃଖ ଭିତରକୁ ଆଉ କେବେ ଆସେ ନା ନାହିଁ? ଯେହେତୁ କି —

ନ ଚ ପୁନରାବର୍ତ୍ତତେ ନ ଚ ପୁନରାବର୍ତ୍ତତ ଇତି । (ଛାନ୍ଦୋଗ୍ୟ. ୮:୧୫:୧)

ଅନାବୃତ୍ତିଃ ଶବ୍ଦାଦନାବୃତ୍ତିଃ ଶବ୍ଦାତ୍ । (ବେଦାନ୍ତ. ୪:୪:୨୨)

ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । (ଗୀତା. ୧୫:୬)

ଇତ୍ୟାଦିରୁ ଜଣାଯାଉଛି ଯେ ମୁକ୍ତି ସେହି ସ୍ଥିତି ଅଟେ ଯେଉଁଥିରୁ କେବେ ବି ନିବୃତ୍ତ ହୋଇ ଜୀବ ପୁନଃ ସଂସାରକୁ ଆସିନଥାଏ ।

ଉତ୍ତର — ଏ କଥା ଠିକ୍ ନୁହେଁ । ଯେହେତୁ କି ବେଦରେ ଏହାର ନିଷେଧ କରାଯାଇଛି —

କସ୍ୟ ନୂନଂ କତମସ୍ୟାମୃତାନାଂ ମନାମହେ ଚାରୁ ଦେବସ୍ୟ ନାମ ।
କୋ ନୋ ମହ୍ୟା ଅଦିତୟେ ପୁନର୍ଦାତ୍ ପିତରଂ ଚ ଦୃଶେୟଂ ମାତରଂ ଚ ॥ ୧ ॥
ଅଗ୍ନେର୍ବୟଂ ପ୍ରଥମସ୍ୟାମୃତାନାଂ ମନାମହେ ଚାରୁ ଦେବସ୍ୟ ନାମ ।
ସ ନୋ ମହ୍ୟା ଅଦିତୟେ ପୁନର୍ଦାତ୍ ପିତରଂ ଚ ଦୃଶେୟଂ ମାତରଂ ଚ ॥ ୨ ॥

(ଋକ୍. ୧:୨୪:୧-୨)

ଇଦାନୀମିବ ସର୍ବତ୍ର ନାତ୍ୟନ୍ତୋଚ୍ଛେଦଃ ॥ ୩ ॥ (ସାଂଖ୍ୟ. ୧:୧୫୯)

(ପ୍ରଶ୍ନ) — ଆମେ କାହାର ନାମକୁ ପବିତ୍ର ବୋଲି ଜାଣିବୁ? ନାଶରହିତ ପଦାର୍ଥମାନଙ୍କ ମଧ୍ୟରେ ବିଦ୍ୟମାନ ସର୍ବଦା ପ୍ରକାଶସ୍ୱରୂପ ସେ ଦେବ କିଏ, ଯିଏ କି ଆମକୁ ମୁକ୍ତିର ସୁଖ ଭୋଗ କରାଇ ପୁନଃ ଏହି ସଂସାରରେ ଜନ୍ମ ଦିଅନ୍ତି ଓ ମାତା-ପିତାଙ୍କ ଦର୍ଶନ କରାନ୍ତି? ॥ ୧ ॥

(ଉତ୍ତର) — ଆମେ ଏହି ସ୍ୱପ୍ରକାଶସ୍ୱରୂପ, ଅନାଦି, ସଦାମୁକ୍ତ ପରମାତ୍ମାଙ୍କ ନାମକୁ ପବିତ୍ର ବୋଲି ଜାଣିବା ଉଚିତ, ଯିଏକି ଆମକୁ ମୁକ୍ତିରେ ଆନନ୍ଦ ଭୋଗ କରାଇ ପୁନଃ ପୃଥିବୀରେ ମାତା-ପିତାଙ୍କ ସଂଯୋଗରେ ଜନ୍ମ ଦେଇ ମାତା-ପିତାଙ୍କ ଦର୍ଶନ କରାନ୍ତି । ସେହି ପରମାତ୍ମା ଏହିପରି ମୁକ୍ତିର ବ୍ୟବସ୍ଥା କରନ୍ତି ଓ ସମସ୍ତଙ୍କର ସ୍ୱାମୀ ଅଟନ୍ତି ॥ ୨ ॥

ବର୍ତ୍ତମାନ ଯେପରି ବଦ୍ଧ ଓ ମୁକ୍ତ ଜୀବ ଅଛନ୍ତି ସେହିପରି ସର୍ବଦା ରହିଥାନ୍ତି । ବନ୍ଧ କି ମୁକ୍ତିର ସଂପୂର୍ଣ୍ଣ ରୂପେ ଉଚ୍ଛେଦ କେବେ ବି ହୁଏ ନାହିଁ କିମ୍ବା ବନ୍ଧନ ଓ ମୁକ୍ତି ସବୁ ସମୟ ପାଇଁ ରହେ ନାହିଁ ॥ ୩ ॥

ପ୍ରଶ୍ନ — ତଦତ୍ୟନ୍ତବିମୋକ୍ଷୋଽପବର୍ଗଃ । (ନ୍ୟାୟ. ୧:୧:୨୨)

ଦୁଃଖଜନ୍ମପ୍ରବୃତ୍ତିଦୋଷମିଥ୍ୟାଜ୍ଞାନାନାମୁତ୍ତରୋତ୍ତରାପାୟେ ତଦନନ୍ତରାପାୟାଦପବର୍ଗଃ ॥

(ନ୍ୟାୟ. ୧:୧:୨)

ଦୁଃଖର ଆତ୍ୟନ୍ତିକ ବିଚ୍ଛେଦକୁ **'ମୁକ୍ତି'** କୁହାଯାଏ ।

କାରଣ ଦୁଃଖ, ଜନ୍ମ, ବିଷୟ ଓ ଦୁଷ୍ଟବ୍ୟସନରେ ପ୍ରବୃତ୍ତି, ଲୋଭାଦି ଦୋଷ ଓ ମିଥ୍ୟାଜ୍ଞାନ ବା ଅବିଦ୍ୟା –

ଏ ପାଞ୍ଚୋଟି ମଧ୍ୟରୁ ଉତ୍ତର-ଉତ୍ତରବର୍ତ୍ତୀ ବିଷୟର ନିବୃତ୍ତି ହେଲେ ତତ୍ ପୂର୍ବ-ପୂର୍ବବର୍ତ୍ତୀର ନିବୃତ୍ତି ହେବା ଦ୍ୱାରା ହିଁ **'ମୋକ୍ଷ'** ମିଳିଥାଏ, ଯାହାକି ସର୍ବଦା ବଜାୟ ରହିଥାଏ ।

ଉତ୍ତର — ଏହା ଜରୁରୀ ନୁହେଁ ଯେ 'ଅତ୍ୟନ୍ତ' ଶବ୍ଦର ଅର୍ଥ 'ସମ୍ପୂର୍ଣ୍ଣ' ହିଁ ହେବ । ଯଥା — **'ଅତ୍ୟନ୍ତଂ ଦୁଃଖମତ୍ୟନ୍ତଂ ସୁଖଂ ଚାସ୍ୟ ବର୍ତ୍ତତେ' —** ଏହି ବ୍ୟକ୍ତିର ବହୁତ ଦୁଃଖ ବା ବହୁତ ସୁଖ ଅଛି । ଏଠାରେ 'ଅତ୍ୟନ୍ତ' ଶବ୍ଦରୁ ଏହା ହିଁ ଜଣାଯାଉଛି ଯେ ଏହି ବ୍ୟକ୍ତିଙ୍କୁ ବହୁତ ଦୁଃଖ ବା ବହୁତ ସୁଖ ଅଛି । ଏହିଭଳି ନ୍ୟାୟ-ଦର୍ଶନରେ ଏହି ସୂତ୍ର (୧:୧:୨୨)ରେ ଥିବା **'ଅତ୍ୟନ୍ତ'** ଶବ୍ଦର ଅର୍ଥ 'ବହୁକାଳ ପର୍ଯ୍ୟନ୍ତ' ବୋଲି ବୁଝିବା ଉଚିତ ।

ପ୍ରଶ୍ନ — ଯଦି ମୁକ୍ତିରୁ ବି ଜୀବ ସଂସାରକୁ ଫେରିଆସେ, ତେବେ ସେ କେତେ ସମୟ ପର୍ଯ୍ୟନ୍ତ ମୁକ୍ତିରେ ରହେ ?

ଉତ୍ତର — ତେ ବ୍ରହ୍ମଲୋକେ ହ ପରାନ୍ତକାଲେ ପରାମୃତାତ୍ ପରିମୁଚ୍ୟନ୍ତି ସର୍ବେ ।

(ମୁଣ୍ଡକ. ୩:୨:୬)

ମୁକ୍ତିପ୍ରାପ୍ତ କରିଥିବା ସେ ମୁକ୍ତ ଜୀବମାନେ **'ମହାକଳ୍ପ'** ପର୍ଯ୍ୟନ୍ତ ବ୍ରହ୍ମରେ ଆନନ୍ଦ ଭୋଗ କରି ତତ୍ପଶ୍ଚାତ୍ ମୋକ୍ଷସୁଖ ଛାଡ଼ି ପୁଣିଥରେ ସଂସାରକୁ ଫେରିଆସନ୍ତି । ମହାକଳ୍ପ ବା ପରାନ୍ତ କାଳର ସମୟ ହେଲା — କଳିଯୁଗର ସମୟ ୪ ଲକ୍ଷ ୩୨ ହଜାର ବର୍ଷ, ଦ୍ୱାପରଯୁଗର ୮ଲକ୍ଷ ୬୪ହଜାର ବର୍ଷ, ତ୍ରେତୟାଯୁଗର ୧୨ଲକ୍ଷ ୯୬ହଜାର ବର୍ଷ ଓ ସତ୍ୟଯୁଗର ୧୭ଲକ୍ଷ ୨୮ହଜାର ବର୍ଷ । ଚାରିଯୁଗ ମିଶି ତେୟାଳିଶ ଲକ୍ଷ କୋଡ଼ିଏ ହଜାର ବର୍ଷରେ ଏକ **'ଚତୁର୍ଯୁଗୀ'** ହୁଏ । ଦୁଇ ହଜାର ଚତୁର୍ଯୁଗୀରେ ଏକ **'ଅହୋରାତ୍ର'**, ଏପରି ତିରିଶି ଅହୋରାତ୍ରରେ ଗୋଟିଏ **'ମାସ'**, ଏପରି ବାର ମାସରେ ଏକ **'ବର୍ଷ'** ଓ ଏପରି ଶହେ ବର୍ଷ ମିଶି ଏକ **'ପରାନ୍ତକାଳ'** ହୋଇଥାଏ । ହିସାବ କଲେ ଏ ସଂଖ୍ୟା ଜଣାଯିବ । ମୁକ୍ତ ଜୀବ ଏତିକି କାଳ ପର୍ଯ୍ୟନ୍ତ ମୁକ୍ତିରେ ସୁଖ ଭୋଗ କରେ ।

ପ୍ରଶ୍ନ — ସାରା ସଂସାରର ଓ ଗ୍ରନ୍ଥକାରମାନଙ୍କର ବି ମତ ଏଇଆ ଯେ ମୁକ୍ତି ତାକୁ କହନ୍ତି ଯେଉଁଠାରୁ ଜୀବ ପୁନର୍ବାର କେବେ ବି ଜନ୍ମ-ମରଣ ବନ୍ଧନ ଭିତରକୁ ଆସେ ନାହିଁ ।

ଉତ୍ତର — ଏହା କେବେ ହୋଇ ନ ପାରେ । କାରଣ ପ୍ରଥମତଃ ଜୀବର ସାମର୍ଥ୍ୟ, ଶରୀରାଦି ପଦାର୍ଥ ଓ ସାଧନ ପରିମିତ । ତେଣୁ ସେସବୁର ଫଳ କିପରି ଅନନ୍ତ ହୋଇପାରିବ ? ଅନନ୍ତ ଆନନ୍ଦ ଭୋଗ କରିବାର ଅସୀମ ସାମର୍ଥ୍ୟ, କର୍ମ ଓ ସାଧନ ଜୀବ ନିକଟରେ ନାହିଁ । ଏଣୁ ଜୀବ ଅନନ୍ତ ଆନନ୍ଦ ଭୋଗ କରିପାରେ ନାହିଁ । ଯାହାର ସାଧନ ଅନିତ୍ୟ, ତା'ର ଫଳ କଦାପି ନିତ୍ୟ ହୋଇ ନ ପାରେ । ତା'ଛଡ଼ା ମୁକ୍ତିରୁ ପ୍ରତ୍ୟାବର୍ତ୍ତନ କରି କୌଣସି ଜୀବ ଯଦି ସଂସାରକୁ ନ ଆସନ୍ତି, ତେବେ ସଂସାର ସମାପ୍ତ ହୋଇଯିବ ଅର୍ଥାତ୍ କ୍ରମେ ସମସ୍ତ ଜୀବ ନିଃଶେଷ ହୋଇଯିବେ ।

ପ୍ରଶ୍ନ — ଯେତେ ଜୀବ ମୁକ୍ତ ହୋଇଯାଆନ୍ତି, ଈଶ୍ୱର ସେତେ ସଂଖ୍ୟକ ନୂତନ ଜୀବ ଉତ୍ପନ୍ନ କରି ସଂସାରରେ ରଖିଦିଅନ୍ତି । ଏଣୁ ସଂସାରରୁ ଜୀବ ନିଃଶେଷ ହୁଅନ୍ତି ନାହିଁ ।

ଉତ୍ତର — ଯଦି ଏପରି ହୁଏ, ତେବେ ଜୀବ ଅନିତ୍ୟ ହୋଇଯିବ । କାରଣ ଯାହାର ଉତ୍ପତ୍ତି ଥାଏ, ତାହାର ବିନାଶ ଅବଶ୍ୟମ୍ଭାବୀ । ତେଣୁ ତୁମ ମତ ଅନୁସାରେ ଜୀବମାନେ ମୁକ୍ତି ପାଇ ମଧ୍ୟ ବିନଷ୍ଟ ହୋଇଯିବେ । ଅତଃ ମୁକ୍ତି ଅନିତ୍ୟ ହୋଇଗଲା । ଦ୍ୱିତୀୟରେ, ମୁକ୍ତି ସ୍ଥାନରେ ବହୁତ ଭିଡ଼ ହୋଇଯିବ । କାରଣ ସେଠାକୁ ନିରନ୍ତର

ଆଗମନ ଚାଲିବ ଓ ପ୍ରସ୍ଥାନ ବିଲ୍‌କୁଲ୍ ନ ହେବାରୁ ବୃଦ୍ଧିର ସୀମା ରହିବ ନାହିଁ ।

ଆଉ ଗୋଟିଏ କଥା ଯେ ଦୁଃଖର ଅନୁଭବ ବିନା, ସୁଖର କୌଣସି ମହତ୍ତ୍ୱ ରହିନଥାଏ । ଯଥା - ରାଗ ନଥିଲେ, ମିଠାର ମହତ୍ତ୍ୱ କ'ଣ ଓ ମଧୁର ନ ଥିଲେ, କଟୁ କାହାକୁ କହିବା ? କାରଣ ଗୋଟିଏ ସ୍ୱାଦର, ଗୋଟିଏ ରସର, ବିରୁଦ୍ଧ ସ୍ୱାଦ ବିଦ୍ୟମାନ ଥିଲେ ଉଭୟର ପରୀକ୍ଷା ହୋଇପାରିଥାଏ । ଯେପରିକି କୌଣସି ବ୍ୟକ୍ତି କେବଳ ମିଠା-ମିଠା ଜିନିଷ ହିଁ ଖାଇ-ପିଇ ଚାଲିଲେ, ତାକୁ ସେପରି ସୁଖ ମିଳେ ନାହିଁ, ଯେମିତି କି ସବୁ ପ୍ରକାର ରସ ଆସ୍ୱାଦନ କରୁଥିବା ବ୍ୟକ୍ତିକୁ ମିଳିଥାଏ ।

ଚତୁର୍ଥତଃ, ଈଶ୍ୱର ଯଦି ସସୀମ କର୍ମର ଅସୀମ ଫଳ ଦିଅନ୍ତି, ତେବେ ତାଙ୍କର ନ୍ୟାୟ ନଷ୍ଟ ହୋଇଯିବ । ଯିଏ ଯେତିକି ଓଜନ ବୋହି ପାରିବ, ତା' ଉପରେ ସେତିକି ଲଦିବା ହେଉଛି ବୁଦ୍ଧିମତ୍ତାର ପରିଚାୟକ । ଯେଉଁପରି ମହଣେ ଓଜନ ବୋହିବା ଲୋକ ମୁଣ୍ଡରେ ଦଶ ମହଣ ଓଜନ ଲଦିଲେ ଓଜନ ଲଦିବା ଲୋକ ନିନ୍ଦିତ ହୋଇଥାଏ, ସେହିପରି ଅଳ୍ପଜ୍ଞ, ଅଳ୍ପସାମର୍ଥ୍ୟବାନ୍ ଜୀବ ଉପରେ ଅନନ୍ତ ସୁଖର ଭାର ଲଦିଦେବା ଈଶ୍ୱରଙ୍କ ପକ୍ଷେ ଯଥାର୍ଥ ହେବ ନାହିଁ ।

ପଞ୍ଚମରେ, ଯଦି ଈଶ୍ୱର ନୂତନ-ନୂତନ ଜୀବ ଉତ୍ପନ୍ନ କରନ୍ତି, ତେବେ ଯେଉଁ ଉପାଦାନ କାରଣରୁ ଜୀବ ଉତ୍ପନ୍ନ ହେଉଥିବେ, ତାହା ଶେଷ ହୋଇଯିବ । କାରଣ ଯେତେ ବିରାଟ ଧନକୋଷ ହେଉନା କାହିଁକି, ଆୟ ନ ଥାଇ ଯଦି କେବଳ ସେଥିରୁ ବ୍ୟୟ ହୋଇଚାଲିଥାଏ, ତେବେ ଦିନେ ନା ଦିନେ ତାହା ସମାପ୍ତ ହୋଇଯାଇଥାଏ । ଏଣୁ ମୁକ୍ତିକୁ ଯିବା ଏବଂ ପୁଣି ଥରେ ସେଠାରୁ ଫେରିଆସିବା - ଏ ବ୍ୟବସ୍ଥା ହିଁ ଉଚିତ ଓ ଉତ୍ତମ । ଷଷ୍ଠତଃ, ଅଳ୍ପକାଳୀନ କାରାବାସ ଅପେକ୍ଷା 'ଆଜୀବନ କାରାବାସ' ବା 'କଳାପାଣି' କିମ୍ବା 'ମୃତ୍ୟୁଦଣ୍ଡ'କୁ କ'ଣ କେହି ଭଲ ବୋଲି ମାନେ ? ଯଦି ମୁକ୍ତିରୁ ପୁନରାବୃତ୍ତି ନ ହୁଏ ତେବେ 'ମୁକ୍ତି' ଓ 'ଆଜୀବନ କାରାବାସ' ମଧ୍ୟରେ ଏତିକି ମାତ୍ର ପ୍ରଭେଦ ଯେ ମୁକ୍ତିରେ ମୂଲ ଲାଗିବାକୁ ପଡ଼େ ନାହିଁ । ତା'ଛଡ଼ା ମୁକ୍ତିରେ ଯଦି ଜୀବ ବ୍ରହ୍ମରେ ଲୟ ହୁଏ, ତେବେ ବ୍ରହ୍ମରେ ଲୟ ହେବା ସମୁଦ୍ରରେ ବୁଡ଼ି ମରିବା ସଙ୍ଗେ ସମାନ ।

ପ୍ରଶ୍ନ — ଈଶ୍ୱର ଯେପରି ନିତ୍ୟ-ମୁକ୍ତ, ପୂର୍ଣ୍ଣସୁଖୀ ଅଟନ୍ତି, ଜୀବ ମଧ୍ୟ ସେହିପରି ନିତ୍ୟମୁକ୍ତ ଓ ପୂର୍ଣ୍ଣସୁଖୀ ହେଲେ ତ ଆଉ କୌଣସି ଦୋଷ ଆସିବ ନାହିଁ ।

ଉତ୍ତର — ଈଶ୍ୱର ଅନନ୍ତ, ଅନନ୍ତ ସାମର୍ଥ୍ୟବାନ୍, ଅନନ୍ତ ଗୁଣ-କର୍ମ-ସ୍ୱଭାବସମ୍ପନ୍ନ ଅଟନ୍ତି । ତେଣୁ ସେ କେବେ ବି ଅବିଦ୍ୟା ଓ ଦୁଃଖ-ବନ୍ଧନରେ ପଡ଼ିପାରନ୍ତି ନାହିଁ । ଜୀବ ମୁକ୍ତ ହେଲେ ସୁଦ୍ଧା ଶୁଦ୍ଧସ୍ୱରୂପ, ଅଳ୍ପଜ୍ଞ ଓ ପରିମିତ ଗୁଣ-କର୍ମ-ସ୍ୱଭାବଧାରୀ ହୋଇ ହିଁ ରହେ, ଈଶ୍ୱରଙ୍କ ସଦୃଶ କଦାପି ହୋଇପାରେ ନାହିଁ ।

ପ୍ରଶ୍ନ — ଯଦି ମୁକ୍ତିରୁ ପୁଣି ସଂସାର ବନ୍ଧନ ଭିତରକୁ ଫେରିବାକୁ ପଡ଼େ, ତେବେ ମୁକ୍ତି ମଧ୍ୟ ଜନ୍ମ-ମରଣ ସଦୃଶ ହେଲା । ତା' ପାଇଁ ଏତେ ପରିଶ୍ରମ କରିବା ବୃଥା ।

ଉତ୍ତର — 'ମୁକ୍ତି' ଜନ୍ମ-ମରଣ ସଦୃଶ ନୁହେଁ । କାରଣ ୩୬,୦୦୦(ଛତିଶ ହଜାର)ଥର ସୃଷ୍ଟି ଓ ପ୍ରଳୟର ସମୟ ମିଶି ଯେତେ, ସେତେ ସମୟ ପର୍ଯ୍ୟନ୍ତ ଜୀବାତ୍ମା ମୁକ୍ତିର ଆନନ୍ଦ ଭୋଗ କରେ । ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ମୋକ୍ଷାନନ୍ଦ ଭୋଗକରିବା, ଦୁଃଖ ଆଦୌ ଭୋଗ ନ କରିବା କ'ଣ ଛୋଟ କଥା ? ଆଜି ଖାଉଛ-ପିଉଛ, ଯେତେବେଳେ କି ଆସନ୍ତା କାଲି ପୁଣି ଭୋକ ଲାଗିବା ନିଶ୍ଚିତ; ତଥାପି କାହିଁକି ଆଜି କ୍ଷୁଧା ନିବାରଣ

ପାଇଁ ପ୍ରଯତ୍ନ କରୁଛ ? **ଯଦି କ୍ଷୁଧା, ତୃଷା, ତୁଚ୍ଛ ଧନ, ରାଜ୍ୟ, ପ୍ରତିଷ୍ଠା, ସ୍ତ୍ରୀ, ସନ୍ତାନ ଆଦିଙ୍କ ପାଇଁ ପରିଶ୍ରମ-ପୁରୁଷାର୍ଥ କରିବା ଆବଶ୍ୟକ ହେଉଛି, ତେବେ ମୁକ୍ତି ପାଇଁ କାହିଁକି ପ୍ରଯତ୍ନ କରା ନ ଯିବ ?** ଯେପରି ମୃତ୍ୟୁ ସୁନିଶ୍ଚିତ ଏକଥା ସମସ୍ତେ ଜାଣିଥିଲେ ସୁଦ୍ଧା ବଞ୍ଚିବା ପାଇଁ ଉପାୟ କରାଯାଇଥାଏ, ସେହିପରି ମୁକ୍ତିରୁ ପ୍ରତ୍ୟାବର୍ତ୍ତନ କରି ପୁନଃ ଜନ୍ମ-ମରଣ ଚକ୍ର ଭିତରକୁ ଆସିବାକୁ ପଡ଼େ ଏକଥା ଜାଣି ସୁଦ୍ଧା ମୁକ୍ତି ପ୍ରାପ୍ତିର ଉପାୟ କରିବା ଅତ୍ୟାବଶ୍ୟକ ।

ପ୍ରଶ୍ନ — ମୁକ୍ତିର ସାଧନଗୁଡ଼ିକ କ'ଣ କ'ଣ ?

ଉତ୍ତର — ମୁକ୍ତିର କିଛି ସାଧନ ତ ପୂର୍ବରୁ ଉଲ୍ଲେଖ କରାଯାଇଛି । ତଥାପି ବିଶେଷ ଉପାୟଗୁଡ଼ିକ ବର୍ଣ୍ଣନା କରାଯାଉଛି **— ମୁକ୍ତିକାମୀ ପ୍ରଥମେ 'ଜୀବନ୍ମୁକ୍ତ' ହେବା ପାଇଁ ଦୁଃଖଫଳ-ଦାୟକ ମିଥ୍ୟାଭାଷଣାଦି ପାପକର୍ମ ପରିତ୍ୟାଗ କରି, ସୁଖଫଳ ପ୍ରଦାନ କରୁଥିବା ସତ୍ୟଭାଷଣାଦି ଧର୍ମାଚରଣ ଅବଶ୍ୟ କରିବେ । ଯିଏ ଦୁଃଖରୁ ଦୂରେଇ ରହିବାକୁ ଓ ସୁଖ ଲାଭ କରିବାକୁ ଚାହାନ୍ତି, ସେ ଅଧର୍ମ ତ୍ୟାଗ କରି ଧର୍ମାଚରଣ ନିଶ୍ଚିତ କରିବେ । କାରଣ ଦୁଃଖର ମୂଳ କାରଣ ହେଲା ପାପାଚରଣ ଓ ସୁଖର ମୂଳ କାରଣ ଧର୍ମାଚରଣ ।**

୧. ମୁକ୍ତିର ପ୍ରଥମ ସାଧନ — 'ବିବେକ' — ସତ୍ ପୁରୁଷଙ୍କ ସଙ୍ଗ ଦ୍ୱାରା **'ବିବେକ'** ଅର୍ଥାତ୍ ସତ୍ୟାସତ୍ୟ, ଧର୍ମ-ଅଧର୍ମ, କର୍ତ୍ତବ୍ୟ-ଅକର୍ତ୍ତବ୍ୟର ନିରୂପଣ ଅବଶ୍ୟ କରିବେ, ଏ ସବୁର ପୃଥକ୍-ପୃଥକ୍ ସ୍ୱରୂପକୁ ଜାଣିବେ ତଥା 'ଶରୀର' ଅର୍ଥାତ୍ 'ଜୀବର ପଞ୍ଚକୋଷ' ବିଷୟରେ ବିବେଚନା କରିବେ —

ପଞ୍ଚକୋଷ — ୧. ଅନ୍ନମୟ କୋଷ — ଚର୍ମଠାରୁ ଆରମ୍ଭ କରି ଅସ୍ଥି ପର୍ଯ୍ୟନ୍ତ ବ୍ୟାପକ ଥିବା ଏହି ପାର୍ଥିବ ସ୍ଥୂଳ ଶରୀର । **୨. ପ୍ରାଣମୟ କୋଷ —** ଯେଉଁଥିରେ ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ - ଏ ପାଞ୍ଚୋଟି ଅବସ୍ଥାନ କରନ୍ତି । **'ପ୍ରାଣ'** - ଯାହା ଭିତରୁ ବାହାରକୁ ଆସେ, **'ଅପାନ'** - ଯାହା ବାହାରୁ ଶରୀର ଭିତରକୁ ଯାଏ, **'ସମାନ'** - ଯାହା ନାଭିରେ ଅବସ୍ଥାନ କରି ଶରୀରରେ ସର୍ବତ୍ର ରସ ପହୁଞ୍ଚାଏ, **'ଉଦାନ'** - ଯାହା ଦ୍ୱାରା କଣ୍ଠସ୍ଥିତ ଖାଦ୍ୟ-ପେୟ ଆକର୍ଷିତ ହୋଇ ଉଦରସ୍ଥ ହୁଏ ତଥା ବଳ-ପରାକ୍ରମ ସୃଷ୍ଟି ହୁଏ, **'ବ୍ୟାନ'** - ଯାହା ଦ୍ୱାରା ଜୀବ ସମସ୍ତ ଶାରୀରିକ ଚେଷ୍ଟା ଆଦି କର୍ମ ସଂପାଦନ କରେ । **୩. ମନୋମୟ କୋଷ —** ଯହିଁରେ ମନ ସହ ଅହଂକାର ଏବଂ ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ ଏ ପଞ୍ଚ କର୍ମେନ୍ଦ୍ରିୟ ଅନ୍ତର୍ଭୁକ୍ତ । **୪. ବିଜ୍ଞାନମୟ କୋଷ —** ଯାହା କି ବୁଦ୍ଧି, ଚିତ୍ତ ଏବଂ ଶ୍ରୋତ୍ର, ତ୍ୱକ୍, ନେତ୍ର, ଜିହ୍ୱା ଓ ନାସିକା ଏ ପାଞ୍ଚ ଜ୍ଞାନେନ୍ଦ୍ରିୟକୁ ନେଇ ଗଠିତ । ଏହି କୋଷ ଦ୍ୱାରା ଜୀବ ଜ୍ଞାନାଦି ବ୍ୟବହାର କରେ । **୫. ଆନନ୍ଦମୟ କୋଷ —** ଯେଉଁଥିରେ ପ୍ରୀତି-ପ୍ରସନ୍ନତା, ନ୍ୟୂନ ଆନନ୍ଦ, ଅଧିକ ଆନନ୍ଦ ଅନୁଭୂତ ହୋଇଥାଏ ଏବଂ ଆନନ୍ଦର ଆଧାର କାରଣ ରୂପକ ପ୍ରକୃତି (କାରଣ ଶରୀର) ଅବସ୍ଥିତ । ଏହି ପଞ୍ଚକୋଷ ଦ୍ୱାରା ଜୀବ ସକଳ ପ୍ରକାର କର୍ମ, ଉପାସନା ଓ ଜ୍ଞାନାଦି ବ୍ୟବହାର ସଂପାଦନ କରେ ।

ଆତ୍ମାର **ତିନୋଟି ଅବସ୍ଥା — ୧. ଜାଗ୍ରତ, ୨. ସ୍ୱପ୍ନ ଓ ୩. ସୁଷୁପ୍ତି ।**

ଜୀବର **ତିନୋଟି ଶରୀର** ଅଛି — ୧. ସ୍ଥୂଳଶରୀର, ୨. ସୂକ୍ଷ୍ମଶରୀର ଓ ୩. କାରଣ ଶରୀର । **୧. ସ୍ଥୂଳଶରୀର —** ଯାହା ଆଖିକୁ ଦେଖାଯାଉଛି, ତାହା **'ସ୍ଥୂଳଶରୀର'** । **୨. ସୂକ୍ଷ୍ମଶରୀର —** ପଞ୍ଚ ପ୍ରାଣ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ ସୂକ୍ଷ୍ମଭୂତ ଏବଂ ମନ ଓ ବୁଦ୍ଧି, ଏହି ସତରଟି ତତ୍ତ୍ୱର ସମଷ୍ଟିରେ ଗଠିତ ଶରୀରକୁ **'ସୂକ୍ଷ୍ମଶରୀର'**

କହନ୍ତି । ଏହି ସୂକ୍ଷ୍ମଶରୀର ଜନ୍ମ-ମରଣାଦି ସ୍ଥିତିରେ ମଧ୍ୟ ଜୀବାତ୍ମା ସହିତ ରହିଥାଏ । ସୂକ୍ଷ୍ମଶରୀର ଦୁଇ ପ୍ରକାର - ୧. ଭୌତିକ ଓ ୨. ସ୍ୱାଭାବିକ । ଯାହା ସୂକ୍ଷ୍ମ-ଭୂତର ଅଂଶରୁ ନିର୍ମିତ (୧୭ଟି ତତ୍ତ୍ୱବିଶିଷ୍ଟ) ତାହା **'ଭୌତିକ'** । ଯାହା ଜୀବର ସ୍ୱାଭାବିକ ଗୁଣରୂପ ଅଟେ ତାହା **'ସ୍ୱାଭାବିକ'** ବା **'ଅଭୌତିକ'** । ଏହି ଦ୍ୱିତୀୟ ଅଭୌତିକ (ସ୍ୱାଭାବିକ) ଶରୀର ମୁକ୍ତିରେ ବି ବିଦ୍ୟମାନ ଥାଏ । ଏହା ଦ୍ୱାରା ଜୀବ ମୁକ୍ତ ଅବସ୍ଥାରେ ସୁଖ ଭୋଗ କରିଥାଏ । **୩. କାରଣ ଶରୀର—** ଯାହା ପ୍ରକୃତି ରୂପ ହୋଇଥିବାରୁ ସର୍ବତ୍ର ବିଭୁ ବା ବ୍ୟାପକ ଏବଂ ସକଳ ଜୀବଙ୍କ ପାଇଁ ଏକ ହିଁ ଅଟେ, ଅଲଗା-ଅଲଗା ନୁହେଁ, ତାହାକୁ **'କାରଣ ଶରୀର'** କୁହାଯାଏ, ଯେଉଁଥିରେ କି ସୁଷୁପ୍ତି ଅର୍ଥାତ୍ ଗାଢ଼ ନିଦ୍ରା ହୋଇଥାଏ । କେତେକଙ୍କ ମତରେ କାରଣ ଶରୀରର ହିଁ ଏକ ଭେଦ ରୂପେ ଚତୁର୍ଥ ଶରୀର ଅଛି । ତାହାକୁ **'ତୁରୀୟ ଶରୀର'** କହନ୍ତି, ଯେଉଁଥିରେ ଜୀବାତ୍ମା ସମାଧି ଦ୍ୱାରା ପରମାତ୍ମାଙ୍କ ଆନନ୍ଦସ୍ୱରୂପରେ ମଗ୍ନ ହୁଏ । ଏହି ସମାଧି-ସଂସ୍କାରଜନିତ ଶୁଦ୍ଧ ଶରୀରର ପରାକ୍ରମ ମୁକ୍ତି ସମୟରେ ମଧ୍ୟ ଯଥାବତ୍ ସହାୟକ ହୋଇଥାଏ ।

ଏସବୁ କୋଷରୁ ଓ ସମସ୍ତ ଅବସ୍ଥାରୁ ଜୀବ ପୃଥକ୍ ଅଟେ । କାରଣ ଯେତେବେଳେ ମୃତ୍ୟୁ ହୁଏ, ସେତେବେଳେ ସମସ୍ତେ କହନ୍ତି କି ଜୀବ ଚାଲିଗଲା । ଏହି ଜୀବ ସବୁ କର୍ମର ପ୍ରେରକ, ସମସ୍ତର ଧର୍ତ୍ତା, ସାକ୍ଷୀ, କର୍ତ୍ତା, ଭୋକ୍ତା ବୋଲାଇଥାଏ । ଯିଏ ଏହା କହେ କି ଜୀବ କର୍ତ୍ତା-ଭୋକ୍ତା ନୁହେଁ, ବୁଝିବାକୁ ହେବ ଯେ ସେ ଅଜ୍ଞାନ, ଅବିବେକୀ ଅଟେ । କାରଣ ବିନା ଜୀବାତ୍ମାରେ ଶରୀରାଦି ଏ ଯେଉଁ ସବୁ ଜଡ଼ ପଦାର୍ଥ ଅଛନ୍ତି, ଏମାନଙ୍କୁ ସୁଖ-ଦୁଃଖର ଭୋଗ ହେବା କି ଏମାନେ ପୁଣ୍ୟ-ପାପର କର୍ତ୍ତା ହେବା କଦାପି ସମ୍ଭବ ନୁହେଁ । ହଁ, ଏସବୁ ସହ ସମ୍ବନ୍ଧିତ ହୋଇ ଜୀବ ପାପ-ପୁଣ୍ୟର କର୍ତ୍ତା ଓ ଦୁଃଖ-ସୁଖର ଭୋକ୍ତା ହୋଇଥାଏ ।

ଯେତେବେଳେ ଇନ୍ଦ୍ରିୟଗଣ ପଦାର୍ଥ ସହିତ, ମନ ଇନ୍ଦ୍ରିୟ ସହ ଓ ଆତ୍ମା ମନ ସହିତ ସଂଯୁକ୍ତ ହୋଇ ପ୍ରାଣକୁ ପ୍ରେରଣା ଦେଇ ଭଲ କିମ୍ବା ମନ୍ଦ କର୍ମରେ ପ୍ରବୃତ୍ତ ହୁଏ, ସେତେବେଳେ ସେ ବହିର୍ମୁଖୀ ହୋଇଯାଏ । ସେହି ସମୟରେ ଭଲ କର୍ମ କରିବାରେ ଭିତରୁ ଆନନ୍ଦ, ଉତ୍ସାହ ଓ ନିର୍ଭୟତା ଏବଂ ଖରାପ କର୍ମ କରିବାରେ ଭୟ, ଶଙ୍କା ଓ ଲଜ୍ଜା ଉତ୍ପନ୍ନ ହୁଏ । ତାହା ଅନ୍ତର୍ଯ୍ୟାମୀ ପରମେଶ୍ୱରଙ୍କ ଶିକ୍ଷା ଅଟେ । ଯିଏ ଏହି ଶିକ୍ଷାର ଅନୁକୂଳ ଆଚରଣ କରେ, ସେ ମୁକ୍ତି ଜନିତ ସୁଖ ଲାଭ କରେ । ଆଉ ଯିଏ ଏହାର ବିପରୀତ ଆଚରଣ କରେ, ସେ ବନ୍ଧଜନିତ ଦୁଃଖ ଭୋଗ କରେ ।

ଅତଏବ ପୃଥିବୀଠାରୁ ଆରମ୍ଭ କରି ପରମେଶ୍ୱରଙ୍କ ପର୍ଯ୍ୟନ୍ତ ସମସ୍ତ ପଦାର୍ଥର ଗୁଣ-କର୍ମ-ସ୍ୱଭାବକୁ ଜାଣି ଈଶ୍ୱରଙ୍କ ଆଜ୍ଞାପାଳନ ଓ ଉପାସନାରେ ତତ୍ପର ରହିବା, ତଦ୍ ବିରୁଦ୍ଧ ଆଚରଣ ନ କରିବା, ଈଶ୍ୱରଙ୍କ ସୃଷ୍ଟିରୁ ଉପକାର ନେବାର ନାମ **'ବିବେକ'** ।

୨. ମୁକ୍ତିର ଦ୍ୱିତୀୟ ସାଧନ — ବୈରାଗ୍ୟ — ବିବେକ ଦ୍ୱାରା ସତ୍ୟ-ଅସତ୍ୟକୁ ଜାଣିବା ପରେ ସତ୍ୟାଚରଣ କରିବା ଓ ଅସତ୍ୟାଚରଣ ପରିତ୍ୟାଗ କରିବାର ନାମ **'ବୈରାଗ୍ୟ'** ।

୩. ମୁକ୍ତିର ତୃତୀୟ ସାଧନ — ଷଟ୍କ ସମ୍ପତ୍ତି — ନିମ୍ନ ଛଅ ପ୍ରକାର କର୍ମକୁ ଷଟ୍କ ସମ୍ପତ୍ତି କୁହାଯାଏ— **୧. ଶମ —** ନିଜ ଆତ୍ମା ଓ ଅନ୍ତଃକରଣକୁ ଅଧର୍ମାଚରଣରୁ ନିବୃତ୍ତ କରି, ଧର୍ମାଚରଣରେ ସଦା ପ୍ରବୃତ୍ତ ରଖିବା । **୨. ଦମ —** ଶ୍ରୋତ୍ରାଦି ଇନ୍ଦ୍ରିୟଗୁଡ଼ିକୁ ଓ ଶରୀରକୁ ବ୍ୟଭିଚାରାଦି ମନ୍ଦ କର୍ମରୁ ଦୂରେଇ ରଖି, ଜିତେନ୍ଦ୍ରିୟତାଦି ଶୁଭ କର୍ମରେ ନିୟୋଜିତ କରି ରଖିବା । **୩. ଉପରତି —** ଖରାପ କାମ କରୁଥିବା ବ୍ୟକ୍ତିଙ୍କଠାରୁ ସର୍ବଦା ଦୂରେଇ

ରହିବା । **୪. ତିତିକ୍ଷା —** ନିନ୍ଦା-ସ୍ତୁତି, ହାନି-ଲାଭ ଯେତେ ଯାହା ହେଲେ ସୁଦ୍ଧା ସେଥିରେ ଶୋକ-ହର୍ଷ ନ କରି ମୁକ୍ତିର ସାଧନଗୁଡ଼ିକ ଅନୁଷ୍ଠାନ କରିବାରେ ସର୍ବଦା ଲାଗିରହିବା । **୫. ଶ୍ରଦ୍ଧା —** ବେଦାଦି ସତ୍ୟ-ଶାସ୍ତ୍ର ଓ ଏସବୁର ଜ୍ଞାତା ପୂର୍ଣ୍ଣ ଆପ୍ତ ବିଦ୍ୱାନ୍ ସତ୍ୟୋପଦେଷ୍ଟା ମହାତ୍ମାଙ୍କ ବଚନ ଉପରେ ବିଶ୍ୱାସ ସ୍ଥାପନ କରିବା । **୬. ସମାଧାନ —** ଚିତ୍ତର ଏକାଗ୍ରତା । ଏ ଛଅଟି ମିଶି ମୁକ୍ତିର ତୃତୀୟ ସାଧନ ।

୪. ମୁକ୍ତିର ଚତୁର୍ଥ ସାଧନ — 'ମୁମୁକ୍ଷୁତ୍ୱ' — କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ବ୍ୟକ୍ତିକୁ ଯେପରି ଅନ୍ନ ଓ ଜଳ ବ୍ୟତୀତ ଆଉ କିଛି ବି ଭଲ ଲାଗେ ନାହିଁ, ସେହିପରି ମୁକ୍ତି ଓ ମୁକ୍ତିର ସାଧନରେ ଅଭିରୁଚି ରହିବା, ଏତତ୍ ଭିନ୍ନ ବସ୍ତୁରେ ପ୍ରୀତି ନ ରହିବାର ନାମ **'ମୁମୁକ୍ଷୁତ୍ୱ'** । ମୁକ୍ତିର ଏ ଚାରୋଟି ସାଧନ ଅଟନ୍ତି ।

ଅନୁବନ୍ଧ-ଚତୁଷ୍ଟୟ — ସାଧନ ଚତୁଷ୍ଟୟ ବ୍ୟତୀତ ଚାରୋଟି **'ଅନୁବନ୍ଧ'** ଅଛି ଅର୍ଥାତ୍ ସାଧନ ପରବର୍ତ୍ତୀ କରଣୀୟ କର୍ମ ରହିଛି **— ୧. ଅଧିକାରୀ —** ଯେଉଁ ବ୍ୟକ୍ତି ଉପରୋକ୍ତ ଚାରୋଟି ସାଧନରେ ସଂଯୁକ୍ତ ଥାଏ, ସେ ହିଁ ମୋକ୍ଷର **'ଅଧିକାରୀ'** ହୋଇଥାଏ । **୨. ସମ୍ବନ୍ଧ —** ବ୍ରହ୍ମପ୍ରାପ୍ତି ରୂପକ ମୁକ୍ତି ପ୍ରତିପାଦ୍ୟ ଓ ବେଦାଦି ଶାସ୍ତ୍ର ପ୍ରତିପାଦକ- ଏ ଦୁଇଟିକୁ ଯଥାଯଥ ରୂପେ ବୁଝି ଉଚିତ ସମ୍ବନ୍ଧ ସ୍ଥାପନ କରିବା । **୩. ବିଷୟୀ —** ସମସ୍ତ ଶାସ୍ତ୍ରର ପ୍ରତିପାଦ୍ୟ ବିଷୟ ହେଲା ବ୍ରହ୍ମ । ସେହି ବ୍ରହ୍ମ ପ୍ରାପ୍ତି ହିଁ ଯେଉଁ ବ୍ୟକ୍ତିର ଏକମାତ୍ର ବିଷୟ ବା ଧ୍ୟେୟ ତାକୁ ବିଷୟୀ କହନ୍ତି । **୪. ପ୍ରୟୋଜନ —** ସକଳ ଦୁଃଖର ନିବୃତ୍ତି ଓ ପରମାନନ୍ଦ ପ୍ରାପ୍ତି ହୋଇ ମୁକ୍ତି-ସୁଖ ଭୋଗ କରିବା । ଏଗୁଡ଼ିକୁ ଚାରି ଅନୁବନ୍ଧ ବା ଅନୁବନ୍ଧ-ଚତୁଷ୍ଟୟ କହନ୍ତି ।

ଶ୍ରବଣ ଚତୁଷ୍ଟୟ — ୧. ଶ୍ରବଣ — କୌଣସି ବିଦ୍ୱାନ୍ ଉପଦେଶ ଦେବା ବେଳେ ଶାନ୍ତଚିତ୍ତରେ ଧ୍ୟାନପୂର୍ବକ ତାହା ଶୁଣିବା । ବିଶେଷତଃ 'ବ୍ରହ୍ମବିଦ୍ୟା' ଶୁଣିବା ବେଳେ ଅତ୍ୟନ୍ତ ଧ୍ୟାନ ଦେବା ଆବଶ୍ୟକ, କାରଣ ସକଳ ବିଦ୍ୟା ମଧ୍ୟରେ ଏହା ସର୍ବାଧିକ ସୂକ୍ଷ୍ମ ବିଦ୍ୟା । **୨. ମନନ —** ଶ୍ରବଣ ପରେ ଏକାନ୍ତ ସ୍ଥାନରେ ବସି ଶୁଣିଥିବା ବିଷୟକୁ ମନରେ ବିଚାର କରିବା, କୌଣସି ବିଷୟରେ ଶଙ୍କା ଜାଗ୍ରତ ହେଲେ ପୁଣି ପଚାରି ବୁଝିବା । ତା'ଛଡ଼ା ବକ୍ତା ଓ ଶ୍ରୋତା ଉଚିତ ମନେକଲେ ଶ୍ରବଣ ସମୟରେ ମଧ୍ୟ ପଚାରିବା ଓ ସ୍ୱ ଶଙ୍କାର ସମାଧାନ କରିବା । **୩. ନିଦିଧ୍ୟାସନ —** ଶ୍ରବଣ ଓ ମନନ କରିବା ଦ୍ୱାରା ସନ୍ଦେହଶୂନ୍ୟ ହୋଇଗଲେ, ତା'ପରେ ସମାଧିସ୍ଥ ହୋଇ ଧ୍ୟାନ-ଯୋଗରେ ସେହି ବିଷୟକୁ ଦେଖିବା-ଅନୁଧ୍ୟାନ କରିବା ଯେ, ସେ ବିଷୟକୁ ଯେପରି ଶୁଣାଯାଇଥିଲା, ବିଚାର କରାଯାଇଥିଲା ତାହା ସେପରି ଅଟେ ନା ନାହିଁ । **୪. ସାକ୍ଷାତ୍‌କାର —** ପଦାର୍ଥର ସ୍ୱରୂପ, ଗୁଣ ଓ ସ୍ୱଭାବ ଯେପରି ଅଟେ, ତାକୁ ସେହିପରି ଯଥାର୍ଥତଃ ଜାଣିବା । ଏ ଚାରୋଟିକୁ **'ଶ୍ରବଣ-ଚତୁଷ୍ଟୟ'** କୁହାଯାଏ ।

ଅନ୍ୟ ସାଧନ — ସର୍ବଦା **'ତମୋଗୁଣ'** ଅର୍ଥାତ୍ କ୍ରୋଧ, ମଳିନତା, ଆଳସ୍ୟ, ପ୍ରମାଦ ପ୍ରଭୃତି; **'ରଜୋଗୁଣ'** ଅର୍ଥାତ୍ ଈର୍ଷ୍ୟା, ଦ୍ୱେଷ, କାମ, ଅଭିମାନ, ବିକ୍ଷେପ ଆଦି ଦୋଷରୁ ଦୂରେଇ ରହି **'ସତ୍ତ୍ୱ'** ଅର୍ଥାତ୍ ଶାନ୍ତ ପ୍ରକୃତି, ପବିତ୍ରତା, ବିଦ୍ୟା, ବିଚାରଶୀଳତା ଇତ୍ୟାଦି ଗୁଣଗୁଡ଼ିକୁ ଧାରଣ କରିବେ । **(ମୈତ୍ରୀ)** ସୁଖୀ ବ୍ୟକ୍ତିଙ୍କ ସହ ମିତ୍ରତା, **(କରୁଣା)** ଦୁଃଖୀ ଲୋକଙ୍କ ଉପରେ ଦୟା, **(ମୁଦିତା)** ପୁଣ୍ୟାତ୍ମାଙ୍କଠାରେ ପ୍ରସନ୍ନତା ଓ **(ଉପେକ୍ଷା)** ଦୁର୍ଜନଙ୍କ ସହ ପ୍ରୀତି କି ଶତ୍ରୁତା ଭାବ ନ କରିବା ଉଚିତ । ମୁମୁକ୍ଷୁ ବ୍ୟକ୍ତି ପ୍ରତ୍ୟହ ଅନ୍ୟୂନ ଦୁଇଘଣ୍ଟା ଧ୍ୟାନ କରିବା ଆବଶ୍ୟକ, ଯଦ୍ୱାରା କି ମନ ଆଦି ଆଭ୍ୟନ୍ତରୀଣ ପଦାର୍ଥର ସାକ୍ଷାତ୍‌କାର ହୋଇପାରିବ ।

ଦେଖ ! ଆମେ (ଜୀବାତ୍ମା) ଚେତନସ୍ୱରୂପ; ଏଣୁ ଜ୍ଞାନସ୍ୱରୂପ ଓ ମନର ସାକ୍ଷୀ ଅଟୁ । କାରଣ ଯେତେବେଳେ

ମନ ଶାନ୍ତ, ଚଞ୍ଚଳ, ଆନନ୍ଦିତ ବା ବିଷାଦଗ୍ରସ୍ତ ହୁଏ, ସେତେବେଳେ ଆମେ ତାକୁ ଯଥାଯଥ ଭାବେ ଦେଖିପାରୁଛୁ । ସେହିପରି ଇନ୍ଦ୍ରିୟ-ପ୍ରାଣ ଆଦିର ଜ୍ଞାତା, ପୂର୍ବଦୃଷ୍ଟ ବିଷୟର ସ୍ମରଣକର୍ତ୍ତା, ଏକ ସମୟରେ ଅନେକ ପଦାର୍ଥର ବେତ୍ତା, ଧାରଣ-ଆକର୍ଷଣ କର୍ତ୍ତା ଓ ସମସ୍ତ ପଦାର୍ଥଠାରୁ ପୃଥକ୍ ମଧ୍ୟ ଅଟୁ । ଯଦି ଆମେ (ଆତ୍ମା) ଏସବୁ ଠାରୁ ଅଲଗା ହୋଇନଥାନ୍ତେ, ତେବେ ସ୍ୱତନ୍ତ୍ର କର୍ତ୍ତା, ଏସବୁର ପ୍ରେରୟିତା ଓ ଅଧିଷ୍ଠାତା କଦାପି ହୋଇପାରିନଥାନ୍ତେ ।

ଅବିଦ୍ୟାଽସ୍ମିତାରାଗଦ୍ୱେଷାଭିନିବେଶାଃ ପଞ୍ଚ କ୍ଲେଶାଃ । (ଯୋଗ. ୨:୩)

ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ - ପାଞ୍ଚୋଟି କ୍ଲେଶ ଅଟନ୍ତି । ଏଥିମଧ୍ୟରୁ **'ଅବିଦ୍ୟା'**ର ସ୍ୱରୂପ ସମ୍ପର୍କରେ ପୂର୍ବରୁ କୁହାଯାଇଛି । ବୁଦ୍ଧି ଆତ୍ମାଠାରୁ ଅଲଗା ପଦାର୍ଥ ହୋଇଥିବା ସତ୍ତ୍ୱେ ଏହାକୁ ଆତ୍ମାଠାରୁ ଅଲଗା ବୋଲି ବିଚାର ନ କରି ଆତ୍ମା ଓ ବୁଦ୍ଧିକୁ ଏକ ମନେକରିବାର ନାମ **'ଅସ୍ମିତା'** । ସୁଖରେ ପ୍ରୀତିର ନାମ **'ରାଗ'** । ଦୁଃଖରେ ଅପ୍ରୀତିର ନାମ **'ଦ୍ୱେଷ'** । ପ୍ରାଣୀମାତ୍ରକେ ପ୍ରତ୍ୟେକଙ୍କ ଭିତରେ ଥିବା ଇଚ୍ଛା — 'ମୁଁ ଏପରି ସଦା ଶରୀରଧାରୀ ହୋଇ ବଞ୍ଚିରହିଥାଏ, ମୋର କେବେ ବି ମୃତ୍ୟୁ ନ ହେଉ'- ମୃତ୍ୟୁ ଦୁଃଖ ପ୍ରତି ଏପରି ଯେଉଁ ଭୟ ତାକୁ **'ଅଭିନିବେଶ'** କୁହାଯାଏ । **ଏହି ପାଞ୍ଚ କ୍ଲେଶକୁ ଯୋଗାଭ୍ୟାସ ଓ ବିଜ୍ଞାନ ଦ୍ୱାରା ଦୂରେଇ ଦେଇ ବ୍ରହ୍ମପ୍ରାପ୍ତି କରି, ମୁକ୍ତିର ପରମାନନ୍ଦ ଭୋଗ କରିବା ଉଚିତ ।**

ପ୍ରଶ୍ନ — ମୁକ୍ତି ଯେପରି ଅଟେ ବୋଲି ଆପଣ ମାନୁଛନ୍ତି, ସେପରି ମୁକ୍ତିକୁ ତ ଅନ୍ୟ କେହି ମାନୁନାହାନ୍ତି । ଦେଖନ୍ତୁ ! ଜୈନମାନଙ୍କ ମତରେ ମୋକ୍ଷଶିଳା ଓ ଶିବପୁରକୁ ଯାଇ ନିଶ୍ଚିନ୍ତ ହୋଇ ବସି ରହିବାର ନାମ ମୁକ୍ତି; ଖ୍ରୀଷ୍ଟିଆନମାନଙ୍କ ମତରେ ମୁକ୍ତିର ଅର୍ଥ ଚତୁର୍ଥ ଆକାଶକୁ ଯିବା, ଯେଉଁଠାରେ କି ବିବାହ-କଳହ-ଗୀତ-ବାଦ୍ୟ ଆଦି ଚାଲିଥାଏ, ସେଠାରେ ଉତ୍ତମ ବସନ-ଭୂଷଣାଦି ଧାରଣ କରି ଆନନ୍ଦ ଭୋଗ କରିବା; ସେହିପରି ମୁସଲମାନମାନେ ସପ୍ତମ ଆକାଶକୁ; ବାମମାର୍ଗୀମାନେ ଶ୍ରୀପୁର; ଶୈବମାନେ କୈଳାସ; ବୈଷ୍ଣବମାନେ ବୈକୁଣ୍ଠ ଏବଂ ଗୋକୁଳର ଗୋସାଇଁମାନେ ଗୋଲକ ଇତ୍ୟାଦି ସ୍ଥାନକୁ ଯାଇ ଉତ୍ତମ ଅନ୍ନ, ପାନ, ବସନ, ସ୍ଥାନ, ସ୍ତ୍ରୀ ଆଦି ଲାଭ କରି ଆନନ୍ଦରେ ରହିବାକୁ ମୁକ୍ତି ବୋଲି ମାନନ୍ତି । ପୌରାଣିକମାନେ **(ସାଲୋକ୍ୟ)** ଈଶ୍ୱରଙ୍କ ଲୋକରେ ନିବାସ କରିବା, **(ସାନୁଜ୍ୟ)** ଈଶ୍ୱରଙ୍କ ଛୋଟ ଭାଇ ଭଳି ତାଙ୍କ ସହ ରହିବା ଅଥବା (ସାରୂପ୍ୟ) ଉପାସନୀୟ ଦେବଙ୍କ ସମାନ ରୂପ ଧାରଣ କରିବା, **(ସାମୀପ୍ୟ)** ସେବକ ପରି ଈଶ୍ୱରଙ୍କ ସମୀପରେ ରହିବା, **(ସାଯୁଜ୍ୟ)** ଈଶ୍ୱରଙ୍କ ସହ ସଂଯୁକ୍ତ ହୋଇଯିବା — ଏ ଚାରି ପ୍ରକାର ମୁକ୍ତି ମାନନ୍ତି । ବେଦାନ୍ତୀମାନେ ବ୍ରହ୍ମରେ ଲୀନ ହୋଇଯିବାକୁ ମୋକ୍ଷ ବୋଲି ବିଚାର କରନ୍ତି ।

ଉତ୍ତର — ଜୈନ, ଖ୍ରୀଷ୍ଟିଆନ ଓ ମୁସଲମାନମାନଙ୍କ ମୁକ୍ତି ଆଦି ବିଷୟ କ୍ରମଶଃ ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ସମୁଲ୍ଲାସରେ ବିଶେଷ ଭାବରେ ଲେଖାଯିବ । ବାମମାର୍ଗୀମାନେ ଯେଉଁ ଶ୍ରୀପୁରକୁ ଯାଇ ମଦ୍ୟ-ମାଂସାଦି ଖାଇବା-ପିଇବା, ଲକ୍ଷ୍ମୀ ସଦୃଶ ସ୍ତ୍ରୀମାନଙ୍କୁ ପ୍ରାପ୍ତ କରିବା, ଭୋଗ-ବିଳାସ କରିବାକୁ ମୁକ୍ତି ବୋଲି ମାନନ୍ତି, ତାହା ଏହି ସାଂସାରିକ ସ୍ଥିତିଠାରୁ କୌଣସି ବିଶେଷ ଅବସ୍ଥା ନୁହେଁ । ସେହିପରି ମହାଦେବ ଓ ବିଷ୍ଣୁଙ୍କ ସଦୃଶ ଆକୃତିଧାରୀ ହୋଇ ଭକ୍ତଗଣ ପାର୍ବତୀ ଓ ଲକ୍ଷ୍ମୀଙ୍କ ସଦୃଶ ସ୍ତ୍ରୀ ସହ ସଂଯୁକ୍ତ ହୋଇ ଆନନ୍ଦ ଉପଭୋଗ କରିବା ଆଦିକୁ ମୁକ୍ତି ବୋଲି ମାନନ୍ତି । ତାହା ସଂସାରର ଧନଶାଳୀ ରାଜା-ମହାରାଜାଙ୍କ ଭୋଗଠାରୁ ଅଲଗା ନୁହେଁ । ସେମାନେ ସେଠାକାର ଭୋଗର ଏତିକି ମାତ୍ର ବିଶେଷତ୍ୱ ଦେଖାନ୍ତି ଯେ 'ସେଠାରେ ରୋଗ ହୁଏ ନାହିଁ ଓ ଚିରଯୌବନ

ରହେ ।' କିନ୍ତୁ ସେମାନଙ୍କର ଏ କଥା ମିଥ୍ୟା । **କାରଣ ଯେଉଁଠି ଭୋଗ, ସେଇଠି ରୋଗ । ଆଉ ଯେଉଁଠି ରୋଗ ଅଛି ସେଠାରେ ବାର୍ଦ୍ଧକ୍ୟ ନିଶ୍ଚିତ ରୂପେ ରହିଛି ।**

ପୁଣି ପୌରାଣିକଙ୍କୁ ପଚାରିବା କଥା ଯେ ସେମାନେ ଯେଉଁ ଚାରି ପ୍ରକାର ମୁକ୍ତି ମାନୁଛନ୍ତି, ସେପରି ମୁକ୍ତି ତ କୃମି, କୀଟ, ପତଙ୍ଗ, ପଶୁ, ପକ୍ଷୀ ଆଦିଙ୍କୁ ମଧ୍ୟ ସ୍ୱାଭାବିକ ଭାବେ ପ୍ରାପ୍ତ ହେଉଛି । କାରଣ ଏ ବିଶ୍ୱ-ବ୍ରହ୍ମାଣ୍ଡରେ ଯେତେ ଲୋକ-ଲୋକାନ୍ତର ରହିଛି, ସେସବୁ ଈଶ୍ୱରଙ୍କ ଲୋକ । ଏସବୁ ଲୋକରେ ହିଁ ସବୁ ଜୀବ ରହନ୍ତି । ତେଣୁ **'ସାଲୋକ୍ୟ'** ମୁକ୍ତି ସମସ୍ତଙ୍କୁ ଅନାୟାସରେ ପ୍ରାପ୍ତ ହୋଇଛି । ଈଶ୍ୱର ସର୍ବତ୍ର ବ୍ୟାପକ ହୋଇଥିବାରୁ ସମସ୍ତେ ତାଙ୍କ ସମୀପରେ ଅଛନ୍ତି । ଏଣୁ ସମସ୍ତଙ୍କର **'ସାମୀପ୍ୟ'** ମୁକ୍ତି ସ୍ୱତଃସିଦ୍ଧ । ଜୀବାତ୍ମା ଈଶ୍ୱରଙ୍କଠାରୁ ସବୁ ପ୍ରକାରେ ଛୋଟ ଏବଂ ଚେତନ ହୋଇଥିବାରୁ ସ୍ୱତଃ ବନ୍ଧୁ ଭଳି ଅଟେ । ଏଣୁ **'ସାନୁଜ୍ୟ'** ମୁକ୍ତି ମଧ୍ୟ ବିନା ପ୍ରଯତ୍ନରେ ପ୍ରାପ୍ତ । ତା'ଛଡ଼ା ସବୁ ଜୀବ ସର୍ବବ୍ୟାପକ ପରମାତ୍ମାଙ୍କଠାରେ ବ୍ୟାପ୍ତ ହୋଇଥିବା ହେତୁ ଈଶ୍ୱରଙ୍କ ସହ ସଂଯୁକ୍ତ । ଏଣୁ **'ସାଯୁଜ୍ୟ'** ମୁକ୍ତି ମଧ୍ୟ ସ୍ୱତଃସିଦ୍ଧ । ଆଉ ଯେଉଁ ଅନ୍ୟ ସାଧାରଣ ନାସ୍ତିକମାନେ ମୃତ୍ୟୁ ପରେ ତତ୍ତ୍ୱ ସହ ତତ୍ତ୍ୱର ମିଳନକୁ ମୁକ୍ତି ବୋଲି ମାନନ୍ତି, ତାହା ତ କୁକୁର, ଗଧ ଆଦିଙ୍କୁ ବି ପ୍ରାପ୍ତ ହୁଏ ।

ଏଗୁଡ଼ିକ ମୁକ୍ତି ନୁହେଁ, ବରଂ ଏକ ପ୍ରକାର ବନ୍ଧନ । କାରଣ ଏମାନେ ଶିବପୁର, ମୋକ୍ଷଶିଳା, ଚତୁର୍ଥ ଆକାଶ, ସପ୍ତମ ଆକାଶ, ଶ୍ରୀପୁର, କୈଳାସ, ବୈକୁଣ୍ଠ, ଗୋଲକକୁ ଏକଦେଶରେ ସ୍ଥାନବିଶେଷ ବୋଲି ମାନନ୍ତି । ଏସବୁ ସ୍ଥାନକୁ ପହଞ୍ଚିଥିବା ଜୀବମାନେ ଯଦି ସେ ସ୍ଥାନରୁ ଅଲଗା ହୋଇଯାନ୍ତି, ତେବେ ସେମାନଙ୍କ ମୁକ୍ତି ନଷ୍ଟ ହୋଇଯିବ । ଏଣୁ ପାଚେରୀ ଘେରା ଉଆସରେ ବନ୍ଦୀ ଥିବା ଭଳି ଏମାନେ ବନ୍ଧନରେ ଥାଆନ୍ତି । **ବାସ୍ତବରେ ମୁକ୍ତି ତ ତାହା ଯେଉଁ ସ୍ଥିତିରେ କି ଜୀବ ଯୁଆଡ଼େ ଇଚ୍ଛା ସିଆଡ଼େ ବିଚରଣ କରିପାରେ, କେଉଁଠି ପ୍ରତିରୋଧ ନ ଥାଏ; ଭୟ କି ଶଙ୍କା କି ଦୁଃଖ ନ ଥାଏ ।** ଜୀବର ଜନ୍ମକୁ 'ଉତ୍ପତ୍ତି' ଓ ମରଣକୁ ହିଁ 'ପ୍ରଳୟ' କୁହାଯାଏ । ଉଚିତ ସମୟରେ ମୁକ୍ତ ଜୀବ ପୁଣି ଜନ୍ମ ନେଇଥାଏ ।

ପ୍ରଶ୍ନ — ଜନ୍ମ ଏକ ନା ଅନେକ ?

ଉତ୍ତର — ଅନେକ ।

ପ୍ରଶ୍ନ — ଯଦି ଜୀବ ଅନେକ ଥର ଜନ୍ମ ନିଏ, ତେବେ ପୂର୍ବଜନ୍ମ ଓ ମୃତ୍ୟୁର କଥା କାହିଁକି ତା'ର ସ୍ମରଣ ରହେ ନାହିଁ ?

ଉତ୍ତର — ଜୀବ ଅଳ୍ପଜ୍ଞ ଅଟେ, ତ୍ରିକାଳଦର୍ଶୀ ନୁହେଁ । ଏଣୁ ପୂର୍ବଜନ୍ମ ଓ ମୃତ୍ୟୁ କଥା ତା'ର ସ୍ମରଣ ରହେ ନାହିଁ । ପୁଣି ଯେଉଁ ମନ ଦ୍ୱାରା ଜୀବ ସବୁ ଜାଣେ, ତାହା ବି ଏକ ସମୟରେ ଦୁଇଟି ବିଷୟକୁ ଜାଣିପାରେ ନାହିଁ । ଆରେ ବାବା ! ପୂର୍ବଜନ୍ମର କଥା ତ ଦୂରେ ଥାଉ, ଏହି ଜନ୍ମରେ ଜୀବ ଯେତେବେଳେ ଗର୍ଭରେ ଥିଲା, ଯେଉଁ ସମୟରେ ଶରୀର ତିଆରି ହେଲା, ତା'ପରେ ଜନ୍ମ ହେଲା, ପାଞ୍ଚବର୍ଷ ବୟସ ହେବା ପର୍ଯ୍ୟନ୍ତ ଯାହା-ଯାହା ଘଟଣା ଘଟିଲା, ସେସବୁକୁ କାହିଁକି ସ୍ମରଣ କରିପାରେ ନାହିଁ ? ଆହୁରି ଜାଗ୍ରତ ଓ ସ୍ୱପ୍ନ ଅବସ୍ଥାରେ ବହୁତ ବିଷୟ ପ୍ରତ୍ୟକ୍ଷ କରିଥିବା ସତ୍ତ୍ୱେ ଯେତେବେଳେ ସୁଷୁପ୍ତି ଅର୍ଥାତ୍ ଗାଢ଼ନିଦ୍ରାରେ ଅଭିଭୂତ ହୁଏ, ସେତେବେଳେ ଜାଗ୍ରତ ଆଦି ଅବସ୍ଥାର ବିଷୟଗୁଡ଼ିକୁ କାହିଁକି ସ୍ମରଣ କରିପାରେ ନାହିଁ ? ଆଉ ଯଦି ତୁମକୁ କେହି ପଚାରେ କି ବାର ବର୍ଷ ପୂର୍ବେ, ତ୍ରୟୋଦଶ ବର୍ଷର ପଞ୍ଚମ ମାସର ନବମ ଦିନ ସକାଳ ଦଶଟା ଗୋଟାଏ ମିନିଟରେ ତୁମେ କ'ଣ କରୁଥିଲ ?

ତୁମର ମୁହଁ, ହାତ, କାନ, ଆଖି, ଶରୀର କେଉଁ ଆଡ଼କୁ କି ଭଳି ଭାବେ ଥିଲା ? ଏବଂ ମନରେ କ'ଣ ବିଚାର ଥିଲା ? କ'ଣ ଏହା ତୁମେ ମନେ ପକାଇ ପାରିବ ? ନିଶ୍ଚିତ ରୂପେ ନୁହେଁ । ଯଦି ଏହି ଶରୀରରେ ଘଟିଥିବା ଘଟଣା ସଂପର୍କରେ ସ୍ମୃତିର ସ୍ଥିତି ଏପରି, ତେବେ ପୂର୍ବଜନ୍ମର କଥା ସ୍ମରଣ ସଂପର୍କରେ ଶଙ୍କା କରିବା କେବଳ ପିଲାଳିଆମି । ଆଉ ପୂର୍ବଜନ୍ମର କଥା ଯେଉଁ ସ୍ମରଣ ରହେ ନାହିଁ, ତଦ୍ଦ୍ୱାରା ଜୀବ ସୁଖୀ ଅଛି । ନଚେତ୍ ସବୁଜନ୍ମର ଦୁଃଖ ମନେ ପକେଇ-ପକେଇ ଦୁଃଖିତ ହୋଇ ମରିଯାଆନ୍ତା । **ଯଦି କେହି ପୂର୍ବ ଓ ପର ଜନ୍ମର କଥା ଜାଣିବାକୁ ଚାହେଁ, ତେବେ ବି ଜାଣିପାରିବ ନାହିଁ । କାରଣ ଜୀବର ଜ୍ଞାନ ଓ ସ୍ୱରୂପ ଅଳ୍ପ । ଏହା ଈଶ୍ୱରଙ୍କ ପକ୍ଷେ ଜାଣିବାର ଯୋଗ୍ୟ, ଜୀବ ପକ୍ଷେ ନୁହେଁ ।**

ପ୍ରଶ୍ନ — ଯେହେତୁ ଜୀବର ପୂର୍ବଜନ୍ମର କର୍ମର ଜ୍ଞାନ ନାହିଁ, ଅଥଚ ଈଶ୍ୱର ତାକୁ ଦଣ୍ଡ ଦିଅନ୍ତି, ତେଣୁ ଜୀବର କୌଣସି ସୁଧାର ହୋଇପାରିବ ନାହିଁ । କାରଣ ଯଦି ତା'ର ପାପକର୍ମକୁ ଜଣାଇ ତାକୁ ଦଣ୍ଡ ଦିଆଯାଆନ୍ତା, ଅର୍ଥାତ୍ ତାକୁ ଜଣାଥାନ୍ତା କି ମୁଁ ଅମୁକ ପାପକର୍ମ କରିଥିଲି, ତା'ର ଫଳ ହେଉଛି ଏ ଦଣ୍ଡ, ସେତେବେଳେ ଯାଇ ସେ ଜୀବ ସେସବୁ ଖରାପ କର୍ମରୁ ନିବୃତ୍ତ ହୋଇପାରିବ ।

ଉତ୍ତର — ଜ୍ଞାନ କେତେ ପ୍ରକାର ବୋଲି ମାନୁଛ ?

ପ୍ରଶ୍ନ — ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ଆଠ ପ୍ରକାର ।

ଉତ୍ତର — ତେବେ ସଂସାରରେ ଜନ୍ମରୁ ଆରମ୍ଭ କରି ସମୟ-ସମୟରେ କାହା ନିକଟରେ ରାଜ୍ୟ, ଧନ, ବିଦ୍ୟା, ବୁଦ୍ଧି ତଥା କାହା ପାଖରେ ଦାରିଦ୍ର୍ୟ, ନିର୍ବୁଦ୍ଧି, ମୂର୍ଖତା ଆଦି ସୁଖ-ଦୁଃଖ ଦେଖି ପୂର୍ବ-ଜନ୍ମକୁ କାହିଁକି ଅନୁମାନରେ ଜାଣିପାରୁନ ? ଯେପରିକି ଜଣେ ଚିକିତ୍ସକ ଓ ଜଣେ ଚିକିତ୍ସା ଶାସ୍ତ୍ର ଜାଣିନଥିବା ସାଧାରଣ ବ୍ୟକ୍ତି ଏ ଉଭୟଙ୍କୁ ଯଦି କୌଣସି ରୋଗ ହୁଏ, ଚିକିତ୍ସକ ତା'ର ନିଦାନ ଅର୍ଥାତ୍ କାରଣ ଜାଣିପାରେ, କିନ୍ତୁ ସାଧାରଣ ବ୍ୟକ୍ତି ଜାଣିପାରେ ନାହିଁ । ଯେହେତୁ ଚିକିତ୍ସକ ଚିକିତ୍ସା ଶାସ୍ତ୍ରରେ ପଢ଼ିଛନ୍ତି ଓ ସାଧାରଣ ବ୍ୟକ୍ତି ପଢ଼ିନି । କିନ୍ତୁ ଜ୍ୱରାଦି ରୋଗ ହେଲେ ସାଧାରଣ ବ୍ୟକ୍ତି ବି ଏତିକି ତ ଜାଣିପାରେ ଯେ ତା' ଦ୍ୱାରା ଅପଥ୍ୟାଦି କୌଣସି ସ୍ୱାସ୍ଥ୍ୟନିୟମ ଭଙ୍ଗ କାର୍ଯ୍ୟ ହେବାରୁ ତାକୁ ଏ ରୋଗ ହେଲା । ସେହିପରି ଇହ ଜନ୍ମରେ ସୁଖ-ଦୁଃଖ ଆଦିର ନ୍ୟୂନ-ଆଧିକ୍ୟ ରୂପକ ବୈଚିତ୍ର୍ୟ ଦେଖି ପୂର୍ବଜନ୍ମକୁ ଅନୁମାନ ଦ୍ୱାରା କାହିଁକି ଜାଣିନେଉନ ? ତା'ଛଡ଼ା ପୂର୍ବଜନ୍ମକୁ ଯଦି ସ୍ୱୀକାର ନ କରାଯାଏ, ତେବେ ପରମେଶ୍ୱର ପକ୍ଷପାତୀ ପ୍ରମାଣିତ ହୁଅନ୍ତି । କାରଣ ବିନା ପୂର୍ବକୃତ ପାପରେ ଦାରିଦ୍ର୍ୟାଦି ଦୁଃଖ ଓ ବିନା ପୂର୍ବସଞ୍ଚିତ ପୁଣ୍ୟରେ ରାଜ୍ୟ, ଧନାଢ଼୍ୟତା, ବୁଦ୍ଧି ଆଦି କାହିଁକି ଦେଲେ ? ଆଉ ପୂର୍ବଜନ୍ମର ପାପ-ପୁଣ୍ୟ ଅନୁସାରେ ଇହଜନ୍ମରେ ଦୁଃଖ-ସୁଖ ଦେଲେ ପରମେଶ୍ୱର ଯଥାର୍ଥତଃ ନ୍ୟାୟକାରୀ ସିଦ୍ଧ ହୁଅନ୍ତି ।

ପ୍ରଶ୍ନ — ପୂର୍ବଜନ୍ମକୁ ସ୍ୱୀକାର ନ କରି, ଗୋଟିଏ ଜନ୍ମକୁ ମାନିଲେ ମଧ୍ୟ ଈଶ୍ୱର ନ୍ୟାୟକାରୀ ହୋଇପାରିବେ । କାରଣ ପ୍ରଜାମାନଙ୍କ ଅଧିପତି ରାଜା ଯାହା କରିବେ ତାହା ନ୍ୟାୟ । ଯେପରିକି ମାଳୀ ନିଜ ବଗିଚାରେ ଛୋଟ-ବଡ଼ ବିଭିନ୍ନ ପ୍ରକାର ଗଛ ଲଗାଏ, ସେଥିରୁ କାହାକୁ କାଟେ, କାହାକୁ ଉପାଡ଼ି ଦିଏ ଓ ଆଉ କାହାକୁ ରକ୍ଷା କରେ, ବଢ଼ାଏ । ଯେଉଁଟି ଯାହାର ବସ୍ତୁ, ତାକୁ ସେ ଯେମିତି ଚାହେଁ ସେମିତି ରଖିପାରେ । ସେହିପରି ଈଶ୍ୱରଙ୍କ ଉପରେ ଅନ୍ୟ କେହି ନ୍ୟାୟ କରିବା ସତ୍ତା ନାହିଁ, ଯିଏକି ତାଙ୍କୁ ଦଣ୍ଡ ଦେଇପାରିବ ବା ଈଶ୍ୱର ତାଙ୍କୁ ଡରିବେ ।

ଉତ୍ତର — ଯେହେତୁ ଈଶ୍ୱର ସର୍ବଦା ନ୍ୟାୟ ଚାହାଁନ୍ତି, ତେଣୁ ନ୍ୟାୟ ହିଁ କରନ୍ତି, କେବେହେଲେ ଅନ୍ୟାୟ

କରନ୍ତି ନାହିଁ । ତେଣୁ ସେ ପୂଜନୀୟ ଓ ଶ୍ରେଷ୍ଠ ଅଟନ୍ତି । ଯିଏ ନ୍ୟାୟବିରୁଦ୍ଧ କରେ, ସେ ଈଶ୍ୱର ହିଁ ନୁହେଁ । ଯେପରି ମାଳୀ ବିନା ବିଚାରରେ, ରାସ୍ତାରେ ବା ଅସ୍ଥାନରେ ବୃକ୍ଷରୋପଣ କଲେ, ନ କାଟିବା ଯୋଗ୍ୟ ଗଛକୁ କାଟିଲେ, କାଟିବା ଯୋଗ୍ୟକୁ ବଢ଼ାଇଲେ, ବଢ଼ାଇବା ଯୋଗ୍ୟ ଗଛକୁ ନ ବଢ଼ାଇଲେ ନିନ୍ଦିତ ଓ ଦୋଷୀ ହୋଇଥାଏ, ସେହିପରି ବିନା କାରଣରେ କୌଣସି କାର୍ଯ୍ୟ କଲେ ଈଶ୍ୱର ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ । **ପରମେଶ୍ୱରଙ୍କ ପକ୍ଷେ ନ୍ୟାୟଯୁକ୍ତ କର୍ମ କରିବା ଆବଶ୍ୟକ ହୋଇଥାଏ, ଯେହେତୁକି ସେ ସ୍ୱଭାବତଃ ପବିତ୍ର ଓ ନ୍ୟାୟକାରୀ ।** ଯଦି ସେ ଉନ୍ମତ୍ତଙ୍କ ପରି କାର୍ଯ୍ୟ କରନ୍ତି ତେବେ ସାଂସାରିକ ନିକୃଷ୍ଟ ନ୍ୟାୟାଧୀଶଙ୍କଠାରୁ ମଧ୍ୟ ନ୍ୟୂନ ଓ ଅପ୍ରତିଷ୍ଠିତ ହୋଇଯିବେ । କ'ଣ ଏ ସଂସାରର ଯୋଗ୍ୟତାହୀନ ଓ ଉତ୍ତମ କାମ କରି ନ ଥିବା ଲୋକକୁ ପୁରସ୍କାର ଏବଂ ଦୁଷ୍ଟ କାମ କରି ନ ଥିବା ଲୋକକୁ ଦଣ୍ଡ ଦେବା ବ୍ୟକ୍ତି ନିନ୍ଦନୀୟ ଓ ଅପ୍ରତିଷ୍ଠିତ ହୋଇନଥାଏ ? ଅତଏବ ଈଶ୍ୱର କଦାପି ଅନ୍ୟାୟ କରନ୍ତି ନାହିଁ, ଏଣୁ ସେ କାହାକୁ ଡରନ୍ତି ନାହିଁ ।

ପ୍ରଶ୍ନ — ପରମାତ୍ମା ପ୍ରଥମରୁ ହିଁ ଯାହାକୁ ଯେତେ ଦେବେ ବୋଲି ବିଚାର କରନ୍ତି, ସେତିକି ଦିଅନ୍ତି ଏବଂ ଯାହା ଭାଗରେ ଯେତିକି କମ୍ କରିବାକୁ ବିଚାର କରିଥାନ୍ତି ସେତିକି କମ୍ ଦିଅନ୍ତି ।

ଉତ୍ତର — ଈଶ୍ୱରଙ୍କ ବିଚାର ଜୀବାତ୍ମାମାନଙ୍କ କର୍ମ ଅନୁସାରେ ହୋଇଥାଏ, ଅନ୍ୟଥା ନୁହେଁ । ଯଦି ଅନ୍ୟଥା ହୁଏ, ତେବେ ସେ ଅପରାଧୀ, ଅନ୍ୟାୟକାରୀ ହୋଇଯିବେ ।

ପ୍ରଶ୍ନ — ଏ ସଂସାରରେ ଛୋଟ-ବଡ଼ ସମସ୍ତଙ୍କର ସୁଖ-ଦୁଃଖ ଏକା ଭଳି । ବଡ଼ ଲୋକର ବଡ଼ ଚିନ୍ତା ଓ ଛୋଟ ଲୋକର ଛୋଟ ଚିନ୍ତା । ଉଦାହରଣ ସ୍ୱରୂପ — କୌଣସି ମହାଜନଙ୍କ ଲକ୍ଷେ ଟଙ୍କାର ମକଦ୍ଦମା ନ୍ୟାୟାଳୟରେ ଚାଲିଛି । ସେ ଖରାଦିନରେ ପାଲିଙ୍କିରେ ବସି ନିଜ ଘରୁ କଚେରୀକୁ ଯାଉଛନ୍ତି । ତାଙ୍କୁ ପାଲିଙ୍କିରେ ବସି ଯାଉଥିବା ଦେଖି ରାସ୍ତାରେ ଅଜ୍ଞାନୀ ଲୋକମାନେ କହନ୍ତି – 'ଦେଖ ! ଏଇଟା ହେଉଛି ପୂର୍ବଜନ୍ମର ପୁଣ୍ୟ ଓ ପାପର ପ୍ରତ୍ୟକ୍ଷ ଫଳ ଯେ ଜଣେ ପାଲିଙ୍କିରେ ଆନନ୍ଦରେ ବସିଛି ଏବଂ ଅନ୍ୟମାନେ ଉପରୁ-ତଳୁ ଉତ୍ତାପରେ ସିଝି-ସିଝି ଖାଲି ଗୋଡ଼ରେ ପାଲିଙ୍କି କାନ୍ଧେଇ ଚାଲିଛନ୍ତି ।' କିନ୍ତୁ ବୁଦ୍ଧିମାନ୍ ଲୋକମାନେ ଜାଣନ୍ତି ଯେ କଚେରୀ ଯେତେ-ଯେତେ ନିକଟ ହୋଇଆସେ, ଧନୀବ୍ୟକ୍ତିଙ୍କ ଦୁଶ୍ଚିନ୍ତା ଓ ସନ୍ଦେହ ସେତେ-ସେତେ ଅଧିକ ବଢ଼ିଚାଲେ ଓ ବାହକମାନଙ୍କର ଆନନ୍ଦ ବଢ଼ିବାରେ ଲାଗେ । କଚେରୀରେ ପହଞ୍ଚିବା ପରେ ଶେଠ ଏଣେ-ତେଣେ ଯିବାର ବିଚାର କରିବାକୁ ଲାଗନ୍ତି କି ଆଗ ଓକିଲ ପାଖକୁ ଯିବି ନା ଶିରସ୍ତାଦାର ପାଖକୁ ଯିବି ? ଚିନ୍ତାରେ ବିବ୍ରତ ହୋଇଯାନ୍ତି କି ମକଦ୍ଦମାରେ ଜିତିବି ନା ହାରିବି, କିଏ ଜାଣେ କ'ଣ ହେବ ? କିନ୍ତୁ ବାହକମାନେ ଧୂମପାନ କରନ୍ତି ଓ ନିଶ୍ଚିନ୍ତ ହୋଇ ଆନନ୍ଦରେ ଶୋଇପଡ଼ନ୍ତି । ଯଦି ମକଦ୍ଦମା ଜିତିଯାଆନ୍ତି ତେବେ ଧନୀ ସୁଖୀ ହୁଅନ୍ତି ଏବଂ ଯଦି ହାରିଯାଆନ୍ତି ତେବେ ସେ ଦୁଃଖସାଗରରେ ବୁଡ଼ିଯାଆନ୍ତି; କିନ୍ତୁ ବାହକମାନେ ଯେମିତିକୁ ସେମିତି ନିଶ୍ଚିନ୍ତ ଥାଆନ୍ତି ।

ଏହିପରି ସୁନ୍ଦର, କୋମଳ ବିଛଣାରେ ଶୋଇ ମଧ୍ୟ ରାଜାଙ୍କୁ ନିଦ ଶୀଘ୍ର ଆସେନାହିଁ, କିନ୍ତୁ ମଜୁରିଆ ଗୋଡ଼ି, ପଥର, ଧୂଳି-ବାଲି ଥିବା ଖାଲ-ଢ଼ିପ ଭୂମି ଉପରେ ଶୋଇ ସୁଦ୍ଧା ତୁରନ୍ତ ଗାଢ଼ ନିଦରେ ଶୋଇଯାଏ । ତେଣୁ ସୁଖ-ଦୁଃଖ ସମସ୍ତଙ୍କର ଏକା ଭଳି ବୋଲି ସବୁ କ୍ଷେତ୍ରରେ ବୁଝିବା ଉଚିତ ।

ଉତ୍ତର — ଏହା ହେଉଛି ଅଜ୍ଞ ଲୋକଙ୍କ ବିଚାର । କାରଣ ଯଦି କୌଣସି ମହାଜନକୁ କୁହାଯାଏ ଯେ 'ତୁମେ ପାଲିଙ୍କିବାହକ ହୋଇଯାଅ' ଓ ପାଲିଙ୍କିବାହକକୁ କୁହାଯାଏ କି 'ତୁମେ ମହାଜନ ହୁଅ', ତେବେ

ଦେଖିବାକୁ ମିଳିବ ଯେ ପାଲିଙ୍କିବାହକ ତ ମହାଜନ ହେବାକୁ ଚାହିଁବ, କିନ୍ତୁ ମହାଜନ କେବେ ବି ପାଲିଙ୍କିବାହକ ହେବାକୁ ଚାହିଁବ ନାହିଁ । ଯଦି ଉଭୟଙ୍କ ସୁଖ-ଦୁଃଖ ସମାନ ହୋଇଥାଆନ୍ତା, ତେବେ ନିଜ-ନିଜର ସ୍ଥିତିକୁ ଛାଡ଼ି ମହାଜନ ସାନ ନ ହେବାକୁ ଓ ପାଲିଙ୍କିବାହକମାନେ ବଡ଼ ହେବାକୁ ଚାହାନ୍ତେ ନାହିଁ ।

ଦେଖ, ଗୋଟିଏ ଜୀବ ବିଦ୍ୱାନ୍, ପୁଣ୍ୟାତ୍ମା, ଐଶ୍ୱର୍ଯ୍ୟଶାଳୀ ରାଜାଙ୍କର ରାଣୀଙ୍କ ଗର୍ଭକୁ ଆସେ ତ ଅନ୍ୟ ଜଣେ ମହାଦରିଦ୍ର, ଅକିଞ୍ଚନ ବନବାସିନୀ ଗର୍ଭକୁ ଆସେ । ଗର୍ଭକୁ ଆସିବା ପରଠୁ ଜଣକୁ ସର୍ବଦା ସୁଖ ମିଳେ ଓ ଅନ୍ୟ ଜଣକୁ ଯାବତୀୟ ଦୁଃଖ ମିଳେ । ଜଣେ ଜନ୍ମ ହେବା ମାତ୍ରେ ବିଧିବିଧାନରେ ନାଡ଼ୀଛେଦନ, ସୁନ୍ଦର-ସୁଗନ୍ଧିତ ଜଳାଦିରେ ସ୍ନାନ, ଦୁଗ୍ଧପାନାଦି ଯଥାଯୋଗ୍ୟ ପ୍ରାପ୍ତ ହୋଇଯାଏ । ସେ ଦୁଧ ପିଇବାକୁ ଚାହିଁଲେ ଦୁଧ ସହ ମିଶ୍ରି ଆଦି ମିଶ୍ରିତ ହୋଇ ଯଥେଷ୍ଟ ପରିମାଣରେ ମିଳେ । ତାକୁ ପ୍ରସନ୍ନ ରଖିବା ପାଇଁ ଚାକର-ବାକର, ବିବିଧ ଖେଳନା, ସବାରୀ, ଉତ୍ତମ ସ୍ଥାନରେ ଭ୍ରମଣ ଆଦି କେତେ କ'ଣ ବ୍ୟବସ୍ଥା କରାଯାଏ । ଅତିଯତ୍ନରେ ଲାଳିତ-ପାଳିତ ହୋଇ ଆନନ୍ଦରେ ରହେ । ଅନ୍ୟପକ୍ଷରେ ଅନ୍ୟଜଣକର ଜନ୍ମ ଜଙ୍ଗଲ ଅଞ୍ଚଳରେ ହୁଏ, ସ୍ନାନ ସକାଶେ ଜଳ ବି ମିଳେ ନାହିଁ, ପିଇବାକୁ କ୍ଷୀରମୁନ୍ଦିଏ ମିଳେ ନାହିଁ, ଦୁଧ ପିଇବାକୁ ଚାହିଁଲେ ଧମକେଇ ଚୁପ୍ କରିଦିଆଯାଏ ଓ ଖୁନ୍ଦା-ଚାପୁଡ଼ା ମରାଯାଏ । ବଡ଼ ବିକଳ ହୋଇ କାନ୍ଦିଲେ ବି କେହି ପଚାରନ୍ତି ନାହିଁ । ଜୀବର ପୂର୍ବଜନ୍ମର ପୁଣ୍ୟ-ପାପ ବିନା ଯଦି ଏଭଳି ସୁଖ-ଦୁଃଖ ମିଳେ, ତେବେ ଈଶ୍ୱରଙ୍କ ଉପରକୁ ଦୋଷ ଆସିବ ।

ଦ୍ୱିତୀୟରେ, ଯଦି କର୍ମ ନ କରି ଜୀବକୁ ସୁଖ-ଦୁଃଖ ମିଳେ, ତେବେ ଆଗକୁ କର୍ମ ଆଧାରରେ ସ୍ୱର୍ଗ-ନର୍କ ମଧ୍ୟ ନ ରହିବା ଉଚିତ । କାରଣ ପରମେଶ୍ୱର ବର୍ତ୍ତମାନ ଯେପରି ବିନା କର୍ମରେ ସୁଖ-ଦୁଃଖ ଦେଇଛନ୍ତି, ସେହିପରି ମୃତ୍ୟୁ ପରେ ମଧ୍ୟ ଯାହାକୁ ଚାହିଁବେ ସ୍ୱର୍ଗକୁ ଓ ଯାହାକୁ ଚାହିଁବେ ନର୍କକୁ ପଠେଇଦେବେ । ପୁଣି ସବୁ ଜୀବ ଅଧର୍ମରେ ଲିପ୍ତ ହୋଇଯିବେ, ଧର୍ମ କାହିଁକି କରିବେ ? କାରଣ ଧର୍ମର ଶୁଭଫଳ ମିଳିବାର ତ କୌଣସି ନିଶ୍ଚିତତା ନାହିଁ । ସବୁ ତ ପରମେଶ୍ୱରଙ୍କ ହାତରେ । ତାଙ୍କର ଯେଉଁଥିରେ ଖୁସି, ସେ ସେପରି କରିବେ । ତେଣୁ ଜୀବମାନେ ପାପ କର୍ମ କରିବାକୁ ଭୟଭୀତ ହେବେ ନାହିଁ । ସଂସାରରେ ପାପର ବୃଦ୍ଧି ଓ ଧର୍ମର କ୍ଷୟ ହୋଇଚାଲିବ । **ଏଣୁ ପୂର୍ବଜନ୍ମର ପୁଣ୍ୟ-ପାପ ଅନୁସାରେ ବର୍ତ୍ତମାନ ଜନ୍ମ ମିଳିଥାଏ ଏବଂ ବର୍ତ୍ତମାନ ଓ ପୂର୍ବଜନ୍ମର କର୍ମାନୁସାରେ ଭବିଷ୍ୟତ ଜନ୍ମ ହୋଇଥାଏ ।**

ପ୍ରଶ୍ନ — ମନୁଷ୍ୟ ଓ ଅନ୍ୟାନ୍ୟ ପଶୁ ଆଦିଙ୍କ ଶରୀରରେ ଏକାଭଳି ଜୀବ ଥାଏ ନା ଭିନ୍ନ-ଭିନ୍ନ ପ୍ରକାରର ?

ଉତ୍ତର — ସମସ୍ତ ଜୀବାତ୍ମା ଏକା ପ୍ରକାରର । କିନ୍ତୁ ପାପ-ପୁଣ୍ୟ ଯୋଗରେ କେହି ମଳିନ ତ କେହି ପବିତ୍ର ହୋଇଥାନ୍ତି ।

ପ୍ରଶ୍ନ — ମନୁଷ୍ୟ ଶରୀରରେ ଥିବା ଜୀବ ପଶୁ ଆଦି ଶରୀରକୁ ଓ ପଶୁ ଆଦି ଶରୀରରେ ଥିବା ଜୀବ ମନୁଷ୍ୟ ଶରୀରକୁ ଏବଂ ସ୍ତ୍ରୀ ଦେହରୁ ଜୀବ ପୁରୁଷ ଦେହକୁ ତଥା ପୁରୁଷ ଦେହରୁ ସ୍ତ୍ରୀ ଶରୀରକୁ ଯିବା ଆସିବା କରେ ନା ନାହିଁ ?

ଉତ୍ତର — ହଁ । ଯିବା-ଆସିବା କରେ ।

ପ୍ରଶ୍ନ — କେଉଁ ପ୍ରକାର ଯିବା-ଆସିବା କରେ ?

ଉତ୍ତର — ଯେତେବେଳେ ପାପ ବଢ଼ିଯାଏ ଓ ପୁଣ୍ୟ କମ୍ ଥାଏ, ସେତେବେଳେ ମନୁଷ୍ୟ ଶରୀରରୁ

ଜୀବ ପଶୁ ଆଦି ନିକୃଷ୍ଟ ଶରୀର ଲାଭ କରେ । ଯେତେବେଳେ ଧର୍ମ ଅଧିକ ଓ ଅଧର୍ମ ନ୍ୟୂନ ଥାଏ ସେତେବେଳେ 'ଦେବ' ଅର୍ଥାତ୍ ବିଦ୍ୱାନ୍ ଶରୀର ମିଳିଥାଏ । ଆଉ ପୁଣ୍ୟ-ପାପ ସମାନ ହେଲେ ସାଧାରଣ ମନୁଷ୍ୟ ଜନ୍ମ ପ୍ରାପ୍ତ ହୋଇଥାଏ । ଏଥିରେ ମଧ୍ୟ ପୁଣ୍ୟ-ପାପର ଉତ୍ତମ, ମଧ୍ୟମ ଓ ଅଧମ ସ୍ତର ଆଧାରରେ ମନୁଷ୍ୟାଦି ଶରୀରରେ ମଧ୍ୟ ଉତ୍ତମ, ମଧ୍ୟମ ଓ ନିକୃଷ୍ଟ ଶରୀରାଦି ସାମଗ୍ରୀ ମିଳେ । ତା' ଛଡ଼ା ଅଧିକ ଥିବା ପାପର ଫଳ ପଶୁ ଆଦି ଶରୀରରେ ଭୋଗିସାରିବା ପରେ, ପାପ-ପୁଣ୍ୟ ସମାନ ହୋଇଯିବାରୁ ପୁନରାୟ ମଣିଷ ଶରୀର ଲାଭ କରେ । ସେହିପରି ଅଧିକ ଥିବା ପୁଣ୍ୟର ଫଳ ଭୋଗ କରିବା ପରେ ପୁନଶ୍ଚ ମଧ୍ୟସ୍ଥ ମନୁଷ୍ୟ ଶରୀର ଧାରଣ କରେ ।

ଜୀବ ଶରୀରରୁ ବାହାରି ଯିବାର ନାମ **'ମୃତ୍ୟୁ'** ଓ ଶରୀର ସହ ସଂଯୁକ୍ତ ହେବାର ନାମ **'ଜନ୍ମ'** । ଜୀବ ଶରୀର ଛାଡ଼ିବା ପରେ **'ଯମାଳୟ'** ଅର୍ଥାତ୍ ଆକାଶସ୍ଥ ବାୟୁରେ ରହେ । କାରଣ **'ଯମେନ'= 'ବାୟୁନା'** (ଋକ୍. ମହର୍ଷିକୃତ ବେଦଭାଷ୍ୟ ୭:୩୩:୧୨) ବେଦର ଏହି କଥନ ଅନୁସାରେ 'ଯମ'ର ଅର୍ଥ ବାୟୁ, 'ଗରୁଡ଼ ପୁରାଣ'ର କଳ୍ପିତ ଯମ ନୁହେଁ । ଏ ବିଷୟକ ବିଶେଷ ଖଣ୍ଡନ-ମଣ୍ଡନ ଏକାଦଶ ସମୁଲ୍ଲାସରେ ଲେଖାଯିବ ।

ତଦନନ୍ତର **'ଧର୍ମରାଜ'** ଅର୍ଥାତ୍ ପରମେଶ୍ୱର ସେହି ବାୟୁମଣ୍ଡଳସ୍ଥ ଜୀବକୁ ତା'ର ପାପ-ପୁଣ୍ୟାନୁସାରେ ଜନ୍ମ ଦିଅନ୍ତି । **ଈଶ୍ୱରଙ୍କ ପ୍ରେରଣାନୁସାରେ ଜୀବ ବାୟୁ, ଅନ୍ନ, ଜଳ ମାଧ୍ୟମରେ ଅଥବା ଶରୀରର ଛିଦ୍ର ଦେଇ କୌଣସି ଜୀବିତ ଶରୀରରେ ପ୍ରବେଶ କରେ । ତା'ପରେ କ୍ରମଶଃ ବୀର୍ଯ୍ୟକୁ ଯାଇ, ବୀର୍ଯ୍ୟ ମାଧ୍ୟମରେ ଗର୍ଭରେ ସ୍ଥିତ ହୋଇ, ସେଠାରେ ଶରୀର ଧାରଣ କରି, ବହିର୍ଗତ ହୁଏ ।** ନାରୀ ଶରୀର ଧାରଣ କରିବା ଯୋଗ୍ୟ କର୍ମ ଥିଲେ ନାରୀ ଏବଂ ପୁରୁଷ ଶରୀର ଧାରଣଯୋଗ୍ୟ କର୍ମ ଥିଲେ ପୁରୁଷ ଶରୀର ଧାରଣ କରି ଜନ୍ମ ନେଇଥାଏ । ସ୍ତ୍ରୀ-ପୁରୁଷଙ୍କ ସଂଯୋଗ ସମୟରେ ରଜ-ବୀର୍ଯ୍ୟ ସମାନ ହେଲେ ନପୁଂସକ ଗର୍ଭ ସଞ୍ଚାର ହୋଇଥାଏ । **ଏହିଭଳି ନାନା ପ୍ରକାର ଯୋନିରେ ଜନ୍ମ-ମରଣ ଚକ୍ରରେ ସେତେବେଳ ଯାଏ ଜୀବ ପଡ଼ିରହିଥାଏ ଯେତେବେଳ ପର୍ଯ୍ୟନ୍ତ ଉତ୍ତମ କର୍ମ-ଉପାସନା-ଜ୍ଞାନର ଅନୁଷ୍ଠାନ କରି ମୁକ୍ତିକୁ ପ୍ରାପ୍ତ ନ ହୋଇଛି । କାରଣ ଉତ୍ତମ କର୍ମାଦି କରିବା ଦ୍ୱାରା ମନୁଷ୍ୟମାନଙ୍କ ମଧ୍ୟରେ ଉତ୍ତମ ଜନ୍ମ ମିଳେ ଓ ମୁକ୍ତିରେ ମହାକଳ୍ପ ପର୍ଯ୍ୟନ୍ତ ଜନ୍ମ-ମରଣ ଦୁଃଖରୁ ରହିତ ହୋଇ ଆନନ୍ଦରେ ରହେ ।**

ପ୍ରଶ୍ନ — ମୁକ୍ତି ଗୋଟିଏ ଜନ୍ମରେ ମିଳେ ନା ଅନେକ ଜନ୍ମ ଦ୍ୱାରା ?

ଉତ୍ତର — ଅନେକ ଜନ୍ମରେ । କାରଣ —

ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ଦୃଷ୍ଟେ ପରାଽବରେ ।। (ମୁଣ୍ଡକ. ୨:୨:୮)

ଯେତେବେଳେ ଜୀବର ହୃଦୟର ଅବିଦ୍ୟା-ଅଜ୍ଞାନରୂପୀ ଗଣ୍ଠି ଖୋଲିଯାଏ, ସବୁ ସଂଶୟ ଛିନ୍ନ ହୋଇଯାଏ ଏବଂ ଦୁଷ୍କର୍ମସମୂହ କ୍ଷୟପ୍ରାପ୍ତ ହୋଇଯାନ୍ତି, ସେତେବେଳେ ସେ ନିଜ ଆତ୍ମାର ଭିତରେ ଓ ବାହାରେ ବ୍ୟାପକ ହୋଇ ରହିଥିବା ପରମାତ୍ମାଙ୍କ ଠାରେ ନିବାସ କରେ ।

ପ୍ରଶ୍ନ — ମୁକ୍ତିରେ ଜୀବ ପରମେଶ୍ୱରଙ୍କ ସହ ମିଶିଯାଏ ନା ନିଜ ଅସ୍ତିତ୍ୱରେ ପୃଥକ୍ ହୋଇ ରହେ ?

ଉତ୍ତର — ପୃଥକ୍ ହୋଇ ରହେ । କାରଣ ମୁକ୍ତିରେ ଯଦି ଜୀବ ଈଶ୍ୱରଙ୍କ ସହ ମିଶିଯିବ ଅର୍ଥାତ୍ ଈଶ୍ୱରଙ୍କ ଭିତରେ ଲୀନ ହୋଇଯିବ, ତେବେ ମୁକ୍ତିର ସୁଖ କିଏ ଭୋଗିବ ? ପୁଣି ମୁକ୍ତି ନିମିତ୍ତ କରିଥିବା ସବୁ ସାଧନା ନିଷ୍ଫଳ ହୋଇଯିବ । ଯଦି ମିଶିଯାଏ, ତେବେ ତାହା ମୁକ୍ତି ତ ନୁହେଁ ବରଂ ଜୀବର ପ୍ରଳୟ ବୋଲି ଜାଣିବା ଉଚିତ । **ଯେଉଁ ଜୀବ ପରମେଶ୍ୱରଙ୍କ ଆଜ୍ଞା ପାଳନ, ଉତ୍ତମ କର୍ମ, ସତ୍‌ସଙ୍ଗ, ଯୋଗାଭ୍ୟାସ, ପୂର୍ବୋକ୍ତ ସମସ୍ତ ସାଧନର ଅନୁଷ୍ଠାନ କରେ, ସେହି ଜୀବ ହିଁ ମୁକ୍ତି ଲାଭ କରେ ।**

ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ ଯୋ ବେଦ ନିହିତଂ ଗୁହାୟାଂ ପରମେ ବ୍ୟୋମନ୍ ।
ସୋଽଶ୍ନୁତେ ସର୍ବାନ୍ କାମାନ୍ ସହ ବ୍ରହ୍ମଣା ବିପଶ୍ଚିତେତି ॥ (ତୈତ୍ତିରୀୟ. ୨:୧)

ଯେଉଁ ଜୀବାତ୍ମା ନିଜ ବୁଦ୍ଧି ଓ ଆତ୍ମାରେ ସ୍ଥିତ ସତ୍ୟ, ଜ୍ଞାନ ଓ ଅନନ୍ତ ଆନନ୍ଦସ୍ୱରୂପ ପରମାତ୍ମାଙ୍କୁ ଜାଣେ, ସେ ସେହି ବ୍ୟାପକରୂପ ବ୍ରହ୍ମରେ ଅବସ୍ଥିତ ହୋଇ ସେହି **'ବିପଶ୍ଚିତ୍'** ଅର୍ଥାତ୍ ଅନନ୍ତ ବିଦ୍ୟାଯୁକ୍ତ ବ୍ରହ୍ମଙ୍କ ସଙ୍ଗ ଲାଭ କରି 'ସକଳ କାମନା ସିଦ୍ଧ କରେ' ଅର୍ଥାତ୍ ଯେଉଁ-ଯେଉଁ ଆନନ୍ଦର କାମନା କରେ ସେହି-ସେହି ଆନନ୍ଦକୁ ପ୍ରାପ୍ତ ହୋଇଥାଏ । ଏହାକୁ ହିଁ **'ମୁକ୍ତି'** କୁହାଯାଏ ।

ପ୍ରଶ୍ନ — ବିନା ଶରୀରରେ ଜୀବାତ୍ମା ଯେମିତି ସାଂସାରିକ ସୁଖ ଭୋଗ କରିପାରେ ନାହିଁ, ସେମିତି ବିନା ଶରୀରରେ ମୁକ୍ତିରେ ଆନନ୍ଦ କିପରି ଭୋଗ କରିପାରିବ ?

ଉତ୍ତର — ଏ ପ୍ରଶ୍ନର ସମାଧାନ ପୂର୍ବରୁ କରାଯାଇଛି । ତଥାପି ଏ ବିଷୟରେ ଆଉ କିଛି ତଥ୍ୟ ଦିଆଯାଉଛି — **ଜୀବାତ୍ମା ସାଂସାରିକ ସୁଖ ଯେପରି ଶରୀର ଆଧାରରେ ଭୋଗକରେ, ସେହିପରି ମୁକ୍ତିର ଆନନ୍ଦ ପରମେଶ୍ୱରଙ୍କ ଆଧାରରେ ଭୋଗ କରେ । ମୁକ୍ତ ଜୀବ ଅନନ୍ତ, ବ୍ୟାପକ ବ୍ରହ୍ମରେ ସ୍ୱଚ୍ଛନ୍ଦରେ ବିଚରଣ କରେ, ଶୁଦ୍ଧ ଜ୍ଞାନ ଦ୍ୱାରା ସକଳ ସୃଷ୍ଟିକୁ ଦେଖେ, ଅନ୍ୟ ମୁକ୍ତ ଜୀବଙ୍କ ସହ ମିଳାମିଶା କରେ, ସୃଷ୍ଟି-ବିଦ୍ୟାକୁ କ୍ରମରେ ଦେଖି-ଦେଖି ଆମକୁ ଦେଖାଯାଉଥିବା ଓ ଦେଖାଯାଉନଥିବା ସକଳ ଲୋକ-ଲୋକାନ୍ତରରେ ପରିଭ୍ରମଣ କରେ, ତା'ର ଜ୍ଞାନ ପଥରେ ଆଗତ ସବୁ ପଦାର୍ଥକୁ ଦେଖେ । ତା'ର ଜ୍ଞାନ ଯେତେ ଅଧିକ ଥାଏ, ତାକୁ ସେତେ ଅଧିକ ଆନନ୍ଦ ମିଳେ ।** ମୁକ୍ତାବସ୍ଥାରେ ଜୀବାତ୍ମା ନିର୍ମଳ ହୋଇଥିବା ହେତୁ ପୂର୍ଣ୍ଣ ଜ୍ଞାନୀ ହୋଇ ସମସ୍ତ ସନ୍ନିହିତ ପଦାର୍ଥକୁ ଯଥାଯଥ ଭାବେ ଜାଣିପାରେ । **ଏହି ସୁଖ ବିଶେଷକୁ 'ସ୍ୱର୍ଗ' କୁହାଯାଏ ଏବଂ ବିଷୟତୃଷ୍ଣାରେ ମଜ୍ଜିବା ଦ୍ୱାରା ଯେଉଁ ଦୁଃଖବିଶେଷ ଭୋଗ କରିବାକୁ ହୁଏ ତାକୁ 'ନରକ' କହନ୍ତି । ସୁଖର ନାମ 'ସ୍ୱଃ' । 'ସ୍ୱଃ ସୁଖଂ ଗଚ୍ଛତି ୟସ୍ମିନ୍ ସ ସ୍ୱର୍ଗଃ'; 'ଅତୋ ବିପରୀତୋ ଦୁଃଖଭୋଗ ନରକ ଇତି' । ସାଂସାରିକ ସୁଖକୁ 'ସାମାନ୍ୟ ସ୍ୱର୍ଗ' ଓ ପରମେଶ୍ୱରଙ୍କ ପ୍ରାପ୍ତି ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହାକୁ 'ବିଶେଷ ସ୍ୱର୍ଗ' କୁହାଯାଏ ।**

ସବୁ ଜୀବ ସ୍ୱଭାବତଃ ସୁଖର ପ୍ରାପ୍ତି ଓ ଦୁଃଖର ବିନାଶ ଚାହିଁଥାନ୍ତି । କିନ୍ତୁ ଯେତେବେଳ ଯାଏଁ ଧର୍ମର ଆଚରଣ ଓ ପାପ ପରିତ୍ୟାଗ କରିନାହାନ୍ତି, ସେ ପର୍ଯ୍ୟନ୍ତ ସେମାନଙ୍କୁ ସୁଖର ପ୍ରାପ୍ତି ଓ ଦୁଃଖର ବିନାଶ ସମ୍ଭବ ନୁହେଁ । କାରଣ କୌଣସି ବସ୍ତୁର 'କାରଣ' ଅର୍ଥାତ୍ ମୂଳ ଥିବା ଯାଏ, ତାହା କଦାପି ବିନଷ୍ଟ ହୁଏ ନାହିଁ ।

ଯଥା — **'ଛିନ୍ନେ ମୂଲେ ବୃକ୍ଷୋ ନଶ୍ୟତି ତଥା ପାପେ କ୍ଷୀଣେ ଦୁଃଖଂ ନଶ୍ୟତି'** — ବୃକ୍ଷର ମୂଳ ଛେଦନ ହୋଇଯିବା ଦ୍ୱାରା ଯେପରି ସେ ଗଛ ମରିଯାଏ, ସେହିପରି ପାପକୁ ପରିତ୍ୟାଗ କରିବା ଦ୍ୱାରା ଦୁଃଖ ନଷ୍ଟ ହୁଏ । ଦେଖ ପାପ ଓ ପୁଣ୍ୟର ବହୁତ ପ୍ରକାର ଗତି ମନୁସ୍ମୃତିରେ ଦର୍ଶାଯାଇଛି —

ମାନସଂ ମନସୈବାୟମୁପଭୁଙ୍କ୍ତେ ଶୁଭାଽଶୁଭମ୍ ।
ବାଚ ବାଚ କୃତଂ କର୍ମ କାୟେନୈବ ଚ କାୟିକ ॥ ୧ ॥
ଶରୀରଜୈଃ କର୍ମଦୋଷୈର୍ୟାତି ସ୍ଥାବରତାଂ ନରଃ ।
ବାଚିକୈଃ ପକ୍ଷିମୃଗତାଂ ମାନସୈରନ୍ତ୍ୟଜାତିତାମ୍ ॥ ୨ ॥
ଯୋ ୟଦୈଷାଂ ଗୁଣୋ ଦେହେ ସାକଲ୍ୟେନାତିରିଚ୍ୟତେ ।
ସ ତଦା ତଦ୍‌ଗୁଣପ୍ରାୟଂ ତଂ କରୋତି ଶରୀରିଣମ୍ ॥ ୩ ॥
ସତ୍ତ୍ୱଂ ଜ୍ଞାନଂ ତମୋଽଜ୍ଞାନଂ ରାଗଦ୍ୱେଷୌ ରଜଃ ସ୍ମୃତମ୍ ।
ଏତଦ୍‌ବ୍ୟାପ୍ତିମଦେତେଷାଂ ସର୍ବଭୂତାଶ୍ରିତଂ ବପୁଃ ॥ ୪ ॥
ତତ୍ର ୟତ୍‌ପ୍ରୀତିସଂୟୁକ୍ତଂ କିଞ୍ଚିଦାତ୍ମନି ଲକ୍ଷୟେତ୍ ।
ପ୍ରଶାନ୍ତମିବ ଶୁଦ୍ଧାଭଂ ସତ୍ତ୍ୱଂ ତଦୁପଧାରୟେତ୍ ॥ ୫ ॥
ୟତ୍ତୁ ଦୁଃଖସମାୟୁକ୍ତମପ୍ରୀତିକରମାତ୍ମନଃ ।
ତଦ୍ରଜୋଽପ୍ରତିପଂ ବିଦ୍ୟାତ୍ ସତତଂ ହାରି ଦେହିନାମ୍ ॥ ୬ ॥
ୟତ୍ତୁ ସ୍ୟାନ୍‌ମୋହସଂୟୁକ୍ତମବ୍ୟକ୍ତଂ ବିଷୟାତ୍ମକମ୍ ।
ଅପ୍ରତର୍କ୍ୟମବିଜ୍ଞେୟଂ ତମସ୍ତଦୁପଧାରୟେତ୍ ॥ ୭ ॥
ତ୍ରୟାଣାମପି ଚୈତେଷାଂ ଗୁଣାନାଂ ୟଃ ଫଲୋଦୟଃ ।
ଅଗ୍ର୍ୟୋ ମଧ୍ୟୋ ଜଘନ୍ୟଶ୍ଚ ତଂ ପ୍ରବକ୍ଷ୍ୟାମ୍ୟଶେଷତଃ ॥ ୮ ॥
ବେଦାଭ୍ୟାସସ୍ତପୋ ଜ୍ଞାନଂ ଶୌଚମିନ୍ଦ୍ରିୟନିଗ୍ରହଃ ।
ଧର୍ମକ୍ରିୟାତ୍ମଚିନ୍ତା ଚ ସାତ୍ତ୍ୱିକଂ ଗୁଣଲକ୍ଷଣମ୍ ॥ ୯ ॥
ଆରମ୍ଭରୁଚିତାଽଧୈର୍ୟ୍ୟମସତ୍‌କାର୍ୟ୍ୟପରିଗ୍ରହଃ ।
ବିଷୟୋପସେବା ଚାଜସ୍ରଂ ରାଜସଂ ଗୁଣଲକ୍ଷଣମ୍ ॥ ୧୦ ॥
ଲୋଭଃ ସ୍ୱପ୍ନୋଽଧୃତିଃ କ୍ରୌର୍ୟ୍ୟଂ ନାସ୍ତିକ୍ୟଂ ଭିନ୍ନବୃତ୍ତିତା ।
ୟାଚିଷ୍ଣୁତା ପ୍ରମାଦଶ୍ଚ ତାମସଂ ଗୁଣଲକ୍ଷଣମ୍ ॥ ୧୧ ॥
ୟତ୍‌କର୍ମ କୃତ୍ୱା କୁର୍ବଂଶ୍ଚ କରିଷ୍ୟଂଶ୍ଚୈବ ଲଜ୍ଜତି ।
ତଜ୍‌ଜ୍ଞେୟଂ ବିଦୁଷା ସର୍ବଂ ତାମସଂ ଗୁଣଲକ୍ଷଣମ୍ ॥ ୧୨ ॥
ୟେନାସ୍ମିନ୍‌କର୍ମଣା ଲୋକେ ଖ୍ୟାତିମିଚ୍ଛତି ପୁଷ୍କଲାମ୍ ।
ନ ଚ ଶୋଚତ୍ୟସମ୍ପତ୍ତୌ ତଦ୍‌ବିଜ୍ଞେୟଂ ତୁ ରାଜସମ୍ ॥ ୧୩ ॥

ଯତ୍‌ସର୍ବେଣେଚ୍ଛତି ଜ୍ଞାତୁଂ ଯନ୍ନ ଲଜ୍ଜତି ଚାଚରନ୍ ।
ଯେନ ତୁଷ୍ୟତି ଚାତ୍ମାସ୍ୟ ତତ୍‌ସତ୍ତ୍ୱଗୁଣଲକ୍ଷଣମ୍ ॥ ୧୪ ॥
ତମସୋ ଲକ୍ଷଣଂ କାମୋ ରଜସସ୍ତ୍ୱର୍ଥ ଉଚ୍ୟତେ ।
ସତ୍ତ୍ୱସ୍ୟ ଲକ୍ଷଣଂ ଧର୍ମଃ ଶ୍ରୈଷ୍ଠ୍ୟମେଷାଂ ଯଥୋତ୍ତରମ୍ ॥ ୧୫ ॥

(ମନୁ. ୧୨:୮,୯,୨୫-୩୩,୩୫-୩୮)

ମନୁଷ୍ୟ ଏହିପରି ଭାବରେ ନିଜର ଶ୍ରେଷ୍ଠ, ମଧ୍ୟମ ଓ ନିକୃଷ୍ଟ ତିନି ପ୍ରକାର ସ୍ୱଭାବକୁ ଜାଣି ଉତ୍ତମ ସ୍ୱଭାବ ଗ୍ରହଣ ତଥା ମଧ୍ୟ ଓ ନିକୃଷ୍ଟ ସ୍ୱଭାବକୁ ପରିତ୍ୟାଗ କରିବା ଉଚିତ । ଏକଥା ବି ଦୃଢ଼ତାପୂର୍ବକ ଜାଣିରଖିବା ଉଚିତ ଯେ ଜୀବ ମନ ଦ୍ୱାରା ଯେଉଁ ଶୁଭ-ଅଶୁଭ କର୍ମ କରେ ତାହାର ସୁଖ-ଦୁଃଖ ରୂପକ ଫଳ ମନରେ ଭୋଗ କରେ, ବାଣୀରେ କରିଥିବା କର୍ମର ଫଳ ବାଣୀରେ ଓ ଶରୀର ଦ୍ୱାରା କରିଥିବା କର୍ମର ଫଳ ଶରୀରରେ ଭୋଗ କରେ ॥ ୧ ॥

ଯେଉଁ ବ୍ୟକ୍ତି ଶରୀର ଦ୍ୱାରା ଚୋରି, ପରସ୍ତ୍ରୀଗମନ, ଶ୍ରେଷ୍ଠଙ୍କୁ ମାରିବା-ପିଟିବା ଆଦି ଦୁଷ୍ଟ କର୍ମ କରେ, ତାହାକୁ ବୃକ୍ଷାଦି ସ୍ଥାବର ଜନ୍ମ; ବାଣୀରେ ପାପ କର୍ମ କଲେ ପକ୍ଷୀ ଓ ମୃଗାଦି ଜନ୍ମ; ତଥା ମନ ଦ୍ୱାରା ଦୁଷ୍କର୍ମ କଲେ ଚଣ୍ଡାଳ ଆଦି ଶରୀର ମିଳେ ॥ ୨ ॥

ଯେଉଁ ଜୀବର ଶରୀରରେ ଯେଉଁ ଗୁଣର ଆଧିକ୍ୟ ହୁଏ, ସେହି ଗୁଣ ସେହି ଜୀବକୁ ତଦ୍‌ଗୁଣବିଶିଷ୍ଟ କରିଦିଏ ॥ ୩ ॥

ଯେତେବେଳେ ଆତ୍ମାରେ ଜ୍ଞାନର ସ୍ଥିତି ଥାଏ ସେତେବେଳେ ଆତ୍ମା ସତ୍ତ୍ୱଗୁଣସମ୍ପନ୍ନ, ଯେତେବେଳେ ଅଜ୍ଞାନାବୃତ ସ୍ଥିତିରେ ଥାଏ ସେତେବେଳେ ତମୋଗୁଣ ସମ୍ପନ୍ନ ଏବଂ ଯେତେବେଳେ ଆତ୍ମା ରାଗ-ଦ୍ୱେଷରେ ଯୁକ୍ତ ଥାଏ ସେତେବେଳେ ରଜୋଗୁଣରେ ଯୁକ୍ତ ଅଛି ବୋଲି ଜାଣିବା ଉଚିତ । ପ୍ରକୃତିର ଏ ତିନୋଟି ଗୁଣ ସଂସାରର ସବୁ ପଦାର୍ଥ ଭିତରେ ବ୍ୟାପକ ହୋଇ ରହିଥାଏ ॥ ୪ ॥

ଆତ୍ମା କେଉଁଗୁଣ ସମ୍ପନ୍ନ ତାହା ଜାଣିବାର ଉପାୟ ହେଲା ଯେ ଯେତେବେଳେ ଆତ୍ମାରେ ପ୍ରସନ୍ନତା, ମନ ପ୍ରସନ୍ନ, ପ୍ରଶାନ୍ତ ସଦୃଶ ନିର୍ମଳ ଜ୍ୟୋତିଯୁକ୍ତ ହୋଇଥାଏ, ସେତେବେଳେ ସତ୍ତ୍ୱଗୁଣ ପ୍ରଧାନ ଓ ରଜୋଗୁଣ-ତମୋଗୁଣ ଅପ୍ରଧାନ ଅଛି ବୋଲି ଜାଣିବା ଉଚିତ ॥ ୫ ॥

ଯେତେବେଳେ ଆତ୍ମା ଓ ମନ ଦୁଃଖସଂଯୁକ୍ତ, ପ୍ରସନ୍ନତାରହିତ, ବିଷୟ ପଛରେ ଏଣେ-ତେଣେ ଧାବମାନ, ଜାଣିବା ଉଚିତ ଯେ ସେତେବେଳେ ରଜୋଗୁଣ ପ୍ରଧାନ ଏବଂ ସତ୍ତ୍ୱଗୁଣ-ତମୋଗୁଣ ଅପ୍ରଧାନ ରହିଛି ॥ ୬ ॥

ଯେତେବେଳେ ଆତ୍ମା ଓ ମନ ମୋହଗ୍ରସ୍ତ ଅର୍ଥାତ୍ ସାଂସାରିକ ପଦାର୍ଥରେ ଏକାନ୍ତ ଆସକ୍ତ, ବିବେକବିହୀନ, ତର୍କ-ବିତର୍କ ଶୂନ୍ୟ, ଜ୍ଞାନଗ୍ରହଣ ସ୍ଥିତିରେ ନ ଥାଏ, ସେତେବେଳେ ନିଃସନ୍ଦେହ ବୁଝିବା ଉଚିତ ଯେ ବର୍ତ୍ତମାନ ମୋ ଭିତରେ ତମୋଗୁଣ ପ୍ରଧାନ ଏବଂ ସତ୍ତ୍ୱଗୁଣ-ରଜୋଗୁଣ ଅପ୍ରଧାନ ରହିଛି ॥ ୭ ॥

ଏହି ସତ୍ତ୍ୱାଦି ତିନି ଗୁଣର ଯେଉଁ ଉତ୍ତମ, ମଧ୍ୟମ ଓ ନିକୃଷ୍ଟ ଫଳ ହୁଏ, ବର୍ତ୍ତମାନ ତାହା ବିସ୍ତାରପୂର୍ବକ କୁହାଯାଉଛି ॥ ୮ ॥

ଯେତେବେଳେ ସତ୍ତ୍ୱଗୁଣର ଉଦୟ ହୁଏ ସେତେବେଳେ ବେଦାଧ୍ୟୟନ, ଧର୍ମାନୁଷ୍ଠାନ, ଜ୍ଞାନବୃଦ୍ଧି, ପବିତ୍ରତା ପ୍ରତି ଇଚ୍ଛା, ଇନ୍ଦ୍ରିୟ-ନିଗ୍ରହ, ଧର୍ମକ୍ରିୟା ଓ ଆତ୍ମ-ଚିନ୍ତନ ହୋଇଥାଏ । ଏହା ସତ୍ତ୍ୱଗୁଣର ଲକ୍ଷଣ ॥ ୯ ॥

ରଜୋଗୁଣ ଉଦୟ ତଥା ସତ୍ତ୍ୱ ଓ ତମୋଗୁଣର ଅନ୍ତର୍ଭାବ ହେଲେ କାର୍ଯ୍ୟ ଆରମ୍ଭ କରିବାରେ ଆଗ୍ରହ, ଧୈର୍ଯ୍ୟହୀନତା, ଅସତ୍ କର୍ମ ଅନୁଷ୍ଠାନ, ନିରନ୍ତର ବିଷୟ ଭୋଗରେ ପ୍ରୀତି ହୋଇଥାଏ । ଏଭଳି ସ୍ଥିତିରେ ବୁଝିବା ଉଚିତ ଯେ ମୋ ଭିତରେ ବର୍ତ୍ତମାନ ରଜୋଗୁଣର ପ୍ରାଧାନ୍ୟ ଅଛି ॥ ୧୦ ॥

ଯେତେବେଳେ ତମୋଗୁଣର ଉଦୟ ତଥା ଅନ୍ୟ ଦୁଇ ଗୁଣର ଅସ୍ତଭାବ ହୁଏ, ସେତେବେଳେ ସମସ୍ତ ପାପର ମୂଳ **'ଲୋଭ'** ବୃଦ୍ଧି ପାଏ; ଅତ୍ୟନ୍ତ ଆଳସ୍ୟ ଓ ନିଦ୍ରା, ଧୈର୍ଯ୍ୟଚ୍ୟୁତି ଓ କ୍ରୂରତା ଜନ୍ମେ, 'ନାସ୍ତିକତା' ଅର୍ଥାତ୍ ବେଦ ଓ ଈଶ୍ୱରଙ୍କ ପ୍ରତି ଅଶ୍ରଦ୍ଧା, ଅନ୍ତଃକରଣରେ ବିଭିନ୍ନ ବୃତ୍ତିର ଉଦୟ ଓ ଏକାଗ୍ରତାର ଅଭାବ, ଯାହା-ତାହାକୁ ଯାଚନା କରିବା, ପ୍ରମାଦ ଅର୍ଥାତ୍ ମଦ୍ୟପାନାଦି ଦୁର୍ବ୍ୟସନରେ ଲିପ୍ତତା ହୁଏ । ସେତେବେଳେ ବୁଝିବା ଉଚିତ ଯେ ମୋ ଭିତରେ ତମୋଗୁଣ ବୃଦ୍ଧି ପାଇଛି ॥ ୧୧ ॥

ଆହୁରି ମଧ୍ୟ ଯେଉଁ କର୍ମ କଲା ପରେ, କରୁଥିବା ବେଳେ ଓ କରିବାକୁ ଇଚ୍ଛା କଲେ ନିଜ ଆତ୍ମାରେ ଲଜ୍ଜା, ଶଙ୍କା ଓ ଭୟ ଜାଗ୍ରତ ହୁଏ, ସେତେବେଳେ ଜାଣିବାକୁ ହେବ ଯେ ମୋ ଭିତରେ ତମୋଗୁଣ ପ୍ରବୃଦ୍ଧ ହୋଇଛି ॥ ୧୨ ॥

ଯେଉଁ କର୍ମ ଦ୍ୱାରା ବ୍ୟକ୍ତିକୁ ଇହଲୋକରେ ପୁଷ୍କଳ ପ୍ରସିଦ୍ଧି ମିଳେ, ଯେତେବେଳେ ବ୍ୟକ୍ତି ଦରିଦ୍ର ହୋଇଥିବା ସତ୍ତ୍ୱେ ସେପରି କର୍ମ କରେ, ଚାରଣ, ଭାଟ ଆଦିଙ୍କୁ ଦାନ ଦେବା ଛାଡ଼େ ନାହିଁ, ସେତେବେଳେ ବୁଝିବାକୁ ହେବ ଯେ ତା'ଠାରେ ରଜୋଗୁଣ ପ୍ରବଳ ଅଛି ॥ ୧୩ ॥

ଯେତେବେଳେ ମନୁଷ୍ୟର ଆତ୍ମା ସମସ୍ତଙ୍କଠାରୁ ଜ୍ଞାନପ୍ରାପ୍ତ କରିବାକୁ ଚାହେଁ, ଗୁଣ ଗ୍ରହଣ କରିଚାଲେ, ଭଲ କାମ କରିବାକୁ ଲଜ୍ଜା କରେ ନାହିଁ ଏବଂ ଆତ୍ମା ପ୍ରସନ୍ନ ହେବା ଭଳି କର୍ମ ଅର୍ଥାତ୍ ଧର୍ମାଚରଣରେ ହିଁ ରୁଚି ରଖେ, ସେତେବେଳେ ଜାଣିବା ଉଚିତ ଯେ ତା'ଠାରେ ସତ୍ତ୍ୱଗୁଣ ଅଧିକ ଅଛି ॥ ୧୪ ॥

ତମୋଗୁଣର ଲକ୍ଷଣ କାମ, ରଜୋଗୁଣର ଲକ୍ଷଣ ଅର୍ଥ-ସଂଗ୍ରହ ଇଚ୍ଛା ଏବଂ ସତ୍ତ୍ୱଗୁଣର ଲକ୍ଷଣ ଧର୍ମାଚରଣରେ ସ୍ପୃହା । ତମୋଗୁଣଠାରୁ ରଜୋଗୁଣ ଶ୍ରେଷ୍ଠ ଏବଂ ରଜୋଗୁଣଠାରୁ ସତ୍ତ୍ୱଗୁଣ ଶ୍ରେଷ୍ଠ ଅଟେ ॥ ୧୫ ॥

ଯେଉଁ-ଯେଉଁ ଗୁଣ ଦ୍ୱାରା ଜୀବ ଯେଉଁ-ଯେଉଁ ଗତି ପ୍ରାପ୍ତ ହୁଏ, ତାହା ବର୍ତ୍ତମାନ ଲେଖାଯାଉଛି —

ଦେବତ୍ୱଂ ସାତ୍ତ୍ୱିକା ଯାନ୍ତି ମନୁଷ୍ୟତ୍ୱଂ ଚ ରାଜସାଃ ।
ତିର୍ଯ୍ୟକ୍ତ୍ୱଂ ତାମସା ନିତ୍ୟମିତ୍ୟେଷା ତ୍ରିବିଧା ଗତିଃ ॥ ୧ ॥
ସ୍ଥାବରାଃ କୃମିକୀଟାଶ୍ଚ ମତ୍ସ୍ୟାଃ ସର୍ପାଶ୍ଚ କଚ୍ଛପାଃ ।
ପଶବଶ୍ଚ ମୃଗାଶ୍ଚୈବ ଜଘନ୍ୟା ତାମସୀ ଗତିଃ ॥ ୨ ॥
ହସ୍ତିନଶ୍ଚ ତୁରଙ୍ଗାଶ୍ଚ ଶୂଦ୍ରା ମ୍ଲେଚ୍ଛାଶ୍ଚ ଗର୍ହିତାଃ ।
ସିଂହା ବ୍ୟାଘ୍ରା ବରାହାଶ୍ଚ ମଧ୍ୟମା ତାମସୀ ଗତିଃ ॥ ୩ ॥
ଚାରଣାଶ୍ଚ ସୁପର୍ଣ୍ଣାଶ୍ଚ ପୁରୁଷାଶ୍ଚୈବ ଦାମ୍ଭିକାଃ ।
ରକ୍ଷାଂସି ଚ ପିଶାଚାଶ୍ଚ ତାମସୀଷୂତ୍ତମା ଗତିଃ ॥ ୪ ॥

ଝଲ୍ଲା ମଲ୍ଲା ନଟାଶ୍ଚୈବ ପୁରୁଷାଃ ଶସ୍ତ୍ରବୃତ୍ତୟଃ ।
ଦ୍ୟୂତପାନପ୍ରସକ୍ତାଶ୍ଚ ଜଘନ୍ୟା ରାଜସୀ ଗତିଃ ॥ ୫ ॥
ରାଜାନଃ କ୍ଷତ୍ରିୟାଶ୍ଚୈବ ରାଜ୍ଞାଂ ଚୈବ ପୁରୋହିତାଃ ।
ବାଦୟୁଦ୍ଧପ୍ରଧାନାଶ୍ଚ ମଧ୍ୟମା ରାଜସୀ ଗତିଃ ॥ ୬ ॥
ଗନ୍ଧର୍ବା ଗୁହ୍ୟକା ୟକ୍ଷା ବିବୁଧାନୁଚରାଶ୍ଚ ୟେ ।
ତଥୈବାପ୍ସରସଃ ସର୍ବା ରାଜସୀଷୂତ୍ତମା ଗତିଃ ॥ ୭ ॥
ତାପସା ୟତୟୋ ବିପ୍ରା ୟେ ଚ ବୈମାନିକା ଗଣାଃ ।
ନକ୍ଷତ୍ରାଣି ଚ ଦୈତ୍ୟାଶ୍ଚ ପ୍ରଥମା ସାତ୍ତ୍ୱିକୀ ଗତିଃ ॥ ୮ ॥
ୟଜ୍ୱାନ ଋଷୟୋ ଦେବା ବେଦା ଜ୍ୟୋତୀଷିଂ ବତ୍ସରାଃ ।
ପିତରଶ୍ଚୈବ ସାଧ୍ୟାଶ୍ଚ ଦ୍ୱିତୀୟା ସାତ୍ତ୍ୱିକୀ ଗତିଃ ॥ ୯ ॥
ବ୍ରହ୍ମା ବିଶ୍ୱସୃଜୋ ଧର୍ମୋ ମହାନବ୍ୟକ୍ତମେବ ଚ ।
ଉତ୍ତମାଂ ସାତ୍ତ୍ୱିକୀମେତାଂ ଗତିମାହୁର୍ମନୀଷିଣଃ ॥ ୧୦ ॥
ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଧର୍ମସ୍ୟାସେବନେନ ଚ ।
ପାପାନ୍ ସଂୟାନ୍ତି ସଂସାରାନବିଦ୍ୱାଂସୋ ନରାଧମାଃ ॥ ୧୧ ॥

(ମନୁ. ୧୨:୪୦,୪୨-୫୦,୫୨)

ଯେଉଁ ବ୍ୟକ୍ତିମାନେ ସାତ୍ତ୍ୱିକ ସେମାନେ ଦେବ ଅର୍ଥାତ୍ ବିଦ୍ୱାନ୍ ହୋଇଥାନ୍ତି; ଯେଉଁମାନେ ରଜୋଗୁଣ ସମ୍ପନ୍ନ ସେମାନେ ମଧ୍ୟମ ମନୁଷ୍ୟ; ଏବଂ ଯେଉଁମାନେ ତମୋଗୁଣଯୁକ୍ତ ହୋଇଥାନ୍ତି ସେମାନେ ନୀଚ ଗତିକୁ ପ୍ରାପ୍ତ କରିଥାନ୍ତି ॥ ୧ ॥

ଯେଉଁମାନେ ଅତ୍ୟନ୍ତ ତମୋଗୁଣୀ ଅଟନ୍ତି, ସେମାନେ ବୃକ୍ଷାଦି ସ୍ଥାବର, କୃମି-କୀଟ, ମତ୍ସ୍ୟ, ସର୍ପ, କଚ୍ଛପ, ପଶୁ ଓ ମୃଗ ଜନ୍ମ ପାଆନ୍ତି ॥ ୨ ॥

ଯେଉଁମାନେ ମଧ୍ୟମ ତମୋଗୁଣୀ, ସେମାନେ ହାତୀ, ଘୋଡ଼ା, ଶୂଦ୍ର, ମ୍ଳେଚ୍ଛ, ନିନ୍ଦିତ କର୍ମ କରୁଥିବା ବ୍ୟକ୍ତି, ସିଂହ, ବାଘ, ବରାହ ବା ଶୂକର ଜନ୍ମ ପ୍ରାପ୍ତ କରନ୍ତି ॥ ୩ ॥

ଯେଉଁମାନେ ଉତ୍ତମ ତମୋଗୁଣୀ, ସେମାନେ 'ଚାରଣ' ଅର୍ଥାତ୍ କବିତା-ଗୀତ ଆଦି ରଚନା କରି ବ୍ୟକ୍ତିମାନଙ୍କର ପ୍ରଶଂସା କରୁଥିବା ଲୋକ, ସୁନ୍ଦର ପକ୍ଷୀ, 'ଦାମ୍ଭିକ' ପୁରୁଷ ଅର୍ଥାତ୍ ନିଜ ମୁହଁରେ ନିଜ ପ୍ରଶଂସାକାରୀ, 'ରାକ୍ଷସ' ବା ହିଂସକ, 'ପିଶାଚ', ଅନାଚାରୀ ଅର୍ଥାତ୍ ମଦ୍ୟାଦି ସେବନକାରୀ ଓ ମଳିନ ଜନ୍ମ ଲାଭ କରିଥାନ୍ତି ॥ ୪ ॥

ଯେଉଁମାନେ ଅଧମ ରଜୋଗୁଣୀ ସେମାନେ 'ଝଲ୍ଲା' ଅର୍ଥାତ୍ କୋଦାଳରେ ମାଟିହଣା ଲୋକ, 'ମଲ୍ଲା' ଅର୍ଥାତ୍ ନାଉରିଆ, 'ନଟ' ଅର୍ଥାତ୍ ବାଉଁଶ ଆଦି ଉପରେ ଚଢ଼ି ଡ଼େଇଁ-ଝୁଲି କଳା ପ୍ରଦର୍ଶନ କରିବା ଲୋକ; ଶସ୍ତ୍ରଧାରୀ ଭୃତ୍ୟ; ଦ୍ୟୂତ ଓ ମଦ୍ୟପାନରେ ଆସକ୍ତ ହୋଇଥାନ୍ତି ॥ ୫ ॥

ଯେଉଁମାନେ ମଧ୍ୟମ ରଜୋଗୁଣୀ ସେମାନେ ରାଜା, କ୍ଷତ୍ରିୟ ବର୍ଣ୍ଣସ୍ଥ ରାଜାଙ୍କ ପୁରୋହିତ, ତର୍କ-ବିତର୍କକାରୀ, ଦୂତ, ଓକିଲ, ବାରିଷ୍ଟର, ଯୁଦ୍ଧ ବିଭାଗର ଅଧ୍ୟକ୍ଷ ହୋଇଥାନ୍ତି ॥ ୬ ॥

ଯେଉଁମାନେ ଉତ୍ତମ ରଜୋଗୁଣୀ ସେମାନେ (ଗନ୍ଧର୍ବ) ଗାୟକ, (ଗୁହ୍ୟକ) ବାଦକ (ଯକ୍ଷ) ଧନାଢ୍ୟ, ବିଦ୍ୱାନଙ୍କର ସେବକ ଓ ଅପ୍ସରା ଅର୍ଥାତ୍ କମନୀୟ ରୂପବତୀ ନାରୀ ରୂପେ ଜନ୍ମ ଗ୍ରହଣ କରନ୍ତି ॥ ୭ ॥

ତପସ୍ୱୀ, ଯତି-ସନ୍ନ୍ୟାସୀ, ବେଦପାଠୀ, ବୈମାନିକ, ଜ୍ୟୋତୀଷି ଓ 'ଦୈତ୍ୟ' ଅର୍ଥାତ୍ ଦେହପୋଷକ - ଏସବୁ ହେବା ନିକୃଷ୍ଟ ସତ୍ତ୍ୱଗୁଣର ଫଳ ॥ ୮ ॥

ମଧ୍ୟମ ସତ୍ତ୍ୱଗୁଣଯୁକ୍ତ ହୋଇ କର୍ମ କରିବା ଲୋକେ ଯଜ୍ଞକର୍ତ୍ତା, ବେଦାର୍ଥବିତ୍ ବିଦ୍ୱାନ୍, ବେଦ ଓ ବିଦ୍ୟୁତ୍ ଆଦି ଏବଂ କାଳ-ବିଦ୍ୟାର ଜ୍ଞାତା, ରକ୍ଷକ, ଜ୍ଞାନୀ ଓ ସାଧ୍ୟ ଅର୍ଥାତ୍ କାର୍ଯ୍ୟ ସିଦ୍ଧି ନିମନ୍ତେ ବରଣ ଯୋଗ୍ୟ ଅଧ୍ୟାପକ ଜନ୍ମ ପାଇଥାନ୍ତି ॥ ୯ ॥

ଯେଉଁମାନେ ଉତ୍ତମ ସତ୍ତ୍ୱଗୁଣଯୁକ୍ତ ହୋଇ ଉତ୍ତମ କର୍ମ କରନ୍ତି ସେମାନେ 'ବ୍ରହ୍ମା' ଅର୍ଥାତ୍ ସମସ୍ତ ବେଦର ବେତ୍ତା, 'ବିଶ୍ୱସୃଜ୍' ଅର୍ଥାତ୍ ସକଳ ସୃଷ୍ଟିକ୍ରମ ବିଦ୍ୟାକୁ ଜାଣି ବିମାନାଦି ବିବିଧ ଯାନର ନିର୍ମାତା, ଧାର୍ମିକ, ସର୍ବୋତ୍ତମ ବୁଦ୍ଧିମାନ୍ ଓ ଅବ୍ୟକ୍ତର ଜନ୍ମ ଏବଂ ପ୍ରକୃତିବଶିତ୍ୱ ସିଦ୍ଧିକୁ ପ୍ରାପ୍ତ କରିଥାନ୍ତି ॥ ୧୦ ॥

ଯେଉଁମାନେ ଇନ୍ଦ୍ରିୟାଧୀନ ହୋଇ ବିଷୟାସକ୍ତ, ଧର୍ମକୁ ପରିତ୍ୟାଗ କରି ଅଧର୍ମରେ ଆଚରଣକାରୀ, ଅବିଦ୍ୱାନ୍, ସେମାନେ ମନୁଷ୍ୟଙ୍କ ମଧ୍ୟରେ 'ନୀଚଜନ୍ମ' ଅର୍ଥାତ୍ ନିକୃଷ୍ଟ-ନିକୃଷ୍ଟ ଦୁଃଖରୂପକ ଜନ୍ମ ପ୍ରାପ୍ତ କରନ୍ତି ॥ ୧୧ ॥

ଏହିପରି ଭାବେ ସତ୍ତ୍ୱ, ରଜ ଓ ତମୋଗୁଣଯୁକ୍ତ ବେଗରେ ଜୀବ ଯେଉଁ-ଯେଉଁ ପ୍ରକାର କର୍ମ କରେ, ସେହି-ସେହି ପ୍ରକାର ଫଳ ପ୍ରାପ୍ତ କରେ ।

ଯେଉଁମାନେ ମୁକ୍ତି ପାଇବାକୁ ଚାହାନ୍ତି ସେମାନେ ଗୁଣାତୀତ ହୋଇ ଅର୍ଥାତ୍ କୌଣସି ଗୁଣର ସ୍ୱଭାବରେ ଲିପ୍ତ ନ ହୋଇ ମହାଯୋଗୀ ହୋଇ ମୁକ୍ତିର ସାଧନରେ ତତ୍ପର ରହିବା ଉଚିତ । କାରଣ —

ଯୋଗଶ୍ଚିତ୍ତବୃତ୍ତିନିରୋଧଃ ॥ ୧ ॥

ତଦା ଦ୍ରଷ୍ଟୁଃ ସ୍ୱରୂପେଽବସ୍ଥାନମ୍ ॥ ୨ ॥ (ଯୋଗ. ୧:୨,୩)

ମନୁଷ୍ୟ ପ୍ରଥମେ ରଜୋଗୁଣ-ତମୋଗୁଣ-ଯୁକ୍ତ କର୍ମରୁ ମନକୁ ନିରୋଧ କରି ଶୁଦ୍ଧ ସତ୍ତ୍ୱଗୁଣଯୁକ୍ତ ହେବା ଉଚିତ । ତା'ପରେ ଶୁଦ୍ଧ ସତ୍ତ୍ୱଗୁଣଯୁକ୍ତ କର୍ମରୁ ବି ମନକୁ ନିରୋଧ କରି ଏକାଗ୍ର ଅର୍ଥାତ୍ ଏକ ପରମାତ୍ମାଙ୍କଠାରେ ସ୍ଥିର ରଖିବେ । ଧର୍ମଯୁକ୍ତ କର୍ମରେ ବି ଏକାଗ୍ରତା ପୂର୍ବକ ରଖିବେ । ତଦନନ୍ତର 'ନିରୁଦ୍ଧ' ଅର୍ଥାତ୍ ସବୁ ଆଡ଼ରୁ ମନର ବୃତ୍ତିକୁ ନିରୋଧ କରିବେ ॥ ୧ ॥

ଯେତେବେଳେ ଚିତ୍ତ 'ଏକାଗ୍ର' ଓ 'ନିରୁଦ୍ଧ' ହୁଏ ସେତେବେଳେ ଜୀବାତ୍ମା ସମସ୍ତଙ୍କର ଦ୍ରଷ୍ଟା ଈଶ୍ୱରଙ୍କର ସ୍ୱରୂପରେ ଅବସ୍ଥାନ କରେ ॥ ୨ ॥

ଇତ୍ୟାଦି ସାଧନ ମୁକ୍ତି ନିମନ୍ତେ କରିବେ ।

ଅଥ ତ୍ରିବିଧଦୁଃଖାତ୍ୟନ୍ତନିବୃତ୍ତିରତ୍ୟନ୍ତପୁରୁଷାର୍ଥଃ । (ସାଂଖ୍ୟ. ୧:୧)

'ଆଧ୍ୟାତ୍ମିକ' ଅର୍ଥାତ୍ ଶାରୀରିକ ପୀଡ଼ା, 'ଆଧିଭୌତିକ' ଅର୍ଥାତ୍ ଅନ୍ୟ ପ୍ରାଣୀମାନଙ୍କଠାରୁ ମିଳୁଥିବା ଦୁଃଖ ଓ 'ଆଧିଦୈବିକ' ଅର୍ଥାତ୍ ଅତିବୃଷ୍ଟି, ଅତିତାପ, ଅତିଶୀତ ତଥା ମନ-ଇନ୍ଦ୍ରିୟର ଚଞ୍ଚଳତାରୁ ମିଳୁଥିବା ଦୁଃଖ - ଏହି ତ୍ରିବିଧ ଦୁଃଖରୁ ଉଦ୍ଧାର ହୋଇ ମୁକ୍ତି ପାଇବା 'ଅତ୍ୟନ୍ତ ପୁରୁଷାର୍ଥ' ଅଟେ ।

ବିଦ୍ୟା-ଅବିଦ୍ୟା, ବନ୍ଧ-ମୋକ୍ଷ ବିଷୟରେ ଏହା ଲେଖାଗଲା । ଏହା ପରେ ଆଚାର-ଅନାଚାର ଓ ଭକ୍ଷାଭକ୍ଷ୍ୟ ବିଷୟରେ ଲେଖାଯିବ ।

ଇତି ଶ୍ରୀମଦ୍ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତେ ବିଦ୍ୟାଽବିଦ୍ୟାବନ୍ଧମୋକ୍ଷବିଷୟେ
ନବମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୯ ॥

ଅଥ ଦଶମସମୁଲ୍ଲାସାରମ୍ଭଃ

ଅଥାଽଽଚାରାଽନାଚାରଭକ୍ଷ୍ୟାଽଭକ୍ଷ୍ୟବିଷୟାନ୍ ବ୍ୟାଖ୍ୟାସ୍ୟାମଃ

ଧର୍ମଯୁକ୍ତ କର୍ମର ଅନୁଷ୍ଠାନ, ସୁଶୀଳତା, ସତ୍‌ପୁରୁଷଙ୍କ ସଙ୍ଗ ଓ ସଦ୍‌ବିଦ୍ୟା ଶିକ୍ଷାରେ ରୁଚି ଆଦି ଯେଉଁସବୁକୁ **'ଆଚାର'** ବୋଲି କୁହାଯାଏ ଏବଂ ଏସବୁର ବିପରୀତ ଯେଉଁଗୁଡ଼ିକୁ **'ଅନାଚାର'** କହନ୍ତି, ବର୍ତ୍ତମାନ ସେଗୁଡ଼ିକ ସମ୍ପର୍କରେ ଲେଖାଯାଉଛି —

ବିଦ୍ୱଦ୍‌ଭିଃ ସେବିତଃ ସଦ୍‌ଭିର୍ନିତ୍ୟମଦ୍ୱେଷରାଗିଭିଃ ।
ହୃଦୟେନାଭ୍ୟନୁଜ୍ଞାତୋ ଯୋ ଧର୍ମସ୍ତନ୍ନିବୋଧତ ॥ ୧ ॥
କାମାତ୍ମନା ନ ପ୍ରଶସ୍ତା ନ ଚୈବେହାସ୍ତ୍ୟକାମତା ।
କାମ୍ୟୋ ହି ବେଦାଧିଗମଃ କର୍ମଯୋଗଶ୍ଚ ବୈଦିକଃ ॥ ୨ ॥
ସଙ୍କଳ୍ପମୂଳଃ କାମୋ ବୈ ଯଜ୍ଞାଃ ସଙ୍କଳ୍ପସମ୍ଭବାଃ ।
ବ୍ରତାନି ଯମଧର୍ମାଶ୍ଚ ସର୍ବେ ସଙ୍କଳ୍ପଜାଃ ସ୍ମୃତାଃ ॥ ୩ ॥
ଅକାମସ୍ୟ କ୍ରିୟା କାଚିଦ୍ ଦୃଶ୍ୟତେ ନେହ କର୍ହିଚିତ୍ ।
ଯଦ୍ୟଦ୍ଧି କୁରୁତେ କିଞ୍ଚିତ୍ ତତ୍ତତ୍‌କାମସ୍ୟ ଚେଷ୍ଟିତମ୍ ॥ ୪ ॥
ବେଦୋଽଖିଲୋ ଧର୍ମମୂଳଂ ସ୍ମୃତିଶୀଲେ ଚ ତଦ୍ୱିଦାମ୍ ।
ଆଚାରଶ୍ଚୈବ ସାଧୂନାମାତ୍ମନସ୍ତୁଷ୍ଟିରେବ ଚ ॥ ୫ ॥
ସର୍ବଂ ତୁ ସମବେକ୍ଷ୍ୟେଦଂ ନିଖିଳଂ ଜ୍ଞାନଚକ୍ଷୁଷା ।
ଶ୍ରୁତିପ୍ରାମାଣ୍ୟତୋ ବିଦ୍ୱାନ୍ ସ୍ୱଧର୍ମେ ନିବିଶେତ ବୈ ॥ ୬ ॥
ଶ୍ରୁତିସ୍ମୃତ୍ୟୁଦିତଂ ଧର୍ମମନୁତିଷ୍ଠନ୍ ହି ମାନବଃ ।
ଇହ କୀର୍ତ୍ତିମବାପ୍ନୋତି ପ୍ରେତ୍ୟ ଚାନୁତ୍ତମଂ ସୁଖମ୍ ॥ ୭ ॥
ଶ୍ରୁତିସ୍ତୁ ବେଦୋ ବିଜ୍ଞେୟୋ ଧର୍ମଶାସ୍ତ୍ରଂ ତୁ ବୈ ସ୍ମୃତିଃ ।
ତେ ସର୍ବାର୍ଥେଷ୍ୱମୀମାଂସ୍ୟେ ତାଭ୍ୟାଂ ଧର୍ମୋ ହି ନିର୍ବଭୌ ॥ ୮ ॥
ଯୋଽବମନ୍ୟେତ ତେ ମୂଳେ ହେତୁଶାସ୍ତ୍ରାଶ୍ରୟାଦ୍ ଦ୍ୱିଜଃ ।
ସ ସାଧୁଭିର୍ବହିଷ୍କାର୍ୟୋ ନାସ୍ତିକୋ ବେଦନିନ୍ଦକଃ ॥ ୯ ॥
ବେଦଃ ସ୍ମୃତିଃ ସଦାଚାରଃ ସ୍ୱସ୍ୟ ଚ ପ୍ରିୟମାତ୍ମନଃ ।
ଏତଚ୍ଚତୁର୍ବିଧଂ ପ୍ରାହୁଃ ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣମ୍ ॥ ୧୦ ॥

ଅର୍ଥକାମେଷ୍ୱସକ୍ତାନାଂ ଧର୍ମଜ୍ଞାନଂ ବିଧୀୟତେ ।
ଧର୍ମଂ ଜିଜ୍ଞାସମାନାନାଂ ପ୍ରମାଣଂ ପରମଂ ଶ୍ରୁତିଃ ॥ ୧୧ ॥
ବୈଦିକୈଃ କର୍ମଭିଃ ପୁଣ୍ୟୈର୍ନିଷେକାଦିର୍ଦ୍ୱିଜନ୍ମନାମ୍ ।
କାର୍ଯ୍ୟଃ ଶରୀରସଂସ୍କାରଃ ପାବନଃ ପ୍ରେତ୍ୟ ଚେହ ଚ ॥ ୧୨ ॥
କେଶାନ୍ତଃ ଷୋଡ଼ଶେ ବର୍ଷେ ବ୍ରାହ୍ମଣସ୍ୟ ବିଧୀୟତେ ।
ରାଜନ୍ୟବନ୍ଧୋର୍ଦ୍ୱାବିଂଶେ ବୈଶ୍ୟସ୍ୟ ଦ୍ୱ୍ୟଧିକେ ତତଃ ॥ ୧୩ ॥

(ମନୁ. ୨:୧-୪,୬,୮-୧୩,୨୬,୬୫)

ମନୁଷ୍ୟ ସର୍ବଦା ଏକଥା ମନେରଖିବା ଉଚିତ ଯେ ରାଗ-ଦ୍ୱେଷ ରହିତ ବିଦ୍ୱାନ୍‌ମାନେ ଯାହାକୁ ସର୍ବଦା ସେବନ କରନ୍ତି, 'ହୃଦୟ' ଅର୍ଥାତ୍ ଆତ୍ମାରେ ଯାହାକୁ ସତ୍ୟ-କର୍ତ୍ତବ୍ୟ ବୋଲି ଜାଣନ୍ତି, ତାହା ହିଁ ମାନନୀୟ ଓ କରଣୀୟ ଧର୍ମ ଅଟେ ॥ ୧ ॥

ଏହି ସଂସାରରେ ଅତ୍ୟନ୍ତ ସକାମତା କିମ୍ବା ଏକାନ୍ତ ନିଷ୍କାମତା କୌଣସିଟି ଶ୍ରେଷ୍ଠ ନୁହେଁ । କାରଣ କାମନା ଦ୍ୱାରା ହିଁ ବେଦାର୍ଥ-ଜ୍ଞାନ ଓ ବେଦୋକ୍ତ-କର୍ମ ସାଧିତ ହୋଇଥାଏ ॥ ୨ ॥

ଯଦି କେହି କହେ କି ମୁଁ ଇଚ୍ଛାରହିତ ଓ ନିଷ୍କାମ ଅଟେ, କିମ୍ବା ହୋଇଯିବି, ତେବେ ତାହା କଦାପି ସମ୍ଭବ ନୁହେଁ । କାରଣ ଯଜ୍ଞ, ସତ୍ୟଭାଷଣାଦି ବ୍ରତ, ଯମ-ନିୟମ ରୂପୀ ଧର୍ମ ଆଦି ସବୁ କାମ ଅର୍ଥାତ୍ ସଙ୍କଳ୍ପ ଦ୍ୱାରା ହିଁ ସମ୍ପନ୍ନ ହୋଇଥାଏ ॥ ୩ ॥

ହସ୍ତ, ପାଦ, ନେତ୍ର, ମନ, ଆଦି ଦ୍ୱାରା ଯାହା ବି କ୍ରିୟା କରାଯାଏ, ସେ ସବୁ କାମନା ଦ୍ୱାରା ହିଁ ସମ୍ପାଦିତ ହୁଏ । ଯଦି ଇଚ୍ଛା ନ କରାଯାଏ, ତେବେ ଆଖି ଖୋଲିବା ଓ ବନ୍ଦ କରିବା କାମ ବି ହୋଇପାରେ ନାହିଁ ॥ ୪ ॥

ଏଣୁ ସମ୍ପୂର୍ଣ୍ଣ ବେଦ, ମନୁସ୍ମୃତି ଓ ଋଷିପ୍ରଣୀତ ଶାସ୍ତ୍ର, ସତ୍‌ପୁରୁଷଙ୍କ ଆଚରଣର ଅନୁକୂଳ ଏବଂ ନିଜର ଆତ୍ମା ପ୍ରସନ୍ନ ରହୁଥିବା ଭଳି କାର୍ଯ୍ୟ ଅର୍ଥାତ୍ ଆତ୍ମାରେ ଭୟ, ଶଙ୍କା, ଲଜ୍ଜା ଜାଗ୍ରତ ହେଉନଥିବା କାର୍ଯ୍ୟ କରିବା ଉଚିତ । ଦେଖ, ଯେତେବେଳେ କେହି ମିଥ୍ୟାଭାଷଣ, ଚୋରି ଆଦି ମନ୍ଦ କର୍ମ କରିବାକୁ ଇଚ୍ଛା କରେ, ସେତେବେଳେ ତା' ଆତ୍ମାରେ ଭୟ, ଶଙ୍କା, ଲଜ୍ଜା ନିଶ୍ଚିତ ଉତ୍ପନ୍ନ ହୁଏ । ତେଣୁ ସେପରି କର୍ମ କରିବା ଉଚିତ ନୁହେଁ ॥ ୫ ॥

ମନୁଷ୍ୟ ସମ୍ପୂର୍ଣ୍ଣ ଶାସ୍ତ୍ର, ବେଦ ଓ ସତ୍‌ପୁରୁଷଙ୍କ ଆଚରଣର ଅନୁକୂଳ ଏବଂ ସ୍ୱ ଆତ୍ମାର ଅବିରୁଦ୍ଧ - ଏ ଚାରୋଟି ଆଧାରରେ ଉତ୍ତମ ରୂପେ ବିଚାର କରି, ଜ୍ଞାନଚକ୍ଷୁରେ ଦେଖି, ଶ୍ରୁତିପ୍ରମାଣାନୁସାରେ ସ୍ୱ-ଆତ୍ମାନୁକୂଳ ଧର୍ମ ଆଚରଣ କରିବା ଉଚିତ ॥ ୬ ॥

କାରଣ ଯେଉଁ ବ୍ୟକ୍ତି ବେଦୋକ୍ତ-ଧର୍ମ ଓ ବେଦାନୁକୂଳ ସ୍ମୃତି ପ୍ରତିପାଦିତ ଧର୍ମର ଅନୁଷ୍ଠାନ କରେ, ସେ ଇହଲୋକରେ କୀର୍ତ୍ତି ଓ ପରଲୋକରେ ସର୍ବୋତ୍ତମ ସୁଖ ଲାଭ କରେ ॥ ୭ ॥

ବେଦକୁ **'ଶ୍ରୁତି'** ଓ ଧର୍ମଶାସ୍ତ୍ରକୁ **'ସ୍ମୃତି'** କୁହାଯାଏ । ଏ ଉଭୟ ଦ୍ୱାରା ସକଳ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ନିର୍ଣ୍ଣୟ କରିବା ଉଚିତ ॥ ୮ ॥

ଯେଉଁ ବ୍ୟକ୍ତି ବେଦ ଓ ବେଦାନୁକୂଳ ଆପ୍ତଗ୍ରନ୍ଥର ଅପମାନ କରେ, ତାହାକୁ ଉତ୍ତମ ଲୋକମାନେ ଜାତିଚ୍ୟୁତ ଅର୍ଥାତ୍ ବର୍ଣ୍ଣ ବା ସମୁଦାୟରୁ ବାହାର କରିଦେବା ଉଚିତ । କାରଣ **ବେଦନିନ୍ଦକ ବ୍ୟକ୍ତିକୁ ହିଁ ନାସ୍ତିକ କୁହାଯାଏ** ॥ ୯ ॥

ଅତଏବ ବେଦ, ସ୍ମୃତି, ସତ୍ପୁରୁଷଙ୍କ ଆଚରଣ ଓ ସ୍ୱ-ଆତ୍ମାର ଜ୍ଞାନର ଅବିରୁଦ୍ଧ ପ୍ରିୟାଚରଣ - ଏ ଚାରୋଟି **ଧର୍ମର ଲକ୍ଷଣ** ଅର୍ଥାତ୍ ଏ ଚାରୋଟି ଦ୍ୱାରା ଧର୍ମ ନିରୂପିତ ହୋଇଥାଏ ॥ ୧୦ ॥

ଯେଉଁମାନେ ଧନଦ୍ରବ୍ୟର ଲୋଭ ଏବଂ କାମ ଅର୍ଥାତ୍ ବିଷୟଭୋଗ ଏ ଦୁଇଟିରେ ଆସକ୍ତ ନୁହଁନ୍ତି, ସେମାନଙ୍କୁ ହିଁ ଧର୍ମର ଜ୍ଞାନ ହୋଇଥାଏ। **ଯେଉଁମାନେ ଧର୍ମର ସ୍ୱରୂପକୁ ଜାଣିବାକୁ ଇଚ୍ଛା କରନ୍ତି, ସେମାନଙ୍କ ପାଇଁ ଧର୍ମ ନିରୂପଣ ସକାଶେ ବେଦ ହିଁ ପରମ ପ୍ରମାଣ** ॥ ୧୧ ॥

ଏଇଥି ପାଇଁ ବେଦୋକ୍ତ ପୁଣ୍ୟରୂପକ ସଂସ୍କାର କର୍ମ ଦ୍ୱାରା ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନେ ନିଜ-ନିଜ ସନ୍ତାନମାନଙ୍କର ନିଷେକାଦି ସଂସ୍କାର କରିବା ଉଚିତ, ଯାହାକି ଇହଜନ୍ମ ଓ ପରଜନ୍ମରେ ପବିତ୍ରତା ସମ୍ପାଦନକାରୀ ଅଟେ ॥ ୧୨ ॥

ବ୍ରାହ୍ମଣ ପରିବାରରେ ଜନ୍ମିତ ସନ୍ତାନର ଷୋହଳ ବର୍ଷରେ, କ୍ଷତ୍ରିୟର ବାଇଶ ବର୍ଷରେ ଓ ବୈଶ୍ୟର ଚବିଶ ବର୍ଷରେ 'କେଶାନ୍ତ କର୍ମ' ଅର୍ଥାତ୍ କ୍ଷୌର, ମୁଣ୍ଡନ ହୋଇଯିବା ଉଚିତ। ଏହି ବିଧି ପରେ କେବଳ ଶିଖା ରଖି ବାକି ଦାଢ଼ି, ନିଶ ଓ ମୁଣ୍ଡର ବାଳ ନିୟମିତ କାଟୁଥିବା ଉଚିତ। ପୁଣି ଥରେ ନ ରଖିବା ଉଚିତ। ଆଉ ଶୀତପ୍ରଧାନ ଦେଶରେ ଇଚ୍ଛାନୁସାରେ ଏସବୁ ରଖାଯାଇପାରେ। ଅତି ଉଷ୍ଣ ଦେଶରେ ଶିଖାସହିତ ସବୁ କେଶ କର୍ତ୍ତନ କରାଇବା ଉଚିତ। କାରଣ ମୁଣ୍ଡରେ ବାଳ ରହିଲେ ଉଷ୍ଣତା ଅଧିକ ରହେ ଏବଂ ତଦ୍ଦ୍ୱାରା ବୁଦ୍ଧି କମ୍ ହୋଇଯାଏ। ପୁଣି ନିଶ-ଦାଢ଼ି ରଖିଲେ ଖାଇବା-ପିଇବାରେ ଅସୁବିଧା ହୁଏ ଏବଂ ଅଇଁଠା ମଧ୍ୟ ନିଶ-ଦାଢ଼ିରେ ଲାଗି ରହିଯାଇପାରେ ॥ ୧୩ ॥

ଇନ୍ଦ୍ରିୟାଣାଂ ବିଚରତାଂ ବିଷୟେଷ୍ୱପହାରିଷୁ।
ସଂୟମେ ଯତ୍ନମାତିଷ୍ଠେଦ୍ବିଦ୍ୱାନ୍ ଯନ୍ତେବ ବାଜିନାମ୍ ॥ ୧ ॥
ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ୍।
ସନ୍ନିୟମ୍ୟ ତୁ ତାନ୍ୟେବ ତତଃ ସିଦ୍ଧିଂ ନିୟଚ୍ଛତି ॥ ୨ ॥
ନ ଜାତୁ କାମଃ କାମାନାମୁପଭୋଗେନ ଶାମ୍ୟତି।
ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ ॥ ୩ ॥
ବେଦାସ୍ତ୍ୟାଗଶ୍ଚ ଯଜ୍ଞାଶ୍ଚ ନିୟମାଶ୍ଚ ତପାଂସି ଚ।
ନ ବିପ୍ରଦୁଷ୍ଟଭାବସ୍ୟ ସିଦ୍ଧିଂ ଗଚ୍ଛନ୍ତି କର୍ହିଚିତ୍ ॥ ୪ ॥
ବଶେ କୃତ୍ୱେନ୍ଦ୍ରିୟଗ୍ରାମଂ ସଂୟମ୍ୟ ଚ ମନସ୍ତଥା।
ସର୍ବାନ୍ ସଂସାଧୟେଦର୍ଥାନକ୍ଷିଣ୍ୱନ୍ ଯୋଗତସ୍ତନୁମ୍ ॥ ୫ ॥
ଶ୍ରୁତ୍ୱା ସ୍ପୃଷ୍ଟ୍ୱା ଚ ଦୃଷ୍ଟ୍ୱା ଚ ଭୁକ୍ତ୍ୱା ଘ୍ରାତ୍ୱା ଚ ଯୋ ନରଃ।
ନ ହୃଷ୍ୟତି ଗ୍ଲାୟତି ବା ସ ବିଜ୍ଞେୟୋ ଜିତେନ୍ଦ୍ରିୟଃ ॥ ୬ ॥
ନାପୃଷ୍ଟଃ କସ୍ୟଚିଦ୍ ବ୍ରୂୟାନ୍ନ ଚାନ୍ୟାୟେନ ପୃଚ୍ଛତଃ।
ଜାନନ୍ନପି ହି ମେଧାବୀ ଜଡ଼ବଲ୍ଲୋକ ଆଚରେତ୍ ॥ ୭ ॥

ବିତ୍ତଂ ବନ୍ଧୁର୍ବୟଃ କର୍ମ ବିଦ୍ୟା ଭବତି ପଞ୍ଚମୀ ।
ଏତାନି ମାନ୍ୟସ୍ଥାନାନି ଗରୀୟୋ ଯଦ୍ୟଦୁତ୍ତରମ୍ ॥ ୮ ॥
ଅଜ୍ଞୋ ଭବତି ବୈ ବାଲଃ ପିତା ଭବତି ମନ୍ତ୍ରଦଃ ।
ଅଜ୍ଞଂ ହି ବାଲମିତ୍ୟାହୁଃ ପିତେତ୍ୟେବ ତୁ ମନ୍ତ୍ରଦମ୍ ॥ ୯ ॥
ନ ହାୟନୈର୍ନ ପଲିତୈର୍ନ ବିତ୍ତେନ ନ ବନ୍ଧୁଭିଃ ।
ଋଷୟଶ୍ଚକ୍ରିରେ ଧର୍ମଂ ୟୋଽନୂଚାନଃ ସ ନୋ ମହାନ୍ ॥ ୧୦ ॥
ବିପ୍ରାଣାଂ ଜ୍ଞାନତୋ ଜ୍ୟୈଷ୍ଠ୍ୟଂ କ୍ଷତ୍ରିୟାଣାଂ ତୁ ବୀର୍ୟତଃ ।
ବୈଶ୍ୟାନାଂ ଧାନ୍ୟଧନତଃ ଶୂଦ୍ରାଣାମେବ ଜନ୍ମତଃ ॥ ୧୧ ॥
ନ ତେନ ବୃଦ୍ଧୋ ଭବତି ୟେନାସ୍ୟ ପଲିତଂ ଶିରଃ ।
ୟୋ ବୈ ୟୁବାପ୍ୟଧୀୟାନସ୍ତଂ ଦେବାଃ ସ୍ଥବିରଂ ବିଦୁଃ ॥ ୧୨ ॥
ୟଥା କାଷ୍ଠମୟୋ ହସ୍ତୀ ୟଥା ଚର୍ମମୟୋ ମୃଗଃ ।
ୟଶ୍ଚ ବିପ୍ରୋଽନଧୀୟାନସ୍ତ୍ରୟସ୍ତେ ନାମ ବିଭ୍ରତି ॥ ୧୩ ॥
ଅହିଂସୟୈବ ଭୂତାନାଂ କାର୍ୟଂ ଶ୍ରେୟୋଽନୁଶାସନମ୍ ।
ବାକ୍ ଚୈବ ମଧୁରା ଶ୍ଲକ୍ଷ୍ଣ୍ୟା ପ୍ରୟୋଜ୍ୟା ଧର୍ମମିଚ୍ଛତା ॥ ୧୪ ॥

(ମନୁ. ୨:୮୮,୯୩,୯୪,୯୭,୧୦୦,୯୮,୧୧୦,୧୩୬,୧୫୩-୧୫୬, ୧୫୯)

ମନୁଷ୍ୟର ଏହା ପ୍ରମୁଖ କର୍ତ୍ତବ୍ୟ ଯେ ମନକୁ ଚିତ୍ତାକର୍ଷକ ବିଷୟରେ ପ୍ରବୃତ୍ତ କରାଉଥିବା ଇନ୍ଦ୍ରିୟଗୁଡ଼ିକୁ ନିରୋଧ କରିବା ପାଇଁ ପ୍ରଯତ୍ନ କରିବା । ସାରଥି ଘୋଡ଼ାମାନଙ୍କୁ ନିୟନ୍ତ୍ରଣରେ ରଖି ଯେପରି ସୁପଥରେ ଚଳାଏ, ସେହିପରି ଇନ୍ଦ୍ରିୟଗୁଡ଼ିକୁ ନିଜ ବଶରେ ରଖି ଅଧର୍ମମାର୍ଗରୁ ହଟେଇ ଧର୍ମମାର୍ଗରେ ପରିଚାଳିତ କରିବା ଉଚିତ ॥ ୧ ॥

କାରଣ ଇନ୍ଦ୍ରିୟଗୁଡ଼ିକୁ ବିଷୟାସକ୍ତିରେ ଓ ଅଧର୍ମମାର୍ଗରେ ପରିଚାଳିତ କରିବା ଦ୍ୱାରା ମନୁଷ୍ୟ ନିଶ୍ଚିତ ରୂପେ ଦୋଷଯୁକ୍ତ ହୋଇଥାଏ । ଆଉ ଯେତେବେଳେ ଇନ୍ଦ୍ରିୟଗୁଡ଼ିକୁ ଜୟ କରି ଏସବୁକୁ ଧର୍ମମାର୍ଗରେ ପରିଚାଳିତ କରେ, ସେତେବେଳେ ବ୍ୟକ୍ତି ଅଭୀଷ୍ଟ ସିଦ୍ଧି କରିଥାଏ ॥ ୨ ॥

ଏହା ନିଶ୍ଚିତ ଯେ ନିଆଁରେ କାଠ ଓ ଘିଅ ପକାଇଲେ ଅଗ୍ନି ଯେପରି ବଢ଼ିଚାଲିଥାଏ, ସେହିପରି କାମ୍ୟ ପଦାର୍ଥର ଉପଭୋଗ ଦ୍ୱାରା କାମନା କେବେ ବି ଶାନ୍ତ ହୁଏ ନାହିଁ, ବରଂ ଉତ୍ତରୋତ୍ତର ବଢ଼ିଚାଲେ । ଏଣୁ ମନୁଷ୍ୟ କେବେ ହେଁ ବିଷୟାସକ୍ତ ନ ହେବା ଉଚିତ ॥ ୩ ॥

ଯିଏ ଅଜିତେନ୍ଦ୍ରିୟ ବ୍ୟକ୍ତି, ତାକୁ **'ବିପ୍ରଦୁଷ୍ଟ'** କୁହାଯାଏ । ତାହାର ବେଦାଧ୍ୟୟନ, ତ୍ୟାଗ, ଯଜ୍ଞ, ନିୟମ ଓ ଧର୍ମାଚରଣ ଆଦି କୌଣସି କର୍ମ ସଫଳ ହୁଏ ନାହିଁ । ଜିତେନ୍ଦ୍ରିୟ, ଧାର୍ମିକ ବ୍ୟକ୍ତିର ହିଁ ଏ ସକଳ କର୍ମ ସଫଳ ହୋଇଥାଏ ॥ ୪ ॥

ଏଣୁ ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ମନ - ଏହି ଏଗାରଟିକୁ ନିଜ ଆୟତ୍ତରେ ରଖି, ଯୁକ୍ତାହାର-ବିହାର ପୂର୍ବକ ଯୋଗ ଦ୍ୱାରା ଶରୀରକୁ ସୁରକ୍ଷିତ ରଖିବା ସହ ସକଳ ଅର୍ଥ ସିଦ୍ଧ କରିବା ଉଚିତ ॥ ୫ ॥

ଯେଉଁ ବ୍ୟକ୍ତି ପ୍ରଶଂସା ଶୁଣି ହର୍ଷିତ କି ନିନ୍ଦା ଶୁଣି ଶୋକଗ୍ରସ୍ତ, ଉତ୍ତମ ପଦାର୍ଥ ସ୍ପର୍ଶରେ ସୁଖୀ ଓ ନିକୃଷ୍ଟ ପଦାର୍ଥ ସ୍ପର୍ଶରେ ଦୁଃଖୀ, ସୁନ୍ଦର ରୂପ ଦେଖି ପ୍ରସନ୍ନ କି କୁତ୍ସିତ ରୂପ ଦେଖି ଅପ୍ରସନ୍ନ, ଉତ୍ତମ ଭୋଜନ ପାଇ ଆନନ୍ଦିତ ଓ ନିକୃଷ୍ଟ ଭୋଜନ ପାଇ ଦୁଃଖିତ, ସୁଗନ୍ଧ ଲାଭରେ ମୁଗ୍ଧ କି ଦୁର୍ଗନ୍ଧରେ ବ୍ୟଥିତ ହୁଏ ନାହିଁ, ତାକୁ **'ଜିତେନ୍ଦ୍ରିୟ'** କହନ୍ତି ॥ ୬ ॥

କେହି ନ ପଚାରିଲେ କିଛି କହିବା ଉଚିତ ନୁହେଁ କି ଅନ୍ୟାୟରେ ଅର୍ଥାତ୍ କପଟପୂର୍ବକ ପଚାରିଲେ ତାକୁ ଉତ୍ତର ଦେବା ଉଚିତ ନୁହେଁ । ସବୁ ଜାଣିଥିଲେ ମଧ୍ୟ ବୁଦ୍ଧିମାନ୍ ବ୍ୟକ୍ତି ଏମାନଙ୍କ ଆଗରେ ଜଡ଼ ଭଳି ରହିବା ଉଚିତ । ଆଉ ଯିଏ ନିଷ୍କପଟ ଓ ଜିଜ୍ଞାସୁ, ନ ପଚାରିଲେ ମଧ୍ୟ ସେମାନଙ୍କୁ ଉପଦେଶ ଦେବା ଉଚିତ ॥ ୭ ॥

୧. ଧନ, ୨. ବନ୍ଧୁ-କୁଟୁମ୍ବ-କୁଳ, ୩. ଅବସ୍ଥା, ୪. ଉତ୍ତମ କର୍ମ ଓ ୫. ଶ୍ରେଷ୍ଠ ବିଦ୍ୟା - ଏ ପାଞ୍ଚୋଟି ସମ୍ମାନ ପ୍ରଦାନର ସ୍ଥାନ ବା ଆଧାର । କିନ୍ତୁ ଏ ସବୁ ଭିତରେ ଧନଠାରୁ ଉତ୍ତମ ବନ୍ଧୁ, ବନ୍ଧୁ ଅପେକ୍ଷା ଅଧିକ ବୟସ, ବୟସ ଅପେକ୍ଷା ଶ୍ରେଷ୍ଠ କର୍ମ ଏବଂ କର୍ମ ଅପେକ୍ଷା ପବିତ୍ର ବିଦ୍ୟାସମ୍ପନ୍ନ ବ୍ୟକ୍ତି ଉତ୍ତରୋତ୍ତର ଅଧିକ ସମ୍ମାନନୀୟ ହୋଇଥାନ୍ତି ॥ ୮ ॥

ଶତାୟୁ ବୃଦ୍ଧ ହୋଇଥିଲେ ସୁଦ୍ଧା ଯିଏ ବିଦ୍ୟା-ବିଜ୍ଞାନରହିତ, ସେ **'ବାଳକ'** ସମାନ ଏବଂ ଯିଏ ବିଦ୍ୟା-ବିଜ୍ଞାନର ଦାତା, ସିଏ ବାଳକ ହୋଇଥିଲେ ମଧ୍ୟ ତାକୁ **'ବୃଦ୍ଧ'** ବୋଲି ମାନିବା ଉଚିତ । କାରଣ ସମସ୍ତ ଶାସ୍ତ୍ର, ଆପ୍ତ-ବିଦ୍ୱାନ୍ ଅଜ୍ଞାନୀକୁ 'ବାଳକ' ଓ ଜ୍ଞାନୀକୁ 'ପିତା' ବୋଲି କହିଥାନ୍ତି ॥ ୯ ॥

ଅଧିକ ବୟସ୍କ ହୋଇଗଲେ, ମୁଣ୍ଡର ବାଳ ଧଳା ହୋଇଗଲେ, ଅଧିକ ଧନ ଥିଲେ କିମ୍ବା ବଡ଼ କୁଟୁମ୍ବର ଅଧିକାରୀ ହୋଇଗଲେ ମନୁଷ୍ୟ ଯଥାର୍ଥତଃ 'ବୃଦ୍ଧ' ବୋଲି କଥିତ ହୋଇଯାଏ ନାହିଁ । ଋଷି-ମହାତ୍ମାଙ୍କର ଏହା ହିଁ ନିର୍ଣ୍ଣୟ ଯେ ମନୁଷ୍ୟମାନଙ୍କ ମଧ୍ୟରେ ଯିଏ ବିଦ୍ୟା-ବିଜ୍ଞାନରେ ଶ୍ରେଷ୍ଠ, ତାକୁ ହିଁ ବାସ୍ତବରେ 'ବୃଦ୍ଧ' କୁହାଯାଏ ॥ ୧୦ ॥

ବ୍ରାହ୍ମଣ ଜ୍ଞାନ ଆଧାରରେ, କ୍ଷତ୍ରିୟ ବଳ ଆଧାରରେ, ବୈଶ୍ୟ ଧନ-ଧାନ୍ୟ ଆଧାରରେ ଏବଂ ଶୂଦ୍ର ଜନ୍ମ ଦ୍ୱାରା ଅର୍ଥାତ୍ ଅଧିକ ବୟସ ଆଧାରରେ 'ବୃଦ୍ଧ' ବୋଲି ବିବେଚିତ ହୋଇଥାଏ ॥ ୧୧ ॥

ଶିରର କେଶ ଶୁକ୍ଳ ହେଲେ ବ୍ୟକ୍ତି 'ବୃଦ୍ଧ' ହୋଇଯାଏ ନାହିଁ, ବରଂ ଯୁବକ ହୋଇ ମଧ୍ୟ ଯିଏ ବିଦ୍ୟାର ଅଧିକାରୀ, ତାହାକୁ ବିଦ୍ୱାନମାନେ 'ବଡ଼' ବୋଲି କହନ୍ତି ॥ ୧୨ ॥

କାଠରେ ତିଆରି ହାତୀ, ଚମଡ଼ାରେ ନିର୍ମିତ ମୃଗ ଯେପରି କେବଳ ନାମକୁ ମାତ୍ର ହାତୀ ଓ ମୃଗ; ସେହିପରି ବିଦ୍ୟା-ବିହୀନ ମନୁଷ୍ୟ ଜଗତରେ ନାମକୁ ମାତ୍ର ମଣିଷ ବୋଲି ପରିଚିତ ॥ ୧୩ ॥

ଏଣୁ ବିଦ୍ୟାଧ୍ୟୟନ କରି ବିଦ୍ୱାନ୍, ଧର୍ମାତ୍ମା ହୋଇ, ବୈରଭାବ ତ୍ୟାଗପୂର୍ବକ ସବୁ ପ୍ରାଣୀଙ୍କ କଲ୍ୟାଣର ଉପଦେଶ ଦେବା ଉଚିତ । **ଉପଦେଶ କାଳରେ ବାଣୀ ମଧୁର ଓ କୋମଳ କରିବା ବିଧେୟ । ଯେଉଁମାନେ ସତ୍ୟୋପଦେଶ ଦ୍ୱାରା ଧର୍ମର ବୃଦ୍ଧି ଓ ଅଧର୍ମର ବିନାଶ କରନ୍ତି, ସେମାନେ ଧନ୍ୟ ଅଟନ୍ତି ॥ ୧୪ ॥**

ପ୍ରତ୍ୟହ ସ୍ନାନ କରିବ; ବସ୍ତ୍ର, ଅନ୍ନ, ପାନ, ସ୍ଥାନ ପ୍ରଭୃତି ସବୁ ସର୍ବଦା ପରିଷ୍କାର-ପରିଚ୍ଛନ୍ନ ରଖିବ । କାରଣ ଏ ସବୁ ଶୁଦ୍ଧ ରହିଲେ ଚିତ୍ତ ଶୁଦ୍ଧ ରହେ ଓ ଆରୋଗ୍ୟତା ଲାଭ ହୋଇ ପୁରୁଷାର୍ଥ ବୃଦ୍ଧିପାଏ । ଶୁଚିତା ସେତିକି କରିବା ଆବଶ୍ୟକ ଯେତିକିରେ ମଳ-ଦୁର୍ଗନ୍ଧ ଦୂର ହୋଇଯିବ ।

ଆଚାରଃ ପରମୋ ଧର୍ମଃ ଶ୍ରୁତ୍ୟୁକ୍ତଃ ସ୍ମାର୍ତ୍ତ ଏବ ଚ । (ମନୁ. ୧:୧୦୮)

ସତ୍ୟଭାଷଣାଦି କର୍ମର ଆଚରଣ କରିବା ହିଁ ବେଦ ଓ ସ୍ମୃତିରେ କୁହାଯାଇଥିବା 'ଆଚାର' ଅଟେ ।

ମା ନୋ ବଧୀଃ ପିତରଂ ମୋତ ମାତରମ୍ । (ଯଜୁଃ. ୧୬:୧୫)

ଆଚାର୍ଯ୍ୟ ଉପନୟମାନୋ ବ୍ରହ୍ମଚାରିଣଂ କୃଣୁତେ. । (ଅଥର୍ବ. ୧୧:୫:୩)

ମାତୃଦେବୋ ଭବ । ପିତୃଦେବୋ ଭବ । ଆଚାର୍ଯ୍ୟଦେବୋ ଭବ । ଅତିଥିଦେବୋ ଭବ ।

(ତୈତ୍ତିରୀୟ. ଆର. ୭:୧୧)

ମାତା, ପିତା, ଆଚାର୍ଯ୍ୟ ଓ ଅତିଥିଙ୍କ ସେବା-ସତ୍କାରକୁ ଦେବପୂଜା କୁହାଯାଏ । **ଯେଉଁ-ଯେଉଁ କର୍ମ ଦ୍ୱାରା ଜଗତର ଉପକାର ସାଧିତ ହୁଏ, ସେହି-ସେହି କର୍ମ କରିବା ଏବଂ ଯେଉଁସବୁ କର୍ମ ଦ୍ୱାରା ସଂସାରର ହାନି ହୁଏ, ସେପରି କର୍ମ ପରିତ୍ୟାଗ କରିବା ହିଁ ମନୁଷ୍ୟର ମୁଖ୍ୟ କର୍ତ୍ତବ୍ୟ ।** କେବେ ବି ନାସ୍ତିକ, ଲମ୍ପଟ, ବିଶ୍ୱାସଘାତକ, ଚୋର, ମିଥ୍ୟାବାଦୀ, ସ୍ୱାର୍ଥୀ, କପଟୀ, ଛଳନାକାରୀ ପ୍ରଭୃତି ଦୁଷ୍ଟ ଲୋକଙ୍କ ସଙ୍ଗେ ମିଶିବେ ନାହିଁ । **'ଆପ୍ତ' ଅର୍ଥାତ୍ ସତ୍ୟବାଦୀ, ଧର୍ମାତ୍ମା, ପରୋପକାରପ୍ରିୟ ବ୍ୟକ୍ତିଙ୍କ ସଙ୍ଗ କରିବାର ନାମ 'ଶ୍ରେଷ୍ଠାଚାର' ।**

ପ୍ରଶ୍ନ — ଆର୍ଯ୍ୟାବର୍ତ୍ତର ନିବାସୀ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଗଲେ ସେମାନଙ୍କ ଆଚାର ନଷ୍ଟ ହୋଇଯାଏ, ଏ କଥା ସତ୍ୟ ନା ନାହିଁ?

ଉତ୍ତର — ଏ କଥା ମିଥ୍ୟା । କାରଣ ବାହ୍ୟ ଓ ଆଭ୍ୟନ୍ତର ପବିତ୍ରତା ରକ୍ଷା କରିବା, ସତ୍ୟଭାଷଣାଦି ଆଚରଣ କରିବା ରୂପକ ଯେଉଁ ଆଚାର ଅଛି ସେହି ଆଚାରକୁ ବ୍ୟକ୍ତି ଯେଉଁସ୍ଥାନରେ ବି ପାଳନ କରିବ, ସେଠାରେ ସେ ଆଚାର ଭ୍ରଷ୍ଟ ଓ ଧର୍ମଭ୍ରଷ୍ଟ କେବେ ମଧ୍ୟ ହେବ ନାହିଁ । ଆଉ ଯଦି ଆର୍ଯ୍ୟାବର୍ତ୍ତରେ ରହି ମଧ୍ୟ କେହି ଦୁଷ୍ଟାଚାର କରେ, ତେବେ ତାକୁ ଧର୍ମଭ୍ରଷ୍ଟ ଓ ଆଚାରଭ୍ରଷ୍ଟ କୁହାଯିବ । ଯଦି ବିଦେଶକୁ ଗଲେ ଆଚାରଭ୍ରଷ୍ଟ ହେଉଥାନ୍ତା ତେବେ —

ମେରୋର୍ହରେଷ୍ଟ ଦ୍ୱେ ବର୍ଷେ ବର୍ଷଂ ହୈମବତଂ ତତଃ ।
କ୍ରମେଣୈବ ବ୍ୟତିକ୍ରମ୍ୟ ଭାରତଂ ବର୍ଷମାସଦତ୍ ॥ ୧ ॥
ସ ଦେଶାନ୍ ବିବିଧାନ୍ ପଶ୍ୟନ୍ ଚୀନହୂଣନିଷେବିତାନ୍ ॥ ୨ ॥

(ମହା. ଶାନ୍ତି. ୩୨୫:୧୪,୧୫)

ଏକଦା ବ୍ୟାସଦେବ ନିଜ ପୁତ୍ର ଶୁକଦେବ ଓ ଶିଷ୍ୟଙ୍କ ସହିତ ମେରୁ-ପର୍ବତରେ ବାସ କରୁଥିଲେ । ଦିନେ ଶୁକଦେବ ପିତାଙ୍କୁ ପଚାରିଲେ ଯେ 'ଆତ୍ମବିଦ୍ୟା' ବିଷୟରେ ଆପଣ ଯେତିକି କହିଛନ୍ତି, 'ଆତ୍ମବିଦ୍ୟା' ସେତିକି ହିଁ ଅଟେ ନା ଆଉ ଅଧିକା ଅଛି ? ବ୍ୟାସଦେବ ଜାଣି ସୁଦ୍ଧା ଏହାର ଉତ୍ତର ଦେଲେ ନାହିଁ, କାରଣ ସେ ପୂର୍ବରୁ ଏ ବିଷୟରେ କହିସାରିଥିଲେ । ଅନ୍ୟ ଦ୍ୱାରା ଏ ପ୍ରଶ୍ନର ଉତ୍ତର ଦେଇ ଶୁକଦେବଙ୍କୁ ସଂଶୟରହିତ କରିବା ପାଇଁ ସେ କହିଲେ — 'ହେ ପୁତ୍ର ! ତୁମେ ମିଥିଳା ଯାଇ ରାଜା ଜନକଙ୍କୁ ଏହି ପ୍ରଶ୍ନ ପଚାର । ସେ ଏହାର ଉପଯୁକ୍ତ ଉତ୍ତର ଦେବେ ।' ପିତାଙ୍କର ଏ କଥା ଶୁଣି ଆଚାର୍ଯ୍ୟ ଶୁକଦେବ ମେରୁପର୍ବତରୁ ମିଥିଳାପୁରୀ ଗଲେ । ପୂର୍ବେ ମେରୁ ଅର୍ଥାତ୍ ହିମାଳୟର ଐଶାନ୍ୟ, ଉତ୍ତର ଓ ବାୟବ୍ୟ ଦିଗରେ ଯେଉଁ ଦେଶଗୁଡ଼ିକ ଥିଲା, ସେଗୁଡ଼ିକୁ 'ହରିବର୍ଷ' କୁହାଯାଉଥିଲା । ମାଙ୍କଡ଼ଙ୍କୁ ହରି କୁହାଯାଏ । ସେ ଦେଶର ଅଧିବାସୀ ଏବେ ମଧ୍ୟ ରକ୍ତମୁଖ ବାନର ସହ କିଛି

ସାଦୃଶ୍ୟଯୁକ୍ତ, ପିଙ୍ଗଳବର୍ଣ୍ଣର ନେତ୍ରଧାରୀ ଅଟନ୍ତି । ଯେଉଁ ଦେଶର ନାମ ବର୍ତ୍ତମାନ 'ୟୁରୋପ', ତାକୁ ସଂସ୍କୃତରେ 'ହରିବର୍ଷ' କୁହାଯାଉଥିଲା । ସେ ସବୁ ଦେଶ ଦେଖି-ଦେଖି ଏବଂ 'ହୁଣ'ମାନଙ୍କ ଦେଶକୁ ଦେଖି ଶୁକଦେବ 'ଚୀନ୍' ଦେଶରେ ପହଞ୍ଚିଲେ । ଚୀନ୍‌ରୁ ହିମାଳୟ ଓ ହିମାଳୟରୁ ମିଥିଳାପୁରୀରେ ପହଞ୍ଚିଲେ ।

ତା' ଛଡ଼ା ଶ୍ରୀକୃଷ୍ଣ ଓ ଅର୍ଜୁନ 'ଅଶ୍ୱତରୀ' ବା ଅଗ୍ନିଯାନ ଦ୍ୱାରା 'ପାତାଳ'କୁ ଯାଇ ଯୁଧିଷ୍ଠିର ମହାରାଜଙ୍କ ଯଜ୍ଞ ସକାଶେ ସେଠାରୁ ଉଦ୍ଦାଳକ ଋଷିଙ୍କୁ ଆଣିଥିଲେ । ଧୃତରାଷ୍ଟ୍ରଙ୍କ ବିବାହ 'ଗାନ୍ଧାର' ଦେଶର, ଯାହାକୁ କି ଆଜିକାଲି 'କାନ୍ଦାହାର' କୁହାଯାଉଛି, ସେଠାର ରାଜକନ୍ୟା ଗାନ୍ଧାରୀଙ୍କ ସହ ହୋଇଥିଲା । ମହାରାଜ ପାଣ୍ଡୁଙ୍କର ପତ୍ନୀ ମାଦ୍ରୀ ଆଜିକାଲିର 'ଇରାନ'ର ରାଜକନ୍ୟା ଥିଲେ । ଅର୍ଜୁନଙ୍କ ବିବାହ 'ପାତାଳ'ଦେଶ ବା ଆଜିର 'ଆମେରିକା'ର ରାଜକନ୍ୟା ଉଲୁପୀଙ୍କ ସହ ହୋଇଥିଲା । ଯଦି ପୂର୍ବକାଳରେ ଆର୍ଯ୍ୟାବର୍ତ୍ତର ଲୋକେ ଦେଶ-ଦେଶାନ୍ତର, ଦ୍ୱୀପ-ଦ୍ୱୀପାନ୍ତରକୁ ଯାଉନଥାନ୍ତେ, ତେବେ ସେସବୁ କେମିତି ହୋଇଥାନ୍ତା ?

ସମୁଦ୍ରରେ ଯାତାୟତ କରୁଥିବା ଜଳପୋତ ଉପରେ 'କର' ଧାର୍ଯ୍ୟ କରିବା ବିଷୟକ ଯେଉଁ କଥା ମନୁସ୍ମୃତିରେ ଉଲ୍ଲେଖ କରାଯାଇଛି, ତାହା ମଧ୍ୟ ଆର୍ଯ୍ୟାବର୍ତ୍ତରୁ ଦ୍ୱୀପ-ଦ୍ୱୀପାନ୍ତରକୁ ଯିବା-ଆସିବା ହେଉଥିବା କାରଣରୁ ଲେଖାଅଛି । ପୁଣି ମହାରାଜା ଯୁଧିଷ୍ଠିର ଯେତେବେଳେ ରାଜସୂୟ ଯଜ୍ଞ କରିଥିଲେ, ସେହି ଯଜ୍ଞରେ ସମ୍ମିଳିତ ହେବା ପାଇଁ ପୃଥିବୀର ସବୁ ରାଜାମାନଙ୍କୁ ନିମନ୍ତ୍ରଣ ଦେବା ନିମନ୍ତେ ଭୀମ, ଅର୍ଜୁନ, ନକୁଳ ଓ ସହଦେବ ଚତୁର୍ଦ୍ଦିଗକୁ ଯାଇଥିଲେ । ଯଦି ଅନ୍ୟ ଦେଶକୁ ଯାତ୍ରା କରିବାକୁ ପୂର୍ବକାଳରେ ଦୋଷାବହ ମନେକରାଯାଉଥାନ୍ତା, ତେବେ ସେମାନେ କଦାପି ଯାଇନଥାନ୍ତେ । ଅତଃ ପୂର୍ବକାଳରେ ଆର୍ଯ୍ୟାବର୍ତ୍ତର ନିବାସୀ ବାଣିଜ୍ୟ, ରାଜକାର୍ଯ୍ୟ ଓ ପର୍ଯ୍ୟଟନ ନିମନ୍ତେ ସମଗ୍ର ପୃଥିବୀରେ ଭ୍ରମଣ କରୁଥିଲେ । ଆଜିକାଲି ଜାତି ଚାଲିଯିବା ଓ ଧର୍ମ ନଷ୍ଟ ହୋଇଯିବାର ଯେଉଁ ଭୟ ସୃଷ୍ଟି ହୋଇଛି, ତାହା କେବଳ ମୂର୍ଖଙ୍କ ଅପପ୍ରଚାର ଓ ସମାଜରେ ଅଜ୍ଞାନ ବୃଦ୍ଧି କାରଣରୁ ହୋଇଛି ।

ଯେଉଁମାନେ ଦେଶ-ଦେଶାନ୍ତର ଓ ଦ୍ୱୀପ-ଦ୍ୱୀପାନ୍ତର ଯିବା-ଆସିବାରେ ଶଙ୍କା କରନ୍ତି ନାହିଁ, ସେମାନେ ବିଭିନ୍ନ ଦେଶବାସୀଙ୍କ ସମ୍ପର୍କରେ ଆସିବା, ସେମାନଙ୍କର ରୀତି-ନୀତି ସବୁ ଦେଖିବା, ନିଜ ରାଜ୍ୟ ଓ ବ୍ୟବହାର ବୃଦ୍ଧି କରିବା ଦ୍ୱାରା ନିର୍ଭୀକ, ଶୂରବୀର ହେବାକୁ ଲାଗନ୍ତି ଏବଂ ଉତ୍ତମ ବ୍ୟବହାର ଗ୍ରହଣ, ମନ୍ଦ ଗୁଣ-କର୍ମ ପରିତ୍ୟାଗ କରିବାରେ ତତ୍ପର ହୋଇ ବିଶେଷ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥାନ୍ତି । ଆଶ୍ଚର୍ଯ୍ୟର କଥା ! ମହାଭ୍ରଷ୍ଟ, ମ୍ଳେଚ୍ଛକୁଳୋତ୍ପନ୍ନ, ବେଶ୍ୟା ପ୍ରଭୃତିଙ୍କ ସହ ମିଶିବା ଦ୍ୱାରା ଯଦି କେହି ଆଚାରଭ୍ରଷ୍ଟ, ଧର୍ମହୀନ ହେଉଛନ୍ତି ବୋଲି ମାନୁନାହାନ୍ତି, ଅଥଚ ଦେଶ-ଦେଶାନ୍ତରର ଉତ୍ତମ ବ୍ୟକ୍ତିଙ୍କ ସହ ମିଳାମିଶା କଲେ ଜାତି ଯିବ ଓ ଦୋଷ ହେବ ବୋଲି ମାନିବା କେବଳ ମୂର୍ଖତାପୂର୍ଣ୍ଣ କଥା ନୁହେଁ ତ ଆଉ କ'ଣ ?

ଅବଶ୍ୟ ଏକଥା ଠିକ୍ ଯେ ଯେଉଁମାନେ ମାଂସଭକ୍ଷଣ ଓ ମଦ୍ୟପାନ କରନ୍ତି ସେମାନଙ୍କ ଶରୀର ଓ ବୀର୍ଯ୍ୟାଦି ଧାତୁ ଦୁର୍ଗନ୍ଧ ଆଦି ଦ୍ୱାରା ଦୂଷିତ ହୋଇଥାଏ । ଏଣୁ ସେମାନଙ୍କ ସହ ସଙ୍ଗ ହେବା ଦ୍ୱାରା ଆର୍ଯ୍ୟମାନଙ୍କ ଭିତରେ ମଧ୍ୟ ଏସବୁ କୁଲକ୍ଷଣ ପ୍ରକାଶ ପାଇବା ଆଦୌ ଅସମ୍ଭବ ନୁହେଁ । କିନ୍ତୁ ଏମାନଙ୍କଠାରୁ ଉତ୍ତମ କର୍ମ ଓ ଗୁଣ ଗ୍ରହଣ କରିବାରେ କୌଣସି ଦୋଷ କି ପାପ ନାହିଁ । ଏମାନଙ୍କ ଭିତରେ ଥିବା ମଦ୍ୟପାନାଦି ଦୋଷକୁ ଏମାନଙ୍କ ପାଖରେ ଛାଡ଼ିଦେଇ ଉତ୍ତମ ଗୁଣ ଗ୍ରହଣ କଲେ କୌଣସି ହାନି ନାହିଁ । ଏମାନଙ୍କୁ ଛୁଇଁବା ଓ ଦେଖିବାକୁ ମଧ୍ୟ ମୂର୍ଖମାନେ ପାପ ବୋଲି ଯେତେବେଳେ ମନେକରୁଛନ୍ତି, ତେଣୁ ସେମାନଙ୍କ ସହିତ କେବେ ବି ଯୁଦ୍ଧ କରିପାରିବେ ନାହିଁ;

କାରଣ ଯୁଦ୍ଧ କରିବାକୁ ହେଲେ ସେମାନଙ୍କୁ ଦେଖିବାକୁ ଓ ଛୁଇଁବାକୁ ପଡ଼ିବ ।

ସଜ୍ଜନମାନଙ୍କ ଆଚରଣ ହେଲା ରାଗ, ଦ୍ୱେଷ, ଅନ୍ୟାୟ, ମିଥ୍ୟାଭାଷଣାଦି ଛାଡ଼ି ନିର୍ବୈରତା, ପ୍ରୀତି, ପରୋପକାର ଓ ସଜ୍ଜନତା ଆଦି ଧାରଣ କରିବା । ଆଉ ଏ କଥା ବି ବୁଝିରଖିବା ଉଚିତ ଯେ **ଧର୍ମ ଆମ ଆତ୍ମା ଓ କର୍ତ୍ତବ୍ୟ ସହ ଜଡ଼ିତ । ଯଦି ଆମେ ଉତ୍ତମ କାମ କରୁଛେ, ତେବେ ଆମେ ଦେଶ-ଦେଶାନ୍ତର, ଦ୍ୱୀପ-ଦ୍ୱୀପାନ୍ତର ଯିବାରେ କୌଣସି ଦୋଷ ନାହିଁ । ଦୋଷ ତ ପାପ କର୍ମ କରିବା ଦ୍ୱାରା ଲାଗିଥାଏ ।** କିନ୍ତୁ ଏତିକି କଥା ଜରୁରୀ ଯେ ଯିବା ପୂର୍ବରୁ ବେଦୋକ୍ତ-ଧର୍ମର ନିର୍ଣ୍ଣୟ ଓ ପାଖଣ୍ଡମତର ଖଣ୍ଡନ କରିବା ନିଶ୍ଚିତ ରୂପେ ଶିଖିନେବା ଆବଶ୍ୟକ, ଯଦ୍ଦ୍ୱାରାକି କେହି ଆମକୁ ମିଥ୍ୟା ସିଦ୍ଧାନ୍ତରେ ପରିଚାଳିତ କରିପାରିବେ ନାହିଁ ।

ଦେଶ-ଦେଶାନ୍ତର ଓ ଦ୍ୱୀପ-ଦ୍ୱୀପାନ୍ତରରେ ରାଜସମ୍ପର୍କ ସ୍ଥାପନ ଓ ବାଣିଜ୍ୟ-ବ୍ୟବସାୟ ନ କରି କ'ଣ କେବେ ସ୍ୱଦେଶର ଉନ୍ନତି ସାଧନ ସମ୍ଭବ ? ଯଦି ସ୍ୱଦେଶବାସୀ ସ୍ୱଦେଶରେ ହିଁ ବାଣିଜ୍ୟ-ବ୍ୟବସାୟ କରନ୍ତି ଏବଂ ବିଦେଶୀମାନେ ଆସି ଆମ ଦେଶରେ ବ୍ୟବସାୟ ବା ରାଜତ୍ୱ କରନ୍ତି ତେବେ ଦେଶରେ କେବଳ ଦାରିଦ୍ର୍ୟ ଓ ଦୁଃଖ ବ୍ୟତୀତ ଅନ୍ୟ କିଛି ସମ୍ଭବ ନୁହେଁ ।

ପାଖଣ୍ଡୀ ଲୋକମାନଙ୍କର ଏ ବିଚାର ହେଲା ଯେ ଯଦି ଆମେ ଦେଶବାସୀଙ୍କୁ ବିଦ୍ୟା ପଢ଼ାଇବୁ, ଦେଶ-ଦେଶାନ୍ତର ଯିବାକୁ ଅନୁମତି ଦେବୁ, ତେବେ ଏମାନେ ବୁଦ୍ଧିମାନ୍ ହୋଇ ଆମର ପାଖଣ୍ଡଜାଲରେ ଆଉ ଫସିବେ ନାହିଁ, ଯଦ୍ଦ୍ୱାରା ଆମର ପ୍ରତିଷ୍ଠା ଓ ଜୀବିକା ଉଭୟ ବିନାଶ ହୋଇଯିବ । ଏହି ଆଶଙ୍କାରେ ଏ ପାଖଣ୍ଡୀ ଧର୍ମର ଠିକାଦାର ଦଳ ଭୋଜନ-ଆଚ୍ଛାଦନ ବିଷୟକ ଏତେ ସବୁ କଟକଣା କରିଛନ୍ତି ଯେମିତିକି କେହି ଅନ୍ୟ ଦେଶକୁ ଯାଇନପାରିବ । **ଅବଶ୍ୟ ଏତିକି ଧ୍ୟାନ ରଖିବା ଉଚିତ ଯେ ବିଦେଶକୁ ଗଲେ ମଧ୍ୟ ମଦ୍ୟ-ମାଂସ କଦାପି ସେବନ କରିବେ ନାହିଁ ।**

କ'ଣ ସମସ୍ତ ବୁଦ୍ଧିମାନ୍ ଲୋକେ ଏ କଥା ଜାଣିନାହାନ୍ତି ଯେ ସୈନ୍ୟସାମନ୍ତ ଯୁଦ୍ଧ ସମୟରେ ମଧ୍ୟ ଅଲଗା-ଅଲଗା ରୋଷେଇ କରି ଖାଇବା ନିଶ୍ଚିତ ପରାଜୟର କାରଣ ବୋଲି ? ବରଂ କ୍ଷତ୍ରିୟମାନଙ୍କର ପକ୍ଷରେ ସେ ଅଶ୍ୱାରୋହୀ, ଗଜାରୋହୀ, ରଥାରୋହୀ କି ପଦାତିକ ସୈନିକ ହୁଅନ୍ତୁ, ଯୁଦ୍ଧ ସମୟରେ ଏପଟେ ଗୋଟିଏ ହାତରେ ଖାଦ୍ୟ ଖାଇବା, ପାଣି ପିଇବା ସାଙ୍ଗକୁ ଅନ୍ୟ ହାତରେ ଶତ୍ରୁଙ୍କ ସଂହାର କରିଚାଲିବା, ନିଜର ବିଜୟ କରିବା ହିଁ ଆଚାର ଓ ପରାଜିତ ହେବା ଅନାଚାର ଅଟେ । ଆଉ ଏ ସ୍ପୃଶ୍ୟାସ୍ପୃଶ୍ୟ, ଭେଦଭାବର ମୂର୍ଖତା କାରଣରୁ ଏମାନେ (ଚୌକା ଲଗାଇ-ଲଗାଇ) ଅଲଗା-ଅଲଗା ରୋଷେଇ କରି-କରି, ବିରୋଧ-ବିଭେଦ କରି-କରି ଆଜି ନିଜର ସ୍ୱାଧୀନତା, ଆନନ୍ଦ, ଧନ, ଦେଶ, ବିଦ୍ୟା ଓ ପୁରୁଷାର୍ଥ ଉପରେ (ଚୌକା ଲଗାଇ ବସିଯାଇଛନ୍ତି) ଚକା ପକାଇ ବସିଯାଇଛନ୍ତି । ଅନେଇ ବସିଛନ୍ତି କିଏ କିଛି ଦେଲେ କି କେଉଁଠୁ କିଛି ମିଳିଲେ ରୋଷେଇ କରି ଖାଇବେ ବୋଲି । କିନ୍ତୁ ସେକଥା କ'ଣ ସମ୍ଭବ? **ଏ ଅଲଗା ରୋଷେଇ, ଅଲଗା ଚୁଲିର ବିଚାର ଆଦି ଦେଶର ଏକତା, ସଂହତିକୁ ସର୍ବଥା ବିନାଶ କରିଦେଇଛି ।**

ଅବଶ୍ୟ ଯେଉଁଠି ରୋଷେଇ କରିବେ, ଭୋଜନ କରିବେ ସେହି ସ୍ଥାନକୁ ଧୋଇବା, ଲିପାପୋଛା କରିବା, ଝାଡୁ କରିବା, ପରିଷ୍କାର-ପରିଚ୍ଛନ୍ନ ରଖିବା ଆବଶ୍ୟକ; ମୁସଲମାନ ବା ଖ୍ରୀଷ୍ଟିଆନଙ୍କ ଭ୍ରଷ୍ଟ ପାକଶାଳା ଭଳି ଆର୍ଯ୍ୟମାନଙ୍କ ପାକଶାଳା ନ ହେବା ଉଚିତ ।

ଭକ୍ଷ୍ୟ-ଅଭକ୍ଷ୍ୟ ବିଚାର

ପ୍ରଶ୍ନ — ସଙ୍ଖୁଡ଼ି-ନିସଙ୍ଖୁଡ଼ି କାହାକୁ କହନ୍ତି ?

ଉତ୍ତର — ଜଳ ଆଦି ଦ୍ୱାରା ଯେଉଁ ଅନ୍ନ ରନ୍ଧାଯାଏ ତାକୁ **'ସଙ୍ଖୁଡ଼ି'** ଏବଂ ଘିଅ-ଦୁଧରେ ଯାହା ରନ୍ଧାଯାଏ, ତାକୁ **'ନିସଙ୍ଖୁଡ଼ି'** କହନ୍ତି । ଏ ସଙ୍ଖୁଡ଼ି-ନିସଙ୍ଖୁଡ଼ିର ଝମେଲା ମଧ୍ୟ ଏ ଧୂର୍ତ୍ତମାନଙ୍କର ପାଖଣ୍ଡ । କାରଣ ଏହାଦ୍ୱାରା ଘିଅ-ଦୁଧରେ ତିଆରି ଖାଦ୍ୟପଦାର୍ଥ ଅଧିକ ପରିମାଣରେ ଉଦରସ୍ଥ କରାଯାଇପାରିବ । ଏହି ଲାଳସାରେ ହିଁ ଏମାନେ ଏସବୁ ପ୍ରପଞ୍ଚ ରଚିଛନ୍ତି । ନଚେତ୍ ଭୋଜ୍ୟ ପଦାର୍ଥ ଦୁଇ ପ୍ରକାର ଥାଏ - ପକ୍ୱ ଓ କଞ୍ଚା । ଯାହା ଅଗ୍ନିତାପରେ ବା ସମୟ ପ୍ରଭାବରେ ପକ୍ୱ ହୁଏ ତାକୁ **'ପକ୍ୱ'** କହନ୍ତି ଏବଂ ଯାହା ସିଝି ନାହିଁ କି ପାଚି ନାହିଁ ତାକୁ **'କଞ୍ଚା'** କହନ୍ତି । ପକ୍ୱ ଭୋଜନ ହିଁ କରଣୀୟ ଓ ଅପକ୍ୱ ବା କଞ୍ଚା ଭୋଜନ କରଣୀୟ ନୁହେଁ - ଏକଥା ବି ସର୍ବତ୍ର ଠିକ୍ ନୁହେଁ । କାରଣ ଚଣା ପ୍ରଭୃତିକୁ କଞ୍ଚାରେ ବି ଖିଆଯାଇଥାଏ ।

ପ୍ରଶ୍ନ — ଦ୍ୱିଜମାନେ ନିଜ ହାତରେ ରୋଷେଇ କରି ଖାଇବେ ନା ଶୂଦ୍ର ତିଆରି ଖାଦ୍ୟ ଖାଇବେ ?

ଉତ୍ତର — ଶୂଦ୍ରର ହାତ ରନ୍ଧା ଖାଦ୍ୟ ଖାଇବେ । କାରଣ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟବର୍ଣ୍ଣର ସ୍ତ୍ରୀ-ପୁରୁଷମାନେ ଯଥାକ୍ରମେ ବିଦ୍ୟା ପଢ଼ାଇବା, ରାଜ୍ୟ ପାଳନ କରିବା ଏବଂ ପଶୁପାଳନ, କୃଷି ଓ ବାଣିଜ୍ୟ କର୍ମରେ ସର୍ବଦା ତତ୍ପର ଥାଆନ୍ତି । ତେଣୁ ସେମାନେ ରୋଷେଇ କାର୍ଯ୍ୟ ପାଇଁ ଆବଶ୍ୟକ ସମୟ ଦେଇପାରିବା ସମ୍ଭବ ନୁହେଁ । ଏ ବିଷୟରେ ପ୍ରମାଣ ଅଛି —

ଆର୍ଯ୍ୟାଧିଷ୍ଠାତା ବା ଶୂଦ୍ରାଃ ସଂସ୍କର୍ତାରଃ ସ୍ୟୁଃ । (ଆପସ୍ତମ୍ବ. ୨:୨:୩:୪)

ଆର୍ଯ୍ୟ ଅର୍ଥାତ୍ ଦ୍ୱିଜମାନଙ୍କ ଗୃହରେ ଶୂଦ୍ର ଅର୍ଥାତ୍ ମୂର୍ଖ (ଅଶିକ୍ଷିତ) ସ୍ତ୍ରୀ-ପୁରୁଷମାନେ ପାକାଦି ସେବା କରିବେ, କିନ୍ତୁ ସେମାନେ ଶରୀର, ବସ୍ତ୍ର ଆଦି ପରିଷ୍କାର-ପରିଚ୍ଛନ୍ନ ରଖିବେ । ରୋଷେଇ ସମୟରେ ମୁହଁରେ ଲୁଗା ବାନ୍ଧି ରୋଷେଇ କରିବେ । କାରଣ ଶରୀରରୁ ନିର୍ଗତ ଶ୍ୱାସ, ଉଚ୍ଛିଷ୍ଟ ପ୍ରଭୃତି ଅନ୍ନ ଉପରେ ନ ପଡ଼ିବା ଉଚିତ । ପ୍ରତି ସାତ ଦିନରେ ଥରେ କ୍ଷୌର ହେବେ ଓ ନଖ କାଟିବେ । ପ୍ରତିଦିନ ସ୍ନାନ କରି ରୋଷେଇ କରିବେ । ଆର୍ଯ୍ୟ (ଦ୍ୱିଜ) ମାନଙ୍କୁ ଭୋଜନ ଦେଇସାରି ତା'ପରେ ସେମାନେ ନିଜେ ଭୋଜନ କରିବେ ।

ପ୍ରଶ୍ନ — ଶୂଦ୍ର ଛୁଇଁଥିବା ରନ୍ଧା ଖାଦ୍ୟ ଖାଇଲେ ଦୋଷ ଲାଗୁଥିବା ବେଳେ ତା'ର ହାତ ତିଆରି ଖାଦ୍ୟ କିପରି ଖିଆଯାଇପାରିବ ?

ଉତ୍ତର — ଶୂଦ୍ର ଛୁଇଁଥିବା ରନ୍ଧାଖାଦ୍ୟ ଖାଇଲେ ଦୋଷଲାଗିବା କଥା କପୋଳକଳ୍ପିତ ଓ ମିଥ୍ୟା । କାରଣ ଯେଉଁମାନେ ଗୁଡ଼, ଚିନି, ଘିଅ, ଦୁଧ, ଶାଗ, ଫଳ, ମୂଳ ଖାଇଛନ୍ତି ବୁଝିବାକୁ ହେବ ଯେ ସେମାନେ ସଂସାର ଯାକର ସମସ୍ତଙ୍କ ହାତ ତିଆରି ଜିନିଷ ଖାଇଛନ୍ତି ଓ ସମସ୍ତଙ୍କ ଉଚ୍ଛିଷ୍ଟ ବି ଖାଇଛନ୍ତି । କାରଣ ଯେତେବେଳେ ଶୂଦ୍ର, ମୁସଲମାନ, ଖ୍ରୀଷ୍ଟିଆନ ଆଦି ବିଭିନ୍ନ ଶ୍ରେଣୀର ଲୋକେ କ୍ଷେତରୁ ଆଖୁ କାଟି, ଚୋପା ଛଡ଼ାଇବା, ଘଣାରେ ପେଡ଼ି ରସ ବାହାର କରିବା ଆଦି କାମରେ ଲାଗିଥାନ୍ତି; ସେତେବେଳେ ମଳ-ମୂତ୍ର ଉତ୍ସର୍ଗ କର୍ମ କରି, ଭଲଭାବେ ଧୂଆଧୋଇ ହୋଇନଥିବା ସେହି ହାତରେ ହିଁ ସେ ଜିନିଷଗୁଡ଼ିକୁ ଛୁଅନ୍ତି, ଧରନ୍ତି, ଆଖୁ ଅଧା ଚୋବାଇ ସେହି ଅଇଁଠା ବାକି ଅଧାକୁ ସେହି ଘଣାରେ ପେଷିଦିଅନ୍ତି ଏବଂ ଗୁଡ଼ ରାନ୍ଧିବା ସମୟରେ ସେହି ରସରେ ରୁଟି ମଧ୍ୟ ବୁଡ଼େଇ ଖାଇଥାନ୍ତି । ଚିନି ତିଆରି କରିବା ସମୟରେ ଧୂଳି-ମଇଳା, ମୂତ୍ର-ଗୋବର ଆଦି ଆବର୍ଜନା ଲାଗିଥିବା

ପୁରୁଣା ଜୋତାରେ ତାକୁ ଦଳିଥାନ୍ତି । ନିଜ ଘରୁ ଅଇଁଠା ପାତ୍ରରେ ଜଳ ନେଇ କ୍ଷୀରରେ ମିଶାନ୍ତି, ଅଇଁଠା ପାତ୍ରରେ ଘୃତାଦି ରଖିଥାନ୍ତି । ଅଟା ବା ଚୂନା ତିଆରି କରିବା ସମୟରେ ମଧ୍ୟ ସେହିପରି ଅଇଁଠା ହାତରେ ଧରନ୍ତି, ଉଠାନ୍ତି ଏବଂ ସେମାନଙ୍କ ଦେହର ଝାଳି ବି ଟୋପା-ଟୋପା ହୋଇ ସେହି ଅଟାରେ ପଡୁଥାଏ । ଶାଗ, ଫଳ, ମୂଳ ଆଦି ବିଷୟରେ ମଧ୍ୟ ଏହିପରି ଘଟିଥାଏ । ଏସବୁ ପଦାର୍ଥ ଯେତେବେଳେ ଖାଇଲ, ବୁଝିନିଅ ଯେ ସମସ୍ତଙ୍କ ହାତରୁ ଖାଇଲ ।

ପ୍ରଶ୍ନ — ରସ, ଫଳ, ଫୁଲ, କନ୍ଦ, ମୂଳ ଓ ଉଚ୍ଛିଷ୍ଟ ହୋଇଥିବାର ଦେଖାଯାଉନଥିବା ପଦାର୍ଥ ଖାଇବାରେ ଦୋଷ ଧରାଯାଏ ନାହିଁ ।

ଉତ୍ତର — ବାଃ ରେ ବାଃ ! ସତ କଥା ହେଲା ଯେ ତୁମେ ଏମିତି ଉତ୍ତର ଦେଇ ନ ଥାନ୍ତ ତ କ'ଣ ଆଉ ଧୂଳି-ପାଉଁଶ ଖାଇଥାନ୍ତ ? ଗୁଡ଼-ଚିନି ମିଠା ଲଗେ, ଦୁଧ-ଘିଅ ପୁଷ୍ଟିକର ପଦାର୍ଥ, ଏଣୁ ଏ ଅଭିସନ୍ଧିମୂଳକ କଥା କି ସୁନ୍ଦର ସୃଜନ ନ କରୁଛ ?

ଆଚ୍ଛା, ଯଦି ଉଚ୍ଛିଷ୍ଟ ହୋଇଥିବାର ଦେଖାଯାଇନଥିବା କାରଣରୁ କୌଣସି ପଦାର୍ଥ ଖାଇବାରେ ଦୋଷ ନାହିଁ, ତେବେ କୌଣସି ମେହେନ୍ତର ବା ମୁସଲମାନ ଅନ୍ୟ ସ୍ଥାନରେ ନିଜ ହାତରେ ରୋଷେଇ କରି ଆଣି ତୁମକୁ ଦେଲେ ତୁମେ ତାକୁ ଖାଇବ ନା ନାହିଁ? ଯଦି କୁହ ଯେ ତୁମେ ଖାଇବ ନାହିଁ, ତେବେ ବୁଝିବାକୁ ହେବ ଯେ ଅଦେଖା ସ୍ପର୍ଶରେ ମଧ୍ୟ ଦୋଷ ଲାଗେ । ହଁ, ଏକଥା ଠିକ୍ ଯେ ମୁସଲମାନ, ଖ୍ରୀଷ୍ଟିଆନ ଆଦି ମଦ୍ୟ-ମାଂସ ସେବନକାରୀଙ୍କ ହାତରୁ ଖାଇଲେ ଆର୍ଯ୍ୟମାନଙ୍କ ପଛରେ ମଧ୍ୟ ମଦ୍ୟ-ମାଂସ ଖାଇବା-ପିଇବାର ଦୋଷ ଲାଗିଥାଏ । କିନ୍ତୁ ଆର୍ଯ୍ୟମାନେ ପରସ୍ପର ଏକତ୍ର ବସି ଭୋଜନ କରିବାରେ କୌଣସି ଦୋଷ ପରିଲକ୍ଷିତ ହୁଏ ନାହିଁ । **ଯେତେବେଳ ଯାଏ ସମସ୍ତେ ଏକମତ, ଏକ ହାନି-ଲାଭ, ଏକ ସୁଖ-ଦୁଃଖ ବୋଲି ନ ମାନିଛନ୍ତି, ସେପର୍ଯ୍ୟନ୍ତ ଦେଶର ଉନ୍ନତି ହେବା ଅସମ୍ଭବ ବ୍ୟାପାର ।** କେବଳ ଖାଇବା-ପିଇବା ଏକ ହୋଇଗଲେ ସୁଧାର ହୋଇପାରେ ନାହିଁ । ଅଧିକନ୍ତୁ ଖରାପ କର୍ମଗୁଡ଼ିକ ପରିତ୍ୟାଗ କରି ଓ ଭଲ ଅଭ୍ୟାସଗୁଡ଼ିକୁ ଆଦରି ନ ନେବା ପର୍ଯ୍ୟନ୍ତ ଉନ୍ନତି ବଦଳରେ ଅବନତି ହିଁ ହୋଇଥାଏ ।

ଆର୍ଯ୍ୟାବର୍ତ୍ତରେ ବିଦେଶୀ ଶାସନ ହେବାର କାରଣ — ପାରସ୍ପରିକ ଶତ୍ରୁତା, ମତଭେଦ, ବ୍ରହ୍ମଚର୍ଯ୍ୟର ସେବନ ନ କରିବା, ବିଦ୍ୟା ଅଧ୍ୟୟନ-ଅଧ୍ୟାପନ ନ କରିବା, ବାଲ୍ୟାବସ୍ଥାରେ ଓ ବିନା ସ୍ୱୟଂବରରେ ବିବାହ, ବିଷୟାସକ୍ତି, ମିଥ୍ୟାଭାଷଣାଦି କୁରୀତି-ନୀତି ଏବଂ ବେଦବିଦ୍ୟାର ପ୍ରଚାର ନ ହେବା ଆଦି ହାନିକାରକ କର୍ମ । ଯେତେବେଳେ ଭାଇ-ଭାଇ ନିଜ ଭିତରେ ବିବାଦ କରନ୍ତି, ସେତେବେଳେ ତୃତୀୟ ବିଦେଶୀ ବ୍ୟକ୍ତି ଆସି ମଧ୍ୟସ୍ଥ ହୋଇଯାଏ ।

କ'ଣ ତୁମେମାନେ ପାଞ୍ଚ ହଜାର ବର୍ଷ ତଳେ ହୋଇଥିବା ମହାଭାରତ ଯୁଦ୍ଧ କଥା ଭୁଲିଗଲ ? ଯୁଦ୍ଧବେଳେ ଯୋଦ୍ଧାମାନେ ଓ ସୈନିକଗଣ କୌଣସି ସ୍ପର୍ଶଦୋଷ ବିଚାର ନ କରି ନିଜ-ନିଜ ଯାନ-ବାହନରେ ବସି ଖାଇବା-ପିଇବା କରୁଥିଲେ । **ପାରସ୍ପରିକ ଶତ୍ରୁତା ଯୋଗୁଁ କୌରବ, ପାଣ୍ଡବ ଓ ଯାଦବମାନଙ୍କର ସତ୍ୟାନାଶ ହୋଇଗଲା, ତାହା ତ ହୋଇଗଲା; କିନ୍ତୁ ଅଦ୍ୟାବଧି ସେହି ରୋଗ ଆର୍ଯ୍ୟମାନଙ୍କ ପଛରେ ଲାଗିଛି । କିଏ ଜାଣେ ଏ ଭୟଙ୍କର ରାକ୍ଷସ କେବେ ପିଛା ଛାଡ଼ିବ ଅଥବା ଆର୍ଯ୍ୟମାନଙ୍କ ସବୁ ସୁଖ-ସମୃଦ୍ଧି ସମାପ୍ତ କରି**

ଏମାନଙ୍କୁ ଦୁଃଖସାଗରରେ ବୁଡ଼ାଇ ମାରିବ ? ସେହି ସ୍ୱଗୋତ୍ର-ହନ୍ତା, ସ୍ୱଦେଶ-ବିନାଶକ, ନୀଚ, ଦୁଷ୍ଟ ଦୁର୍ଯ୍ୟୋଧନର ଦୁଷ୍ଟ-ମାର୍ଗରେ ଆର୍ଯ୍ୟମାନେ ଏବେ ମଧ୍ୟ ଗତିକରି ନିରନ୍ତର ଦୁଃଖ ବର୍ଦ୍ଧନ କରୁଛନ୍ତି । ପରମେଶ୍ୱରଙ୍କ କୃପାରୁ ଏହି ରାଜରୋଗ ଆମ ଆର୍ଯ୍ୟମାନଙ୍କ ଭିତରୁ ନଷ୍ଟ ହୋଇଯାଉ ।

ଭକ୍ଷ୍ୟାଭକ୍ଷ୍ୟ ଦୁଇ ପ୍ରକାର ହୋଇଥାଏ । ଗୋଟିଏ ଧର୍ମଶାସ୍ତ୍ରୋକ୍ତ ଏବଂ ଅନ୍ୟଟି ଆୟୁର୍ବେଦଶାସ୍ତ୍ରୋକ୍ତ । ଯେପରିକି ଧର୍ମଶାସ୍ତ୍ରରେ କୁହାଯାଇଛି —

ଅଭକ୍ଷ୍ୟାଣି ଦ୍ୱିଜାତୀନାମମେଧ୍ୟପ୍ରଭବାଣି ଚ । (ମନୁ. ୫:୫)

'ଦ୍ୱିଜ' ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଏବଂ ଶୂଦ୍ରମାନେ ମଳ-ମୂତ୍ରାଦି ମଳିନ ପଦାର୍ଥ ସଂସର୍ଗରେ ଉତ୍ପନ୍ନ ଶାଗ, ଫଳ, ମୂଳାଦି ନ ଖାଇବା ଉଚିତ ।

ବର୍ଜୟେନ୍ମଧୁମାଂସଂ ଚ । (ମନୁ. ୨:୧୭୭)

ବୁଦ୍ଧିଂ ଲୁମ୍ପତି ଯଦ୍ ଦ୍ରବ୍ୟଂ ମଦକାରୀ ତଦୁଚ୍ୟତେ । (ଶାର୍ଙ୍ଗଧର. ୪:୨୧)

ମଦ, ଗଞ୍ଜେଇ, ଭାଙ୍ଗ, ଅଫିମ ଆଦି ଯେଉଁସବୁ ଅନେକ ପ୍ରକାର ବୁଦ୍ଧିନାଶକ ପଦାର୍ଥ ତଥା ମାଂସ, ସେସବୁ କେବେ ବି ସେବନ କରିବା ଉଚିତ ନୁହେଁ । ଯେଉଁସବୁ ପଦାର୍ଥ ପଚିସଢ଼ି ଯାଇଥିବ, ଦୁର୍ଗନ୍ଧାଦିରେ ଦୂଷିତ ହୋଇଥିବ, ଭଲ ଭାବରେ ରୋଷେଇ ହୋଇନଥିବ କିମ୍ବା ମଦ୍ୟମାଂସାହାରୀ, ଯେଉଁମାନଙ୍କ ଶରୀର ମଦ୍ୟମାଂସର ପରମାଣୁରେ ହିଁ ପରିପୂର୍ଣ୍ଣ, ମ୍ଳେଚ୍ଛମାନଙ୍କ ଦ୍ୱାରା ରନ୍ଧା ହୋଇଥିବ, ସେସବୁ ନ ଖାଇବା ଉଚିତ ।

ଉପକାରୀ ପ୍ରାଣୀମାନଙ୍କୁ ହିଂସା କରିବା ଅନୁଚିତ । ଯଥା — ଗୋଟିଏ ଗାଈ ଦୁଧ, ଘିଅ ଦେଇ ତଥା ନୂଆ ବଳଦ, ଗାଈ ଉତ୍ପନ୍ନ କରି ଗୋଟିଏ ପିଢ଼ିରେ ପ୍ରାୟ ଚାରି ଲକ୍ଷ ମଣିଷଙ୍କୁ ସୁଖପ୍ରଦାନ କରିଥାଏ । ଏପରି ପଶୁଙ୍କୁ ହତ୍ୟା କରିବା ଉଚିତ ନୁହେଁ କି ହତ୍ୟାକରିବାକୁ ଦେବା ବି ଉଚିତ ନୁହେଁ । ଗୋଟିଏ ଗାଈ ଏତେ ଲୋକଙ୍କର କିପରି ଉପକାର କରେ ସେ ବିଷୟରେ ଚିନ୍ତନ କରଣୀୟ । ପ୍ରତିଦିନ କୌଣସି ଗାଈଠାରୁ କୋଡ଼ିଏ ସେର ଓ ଅନ୍ୟ କୌଣସି ଗାଈଠାରୁ ଦୁଇ ସେର ଦୁଧ ମିଳିଲେ, ପ୍ରତ୍ୟେକ ଗାଈଠାରୁ ଦୈନିକ ହାରାହାରି ଏଗାର ସେର ଦୁଧ ମିଳିଥାଏ । କୌଣସି-କୌଣସି ଗାଈ ଅଠର ମାସ ଯାଏ ତ ଆଉ କେତେକ ଛଅ ମାସ ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି । ଏହି ହିସାବରେ ଦେଖିଲେ ପ୍ରତ୍ୟେକ ଗାଈ ହାରାହାରି ଏକ ବର୍ଷ ପର୍ଯ୍ୟନ୍ତ ଦୁଧ ଦିଅନ୍ତି । ଏହି ହିସାବରେ ପ୍ରତ୍ୟେକ ଗାଈ ନିଜ ଜୀବନକାଳ ମଧ୍ୟରେ ନିଜ କ୍ଷୀର ଦ୍ୱାରା ୨୪୯୬୦(ଚବିଶ ହଜାର ନଅଶହ ଷାଠିଏ) ଲୋକଙ୍କୁ ଥରଟିଏ ତୃପ୍ତ କରିଥାଏ । ସାମାନ୍ୟତଃ ଗୋଟିଏ ଗାଈ ତା' ଜୀବନକାଳ ମଧ୍ୟରେ ବାରଗୋଟି ବାଛୁରୀ ଜନ୍ମ କରିଥାଏ । ମନେକରନ୍ତୁ ସେ ଭିତରୁ ଛଅଟି ଅଣ୍ଡିରା ବାଛୁରୀ ଓ ଛଅଟି ମାଈ ବାଛୁରୀ । ଯଦି ସେ ଭିତରୁ ଦୁଇଟି ମରିଯାଆନ୍ତି, ତେବେ ବି ବଳକା ଦଶଟି ବଞ୍ଚିରହିଲେ । ଏ ଭିତରୁ ପାଞ୍ଚୋଟି ମାଈ ବାଛୁରୀ ଗାଈ ହୋଇ ସେମାନଙ୍କ ସାରା ଜୀବନର କ୍ଷୀରରେ ୧୨୪୮୦୦(ଏକ ଲକ୍ଷ ଚବିଶ ହଜାର ଆଠ ଶହ) ଲୋକଙ୍କୁ ଥରଟିଏ ତୃପ୍ତ କରିଥାନ୍ତି । ବାକି ରହିଲେ ପାଞ୍ଚୋଟି ବଳଦ । ସେମାନେ ଜୀବନ କାଳ ଭିତରେ ଅନ୍ୟୂନ ୫୦୦୦(ପାଞ୍ଚ ହଜାର) ମହଣ ଖାଦ୍ୟଶସ୍ୟ ଉତ୍ପାଦନ କରିଥାନ୍ତି । ଜଣେ ମଣିଷ ତିନି ପାଆ ଅନ୍ନ ଖାଇଲେ ସେହି ଉତ୍ପାଦିତ ଅନ୍ନରେ ୨,୬୬,୬୬୬ (ଦୁଇଲକ୍ଷ ଛଅଷଠି ହଜାର ଛଅ ଶହ ଛଅଷଠି) ମନୁଷ୍ୟଙ୍କ କ୍ଷୁଧା ନିବାରଣ ହୋଇଥାଏ । ଏହିପରି ଭାବରେ କ୍ଷୀର ଓ ଅନ୍ନ ଏ ଉଭୟ ଦ୍ୱାରା ମୋଟ ୩,୯୧,୪୬୬ (ତିନି ଲକ୍ଷ ଏକାନବେ ହଜାର ଚାରି

ଶହ ଛଅଷଠି) ମନୁଷ୍ୟଙ୍କର ଥରକର କ୍ଷୁଧା ନିବାରଣ ହୋଇଥାଏ । ଅତଏବ ଗୋଟିଏ ଗାଈର ଏକ ପିଢ଼ି ଦ୍ୱାରା ୪,୧୬,୪୨୬ (ଚାରି ଲକ୍ଷ ଷୋହଳ ହଜାର ଚାରି ଶହ ଛବିଶ) ଜଣ ଲୋକ ଥରେ ପାଳିତ ହୋଇଥାଆନ୍ତି । ଆଉ ପୁରୁଷାନୁକ୍ରମେ ହିସାବ କଲେ ତ ଏକ ଗାଈ ଦ୍ୱାରା ଅସଂଖ୍ୟ ଲୋକଙ୍କର ପାଳନ ହୋଇଥାଏ । ଏତଦ୍ ବ୍ୟତୀତ ବଳଦ ହଳ କରିବା, ଭାର ବୋହିବା ଆଦି କର୍ମ କରି ମଣିଷର ଅଶେଷ ଉପକାର କରିଥାଏ । କ୍ଷୀରର ପରିମାଣ ଦୃଷ୍ଟିରୁ ଗାଈ ଅପେକ୍ଷା ମଇଁଷି ଅଧିକ ଉପକାରୀ; କିନ୍ତୁ କାମ ଦୃଷ୍ଟିରୁ ବଳଦ ଯେତେ ଉପକାର କରିଥାଏ, ପୋଢ଼ ବି ସେତିକି କରିଥାଏ । ଅନ୍ୟ ପକ୍ଷରେ ମଇଁଷି ଅଧିକ ଦୁଧ ଦେଉଥିଲେ ସୁଦ୍ଧା ଗାଈର କ୍ଷୀର, ଘିଅ ଦ୍ୱାରା ଯେଭଳି ବୁଦ୍ଧିବର୍ଦ୍ଧନ ହୁଏ, ମଇଁଷି କ୍ଷୀରରେ ସେଭଳି ହୁଏ ନାହିଁ । ଏଥିପାଇଁ ଆର୍ଯ୍ୟମାନେ ଗାଈକୁ ମୁଖ୍ୟ ଉପକାରୀ ପ୍ରାଣୀରୂପେ ବିବେଚନା କରିଛନ୍ତି । ଆଉ ଅନ୍ୟ ଯେ କେହି ବିଚାରଶୀଳ ବ୍ୟକ୍ତି ଏହି ତଥ୍ୟକୁ ସ୍ୱୀକାର କରିବ ।

ଗୋଟିଏ ଛେଳିର କ୍ଷୀର ଦ୍ୱାରା ୨୫୯୨୦ (ପଚିଶ ହଜାର ନଅଶହ କୋଡ଼ିଏ) ଜଣ ଲୋକଙ୍କର ଥରଟିଏ ପାଳନ ହୋଇଥାଏ । ସେହିପରି ହାତୀ, ଘୋଡ଼ା, ଓଟ, ମେଣ୍ଢା, ଗଧ ପ୍ରଭୃତି ପଶୁମାନଙ୍କ ଦ୍ୱାରା ବି ବହୁ ଉପକାର ସାଧିତ ହୋଇଥାଏ । **ଏଣୁ ଏହି ପଶୁମାନଙ୍କୁ ହତ୍ୟା କରୁଥିବା ଲୋକ, ବହୁତ ମନୁଷ୍ୟଙ୍କ ହତ୍ୟାକାରୀ ବୋଲି ଜାଣିବା ଉଚିତ ।**

ଦେଖ ! ଯେତେବେଳେ ଏ ଦେଶରେ ଆର୍ଯ୍ୟମାନଙ୍କ ରାଜତ୍ୱ ଥିଲା ସେତେବେଳେ ଏହି ମହାନ୍ ଉପକାରୀ ଗାଈ ଆଦି ପଶୁଙ୍କୁ ହତ୍ୟା କରାଯାଉନଥିଲା । ସେ ସମୟରେ ଆର୍ଯ୍ୟାବର୍ତ୍ତ ତଥା ପୃଥିବୀର ଅନ୍ୟାନ୍ୟ ଦେଶରେ ମନୁଷ୍ୟାଦି ପ୍ରାଣୀ ମହା ଆନନ୍ଦରେ କାଳାତିପାତ କରୁଥିଲେ । କାରଣ ଗାଈ, ବଳଦ ଆଦି ପଶୁ ବହୁ ସଂଖ୍ୟାରେ ଥିବାରୁ ଦୁଧ, ଘିଅ, ଅନ୍ନ, ରସ ପ୍ରଭୃତି ପଦାର୍ଥ ପର୍ଯ୍ୟାପ୍ତ ପରିମାଣରେ ମିଳୁଥିଲା । **ଯେବେଠୁ ଗୋ-ଆଦି ପଶୁହତ୍ୟାକାରୀ, ମାଂସାହାରୀ, ମଦ୍ୟପ ବିଦେଶୀମାନେ ଏ ଦେଶକୁ ଆସି, ଏଠାକାର ଶାସକ ହେଲେ, ସେବେଠାରୁ ଅବିଚାରିତ ଭାବେ ଗବାଦି ପଶୁଙ୍କ ହତ୍ୟା ହେବାକୁ ଲାଗିଲା, ଆର୍ଯ୍ୟମାନଙ୍କ ଦୁଃଖ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ।** କରଣ — **'ନଷ୍ଟେ ମୂଳେ ନୈବ ଫଳଂ ନ ପୁଷ୍ପମ୍ ।'**— (ଚାଣକ୍ୟ. ୧୦:୧୩) ବୃକ୍ଷର ମୂଳକୁ ହିଁ କାଟିଦେଲେ ଆଉ ଫଳ-ଫୁଲ କୁଆଡୁ ଆସିବ ?

ପ୍ରଶ୍ନ — ଯଦି ସବୁ ଲୋକ ଅହିଂସକ ହୋଇଯିବେ, ତେବେ ବ୍ୟାଘ୍ରାଦି ହିଂସ୍ର ଜନ୍ତୁଙ୍କ ସଂଖ୍ୟା ଏତେ ବଢ଼ିଯିବ ଯେ ସେମାନେ ଗାଈଗୋରୁ, ମଇଁଷି, ଛେଳି ଆଦି ସବୁ ପ୍ରାଣୀଙ୍କୁ ମାରି ଖାଇଯିବେ । ସେତେବେଳେ ତୁମର ପୁରୁଷାର୍ଥ ହିଁ ବ୍ୟର୍ଥ ହୋଇଯିବ ।

ଉତ୍ତର — ଏହା ରାଜକର୍ମଚାରୀଙ୍କ କାମ ଯେ କ୍ଷତି ସାଧନ କରୁଥିବା ପଶୁ ଅଥବା ମନୁଷ୍ୟଙ୍କୁ ଦଣ୍ଡ ଦେବା ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ ହତ୍ୟା କରିବା ।

ପ୍ରଶ୍ନ — ଯେଉଁ ହାନିକାରକ ପଶୁଙ୍କୁ ହତ୍ୟା କରାଯିବ, ସେମାନଙ୍କ ମାଂସ କ'ଣ ଫୋପାଡ଼ି ଦିଆଯିବ ?

ଉତ୍ତର — ପଶୁମାନଙ୍କ ମାଂସ ଫିଙ୍ଗି ଦିଆଯାଇପାରେ କିମ୍ବା କୁକୁର ପ୍ରଭୃତି ମାଂସାଶୀ ପ୍ରାଣୀଙ୍କୁ ଖାଇବାକୁ ଦିଆଯାଇପାରେ ଏବଂ ମୃତ ମନୁଷ୍ୟଙ୍କ ଦାହ କର୍ମ ଅର୍ଥାତ୍ ଜଳେଇ ଦିଆଯିବ । ହାନି କରୁଥିବା ଯୋଗୁଁ ବଧ କରାଯାଇଥିବା ପଶୁଙ୍କ ମାଂସ ଯଦି କୌଣସି ମାଂସାହାରୀ ବ୍ୟକ୍ତି ଖାଏ, ଏଥିରେ ସଂସାରର କୌଣସି କ୍ଷତି ନାହିଁ; କିନ୍ତୁ ସେହି ମନୁଷ୍ୟର ସ୍ୱଭାବ ମାଂସାହାରୀ ହୋଇ ହିଂସ୍ର ହୋଇଯିବ ।

ହିଂସା, ଚୋରି, ବିଶ୍ୱାସଘାତକତା, ଛଳକପଟ ଆଦି ଦ୍ୱାରା ଯେତେସବୁ ଖାଦ୍ୟ-ପେୟ ପ୍ରାପ୍ତ ହୁଏ ସେସବୁ 'ଅଭକ୍ଷ୍ୟ' ଏବଂ ଅହିଂସା, ଧର୍ମାନୁକୂଳ କର୍ମ ଦ୍ୱାରା ଯେଉଁ ଭୋଜନ ମିଳେ ତାହା 'ଭକ୍ଷ୍ୟ'। ଯେଉଁସବୁ ପଦାର୍ଥ ଦ୍ୱାରା ସ୍ୱାସ୍ଥ୍ୟ ଲାଭ, ଆରୋଗ୍ୟ ପ୍ରାପ୍ତି ତଥା, ବୁଦ୍ଧି, ବଳ, ପରାକ୍ରମ ଓ ଆୟୁ ବୃଦ୍ଧି ହୁଏ, ଯଥା - ଚାଉଳ, ଗହମ, ଫଳ, ମୂଳ, କନ୍ଦ, ଦୁଧ, ମିଷ୍ଟାନ୍ନ ଆଦି, ସେସବୁ ପଦାର୍ଥକୁ ସେବନ କରିବା ଉଚିତ। ଏସବୁ ପଦାର୍ଥକୁ ଯଥାଯୋଗ୍ୟ ପାକ କରି, ଯାହା ସହ ଯାହା ମିଶାଇ ଖାଇବା ଉଚିତ ସେଭଳି ମିଶ୍ରଣ କରି ଉଚିତ ସମୟରେ ମିତାହାର ଭୋଜନ କରିବାକୁ **'ଭକ୍ଷ୍ୟ'** କୁହାଯାଏ। ଯେଉଁସବୁ ପଦାର୍ଥ ନିଜ ଶରୀରର ପ୍ରକୃତିର ବିରୁଦ୍ଧ, ବିକାର ଉତ୍ପନ୍ନକାରୀ, ଯାହା-ଯାହା ପାଇଁ ଯେଉଁ-ଯେଉଁ ପଦାର୍ଥ ଆୟୁର୍ବେଦ ଶାସ୍ତ୍ରରେ ନିଷେଧ କରାଯାଇଛି, ସେସବୁ ପଦାର୍ଥକୁ ସର୍ବଥା ପରିତ୍ୟାଗ କରିବା ଏବଂ ଯାହା ପାଇଁ ଯେଉଁ-ଯେଉଁ ପଦାର୍ଥ ବିଧାନ କରାଯାଇଛି ସେସବୁକୁ ଗ୍ରହଣ କରିବା ମଧ୍ୟ **'ଭକ୍ଷ୍ୟ'** ଅଟେ।

ପ୍ରଶ୍ନ — ଏକା ପାତ୍ରରେ ଏକାସାଥିରେ ଏକାଧିକ ବ୍ୟକ୍ତି ଖାଇଲେ କୌଣସି ଦୋଷ ହୁଏ କି?

ଉତ୍ତର — ହଁ, ଦୋଷ ହୁଏ। କାରଣ ଜଣଙ୍କର ଶାରୀରିକାଦି ସ୍ୱଭାବ ଅନ୍ୟ ସହ ମେଳ ଖାଏ ନାହିଁ। ଯେପରି କୁଷ୍ଠରୋଗୀ ଆଦିଙ୍କ ସହ ମିଶି ଖାଇଲେ ନୀରୋଗ ବ୍ୟକ୍ତିର ରକ୍ତ ମଧ୍ୟ ଦୂଷିତ ହୁଏ, ସେହିପରି ଅନ୍ୟ ସହ ଏକପାତ୍ରରେ ମିଶି ଖାଇଲେ ମଧ୍ୟ କୌଣସି ନା କୌଣସି ହାନି ହୋଇଥାଏ, କୌଣସି ଉପକାର ହୋଇନଥାଏ। ଏଣୁ କୁହାଯାଇଛି—

ନୋଚ୍ଛିଷ୍ଟଂ କସ୍ୟଚିଦ୍ ଦଦ୍ୟାନ୍ନାଦ୍ୟାଚ୍ଚୈବ ତଥାନ୍ତରା।
ନ ଚୈବାତ୍ୟଶନଂ କୁର୍ୟ୍ୟାନ୍ନ ଚୋଚ୍ଛିଷ୍ଟଃ କ୍ୱଚିଦ୍ ବ୍ରଜେତ୍॥ (ମନୁ. ୨:୫୬)

ନିଜର ଅଇଁଠା କାହାକୁ ଦେବ ନାହିଁ କି ଅନ୍ୟ ଜଣେ ଭୋଜନ କରୁଥିବା ବେଳେ ତାହା ପାତ୍ରରୁ ଅଇଁଠା ନିଜେ ଖାଇବ ନାହିଁ। ଅଧିକ ଭୋଜନ କରିବ ନାହିଁ କି ଅଇଁଠା ପାଟିରେ ଅର୍ଥାତ୍ ଖାଇବା ପରେ ମୁହଁ-ହାତ ନ ଧୋଇ ଇତସ୍ତତଃ ବୁଲିବ ନାହିଁ।

ପ୍ରଶ୍ନ — 'ଗୁରୋରୁଚ୍ଛିଷ୍ଟଭୋଜନମ୍।' - ଏ ବାକ୍ୟର ଅର୍ଥ ତେବେ କ'ଣ?

ଉତ୍ତର — ଏହାର ଅର୍ଥ ହେଲା ଯେ ଗୁରୁ ଭୋଜନ କରିସାରିବା ପରେ, ପୃଥକ୍ ଭାବରେ ଥିବା ଶୁଦ୍ଧ ଅନ୍ନକୁ ଭୋଜନ କରିବ। ଅର୍ଥାତ୍ ପ୍ରଥମେ ଗୁରୁଙ୍କୁ ଭୋଜନ କରାଇ ତା'ପରେ ଶିଷ୍ୟ ଭୋଜନ କରିବା ଉଚିତ।

ପ୍ରଶ୍ନ — ଯଦି ଉଚ୍ଛିଷ୍ଟ ମାତ୍ରକେ ଗ୍ରହଣ କରିବା ନିଷେଧ, ତେବେ ମହୁ ତ ମହୁମାଛିଙ୍କ ଅଇଁଠା, କ୍ଷୀର ତ ବାଛୁରୀର ଉଚ୍ଛିଷ୍ଟ ଏବଂ ଗୋଟିଏ ଗ୍ରାସ ଖାଇବା ପରେ ନିଜ ପାତ୍ରରେ ଥିବା ଅନ୍ନ ବି ତ ଅଇଁଠା। ତେଣୁ ଏସବୁ ନ ଖାଇବା ଉଚିତ।

ଉତ୍ତର — ମହୁ ନାମକୁ ମାତ୍ର ଉଚ୍ଛିଷ୍ଟ। ତାହା ବହୁ ଫୁଲର ସାର ତଥା ଔଷଧୀୟ ଗୁଣଯୁକ୍ତ। ଏଣୁ ତାହା ଗ୍ରାହ୍ୟ। ଦ୍ୱିତୀୟ ବିଷୟ ହେଲା ବାଛୁରୀ କେବଳ ଗାଈର ପହ୍ନାରୁ ବାହାରକୁ ଆସିବା ଦୁଧ ପିଏ, ପହ୍ନା ଭିତରେ ଥିବା ଦୁଧକୁ ଛୁଇଁପାରେ ନାହିଁ। ଏଣୁ କ୍ଷୀର ବାଛୁରୀର ଉଚ୍ଛିଷ୍ଟ ନୁହେଁ। ତଥାପି ବାଛୁରୀ ପିଇ ସାରିବା ପରେ ତା' ମାଆର ପହ୍ନାକୁ ଧୋଇ ଶୁଦ୍ଧ ପାତ୍ରରେ ଦୁଧ ଦୁହିଁବା ଉଚିତ। ବାକି ରହିଲା ନିଜ ଉଚ୍ଛିଷ୍ଟ କଥା। ନିଜେ ଗୋଟିଏ ଗୁଣ୍ଡା ଖାଇଦେବା ପରେ ବଳକା ଖାଦ୍ୟ ଅଇଁଠା ତ ହୁଏ; କିନ୍ତୁ ନିଜ ଅଇଁଠା ନିଜ ପାଇଁ କ୍ଷତିକାରକ ନୁହେଁ।

କହିବାର ଅଭିପ୍ରାୟ ହେଲା ଯେ ପ୍ରତ୍ୟେକଙ୍କର ଶାରୀରିକାଦି ସ୍ୱଭାବ ଅଲଗା ଥିବାରୁ ଜଣକର ଅଇଁଠା ଆଉ ଜଣେ ନ ଖାଇବା ଉଚିତ । ଯେପରିକି ନିଜର ମୁହଁ, ନାକ, କାନ, ଆଖି, ପରିସ୍ରାଦ୍ୱାର, ମଳଦ୍ୱାରରୁ ନିର୍ଗତ ହେଉଥିବା ମଳମୂତ୍ରାଦି ସ୍ପର୍ଶରେ ଘୃଣା ଭାବ ଜାତ ହୁଏ ନାହିଁ; କିନ୍ତୁ ଅନ୍ୟର ମଳମୂତ୍ରାଦି ସ୍ପର୍ଶ କରିବାକୁ ମନରେ ଘୃଣା ଭାବ ଜାତ ହୁଏ । ଏଣୁ ଏହା ସ୍ୱତଃ ପ୍ରମାଣିତ ହେଉଛି କି ଅନ୍ୟର ଉଚ୍ଛିଷ୍ଟ ଭୋଜନ କରିବା ସୃଷ୍ଟିନିୟମର ବିପରୀତ ଅଟେ । ଅତଏବ ମନୁଷ୍ୟମାତ୍ରକେ ପ୍ରତ୍ୟେକଙ୍କ ପକ୍ଷେ ଏହା କରଣୀୟ ଯେ କେହି ମଧ୍ୟ ଅନ୍ୟର ଉଚ୍ଛିଷ୍ଟ ଭୋଜନ କରିବେ ନାହିଁ ।

ପ୍ରଶ୍ନ — ତେବେ କ'ଣ ପତି-ପତ୍ନୀ ମଧ୍ୟ ଏକାସାଥିରେ ବା ପରସ୍ପରର ଉଚ୍ଛିଷ୍ଟ ଖାଇବେ ନାହିଁ ?

ଉତ୍ତର — ନା । କାରଣ ଦୁହିଁଙ୍କର ଶାରୀରିକ ସ୍ୱଭାବ ମଧ୍ୟ ଭିନ୍ନ-ଭିନ୍ନ ।

ପ୍ରଶ୍ନ — ଆଚ୍ଛା କୁହନ୍ତୁ, ବ୍ରାହ୍ମଣଠୁ ଆରମ୍ଭ କରି ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତଙ୍କ ଶରୀର ହାଡ଼-ମାଂସ-ଚର୍ମରେ ନିର୍ମିତ । ପୁଣି ବ୍ରାହ୍ମଣର ଶରୀରରେ ଯେଉଁଭଳି ରକ୍ତ ପ୍ରବାହିତ, ଚଣ୍ଡାଳ ଆଦିଙ୍କ ଶରୀରରେ ସେହିଭଳି ରକ୍ତ ପ୍ରବାହିତ । ଫେରେ ମନୁଷ୍ୟମାତ୍ରକେ, ସିଏ, ଯିଏ ହେଉ ନା କାହିଁକି ରୋଷେଇ କରିଥିବା ଅନ୍ନ ଖାଇଲେ ଦୋଷ କ'ଣ ?

ଉତ୍ତର — ଦୋଷ ଅଛି । କାରଣ ଉତ୍ତମ ଖାଦ୍ୟ-ପେୟ ଗ୍ରହଣ କରୁଥିବାରୁ ବ୍ରାହ୍ମଣ ଓ ବ୍ରାହ୍ମଣୀଙ୍କ ଶରୀରରେ ଯେପରି ଦୁର୍ଗନ୍ଧାଦି ଦୋଷ ରହିତ ଶୁଦ୍ଧ ବୀର୍ଯ୍ୟ-ରଜ ରହିଥାଏ, ଚଣ୍ଡାଳ ଶରୀରରେ ସେପରି ସ୍ଥିତି ନ ଥାଏ । ଚଣ୍ଡାଳର ଶରୀର ଯେପରି ଦୁର୍ଗନ୍ଧିତ ପରମାଣୁରେ ଭରପୂର ହୋଇ ରହିଥାଏ, ବ୍ରାହ୍ମଣାଦିଙ୍କ ଶରୀର ସେପରି ନ ଥାଏ । ଏଣୁ ବ୍ରାହ୍ମଣାଦି ଉତ୍ତମ ବର୍ଣ୍ଣଙ୍କ ହାତରୁ ଖାଇବା ଉଚିତ ଏବଂ ଚଣ୍ଡାଳ ଆଦିଙ୍କ ହାତରୁ ଖାଇବା ଉଚିତ ନୁହେଁ । ଉତ୍ତମ ଅନ୍ନ ଯେପରି ହାତ ଓ ମୁହଁ ସାହାଯ୍ୟରେ ଖିଆଯାଏ, ସେହିପରି ଦୁର୍ଗନ୍ଧିତ ପଦାର୍ଥ ବି ଖିଆଯାଇପାରେ । ତେବେ କ'ଣ ମଳ ମଧ୍ୟ ଖାଇବ ? କ'ଣ ଏମିତି ବି ହୋଇପାରେ ?

ପ୍ରଶ୍ନ — ଯଦି ଗାଇ ଗୋବରରେ ପାକଶାଳା, ଭୋଜନାଳୟ ତ ଲିପାପୋଛା କରିପାରୁଛ, ତେବେ ନିଜ ଗୋବର(ବିଷ୍ଠା)ରେ କାହିଁକି ଲିପାପୋଛା କରୁନ ? ତା'ଛଡ଼ା ପାକଶାଳାକୁ ଗୋବର ଗଲେ ସେ ସ୍ଥାନ କାହିଁକି ଅଶୁଦ୍ଧ ହୁଏ ନାହିଁ ?

ଉତ୍ତର — ଗାଈର ଗୋବର ସେମିତି ଦୁର୍ଗନ୍ଧଯୁକ୍ତ ନୁହେଁ, ଯେମିତିକି ଦୁର୍ଗନ୍ଧ ମନୁଷ୍ୟର ମଳ ହୋଇଥାଏ । ଦ୍ୱିତୀୟରେ, ଗୋବର ଚିକ୍‌କଣ ହୋଇଥିବାରୁ ଶୀଘ୍ର ଭୂଇଁରୁ ଉଖୁଡ଼ିଯାଏ ନାହିଁ କି ଲୁଗାପଟା ମଇଳା କିମ୍ବା ଖରାପ ହୁଏ ନାହିଁ । ଖାଲି ମାଟିରେ ବସିଲେ ଲୁଗାରେ ଯେପରି ମଇଳା ଲାଗେ, ଗୋବର ଲିପା ହୋଇ ଶୁଖିଯାଇଥିବା ଜାଗାରେ ବସିଲେ ସେପରି ହୁଏ ନାହିଁ । ମାଟି ଓ ଗୋବରରେ ଲିପା ଯାଇଥିବା ସ୍ଥାନ ଅତିସୁନ୍ଦର ଦେଖାଯାଏ । ପୁଣି ଯେଉଁ ସ୍ଥାନରେ ରୋଷେଇ କରାଯାଏ ସେହି ସ୍ଥାନରେ ଭୋଜନାଦି କରିବା ଦ୍ୱାରା ସେଠାରେ ଘିଅ, ମିଠା ଓ ଅଇଁଠା ମଧ୍ୟ ପଡ଼ିଥାଏ । ତେଣୁ ମଳିନ ଥିବାରୁ ସେଠାରେ ମାଛି, ପିମ୍ପୁଡ଼ି, ପୋକ-ଜୋକ ଆଦି ବହୁତ ରୁଣ୍ଡ ହୁଅନ୍ତି । ଯଦି ସେ ସ୍ଥାନକୁ ପ୍ରତିଦିନ ଝାଡୁ ମରାଯାଏ ଓ ଲିପାପୋଛା ଆଦି ଦ୍ୱାରା ପରିଷ୍କାର କରିଦିଆଯାଏ, ଏବଂ ପକ୍‌କା ଘର ହୋଇଥିଲେ ପାଣିରେ ଧୋଇ ଦିଆଯାଏ, ତଦ୍ୱାରା ପୂର୍ବୋକ୍ତ ଦୋଷର ନିରାକରଣ ହୋଇଥାଏ । ମିଆଁଜୀଙ୍କ ରୋଷେଇ ଶାଳାରେ ଯେମିତି କେଉଁଠି କୋଇଲା, କେଉଁଠି ପାଉଁଶ, କେଉଁଠି କାଠ, କେଉଁଠି ଭଙ୍ଗା

ହାଣ୍ଡି, କେଉଁଠି ଅଇଁଠା ପତ୍ର, କୋଉଠି ହାଡ଼-ଗୋଡ଼ ପଡ଼ି ରହି ଥିବାରୁ ଦେଖିବାକୁ ଖରାପ ଲାଗେ ଏବଂ ଅସଂଖ୍ୟ ମାଛି ଭଣ-ଭଣ ହେଉଥାନ୍ତି, ପୋକ-ଯୋକ ସାଲୁବାଲୁ ହେଉଥାନ୍ତି ଯେ ସେକଥା କ'ଣ କହିବା ? ଯଦି ଗୋବରରେ ପାକ-ଭୋଜନ ସ୍ଥାନକୁ ଲିପିବାକୁ ତୁମେ ଅଶୁଦ୍ଧ ବୋଲି ମାନୁଛ, ତେବେ ଘଷି ପାରି ସେଥିରେ ଚୁଲି ଜାଳିବା, ସେହି ନିଆଁରେ ତମାଖୁ ଖାଇବା, ଗୋବରରେ ଘରଦ୍ୱାର ଲିପାପୋଛା କରିବା ଆଦି ଦ୍ୱାରା ମଧ୍ୟ ମିଆଁଜୀଙ୍କ ପାକସ୍ଥାନ ଭ୍ରଷ୍ଟ ହୋଇଯାଉଥିବ ।

ପ୍ରଶ୍ନ — ରନ୍ଧାବଢ଼ା ଓ ଖିଆପିଆ ପାଇଁ ଉଚ୍ଛିଷ୍ଟ ସ୍ଥାନରେ ବସି ଭୋଜନ କରିବା ଉଚିତ ନା ବାହାରେ ବସି କରିବା ଉଚିତ ?

ଉତ୍ତର — ଯେ କୌଣସି ପରିଷ୍କାର-ପରିଚ୍ଛନ୍ନ ସ୍ଥାନରେ ବସି ଖାଇବାକୁ ଉଚିତ ପ୍ରତୀତ ହେବ, ସେ ସ୍ଥାନରେ ବସି ଭୋଜନ କରିବା ଉଚିତ । କିନ୍ତୁ ଯୁଦ୍ଧ ଆଦି ସମୟରେ ତ ଆବଶ୍ୟକତାନୁସାରେ ହାତୀ, ଘୋଡ଼ା ଆଦି ଯାନ-ବାହନ ଉପରେ ବସି, ଏପରିକି ଠିଆ ହୋଇ ମଧ୍ୟ ଭୋଜନ-ପାନ କରିବା ଉଚିତ କାର୍ଯ୍ୟ ଅଟେ ।

ପ୍ରଶ୍ନ — କ'ଣ ନିଜେ ରୋଷେଇ କରି ହିଁ ଖାଇବା ଉଚିତ ? ଅନ୍ୟର ହାତରନ୍ଧା ଖାଇବା ଅନୁଚିତ ?

ଉତ୍ତର — ଆର୍ଯ୍ୟମାନଙ୍କ ମଧ୍ୟରେ କୌଣସି ବ୍ୟକ୍ତି ଯଦି ଶୁଦ୍ଧ ଭାବେ ରୋଷେଇ କରିଦିଏ, ତେବେ ସମସ୍ତେ ଆର୍ଯ୍ୟମାନେ ଏକତ୍ର ବସି ଭୋଜନ କରିବାରେ କୌଣସି ଅସୁବିଧା ନାହିଁ । କାରଣ ଯଦି ବ୍ରାହ୍ମଣାଦି ବର୍ଣ୍ଣର ନାରୀ-ପୁରୁଷ ରୋଷେଇ କରିବା, ଘର ସଫା କରିବା, ବାସନ ମାଜିବା ଆଦି ଝମେଲାରେ ବ୍ୟସ୍ତ ରହନ୍ତି ତେବେ ସମାଜରେ ଶୁଭଗୁଣର ବୃଦ୍ଧି କଦାପି ହୋଇପାରିବ ନାହିଁ ।

ଦେଖ, ମହାରାଜା ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞକୁ ସାରା ପୃଥିବୀର ରାଜା-ମହାରାଜା, ଋଷି-ମହର୍ଷି ଆସିଥିଲେ । ଗୋଟିଏ ପାକଶାଳାରେ ପ୍ରସ୍ତୁତ ଅନ୍ନ ସମସ୍ତେ ଭୋଜନ କରୁଥିଲେ । ଯେବେଠାରୁ ଖ୍ରୀଷ୍ଟିଆନ, ମୁସଲମାନ ଆଦି ମତ-ମତାନ୍ତର ପ୍ରଚଳନ ହେଲା, ସେବେଠାରୁ ପରସ୍ପର ମଧ୍ୟରେ ବୈର-ବିରୋଧ ଆରମ୍ଭ ହେଲା । ସେମାନେ ମଦ୍ୟପାନ, ଗୋମାଂସ ଭକ୍ଷଣ କରିବା ସ୍ୱୀକାର କଲେ । ସେହି ଦିନଠାରୁ ଭୋଜନ ସମ୍ପର୍କୀୟ ଝମେଲା ଆରମ୍ଭ ହେଲା ।

ଦେଖ ! ପୂର୍ବକାଳରେ କାବୁଲ, କାନ୍ଦାହାର, ଇରାନ, ଆମେରିକା, ୟୁରୋପ ଆଦି ଦେଶର ରାଜକନ୍ୟା ଗାନ୍ଧାରୀ, ମାଦ୍ରୀ, ଉଲୁପୀ ଆଦିଙ୍କ ସହ ଆର୍ଯ୍ୟାବର୍ତ୍ତର ରାଜା-ମହାରାଜାମାନେ ବିବାହ ଆଦି କରୁଥିଲେ । ଶକୁନି ପ୍ରଭୃତି କୌରବ-ପାଣ୍ଡବଙ୍କ ସହ ଖିଆପିଆ କରୁଥିଲେ, କୌଣସି ପ୍ରକାର ବିରୋଧ ନ ଥିଲା । କାରଣ ସେ ସମୟରେ ସମଗ୍ର ପୃଥିବୀରେ ଏକମାତ୍ର ବେଦମତ ପ୍ରଚଳିତ ଥିଲା । ସେହି ମତରେ ସମସ୍ତଙ୍କ ନିଷ୍ଠା ଥିଲା ଓ ସମସ୍ତେ ପରସ୍ପରର ଦୁଃଖ-ସୁଖ, ହାନି-ଲାଭରେ ସମଭାଗୀ ହେଉଥିଲେ । ତେଣୁ ସାରା ସଂସାରରେ ସୁଖର ସାମ୍ରାଜ୍ୟ ଥିଲା । ବର୍ତ୍ତମାନ ତ ବହୁତ ମତ-ମତାନ୍ତର ପ୍ରଚଳିତ ହୋଇଯିବାରୁ ସଂସାରରେ ଦୁଃଖ ଓ ବିରୋଧ ବହୁତ ବଢ଼ିଯାଇଛି । ଏହାର ନିରାକରଣ କରିବା ବୁଦ୍ଧିମାନଙ୍କ କର୍ତ୍ତବ୍ୟ । **ପରମପିତା ପରମାତ୍ମା ସମସ୍ତଙ୍କ ହୃଦୟରେ ସତ୍ୟ-ମତର ବୀଜ ଏପରି ଅଙ୍କୁରିତ କରନ୍ତୁ ଯଦ୍ଦ୍ୱାରା ମିଥ୍ୟାମତ ସଂସାରରୁ ଶୀଘ୍ର ବିନଷ୍ଟ ହୋଇଯାଉ । ଏଥିପାଇଁ ସକଳ ବିଦ୍ୱାନ୍ ବିଚାର ପୂର୍ବକ ବିରୋଧ ଭାବ ପରିହାର କରି ଅବିରୁଦ୍ଧ ମତ ସ୍ୱୀକାର ଦ୍ୱାରା ସମସ୍ତେ ମିଶି ସମସ୍ତଙ୍କ ଆନନ୍ଦ ବୃଦ୍ଧି କରନ୍ତୁ ।**

ଏଠାରେ ଆଚାର-ଅନାଚାର, ଭକ୍ଷ୍ୟାଭକ୍ଷ୍ୟ ବିଷୟରେ ସାମାନ୍ୟ କିଛି ଉଲ୍ଲେଖ କରାଗଲା । ଏହି ଦଶମ ସମୁଲ୍ଲାସରେ ଏ ଗ୍ରନ୍ଥର ପୂର୍ବାର୍ଦ୍ଧ ସମ୍ପୂର୍ଣ୍ଣ ହେଲା । ଏ ଦଶଟି ସମୁଲ୍ଲାସରେ ବିଶେଷ ଖଣ୍ଡନ-ମଣ୍ଡନ ଏଇଥି ପାଇଁ କରାଯାଇ ନାହିଁ କାରଣ ମନୁଷ୍ୟ ଯେ ପର୍ଯ୍ୟନ୍ତ ସତ୍ୟାସତ୍ୟର ବିଚାର କରିବାର ସାମର୍ଥ୍ୟ ଆଦୌ ଅର୍ଜନ ନ କରିଛି ଅର୍ଥାତ୍ ସତ୍ୟ ଓ ଅସତ୍ୟର ସ୍ୱରୂପ ସମ୍ପର୍କୀୟ ଜ୍ଞାନ ପ୍ରାପ୍ତ ନ କରିଛି, ସେ ପର୍ଯ୍ୟନ୍ତ ତା' ପକ୍ଷରେ ସ୍ଥୂଳ ଓ ସୂକ୍ଷ୍ମ ଖଣ୍ଡନର ଅଭିପ୍ରାୟକୁ ବୁଝିବା ସମ୍ଭବପର ନୁହେଁ । ଏଣୁ ପ୍ରଥମେ ସମସ୍ତଙ୍କୁ ସତ୍ୟ-ଶିକ୍ଷାର ଉପଦେଶ ପ୍ରଦାନ କରାଯାଇଛି । ଏହାପରେ ଉତ୍ତରାର୍ଦ୍ଧ ଯେଉଁଥିରେ କି ଚାରୋଟି ସମୁଲ୍ଲାସ ରହିବ, ସେଥିରେ ବିଶେଷ ଖଣ୍ଡନ-ମଣ୍ଡନ କରାଯିବ । ଏହି ଚାରି ସମୁଲ୍ଲାସ ମଧ୍ୟରୁ ପ୍ରଥମରେ ଆର୍ଯ୍ୟାବର୍ତ୍ତୀୟ ମତମତାନ୍ତର, ଦ୍ୱିତୀୟରେ ଜୈନମତ, ତୃତୀୟରେ ଖ୍ରୀଷ୍ଟ ମତ ଓ ଚତୁର୍ଥରେ ଇସ୍‌ଲାମ୍ ମତର ଖଣ୍ଡନ-ମଣ୍ଡନ ବିଷୟରେ ଲେଖାଯିବ । ପୁଣି ଚତୁର୍ଦ୍ଦଶ ସମୁଲ୍ଲାସର ଶେଷରେ ସ୍ୱମତ ମଧ୍ୟ ଉଲ୍ଲେଖ କରାଯିବ । ଯେଉଁମାନେ ବିଶେଷ ଖଣ୍ଡନ-ମଣ୍ଡନ ଜାଣିବାକୁ ଚାହାନ୍ତି, ସେମାନେ ଏହି ଚାରୋଟି ସମୁଲ୍ଲାସ ପାଠ କରିବା ଆବଶ୍ୟକ । ଏହି ଦଶଟି ସମୁଲ୍ଲାସରେ ମଧ୍ୟ ସାମାନ୍ୟ ରୂପେ କିଛି-କିଛି ଖଣ୍ଡନ-ମଣ୍ଡନ କରାଯାଇଛି ।

ଯେଉଁମାନେ ନିଷ୍ପକ୍ଷପାତ ହୋଇ ନ୍ୟାୟଦୃଷ୍ଟିରେ ଏହି ଚଉଦଟି ସମୁଲ୍ଲାସ ଅଧ୍ୟୟନ କରିବେ, ସେମାନଙ୍କ ଆତ୍ମାରେ ସତ୍ୟ ଅର୍ଥର ପ୍ରକାଶ ହୋଇ ଆନନ୍ଦ ଉପଲବ୍ଧି ହେବ । କିନ୍ତୁ ଯେଉଁମାନେ ହଠ, ଦୁରାଗ୍ରହ ଓ ଈର୍ଷ୍ୟା ବଶତଃ ଏହାକୁ ପଢ଼ିବେ-ଶୁଣିବେ, ସେମାନଙ୍କୁ ଏ ଗ୍ରନ୍ଥର ଅଭିପ୍ରାୟ ଯଥାର୍ଥ ଭାବେ ଜଣାଯିବା ଅତୀବ କଷ୍ଟସାଧ୍ୟ । ଏଣୁ ଯିଏ ଏହାକୁ ଯଥାର୍ଥରୂପେ ବିଚାର କରିବେ ସେ ଏହି ଗ୍ରନ୍ଥକୁ ସୁଭୂଷିତ କରିବ, ଏବଂ ଯିଏ ଠିକ୍ ରୂପେ ବିଚାର ନ କରିବ ସେ ଏହାର ଆଭିପ୍ରାୟକୁ ବୁଝିନପାରି ଦୁଃଖସାଗରରେ ବୁଡ଼ ଦେଉଥିବ । **ବିଦ୍ୱାନଙ୍କର ଏହା ହିଁ କର୍ତ୍ତବ୍ୟ ଯେ ସତ୍ୟାସତ୍ୟର ନିର୍ଣ୍ଣୟ କରି ସତ୍ୟର ଗ୍ରହଣ ଓ ଅସତ୍ୟର ପରିତ୍ୟାଗ କରି ପରମ ଆନନ୍ଦରେ ରହିବା । ସେହି ଗୁଣଗ୍ରାହୀ ବ୍ୟକ୍ତିମାନେ ବିଦ୍ୱାନ୍ ହୋଇ ଧର୍ମ, ଅର୍ଥ, କାମ ଓ ମୋକ୍ଷରୂପକ ଫଳ ପ୍ରାପ୍ତ କରି ପ୍ରସନ୍ନ ରହିଥାନ୍ତି ।**

ଇତି ଶ୍ରୀମଦ୍‌ଦୟାନନ୍ଦସରସ୍ୱତୀସ୍ୱାମିକୃତେ ସତ୍ୟାର୍ଥପ୍ରକାଶେ
ସୁଭାଷାବିଭୂଷିତେ ଆଚାରାଽନାଚାରଭକ୍ଷ୍ୟାଽଭକ୍ଷ୍ୟବିଷୟେ
ଦଶମଃ ସମୁଲ୍ଲାସଃ ସମ୍ପୂର୍ଣ୍ଣଃ ॥ ୧୦ ॥

ସମାପ୍ତୋଽୟଂ ପୂର୍ବାର୍ଦ୍ଧଃ ॥

ପୁସ୍ତକ ପ୍ରକାଶନର ଆର୍ଥିକ ସହଯୋଗୀ

ସହଯୋଗୀ

ନାମ	ଠିକଣା	ନାମ	ଠିକଣା
ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା	ବ୍ରହ୍ମପୁର	ଶ୍ରୀମାନ୍ ରାଜେଶ କୁମାର ପାତ୍ର	ଆସ୍କା
ଶ୍ରୀମତୀ କବିତା ପରିଡ଼ା	ବ୍ରହ୍ମପୁର	ଇଂ. ଅଶୋକ କୁମାର ପାଳ	ବ୍ରହ୍ମପୁର
ଶ୍ରୀମାନ୍ ବିପିନ ବିହାରୀ ଦୀକ୍ଷିତ	ବ୍ରହ୍ମପୁର	ଇଂ. କେ. ଦିବାକର ରାଓ	ବ୍ରହ୍ମପୁର
ଶ୍ରୀମାନ୍ ତ୍ରିନାଥ ପଣ୍ଡା	ବ୍ରହ୍ମପୁର	ଶ୍ରୀମାନ୍ ପୀତାମ୍ବର ପାତ୍ର	ବ୍ରହ୍ମପୁର
ଶ୍ରୀମତୀ ଶାରଦା ବିଶୋଇ	ବ୍ରହ୍ମପୁର	ଶ୍ରୀମାନ୍ ଅନିଲ କୁମାର ମହାପାତ୍ର	ବ୍ରହ୍ମପୁର
ଶ୍ରୀମତୀ ରୁଚିସ୍ମିତା ସାହୁ	ବ୍ରହ୍ମପୁର	ଶ୍ରୀମାନ୍ ବିଘ୍ନେଶ୍ୱର ପାଣି	ବ୍ରହ୍ମପୁର
ଶ୍ରୀମାନ୍ ଭି. ଯୋଗେଶ୍ୱର ଦୋରା	ବ୍ରହ୍ମପୁର	ଶ୍ରୀମତୀ ବିଷ୍ଣୁପ୍ରିୟା ନାହାକ	ବ୍ରହ୍ମପୁର
ଶ୍ରୀମତୀ ଡି. ଭାନୁ	ବ୍ରହ୍ମପୁର	ଶ୍ରୀମାନ୍ ନିରଞ୍ଜନ ମହାପାତ୍ର	ପାରଳାଖେମୁଣ୍ଡି
ଶ୍ରୀମାନ୍ ଜି.ଶ୍ରୀନିବାସ ରାଓ	ବ୍ରହ୍ମପୁର	ବ୍ରହ୍ମଚାରୀ ଅମିତେଶ	ହିମାଚଳ
ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର	ବ୍ରହ୍ମପୁର	ଶ୍ରୀମାନ୍ ରୋହିତାଶ୍ୱ ପ୍ରଧାନ	ଦେବଗଡ଼
ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ	ଭଞ୍ଜନଗର	ଆଚାର୍ଯ୍ୟ ଚକ୍ରଧର	ହରିଆନା
ଶ୍ରୀମାନ୍ ଜଗନ୍ନାଥ ଡାକୁଆ	ଭଞ୍ଜନଗର	ଶ୍ରୀମାନ୍ ନବଘନ ପ୍ରଧାନ	ରାଉରକେଲା
ଶ୍ରୀମାନ୍ ରବୀନ୍ଦ୍ର କୁମାର ପତି	ଭଞ୍ଜନଗର	ଶ୍ରୀମତୀ ବିଷ୍ଣୁପ୍ରିୟା ପ୍ରଧାନ	ରାଉରକେଲା
ଶ୍ରୀମାନ୍ ଖଦାଳ ନାୟକ	ଭଞ୍ଜନଗର	ଶ୍ରୀମତୀ ସ୍ନେହଲତା ପଟ୍ଟନାୟକ	ରାଉରକେଲା
ଶ୍ରୀମାନ୍ ପ୍ରସନ୍ନ କୁମାର ମିଶ୍ର	ଭଞ୍ଜନଗର	କୁମାରୀ ଆରାଧନା ବାଡ଼ତ୍ୟା	ରାଉରକେଲା
ଶ୍ରୀମାନ୍ ଗୋପାଳ ଚନ୍ଦ୍ର ସ୍ୱାଇଁ	ଭଞ୍ଜନଗର	ଶ୍ରୀମାନ୍ ପ୍ରସନ୍ନ କୁମାର ରଥ	ରାଉରକେଲା
ଶ୍ରୀମାନ୍ ଶୟନ କୁମାର ପ୍ରଧାନ	ଭଞ୍ଜନଗର	ଶ୍ରୀମାନ୍ ଅନିଲ ନାଏକ	ରାଉରକେଲା
ଶ୍ରୀମାନ୍ ଖଦାଳ ବାଡ଼ତ୍ୟା	ଡେହୁକା	ଶ୍ରୀମାନ୍ ବିଶ୍ୱନାଥ ପଟ୍ଟନାୟକ	ରାଉରକେଲା
ଶ୍ରୀମାନ୍ ସୁବାସ ଚନ୍ଦ୍ର ମହାନ୍ତି	ବିଷ୍ଣୁଚକ୍ର	ଶ୍ରୀମାନ୍ ଶ୍ରୀହରି ଦାସ	ରାଉରକେଲା
ଶ୍ରୀମତୀ ସି.ଏଚ୍.ସନ୍ଧ୍ୟା	ବ୍ରହ୍ମପୁର	ଶ୍ରୀମାନ୍ ସୂର୍ଯ୍ୟମଣି ଦାସ	ରାଉରକେଲା
ଶ୍ରୀମତୀ ବି. ସଂଗୀତା	ଶ୍ରୀକାକୁଲମ୍	ଶ୍ରୀମାନ୍ ଭଗବାନ ବାରିକ	ପାମରା
ଶ୍ରୀମାନ୍ ନରସିଂହ ଗୌଡ଼	ଜରଡାଗଡ଼	ଡାକ୍ତର ରଞ୍ଜିତା ରଥ	ସୁନ୍ଦରଗଡ଼
ସୁଶ୍ରୀ ପୁଷ୍ପାଞ୍ଜଳି ଆଚାରୀ	ଜରଡ଼ାଗଡ଼	ଶ୍ରୀମାନ୍ ବଶିଷ୍ଠ ପ୍ରହରାଜ	ପୁରୀ
ଶ୍ରୀମତୀ ସସ୍ମିତା ପ୍ରଧାନ	ଜରଡ଼ାଗଡ଼	ଶ୍ରୀମାନ୍ ଭବାନୀ ଶଙ୍କର ପାଢ଼ି	ବେଙ୍ଗାଲୁରୁ
ଶ୍ରୀମାନ୍ ଟି. କୃଷ୍ଣାରାଓ ସୁବୁଦ୍ଧି	ଜରଡ଼ାଗଡ଼	ଶ୍ରୀମାନ୍ ସତ୍ୟବ୍ରତ ଦାସ	ଚେନ୍ନେଇ
ଶ୍ରୀମତୀ ଅପୂର୍ବ ବାଳା ଦେବୀ	ବାଣନଈ	ଶ୍ରୀମତୀ ପ୍ରତିଭା ମହାପାତ୍ର	ଭୁବନେଶ୍ୱର
ଇଂ. କିଶୋର ଚନ୍ଦ୍ର ବେହେରା	ଜି. ଉଦୟଗିରି	ଶ୍ରୀମତୀ ପ୍ରଭାତୀ ପଟ୍ଟନାୟକ	ଭୁବନେଶ୍ୱର
ଶ୍ରୀମାନ୍ ଯୁଧିଷ୍ଠିର ସାହୁ	ବ୍ରହ୍ମପୁର	କୁମାରୀ ଶାଶ୍ୱତୀ ପଟ୍ଟନାୟକ	ଭୁବନେଶ୍ୱର
ଶ୍ରୀମାନ୍ ଅଭିମନ୍ୟୁ ପାତ୍ର	ଆସ୍କା	ଶ୍ରୀମତୀ ବିନୋଦିନୀ ଦେବୀ	ଭୁବନେଶ୍ୱର
ଶ୍ରୀମାନ୍ ସବ୍ୟସାଚୀ ପାତ୍ର	ଆସ୍କା	ଶ୍ରୀମାନ୍ ସିଦ୍ଧାର୍ଥ ରଥ	ଭୁବନେଶ୍ୱର
ଶ୍ରୀମାନ୍ ରୋହିତ ପାତ୍ର	ଆସ୍କା	ଶ୍ରୀମତୀ ପ୍ରଜ୍ଞା ମହାପାତ୍ର	ଭୁବନେଶ୍ୱର
ଶ୍ରୀମାନ୍ ଅଶୋକ କୁମାର ଦାସ	ଆସ୍କା	ଶ୍ରୀମାନ୍ ଜୟନ୍ତ କୁମାର ଦେ	ଭୁବନେଶ୍ୱର
ଶ୍ରୀମାନ୍ ନିମାଇଁ ଚରଣ ପାଣିଗ୍ରାହୀ	ଆସ୍କା	ଡାକ୍ତର ଉପେନ୍ଦ୍ର କୁମାର ସାହୁ	ଭୁବନେଶ୍ୱର
ଡାକ୍ତର ସୁରେଶ ଚନ୍ଦ୍ର ମିଶ୍ର	ନୟାଗଡ଼	ଶ୍ରୀମତୀ ସୁଜାତା ପଟ୍ଟନାୟକ	ଭୁବନେଶ୍ୱର

ନାମ	ଠିକଣା	ନାମ	ଠିକଣା
ଶ୍ରୀମାନ୍ ଦେବରାଜ ପ୍ରଧାନ	ଭୁବନେଶ୍ୱର	ଶ୍ରୀମତୀ ସରୋଜିନୀ ନାହାକ	କୋଲାବନଗର
ଶ୍ରୀମତୀ କଳ୍ପନା ନାୟକ	ଭୁବନେଶ୍ୱର	ଶ୍ରୀମାନ୍ ନିରଞ୍ଜନ ଭୂୟାଁ	ଦାମନଯୋଡ଼ି
ଶ୍ରୀମାନ୍ ରମେଶ କୁମାର ଦାସ	ଭୁବନେଶ୍ୱର	ଶ୍ରୀମତୀ ବିଷ୍ଣୁପ୍ରିୟା ପାତ୍ର	ସେମିଳିଗୁଡ଼ା
ଶ୍ରୀମାନ୍ ଗୀତାଞ୍ଜଳି ପୃଷ୍ଟି	ଭୁବନେଶ୍ୱର	ଶ୍ରୀମାନ୍ ଜଗଦୀଶ ମହାନ୍ତି	ଜୟପୁର
ଶ୍ରୀମାନ୍ ସରୋଜ କୁମାର ଡାଲୁଆ	ଭୁବନେଶ୍ୱର	ଶ୍ରୀମାନ୍ ମହେନ୍ଦ୍ର ଶ୍ରୀବାସ୍ତବ	ଜୟପୁର
ଶ୍ରୀମତୀ ପ୍ରିୟଦର୍ଶିନୀ ପୃଷ୍ଟି	ବେଙ୍ଗାଲୁରୁ	କୁମାରୀ କବିତା ବିଶ୍ୱାଳ	ବାଲିମେଳା
ଶ୍ରୀମତୀ ଦୀପ୍ତିମୟୀ ନାୟକ	ଜଟଣୀ	ଶ୍ରୀମାନ୍ ଅମ୍ବିକା ନନ୍ଦ	ଚିତ୍ରକୋଣ୍ଡା
ଓମ୍ କ୍ରିୟାଶୀଳ ଆର୍ଯ୍ୟସଂସ୍ଥାନ	ରାଉତପଡ଼ା	ଶ୍ରୀମତୀ ଅନସୂୟା ସାହୁ	ଚିତ୍ରକୋଣ୍ଡା
ଶ୍ରୀମାନ୍ ନବ କିଶୋର ରଣା	ଡିଙ୍ଗର	ସୁଶ୍ରୀ ପଦ୍ମାବତୀ ପଣ୍ଡା	ରାୟଗଡ଼ା
ଶ୍ରୀମତୀ ପଦ୍ମାବତୀ ରଣା	ଡିଙ୍ଗର	ଶ୍ରୀମାନ୍ ଜଗଦୀଶ ଚନ୍ଦ୍ର ଗମାଙ୍ଗ	ରାୟଗଡ଼ା
ଶ୍ରୀମାନ୍ ସୂର୍ଯ୍ୟମଣି ପ୍ରଧାନ	ଡିମିସର	ଶ୍ରୀମାନ୍ ନୃସିଂହ ଚରଣ ବେହେରା	ରାୟଗଡ଼ା
ଶ୍ରୀମାନ୍ ରମେଶ ଚନ୍ଦ୍ର ସାହୁ	ରାଜସୁନାଖଳା	ଶ୍ରୀମାନ୍ ଉଦୟନାଥ ଚୌଧୁରୀ	ନବରଙ୍ଗପୁର
ଶ୍ରୀମାନ୍ ଘନଶ୍ୟାମ ସାହୁ	ରାଜସୁନାଖଳା	ଶ୍ରୀମାନ୍ ମନୋରଂଜନ ଖମାରୀ	ବରଗଡ଼
ଶ୍ରୀମତୀ ସଲିଳା ସେଠି	ଗଣିଆ	ଶ୍ରୀମାନ୍ ବୈଶାଖୁ ସେଠ	ଡଙ୍ଗାଛଞ୍ଚା
ଶ୍ରୀମାନ୍ ଶ୍ରୀକାନ୍ତ ଖଟେଇ	ନୟାଗଡ଼	ଶ୍ରୀମାନ୍ ସଂଜୟ କୁମାର ପଟେଲ	ଡଙ୍ଗାଛଞ୍ଚା
ଶ୍ରୀମାନ୍ ପ୍ରିୟଦର୍ଶୀ କର	କଟକ	ଶ୍ରୀମାନ୍ କଂଗ୍ରେସ ସାହୁ	କନ୍ଧାଗାଡ଼
ଶ୍ରୀମତୀ ହେମନ୍ତ ମଞ୍ଜରୀ ସାହୁ	କଟକ	ଶ୍ରୀମାନ୍ ରଂଜନ କୁମାର ସାହୁ	ଗାଇସିଲାଟ
ଶ୍ରୀମତୀ ସ୍ମିତା ସାମନ୍ତରାୟ	ସିଡ୍‌ନୀ	ଶ୍ରୀମାନ୍ ସୁରେଶ୍ୱର ଭୋଇ	କଲଙ୍ଗାପାଲି
ଶ୍ରୀମାନ୍ ବିଷ୍ଣୁଦତ୍ତ ଆର୍ଯ୍ୟ	କଟକ	ଶ୍ରୀମାନ୍ ଦାମୋଦର ପଣ୍ଡା	ପଦ୍ମପୁର
ଶ୍ରୀମାନ୍ ସନାତନ ବେହେରା	କଟକ	ଶ୍ରୀମାନ୍ ମୋତିଲାଲ ବେହେରା	ଛେଣ୍ଡିପଦା
ଶ୍ରୀମତୀ ସ୍ୱପ୍ନମୟୀ ସ୍ୱାଇଁ	କଟକ	ଶ୍ରୀମାନ୍ ବିନୋଦ କୁମାର ଆର୍ଯ୍ୟ	ତାଳଚେର
ଶ୍ରୀମତୀ ସଂଯୁକ୍ତା ପଣ୍ଡା	କଟକ	ଶ୍ରୀମାନ୍ ତ୍ରିଲୋଚନ ବିହାରୀ	ଭୁବନ
ଶ୍ରୀମାନ୍ ରବୀନ୍ଦ୍ର କୁମାର ସାହୁ	କଟକ	ଶ୍ରୀମାନ୍ ରଂଜନ କୁମାର ସାମଲ	ନାଉଳ
ଶ୍ରୀମତୀ ମିତ୍ରଜିତା ମହାପାତ୍ର	କଟକ	ଶ୍ରୀମାନ୍ ସଂଜୟ କୁମାର ଦେହୁରୀ	ଅନୁଗୁଳ
ଶ୍ରୀମାନ୍ ବିମଳ ପ୍ରସନ୍ନ ପରିଜା	କଟକ	ଶ୍ରୀମାନ୍ ଭିଲିକୃଷ୍ଣ ସାହୁ	କୁକୁଡ଼ାଙ୍ଗ
ଶ୍ରୀମାନ୍ ସଚ୍ଚିଦାନନ୍ଦ ବେହେରା	କଟକ	ଶ୍ରୀମାନ୍ ସଂସାର ଦାଶ	ଅନୁଗୁଳ
ଶ୍ରୀମାନ୍ ଜ୍ୟୋତିପ୍ରକାଶ କର	କଟକ	ଶ୍ରୀମାନ୍ ରଶ୍ମିରଞ୍ଜନ ରାଉତ	ବାଲେଶ୍ୱର
ଶ୍ରୀମାନ୍ ରୋହିଣୀ ରମଣ ବଳ	କଟକ	ଶ୍ରୀମାନ୍ ନିକୁଞ୍ଜ କିହାରୀ ଗୌଡ଼	ଚାଇଁପାଳ
ଶ୍ରୀମାନ୍ ସୁଦର୍ଶନ ବେହୁରିଆ	କଟକ	ଶ୍ରୀମାନ୍ ତାପସ କୁମାର ସାହୁ	କୁକୁଡ଼ାଙ୍ଗ
ଶ୍ରୀମାନ୍ ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ	କଟକ	ଶ୍ରୀମତୀ ସୁଜାତା ଭୂୟାଁ	ହାଇଦ୍ରାବାଦ
ଶ୍ରୀମତୀ କସ୍ତୁରୀ ଭୂୟାଁ	କଟକ	ଶ୍ରୀମାନ୍ ସୁଶୀଲ କୁମାର ନାୟକ	ଅହମ୍ମଦାବାଦ୍
ଶ୍ରୀମତୀ ଲୋଭାବତୀ ସାହୁ	ଚୌଦ୍ୱାର	ଶ୍ରୀମାନ୍ ହିମାଂଶୁ ଶେଖର ପାଣିଗ୍ରାହୀ	ଖରିଆର ରୋଡ
ଶ୍ରୀମାନ୍ ବାଉରୀ ବନ୍ଧୁ ବେହେରା	ଫୁଲନଖରା	ଶ୍ରୀମାନ୍ ଶୁଭ୍ରାଂଶୁ ଶେଖର ପାଣିଗ୍ରାହୀ	ଖରିଆରରୋଡ
ଶ୍ରୀମାନ୍ ଅତସୀ କୁସୁମ ପଣ୍ଡା	ପଟ୍ଟାମୁଣ୍ଡାଇ	ଡାକ୍ତର ଜୟନ୍ତ କୁମାର ସାହୁ	ନୂଆପଡ଼ା
ଶ୍ରୀମାନ୍ ବିରଞ୍ଚି ମେହେର	ଟିଟିଲାଗଡ଼	ଶ୍ରୀମାନ୍ ବଳରାମ ପୃଷ୍ଟି	ବାରିପଦା
ଶ୍ରୀମାନ୍ ନରୋତ୍ତମ ଆର୍ଯ୍ୟ	ଧଣ୍ଡାମୁଣ୍ଡା	ଶ୍ରୀମାନ୍ ଧର୍ମ ଶିବା ଭାଇ	ମୁମ୍ବାଇ

ନାମ	ଠିକଣା	ନାମ	ଠିକଣା
ଶ୍ରୀମାନ୍ ନୃସିଂହ ଚରଣ କର	ବାମଡ଼ା	ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ରଣା	ଉଲୁଣ୍ଡା
ଶ୍ରୀମାନ୍ କାମାକ୍ଷା ପ୍ରଧାନ	ରିଆମାଳ	ଶ୍ରୀମାନ୍ ସୁଶାନ୍ତ କୁମାର ପଧାନ	ଉଲୁଣ୍ଡା
ଶ୍ରୀମାନ୍ ଦିବାକର ଖମାରୀ	ରସିଆପାଲି	ଶ୍ରୀମାନ୍ ସୁବଳ ଗାଇଗରିଆ	ଉଲୁଣ୍ଡା
ଶ୍ରୀମାନ୍ ପରମେଶ୍ୱର ସାହୁ	ଝାରସୁଗୁଡ଼ା	ଶ୍ରୀମାନ୍ ବାସୁଦେବ ଘଡ଼େଇ	ସୋନପୁର
ଶ୍ରୀମାନ୍ ମୈତ୍ରେୟ ଖିଲାର	ମୟୂରଭଞ୍ଜ	ଶ୍ରୀମାନ୍ ସରୋଜ କୁମାର ମିଶ୍ର	ଭଜବଳପୁର
ସୁଶ୍ରୀ ଗୀତାଞ୍ଜଳି ପରିଡ଼ା	ଚାରିନଙ୍ଗଳ	ଶ୍ରୀମତୀ ପଙ୍କଜିନୀ ଦାସ	ଭଜବଳପୁର
ଶ୍ରୀମାନ୍ ସନ୍ତୋଷ କୁମାର ମହାନ୍ତି	ବାଲେଶ୍ୱର	ଶ୍ରୀମାନ୍ ଦେବେନ୍ଦ୍ର ସାହୁ	ସୋନପୁର
ଶ୍ରୀମତୀ ଆଶାମଣି ପଣ୍ଡା	ଭଦ୍ରକ	ଶ୍ରୀମାନ୍ ସୁଦାମ ଚରଣ ହୋତା	ସୋନପୁର
ଶ୍ରୀମାନ୍ ଲକ୍ଷ୍ମୀଧର ନାୟକ	ଯାଜପୁରରୋଡ଼	ଶ୍ରୀମାନ୍ ଧନଞ୍ଜୟ ସେଠୀ	ବିନିକା
ଇଂ. ପ୍ରକାଶ ବେହେରା	ନୂଆଗଡ଼	ଶ୍ରୀମତୀ ମଞ୍ଜୁଲତା ଝାଙ୍କର	ସୋନପୁର
ଚାରଣ ପଣ୍ଡିତ ଯୁଗଳ କିଶୋର ମିଶ୍ର	ଯାଜପୁରରୋଡ	ଶ୍ରୀମତୀ ନିରୁପମା ବେହେରା	ସୋନପୁର
ଶ୍ରୀମାନ୍ ସମ୍ବିତ ନନ୍ଦ	ସୋନପୁର	ଶ୍ରୀମାନ୍ ରଞ୍ଜନ କୁମାର ପରିଡ଼ା	କେନ୍ଦୁଝର
ଶ୍ରୀମାନ୍ କର୍ଣ୍ଣ ବିଶ୍ୱାଳ	ଡୁଙ୍ଗୁରିପାଲି		